

ISSN 2581-3994
ଗୋପବନ୍ଧୁଙ୍କ
ସତ୍ୟବାଦୀ
ଅକ୍ଟୋବର ୨୦୨୪
GOPABANDHUNKA SATYABADI
www.thesamaja.com



SAI INTERNATIONAL SCHOOL
SAI INTERNATIONAL RESIDENTIAL SCHOOL
The Journey to success begins at SAI
#1 School in India
2020 2021 2022 2023
by EducationWorld India School Rankings
CBSE 2024 COMMERCE
STATE RANK #1
99.2%
Saswat Panigrahi
CBSE 2024 HUMANITIES
STATE RANK #1
99%
Adyasha Syam
CBSE 2024 CLASS X
STATE RANK #1
99.4%
Shagun Samantarai
JEE ADVANCED
STATE RANK #2
AIR 196
Keshaw Ranjan
CLAT 2024
STATE RANK #2
AIR 44
Arush Sarma
NEET 2024
STATE RANK #2
AIR 161
HIMANSHU AGARWAL
STATE RANK #6
AIR 215
OM AMRIT MOHANTY
STATE RANK #7
AIR 217
MOHAMMAD ZAID KHAN
STATE RANK #10
AIR 265
PRITAM PATRA
NEET RESULTS 2024
700+ marks
9 STUDENTS
650+ marks
24 STUDENTS
600+ marks
37 STUDENTS
500+ marks
49 STUDENTS
JEE ADVANCED RESULTS 2024
51 STUDENTS
Total Qualifiers In JEE ADVANCED 2024
No of Students with 90+ PERCENTILE in JEE Main 2024
19 STUDENTS
ADMISSIONS OPEN FROM PLAYGROUP TO XI
SAI International School | 0674-7100200, +91-9338336699
www.saiinternational.edu.in
SAI International Residential School | 0671-7100100, +91-8114368700
www.sirs.edu.in
Plot no. 5A, Chandrasekharpur, Infocity Ave, Bhubaneswar, Odisha, Pin - 751024 | www.sai.edu.in | info@sai.edu.in

ISSN 2581-3994

ଗୋପବନ୍ଧୁଙ୍କ ସତ୍ୟବାଦୀ

GOPABANDHUNKA SATYABADI

VOL.- 9 • ISSUE-6 • OCTOBER 2024 || ୯ମ ବର୍ଷ • ୬ଷ୍ଠ ସଂଖ୍ୟା • ଅକ୍ଟୋବର ୨୦୨୪

କନ୍ୟା (ଆଶ୍ୱିନ) ଦି୧୬ନ ଠାରୁ ତୁଳା (କାର୍ତ୍ତିକ) ଦି୧୫ନ ପର୍ଯ୍ୟନ୍ତ

ସମ୍ପାଦକ

ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ

ଯୋଗାଯୋଗ

ସମ୍ପାଦକ, 'ଗୋପବନ୍ଧୁଙ୍କ ସତ୍ୟବାଦୀ'
'ସମାଜ' କାର୍ଯ୍ୟାଳୟ, ଗୋପବନ୍ଧୁ ଭବନ,
ବକ୍ସିବଜାର, କଟକ-୭୫୩୦୦୧
E-mail : samaja.satyabadi@gmail.com
Website : www.thesamaja.com

ପୂଜାସଂଖ୍ୟା ମୂଲ୍ୟ : ୧୩୦ ଟଙ୍କା

ବିଜ୍ଞାପନ ପରିଚାଳକ
ସଞ୍ଜୟ କୁମାର ମିଶ୍ର
ଦୂରଭାଷ - 7328835120, 9437030753
E-mail : admgr@thesamaja.in

ସହ-ପରିଚାଳକ
ବିନାୟକ ଶତପଥୀ
ଦୂରଭାଷ - 7008384083

ସତ୍ୟବାଦୀ ଡେସ୍କ
ଦୂରଭାଷ - (0671) 2301240 / 2301697

Save Water
Save Energy
Save the Earth

A WELL WISHER
ANGUL

ସୂଚିପତ୍ର

ସମ୍ପାଦକୀୟ

- ଶକ୍ତିରୂପେଣ ସଂସ୍ଥିତା — ୭

ପ୍ରବନ୍ଧ

- ଶକ୍ତି-ଉପାସନା ଓ ଓଡ଼ିଶାରେ ଦୁର୍ଗାପୂଜା — ୧୧
  ଡକ୍ଟର ଚିନ୍ମୟୀ ମହାପାତ୍ର
- ମାତୃ ଉପାସନାର ପର୍ବ — ୧୮
  ଡ. ସାରଦା ପ୍ରସାଦ କର
- ଶ୍ରୀଜଗନ୍ନାଥ ସଂସ୍କୃତି — ୨୪
  ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର
- ଜୀବନ୍ୟାସର ନବନ୍ୟାସ — ୩୨
  କଇଳାଶ ପଟ୍ଟନାୟକ
- ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିକାଶ — ୪୨
  ମୈତ୍ରେୟୀ କମିଲା
- ଶୁଦ୍ଧ ବ୍ୟାକରଣ : ଏକ ଅନୁଧ୍ୟାନ — ୫୧
  ପ୍ରଫେସର ସିନିରୁଦ୍ଧ ଦାଶ
- ଭାଷା ଏକ ନିରନ୍ତର ପ୍ରକ୍ରିୟା — ୬୦
  ଡକ୍ଟର ନୃସିଂହ ଷଡ଼ଙ୍ଗୀ
- କ୍ଷମତା ଓ ସାହିତ୍ୟ — ୬୪
  ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ
- ଅସାମାନ୍ୟ କବି ବିଦ୍ୟୁତ୍‌ପ୍ରଭା — ୬୭
  ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ
- ଫକୀର ମୋହନ ସେନାପତିଙ୍କ ଡାକ ମୁନ୍‌ସୀ — ୭୩
  ମନୀଷା ରାୟ
- ସଂସ୍କୃତର ଆଧୁନିକ ସ୍ଥିତି ଓ ସାହିତ୍ୟ — ୭୯
  ଡକ୍ଟର ହରେକୃଷ୍ଣ ମେହେର
- ଅଭିନୟ କଳା — ୮୪
  ପ୍ରଫେସର ସଂଘମିତ୍ରା ମିଶ୍ର
- ଧର୍ମକ୍ଷେତ୍ର କୁରୁକ୍ଷେତ୍ର — ୯୦
  ଡ. ତୁଳସୀ ଓଝା
- ସାହିତ୍ୟ ଓ ଜଗତୀକରଣ — ୯୭
  ମନୋଜ କୁମାର ବେହେରା

କବିତା

- ସୁପ୍ତଶିଶୁ ଦେଖେ ଯହିଁ ସରଗ ସପନ — ୧୦୫
  ହରିହର ମିଶ୍ର
- ମା’ — ୧୦୬
  ହରପ୍ରସାଦ ଦାସ
- ଚାଷୀର ଦଦରା କାନ୍ଥ ଓ ନିର୍ବାକ୍ ଈଶ୍ୱର — ୧୦୭
  ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନ
- ବିଲମ୍ବ ବିମର୍ଷ — ୧୦୮
  ଅମରେଶ ପଟ୍ଟନାୟକ
- କୋଉଠି, କୋଉଠି ଅଛ ? — ୧୦୯
  ଫନୀ ମହାନ୍ତି
- ସଦା କାଳରେ ମୁଁ — ୧୧୨
  ମମତା ଦାଶ
- ଗୋଟେ ଅଧାଲେଖା କବିତା ମୁନିରା ପାଇଁ — ୧୧୩
  ହୃଷୀକେଶ ମଲ୍ଲିକ
- ବର୍ଷା ଆସିଲେ ମୋ ଭିତରେ ପତ୍ର କଅଁଳେ — ୧୧୪
  ଡ. ମନୋରମା ବିଶ୍ୱାଳ ମହାପାତ୍ର
- ତୁମେ ଆସୁଚକି — ୧୧୫
  ଗିରିବାଳା ମହାନ୍ତି
- ଯେମିତି ଗ୍ରହଣ କରିବ — ୧୧୬
  ପ୍ରବାସିନୀ ମହାକୁଡ଼
- ଯୌବନ ଏକ ରକ୍ତ ଗୋଲାପ — ୧୧୭
  ସୌଭାଗ୍ୟବନ୍ତ ମହାରଣା
- ଆଜି କବିତା ଲେଖିବି ନାଇଁ — ୧୨୦
  ପ୍ରହ୍ଲାଦ ଶତପଥୀ
- ପଥର — ୧୨୧
  ସେନାପତି ପ୍ରଦ୍ୟୁମ୍ନ କେଶରୀ

- **ସ୍ୱପ୍ନ ପ୍ରୟାସ** ୧୨୨
  ନୀଳମଣି ପରିଡ଼ା
- **ମୃତ୍ୟୁର ପରିଭାଷା** ୧୨୩
  ସଦାଶିବ ଦାଶ
- **ନବ ଇତିହାସ** ୧୨୪
  ଧ୍ରୁବ ରଣା
- **ବିମ୍ବସ୍ନାନ** ୧୨୫
  ରକ୍ଷକ ନାୟକ
- **ସମ୍ପର୍କର ରଙ୍ଗ** ୧୨୮
  ପ୍ରଭା ପଟ୍ଟନାୟକ
- **ମୁଁ ତ ଦାସଟିଏ** ୧୨୯
  ବିଶ୍ୱନାଥ କର
- **ପଦେ କଥା** ୧୩୦
  ରବି ଶତପଥୀ
- **ଯଉବନ** ୧୩୧
  ପିନାକୀ ମିଶ୍ର
- **କ୍ଷେତ୍ରଆଳ** ୧୩୨
  କିଶୋର ପାଣିଗ୍ରାହୀ
- **ଭାଷାଗାନ** (୮୭) ୧୩୩
  ଡକ୍ଟର ଗାୟତ୍ରୀବାଳା ପଣ୍ଡା
- **ମହିଷାସୁର** ୧୩୬
  ସସ୍ମିତା କର
- **କାମନାର ଅଷ୍ଟମଲ୍ଲ** ୧୩୭
  ତରୁଣକାନ୍ତି ରାଉତ
- **ଚିଠି** ୧୩୮
  ଉମାକାନ୍ତ ବେହେରା
- **ଜୋତା** ୧୩୯
  ଶରତ କୁମାର ଦାସ
- **ମେଣ୍ଢା** ୧୪୦
  କୃଷ୍ଣ ମିଶ୍ର
- **ଦୁଇଟି କବିତା** ୧୪୧
  ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ
- **ଆଲୋକର ବର୍ଣ୍ଣମାଳା** ୧୪୨
  ମନୋଜ ମେହେର

ପ୍ରାଚୀନ କବିଙ୍କ ରଚନାରୁ

- **ଶିବରାତ୍ରି** ୧୪୩
  ଗୋପବନ୍ଧୁ ଦାସ

ଗଳ୍ପ

- **ଚିତ୍ରବଣ** ୧୪୯
  ପ୍ରତିଭା ରାୟ
- **ଜାଲ** ୧୫୯
  ବନଜ ଦେବୀ
- **ପ୍ରହସନ** ୧୬୭
  ପ୍ରଦୋଷ ମିଶ୍ର
- **ଜୀବନର ଚିତ୍ରପଟ** ୧୭୫
  କବିତା ବାରିକ
- **କେଲୁଣୀ** ୧୮୨
  ଅର୍ଜୁନ ପୃଷ୍ଟି
- **ଆଦ୍ୟ ଓଁକାର** ୧୯୩
  ରାଜ୍ୟବର୍ଦ୍ଧନ ଧଳମହାପାତ୍ର
- **ବେଡ୍ ନମ୍ବର୍ ସେଭେନ୍** ୨୦୨
  ଡାକ୍ତର ମଞ୍ଜୁବାଳା ପଣ୍ଡା
- **ପ୍ଲାଷ୍ଟିକ୍ ମଣିଷ** ୨୧୨
  ଅରବିନ୍ଦ ଦାସ
- **ଶକ୍ତି ସ୍ୱରୂପିଣୀ** ୨୧୮
  ସୁଜାତା ମୁଦୁଲି ଧଳ
- **କକ୍ଷଚ୍ୟୁତ ଉଲ୍‌କା** ୨୨୬
  ମନୋଜ କୁମାର ମହାପାତ୍ର
- **ଅଦ୍ଭୁତ ସେ ପ୍ରୀତିଫୁଲ** ୨୩୩
  ଡା. ସରୋଜିନୀ ଷଡ଼ଙ୍ଗୀ
- **ଦେବଦାରୁ** ୨୩୮
  ଜୟନ୍ତୀ ରଥ
- **ନିଷିଦ୍ଧ ନୀରାଜନା** ୨୪୫
  ଶରତ ଚନ୍ଦ୍ର ଶତପଥୀ
- **ବୋଉର ରୁମ୍** ୨୫୨
  ଡ. ମନସ୍ୱିନୀ ଦାଶ
- **କାଚଘର** ୨୫୯
  କମଳା ଶତପଥୀ
- **ତର୍ପଣ** ୨୬୮
  ସ୍ୱର୍ଣ୍ଣଲତା ମହାପାତ୍ର
- **ଘର** ୨୭୬
  ବ୍ରହ୍ମାନନ୍ଦ ସ୍ୱାଇଁ

- ଆଖି — ୨୮୨
  ଉଦୟ ନାରାୟଣ ଦାସ
- ମ୍ଳାନ ଅପରାହ୍ଣ — ୨୯୧
  ଶୁଭେନ୍ଦୁ କୁମାର ମହାପାତ୍ର
- ଧନୀ ଦେଶର କାହାଣୀ — ୨୯୬
  ଅଜୟ ମହାପାତ୍ର
- ପଚା ପଥରର ଗନ୍ଧ — ୩୦୬
  ମନୋଜ ମହାନ୍ତି

ଅନୁବାଦ ଗଳ୍ପ

- ମାତା-ବିମାତା — ୩୧୬
  ମୂଳ ହିନ୍ଦୀ- ଭୀଷ୍ମ ସାହାଣୀ
  ଅନୁବାଦ : ଇଂ. ପ୍ରଭାକର ସ୍ୱାଇଁ
- ପାଏ ଗହମ — ୩୨୨
  ମୂଳ ରଚନା : ପ୍ରେମଚାନ୍ଦ
  ଅନୁବାଦ : ଅଭିମନ୍ୟୁ ବେହେରା

କ୍ଷୁଦ୍ର ଉପନ୍ୟାସିକା

- ଡାଏରିର ଶେଷପୃଷ୍ଠା — ୩୨୭
  ସୁରେନ୍ଦ୍ରନାଥ ସାହୁ

ପୁରୁଣା ସତ୍ୟବାଦୀ ପୃଷ୍ଠାରୁ

- ମହାତ୍ମା ଗାନ୍ଧୀଙ୍କ ବିଶ୍ୱାସ — ୩୩୯

କାଳଜୟୀ ସାହିତ୍ୟ

- ଗୟାଶ୍ରାଦ୍ଧ — ୩୪୪
  ଦିବ୍ୟସିଂହ ପାଣିଗ୍ରାହୀ

ରମ୍ୟ ରଚନା

- ଚୋର — ୩୫୦
  ଯୋଗେଶ୍ୱର ପଣ୍ଡା

କଳା ଓ ଭାସ୍କର୍ଯ୍ୟ

- ଗଞ୍ଜାମର ପାରମ୍ପରିକ ଲୋକନୃତ୍ୟ
  ନବଦୁର୍ଗା ଉପାସନା — ୩୫୭
  ଜଗଦୀଶ ପାଣିଗ୍ରାହୀ

ଆପଣଙ୍କ ଚିଠି — ୩୬୩

ଟିକି ତାରା

- ମେଘ ବରଷା ଇନ୍ଦ୍ର ପରଷା — ୩୬୬
  ନୀଳମଣି ଚାନ୍ଦ
- ଶରତ ଲଗନେ ମାଆଙ୍କ ପୂଜା — ୩୬୭
  ପ୍ରଫୁଲ୍ଲ କୁମାର ସାହୁ
- ଗଛଟିଏ ମୁହିଁ ଗଛଟିଏ — ୩୬୮
  ଶ୍ରୀକାନ୍ତ କୁମାର ମହାଲିକ
- ତାଳଗଛ — ୩୬୯
  ମହେନ୍ଦ୍ର କୁମାର ଘଡ଼େଇ
- ବାଇଚଢ଼େଇରେ ବାଇଚଢ଼େଇ — ୩୭୦
  ଦେବେନ୍ଦ୍ର ଚୌଧୁରୀ
- ଘରଚଟିଆ — ୩୭୧
  ବିଷ୍ଣୁ ମୋହନ
- ଗାଆଁରେ ସକାଳ — ୩୭୨
  କୀର୍ତ୍ତନ ସାହୁ
- ଡାକବାଲା — ୩୭୩
  ବିକାଶ କୁମାର ହୋତା
- ବର୍ଷା ପଡ଼ିବାରୁ ଝରି — ୩୭୪
  ପ୍ରଶାନ୍ତ କୁମାର ନାଥ
- ତ୍ରିରଙ୍ଗା ପତାକା — ୩୭୫
  ପ୍ରଶାନ୍ତ କୁମାର ସାହୁ
- ସରଗଠୁ ସୁନ୍ଦର — ୩୭୭
  ପର୍ଶୁରାମ ବେହେରା
- ପିଲାଏ ହସିଲେ ଦୁନିଆ ହସେ — ୩୭୯
  ରମେଶ ଚନ୍ଦ୍ର ଦାଶ
- କିଏ ଅଧିକ ମୂଲ୍ୟବାନ୍ — ୩୮୧
  ଅନନ୍ତ କୁମାର ସେନାପତି

ଶେଷପୃଷ୍ଠା

- ଦଶଭୁଜାଙ୍କ ଦଶ ଆୟୁଧ — ୩୮୪
  ଦିଲୀପ ଶତପଥୀ

HAPPY RATH Yatra
RUCHI FOODLINE
Since 1970
Completing 50 YEARS in 2025
BORN IN ODISHA, PRIDE OF INDIA
FESTIVAL BONANZA OFFER
Khushi ka tyohaar aaya
Hazaaron inaam laaya
Har offer pack ke sath jeetein
Gold Coins, Silver Coins, Smart Watches, bumper prize mein
SUV Car, aur kayi exciting prizes!
Steps to participate
Step 1
Find the winning code inside the pack
Step 2
SMS
State name
winning code
to 72310 06006
Dalma Powder
Chhole Masala
Kheer mix
Chicken Masala
Sambar Masala
Offer available on: Curry Powder 50/100g, Garam Masala 25/50g, Chicken Masala 50/100g, Meat Masala 50/100g, Chaat Masala 50g, Dalma Powder 50g, Chhole Masala 50g, Paneer Masala 50g, Sambar Masala 50/100g, Biryani Masala 50g, Kashmiri Chilli Powder 50/100g, Kheer Mix 300g
Quality Trust Purity
Buy online: Download RUCHI Store from
store.ruchifoodline.com

ସମ୍ପାଦକୀୟ

ଶକ୍ତିରୂପେଣ ସଂସ୍ଥିତା

ପାଗାନ ଧର୍ମାବଲମ୍ବୀମାନେ ବିଶ୍ୱାସ କରନ୍ତି ଯେ ବ୍ରହ୍ମାଣ୍ଡ ଈଶ୍ୱରଙ୍କ ପ୍ରତିକୃତି। ତେଣୁ ପ୍ରକୃତିର ସକଳ ତତ୍ତ୍ୱକୁ ସେମାନେ ଆରାଧନା କରିଥାନ୍ତି। ବୃକ୍ଷ, ପଶୁ, ପାହାଡ଼, ପର୍ବତ, ନଦୀ, ପକ୍ଷୀ, ନାରୀ, ପୁରୁଷ ଓ ଅନ୍ୟାନ୍ୟ ନିର୍ଜୀବ ବସ୍ତୁକୁ ପୂଜା କରିଥା'ନ୍ତି। ପ୍ରକୃତି, ଜଳବାୟୁ, ଜୀବନ ଓ ମୃତ୍ୟୁର ଚକ୍ରକୁ ବିଶ୍ୱାସ କରି ଜୀବନ ନିର୍ବାହ କରିଥା'ନ୍ତି ସେମାନେ। ସେମାନଙ୍କୁ ନାସ୍ତିକ ମଧ୍ୟ କୁହାଯାଇପାରେ।

ଖ୍ରୀଷ୍ଟାବ୍ଦ ୩୩୫ରୁ ୪୦୫ ଭିତରେ ଆଲେକ୍‌ଜାଣ୍ଡ୍ରିଆରେ ଥିଲେ ଜଣେ ବିଶିଷ୍ଟ ଗଣିତଜ୍ଞ, ଯାହାଙ୍କ ନାମ ଥିଲା ଥିଓନ। ତାଙ୍କ ପୂର୍ବରୁ ଦୀର୍ଘ ଶତାବ୍ଦୀ ଧରି ପ୍ରଚଳିତ ୟୁକ୍ଲିଡଙ୍କ ମୌଳିକ ବସ୍ତୁ ଉପରେ ପର୍ଯ୍ୟବସିତ ସିଦ୍ଧାନ୍ତକୁ ସେ ସଂଶୋଧିତ କରି ନୂତନ ସିଦ୍ଧାନ୍ତର ଉପସ୍ଥାପନ ପୂର୍ବକ ବେଶ୍ ଚର୍ଚ୍ଚିତ ହୋଇଥିଲେ। ସମ୍ଭବତଃ ୩୫୫ରେ ତାଙ୍କଠାରୁ ଜନ୍ମିତ ହୋଇଥିଲେ କନ୍ୟା ହାଇପାସିଆ ଯିଏ କି କେବଳ ଆଲେକ୍‌ଜାଣ୍ଡ୍ରିଆ ନୁହଁ, ସମଗ୍ର ଗ୍ରୀକ୍ ଓ ରୋମାନ ସଭ୍ୟତାରେ ନିଜର ଶାଣିତ ସ୍ୱର ଓ ବିଚାର ପାଇଁ ଖୁବ୍ କମ୍ ବୟସରେ ପ୍ରଖ୍ୟାତ ହୋଇଥିଲେ। ଆରିଷ୍ଟୋଟଲ ଓ ପ୍ଲାଟୋଙ୍କଠାରୁ ଆରମ୍ଭ କରି ବିଶ୍ୱର ସମକାଳୀନ ସମସ୍ତ ଦାର୍ଶନିକଙ୍କ ଦର୍ଶନର ବୈଜ୍ଞାନିକ ତର୍ଜମାରେ ବିସ୍ମୟାଭିଭୂତ କରି ଦେଉଥିଲେ ଶ୍ରୋତାଙ୍କୁ। ଜଣେ ବାଗ୍ମୀ-ଦାର୍ଶନିକ ଭାବେ ତାଙ୍କର ଖ୍ୟାତି ଦୂରଦୂରାନ୍ତରେ ପରିଚୟ ସୃଷ୍ଟି କରିଥିଲା। ସେ ଅପରୂପ ସୁନ୍ଦରୀ ମଧ୍ୟ ଥିଲେ, ଯାହାକି ତାଙ୍କ ବାଗ୍ମିତାକୁ ଆହୁରି ଆକର୍ଷଣୀୟ କରୁଥିଲା ସଭା ସମିତିରେ। ସେ ଆଜୀବନ କୁମାରୀ ଥିଲେ ଓ ଅନେକ ସମୟରେ ତାଙ୍କୁ ବିବାହ ପାଇଁ ପ୍ରସ୍ତାବ ରଖୁଥିବା ଯୁବକମାନଙ୍କୁ ପ୍ରତ୍ୟାଖ୍ୟାନ କରୁଥିଲେ। ପ୍ରାଚୀନ ଜୀବାତ୍ମା ଓ ପରମାତ୍ମାର ତତ୍ତ୍ୱ ସହ ପ୍ଲାଟୋଙ୍କ ଧାରଣା ମିଶ୍ରିତ ଦର୍ଶନରେ ସେ ବିଶ୍ୱାସୀ ଥିଲେ ଓ ପ୍ରଚାର ମଧ୍ୟ କରୁଥିଲେ। ହଜାର ହଜାର ଶ୍ରୋତା ଓ ଦର୍ଶକ ତାଙ୍କ ଦର୍ଶନର ଅନୁଗାମୀ ଥିଲେ। ରୋମ୍ ବିଭାଜିତ ହେଲା ପରେ ଖ୍ରୀଷ୍ଟିଆନ, ଜୀଉ ଓ ପାଗାନମାନେ ଏକତ୍ର ରହୁଥିଲେ ସତ; କିନ୍ତୁ ସେମାନଙ୍କର ଧର୍ମ ବିଶ୍ୱାସକୁ ନେଇ ବହୁ ସଂଘର୍ଷ ଭିତରେ ଦେଇ ଗତି କରୁଥିଲେ। ଏହା ବହୁ ଦଶନ୍ଧି ଧରି ଲାଗି ରହିଥିଲା। ଏହି ନିରବଚ୍ଛିନ୍ନ ସଂଘର୍ଷ କେବଳ ମତାନ୍ତର ବା ମନାନ୍ତର ନୁହେଁ, ପାଠାଗାରରେ ଥିବା ପୁସ୍ତକର ପୃଷ୍ଠାକୁ ନିଃଶେଷ କରିବାରେ ମଧ୍ୟ ଭୂମିକା ନିର୍ବାହ କରିଥିଲା।

ନିଜ ନିଜ ସୀମାସରହଦକୁ ସୁରକ୍ଷିତ ରଖିବା ପାଇଁ ସେମାନେ ଧର୍ମବିଶ୍ୱାସର ପ୍ରାଚୀର ସବୁ ସୃଷ୍ଟି କରୁଥିଲେ। ଖ୍ରୀଷ୍ଟପୂର୍ବ ୩୩୧ରେ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାରଙ୍କ ଦ୍ୱାରା ଇଜିପ୍ଟର ଆଲେକ୍‌ଜାଣ୍ଡ୍ରିଆ ସହରର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା। ସୁନ୍ଦରୀ ଦାର୍ଶନିକ ହାଇବାସିଆ ସେହି ଆଲେକ୍‌ଜାଣ୍ଡ୍ରିଆରେ ସହର ଗଠିତ ହେବାର ୬୦୦ ବର୍ଷ ପରେ ସେଠାରେ ଜନ୍ମ ନେଇଥିଲେ। ଏକ ସଂକ୍ଷିପ୍ତ କାଳଖଣ୍ଡ ଭିତରେ ଆଲେକ୍‌ଜାଣ୍ଡ୍ରିଆ ବିଶ୍ୱର ଏକ ଉଚ୍ଚସଂସ୍କୃତିସମ୍ପନ୍ନ ସହର ରୂପେ ସେତେବେଳେ ବିବେଚିତ ହେଉଥିଲା। ଏହି ଆକର୍ଷଣୀୟ ସହରରେ ଏପରି ପାଠାଗାର ଥିଲା, ଯେଉଁଠାରେ ସହସ୍ର ସଂଖ୍ୟାରେ ବିଭିନ୍ନ ବିଷୟର ପୁସ୍ତକ ଉପଲବ୍ଧ ଥିଲା।

ମନୋମୁଗ୍ଧକର ଶିଳ୍ପଚାତୁର୍ଯ୍ୟ ପର୍ଯ୍ୟଟକଙ୍କୁ ଏଠାକୁ ଆକର୍ଷିତ କରୁଥିଲା । ଦାସତ୍ୱ ପ୍ରଥା, ଅଜ୍ଞତା, ହିଂସା ଓ ଧାର୍ମିକ କଳହ ସତ୍ତ୍ୱେ ଏଠାରେ ବୌଦ୍ଧିକତା ବିକଶିତ ହୋଇଥିଲା । ଚିନ୍ତାଶକ୍ତି ବଳରେ ସେଠାର ସାଧାରଣ ଜନତା କିଭଳି ଭୟ ଓ ଆତଙ୍କରୁ ମୁକ୍ତ ହୋଇ ଏକ ସ୍ୱାଧୀନ ଜୀବନ ଜିଇ ପାରିବେ, ସେଥିପାଇଁ ମଧ୍ୟ ଆଲେକ୍‌ଜାଣ୍ଡ୍ରିଆରେ ସ୍ୱତନ୍ତ୍ରତାର ପବନ ପ୍ରବାହିତ ହେଉଥିଲା ।

ସ୍ୱତନ୍ତ୍ର ଚିନ୍ତନର ଯେଉଁ ସୁଯୋଗଟିଏ ଉପଲବ୍ଧ ଥିଲା ତା'ରି ଭିତରୁ ମୁଣ୍ଡ ଟେକିଥିଲେ ଶିକ୍ଷକ, ଉଦ୍‌ଭାବକ, ମୌଳିକ ଚିନ୍ତକ, ଦାର୍ଶନିକ ତଥା ବାଗ୍ମୀ ହାଇପାସିଆ । ଧାର୍ମିକ ବିଚ୍ଛିନ୍ନତାବାଦର ସୁଦୀର୍ଘ ଗାଲିଚା ଉପରେ ଭୟ ଓ ହିଂସାକୁ ଭ୍ରୂକ୍ଷେପ ନ କରି ପାଗାନ୍ ସିଦ୍ଧାନ୍ତର ପ୍ରଚାର କରିଥିଲେ ହାଇପାସିଆ । ଅସାଧାରଣ ଧୀଶକ୍ତିସମ୍ପନ୍ନ, ଅସାମାନ୍ୟ ସୁନ୍ଦରୀ ତଥା ବିଚକ୍ଷଣ ବକ୍ତା ହାଇପାସିଆ ତାଙ୍କର ଯୁକ୍ତିସିଦ୍ଧ ତର୍କ ମାଧ୍ୟମରେ ସାଧାରଣ ଲୋକଙ୍କୁ ପ୍ରଭାବିତ କରୁଥିଲେ । ତାଙ୍କର ଅସଂଖ୍ୟ ଶୁଭେଚ୍ଛୁ ଓ ସମର୍ଥକ ମଧ୍ୟ ଥିଲେ । ଏପରିକି ସିଭିଲ୍ ଗଭର୍ଣ୍ଣର ଓରେସ୍‌ଷ୍ଟେସ୍ ମଧ୍ୟ ତାଙ୍କର ଅନ୍ୟତମ ପ୍ରଶଂସକ ଥିଲେ । ଏହି ଜନପ୍ରିୟତା ତାଙ୍କ ପାଇଁ ଏକ କଣ୍ଟା ସାଜିଥିଲା; କାରଣ ପାଗାନ, ଜୀଉ ଓ ଖ୍ରୀଷ୍ଟିଆନ୍‌ମାନଙ୍କ ଭିତରେ କ୍ରମାଗତ ଭାବେ ଧର୍ମକୁ ନେଇ ବିବାଦ ସୃଷ୍ଟି ହେଉଥିଲା । ଜିୟୁମାନଙ୍କର ଘରଦ୍ୱାର ଲୁଟ୍‌ପାଟ୍ କରିବା ସହିତ ସେମାନଙ୍କର ଧର୍ମପୀଠକୁ ଭଙ୍ଗାଯାଉଥିଲା । ଏଥିରେ ବିବ୍ରତ ହୋଇ ଓରେସ୍‌ଷ୍ଟେସ୍ କନ୍‌ଷ୍ଟାଣ୍ଟିନୋପେଲରେ ଥିବା ରୋମ୍ ସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ । ସିରିଲ୍ ରୋମ୍ ସରକାରଙ୍କ ତରଫରୁ କ୍ଷମାଭିକ୍ଷା କରିଥିଲେ ସତ; କିନ୍ତୁ ଓରେସ୍‌ଷ୍ଟେସ୍ ମିଳାମିଶା ପାଇଁ ପ୍ରତ୍ୟାଖ୍ୟାନ କରିଥିଲେ ।

ଯେହେତୁ ଓରେସ୍‌ଷ୍ଟେସ୍ ହାଇପାସିଆଙ୍କ ପ୍ରଶଂସକ ଓ ବନ୍ଧୁ ଥିଲେ, ତେଣୁ ଓରେସ୍‌ଷ୍ଟେସଙ୍କ ପ୍ରତି ଉତ୍‌କ୍ଷିପ୍ତ ଲୋକଙ୍କ କ୍ରୋଧର ଶିକାର ହୋଇଥିଲେ ହାଇପାସିଆ । ପୁରୁଷପ୍ରଧାନ ସମାଜରେ ସଙ୍ଘଟିତ ରାଜନୈତିକ ସଂଘର୍ଷ ଭିତରେ ବଳି ପଡ଼ିଗଲେ ହାଇପାସିଆ । ଥରେ ସେ ଏକ ବିଶ୍ୱବିଦ୍ୟାଳୟରୁ ବକ୍ତୃତା ଦେଇ ଫେରୁଥିବାବେଳେ ପିଟର ନାମକ ଜଣେ ମାଜିଷ୍ଟ୍ରେଟ୍ ଓ ତାଙ୍କର ଧାର୍ମିକ ଅନୁଗତ ହାଇପାସିଆଙ୍କ ଉପରେ ଆକ୍ରମଣ କରିଥିଲେ । ସେ ଯାଉଥିବା ଯାନରୁ ତାଙ୍କୁ ଘୋଷାରି ବାହାର କରିବା ସହିତ ତାଙ୍କର ପୋଷାକ ଚିରି ଦେଇଥିଲେ ଏବଂ ଚୁଟିକୁ ଧରି ସହରର ମୁଖ୍ୟ ରାସ୍ତାରେ ଘୋଷାରି ଘୋଷାରି ନେଇଥିଲେ । ଶେଷରେ ଏକ ଚର୍ଚ୍ଚ ପାଖକୁ ନେଇ ତାଙ୍କୁ ଖ୍ରନ୍‌ଭିନ୍ କରି ହତ୍ୟା କରିଥିଲେ । କୁହାଯାଏ ଛାତରେ ଲଗାଯାଉଥିବା ଟାଇଲ୍ ଓ ଶାମୁକାରେ ତାଙ୍କର ଚର୍ମକୁ ବିଦାରିବା ସହିତ ଜୀବନ୍ତ ଅବସ୍ଥାରେ ଅଙ୍ଗପ୍ରତ୍ୟଙ୍ଗକୁ ଶରୀରରୁ ଅଲଗା କରାଯାଇଥିଲା । ପରେ ତାଙ୍କ ସମ୍ପୂର୍ଣ୍ଣ ମୃତଶରୀରକୁ ପାଉଁଶ କରି ଦିଆଯାଇଥିଲା । ଧାର୍ମିକ ପ୍ରତିହିଂସାର ଅଗ୍ନି ଏତେ ପ୍ରବଳ ଥିଲା ଯେ ଅସହିଷ୍ଣୁତାର ସ୍ମାରକ ସ୍ୱରୂପ ସେମାନେ ହାଇପାସିଆ ଓ ତାଙ୍କ ପିତା ଥିଓନ ଅଧ୍ୟାପନା କରିଥିବା ଆଲେକ୍‌ଜାଣ୍ଡ୍ରିଆ ବିଶ୍ୱବିଦ୍ୟାଳୟକୁ ମଧ୍ୟ ଜାଳିପୋଡ଼ି ଛାରଖାର କରିଦେଇଥିଲେ । ହାଇପାସିଆଙ୍କର ଏପରି ମର୍ମନ୍ତୁଦ ହତ୍ୟା ପରେ ଆଲେକ୍‌ଜାଣ୍ଡ୍ରିଆରୁ ବୁଦ୍ଧିଜୀବୀ ଓ ଶିଳ୍ପୀମାନେ ଭୟାତୁର ହୋଇ ପଳାୟନ କରିଥିଲେ । ତା'ପରେ ଏହି ଐତିହାସିକ ନଗରୀ ଖ୍ରୀଷ୍ଟିୟାନମାନଙ୍କ ଶାସନାଧୀନ ହୋଇଥିଲା ।

ଇତିହାସରେ ଏହା ଏକ କଳଙ୍କିତ ଅଧ୍ୟାୟ। ସ୍ୱାଧୀନ ମତବ୍ୟକ୍ତ କରିବାକୁ ଯାଇ ସ୍ୱାଧୀନ ବୃତ୍ତିକୁ ଆପଣେଇବାବେଳେ ଏପରି ଅସୁମାରି ଦୁଃଖଦ ଦୁର୍ଘଟଣା ଘଟିଛି ପୃଥିବୀରେ ଯାହା ପ୍ରତ୍ୟେକ ଯୁଗରେ ଚିନ୍ତାନାୟକ, ବୁଦ୍ଧିଜୀବୀ, ସାଧାରଣ ମଣିଷକୁ ବ୍ୟସ୍ତ ବିବ୍ରତ କରିଛି । ତେବେ ଆସୁରିକ ଶକ୍ତି ଆଗରେ ସତ୍ୟ, ନ୍ୟାୟ କେବେ ମୁଣ୍ଡ ନୁଆଁଇ ନାହିଁ । ଯେଉଁମାନେ ସତ୍ୟ ଏବଂ ନ୍ୟାୟ ପାଇଁ ସେମାନଙ୍କର ଶିରୋନ୍ନତ କରିଛନ୍ତି, ସେମାନେ କାଳେକାଳେ ସମଗ୍ର ମାନବସମାଜର ପ୍ରଣମ୍ୟ ହୋଇଛନ୍ତି । ଅର୍ଥ, କ୍ଷମତା ଓ ଦୈହିକ ବଳ ସମୟକ୍ରମେ ଭୂଲୁଣ୍ଠିତ ହୋଇଛି । ଅହଂକାର, ଗର୍ବ କାଳେକାଳେ ମାଟିରେ ମିଶିଛି ।

ଶାରଦୀୟ ପୂଜା ଅବସରରେ ଆପଣମାନଙ୍କୁ ଅଶେଷ ଅଭିନନ୍ଦନ ଜ୍ଞାପନ କଲାବେଳେ ମା' ଦୁର୍ଗାଙ୍କର ମହିଷାସୁର ବଧ କରୁଥିବାର ସେହି ଭୟଙ୍କର ଦୃଶ୍ୟ ମଧ୍ୟ ମାନସପଟକୁ ଆସିଯାଉଛି । ନିର୍ଭୟାଠାରୁ ଆରମ୍ଭ କରି ଅଭୟା ପର୍ଯ୍ୟନ୍ତ ଯେଉଁ ନାରୀମାନେ ନିର୍ଯାତିତା ହୋଇ ଅକାଳରେ ଇହଧାମ ତ୍ୟାଗ କରିଛନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ଅଶ୍ରୁତର୍ପଣ କରିବା ସହିତ ଆସନ୍ତୁ ଏହି ଅବସରରେ ମା'ଙ୍କୁ ପୁଣି ଥରେ ପ୍ରାର୍ଥନା କରିବା– ଶକ୍ତି ରୂପରେ ସେ ସମଗ୍ର ମାନବ ସମାଜରେ ଛାଇ ହୋଇ ରହନ୍ତୁ ଓ ଅସତ୍ୟ ହିଂସା, ଦ୍ୱେଷ, ପରଶ୍ରୀକାତରତା ତଥା ଦୁର୍ବଳ ଉପରେ ସବଳର ଅତ୍ୟାଚାରବେଳେ ଆମେ ଅନ୍ୟାୟର ପ୍ରତିବାଦ କରିବା ପାଇଁ ତିଳେ ହେଲେ ଭୟ ନ କରୁ ।

ଡ. ପ୍ରଭାସ ଆଚାର୍ଯ୍ୟ

ପ୍ରବନ୍ଧ

ବିଭାଗ

ଶାରଦୀୟ ଅଭିନନ୍ଦନ

ବାଳକୃଷ୍ଣ କର

(୨୧.୦୧.୧୯୩୨
ରୁ
୧୫.୦୬.୨୦୦୭)

ଶିକ୍ଷାବିତ୍ , ସ୍ତମ୍ଭକାର, ସାରସ୍ୱତ ସାଧକ ତଥା ପ୍ରବୀଣ ଶିକ୍ଷକ

ତାଙ୍କରି ଭାଷାରେ

" ବିଦ୍ୟାଳୟ ହେଉଛି ମଣିଷ ଗଢ଼ିବା କାରଖାନା । କେତେଜଣଙ୍କୁ ଭଲ ମଣିଷ କରି ଗଢ଼ିପାରିଲେ ସେ ହେବ ଦେଶ ଓ ଜାତି ପ୍ରତି ଅଶେଷ ଅବଦାନ ।

(ଖୋଲା ଝରକା)

SUKHDUKH PUBLICATION

'Ashiana', Pandit Laxmi Narayan Mishra Lane, Sambalpur 768001 Odisha Call 0663-2532872 / 9437149166
Mail sukantakar007@gmail.com Prop: Sukanta Kumar Kar

ଶକ୍ତି ଉପାସନା ଓ ଓଡ଼ିଶାରେ ଦୁର୍ଗାପୂଜା

ଡକ୍ଟର ଚିନ୍ମୟୀ ମହାପାତ୍ର

ପ୍ରବନ୍ଧ, ସମାଲୋଚନା, ଗଳ୍ପ ଓ କବିତା ରଚନାରେ ଆତ୍ମମଗ୍ନ ଲେଖିକାଙ୍କର ବହୁ ପୁସ୍ତକ ପ୍ରକାଶିତ। ଶ୍ରୀଜଗନ୍ନାଥ ସଂସ୍କୃତିରେ ଗବେଷଣା କରି ଚାରିଟି ଇଂରାଜୀ ପୁସ୍ତକ ଲେଖିଛନ୍ତି। ଶିକ୍ଷାବିତ୍ ଓ ସାରସ୍ୱତ ସାଧିକା ଭାବେ ବେଶ୍ ପରିଚିତ।

ସନାତନ ଧର୍ମ ପରମ୍ପରାର ଆଗମ ଧାରାରେ ଉପାସକଙ୍କ ଅଭିଳାଷ ପୂରଣର କ୍ଷମତାକୁ ଆଧାର କରି ଦେବଦେବୀଙ୍କର ଉପାସନା ବିଧି ପ୍ରଚଳିତ ହୋଇଛି। ସମୟକ୍ରମେ ତନ୍ମଧ୍ୟରୁ ପଞ୍ଚ ଦେବତାଙ୍କର ଆରାଧନାକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି। ଆଗମ-ପରମ୍ପରାର ମୁଖ୍ୟ ପଞ୍ଚ ଦେବଦେବୀ ହେଲେ ଗଣପତି, ନାରାୟଣ, ରୁଦ୍ର, ଅମ୍ବିକା ଓ ଭାସ୍କର। ଦେବୀମାତା ରୂପେ ଉପାସିତ ହେଉଥିବା ଅମ୍ବିକା ଶକ୍ତିସ୍ୱରୂପିଣୀ। 'ତୈତ୍ତିରୀୟ ଆରଣ୍ୟକ' ଅନୁଯାୟୀ ସେ ରୁଦ୍ରଙ୍କର ପତ୍ନୀ। ସୃଷ୍ଟି ରଚନାର ଦାୟିତ୍ୱରେ ଥିବା ବ୍ରହ୍ମା ସୃଷ୍ଟିର ଅଭିବୃଦ୍ଧି କାମନାରେ ଏକ ମହାଯଜ୍ଞର ଅନୁଷ୍ଠାନ କରି ଶିବ-ଶକ୍ତିଙ୍କୁ ସନ୍ତୁଷ୍ଟ କରିଥିଲେ। ଫଳରେ ଶକ୍ତି ଶିବଙ୍କଠାରୁ ଭିନ୍ନ ହୋଇ ବ୍ରହ୍ମାଙ୍କର ସହାୟତା ପାଇଁ ଆବିର୍ଭୂତା ହୋଇଥିଲେ। ବ୍ରହ୍ମାଙ୍କର ଉଦ୍ଦେଶ୍ୟ ସିଦ୍ଧ ହେଲା ପରେ ସେ ଶିବଙ୍କ ନିକଟକୁ ଫେରିଯିବା କଥା। ବ୍ରହ୍ମାଙ୍କ ପୁତ୍ର ଦକ୍ଷ ଶକ୍ତିଙ୍କୁ କନ୍ୟା ରୂପେ ପାଇବା ପାଇଁ ଅନେକ ଯଜ୍ଞ କରିଥିବାରୁ ଶକ୍ତି ସତୀ ରୂପରେ ଜାତ ହୋଇ ଶିବଙ୍କୁ ବରଣ କରିଥିଲେ। ଗିରିରାଜ ହିମାଳୟ ମଧ୍ୟ ଦୀର୍ଘକାଳ ଜଗନ୍ମାତାଙ୍କର ଆରାଧନା କରି ଦକ୍ଷ-ଯଜ୍ଞରେ ଆତ୍ମାହୁତି ଦେଇଥିବା ସତୀଙ୍କୁ କନ୍ୟା ରୂପେ ପ୍ରାପ୍ତ ହୋଇଥିଲେ। ଏହି ବର ବ୍ୟତୀତ ସେ ଦେବୀଙ୍କଠାରୁ ଭକ୍ତି ଓ ଜ୍ଞାନର ଆଶିଷ ମଧ୍ୟ ମାଗିଥିଲେ, ଯଦ୍ଦ୍ୱାରା ତାଙ୍କର ଉପଯୁକ୍ତ ଲାଳନପାଳନ କରିପାରିବେ। ଏପରି ମନୋରଥ ପୋଷଣ କରିଥିବା ଭକ୍ତ ହିଁ ଉତ୍କୃଷ୍ଟ ବୋଲି କହି ଦେବୀ ଅତ୍ୟନ୍ତ ପ୍ରସନ୍ନ ଭାବରେ ତାଙ୍କୁ 'ଦେବୀଗୀତା' ଶୁଣାଇଥିଲେ।

ଶୈବ, ବୈଷ୍ଣବ ଆଦି ସଂପ୍ରଦାୟରେ ମଧ୍ୟ ମାତୃଶକ୍ତି ବା ଦେବୀଙ୍କର ମହତ୍ତ୍ୱ ସ୍ୱୀକାର କରାଯାଇଛି। ଲକ୍ଷ୍ମୀ-ନାରାୟଣ, ସୀତା-ରାମ, ରାଧା-କୃଷ୍ଣ ଆଦି ଦ୍ୱିଗୁ ସମାସ ଘଟିତ ସମସ୍ତପଦରେ ପ୍ରଥମେ ଦେବୀଙ୍କ ନାମର ଉଲ୍ଲେଖ ଏହି ବିଶ୍ୱାସକୁ ଦୃଢ଼ତର କରିଥାଏ। ଶିବଙ୍କ ସହିତ ପାର୍ବତୀଙ୍କ ରୂପକୁ

ସମନ୍ୱିତ କରି ଅର୍ଦ୍ଧନାରୀଶ୍ୱର ମୂର୍ତ୍ତିର କଳ୍ପନା ଶିବଙ୍କ ସହିତ ଦେବୀଙ୍କର ସମାନ ମହିମା ଓ ଉଭୟଙ୍କର ଅଭିନ୍ନତା ସୂଚିତ କରିଥାଏ । ଶୈବତନ୍ତ୍ରରେ ଦେବୀ ଶିବଙ୍କର ଶକ୍ତି ଓ ଶକ୍ତି ବିନା ଶିବ ଶବ ତୁଲ୍ୟ ବୋଲି କୁହାଯାଇଛି ।

"ଶିବଃ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁମ୍ ।
ନ ଚ ଦେବୋଦେବୋ ଖଳୁ କୁଶଳଃ ସ୍ପନ୍ଦିତୁମପି ।।"

ଶାକ୍ତ ସଂପ୍ରଦାୟରେ ଦେବୀ-ଶକ୍ତିକୁ ପରମସତ୍ତା ରୂପେ ସ୍ୱୀକାର କରାଯାଇଛି । ମାତୃଶକ୍ତିର ସର୍ବମୟ କର୍ତ୍ତୃତ୍ୱ ଓ ଅପାର କ୍ଷମତା ଉପରେ ବିଶ୍ୱାସ ବଳବତ୍ତର ରହିଛି ଓ ଆଧୁନିକ ସମୟରେ ମଧ୍ୟ ଜନସାଧାରଣ ବିଭିନ୍ନ ଅବକାଶରେ ସେହି ଶକ୍ତିର ଉପାସନା କରୁଛନ୍ତି ।

ମାତୃଶକ୍ତି ବା ଦେବୀଙ୍କର ସବୁଠାରୁ ଅଧିକ ଜନପ୍ରିୟ, ସର୍ବାଧିକ ପରିପୂଜିତ ରୂପ ହେଉଛି ମହିଷମର୍ଦ୍ଦିନୀ ଦୁର୍ଗାରୂପ । ବେଦରେ ଶ୍ରୀସୂକ୍ତ, ବାକ୍ ସୂକ୍ତ, ଦେବୀସୂକ୍ତ ଆଦିରେ ମାତୃଶକ୍ତିର ଗରିମା ପ୍ରଦର୍ଶିତ ହୋଇଛି । ସେହିପରି "ଓଁ ଜାତବେଦସେ ସୁନବାମ ସୋମ ମରାତବତୋ ନିଦହାତି ବେଦସନଃ ପର୍ଷଦତି ଦୁର୍ଗାଣି ବିଶ୍ୱାନାବୈବ ସିନ୍ଧୁଂ ଦୁରିତାତ୍ୟଗ୍ନିଃ" ମନ୍ତ୍ରର ପାଠଦ୍ୱାରା ସକଳ ଦୁଃଖ ଦୂର ହୁଏ, ଆସୁରିକ ପ୍ରବୃତ୍ତିର ବିନାଶ ହୁଏ, ଶତ୍ରୁ ଭୟ ଦୂର ହୁଏ ଓ ଅନ୍ୟାୟ ଅତ୍ୟାଚାର ଲୋପପାଏ ବୋଲି କୁହାଯାଇଛି । ଏହା ସମ୍ଭବତଃ ଦୁର୍ଗତିନାଶିନୀ ଦେବୀ ଦୁର୍ଗାଙ୍କ ରୂପ କଳ୍ପନାର ଆଦ୍ୟ ପ୍ରେରଣା । ପରବର୍ତ୍ତୀ କାଳରେ 'ତୈତ୍ତିରୀୟ ଆରଣ୍ୟକ'ରେ ଦେବୀ ଅମ୍ବିକାଙ୍କୁ ରୁଦ୍ରଙ୍କର ପତ୍ନୀ ରୂପେ ବର୍ଣ୍ଣନା କରାଯାଇଛି । ଏହାର ଦଶମ ଖଣ୍ଡର ତୃତୀୟ ଅନୁବାକ୍‌ରେ ଅଗ୍ନିବର୍ଣ୍ଣା ତପୋଦୀପ୍ତା ଦେବୀ ଦୁର୍ଗାଙ୍କର ଶରଣାଗତି ପ୍ରାର୍ଥନା କରାଯାଇଛି–

"ତାଂ ଅଗ୍ନିବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ
ବୈରୋଚନୀଂ କର୍ମଫଳେଷୁ ଜୁଷ୍ଟାମ୍ ।
ଦୁର୍ଗାଦେବୀଂ ଶରଣମହଂ ପ୍ରପଦ୍ୟେ
ସୁତରସି ତରସେ ନମଃ ।"

ରାମାୟଣ, ମହାଭାରତ ଆଦି ସଂସ୍କୃତ-ସାହିତ୍ୟର ପ୍ରାଚୀନତମ ମହାକାବ୍ୟ, ବିଭିନ୍ନ ପୁରାଣ, ପରବର୍ତ୍ତୀ କାଳର ଅନେକ କାବ୍ୟ-ନାଟକାଦିରେ ଦୁର୍ଗା ଦେବୀଙ୍କର ଉପାସନା ସମ୍ପର୍କରେ ଭୂରିଭୂରି ଉଲ୍ଲେଖ ରହିଛି । ତେବେ 'କାଳିକା ପୁରାଣ', 'ଦେବୀ ଭାଗବତ' ଓ 'ମାର୍କଣ୍ଡେୟ ପୁରାଣ' ଅନ୍ତର୍ଗତ 'ସପ୍ତଶତୀ ଚଣ୍ଡୀ' ହିଁ ଶାକ୍ତ-ମହିମା ପ୍ରଖ୍ୟାପନର ଶ୍ରେଷ୍ଠ ଗ୍ରନ୍ଥ । 'ସପ୍ତଶତୀ ଚଣ୍ଡୀ'ରେ ଆସୁରିକ ଶକ୍ତିର ବିନାଶ ନିମିତ୍ତ ଦେବୀଙ୍କର ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପ ଧାରଣ ବିଷୟ ବର୍ଣ୍ଣିତ ହୋଇଛି; ପୁଣି ଦେବୀଙ୍କର ଅଜସ୍ର ନାମ ଓ ରୂପର ଉଲ୍ଲେଖ ମଧ୍ୟ ହୋଇଛି । ଏଥି ମଧ୍ୟରୁ ମଧ୍ୟମ ଚରିତରେ ବର୍ଣ୍ଣିତ ମହିଷାସୁର ବଧ ପ୍ରସଙ୍ଗ ଓ ଦେବୀଙ୍କର ବହୁ ପ୍ରହରଣଧାରିଣୀ ପ୍ରଚଣ୍ଡ ରୂପ ସହିତ ଦୁର୍ଗା ନାମ ସମୟକ୍ରମେ ଶକ୍ତି-ଉପାସନାର ସର୍ବୋତ୍ତମ ମାଧ୍ୟମ ହୋଇଛି ।

ଉପାସନା କ୍ଷେତ୍ରରେ ଧ୍ୟାନ-ଧାରଣା ଆଦି ମାନସିକ ପ୍ରକ୍ରିୟା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ମାତ୍ର ଜନ-ମାନସ ସାଧାରଣତଃ ସାକାର ଉପାସନାକୁ ସହଜରେ ଗ୍ରହଣ କରିଥାଏ । ଦେବତାଙ୍କର ନାନା ଭୌତିକ ଉପାଦାନରେ ନିର୍ମିତ, ରେଖାଙ୍କିତ, ଚିତ୍ରିତ ଅଥବା ଭାସ୍କୃତ ରୂପର ଆରାଧନା, ସେହି ରୂପର ଧ୍ୟାନ ଭୌତିକ ଜଗତରେ ବାସ କରୁଥିବା ମଣିଷକୁ ସୁଗମ ବୋଧ ହୋଇଥାଏ । 'ବିଷ୍ଣୁଧର୍ମୋତ୍ତର ପୁରାଣ'ରେ କୁହାଯାଇଛି-

ସାକାରାର୍ବିକୃତିଜ୍ଞେୟା ତସ୍ୟ ସର୍ବ ଜଗତ୍ ସ୍ମୃତମ୍ ।
ପୂଜା ଧ୍ୟାନାଦିକଂ କାର୍ଯ୍ୟଂ ସାକାରସ୍ୟୈବ ଶସ୍ୟତେ ।। (୩/୪୬/୩)

ସାକାର-ଉପାସନାର ବିକଶିତ ପର୍ଯ୍ୟାୟରେ ବିଭିନ୍ନ ଉପାଦାନରେ ବିବିଧ ଆୟୁଧ ଓ ବାହନ ସହିତ ବିବିଧ ପ୍ରକାର କଳ୍ପିତ ରୂପର ପ୍ରତିମା ନିର୍ମାଣ ଓ ନାନା ବିଧିବିଧାନ, ମନ୍ତ୍ର-ଯନ୍ତ୍ରାଦି ସଂଯୋଗରେ ସେ ସବୁର ପୂଜା ଅନୁଷ୍ଠିତ ହେଉଛି ।

ଯନ୍ତ୍ର ରୂପକ ପ୍ରତୀକ ଅପେକ୍ଷା ଦେବୀଙ୍କ ପ୍ରତିମାର ପୂଜା ହିଁ ଭାରତର ଅନ୍ୟାନ୍ୟ ପ୍ରାନ୍ତ ପରି ଓଡ଼ିଶାରେ ମଧ୍ୟ ଅଧିକ ପ୍ରଚଳିତ । ଦେବୀ ମଙ୍ଗଳା, ପାର୍ବତୀ, କାଳୀ, ଭଗବତୀ, ତାରା, ବାରାହୀ, ନାରସିଂହୀ, ବୈଷ୍ଣବୀ ଆଦି ବିବିଧ ରୂପରେ ଆରାଧିତା ହୋଇଥା'ନ୍ତି । ଚଉଷଠି ଯୋଗିନୀ, ସ୍ତମ୍ଭେଶ୍ୱରୀ, ନାଗ-ନାଗୁଣୀ, ଯକ୍ଷ-ଯକ୍ଷିଣୀ ଆଦି ମଧ୍ୟ ପୂଜା ପାଆନ୍ତି । ତେବେ ଦୁର୍ଗା-ପୂଜାର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ଦେବୀ ଦୁର୍ଗାଙ୍କର ମହିଷମର୍ଦ୍ଦିନୀ ରୂପ ଲୋକ-ଚିତ୍ତରେ ଅତ୍ୟନ୍ତ ପ୍ରଭାବଶାଳୀ ସ୍ଥାନ ଅଧିକାର କରି ଶତାବ୍ଦୀଶତାବ୍ଦୀ ଧରି ପୂଜା ଗ୍ରହଣ କରିଛି ।

ଗୁପ୍ତବଂଶୀ ରାଜାମାନଙ୍କର ଶାସନକାଳରୁ ମହିଷମର୍ଦ୍ଦିନୀ ଦୁର୍ଗାଙ୍କର ପ୍ରସ୍ତର-ପ୍ରତିମା ଖୋଦନ ଓ ପୂଜନର ପରମ୍ପରା ସୁପ୍ରଚଳିତ ଥିବା ଜଣାଯାଏ । ଓଡ଼ିଶାରେ ଦ୍ୱିଭୁଜାଠାରୁ ଆରମ୍ଭ କରି ବିଂଶଭୁଜା ପର୍ଯ୍ୟନ୍ତ ବିବିଧ ଆକୃତିର ଚାରିଶହ ପଚାଶରୁ ଊର୍ଦ୍ଧ୍ୱ ଦୁର୍ଗା ମୂର୍ତ୍ତି ଆବିଷ୍କୃତ ହୋଇଛି । ସେଗୁଡ଼ିକ ମଧ୍ୟରେ ଯାଜପୁରରେ ବିରଜା ନାମରେ ଆରାଧିତା ମହିଷକୁ ଶୂଳରେ ଭେଦ କରୁଥିବା ଦ୍ୱିଭୁଜା ଦେବୀ-ବିଗ୍ରହ ସର୍ବପ୍ରାଚୀନ । ଏହି ଦେବୀଙ୍କର ପୌରାଣିକ ପ୍ରସିଦ୍ଧି ଓ ଐତିହାସିକ ମହତ୍ତ୍ୱ ବେଶ୍ ଉଲ୍ଲେଖନୀୟ । ସୋମବଂଶୀ ରାଜା ଯଯାତି କେଶରୀ ଦେବୀ ବିରଜାଙ୍କର ଆଶ୍ରିତ ଭକ୍ତ ଥିବାର ଜଣାଯାଏ । ଏହି ଦେବୀ ପ୍ରଥମେ ଯାଜପୁରଠାରୁ ପ୍ରାୟ ଏକ କିଲୋମିଟର ଦୂରବର୍ତ୍ତୀ କଳସପୁର ଗ୍ରାମରେ ପୂଜା ପାଉଥିଲେ ଓ ପରବର୍ତ୍ତୀ କାଳରେ ଯାଜପୁରଠାରେ ନିର୍ମିତ ମନ୍ଦିରକୁ ସ୍ଥାନାନ୍ତରିତ ହୋଇଥିଲେ । ମହାଶିବଗୁପ୍ତ ଯଯାତି କେଶରୀ ବୈତରଣୀର ପବିତ୍ର ତଟରେ ଦଶାଶ୍ୱମେଧ ଯଜ୍ଞ କରି ତ୍ରିବେଣୀ ଅମାବାସ୍ୟା ଦିନ ଦେବୀଙ୍କୁ ଏହି ପୀଠରେ ପ୍ରତିଷ୍ଠିତ କରାଇଥିଲେ । ତେଣୁ ପ୍ରତିବର୍ଷ ଏହି ତିଥିଟି ଦେବୀଙ୍କର ଜନ୍ମଦିବସ ରୂପେ ପାଳିତ ହୋଇଥାଏ । ଅନ୍ୟାନ୍ୟ ଶକ୍ତିପୀଠ ପରି ଏହି ପୀଠରେ ମଧ୍ୟ ଶାରଦୀୟ ଦୁର୍ଗୋତ୍ସବ ସମାରୋହରେ ପାଳିତ ହୋଇଥାଏ । ସର୍ବଦା ବସ୍ତ୍ର ଓ ପୁଷ୍ପମାଲ୍ୟରେ ଆବୃତ ଏହି ଦେବୀଙ୍କୁ ମହାଷ୍ଟମୀ ଅବକାଶରେ ଅନାବୃତା କରାଯାଇଥାଏ ।

ପୀଠାଧିଷ୍ଠାତ୍ରୀ ଦେବୀ ବିରଜାଙ୍କର ପ୍ରତିଷ୍ଠା ପରେ ଏହି କ୍ଷେତ୍ରରେ

ଚାମୁଣ୍ଡା, ମଙ୍ଗଳା, ସପ୍ତମାତୃକା, ମନସା, ଉମା-ମହେଶ୍ୱର ଆଦି ଶାକ୍ତ ଦେବବିଗ୍ରହ ପ୍ରତିଷ୍ଠିତ ହୋଇ ପୂଜା ପାଉଛନ୍ତି । ମାତ୍ର ବିରଜା-ମନ୍ଦିରଠାରୁ ଅନତିଦୂରରେ ଅବସ୍ଥିତ କୁଆଁମାଧେଇର ଗ୍ରାମଦେବତୀ ଗୌରୀ ଦେବୀ ନାମରେ ନାମିତା ହୋଇଥିଲେ ହେଁ ପ୍ରକୃତରେ ଚତୁର୍ଭୁଜା ମହିଷମର୍ଦ୍ଦିନୀ ମୂର୍ତ୍ତି । ବିରଜାଙ୍କ ମୂର୍ତ୍ତି ସିଂହବାହିନୀ ନ ହେଲେ ହେଁ ଏହି ମୂର୍ତ୍ତି ସିଂହବାହିନୀ । ନିକଟବର୍ତ୍ତୀ ହାଟପାଟଣା ଗ୍ରାମ ନିକଟରେ ବାସନ୍ତୀମଙ୍ଗଳା ନାମରେ ପୂଜିତା ବିଂଶଭୁଜା ଦୁର୍ଗା ମୂର୍ତ୍ତି ମଧ୍ୟ ସିଂହବାହିନୀ ଓ ଅଷ୍ଟ ସହଚରୀଙ୍କଦ୍ୱାରା ପରିବେଷ୍ଟିତା । ଏହି ମୂର୍ତ୍ତିଗୁଡ଼ିକ ପରବର୍ତ୍ତୀ କାଳର ବୋଲି ଅନୁମାନ କରାଯାଇଛି ।

ଯାଜପୁର ଜିଲା ଅନ୍ତର୍ଗତ ଅମରାବତୀ କଟକର ଜଗନ୍ନାଥ ମନ୍ଦିର ପରିସରରେ ଥିବା ଅଷ୍ଟଭୁଜା ଦୁର୍ଗା ମୂର୍ତ୍ତି, ନାଥୁଆବରାର କପାଳେଶ୍ୱର ମନ୍ଦିରର ପାର୍ଶ୍ୱଦେବତା ଷଡ଼ଭୁଜା ଓ ମନ୍ଦିରର ପ୍ରବେଶଦ୍ୱାରରେ ଅଷ୍ଟଭୁଜା ଦୁର୍ଗା, ବୁଢ଼ାମହାଦେବ ମନ୍ଦିରର ଦ୍ୱାଦଶଭୁଜା ଦୁର୍ଗାଙ୍କର ଉଲ୍ଲେଖ ମଧ୍ୟ ପ୍ରାସଙ୍ଗିକ ବୋଧହୁଏ । ଚଣ୍ଡୀଖୋଲ ନିକଟସ୍ଥ ବାରୁଣାବନ୍ତ ପର୍ବତର ଶିଖରଦେଶରେ ବନଦୁର୍ଗା ପୂଜା ପାଉଛନ୍ତି ।

କନକପୁରଠାରେ ପୂଜା ପାଉଥିବା ଅଷ୍ଟଭୁଜା ମହିଷମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତି ଦେବୀ ସାରଳା ନାମରେ ବିଖ୍ୟାତ । ଐତିହାସିକଙ୍କ ମତରେ ଓଡ଼ିଶାରେ ଅଷ୍ଟଭୁଜା ଦୁର୍ଗାମୂର୍ତ୍ତିର ଉପାସନା ଅଷ୍ଟମ-ନବମ ଶତାବ୍ଦୀ ବେଳକୁ ଆରମ୍ଭ ହୋଇଥିଲା । ତେବେ ସାରଳାଙ୍କର ଅଷ୍ଟଭୁଜ ମଧ୍ୟରୁ ବାମ ଚାରି ହସ୍ତରେ ମହିଷର ଶିଙ୍ଗ, ଘଣ୍ଟା, ଢାଲ, ଶର; ଦକ୍ଷିଣ ଚାରି ହସ୍ତରେ ଖଡ୍ଗ ଓ ଶୂଳ ସହିତ ବୀଣା ଓ ପୁସ୍ତକ ଶୋଭା ପାଇଥାଏ । ପୁଣି ତାଙ୍କୁ "ଭିଦନ୍ତି ମହିଷଂ ନମାମି ବରଦାଂ ବାଗ୍ଦେବତାଂ ଶାରଦାମ୍" ବୋଲି ସ୍ତୁତି କରାଯାଏ । ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆରାଧିତା ମହାଦେବୀ ବିମଳା ସ୍ଫଟିକାକ୍ଷମାଳାଧାରିଣୀ ମହାସରସ୍ୱତୀ ରୂପେ ପରିକଳ୍ପିତା ହୋଇଥିଲେ ହେଁ ଚତୁର୍ଭୁଜା । ଉଭୟ ପୀଠଦେବୀ ଦୁର୍ଗା ଓ ବାଗ୍ଦେବୀଙ୍କର ସମନ୍ୱିତ ବିଗ୍ରହ ରୂପେ କଳ୍ପିତ ହେଲେ ହେଁ ସାରଳା ବନଦୁର୍ଗା ମନ୍ତ୍ରରେ ପୂଜା ପାଉଥିବା ସ୍ଥଳେ ବିମଳା ଭୁବନେଶ୍ୱରୀ ମନ୍ତ୍ରରେ ଉପାସିତା ହୁଅନ୍ତି ।

ବାଣପୁରର ପ୍ରସିଦ୍ଧ ଦେବୀ ଭଗବତୀ ଭକ୍ତମାନଙ୍କୁ ସିନ୍ଦୂରମଣ୍ଡିତ ମୁଖୀ ସ୍ୱର୍ଣ୍ଣନିର୍ମିତ ଜିହ୍ୱାଧାରିଣୀ ରୂପେ ଦର୍ଶନ ଦେଉଥିଲେ ହେଁ ପ୍ରକୃତରେ ଅଷ୍ଟଭୁଜା ଦୁର୍ଗା ମୂର୍ତ୍ତି । ତାଙ୍କର ଗୋଟିଏ ପାଦ ସିଂହ ଉପରେ ଓ ଅନ୍ୟ ପାଦଟି ମହିଷାସୁର ଉପରେ ରହିଛି । ଅଷ୍ଟଭୁଜ ମଧ୍ୟରୁ ଛଅଟିରେ ଖଡ୍ଗ, ସର୍ପ, ଧନୁ, ଅଙ୍କୁଶ, ଶଙ୍ଖ, ଚକ୍ର ଧାରଣ କରିଥିବା ଦେବୀ ଅନ୍ୟ ଦୁଇ ହସ୍ତରେ ଧାରଣ କରିଥିବା ଶୂଳ ଦ୍ୱାରା ମହିଷର ବକ୍ଷ ବିଦ୍ଧ କରିଛନ୍ତି ।

> *ଗୁଣୁପୁରର ପ୍ରାଚୀନ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଏକ କ୍ଷୁଦ୍ର ମନ୍ଦିରରେ ବହୁ ପ୍ରାଚୀନ କାଳରୁ ଚତୁର୍ଭୁଜା ମହିଷମର୍ଦ୍ଦିନୀ ମୂର୍ତ୍ତି କନକଦୁର୍ଗା ରୂପେ ସ୍ଥାପିତା ହୋଇ ପୂଜା ପାଉଛନ୍ତି । ଅଷ୍ଟଧାତୁରେ ନିର୍ମିତ ଏହି ଦେବୀ ମୂର୍ତ୍ତିର ପାର୍ଶ୍ୱରେ ଥିବା ଖଡ୍ଗ ଓ ସମ୍ମୁଖରେ ଥୁଆ ହୋଇଥିବା ପିତ୍ତଳର ବିରାଟ ଦୀପରୁଖାରେ ଜଳୁଥିବା ଦୀପର ଆଲୋକ ଦର୍ଶକ ମନରେ ଭୟ ସଞ୍ଚାର କରିଥାଏ ।*

ଅରଣ୍ୟ ଘେରା ପାହାଡ଼ ଉପରେ ଆରାଧିତା ନାରାୟଣୀ ନାମରେ ପ୍ରସିଦ୍ଧ ଦେବୀ ମଧ୍ୟ ସିଂହ ଓ ମହିଷାସୁର ଉପରେ ପାଦ ରଖିଥିବା ଦଶଭୁଜା ଦୁର୍ଗା । କୋଣାର୍କଠାରୁ ଅଦୂରବର୍ତ୍ତୀ ସମୁଦ୍ର ତଟରେ ଆରାଧିତା ଦେବୀ ରାମଚଣ୍ଡୀ ସିଂହାସନରେ ଆରୋହଣ କରିଥିବା ସତ୍ତ୍ୱେ ମହିଷାସୁରକୁ ଶୂଳବିଦ୍ଧ କରିଥିବା ଦଶଭୁଜା ଦୁର୍ଗା ।

ଭୁବନେଶ୍ୱରର ବିନ୍ଦୁସାଗର କୂଳରେ ଥିବା ଦ୍ୱାରବାସିନୀ ମନ୍ଦିରରେ ଷଡ଼ଭୁଜା ଦୁର୍ଗା ମୂର୍ତ୍ତି ପୂଜା ପାଆନ୍ତି । ମହାନଦୀର ଉତ୍ତରତଟରେ ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ଭଟ୍ଟାରିକାଙ୍କ ପୀଠର ଅପର ପାର୍ଶ୍ୱରେ ବୈଦ୍ୟେଶ୍ୱରଠାରେ ଏକ ଦୁର୍ଗା ମନ୍ଦିର ରହିଛି ।

ସାଲେପୁର ଅଞ୍ଚଳରେ ଅନେକ ଦେବୀ ମୂର୍ତ୍ତି ଓ ମନ୍ଦିର ଥିବାର ଦେଖାଯାଏ । ମାହାଙ୍ଗା ନିକଟବର୍ତ୍ତୀ ଶୁକ୍ଳେଶ୍ୱରଠାରେ ଏକ କ୍ଷୁଦ୍ର ମନ୍ଦିରରେ ଅଷ୍ଟଭୁଜା ସିଂହବାହିନୀ ଦୁର୍ଗା ପୂଜା ପାଆନ୍ତି । ଭୌମ-ରାଜତ୍ୱ କାଳର ଗୋଟିଏ ମନ୍ଦିରର ଭଗ୍ନ ମୂର୍ତ୍ତିସମୂହ ସଂରକ୍ଷିତ ହୋଇଥିବା ଏକ ଗୃହର ଉଭୟ ପାର୍ଶ୍ୱରେ ଅନ୍ୟ ଦୁଇଟି ମହିଷମର୍ଦ୍ଦିନୀ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି । ନିଜକୁ 'ଦୁର୍ଗାପୁତ୍ର' ବୋଲି ଘୋଷଣା କରିଥିବା ଗଙ୍ଗବଂଶୀ ଶାସକମାନେ ସମ୍ଭବତଃ ଏଠାକାର ପରିବେଶକୁ ଅନୁକୂଳ ମନେ କରି ଏ ଅଞ୍ଚଳରେ ଅନେକ ଶୈବ ଓ ଶାକ୍ତ ମନ୍ଦିର ପ୍ରତିଷ୍ଠା କରିଥିଲେ । ଏଠାରେ ଥିବା ଭଗବତୀ ମନ୍ଦିରରେ ପୂଜା ପାଉଥିବା ଦଶଭୁଜା ଦୁର୍ଗା ମୂର୍ତ୍ତି ଅଦ୍ୟାବଧି ଆବିଷ୍କୃତ ଓଡ଼ିଶାର ସମସ୍ତ ମହିଷମର୍ଦ୍ଦିନୀ ମୂର୍ତ୍ତି ମଧ୍ୟରେ ବୃହତ୍ତମ । ଭୀଷଣାକୃତି ମହିଷାସୁରକୁ ଶୂଳବିଦ୍ଧ କରିଥିବା ପ୍ରାୟ ଦଶ ଫୁଟ ଉଚ୍ଚତାବିଶିଷ୍ଟ ଏହି ବିଗ୍ରହର କେତେକ ଭୁଜ ଏବେ ଭାଙ୍ଗି ପଡ଼ିଲାଣି । ସାଲେପୁରଠାରୁ ଛଅ କିଲୋମିଟର ଦୂର ଚିତ୍ରୋତ୍ପଳା ତଟବର୍ତ୍ତୀ ବଟେଶ୍ୱରଠାରେ ଭଗବତୀ ମନ୍ଦିରରେ ପୂଜା ପାଉଥିବା ତ୍ରିଭଙ୍ଗ ଠାଣିରେ ମହିଷାସୁର ବକ୍ଷରେ ତ୍ରିଶୂଳ ବିଦ୍ଧ କରିଥିବା ଛଅ ଫୁଟ ଉଚ୍ଚ ମହିଷମର୍ଦ୍ଦିନୀ ମୂର୍ତ୍ତି ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ଦୁର୍ଗା ମୂର୍ତ୍ତି ।

ବାଲେଶ୍ୱର ସହରରୁ ପ୍ରାୟ ପନ୍ଦର କିଲୋମିଟର ଦୂରବର୍ତ୍ତୀ ଖଜୁରେଶ୍ୱରଠାରେ ଭଗ୍ନପ୍ରାୟ ଚଣ୍ଡୀ ମନ୍ଦିରରେ ମହିଷାସୁରକୁ ଆକ୍ରମଣ କରୁଥିବା ସିଂହ ଉପରେ ଆରୂଢ଼ା ଅଷ୍ଟଭୁଜା ଦୁର୍ଗାଙ୍କର ପ୍ରାଚୀନ ମୂର୍ତ୍ତି, ପୁଣି ମନ୍ଦିର ପରିସରରେ ଏକ ଦଶଭୁଜା ଦୁର୍ଗା ମୂର୍ତ୍ତି ପ୍ରତିଷ୍ଠିତ ହୋଇଛନ୍ତି । ବାହାନଗାଠାରୁ ପ୍ରାୟ ତେଇଶ କିଲୋମିଟର ଦୂରବର୍ତ୍ତୀ ସମୁଦ୍ରକୂଳରୁ ଅଳ୍ପ

ଦୂରରେ ଅବସ୍ଥିତ ଅଭଣା ନାମକ ସ୍ଥାନ ଦେବୀ ବ୍ରାହ୍ମଣୀଙ୍କ ପାଇଁ ପ୍ରସିଦ୍ଧ ହେଲେ ହେଁ ସେଠାରେ ମହିଷମର୍ଦ୍ଦିନୀ ଦୁର୍ଗାଙ୍କର ପ୍ରତିମା ମଧ୍ୟ ପୂଜା ପାଆନ୍ତି । ମୟୂରଭଞ୍ଜର ବାରିପଦାରେ ଥିବା ଅମ୍ବିକା ମନ୍ଦିର, ବଡ଼ସାହିର ପାଶଚଣ୍ଡୀ ମନ୍ଦିର ପରି ବାଙ୍ଗିରିପୋଷି ଘାଟର କନକଦୁର୍ଗା ମନ୍ଦିର ବେଶ୍ ପ୍ରସିଦ୍ଧ । ସୁଜନଗଡ଼ର ଭୂଧରାଚଣ୍ଡୀ ମନ୍ଦିର ଓ ଭଦ୍ରକ(ଭଦ୍ରକାଳୀ ସାହି)ର ଭଦ୍ରକାଳୀ ମନ୍ଦିର ପରି ଅନେକ ପୀଠରେ ସେହି ଦେବୀମାନେ ପୀଠଦେବୀ ରୂପେ ମୁଖ୍ୟ ଆରାଧ୍ୟା ହୋଇଥିଲେ ହେଁ ତାଙ୍କ ସହିତ କନକଦୁର୍ଗା ମଧ୍ୟ ପୂଜା ପାଇଥା'ନ୍ତି । ଅଯୋଧ୍ୟା ନିକଟବର୍ତ୍ତୀ କଣିସାହିରେ ଥିବା ପ୍ରାଚୀନ ମନ୍ଦିରରେ ଅଷ୍ଟଭୁଜା ଓ ଦଶଭୁଜା ଦୁର୍ଗା ମୂର୍ତ୍ତି ଅଛନ୍ତି । ବର୍ଦ୍ଧନପୁରର ମଣିଗଙ୍ଗେଶ୍ୱର ମନ୍ଦିରର ଜଗମୋହନରେ ଅଷ୍ଟାଦଶଭୁଜା ଦୁର୍ଗା ପୂଜାପାଆନ୍ତି । ଲଙ୍ଗଳେଶ୍ୱର ମନ୍ଦିରରେ ଉମା-ମହେଶ୍ୱରଙ୍କ ସହିତ ମହିଷମର୍ଦ୍ଦିନୀ ଦୁର୍ଗା ମଧ୍ୟ ଆରାଧିତା ହୁଅନ୍ତି । ସୋରୋ ନିକଟବର୍ତ୍ତୀ ମଙ୍ଗଳପୁରରେ ଥିବା ଦୁର୍ଗାଦେବୀ ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ପୂର୍ବରୁ ମଙ୍ଗଳପୁର କିଲାରେ ପୂଜା ପାଉଥିଲେ ବୋଲି ଜଣାଯାଏ । ନିକଟବର୍ତ୍ତୀ କନ୍ଦେଇବିନ୍ଧା ଗ୍ରାମରେ ଏକ ପ୍ରମୁଖ ଶାକ୍ତ ମନ୍ଦିର ରହିଛି, ଯେଉଁଠି ଦୁଇ ସହଚରୀଙ୍କ ସହିତ ଥାଇ ଦଶଭୁଜା ଦୁର୍ଗା ମହିଷର କର୍ତ୍ତିତ ଶରୀରରୁ ବାହାରିଥିବା ରାକ୍ଷସକୁ ବଧ କରୁଥିବା ବିଗ୍ରହ ପୂଜିତ ହୁଅନ୍ତି ।

ଦେବୀ ବିମଳା ଶ୍ରୀକ୍ଷେତ୍ରର କ୍ଷେତ୍ରେଶ୍ୱରୀ ହୋଇଥିଲେ ହେଁ ପୁରୀ ସହର ଭିତରେ ବାଲିସାହି ରାଜ ନଅରରେ ଗଜପତି ବଂଶର ଆରାଧ୍ୟା କନକଦୁର୍ଗା, ନରେନ୍ଦ୍ର ପୁଷ୍କରିଣୀ କୂଳରେ ଜୟଦୁର୍ଗାଙ୍କ ପରି ଅନେକ ମାତୃଶକ୍ତି ପୂଜା ପାଉଥିବାର ଲକ୍ଷ୍ୟ କରାଯାଏ । ମାର୍କଣ୍ଡେଶ୍ୱର ମନ୍ଦିରର ବେଢ଼ା ଭିତରେ ପାର୍ବତୀ ଶ୍ରୀଦୁର୍ଗା ରୂପରେ ବିରାଜିତା । ମନ୍ଦିରର ଭଣ୍ଡାରଘରେ ମଧ୍ୟ ଦୁର୍ଗାଙ୍କର ଅଷ୍ଟଧାତୁ ପ୍ରତିମା ରହିଛନ୍ତି । ଜନ୍ମାଷ୍ଟମୀ ତିଥିରେ ତାଙ୍କୁ ବିଜୁଳି କନ୍ୟା ରୂପେ ପୂଜା କରାଯାଏ । ବାଲିସାହିର ଶ୍ୟାମାକାଳୀ ମନ୍ଦିରରେ ଶ୍ୟାମାକାଳୀଙ୍କ ବିଗ୍ରହ ସହିତ ମା' ଦୁର୍ଗାଙ୍କ ବିଗ୍ରହ ମଧ୍ୟ ପ୍ରତିଷ୍ଠିତ ଅଛନ୍ତି । ଶାରଦୀୟ ଦୁର୍ଗୋତ୍ସବ ସମୟରେ ଶ୍ରୀମନ୍ଦିରରୁ ଦୁର୍ଗା-ମାଧବ ପ୍ରତିମା ଆଠ ଦିନ ଦୋଳମଣ୍ଡପ ସାହିରେ ଥିବା ନାରାୟଣୀ ମନ୍ଦିରକୁ ବିଜେ କରିଥା'ନ୍ତି । ପୁରୀରେ ଥିବା ଜାଗାଘର ବା କୁସ୍ତି-ଆଖଡ଼ାମାନଙ୍କରେ ତଥା ପୁରୀ ନିକଟବର୍ତ୍ତୀ ବ୍ରାହ୍ମଣ ଶାସନମାନଙ୍କରେ ମାତୃଶକ୍ତି ବିଭିନ୍ନ ନାମରେ ପୂଜିତା । ତନ୍ମଧ୍ୟରୁ କେତେକ ସ୍ଥାନରେ ଦେବୀଙ୍କର କନକଦୁର୍ଗା ଓ ବନଦୁର୍ଗା ନାମର ପ୍ରଚଳନ ପରିଲକ୍ଷିତ ହୁଏ । ଖୋର୍ଦ୍ଧା ରାଜବଂଶର ଆରାଧ୍ୟା ଅରୁଣେଇ-ବରୁଣେଇଙ୍କ ଚଳନ୍ତି ପ୍ରତିମା ଜୟଦୁର୍ଗା ଓ କନକଦୁର୍ଗା ପୁରୋହିତଙ୍କ ଗୃହରେ ପୂଜା ପାଆନ୍ତି ।

ପ୍ରତ୍ନତାତ୍ତ୍ୱିକ ମହତ୍ତ୍ୱସମ୍ପନ୍ନ ପ୍ରାଚୀ-ଉପତ୍ୟକାରେ ଦ୍ୱିଭୁଜାଠାରୁ ଦ୍ୱାଦଶଭୁଜା ପର୍ଯ୍ୟନ୍ତ ଅନେକ ଦୁର୍ଗା ମୂର୍ତ୍ତି ପୂଜା ପାଇଥା'ନ୍ତି । କାକଟପୁର ନିକଟବର୍ତ୍ତୀ ସୋମେଶ୍ୱରଠାରେ ଦ୍ୱିଭୁଜା, ମୋତିଆ ଓ ମାଧବ ଗ୍ରାମରେ ଚତୁର୍ଭୁଜା, ଅସ୍ତରଙ୍ଗଠାରେ ଷଡ଼ଭୁଜା, ମଙ୍ଗଳପୁର ଓ ଅମଣକୁଦଠାରେ ଅଷ୍ଟଭୁଜା ଦୁର୍ଗା ପୂଜା ପାଆନ୍ତି । ମାତ୍ର ମୁଖ୍ୟତଃ ଦଶଭୁଜା ଦୁର୍ଗାଙ୍କର ଆରାଧନା କରାଯାଉଥିବାରୁ ଅଡ଼ସପୁର, ଅମ୍ବାପଡ଼ା, ପିତାପଡ଼ା, ଦଳାବାଦ, ନିବାରଣ, ସୋମେଶ୍ୱର, ଲତାହରଣ ଆଦି ସ୍ଥାନରେ ଏହି ଦେବୀଙ୍କର ପୀଠ ପ୍ରତିଷ୍ଠିତ ହୋଇଛି । ନିଆଳିର ଶୋଭନେଶ୍ୱର ମନ୍ଦିରରେ ଦଶଭୁଜା ଦୁର୍ଗା ପାର୍ଶ୍ୱଦେବୀ ରୂପେ ସ୍ଥାପିତା ହୋଇଛନ୍ତି ।

ଢେଙ୍କାନାଳ ଜିଲାର କୁଆଲୋ (ପ୍ରାଚୀନ ଶୁଲ୍କୀ ରାଜବଂଶର ରାଜଧାନୀ କୋଦାଳକ)ଠାରେ ଦଶଭୁଜା ମହିଷମର୍ଦ୍ଦିନୀ ବିଗ୍ରହ କନକଦୁର୍ଗା ନାମରେ ପୂଜିତା ହୁଅନ୍ତି । କନକେଶ୍ୱର ମନ୍ଦିରର ପାର୍ଶ୍ୱଦେବତା ରୂପେ ଅଷ୍ଟଭୁଜ ବିଶିଷ୍ଟା ମହିଷମର୍ଦ୍ଦିନୀ ଦୁର୍ଗା ସ୍ଥାନ ପାଇଛନ୍ତି । ନାଧରାର ରାମଚଣ୍ଡୀ ମନ୍ଦିରରେ ପୂଜିତା ଦଶଭୁଜା ଦୁର୍ଗା ତାଳଚେରର ରାଠୋର ବଂଶୀୟ ରାଜାମାନଙ୍କର ଇଷ୍ଟଦେବୀ ଥିଲେ ବୋଲି ଜଣାଯାଏ । ଶିଖରେଶ୍ୱର ମନ୍ଦିରର ପାର୍ଶ୍ୱ ଭାଗରେ ଏକ ମହିଷମର୍ଦ୍ଦିନୀ ମୂର୍ତ୍ତି ଗଙ୍ଗାମାତା ନାମରେ ପୂଜା ପାଉଛନ୍ତି ଓ ଅନ୍ୟ ଏକ ପ୍ରକୋଷ୍ଠରେ ମଧ୍ୟ ଅନୁରୂପ ଧରଣର ଏକ ସୁନ୍ଦର ମୂର୍ତ୍ତି ରହିଛି । ଅନୁଗୁଳ ଜିଲାର ତଳମୂଳର ଅଷ୍ଟଭୁଜା ମହିଷମର୍ଦ୍ଦିନୀ ବେଶ୍ ପ୍ରସିଦ୍ଧ । ଦୁର୍ଗାପୁରର ଭଗବତୀ ଏ ଅଞ୍ଚଳରେ ମାତୃଶକ୍ତିଙ୍କର ଅନ୍ୟାନ୍ୟ ଅନେକ ରୂପ ମଧ୍ୟରେ ପୂଜା ପାଉଥିବାର ଦେଖାଯାଏ ।

ନାଗବଂଶର ଇଷ୍ଟଦେବୀ ମାଣିକେଶ୍ୱରୀ ଏ ଯାବତ୍ ଭବନୀପାଟଣା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ରୂପେ ପୂଜା ପାଇଆସୁଛନ୍ତି । ତଥାପି କଳାହାଣ୍ଡିର ପ୍ରାଚୀନ ନାଗବଂଶୀ ଶାସକମାନଙ୍କର କୁଳଦେବୀ ଲଙ୍କେଶ୍ୱରୀ ଓ କନକଦୁର୍ଗାଙ୍କର ମନ୍ଦିର ପୂର୍ବତନ ରାଜଧାନୀ ଜୁନାଗଡ଼ଠାରେ ରହିଛି ।

ଗୁଣ୍ଡୁପୁରର ପ୍ରାଚୀନ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଏକ କ୍ଷୁଦ୍ର ମନ୍ଦିରରେ ବହୁ ପ୍ରାଚୀନ କାଳରୁ ଚତୁର୍ଭୁଜା ମହିଷମର୍ଦ୍ଦିନୀ ମୂର୍ତ୍ତି କନକଦୁର୍ଗା ରୂପେ ସ୍ଥାପିତା ହୋଇ ପୂଜା ପାଉଛନ୍ତି । ଅଷ୍ଟଧାତୁରେ ନିର୍ମିତ ଏହି ଦେବୀ ମୂର୍ତ୍ତିର ପାର୍ଶ୍ୱରେ ଥିବା ଖଡ୍ଗ ଓ ସମ୍ମୁଖରେ ଥୁଆ ହୋଇଥିବା ପିତ୍ତଳର ବିରାଟ ଦୀପରୁଖାରେ ଜଳୁଥିବା ଦୀପର ଆଲୋକ ଦର୍ଶକ ମନରେ ଭୟ ସଞ୍ଚାର କରିଥାଏ । ଏହି ମନ୍ଦିର ସାରାବର୍ଷ ବନ୍ଦ ରହିଥାଏ । କେବଳ ଦଶହରା ଓ ଚୈତ୍ରପର୍ବ ଅବକାଶରେ ସାତଆଠ ଦିନ ପାଇଁ ଖୋଲିଥାଏ । ଜଣେ କାନ୍ୟକୁବ୍ଜ-ବ୍ରାହ୍ମଣବଂଶୀୟ ଶାସ୍ତ୍ରଜ୍ଞ ବ୍ରାହ୍ମଣ ଏହି ଦେବୀଙ୍କର ପୂଜାବିଧି ସମ୍ପାଦନ କରିଥା'ନ୍ତି ।

ସୋନପୁରଠାରେ ତେଲନଦୀ କୂଳରେ ଥିବା ସୁରେଶ୍ୱରୀ ମନ୍ଦିରରେ ପୂଜିତା ଅଷ୍ଟଭୁଜା ମହିଷମର୍ଦ୍ଦିନୀ ଦୁର୍ଗା ସୋମବଂଶୀ ରାଜାମାନଙ୍କ ରାଜତ୍ୱ କାଳରେ ସୁବର୍ଣ୍ଣପୁରର ଇଷ୍ଟଦେବୀ ରୂପେ ଉପାସିତା ହେଉଥିଲେ । ପରବର୍ତ୍ତୀ କାଳରେ ଚୌହାନ ବଂଶୀ ରାଜା ଅଚଳ ସିଂହ ଏହି ମନ୍ଦିର ନିର୍ମାଣ କରି ସେହି ପ୍ରତିମାକୁ ଏଠାରେ ଅଧିଷ୍ଠିତ କରାଇଥିଲେ । ଏହି ଦେବୀଙ୍କ ନିକଟରେ ପ୍ରତ୍ୟହ ମାଛ ଭୋଗ ଲାଗିଥାଏ ।

ଐତିହାସିକମାନେ ଗବେଷଣାଲବ୍ଧ ତଥ୍ୟକୁ ଆଧାର କରି ପ୍ରକାଶ କରିଛନ୍ତି ଯେ ଓଡ଼ିଶାରେ ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ଦ୍ୱିଭୁଜା ଓ ଚତୁର୍ଭୁଜା ଦୁର୍ଗା

ମୂର୍ତ୍ତି ପ୍ରତିଷ୍ଠିତ ହୋଇଥିଲେ । ଶୈଳୋଭବ ବଂଶର ରାଜତ୍ୱ କାଳରେ ଷଡ଼ଭୁଜା ଦୁର୍ଗା ମୂର୍ତ୍ତି ପ୍ରତିଷ୍ଠାର ପ୍ରଚଳନ ହେଲା । ଅଷ୍ଟମ-ନବମ ଶତାବ୍ଦୀରେ ଅଷ୍ଟଭୁଜା ଓ ଦଶମ ଶତାବ୍ଦୀଠାରୁ ଦଶ ଓ ତତୋଽଧିକ ଭୁଜବିଶିଷ୍ଟା ଦୁର୍ଗା ମୂର୍ତ୍ତି ପ୍ରତିଷ୍ଠିତ ହେଲେ । ଷୋଡ଼ଶ ଶତାବ୍ଦୀର ଶେଷ ବେଳକୁ ଭୋଇ ବଂଶର ରାଜଗୁରୁ ବର୍ଦ୍ଧନ ମହାପାତ୍ର ଦୁର୍ଗା ଉପାସନାର ମନ୍ତ୍ର-ଯନ୍ତ୍ରାଦିର ସଂଗ୍ରହକରି 'ଦୁର୍ଗୋତ୍ସବ ଚନ୍ଦ୍ରିକା' ନାମକ ଏକ ଗ୍ରନ୍ଥ ରଚନା କଲେ । ଦୁର୍ଗା ପୂଜା ବିଧିର ଶାସ୍ତ୍ରୀୟ ନିର୍ଦ୍ଦେଶମାନ ଏହି ଗ୍ରନ୍ଥରେ ରହିଛି ।

ପରବର୍ତ୍ତୀ କାଳରେ ଓଡ଼ିଶାରେ ଶାରଦୀୟ ତଥା ବାସନ୍ତିକ ଉଭୟ ଦୁର୍ଗୋତ୍ସବ ବିଧି-ବିଧାନ ସହକାରେ ପାଳିତ ହେଉଥିବା ସର୍ବବିଦିତ । ପ୍ରସ୍ତର ଅଥବା ଧାତୁରେ ନିର୍ମିତ ଦୁର୍ଗା ମୂର୍ତ୍ତିମାନ ବିଭିନ୍ନ ପୀଠରେ କାହିଁ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି । ଅସ୍ଥାୟୀ ପୂଜା-ମଣ୍ଡପମାନଙ୍କରେ ପ୍ରତି ବର୍ଷ ମୃଣ୍ମୟୀ ପ୍ରତିମାମାନ ନିର୍ମାଣ କରାଯାଉଛି । ସାର୍ବଜନୀନ ଦୁର୍ଗା ପୂଜାର ପରମ୍ପରା ମଧ୍ୟ ବହୁ କାଳରୁ ପ୍ରଚଳିତ ହୋଇଛି । ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇପାରେ ଯେ ଶ୍ରୀକ୍ଷେତ୍ରରେ ଦୁର୍ଗାପୂଜା ଉତ୍ସବକୁ 'ଗୋସାଣୀ ଯାତ' କୁହାଯାଏ । ଶ୍ରୀମନ୍ଦିରର ଦକ୍ଷିଣ-ପୂର୍ବ କୋଣରେ ପୀଠାଧିଶ୍ୱରୀ ମା' ବିମଳାଙ୍କର ପ୍ରତିନିଧି ମୃଣ୍ମୟୀ ମୂର୍ତ୍ତି ରୂପେ ମା' କାକୁଡ଼ିଖାଇ ପୂଜା ପାଆନ୍ତି । କାକୁଡ଼ିଖାଇଙ୍କୁ ଆଦ୍ୟାଶକ୍ତିସ୍ୱରୂପିଣୀ ମା' ଦୁର୍ଗା ରୂପେ ଗ୍ରହଣ କରି ଅନ୍ୟ ସମସ୍ତ ମୃଣ୍ମୟୀ ପ୍ରତିମାଙ୍କୁ ଗୋସାଣୀ ବୋଲି ମନେ କରାଯାଏ । ଦେବୀ ମହିଷାସୁର ସହିତ ଯୁଦ୍ଧ କଲାବେଳେ ଅସୁରର ମାୟାଜାଲ ଭେଦ କରି ଯୁଦ୍ଧରେ ସହାୟତା କରିବା ପାଇଁ ନିଜ ଶରୀରରୁ ଚଣ୍ଡୀ, ଚାମୁଣ୍ଡା, ଗୋସାଣୀ ଆଦି ଉପଶକ୍ତି ଜାତ କରିଥିଲେ ବୋଲି ପାରମ୍ପରିକ ବିଶ୍ୱାସ ରହିଛି । ମା' କାକୁଡ଼ିଖାଇଙ୍କ ମୃଣ୍ମୟୀ ପ୍ରତିମା ଦଶହରା ନିଶାର୍ଦ୍ଧରେ ବିସର୍ଜିତ ହେଉଥିବାବେଳେ ଅନ୍ୟ ଗୋସାଣୀ ମୂର୍ତ୍ତିମାନ ଏକାଦଶୀ ତିଥିରେ ବିସର୍ଜନ କରାଯାଏ ।

ଏବେ ପଲ୍ଲୀଠାରୁ ନଗର ପର୍ଯ୍ୟନ୍ତ ସବୁଠାରେ ଦୁର୍ଗା ପୂଜା, ବିଶେଷତଃ ଶାରଦୀୟ ଦୁର୍ଗାପୂଜା ପ୍ରତିବର୍ଷ ମହା ସମାରୋହରେ ଓ ମହାନନ୍ଦରେ ପାଳିତ ହେଉଛି । ତେବେ ଦୁର୍ଗା ପୂଜାର ବ୍ୟପଦେଶରେ ସାଧାରଣ ଜନତା ଓ ଦୁର୍ବଳ ଶ୍ରେଣୀର ମଣିଷଙ୍କ ପ୍ରତି ଅମାନୁଷିକ ବ୍ୟବହାର ପ୍ରଦର୍ଶନର ଅନେକ ମର୍ମଦାହୀ ସମ୍ବାଦ ମଧ୍ୟ ଗୋଚରକୁ ଆସୁଛି । ଦୁର୍ଗା ଦୁର୍ଗତିନାଶିନୀ । ତାଙ୍କର ମହିମା ସ୍ମରଣ କରି ଏସବୁରୁ କ୍ଷାନ୍ତ ହେବାର ସଦ୍‌ବୁଦ୍ଧି ଉଦୟ ହେଲେ ସମାଜ ଅନେକ ପରିମାଣରେ ଦୁର୍ଗତିରୁ ରକ୍ଷା ପାଆନ୍ତା । ■■■

ସ୍ୱସ୍ତିକ, ତେଲେଙ୍ଗା ବଜାର, କଟକ-୭୫୩୦୦୯
ଦୂରଭାଷ : ୯୯୩୭୬୭୨୦୫୨

THE TASTE OF NEW INDIA
www.bharatmasala.in
BHARAT
MASALA
AN ISO 9001 : 2015 & HACCP CERTIFIED COMPANY
Turmeric Powder
RED CHILLI POWDER
Curry
Chicken
Meat
Garam
HING
GARAM MASALA
Sharbati Atta
BESAN
Vermicelli
Papad
Sagoo
SOYA CHUNKS
DOWNLOAD OUR
BHARAT MASALA
APP NOW
GET IT ON
Google Play
JAY BHARAT SPICES PVT. LTD.
Ramdaspur Industrial Estate, IDCO Plot No.2, Ramdaspur, Cuttack-754006, Odisha, India
E-mail : jbspl@bharatmasala.in | Website : www.bharatmasala.in
Toll Free No. : 1800 345 1138

bona fide YUVODAYANS - Now and Always
YUVODAYA
NON-NEGOTIABLE ACADEMICS
NIT, ROURKELA JEE MAIN: 97.09 ROSHAN MAHAPATRA
IIT (BHU) JEE MAIN: 97.22 OM SAI S. BISWAL
IIT (BHU) JEE MAIN: 99.32 PRAVEENN PATRO
IIT (KHARAGPUR) JEE MAIN: 99.57 AYUSH NAYAK
IIT (DHANBAD) JEE MAIN: 96.68 RACHIT PADHAN
IIT (DHANBAD) JEE MAIN: 99.54 ASHUTOSH PATI
NIT, ROURKELA JEE MAIN: 96.36 MANORANJAN PADHAN
NIT, ROURKELA JEE MAIN: 95.41 ARADHANA SAHU
IIT & NIT ENTRIES - 2024
675 ROSHAN 676 PAYAL 677 SUBHAM 680 SUJAL 685 TULESWAR 690 ASHUTOSH FRESHER 692 ARYAN 691 RINKY 685 PRIYABRATA 684 DEVARPITA 680 KIRTIRAJ 677 SPANDITA 675 SIDDHANT
NEET - 2024 TOP RANKERS
96.80% PRAVEEN KU. PATRO
95.00% KRISHNANS MISHRA
95.00% S P PULAKIT BARIK
94.60% SAISRITA JENA
92.80% DEBASHISH JOSHI
92.40% KRISHNA S. MISHRA
92.20% ARYAN KUMAR JOSHI
91.80% AYUSH NAIK
91.40% RAJDEEP NANDA
91.20% RITTU RATH
91.00% K. DHARMESH
90.80% SHREYANSHI BOHIDAR
90.60% MAHESWAR BAL
90.60% SHUBHAM BARIK
90.40% SMARAK S. BARIK
90.40% ASHISH ROUT
90.40% JASHOBANTA BISWAL
CBSE - XII (SC.) TOPPERS - 2024
1 STATE NEET & AIIMS TOPPER - 2019 ASHUTOSH AIIMS BHUBANESWAR
1 STATE PCM TOPPER (CHSE) - 2018 LAULESH IIT GUWAHATI PCM: 297/300
1 WESTERN ODISHA TOPPER - 2021 STATE NEET RANK 5 SOUMESH AIIMS BHUBANESWAR 690 FRESHER
1 WESTERN ODISHA TOPPER - 2021 STATE CHSE RANK 8 JYOTI IIT MADRAS (JEE-ADV.)
1 WESTERN ODISHA NEET TOPPER - 2023 FRESHER SATYAM AIIMS BHUBANESWAR 680
CENTRE OF EXCELLENCE
MEDICAL IIT-JEE
YUVODAYA
EXCLUSIVE CENTRE FOR ONE YEAR PREPARATION
FOR ONE YEAR COURSE
BHUBANESWAR - Jayadev Vihar 9437330577 / 7381064208
BALANGIR - Shanti Pada 9777884488 / 9938086842
SIP
Integrated XI - XII (Science)
CBSE CURRICULUM
Residential & Day-Boarding
BHUBANESWAR : NEW AIRPORT SQUARE, UNIT 6, EKAMRA MARG 9937438936 / 9040064200
BERHAMPUR : UTKAL ASHRAM ROAD, OPP. PANI TANKI 9777765444 / 8658265444
BALANGIR : HATISAL PADA, NEAR TREASURY OFFICE 9777884488 / 9938086842

ମାତୃ ଉପାସନାର ପର୍ବ

ଡ. ସାରଦା ପ୍ରସାଦ କର

ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପକ ହୋଇଥିଲେ ହେଁ ଓଡ଼ିଆ ସାହିତ୍ୟ ପ୍ରତି ରହିଛି ତାଙ୍କର ଅନୁରକ୍ତି । ଧର୍ମ, ସଂସ୍କୃତି, ପରମ୍ପରା ଉପରେ ଉପରେ ଗବେଷଣା ଜାରି ରଖିଛନ୍ତି । ବାଗ୍ମୀ, ପ୍ରବଚକ ଭାବରେ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ।

ଏ ସୃଷ୍ଟି ହେଉଛି ମାତୃମୟ । ମାଟିଠାରୁ ଆକାଶ ଯାଏ ପରିବ୍ୟାପ୍ତ ମାଆର ଅଭୟ ପଣତକାନି । ଯାହାଙ୍କର କୃପା କୈବଲ୍ୟରେ ପ୍ରତିଟି ଅନ୍ଧାର ହୁଏ ଆଲୋକମୟ, ପ୍ରତିଟି ଅଙ୍ଗାର ହୁଏ ଅଙ୍ଗୀକାରମୟ ସେହି ଆଦ୍ୟାଶକ୍ତି ଜଗଦମ୍ବା ହେଉଛନ୍ତି ଏ ସମସ୍ତ ଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟର କାରଣ । ତେଣୁ ମାତୃ ଉପାସନା ହିଁ ଶକ୍ତି ଉପାସନା । ଏହି ପ୍ରସଙ୍ଗରେ ଋଗ୍‌ବେଦ ସଂହିତାର ଦଶମ ମଣ୍ଡଳସ୍ଥ ୧୨୫ତମ ସୂକ୍ତ ଯାହା ଦେବୀସୂକ୍ତ ନାମରେ ପ୍ରସିଦ୍ଧ, ପ୍ରମାଣ କରନ୍ତି:–

"ଅହମେବ ବାତ ଇବ ପ୍ରବାମ୍ୟାରଭମାଣା ଭୁବନାନି ବିଶ୍ୱା ।
ପରୋ ଦିବା ପରଏନା ପୃଥିବ୍ୟୈତାବତୀ ମହିନା ସଂବଭୂବ ।"

ଅର୍ଥାତ୍ 'ମୁଁ କାରଣ ରୂପରେ ଏ ବିଶ୍ୱବ୍ରହ୍ମାଣ୍ଡକୁ ସୃଷ୍ଟିକରି କାହାର ପ୍ରେରଣା ବିନା ବାୟୁ ପରି ସର୍ବତ୍ର ପ୍ରବହମାନପୂର୍ବକ ପୃଥିବୀ ଓ ଆକାଶଠାରୁ ଊର୍ଦ୍ଧ୍ୱରେ ମୋର ମହିମା ପ୍ରକଟ କରିଛି ।' ତେଣୁ ଏହା ସୂର୍ଯ୍ୟଚନ୍ଦ୍ର ପରି ସତ୍ୟ ଯେ ଯେଉଁଠାରେ ଶକ୍ତି ସେଠାରେ ସଫଳତା ଅବଶ୍ୟମ୍ଭାବୀ । ମାତୃକୃପା ପ୍ରାପ୍ତହୋଇ ପ୍ରହ୍ଲାଦ ହେଲେ ପରମ ଭାଗବତ, ଭକ୍ତ ଶିରୋମଣି ହେଲେ ହନୁମନ୍ତ, ରାମକୃଷ୍ଣ ହେଲେ ପରମହଂସ, ମହାକବି ହେଲେ କାଳିଦାସ । ସେହିପରି ଭାରତୀୟମାନଙ୍କର 'ବନ୍ଦେମାତରମ୍' ସିଂହରଡ଼ି ହଜେଇ ଦେଇଥିଲା ଗୋରା ସାହେବ୍‌ର ନିଦ । ଏସବୁ ହିଁ ମାତୃ ଉପାସନାର ପରାକାଷ୍ଠା ଯାହା ଆମ ଜୀବନରେ ଭରି ଦିଏ ଦୃଢ଼ ଆତ୍ମବଳ ଓ ଆଗକୁ ଆଗେଇ ଯିବାର ଅଜସ୍ର ପ୍ରତିଶ୍ରୁତି । ଏହି ପରିପ୍ରେକ୍ଷୀରେ ଭାରତୀୟ ସଂସ୍କୃତି ଓ ଧର୍ମ ପରମ୍ପରାରେ ମାତୃ ଉପାସନାର ପର୍ବ ଦୁର୍ଗା ପୂଜାର

ଗୁରୁତ୍ୱ ବେଶ୍ ମହତ୍ତ୍ୱପୂର୍ଣ୍ଣ । 'ଦୁର୍ଗ'ର ଆଭିଧାନିକ ଅର୍ଥ ହେଉଛି ସଙ୍କଟ ବା ବିପଦ । ତେଣୁ ସଂସାରର ସମସ୍ତ ଦୁର୍ଗତିକୁ ମୂଳୋତ୍ପାଟନ କରି ସବୁରି ହୃଦୟରେ ଶାନ୍ତି ଓ ଅଭୟ ଭରି ଦେବାରେ ସମର୍ଥ ବୋଲି ତାଙ୍କର ନାମ ହେଉଛି ଦୁର୍ଗା । ପୁରାଣର ବର୍ଣ୍ଣନାନୁଯାୟୀ ଏକଦା ବ୍ରହ୍ମାଦି ଦେବଗଣ ବିବିଧ ଉପଚାର ଦ୍ୱାରା ମାଆଙ୍କୁ ସନ୍ତୁଷ୍ଟ କରନ୍ତେ ଦୁର୍ଗତିନାଶିନୀ ପ୍ରସନ୍ନ ହୋଇ ଆବିର୍ଭାବ ହେଲେ । ସମସ୍ତ ଦେବଗଣ ବିନମ୍ରତା ପୂର୍ବକ ପ୍ରଶ୍ନକଲେ ହେ ମାଆ! ଏପରି କେଉଁ ଉପାୟ ଅଛି ଯାହାଦ୍ୱାରା ତୁମେ ଯଥା ଶୀଘ୍ର ସନ୍ତୁଷ୍ଟ ହୋଇ ସଙ୍କଟରେ ପଡ଼ିଥିବା ଜୀବକୁ ଉଦ୍ଧାର କରିବ? ଦୟାମୟୀ ଉତ୍ତର ଦେଲେ ଯେ ଦୁର୍ଗାନାମ ଯୁକ୍ତହୋଇ ମୋର ବତିଶଟି ନାମମାଳା ଅଛି ଯାହା 'ଦୁର୍ଗାଦ୍ୱାତ୍ରିଂଶନ୍ନାମମାଳା' ରୂପେ ପ୍ରସିଦ୍ଧ । ଏହାକୁ ଭକ୍ତିଭରେ ପାଠକଲେ ଅବଶ୍ୟ ସଙ୍କଟ ଦୂରୀଭୂତ ହୁଏ । ଏହା କରି ନ ପାରିଲେ କେବଳ ଦୁର୍ଗା ନାମ ହିଁ ମୋ ପାଇଁ ଯଥେଷ୍ଟ ।

"ପ୍ରଭାତେ ଯଃ ସ୍ମରେ ନିତ୍ୟ ଦୁର୍ଗା ଦୁର୍ଗାକ୍ଷର ଦ୍ୱୟଂ
ଆପଦଃ ସ୍ତସ୍ୟ ନଶ୍ୟତି ତମଃ ସୂର୍ଯ୍ୟୋଦୟେ ଯଥା" ।

ଦେବୀଙ୍କର ଅନେକ ନାମ ଥିଲେ ମଧ୍ୟ ଦୁର୍ଗାନାମର ପ୍ରସିଦ୍ଧି ଓ ମାହାତ୍ମ୍ୟ ସ୍ୱତନ୍ତ୍ର । ସେଥିପାଇଁ ମଧୁପାର୍ବଣର ମଧୁମହକରେ ମଧୁକ୍ଷରା ହୁଏ ବସୁନ୍ଧରା । ପ୍ରକୃତି ରାଣୀ ସର୍ବତ୍ର ଆଙ୍କି ଦିଏ ସୁଷମାର ଅଞ୍ଜନ । ଆଶ୍ୱିନ ଆକାଶର ମେଘମାଳାର ପଟୁଆରରେ, କାଶତଣ୍ଡୀ ଫୁଲର ମଉଛବରେ, ପକ୍ଷୀମାନଙ୍କର କାକଳୀରେ, ଚୁଆ ଚନ୍ଦନର ମହମହ ଗନ୍ଧରେ, ଘଣ୍ଟଘଣ୍ଟା ନିନାଦରେ, ସ୍ତୋତ୍ର ମନ୍ତ୍ର ନୀରାଜନାରେ ପଲ୍ଲୀଠାରୁ ନଗରୀଯାଏ ସର୍ବତ୍ର ସଞ୍ଚରିଯାଏ ମା' ଦେବୀ ଦୁର୍ଗାଙ୍କର ଶୁଭାଗମନର ବାର୍ତ୍ତା । ଦେବୀ ଦୁର୍ଗାଙ୍କର ପୂଜୋତ୍ସବ ଭାରତର ଏକ ପ୍ରାଚୀନ ଧର୍ମ ସମ୍ବନ୍ଧୀୟ ପର୍ବ । ଏହି ସାର୍ବଜନୀନ ଉତ୍ସବ ବର୍ଷରେ ଦୁଇଥର ଅନୁଷ୍ଠିତ ହୁଏ । ବସନ୍ତ ଋତୁରେ ଅନୁଷ୍ଠିତ ଦୁର୍ଗା ପୂଜାକୁ ବାସନ୍ତୀ ପୂଜା କୁହାଯାଉଥିବା ବେଳେ ଶରତ ଋତୁରେ ଅନୁଷ୍ଠିତ ପୂଜାକୁ ଶାରଦୀୟ ପୂଜା ନାମରେ ନାମିତ କରାଯାଏ । ଆମ ଧାର୍ମିକ ପରମ୍ପରାରେ ନିର୍ଗୁଣ ଉପାସନା ଅପେକ୍ଷା ସଗୁଣ ଉପାସନାର ମହତ୍ତ୍ୱ ଅଧିକ ଥିବାରୁ ବିଭିନ୍ନ ଶକ୍ତିପୀଠରେ ଧାତୁ ଓ ଶିଳା ନିର୍ମିତ ମୂର୍ତ୍ତିର ପୂଜା ଓ ବେଶ ମୂଳାଷ୍ଟମୀଠାରୁ ଦଶହରା ପର୍ଯ୍ୟନ୍ତ ଷୋଡ଼ଶ ଦିନ ବ୍ୟାପୀ ଚାଲେ । ଠିକ୍ ସେହିପରି ମଣ୍ଡପମାନଙ୍କରେ ଥିବା ମୃଣ୍ମୟୀ ମୂର୍ତ୍ତିମାନଙ୍କ ପାଖରେ ଶୁକ୍ଳ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚ ଦିନଧରି ଏହି ପୂଜାବିଧି ଅନୁଷ୍ଠିତ ହୁଏ । ଶୁକ୍ଳ ଷଷ୍ଠୀ ଦିନ ବିଲ୍ୱାଧିବାସ ହେଉଥିବା ବେଳେ ପରବର୍ତ୍ତୀ ତିନିଦିନ ଯଥାକ୍ରମେ

> *"ବଳିପ୍ରଥାର ଦାର୍ଶନିକ ଚିନ୍ତାଧାରା ହେଉଛି ମଣିଷ ଭିତରେ ଥିବା ପଶୁତ୍ୱକୁ, ବିକୃତ ବିଚାରକୁ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଆଦି ଷଡ଼ ରାକ୍ଷସକୁ ନିଃସର୍ତ୍ତ ଭାବରେ ମାଆର ପାଦତଳେ ଉତ୍ସର୍ଗ କରିଦେବା । ତେବେ ଯାଇ ଭୋଗମୁଖୀ ଓ ଅଧୋମୁଖୀ ମଣିଷ ବିପୁଳ ପାରମାର୍ଥିକ ଚେତନାରେ ଊର୍ଦ୍ଧ୍ୱମୁଖୀ ହୋଇପାରିବ । ଏହା ସଦା ବିଚାର୍ଯ୍ୟ ଯେ ଦେବୀଙ୍କର ପୂଜା ମଦ୍ୟ, ମାଂସ, ବ୍ୟସନ ଉତ୍ସବର ତମୋମୟ ପ୍ରକାଶରେ କରାଯାଏନା; ବରଂ ଭାବଭକ୍ତିର ନୈବେଦ୍ୟ ଓ ଅଶ୍ରୁବିନ୍ଦୁରେ ଆବାହନ କରାଯାଏ ।"*

ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ଦେବୀଙ୍କର ବିଶେଷ ପୂଜା ପାଳିତ ହୁଏ । ଶ୍ରୀମାର୍କଣ୍ଡେୟ ପୁରାଣ ମତରେ ଦେବତା ଓ ଅସୁରମାନଙ୍କର ଏକଶତ ବର୍ଷ ବ୍ୟାପୀ ଘୋର ସଂଗ୍ରାମରେ ପରାଜିତ ଦେବଗଣ ବିଷ୍ଣୁଙ୍କର ଶରଣାପନ୍ନ ହୋଇ କହିଲେ ହେ ହରି! "ଶରଣଂ ବଃ ପ୍ରପନ୍ନାଃ ସ୍ମୋ ବଧସ୍ତସ୍ୟ ବିଚିନ୍ତ୍ୟତାମ୍" (ଶ୍ରୀ ଦୁର୍ଗା ସପ୍ତଶତୀ – ୨/୮)

ଦାନବକୁଳ ଅଧିପତି ମହିଷାସୁରର ଅତ୍ୟାଚାରରେ ଭୂଲୁଣ୍ଠିତ ଆଜି ସ୍ୱର୍ଗପୁରୀ । ଉଜୁଡ଼ିଯାଇଛି ନନ୍ଦନ ବନର ଶୋଭା । ମଉଳି ଯାଇଛି ପାରିଜାତର ମହକ । ମେନକା, ଉର୍ବଶୀ ଆଦି ଅପ୍‌ସରାଙ୍କ ଓଠରୁ ଲିଭି ଯାଇଛି ଲଳିତ ଲାବଣ୍ୟ । ପୁରନ୍ଦର ବିତାଡ଼ିତ; ଯମ ଆଜି ଆତଙ୍କିତ; ସୂର୍ଯ୍ୟ ସଙ୍କୁଚିତ; ଅଗ୍ନି ସନ୍ତୁଳିତ । ସେହି ଦୁରାତ୍ମା ମହିଷାସୁର ନିଜେ ଇନ୍ଦ୍ରପୁରୀକୁ କରିଛି କରାୟତ୍ତ । ଦେବତାଙ୍କର ଏ ଆକୁଳ ନିବେଦନ ଶୁଣି ବିଷ୍ଣୁଙ୍କର ଶ୍ରୀମୁଖ କୁଟିଳ ଦିଶିଲା । ଭ୍ରୂଲତା କୁଞ୍ଚିତ ହେଲା । କ୍ରୋଧରେ ବିଷ୍ଣୁ, ଶଙ୍କର ଓ ବ୍ରହ୍ମାଙ୍କ ମୁଖ ଗହ୍ୱରରୁ ଗୋଟିଏ ଗୋଟିଏ ତେଜ ନିର୍ଗତ ହେବା ସହ ସମସ୍ତ ଦେବଗଣଙ୍କ ଶରୀରରୁ ମଧ୍ୟ ତେଜ ନିର୍ଗତ ହୋଇ ଅପୂର୍ବ ଏକ ନାରୀ ମୂର୍ତ୍ତି ଧାରଣ କଲେ । ଦେବତାମାନଙ୍କ ଦୁର୍ଗତି କାଳରେ ସେମାନଙ୍କୁ ଅଭୟ ପ୍ରଦାନ କରିବା ପାଇଁ ଆବିର୍ଭୂତ ହୋଇ ଥିବାରୁ ପିତାମହ ବ୍ରହ୍ମା ନାମ ରଖିଲେ 'ଦୁର୍ଗା' । ସେହି ମାଆ ଦୁର୍ଗା ସକଳ ଦେବଗଣଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଅସ୍ତ୍ରରେ ସଜ୍ଜିତ ହୋଇ ମହିଷାସୁରକୁ ନିଧନ କରି ଜଗତରେ ଶାନ୍ତି ପ୍ରତିଷ୍ଠା କଲେ । ଶରତକାଳୀନ ଏହି ପୂଜାର ଅନ୍ୟ ନାମ ହେଉଛି 'ଅକାଳବୋଧନୀ' ପୂଜା । ତ୍ରେତୟା ଯୁଗରେ ଦଶରଥ ନନ୍ଦନ ପ୍ରଭୁ ଶ୍ରୀରାମଚନ୍ଦ୍ର ଚଉଦ ବର୍ଷ ବନବାସର ପ୍ରାନ୍ତଭାଗରେ ଦୁଷ୍ଟ ରାବଣର ଆସୁରୀ ପ୍ରବୃତ୍ତିକୁ ସଂହାର କରିବାକୁ ଯାଇ ଦେବୀ ଦୁର୍ଗାଙ୍କର ଶରଣାପନ୍ନ ହୋଇଥିଲେ ଓ ଦେବୀଙ୍କର କୃପାରୁ ରାବଣକୁ ନିଧନ କଲେ । ମାଆଙ୍କର ସେହି ବିପୁଳ ବିଭୂତିକୁ ସହସ୍ର ପ୍ରଣାମ ଜଣାଇ ଭକ୍ତି ଓ ଉଲ୍ଲାସ ସହିତ ବିଭିନ୍ନ ପୀଠ ଓ ମଣ୍ଡପମାନଙ୍କରେ ପାଳିତ ହୁଏ ଦୁର୍ଗାପୂଜା ।

ଶ୍ରୀମଦ୍ ଭାଗବତ ମହାପୁରାଣ ଅନୁସାରେ ଦେବୀ ଦୁର୍ଗା ତିନିଟି ରୂପରେ ସମଗ୍ର ସୃଷ୍ଟିକୁ ପରିଚାଳନା କରନ୍ତି । ସେମାନେ ହେଲେ କ୍ରିୟାଶକ୍ତି, ଦ୍ରବ୍ୟ ବା ଆଧାରଶକ୍ତି ଓ ଜ୍ଞାନଶକ୍ତି । କ୍ରିୟାଶକ୍ତିର ପ୍ରତୀକ

ମାଆ ମହାକାଳୀ ହୋଇଥିବା ବେଳେ, ଦ୍ରବ୍ୟଶକ୍ତିର ପ୍ରତୀକ ମହାଲକ୍ଷ୍ମୀ ଓ ଜ୍ଞାନଶକ୍ତିର ପ୍ରତୀକ ମହାସରସ୍ୱତୀ ଅଟନ୍ତି । ଏହି କ୍ରମରେ ବିଚାର କଲେ ପଞ୍ଚଭୂତରେ ଗଢ଼ା ପ୍ରତିଟି ଶରୀର ହେଉଛି ଦ୍ରବ୍ୟ ବା ଆଧାର ଶକ୍ତିର ପ୍ରତୀକ ଯାହାକୁ ମାଆ ମହାଲକ୍ଷ୍ମୀ ଧାରଣ କରିଛନ୍ତି । ଶ୍ରୀଦୁର୍ଗା ସପ୍ତଶତୀରେ ପ୍ରମାଣ ଆସେ :

"ଆଧାରଭୂତା ଜଗତସ୍ତ୍ୱମେକା
ମହୀସ୍ୱରୂପେଣ ଯତଃ ସ୍ଥିତାସି" (ଏକାଦଶ ଅଧ୍ୟାୟ)

ପ୍ରତିଟି ଶରୀର କରୁଥିବା କର୍ମ ହିଁ କ୍ରିୟାଶକ୍ତିର ପ୍ରତୀକ । ଏହା ପ୍ରମାଣ କରେ ଯେ ମାଆ ମହାକାଳୀ ପ୍ରତ୍ୟେକ ଜୀବକୁ କର୍ମ ଦ୍ୱାରା ଚଳଚଞ୍ଚଳ କରାନ୍ତି; କାରଣ କର୍ମ ବିନା ତିଷ୍ଠି ରହିବା ଅସମ୍ଭବ । ଭଗବତ୍ ଗୀତାରେ ପ୍ରମାଣ ମିଳେ:

"ନ ହି କିଂଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟ କର୍ମକୃତ୍"(ତୃତୀୟ ଅଧ୍ୟାୟ)

ସେହିପରି ଜୀବ ଯେତେବେଳେ ବିବେକଯୁକ୍ତ ହୋଇ ଉପଯୁକ୍ତ ବିଚାର ବା ନିର୍ଣ୍ଣୟ କରେ ତାହା ହିଁ ହୁଏ ଜ୍ଞାନଶକ୍ତି ଯାହା ମହାସରସ୍ୱତୀଙ୍କର କୃପା ଦ୍ୱାରା ସମ୍ଭବ ହୁଏ । ଏହି ତିନି ଶକ୍ତିର ସମ୍ମିଳିତ ରୂପ ହିଁ ଦେବୀ ଦୁର୍ଗା । ଦୁର୍ଗା ସପ୍ତଶତୀରେ କଥା ଆସେ ଯେ ମହିଷାସୁରର ଚକ୍ରାନ୍ତ, ଆକ୍ରାନ୍ତରେ ଭାରାକ୍ରାନ୍ତ ହେଲା ତିନିପୁର । ତେବେ କିଏ ଏହି ମହିଷାସୁର? ରାମଚରିତ ମାନସରେ ତୁଳସୀ ଦାସ ଲେଖିଲେ – "ମହାମୋହ ମହିଷେ ସୁବିଶାଳା
ରାମକଥା କାଳୀକା କରାଳା" ।

ମହିଷାସୁର ହେଉଛି ମହା'ମୋହ'ର ପ୍ରତୀକ । ଆମର ସାମାଜିକ ଜୀବନଠୁ ଆରମ୍ଭ କରି ଆଧ୍ୟାତ୍ମିକ ଜୀବନ ପର୍ଯ୍ୟନ୍ତ ସବୁଠି ଆଜି ମହିଷାସୁରର ଉତ୍ପାତ । ଯେତେ ସବୁ ସମସ୍ୟା ମୁଣ୍ଡ ଟେକୁଛି ତା'ର ମୂଳବିନ୍ଦୁ ହେଉଛି ମୋହ । ମୋହର ଅର୍ଥ ନିର୍ବୋଧତା ବା ଅଜ୍ଞାନତା । ଭଲମନ୍ଦର ବିଚାର ନ କରି ବିବେକ ଭ୍ରଷ୍ଟହୋଇ ଯେ ଅନୀତିକୁ ନୀତି, ଅବାଟକୁ ବାଟ ଓ ଅଖାଦ୍ୟକୁ ଖାଦ୍ୟ ବୋଲି ବିବେଚନା କରି ତଦନୁସାରେ କାର୍ଯ୍ୟକରେ ସେହି ହେଉଛି ମୋହଯୁକ୍ତ ମହିଷାସୁର । ଗୋସ୍ୱାମୀ ତୁଳସୀଙ୍କ ଭାଷାରେ "ମୋହ ସକଳ ବ୍ୟାଧିକର ମୂଳା ।" ମୋହ ମଣିଷକୁ ଅନ୍ଧ କରିଦିଏ । ତେଣୁ ତା'ର ବିଚାରଶକ୍ତି ବି ଲୋପ ପାଇଯାଏ । ରାମାୟଣରେ ରାବଣକୁ ଓ ମହାଭାରତରେ ଧୃତରାଷ୍ଟ୍ରଙ୍କୁ ମୋହ ରୂପରେ ଅଭିହିତ କରାଯାଉଥିବାବେଳେ ସାମ୍ପ୍ରତିକ ସମାଜରେ ମହିଷାସୁରଙ୍କର ଅଭାବ ନାହିଁ । ତେବେ କିଏ ଏ ମୋହରୂପକ ମହିଷାସୁରକୁ ନିଧନ କରିବ ? ମା' ସିଂହବାହିନୀ । ଶ୍ରୀଦୁର୍ଗା ସପ୍ତଶତୀରେ ଧ୍ୟାନ ଆସେ:

"ସିଂହସ୍କନ୍ଧାଧିରୂଢାଂ ତ୍ରିଭୁବନମଖିଳଂ ତେଜସା ପୂରୟନ୍ତୀଂ
ଧ୍ୟାୟେଦ୍ ଦୁର୍ଗାଂ ଜୟାଖ୍ୟାଂ ତ୍ରିଦଶପରିବୃତାଂ ସେବିତାଂ ସିଦ୍ଧିକାମୈଃ" ।

କିଏ ଏହି ସିଂହ ? ଆମକୁ ବୁଝିବାକୁ ହେବ ଯେ ଏହି ସିଂହ ହେଉଛି ଇନ୍ଦ୍ରିୟମାନଙ୍କ ମଧ୍ୟରେ ରାଜା ଆମର ମନ । ଦୃଢ଼ ମନୋବଳ, ସାହସ ଓ ଆତ୍ମବିଶ୍ୱାସକୁ ଏକତ୍ରୀକରଣ କରି ମନକୁ ଶୁଦ୍ଧ କରିପାରିଲେ ତା'ରି ଉପରେ ଅଧିଷ୍ଠିତ ହୁଅନ୍ତି ମାଆ ଦୁର୍ଗା ରୂପକ ଜୀବନୀଶକ୍ତି । ଏହି ଜୀବନୀଶକ୍ତି ହିଁ ମୋହ ରୂପକ ମହିଷାସୁରକୁ ମାରି ଜଗତରେ ଶାନ୍ତି ପ୍ରତିଷ୍ଠା କରନ୍ତି । ତେଣୁ ମନକୁ ସ୍ଥିର ଓ ଉର୍ଦ୍ଧ୍ୱମୁଖୀ କରିବାକୁ ହେଲେ ଆମେ ଆମର ପ୍ରତିଟି ଇନ୍ଦ୍ରିୟମାନଙ୍କୁ ଏକତ୍ର ତଥା ଅନ୍ତର୍ମୁଖୀ କରାଇ ପାରମାର୍ଥିକ ଲକ୍ଷ୍ୟରେ କେନ୍ଦ୍ରୀଭୂତ ହେବା ଉଚିତ୍ । ତେବେ ଯାଇ ମନ ଦୃପ୍ତସିଂହ ପରି ଅବିଚଳିତ ହେବ ଓ ଶକ୍ତି ସ୍ୱରୂପା ମାଆଙ୍କୁ ଆରୂଢ଼ କରାଇ ପାରିବ । ଏହି ମହାର୍ଘ ମୂଲ୍ୟବୋଧର ପ୍ରମାଣ ମିଳେ ମହିଷାସୁର ଦ୍ୱାରା ପରାଜିତ ଦେବଗଣଙ୍କଠାରେ । ଯୁଦ୍ଧରେ ପରାହତ ସୁରଗଣ ନିଜ ନିଜ ପାଖରେ ଥିବା ସମସ୍ତ ଶକ୍ତିକୁ ସଂଗ୍ରହ କରି ସଂଘ ଶକ୍ତିର ଚମତ୍କାରିତାକୁ ପ୍ରତିପାଦନ କରିଥିଲେ । ସମସ୍ତ ଦେବତାଙ୍କର ସଂଗୃହୀତ ଶକ୍ତି ଏକୀଭୂତ ହୋଇ ସୃଷ୍ଟି ହେଲେ ମାଆ ଦୁର୍ଗା ଯେ ମହିଷାସୁରକୁ ନିଧନ କଲେ । ତେଣୁ ଦୁର୍ଗା ପୂଜା ସମାଜକୁ ଶିଖାଏ ଏକତାର ମହାମନ୍ତ୍ର । ଓଡ଼ିଆରେ କଥାଟିଏ ଅଛି:

"ଗୋଟିଏ ହାତରେ ପାଞ୍ଚଟି ଅଙ୍ଗୁଳି କେହି ନୁହେଁ କାହା ପରି
ଏକାଠି ହୋଇଲେ ପାଞ୍ଚଜଣଯାକ ପରବତ ଦେବେ ଟାଳି ।"

ଏହା ପ୍ରମାଣ କରେ 'ସଂଘେ ଶକ୍ତି କଳୌ ଯୁଗେ' । ତେଣୁ ସମାଜରେ ସମସ୍ତେ ଆପଣାର ସଂକଳ୍ପ, ସଦ୍‌ବିଚାର ଓ ସଦିଚ୍ଛାକୁ ଏକତ୍ରକରି ଯଦି ସାମୂହିକ କଲ୍ୟାଣ ପଥରେ ଆଗେଇ ପାରିବେ ତେବେ ସକଳ ଆସୁରୀ ଶକ୍ତିର ଅବଶ୍ୟ ନିପାତ ହେବ । ଏହା ହିଁ ଦୁର୍ଗାପୂଜାର ସାରତତ୍ତ୍ୱ । ସାମ୍ପ୍ରତିକ ପରିସ୍ଥିତିରେ ଆମର ବିଚାର ଏପରି ବିପର୍ଯ୍ୟସ୍ତ ହୋଇ ପଡ଼ିଛି ଯେ ଏକମନ, ଏକ ପ୍ରାଣ ହୋଇ ସଂଘବଦ୍ଧ ଭାବରେ କାର୍ଯ୍ୟକରିବା ପ୍ରାୟଶଃ ହୋଇଛି ସାତସପନ । ଗୋଟିଏ କାଠି ଓ ବିଡ଼ାଏ କାଠି ମାଧ୍ୟମରେ ସେଦିନ ବୃଦ୍ଧ ପିତା ନିଜର ପିଲାମାନଙ୍କୁ ଶୁଣାଉଥିବା କାହାଣୀ 'ଏକତାର ବଳ' ଆଜି କେବଳ କାହାଣୀ ଭିତରେ ରହିଯାଇଛି ।

ପରିବାରଠାରୁ ରାଷ୍ଟ୍ର ପର୍ଯ୍ୟନ୍ତ ସବୁଠି କେବଳ କଥା କଟାକଟି ଓ ମନ ଫଟାଫଟି । ଫଳତଃ ମେଦିନୀ ଆଜି ବିଦୀର୍ଣ୍ଣା ଓ ବିବର୍ଣ୍ଣା ।

ଦୁର୍ଗା ପୂଜାରେ ମହାଷ୍ଟମୀର ଶେଷଭାଗ ଓ ମହାନବମୀର ଆଦ୍ୟଭାଗର ସନ୍ଧିକ୍ଷଣକୁ ସନ୍ଧିପୂଜା ନାମରେ ନାମିତ କରାଯାଏ । ଏହି ସମୟରେ ଦେବୀଙ୍କ ନିକଟରେ ବଳିପ୍ରଥା ମଧ ଅନୁସୃତ ହୁଏ । ସମ୍ପ୍ରତି ଭକ୍ତମାନଙ୍କ ମଧ୍ୟରେ ଧାର୍ମିକ ସଚେତନତା ଯୋଗୁଁ ବିଭିନ୍ନ ପୀଠମାନଙ୍କରେ ହୋଇ ଆସୁଥିବା ଛାଗଳ, ମହିଷ ଆଦି ବଳିପ୍ରଥା ଏବେ କ୍ରମଶଃ ବନ୍ଦ ହୋଇ ଆସୁଥିବାବେଳେ ମୃଣ୍ମୟୀ ପ୍ରତିମାଙ୍କ ନିକଟରେ କୁଷ୍ମାଣ୍ଡ, ଭୈରବୀ ପିଷ୍ଟକ ଓ ଅନ୍ୟାନ୍ୟ ଫଳ ବଳି ଦିଆଯାଏ । ତେବେ କ'ଣ ଏ ବଳିର ତାତ୍ପର୍ଯ୍ୟ ? ସତରେ କ'ଣ ମାଆ ତା' ସନ୍ତାନମାନଙ୍କର ରୁଧିର ପାନ କରିବାକୁ ଏତେ ଆକୁଳ! ଆଦି ଶଙ୍କରାଚାର୍ଯ୍ୟ ପ୍ରାର୍ଥନା କଲେ "କୁପୁତ୍ରୋ ଜାୟେତ କ୍ୱଚିଦପି କୁମାତା ନ ଭବତି" । ମାଆ ମମତାମୟୀ, ଦୟାର ଜାହ୍ନବୀ । ସମତା ଓ ମମତାର ମହିମ୍ନ ଗୁଣବତ୍ତାରେ ସେ ପରା ମହୀୟସୀ । ଆପଣା ସନ୍ତାନର ରକ୍ତବିନ୍ଦୁକୁ ସେ ପାନ କରିବ କିପରି ? ବଳିପ୍ରଥାର ଦାର୍ଶନିକ ଚିନ୍ତାଧାରା ହେଉଛି ମଣିଷ ଭିତରେ ଥିବା ପଶୁତ୍ୱକୁ, ବିକୃତ ବିଚାରକୁ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଆଦି ଷଡ଼ ରାକ୍ଷସକୁ ନିଃସର୍ତ୍ତ ଭାବରେ ମାଆର ପାଦତଳେ ଉତ୍ସର୍ଗ କରିଦେବା । ତେବେ ଯାଇ ଭୋଗମୁଖୀ ଓ ଅଧୋମୁଖୀ ମଣିଷ ବିପୁଳ ପାରମାର୍ଥିକ ଚେତନାରେ ଊର୍ଦ୍ଧ୍ୱମୁଖୀ ହୋଇପାରିବ । ଏହା ସଦା ବିଚାର୍ଯ୍ୟ ଯେ ଦେବୀଙ୍କର ପୂଜା ମଦ୍ୟ, ମାଂସ, ବ୍ୟସନ ଉତ୍ସବର ତମୋମୟ ପ୍ରକାଶରେ କରାଯାଏନା; ବରଂ ଭାବଭକ୍ତିର ନୈବେଦ୍ୟ ଓ ଅଶ୍ରୁବିନ୍ଦୁରେ ଆବାହନ କରାଯାଏ ।

ମାର୍କଣ୍ଡେୟ ପୁରାଣରେ ଦେବୀଙ୍କୁ ସ୍ତୁତିକରି କୁହାଯାଇଛି:

"ବିଦ୍ୟାଃ ସମସ୍ତାସ୍ତବ ଦେବୀ ଭେଦାଃ
ସ୍ତ୍ରିୟଃ ସମସ୍ତାଃ ସକଳା ଜଗତ୍ସୁ" ।

ଉପରୋକ୍ତ ପ୍ରାର୍ଥନା ପ୍ରମାଣକରେ ଯେ ସଂସାରର ସମସ୍ତ ନାରୀ ହେଉଛନ୍ତି ଦେବୀଙ୍କର ମଧୁର ପ୍ରତିଛବି । ତେଣୁ ତାଙ୍କୁ ଜାୟା, ମାତୃ, ଲକ୍ଷ୍ମୀ, ଶକ୍ତି ଆଦି ନାମରେ ବନ୍ଦନା କରାଯାଏ । କିନ୍ତୁ ଘୋର ପରିତାପର ବିଷୟ ମାଟିମୂର୍ତ୍ତିକୁ ପୂଜା କଲାବେଳେ ଯେଉଁ ଶ୍ରଦ୍ଧା ଆଉ ଭକ୍ତି ଆମେ ପ୍ରଦର୍ଶନ କରୁ ସେହି ଭାବ ଘରେ ଥିବା ଜୀବନ୍ତ ମାଆ ପ୍ରତି ଯାଏ କୁଆଡ଼େ? ଘରେ ଥିବା ପ୍ରତିଟି ରକ୍ତମାଂସଧାରୀ ମାଆକୁ କନ୍ଦେଇ ଦୁର୍ଗା ପୂଜାରେ ଦୁର୍ଗାଙ୍କୁ ମନ୍ଦାର ମାଳାରେ ବନ୍ଦେଇବାରେ କି ଅର୍ଥ ଅଛି ? ଦୁର୍ଗା ପୂଜାର ମୌଳିକ ମୂଲ୍ୟବୋଧ ହେଉଛି ମାତୃଜାତିକୁ ସମ୍ମାନ ଓ ଆଦର କରିବା । ସେ କନ୍ୟା ହେଉ ଅବା ଭଗିନୀ, କୁଳବଧୂ ହେଉ ଅବା ଜନନୀ - ପ୍ରତ୍ୟେକ ନାରୀ ହେଉଛନ୍ତି ପ୍ରକୃତି ସ୍ୱରୂପା ନାରାୟଣୀ । ଏକଥା ସତ୍ୟ ଯେ ପ୍ରକୃତି ହସିଲେ ଧରାରେ ପ୍ରେମ ଫୁଲ ଫୁଟେ, ଆଉ କାନ୍ଦିଲେ ଧ୍ୱଂସର ଲହରୀ ଉଠେ । ଆମ ସଂସ୍କୃତିରେ ଦୁଇ ପ୍ରଧାନ ଗ୍ରନ୍ଥ ରାମାୟଣ ଓ ମହାଭାରତ ଟିକେ ପଢ଼ୁ ନାହାନ୍ତି ! ରାମାୟଣରେ ଅସହାୟ ସୀତା ଠାକୁରାଣୀ ଅଶୋକ ବାଟିକାରେ କାନ୍ଦିଲେ । ଫଳତଃ ଲଙ୍କା କଟକ ପାଉଁଶ ହୋଇଗଲା । ସେହିପରି ମହାଭାରତରେ ନିଃସହାୟା ଯାଜ୍ଞସେନୀ କୁରୁସଭାରେ କାନ୍ଦିଲେ । ଫଳତଃ କୌରବ କୁଳ ଧ୍ୱଂସ ହୋଇଗଲା ।

ଆମ ସମାଜରେ ମଧ୍ୟ ଏପରି ଉଦାହରଣର ଅଭାବ ନାହିଁ ଯେଉଁଠି ଅସହାୟ ନାରୀଟିଏ ନିଜ ଅଧିକାରରୁ ବଞ୍ଚିତା ହୋଇ ଗୁମୁରି ଗୁମୁରି କାନ୍ଦୁଛି । ନା ମରଦର ଅଛି ଦରଦ, ନା କାହାର କିଛି ଆହା ପଦ । ଭ୍ରୁଣହତ୍ୟା, ଯୌତୁକ ନିର୍ଯାତନା, ବଳାତ୍କାର ଆଦି ବର୍ବର ମାନସିକତାର ମାଳମାଳ ଚିତ୍ର ଦେଖିଲେ ନାରାୟଣୀ ନମୋସ୍ତୁତେ କହିବାକୁ ନିଜକୁ ସଙ୍କୋଚ ଲାଗୁଛି । ମନରେ ପ୍ରଶ୍ନ ଉଙ୍କି ମାରୁଛି ଏହି କ'ଣ ପ୍ରକୃତ ମାତୃ ଉପାସନା ? ଯେଉଁଠି ମାତୃ ଜାତି ଅବହେଳିତା, ଖଣ୍ଡବିଖଣ୍ଡ ଭାରତ ମାତା, ଗଙ୍ଗା ଆଦି ନଦୀ ପ୍ରଦୂଷିତା, ଗୋମାତା ଅତ୍ୟାଚାରିତା ସେଠାରେ ପୂଜା, ବାଜା ଓ ସାଜସଜ୍ଜାର ଅର୍ଥ କେବଳ ଶସ୍ତା ପ୍ରଦର୍ଶନ ସିନା ହୋଇପାରେ; କିନ୍ତୁ ଦୁର୍ଗା ପୂଜାର ଅସଲି ଦର୍ଶନ ନୁହେଁ । ଏକଥା ମନେ ରଖିବା ଉଚିତ୍ ଯେ ନାରୀ କେବଳ ସୁହାସିନୀ ନୁହେଁ ବରଂ କ୍ଷେତ୍ର ବିଶେଷରେ ଅଟ୍ଟହାସିନୀ ମଧ୍ୟ । ସେ କେବଳ ଅଙ୍କଶାୟିନୀ ନୁହେଁ, ପରିସ୍ଥିତି ପଡ଼ିଲେ ଅଙ୍କୁଶଧାରିଣୀ ମଧ୍ୟ । ସେ ଖାଲି ପୁଂଷଭୋଗ୍ୟା ପଣ୍ୟଦ୍ରବ୍ୟ ନୁହେଁ, ପରନ୍ତୁ ସ୍ୱୟଂସିଦ୍ଧା ସଂପୂର୍ଣ୍ଣା । ତେଣୁ "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟତେ ରମନ୍ତେ ତତ୍ର ଦେବତା" । ଏହା ହିଁ ମାତୃ ଉପାସନାର ମୂଳବିନ୍ଦୁ ।

ଆଜି ଯେତେବେଳେ ଚାରିଆଡ଼େ ଅଶାନ୍ତିର ଅନଳ, ହିଂସାର ପ୍ରାବଲ୍ୟ, କୌରବଙ୍କ ରେ ରେ କାର, ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ଏ ମାଟି ଚାହିଁ ରହିଛି ତୁମ ଆସିବା ପଥକୁ, ଶୀତଳ ସାନ୍ତ୍ୱନାକୁ, କୋମଳ କରୁଣାକୁ ଓ ଦୟାର ଦୟଣାକୁ । ତେବେ ଯାଇ ପ୍ରତିଟି ମଣ୍ଡପରେ ବାଜି ଉଠିବ ଚେତନାର ଶୁଭ ଶଙ୍ଖ ଆଉ ଗୁଞ୍ଜରି ଉଠିବ ମନ୍ତ୍ର–

"ଯା ଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ" । ■■■

ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଦୂରଭାଷ : ୯୪୩୭୦୧୩୧୬୨



8339933399
0671-2446888
0674-2961999
Pests are Harmful for your HEALTH.
"APMT" stands as a barrier between Pests & Your Health.
APMT
PEST FOR YOUR HEALTH
OUR SERVICES
TERMITE MANAGEMENT SERVICE
COCKROACH MANAGEMENT SERVICE
RODENT MANAGEMENT SERVICE
FLY MANAGEMENT SERVICE
MOSQUITO MANAGEMENT SERVICE
SPIDER MANAGEMENT SERVICE
BED BUG MANAGEMENT SERVICE
COMMODITY PEST MANAGEMENT SERVICE
LIZARD MANAGEMENT SERVICE
ANT MANAGEMENT SERVICE
In Association with and approved by :
IPCA
ACTIVE MEMBER
MSME
NSIC
CERTIFIED ISO COMPANY
NIPHM
TRAINED
AMARNATH PEST MANAGEMENT TECHNOLOGY
PLOT NO.-1211, MAHANADI VIHAR, PO-NAYA BAZAR, DIST.-CUTTACK, PIN-753004, ODISHA
E-MAIL ID : info@apmt.co.in / support @apmt.co.in, Website : www.apmt.co.in


ପବିତ୍ର ଦୁର୍ଗାପୂଜା ଅବସରରେ ଯାଜପୁର ଜିଲ୍ଲାବାସୀଙ୍କୁ
ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ଅନେକ ଅନେକ ଶୁଭେଚ୍ଛା ।
ଦୁର୍ଗତିନାଶିନୀ ମା' ଦୁର୍ଗା ସମସ୍ତଙ୍କର ମଙ୍ଗଳ କାମନା
କରନ୍ତୁ ବୋଲି ମା' ବିରଜାଙ୍କ ପାଖରେ ପ୍ରାର୍ଥନା କରୁଛି ।
ହିମାଂଶୁ ଶେଖର ସାହୁ
ବିଧାୟକ, ଧର୍ମଶାଳା, ଯାଜପୁର

ଶ୍ରୀଜଗନ୍ନାଥ ସଂସ୍କୃତି

ସଂସ୍କୃତି ହେଉଛି ସଭ୍ୟତାର ପ୍ରାଣ । ଗୋଟିଏ ଜାତିର ଚିନ୍ତା, ଚେତନା, ଭାବ, ଅନୁଭବ, ଆବେଗ, ମୂଲ୍ୟବୋଧ, କାର୍ଯ୍ୟଧାରା, ବୃତ୍ତି, ପ୍ରବୃତ୍ତି, ସାଫଲ୍ୟ ଓ ବିକାଶର ଧାରା ହିଁ ସଂସ୍କୃତି । ଜାତିର ଜୀବନଯାପନଧାରା ରୁଚିସମ୍ପନ୍ନ ଓ ମାର୍ଜିତ ହେଲେ ସଂସ୍କୃତିର ଅଭ୍ୟୁଦୟ ଘଟେ ତଥା ଭାଷା, ସାହିତ୍ୟ, କଳା, ଶିଳ୍ପ, ସ୍ଥାପତ୍ୟ, ନୃତ୍ୟ, ସଙ୍ଗୀତ ଓ ଦର୍ଶନ ପ୍ରଭୃତିରେ ଏହାର ପରିପ୍ରକାଶ ହୋଇଥାଏ । ସଂସ୍କୃତି ସହିତ ଧର୍ମ ଅଙ୍ଗାଙ୍ଗି ଭାବରେ ଜଡ଼ିତ ହୋଇଗଲେ ସଭ୍ୟତା ଉନ୍ନତ ହୋଇ ସମାଜ ସମୃଦ୍ଧ ହୁଏ । ଓଡ଼ିଶାର ଧର୍ମ, ସଂସ୍କୃତି, ଇତିହାସ, ସାହିତ୍ୟ, ଶିଳ୍ପ, ଭାସ୍କର୍ଯ୍ୟ ତଥା ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥ । ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଓଡ଼ିଶାର ଜନ ଜୀବନରେ ଏକ ସମନ୍ୱୟାତ୍ମକ ସାଂସ୍କୃତିକ ସ୍ରୋତ ପ୍ରବାହିତ ତଥା ଉନ୍ନତ ରୁଚି ଓ ସଂସ୍କାରବୋଧ ଦ୍ୱାରା ଉଜ୍ଜୀବିତ । ଶତାବ୍ଦୀ ଶତାବ୍ଦୀ ଧରି ଏହି ସାଂସ୍କୃତିକ ସ୍ରୋତ ଓଡ଼ିଆ ଜାତିର ଜୀବନଚର୍ଯ୍ୟାକୁ ସୁନ୍ଦର, ସମୃଦ୍ଧ, ସୃଜନଶୀଳ ଓ ପରିପୂର୍ଣ୍ଣ କରିଆସିଛି ।

ଶ୍ରୀଜଗନ୍ନାଥ ସଂସ୍କୃତି ଜାତି, ବର୍ଣ୍ଣ, ସମ୍ପ୍ରଦାୟ ଭେଦରେ ବିଭାଜିତ ନହୋଇ ସମଗ୍ର ଓଡ଼ିଆ ଜାତିକୁ ଏକ ସୂତ୍ରରେ ବାନ୍ଧି ରଖିଛି । ଓଡ଼ିଆ ଜାତିର ଚିନ୍ତା ଓ ଚିନ୍ତନଠାରୁ ବ୍ୟାବହାରିକ ଜୀବନ ତଥା ମାନବୀୟ ସମ୍ବେଦନାଠାରୁ ସମଷ୍ଟିଗତ ଏକତାକୁ ଆଧାର କରି ଏହି ସଂସ୍କୃତି ସଂପ୍ରସାରିତ । ଆଧ୍ୟାତ୍ମିକତାର ସୌରଭରେ ପ୍ରଫୁଲ୍ଲିତ ଓ ଆଧ୍ୟାତ୍ମିକ ସ୍ପନ୍ଦନରେ ଉତ୍‌ଫୁଲ୍ଲିତ ହୋଇ ଏହି ସଂସ୍କୃତି ଓଡ଼ିଆ ଜାତିର ଆଚାର, ବିଚାର, ପରମ୍ପରା ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । କ୍ରମାଗତ ସଂସ୍କାର ଓ ଉତ୍ତରଣଶୀଳତା ଏହି ସଂସ୍କୃତିକୁ ଉର୍ଦ୍ଧ୍ୱମୁଖୀ କରାଇ ଓଡ଼ିଆ ଜାତିର ପ୍ରଜ୍ଞାର ଅଭିବୃଦ୍ଧି ଘଟାଇଛି ଏବଂ ମାନବକୁ ଦେବତାରେ ପରିଣତ କରିବାର କଳାକୌଶଳରେ ସମୃଦ୍ଧ ହୋଇଛି । ବିଶ୍ୱାବସୁ ଶବର, ବ୍ରାହ୍ମଣ ବିଦ୍ୟାପତି, ରାଜର୍ଷି ଇନ୍ଦ୍ରଦ୍ୟୁମ୍ନ, ଦେବର୍ଷି ନାରଦ, ମହାରାଣୀ ଗୁଣ୍ଡିଚା, ବଜ୍ରଯାନୀ ଇନ୍ଦ୍ରଭୂତି, ଅଦ୍ୱୈତବାଦୀ ଶଙ୍କରାଚାର୍ଯ୍ୟ, ବିଶିଷ୍ଟାଦ୍ୱୈତବାଦ ରାମାନୁଜାଚାର୍ଯ୍ୟ, ଦ୍ୱୈତବାଦୀ ମାଧ୍ୱାଚାର୍ଯ୍ୟ, ଦ୍ୱୈତାଦ୍ୱୈତବାଦୀ ନିମ୍ବାର୍କାଚାର୍ଯ୍ୟ, ପ୍ରେମାବତାର ଶ୍ରୀଗୌରାଙ୍ଗ, ଶୂନ୍ୟବାଦୀ ବଳରାମ ଦାସ, ରାଗାନୁଗାମାର୍ଗୀ ରାୟ ରାମାନନ୍ଦ, ଶିଖ୍ ଧର୍ମର ପ୍ରତିଷ୍ଠାତା ନାନକ, ମହାତ୍ମା କବୀର ଦାସ, ପୌତ୍ତଳିକ ହରିଦାସ, ଗଣପତି ଉପାସକ ଗଣପତି ଭଟ୍ଟ, ରାମଭକ୍ତ ତୁଳସୀ, ତାନ୍ତ୍ରିକ ଲକ୍ଷ୍ମୀଭଦ୍ର ଗିରି, ଅଚିନ୍ତ୍ୟ ଭେଦାଭେଦବାଦୀ ବଳଦେବ ବିଦ୍ୟାଭୂଷଣ ସଭିଏଁ ଆପଣା ଆପଣାର ଦାର୍ଶନିକ ଚିନ୍ତା ଓ ଚେତନା ଶ୍ରୀଜଗନ୍ନାଥଙ୍କଠାରେ ଆରୋପିତ କରିଥିଲେ ହେଁ ଶ୍ରୀଜଗନ୍ନାଥ ସଂସ୍କୃତିର ପନ୍ଥ ପରିବର୍ତ୍ତନ କରିପାରିନାହାନ୍ତି । ଅଧିକନ୍ତୁ, ଏହି ଜ୍ଞାନୀ, ତତ୍ତ୍ୱଦର୍ଶୀ, ଦାର୍ଶନିକ, ଭକ୍ତ, ପଣ୍ଡିତ ଓ ଭାବୁକବୃନ୍ଦ ଶ୍ରୀଜଗନ୍ନାଥ ଧାମର ଶରଧାବାଲି ସ୍ପର୍ଶ କରିବା ମାତ୍ରେ ଆପଣା ଆପଣାର ଜ୍ଞାନ, ତତ୍ତ୍ୱ, ଦର୍ଶନ, ଭକ୍ତି, ପାଣ୍ଡିତ୍ୟ ଓ ଭାବ ଭୁଲିଯାଇ ଶ୍ରୀଜଗନ୍ନାଥ ସଂସ୍କୃତିର ମହାସ୍ରୋତରେ ସାମିଲ ହୋଇଯାଇଛନ୍ତି ।

ବିଶ୍ୱର ସକଳ ସଂସ୍କୃତିର ସାରତତ୍ତ୍ୱ ଶ୍ରୀଜଗନ୍ନାଥ ସଂସ୍କୃତିରେ ଅନୁଭବନୀୟ, ଅଥଚ ଏହି ସଂସ୍କୃତି କୌଣସି ସଂସ୍କୃତିରେ ସୀମାବଦ୍ଧ ନୁହେଁ । ଶ୍ରୀଜଗନ୍ନାଥ ସଂସ୍କୃତିରେ କୌଣସି ପ୍ରକାର ସଂକୀର୍ଣ୍ଣତା ନାହିଁ । ଏହି ସଂସ୍କୃତି ସକଳ ଜାତି, ଧର୍ମ, ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ପ୍ରଶ୍ରୟ ଦେଇ ସମନ୍ୱୟର ମହାଭାବ ସୃଷ୍ଟିକାରୀ ଭାବରେ ପ୍ରତିଭାତ । ନିଜେ ବଞ୍ଚିବା ଓ ଅନ୍ୟକୁ ବଞ୍ଚାଇବା ଏହାର ମୌଳିକ ନୀତି । ଏହି ସଂସ୍କୃତିରେ ଏକତା, ସମତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଭ୍ରାତୃତ୍ୱ, ମୈତ୍ରୀ ଓ ବିଶ୍ୱପ୍ରେମର ବାଣୀ ସୁସ୍ପଷ୍ଟ । ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱର ସର୍ବପ୍ରାଚୀନ ସଂସ୍କୃତି ହେଲେ ହେଁ ସ୍ୱକୀୟ ସୃଜନଶୀଳତା ଓ ନମନୀୟତା ଯୋଗୁଁ ନିତ୍ୟନୂତନ । ବିଭିନ୍ନତା

ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର

ସାରସ୍ୱତ ଓ ଆଧ୍ୟାତ୍ମିକ ସାଧନାରେ ନିମଗ୍ନ ସାହିତ୍ୟିକ, ସ୍ତମ୍ଭକାର, ଗବେଷକ, ଭାଷାବିତ୍ ଓ ବାଗ୍ମୀ ଭାବେ ଖ୍ୟାତ । ଅନେକ ଉପାଦେୟ ପୁସ୍ତକର ରଚୟିତା । ଶାସ୍ତ୍ରୀୟ ଓଡ଼ିଆ ଭାଷାର ଗବେଷଣା ଓ ଗ୍ରନ୍ଥ ରଚନା ପାଇଁ ସେ ପ୍ରଥମ ଓଡ଼ିଆ ଗବେଷକ ଭାବେ ରାଷ୍ଟ୍ରପତିଙ୍କଠାରୁ ସମ୍ମାନ-ପ୍ରମାଣପତ୍ର ପାଇଛନ୍ତି ।

ମଧ୍ୟରେ ଏକତା ଆଣି ମାନବ ସମାଜର ମଙ୍ଗଳ ସାଧନ କରିବାରେ ଏବଂ ସଂହତି ସ୍ଥାପନ କରିବାରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଛି। ଶ୍ରୀଜଗନ୍ନାଥଙ୍କଠାରେ ନିତ୍ୟ ସମାହିତ ତିନି ଧୂପ, ପାଞ୍ଚ ଅବକାଶ ରୀତିରେ ପୂଜା, ନୈମିତ୍ତିକ ପର୍ବପର୍ବାଣି ଓ ବାରମାସରେ ସଂଘଟିତ ତେର ଯାତ୍ରା ଶ୍ରୀଜଗନ୍ନାଥ ସଂସ୍କୃତିକୁ ସୁସଙ୍ଗଠିତ କରିପାରିଛି। ଏଥିରେ ସମାଜର ସକଳଶ୍ରେଣୀ ସକ୍ରିୟ ଅଂଶଗ୍ରହଣ କରି ସମନ୍ୱୟର ମହାମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇଥାନ୍ତି। ସଭିଙ୍କୁ ଧର୍ମକ୍ଷେତ୍ରରେ ସମାନ ଅଧିକାର ଦେବା ନିମିତ୍ତ ଶ୍ରୀଜଗନ୍ନାଥ ବାହୁ ପ୍ରସାରି ଆପଣାର କରି ନେଉଛନ୍ତି।

ଶ୍ରୀଜଗନ୍ନାଥ ଲୌକିକ ଭାବଧାରାରେ ଉପାସିତ। ତାଙ୍କ ଉପାସନାରେ ଶାସ୍ତ୍ରୀୟତା ନାହିଁ, ଧ୍ୟାନରେ ବୈଭୂତିକ, ଚିନ୍ତା ନାହିଁ ଓ ଦର୍ଶନରେ ସ୍ୱର୍ଗୀୟତା ନାହିଁ। ସେ ନଶ୍ୱର କ୍ଷୟଶୀଳ ଦାରୁ ରୂପରେ ମାନବୀୟ ଚେତନାରେ ପୂଜିତ। ସେ ସଭିଙ୍କର ଇଷ୍ଟ, ବନ୍ଧୁ, ସହୋଦର, ପିତା, ମାତା, ଗୁରୁ, ମନ, ଆତ୍ମା ଓ ପ୍ରାଣ। ତାଙ୍କ ନିକଟରେ ମୁଁ ମୋର ବା ତୁ ତୋହର ଭାବ ନାହିଁ, କେବଳ ମୁଁ ତୋର ଓ ତୁ ମୋର ଏହି ଭାବ, ଯହିଁରେ ମାୟା ଅନ୍ତର୍ହିତ। ସେ ଦୀନବନ୍ଧୁ, ଦୁଃଖବନ୍ଧୁ, ଆର୍ତ୍ତତ୍ରାଣ, ଅନାଥର ନାଥ, ଅଶରଣ ଶରଣ, ବଳିଆର ଭୁଜ ଓ ମହାବାହୁ। ତାଙ୍କ ଦେଉଳ ବଡ଼ ଦେଉଳ, ଦାଣ୍ଡ ବଡ଼ଦାଣ୍ଡ, ବାନା ପତିତପାବନ, ପ୍ରସାଦ ମହାପ୍ରସାଦ, ସେ ହିଁ ବଡ଼ ଠାକୁର। ବ୍ରହ୍ମ ବିଚାରରେ ସେ ଅବ୍ୟକ୍ତ, ଅଚିନ୍ତ୍ୟ, ଅଜ୍ଞେୟ ଓ ଅବର୍ଣ୍ଣନୀୟ ହେଲେ ହେଁ ଅଗଣିତ ଭକ୍ତଙ୍କ ଚେତନାରେ ରକ୍ତମାଂସ ଦେହୀ ମନୁଷ୍ୟ। ସେ ବିଶ୍ୱନିୟନ୍ତା ହେଲେ ହେଁ ଭାବ ମାନସରେ ମନୁଷ୍ୟ ପରି ଖାଆନ୍ତି, ଯାତ୍ରା କରନ୍ତି, ଧୂଳି ଧୂସରିତ ହୁଅନ୍ତି, ଭକ୍ତଙ୍କ ସାଥୀରେ ମେଳା ମଉଛବ କରନ୍ତି, ମାନଅଭିମାନ ଓ ରାଗରୋଷ କରନ୍ତି, ଥଟ୍ଟା ପରିହାସର ଶରବ୍ୟ ହୁଅନ୍ତି, ମନୋରଞ୍ଜନ କରନ୍ତି, ପଖାଳ ପାଣି ଖାଆନ୍ତି, ପାନ ଖାଆନ୍ତି, ପହଡ଼ ଯାଆନ୍ତି ଏବଂ ସାଧାରଣ ମଣିଷ ପରି ମୃତ୍ୟୁବରଣ କରନ୍ତି। ସେ ପ୍ରତ୍ୟହ ଶଯ୍ୟାତ୍ୟାଗ କରନ୍ତି, ମୁଖ ପ୍ରକ୍ଷାଳନ କରନ୍ତି, ଦନ୍ତମାର୍ଜନ, ସ୍ନାନ ଓ ପୋଷାକ ପରିଧାନ କରନ୍ତି, ବିଭିନ୍ନ ସମୟରେ ଭୋଜନ କରନ୍ତି ଏବଂ ଶ୍ରୀଗୀତଗୋବିନ୍ଦର ମଧୁର ମୂର୍ଚ୍ଛନାରେ ପହଡ଼ ଯାଆନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତିର ଏହି ପ୍ରବହମାନ ଧାରାରେ ଆଧ୍ୟାତ୍ମିକ ଐକ୍ୟବୋଧର ଉନ୍ନତ ରୁଚି, ବୌଦ୍ଧିକ ସୃଜନଶୀଳତା ଓ ସଂସ୍କାରବୋଧ ଚିର ଜାଜ୍ଜ୍ୱଲ୍ୟମାନ।

ଶ୍ରୀଜଗନ୍ନାଥଙ୍କ ସହସ୍ର ସହସ୍ର ନାମ ମଧ୍ୟରୁ "ପତିତପାବନ" ନାମର ସ୍ୱାତନ୍ତ୍ର୍ୟ, ବୈଶିଷ୍ଟ୍ୟ, ମୂଲ୍ୟବୋଧ ଓ ମହନୀୟତା ଅବର୍ଣ୍ଣନୀୟ। ଏହି ନାମର ସ୍ମରଣ, ମନନ ଓ ଉଚ୍ଚାରଣ ମାତ୍ରେ ହୃଦୟ ବ୍ୟାକୁଳତାରେ ଭରି ଉଠେ, ପ୍ରାଣ ଉଦ୍‌ବେଳିତ ହୋଇ ଓ ନୟନ ତାଙ୍କ ଦର୍ଶନ ନିମିତ୍ତ ଆଧୀର ହୁଏ। ତାଙ୍କ ବଡ଼ଦାଣ୍ଡରେ ଛିଡ଼ା ହୋଇ ନୀଳଚକ୍ର ଉପରେ ଫରଫର ହୋଇ ଉଡୁଥିବା ପତିତପାବନ ବାନା ଦର୍ଶନ ନ କଲେ ଚତୁର୍ଦ୍ଦିଗ ଅନ୍ଧକାର ଦିଶେ। ତାଙ୍କ ଆନନ୍ଦ ବଜାରରେ ମହାପ୍ରସାଦ ସେବା ନ କଲେ ପ୍ରାଣର କ୍ଷୁଧା ମେଣ୍ଟେ ନାହିଁ। ତାଙ୍କ ଗରୁଡ଼ ଖମ୍ବକୁ କୁଣ୍ଢାଇ ମୁଖାରବିନ୍ଦ ଦର୍ଶନରେ ହିଁ ଆତ୍ମସନ୍ତୋଷ ମିଳିଥାଏ। ଶ୍ରୀଜଗନ୍ନାଥ ତାଙ୍କ ଦାରବୀଲୀଳାରେ ପତିତପାବନ ନାମଧରି ପତିତପାବନତ୍ୱକୁ ହିଁ ପ୍ରମାଣ କରିଅଛନ୍ତି। ତାଙ୍କ ଦିବ୍ୟ ଦାରବୀଲୀଳାର ମହତ୍ ଉଦ୍ଦେଶ୍ୟ ହେଉଛି "ସର୍ବେଷାଂ ପାବନଂ ମହତ୍"। ଯୁଗେ ଯୁଗେ ପତିତମାନଙ୍କୁ ପାବନ କରି ସେ ହୋଇଛନ୍ତି ପତିତପାବନ। ଆମେ ପତିତ କହିଲେ ଯାହା ବୁଝୁ ତାହା ତାଙ୍କଠାରେ ପାବନ ଭାବରେ ପ୍ରତିଷ୍ଠିତ। ତାଙ୍କ ଦିବ୍ୟଦୃଷ୍ଟିରେ ଯିଏ ପତିତ, ସେ ହିଁ ପବିତ୍ର। ତାଙ୍କ ବାନା ହେଉଛି ପତିତପାବନ ବାନା। ତାଙ୍କ ପାଖରେ ଛୁଆଁ, ଅଛୁଆଁ, ସାନ, ବଡ଼, ରୋଗୀ, ଭୋଗୀ, ଧନୀ, ଦରିଦ୍ର, ଜାତି, ଅଜାତି, ଦେଶୀ ଓ ବିଦେଶୀର ଭାବ ନାହିଁ। ତାଙ୍କ ଚକାନୟନରେ ସଭିଏଁ ସମାନ। ତାଙ୍କ ଘୋଷଯାତ୍ରାର ନାମ ପତିତପାବନ ଯାତ୍ରା। ଅଗଣିତ ପତିତଙ୍କୁ ପାବନ କରିବାର ମହାଭିପ୍ରାୟରେ ସେ ଶ୍ରୀମନ୍ଦିରର ଐଶ୍ୱର୍ଯ୍ୟଲୀଳା ପରିହାର କରି ପତିତପାବନ ତୀର୍ଥ ବଡ଼ଦାଣ୍ଡରେ ବିଜେ ହୋଇଥା'ନ୍ତି। ଅଗଣିତ ପତିତଙ୍କର ସେ ଏକାନ୍ତ ଆପଣାର ହୋଇଯାଆନ୍ତି। ନିଜକୁ ପତିତ ଭାବିଲେ ହିଁ ତାଙ୍କ ପାବନ ମୂର୍ତ୍ତିର ଦିବ୍ୟଦର୍ଶନ ମିଳିଥାଏ। ତାଙ୍କ ସେବା ସମ୍ପନ୍ନ କରିବାକୁ ଲକ୍ଷେ ରାଜାଙ୍କର ମଉଡ଼ମଣି ସକଳ ରାଜକୀୟ ସ୍ୱାଭିମାନ ପରିତ୍ୟାଗ କରି ପତିତ ହୋଇଯାନ୍ତି। ଶ୍ରୀଜଗନ୍ନାଥଙ୍କ ଏହି ପତିତପାବନ ଲୀଳାରେ ସମଦୃଷ୍ଟିସମ୍ପନ୍ନ ମାନବିକ ମୂଲ୍ୟବୋଧ ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ। ସଂସ୍କୃତିର ସକଳ ସାରତତ୍ତ୍ୱ ଅନ୍ତର୍ନିହିତ ଥିବା ଏହି ପତିତ ପାବନ ଲୀଳା ହେଉଛି ଶ୍ରୀଜଗନ୍ନାଥଙ୍କ ସ୍ୱୟଂ ଲୀଳା।

ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଏକ ଗଣପର୍ବ ରୂପେ ଶତାବ୍ଦୀ ଶତାବ୍ଦୀ ଧରି ଜନମାନସକୁ ଉଦ୍‌ବୁଦ୍ଧ କରିଆସିଛି। ଅଖିଳ ବିଶ୍ୱବାସୀଙ୍କ କଲ୍ୟାଣ କାମନାରେ ଶ୍ରୀଜଗନ୍ନାଥ ଏହି ଲୀଳା ସଂରଚନା କରିଛନ୍ତି। ବିଶ୍ୱର ମଙ୍ଗଳ କାମନାରେ ଏହି ମହୋତ୍ସବ ଅନୁଷ୍ଠିତ ହେଉଥିବାରୁ ଏହାର ଅନ୍ୟନାମ ମଙ୍ଗଳୋତ୍ସବ ବା ଘୋଷୋତ୍ସବ। ଏହି ମାଧୁର୍ଯ୍ୟ ଲୀଳାରେ ଗଣଦେବତା ଶ୍ରୀଜଗନ୍ନାଥ ରତ୍ନ ସିଂହାସନର ଐଶ୍ୱର୍ଯ୍ୟଲୀଳା ପରିହାର କରି ଗଣପର୍ବର

ମହାପୀଠ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି ଏବଂ ବିଶ୍ୱର ସକଳ ଶ୍ରେଣୀର ମାନବଙ୍କୁ ଦର୍ଶନ ଓ ସ୍ପର୍ଶନର ସୌଭାଗ୍ୟ ପ୍ରଦାନ କରିଥା'ନ୍ତି। ଏହି ମାଧୁର୍ଯ୍ୟ ଲୀଳାରେ ଶ୍ରୀଜଗନ୍ନାଥ ଜାତି, ଅଜାତିର ପ୍ରାଚୀର ଉଠାଇ ଦେଇଛନ୍ତି। ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ସଭିଏଁ ତାଙ୍କ ରଥ ଦଉଡ଼ି ଟାଣି କୃତକୃତ୍ୟ ହୋଇଥା'ନ୍ତି। ଗୌରବର ବିଷୟ, ଘୋଷଯାତ୍ରାର ଆଦର୍ଶ ପରମ୍ପରା ଓ ଉଚ୍ଚାଙ୍ଗ ଭାବଧାରା ସମଗ୍ର ବିଶ୍ୱର ଜନମାନସକୁ ପ୍ରଭାବିତ କରିଛି। ସମ୍ପ୍ରତି ବିଶ୍ୱର କୋଣେ ଅନୁକୋଣେ ମହାସମାରୋହରେ ଘୋଷଯାତ୍ରା ଅନୁଷ୍ଠିତ ହେଉଅଛି ଏବଂ ଏହି ଲୋକ କଲ୍ୟାଣକାରୀ ମହୋତ୍ସବ ଗଣସଂସ୍କୃତି ଆଧାରରେ ପ୍ରତିଷ୍ଠିତ। ଘୋଷଯାତ୍ରାରେ ମାନବୀୟ ମହାମନ୍ତ୍ର ଉଦ୍‌ଘୋଷିତ ତଥା ଧର୍ମକ୍ଷେତ୍ରରେ ସାମ୍ୟବୋଧ ସୁପ୍ରତିଷ୍ଠିତ। ସମଗ୍ର ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାର ମହିମାରେ ଏହି ଯାତ୍ରା ମହିମାବନ୍ତ। ମାନବ ଜାତିର ଇତିହାସରେ ଶୀର୍ଷ ଆସନ ଅଳଙ୍କୃତ କରିଥିବା ଘୋଷଯାତ୍ରା ସ୍ୱକୀୟ ଜନପ୍ରିୟ ପ୍ରସାରଣ ଶୀଳତାରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଶ୍ୱ ସଂସ୍କୃତିରେ ରୂପାନ୍ତର କରିପାରିଛି। ମାନବ ଜାତିକୁ ଶାନ୍ତି, ମୈତ୍ରୀ, ପ୍ରେମ, ସ୍ନେହ, ଶ୍ରଦ୍ଧା ଓ ବିଶ୍ୱାତ୍ମବୋଧରେ ଅନୁପ୍ରାଣିତ କରି ଘୋଷଯାତ୍ରା ବିଶ୍ୱ ସଂସ୍କୃତିକୁ ସୁରଭିତ କରିପାରିଛି। ବିଶ୍ୱ ସମ୍ବିଧାନର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ବିଶ୍ୱରେ ପ୍ରଚଳିତ ବିଭିନ୍ନ ମତ, ପଥ, ଧର୍ମଧାରା, ପରମ୍ପରା ତଥା ଦାର୍ଶନିକ ଭାବଧାରାରେ ସମନ୍ୱୟ ପ୍ରତିଷ୍ଠା ପୂର୍ବକ ସକଳ ଶ୍ରେଣୀର ମାନବଙ୍କ ମଧ୍ୟରେ ଏକ ଗଣଚେତନା ସଞ୍ଚାର କରିପାରିଛି। ମାନବ ଜାତିର ଭାବାବେଗକୁ ସ୍ପର୍ଶ ଓ ସ୍ପନ୍ଦିତ କରି ଏହି ଯାତ୍ରା "ବସୁଧୈବ କୁଟୁମ୍ବକମ୍" ଭାବଧାରାରେ ବିଶ୍ୱଜନମାନସକୁ ଅନୁପ୍ରାଣିତ କରିପାରିଛି। ସମନ୍ୱୟବାଦ ପରମ୍ପରାର ସୌରଭରେ ଏହି ବିଶ୍ୱ କଲ୍ୟାଣକାରୀ ମହୋତ୍ସବ ପଲ୍ଲବିତ, ପୁଷ୍ପିତ ଓ ସୁରଭିତ। ବିଶ୍ୱମୈତ୍ରୀ ହିଁ ଏହି ଯାତ୍ରାର ଦିବ୍ୟ ସନ୍ଦେଶ। ଏହି ଗଣମହୋତ୍ସବ ବିଶ୍ୱସଂସ୍କୃତିରେ ସାମ୍ୟବାଦର ମନ୍ଦାକିନୀ ପ୍ରବାହିତ କରାଇ ବିଶ୍ୱବାସୀଙ୍କ ହୃଦୟରେ ବିଶ୍ୱାତ୍ମଚେତନା ସୃଷ୍ଟି କରିପାରିଛି। ଏହି ଯାତ୍ରାର ପାରମ୍ପରିକ ପ୍ରବାହ, ସାଂସ୍କୃତିକ ସୌରଭ, ଗଣପର୍ବର ଗୌରବ ଓ ବିଶ୍ୱାତ୍ମବୋଧର ବୈଶିଷ୍ଟ୍ୟ ଅନନ୍ୟ ଓ ଅନୁପମ। ସଂସ୍କୃତିର ଉଦାର ଓ ମହାନ ଅନ୍ତଃପ୍ରେରଣାରେ ଦୀପ୍ତିମନ୍ତ ଘୋଷଯାତ୍ରା ବିଶ୍ୱରେ ଶ୍ରେଷ୍ଠ ମାନବକଲ୍ୟାଣକାରୀ ମହୋତ୍ସବର ଆସନ ଅଳଙ୍କୃତ କରିଛି।

ଭାରତୀୟ ଦର୍ଶନରେ ସଂସ୍କୃତି ଉଚ୍ଚାସନ ଲାଭ କରିଛି। ଭାରତୀୟଙ୍କର ଚରିତ୍ର ଥିଲା ଧର୍ମର ସ୍ୱରୂପ ବୋଧକ, ସାଂସ୍କୃତିକ ସୁସଂହତ ଓ ଦାର୍ଶନିକ ବିଚାରବନ୍ତ। ଆର୍ଯ୍ୟଚେତନାର ଏହି ବୈଶିଷ୍ଟ୍ୟ ଶ୍ରୀଜଗନ୍ନାଥ ସଂସ୍କୃତିରେ ପ୍ରତିଫଳିତ। ଶ୍ରୀଜଗନ୍ନାଥ ସଂସ୍କୃତିରେ ଭାରତୀୟ ଦାର୍ଶନିକ ଚିନ୍ତା ଓ ଚେତନା ସାକାର ରୂପ ଧାରଣ କରିଛି। ଭାରତୀୟ ଦର୍ଶନର କଥନ ହେଉଛି ପରଂବ୍ରହ୍ମ ସଚରାଚର ବିଦ୍ୟମାନ। ଅନେକ ରୂପାତ୍ମକ ତଥା କ୍ଷଣକ୍ଷଣକେ ବିଲକ୍ଷଣ ରୂପ ଧାରଣ କରୁଥିବା ବିଶ୍ୱରେ ପୁରୁଷୋତ୍ତମ ଜଗନ୍ନାଥ ତତ୍ତ୍ୱଜ୍ଞାନର ବ୍ୟାପକ ଦୃଷ୍ଟିକୁ ଦର୍ଶନରେ ରୂପାନ୍ତର କରି ପିଣ୍ଡ ଓ ବ୍ରହ୍ମାଣ୍ଡର ପ୍ରଭେଦକୁ ପ୍ରଜ୍ଞାନରେ ପରିଣତ କରିଛନ୍ତି। ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ ସ୍ୱୀୟ ଅଲୌକିକ ପ୍ରଜ୍ଞାବଳରେ ଶ୍ରୀଜଗନ୍ନାଥ ସଂସ୍କୃତିର ଏହି ମହାନତାକୁ ଉପଲବ୍ଧି କଲେ ତଥା ଶ୍ରୀଜଗନ୍ନାଥ ଧାମରେ ଋକ୍‌ବେଦର ମହାବାକ୍ୟ "ପ୍ରଜ୍ଞାନଂ ବ୍ରହ୍ମ" ଆଧାରିତ ପ୍ରଥମ ମଠ ସ୍ଥାପନା କରିଥିଲେ। ଜଗଦ୍‌ଗୁରୁ କାଶୀରେ ଘୋଷଣା କରିଥିଲେ "ଜୀବ ବ୍ରହ୍ମୈବ କେବଳମ୍"; କିନ୍ତୁ ଶ୍ରୀଜଗନ୍ନାଥ ଧାମରେ ପଦାର୍ପଣ କରି ଉପଲବ୍ଧି କଲେ ଯେ ନିର୍ଜୀବ ମଧ୍ୟ ବ୍ରହ୍ମ ପଦବାଚ୍ୟ ହୋଇପାରୁଛି। ଭାରତୀୟ ଦର୍ଶନରେ ଜୀବକୁ ବ୍ରହ୍ମ କୁହା ଯାଇଥିଲେ ହେଁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଦର୍ଶନରେ ନିର୍ଜୀବ ବ୍ରହ୍ମରେ ପରିଣତ ହେଉଛି। ନିର୍ଜୀବ ପଦବାଚ୍ୟ ତଣ୍ଡୁଳ ଶ୍ରୀଜଗନ୍ନାଥଙ୍କ ସେବା ନିମିତ୍ତ ଭଣ୍ଡାର ଘରକୁ ଆସିଲେ ଅହ୍ଣିଆ, ବୈଷ୍ଣବାଗ୍ନିରେ ସିଦ୍ଧ ହେବା ପରେ ଅନ୍ନ, ଠାକୁରଙ୍କ ନିକଟକୁ ପ୍ରେରଣ ସମୟରେ ଛେକ, ପୋଖରିଆରେ ପହଞ୍ଚିବା ପରେ ଭୋଗ, ଠାଆମୁରୁଜ ଉପରେ ସଂସ୍ଥାପିତ ହେଲେ ନୈବେଦ୍ୟ, ମନ୍ତ୍ରୋଚ୍ଚାରଣ ପୂର୍ବକ ଉତ୍ସର୍ଗ ହେଲେ ପ୍ରସାଦ, ଭୈରବୀ ଚକ୍ରରେ ନିବେଦନ ପରେ ମହାପ୍ରସାଦ, ଆନନ୍ଦବଜାରକୁ ଆସି ମୋକ୍ଷଦାତା ସ୍ୱରୂପରେ କୈବଲ୍ୟ, ଭକ୍ତଗଣ ସେବା କରି ପରମାନନ୍ଦ ଲାଭ କଲାବେଳେ ଅବଢ଼ା ଏବଂ ଶେଷରେ ଯାହା ଉଚ୍ଛିଷ୍ଟ ରହେ ତାହା ନିର୍ମାଲ୍ୟ ରୂପେ ପ୍ରତିଭାତ ହୋଇ ପରଂବ୍ରହ୍ମ ଜଗନ୍ନାଥଙ୍କ ସ୍ୱରୂପ ଧାରଣ କରିଥାଏ। ଅଗଣିତ ଭକ୍ତ ଶ୍ରୀଜଗନ୍ନାଥଙ୍କ ନିର୍ମାଲ୍ୟ କଣିକାକୁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆଶ୍ରା କରିଥା'ନ୍ତି। ଏହା ହିଁ ଶ୍ରୀଜଗନ୍ନାଥ ସଂସ୍କୃତିରେ ନିର୍ଜୀବକୁ ବ୍ରହ୍ମରେ ପରିଣତ କରିବାର

> "*ନିର୍ଜୀବ ପଦବାଚ୍ୟ ତଣ୍ଡୁଳ ଶ୍ରୀଜଗନ୍ନାଥଙ୍କ ସେବା ନିମିତ୍ତ ଭଣ୍ଡାର ଘରକୁ ଆସିଲେ ଅହ୍ଣିଆ, ବୈଷ୍ଣବାଗ୍ନିରେ ସିଦ୍ଧ ହେବା ପରେ ଅନ୍ନ, ଠାକୁରଙ୍କ ନିକଟକୁ ପ୍ରେରଣ ସମୟରେ ଛେକ, ପୋଖରିଆରେ ପହଞ୍ଚିବା ପରେ ଭୋଗ, ଠାଆମୁରୁଜ ଉପରେ ସଂସ୍ଥାପିତ ହେଲେ ନୈବେଦ୍ୟ, ମନ୍ତ୍ରୋଚ୍ଚାରଣ ପୂର୍ବକ ଉତ୍ସର୍ଗ ହେଲେ ପ୍ରସାଦ, ଭୈରବୀ ଚକ୍ରରେ ନିବେଦନ ପରେ ମହାପ୍ରସାଦ, ଆନନ୍ଦବଜାରକୁ ଆସି ମୋକ୍ଷଦାତା ସ୍ୱରୂପରେ କୈବଲ୍ୟ, ଭକ୍ତଗଣ ସେବା କରି ପରମାନନ୍ଦ ଲାଭ କଲାବେଳେ ଅବଢ଼ା ଏବଂ ଶେଷରେ ଯାହା ଉଚ୍ଛିଷ୍ଟ ରହେ ତାହା ନିର୍ମାଲ୍ୟ ରୂପେ ପ୍ରତିଭାତ ହୋଇ ପରଂବ୍ରହ୍ମ ଜଗନ୍ନାଥଙ୍କ ସ୍ୱରୂପ ଧାରଣ କରିଥାଏ।*"

କଳାକୌଶଳ, ଯାହା ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଅଭିଭୂତ କରି ବ୍ରହ୍ମଚେତନା ସୃଷ୍ଟି କରିଥିଲା । ସେ ଉପଲବ୍‌ଧି କଲେ ଯେ ଶ୍ରୀଜଗନ୍ନାଥ ଧର୍ମ, ସଂସ୍କୃତି ଓ ଦର୍ଶନରେ ଜୀବ ଓ ନିର୍ଜୀବର ଅନ୍ତଃସ୍ଥଳରେ ବିଦ୍ୟମାନ ଥିବା ଏକରୂପତା ସହଜ ବୋଧଗମ୍ୟ ହୋଇପାରିଛି ତଥା ଦୁଃଖପୂର୍ଣ୍ଣ ସଂସାରର ଆତ୍ୟନ୍ତିକ ଦୁଃଖ ଦୂରୀକରଣର ଦିବ୍ୟପଥ ପ୍ରଶସ୍ତ ହୋଇ ପାରିଛି । ଏହା ହିଁ ଶ୍ରୀଜଗନ୍ନାଥ ସଂସ୍କୃତିର ଦିବ୍ୟତା ।

ପରଂବ୍ରହ୍ମ ହେଉଛନ୍ତି ଅବିନାଶୀ, ଅଥଚ ବ୍ରହ୍ମଧାମ ନୀଳାଚଳରେ ସେ ନାଶଶୀଳ ଦାରୁ ରୂପରେ ବିଦ୍ୟମାନ । ତାଙ୍କ ସ୍ୱରୂପ ହେଉଛି ଦାରୁ ଓ ବ୍ରହ୍ମ ଉଭୟଙ୍କର ଏକ ଅପୂର୍ବ ସମନ୍ୱୟ । ତାଙ୍କ ଦାରୁ ଶରୀରର ଅଭ୍ୟନ୍ତରରେ ରହିଛି ଜ୍ଞାନାଗମ୍ୟ ଅନିର୍ବଚନୀୟ ଗୋପନୀୟ ବ୍ରହ୍ମ । ଏହି ବ୍ରହ୍ମଙ୍କର ସ୍ୱରୂପ ଅଦ୍ୟାବଧି କେହି ଜାଣିପାରି ନାହାନ୍ତି ଏବଂ ଜାଣିବାକୁ ଚେଷ୍ଟା କରି ମଧ୍ୟ ସଫଳ ହୋଇ ନାହାନ୍ତି । ସେ ସ୍ଥୂଳ ଓ ସୂକ୍ଷ୍ମ ଅର୍ଥାତ୍ ଅକ୍ଷର ଓ କ୍ଷର ପୁରୁଷଠାରୁ ଊର୍ଦ୍ଧ୍ୱରେ ଏକ ଉତ୍ତମପୁରୁଷ ଓ ପୁରୁଷୋତ୍ତମ । ଦାରୁବିଗ୍ରହଙ୍କ ଶରୀର ଅଭ୍ୟନ୍ତରରେ ଯେଉଁ ବ୍ରହ୍ମ ସଂସ୍ଥାପିତ, ସେ ହେଉଛନ୍ତି "ଅକ୍ଷର ପୁରୁଷ" । ଦାରୁବିଗ୍ରହଙ୍କର ଯେଉଁ ରୂପ ସଭିଏଁ ଦର୍ଶନ କରୁଛନ୍ତି ସେ ହେଉଛନ୍ତି "କ୍ଷର ପୁରୁଷ" । ଦାରୁବ୍ରହ୍ମ ହେଉଛନ୍ତି ସୂକ୍ଷ୍ମତମ ଅଦୃଶ୍ୟ ବ୍ରହ୍ମଙ୍କର ଏକ ସ୍ଥୂଳ ତଥା ଦୃଶ୍ୟମାନ ପରିପ୍ରକାଶ । ବେଦୋକ୍ତ ପୁରୁଷୋତ୍ତମ ତତ୍ତ୍ୱକୁ ଆଧାର କରି ପରଂବ୍ରହ୍ମ ଏହି ଦାରବୀଲୀଳା ସଂରଚନା କରିଛନ୍ତି । ସେ ହିଁ ସହସ୍ରଶୀର୍ଷା ପୁରୁଷ । ବେଦବର୍ଣ୍ଣିତ ପୁରୁଷସୂକ୍ତ ମନ୍ତ୍ରରେ ତାଙ୍କ ମହତ୍ତ୍ୱ ପ୍ରତିପାଦିତ । ବେଦବେଦାନ୍ତରେ ପରଂବ୍ରହ୍ମଙ୍କୁ "ବ୍ରହ୍ମ" ଅପେକ୍ଷା "ପୁରୁଷ" ନାମରେ ସୂଚିତ କରାଯାଇଛି । ଉପନିଷଦ ସମୂହରେ ପୁରୁଷ ମହିମାକୁ ବ୍ୟାପକ ଭାବରେ ବର୍ଣ୍ଣନା କରାଯାଇଛି । ପୁରୁଷୋତ୍ତମ ତତ୍ତ୍ୱରେ ଓ ମହିମାରେ ଅଗଣିତ ମୁମୁକ୍ଷୁ ଜନଙ୍କୁ ଅବଗାହନ କରାଇ ବ୍ରହ୍ମୋପଲବ୍‌ଧିକୁ ସହଜ ବୋଧଗମ୍ୟ କରାଇବା ନିମିତ୍ତ ପରଂବ୍ରହ୍ମ ସ୍ୱୟଂ ଦାରବୀଲୀଳା ସଂରଚନା କରିଛନ୍ତି । ସେ ହିଁ ପୁରୁଷୋତ୍ତମ କ୍ଷେତ୍ରରେ ପ୍ରଣବର ବାଚ୍ୟ ରୂପରେ ଦାରୁ ଶରୀରରେ ବିରାଜିତ । ପ୍ରତିମାବାଦର ଝଲକରେ ପରଂବ୍ରହ୍ମଙ୍କର ପ୍ରତୀକବାଦର ରହସ୍ୟ ଦାରବୀଲୀଳାରେ ପ୍ରତିଭାତ ।

ଋକ୍‌ବେଦରେ ସେ ଅପୌରୁଷେୟ, ବେଦାନ୍ତରେ ବ୍ରହ୍ମ, ସାଂଖ୍ୟରେ ପୁରୁଷ, ଗୀତାରେ ପୁରୁଷୋତ୍ତମ ଓ ନୀଳାଚଳଧାମରେ ପୁରୁଷୋତ୍ତମ ଜଗନ୍ନାଥ । ତାଙ୍କର ପୁଣି ନବକଳେବର ହୁଏ । ଏହା ହିଁ ତାଙ୍କର ସ୍ୱାତନ୍ତ୍ର୍ୟ । ସେ ସମ୍ପୂର୍ଣ୍ଣ ଲୌକିକ ଓ ଜାଗତିକ । ମନୁଷ୍ୟ ସଦୃଶ ସେ କଳେବର ପରିତ୍ୟାଗ କରି ନବକଳେବର ଧାରଣ କରନ୍ତି । ତାଙ୍କର ସକଳ ପ୍ରକ୍ରିୟା ମାନବୀୟ । ମାନବୀୟ ପ୍ରକୃତି ମଧ୍ୟରେ ଭାବଗତ ପ୍ରକୃତିର ପ୍ରକାଶ ହିଁ ତାଙ୍କ ଲୀଳାର ବୈଶିଷ୍ଟ୍ୟ । ମାନବବାଦ ପ୍ରଚାର ହିଁ ତାଙ୍କ ଲୀଳାର ମହତ ଲକ୍ଷ୍ୟ । ମାନବପ୍ରେମ ବ୍ୟକ୍ତିର ବିକାଶୋନ୍ମୁଖୀ ଗୁଣ ସମୂହକୁ ସତ୍‌ପଥରେ ପରିଚାଳିତ କରି ମାନବୀୟ ବ୍ୟକ୍ତିତ୍ୱର ସ୍ଫୁରଣ ଘଟାଇଥାଏ । ସେହି ମାନବପ୍ରେମର ପ୍ରଚାର ଓ ପ୍ରସାର ନିମିତ୍ତ ପୁରୁଷୋତ୍ତମ ଜଗନ୍ନାଥଙ୍କର ଏହା ହେଉଛି ସ୍ୱୟଂଲୀଳା । ମାନବ ସମାଜକୁ ନୀତିନିଷ୍ଠ ଓ ଆତ୍ମନିଷ୍ଠ କରାଇ ଲୌକିକ ଜୀବନରେ ସୁଖଶାନ୍ତି ତଥା ପାରଲୌକିକ ଜୀବନର ଆନନ୍ଦରେ ଅବଗାହନ କରାଇବା ନିମିତ୍ତ ପରଂବ୍ରହ୍ମ ସ୍ୱୟଂ ଏହି ଦାରବୀଲୀଳା ସଂରଚନା କରିଛନ୍ତି । ସମ୍ପ୍ରତି ମାନବିକତାର ଅବକ୍ଷୟ ଘଟିଛି । ବିଜ୍ଞାନର ଦ୍ରୁତ ଅଗ୍ରଗତି ତଥା ଅଣୁବିଜ୍ଞାନର ନିତ୍ୟନୂତନ ଆବିଷ୍କାର ମାନବ ମାନସରୁ ମାନବପ୍ରେମ ଲୋପ କରିଦେଇଛି । ସାମ୍ପ୍ରତିକ ସଂସାରରେ ଧର୍ମ, ସତ୍ୟ, ନ୍ୟାୟ, ସଦ୍‌ଭାବ, ସହାନୁଭୂତି, ଶାନ୍ତି, ପ୍ରୀତି, ମୈତ୍ରୀ, ଶ୍ରଦ୍ଧା, ବିଶ୍ୱାସ ଓ ସମନ୍ୱୟ ବିଲୁପ୍ତ । ହିଂସା, ପ୍ରତିହିଂସାର ମାତ୍ରା ଅତ୍ୟଧିକ ଭାବରେ ବୃଦ୍ଧି ପାଇଲାଣି । ନାନାପ୍ରକାର ନିତ୍ୟ ନୂତନ ପାରମାଣବିକ ଅସ୍ତ୍ରଶସ୍ତ୍ରର ଆବିଷ୍କାର ବିଶ୍ୱର ସ୍ଥିତି ପ୍ରତି ବିପଦ ସୃଷ୍ଟି କଲାଣି । ସକଳ ଶ୍ରେଣୀର ବ୍ୟକ୍ତି କେବଳ ଆପଣାର ସୁଖ, ସମ୍ଭୋଗ ଓ ସମୃଦ୍ଧିର ସାମଗ୍ରୀ ଠୁଳ କରିବାରେ ବ୍ୟସ୍ତ ଓ ବିବ୍ରତ । ସଂକ୍ଷେପରେ ଉଲ୍ଲେଖ କଲେ, ସାମ୍ପ୍ରତିକ ବିଶ୍ୱରେ ଧର୍ମ ଅଧୋଗତି, ମନ କଳୁଷିତ, ଚିନ୍ତା ଅସ୍ଥିର, ମତି ଚଞ୍ଚଳ, ବିବେକ ଅସ୍ଥିର, ବିଚାର ବିଭ୍ରାଟ, ଶିକ୍ଷା ବିବର୍ଣ୍ଣ, ଖାଦ୍ୟ ଦୂଷିତ, ପରିବେଶ ଦୁଃସହ, ସମୟ ଦାରୁଣ, ପ୍ରବୃତ୍ତି ନୀଚ, ପ୍ରକୃତି ବିଷଣ୍ଣ, ବସୁଧା ବିପନ୍ନ ଓ ସତ୍ୟନ୍ୟାୟ ତମସାଚ୍ଛନ୍ନ । ଏହି ପରିସ୍ଥିତିରେ ମାନବିକତାର ଉଚ୍ଚତର ଚେତନା ପ୍ରସୂତ ସୂକ୍ଷ୍ମ ବିଚାରବୋଧରେ ମାନବ ସମାଜକୁ ଉଦ୍‌ବୁଦ୍ଧ କରାଇବା ନିମିତ୍ତ ଦାରୁବ୍ରହ୍ମ ହିଁ ଧ୍ୟେୟ ତଥା ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆପଣେଇ ନେବା ହିଁ ଶ୍ରେୟସ୍କର ।

ଓଡ଼ିଶା ଭୂଖଣ୍ଡରେ ଆଦିବାସୀ, ନାଗ, ଶୈବ, ଶାକ୍ତ ଓ ବୈଷ୍ଣବ ପ୍ରଭୃତି ବହୁ ସଂସ୍କୃତିର ଅଭ୍ୟୁଦୟ ଘଟିଥିଲେ ହେଁ ଶ୍ରୀଜଗନ୍ନାଥ ସଂସ୍କୃତିରେ ସକଳ ସଂସ୍କୃତିର ମହାମିଳନ ଘଟିଛି । ଓଡ଼ିଶାର ସଂସ୍କୃତି କହିଲେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବୁଝାଉଅଛି । ବିଶ୍ୱ ଦରବାରରେ ଓଡ଼ିଆମାନେ ଜଗନ୍ନାଥ ଦେଶର ନାଗରିକ ଭାବରେ ପରିଚିହ୍ନିତ । ଓଡ଼ିଆଙ୍କ ଜନଜୀବନରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଭାବ ଓ ଆତ୍ମୀୟତାର ଅଭୂତପୂର୍ବ ସୌରଭ ସୃଷ୍ଟି ହୋଇଛି । ଶ୍ରୀଜଗନ୍ନାଥଙ୍କ ଠାରେ ଓଡ଼ିଆଙ୍କର ଅତୁଟ ଭକ୍ତି । ଓଡ଼ିଆଙ୍କ ହୃଦୟରେ ଶ୍ରୀଜଗନ୍ନାଥଙ୍କ ନିମିତ୍ତ ଏକ ଅନ୍ତର୍ମୁଖୀ ଭକ୍ତି ଓ ଶ୍ରଦ୍ଧା ସର୍ବଦା ଜାଗ୍ରତ ରହିଆସିଛି । ଓଡ଼ିଆଙ୍କ ଚେତନାରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଯେଉଁ କାହାଣୀ, କିମ୍ବଦନ୍ତୀ, ଲୋକୋକ୍ତି, ଢଗଢ଼ମାଳି ଓ ପ୍ରବଚନ ସୃଷ୍ଟି ହୋଇଛି, ତାହା ବିଶ୍ୱବାସୀଙ୍କୁ ବିସ୍ମୟାଭିଭୂତ କରିଛି । ଓଡ଼ିଆମାନେ ପ୍ରତ୍ୟେକ କାର୍ଯ୍ୟରେ "ସର୍ବମଙ୍ଗଳ ଜଗନ୍ନାଥ" ଉଚ୍ଚାରଣ କରି କାର୍ଯ୍ୟାରମ୍ଭ କରିଥାଆନ୍ତି । ସେମାନେ ସଭା ସମିତି, ସାରସ୍ୱତ ଆଲୋଚନାଚକ୍ର, ନୃତ୍ୟ, ସଙ୍ଗୀତ, ଅଭିନୟ ପ୍ରତ୍ୟେକ କାର୍ଯ୍ୟରେ ଶୁଭମନାସି ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ବନ୍ଦନା କରିଥା'ନ୍ତି, ଓଡ଼ିଶାର ବହୁ ଶିକ୍ଷାନୁଷ୍ଠାନ, ବ୍ୟାବସାୟିକ ଅନୁଷ୍ଠାନ, ସାରସ୍ୱତ ଅନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ ପ୍ରଭୃତି ଶ୍ରୀଜଗନ୍ନାଥଙ୍କ ନାମରେ ନାମିତ । ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନାମ ଓ ଲୀଳାର ପ୍ରାଧାନ୍ୟ ପରିଲକ୍ଷିତ । ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନରେ

ପ୍ରତ୍ୟେକଟି ଓଡ଼ିଆ ଜନ୍ମଠାରୁ ଉପନୟନ, ବିବାହ, ମାଙ୍ଗଳିକ କାର୍ଯ୍ୟ, ଗୃହ ପ୍ରତିଷ୍ଠା ଓ ପରିଶେଷରେ ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ସେହି ଜଗନ୍ନାଥଙ୍କୁ ଆଶ୍ରୟ କରି ଆସୁଛନ୍ତି ।

ଓଡ଼ିଆ ଚେତନାରେ ପିତୃପୁରୁଷ ବାଇଶପାହାଚରେ ରହି ଉତ୍ତର ପୁରୁଷଙ୍କ ପ୍ରତି ଅମୃତ ଦୃଷ୍ଟି ନିକ୍ଷେପ କରିଥା'ନ୍ତି । ଜନ୍ମ, ଜୀବନକାଳ ଓ ମୃତ୍ୟୁରେ ଶ୍ରୀଜଗନ୍ନାଥ ହିଁ ଓଡ଼ିଆଙ୍କର ଗତି, ମୁକ୍ତି ଓ ଭୁକ୍ତିଦାତା । ବିବାହ, ବ୍ରତ ଓ ନିର୍ବନ୍ଧ ପ୍ରଭୃତିରେ ଶ୍ରୀଜଗନ୍ନାଥଙ୍କୁ ଗୁଆ ମହାପ୍ରସାଦ ସମର୍ପଣ କରିବା ଓଡ଼ିଆଙ୍କର ଏକ ଭବ୍ୟ ପରମ୍ପରା । ଓଡ଼ିଆମାନେ ସେମାନଙ୍କ ସନ୍ତାନସନ୍ତତିଙ୍କୁ ବାଇଶ ପାହାଚରେ ଗଡ଼ାଇ ଦେଇ ଦୀର୍ଘ ଓ ନିରାମୟ ଜୀବନ କାମନା କରନ୍ତି । ପିଲାମାନଙ୍କ ମଙ୍ଗଳ ନିମିତ୍ତ ଶ୍ରୀମନ୍ଦିରରେ ବାନା ଚଢ଼ାଇବା ଓଡ଼ିଆଙ୍କ ସହଜାତ ପ୍ରବୃତ୍ତି । ନୂତନ ଗୃହନିର୍ମାଣ, ଜଳାଶୟ ଖନନ, କୃଷିକର୍ମ ଅନୁକୂଳ, ବ୍ୟବସାୟ ଆରମ୍ଭ, ଦେବଦେବୀ ମନ୍ଦିର ନିର୍ମାଣ ପ୍ରତ୍ୟେକ କର୍ମରେ ଶ୍ରୀଜଗନ୍ନାଥଙ୍କୁ ଆବାହନ ଓ ପୂଜନ କରିବା ଓଡ଼ିଆଙ୍କ ପାରମ୍ପରିକ ସ୍ୱଭାବରେ ପରିଣତ ହୋଇଛି । ଓଡ଼ିଆଙ୍କର ବିଶ୍ୱାସ ଶ୍ରୀଜଗନ୍ନାଥଙ୍କ ବାହୁଛାୟା ତଳେ ସେମାନେ ସୁରକ୍ଷିତ ଓ ନିର୍ଭୟ । ଓଡ଼ିଆ ଜାତୀୟ ଜୀବନର ଚିନ୍ତା ଓ ଚେତନାରେ, ଶୟନେ ସ୍ୱପନେ ଓ ଜାଗରଣେ ଶ୍ରୀଜଗନ୍ନାଥଙ୍କ ସ୍ଥିତି ଅନୁଭୂତ ହୋଇଥାଏ ।

ପୁରୀସ୍ଥିତ ଶ୍ରୀମନ୍ଦିର ଭିତରକୁ ଯିବା ପାଇଁ ଥିବା ବାଇଶ ପାହାଚ

ନୃତ୍ୟ, ସଙ୍ଗୀତ, ସାହିତ୍ୟ, କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ପ୍ରଭୃତି ହେଉଛି ସଂସ୍କୃତିର ଅନ୍ତରଙ୍ଗ ବିଭବ । ସମନ୍ୱୟାତ୍ମକ ଜଗନ୍ନାଥ ସଂସ୍କୃତିରେ ଏହିସବୁ ଅନ୍ତରଙ୍ଗ ବିଭବର ଅନ୍ତଃସ୍ରୋତ ପ୍ରବାହିତ ଏବଂ ଓଡ଼ିଆଙ୍କ ପ୍ରଜ୍ଞାର ଉନ୍ନତ ରୁଚି ଓ ସଂସ୍କାରବୋଧ ଦ୍ୱାରା ଏହା ଦୀପ୍ତିମାନ । ଶ୍ରୀଜଗନ୍ନାଥଙ୍କ ପାରମ୍ପରିକ ନୃତ୍ୟ ପ୍ରବାହରୁ ଓଡ଼ିଶୀ ନୃତ୍ୟ ଉଦ୍ଭବ ହୋଇ ସମ୍ପ୍ରତି ବିଶ୍ୱର ସର୍ବଜନାଦୃତ ନୃତ୍ୟ ଭାବରେ ପ୍ରତିଷ୍ଠିତ । ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରତ୍ୟେକଟି ସଙ୍ଗୀତ ଭାବସ୍ପର୍ଶୀ ଓ ଚେତନାଦ୍ୟୋତକ । ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆଧାର କରି ଯେଉଁ ଅସଂଖ୍ୟ ଓଡ଼ିଆ ସାହିତ୍ୟ ସୃଷ୍ଟି ହୋଇଛି ତହିଁର ପଟାନ୍ତର ନାହିଁ । ଶ୍ରୀଜଗନ୍ନାଥ ସଂସ୍କୃତିର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଓଡ଼ିଶୀ କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ରୂପେ ପରିଚିହ୍ନିତ ତଥା ସ୍ୱକୀୟ ସ୍ୱାତନ୍ତ୍ର୍ୟ, ବୈଶିଷ୍ଟ୍ୟ ଓ ନୈପୁଣ୍ୟରେ ଉଚ୍ଚ ଆସନରେ ଅଧିଷ୍ଠିତ । ଏହା ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୋଇ ଉତ୍କଳକୁ ଉତ୍କୃଷ୍ଟ କଳାର ଭୂଖଣ୍ଡର ମର୍ଯ୍ୟାଦା ପ୍ରଦାନ କରିଛି । ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରତ୍ୟେକଟି ଅନ୍ତରଙ୍ଗ ବିଭବ ଉଦାର ଓ ମହାନ ଅନ୍ତଃପ୍ରେରଣାରେ ଦୀପ୍ତିମନ୍ତ । ଏଗୁଡ଼ିକର ବୌଦ୍ଧିକ ସୃଜନଶୀଳତା ଏହାକୁ ବିଶ୍ୱସଂସ୍କୃତିରେ ସ୍ୱତନ୍ତ୍ର ଆସନରେ ଅଧିଷ୍ଠିତ କରିପାରିଛି । ଶତାବ୍ଦୀ ଶତାବ୍ଦୀ ଧରି ଏହି ଅନ୍ତରଙ୍ଗ ବିଭବ ସମୂହ ବିଶ୍ୱ ଜନମାନସକୁ ଆକର୍ଷିତ କରିଆସିଛି ।

ଶ୍ରୀଜଗନ୍ନାଥ ସଂସ୍କୃତି ମାନବର ଜୀବନଚର୍ଯ୍ୟାକୁ ସରସ, ସୁନ୍ଦର, ସମୃଦ୍ଧ, ସୃଜନଶୀଳ ଓ ପରିପୂର୍ଣ୍ଣ କରିଆସିଛି । ମହନୀୟତା ହେଉଛି, କ୍ରମାଗତ ସଂସ୍କାର ଓ ଉତ୍ତରଶୀଳତା ଦ୍ୱାରା ଊର୍ଦ୍ଧ୍ୱମୁଖୀ ହୋଇ ଏହା ମାନବିକତାର ଫଳପ୍ରଦ ଶକ୍ତିରେ ସମୃଦ୍ଧ । ସୁଦୀର୍ଘ ପାରମ୍ପରିକ ପ୍ରବାହ ଏହାକୁ ଉଜ୍ଜୀବିତ ରଖିବା ସହିତ ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୋଇ ନୈତିକତା, ମର୍ଯ୍ୟାଦାବୋଧ ଓ ସୃଜନଶୀଳତାକୁ ଭବ୍ୟରୂପ ପ୍ରଦାନ କରିପାରିଛି । ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରବହମାନ ଧାରାରେ ଆଧ୍ୟାତ୍ମିକ ଐକ୍ୟବୋଧର ଉନ୍ନତ ରୁଚି, ବୌଦ୍ଧିକ ସୃଜନଶୀଳତା ଓ ସଂସ୍କାରବୋଧ ଚିର ଜାଜ୍ୱଲ୍ୟମାନ । ଶ୍ରୀଜଗନ୍ନାଥ ସଂସ୍କୃତିରେ ବିଶ୍ୱର ସକଳ ଚେତନା, ଧାରଣା, ସମ୍ଭାବନା, ମତବାଦ ଓ ଭାବାଦର୍ଶ ଏକାକାର ହୋଇଯାଇଛି । ଏହି ସଂସ୍କୃତି ମୈତ୍ରୀମୁଖୀ ଆଭିମୁଖ୍ୟର ପରିପ୍ରଚାରରେ ବିଶ୍ୱବିଶ୍ରୁତ ଏବଂ ସ୍ୱକୀୟ ସୌରଭରେ ବିଶ୍ୱ ସଂସ୍କୃତିରେ ରୂପାନ୍ତରିତ ।

■■■

ଆନନ୍ଦନଗର, କାଠଗଡ଼ା, ଢେଙ୍କାନାଳ-୭୫୯୦୦୧

ଦୂରଭାଷ : ୮୮୯୫୨୩୦୭୨୨

METRO DECOR PVT. LTD.
SERVING IN QUALITY PRODUCTS SINCE 1999
JAS-ANZ
IAF
AN ISO 9001 : 2008 Certified Company
MDPL
DOORS FOREVER
Panel Doors for Home & Office Use.
SAVE TREES USE MOULDED PANEL DOORS.
Embossed authentic wood grain texture
Termite resistant
Resists warping and cracking better than solid wood
Wood grain texture gives rich look of natural wood door.
Can be painted or polished to match any interiors.
Boiling water proof (BWP) as per IS 15380 : 2003
Boiling water resistance
Rokoko
Greenply
HDF Moulded Panel Doors
Melamine Moulded 2 Panel FT Doors
Veneer Moulded Panel FT Doors
Melamine Moulded Panel FT Doors
Introducing
WPC ଚୌକାଠ
Doors & Boards
Manufacturer / Trader
All type of
DOORS
available here
MDPL Beautiful Wooden Moulded Panel Doors, Teak Veneer Doors, Melamine Doors Membrane Doors, Sintex, Cactus & Jain PVC Doors & frames, FRP Doors, Windows, Frames WPC Boards, Doors & Frames, Alumunium Doors & Windows, Steel Railings & False Ceilings.
HO. : Pilgrim Road, College Square, Cuttack-753003
Ph.: 0671-2200534, 7381043300
www.metrodecorindia.com, email : info@metrodecorindia.com/metrodecor_ctc@yahoo.co.in
DEALERS REQUIRED FOR SELECTED TOWNS OF ODISHA

HOLIDAY RESORT
PURI, ODISHA
Always Trusted Always Ahead
Wishes
Happy
Durga
Puja
FACILITIES :
• Lavish Suites, Cottages, and Rooms
• Redefined Fine Dining
• Rejuvenating SPA
• Revamped Swimming Pool
• Versatile Banquet Spaces
Mr. Rajkishore Patra
Managing Director
06752 222 440
www.puriholidayresort.com

Salute to Legendary Utkalmani Pandit Gopabandhu Das on the auspicious occasion of

105th Foundation Day Celebration of SAMAJA

Indo Global Commercials (P) Ltd.

'Jain House', 56,
East Wardhaman Nagar,
Nagpur-440 008 INDIA

Phone:+91 7122681706-09

Website:www.indoglobal.asia

ଜୀବନ୍ୟାସର ନବନ୍ୟାସ

॥ ୧ ॥

କିଏ ଚିହ୍ନିଥିଲା ତା'କୁ? ଚିହ୍ନିବା ଦରକାର ବା କ'ଣ ଥିଲା ? ସାଧାରଣମାନଙ୍କର ଚିହ୍ନାପରିଚୟ ଗୋଟେ କ'ଣ? ସେମିତି ତା' କଥା । ସେ ଖେଳୁଥିଲା, ବୁଲୁଥିଲା ଏବଂ ଗୋଟିଏ ସାଧାରଣ ଜୀବନଯାପନ କରୁଥିଲା ।

ହେଲେ ତା'କୁ ଚିହ୍ନିଗଲେ ସମସ୍ତେ- ରାଷ୍ଟ୍ର ହେଇଗଲା ତା'ର ଅଦ୍ଭୁତ ଆବିଷ୍କାର! କିମ୍ବଦନ୍ତୀକୁ ସତ କରିଦେଇ ଅଭାବନୀୟ ଭାବେ ସେ ଆବିଷ୍କାର କଲା ଭଙ୍ଗା ରାଜପ୍ରାସାଦ ଭିତରୁ କୋଉଯୁଗରୁ ଭୂମିଗର୍ଭସ୍ଥ ସେ ସୁବର୍ଣ୍ଣ ପ୍ରତିମା!

ସେଇ ଆବିଷ୍କାର ସହ ସମାପ୍ତି ଘଟିଲା ତା'ର ସାଧାରଣତାର !

ସେ ହୋଇ ଉଠିଲା 'ନାୟକ'ଟିଏ ! ତାହା ଜୀବନର ହଉ କି ଉପନ୍ୟାସର! ନାୟକ? ନାୟକ କ'ଣ କି ? ଉପନ୍ୟାସର ସବୁ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ଯେ ଥାଏ, ଯାହାର କାର୍ଯ୍ୟକଳାପରେ ଘଟଣାଗୁଡ଼ିକର ଗତିପଥ ବଦଳେ ଓ ସେଇ ସୂତ୍ରରେ ସମଗ୍ର ଉପନ୍ୟାସରେ ଯେ ନିଜକୁ ଜାହିର କରିଥାଏ - ସେଇତ ନାୟକ! ନାୟକ ହୁଏ ସେଇ ଯେ ଉପନ୍ୟାସର ଆଦର୍ଶ ପ୍ରତିଷ୍ଠା ଲାଗି ପ୍ରତିକୂଳତାଗୁଡ଼ିକୁ ପ୍ରତିହତ କରିବାକୁ ଆଗୁସାର ହୋଇଥାଏ- ନାୟକ ହୋଇଥାଏ ସେ, ଯେ ନିଜର ଚିନ୍ତା ଓ କର୍ମରେ ଉପନ୍ୟାସର ପ୍ରଥମରୁ ହେଉ ବା ପରିଣତି ଆଡ଼କୁ, ପାଠକର ଦୃଷ୍ଟାନ୍ତ ହେଇଉଠେ । ତେଣୁ ରାଜୁ- ସେ ତରୁଣ ଯେ ଅବିଷ୍କାର କରିଥିଲେ ଭଗ୍ନ ସ୍ତୂପରୁ ସୁବର୍ଣ୍ଣର ନାରୀମୂର୍ତ୍ତି, ସେ ନାୟକ ହେଇଯିବାରେ, ଅସାଧାରଣ ହେଇଯିବାରେ ଆଶ୍ଚର୍ଯ୍ୟ ବା କ'ଣ ଅଛି ?



କଇଳାଶ ପଟ୍ଟନାୟକ

ପ୍ରାବନ୍ଧିକ, ବିପନ୍ନ ଭାଷା କେନ୍ଦ୍ର, ବିଶ୍ୱଭାରତୀର ନିର୍ଦ୍ଦେଶକ । ଭାରତୀୟ ସାହିତ୍ୟ, ଆଧୁନିକ ଓଡ଼ିଆ ସାହିତ୍ୟ ଓ ଲୋକସାହିତ୍ୟ ଉପରେ ଗବେଷଣାଲବ୍ଧ ୨୫ଟି ପୁସ୍ତକ ରଚନା କରିଛନ୍ତି । ବିଭିନ୍ନ ଶିକ୍ଷାନୁଷ୍ଠାନରେ କାର୍ଯ୍ୟକରି ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି ।

ଏକଦା କୌଣସି ଜଣେ ଶିଳ୍ପୀ ରାଜା ଧ୍ୟାନସ୍ଥ ଜ୍ଞାନରୁ ଜାଣିପାରିଲେ ସେ ରାଜ୍ୟର ଉଚ୍ଚପର୍ବତରେ ଅଛି ସୁନା ! ଅଳ୍ପ ସୁନାରେ ସେ ଗଢ଼ିଥିଲେ ଅପୂର୍ବ ସୁନ୍ଦର ଏକ ନାରୀମୂର୍ତ୍ତି । ତା'ର ଚର୍ଚ୍ଚା ଚହଟି ଯାଇଥିଲା ଦିଗ୍‌ବିଦିଗ । ସେ ମୂର୍ତ୍ତିକୁ ଜନସାଧାରଣଙ୍କୁ ଦେଖାଇବାର ଅପେକ୍ଷମାଣ ରାଜା ପାଇ ନ ଥିଲେ ଅନୁକୂଳ ସମୟଟିଏ ! ସୁନା ପାହାଡ଼ ଓ ସିଂହାସନ ପ୍ରଲୁବ୍ଧ କରିଥିଲା ପ୍ରତିବେଶୀ ରାଜାଙ୍କୁ । ଗୃହଶତ୍ରୁଙ୍କ ସହାୟତାରେ ସେ ଆକ୍ରମଣ କରିଥିଲେ ଶିଳ୍ପୀ ରାଜାଙ୍କ ରାଜ୍ୟ । ବିପଦ କୁଆଡ଼େ ଏକା ଆସେ ନାହିଁ! ପ୍ରତିବେଶୀ ରାଜାଙ୍କ ଏ ଅତର୍କିତ ଆକ୍ରମଣ ସହ ଆସିଥିଲା ପ୍ରାକୃତିକ ବିପର୍ଯ୍ୟୟ! ହୋଇଥିଲା ଭୀଷଣ ଭୂମିକମ୍ପ । ଶିଳ୍ପୀ ରାଜାଙ୍କ ନଅର ହୋଇଥିଲା ଭୂଲୁଣ୍ଠିତ । ତା' ସହିତ ସେଇ ଧ୍ୱଂସାବଶେଷ ଭିତରେ କେଉଁଠି ଲୁଚି ଯାଇଥିଲା ସେ ସୁବର୍ଣ୍ଣ ପ୍ରତିମା !

ପୁରୁଣା ପରେ ତ ଆରମ୍ଭ ହୁଏ ନୂଆର । ନୂଆ ଯେତେବେଳେ ପୁରୁଣା ହେଇଯାଏ, ଜନ୍ମନିଏ ପୁଣି ଏକ ନୂଆ ! ଏ ପ୍ରାକୃତିକ ନିୟମ ସେଠି ବି ଦେଖା ଦେଇଥିଲା 'କନକ ଉପତ୍ୟକା' ଯାହାର ନାଁ ଓ ଯେଉଁଠି ଶିଳ୍ପୀ ରାଜାଙ୍କ ରାଜତ୍ୱକୁ ଉତ୍‌ଖାତ କରିଦେଇଥିଲା ମନୁଷ୍ୟ ଓ ପ୍ରକୃତିକୃତ ଦୁଇଦୁଇଟି ବିପ୍ଳାତ । ଏ ନୂଆ ରାଜା, ସୁନା ଓ ସିଂହାସନ ଲାଳସାରେ ଯେ ଆକ୍ରମଣ କରିଥିଲେ ଏ ଶାନ୍ତ ସୁନ୍ଦର ଉପତ୍ୟକା, ତାଙ୍କ ରାଜତ୍ୱ କାଳରେ ଘଟିଥିଲା ଏକ ଉଲ୍ଲେଖନୀୟ ପରିବର୍ତ୍ତନ, 'ପୂର୍ବ ରାଜବଂଶ ଅମଳରେ ରାଜା ଓ ପ୍ରଜା ବନ୍ଧା ହେଉଥିଲେ ଶ୍ରଦ୍ଧାର ଡୋରିରେ । ନୂଆ ରାଜବଂଶ ଅମଳରେ ଉଭୟଙ୍କ ସମ୍ପର୍କ ହେଲା ଭିନ୍ନ । ରାଜା ହେଲେ ସନ୍ଦେହୀ ଓ ଉଦ୍ଧତ ପ୍ରଜାଏ ହେଲେ ଭୀତ ଓ ସନ୍ତ୍ରସ୍ତ ।'

ଏଇ ରାଜାଙ୍କ ଏକ ଅବାଞ୍ଛିତ ଖିଆଲୀପଣରେ ନାୟକ ରାଜୁକୁ, ନା, ନାୟକ ପର୍ଯ୍ୟାୟକୁ ସେ ପର୍ଯ୍ୟନ୍ତ ରାଜୁ ଉନ୍ନୀତ ହୋଇନାହିଁ; ତରୁଣ ରାଜୁକୁ ତା'ର ମୃତ ସ୍ଥପତି ବାପା ପାଇଥିବା ଅକାରଣ ଜେଲ୍‌ଦଣ୍ଡର ଅବଶିଷ୍ଟାଂଶକୁ ଭୋଗିବାକୁ ଧରି ଆଣିବାକୁ ସେ ଆଦେଶ ଦେଇଥିଲେ । ସେ ଖବର ପାଇ ରାଜୁ ପ୍ରାଣ ବିକଳରେ କନକ ଉପତ୍ୟକାରୁ ପଳେଇ ଯିବାକୁ ଓ ନିଜକୁ ଗୋପ୍ୟ ରଖିବାକୁ ଆଶ୍ରୟ ନେଇଥିଲା ପୁରୁଣା ରାଜବାଟୀର ସେ ଭଗ୍ନାବଶେଷରେ ।

ଲୋଭ ଯେଉଁ ଶାସକର ମୁକୁଟ, କପଟତା ଯାହାର ଭୂଷଣ, ଧୂର୍ତ୍ତତା

ଯାହାର ଅସ୍ତ୍ର ସେ କ'ଣ ବା କରି ନ ପାରେ! 'ନୂଆ ରାଜବଂଶ ଅମଳରେ ରାଜ୍ୟରୁ ଶିଳ୍ପ, ଅଙ୍କନ ଇତ୍ୟାଦି ବିଦ୍ୟା ଲୁପ୍ତ ହୋଇଯାଇଥିଲା' - ଅର୍ଥାତ୍ ଶିଳ୍ପୀ ରାଜାଙ୍କ ସମୟର ରାଜ୍ୟବ୍ୟାପୀ ସର୍ଜନଶୀଳତାର ଯେଉଁ ବାତାବରଣ, ତା'ର ଘଟିଥିଲା ଦୁଃଖଦ ଅନ୍ତ ! ସର୍ଜନଶୀଳତା ଲାଗି ଲୋଡ଼ା ଯେଉଁ ସମ୍ବେଗ, ସମଦୃଷ୍ଟି ଓ ସହୃଦୟତା - ସେ ସବୁର ଗୁରୁତ୍ୱ ଏ ରାଜତ୍ୱରେ ବା କାହିଁ ? ଶାସକ ଯେଉଁଠି ପ୍ରଶଂସାପ୍ରିୟ, ସ୍ୱାର୍ଥପର, ପାରିଷଦ ଯେଉଁଠି ଚାଟୁକାର, ଅନ୍ଧ ସମର୍ଥକ; ମୁକ୍ତଚିନ୍ତାର, ନୂଆଭାବନାର ସୁଯୋଗ ସେଠି କାହିଁ ?

ଏମିତି ଏକ ଅସ୍ଥିର ବାତାବରଣରେ, ଏକ ଔଦ୍ଧତ୍ୟମୟ ବାୟୁମଣ୍ଡଳରେ, ଏକ ପ୍ରୌଢ଼ିପୂର୍ଣ୍ଣ ପରିବେଶରେ କେମିତି ବା ଜନ୍ମ ନିଅନ୍ତା ଉଦାରଭାବନା, ମହତ୍ ଚିନ୍ତା ? ସଂସାର ନିର୍ଲିପ୍ତ, ସେ ତରୁଣ ରାଜୁକୁ ବନ୍ଦୀ କରିବାର ଆଦେଶ ତ ସେଇଥିପାଇଁ!

ବେଳେବେଳେ ଅଦୃଷ୍ଟର ଅପୂର୍ବ ଅଙ୍ଗୁଳି ଚାଳନାରେ 'ଦଣ୍ଡାଦେଶ' ବଦଳି ଯାଇଥାଏ 'ବରଦାନ'ରେ । ରାଜୁର ଭାଗ୍ୟରେ ଅପେକ୍ଷା କରିଥିଲା ସେମିତି ଏକ କୁହୁକ!

ଧ୍ୱଂସାବଶେଷରେ ଲୁଚି ରହିଥିଲାବେଳେ ରାଜୁ ଅପ୍ରତ୍ୟାଶିତ ଦେଖିଲା ସେ କନକର ନାରୀ ପ୍ରତିମା - ଯାହାର ଅସ୍ତିତ୍ୱ ଥିଲା କେବଳ ଜନଶ୍ରୁତିରେ, ସେ ଆଜି ଏ ଜହ୍ନ ଆଲୁଅରେ ସାକାର!!

ରାତିର ଅନ୍ଧକାର, ଜହ୍ନର ମହଳ ଆଲୁଅ, ଧ୍ୱଂସାବଶେଷରେ ପ୍ରତିମାର ଉତ୍‌ଥାନ ପରି ରହସ୍ୟମୟ ବାତାବରଣରେ କେହି ଯେମିତି ଜଣାଇଦେଲା ଏ ପ୍ରତିମା ଜୀବନ୍ୟାସ ପାଇବା ଉଚିତ୍ ! କୌଣସି ଲୋକକାହାଣୀର ସହାୟତା ଦାନକାରୀ ଯେପରି ଗଭୀର ନିରାଶା ଭିତରେ ଆଶାର ସଞ୍ଚାର କରାଇଥାଏ, ସମସ୍ୟାର ଅତଳ ସାଗରରେ କୂଳର ନିର୍ଦ୍ଦେଶ କରିଥାଏ ସେମିତି ଏକ ଅଲୌକିକ ସ୍ୱର ଜଣାଇ ଦେଇଥିଲା, 'ଏ ଝରଣା ଟପି ଚାଲିଯାଅ । ତମେ ତିନି ମୂଲକ ଅତିକ୍ରମ କରି ପହଞ୍ଚିବ ଏକ ଭିନ୍ନ ରାଜ୍ୟରେ, ଭେଟିବ ଜଣେ ଦେବୀଙ୍କୁ । ଜୀବନ୍ୟାସର ରହସ୍ୟ ସେ କହିଦେବେ ।'

ପ୍ରତିମାର ଜୀବନ୍ୟାସ ପାଇଁ ରାଜୁର ସୃଷ୍ଟି ହୋଇଥିଲା ପ୍ରବଳ ଇଚ୍ଛାଶକ୍ତି । ସେ ଦୈବୀବାଣୀ କି ଅଦୃଶ୍ୟ କାହାରି କଣ୍ଠସ୍ୱର ତା ଭିତରେ ଭରି ଦେଇଥିଲା ଅନୁପ୍ରେରଣା । ସେ ପ୍ରତିମାର ପ୍ରାଣପ୍ରତିଷ୍ଠାର, କେଜାଣି କେଉଁ ରହସ୍ୟ ବଳରେ, ମାଧ୍ୟମ ହେଇଗଲା ସେ ତରୁଣ ରାଜୁ ! ଝରଣା ଟପି ଆଗକୁ ଯିବା ପାଇଁ ସେ ହେଇଗଲା ତତ୍ପର । ଖାତିର କଲା ନାଇଁ ସେ ରାଜାଙ୍କୁ, ଯାହାଙ୍କ ଆଦେଶରେ ବନ୍ଦୀ କରିବାକୁ ତା'କୁ ଖୋଜା ହେଉଥିଲା । ପ୍ରତିମାର ସୁରକ୍ଷା ପାଇଁ ରାଜାଙ୍କ ସହାୟତା ନେବା ଥିଲା ଅନିବାର୍ଯ୍ୟ । ସେଇଆ ସେ କଲା । ପ୍ରତିମାର ସୌନ୍ଦର୍ଯ୍ୟରେ ସେ ରାଜା ହୋଇସାରିଥିଲା ଦଶଦଶାଗ୍ରସ୍ତ, ମୂର୍ତ୍ତିର ମୋହିନୀ ରୂପରେ ସେ ହୋଇ ପଡ଼ିଥିଲା ମୂହ୍ୟମାନ; ଅତଏବ ରାଜୁକୁ ମୂର୍ତ୍ତିରେ ପ୍ରାଣ ସଞ୍ଚାରର ଯାହା କିଛି କରଣୀୟ ସେସବୁ କରିବାକୁ କଲା ଉତ୍ସାହିତ - କାରଣ ମୂର୍ତ୍ତି ଜୀବିତ ହେଲେ, ସେ ଘୋଷଣା କରି ସାରିଥିଲା, ତା'କୁ ବାହା ହବ । ତେଣୁ ରାଜୁ ପ୍ରତି ଥିବା ତା'ର ପୂର୍ବ ଦଣ୍ଡାଦେଶ ଭୁଲିଯିବା ଥିଲା ସ୍ୱାଭାବିକ ।

ଏ ପର୍ଯ୍ୟନ୍ତ ଘଟି ଚାଲିଥିଲା କିଛି ଚମତ୍କାରୀ ଘଟଣା, କୌତୁକପ୍ରଦ ଉପସ୍ଥାପନ ମାଧ୍ୟମରେ - ମନୋଜ ଦାସଙ୍କ (୧୯୩୪-୨୦୨୧) କିଶୋର ଉପନ୍ୟାସ 'କନକ ଉପତ୍ୟକାର କାହାଣୀ' (୧୯୯୪)ରେ । ହେଲେ ଘଟଣାର କେବଳ ସ୍ଥୂଳ ଉପସ୍ଥାପନାରେ ତ କୌଣସି ଉପନ୍ୟାସର ତାତ୍ପର୍ଯ୍ୟ ପ୍ରକାଶିତ ହୁଏ ନାଇଁ, ସେଥିଲାଗି ଲୋଡ଼ା 'ଆଉ କିଛି' । ଏକଥା ଜାଣିଥିଲେ ମନୋଜ । ରାଜୁର ଝରଣା ଲଙ୍ଘିବା ଘଟଣା ଉପନ୍ୟାସରେ ଆଣିଥିଲା ଏକ ମୋଡ଼ ପରିବର୍ତ୍ତନ । ସେଇ ଘଟଣା ମଧ୍ୟ ସୃଷ୍ଟି କରିଥିଲା ଉପନ୍ୟାସରେ ଏକ ଅବିଶ୍ୱାସ୍ୟ ଗତି ।

॥ ୨ ॥

ରାଜୁର ପ୍ରପାତପାରିର ଯାତ୍ରା ଏକ ବୃହତ୍ତରତା, ଏକ ଗଭୀରତା ଆଡ଼କୁ ଯାତ୍ରା । କନକ ଉପତ୍ୟକାର ବାସ୍ତବତା ଭିତରୁ ଯେଉଁ ଯାତ୍ରା ତାହା ହୁଏତ ରାଜୁକୁ ନେଇ ଯାଉଛି ଭିନ୍ନ ଏକ ବାସ୍ତବତା, ଭିନ୍ନ ଏକ ରହସ୍ୟମୟତା ଆଡ଼କୁ! ଏକ କୌତୁକ ମୁଖରିତ ଅଣଗମ୍ଭୀର କାହାଣୀ, ପ୍ରପାତ ପାଣିରେ ଯେମିତି ନିଜର ସେ ରୂପରେ ଆଉ ଟିକିଏ ଚମକ୍ ଆଣିଥିଲା । ତା' ମଧ୍ୟରୁ ଆତ୍ମପ୍ରକାଶ କରିଥିଲା କୌତୁକପୂର୍ଣ୍ଣ ଘଟଣା ଓ ବର୍ଣ୍ଣନାର କାହାଣୀଧାରା ସହ ଭାବ-ଗଭୀରତାର ସଙ୍କେତ ଦେଇ ଗମ୍ଭୀର କୌଣସି ବକ୍ତବ୍ୟର ଧାରା! ଯେ ଦୁଇଧାରା କେହି କାହାରି ବିରୋଧୀ ନୁହନ୍ତି, ପରସ୍ପର ନିର୍ଭରଶୀଳ! ପରସ୍ପର ପରିପୂରକ !!

ରାଜୁ ଶୁଣିଥିଲା ଓ ଜନଶ୍ରୁତିଟି ଥିଲା ଏପରି ଯେ ଯିଏ ପ୍ରପାତ ଲଙ୍ଘି ସେପଟକୁ ଯାଏ ଆଉ ଫେରେନା - ତେଣୁ ରାଜୁକୁ ପ୍ରପାତ ଲଙ୍ଘନ ନ କରିବାକୁ କହିଥିଲେ ଅନେକେ, ମାତ୍ର ଦୃଢ଼ ସଂକଳ୍ପ ରାଜୁକୁ ଏ ପରାମର୍ଶ,

"*ଭୋଗର ପ୍ରଲୋଭନ ଏଡ଼ାଇ ତପସ୍ୱୀଟିଏ ହେବା କ'ଣ ସହଜ ? ଈଶ୍ୱରଙ୍କୁ ପ୍ରାର୍ଥନା ଓ ଧ୍ୟାନରେ ଏକ ଶୁଦ୍ଧ ଜୀବନଯାପନର ତପସ୍ୱୀଙ୍କ ନିର୍ଦ୍ଦେଶ ହୁଏତ ମାନିଥିବେ ପ୍ରଥମ ଶରଣାର୍ଥୀ ଓ ତା'ର ପରିବାର ପରିଜନ । କାରଣ, ତାହା ସେମାନଙ୍କ ପାଇଁ ଥିଲା ବାସ୍ତବ ଘଟଣା, ଯାହା ନିଜ ଆଖିଦେଖା । ମାତ୍ର ପରବର୍ତ୍ତୀ ବଂଶଧରମାନଙ୍କ ପାଇଁ ତାହା ତ ଥିଲା ଏକ କିମ୍ବଦନ୍ତୀ ମାତ୍ର! ତାକୁ ବା ସେମାନେ ଗୁରୁତ୍ୱ କାହିଁକି ଦେଇଥାନ୍ତେ? ବିଶ୍ୱାସର ଭିତ୍ତି ଯଦି ଥରେ ଦୋଦୁଲ୍ୟମାନ ହୁଏ ତେବେ ଚିତ୍ତର ସଂଯମ ଭୁଶୁଡ଼ି ପଡ଼େ ।*"

ଏ ସତର୍କତା ଅଟକାଇ ପାରି ନଥିଲା! ସାଧାରଣଙ୍କ ସୀମିତତା ଭିତରେ ପ୍ରପାତ ଲଙ୍ଘନ ଦୁଷ୍କର ହେଇପାରେ, ଭୟଦ ହେଇପାରେ; ମାତ୍ର ଯେଉଁ ଦିବ୍ୟ ସଂକଳ୍ପରେ ରାଜୁର ଏ ଯାତ୍ରା, ସେଠି ପ୍ରତିକୂଳତାଗୁଡ଼ିକ ଯେ ଏକ ଏକ ପରୀକ୍ଷା ! ମଣିଷ ତା'ର ସାମାନ୍ୟ ଜ୍ଞାନରେ ଯେତିକି ଦେଖେ, ଜାଣେ, ବୁଝେ - ବିଶ୍ୱ ବ୍ରହ୍ମାଣ୍ଡରେ ସେତକ ତ ସର୍ବସ୍ୱ ନୁହେଁ, ତା'ଠୁ ଆହୁରି ଅଧିକ, ଆହୁରି ବିସ୍ତାରିତ, ଆହୁରି ଗଭୀର ବହୁସ୍ତରୀୟ କେତେଯେ ରହସ୍ୟ ରହିଚି, ତାହା ମଣିଷର ବୋଧଶକ୍ତିର ଅଗମ୍ୟ ! ସୁଖ୍ୟାତ ଆନି ବେସାନ୍ତ ତାଙ୍କ The Larger consciousness ପ୍ରବନ୍ଧରେ ଅନୁରୂପ ସ୍ଥିତିର ଏମିତି ବ୍ୟାଖ୍ୟା ଦିଅନ୍ତି, ...that the limited consciousness couldnot know the larger consciousness which was beyond its own limitation. The I(h)igher knew the lower, the lower knew not the I(h)igher. the ignorance of the lower was then no proof of the non existance of the higher. The limitations that bound the lower consciousness couldnot be used as arguments against the higher condition. (The laws of the Higher Life, Adyar, The Theosophical publishing house, no date, ଏହି ପୁସ୍ତକରେ ସଙ୍କଳିତ) ।

ରାଜୁ ତ ଆଉ ସେତେବେଳେ 'ସାଧାରଣ' ମଣିଷ ଭିତରେ ଗଣା ହେଉନାହିଁ! କନକ ପ୍ରତିମାର ଆବିଷ୍କର୍ତ୍ତା, ସେଇ ପ୍ରତିମାର ପ୍ରାଣ ସଞ୍ଚାରର ସଙ୍କଳ୍ପକାରୀ - ଅସାଧ ସାଧନ ପାଇଁ ସ୍ୱେଚ୍ଛାକୃତ ଯାତ୍ରୀ ସେ ! ହେଲେ ସାଧାରଣମାନେତ 'ନାୟକ' ହୁଅନ୍ତି ନାଇଁ, ହୁଅନ୍ତି ଅସାଧାରଣମାନେ! 'ରହସ୍ୟ' ସେ ପର୍ଯ୍ୟନ୍ତ ରହସ୍ୟ ହେଇ ରହିଥାଏ ଯେ ପର୍ଯ୍ୟନ୍ତ କେହି ତାକୁ ଭେଦ କରିନଥିବେ! ଥରେ ରହସ୍ୟକୁ, ତା'ର ଗୋପନୀୟତାକୁ ଜାଣି ନେଲାପରେ ସେ ଆଉ ରହସ୍ୟ ହୋଇ ରହେ ନାଇଁ । ଜଳପ୍ରପାତ ଏକ ଅଲଙ୍ଘ୍ୟ ପ୍ରତିକୂଳତା, ଜଳପ୍ରପାତ ଡେଇଁଲେ ଭିନ୍ନ ଏକ ରାଜ୍ୟ - ଯେଉଁଠୁ କେହି ଆଜି ପର୍ଯ୍ୟନ୍ତ ଫେରିଆସି ପାରିନାହାନ୍ତି । ଏ ଜନଶ୍ରୁତି ପ୍ରପାତ ସେପଟ ରାଜ୍ୟକୁ କରି ଦେଇଥିଲା ଅଧିକ ରହସ୍ୟମୟ, ଅଧିକ ଭୟଙ୍କର । ମାତ୍ର କନକ ଉପତ୍ୟକାକୁ ଅବଶ୍ୟ ଫେରିଆସି କନକ ପ୍ରତିମାରେ ଜୀବନର ସଞ୍ଚାର କରାଇବାକୁ ଯାହାର ଉଦାର ସଙ୍କଳ୍ପ, ଯାହାର ଗଭୀର ଆତ୍ମପ୍ରତ୍ୟୟ - ତା' ଆଗରେ କୌଣସି ବି ପ୍ରତିକୂଳତା - ଆଉ ପ୍ରତିକୂଳତା ହେଇ ରହେନାହିଁ, ସେଇ ଅକୁତୋଭୟ ମଙ୍ଗଳର ଆବାହକ ତରୁଣ ରାଜୁକୁ ତା'ର ନିଷ୍ପାପର ଉଦ୍ୟମରୁ ଅଟକାଇବ ବା କିଏ ? ଆଉ ସେ ସବୁ ଆଶଙ୍କା ଓ ସତର୍କତାକୁ ଉପେକ୍ଷା କରି ପ୍ରପାତକୁ ଡେଇଁ ପଡ଼ିଲାବେଳେ, 'ଚନ୍ଦ୍ର ପ୍ରସ୍ତପ୍ରସ୍ତ ମେଘ ଭିତରେ କ୍ରମେ ପୂରାପୂରି ଲୁଚି ଗଲାଭଳି ରାଜୁର ଚେହେରା ପ୍ରପାତର ପ୍ରସ୍ତପ୍ରସ୍ତ ଜଳଧାରା ଭିତରେ କ୍ରମେ ଝାପ୍‌ସା ହେଇ ତାପରେ ପୂରାପୂରି ହଜିଗଲା' ସେଇ 'ଭୟଙ୍କର' ଓ 'ଦୁର୍ଲଙ୍ଘ୍ୟ' ଅପଖ୍ୟାତ ପ୍ରପାତକୁ ଅବଲୀଳାକ୍ରମେ ପାରିହୋଇ ଆସିବା ଭିତରେ ଜୟ ହେଲା ରାଜୁର 'ବିପଦ'କୁ ସାମ୍ନା କରିବାର ସଙ୍କଳ୍ପ !

॥ ୩ ॥

ସେ ପ୍ରପାତ ସୀମା ପରେ ଯେଉଁ ରାଜ୍ୟ - ତାହା 'ଜ୍ଞାନ ବିଜ୍ଞାନ' ରାଜ୍ୟ । ଜ୍ଞାନ, ବିଜ୍ଞାନର ବହିଃଉନ୍ନତି ସତ୍ତ୍ୱେ ତାହା ଯେମିତି ଅନ୍ୟ ଏକ କନକ ଉପତ୍ୟକା । ସମଗ୍ର ରାଜ୍ୟ ପୁରୋହିତ-ଶାସକର ଚାପରେ ପ୍ରଜାଗଣ ଯନ୍ତ୍ରତୁଲ୍ୟ କାକୁସ୍ଥ । ସେମାନେ ସ୍ୱତନ୍ତ୍ର ଚିନ୍ତା ବା ଆଚରଣ ରହିତ । ବିଜ୍ଞାନରେ ସେମାନେ ଏପରି ଉନ୍ନତ ଯେ ଦୂରରେ ଥାଇ କାହାକୁ ଦେଖି ତା'ର କଥା ଶୁଣିପାରନ୍ତି, ମଣିଷକୁ ଘୋଡ଼ା ଓ ଘୋଡ଼ାକୁ ମଣିଷ କରିପାରନ୍ତି, ଅନ୍ୟର ମନୋଭାବ ଜାଣିବା ପାଇଁ ଦର୍ପଣ ବାହାର କରି ପାରନ୍ତି; କିନ୍ତୁ ବିସ୍ମୟର କଥା ହସିବା ଜାଣନ୍ତି ନାହିଁ ! ମହାଜାଗତିକ ସଂସାରରେ କେଉଁଠି କ'ଣ ଘଟୁଚି ଏ ପୃଥିବୀରେ ରହି ତାହା ସମ୍ପୂର୍ଣ୍ଣ ହୃଦ୍‌ବୋଧ କରିବା ତ ସମ୍ଭବ ନୁହେଁ, ରାଜୁର ଏ ଯାତ୍ରା ସେଇ ରହସ୍ୟଗୁଡ଼ିକର ସାଙ୍କେତିକ ପରିପ୍ରକାଶ ମାତ୍ର ! ବିଜ୍ଞାନର ପ୍ରଭୂତ ଉନ୍ନତି ପରେ ସୁଦ୍ଧା ଏଠାକା ଲୋକେ 'ହସିବା' କ'ଣ ଜାଣି ନଥିବା ଏକ ଅଦ୍ଭୁତ ବିଚିତ୍ର ବିଡ଼ମ୍ବନା - କନକ ଉପତ୍ୟକାର ସେ ତରୁଣ ଯାତ୍ରୀ ପାଇଁ ଏହା ମଧ୍ୟ ଏକ ଅବିଶ୍ୱାସ୍ୟ ଅଥଚ କଠିନ ସତ୍ୟ ! ତା' ପାଇଁ ହସିବା ତ ଏକ ପ୍ରାକୃତିକ କ୍ରିୟା । ଜ୍ଞାନବିଜ୍ଞାନର ଅଧିବାସୀଙ୍କ ପାଖରେ ତାହା ନଥିବା ଭିତରେ ଲେଖକଙ୍କର କ'ଣ କିଛି ବିଶେଷ ଇଙ୍ଗିତ ରହିଛି? ହସିବାତ ଆନନ୍ଦ ଓ ସନ୍ତୋଷର ପରିପ୍ରକାଶ! ଜ୍ଞାନବିଜ୍ଞାନ ରାଜ୍ୟର ସେ ଚରମ ବୈଜ୍ଞାନିକ ଉତ୍କର୍ଷ ହୁଏତ ସମୂହର ମଙ୍ଗଳ ପାଇଁ ଅଭିପ୍ରେତ ନ ଥିଲା! ଅଧିବାସୀଗଣ ବାକ୍ ଓ କର୍ମରେ ସ୍ୱାଧୀନ ନ ଥିଲେ । ତେଣୁ ବାତାବରଣରେ ଥିଲା ଏକ ଯାନ୍ତ୍ରିକତା । ଯେଉଁଠି ଥିବ ଶାସକୀୟ ଆକ୍ରୋଶ, ସହାନୁଭୂତିହୀନ ଚାପ, ଜନସାଧାରଣ ତ ଅବଶ୍ୟ ହେବେ ବିଷାଦିତ । ଏପରି ସ୍ଥିତିରେ ଆନନ୍ଦ ବା ଆସିବ କେଉଁଠୁ ? ବିଜ୍ଞାନର ଏ ଉତ୍କର୍ଷ ସହ ସମାନ୍ତରାଳ ଭାବେ ସାମାଜିକ ଜୀବନରେ ଯଦି ପ୍ରଫୁଲ୍ଲତାର ଅନୁଭବ ରହିଥାନ୍ତା ତାହା ଏକ ସାମଞ୍ଜସ୍ୟ ତିଆରି କରିଥାନ୍ତା - ମାତ୍ର ସେପରି ଘଟିନାହିଁ!

ଜ୍ଞାନ-ବିଜ୍ଞାନର ମଙ୍ଗଳକାରୀ ଭୂମିକା ଏ ରାଜ୍ୟରେ ସଭିଙ୍କ ପାଇଁ ନୁହେଁ! ସେ ରାଜ୍ୟର ପୁରୋହିତ ରାଜୁକୁ ଏକଦା ଚମତ୍କୃତ କରିଦେଇ ବିନା ପହଁରାରେ ପହଞ୍ଚି ଯାଇଥିଲା ଅନ୍ୟ କୂଳରେ । ତା'ର ଏପରି ଆଚରଣରେ ବିସ୍ମିତ ରାଜୁକୁ ସେ ବୁଝାଉଚି ନଦୀ ପାରିହେବାର କୌଶଳ, 'ମୁଁ ସେ ପାରିରେ ମିଳେଇଯାଇ ଏ ପାରିରେ ପୁଣି ଜମାଟ ବାନ୍ଧିଗଲି ।' ଏ କଥାର ଅଧିକତର ବ୍ୟାଖ୍ୟା କରି ଯାହା ସେ କହିଲେ ତାହା ଉଚ୍ଚତର ଜ୍ଞାନର କଥା । ମୁନିଋଷିଗଣ କେତେ ରହସ୍ୟର ଜାଲ ବୁଣି ସେ କଥା ସବୁ ଲେଖିଛନ୍ତି । ରାଜୁ ପରି ତରୁଣ ତାହା ବୁଝିବ ନାଇଁ ! ତେଣୁ ତା'ର ବୁଝିବା ପରି ଭାଷାରେ ପୁରୋହିତ ବକ୍ର ଦାଢ଼ିବନ୍ତ ମୁହଁରେ ମିଳେ ମନୋଜଙ୍କ ଉଚ୍ଚାରଣ, 'ଆମ ଦେହ କେତେକ ଶକ୍ତି ତରଙ୍ଗର ସ୍ଥୂଳରୂପ । ଯିଏ ଉପାୟ

ଜାଣେ ସିଏ ତା ଦେହକୁ ଶକ୍ତି ତରଙ୍ଗରେ ପରିଣତ କରି ସେ ଶକ୍ତି ତରଙ୍ଗକୁ ଦେହରେ ପରିଣତ କରି ପାରିବ।' - କୌଣସି ବିଷୟର ବ୍ୟାଖ୍ୟାରେ ଜଣକର ଯଦି ସଂପୃକ୍ତ ବିଷୟରେ ସ୍ପଷ୍ଟ ଧାରଣା ନ ଥିବ ସେ ଏସବୁ ଜଟିଳ ପ୍ରସଙ୍ଗ ଏପରି ସହଜ ଢଙ୍ଗରେ ଲେଖି ପାରିବ ନାହିଁ। ସେଇଥି ଲାଗି ବକ୍ର ଦାଢ଼ିବନ୍ତ ସେ ପୁରୋହିତର କଥାରେ ରହିଚି 'ଉପାୟ ଜାଣିବା' ପରି ଏକ Keyword - ଯାହା ଅନେକ ଗଭୀରତର ଚିନ୍ତା ଓ କ୍ରିୟାକୁ ଇଙ୍ଗିତ କରୁଛି। ସେଇଥି ଲାଗି ଏ ଜ୍ଞାନ ସହଜଲଭ୍ୟ ନୁହେଁ। ରାଜୁକୁ ଠିକ୍ କହିଥିଲା ସେ ପୁରୋହିତ, 'ଏ ଜ୍ଞାନଟି ଅଳ୍ପ କେତେଜଣଙ୍କ ଭିତରେ ସୀମାବଦ୍ଧ।' ଜ୍ଞାନ - ଯାହା ଜଟିଳ, ତା'କୁ ଗ୍ରହଣ କରିବା ପାଇଁ ଲୋଡ଼ା ଯେଉଁ ଅଧୀର ଉନ୍ମୁଖତା, ଯେଉଁ ଅସାମାନ୍ୟ ଗ୍ରାହିକା ଶକ୍ତି ତାହାତ ସର୍ବସାଧାରଣଙ୍କର ନ ଥାଏ ! ଅତଏବ ସେ ଜ୍ଞାନ ଦୁର୍ଲଭ ହୋଇ ରହିବା ସ୍ୱାଭାବିକ। ମାତ୍ର ଦୁର୍ଲଭତାକୁ ମଧ୍ୟ ଆୟତ୍ତ କରା ଯାଇପାରେ, ତାର ଇଙ୍ଗିତ ମଧ୍ୟ 'ଅଳ୍ପ କେଇଜଣ' ପରି ପଦବନ୍ଧର ଉଲ୍ଲେଖରେ ମନୋଜ ଜଣାଇ ଦେଇଛନ୍ତି। 'କନକ ଉପତ୍ୟକାର କାହାଣୀ' ପରି କିଶୋର ଉପନ୍ୟାସରେ କୌତୁକ ଓ ଚମତ୍କାରୀ କୌତୂହଳର ଯେଉଁ ବହିର୍ଧାରା, ତାରି ମଝିରେ ଏମିତି କିଛି ବିଶେଷ ଅର୍ଥବହ ପଦ-ପ୍ରୟୋଗରେ ଏହାକୁ ଅର୍ଥ ଗଭୀର ଓ କୌଣସି ଗମ୍ଭୀର ବକ୍ତବ୍ୟର ଆଧାର କରିବାର ପ୍ରଚେଷ୍ଟା ବଡ଼ ଅବଲୀଳା କ୍ରମେ କରିପାରିଚନ୍ତି ମନୋଜ।

ଯାତ୍ରା ତ ଆଣି ଦେଇଥାଏ ଅଭିଜ୍ଞତା-ନିତ୍ୟନୂତନ ଅଭିଜ୍ଞତା! ଜ୍ଞାନବିଜ୍ଞାନ ରାଜ୍ୟରେ ନିଜକୁ ଅଦୃଶ୍ୟ କରିବାର କୌଶଳ ଶିଖି ଓ ରାଜାଙ୍କୁ ସେମାନେ କିପରି ହସି ପାରିବେ ସେଇ ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେଇ ସେ ଆଗେଇଲା।

॥ ୪ ॥

ଯାହା ଅଜ୍ଞାତ ସେ ତ ମନରେ ଭୀତି ବି ସୃଷ୍ଟି କରିପାରେ, ରୋମାଞ୍ଚ ବି! ରାଜୁ ପାଖରେ ଏ ଦୁଇଟିରୁ କିଛି ବି ସୃଷ୍ଟି ହେଉ ନଥିଲା। ତାର ଲକ୍ଷ୍ୟ ଥିଲା ଦେବୀଙ୍କ ସ୍ଥାନରେ ପହଞ୍ଚିବା। ଲକ୍ଷ୍ୟ ଯେତେବେଳେ ସୁଉଚ୍ଚ, ଦୃଷ୍ଟି ଯେତେବେଳେ ସେଇ ଉତ୍ତୁଙ୍ଗତାକୁ ଭେଦିବାକୁ ଚାହୁଁଚି - ତା' ମଝିରେ ଆଉ କ'ଣ ରହିଗଲା, କିଏ ଦେଖୁଛି! ତେବେ ବାସ୍ତବତା ତ ବାସ୍ତବତା - ତାକୁତ ସାମ୍ନା କରିବାକୁ ହିଁ ପଡ଼ିବ। ଜ୍ଞାନବିଜ୍ଞାନ ରାଜ୍ୟରୁ ଆଗକୁ ବଢ଼ିବାକୁ ହେଲେ, 'ସୀମାନ୍ତରେ ରହିଛି ଏକ ପର୍ବତ ଶ୍ରେଣୀ। ସେସବୁ ମଝିରେ ଅଛନ୍ତି ଭୟଙ୍କର ଗହ୍ୱରମାନ। ସେସବୁ ଗହ୍ୱରରୁ ଏକପ୍ରକାର ମାରାତ୍ମକ ଧୂଆଁ ନିର୍ଗତ ହୁଏ। ସେ ବିଷାକ୍ତ ଧୂଆଁଜାଲ ଭେଦକରି କୌଣସି ପ୍ରାଣୀ ଯାଇପାରେ ନାହିଁ।' - ଯଦି ଏହାହିଁ ସତ୍ୟ ତା'ହେଲେ ରାଜୁର ଯିବା ତ ଅସମ୍ଭବ ? ମାତ୍ର ଭଲ ଲେଖକ ନିଜ ବର୍ଣ୍ଣନାର କେଉଁଠି କେମିତି ରହସ୍ୟ ଭେଦିବାର ମନ୍ତ୍ର ବି ଗୋପନରେ ରଖି ଦେଇଥା'ନ୍ତି। ଏ ପ୍ରତିକୂଳତାର ବର୍ଣ୍ଣନାରେ 'ଗହ୍ୱର' ଶବ୍ଦଟି ବୋଧେ ସେଇ ମନ୍ତ୍ରକୁ ଲୁଚାଇ ରଖିଛି। 'ଗହ୍ୱର' ଶୁଣିବା ମାତ୍ରେ ପତନର ଏକ ଧାରଣା ମନକୁ ଆସେ। ଏଇ ପତନ ନୁହେଁ ଭୌତିକତାର, ହେଇଥିବ ନୈତିକତାର ! ପତିତ ନୈତିକତାର ପ୍ରାଣୀ ସେ ବିଷାକ୍ତ ଧୂଆଁଜାଲ ସିନା ଭେଦ କରିପାରିବ ନାହିଁ, ରାଜୁପରି ପରୋପକାରୀ, ସରଳମନା ପାଖରେ ଏ ପ୍ରତିକୂଳତାର କୌଣସି ଗୁରୁତ୍ୱ ନାହିଁ। ସେଇ ଭୟଙ୍କର ଓ ପ୍ରାଣଘାତୀ ବିଷାକ୍ତ ଧୂମାୟିତ ପର୍ବତ ଶ୍ରେଣୀକୁ ନିଜର ଅଦୃଶ୍ୟ ହେଇ ପାରିବା ବିଦ୍ୟା ବଳରେ ଅନାୟାସରେ ପାର କରିବା ପରେ ପହଞ୍ଚିଯାଏ ଭିନ୍ନ ଏକ ସ୍ଥାନରେ। ସୀମା ଯେତେ ବିନାଶକ ଓ ଭୟଦ, ରାଜ୍ୟ ସେତେ ବିଚିତ୍ର ଓ ଭବ୍ୟ !

ସେ ନୂଆ ରାଜ୍ୟରେ ରାଜୁ ଅଭିଜ୍ଞ ହେଲା ଆଧ୍ୟାତ୍ମିକତା ଓ ବସ୍ତୁବାଦିତାର ବିରୋଧାଭାସ ଦେଖି, ନିର୍ଲିପ୍ତତା ଓ ଭୋଗର ଦ୍ୱନ୍ଦ୍ୱ ଦେଖି, ଜୀବନ ଓ ଜୀବନ୍ମୁକ୍ତିର ପାର୍ଥକ୍ୟ ଦେଖି। ଜଣେ ତପସ୍ୱୀଙ୍କ ଯୋଗଶକ୍ତି କୌଣସି ଏକ ତରଭୁଜ ଫଳାଉ ଥିଲା। ସେ ତରଭୁଜର ରହସ୍ୟ ହେଲା ଯେତେଜଣ ଖାଇବେ ସେତେବଡ଼ ସେ ହେଇପାରିବ। ତପସ୍ୱୀଙ୍କ ଉଦ୍ଦେଶ୍ୟ ଥିଲା ମହତ୍। ପକ୍ଷୀଗଣଙ୍କ ବ୍ୟତୀତ କୌଣସି ଶରଣାର୍ଥୀ ପରିବାରବର୍ଗଙ୍କ ଭୋଜନ ସମସ୍ୟାର ସମାଧାନ ହେବ ଏବଂ ସେମାନେ ଈଶ୍ୱରଙ୍କୁ ପ୍ରାର୍ଥନା ଓ ଧ୍ୟାନକରି ମହତ୍ ଓ ଉଚ୍ଚତର ଜୀବନର ଅବଲମ୍ବୀ ହେବେ। ଏକ ସୁଦୀର୍ଘ କାଳପରେ ରାଜୁ ସହ ସେ ନିଜ ଯୋଗନିଷ୍ଠ ଅବସ୍ଥାରୁ ଆସି ଏହାର ସମ୍ପୂର୍ଣ୍ଣ ବିପରୀତ ଘଟଣାବଳୀ ଘଟୁଥିବାର ଦେଖି କ୍ଷୁବ୍ଧ। ସେଇ ପ୍ରଥମ ଶରଣାର୍ଥୀର ବଂଶଧରମାନେ ତରଭୁଜ ପ୍ରଦର୍ଶନ କରି ଅର୍ଥ ଲାଭ କରୁଛନ୍ତି, ଖାଦ୍ୟ ପାଇଁ ଚିନ୍ତା ନ ଥିବାରୁ ଆଳସ୍ୟରେ ଶୋଇଶୋଇ ଦିନ କାଟୁଛନ୍ତି ! ନିଜର ଉଦ୍ଦେଶ୍ୟର ଏଇ ବିକଳ ରୂପ ଦେଖି ସେଇଥିପାଇଁ ତପସ୍ୱୀ ହୋଇଥିଲେ ଚରମ କ୍ଷୁବ୍ଧ !

ମନୋଜଙ୍କୁ ପଢୁଥିବା ପାଠକମାନଙ୍କ ପାଖରେ ଏ କୁହୁକ ତରଭୁଜ ଓ ଆନୁଷଙ୍ଗିକ ଘଟଣାଗୁଡ଼ିକ ଖୁବ୍ ପରିଚିତ ମନେହୁଏ। ଲକ୍ଷ୍ମୀର ଅଭିସାର ସଙ୍କଳନସ୍ଥ 'କିମ୍ବଦନ୍ତୀର ଉପସଂହାର' ଗଳ୍ପଟି ହିଁ ଏଠି ଏ ଉପନ୍ୟାସରେ ଅବିକଳ ରୂପାନ୍ତରିତ ହୋଇଚି। ଏପରି କାହିଁକି ? ମନୋଜଙ୍କ ପରି ଲେଖକ ଅନ୍ୟ ଗୋଟିଏ ଉଦାହରଣ, ଅନ୍ୟ ଏକ ଉପକାହାଣୀ ବି ତ ସୃଷ୍ଟି କରି ପାରିଥାନ୍ତେ ? ସେ ପୁରୁଣା କାହାଣୀର 'ଦ୍ୱିଜତ୍ୱ'ର କ'ଣ ଖୁବ୍ ଆବଶ୍ୟକ ଥିଲା? ଏହା କ'ଣ ସତରେ ତାଙ୍କ ପ୍ରତିଭାକୁ ମ୍ଳାନ କରିଦେବାକୁ ସମର୍ଥ ହେଉନାହିଁ ? ନା ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ଗଳ୍ପ ସଙ୍କଳନରେ ଥିବା କିଶୋର ଉପଯୋଗୀ ଏ ପ୍ରସଙ୍ଗଟି ନେଇ କିଶୋର ପାଠକମାନଙ୍କୁ ଏକ ନୂଆ ଓ ଚମତ୍କାରୀ ଅନୁଭୂତି ଦେବା ତାଙ୍କର ଅଭିପ୍ରାୟ ? ନା, ଏପରି ବି ହେଇପାରେ 'ଜହ୍ନମାମୁଁ' ପତ୍ରିକାରେ ଧାରାବାହିକ ପ୍ରକାଶ ପାଉଥିବା ଏ ଉପନ୍ୟାସର ନିର୍ଦ୍ଦିଷ୍ଟ ଅଂଶ ପାଇଁ ନିର୍ଦ୍ଧାରିତ ସମୟକୁ ଆଖିରେ ରଖି ନିଜର କୌଣସି ବ୍ୟସ୍ତତା ହେତୁ ସେ ଗୋଟିଏ ପୁରୁଣା କାହାଣୀର ସଂଯୋଜନ କରି ସମୟ ଅନୁସାରୀ ଉପନ୍ୟାସର ଅଂଶଟି ଗଢ଼ି ଦେଇଚନ୍ତି ?

ତପସ୍ୱୀଙ୍କ ସେ ଭୂମିଖଣ୍ଡରେ ବାଣିଜ୍ୟିକ ସଭ୍ୟତାର ଯେଉଁ ନଗ୍ନ ପ୍ରକାଶ, ତା'ର ତ ସମାପ୍ତି ନାହିଁ, ସାମୟିକ ସେ ଅଞ୍ଚଳରୁ ଭୋଗବାଦୀ ମଣିଷ ସମାଜର ବିନାଶ ଘଟିଥିଲେ ବି, ସେ ସମାଜର ଅଭ୍ୟୁଦୟ ପୁଣି

କେଉଁଠିନା କେଉଁଠି ଅବଶ୍ୟ ଘଟିବ। ଭୋଗର ପ୍ରଲୋଭନ ଏଡ଼ାଇ ତପସ୍ୱୀଟିଏ ହେବା କ'ଣ ସହଜ ? ଈଶ୍ୱରଙ୍କୁ ପ୍ରାର୍ଥନା ଓ ଧ୍ୟାନରେ ଏକ ଶୁଦ୍ଧ ଜୀବନଯାପନର ତପସ୍ୱୀଙ୍କ ନିର୍ଦ୍ଦେଶ ହୁଏତ ମାନିଥିବେ ପ୍ରଥମ ଶରଣାର୍ଥୀ ଓ ତା'ର ପରିବାର ପରିଜନ। କାରଣ, ତାହା ସେମାନଙ୍କ ପାଇଁ ଥିଲା ବାସ୍ତବ ଘଟଣା, ଯାହା ନିଜ ଆଖିଦେଖା। ମାତ୍ର ପରବର୍ତ୍ତୀ ବଂଶଧରମାନଙ୍କ ପାଇଁ ତାହା ତ ଥିଲା ଏକ କିମ୍ବଦନ୍ତୀ ମାତ୍ର! ତାକୁ ବା ସେମାନେ ଗୁରୁତ୍ୱ କାହିଁକି ଦେଇଥାନ୍ତେ ? ବିଶ୍ୱାସର ଭିତ୍ତି ଯଦି ଥରେ ଦୋଦୁଲ୍ୟମାନ ହୁଏ ତେବେ ଚିତ୍ତର ସଂଯମ ଭୁଶୁଡ଼ି ପଡ଼େ। ଉକ୍ତ କିମ୍ବଦନ୍ତୀ ଭିତରେ ଏଇ ଗଭୀର ରହସ୍ୟ ସତେ ଯେମିତି ଉଭାସ। ତାହା ମଧ୍ୟ ଇଙ୍ଗିତ ଦେଉଥାଏ ଦେବୀ ଥିବା ଓ ତାଙ୍କଠୁ ବର ପାଇଁ ସୁବର୍ଣ୍ଣ ପ୍ରତିମାକୁ ଜୀବନ ଦାନ କରିବାର ରାଜୁର ଅବିଚଳ ବିଶ୍ୱାସକୁ ! ସେଇ ବିଶ୍ୱାସ ହିଁ ତା'କୁ ପ୍ରେରିତ କରିଚି କଠିନରୁ କଠିନତର ପ୍ରତିକୂଳତାଗୁଡ଼ିକୁ ଅତିକ୍ରମ କରିବାକୁ! ସେଇ ବିଶ୍ୱାସ ଯଦି ଥରେ ଦୋହଲି ଯାଇଥାନ୍ତା, ତା'ର ଯାତ୍ରା ରହିଯାଇଥାନ୍ତା ଅପୂର୍ଣ୍ଣ !! ସେଇ ଆସ୍ଥା ତାର ଜ୍ଞାନ, ଅଭିଜ୍ଞତାକୁ କରୁଥିଲା ପ୍ରତିନିୟତ ସମୃଦ୍ଧ।

॥ ୫ ॥

ନୂଆ ସ୍ଥାନକୁ ଯିବା ପୂର୍ବରୁ ଏ ଉପନ୍ୟାସରେ ରହୁଚି ଅନତିକ୍ରମ୍ୟ ପ୍ରତିକୂଳତା କିଛିକିଛି - ସେ ହୋଇପାରେ ପ୍ରପାତ ଲଙ୍ଘନ, ହୋଇପାରେ ବିଷାକ୍ତ ଧୂମ ନିର୍ଗମନ ଗହ୍ୱର ବା ହୋଇପାରେ ରହସ୍ୟମୟ କେଉଁ ଗିରି ସଙ୍କଟ! ସେ ଗିରିସଙ୍କଟ ପାରିହେଲେ ନୂଆ ଏକ ରାଜ୍ୟ - ନୂଆ ଏକ ଅନୁଭୂତି - ନୂଆନୂଆ ପରିସ୍ଥିତିକୁ ସାମ୍ନା କରିବାର ଅବସର -!

ମାତ୍ର ସେ ଅବସର ଆସିବା ପୂର୍ବରୁ ପାରି ହେବାକୁ ପଡ଼ିବ ଗିରିସଙ୍କଟ - ତାହା କୁଆଡ଼େ ସ୍ୱପ୍ନ ରାଜ୍ୟର ଅଂଶବିଶେଷ। ତପସ୍ୱୀ ରାଜୁକୁ ଅଭିଜ୍ଞ କରାଉଛନ୍ତି ଏଇଭାବେ, 'ସେ ଗିରିସଙ୍କଟ ସ୍ୱପ୍ନ ରାଜ୍ୟର ଅଂଶ ବିଶେଷ। ପୃଥିବୀର ଲୋକେ ଯେଉଁ ପ୍ରକାର ସ୍ୱପ୍ନମାନ ଦେଖୁଛନ୍ତି ଏଠାରେ ତା'ର ପ୍ରତିଫଳନ ଘଟୁଛି। ଏକା ଧରଣର ସ୍ୱପ୍ନମାନେ ଏକ ନିର୍ଦ୍ଦିଷ୍ଟ ରୂପ ନେଇଥା'ନ୍ତି। ତମେ ବର୍ତ୍ତମାନ ଯାହା ଦେଖୁଛ, ତାହା ହଜାରହଜାର ସ୍ୱପ୍ନର ସାରାଂଶ। ଏ ଧରଣର ସ୍ୱପ୍ନ ଦେଖୁଥିବା ଲୋକେ ନିଜକୁ ଭାରି ଚତୁର ମନେ କରନ୍ତି; କିନ୍ତୁ ବାସ୍ତବରେ ସେମାନେ ବୁଦ୍ଧୁ। ସେମାନେ ପୃଥିବୀକୁ ବିଷାକ୍ତ କରନ୍ତି।' xxx 'ଯେଉଁମାନେ କେବେ ବି ଭଲ ଚିନ୍ତା କରନ୍ତି ନାହିଁ, ନିର୍ମଳ ମୁକ୍ତ ପବନରେ ନିଃଶ୍ୱାସ ନେବାର ଅଧିକାର ନାହିଁ।'

ସ୍ୱପ୍ନ ତ ମଣିଷର ଅସଫଳ, ଅନିୟନ୍ତ୍ରିତ, ଅନଭିବ୍ୟକ୍ତ ଇଚ୍ଛାର ରହସ୍ୟମୟ ପରିପ୍ରକାଶ। ଏଥିରୁ ଅଧିକାଂଶଗତ ବିଷୟାଚ୍ଛନ୍ନ ମଣିଷର ଅସରନ୍ତି କାମନାର ସ୍ୱପ୍ନ। ମନୋଜ ତେଣୁ ଇଙ୍ଗିତ ଦେଉଛନ୍ତି ବିଷୟଗତ ଉନ୍ନତି - ଭିନ୍ନ ଦୃଷ୍ଟିରେ, ଉନ୍ନତି ହିଁ ନୁହେଁ! ସେଇଥିଲାଗି ସେପରି ସ୍ୱପ୍ନ ଦ୍ରଷ୍ଟାଙ୍କୁ 'ବୁଦ୍ଧୁ' ଭାବେ ପରିଚିତ କରାଯାଇଚି। ସେଇ 'ବୁଦ୍ଧୁ'ମାନେ ହିଁ ପୃଥିବୀକୁ ଚିନ୍ତାଧାରାର ଏ ନିମ୍ନତାରେ କଳୁଷିତ କରୁଛନ୍ତି। ତାହାହିଁ ତ ବିଷ!

ମଣିଷର ସତ୍ ଓ ମହତ୍ ଇଚ୍ଛା ଯେବେ ସ୍ୱପ୍ନ ହେଉଚି ସେ ସବୁ ଆଲୋକର ଫୁଙ୍କାର ସାଜୁଛନ୍ତି। ସେମାନଙ୍କ ଗତି "ଊର୍ଦ୍ଧ୍ୱ"କୁ! ହେଲେ ସେ ଊର୍ଦ୍ଧ୍ୱଗତିର ପ୍ରତିରୋଧ କରିବାକୁ ମଧ୍ୟ ଅଛନ୍ତି ନାନା ଶକ୍ତି - ମନୋଜଙ୍କ ରୂପାୟନରେ ଯେଉଁମାନେ ବିଚିତ୍ର ହିଂସ୍ର ପକ୍ଷୀ; ଯେଉଁମାନେ ତେଣାମାଡ଼ରେ ସେ ଆଲୋକକୁ ଲିଭାଇ ଦେଉଥାନ୍ତି। ତପସ୍ୱୀ ଏହାର ଯେଉଁ ବ୍ୟାଖ୍ୟା କରନ୍ତି ତାହା ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ, 'ଏସବୁ ଆଲୋକ ହେଲେ ଶାନ୍ତି ଓ ନିରୀହ ସୁଖର ସ୍ୱପ୍ନ। ଯେଉଁ ଗୁଡ଼ିକ ବେଶୀ ଊର୍ଦ୍ଧ୍ୱକୁ ଯାଇ ପାରିଲେ ନାହିଁ, ସେଗୁଡ଼ିକ ଦୁର୍ବଳ ସ୍ୱପ୍ନ। ଯେଉଁମାନେ ସୁଖ ଚାହାନ୍ତି; କିନ୍ତୁ ତା'ର ସନ୍ଧାନ କରନ୍ତି ଭୁଲ୍ ମାର୍ଗରେ, ସେହିମାନଙ୍କ ସ୍ୱପ୍ନ।' - ଏ ବକ୍ତବ୍ୟଟିରେ "ଭୁଲ୍ ମାର୍ଗ" ଶବ୍ଦଟି ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଯେଉଁଠି ମାର୍ଗ ଭୁଲ୍ ସେଠି ଲକ୍ଷ୍ୟ ମିଳିବ କେମିତି ? ତେଣୁ ମଣିଷ ପ୍ରକୃତ ସୁଖରୁ ବଞ୍ଚିତ! ତେବେ ପ୍ରକୃତ ସୁଖ କ'ଣ ଓ ସେଇ ଲକ୍ଷ୍ୟ ପ୍ରାପ୍ତିପାଇଁ କେଉଁଟି 'ପ୍ରକୃଷ୍ଟ ମାର୍ଗ' ତାହା ମଣିବା ଦୁଷ୍କର। ସେଇ 'ଜ୍ଞାନ' ହିଁ ହେବ ପ୍ରଥମ ଲକ୍ଷ୍ୟ!

ସେଇ 'ଜ୍ଞାନ'ର ଲକ୍ଷ୍ୟ ହାସଲ ପାଇଁ ସତରେ କ'ଣ ରାଜୁର ଏ ଯାତ୍ରା ? ସେଇଥିଲାଗି କ'ଣ ଉପନ୍ୟାସରେ ସୁବର୍ଣ୍ଣ ପ୍ରତିମାର ଜୀବଦାନର ପରିକଳ୍ପନା ? ତେବେ ଏ ପରିକଳ୍ପନାର ସାଫଲ୍ୟ ରାଜୁର ଯାତ୍ରାଗତ ଭିନ୍ନଭିନ୍ନ ଅଭିଜ୍ଞତାକୁ ନେଇ ସୃଷ୍ଟ ଉତ୍କଣ୍ଠା ଓ ବିସ୍ମୟ! ଜଣେ କିଶୋର ପାଠକ ପାଖରେ ଏହା ହିଁ ତ ସଫଳ ସାହିତ୍ୟ କୃତିର ମାନଦଣ୍ଡ ! ମନୋଜ ସେଇ ଆନନ୍ଦ ଓ ଆବେଗର, ଉତ୍ଫୁଲ୍ଲତା ଓ ଉତ୍କଣ୍ଠାର କାହାଣୀ ଭିତରେ ସଂଗୋପନରେ ରଖି ଦେଇଚନ୍ତି ନାନା ଧରଣର ବିଚାର! ସେ ବିଚାର କିଶୋରର ଚିନ୍ତାକୁ କରିବ ଶାଣିତ, ମନକୁ କରିବ ଏକନିଷ୍ଠ। ସେଇ ବିଚାର ତା'ର ବୋଧକୁ କରିବ ପ୍ରସାରିତ। ଯେଉଁ କୌଶଳ ଏକଦା ଦେଖାଇଥିଲେ ବିଷ୍ଣୁଶର୍ମା ବା ଈଶପ (Aesop) - ସେଇ ମାର୍ଗର ବି ପଥଚାରୀ ମନୋଜ !

॥ ୬ ॥

ରାଜୁର ପରବର୍ତ୍ତୀ ରାଜ୍ୟ - ସନ୍ତୋଷ ରାଜ୍ୟ! ସେଠି ପ୍ରବେଶ କରିବାର ପ୍ରତିକୂଳତା ହେଉଚି ଭୟଙ୍କର ଏକ ବିଶାଳ ଗର୍ତ୍ତ, ତା'କୁ ଅତିକ୍ରମ କରିବାକୁ ହେବ ଗୋଟିଏ ଲମ୍ଫରେ ! ତପସ୍ୱୀ ରାଜୁର ଆତ୍ମବିଶ୍ୱାସ ବଢ଼ାଇଛନ୍ତି, 'ତମର ଆସ୍ଥା ହିଁ ତମକୁ ସେପାରିକୁ ନେଇଯିବ।' ବ୍ୟକ୍ତିର ନିଜ ପ୍ରତି ଆସ୍ଥାହିଁ ତ ସବୁ ପ୍ରତିକୂଳତାକୁ ଅନୁକୂଳତାରେ ପରିଣତ କରେ। ତା' ଉପରେ ରହିଚି ଗୁରୁତୁଲ୍ୟ ତପସ୍ୱୀଙ୍କ ରାଜୁ ପ୍ରତି ଆଶୀର୍ବାଦ- ତା'ର ସେ ସନ୍ତୋଷ ରାଜ୍ୟରେ ପହଞ୍ଚିବା ତେଣୁ ଥିଲା ନିର୍ଧାର୍ଯ୍ୟ!

ସେଇ ସନ୍ତୋଷ ରାଜ୍ୟରେ ରାଜୁ ଅନୁଭବ କଲା, 'ସେ ରାଜ୍ୟର ବାତାବରଣରେ ଦୁଃଖ ନାହିଁ।'

ସନ୍ତୋଷ ରାଜ୍ୟର ରାଜକନ୍ୟାକୁ ରାଜୁର ମନେହେଲା ଖୁବ୍ ପରିଚିତ, ଚିହ୍ନାଚିହ୍ନା। ଯେମିତି ପରିଚୟ ଦୀର୍ଘଦିନର! ଏମିତି କାହିଁକି ଲାଗିଲା? ସେ ମନେ ପକାଇଲା ଯେଉଁ ସୁବର୍ଣ୍ଣ ପ୍ରତିମାର ଧାତବ ଦେହରେ ଜୀବନର ସଞ୍ଚାର ପାଇଁ ତା'ର ଏ ଯାତ୍ରା - ସେ ମୂର୍ତ୍ତିର ଅପରୂପ

ସୁନ୍ଦର ମୁହଁ ସହିତ ଯେମିତି ଏ ରାଜକନ୍ୟା ମୁହଁର ଅଛି ଅପୂର୍ବ ମେଳ!

ରାଜୁ ଆଶ୍ଚର୍ଯ୍ୟ ହେଲା ଜାଣି ଯେ ଜ୍ଞାନବିଜ୍ଞାନ ରାଜ୍ୟର ଲୋକେ ଯେମିତି ହସି ପାରନ୍ତି ନାହିଁ, ଏଇ ରାଜ୍ୟରେ ସେମିତି ଲୋକେ ଗୀତ ଗାଇ ପାରନ୍ତି ନାହିଁ! ହେଲେ ସେମାନେ କେମିତି ଗୀତ ଗାଇ ପାରିବେ? ବାଟ ବତାଇଛି ସେ ରାଜକନ୍ୟା - ପାଖ ରାଜ୍ୟରେ ଅଛନ୍ତି ଜଣେ ଦେବୀ। ତାଙ୍କ ବରଦାନରେ ଏହା ହେବ ସମ୍ଭବ।

ରାଜୁ ଅନୁଭବ କରିଛି, ମଣିଷ କେଡ଼େ ଭାଗ୍ୟବାନ xxx ମଣିଷ ହସିପାରେ, କେତେ ଆଶ୍ଚର୍ଯ୍ୟ କାମ କରିପାରେ। ତା'ର କିନ୍ତୁ ସବୁ ପ୍ରତିଭା ଓ ଗୁଣକୁ ବିକଳାଙ୍ଗ କରିଦିଏ କୌଣସି ଅଭିଶାପ। ତପସ୍ୱୀ କହିଥିଲେ, ତାହା ମଣିଷର 'ଅଜ୍ଞାନତା'। କ'ଣ ଏଇ ଅଜ୍ଞାନତା ? ମଣିଷ କେମିତି ସଚେତନ ହେବ ସେ ଅଜ୍ଞ ବୋଲି? ସଂସାରମନସ୍କ ମଣିଷ, ବସ୍ତୁ ଜଗତର ମାୟାରେ ରହି ଯେତେବେଳେ ଅହଂମତ୍ତ ହୁଏ; ସେତେବେଳେ କେମିତି ବା ତା'କୁ ବୁଝାଇ ହବ ଏ ଅଜ୍ଞାନତା ସମ୍ପର୍କରେ ? ଏହାର ଉତ୍ତର କିଏ ବା ଦେବ ?

ଲେଖକମାନେ କଥା ଖୋଲାଖୋଲି କହି ଦିଅନ୍ତି ନାହିଁ। ପାଠକଙ୍କୁ ଭାବିବାକୁ ପଡ଼ିବ କ'ଣ ତା'ର ଅଜ୍ଞାନତା! ଅଜ୍ଞାନତାର ଅନ୍ୱେଷଣଗତ ଆଗ୍ରହ ଯଦି ଜଣେ ବି ପାଠକ ଦେଖାଏ, ସେଇତ ହେବ ଲେଖକର ସଫଳତା!!

ପ୍ରତିକୂଳତା ବିନା ପ୍ରାପ୍ତି କାହିଁ? ଦେବୀଙ୍କ ଥିବା ରାଜ୍ୟକୁ ଯିବା ଥିଲା ରାଜୁର ମୌଳ ଲକ୍ଷ୍ୟ! ସେଇ ଲକ୍ଷ୍ୟ ତ ତା'କୁ ଟାଣି ଆଣିଚି ଏତେବାଟ। ହେଲେ ଦେବୀଙ୍କ ରାଜ୍ୟକୁ ଯିବାର ପ୍ରତିକୂଳତା ହେଲା, ନୀଳପର୍ବତର ଶିଖରରେ ଥିବା ଏକ ଅନନ୍ୟ ବୃକ୍ଷର ଫଳ ଯେ ଖାଇପାରିବ, ସେ ଯାଇପାରିବ ଦେବୀଙ୍କ ରାଜ୍ୟକୁ। ପୁଣି ସେ ଦୁର୍ଗମ ନୀଳ ପର୍ବତର ଶିଖରର ଅନନ୍ୟ ସେ ଗଛରେ ବର୍ଷକୁ ଥରେ ମାତ୍ର ଗୋଟିଏ ଫଳ ଫଳେ!

ଲକ୍ଷ୍ୟ ଯେତେ ନିକଟତର, ପଥ ହେଇ ଯାଉଚି ସେତେ ବନ୍ଧୁର। ରାଜୁ ପାଖରେ ଏ ନୀଳ ପର୍ବତର ଫଳ ଭୋଗ ସତେ ଯେମିତି ଏକ ଅସମ୍ଭବ ଆହ୍ୱାନ! ମାତ୍ର ଏ ସମଗ୍ର ଉପନ୍ୟାସରେ ଯାହା ବାରମ୍ବାର ବ୍ୟଞ୍ଜିତ ହେଉଚି, ତାହାହେଲା, ଲକ୍ଷ୍ୟ ଯଦି ଅପରର ମଙ୍ଗଳ ବାଞ୍ଛା, ହୃଦୟରେ ଯଦି ନାହିଁ ଅନୁଦାରତା, ତାର ଯଦି ଅଛି ସମଦୃଷ୍ଟି ସେ ଅବଶ୍ୟ ସଫଳ ହେବ ତା'ର ପ୍ରତିକୂଳତା ଗୁଡ଼ିକୁ ସାମ୍ନା କରିବାକୁ। ରାଜୁକୁ ସହାୟତା ଦେଲା ସେ ରାଜକନ୍ୟା। ସବୁ ସ୍ତରରେ ଏ ଉପନ୍ୟାସରେ ଦେଖାଯାଏ ରାଜୁ ପାଇଁ କେଉଁ ଅଦୃଶ୍ୟରୁ ଅପ୍ରତ୍ୟାଶିତ ସାହାଯ୍ୟର ହାତଟିଏ ବଢ଼ି ଆସେ। ଏ ପର୍ଯ୍ୟାୟରେ ମଧ୍ୟ ରାଜକନ୍ୟା ସେଇ ଭୂମିକା ଗ୍ରହଣ କଲା। ଆଉ ଏଇ ଫଳ ପ୍ରସଙ୍ଗରେ ରାଜକନ୍ୟା ପାଖରୁ ଆଶ୍ଚର୍ଯ୍ୟ ଏକ ତଥ୍ୟ ଜାଣିଲା ରାଜୁ। ସନ୍ତୋଷ ରାଜ୍ୟରେ କେହି କିଛି ଖାଆନ୍ତି ନାହିଁ। ଏହାକୁ ଅଧିକତର ବିସ୍ତାରିତ କରିଚି ରାଜକନ୍ୟା, 'ଆମେ ସୂର୍ଯ୍ୟ କିରଣରୁ, ପବନରୁ, ଆକାଶରୁ ଆମର ଜୀବନୀ ଶକ୍ତି ସଂଗ୍ରହ କରୁ'। ରାଜୁ ଚାହୁଁ ବା ନ ଚାହୁଁ, କିଶୋର ପାଠକ ଚାହୁଁ ବା ନ ଚାହୁଁ ତା' ପାଖରେ ପହଞ୍ଚିଯାଏ ପଞ୍ଚଭୂତର ଦାର୍ଶନିକ ଉପଲବ୍ଧି ! ଆନନ୍ଦ, ଆବେଗ, ଆଶ୍ଚର୍ଯ୍ୟମାନଙ୍କ ବହିଃତରଙ୍ଗ ଭିତରୁ ହଠାତ୍ ଉଭା ହେଇଯାଏ ଶାନ୍ତ ଗମ୍ଭୀର କେଉଁ ଗଭୀର ଦର୍ଶନ !

ସୃଷ୍ଟିର ଯେଉଁ ପାଞ୍ଚ ମୌଳିକ ଉପାଦାନରୁ ଜୀବନୀଶକ୍ତି ଆହରଣ କରି ସନ୍ତୋଷ ରାଜ୍ୟର ଲୋକେ ଜୀବନଯାପନ କରନ୍ତି, ସେଇ ପଞ୍ଚଭୂତର ଏକ ଭିନ୍ନରୂପକୁ ମଧ୍ୟ ସେ ରାଜକୁମାରୀ କହିଚି ରାଜୁକୁ। ଦେବୀଙ୍କ ରାଜ୍ୟକୁ ଯିବାର ଅନ୍ୟତମ ପ୍ରତିବନ୍ଧକର କଥା ଜଣାଇବାବେଳେ, '(ସୀମାନ୍ତରେ) ଲାଗି ରହିଥାଏ ପ୍ରଚଣ୍ଡଝଡ଼। ନିୟତ ବଜ୍ରପାତ ହେଉଥାଏ। ଘୂର୍ଣ୍ଣିବାତ୍ୟାରେ ଘୂରିଘୂରି ଉପରକୁ ଉଡ଼ିଯାଏ ଭୀମକାୟ ଏକ ଏକ ଶିଳାଖଣ୍ଡ ଓ ତା'ପରେ ତଳେ ପଡ଼ି ଧୂଳିସାତ୍ ହେଇଯାଏ। ଗିରିସଙ୍କଟ ସବୁ ହୁଏତ କିଟିକିଟି ଅନ୍ଧକାର ନଚେତ୍ ଗୋଟିଏ ପ୍ରକାର ଅଦ୍ଭୁତ ଆଲୁଅରେ ଦୀପ୍ୟମାନ।' ପଞ୍ଚଭୂତର ଏ ପ୍ରତିବନ୍ଧକକୁ ଏଡ଼ାଇବାର ସୂତ୍ର ମଧ୍ୟ ଜଣାଇଚି ସେ ରାଜକୁମାରୀ। ଜଣାଇଚି, ସେ ଅନନ୍ୟ ଫଳଖାଇ ଯାତ୍ରାକଲେ ଏ ପ୍ରାକୃତିକ ବିପ୍ଳବ ତା'ର କ୍ଷତି କରିପାରିବ ନାହିଁ। ଅର୍ଥାତ୍ ସେ ରାଜ୍ୟକୁ ଯିବାର ପ୍ରାଥମିକ ସ୍ୱୀକୃତିପତ୍ର ଥିଲା ଉକ୍ତ ଫଳ। ସେ ଏକଥା ମଧ୍ୟ ପରାମର୍ଶ ଦେଇଚି ନିର୍ଭୀକ ହୋଇଗଲେ, ଆଧିଭୌତିକ ଶକ୍ତି କେହି ବି କିଛି କ୍ଷତି କରିବେନି! ପଞ୍ଚଭୂତର ଏ ବିପ୍ଳବ ରାଜୁକୁ ଅଭିଜ୍ଞ କରାଇଥିବ ଯେ ସମାନ ଉପାଦାନର ବ୍ୟବହାରଗତ ଭିନ୍ନତାରେ ଉପାଦାନର ଗୁଣାଗୁଣ ସ୍ଥିରୀକୃତ ହୋଇଥାଏ। ତେଣୁ କୌଣସି ବସ୍ତୁ କି ଉପାଦାନ ସମ୍ପର୍କରେ ସହସା ମନ୍ତବ୍ୟ ଆଦୌ ସ୍ପୃହଣୀୟ ନୁହେଁ!

॥ ୭ ॥

ରାଜୁର ନିଷ୍ପାପର ଅଭିଯାନଗତ କର୍ତ୍ତବ୍ୟପରାୟଣତା ଭିତରେ ନ ଥିଲା କୌଣସି ବ୍ୟକ୍ତିଗତ ଲାଭର ଆକାଂକ୍ଷା - ଯେଉଁ ମୂଳ ଉଦ୍ଦେଶ୍ୟ ନେଇ ତା'ର ଯାତ୍ରାର ଆରମ୍ଭ ହୋଇଥିଲା ସେଇ ଯାତ୍ରାର ବିଭିନ୍ନ ପର୍ଯ୍ୟାୟରେ ସେ ନୂଆନୂଆ ସଙ୍କଳ୍ପ କରିଚି - ସଙ୍କଳ୍ପ ଅନ୍ୟର ହିତପାଇଁ, ଗଣର ମଙ୍ଗଳ ସାଧନ ପାଇଁ। ଆନି ବେସାନ୍ତ ତାଙ୍କର The Law of Duty ପ୍ରବନ୍ଧରେ କର୍ତ୍ତବ୍ୟର ଯେଉଁ ଚିରାୟତ ନିୟମର କଥା କହୁଛନ୍ତି ତାହା ଏପରି, "xxx the duty of being gentle and affectionate and helpful to those around us, on our own level; the duty of protection, kindness, helpfulness, and compassion to those below us. These are universal duties...' (The Laws of Higher Life ପୁସ୍ତକରେ ତାଙ୍କର ଏ ପ୍ରବନ୍ଧଟି ସଙ୍କଳିତ)। ରାଜୁର ସୁନାର କୌଣସି ନାରୀ ମୂର୍ତ୍ତିରେ ଜୀବନ ଆରୋପଣର ଆଗ୍ରହ ଜନିତ ଅଭିଯାନ, ସର୍ପ ରାକ୍ଷସକୁ ହତ୍ୟାକରି ଜ୍ଞାନବିଜ୍ଞାନ ରାଜ୍ୟର ରାଜାଙ୍କ ସାନ ପୁଅଟିକୁ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚାଇବା, ସେ ରାଜ୍ୟ ଲୋକଙ୍କୁ ହସିବା ଶିଖାଇ

ପାରିବାର ସଙ୍କଳ୍ପ ନେବା, ନିର୍ଭୀକ ଭାବେ ବିଭିନ୍ନ ପ୍ରତିକୂଳତାକୁ ସାହସ, ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ସହ ଅତିକ୍ରମ କରିବା ପୁଣି ସନ୍ତୋଷ ରାଜ୍ୟରେ ଲୋକେ ଗୀତ ଯେପରି ଗାଇ ପାରିବେ ସେଥିପାଇଁ ଉଦ୍ୟମ କରିବା ଭିତରେ କର୍ତ୍ତବ୍ୟ କରିବାର ଚିରାୟତ ନିୟମଗୁଡ଼ିକ ସେ ତା'ର ଅଜାଣତରେ କରି ଚାଲିଥିଲା !

ସେଇ କର୍ତ୍ତବ୍ୟର ଶେଷ ପର୍ଯ୍ୟାୟ ଥିଲା ଦେବୀଙ୍କ ପାଖକୁ ଯାଇ ବର ଯାଚନା! ସେଠି ପହଞ୍ଚି ରାଜୁ ଅନୁଭବ କରିଚି, ଏଠି ପରସ୍ପର ଚିନ୍ତାକୁ ଉଚ୍ଚାରଣ ନ କରି ପଢ଼ି ଦେଇହୁଏ! ଏ ଅଦ୍ଭୁତ ଅନୁଭବ ହିଁ ସେ ଭୂମିର ସ୍ୱାତନ୍ତ୍ର୍ୟ! ସେଠି ଯେଉଁ ଯୋଗୀଙ୍କୁ ଭେଟିଚି ରାଜୁ, ତାଙ୍କ ପାଖରୁ ପାଇଚି ନୂଆ ଜ୍ଞାନ। ସେ ନୂଆ ସ୍ଥାନରେ ସୂର୍ଯ୍ୟୋଦୟ ଦେଖି ମୁଗ୍ଧ ଓ ପ୍ରଫୁଲ୍ଲିତ ରାଜୁକୁ ଯୋଗୀ ଜଣାଇଛନ୍ତି, ଯେଉଁ ସୂର୍ଯ୍ୟଙ୍କୁ ଆମେ ଆଲୋକର ଉତ୍ସଭାବେ ଜାଣୁ, 'ଯିଏ ନିଜକୁ ତାଙ୍କ ପ୍ରତି ଉନ୍ମୁକ୍ତ ରଖି ପାରିବ, ତା' ପାଇଁ ସେ ହେବେ ଜ୍ଞାନର ଉତ୍ସ ମଧ୍ୟ।' ରାଜୁ ପାଖରେ ଖୋଲିଗଲା ବିଶ୍ୱ ପ୍ରକୃତିର ନୂଆ ଏକ ଦିଗ। ମଣିଷ ସାଧାରଣତଃ ତା'ର ଚତୁଃପାର୍ଶ୍ୱରେ ଥିବା ଉପାଦାନଗୁଡ଼ିକର ଏକସ୍ତରୀୟ ରୂପ ସହ ଅଭ୍ୟସ୍ତ। ମାତ୍ର ତାହା ଠିକ୍ ନୁହେଁ-ସେଗୁଡ଼ିକର ବହୁସ୍ତରୀୟ ରୂପ ଓ ଭୂମିକା ଜାଣିବାକୁ ମଣିଷର ଉନ୍ମୁଖତା, ଆଗ୍ରହ ଓ ଅନ୍ତଃପ୍ରେରଣା ଆବଶ୍ୟକ। ଏ ବକ୍ତବ୍ୟର 'ଉନ୍ମୁକ୍ତ'- ବିଶେଷ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଶବ୍ଦ। ଅନ୍ୟକୁ ଗ୍ରହଣ କରିବାକୁ ହେଲେ ନିଜକୁ ସେଥିପାଇଁ ଯୋଗ୍ୟ କରିବାକୁ ହେବ - ନିଜକୁ ନିଃସର୍ତ୍ତ ଖୋଲିଦେବାକୁ ହେବ ଅନ୍ୟକୁ ସ୍ୱାଗତ କରିବାକୁ- ଏ ପ୍ରସ୍ତୁତି ନ ଥିଲେ ସ୍ୱାଗତ ହେବ ନିଷ୍ଫଳ। ଉନ୍ମୁକ୍ତତା ଏକ ମାନସିକ ଅବସ୍ଥା। ଯା ପଛରେ ରହିବ ନିଜର ଏକନିଷ୍ଠତା ଓ ଆଗ୍ରହ - 'ଜ୍ଞାନପ୍ରାପ୍ତି', ତେବେ ଯାଇ ହେବ ସମ୍ଭବ!

ଏଇ ଧରଣର କଥୋପକଥନ ଛଳରେ ମନୋଜ ଉଦାର ମାନବିକତା, ଅନ୍ତଃଜ୍ଞାନ ପ୍ରତି ଗଭୀର ଅସ୍ପୃହା, ଏକ ଉଚ୍ଚତର ଜୀବନ ପାଇଁ ପ୍ରସ୍ତୁତିର ଇଙ୍ଗିତ ଦେଇଛନ୍ତି। 'କନକ ଉପତ୍ୟକାର କାହାଣୀ'ର ପାଦେପାଦେ ଏମିତି ନାନା ଦାର୍ଶନିକ ଉପଲବ୍ଧି ଓ ମହତ୍ତର ଜୀବନ ଜିଜ୍ଞାସାର ଇଙ୍ଗିତ ରହି ଏ କିଶୋର ସାହିତ୍ୟକୁ ଉଚ୍ଚତର ଏକ ପର୍ଯ୍ୟାୟକୁ ଉନ୍ନୀତ କରିଛି।

ଏ ଉପନ୍ୟାସରେ ରାଜୁ ସତେ ଯେମିତି ସେଇମାନଙ୍କର ପ୍ରତିନିଧି; ଯେଉଁମାନେ ସତ୍, ମହତ ଓ ମଙ୍ଗଳର ଆବାହକ। ସମସ୍ତ ଅପୂର୍ଣ୍ଣତାରୁ ପୂର୍ଣ୍ଣତା ଆଡ଼କୁ ଯିବା ଯେଉଁମାନଙ୍କର ସଙ୍କଳ୍ପ! ଆଲୋଚକ ବ୍ରଜମୋହନ ମିଶ୍ର ଅନ୍ୟ ଅନେକଙ୍କ ପରି ବିଶ୍ୱାସ କରନ୍ତି, 'ଭାରତ ଠିକ୍ ସାବିତ୍ରୀ ଭୂମିକାରେ ଅବତୀର୍ଣ୍ଣ ହୋଇ ଅନେକ ଅଦିବ୍ୟତା, ଅପୂର୍ଣ୍ଣତା କବଳିତ ତଥା ନିଷ୍ପେଷିତ ମାନବଜାତିକୁ ଦିବ୍ୟତା ରୂପକ ପୂର୍ଣ୍ଣତା ଲାଭ କରିବାରେ ଭଗବାନଙ୍କର ଏକ ସାଧନ ହେବ। ଅତିମାନସର ଅବତରଣରେ ମଣିଷ ଯଥାର୍ଥରେ ହେବ ବେଦକଥିତ 'ଅମୃତର ପୁତ୍ର'। ମଣିଷ ସେତେବେଳେ ଅନୁଭବ କରିବ ଓ ହେବ ଭଗବାନଙ୍କର, ଭଗବାନଙ୍କ ଦ୍ୱାରା ଓ ଭଗବାନଙ୍କ ପାଇଁ। ଏହି ଅବଧାରିତ ନିୟତି ଲାଗି ମାନବ ସମାଜକୁ ଯୋଗ୍ୟ, ସମର୍ଥ, ବିଶ୍ୱାସୀ ତଥା ଶ୍ରଦ୍ଧାମୟ ହେବାରେ ଚିରନ୍ତନ ଭାରତର ପ୍ରେମମୟ ପ୍ରଜ୍ଞା, ଭକ୍ତିମୟ କର୍ମ ତଥା ଯୋଗମୟ ପ୍ରେମର ଦିବ୍ୟଜୀବନ ଅବଶ୍ୟ ସଖା ଓ ସହାୟକ ହେବ।' (ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଭାରତ-ଭାରତୀ, ପ୍ରୀତି ଓ ପ୍ରତ୍ୟୟ)। ସେଇ ଅମୃତର ପୁତ୍ର ହେବାର ପ୍ରସ୍ତୁତିରେ ଥିବା ଅନେକଙ୍କ ମଧ୍ୟରୁ ରାଜୁ ହୁଏତ ଜଣେ, ଯାହାର ଦୃଢ଼ ସଙ୍କଳ୍ପ, ଗଭୀର ଆତ୍ମବିଶ୍ୱାସ ଓ ନିର୍ମଳ ଉଦ୍ଦେଶ୍ୟ ପାଇଁ ତା' ପାଖକୁ ଆସୁଚି ଅପ୍ରତ୍ୟାଶିତ ସହାୟତା !!

ଯେଉଁ ଉଚ୍ଚତର ଜୀବନ ପାଇଁ ମନୋଜ ଥିଲେ ଆଗ୍ରହୀ ସେ ଜୀବନର ତାତ୍ପର୍ଯ୍ୟପୂର୍ଣ୍ଣ ଏକ ଦିଗ, ସ୍ୱାର୍ଥ ରହିତ, ଆତ୍ମ ବାସନାହୀନ ଜୀବନ! ସେ ଜୀବନର ପ୍ରକୃଷ୍ଟ ନମୁନା ରାଜୁର ଦେବୀଙ୍କୁ ବର ପ୍ରାର୍ଥନା। ତା'ର ମାଗିବାର ଥିଲା ତିନୋଟି ବର - ସୁନାର ସେ ମୂର୍ତ୍ତିରେ ଜୀବନ୍ୟାସ କରାଇ ତାକୁ ବିବାହ କରିବା- ନିଜ ଭିତରର ଏଇ ଗୋପନ ଇଚ୍ଛାଟି ନେଇ ସେ ଆରମ୍ଭ କରିଥିଲା ତା'ର ଯାତ୍ରା - ବାତାବରଣ ଅନୁଯାୟୀ ତ ମାନସିକତା ଗଢ଼ିଉଠେ - କନକ ଉପତ୍ୟକା ଯେଉଁଠି ଶାସକ, ପାରିଷଦ ସଭିଏଁ ସ୍ୱାର୍ଥ ଜଡ଼ିତ, ଯେଉଁଠି ସର୍ବତ୍ର ଗ୍ରାସ କରିଚି ଶାସକର ବ୍ୟକ୍ତିଗତ ସମୃଦ୍ଧି ବାଞ୍ଛା- ସେଠି ରାଜୁର ସେ ଅପୂର୍ବ ମୂର୍ତ୍ତିକୁ ବିବାହ କରିବା ଇଚ୍ଛା ଖୁବ୍ ସ୍ୱାଭାବିକ। ସେଟା ଯେ 'ସ୍ୱାର୍ଥ' ଏ ଦିଗରେ କିଶୋର ରାଜୁ ହୁଏତ ସଚେତନ ନ ଥିଲା। ହେଲେ ତା'ର ଯାତ୍ରା - ଏ ଯାତ୍ରା ସ୍ଥୂଳରୁ ସୂକ୍ଷ୍ମକୁ, ଲୌକିକ ପର୍ଯ୍ୟାୟରୁ ଅଲୌକିକ ପର୍ଯ୍ୟାୟକୁ, ସଂକୀର୍ଣ୍ଣ ମାନସିକତାର ଜଗତରୁ ପରିବ୍ୟାପ୍ତ ଉଦାରତାର ଜଗତକୁ ତା'କୁ ନେଇ ଯାଇଥିବାରୁ; ତା'ର ସେ ତିନିଟି ବରର ଉଚ୍ଚାରଣ ଥିଲା ଏପରି, 'କନକ ଉପତ୍ୟକାର ସୁନା ପ୍ରତିମା ଜୀବନ୍ୟାସ ପାଉ', 'ଜ୍ଞାନ ବିଜ୍ଞାନ ରାଜ୍ୟର ଲୋକେ ହସି ଶିଖନ୍ତୁ', ପୁଣି 'ଚିର ସନ୍ତୁଷ୍ଟ ରାଜ୍ୟର ଲୋକେ ଯେପରି ଗୀତ ଗାଇ ପାରିବେ' - ଏସବୁ ଗୁଡ଼ିକ ପୂରଣ ହେବାର ସଙ୍କେତ ମିଳିଗଲା; ମାତ୍ର ରାଜୁ ଯେତେହେଲେ ମଣିଷ, ତା'ର ସଂଗୁପ୍ତ କାମନା ଦେବୀଙ୍କୁ ବର ପ୍ରାର୍ଥନା କଲାବେଳକୁ ବାରମ୍ବାର ଉଦ୍‌ବେଳିତ ହୋଇ ଉଠୁଥିଲା। ପ୍ରଥମ ପ୍ରଶ୍ନ ପରେ, 'ତା ହୃଦୟ ଭିତରୁ କଣ୍ଠ ଆଡ଼କୁ ଠେଲି ହେଇ ଆସୁଥିଲା ଆଉ ଏକ ନିବେଦନ - ସେ ଯେମିତି ସେ ଜୀବନପ୍ରାପ୍ତ କନ୍ୟାକୁ ବିଭାହେବ - ସେହି ବର ପାଇଁ ପ୍ରାର୍ଥନା; କିନ୍ତୁ ସେ ଲୋଭ ସମ୍ବରଣ କଲା।' - ସାଧାରଣ ମଣିଷର ସ୍ୱାର୍ଥପୂର୍ତ୍ତିର ପ୍ରଲୁବ୍ଧତାରୁ ଊର୍ଦ୍ଧ୍ୱକୁ ଉଠିବାର ଅସାଧାରଣତା ଦେଖାଇଚି ରାଜୁ। ମୋହରୁ ମୋହମୁକ୍ତିର ଯୋଉ ଦୁର୍ବାର ପଥ ତାକୁ ପାର ହେବା କି ଦୁରୂହ! ମାତ୍ର ସେ ପଥକୁ ଅବଲୀଳାକ୍ରମେ ବରଣ କରିପାରିଛି ରାଜୁ। ତଥାପି ନିଜର ଆଗ୍ରହକୁ ତିନି ତିନୋଟି ବର ଯାଚନା ପରେବି ସେ ଚାପି ରଖିଛି। ବ୍ୟକ୍ତି ମଣିଷର ନିଜ ଇଚ୍ଛାପୂର୍ତ୍ତିର ସ୍ୱପ୍ନ ହଜିଯିବାର ଅନୁଭବ ପରେ ନିଜକୁ ନିଜେ ରାଜୁ ସାନ୍ତ୍ୱନା ଦେଉଛି, 'ଦୀର୍ଘଶ୍ୱାସ ଛାଡ଼ି ନିଜକୁ ନିଜେ ମନେ ପକାଇଦେଲା ଯେ ଏହାପରେ ଆଉ କୌଣସି ବର ପାଇବାର ସମ୍ଭାବନା ନାହିଁ।'

ସେ ହତାଶା ହୁଏତ ଥିଲା ଏକ ପ୍ରାର୍ଥନା - ଯାହାର ପରିପୂର୍ତ୍ତି କେମିତି ଘଟିବ ତାହାର ରୂପରେଖ ସଜାଉଥିଲା ଅଦୃଷ୍ଟ । ବ୍ୟକ୍ତି ମଣିଷର ନିଃସ୍ୱାର୍ଥଭାବେ ଅନ୍ୟ ପାଇଁ ବର ମାଗିବାତ ସହଜ କଥା ନୁହେଁ ! ବସ୍ତୁବାଦୀ ମଣିଷର ସ୍ୱାର୍ଥପର ଭାବନାରୁ ଊର୍ଦ୍ଧ୍ୱକୁ ଯାଇ ରାଜୁର ଆକାଂକ୍ଷା ଓ ଆଚରଣର, ନିଃସ୍ୱାର୍ଥ କାମନା ଓ କର୍ମର ପୁରସ୍କାର ହୁଏତ ସେଇ ଅଦୃଷ୍ଟ ଲେଖି ଦେଉଥିଲା । ମଣିଷର ତାତ୍କାଳିକ ହତାଶା ଜଡ଼ିତ ଅସ୍ଥିର ମନ ହୁଏତ ଅଦୃଷ୍ଟର ସେ ଲେଖା ପଢ଼ିବା ପାଇଁ ଯୋଗ୍ୟ ନ ଥିଲା! ଉପନ୍ୟାସର ପରିଣତିଗତ ଚମତ୍କାରିତା ବୁଝେଇଦିଏ ଏକଥାର ସତ୍ୟତା!

ଏକଦା ସନ୍ତୋଷ ରାଜ୍ୟରେ ରହିବା ଭିତରେ ରାଜୁ ନିଜ ଅନୁଭବକୁ ରାଜକୁମାରୀକୁ ଜଣାଇଥିଲା, 'ମଣିଷମାନେ ବହୁ ବିସ୍ମୟକର କାମ କରିବାକୁ ସକ୍ଷମ; କିନ୍ତୁ ଦୁର୍ଭାଗ୍ୟ, ସେମାନେ ତାଙ୍କର ଶକ୍ତି ଓ ସ୍ୱାଧୀନତାକୁ ପ୍ରାୟ ମନ୍ଦ କାମରେ ହିଁ ଲଗାଇ ଥାଆନ୍ତି ।' ରାଜକୁମାରୀ, ମଣିଷ ତ 'ବଦଳି ପାରିବ' କହନ୍ତେ ରାଜୁ ଉତ୍ତର ଦେଇଥିଲା, 'ପାରିବ, ଯଦି ଚାହିଁବ; କିନ୍ତୁ ଯେତେ ଅଜବ ଶୁଭିଲେ ବି ସତକଥାଟି ହେଲା, ମଣିଷ ନିଜର ଅଜ୍ଞାନତାକୁ ଭାରି ପ୍ରେମକରେ, ଗେଲକରେ ।' ରାଜକୁମାରୀର 'ବଦଳି ପାରିବ' ଓ ରାଜୁର 'ଯଦି ଚାହିଁବ' ମଧ୍ୟରେ ଏକ ଗୂଢ଼ ଯୌଗିକ ସମୃଦ୍ଧି ଓ ଉତ୍ତରଣର କ'ଣ ଇଙ୍ଗିତ ପ୍ରଦତ୍ତ? ଯେଉଁ ବଦଳିବାର ପ୍ରକ୍ରିୟା ହୁଏତ ପୁରୁଷପୁରୁଷ ଧରି ଚାଲିପାରେ ବୋଲି ଶ୍ରୀଅରବିନ୍ଦ ଜଣାଇଛନ୍ତି! ମାନସରୁ ଅତିମାନସର ଯାତ୍ରା ତ ଏକ ସ୍ୱାଭାବିକ ପ୍ରକ୍ରିୟା ନୁହେଁ - ଏଠି ପ୍ରଥମେ ଆବଶ୍ୟକ ବ୍ୟକ୍ତିର ଦୃଢ଼, ଅବିଚଳିତ ଇଚ୍ଛାଶକ୍ତି, ଯାହା ରାଜୁର ଭାଷାରେ 'ଯଦି ଚାହିଁବ'! ତା'ପରେ ସେଇ ଅସ୍ପୃହା ତା'କୁ ବାଟ କଢ଼ାଇ ନେବ 'ଉତ୍ତରଣ' ଦିଗରେ !!

ରାଜୁର ଯାତ୍ରା ଭିତରେ ବିଭିନ୍ନ ରାଜ୍ୟର ଘଟଣାପ୍ରବାହ ମଧ୍ୟରେ ଆସୁଚି ମନ୍ଦ ପୁଣି ଭଲ ଓ ମନ୍ଦର ମିଶ୍ର ସଂସ୍ଥିତି ପୁଣି ଭଲର କ୍ରମୋତ୍ତରିତ ପ୍ରକ୍ରିୟା !

'କନକ ଉପତ୍ୟକାର କାହାଣୀ' ଉପନ୍ୟାସଟି ସତେ ଯେମିତି ସେଇ ଉତ୍ତରଣର ପଥ ନିର୍ଦ୍ଦେଶ କରୁଛି!! ■■■

ଡିଅର ପାର୍କ, ଶାନ୍ତିନିକେତନ- ୭୩୧୨୩୫
ପଶ୍ଚିମବଙ୍ଗ
ଦୂରଭାଷ : ୯୯୩୩୬୦୦୦୨୬

ଗରିବଙ୍କ ତ୍ରାଣକର୍ତ୍ତା
ଗୋପବନ୍ଧୁଙ୍କ ମାନସ ସନ୍ତାନ
'ସତ୍ୟବାଦୀ'ର ଦୁର୍ଗାପୂଜା
ସ୍ୱତନ୍ତ୍ର ପ୍ରକାଶନ ସଂଖ୍ୟା
ଉପଲକ୍ଷେ ଶୁଭେଚ୍ଛା ଓ
ଅଭିନନ୍ଦନ ।

ପୃଥ୍ୱୀରାଜ ପରିଡ଼ା
ବିଡିଓ, ରାଜକନିକା ବ୍ଲକ, କେନ୍ଦ୍ରାପଡ଼ା

PPL
DEFINING
A NEW
PRESENT
ENVISAGING
A BETTER
FUTURE
canonfire
Paradeep Phosphates Limited
www.paradeepphosphates.com

MoxieTEK
TRAINING
EMPLOYABILITY
KAIZEN
The Highest Paying Careers Are Waiting For
You!
LEADING GLOBAL PROFESSIONAL UPSKILLING PROGRAMS
MASTER THE MOST IN-DEMAND GLOBAL SKILLS
DATA SCIENCE with AI
CYBER SECURITY
DATA ANALYTICS
180+ Hours Classroom Training
2 Months of Internship
Resume Building
LMS - Recorded Lectures
100%
PLACEMENT
ASSISTANCE
+91 70777 04010
JAYDEV VIHAR, BHUBANESWAR

ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିକାଶ

ଭାଷା ଗୋଟିଏ ଜାତିର ପରିଚୟ, ଜାତିର ସାମାଜିକ ସ୍ୱୀକୃତି । ଭାଷା ସଂସ୍କୃତି, ସଭ୍ୟତାର କଥା ବଖାଣେ । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ପ୍ରାଚୀନ ଓ ଗୌରବଶାଳୀ ଭାଷା । ଏହାର ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟରେ ବିଶ୍ୱବାସୀ ମୁଗ୍ଧ ହୁଅନ୍ତି । ଅସ୍ମିତାର ପରିଚୟ ଆମ ଭାଷା, ସବୁଠୁ ସମୃଦ୍ଧ ମୋ ମାତୃଭାଷା । ଅକ୍ଷର ବା ଲିପି ବ୍ରହ୍ମ ସ୍ୱରୂପ । ମାତୃଭାଷାର ଉନ୍ନତି, ଶିକ୍ଷାରେ ମାତୃଭାଷାର ଉପଲବ୍ଧି ଗୋଟିଏ ଜାତିର, ଭୂଖଣ୍ଡର ପ୍ରଗତିର ପ୍ରଥମ ଶିଢ଼ି । ଯେକୌଣସି ଭାଷା ଓ ସାହିତ୍ୟର ପ୍ରାଚୀନତା ପଛରେ ରହିଥାଏ ଧ୍ୱନି, ଅକ୍ଷର, ଲିପି, ଶବ୍ଦ ଭଣ୍ଡାର, ବ୍ୟାକରଣ ନିୟମ, ବାକ୍ୟ ସଂରଚନା । ଶିଳାଲେଖ ସନନ୍ଦ, ତାଳପତ୍ର ପୋଥି, ଚଉତିଶାରେ ଆମ ଭାଷା ବର୍ଣ୍ଣାଢ଼୍ୟ, ବୈଚିତ୍ର୍ୟପୂର୍ଣ୍ଣ ଓ ଆକର୍ଷଣୀୟ । ବୌଦ୍ଧ ଭଗ୍ନାବଶେଷ କହେ ଓଡ଼ିଆ ଲିପି ଅନ୍ୟତମ ସର୍ବପୁରାତନ ଲିପି ।

ଭାଷାର ଅନୁରାଗରେ, ମୂର୍ଚ୍ଛନାରେ ସୃଷ୍ଟି ସାହିତ୍ୟ, ଦେଶ, ଜାତି ସମାଜର କଥା କହେ, ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ, ଭାଷା ଓ ଶବ୍ଦକୁ କଲମରେ ସମ୍ମାନ ଦିଏ । ସୃଜନର ଝଙ୍କାର ସାହିତ୍ୟର ସ୍ୱକୀୟ ଅନୁଭୂତି ଭିତରେ ଆମର ମାଟି କଥା କହେ । ଭାଷା ମାଧ୍ୟମରେ ନିଜକୁ ପ୍ରକାଶ କରିବାର ବ୍ୟାପକତା, ବ୍ୟାକୁଳତାରୁ ସାହିତ୍ୟର ସୃଷ୍ଟି । ଅନୁପମ ଶିଳ୍ପଭାସ୍କର୍ଯ୍ୟ, ସମୃଦ୍ଧ ସାହିତ୍ୟ, ପୌରାଣିକ ପରମ୍ପରାରେ ମହିମାନ୍ୱିତ ନିଦର୍ଶନ ଆମ ରାଜ୍ୟ । ଓଡ଼ିଶା ଆମ ମାଟି, ଏ ମାଟିର ଦିଅଁ ଶ୍ରୀଜଗନ୍ନାଥ ଆମ କୁଳ, କୁଟୁମ୍ବ, ଘରର ମୁରବି, ଆମର ଆସ୍ଥା ବିଶ୍ୱାସର ପ୍ରତୀକ । ଲୋକ ସଂସ୍କୃତି, ଲୋକ କଥା, ଲୋକ ନୃତ୍ୟରେ ପରିପୂର୍ଣ୍ଣ ଜଗନ୍ନାଥ ସଂସ୍କୃତି । ପୋଥି, ପୁରାଣ, ଭଜନ, ଜଣାଣ, ଗୀତା, ଭାଗବତରେ ଆମ ଭାଷା ସମୃଦ୍ଧ । ଓଡ଼ିଆ ସାହିତ୍ୟ ପ୍ରାଚୀନ ସାହିତ୍ୟ । ଏ ମାଟି ସାରଳା ଦାସଙ୍କର, ବଳରାମ ଦାସଙ୍କର, ଜଗନ୍ନାଥ ଦାସଙ୍କର । ଏ ମାଟି ଫକୀର ମୋହନ, ଉପେନ୍ଦ୍ରଭଞ୍ଜ, ରାଧାନାଥ, ଗୋପବନ୍ଧୁ, ଗଙ୍ଗାଧର, ମଧୁସୂଦନଙ୍କର । ଆଦର୍ଶ ଚିନ୍ତା ଚେତନାର ମାଟି ।

ଭାଷ୍ ଧାତୁ ସହ ଅ କର୍ମ ବାଚ୍ୟ ଆ ପ୍ରତ୍ୟୟ ଯୋଡ଼ି ହେଲେ ଭାଷା । ଗ୍ରୀସୀୟ ଭାଷାରେ ସାହିତ୍ୟକୁ ଲୋଗୋସ କୁହାଯାଏ ଯାହାର ଅର୍ଥ ଚିନ୍ତାଶକ୍ତି । ଭାଷା ଭିତରେ ଜାତିର ଚିନ୍ତା ଶକ୍ତି, ଅଭିବ୍ୟକ୍ତି ଆଉ ଉପଲବ୍ଧିର ବ୍ୟାପକ ସାରମର୍ମ ନିହିତ ଥାଏ । ଓଡ଼ିଆ ଓଡ଼ିଶାର ମାତୃଭାଷା । ଭାରତର ସମ୍ବିଧାନ ସ୍ୱୀକୃତ ଷଷ୍ଠତମ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାଷା । ପୂର୍ବରୁ ସଂସ୍କୃତ, ତାମିଲ୍, ତେଲୁଗୁ, କନ୍ନଡ଼, ମାଲାୟଲମ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାଷା ଭାବରେ ସ୍ୱୀକୃତି ପାଇଛି । ଓଡ଼ିଆ ଭାଷାର ମୂଳ ଉତ୍ପତ୍ତି ଭାରତୀୟ ଆର୍ଯ୍ୟଭାଷାରୁ । ଭାରତୀୟ ଆର୍ଯ୍ୟଭାଷାର ତିନିଟି ମୁଖ୍ୟ ସ୍ତର ରହିଛି, ଯଥା– ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା (ଖ୍ରୀଷ୍ଟାବ୍ଦ ୧୫୦୦ରୁ ଖ୍ରୀ.ପୂ. ୫୦୦) ମଧ୍ୟ ଭାରତୀୟ ଆର୍ଯ୍ୟଭାଷା (ଖ୍ରୀ.ପୂ. ୫୦୦ରୁ ଖ୍ରୀ. ୧୦୦୦) ଆଧୁନିକ ଭାରତୀୟ ଆର୍ଯ୍ୟଭାଷା (ଖ୍ରୀଷ୍ଟାବ୍ଦ ୧୦୦୦ ପରବର୍ତ୍ତୀ) । ପ୍ରାଚୀନ ଭାରତୀୟ ଆର୍ଯ୍ୟ ସଂସ୍କୃତି ବୈଦିକ, ସଂସ୍କୃତ ପରବର୍ତ୍ତୀ ପର୍ଯ୍ୟାୟ ଲୌକିକ ମଧ୍ୟ ଭାରତୀୟ ଆର୍ଯ୍ୟ ୧, ପାଲି ଭାଷା ଖ୍ରୀଷ୍ଟପୂର୍ବ ୫୦୦-ଖ୍ରୀ.ପୂ.୨୦୦ (୨) - ପ୍ରାକୃତ ଭାଷା- ଖ୍ରୀ.ପୂ. ୨୦୦ରୁ ଖ୍ରୀଷ୍ଟାବ୍ଦ ୫୦୦ ୩- ଅପଭ୍ରଂଶ ଭାଷା - ଖ୍ରୀଷ୍ଟାବ୍ଦ ୫୦୦ରୁ ଖ୍ରୀଷ୍ଟାବ୍ଦ ୧୦୦୦ ।

ଇଣ୍ଡୋ ଇଉରୋପୀୟ ଭାଷାରୁ ସଂସ୍କୃତ ଭାଷାର ଉତ୍ପତ୍ତି । ସଂସ୍କୃତରୁ ପାଲି, ମାଗଧି ପ୍ରାକୃତରୁ ଅପଭ୍ରଂଶ ଭାଷାର ଉତ୍ପତ୍ତି । ଏହାର ଶାଖାଗୁଡ଼ିକ ପୂର୍ବ ମାଗଧି-ପଶ୍ଚିମ ମାଗଧି-ଉତ୍ତର ମାଗଧି-ଦକ୍ଷିଣ ମାଗଧି । ଓଡ଼ିଆ ଭାଷା ପୂର୍ବ ମାଗଧିର ଅପଭ୍ରଂଶର ଏକ ଉପଶାଖା ।

ସୌରସେନୀ ଅର୍ଦ୍ଧମାଗଧି ପ୍ରାକୃତର କେତେକ ଲକ୍ଷଣ ମଧ୍ୟ ଓଡ଼ିଆ ଭାଷାରେ ପରିଲକ୍ଷିତ ହୁଏ । ବହିରଙ୍ଗୀୟ ଆର୍ଯ୍ୟଭାଷାର ଅନ୍ତର୍ଗତ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ରହିଛି । ଏହା ଦୁଇ ହଜାର ବର୍ଷର ପ୍ରାଚୀନ ଭାଷା । ସଂସ୍କୃତ = ପାଲି = ପ୍ରାକୃତ = ଅପଭ୍ରଂଶ = ଓଡ଼ିଆ । ପୁରାଣ, ଶାସ୍ତ୍ର,

ମୈତ୍ରେୟୀ କମିଳା

କବି, ଗାଳ୍ପିକା, ଅନୁବାଦିକା ଓ ମୁମ୍ବାଇ ପ୍ରବାସୀ ଉତ୍କଳ ସାହିତ୍ୟ ସଂସ୍ଥାର ସଂସ୍ଥାପିକା । କବିତା ପୁସ୍ତକ 'ତୁମେ ଆସିବ ବୋଲି' ପ୍ରକାଶିତ । ଅନୁବାଦ ପୁସ୍ତକ ମଧ୍ୟରେ ରହିଛି 'କାହାଣୀରେ ତୁମେ', 'ତ୍ରିରଙ୍ଗା ହାଉସ', 'ଛୁଟି' ଓ କୋଳ । ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ ।

ଲୋକକଥା, ଲୋକଗୀତ, କାନ୍ଦଣା, ଢ଼ଗଢ଼ମାଳି, ଛାନ୍ଦ, ଚଉତିଶା, ଭଜନ, ଜଣାଣରେ ଆମ ଭାଷାର ବ୍ୟାପକତା। ଆମ ବର୍ଣ୍ଣ, ଆମ ଅକ୍ଷର, ଆମ ଉଚ୍ଚାରଣ, ଆମ ଧ୍ୱନିରେ ଆମ ଭାଷାର ସ୍ୱାତନ୍ତ୍ର୍ୟ। ପ୍ରାକ୍ ସାହିତ୍ୟରେ ତାଳପତ୍ର ପୋଥିର ବ୍ୟବହାର, ପଥରରେ ଅଭିଲେଖ, ମୌଖିକ ସାହିତ୍ୟର ବହୁଳ ବ୍ୟବହାର ଥିଲା। ପୂର୍ବରୁ ଲେଖନୀର ମାଧମ ତାଳପତ୍ର ଥିଲା। ରାଜା ମହାରାଜା ପାହାଡ଼ରେ ଖୋଦେଇ କରି ଅନୁଶାସନ ଲେଖୁଥିଲେ, ଯାହା ଆଜି ମଧ୍ୟ ସୁରକ୍ଷିତ। ଓଡ଼ିଶାକୁ ପ୍ରଥମେ ଉଡ୍ର, ଉତ୍କଳ, କଳିଙ୍ଗ କୁହା ଯାଉଥିଲା। ଓଡ଼ିଆ ସାହିତ୍ୟର ଆଦିକାଳ ପ୍ରାକ୍ ସାହିତ୍ୟ ଅର୍ଥାତ୍ ସାରଳା ସାହିତ୍ୟର ପୂର୍ବ ଯୁଗକୁ କୁହାଯାଏ। ଅଷ୍ଟମ ନବମ ଶତାବ୍ଦୀରୁ ଆରମ୍ଭ ହୋଇ ସାରଳା ଦାସଙ୍କ ପୂର୍ବ ସମୟ ଚଉଦ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଏହା ବ୍ୟାପ୍ତ। ତିନୋଟି ଧାରାରେ ଓଡ଼ିଆ ସାହିତ୍ୟର ବିକାଶ ହୋଇଛି। ତାହା ହେଲା କଥିତ ସାହିତ୍ୟ, ଅଭିଲେଖ ସାହିତ୍ୟ, ଲିଖିତ ସାହିତ୍ୟ।

କଥିତ ସାହିତ୍ୟ ସାଧାରଣଜନତାଙ୍କ ପ୍ରଚଳିତ ସାହିତ୍ୟ, ଲୋକ ମୁଖରେ ପ୍ରଚାରିତ ବୋଲି ଲୋକ ସାହିତ୍ୟ। ଏଥିରେ ରହିଛି ଲୋକ ଗୀତ, ଲୋକ ଗଳ୍ପ, ଲୋକ ନାଟକ, ଢଗଢମାଳି, ଓଷାବ୍ରତ।

ଅଭିଲେଖ - ଅଣୀ ଭାଗ ଅଭିଲେଖର ସନ୍ଧାନ ମିଳିଛି। ତାହାର ଲେଖାଶୈଳୀ ଆଲୋଚନାକୁ ଭିତ୍ତି କରି ସାହିତ୍ୟ ଅଭିଲେଖରେ ନାମିତ। ଲିଖିତ ସାହିତ୍ୟ- ଯାହା ଲିଖିତ ଭାବରେ ଗଦ୍ୟ, ପଦ୍ୟ ଆକାରରେ ରଚିତ। ଏହା ପ୍ରାକ୍ ସାରଳା ଯୁଗରେ ଚର୍ଯ୍ୟା ସାହିତ୍ୟ ଓ ନାଥ ସାହିତ୍ୟ ଦୁଇ ଭାଗରେ ବିଭକ୍ତ ଥିଲା। ନାଥ ସାହିତ୍ୟ ଶିଶୁବେଦ, ଦାଣ୍ଡିବୃତ୍ତ ଆଧାରରେ ଲିଖିତ। ଅମର କୋଷ, ଗୋରଖ ସଂହିତା, କଳସା ଚୌତିଶା, ସୋମନାଥ ବ୍ରତ କଥା, ତଅପୋଇ ଗୀତ, ମାର୍କଣ୍ଡ ଦାସଙ୍କ କେଶବ କୋଇଲି, ମତ୍ସେନ୍ଦ୍ର ଗୀତା, ପୁରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ମାଦଳା ପାଞ୍ଜି ଏହି ସମୟର।

ଓଡ଼ିଆ ଭାଷାର ପ୍ରାଚୀନ ରୂପରେଖକୁ ଜୀବନ୍ତ କରିଛି ଲୋକକଥା, ଲୋକସାହିତ୍ୟ, ଢଗଢମାଳି, କାନ୍ଦଣାଗୀତ। ସାହିତ୍ୟର ପ୍ରଥମ ରୂପ ଲୋକକଥା, ଲୋକଗୀତ। ପ୍ରଥମେ ମଣିଷ ବିଭିନ୍ନ ସଙ୍କେତ, ଠାର, ଧ୍ୱନି, ରେଖା ବା ପାହାଡ଼ ଖୋଦେଇ କରି ମନର ଭାବକୁ ପ୍ରକାଶ କଲା। ଯେଉଁ କାହାଣୀକୁ ସେ ମୌଖିକ ଭାବରେ ଶୁଣେ ବା ଲୋକ ମୁଖରୁ ବିଶେଷ ବ୍ୟବହାର କାହାଣୀ ହେଉଛି ଲୋକ କାହାଣୀ ବା ଲୋକକଥା। ଏହି ଲୋକକଥା ବିଷୟରେ ଓଡ଼ିଶାରେ ବହୁଦିନରୁ ଗବେଷଣା, ଆଲୋଚନା ଚାଲୁ ରହିଛି।

ଚର୍ଯ୍ୟା ସାହିତ୍ୟ=ବୌଦ୍ଧ ସିଦ୍ଧାଚାର୍ଯ୍ୟଙ୍କ ଦ୍ୱାରା ରଚିତ ଗୀତିକାକୁ ବୁଝାଏ। ପଠନ ଦୃଷ୍ଟିରୁ ଆଠ ପାଦ, ଦଶ ପାଦ, ଚଉଦ ପାଦ ବିଶିଷ୍ଟ। ଏହି ଶବ୍ଦ ଚର୍ଯ୍ୟାର ଅର୍ଥ "ଆଚରଣ"। ବୌଦ୍ଧ ତାନ୍ତ୍ରିକ ଗ୍ରନ୍ଥ। ହରପ୍ରସାଦ ଶାସ୍ତ୍ରୀ ଏହାର ଆବିଷ୍କାରକ। ହରପା, କାହ୍ନୁପାଙ୍କ ଦୋହାକୁ ସେ ପ୍ରକାଶ କରେ। ଶବରୀପା ଲୁଇପାଙ୍କ ଗୁରୁ।

ଚର୍ଯ୍ୟା ସାହିତ୍ୟ ପରେ ପର୍ଯ୍ୟାୟ କ୍ରମେ ସାରଳା ଯୁଗ, ପଞ୍ଚସଖା ଯୁଗ, ପୌରାଣିକ କାବ୍ୟରଚନା ଯୁଗ, ରୀତି ଯୁଗ, ରାଧାନାଥ ଯୁଗ, ସତ୍ୟବାଦୀ ଯୁଗ, ସବୁଜ ଯୁଗ, ପ୍ରଗତି ଯୁଗର ଆରମ୍ଭ ହୋଇଛି।

ସାରଳା ଯୁଗ-ଗଜପତି କପିଳେନ୍ଦ୍ର ଦେବଙ୍କ ସମୟ, ଯଥା- ପଞ୍ଚଦଶ ଶତାବ୍ଦୀକୁ ସାରଳା ଯୁଗ କୁହାଯାଏ। ଏହା ଓଡ଼ିଆ ସାହିତ୍ୟର ସୁବର୍ଣ୍ଣ ଯୁଗ ଥିଲା। ଓଡ଼ିଆ ସାହିତ୍ୟର ଭୀଷ୍ମ ପିତାମହ ଆଦିକବି ସାରଳା ଦାସ ସାଂସ୍କୃତିକ ଚେତନା, ସ୍ୱଦେଶ ପ୍ରେମ, ଧାର୍ମିକ ଭାବନା, କିମ୍ବଦନ୍ତୀକୁ ସାହିତ୍ୟରେ ପ୍ରତିଫଳିତ କରିଥିଲେ। ପନ୍ଦର ଶହ ଶତାବ୍ଦୀରୁ ଆରମ୍ଭ ହୋଇ ଏହି ଶତାବ୍ଦୀର ଶେଷପର୍ଯ୍ୟନ୍ତ ସମୟସୀମାକୁ ସାରଳା ଯୁଗ କୁହାଯାଏ। ସାରଳା ଦାସ ଏକାଧିକ ଗ୍ରନ୍ଥ, ମହାଭାରତକୁ ଓଡ଼ିଆରେ ଅନୁବାଦ କରିଛନ୍ତି, ସେ ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣର ରଚୟିତା।

୧୫୦୧-୧୫୫୦କୁ ପଞ୍ଚସଖା ଯୁଗ କୁହାଯାଏ। ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ, ଅନନ୍ତ ଦାସଙ୍କୁ ପଞ୍ଚସଖା କୁହାଯାଏ। ଏହି ସମୟରେ ବଳରାମ ଦାସଙ୍କର ଲକ୍ଷ୍ମୀ ପୁରାଣ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ, ଅଚ୍ୟୁତାନନ୍ଦ ଦାସଙ୍କ ମାଳିକା ବଚନ, ବୈଷ୍ଣବ ଧର୍ମରେ ଲିଖିତ ପୁରାଣ ସବୁ ପଞ୍ଚସଖା ଯୁଗର। ତା' ପୂର୍ବରୁ ଜୟଦେବଙ୍କ ଗୀତ ଗୋବିନ୍ଦ ରଚନା ହୋଇଛି। ଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସଂହିତା, ବଳରାମ ଦାସଙ୍କର ଜଗମୋହନ ରାମାୟଣ, ଲକ୍ଷ୍ମୀ ପୁରାଣ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତ ଏହି ଯୁଗରେ ରଚିତ। ରଘୁ ଅରକ୍ଷିତ ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ବହୁ ପଦାବଳୀ ରଚନା କରିଛନ୍ତି। ଏମାନଙ୍କୁ ଷଡ଼ଗୋସ୍ୱାମୀ କୁହାଯାଏ।

୧୬୦୦-୧୭୦୦ ଶତାବ୍ଦୀରେ କାଳ୍ପନିକ, ପୌରାଣିକ କାବ୍ୟରଚନା ହେଲା। ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟରେ ଗୋପକେଳି, ପ୍ରେମାଲୋଚନା, ବାଦ ଶକୁନ୍ତଳା କଳାବତୀ, ନୃସିଂହ ପୁରାଣ, ନିର୍ଗୁଣ ମାହାତ୍ମ୍ୟ, ରୁକ୍ମିଣୀ ବିବାହ, କାଞ୍ଚିକାବେରୀ, ପୁରୁଷୋତ୍ତମ ଦାସଙ୍କ ଦ୍ୱାରା ରଚିତ। ଜୟଦେବଙ୍କ ଗୀତଗୋବିନ୍ଦକୁ ଓଡ଼ିଆରେ ଅନୁବାଦ କରିଛନ୍ତି ଧରଣୀଧର ମିଶ୍ର, ବୃନ୍ଦାବନ ଦାସ, ତ୍ରିଲୋଚନ ଦାଶ। ଚଉତିଶା ଲେଖା ହେଲା। ଚଉତିଶାର ପ୍ରଥମ କବି ବତ୍ସା ଦାଶ 'କଳସା ଚଉତିଶା'ର ରଚୟିତା। ଚଉତିଶା ଓଡ଼ିଆ ସାହିତ୍ୟର ଭିତ୍ତିଭୂମି। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ହେବାପରେ ଚଉତିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି', ଉପେନ୍ଦ୍ରଙ୍କ ବୈଦେହୀଶ ବିଳାସ

'ବ' ବର୍ଣ୍ଣରୁ ପଦାବଳୀର ଆରମ୍ଭ । 'କଳା କଉତୁକ', ଦୀନକୃଷ୍ଣଙ୍କ 'ରସକଲ୍ଲୋଳ', 'କ' ଅକ୍ଷରରୁ ଆରମ୍ଭ । ଯଦୁମଣିଙ୍କ ଅମ୍ବିକା ବିଳାସ- ଅ ବର୍ଣ୍ଣ, ଦୀନକୃଷ୍ଣ ଦାସ, ବ୍ରଜନାଥ ବଡ଼ଜେନା, କବିସୂର୍ଯ୍ୟ ବଳଦେବ ରଥ, ବନମାଳୀ, ଭକ୍ତଚରଣ ଦାସଙ୍କ ରଚିତ ଚଉତିଶା ଭାବଗର୍ଭକ। ଚଉତିଶାରେ 'କ' ରୁ 'କ୍ଷ' ଅକ୍ଷର କବିତାରେ ଥିବ । 'ମିଳନ ଚଉତିଶା', 'ମନ୍ଦାକିନୀ ଚଉତିଶା', 'ବର୍ଷାଭରଣ ଚଉତିଶା', 'ରାସକୁଲ୍ୟ ଚଉତିଶା', 'ମନବୋଧ ଚଉତିଶା' । ସତର ଶହ ଖ୍ରୀଷ୍ଟାବ୍ଦରେ ଭକ୍ତ ସାଲବେଗ ଅନେକ ଜଗନ୍ନାଥ ଜଣାଣ ପ୍ରସ୍ତୁତ କରିଥିଲେ ।

'କଳସା ଚଉତିଶା' ବଛା ଦାଶଙ୍କର:-

କହନ୍ତି କାମିନୀ ଶୁଣ ହେମନ୍ତ ଦୁଲଣି
କାହୁଁ କରେ ବରିଲେ ତୁମ୍ଭର ପିତାମଣି
କୁଳ ମୂଳ ଗୋତ୍ର ଆଦିନାହିଁ ଜାଣ ତା'ର
କନକ ବେଦିରେ ବୁଢ଼ା ବସିଛି ମଧ୍ୟରେ ।

ଚଉତିଶା ରଚନା ଅତ୍ୟନ୍ତ ସହଜ । ବହୁ କବି ଚଉତିଶା ରଚନା କରିଛନ୍ତି । ଅ ରୁ କ୍ଷ ପର୍ଯ୍ୟନ୍ତ ୩୪ଟି ଅକ୍ଷରକୁ ପଦର ଆରମ୍ଭରେ ରଖି ରଚନା କରାଯାଇଥିବା ପଦକୁ ଚଉତିଶା କୁହାଯାଏ ।

କହଇ ମନ ଆରେ ମୋ ବୋଲକର
କଳାଶ୍ରୀ ମୁଖ ବାରେ ଦେଖିବା ଚାଲରେ ।
କେତେଦିନକୁ ମନ ବାନ୍ଧିଛୁ ଆଣ୍ଟ
କି ଘେନି ଯିବୁ ଆରେ ଛୁଟିଲେ ଘଟ ।'

ଭକ୍ତ ଚରଣ ଦାସଙ୍କର: 'ମନବୋଧ ଚଉତିଶା'

'କୋଇଲି ଲୋ କେଶବ ଯେ ମଥୁରାକୁ ଗଲା
କାହା ବୋଲେ ଗଲା ପୁତ୍ର
ବାହୁଡ଼ି ନ ଅଇଲା-ଲୋ'

'କୋଇଲି କେଶବ' ଚଉତିଶା ।

ସେହିଭଳି ସତର ଶହ ଖ୍ରୀଷ୍ଟାବ୍ଦରେ ବିଭିନ୍ନ କାଳ୍ପନିକ, ପୌରାଣିକ କାବ୍ୟ ରଚନା ହୋଇଛି । ଷୋଳଶହ ପଚାଶରୁ ଅଠର ଶହ ପଚାଶ ଶତାବ୍ଦୀ ଥିଲା ରୀତି ଯୁଗର । ଏହି ଯୁଗର କବି ଧନଞ୍ଜୟ ଭଞ୍ଜ, ଦୀନକୃଷ୍ଣ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ୧୫୩୦ ଶତାବ୍ଦୀର ଅଭିମନ୍ୟୁ ସାମନ୍ତ ସିଂହାର । ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ', ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି' ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି । ରୀତି ସାହିତ୍ୟରେ କବିସୂର୍ଯ୍ୟ ବଳଦେବ ରଥଙ୍କ "କିଶୋର ଚନ୍ଦ୍ରାନନ ଚମ୍ପୂ" ଶ୍ରେଷ୍ଠକୃତି । ଗଞ୍ଜାମର ପାରଳାଖେମୁଣ୍ଡିରେ ଜନ୍ମ କବିସୂର୍ଯ୍ୟଙ୍କର ।

ଉଭୟ ଗଦ୍ୟ ଏବଂ ପଦ୍ୟ ରଚନାରେ ଥିବା କାବ୍ୟକୁ ଚମ୍ପୂ କୁହାଯାଏ । କବି, ସମ୍ରାଟଙ୍କ - କୃତିଗୁଡ଼ିକ ମଧ୍ୟରେ ବୈଦେହୀଶ ବିଳାସ, 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' 'ଲାବଣ୍ୟବତୀ' ଆଦି ଅନ୍ତର୍ଭୁକ୍ତ ।

ବୈଦେହୀଶ ବିଳାସରେ ପ୍ରତ୍ୟେକ ବାକ୍ୟ "ବ"ରୁ ଆରମ୍ଭ । ଏହାର ନବମ ଛାନ୍ଦ ଚୋଖି ରାଗରେ ରଚିତ । ଉଦାହରଣ -

'ବିତଳକୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ
ହରେ ସୁରବର ତାପ ଚାରୁ ଧାରା ସେ ।
ବହେ ମକର କେତନ ଉଚ୍ଛନ୍ନ ରତି ସମାନ
ପୂରିତ ହୋଇଛି ପୁଣି ଅଶେଷ ରସେ ।'

ଓଡ଼ିଆ ଭାଷାର ପ୍ରାଚୀନ ରୂପରେଖକୁ ଜୀବନ୍ତ କରିଛି ଲୋକକଥା, ଲୋକସାହିତ୍ୟ, ଢଗଢମାଳି, କାନ୍ଦଣାଗୀତ । ସାହିତ୍ୟର ପ୍ରଥମ ରୂପ ଲୋକକଥା, ଲୋକଗୀତ । ପ୍ରଥମେ ମଣିଷ ବିଭିନ୍ନ ସଙ୍କେତ, ଠାର, ଧ୍ୱନି, ରେଖା ବା ପାହାଡ଼ ଖୋଦେଇ କରି ମନର ଭାବକୁ ପ୍ରକାଶ କଲା । ଯେଉଁ କାହାଣୀକୁ ସେ ମୌଖିକ ଭାବରେ ଶୁଣେ ବା ଲୋକ ମୁଖରୁ ବିଶେଷ ବ୍ୟବହାର କାହାଣୀ ହେଉଛି ଲୋକ କାହାଣୀ ବା ଲୋକକଥା । ଏହି ଲୋକକଥା ବିଷୟରେ ଓଡ଼ିଶାରେ ବହୁଦିନରୁ ଗବେଷଣା, ଆଲୋଚନା ଚାଲୁ ରହିଛି । ଲୋକ ସାହିତ୍ୟିକ ଉପାଦାନ ସହ ନିଜ ରାଜ୍ୟର ଭାଷା, ସଂସ୍କୃତି ବୈଶିଷ୍ଟ୍ୟକୁ ପ୍ରକାଶ କରି ବିଶ୍ଳେଷଣ କରାଯାଇଛି । ଲୋକ କଥା ଯେ କେବଳ ଲୋକଜୀବନକୁ ପ୍ରଭାବିତ କରୁଛି ତା' ନୁହେଁ ଜାତୀୟ ଜୀବନ ବିକାଶରେ ମଧ୍ୟ ସହାୟକ ହୋଇଛି । ଏହାର କଥା ଭାଗ ଓ ଚରିତ୍ର ପାଠକର ଜୀବନକୁ ପରିବର୍ତ୍ତନ କରିପାରେ । ଲୋକ କଥା ଚରିତ୍ର ମାର୍ଜିତ କରିବା ଉଦ୍ଦେଶ୍ୟରେ କୁହାଯାଏ । ଏହା ଅଭିଜ୍ଞ ଲୋକଙ୍କ କଥାକୁ ବୁଝାଏ । ଏଥିରେ ଜୀବନାନୁଭୂତିର କଥା ଥାଏ ଯାହାକୁ ସମୟ କେବେ ଧ୍ୱଂସ କରିପାରିବ ନାହିଁ । ଏହା ଜ୍ଞାନର ଭଣ୍ଡାର । ଉଦାହରଣ ସ୍ୱରୂପ କୋଣାର୍କ ମନ୍ଦିର ତିଆରି ସମୟରେ ଶିବେଇ ସାନ୍ତରା ପଥର ସବୁ ପାଣିରେ ବୁଡ଼ି ଯାଉଥିବା ବେଳେ ଛଦ୍ମ ବେଶରେ ଯାଇ ବୁଢ଼ୀ ପାଖରୁ ଗରମ କ୍ଷୀରୀ ମଝିରୁ ହାତ ମାରି ଶିଖିଛନ୍ତି ବୁଢ଼ୀଠୁ କୂଳରେ ପଥର ଲଗେଇବାର କୌଶଳ । ଓଡ଼ିଆ ଗୋଟେ ଜାତି ହେଲେ ସେ ଜାତିର ନାମ ନନ୍ଦିଘୋଷ । ଓଡ଼ିଆ ମାଟି ହେଲେ ସେ ପ୍ରାଚୀନ ଭୂଖଣ୍ଡର ଆଦ୍ୟସ୍ୱର ଶ୍ରୀଜଗନ୍ନାଥ ମହାପ୍ରଭୁ । ଗଣଚେତନା, ହୃଦୟର ମାନ୍ତ୍ରିକ ଅଭ୍ୟୁଦୟ ଧ୍ୱନିର ନାମ ଶ୍ରୀଜଗନ୍ନାଥ । ଗୋଟିଏ ମାଟିରୁ ଜାତି ଗଢ଼ା ହୁଏ, ଅତୀତର ଭାବାବେଗ, ଭାଷା, ଭାବନା ବିଶ୍ୱାସକୁ ନେଇ । ଓଡ଼ିଶା କଳା, ସାହିତ୍ୟ, ସଂସ୍କୃତିର ଜୀବନ୍ତ ଇତିହାସ ଆମ ମହାପ୍ରଭୁଙ୍କ ପରମ୍ପରା, ରୀତିନୀତି ଯାହାକି ମାଦଳାପାଞ୍ଜି ଭାବରେ ଆଜି ମଧ୍ୟ ମନ୍ଦିରରେ ସମସ୍ତ ନୀତିକାନ୍ତିକୁ ଦର୍ଶାଏ । ତତ୍କାଳୀନ ଉତ୍କଳୀୟ ଭାଷାରେ ଲିପିବଦ୍ଧ ଶ୍ରୀକ୍ଷେତ୍ରର ଦୈନନ୍ଦିନ ନୀତିକାନ୍ତି, ଗଜପତିଙ୍କ ନଅରରେ ବ୍ୟବସ୍ଥାର ପୂର୍ଣ୍ଣାଙ୍ଗ ଆଧାର ହେଉଛି ମାଦଳାପାଞ୍ଜି । ୧୦୭୭ ଖ୍ରୀଷ୍ଟାବ୍ଦ, କନ୍ୟାମାସ, ୧୪ଦିନ ଶୁକ୍ଳ ଦଶମୀ ଦଶହରା ଦିନ ରାଜା ଚୋଡ଼ଗଙ୍ଗଦେବ ଶ୍ରୀଜଗନ୍ନାଥଙ୍କ ମାଦଳାପାଞ୍ଜି ଲେଖାର ଶୁଭାରମ୍ଭ କରିଥିଲେ । ମାଦଳାପାଞ୍ଜିର ବିଷୟ ପାଞ୍ଚ ଭାଗରେ ବିଭକ୍ତ । ରାଜଖଞ୍ଜା, ଦେଶଖଞ୍ଜା, କର୍ମାବଳୀ, ଦିନପଞ୍ଜୀ, ଚକଡ଼ା ।

ସେଭଳି ଲୋକ ଗୀତ ଆମ ସାହିତ୍ୟର ଅଙ୍ଗ । ପୁରାଣ ମାନବ ଜୀବନର ଏକ ଅମୃତ ଅଧ୍ୟାୟ । ଆଦିବାସୀ ଜୀବନର ପ୍ରତିରୂପ ପୁରାଣ

ପୃଷ୍ଠାକୁ ଶ୍ରୀମଣ୍ଡିତ କରିଥାଏ। ଗୁହକ, ଜାରାଶବର, ବିଶ୍ୱାବସୁ ପ୍ରମୁଖ ପୁରାଣ କଥାବସ୍ତୁ ଆଦର୍ଶ ଚରିତ୍ରର ଗୌରବ।

ଆଦିବାସୀ ଲୋକଗୀତରେ ଅଛି :-

'ଭାଦ୍ରବ କୃଷ୍ଣ ଜନମେ
ବସୁଦେବକୀ ଥିଲେ ବନ୍ଧନ
ମୁକ୍ତ କଲେ ଭଗବାନ
ଗାଈ ଚରେଇବା
ବୈଶାଖେ ଖରା ପ୍ରବଳ
ବନେ ବସା ଘେନି ନନ୍ଦ ଦୁଲାଳ
ଖୋଜୁଛନ୍ତି ଛାଇତଳ।'
ମନକଥା ଖୋଲି ରାଧା କିସ୍ କହୁଛି
କୃଷ୍ଣ କୃଷ୍ଣ ବୋଲି ଝୁରି ହେଉଛି
ଲଳିତା କହୁଛି ଆହା ଶୁଣ ବିଶାଖା
ଯମୁନା କୂଳେ ହୋଇଲା ଦେଖା
ଫଟା କଳସୀରେ ରାଧା ପାଣି ବୋହୁଛି
କୃଷ୍ଣ କୃଷ୍ଣ ବୋଲି ଝୁରି ହେଉଛି।

ସମଗ୍ର ଭାରତବର୍ଷରେ କଳା, ସାହିତ୍ୟ, ତାଳପତ୍ର, କାଠ, କାଗଜ, ପଥର, ବାଉଁଶପତ୍ର ରୁପା, ପିତ୍ତଳ, ବଲ୍କଳ, ବସ୍ତ୍ରରେ ଲିଖିତ ହୋଇ ରହିଥିଲା। ଜାତୀୟ ପାଣ୍ଡୁଲିପି ଅଭିଯାନ ଏସବୁର ସର୍ବେକ୍ଷଣ ଦାୟିତ୍ୱ ନେଇଛନ୍ତି। ଓଡ଼ିଶାର ଉତ୍କୃଷ୍ଟ ମୂଲ୍ୟବାନ ତାଳପତ୍ର ପୋଥି ସବୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଗଚ୍ଛିତ। ଯେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା ଉତ୍ତର ଓଡ଼ିଶାର ମେଦିନୀପୁର, ଖଡ଼ଗପୁର ପୁରୁଲିଆ, ଦୀଘା, ଜଳେଶ୍ୱର, ବାଲେଶ୍ୱରରେ ସୁରକ୍ଷିତ ସମସ୍ତ ତାଳପତ୍ରର ତାଲିକା ପ୍ରସ୍ତୁତ ହୋଇ ୧୧୦୦୦ ପୋଥି ଏଯାଏ ସୁରକ୍ଷିତ ରହିଛି। ତମସାରାଣୀ ମହାପାତ୍ର (ପୂର୍ବତନ ନିର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନ)। ତାଳପତ୍ର ପୋଥି ଆମ ପରମ୍ପରା, ସଂସ୍କୃତି ସହ ବହୁ ପୁରା କାଳରୁ ଜଡ଼ିତ। ପୋଥି, ପୁରାଣ ସବୁ କାଗଜ କଲମରେ ନୁହେଁ, ଲେଖନୀ ମାଧ୍ୟମରେ ତାଳପତ୍ର ପୋଥିରେ ଲେଖା ଯାଉଥିଲା।

ଝିଅ ବିଦାବେଳେ କାନ୍ଦଣା ଗୀତ "ରଥରେ ଲାଗିଛି ରଥ ଦଉଡ଼ି ଲୋ ମୋ ମା' ମାନେ। ମୋ ବେକେ ଲାଗିଛି ଲୁହା କଡ଼ି ମୋ ମା' ମାନେ।" ସରିଗଲା ମୋ ସୁଖର ଦିନ ମୋ ମା' ମାନେ।" ଚାଷ କାର୍ଯ୍ୟବେଳେ ହଳିଆ ଗୀତ ଗାଇଥାଏ। ଜୟ ଜୟ ଜଗନ୍ନାଥ ହେ ଜୟ ଚକାଆଖି ତୁମ ନାମ ଭଜି ମୁଁ କୁଟୁମ୍ବ ପାଳୁଛି ତୁମେ ରହି ସାକ୍ଷୀ' ସେମିତି ଢଗଢମାଳିରେ ଆମ ଭାଷା।

ଛି ଛିରେ ପଚା ପଇଡ଼
ଭାସି ଯାଉଥିଲୁ ମଝି ନଈରେ
ଧରି ଆଣିଥିଲି ତୋତେ
ଟାକୁଆ ଗାଲରେ ମାଉଁସ ଲାଗିଲା
ଜବାବ ଦେଉଛୁ ମୋତେ।

x x x

ଉପର ବରଡ଼ା ହସୁଛି
ତଳ ବରଡ଼ା ଖସୁଛି।
ମଝି ବରଡ଼ା ଥାଇ କହୁଛି
ଆଲୋ ତୋ ବେଳ କାଳ ଆସୁଛି।

x x x

ଛୋଟ ପିଲା କାନ୍ଦିଲେ ଆମେ ପ୍ରୟୋଗ କରୁ ଲୋକଗୀତ। ଯଥା-

ଝୁଲରେ ହାତୀ ଝୁଲ
ବାଆ ପାଣି ଖାଇ ଫୁଲ।

x x x

ଧୋ ରେ ବାଇଆ ଧୋ
ଯେଉଁ କିଆରିରେ ଗହଳ ମାଣ୍ଡିଆ
ସେଇ କିଆରିରେ ଶୋ।

x x x

ଲାଉଗଡ଼ୁ, କଖାରୁ ଗଡ଼ୁ
ରାତି ପାହିଲେ ଛୁଆ ଚାଖଣ୍ଡେ ବଢ଼ୁ।

ଏହିପରି ଶହ ଶହ କାନ୍ଦଣା ଗୀତ, ଢଗଢମାଳି, ଶିଶୁଗୀତ ପ୍ରୟୋଗ ହୋଇ ଆମ ଭାଷାକୁ ଉତ୍କୃଷ୍ଟ ମର୍ଯ୍ୟାଦା ଦେଇଛି। ସେହିପରି ଓଡ଼ିଶୀ ଗୀତରେ ଅଛି-

'ଶ୍ରୀକୃଷ୍ଣଙ୍କ ବଂଶୀ ଧ୍ୱନି ଶୁଣି
ଚକିତ ହୋଇଲେ ଯମୁନା ପାଣି
ମୃଗମାନେ ତୃଣ ଚାପିଣ ରହିଲେ
ଭାଙ୍ଗିଗଲା ତାଙ୍କ ବାଙ୍କ ଚାହାଣି।'

ଆଉ ନ ବଜା ବଂଶୀ(୨) ଶ୍ୟାମ ଘନରେ। ଭକ୍ତ ସାଲବେଗଙ୍କ ଦ୍ୱାରା ରଚିତ ଏହି ପାରମ୍ପରିକ ଓଡ଼ିଶୀ ଭଜନ ବହୁ ଲୋକପ୍ରିୟ।

ପୁରାତନ ଯୁଗରେ କବିତା ସବୁ ଏକ ନିର୍ଦ୍ଦିଷ୍ଟ ଛନ୍ଦରେ ରଚନା ହେଉଥିଲା। ଭାଗବତରୁ ପଦେ- ନମସ୍ତେ ପ୍ରଭୁ ଜଗନ୍ନାଥ

ଅନାଥ ଜନଙ୍କର ନାଥ
ନମସ୍ତେ ପ୍ରଭୁ ବାସୁଦେବ
ଭକତଜନଙ୍କ ବାନ୍ଧବ।

ଭାଗବତ ନବାକ୍ଷରୀ ଛନ୍ଦରେ ଲିଖିତ। କବିତା ଲେଖିବାର ନିର୍ଦ୍ଦିଷ୍ଟ ନିୟମକୁ ଛନ୍ଦ କୁହାଯାଏ।

ବର୍ତ୍ତମାନ ଆମ ଭାଷାର ମିଠାପଣରେ ହଜିବା। ଦକ୍ଷିଣ ପୂର୍ବ ମାଗଧିରୁ ଓଡ଼ିଆ ଭାଷାରେ ମାଧୁର୍ଯ୍ୟତା ଭରି ରହିଥାଏ।

"ବାପ କେତେବେଳେ ଘରୁ ବାହାରିଲ।"

"ଆଲୋ ମା'! ସକାଳୁ କ'ଣ ଖାଇଥିଲୁ।" ଲମ୍ବେଇ ଆଉ ସ୍ନେହରେ, ଆଦରରେ କଥା କୁହାଯାଏ।

"କେତେ ଆଉ ଦୁଃଖ ଦେବ ମହାବାହୁ"- ଶ୍ରୁତି ମଧୁର ଭାଷା। ଛଅଶହ ସତୁରିରୁ ସାତଶହ ଖ୍ରୀଷ୍ଟାବ୍ଦରେ ବୈତରଣୀ ନଦୀ ତଟରେ ମା' ବିରଜା ପ୍ରତିଷ୍ଠା ହେଲେ। ଓଡ଼ିଶାର ପ୍ରଥମ ଶକ୍ତିପୀଠ। ସେଠାରେ ସେତେବେଳେ ବିରଜା ଶବ୍ଦ ବ୍ୟବହାର ହେଲାଣି। ଶାକ୍ତ ମଣ୍ଡଳର ସର୍ବଶ୍ରେଷ୍ଠ ପୀଠ ବିରଜା, ବୈତରଣୀ ଶବ୍ଦ ବ୍ୟବହୃତ ହୋଇଛି। ଦଶମ ଶତାବ୍ଦୀରେ ପୁରୁଷୋତ୍ତମ ଦେବ ବୋଲି ଜଣେ ବ୍ୟାକରଣକାର କହିଲେ "ଅ"କାର "ଉ" କାରର ବ୍ୟବହାର ସମ୍ପର୍କରେ ଭାଷା ଭୂମି ହେଲେ ବ୍ୟାକରଣ ମୂଳଦୁଆ। ବ୍ୟାକରଣର ଶୁଦ୍ଧତାରେ ସାହିତ୍ୟ ଭିତରେ ଭାଷା ନୂଆ ଜୀବନ ପାଏ। ସ୍ୱର ବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ, ଲିପି, ମାତ୍ରା, ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ। କାରକ, ବିଭକ୍ତି, ବ୍ୟାକରଣ ରୂଢ଼ି ପ୍ରୟୋଗ-ବ୍ୟାକରଣରେ ବିଶେଷ ସ୍ଥାନ। ଯଥା

ଅରଣ୍ୟ ରୋଦନ-ବୃଥା ଚେଷ୍ଟା,
ଅକଲ ଗୁଡ଼ମ-ବୁଦ୍ଧିବଣା ହେବା।'

ଶିଳାଲେଖ-୧୨୩୯ରେ ଦ୍ୱିତୀୟ ନରସିଂହ ଦେବ ଦ୍ୱି-ଭାଷିକ ଶିଳାଲିପିରେ ଉଭୟ ତାମିଲ ଓ ଓଡ଼ିଆ ମିଶେଇ ଲେଖିଲେ। ଶିଳାଲେଖ ସନନ୍ଦ ପ୍ରାଚୀନ, ସର୍ବଶ୍ରେଷ୍ଠ ଓଡ଼ିଆ ଲିପିର ସ୍ୱାତନ୍ତ୍ର୍ୟର ପରିଚୟ। ହାତୀଗୁମ୍ଫା ଶିଳାଲେଖ ଦେଶର ପ୍ରଥମ ସାହିତ୍ୟ। ବୌଦ୍ଧ ଭଗ୍ନାବଶେଷ କୁହେ ଓଡ଼ିଆ ଲିପି ଅନ୍ୟତମ ପ୍ରାଚୀନ ପୁରାତନ ଲିପି। ଏହି ଲିପି, ଭାଷାର ଅନନ୍ୟ ସ୍ୱାକ୍ଷର ଶିଳାଲେଖ। ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଓଡ଼ିଆ ଭାଷାରେ ଶିଳାଲେଖର ସ୍ଥାନ ସୁଉଚ୍ଚରେ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଉଦୟଗିରିର ହାତୀଗୁମ୍ଫା ଶିଳାଲେଖ ପ୍ରଥମ ଶିଳାଲେଖ। ପ୍ରାକୃତଭାଷା ଓ ବ୍ରାହ୍ମୀ ଲିପିରେ ଲିଖିତ। ତାମ୍ରଲେଖା ବା ତାଳପତ୍ର ଲେଖା ଓ ଶିଳାଲେଖକୁ ଅଭିଲେଖ କୁହାଯାଏ। ମହାମେଘବାହନ ଐର ଖାରବେଳଙ୍କ ରାଜତ୍ୱ କାଳରେ ହାତୀଗୁମ୍ଫା ଶିଳାଲେଖର ଆରମ୍ଭ। ସାରଳା ଦାସଙ୍କ ସମୟରେ କପିଳେନ୍ଦ୍ର ଦେବ ରାଜା ଥିଲେ। ସେ ଘୋଷଣା କରିଥିଲେ, "ଓଡ଼ିଶାର ରାଜ ଶାସନର କାର୍ଯ୍ୟ ଓଡ଼ିଆ ଭାଷାରେ ହେବ। ପୁରୀ ଶ୍ରୀମନ୍ଦିର ଭିତରେ ଜୟବିଜୟ ଶିଳାଲିପିରେ ତାହା ଉଲ୍ଲେଖ ଅଛି। ଯେତେବେଳେ କାଗଜ କଲମ ଛାପା କାରଖାନା ନଥିଲା, ଲେଖନୀ ମାଧ୍ୟମରେ ଲେଖା ଲିପିବଦ୍ଧ ହୋଇ ରହୁଥିଲା ତାଳପତ୍ରରେ। ରାଜା ମହାରାଜା ପାହାଡ଼ର ଛାତି ଚିରି ପଥର ଦେହରେ ତାଙ୍କ ଶାସନର କଥା, ସେ ସମୟର କଥା ଲେଖି ରଖୁଥିଲେ, ଯାହାକୁ ଶିଳାଲିପି କୁହାଯାଏ। ମହାରାଜାଙ୍କ ଦ୍ୱାରା ଖୋଦିତ ଲିପି ଆଜି ମଧ୍ୟ ସୁରକ୍ଷିତ। ସୋରର ଗଣ୍ଡିବେଡ଼ ଗାଁରେ ଏକ ଜୈନ ମୂର୍ତ୍ତି ମିଳିଛି। ମୂର୍ତ୍ତି ପାଦଦେଶରେ ଓଡ଼ିଆରେ ଲେଖା "ଦେବ କହି ଭଗତି କରୁଣ ଅଛନ୍ତି ଭୋ କୁମାର ସେଣ" ଲେଖା ହୋଇଛି। ଅଭିଲେଖର ଅଲିଭା ଅକ୍ଷର ଆମ ଓଡ଼ିଆ ଭାଷା। ୧୦୫୧ରେ ଆନ୍ଧ୍ର ପ୍ରଦେଶରେ ଉରବିମ ଶିଳାଲେଖରେ ଓଡ଼ିଆ ଭାଷାର ଶବ୍ଦ, ବାକ୍ୟ, ଲିପିର କ୍ରମ ବିକାଶ ଏଥିରେ ରହିଛି। ଅନନ୍ତ ବାସୁଦେବ ମନ୍ଦିର, ଲିଙ୍ଗରାଜ ମନ୍ଦିର, ମେଘେଶ୍ୱର ମନ୍ଦିରରେ ଶିଳାଲେଖ ରହିଛି। ପ୍ରାଚୀନ ପୋଥି, ପଥର, ପ୍ରତ୍ନତତ୍ତ୍ୱରେ ସାଇତା ମୂଲ୍ୟବାନ ସମ୍ପଦ ଆମ ଲିପି, ଆମ ଭାଷା ଯାହା ପାଇଁ ଆମେ ଗର୍ବ ଅନୁଭବ କରୁଛୁ।

ସାରଳା ଯୁଗରେ ଆଦିକବି ସାରଳା ଦାସ ଓଡ଼ିଆ ଭାଷାରେ ଶୁଦ୍ଧ ମହାଭାରତ ରଚନା କରିଛନ୍ତି।

ବିଦ୍ରୁପରେ ମଧ୍ୟ ଓଡ଼ିଆ ଭାଷା ବ୍ୟବହୃତ ହୁଏ। କାନ୍ଦଣାରେ, ଚଷାଭାଇ ଜମିରେ ଚାଷ କଲାବେଳେ ଚଷାଗୀତ, ନୌକା ପାରିହେଲେ ନାଉରୀ ଗୀତ, ସାପୁଆ କେଳା ସାପ ଖେଳେଇବା ଗୀତ, ଲୋକଗୀତ, ଢଗଢମାଳି, ରୂଢ଼ି ଏସବୁ ପାଇଁ ଓଡ଼ିଆ ଭାଷା ସମୃଦ୍ଧ ହୋଇଛି। ମହାପ୍ରଭୁଙ୍କ ଭଜନ, ଜଣାଣ, ଛାନ୍ଦ, ଚମ୍ପୂ, ଚଉତିଶାରେ ଆମ ଭାଷା ବିକଶିତ। ଭୂଖଣ୍ଡରେ ଲୋକଙ୍କ ଦ୍ୱାରା ବହୁତ ଦିନରୁ ଗୋଟିଏ ଶବ୍ଦର ବ୍ୟବହାରରେ ଶବ୍ଦର ଅର୍ଥ ଅନ୍ୟ ଅଞ୍ଚଳରେ ଆଉ ଗୋଟିଏ ହୋଇଥାଏ। ବଡ଼ଭଉଣୀକୁ କେତେ ସ୍ଥାନରେ ନାନୀ ଡାକୁଥିବା ସ୍ଥଳେ ଆଉ କେଉଁଠି ଦେଇ, ଅପା ଡାକିଥା'ନ୍ତି। ଆମ ଓଡ଼ିଶାରେ ୬୨ ଜନଜାତି ବାସ କରନ୍ତି। ସେମାନେ ୨୧ଟି ଭାଷା ଓ ୭୪ଟି ଉପଭାଷାରେ କଥା ହୁଅନ୍ତି। ସବୁଭାଷା, ଉପଭାଷା ଓଡ଼ିଆ ଭାଷାର ଅନ୍ତର୍ଭୁକ୍ତ। ସମ୍ରାଟ ଅଶୋକ ତାଙ୍କ ଶାସନ ସମୟରେ "ଅନୁଶାସନ" ଲେଖିଲେ। ନୀତି, ପଖି, ଧନ, ଚକ, ଶବ୍ଦର ବ୍ୟବହାର ଏଠାରେ ହୋଇଛି। ଅଶୋକଙ୍କ ଦ୍ୱାରା ଲିଖିତ ଏସବୁ ଶବ୍ଦର ପ୍ରଚଳନ ଏବେ ମଧ୍ୟ ରହିଛି। ୫୬୯ ଖ୍ରୀଷ୍ଟାବ୍ଦ ବେଳକୁ ମାଧବ ବର୍ମା ନାମକ ଜଣେ ରାଜା ତାଙ୍କ ତାମ୍ର ଶାସନରେ କୁମ୍ଭାର, ପକ୍ଷ, ତିନି, ପର୍ଥ ଏସବୁ ଶବ୍ଦର ବ୍ୟବହାର କଲେ। ପ୍ରାକୃତ, ସଂସ୍କୃତ ସହ ମିଶି ଆମ ଭାଷା ବିକଶିତ ହେଲା। ସେତେବେଳ ପର୍ଯ୍ୟନ୍ତ ଆମ ଭାଷା କଥିତ ଥିଲା। କେବଳ ମୁହଁରେ କୁହାଯାଉଥିଲା। ଅନନ୍ତ ଦେବଶର୍ମା ରାଜା ତାଙ୍କର ମଞ୍ଜୁଆ ତାମ୍ର ଶାସନରେ, ଦଶମ ଶତାବ୍ଦୀରେ ଭିତର, ବାହାର, ବୋଝେଇ, ଥିଲାଇ ଶବ୍ଦର ବ୍ୟବହାର କଲେ।

୧୦୫୧ ମସିହାରେ ବଜ୍ରହସ୍ତ ନାମକ ସୋମବଂଶୀ ରାଜା ଉରଜମ୍ ଶିଳାଲେଖ (ଯାହା ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଅଛି), ସେଥିରେ ଓଡ଼ିଆ ଭାଷାର ପୂର୍ଣ୍ଣାଙ୍ଗ ବିକାଶ ଆଣିଲେ। ଚ, ସ, କ, ହ, ବ, ନ, ପ, ଠ, ଅ, ଦେବନାଗରୀ, ଅପଭ୍ରଂଶ ଲିପିରେ ଲେଖା ହୋଇଥିବା ଲିପିର ବିକାଶ, ଚର୍ଯ୍ୟା ସାହିତ୍ୟରେ କାହ୍ନୁପା, ଲୁଇପା, ଶବରୀପା, ତାନ୍ତ୍ରିକ ଗୀତ ଲେଖିଲେ। (୧୪୩୫-୧୪୬୬) କପିଳେନ୍ଦ୍ର ଦେବଙ୍କ ଜୟ ବିଜୟ ଶିଳାଲେଖରେ "ହେ ଉତ୍ର ରାଷ୍ଟ୍ରମଣ୍ଡଳର ପ୍ରଜାମାନେ, ପାତ୍ରମନ୍ତ୍ରୀ, ସୈନିକ, ପାଇକମାନେ, କରଣମାନେ, ଏଣିକି ଓଡ଼ିଆରେ ଆମେ ଲେଖିବା, କହିବା" ଯାହାକି ଜୟବିଜୟ ଶିଳାଲେଖ ଆକାରରେ ପୁରୀ ଶ୍ରୀମନ୍ଦିରରେ ରହିଛି।

୧୭୫୭-୧୮୩୦ ମଧ୍ୟରେ ଇଂରେଜମାନଙ୍କ ପ୍ରଭାବ ପରିଲକ୍ଷିତ ହୋଇଛି। କିଶୋର ଚନ୍ଦ୍ରାନନ ଚମ୍ପୂରେ କବିସୂର୍ଯ୍ୟ ବଳଦେବ ରଥ ରାଧାକୃଷ୍ଣଙ୍କ ରାସ, ରୂପ, ରଙ୍ଗ, ବର୍ଣ୍ଣନା କଲେ। ସନ୍ଥ କବି ଭୀମଭୋଇ

'ସ୍ତୁତି ଚିନ୍ତାମଣି'ରେ 'ନ ପାଚନ୍ତେ ଫଳ, ଉପୁଜୁଛି ଖଳ, ଶତଦ୍ୱାର ବସି ହାଟ' ଏଥିରେ ସଂସ୍କୃତ ଶବ୍ଦର ବ୍ୟବହାର ହେଲା। ଏହି ସମୟରେ- ପର୍ତ୍ତୁଗୀଜମାନଙ୍କର ଆଗମନ ଯୋଗୁଁ ବାଣିଜ୍ୟିକ କ୍ଷେତ୍ରରେ ଇତିହାସ, ଭୂଗୋଳ, ଜ୍ୟାମିତି, ରାଜନୀତି ଉପରେ ଜ୍ଞାନର ସୀମା ବ୍ୟାପକ ହେଲା।

୧୮୦୫ରୁ ୧୮୫୦ ବଙ୍ଗଳା ଆଉ ଇଂରାଜୀ ଭାଷାର ପ୍ରଭାବରେ ଓଡ଼ିଆ ଭାଷାର ବିଲୁପ୍ତିର ସମୟ ଆସିଲା। ସ୍କୁଲ୍, କଲେଜରେ ପାଠପଢ଼ା ବଙ୍ଗଳା ଭାଷାରେ ହେଉଥିଲା। "ଓଡ଼ିଆ ଏକ୍ ସ୍ୱତନ୍ତ୍ର ଭାଷା ନୁହ" ନାରାରେ ଭାଷା ଧରାଶାୟୀ ହେବାକୁ ଲାଗିଲା। ୧୮୬୬ରେ ଓଡ଼ିଶାରେ ନ'ଅଙ୍କ ଦୁର୍ଭିକ୍ଷରେ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକେ ଅଧିକ ପ୍ରଭାବିତ ହେଲେ। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ରାଜତ୍ୱର ନ' ଅଙ୍କରେ ଏହି ଦୁର୍ଭିକ୍ଷ ହୋଇଥିବାରୁ ଏହାକୁ 'ନ'ଅଙ୍କ ଦୁର୍ଭିକ୍ଷ କୁହାଯାଏ। ଗଛରେ ପତର କଅଁଳିଲା ନାହିଁ। ପେଟ ବିକଳରେ ଲୋକେ ଗଛର ବଲ୍କଳ ଖାଇବାକୁ ଲାଗିଲେ। ଜାତିର ନିଃସ୍ୱତାର ଏକ ପ୍ରତିଛବି ନ'ଅଙ୍କ ଦୁର୍ଭିକ୍ଷ।

ଦୀର୍ଘଦିନ ଧରି ମୋଗଲ, ମରହଟ୍ଟା, ଇଂରେଜ ଅଧୀନରେ ରହିବା ପରେ ଖଣ୍ଡ ବିଖଣ୍ଡିତ ଓଡ଼ିଶାର କିଛି ଅଂଶ ବଙ୍ଗଳା, ମାଡ୍ରାସ, ମଧ୍ୟ- ପ୍ରଦେଶରେ ମିଶିଗଲା। ଓଡ଼ିଆ ଭାଷା ପ୍ରତି ଆକୃଷ୍ଟ ଥିବା ବ୍ୟକ୍ତି ଉତ୍କଳ ସଭା ସଂଗଠନ କରି 'ଉତ୍କଳ ଦୀପିକା' ଓ 'ସମ୍ବାଦ ବାହିକା' ଖବରକାଗଜ ମାଧ୍ୟମରେ ନିଜ ମତାମତ ପ୍ରକାଶ କରୁଥିଲେ। ୧୮୬୬ ମସିହାରେ ଗୌରୀଶଙ୍କର ସମ୍ପାଦନାରେ ପ୍ରକାଶ ପାଇଲା 'ଉତ୍କଳ ଦୀପିକା', ଯାହାର ଆଭିମୁଖ୍ୟ ଥିଲା ଓଡ଼ିଆ ଭାଷାର ଉନ୍ନତି। ୧୮୭୩ରେ ବୈକୁଣ୍ଠ ନାଥ ଦେ 'ଉତ୍କଳ ଦର୍ପଣ' ପତ୍ରିକା ପ୍ରକାଶ କଲେ। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରି ଫକୀର ମୋହନ 'ସମ୍ବାଦ ବାହିନୀ' ନାମକ ସମ୍ବାଦପତ୍ର ପ୍ରକାଶିତ କରିଥିଲେ। ସମ୍ବଲପୁରରେ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ 'ହିତୈଷିଣୀ' ପ୍ରକାଶିତ ହୋଇ ସମ୍ବଲପୁରର ହିନ୍ଦୀ ଭାଷା ପ୍ରଚଳନକୁ ଏହା ମାଧ୍ୟମରେ ବିରୋଧ କରାଗଲା। ୧୯୦୩ରେ ଭାରତ ସରକାରଙ୍କ ପ୍ରକାଶିତ ରିସଲି ସର୍କୁଲାର, ଏଥିରେ ଓଡ଼ିଆ ଭାଷାର ଏକତ୍ରୀକରଣ ପାଇଁ ସୂଚନା ଥିଲା। ୧୫୧୦ରେ ଚୈତନ୍ୟ ମହାପ୍ରଭୁ ଓଡ଼ିଶା ଆସିଲେ। ସେତେବେଳେ ଓଡ଼ିଶାର ରାଜା ପ୍ରତାପରୁଦ୍ର ଦେବ। ୧୯୦୯ରେ ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ ହୋଇଥିଲା। ପଞ୍ଚସଖା (ବଳରାମ ଦାସ, ଜଗନ୍ନାଥ ଦାସ, ଅନନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶବନ୍ତ ଦାସ) ବୈଷ୍ଣବ ଧର୍ମକୁ ନେଇ ସାହିତ୍ୟ ଲେଖିଲେ।

ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଛାପାଖାନା ସ୍ଥାପନ ହେଲା। ପତ୍ରପତ୍ରିକା ପ୍ରଚଳନ ହେବାରୁ ଭାଷା ମାଧ୍ୟମରେ ଲିଖିତ ଆକାରରେ ଓଡ଼ିଆମାନଙ୍କୁ ଏକତ୍ର କରିବାକୁ ସହାୟକ ହୋଇଥିଲା। ୧୮୮୨ ମସିହାରେ କଟକରେ 'ଉତ୍କଳ ସଭା' ଗଠନ ହେଲା। ଗୌରୀଶଙ୍କର, ମଧୁ ବାବୁ ଓଡ଼ିଆ ଭାଷା ଆନ୍ଦୋଳନରେ ଅଧିକ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ। ୧୯୦୩ରେ 'ଉତ୍କଳ ସମ୍ମିଳନୀ' ଭାଷା ଆନ୍ଦୋଳନର ଅନ୍ୟ ଏକ ପାହାଚ। ରୀତି ଯୁଗ ପରେ ଆସିଛି ରାଧାନାଥ ଯୁଗ। ୧୮୩୬ ମସିହାରେ ତାଳପତ୍ର ଲେଖନୀ ପରିବର୍ତ୍ତେ ପ୍ରଥମ ପ୍ରିଣ୍ଟିଂ ମେସିନର ବ୍ୟବହାର ହୋଇଛି। ସାହିତ୍ୟରେ ବିପ୍ଳବ ସୃଷ୍ଟି ହେଲା। ୧୮୫୦ ରୁ ୧୯୦୦ ଓଡ଼ିଆ ଜାତିର ଆତ୍ମଜାଗୃତିର ସମୟ। ମୋ ଜାତି, ମୋ ଭାଷା, ମୋ ପ୍ରଦେଶକୁ ନେଇ ଆଧୁନିକତାର ପରିଚୟ ସୃଷ୍ଟି ହେଲା। ଫକୀର ମୋହନ ସେନାପତି, ମଧୁସୂଦନ ରାଓ, ରାଧାନାଥ ରାୟ, ପ୍ୟାରୀମୋହନ ଆଚାର୍ଯ୍ୟ, ଉତ୍କଳ ଗୌରବ ମଧୁସୂଦନ, ବିଶ୍ୱନାଥ କର, ଗୌରୀଶଙ୍କର ରାୟ, କଲମ ମୁନରେ ଆଧୁନିକତାର ପ୍ରବାହ ସୃଷ୍ଟି କଲେ। ୧୯୬୭ 'ବାବାଜୀ' ନାଟକ ପ୍ରଥମ ଓଡ଼ିଆ ନାଟକ, ଏହା ଜଗମୋହନ ଲାଲାଙ୍କ ଦ୍ୱାରା ଲିଖିତ। ୧୮୮୮ ପ୍ରଥମ ଓଡ଼ିଆ ଉପନ୍ୟାସ 'ପଦ୍ମମାଳି', ଉମେଶ ଚନ୍ଦ୍ର ସରକାରଙ୍କ ଦ୍ୱାରା ଲିଖିତ।

ରାଧାନାଥ ରାୟ ପ୍ରଥମ ଓଡ଼ିଆ ପ୍ରବନ୍ଧର ରଚୟିତା।

୧୮୯୮ରେ ବ୍ୟାସକବି ଫକୀର ମୋହନଙ୍କ 'ରେବତୀ' ପ୍ରଥମ ଓଡ଼ିଆ କ୍ଷୁଦ୍ରଗଳ୍ପ। ଦାର୍ଶନିକ ଚିନ୍ତାଧାରା, ଈଶ୍ୱର ବିଶ୍ୱାସ, ସାମାଜିକ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ, ଜାତୀୟତାବୋଧ, ବ୍ୟଙ୍ଗ, ବିଦ୍ରୂପ, ହାସ୍ୟରସକୁ ନେଇ ତାଙ୍କର କୋଡ଼ିଏଟି କାହାଣୀ, ଉପନ୍ୟାସ। ୧୮୬୮ ମସିହାରେ 'ବୋଧଦାୟିନୀ' ପତ୍ରିକାରେ ପ୍ରକାଶିତ ଗଳ୍ପ 'ଲଛମନିଆ' ଆବିଷ୍କୃତ ହୋଇଥିଲେ ସେ ହୋଇଥାନ୍ତେ ସମଗ୍ର ଭାରତବର୍ଷରେ ପ୍ରଥମ କ୍ଷୁଦ୍ର ଗଳ୍ପର ରଚୟିତା।

୧୮୯୮ ଅକ୍ଟୋବର ମାସରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ "ରେବତୀ" ଓଡ଼ିଆ କଥା ସାହିତ୍ୟର ସାର୍ଥକ ଗଳ୍ପ। ୧୮୯୭ 'ଉତ୍କଳ ସାହିତ୍ୟ' ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶିତ ଉପନ୍ୟାସ 'ଛ'ମାଣ ଆଠଗୁଣ୍ଠ' ଓଡ଼ିଆ ସାହିତ୍ୟର ସର୍ବଶ୍ରେଷ୍ଠ ଉପନ୍ୟାସ।

ଭକ୍ତକବି ମଧୁସୂଦନ ରାଓ ଶୁଦ୍ଧ ଓଡ଼ିଆ ଜ୍ଞାନବୃଦ୍ଧି ନିମନ୍ତେ ବର୍ଣ୍ଣବୋଧ ରଚନା କଲେ ଯାହା ଓଡ଼ିଆ ଭାଷାକୁ ଭଲ ପାଉଥିବା ମାତୃଭାଷାପ୍ରେମୀଙ୍କ ଶୈଶବର ମାପକାଠି ହୋଇ ରହିଥିଲା। ଫକୀର ମୋହନଙ୍କ ଦ୍ୱାରା ସ୍କୁଲମାନଙ୍କରେ ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଚଳନ ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ବଙ୍ଗଳାରେ ପାଠ ପଢ଼ା ଯାଉଥିଲା। ପ୍ରଥମ ଓଡ଼ିଆ ପତ୍ରିକା 'ବୋଧଦାୟିନୀ' ୧୮୬୧ରେ ବାଲେଶ୍ୱରରୁ ପ୍ରକାଶିତ ହେଲା। ପ୍ରଥମ ଓଡ଼ିଆ ଖବରକାଗଜ 'ଉତ୍କଳ ଦୀପିକା' (୧୮୬୬)କର୍ମବୀର ଗୌରୀ ଶଙ୍କର ରାୟଙ୍କ ସମ୍ପାଦନାରେ ପ୍ରକାଶିତ ହେଲା। ଓଡ଼ିଆ ଲେଖାର ନୂତନ ଯୁଗ ସୃଷ୍ଟି ହେଲା। ସେତେବେଳେ ଇଂରେଜମାନଙ୍କ ଶାସନ ଚାଲୁଥାଏ। ତେଣୁ ଲେଖା ମାଧ୍ୟମରେ ଦେଶପ୍ରେମ ଭାବ ଉଦ୍‌ବୁଦ୍ଧ କରାଗଲା। ସ୍ୱଭାବ କବି ଗଙ୍ଗାଧର ମେହେର ବି ଫକୀର ମୋହନଙ୍କ ସମସାମୟିକ। ତାଙ୍କ ଦ୍ୱାରା ରଚିତ 'ତପସ୍ୱିନୀ' କାବ୍ୟ ଓଡ଼ିଆ ସାହିତ୍ୟ ଜଗତର ଶ୍ରେଷ୍ଠକାବ୍ୟ। 'ପ୍ରଣୟବଲ୍ଲରୀ', 'କୀଚକବଧ', 'ଇନ୍ଦୁମତୀ', ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କୁ ଉତ୍ସର୍ଗ, 'ଉତ୍କଳଲକ୍ଷ୍ମୀ',ରେ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ, ମାତା ସୀତାଙ୍କ ବିରହ

ବେଦନାକୁ ନେଇ ରଚନା କରିଛନ୍ତି 'ତପସ୍ୱିନୀ' କାବ୍ୟ ।

ରାଧାନାଥ ରାୟଙ୍କ 'ଚିଲିକା', 'କେଦାରଗୌରୀ', ଉଷା, 'ମହାଯାତ୍ରା', 'ଚନ୍ଦ୍ରଭାଗା', 'ନନ୍ଦିକେଶରୀ' ମଧ୍ୟ ଫକୀର ମୋହନ ଏବଂ ଗଙ୍ଗାଧରଙ୍କ ସମସାମୟିକ କାଳରେ ଲିଖିତ ।

ଏହି ସମୟରେ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ରଚିତ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ମାତୃଭାଷାର ଭିତ୍ତିଭୂମି ଉପରେ ସର୍ବଶ୍ରେଷ୍ଠ ହୀରା । ସେ ଉତ୍କଳ ସାହିତ୍ୟ, ନବଭାରତର ଲେଖକ । ଉତ୍କଳ ସାହିତ୍ୟ ପତ୍ରିକାରେ ଭାଗବତ ଟୁଙ୍ଗିରେ ସନ୍ଧ୍ୟା, ବାଇମହାନ୍ତି ପାଞ୍ଜି ତାଙ୍କର ସମ୍ପାଦନାର ସୂଚକ ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ସାହିତ୍ୟ ଜଗତର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ । ତାଙ୍କ ଦ୍ୱାରା ରଚିତ 'ବନ୍ଦେ ଉତ୍କଳ ଜନନୀ' ୧୯୧୨ ମସିହା ଉତ୍କଳ ସମ୍ମିଳନୀରେ ପରିବେଷଣ ହୋଇ ଆଜି ଜାତୀୟ ସଙ୍ଗୀତର ମର୍ଯ୍ୟାଦା ଲାଭ କରିଛି । ୧୯୭୦ରେ ଜନ୍ ବୀମ୍ସ କହିଥିଲେ ଓଡ଼ିଆ ଏକ ଶ୍ରେଷ୍ଠ ଭାଷା । ୧୯୧୯ ଅକ୍ଟୋବର ୪ ପବିତ୍ର ବିଜୟାଦଶମୀରେ ସାପ୍ତାହିକ 'ସମାଜ' ଖବରକାଗଜ ଜନ୍ମ ନେଲା । ଓଡ଼ିଶା ଜାତୀୟ ମୁକ୍ତି ଆନ୍ଦୋଳନର ନେତୃତ୍ୱ ନେଇଥିଲା 'ସମାଜ' । ୧୯୩୦ ଏପ୍ରିଲ ୬ ତାରିଖ 'ସମାଜ' ଦୈନିକ ଖବରକାଗଜ ରୂପେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ ପ୍ରକାଶିତ ହେଲା । ବିଭୂତି ପଟ୍ଟନାୟକ କହିଥିଲେ, ଯଦି ଗୋପବନ୍ଧୁ 'ସମାଜ' ନାମକ ଖବରକାଗଜ ବାହାର କରି ନଥାନ୍ତେ ଓଡ଼ିଶାରେ ଏକ ସାମ୍ବାଦିକସୁଲଭ ଭାଷା ମିଳି ପାରି ନଥାନ୍ତା । ରାମକୃଷ୍ଣ ନନ୍ଦଙ୍କର 'ଆହେ ଦୟାମୟ ବିଶ୍ୱବିହାରୀ' ଶ୍ରେଷ୍ଠ ପ୍ରାର୍ଥନା । ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାଷା । ଓଡ଼ିଆ ଭାଷା ପ୍ରାଚୀନ ଓ ଗୌରବଶାଳୀ ଭାଷା । ଚାରିକୋଟି ଓଡ଼ିଆଙ୍କ ମୁଖର ଭାଷା । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପଛରେ ଓଡ଼ିଶାର ସାଂସ୍କୃତିକ ପରମ୍ପରା ଦୁଇହଜାର ବର୍ଷର ଇତିହାସକୁ ପୁନର୍ଜୀବିତ କରିଛି । ଆସନ୍ତୁ, ଆମେ ଆମର ଭାଷା ସଜାଡ଼ିବା, ସାଇତିବା, ସୁରକ୍ଷିତ ରଖିବା । ■■■

ନବି ମୁମ୍ବାଇ
ଦୂରଭାଷ: ୯୦୨୯୧୯୯୬୫୦

ବରୀ ଉପ ଡାକଘର ଅନ୍ତର୍ଗତ ସମସ୍ତ ଜମାକାରୀ ଓ ଗ୍ରାହକମାନଙ୍କୁ ଶାରଦୀୟ ଅଭିନନ୍ଦନ । ସାହିତ୍ୟ ପତ୍ରିକା 'ସତ୍ୟବାଦୀ'ର ଶାରଦୀୟ ସଂସ୍କରଣ ଅବସରରେ ସମସ୍ତ ଜମାକାରୀ ଓ ଗ୍ରାହକମାନଙ୍କର ସୁସ୍ଥତା କାମନା କରୁଛୁ ।

ମାଧବାନନ୍ଦ ମଲିକ
ଏଜେଣ୍ଟ, ବରୀ ଉପ ଡାକଘର

ବୈଜୟନ୍ତମାଳା ଜେନା
ଏଜେଣ୍ଟ, ବରୀ ଉପ ଡାକଘର

With Best Compliments from :
PADHEE'S TUTORIAL
BARAMUNDA BRANCH
Best Results in CHSE
BHUBANESWAR TOPPER
Mark 564
BARSHA RANI SWAIN
Percentage : (94%)
Roll No- 303MA034
553 600
SOUMYA RANI SAHOO
Mark : 553 (92.17%)
Roll No - 303MA127
Best Results in NEET 2024
675 720
Sovanjit Rout
673 720
Jasmin Begum
647 720
Pragyan P. Nayak
642 720
Jigyansa Jena
641 720
Muna Swain
633 720
Amit Kumar Nandi
620 720
Nalini K. Routray
598 720
Priti Rekha Mishra
& Many More...
Courses Offered :
+2 Sc. Integrated
NEET
JEE
OUAT
ICAR
NISER
IISER
The Legend & Pioneer of Coaching Concept in Odisha
What makes us Unique
We produce best results in CHSE & NEET every year.
A.C. Class Room & A.C. Library
Conveyance Facility for all.
Home Assignment & Home Task.
Strategically planned Study Programme.
Increased hour of Class Room Coaching.
Career Counseling & assured result.
A team of Experienced & Expert Faculty members.
Improvement Classes for Slow & Weak Learners.
Renovated Study Material, Assignment & Test Papers.
Separate Hostel facility for Boys & Girls.
6 days Academic Activity (5 days Regular Class & 1 day Test & Test Analysis).
Tests are taken on Examination Hall atmosphere.
Computerised Evaluation.
Weekly (WAT), Monthly (MAT) during the Course & VST.
Target Test at the end of Course.
All results & absentee record through SMS, Monthly Progress Report to parents through student web portal.
HIG - A/231, BDA Duplex, Baramunda, Bhubaneswar
Contact : 7852946505 | 7064412282 | 7327946505

ପବିତ୍ର ଦୁର୍ଗାପୂଜା ଅବସରରେ ଚିତାଲୋ ଡିଗ୍ରୀ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଅଭିଭାବକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଅଦ୍ୱୈତ ପ୍ରସାଦ ମଲ୍ଲିକ
ଅଧ୍ୟକ୍ଷ
ଚିତାଲୋ ଡିଗ୍ରୀ ମହାବିଦ୍ୟାଳୟ

କର୍ଣ୍ଣାଟ କେଶରୀ ଦାସ
ପରିଚାଳନା କମିଟି ସଭାପତି
ଚିତାଲୋ ଡିଗ୍ରୀ ମହାବିଦ୍ୟାଳୟ

A WELL WISHER FROM KENDRAPARA

ଶୁଦ୍ଧ ବ୍ୟାକରଣ : ଏକ ଅନୁଧ୍ୟାନ

ବ୍ୟାକରଣକୁ ଭାଷାର ଆତ୍ମା କୁହାଯାଏ । ଯାହାର ଆତ୍ମା ଯେତେ ଶୁଦ୍ଧ, ସେହି ବ୍ୟକ୍ତି ଏବଂ ତାହାର ଭାଷା ସେତିକି ଶୁଦ୍ଧ । ମାତ୍ର ଏହି ଉକ୍ତି ଭାରତୀୟ ବ୍ୟାକରଣ ପରମ୍ପରାରେ ଯେତିକି ପ୍ରସିଦ୍ଧ, ଭାରତର ଭାଷାମାନଙ୍କରେ ସେତେ ଦେଖାଯାଏ ନାହିଁ । ଊନବିଂଶ ଶତାବ୍ଦୀରେ ଆଧୁନିକ ଭାଷା ବିଜ୍ଞାନର ଆବିର୍ଭାବ ଫଳରେ ଇଂରାଜୀ ବ୍ୟାକରଣ ଅଧ୍ୟୟନ ପରମ୍ପରା ନୂତନ ରୂପ ଧାରଣ କରିଛି । ସେହି ପଦ୍ଧତିକୁ ଅନୁସରଣ କରି ଭାରତୀୟ ଭାଷାମାନଙ୍କରେ ନୂତନ ବ୍ୟାକରଣ ପୁସ୍ତକ ଲେଖା ଯିବାର ଦେଖିବାକୁ ମିଳେ । ମାତ୍ର ସେଗୁଡ଼ିକ ଭାରତୀୟ ବ୍ୟାକରଣ ପଦ୍ଧତିଠାରୁ ଭିନ୍ନ ବୋଲି ଅନୁଭୂତ ହୁଏ । ଏତଦ୍ ବ୍ୟତୀତ କିଛି ବ୍ୟତିକ୍ରମ ଥିବାର ମଧ୍ୟ ଜଣାପଡ଼େ ।

୧. ଭାରତୀୟ ଭାଷାମାନଙ୍କରେ ବ୍ୟାକରଣ ଶବ୍ଦର ବ୍ୟବହାର ଇଂରାଜୀ ଭାଷାର ଗ୍ରାମାର୍ (grammar) ସହ ସମାନ ବୋଲି ଗୃହୀତ । ମାତ୍ର ମନେ ରଖିବା ଉଚିତ୍ ଯେ ଇଂରାଜୀ ଭାଷାର 'ଗ୍ରାମାର୍' ଶବ୍ଦ ଗ୍ରୀକ୍ ଭାଷାର 'ଗ୍ରାମାଟିକ୍' ଶବ୍ଦରୁ ଆନୀତ, ଯାହାର ଅର୍ଥ ହେଲା ଲେଖିବାର ଶୈଳୀ ବା art of writing; କିନ୍ତୁ ଆମର ବ୍ୟାକରଣ ଶବ୍ଦର ଅର୍ଥ ହେଉଛି ଭାଷାର ବିଶ୍ଳେଷଣ ବା analysis of the language ।

ପ୍ରଫେସର ସିନିରୁଦ୍ଧ ଦାଶ

ମନନଶୀଳ ଭାଷାବିତ୍ ଭାବେ ଖ୍ୟାତି ରହିଛି । ଆଧୁନିକ ଭାଷା ବିଜ୍ଞାନ, ପୋଥି ବିଜ୍ଞାନ ଏବଂ ବ୍ୟାକରଣ ଉପରେ ଉଚ୍ଚତର ଗବେଷଣା ଜାରି ରଖିଛନ୍ତି । 'ଓଡ଼ିଆ ବାକ୍ୟ ଓ ଅର୍ଥ ବିଜ୍ଞାନ (ବ୍ୟାକରଣ)' ଓ 'ପାଣିନୀୟ ପରମ୍ପରା ଓ ଆଧୁନିକ ଭାଷାବିଜ୍ଞାନ' ତାଙ୍କ ରଚିତ ଉଲ୍ଲେଖନୀୟ ଗବେଷଣା ଗ୍ରନ୍ଥ ।

ଏଠାରେ ବ୍ୟାକରଣ ଶବ୍ଦ ଅର୍ଥ ହେଉଛି ବ୍ୟୁତ୍ପତ୍ତିମୂଳକ (Etymological) । ଯଥା- ବି-ଆ-କୃ-ଅନ<ବି-ଆ-କୃ-ଲ୍ୟୁଟ୍ (କରଣାଧିକରଣୟୋଶ୍ଚ- ଅଷ୍ଟାଧ୍ୟାୟୀ (ଅ.) ୩ ।୩ ।୧୧୭) ଅର୍ଥାତ୍ କରଣ (instrument) ଓ ଅଧିକରଣ (locus) ଅର୍ଥରେ ଲ୍ୟୁଟ୍ ପ୍ରତ୍ୟୟର ବ୍ୟବହାର ହୁଏ । ଏଣୁ ବି- ଉପସର୍ଗ, ଆ- ଉପସର୍ଗ ସହ ମିଶି (ଇକୋଯଣଚି- ଅ. ୬ ।୧ ।୭୭) ବଳରେ ବି+ଆ= ବ୍ୟା- ରୂପ ନେଇ କୃ-ଧାତୁ ଯୋଗରେ ଲ୍ୟୁଟ୍ ପ୍ରତ୍ୟୟ ମିଶି ବ୍ୟାକରଣ ଶବ୍ଦ ନିଷ୍ପନ୍ନ ହୋଇଛି । ସେହିପରି ଅଧି - ଉପସର୍ଗ ଯୋଗରେ କରଣ ଅର୍ଥରେ -ଅନ୍ ପ୍ରତ୍ୟୟର ବ୍ୟବହାର (ଅଧି-କୃ-ଅନ) ହୋଇଥାଏ । ଅନୁବନ୍ଧ (ଲ-କାର ଓ ଟ-କାର) ଲୋପ ପରେ ଅବଶେଷର ଯୁ-ର –ଅନ୍ ପ୍ରତ୍ୟୟ ଆଦେଶ (ଯୁବୋରନାକୌ- ଅ. ୭ ।୧ ।୧) ହୋଇଥାଏ । ଏହି ପ୍ରତ୍ୟୟ କୃତ୍ ଶ୍ରେଣୀର ହୋଇଥିବାରୁ ଋ-କାରାନ୍ତ ଧାତୁ କୃ-ର ଗୁଣ (ଇକୋ ଗୁଣବୃଦ୍ଧୀ- ଅ.୧ ।୧ ।୩, ସାର୍ବଧାତୁକାର୍ଦ୍ଧଧାତୁକୟୋଃ - ଅ. ୭. ୩.୮୪) କର୍- ହୋଇ -ଅନ୍ ପ୍ରତ୍ୟୟ ସହିତ 'କରନ' ଯୋଗେ ଣ-କାର (ରଷାଭ୍ୟାମ୍ ନୋଣଃ ସମାନପଦେ- ଅ. ୮ ।୪ ।୧) ଆଦେଶରେ ଯଣ୍ ସନ୍ଧି ସୂତ୍ର (ଇକୋଯଣଚି- ଅ.୬ ।୧ ।୭୭) ବଳରେ ବ୍ୟାକରଣ ଶବ୍ଦ ସିଦ୍ଧ ହୋଇଛି । ଏହା ମହର୍ଷି ପାଣିନିଙ୍କ ଅଷ୍ଟାଧ୍ୟାୟୀ ସମ୍ମତ ।

ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ ବ୍ୟାକରଣ ଶବ୍ଦର ଅର୍ଥ ହେଉଛି ଭାଷାର ବ୍ୟବହୃତ ଶବ୍ଦମାନଙ୍କର ଏକ ପର୍ଯ୍ୟାପ୍ତ (adequate) ବିବରଣ (description) । ଏଥିରୁ ଏହା ମଧ୍ୟ ବୁଝାପଡ଼େ ଯେ ବ୍ୟାକରଣ ନିୟମ ସିଦ୍ଧ ଶବ୍ଦ ହିଁ ଶୁଦ୍ଧ ଶବ୍ଦ ।

ଆଧୁନିକ ଭାଷା ବିଜ୍ଞାନରେ ମଧ୍ୟ correct or grammatical word ହିଁ ବ୍ୟବହୃତ । Noam Chomsky ଏକ adequate grammar ଉପରେ ଗୁରୁତ୍ୱ ଦେଇଛନ୍ତି । ତାଙ୍କ ଦ୍ୱାରା ମଧ୍ୟ ଏକ adequate grammar (ବ୍ୟାକରଣ)ର ତିନିଟି ନିୟମ ସ୍ୱୀକୃତ । ଯଥା - କ- Observational adequacy (ନିରୀକ୍ଷଣାତ୍ମକ ପର୍ଯ୍ୟାପ୍ତି), ଖ- Descriptive adequacy, (ବିବରଣାତ୍ମକ ପର୍ଯ୍ୟାପ୍ତି), ଗ- Explanatory adequacy (ବ୍ୟାଖ୍ୟାନାତ୍ମକ paryapti) ।

ଏହି ସମସ୍ତ ଆଭିମୁଖ୍ୟ ପାଣିନିଙ୍କ ବ୍ୟାକରଣ ଅନ୍ତର୍ଗତ ବୋଲି କୁହା ଯାଇପାରେ; ମାତ୍ର ପାଣିନିଙ୍କ ଆଭିମୁଖ୍ୟ ଏହାଠାରୁ ଅଧିକ ବ୍ୟାପକ । କାରଣ ପାଣିନି ବାକ୍ୟାର୍ଥକୁ ପ୍ରାଧାନ୍ୟ ଦେବା ସହ ଲିଖିତ ଓ କଥିତ ଉଭୟ ଭାଷାର ସମନ୍ୱୟ ରକ୍ଷା କରି ପାରିଛନ୍ତି; କିନ୍ତୁ ଆଧୁନିକ ଭାଷା ବିଜ୍ଞାନରେ କେବଳ କଥିତ ଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଅଧିକନ୍ତୁ ଏଥିରେ ଅର୍ଥକୁ ପ୍ରାଧାନ୍ୟ ଦିଆଯାଇନାହିଁ ।

୨. ବର୍ତ୍ତମାନ ଓଡ଼ିଆ ଭାଷା ଏବଂ ଓଡ଼ିଆ ଭାଷା ସହିତ ସଂସ୍କୃତ

ଭାଷାର ସମ୍ବନ୍ଧ ବିଷୟରେ ଆଲୋଚନା କରିବା । ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ସ୍ୱୀକୃତି ମିଳିବା ପରେ ଏହାର ଶୁଦ୍ଧତା ଓ ଅସ୍ମିତାକୁ ନେଇ ଅନେକ ଯୁକ୍ତିତର୍କ ଲାଗି ରହିଛି । ଏହା ସହିତ ଅନେକ ବ୍ୟାକରଣ ଗ୍ରନ୍ଥ ପ୍ରକାଶ ପାଇଛି । ସେଥିମଧ୍ୟରୁ ପ୍ରାୟ ସମସ୍ତ ପୁସ୍ତକରେ ଓଡ଼ିଆ ବ୍ୟାକରଣକୁ ସଂସ୍କୃତ ବ୍ୟାକରଣଠାରୁ ଭିନ୍ନ ବୋଲି ଦାବି ମଧ୍ୟ କରାଯାଇଛି । ସ୍ୱତନ୍ତ୍ର ଓଡ଼ିଆ ବ୍ୟାକରଣ ଲେଖିବାର ପ୍ରୟାସ ଜାରି ରହିଛି ।

ତେବେ ଚିନ୍ତା କରିବାର ବିଷୟ ହେଲା - ଶାସ୍ତ୍ରୀୟ ଭାଷା ଭାବରେ ସ୍ୱୀକୃତି ମିଳିବା ପୂର୍ବରୁ କ'ଣ ଓଡ଼ିଆ ଭାଷାର ଶୁଦ୍ଧତା ବା ଅସ୍ମିତା ନ ଥିଲା? ଏହାକୁ ନେଇ ବାରମ୍ବାର ଆଲୋଚନା କରିବା ଦ୍ୱାରା ଆମ ଭାଷା ଓ ସାହିତ୍ୟ ଏକ ସନ୍ଦେହର ବଳୟ ଭିତରକୁ ହିଁ ଯାଉଛି । ଯେଉଁମାନେ ଏହି ଶୁଦ୍ଧତା ଓ ଅସ୍ମିତା ଦୁଇଟି ଶବ୍ଦକୁ ଆଧାର କରି ଓଡ଼ିଆ ଭାଷାର ଉତ୍କର୍ଷ ସାଧନ କରିବାକୁ ଚାହୁଁଛନ୍ତି, ସେମାନେ ବୋଧେ ଉକ୍ତ ଶବ୍ଦ ଦୁଇଟିର ପ୍ରାଧାନ୍ୟ ବା ଅର୍ଥକୁ ଠିକ୍ ଭାବରେ ବୁଝି ନାହାନ୍ତି ବା କସ୍ତୁରୀ ମୃଗ ଭଳି ଘୂରି ବୁଲୁଛନ୍ତି ।

ଏଠାରେ ମନେ ରଖିବା ଉଚିତ୍ ଯେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟତା ସମ୍ମାନ ମିଳିଛି ତାହା ନିଶ୍ଚୟ ଆମର ପ୍ରାଚୀନ ଓଡ଼ିଆ ସାହିତ୍ୟ ସମ୍ଭାରକୁ ଆଶ୍ରୟ କରି । ଆମ ଓଡ଼ିଆ ଭାଷାରେ ଯେଉଁ ସବୁ ସୃଜନଶୀଳ ତଥା ଗାମ୍ଭୀର୍ଯ୍ୟପୂର୍ଣ୍ଣ ସାହିତ୍ୟ ସବୁ ରହିଛି ତାହାର ଆଧାର ବା ମୂଳ କ'ଣ ଜାଣିବା ଆବଶ୍ୟକ । ତତ୍ସମ ଓ ତଦ୍ଭବ ଶବ୍ଦମାନଙ୍କର ବହୁଳ ବ୍ୟବହାର ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଦେଖିବାକୁ ମିଳେ । ଓଡ଼ିଆ ଭାଷାର ଅସ୍ମିତା ହେତୁରୁ ହିଁ ଓଡ଼ିଆ ମହାଭାରତ, ଭାଗବତ, ରାମାୟଣରୁ ଆରମ୍ଭ କରି ମଧ୍ୟଯୁଗୀୟ ଭଞ୍ଜ ସାହିତ୍ୟ ଅଧିକ ସରସ ଓ ସାବଲୀଳ ହୋଇ ପାରିଛି ।

ସାହିତ୍ୟରେ ବ୍ୟବହୃତ ଶବ୍ଦାବଳୀ ଯଥା- ଭାବ, ବିଭାବ, ଅଭାବ, ଅନୁଭବ, ଅନୁଭାବ, ସ୍ୱଭାବ ଆଦି ଶବ୍ଦମାନଙ୍କର ସୃଷ୍ଟି କେବଳ ସଂସ୍କୃତ ଭୂ ଧାତୁରୁ ଉତ୍ପନ୍ନ । ସେହିପରି ବ୍ୟାକରଣରେ ବ୍ୟବହୃତ ପାରିଭାଷିକ ଶବ୍ଦ - କର୍ତ୍ତା, କର୍ମ, କରଣ, କାରଣ, କର୍ତ୍ତବ୍ୟ, କରଣୀୟ, କାରକ ଆଦି ଶବ୍ଦ ସଂସ୍କୃତ କୃ-ଧାତୁରୁ ଉତ୍ପନ୍ନ ଏବଂ ପାଣିନିଙ୍କ ବ୍ୟାକରଣ ନିୟମ ସମ୍ମତ । ଏହି ଶବ୍ଦ ସବୁ ପ୍ରତ୍ୟେକ ଭାରତୀୟ ଭାଷାରେ ମଧ୍ୟ ବ୍ୟବହୃତ, ଯଥା- ହିନ୍ଦୀ, ମରାଠୀ ପ୍ରଭୃତି ।

ଏଣୁ ଆମର ଓଡ଼ିଆଭାଷା ସଂସ୍କୃତ ଭାଷାଠାରୁ କେତେ ଅଲଗା ତାହା କେବଳ ସହୃଦୟ ଜ୍ଞାନୀ ଜନ ବିଚାର କରିବେ । ଯେଉଁମାନେ ଭାଷା ବିଜ୍ଞାନ ପଢୁଛନ୍ତି ସେମାନେ ଭାଷାତତ୍ତ୍ୱ ସହ ନିଜ ଭାଷାର ବ୍ୟାକରଣ ଭଲ ଭାବରେ ପଢ଼ିବା ଆବଶ୍ୟକ ବୋଲି ମନେହୁଏ । ଏକ ମାନକ ଭାଷାର ମାନଦଣ୍ଡ ନିର୍ଦ୍ଧାରଣ ଆମର ପ୍ରାଚୀନ ଭାରତୀୟ ଭାଷା ଶାସ୍ତ୍ର ଏବଂ ଆଧୁନିକ ଭାଷା ବିଜ୍ଞାନରେ ବହୁ ଆଲୋଚିତ ବିଷୟ ।

ବିଶେଷକରି ସଂସ୍କୃତ ବ୍ୟାକରଣ ପରମ୍ପରାରେ ବିଶିଷ୍ଟ ତଥା ପାଣିନୀୟ ବ୍ୟାକରଣ (ଅଷ୍ଟାଧ୍ୟାୟୀ ଖ୍ରୀ. ପୂ. ଷଷ୍ଠ ଶତାବ୍ଦୀ) ଅତୀବ ଉଚ୍ଚକୋଟିର ତଥା ଏକ ଆଦର୍ଶ (model) ବୋଲି ଭାଷା ବିଜ୍ଞାନ ପଦ୍ଧତିରେ ପରୀକ୍ଷିତ ଓ ସ୍ୱୀକୃତ । ମହର୍ଷି ପାଣିନିଙ୍କ ପଦାଙ୍କ ଅନୁସରଣ କରି ଭଗବାନ୍ ପତଞ୍ଜଳି (ଖ୍ରୀ. ପୂ. ୨ୟ ଶତାବ୍ଦୀ) ଅଷ୍ଟାଧ୍ୟାୟୀ ଉପରେ ମହାଭାଷ୍ୟ ରଚନା କରି ବ୍ୟାକରଣର ଲକ୍ଷଣ ଓ ପ୍ରୟୋଜନ ଦର୍ଶାଇବା ସହିତ ବ୍ୟାକରଣ ଶାସ୍ତ୍ରର ଅସ୍ମିତା ବଢ଼ାଇଛନ୍ତି ।

୧୭୮୬ ମସିହାରେ ସାର୍ ଉଇଲିୟମ୍ ଜୋନ୍ସ (Sir William Jones) ସଂସ୍କୃତ ଭାଷାର ବୈଶିଷ୍ଟ୍ୟ ବିଶ୍ୱ ଭାଷା ଦରବାରରେ ଉପସ୍ଥାପନ କରି କହିଥିଲେ ଯେ ସଂସ୍କୃତ ଭାଷାର ପ୍ରାଚୀନତା ଯାହା ହେଉନା କାହିଁକି, ଏହାର ଗଠନ ପ୍ରକାର (structure) ଏକ ଅଦ୍ଭୁତ ପ୍ରକାରର ଯାହା ଗ୍ରୀକ୍ କିମ୍ବା ଲାଟିନ୍ ଭାଷାରେ ଦେଖା ଯାଏ ନାହିଁ ।

"The Sanskrit language, whatever be its antiquity, is of a wonderful structure; more perfect than the Greek, more copious (having more cases) than the Latin, and more exquisitely refined than either, yet bearing to both of them a stronger affinity, both in the roots of the verbs and in the forms of the grammar, than could possibly have been produced by accident, so strong indeed, that no philologer could examine them all three, without believing them to have sprung from some common source, which, perhaps, no longer exists. There is a similar reason ... for supposing that both the Gothic and the Celtic ... had the same origin with the Sanskrit". (quoted in Murti, M. S. 1984:318)

ଶାସ୍ତ୍ରୀୟ ଭାଷା ଭାବରେ ସ୍ୱୀକୃତି ମିଳିବା ପୂର୍ବରୁ କ'ଣ ଓଡ଼ିଆ ଭାଷାର ଶୁଦ୍ଧତା ବା ଅସ୍ମିତା ନ ଥିଲା? ଏହାକୁ ନେଇ ବାରମ୍ବାର ଆଲୋଚନା କରିବା ଦ୍ୱାରା ଆମ ଭାଷା ଓ ସାହିତ୍ୟ ଏକ ସନ୍ଦେହର ବଳୟ ଭିତରକୁ ହିଁ ଯାଉଛି । ଯେଉଁମାନେ ଏହି ଶୁଦ୍ଧତା ଓ ଅସ୍ମିତା ଦୁଇଟି ଶବ୍ଦକୁ ଆଧାର କରି ଓଡ଼ିଆ ଭାଷାର ଉତ୍କର୍ଷ ସାଧନ କରିବାକୁ ଚାହୁଁଛନ୍ତି, ସେମାନେ ବୋଧେ ଉକ୍ତ ଶବ୍ଦ ଦୁଇଟିର ପ୍ରାଧାନ୍ୟ ବା ଅର୍ଥକୁ ଠିକ୍ ଭାବରେ ବୁଝି ନାହାନ୍ତି ବା କସ୍ତୁରୀ ମୃଗ ଭଳି ଘୂରି ବୁଲୁଛନ୍ତି ।

ତାଙ୍କର ଏହି ଉକ୍ତି ସାରା ବିଶ୍ୱରେ ଏକ ଆନ୍ଦୋଳନ ସୃଷ୍ଟି କରିଥିଲା । ଏହାପରେ ବିଶିଷ୍ଟ ଭାଷାବିତ୍ ତଥା ଆଧୁନିକ ଭାଷାବିଜ୍ଞାନର ଅନ୍ୟତମ ପ୍ରତିଷ୍ଠାତା ଲିଓନାର୍ଡ ବ୍ଲୁମଫିଲ୍ଡ (Leonard Bloomfield) ପାଣିନିଙ୍କ ବ୍ୟାକରଣକୁ ବିଶ୍ୱର ସର୍ବଶ୍ରେଷ୍ଠ ବ୍ୟାକରଣ ବୋଲି ଉଦ୍‌ଘୋଷଣ କରିଥିଲେ । ତାଙ୍କ ଭାଷାରେ –

"This (Panini's) grammar is one of the greatest monuments of human intelligence. It describes, with the minutes detail, every inflection, derivation and composition and every syntactic usage of its authors speech. No other language, to this day, has been so perfectly described".

"The Indian grammar presented to European eyes, for the first time, a complete and accurate description of a language, based not upon a theory but upon observations. Moreover, the discovery of Sanskrit disclosed the possibility of a comparative study of languages" (Bloomfield, L.1933: 11).

ଭାଷା ବିଶ୍ଳେଷଣ ପଦ୍ଧତି (Language analytical method) ଆବିଷ୍କାର କରି ମହର୍ଷି ପାଣିନି ଯେତିକି ପ୍ରସିଦ୍ଧି ଲାଭ କରିଛନ୍ତି, ମହା ଭାଷ୍ୟକାର ପତଞ୍ଜଳି ବ୍ୟାକରଣର ଗାମ୍ଭୀର୍ଯ୍ୟ ଓ ଏହାର ବୈଜ୍ଞାନିକ ପଦ୍ଧତିକୁ ଅତି ସରଳ ଭାଷାରେ ପ୍ରଶ୍ନୋତ୍ତର ମାଧ୍ୟମରେ ବ୍ୟାଖ୍ୟାନ କରି ସେତିକି ବିଦ୍ୱଜ୍ଜନପ୍ରିୟ ହୋଇ ପାରିଛନ୍ତି । ଏଣୁ ସେମାନଙ୍କର ବାକ୍ୟ ବା ସିଦ୍ଧାନ୍ତ ଆମ୍ଭମାନଙ୍କ ନିକଟରେ ବେଦବାକ୍ୟ ସଦୃଶ ।

ମାନକ ଭାଷା (standard language)ର ସୂଚନା ପୂର୍ବକ ପ୍ରଥମେ ପତଞ୍ଜଳି ସଂସ୍କୃତ ଭାଷାରେ ବ୍ୟବହୃତ ଶବ୍ଦମାନଙ୍କୁ ବୈଦିକ ଏବଂ ଲୌକିକ ବୋଲି ଦୁଇ ଭାଗରେ ବିଭକ୍ତ କରିଛନ୍ତି (ଅଥ ଶବ୍ଦାନୁଶାସନମ୍ । xxx କେଷାଂ ଶବ୍ଦାନାମ୍ ? ବୈଦିକାନାଂ ଲୌକିକାନାଂ ଚ – ମହାଭାଷ୍ୟ, ଆହ୍ନିକ ୧) ।

ଏହି ଉଭୟ ପ୍ରକାର ଭାଷାରେ ଶବ୍ଦମାନଙ୍କର ଗଠନପ୍ରକାର ନିର୍ଦ୍ଦିଷ୍ଟ ନିୟମାନୁବର୍ତ୍ତୀ ହୋଇ ଥିବାରୁ ସେ ବ୍ୟାକରଣ ଶାସ୍ତ୍ରକୁ ଶବ୍ଦାନୁଶାସନର ଆଖ୍ୟା (ଅଥ ଶବ୍ଦାନୁଶାସନମ୍ - ମହାଭାଷ୍ୟ-ଆହ୍ନିକ-୧) ଦେଇଛନ୍ତି ।

ଏହି ଶବ୍ଦାନୁଶାସନର ଲକ୍ଷ୍ୟ ଶବ୍ଦର ଉତ୍ପତ୍ତିଠାରୁ ଆରମ୍ଭ କରି ଶବ୍ଦଗଠନ, ଶବ୍ଦ ସଂଯୋଜନା (ବାକ୍ୟରେ ସେମାନଙ୍କର ବିଧିବଦ୍ଧ ବ୍ୟବହାର) ସହ ଅର୍ଥଗତ ସାମ୍ୟ ଓ ଧ୍ୱନିଗତ ବୈଷମ୍ୟର ପ୍ରମାଣ ଉପସ୍ଥାପନ କରିବା । ଏଥିପାଇଁ କୁହାଯାଇଛି – "ମହାଭାଷ୍ୟଂ ବା ପାଠୟେତ୍, ମହାରାଜ୍ୟଂ ବା ପାଳୟେତ୍" – ଅର୍ଥାତ୍ ମହାଭାଷ୍ୟ ପଠନ କଲେ ଜଣକର ବିଚାର ଶକ୍ତି ଏତେ ପ୍ରଖର ହୋଇଥାଏ ଯେ ସେ ଏକ ମହାରାଜ୍ୟକୁ ଶାସନ କରିବା ପାଇଁ ସମର୍ଥ ହୋଇପାରେ ।

୩. ବ୍ୟାକରଣ ଶାସ୍ତ୍ରର ପ୍ରୟୋଜନ ଉପରେ ଆଲୋକପାତ କରିବାକୁ ଯାଇ ସେ (ପତଞ୍ଜଳି) କହିଛନ୍ତି ଯେ – ଭାଷା ବିଶ୍ଳେଷଣ ବା ବ୍ୟାକରଣ (Grammatical analysis)ର ପାଞ୍ଚଟି ପ୍ରୟୋଜନ ରହିଅଛି; ଯଥା – ରକ୍ଷା, ଊହ, ଆଗମ, ଲଘୁ, ଅସନ୍ଦେହ (ରକ୍ଷୋହାଗମଲଘ୍ୱସନ୍ଦେହାଃ ପ୍ରୟୋଜନମ୍ - ମହାଭାଷ୍ୟ, ଆହ୍ନିକ ୧) । ଏହି ପ୍ରୟୋଜନଗୁଡ଼ିକ କିପରି ଭାଷା ଅଧ୍ୟୟନରେ ସହାୟକ, ତାହା ଏଠାରେ ଆଲୋଚନା କରିବା ବିଧେୟ ।

କ. ରକ୍ଷା –(preservation) ରକ୍ଷାର୍ଥମ୍ ଅଧ୍ୟେୟଂ ବ୍ୟାକରଣମ୍ । ବ୍ୟାକରଣର ପ୍ରଥମ ଆଭିମୁଖ୍ୟ ହେଲା 'ରକ୍ଷା' । ଏଠାରେ ରକ୍ଷା କହିଲେ ବ୍ୟବହୃତ ପ୍ରାଚୀନ ଗ୍ରନ୍ଥ ଓ ପ୍ରଚଳିତ ଆଧୁନିକ ଭାଷା ମଧ୍ୟରେ ସମନ୍ୱୟ ରକ୍ଷା କରିବା ଅର୍ଥାତ୍ ବ୍ୟାକରଣର ଉଦ୍ଦେଶ୍ୟ ଭାଷାର ପ୍ରାଚୀନ ରୂପର ଶୁଦ୍ଧତା ପ୍ରମାଣ କରିବା ସହ, ଆଧୁନିକ ଭାଷାକୁ ଅସ୍ମିତା ପ୍ରଦାନ କରିବା । ସଂସ୍କୃତରେ ବୈଦିକ ଓ ଲୌକିକ ଭାଷା ମଧ୍ୟରେ ସମନ୍ୱୟ ରକ୍ଷା କରି ପାଣିନି ଅଷ୍ଟାଧ୍ୟାୟୀ ରଚନା କରିଥିଲେ । ସେହିପରି ପ୍ରାଚୀନ ଓ ଆଧୁନିକ ଓଡ଼ିଆ ସାହିତ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରି ଗୋପୀନାଥ ନନ୍ଦଙ୍କ ଭାଷାତତ୍ତ୍ୱ ଆମ ଓଡ଼ିଆଭାଷାର ଶୁଦ୍ଧ ବ୍ୟାକରଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଖ. ଊହ (suitable change/ modification) – ଏହାର ଅନ୍ୟ ନାମ ତର୍କ ବା ବିଚାର । ଭାଷା ପ୍ରୟୋଗ କରିବା ବେଳେ ଯେଉଁ ପରିବର୍ତ୍ତନ ଅନ୍ତର୍ନିହିତ, ତାହା କେବଳ ଏକ ସାଧୁ ବୈୟାକରଣ ବୁଝିପାରେ । ବିଶେଷ କରି ଓଡ଼ିଆରେ କିଛି ଲୋକଙ୍କ ନିମିତ୍ତ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ହ୍ରସ୍ୱ-ଦୀର୍ଘ, ସ-ଶ-ଷ ପ୍ରୟୋଗ ଏବଂ ସଂସ୍କୃତ ଭାଷା ସହ ଓଡ଼ିଆ ଭାଷାର ସମ୍ବନ୍ଧ ବ୍ୟାକରଣ ଜ୍ଞାନଦ୍ୱାରା ହିଁ ସମାଧିତ ହୋଇ ପାରିବ ।

ଭାଷାରେ ଧ୍ୱନି ପରିବର୍ତ୍ତନକୁ ବ୍ୟାକରଣ ଶାସ୍ତ୍ରରେ ତିନି ଭାଗରେ ବିଭକ୍ତ କରାଯାଇଛି । i. ଲୋପ (deletion), ii. – ଆଗମ (addition or insertion), iii. ବିକାର – (modification) । ଲୋପ-ଆଗମ-ବର୍ଣ୍ଣ ବିକାର ସମ୍ବନ୍ଧି ଗଭୀର ଜ୍ଞାନ ଏକ ସାଧୁ ବୈୟାକରଣ ହିଁ ବୁଝିପାରେ ଏବଂ ବେଦ ଭଳି ଗ୍ରନ୍ଥକୁ ମଧ୍ୟ ସହଜରେ ଆୟତ୍ତ କରି ପାରିବାରେ ସମର୍ଥ, (ଲୋପାଗମବର୍ଣ୍ଣବିକାରଜ୍ଞୋ ହି ସମ୍ୟଗ୍ ବେଦାନ୍ ପରିପାଳୟିଷ୍ୟତି - ମହାଭାଷ୍ୟ, ଆହ୍ନିକ ୧) ।

୪. ଓଡ଼ିଆରେ ବ୍ୟବହୃତ ଶବ୍ଦମାନଙ୍କରେ ମଧ୍ୟ ଏହି ତିନି ପ୍ରକାର ପରିବର୍ତ୍ତନ ପରିଲକ୍ଷିତ ହୋଇ ଥାଏ ।

(i) ଲୋପ – ସଂ (ସଂସ୍କୃତ) ଅଲାବୁ (bottle gourd) > ପାଲି ଅଲାବୁ > ପ୍ରାକୃତ – ଅଲାବୁ/ଅଲାଉ > ଓ. (ଓଡ଼ିଆ) – ଲାଉ ।

(ii. ଖ) ଆଗମ – ସଂ. ପଠିତ୍ୱା – (ପଠ୍ + ଇଟ୍ + କ୍ତ୍ୱା; ପାଣିନି ସୂତ୍ର 'ଆର୍ଦ୍ଧଧାତୁକସ୍ୟ ଇଡ୍ ବଳାଦେଃ-ଅ. ୭.୨.୩୫) > ଓ. ପଢ଼ି । ଏଠାରେ 'ତ୍ୱା'ଲୋପ ଏବଂ 'ଇକାର'ର ଆଗମ ପରିଦୃଷ୍ଟ । ଯଥା - ହସିତ୍ୱା

> ହସି । ସେହିପରି ପଢ଼ିବା (ପଢ୍ + ଇ + ବା) ଆଦି କ୍ରିୟାପଦରେ -'ବା' ପ୍ରତ୍ୟୟ ପୂର୍ବରୁ ଉଚ୍ଚାରଣଗତ ସୁଗମତା ନିମିତ୍ତ 'ଇ'କାରର ଆଗମ ହୋଇଥାଏ । ଏଠାରେ ମଧ୍ୟ 'ଇ'କାରର ଆଗମ ପାଣିନି ସୂତ୍ରାନୁମୋଦିତ (ତତ୍ରୈବ -୭ । ୨ । ୩୫) ।

(iii.) ବିକାର (modification) – ଭାଷା ପରିବର୍ତ୍ତନର ମୂଳ ଲକ୍ଷଣ ହେଉଛି ଧ୍ୱନି ପରିବର୍ତ୍ତନ ବା ବିକାର । ଏହି ପରିବର୍ତ୍ତନ ଶବ୍ଦର ଆଦି, ମଧ୍ୟ ତଥା ଅନ୍ତ୍ୟରେ ଦେଖା ଯାଇଥାଏ ।

ସେହିପରି ଆର୍ଯ୍ୟ ଭାଷାମାନଙ୍କର ବିଭାଜନ ପ୍ରାଚୀନ, ମଧ୍ୟମ ଓ ନୂତନ ବିଭାଗର କାରଣ । ଯଥା – ସଂ. – କର୍ମ > ପ୍ରା. (ପ୍ରାକୃତ) କମ୍ମ > ଓ. କାମ; ସଂ. – ପର୍ଣ୍ଣ > ପ୍ରା. – ପଣ୍ଣ > ଓ. ପାନ । ସଂ. – ହସ୍ତ > ପ୍ରା. ହତ୍ତ > ଓ. ହାତ ଇତ୍ୟାଦି । ଏହାକୁ ତୁଳନାତ୍ମକ ଭାଷା ବିଜ୍ଞାନରେ ସମୀକରଣ (Assimilation - କମ୍ମ) ଏବଂ ପରିପୂରକ ଦୀର୍ଘ (compensatory lengthening - କାମ) ବୋଲି କୁହାଯାଏ । ଏହି କ୍ରମ ପରିବର୍ତ୍ତନକୁ ଆଧାର କରି ଭାରତୀୟ ଆର୍ଯ୍ୟଭାଷାମାନଙ୍କୁ ପ୍ରାଚୀନଯୁଗୀୟ- ମଧ୍ୟଯୁଗୀୟ ତଥା ଆଧୁନିକ ଯୁଗୀୟ ଭାରତୀୟ ଭାଷା ଭାବରେ ବିଭାଜନ ହୋଇଥିବାର ପ୍ରମାଣ ରହିଛି । ଏହିଭଳି ବର୍ଣ୍ଣ ବିପର୍ଯ୍ୟୟ (metathesis) ମଧ୍ୟ ଓଡ଼ିଆରେ ପରିଦୃଷ୍ଟ । ସଂ. – ଷୋଡ଼ଶ > ପ୍ରା. ସୋଳସ, ସୋଳହ > ଓ. ଷୋହଳ । ସଂ. – କୋଟର > ପ୍ରା. କୋଢ଼ର > ଓ. କୋରଡ଼ ।

ଗ. ଆଗମ (Study of Ancient Literature) – ଆଗମ କହିଲେ ସଂସ୍କୃତରେ ବେଦକୁ ବୁଝାଇ ଥାଏ. ଏହା ବ୍ୟାକରଣ ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ । କାରଣ ବେଦ ଓ ବେଦାଙ୍ଗ ଅଧ୍ୟୟନ କରିବା ଏବଂ ତତ୍ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବା. ବେଦ ଅଧ୍ୟୟନ ସହ ବେଦାଙ୍ଗମାନଙ୍କର ଅଧ୍ୟୟନ ଏକାନ୍ତ ଆବଶ୍ୟକ । ବେଦର ଗୂଢ଼ାର୍ଥ ବୁଝିବା ପାଇଁ ଷଡ଼ଙ୍ଗ (ଷଟ୍ ବେଦାଙ୍ଗ ଅର୍ଥାତ୍ ଛ' ପ୍ରକାରର ସହାୟକ ଗ୍ରନ୍ଥ- ancillary texts) ଆବଶ୍ୟକ । ଯଥା - କ. ଶିକ୍ଷା (Phonetics); ଖ. କଳ୍ପ (Rituals); ଗ. ବ୍ୟାକରଣ (Grammar); ଘ. ଛନ୍ଦ (Metre); ଙ. ଜ୍ୟୋତିଷ (Astronomy); ଚ. ନିରୁକ୍ତ (Etymology) ।

ଏହି ଷଡ଼ଙ୍ଗ ମଧ୍ୟରେ ବ୍ୟାକରଣ ଶାସ୍ତ୍ର ହେଉଛି ପ୍ରଧାନ; କାରଣ ବ୍ୟାକରଣ ଅଧ୍ୟୟନ କଲେ ଅନ୍ୟ ସମସ୍ତ ଶାସ୍ତ୍ର ପଢ଼ିବାରେ ଓ ବୁଝିବାରେ ସହାୟକ ହୋଇ ଥାଏ । ତେଣୁ ପତଞ୍ଜଳିଙ୍କ ମତରେ ଏହାକୁ ନିଷ୍କାମ ତଥା ନିତ୍ୟ କର୍ମ ବୋଲି କୁହା ଯାଇଛି (ନିଷ୍କାରଣୋ ଧର୍ମଃ ଷଡ଼ଙ୍ଗୋ ବେଦୋଽଧ୍ୟେୟ ଜ୍ଞେୟ ଇତି । ପ୍ରଧାନଞ୍ଚ ଷଟ୍‌ସୁ ଅଙ୍ଗେଷୁ ବ୍ୟାକରଣମ୍, ପ୍ରଧାନେ ଚ କୃତୋ ଯତ୍ନଃ ଫଳବାନ୍ ଭବତି – ମହାଭାଷ୍ୟ- ଆହ୍ନିକ ୧) ଅର୍ଥାତ୍ ସମସ୍ତ ଷଡ଼ଙ୍ଗ ମଧ୍ୟରେ ବ୍ୟାକରଣ ଶାସ୍ତ୍ର ପ୍ରଧାନ ଏବଂ ଏହି ପ୍ରଧାନ ଶାସ୍ତ୍ରଦ୍ୱାରା ଅଳ୍ପ ଶ୍ରମରେ ଅପେକ୍ଷିତ ଫଳ ଲାଭ ହୋଇଥାଏ ।

ଘ. ଲଘୁ – (brevity) ଲଘ୍ୱର୍ଥମ୍ ଅଧ୍ୟେୟଂ ବ୍ୟାକରଣମ୍ -

ଅର୍ଥାତ୍ ଅଳ୍ପ ଶ୍ରମ ତଥା ଅଳ୍ପ ସମୟ ମଧ୍ୟରେ ଶବ୍ଦ ଜ୍ଞାନ (ଉତ୍ପତ୍ତି, ଗଠନ, ବ୍ୟବହାର ଏବଂ ଶୁଦ୍ଧ ଉଚ୍ଚାରଣ) ବ୍ୟାକରଣ ଅଧ୍ୟୟନ ଦ୍ୱାରା ହିଁ ସମ୍ଭବ । ପତଞ୍ଜଳିଙ୍କ ଭାଷାରେ ଏପରିକି ଗୋଟିଏ ଶବ୍ଦର ସମ୍ୟଗ୍‌ଜ୍ଞାନ (complete knowledge) ଏବଂ ସୁପ୍ରୟୋଗ (proper application) (ଉପଯୁକ୍ତ ସ୍ଥାନ ଓ କାଳରେ) ବା ବ୍ୟବହାର ବକ୍ତାର ଇଷ୍ଟସିଦ୍ଧି (କାମଧୁକ୍) ବା ଉଦ୍ଦିଷ୍ଟ ଫଳ ଲାଭରେ ସହାୟକ ହୋଇଥାଏ (ଏକଃ ଶବ୍ଦଃ ସମ୍ୟଗ୍‌ଜ୍ଞାତଃ ସୁପ୍ରଯୁକ୍ତଃ ସ୍ୱର୍ଗେ ଲୋକେ ଚ କାମଧୁଗ୍ ଭବତି - ମହାଭାଷ୍ୟ ଆହ୍ନିକ ୧.) ।

ପତଞ୍ଜଳିଙ୍କ ଏହି ବାକ୍ୟରୁ ଜଣାପଡ଼େ ଯେ ପ୍ରଥମେ ଉପଯୁକ୍ତ ବା ପ୍ରକୃତ ଜ୍ଞାନର ଅଧିକାରୀ ହେବା ଆବଶ୍ୟକ । ତା' ପରେ ତାହାର ଉତ୍ତମ ପ୍ରୟୋଗ ବା ଦକ୍ଷତାର ଅଧିକାରୀ ହୋଇପାରିବ ।

ପୁନଶ୍ଚ ସଂସ୍କୃତରେ ଗୋଟିଏ ଅକାରାନ୍ତ ଶବ୍ଦର ସାତ ବିଭକ୍ତିର ରୂପ ଶିଖିଲେ, ଅନ୍ୟ ସମସ୍ତ ଅକାରାନ୍ତ ଶବ୍ଦମାନଙ୍କର ରୂପ ସହଜରେ ଅନୁମାନ କରି ହୁଏ । ଏହା ହେଉଛି ପାଣିନି ବ୍ୟାକରଣର ଏକ ବୈଶିଷ୍ଟ୍ୟ, ଯାହା ଆଜି ଭାରତୀୟ ବ୍ୟାକରଣ ପରମ୍ପରା ସହିତ ପାଶ୍ଚାତ୍ୟ ଭାଷା ବିଜ୍ଞାନ ଅଧ୍ୟୟନକୁ ଅନେକାଂଶରେ ପ୍ରଭାବିତ କରି ପାରିଛି । ଏତତ୍ ବ୍ୟତୀତ ଆଜିର କମ୍ପ୍ୟୁଟର୍ ଯୁଗରେ ମଧ୍ୟ ତାହାର ସଦୁପଯୋଗ କରାଯାଇ ଯାନ୍ତ୍ରିକ ବିଶ୍ଳେଷଣ (computational analysis)ର ମାଧ୍ୟମ ହୋଇ ପାରିଛି । କାରଣ ପାଣିନିଙ୍କ ଅଷ୍ଟାଧ୍ୟାୟୀ ଅନେକ ପ୍ରକାରର ପାରିଭାଷିକ ଓ ସାଙ୍କେତିକ (technical and symbolic) ଶବ୍ଦମାନଙ୍କୁ ନେଇ ଲିଖିତ, ଉଦାହରଣ ସ୍ୱରୂପ - ଇକ୍ କହିଲେ ଇ, ଉ, ଋ, ଌ ବର୍ଣ୍ଣମାନଙ୍କୁ ବୁଝାଇ ଥାଏ । ସେହିଭଳି ଶବ୍ଦରୂପରେ ପରିବର୍ତ୍ତନ (morphological change), ଅନୁବନ୍ଧ (tagging) ମାଧ୍ୟମରେ ସୂଚିତ, ଉଦାହରଣ ସ୍ୱରୂପ – ଏକ ଶବ୍ଦରେ ବୃଦ୍ଧି (ଆ, ଐ ଓ ଔ) ଥିଲେ ତାହା ଅନୁବନ୍ଧ (tagging) ଦ୍ୱାରା ସୂଚିତ । କୃ + ଣ୍ୱୁଲ୍ (kr + nvul) = କାରକ (କୃ

> କାର୍, ବୁ > ଅକ) । ଏଠାରେ ଣ୍ଣୁଲ୍ ପ୍ରତ୍ୟୟର ପ୍ରଥମ ବର୍ଣ୍ଣ ଣକାର ଲୋପ ହୋଇ ଥିବାରୁ ଏହାକୁ ଣିତ୍ ପ୍ରତ୍ୟୟ କୁହାଯାଏ । ଏହି ଣିତ୍ ପ୍ରତ୍ୟୟ ଯୋଗ ହେଲେ ଇଗନ୍ତ ଧାତୁରେ ବୃଦ୍ଧିର କାରଣ ହୋଇ ଥାଏ (ଅଚୋ ଞ୍ଣିତି - ଅ. ୭. ୨. ୧୧୫) ।

ସେହିପରି ଏକ ଶବ୍ଦ ପ୍ରୟୋଗ ଠିକ୍ ଭାବରେ ଜାଣିଲେ ଅନେକ ଶବ୍ଦର ପ୍ରୟୋଗ ବୁଝାପଡ଼େ । ଯଥା କର୍ତ୍ତା ଶବ୍ଦ – ସାଧାରଣତଃ ପ୍ରତ୍ୟେକ ବାକ୍ୟ କର୍ତ୍ତା ଓ କ୍ରିୟାକୁ ନେଇ ଗଠିତ । କର୍ତ୍ତା ଶବ୍ଦ ଇଂରାଜୀର subject ଓ agent ସହିତ ସମାନ । ଉଦା- ରାମଃ ଲିଖତି = ରାମ ଲେଖୁଛି = ଇଂ Ram is writing; କଲମଃ ଲିଖତି = ଓ. କଲମ ଲେଖୁଛି = ଇଂ pen is writing.

ଏହି ସବୁ ବାକ୍ୟର ଆରମ୍ଭରେ ବ୍ୟବହୃତ ରାମ ଓ କଲମ ଉଭୟ କର୍ତ୍ତୃ ବାଚକ । ଏହା ପାଣିନିଙ୍କ ସୂତ୍ର – ସ୍ୱତନ୍ତ୍ରଃ କର୍ତ୍ତା ୧.୪.୫୪ ଦ୍ୱାରା ଅନୁମୋଦିତ ।

ସେହି ଭଳି ପାଣିନିଙ୍କ ଦ୍ୱାରା ବ୍ୟବହୃତ ପାରିଭାଷିକ ଶବ୍ଦ 'କାରକ' (କାରକେ ୧.୪.୨୩) ବାକ୍ୟମାନଙ୍କରେ ବ୍ୟବହୃତ ଶବ୍ଦମାନଙ୍କର କ୍ରିୟା ସହିତ ସମ୍ବନ୍ଧକୁ ବୁଝାଇ ଥାଏ । ପାଣିନିଙ୍କ ମତାନୁସାରେ ଏହି କାରକ ସମ୍ବନ୍ଧ ୬ ପ୍ରକାରର (କର୍ତ୍ତା (agent), କର୍ମ (object), କରଣ (instrument), ସମ୍ପ୍ରଦାନ (dative), ଅପାଦାନ (ablative) ଓ ଅଧିକରଣ (location) । ଏହା କେବଳ ସଂସ୍କୃତରେ ନୁହେଁ, ସମସ୍ତ ଭାରତୀୟ ଭାଷାମାନଙ୍କ ସହିତ ବିଶ୍ୱର ବିଭିନ୍ନ ଭାଷାରେ ଅଦ୍ୟାପି ବ୍ୟବହୃତ । ଏହି ଦୃଷ୍ଟିରୁ ପାଣିନିଙ୍କ ବ୍ୟାକରଣ ଏକ ସାର୍ବଜନୀନ ବ୍ୟାକରଣ (Universal Grammar) ବୋଲି ଭାଷାବିତ୍‌ମାନଙ୍କର ମତ ।

ପାଣିନିଙ୍କ ସୂତ୍ରରେ ବ୍ୟବହୃତ ଶବ୍ଦମାନଙ୍କର ପରିବର୍ତ୍ତନ ଅସମ୍ଭବ ହେତୁ ବ୍ୟାଖ୍ୟାକାର ବା ଟୀକାକାରମାନେ (ପତଞ୍ଜଳିଙ୍କ - ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀଠାରୁ ଆରମ୍ଭ କରି ନାଗେଶ ଭଟ୍ଟ – ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ) ସମସ୍ତେ କେବଳ ତାହାକୁ ପ୍ରମାଣ ରୂପେ ଗ୍ରହଣ କରି ଆସିଛନ୍ତି । ଏହା ଛଡ଼ା ପାଣିନିଙ୍କ ବ୍ୟାକରଣ ସର୍ବଶାସ୍ତ୍ରୋପକାରକ ବୋଲି ପ୍ରମାଣିତ । ଅର୍ଥାତ୍ ସଂସ୍କୃତରେ ଯେତେ ଶାସ୍ତ୍ର (ଛନ୍ଦ, ଜ୍ୟୋତିଷ, ନ୍ୟାୟ, ମୀମାଂସା, ଧର୍ମଶାସ୍ତ୍ର, ନାଟ୍ୟଶାସ୍ତ୍ର, ଅର୍ଥଶାସ୍ତ୍ର ପ୍ରଭୃତି) ଲେଖା ଯାଇଛି, ସେମାନଙ୍କର ଟୀକାକାରମାନେ ମଧ୍ୟ କେବଳ ପାଣିନିଙ୍କ ସୂତ୍ରକୁ ପ୍ରମାଣ ଦେଇ ସାମୟିକ ଆଲୋଚନା ପୂର୍ବକ ସୂତ୍ରମାନଙ୍କର ଯାଥାର୍ଥ୍ୟ ପ୍ରତିପାଦନ କରି ଅଛନ୍ତି । ଏହି ନ୍ୟାୟରେ ପାଣିନିଙ୍କ ବ୍ୟାକରଣ ସର୍ବ ଭାଷୋପକାରକ ବୋଲି ମୋର ମତ ।

ଙ. ଅସନ୍ଦେହ (unambiguity) ଅର୍ଥାତ୍ ଭାଷାରେ ସନ୍ଦେହ ଦୂରୀକରଣ ପାଇଁ ବ୍ୟବହୃତ ଶବ୍ଦମାନଙ୍କର ରୂପ ପରିବର୍ତ୍ତନ ଫଳରେ ସେମାନଙ୍କର ମୂଳ ବା ପ୍ରକୃତି ସହଜରେ ଜଣା ପଡ଼େ ନାହିଁ । କେବଳ ବ୍ୟାକରଣ ପଦ୍ଧତିରେ ପ୍ରକୃତି (Root) ଓ ପ୍ରତ୍ୟୟ (Suffix) ବିଭାଗଦ୍ୱାରା ଶବ୍ଦର ମୂଳରୂପ ସହ ମୌଳିକ ଅର୍ଥ ମଧ୍ୟ ଜଣା ପଡ଼େ । ଏଣୁ ଭାଷାରେ କେବଳ ପ୍ରକୃତି ବା କେବଳ ପ୍ରତ୍ୟୟ ବ୍ୟବହାର କରାଯାଏ ନାହିଁ । ପତଞ୍ଜଳିଙ୍କ ଭାଷାରେ – ନ କେବଳଃ ପ୍ରକୃତିଃ ପ୍ରୟୋକ୍ତବ୍ୟା, ନ କେବଳଃ ପ୍ରତ୍ୟୟଃ (ମହାଭାଷ୍ୟ, ଆହ୍ନିକ ୧) । ଏଣୁ ଭାଷାମାନଙ୍କରେ ଶବ୍ଦାର୍ଥ ଜ୍ଞାନରେ ସନ୍ଦେହ ଉପୁଜିଲେ ବ୍ୟାକରଣ ନିୟମ ଅନୁସାରେ ପ୍ରକୃତି ପ୍ରତ୍ୟୟ ବିଭାଗ ଦ୍ୱାରା ସନ୍ଦେହ ଦୂରୀଭୂତ ହୋଇଥାଏ ।

ଏହି ଅବସରରେ ପାଣିନୀୟ ବ୍ୟାକରଣର ନିୟମାବଳୀକୁ ନେଇ ଓଡ଼ିଆରେ ବ୍ୟବହୃତ ଏବଂ ବହୁଚର୍ଚ୍ଚିତ ଶୁଦ୍ଧ ତଥା ଶୁଦ୍ଧତା ଏବଂ ଅସ୍ତିତ୍ୱ ତଥା ଅସ୍ମିତା ଶବ୍ଦଗୁଡ଼ିକୁ ବିଚାରକୁ ନେବା ।

କେତେକ ବିଦ୍ୱାନ୍ ମତ ଦିଅନ୍ତି ଶୁଦ୍ଧତା ତଥା ଅସ୍ମିତା ଓଡ଼ିଆ ଶବ୍ଦ । ପାଣିନିଙ୍କ ଅନୁସାରେ ଏହି ଶବ୍ଦ ଦୁଇଟିର ବ୍ୟୁତ୍ପତ୍ତି ଜାଣିଲେ ସମସ୍ତଙ୍କ ସନ୍ଦେହ ଦୂର ହୋଇପାରିବ ବୋଲି ଆଶା ।

୧. 'ଶୁଦ୍ଧ' ଶବ୍ଦର ବହୁଳ ପ୍ରୟୋଗ ଓଡ଼ିଆ ଭାଷାରେ ପରିଦୃଷ୍ଟ । ଶୁଦ୍ଧ ଜଳ, ଶୁଦ୍ଧ ବାୟୁ, ବିଶୁଦ୍ଧ ଜଳ, ବିଶୁଦ୍ଧ ବାୟୁ । ସେହିପରି ଅଶୁଦ୍ଧ ଶବ୍ଦର ବ୍ୟବହାର ନିଷେଧାର୍ଥକ ଶବ୍ଦ ରୂପରେ ପରିଗଣିତ । ଆଜିକାଲି ଶୁଦ୍ଧ ବ୍ୟାକରଣ, ବିଶୁଦ୍ଧ ବ୍ୟାକରଣ ଇତ୍ୟାଦି ଶବ୍ଦମାନଙ୍କର ପ୍ରୟୋଗ ମଧ୍ୟ ଦେଖିବାକୁ ମିଳେ । ଶୁଦ୍ଧ ଶବ୍ଦରୁ ନିଷ୍ପନ୍ନ ଶୁଦ୍ଧି, ବିଶୁଦ୍ଧି– ପଠନ ଶୁଦ୍ଧି, ବନାନ ଶୁଦ୍ଧି, ବିଶୁଦ୍ଧି କ୍ରିୟା ଇତ୍ୟାଦି । ଶୁଦ୍ଧ ଶବ୍ଦ ଭାରତୀୟ ସଂସ୍କୃତିର ଏକ ବାର୍ତ୍ତା ଯାହା ସମସ୍ତ ଭାରତୀୟ ଭାଷାରେ ବ୍ୟବହୃତ । ଶୁଦ୍ଧ ଉଚ୍ଚାରଣ (correct pronunciation), ଶୁଦ୍ଧ ବ୍ୟାକରଣ (correct grammar), ଶୁଦ୍ଧ ଆଚରଣ (correct behaviour)ର ଉପାଦେୟତା ବା ଆବଶ୍ୟକତା ସଦା ସର୍ବଦା ସମସ୍ତଙ୍କ ନିମିତ୍ତ ଏକ ଅତ୍ୟାବଶ୍ୟକ ଜୀବନଚର୍ଯ୍ୟା ।

ପାଣିନିଙ୍କ ମତାନୁସାରେ ଶୁଦ୍ଧ ଶବ୍ଦର ଉତ୍ପତ୍ତି ବା ଗଠନ ପ୍ରକାର (word formation /word processing)- ନିମ୍ନରେ ପ୍ରଦତ୍ତ-

ସଂ – ଶୁଧ୍ ଧାତୁ 'to purify' ଶୋଧନ ଅର୍ଥରେ

(a) ଶୁଧ୍ + କ୍ତ = (ଭୂତେ- ଅ.୩.୨.୮୪, ନିଷ୍ଠା -ଅ.୩.୨.୧୦୨; କ୍ତ-କ୍ତବତୂ ନିଷ୍ଠା- ଅ.୧.୧.୨୬)

(b) ଶୁଧ୍ + ତ (କ୍ ⌀ ଲୋପ, ଲଶକ୍ୱତଦ୍ଧିତେ- ଅ. ୧.୩.୮.)

(c) ଶୁଧ୍ + ଧ (ତ > ଧ, ଝଷସ୍ତଥୋର୍ଧୋଽଧଃ- ଅ.୮.୨.୪୦,)

(d) ଶୁଦ୍ + ଧ (କ୍ଙିତି ଚ- ଅ. ୧.୧.୫, ଧ > ଦ, ଝଲାଂ ଜଶ୍ ଝଶି- ଅ. ୮.୪.୫୩) = ଶୁଦ୍ଧ ।

ଶୁଦ୍ଧ ଶବ୍ଦରେ 'କ୍ତି' ପ୍ରତ୍ୟୟ (ସ୍ତ୍ରିୟାଂ କ୍ତିନ୍- ଅ.୩.୩.୯୪) ଯୋଗହେଲେ ଶୁଦ୍ଧି ଶବ୍ଦ ବ୍ୟୁତ୍ପନ୍ନ ହେବ । ପୁନଃ ଶୁଦ୍ଧ ଶବ୍ଦର ଗୁଣବାଚକ ରୂପ ଶୁଦ୍ଧତା (ଶୁଦ୍ଧ+ତା) ବା ଶୁଦ୍ଧତ୍ୱ (ଶୁଦ୍ଧ+ତ୍ୱ) (ପାଣିନି – ତସ୍ୟ ଭାବଃ ତ୍ୱତଲୌ - ଅ.୫.୧.୧୧୯) ଅର୍ଥାତ୍ ବସ୍ତୁ ବିଶେଷର ସ୍ୱଭାବ ବା ନିଜସ୍ୱ ଜାଣିବାକୁ ହେଲେ - ତ୍ୱ ଏବଂ -ତଲ୍ (ତା) ପ୍ରତ୍ୟୟ ବ୍ୟବହୃତ ହୋଇଥାଏ । ଶୁଧ୍ ଧାତୁରୁ ଶୁଦ୍ଧ, ଶୁଦ୍ଧତା ଆଦି ସହ ଶୋଧନ, ସଂଶୋଧନ, ବିଶୋଧନ

ଆଦି ବିଶେଷ୍ୟ ପଦଗୁଡ଼ିକ ସମସ୍ତଙ୍କଦ୍ୱାରା ବ୍ୟବହୃତ । ଏଥିରୁ ଜଣାପଡ଼େ ଯେ ଏ ସମସ୍ତ ଶବ୍ଦ ସଂସ୍କୃତର ଏହି ଶୁଧ୍ ଧାତୁରୁ ନିଷ୍ପନ୍ନ ହୋଇଥିବାରୁ ଏହାକୁ ତତ୍ସମ ଶବ୍ଦ ଭାବରେ ଗ୍ରହଣ କରା ଯାଇଛି ।

ଏହିଭଳି କେତେକ ତତ୍ସମ ଶବ୍ଦ ଥିବା ବେଳେ ଓଡ଼ିଆ ଭାଷାରେ ସେମାନଙ୍କ ତଦ୍ଭବ ଶବ୍ଦର ବ୍ୟବହାର ମଧ୍ୟ ପରିଲକ୍ଷିତ ଯଥା – କ. ଶୋଧିବା – ଗାଳିଦେବା ଅର୍ଥରେ ଏବଂ ଖ. - ଶୁଝିବା ଅର୍ଥ ଋଣ ପରିଶୋଧ କରିବା ।

କ. ଓଡ଼ିଆରେ ଶୋଧିବା କ୍ରିୟା ପଦ 'ଗାଳି ଦେବା' ବା 'to scold' ବା 'to chide' ଅର୍ଥରେ ବ୍ୟବହୃତ । ଶୋଧିବା କ୍ରିୟା ପଦର ଉତ୍ପତ୍ତି – ଶୁଧ୍ ଧାତୁ + ଇଟ୍ (ଆଗମ) + ବା (ତବ୍ୟ ପ୍ରତ୍ୟୟ) । ଏଠାରେ ମନେ ରଖିବା ଉଚିତ୍ ଯେ ଓଡ଼ିଆରେ କ୍ରିୟା ପଦର ରୂପ 'ବା' ପ୍ରତ୍ୟୟ ଯୋଗରେ ହୋଇଥାଏ । ଯଥା – ଖାଇବା, ପିଇବା, ଶୋଧିବା ଇତ୍ୟାଦି । ମାତ୍ର ଏ ସବୁ କ୍ରିୟାବାଚକ ବିଶେଷ୍ୟ ପଦ । ଉଦାହରଣ ସ୍ୱରୂପ –

ଶୋଧିବା – କ୍ରିୟା ପଦ (verb) 'to scold' ବା 'to chide'

ଶୋଧିବା – କ୍ରିୟା ବିଶେଷ୍ୟ ପଦ (action noun) 'act of scolding' ବା 'chiding' ।

ଓଡ଼ିଆର ଏହି '-ବା' ପ୍ରତ୍ୟୟ ପାଣିନିଙ୍କ ତବ୍ୟ (ତବ୍ୟତ୍ତବ୍ୟାନୀୟରଃ– ଅ.୩ ।୧ ।୯୬) ପ୍ରତ୍ୟୟର ବିକାର ମାତ୍ର ।

ସଂ. ତବ୍ୟ > ପ୍ରା. – ଅବ୍ୱ > ଓ. ବା । ଏହି -ବା ଅଥବା - ବି ପ୍ରତ୍ୟୟ ପୂର୍ବରୁ ଇଟ୍ ଆଗମ (ଆର୍ଦ୍ଧଧାତୁକସ୍ୟ ଇଡ୍ ବଳାଦେଃ - ଅ. ୭.୨.୩୫) ହୋଇଥାଏ । ଶୋଧିବା ଶବ୍ଦର ପ୍ରକୃତ ଅର୍ଥ ଯଦିଓ ଗାଳିଦେବା ଏହାର ଉଦ୍ଦେଶ୍ୟ – ସଂଶୋଧନ କରିବା । 'ଶିକ୍ଷକ ଶୋଧିଲେ' ଅର୍ଥାତ୍ ପିଲାଟିର ମନକୁ ବୁଝାଇ ତାକୁ ସଂଶୋଧିତ କରି ଭଲ ବାଟକୁ ଫେରାଇ ଆଣିଲେ । ସେଥିପାଇଁ ଆମେ କହୁ ପିଲାଟିକୁ ଶୋଧିବାରୁ ସେ ଠିକ୍ ବାଟକୁ ଆସିଲା । ଏତତ୍ ବ୍ୟତୀତ ଶୋଧିବା ବା correction କରିବା ଅର୍ଥରେ ବ୍ରହ୍ମପୁର ଅଞ୍ଚଳରେ ଅଦ୍ୟାପି ବ୍ୟବହୃତ ।

ଶୋଧିବା ଶବ୍ଦ ମଧ୍ୟ ସେହି ଶୁଧ୍ ଧାତୁ ସହିତ ସମ୍ପୃକ୍ତ ।

ଖ. ଓଡ଼ିଆରେ ଶୁଧ୍ ଶବ୍ଦଟି ଅନ୍ୟ ଏକ ଅର୍ଥରେ ମଧ୍ୟ ବ୍ୟବହୃତ – ଶୁଝିବା । ଅର୍ଥାତ୍ ଋଣ ପରିଶୋଧ କରିବା । ଶୁଧ୍ ଧାତୁର 'ଧ' କାରର 'ଝ'କାର ରୂପ ଅପଭ୍ରଂଶରେ ଦେଖାଯାଏ । ଯଥା ବୁଧ୍ ଧାତୁରୁ ବୁଝିବା, ସିଧ୍ ଧାତୁରୁ ସିଝିବା, ବିଶେଷ୍ୟ ବାଚକ ଶବ୍ଦ – ଉପାଧ୍ୟାୟରୁ ଓଝା ଇତ୍ୟାଦି । ତେବେ ଶୁଝିବା ଶବ୍ଦଟି ସଂସ୍କୃତର ପରିଶୋଧ ଶବ୍ଦରୁ ନିଷ୍ପନ୍ନ । ଏଠାରେ 'ପରି' ଉପସର୍ଗର ଲୋପ ହୋଇଥିବାରୁ ତାହା ଭିନ୍ନ ଭଳି ମନେ ହେଉଛି । ମାତ୍ର ବ୍ୟାକରଣର 'ଲୋପ' ନିୟମ ସହିତ ଅବଗତ ଥିଲେ କୌଣସି ଶବ୍ଦର ମୂଳ ପ୍ରକୃତିଟିକୁ ସହଜରେ ଅନୁମାନ କରି ହେବ । ଏହି ଅବସରରେ ଦାର୍ଶନିକ ବୈୟାକରଣ (Philosopher Grammarian) ବାକ୍ୟପଦୀୟକାର ଭର୍ତ୍ତୃହରିଙ୍କ ମତ ଉଲ୍ଲେଖନୀୟ । ଭର୍ତ୍ତୃହରି ଶୁଦ୍ଧ ବା ସାଧୁ ଶବ୍ଦ ସ୍ଥାନରେ ଅପଭ୍ରଂଶ ଶବ୍ଦମାନଙ୍କର ବ୍ୟବହାରକୁ ନେଇ କହନ୍ତି-

ଏବଂ ସାଧୌ ପ୍ରୟୋକ୍ତବ୍ୟେ ଯୋଽପଭ୍ରଂଶଃ ପ୍ରଯୁଜ୍ୟତେ । ତେନ ସାଧୁବ୍ୟବହିତଃ କଶ୍ଚିଦର୍ଥୋଽଭିଧୀୟତେ । (ବାକ୍ୟପଦୀୟ ୧.୧ ୫୨)

ଅର୍ଥ – ଏହିପରି ସାଧୁ ଶବ୍ଦମାନଙ୍କ ସ୍ଥାନରେ ଯେଉଁ ଅପଭ୍ରଂଶ ଶବ୍ଦମାନ ବ୍ୟବହାର ହୋଇଥାଏ, ସେଥିରୁ ପ୍ରଥମେ ସାଧୁଶବ୍ଦର ଅନୁମାନ ପୂର୍ବକ ସାଧୁଶବ୍ଦର ଅର୍ଥ ପ୍ରତୀତି ହୁଏ, ମାତ୍ର ସାକ୍ଷାତ୍ ଅପଭ୍ରଂଶ ଶବ୍ଦରୁ ନୁହେଁ । ଏଠାରେ ମଧ୍ୟ ମନେ ରଖିବା ଉଚିତ୍ ଯେ ଅପଭ୍ରଂଶ ଶବ୍ଦମାନଙ୍କର ସ୍ୱାର୍ଥ (ସ୍ୱକୀୟ ଅର୍ଥ) କିଛି ନ ଥାଏ, ସେମାନଙ୍କର ଅର୍ଥ କେବଳ ନିଜ ଆତ୍ମଭୂତ ସାଧୁଶବ୍ଦମାନଙ୍କରୁ ହିଁ ବୁଝାପଡ଼େ । ଏଥିରୁ ପ୍ରମାଣିତ ହୁଏ ଯେ ଅନେକ ଓଡ଼ିଆ ତଦ୍ଭବ ଶବ୍ଦମାନଙ୍କର ଅର୍ଥ ବୁଝିବାକୁ ହେଲେ ମୂଳ ସଂସ୍କୃତ ଶବ୍ଦର ଅର୍ଥ ଜାଣିବା ଆବଶ୍ୟକ ।

ଓଡ଼ିଆ ଧାତୁ ନିର୍ଣ୍ଣୟ

ଏଠାରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରିବା ବିଧେୟ । ଓଡ଼ିଆରେ ଧାତୁର ପରିଚୟ କେଉଁ ରୂପକୁ ନେଇ ? ଓଡ଼ିଆରେ ଶୋଧିବା ହେଉଛି ଏକ ଧାତୁ ବା କ୍ରିୟାପଦ । ସେମିତି ସବୁ କ୍ରିୟା ପଦରେ -'ବା'ପ୍ରତ୍ୟୟ ଲଗାଇବା ଦ୍ୱାରା ଶବ୍ଦଟି ଯେ ଏକ ଧାତୁ, ତା'ର ସୂଚନା ମିଳେ । ଏହି '-ବା' ପ୍ରତ୍ୟୟର ପ୍ରୟୋଗ ଓଡ଼ିଆର ବିଶେଷତ୍ୱ । ତେବେ ପ୍ରଶ୍ନ ଉଠେ- ଧାତୁ କାହାକୁ କହିବା ? ସଂସ୍କୃତରେ ଯାହା ଶୁଧ୍ ଭାବରେ ବ୍ୟବହୃତ ଓଡ଼ିଆରେ ତାହା ଶୋଧି(ବା) ଭାବରେ ବିନା ପ୍ରତ୍ୟୟରେ ଗ୍ରହଣଯୋଗ୍ୟ କି ? ଆମେ 'ଶୁଧ୍' ରୂପକୁ ଧାତୁ ରୂପରେ ଗ୍ରହଣ କରିବା ନା ଶୋଧ ବା ଶୋଧନ ଆଦି ଶବ୍ଦରେ ବ୍ୟବହୃତ 'ଶୋ'ର ବ୍ୟବହାରକୁ ସ୍ୱୀକାର କରିବା ? ସଂସ୍କୃତରେ ମଧ୍ୟ ଶୁଧ ଧାତୁ ଶୋଧ୍ ରୂପ ଧାରଣ କରେ । ଏହାକୁ ପାଣିନିଙ୍କର 'ଇକୋ ଗୁଣବୃଦ୍ଧୀ' ୧ ।୧ ।୩ ସୂତ୍ରସମ୍ମତ । ଇ/ଈ - କାରର ଗୁଣରୂପ 'ଏ' (ଅଦେଙ୍ ଗୁଣଃ ୧ ।୧ ।୨; ନୀ > ନେବା), ଉ/ଊ -କାରର ଗୁଣରୂପ 'ଓ' – ବୁଧ୍ > ବୋଧ । ଧାତୁରେ ପ୍ରତ୍ୟୟ ଯୋଗ କଲେ ଗୁଣ ଆଦେଶ ହୋଇଥାଏ । ଏଥିରୁ ଜାଣିବା ଯେ ନୀ, ବୁଧ୍, ଶୁଧ୍ ଆଦି ମୂଳ ଧାତୁ । ଏମାନଙ୍କ ସହ ପ୍ରତ୍ୟୟ ଲାଗିଲେ ଧାତୁମାନଙ୍କର (ଇ-କାରାନ୍ତ, ଉ-କାରାନ୍ତ ଓ ଋ-କାରାନ୍ତ; ନୀ > ନେ > ନୟ, ବୁଧ୍ > ବୋଧ, ଶୁଧ୍ > ଶୋଧ, କୃ > କର) ଗୁଣ ଆଦେଶ ହୋଇଥାଏ । ଏହା ପାଣିନିଙ୍କ ସୂତ୍ର 'ଇକୋ ଗୁଣବୃଦ୍ଧୀ' ଅ.୧ ।୧ ।୩; 'ସାର୍ବଧାତୁକାର୍ଧଧାତୁକୟୋଃ' ଅ.୭ ।୩ ।୮୪; ପୁଗନ୍ତ ଲଘୂପଧସ୍ୟ ଚ ଅ.୭ ।୩ ।୮୬ ଆଦି ସୂତ୍ରମାନଙ୍କ ଦ୍ୱାରା ସମାଧିତ ।

୨. ଅସ୍ମିତା – ଅସ୍ + ମି + ତା

ଅଛି < ଅସ୍ତି = ଅସ୍ + ତି; ଅସ୍ମି = ଅସ୍ + ମି; ଅସ୍ତିତ୍ୱ = ଅସ୍ + ତି + ତ୍ୱ; ଅସ୍ମିତା = ଅସ୍ + ମି + ତା (ଗୁଣବାଚକ)

ଏଠାରେ ପ୍ରଥମତଃ ଦେଖାଯାଏ ଯେ ଓଡ଼ିଆରେ କ୍ରିୟାପଦ – 'ଅଛି', ସଂ ଅସ୍ତି ଓ ଅସ୍ମି ସହିତ ସମାନ । ଅଛି, ଅସ୍ତି, ଅସ୍ମି ସମାନାର୍ଥକ । ସେହିଭଳି ଅସ୍ତିତ୍ୱ ଓ ଅସ୍ମିତା ଭଳି ଗୁଣବାଚକ ଶବ୍ଦ ସଂସ୍କୃତ ଓ ଓଡ଼ିଆରେ ପରିଦୃଷ୍ଟ । ଏମାନଙ୍କ ଭିତରେ ଗୋଟିଏ ସାମ୍ୟତା ହେଉଛି – ଏମାନେ

ଏକାର୍ଥବାଚକ । ଏଠାରେ ଅସ୍ ଧାତୁର 'ସ' କାରଟି 'ଛ' କାର ରୂପ ନେଇଛି ଏବଂ 'ଇ' କାର ଯୋଗରେ 'ଅଛି' ଶବ୍ଦ ନିଷ୍ପନ୍ନ ହୋଇ ଏକବଚନ ଅର୍ଥ ପ୍ରକାଶ କରୁଛି । ସଂସ୍କୃତର 'ଅସ୍ତି' ଏବଂ 'ଅସ୍ମି' ଦୁଇଟି ଶବ୍ଦ ବ୍ୟବହୃତ ମାତ୍ର ଓଡ଼ିଆର 'ଅଛି' ଶବ୍ଦ ସେହି ଦୁଇ ଅର୍ଥରେ – ସଃ ଅସ୍ତି = ସେ ଅଛି, ଅହଂ ଅସ୍ମି = ମୁଁ ଅଛି । ଏଥିରେ ସଂସ୍କୃତର -'ତି' ଓ -'ମି' ମଧ୍ୟରୁ -ତ ଓ -ମ ଲୋପ ପାଇ 'ଇ'କାର ମାତ୍ର ରହି ଯାଇଛି ଏବଂ ଅସ୍ ଶବ୍ଦର 'ସ' କାର 'ଛ' କାର ରୂପ ନେଇଛି । ଏହା ବଙ୍ଗଳା ଭାଷାର ଆଛେ; ମୈଥିଳୀ ଭାଷାର ଅଛି ସହ ସମାନ । ଓଡ଼ିଆ ଓ ମୈଥିଳୀ ଭାଷାର 'ଅଛି' ଏବଂ ବଙ୍ଗଳା ଭାଷାର 'ଆଛେ' ମଧ୍ୟ ଯୁଗୀୟ (MIA) ଅଛତି ଶବ୍ଦରୁ ଆସିଛି ବୋଲି ସୁନୀତି କୁମାର ଚାଟାର୍ଜିଙ୍କ ମତ (ଦ୍ରଷ୍ଟବ୍ୟ – ODBL, ପୃ. ୮୭୩) । ଏହି ଅଛତି ଶବ୍ଦରୁ ଅଛଇ / ଅଛି ଚର୍ଯ୍ୟାପଦ (ଦ୍ରଷ୍ଟବ୍ୟ – ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ଗୋପାଳ ଚନ୍ଦ୍ର ପ୍ରହରାଜ, ପୃ. ୧୩୧)ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ବ୍ୟବହୃତ ହୋଇଆସୁଛି । ସ୍ଥଳ ବିଶେଷରେ 'ଯାଉଅଛି'ରୁ 'ଅ'ଲୋପ ପାଇ 'ଯାଉଛି' ଶବ୍ଦର ପ୍ରୟୋଗ ମଧ୍ୟ ହେଉଛି ।

ସେହିପରି ଅସ୍ତିତ୍ୱ (existance) ଏବଂ ଅସ୍ମିତା (self ego/ identity) ଶବ୍ଦ ପାଣିନି ନିୟମାନୁଯାୟୀ । ଅସ୍ତି ଓ ଅସ୍ମି ସଂସ୍କୃତରେ ଦୁଇଟି ଭିନ୍ନ କ୍ରିୟାପଦ ଥିବା ବେଳେ ଅସ୍ତିତ୍ୱ ବା ଅସ୍ମିତା କ୍ରିୟାର ଗୁଣବାଚକ ଶବ୍ଦ ରୂପେ ବ୍ୟବହୃତ । ଏହି ପ୍ରତ୍ୟୟ ଦ୍ୱୟ '-ତ୍ୱ' ଏବଂ -'ତା' ବସ୍ତୁର ସ୍ୱଭାବ ବା ମୂଳ ଅର୍ଥକୁ ବୁଝାଇ ଥାଏ । (ତସ୍ୟ ଭାବଃ ତ୍ୱତଲୌ- ଅ.୫ ।୧ ।୧୧୯) ।

ଉପରୋକ୍ତ ବ୍ୟାକରଣମୂଳକ (grammatical analysis)ରୁ ଜଣାପଡ଼େ ଯେ ଅସ୍ତିତ୍ୱ ଏବଂ ଅସ୍ମିତା ଦୁଇଟି ଯାକ ତତ୍ସମ ଶବ୍ଦ ଏବଂ ସଂସ୍କୃତମୂଳ । ସେହିପରି 'ଅଛି' ମଧ୍ୟ ଅସ୍ ଧାତୁର ବିକାର ରୂପ ହୋଇଥିବାରୁ ଏହାକୁ ତଦ୍ଭବ ବା ଅପଭ୍ରଂଶ ରୂପେ ଗ୍ରହଣ କରିବା ବିଧେୟ । ଏଥିରୁ ଆମେ ବିଚାର କରିବା – ସଂସ୍କୃତ ଏବଂ ଓଡ଼ିଆ ମଧ୍ୟରେ ସମ୍ପର୍କ କ'ଣ ହୋଇପାରେ ? କିଏ ଶୁଦ୍ଧ ବା କିଏ ଅଶୁଦ୍ଧ ଏବଂ ସଂସ୍କୃତ ବିନା ଓଡ଼ିଆ ଭାଷାର ସ୍ଥିତି ଓ ଶୁଦ୍ଧତା କଳ୍ପନା କରାଯାଇପାରିବ କି?

*ଏଥିରେ ବ୍ୟବହୃତ 'ବ' ଵ ଉଦ୍ଦେଶ୍ୟରେ ଓ 'ବ' ୱ ଉଦ୍ଦେଶ୍ୟରେ । ଏଥିପାଇଁ ଗୋପୀନାଥ ନନ୍ଦଙ୍କ ଭାଷାତତ୍ତ୍ୱର ସାହାଯ୍ୟ ନିଆଯାଇଛି । ଏଠାରେ ସମସ୍ତ ସୂତ୍ର ଅଷ୍ଟାଧ୍ୟାୟୀରୁ ସଂଗୃହୀତ । ■■■

ପ୍ରାକ୍ତନ ଅଧ୍ୟକ୍ଷ, ସଂସ୍କୃତ ବିଭାଗ, ମାଦ୍ରାଜ ବିଶ୍ୱବିଦ୍ୟାଳୟ, ଚେନ୍ନଇ
ଦୂରଭାଷ : ୯୪୪୪୪୬୯୫୦୫

୨୦୨୪-୨୦୨୫ ବର୍ଷରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ତରଫରୁ କୋରୁକୋଣ୍ଡା ବ୍ଲକର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୫ଲକ୍ଷରୁ ୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲୋନ ବିନା ସୁଧରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ମହିଳାମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ଏହି ଆର୍ଥିକ ବର୍ଷରେ ୟୁଜିବି ବ୍ୟାଙ୍କ ସର୍କଲ ହିସାବରେ ସମୁଦାୟ ୩୫୯ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରୁ ୧୯୯ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଲୋନ ପ୍ରଦାନ କରାଯାଇଛି ।

ଏହି ଅବସରରେ ବ୍ୟାଙ୍କ ପରିଚାଳକ - ବିପୁଲ୍ ମଜୁମଦାର, ବିପିଏମ୍, ଓଏଲ୍ଏମ୍- ଦୀପକ୍ ବାଇନ୍, ବିଏଲ୍ସି, ଓଏଲ୍ଏମ୍ - ଶିବ ଶଙ୍କର ଗଣ୍ଡ, ଏମ୍ବିକେ - ମଧୁସ୍ମିତା ବୈଦ୍ୟ, ବ୍ୟାଙ୍କମିତ୍ର- ଅମ୍ବିକା ନାଗଙ୍କ ଉପସ୍ଥିତିରେ ତାରିଖ ୧୮.୦୯.୨୦୨୪ରେ ଜଗନ୍ନାଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨ଲକ୍ଷ ଟଙ୍କା ଲୋନ୍ ପ୍ରଦାନ କରାଗଲା ।

ଶୁଭେଚ୍ଛା

ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଟ୍ରକ ମାଲିକ ଓ ରାଜ୍ୟବାସୀଙ୍କୁ ପାର୍ବଣର ଅଭିନନ୍ଦନ । ଦୁର୍ଗତି ନାଶିନୀ ମା' ଦୁର୍ଗା ସମସ୍ତଙ୍କୁ ସଦୟ ହୁଅନ୍ତୁ ଏହା ହିଁ ମା'ଙ୍କ ଚରଣ ତଳେ ପ୍ରାର୍ଥନା । ଏହା ସହ ପବିତ୍ର ଦୀପାବଳି ଅବସରରେ ମୁଁ ଜିଲ୍ଲା ଓ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।

ସଞ୍ଜୟ ନନ୍ଦ (ପିଲୁ ଭାଇ)

ଅଧ୍ୟକ୍ଷ, ଜୟଜଗନ୍ନାଥ ଟ୍ରକର୍ସ ଆସୋସିଏସନ୍

ଓ ସମସ୍ତ ସଦସ୍ୟବୃନ୍ଦ, ସୁନ୍ଦରଗଡ଼

ଶୁଭେଚ୍ଛା

ମା' ଆସୁଛନ୍ତି, ମାଟି ବାସୁଛି ।

ଏଭଳି ଏକ ପବିତ୍ର ମୁହୂର୍ତ୍ତରେ ମୁଁ ମୋ ମାଟିର ସମସ୍ତ ଭାଇଭଉଣୀ ଏବଂ ପିତୃମାତୃ ତୁଲ୍ୟ ସମସ୍ତ ଗୁରୁଜନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି ।

କୁସୁମ ଟେଟେ

ପୂର୍ବତନ ବିଧାୟିକା ତଥା ରାଜ୍ୟ

ଉପସଭାନେତ୍ରୀ, ଭାରତୀୟ ଜନତା ପାର୍ଟି

ଭାଷା ଏକ ନିରନ୍ତର ପ୍ରକ୍ରିୟା

ସଭ୍ୟତାର ଉନ୍ମେଷ ଓ ବିକାଶ କ୍ରମରେ ମଣିଷର ଏକକ ଭୂମିକା ସ୍ୱୀକାର୍ଯ୍ୟ ନୁହେଁ। ଏଥିରେ ଗୋଷ୍ଠୀ ବା ସମାଜର ବହୁମୂଲ୍ୟ ଅବଦାନ ସଂଯୋଜିତ। ମଣିଷ- 'ଗୋଷ୍ଠୀ ବା ସମାଜ'ର ପୁଞ୍ଜି। ସମାଜ ତିଆରିରେ ମଣିଷ ନିଜର ଆବଶ୍ୟକତାର ପୂର୍ତ୍ତି ଘଟାଇଛି। ଏକ ସଂଘବଦ୍ଧ ଜୀବନ ବିନା ଘଞ୍ଚ ବନାନୀ ବେଷ୍ଟିତ, ପାହାଡ଼ ପର୍ବତଘେରା ପ୍ରକୃତି କୋଳରେ ଆଦିମ ଜୀବନ ହୁଏତ ଉନ୍ମେଷିତ ହୋଇଥିବ; କିନ୍ତୁ ସଭ୍ୟ ରୂପେ ବିକଶିତ ହୋଇଥିବା କେବେ ବି ସମ୍ଭବ ହୋଇ ନ ଥିବ। ତେଣୁ ମଣିଷ ସଭ୍ୟତାର ବିକାଶରେ ତା'ର ଗୋଷ୍ଠୀଗତ ଜୀବନ ଯେ ପ୍ରଥମ ଆଧାର - ଏହା ଅସ୍ୱୀକୃତ ହେବାର ନୁହେଁ। ଆଦିମ ସଭ୍ୟତାରୁ ଏ ଯାବତ୍ ସମୟକୋଳରେ ଲାଳିତ-ପାଳିତ ମଣିଷର ସଭ୍ୟ ତଥା ବିକଶିତ ରୂପ ହେଉଛି ଏକ ନିରନ୍ତର ପ୍ରକ୍ରିୟା।

ମଣିଷ ଆଦିମ ହେଉ କି ଆଧୁନିକ ସବୁଠି ତା' ଜୀବନର ଏକ ବିଶେଷ ଉପପାଦ୍ୟ ହେଉଛି ସୌନ୍ଦର୍ଯ୍ୟବୋଧ ପ୍ରତି ଆକର୍ଷିତ ହେବା ଓ ପାରସ୍ପରିକ ସମ୍ବନ୍ଧ ସ୍ଥାପନ ପାଇଁ ବ୍ୟାକୁଳତା ପ୍ରକାଶ କରିବା। ହୁଏତ ଆଦିମ ସଭ୍ୟତାରେ ଉପରୋକ୍ତ କଥିତ ସୌନ୍ଦର୍ଯ୍ୟବୋଧ ଆଧୁନିକ ମଣିଷର ସୌନ୍ଦର୍ଯ୍ୟ - ପ୍ରବଣତାଠାରୁ ଭିନ୍ନ ଓ ଆରଣ୍ୟକ ହୋଇ ଥାଇପାରେ। ପ୍ରକୃତି କୋଳରେ ବଞ୍ଚିଥିବା ସେତେବେଳର ମଣିଷ ଉଲଗ୍ନ ଓ କଞ୍ଚା ମାଂସ ଭକ୍ଷଣକାରୀ ଥିଲେ ବି ଏକକ ଜୀବନର ଭୀଷଣତାକୁ ଉପଲବ୍ଧି କରି 'ଭାଷାହୀନ' ଅବସ୍ଥାରେ ଇସାରା / ଠାର ଓ ସ୍ୱରର ବିବର୍ତ୍ତିତ ସଂକେତରେ ପରସ୍ପରକୁ ଏକତ୍ରିତ କରିବାର ସ୍ପର୍ଦ୍ଧା ପୋଷଣ କରିଥିବ। ପରିଣତିରେ ଯାପନ କରିଥିବ ଏକ ଗୋଷ୍ଠୀଗତ ଜୀବନ। ସେଠି ନାରୀର ଆକର୍ଷଣ ତା'କୁ ଅଧିକ 'ଗୋଷ୍ଠୀଗତ' କରିଥିବ ଓ ବଂଶବୃଦ୍ଧିରେ ତାହା ସହାୟକ ହୋଇ ଅଧିକ 'ସାମାଜିକ' ହେବାକୁ ତା'କୁ ଦେଇଥିବ ଏକ ପ୍ରୟୋଜନୀୟ ଅନ୍ତଃନିର୍ଦ୍ଦେଶ। ଏଇ ଅନ୍ତଃନିର୍ଦ୍ଦେଶ ହେଉଛି ତତ୍କାଳର ମଣିଷ ମଣିଷ ମଧ୍ୟରେ ଭାବ ବିନିମୟ ଓ ଯୋଗାଯୋଗର ପ୍ରଥମ ସୋପାନ। ମଣିଷର ସୌନ୍ଦର୍ଯ୍ୟ ପ୍ରବଣତାରୁ ଉନ୍ମେଷିତ ନାରୀ-ସମ୍ମୋହନ ନିଶ୍ଚିତ ପୁରୁଷ ଓ ନାରୀକୁ ଆଲିଙ୍ଗନ କରିବା ପାଇଁ ହୃଦୟରେ ଯେଉଁ ବ୍ୟାକୁଳ-ଅନୁଭବ ଆଣିଥିବ ତା'କୁ ପରିସ୍ଫୁଟନ କରିବା ପାଇଁ ସେ ହୁଏତ ଠାରରେ ପ୍ରଥମେ ନିଜକୁ ପ୍ରତିବେଦିତ କରିଥିବ, ହୁଏତ ଅଭିନୟରେ ହୃଦୟର ବ୍ୟାକୁଳତାକୁ ରୂପମୟ କରି ପାରସ୍ପରିକ ଯୋଗାଯୋଗ ସ୍ଥାପନ କରିବା ପାଇଁ 'ଭାବଗତ' ପ୍ରକ୍ରିୟାର ସୂତ୍ରପାତ କରିଥିବ- ଏଥିରେ ଦ୍ୱିମତ ନାହିଁ।

ଏକ ପ୍ରଚ୍ଛନ୍ନ ରମ୍ୟବୋଧ ହିଁ ଆଦିମକୁ ଆଧୁନିକ କରିଛି। ପ୍ରକୃତିର ବିମୋହିତ - ମୁଗ୍ଧ ଆଚରଣ ତା'କୁ ହିଁ ପ୍ରେମ ଓ ପ୍ରେମର ପରିଭାଷା ଶିଖେଇଛି। ଯୌନ-ଦଗ୍ଧ ପ୍ରାଣର ସନ୍ତୁଳନ ଓ ସେଥିରେ ସନ୍ତୋଷ ଆଣିବା ପାଇଁ ସେ ଆରଣ୍ୟକ ପ୍ରକୃତିର ବିବର୍ତ୍ତିତ-ନାନ୍ଦନିକ ରୂପକୁ ଉପଜୀବ୍ୟ କରିଛି ଓ ସ୍ୱକୀୟ ରମଣ ପ୍ରମତ୍ତତାକୁ ଚରିତାର୍ଥ କରିବା ପାଇଁ ପ୍ରେମର ଆବାହନୀ ତୋଳିଛି। ଫଳରେ ସମାଜର ମୂଳସୂତ୍ର ନାରୀ ଓ ପୁରୁଷଙ୍କ ନିବିଡ଼ ଆଲିଙ୍ଗିତ ପ୍ରକ୍ରିୟାରୁ ସଂଜାତ ହୋଇଛି ଆଦିମରୁ ଆଧୁନିକକାମୀ ସମାଜର ବିକଶିତ ରୂପ। ଏଥିସହିତ ଜୀବନର ସଙ୍କଟ, ସଂଘର୍ଷ, ଘାତ-ପ୍ରତିଘାତ, ଉତ୍ଥାନ-ପତନ, ସୁଖ-ଦୁଃଖ, ଆଶା-ଆକାଂକ୍ଷା ସବୁକିଛି ପରିବର୍ତ୍ତିତ ବ୍ୟବସ୍ଥା କ୍ରମରେ ମଣିଷର ହୃଦୟରେ ରେଖାପାତ କରିଛି। ସମ୍ବେଦନ, ପ୍ରତିବେଦନ ଓ ପ୍ରତିବାଦ ପରିଭାବର ଦୁର୍ବହତାକୁ ଲାଘବ ପାଇଁ ସେ ଭାଷାର ଉନ୍ମେଷ ଘଟାଇବାକୁ ବ୍ୟାକୁଳତା ପ୍ରକାଶ କରିଛି। ତା'ର ଏଇ ଭାବଗତ ଉଚ୍ଛନତାକୁ ପ୍ରକାଶ କରିବା ପାଇଁ ସେ ଭାଷା କହିଛି, ତେଣୁ ଭାଷା ହେଉଛି ଭାବର ବାହକ, ଯୋଗାଯୋଗର ମାଧ୍ୟମ ଓ ସମାଜ ସାହିତ୍ୟ-ସଂସ୍କୃତିର ପ୍ରତିଭୂ।

ଆଦିମ ପ୍ରକୃତି କୋଳରେ ଯାଯାବର ଜୀବନ ଅତିବାହିତ କରୁଥିବା ମଣିଷ ଯେତେବେଳେ ହୃଦୟ-ମିଳନରୁ ଉଲ୍ଲାସ ଲଭିଥିବ ସେତେବେଳେ ତା'ର ଆରଣ୍ୟକ ଏକକ ଜୀବନ ରୂପାନ୍ତରିତ ହୋଇଥିବ ଏକ ଗୋଷ୍ଠୀବଦ୍ଧ ଜୀବନକୁ। ଏଇପରି ବହୁ ଗୋଷ୍ଠୀଙ୍କ ଆରଣ୍ୟକ ଜୀବନ ଗୋଷ୍ଠୀ ସ୍ୱାର୍ଥ

ଡକ୍ଟର ନୃସିଂହ ଷଡ଼ଙ୍ଗୀ

ଏକାଧାରରେ କବି, ସମାଲୋଚକ ଓ ଗବେଷକ। 'ଲୁହ ହୋଇ ବହିଯାଏ ନଈ', 'ଅବଶିଷ୍ଟ ଶୋକ', 'ମଧୁବନ', 'ମୁହୂର୍ତ୍ତ ମନ୍ୱନ୍ତର', 'ଶତ୍ରୁ ହାତରେ ସମୟ' ଆଦି କବିତା ସଂକଳନ ପାଠକୀୟ ଶ୍ରଦ୍ଧା ଲାଭ କରିଛି। 'ବିଶ୍ୱ ସାହିତ୍ୟରେ ଫକୀରମୋହନ' (ପିଏଚ୍‌ଡି ସନ୍ଦର୍ଭ), 'ଭାବ ବିନିମୟ ଓ 'ଯୋଗାଯୋଗମୂଳକ ମାତୃଭାଷା' ଶୀର୍ଷକ ସମାଲୋଚନା ଗ୍ରନ୍ଥର ସ୍ରଷ୍ଟା।

ସାଧନ ପାଇଁ ସଂଘର୍ଷରେ ଅନେକତଃ ଉପନୀତ ହୋଇଥିବ ଓ ଏଇ ସଂଘର୍ଷର ସମାହିତ ରୂପରୁ ହିଁ ଗଢ଼ି ଉଠିଥିବ ଜନପଦ। ଫଳରେ ସମାୟାନ୍ତରରେ ଏଇ ଜନପଦକୁ ଆଧାର କରି ପ୍ରକାଶ ପାଇଥିବ ତା'ର ସାମାଜିକ-ସାଂସ୍କୃତିକ ଆଭିମୁଖ୍ୟ। ଯେତେବେଳେ ମଣିଷର ଏଇ ବିବର୍ତ୍ତିତ ସାମାଜିକ ରୂପ ଅଧିକ ମାର୍ଜିତ ଓ ସଂଯତ ହୋଇଥିବ ସେତେବେଳେ ଉନ୍ମେଷିତ ହୋଇଥିବ ସାହିତ୍ୟ ଓ ସେଥିରେ ପ୍ରକାଶ ଲଭିଥିବ ତତ୍କାଳୀନ ମଣିଷ ଜୀବନର କଥା, ସମାଜ ଓ ସଂସ୍କୃତିର ଗାଥା।

ଏହି ସୂତ୍ରରେ ଆଦିମରୁ ଆଧୁନିକ ଜୀବନ ଧାରାକୁ ପଲ୍ଲବିତରୁ ପୁଲକିତ କରିଥିବା ସମୟ ସ୍ରୋତ ମଣିଷର ପାରସ୍ପରିକ ଭାବବନ୍ଧନରେ, ଆବଶ୍ୟକ ଯୋଗସୂତ୍ରରେ ଯେ ଭାଷାକୁ ମାଧ୍ୟମ କରି ଆବଦ୍ଧ ହେବା ଥିଲା ଏକ ନିଶ୍ଚିତ-ସିଦ୍ଧାନ୍ତ ଏହା ଅସ୍ୱୀକୃତ ହେବାର ନୁହେଁ। ତେଣୁ ଭାଷା ହେଉଛି ଭାବର ବାହକ, ସଂଗୁପ୍ତ ଚିନ୍ତନର କଥିତ ଓ ଲିଖିତ ପ୍ରକ୍ରିୟାଟିଏ। ଏହି ପ୍ରକ୍ରିୟା ମଣିଷର ହେତୁ ଉଦୟଠାରୁ ହେତୁବାଦୀ ହେବା ଯାଏ ନିରନ୍ତର କ୍ରିୟାରତ କାଳଖଣ୍ଡ ଏହାକୁ ବିକଶିତ ତଥା ସଂସ୍କାରିତ କରିଛି। ମଣିଷ ଆପଣାର ପାରସ୍ପରିକ ଭାବ ବିନିମୟ ଓ ଯୋଗାଯୋଗର ମାଧ୍ୟମ ଭାବେ ଭାଷାଠାରୁ ଆଉ ଅଧିକ କ୍ରିୟାଶୀଳ କୌଣସି ପ୍ରକ୍ରିୟାକୁ ଆପଣାର କରିପାରି ନାହିଁ। ତେଣୁ ଭାଷା ହିଁ ହେଉଛି ମଣିଷର ପାରସ୍ପରିକ ଯୋଗାଯୋଗ ଓ ଭାବ ବିନିମୟର ଏକ ସର୍ବଶ୍ରେଷ୍ଠ ଓ ସର୍ବଶେଷ ଆଧାର। ଏହାର ବିବର୍ତ୍ତିତ ଓ ବିକଶିତ ରୂପ ଯାହା କାଳଖଣ୍ଡର ବିବର୍ତ୍ତନରେ ଏ ଯାବତ୍ ପରିପ୍ରକାଶ ଲଭି ଆସିଛି। 'ଭାଷା'ର ମୃତ୍ୟୁରେ ମଣିଷ-ମୂକ ଓ ପୁନଃ ଆଦିମ ଏହାକୁ ଇତିହାସ ହିଁ ପ୍ରମାଣ କରିଛି। ସେଥିପାଇଁ ପ୍ରତି ମଣିଷର 'ଭାଷା' ହେଉଛି କେବଳ ଯୋଗାଯୋଗ ବା ଭାବ ବିନିମୟର ଆଧାର ନୁହେଁ; ଏହା ଏକ ଲଳିତ ଓ ଉତ୍କଳିତ ଜୀବନ ଜିଇବାର ଅବିକଳ୍ପ ଉପାଦାନ। ଭାବକୁ ପୁଷ୍ଟି ଦେଇଥିବା 'ଭାଷା'ର ସ୍ୱରୂପ ଆକଳନ ଏଇ ପ୍ରସଙ୍ଗରେ ବେଶ୍ ଯଥାର୍ଥ ଓ ପ୍ରଣିଧାନ ଯୋଗ୍ୟ।

ଭାଷାର ଭାବ ଓ ପୂର୍ବକଥା

ପ୍ରାଣହୀନ ପିଣ୍ଡ ଯାହା, ଭାଷାହୀନ ମଣିଷ ତାହା। ଭାଷା କହିପାରୁ ନ ଥିବା ମଣିଷ ମୂକ, ଭାଷାକୁ ଉପଯୁକ୍ତ ମାନ୍ୟ ଦେଇ ପାରୁ ନଥିବା ସମାଜ କ୍ଲୀବ। ଗୋଟିଏ ଜାତିକୁ ପରିଚୟ ଦିଏ ତା'ର ମାତୃଭାଷା; ଏହା କଥିତ ହୋଇପାରେ, ହୋଇପାରେ ଲିଖିତ ରୂପରେ। ଯେତେବେଳେ ମଣିଷ ଭାଷା (ଲିଖିତ ବା କଥିତ)ର ବ୍ୟବହାର ଜାଣି ନଥିଲା, କି ଭାଷା ନିର୍ମାଣରେ ସକ୍ଷମ ନ ଥିଲା ସେତେବେଳେ ତା'ର ହାବ-ଭାବକୁ ସେ ପ୍ରକାଶ କରୁଥିଲା ଧ୍ୱନି ମାଧ୍ୟମରେ। ଧ୍ୱନି ମାଧ୍ୟମରେ ଭାବ ପ୍ରକାଶ କରିବା ପାଇଁ ସେ ମାତ୍ର ୪ଟି ସ୍ୱରର ବ୍ୟବହାର କରୁଥିଲା। ଯଥା- ସା, ରେ, ଗା, ମା। ଅର୍ଥାତ୍- 'ସା' ହେଉଛି- 'ଷଡଜ୍', ନାସାଦି ଛଅଟି ସ୍ଥାନରୁ ନିର୍ଗତ ହେଉଥିବା 'ସ୍ୱର' ଗ୍ରାମର ପ୍ରଥମ ସ୍ୱର। 'ରି' ବା 'ରେ ହେଉଛି- 'ଋଷଭ୍', 'ସ୍ୱରଗ୍ରାମ'ର ୨ୟ ସ୍ୱର। 'ଗା' ହେଉଛି- 'ଗାନ୍ଧାର'। ଏହା 'ସ୍ୱରଗ୍ରାମ'ର ୩ୟ ସ୍ୱର। 'ମା' ହେଉଛି- 'ମଧ୍ୟମା', ଏହା 'ସ୍ୱରଗ୍ରାମ'ର ୪ର୍ଥ ସ୍ୱର। ଏ ସମସ୍ତ ସ୍ୱର ଆଦିମ ପ୍ରକୃତି କୋଳରେ ବିଚରଣ କରୁଥିବା ପଶୁପକ୍ଷୀଙ୍କଠାରୁ ମଣିଷ ଆପଣାର ଅନୁକରଣ ପ୍ରକ୍ରିୟା ଦେଇ ଗ୍ରହଣ କରିଛି। 'ସା'କୁ ସେ ଗ୍ରହଣ କରିଛି ମୟୂରର 'କେକା'ରୁ। 'ରେ'କୁ ସେ ଅନୁକରଣ କରିଛି 'ଷଣ୍ଢ'ର ରଡ଼ି ବା ହେଣ୍ଟାଳରୁ, 'ଗା'କୁ ସେ ଗ୍ରହଣ କରିଛି 'ବେଙ୍ଗର ରଡ଼ି'ରୁ ଓ 'ମା'କୁ ସେ ଅନୁକରଣ କରିଛି- ଛେଳିର 'ମେଁମେଁ' ବା ବୋବାଳିରୁ। ତେବେ - "ଶାସ୍ତ୍ରୀୟ ସଙ୍ଗୀତର ସ୍ୱରବିତ୍‌ମାନେ କୁହନ୍ତି- ଉପରୋକ୍ତ ପ୍ରାଣୀମାନଙ୍କର ସ୍ୱର ସହିତ 'ସ୍ୱର ଗ୍ରାମ'ର କୌଣସି ସମ୍ପର୍କ ନାହିଁ। ସମ୍ପର୍କଟା ନିଚ୍ଛକ କାଳ୍ପନିକ। ଅନ୍ୟ କେତେକ ତାର୍କିକଙ୍କ ମତରେ- ସ୍ୱର ନୁହେଁ ଯେ ଭାବ ସହିତ ସମ୍ପର୍କ ଅଛି। ଉଦାହରଣ ସ୍ୱରୂପ, ମେଘ ଦେଖିଲେ ମୟୂରର ଯେଉଁ 'ପୁଲକ ଭାବ' ଜାତ ହୁଏ ବୋଲି କଳ୍ପନା କରାଯାଇଛି ସ୍ୱରଗ୍ରାମର 'ସା' ଉଚ୍ଚାରିତ ହେଲେ ସେଇ ଭାବ ପ୍ରକାଶିତ ହୁଏ। ସେ ଯାହା ହେଉ- ଏଥିରେ ସନ୍ଦେହ ନାହିଁ ଯେ ମଣିଷର ଗଳାରୁ 'ଶବ୍ଦ'ର ସ୍ଫୁରଣ ହୋଇଥିଲା, ତା'ର ପାରିପାର୍ଶ୍ୱିକ ପ୍ରକୃତିର ନାନା ଶବ୍ଦ ଶୁଣି। ଏହି ଚାରିଟି (ସା, ରେ, ଗା, ମା) ସ୍ୱରକୁ ସେ ଉଦାତ୍ତ (ଉଚ୍ଚସ୍ୱର), ଅନୁଦାତ୍ତ (ନିମ୍ନସ୍ୱର) ଓ ସ୍ୱରିତ (ଉଦାତ୍ତ ଓ ଅନୁଦାତ୍ତର ମଧ୍ୟବର୍ତ୍ତୀ ସ୍ୱର) ସାହାଯ୍ୟରେ ନାନାପ୍ରକାର ବିନ୍ୟାସ ଓ ସଂଯୋଗ (Premutation and combination) କରି ସେ ଅନ୍ତରର କଥା କହୁଥିଲା ବା ଭାବ ପ୍ରକାଶ କରୁଥିଲା।

> *"ଚିତ୍ରାଙ୍କନରୁ ଚିତ୍ରାକ୍ଷର ଓ ପରେପରେ ଅକ୍ଷର ଏବଂ ଭାଷାର ଉନ୍ମେଷ ହୋଇଥିବା କଥା କୁହାଯିବା ଅପ୍ରାସଙ୍ଗିକ ନୁହେଁ। ଭାବକୁ ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ କରିବାକୁ ଭାଷାର ଉନ୍ମେଷ ହେଲା ଓ ଏହାକୁ ଶୃଙ୍ଖଳିତ କରିବାକୁ ବ୍ୟାକରଣ-ନିୟମମାନ ସୃଷ୍ଟି ହେଲା। ଏହାଦ୍ୱାରା ତିଆରି ହେଲା ନିର୍ଦ୍ଦିଷ୍ଟ ଅର୍ଥବୋଧକ ଶବ୍ଦ ସମ୍ଭାର ଓ ଜନପ୍ରିୟ ସାହିତ୍ୟ।"*

ତେଣୁ କହିବାକୁ ଗଲେ, ପ୍ରଥମେ ମଣିଷ ଭାବ ପ୍ରକାଶ କଲା ସଙ୍ଗୀତ ମାଧ୍ୟମରେ ଆଉ ସେ ସଙ୍ଗୀତ ଥିଲା ଧ୍ୱନିମୟ। ପୃଥିବୀ ବିଖ୍ୟାତ ବୈଜ୍ଞାନିକ ଓ ପ୍ରାଣୀତତ୍ତ୍ୱବିତ୍ ସ୍ୱର୍ଗତ ଅଧ୍ୟାପକ ଜେ.ବି.ଏସ୍ ହାଲ୍‌ଡେନ୍ ତାଙ୍କର ଗଭୀର ଗବେଷଣାମୂଳକ ସନ୍ଦର୍ଭ ଆଗାମୀ ଦଶହଜାର ବର୍ଷରେ ମଣିଷର ସାମ୍ଭାବିକ ବିବର୍ତ୍ତନ (Biological Possibilities of Human species in coming ten thousand years)ରେ ଦର୍ଶାଇଛନ୍ତି ଯେ- ମଣିଷର ଭାଷା ତାହାର ଅଗାଧ ଭାବରାଶିକୁ ପ୍ରକାଶ କରିବାକୁ ନିତାନ୍ତ ଅସମର୍ଥ ହେଉଥିବାରୁ ମଣିଷ ଯେଉଁ ତୀବ୍ର ଅଶାନ୍ତି ଓ

ଅସ୍ୱସ୍ତି ଅନୁଭବ କରୁଛି, ତାହା ଯୋଗୁଁ ଭବିଷ୍ୟତରେ ସେ ଭାବ ପ୍ରକାଶ କରିବ କେବଳ ଧ୍ୱନି ମାଧ୍ୟମରେ ଏବଂ ଅନେକ ନୂଆ ନୂଆ ସ୍ୱର ବି ତା' କଣ୍ଠରୁ ବାହାରିବ ।

ତା' ଯଦି ହୁଏ ତେବେ ବୋଲିବାକୁ ହେବ ଭାଷା ବିବର୍ଜିତ ବା ଭାଷା ଗୌଣ ଧ୍ୱନି ସଙ୍ଗୀତ ହିଁ ହେଉଛି ଭାବ ପ୍ରକାଶର ସବୁଠାରୁ ଉତ୍କୃଷ୍ଟ ମାଧ୍ୟମ ।" ଭାଷା ପ୍ରକାଶ ଲଭିବା ପୂର୍ବରୁ ମଣିଷ ଭାବର ପରିପ୍ରକାଶ ପାଇଁ ପ୍ରଥମେ ଧ୍ୱନି ଓ ପରେ ଧ୍ୱନି ସହିତ ନାନାବିଧ ଅଙ୍ଗଭଙ୍ଗୀ ପ୍ରଦର୍ଶନ ପୂର୍ବକ ଅଭିନୟ କରି ଭାବ ପ୍ରକାଶ କରୁଥିଲା । ଏହା ଥିଲା ତା'ର ସ୍ୱତଃସ୍ଫୂର୍ତ୍ତ ତଥା ସ୍ୱତଃ ପ୍ରବୃତ୍ତ । 'କ୍ରୋଧ' ଭାବର ପରିପ୍ରକାଶ ପାଇଁ ସେ ଚିତ୍କାର ସହିତ ତଦନୁସାରେ ମୁହଁ, ହାତ ଓ ଶରୀରର ଅନ୍ୟାନ୍ୟ ଅଙ୍ଗକୁ ବେଶ୍ ପ୍ରତିକ୍ରିୟାଶୀଳ କରି ପ୍ରଦର୍ଶନ କରୁଥିଲା । ଏଠି ଧ୍ୱନି ଓ ଅଙ୍ଗଭଙ୍ଗୀ 'ଭାବ' ପ୍ରକାଶର ଏକାଦିକ୍ରମ ମାଧ୍ୟମ ହେଉଥିଲେ । ଭବିଷ୍ୟତ ପାଇଁ ମଣିଷ ଯେତେବେଳେ କୌଣସି ଭାବ ବା ଘଟଣାକୁ ଲିପିବଦ୍ଧ କରିବାର ଆବଶ୍ୟକତା ଅନୁଭବ କଲା, ସେତେବେଳେ ସେ ଚିତ୍ରାଙ୍କନ ଦ୍ୱାରା ତାହା କରିବାରେ ସମର୍ଥ ହୋଇଥିଲା । ଅତି ପ୍ରାଚୀନ ଗୁମ୍ଫାରେ ଖୋଦିତ ଚିତ୍ରମାନଙ୍କରୁ ଅବଧାରିତ ହେବାକୁ ପଡ଼େ ଯେ ବର୍ଷବର୍ଷ ଧରି ଚାଲିଥିବା ଗୋଟିଏ ଗୋଟିଏ ଯୁଦ୍ଧର ଘଟଣା ତଥା କାହାଣୀ ଆରମ୍ଭରୁ ଶେଷ ଯାଏ ଗୋଟିଏ ଗୋଟିଏ ଚିତ୍ରରେ ହିଁ ଭାବମୟ ହୋଇ ପରିସ୍ଫୁଟିତ ହୋଇଛି । ଏହି କ୍ରମରେ ମଣିଷ ଭାବର ପ୍ରକାଶ ପାଇଁ 'ଭାଷା'ର ପ୍ରତ୍ୟକ୍ଷ ସହାୟତା ନେବାର ଯଥେଷ୍ଟ ପୂର୍ବରୁ ସେ - (କ) ଧ୍ୱନି (ଖ) ଅଙ୍ଗଭଙ୍ଗୀ ଓ (ଗ) ଚିତ୍ରାଦି ସାହାଯ୍ୟରେ ମନୋଭାବକୁ ଅନ୍ୟ ନିକଟରେ ବ୍ୟକ୍ତ କରୁଥିଲା । ଏହା ହିଁ ଥିଲା ମଣିଷର ଭାଷା ଉନ୍ମେଷ ପୂର୍ବରୁ ଭାବ ତଥା ଯୋଗର ପ୍ରମୁଖ ମାଧ୍ୟମ ।

ଏଠାରେ ଉଲ୍ଲେଖନୀୟ ଯେ ଧ୍ୱନି ଓ ଅଙ୍ଗଭଙ୍ଗୀ ବା ଚିତ୍ରାଙ୍କନ ସାହାଯ୍ୟରେ ମଣିଷ ମନର ଭାବ ପ୍ରକାଶ ଓ ଯୋଗାଯୋଗ ପାଇଁ ପ୍ରୟାସ କରିଥିଲେ ହେଁ ସେଥିରେ ଗୋଟାଏ ଅସ୍ପଷ୍ଟତା, ଅପୂର୍ଣ୍ଣତା ଓ ଅନିର୍ଦ୍ଦିଷ୍ଟତା ରହି ଯାଉଥିଲା । ପୁନଶ୍ଚ କୌଣସି ଉପଦେଶ, ଆଦେଶ, ନିର୍ଦ୍ଦେଶ ଆଦି ପରିଭାବକୁ ଭବିଷ୍ୟତ ପାଇଁ ସୁରକ୍ଷିତ ରଖାଯିବା ସମ୍ଭବପର ହେଉ ନଥିଲା । ଏହି କ୍ରମରେ ଯୋଗାଯୋଗ ଓ ଭାବଗତ ଅବିଚ୍ଛିନ୍ନତା ରକ୍ଷା ମଧ୍ୟ ଅସମ୍ଭବ ଥିଲା । କେବଳ 'ଚିତ୍ରାଙ୍କନ' କେତେକ ଭାବର ଅସ୍ପଷ୍ଟ ବାହକ ହୋଇ ପ୍ରସ୍ତର ଗାତ୍ରରେ ସୁରକ୍ଷିତ ଥିଲା । ଅତଏବ ଚିତ୍ରାଙ୍କନ ପରି କଳାତ୍ମକ ଚିନ୍ତନ ଭାବ ଓ ଯୋଗାଯୋଗର ଏକ ଖୋଦିତ ଓ ସୁରକ୍ଷିତ ପ୍ରକ୍ରିୟା ହୋଇ ପ୍ରାକ୍‌କାଳରୁ ରହିଯାଇଛି । ଚିତ୍ରାଙ୍କନରୁ ଚିତ୍ରାକ୍ଷର ଓ ପରେପରେ ଅକ୍ଷର ଏବଂ ଭାଷାର ଉନ୍ମେଷ ହୋଇଥିବା କଥା କୁହାଯିବା ଅପ୍ରାସଙ୍ଗିକ ନୁହେଁ । ଭାବକୁ ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ କରିବାକୁ ଭାଷାର ଉନ୍ମେଷ ହେଲା ଓ ଏହାକୁ ଶୃଙ୍ଖଳିତ କରିବାକୁ ବ୍ୟାକରଣ-ନିୟମମାନ ସୃଷ୍ଟି ହେଲା । ଏହାଦ୍ୱାରା ତିଆରି ହେଲା ନିର୍ଦ୍ଦିଷ୍ଟ ଅର୍ଥବୋଧକ ଶବ୍ଦ ସମ୍ଭାର ଓ ଜନପ୍ରିୟ ସାହିତ୍ୟ ।

ଭାବ ବା ଯୋଗାଯୋଗର ପ୍ରକଟ ନିମିତ୍ତ ପ୍ରାଥମିକ ମାଧ୍ୟମ ଭାବେ ବ୍ୟବହୃତ ଧ୍ୱନି ଯେପରି ଭାଷାକୁ ବିବର୍ତ୍ତିତ ହେଲା, ସେଥିରେ ଅସ୍ପଷ୍ଟତା, ଅନିର୍ଦ୍ଦିଷ୍ଟତା, ଅସୀମତାରୁ କ୍ରମେ ସ୍ପଷ୍ଟତା, ସୁନିର୍ଦ୍ଦିଷ୍ଟତା ଓ ସସୀମତା ଆଡ଼କୁ ମଣିଷ ଭାବ ପ୍ରକାଶର ଧାରା ଅବଶ୍ୟ ମୁହାଁଇଲା; ମାତ୍ର ତତ୍‌ସହିତ ଆବେଗର ତୀବ୍ରତା ଓ ଗଭୀରତା ଊଣା ପାଇବାକୁ ଲାଗିଲା । ମଣିଷ ଧ୍ୱନି ଦ୍ୱାରା ଯେତେ ଆବେଗ ପ୍ରକାଶ କରି ପାରୁଥିଲା ଭାଷା ମାଧ୍ୟମରେ ତା'ର ସେ ଆବେଗ ସୁନିର୍ଦ୍ଦିଷ୍ଟ ହେବା ଦ୍ୱାରା ଆବେଗ ଭାବର ସଂକୋଚନ ଘଟିଲା । ପୁନଶ୍ଚ ଧ୍ୱନିର ବ୍ୟାକରଣ-ନିୟମ ତିଆରି ହେବା ପରେ ସେ ଆବେଗରେ ମଧ୍ୟ କିଛିଟା ପ୍ରତିବନ୍ଧକ ଲକ୍ଷ୍ୟ କରାଗଲା । ଅସ୍ପଷ୍ଟ ଆବେଗ ମଣିଷର ମନ ଓ ହୃଦୟକୁ ଯେତେ ଗଭୀର ଭାବରେ ଆନ୍ଦୋଳିତ ବା ଉଦ୍‌ବେଳିତ କରିପାରେ ସ୍ପଷ୍ଟ ଆବେଗ ଦ୍ୱାରା ତାହା ସମ୍ଭବ ହୋଇପାରେ ନାହିଁ । 'ଭାବ' ପ୍ରକାଶ ପାଇଁ ଭାଷା ଯେଉଁ ସ୍ପଷ୍ଟତା ଓ ସୀମିତତା ଦେଲା ସେଥିରେ ଆବେଗ ଖଣ୍ଡିତ ହୋଇଛି; କାରଣ ପ୍ରକାଶିତ ଆବେଗ ନିୟମ ଦ୍ୱାରା ଅନୁବନ୍ଧିତ ହୋଇ ପଡୁଛି । 'ଅର୍ଥ ଦ୍ୱାରା ଶବ୍ଦ ବନ୍ଧା' । ସାମାନ୍ୟ ଭାବ ପ୍ରକାଶ ପାଇଁ ଏଥିରେ ଗୁଡ଼ିଏ ଶବ୍ଦର ସଂଯୋଜନା ସହିତ ତାକୁ ଚାହିଁ ବ୍ୟାକରଣ, ଶୈଳୀ ଆଦିର ନିରୁତା ଆୟତ୍ତର ଆବଶ୍ୟକତା ପଡ଼ିଥାଏ । ଫଳରେ 'ଭାବ' ଏଠି ଧ୍ୱନିର ମୁକ୍ତ-ମାନସିକତାକୁ ଅତିକ୍ରମ କରି ନିୟମାନୁବଦ୍ଧ ଭାଷାର ଅନୁସାରୀ ହୋଇ ନିଜକୁ ସୁନିର୍ଦ୍ଦିଷ୍ଟ ଭାବେ ପ୍ରକାଶ କରିବାକୁ ବାଧ୍ୟ ହୁଏ; ଯାହାକୁ ସାହିତ୍ୟର ଶୃଙ୍ଖଳିତ ଭାବ ବିନ୍ୟାସଗତ ରୂପ ଭାବେ ଅଭିହିତ କରାଯାଇପାରେ ।

ଭାଷା ନିରଂହକାର । ଅହଙ୍କାର ଊର୍ଦ୍ଧ୍ୱରେ ତା'ର ଭିତ୍ତି ଓ ଭୂତି । ସେ କଥନ ଓ ଲିଖନ କଳାର ଆତ୍ମା । ମଣିଷର ବ୍ୟକ୍ତିକ ତଥା ଗୋଷ୍ଠୀ ପରିଚୟ ଦେବାରେ ସେ ହେଉଛି ଏକ ସ୍ୱୀକୃତ-ପରିଚୟ ପତ୍ର । ଗୋଟିଏ ଜାତିର ଚିତ୍ର ଓ ଚରିତ୍ରକୁ ସେ ଆପଣାର ଅବୟବ ଦେଇ ପ୍ରଖ୍ୟାପିତ କରିବାର ସାମର୍ଥ୍ୟ ରଖେ । ବ୍ୟକ୍ତିର ଶ୍ଳୀଳ-ଅଶ୍ଳୀଳ ବ୍ୟକ୍ତିତ୍ୱର ସେ ହେଉଛି ଏକ କଠୋର ନିୟାମକ । ଭାଷାର ଶାଣିତ ରୂପ ଓ ସୁତୀବ୍ର ଆବେଗ ମୂର୍ଖକୁ ପଣ୍ଡିତ କରେ । ଭାଷା ଜ୍ଞାନର ଅଭାବରେ ମଣିଷ କେତେ ଅସହାୟ, କେତେ ନିଃସ୍ୱ ତାହା ଆଦିମ ମଣିଷର ଆଦିମ ଜୀବନ ଜିଇବା କାଳରୁ ହିଁ ଅନୁମେୟ । ଭାଷା ନ ଥିଲେ ଭାବଗତ ଆଦାନ ପ୍ରଦାନ ସ୍ପଷ୍ଟ ଓ ପରିଚ୍ଛନ୍ନ ହୋଇପାରନ୍ତା ନାହିଁ । ଏହା ସୂର୍ଯ୍ୟ ତୁଲ୍ୟ ସତ୍ୟ ଓ ସତ୍ୟ ତୁଲ୍ୟ ଉତ୍ତପ୍ତ ତଥା କଠୋର । ସାହିତ୍ୟ, ସଂସ୍କୃତି ଓ ସମାଜକୁ ଆଦିମରୁ ଆଧୁନିକ କରିଛି ଭାଷା । ତେଣୁ ଭାବ ପ୍ରକାଶ ଓ ଯୋଗାଯୋଗର ମାଧ୍ୟମ ଭାବେ ଭାଷା ମଣିଷ ଜୀବନର ଏକ ପରିପୂର୍ଣ୍ଣ ଆବେଗିକ କଳାରୂପ ଭିନ୍ନ ଅନ୍ୟ କିଛି ନୁହେଁ ।

ମଣିଷର ଭାଷା ଇତର ପ୍ରାଣୀଙ୍କ ଧ୍ୱନିଗତ ସଙ୍କେତ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଆଦିମ-ଆରଣ୍ୟକ ସଭ୍ୟତାରେ ମଣିଷ ପାଇଁ ଅବଶ୍ୟ ପଶୁପକ୍ଷୀଙ୍କ ଧ୍ୱନି ଅନୁକରଣରେ ପାରସ୍ପରିକ ଯୋଗାଯୋଗ ଓ ଭାବର ଆଦାନ ପ୍ରଦାନ ସମ୍ଭବ ହୋଇଥିଲା ବୋଲି ଭାଷାବିତ୍‌ମାନେ ମତ ଦେଇଥା'ନ୍ତି, ମାତ୍ର ଭାଷାର ଉନ୍ମେଷ ଓ ବିକାଶରେ ପାରସ୍ପରିକ ଯୋଗାଯୋଗ ପ୍ରକ୍ରିୟା ଯେ ସ୍ୱଚ୍ଛ, ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ ହୋଇ ପାରିଛି- ଏଥିରେ ଦ୍ୱିରୁକ୍ତି ନାହିଁ ।■■■

ମହାନଦୀ ବିହାର, କଟକ
ଦୂରଭାଷ : ୯୯୩୭୨୨୨୧୨୨

DRiEMS
UNIVERSITY
PADMINI
care
COURSES OFFERED
Medical
Engineering
Management
Professional Studies
Nursing
Pharmacy
Occupational & Physiotherapy
Paramedicals
Agriculture
Hotel Management
Fashion Design
All type Health Insurance
24 HRS
EMERGENCY SERVICES
Spine Surgery by International Endoscopic Spine Surgon
Road Traffic Accident ?
Free treatment for all cases for first 48 hours
FREE OPD & Few Pathological Test
CT Scan MRI Ultrasound X-Ray Endoscopy Cathlab
0671 2595 222/444/888
www.padminicare.com info@padminicare.com
TANGI, CUTTACK- 754022 07941050666 | 09078888903 | 08110945232

କ୍ଷମତା ଓ ସାହିତ୍ୟ

ବ୍ୟକ୍ତି ପକ୍ଷେ ସାହିତ୍ୟ ଭଳି କ୍ଷମତା ବି ଏକ କଳା । ବ୍ୟକ୍ତିର ଅନ୍ତର୍ଲୋକରେ କାଳିଶିର ନର୍ତ୍ତନ ଭଳି ଅବସ୍ଥା ସୃଷ୍ଟି ହେଲେ, କେତେବେଳେ ସାହିତ୍ୟର ତ ଆଉବେଳେ କ୍ଷମତା ପ୍ରକାଶ ପାଇଥାଏ । ଉଭୟେ ଐଶୀଦତ୍ତ । ବେଳେବେଳେ ବ୍ୟକ୍ତିର ଶ୍ରମ ଓ ସାଧନା ହେତୁ କ୍ଷମତା ଓ ସାହିତ୍ୟ ତା'ର ଆୟତ୍ତ ହେବା ଜଣା ଯାଇଥାଏ । କ୍ଷମତା ଯଦି ହୁଏ ବ୍ୟକ୍ତିର ଦକ୍ଷତା, ସାମର୍ଥ୍ୟ ଓ ପଟୁତା; ସାହିତ୍ୟ ହୁଏ ତା'ର ପ୍ରଜ୍ଞା, ପ୍ରତିଭା ଏବଂ ଶବ୍ଦ ବ୍ୟବହାର ନୈପୁଣ୍ୟର ଅଭିବ୍ୟକ୍ତି କୌଶଳ । ଉଭୟ ବ୍ୟକ୍ତି ଅନ୍ତଃଚେତନାରେ ବିକସିତ ଅରୂପ, ପ୍ରକାଶୋନ୍ମୁଖୀ ଭାବସମ୍ପଦ; ଯହିଁର ପରିସ୍ଫୁଟନ ଆଚରଣ, ଉଚ୍ଚାରଣ ଏବଂ ଲିଖନ ପଦ୍ଧତି ଦେଇ ସଚରାଚର ଜଗତ୍‌ବାସୀଙ୍କ ପକ୍ଷେ ଉପଲବ୍ଧ ହୁଏ । କୁହାଯାଏ; ସାହିତ୍ୟ ହେଉଛି ଶବ୍ଦ ଓ ଅର୍ଥର ସହଭାବ, ଜୀବନ ଏବଂ ଜଗତର ସ୍ରଷ୍ଟା ଭାଷ୍ୟ, ପ୍ରତ୍ୟେକ ମଣିଷଙ୍କ ଜୀବନଚର୍ଯ୍ୟାରେ ସହ-ସଖ୍ୟ ପ୍ରଦାୟକ । କ୍ଷମତା କିନ୍ତୁ; ବ୍ୟକ୍ତି ପରକ, ଆହରିତ ସାମର୍ଥ୍ୟ ଉପାଦାନ ଉପାସନାରେ ବ୍ୟକ୍ତି ମାନସର ନିୟୋଜନ । କ୍ଷମତା ସାହିତ୍ୟକୁ ବଳ ଦିଏ, ସାହିତ୍ୟ କ୍ଷମତାକୁ ଉତ୍ସାହିତ କରେ । କୌଣସି ବ୍ୟକ୍ତି ପାଖରେ କ୍ଷମତା ଓ ସାହିତ୍ୟ ଯଦି ସମାନୁପାତିକ ଭାବରେ ଏକାଠି ହୋଇଯାନ୍ତି, ତେବେ ଉଭୟର ରୂପରେଖରେ ବିଲକ୍ଷଣ ପରିଦୃଷ୍ଟ ହୁଏ । ମୂଳତଃ ସାହିତ୍ୟିକ କ୍ଷମତାଧାରୀ ବ୍ୟକ୍ତିଙ୍କୁ ସହିପାରନ୍ତି ନାହିଁ; କ୍ଷମତାଧାରୀ ସାହିତ୍ୟିକଙ୍କୁ ଭୟ କରନ୍ତି । ତେଣୁ, ସମାଜରେ ସାହିତ୍ୟ ଓ କ୍ଷମତା ମଧ୍ୟରେ ନିତ୍ୟ ସଂଘର୍ଷ ଚାକ୍ଷୁଷ ହୁଏ । ସାହିତ୍ୟର ଉପକରଣ ଓ ଉପାସନା ଭାଷାକୈନ୍ଦ୍ରିକ ହେବାବେଳେ କ୍ଷମତା, ସମ୍ପଦ ଓ ପଦପଦବୀ ମଣ୍ଡନମୂଳକ ହୋଇଥାଏ । ସାହିତ୍ୟ ଯେତେବେଳେ ହୁଏ କ୍ଷମତାର ସ୍ତୁତି ଓ କ୍ଷମତା ହୁଏ ସାହିତ୍ୟର ସ୍ତବ, ସେତେବେଳେ ସମାଜନିଷ୍ଠ ବ୍ୟକ୍ତି ଜୀବନ ଚାଞ୍ଚଲ୍ୟ ରହିତ ନଦୀର ପାଣି ଭଳି କେବଳ ଗଡ଼ିଚାଲେ । ଏଥିରେ ଜୀବନ ଘୂର୍ଣ୍ଣିର ସାମାଜିକ ପ୍ରଗତି ବିକଶିତ ନ ହେବା ସ୍ୱାଭାବିକ । ସାହିତ୍ୟ, କ୍ଷମତାର ପୃଷ୍ଠପୋଷକତା ଲୋଡ଼େ, ନିୟନ୍ତ୍ରଣ ନୁହେଁ । କ୍ଷମତା ବି ସାହିତ୍ୟର ସାହଚର୍ଯ୍ୟ ଚାହେଁ, ସ୍ୱେଚ୍ଛାଚାରୀ ସମାଲୋଚନା ନୁହେଁ । ଏହି ପରିପ୍ରେକ୍ଷୀରେ କ୍ଷମତାର ତାପ ଓ ଓଡ଼ିଆ ସାହିତ୍ୟର ପ୍ରବହମାନତାରେ ତହିଁର ଭୂମିକାରୁ କିଛି ଆଲୋଚନା କରିବା ଏ ଲେଖାର ଉଦ୍ଦେଶ୍ୟ ।

ପଞ୍ଚଦଶ ଶତାବ୍ଦୀର ରାଜତନ୍ତ୍ରୀ ଶାସନର କ୍ଷମତା ଦୃପ୍ତତା କାଳରେ ଓଡ଼ିଆ ଭାଷାରେ ସାହିତ୍ୟ ରଚନାର ପ୍ରାଥମିକ ପ୍ରୟାସ ସାରୋଳ ଦାସଙ୍କ ସାହିତ୍ୟ କୃତିଗୁଡ଼ିକରୁ ଉପଲବ୍ଧ ହୁଏ । ସେ ସମୟରେ ଶାସନ କ୍ଷମତାର ମୁଖ୍ୟ ରାଜା । ସେ ସମର୍ପିତ ଜଗନ୍ନାଥଙ୍କ ଚରଣାରବିନ୍ଦରେ । କ୍ଷମତାର ଏବଂବିଧ ବିଭକ୍ତ, ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ସାରୋଳ ଦାସଙ୍କ ସାହିତ୍ୟ ସଂସାର ଜନଙ୍କ ମଙ୍ଗଳ ଅଭିପ୍ରେତ ହେବାକୁ ଚେଷ୍ଟା କରେ । ଲୋକମୁଖର ଭାଷା, ସାହିତ୍ୟ ଗଢ଼ାରେ ବିନିଯୁକ୍ତ ହୁଏ । ସେ ସାହିତ୍ୟ, କବିଙ୍କ ନିଜସ୍ୱ କଳ୍ପନା ସମ୍ଭୂତ ନୁହେଁ, ପରିବେଶ ଓ ଜୀବନଭୂମିରୁ ଆହରିତ ଘଟଣାବଳୀର ଅଭିବ୍ୟକ୍ତି ମାତ୍ର । ତାହା ପୁଣି, ରାତିରେ କହିଥିବା ଶାକେମ୍ବରୀଙ୍କ କଥନିକାର ପୁନଃ କଥନ, ଲିଖନ ଜରିଆରେ ଯାହା । ପୁନଶ୍ଚ ରାଜତନ୍ତ୍ରୀ କ୍ଷମତାକୁ ଭୂଆଁ ବୁଲାଇବା ପାଇଁ ମହାଭାରତ ଶ୍ରୀଜଗନ୍ନାଥଙ୍କ ସର୍ଜନ ବୋଲି ଉଚ୍ଚାରିତ । କ୍ଷମତାକୁ ଧର୍ମ ବା ଇଷ୍ଟ ନାଁରେ ଚୁପ୍ କରାଇ ପ୍ରାକୃତ ଓଡ଼ିଆ ଭାଷାରେ ସାହିତ୍ୟ ରଚନାର ପରମ୍ପରା କ୍ରମଶଃ ବିକଶିତ ହୋଇଛି ସାରୋଳ ଦାସଙ୍କଠାରୁ । ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ଏହି ପନ୍ଥାରେ କ୍ଷମତା-କୌଶଳଠାରୁ ନିରାପଦ ଦୂରତ୍ୱରେ ଓଡ଼ିଆ ସାହିତ୍ୟ ସର୍ଜନା କରିଛନ୍ତି, କିନ୍ତୁ ମଧ୍ୟକାଳର ଓଡ଼ିଆ କାବ୍ୟ ପରମ୍ପରାରେ କ୍ଷମତା ଓ ସାହିତ୍ୟ ମଧ୍ୟରେ ସଂଘର୍ଷ ଘଟିଛି । ରାଜା ଯେ କ୍ଷମତା କେନ୍ଦ୍ର, ସେ ଚାହିଁଛନ୍ତି ତାଙ୍କ ନାମରେ କବି ଦୀନକୃଷ୍ଣ ଗୀତ ଭଣିତା କରନ୍ତୁ । ରାମ ଦାସଙ୍କ ଭାଷାରେ, ରାଜା ଦିବ୍ୟସିଂହ କବି ଦୀନକୃଷ୍ଣଙ୍କୁ ଶୁଣାନ୍ତି; "ମୋ ନାମେ ଭଣିଲେ ଅବଶ୍ୟ / ଅନେକ ଦେବି ଗ୍ରାମ ଦେଶ ।" ପ୍ରତ୍ୟୁତ୍ତରରେ ଦୀନକୃଷ୍ଣ ଶୁଣାନ୍ତି; 'ଜଗତ ସୃଷ୍ଟି ଆନ

ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ

ଓଡ଼ିଆ ଭାଷାରେ ପ୍ରାୟ ତିନିଶହରୁ ଊର୍ଦ୍ଧ୍ୱ ସଂଖ୍ୟକ ପ୍ରବନ୍ଧ, ରମ୍ୟରଚନା ଓ ସାହିତ୍ୟ ସମାଲୋଚନାର ଲେଖକ । 'ଓଡ଼ିଆ କାବ୍ୟ କବିତାରେ ଚନ୍ଦ୍ର ପ୍ରସଙ୍ଗ' ପ୍ରକାଶିତ ଗବେଷଣା ନିବନ୍ଧ । ପ୍ରକାଶିତ ପୁସ୍ତକ ସଂଖ୍ୟା- ୧୩ଖଣ୍ଡ । ଗୋଦାବରୀଶ ସାହିତ୍ୟ ସମ୍ମାନ, ଏକାମ୍ର ସମ୍ମାନ, ଗବେଷଣା ପରିଷଦ ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ।

ହେଲେ / ଗୀତ ମୁଁ ଆନରେ ନ ବୋଲେ ।' କ୍ଷମତା ବିରୋଧରେ ସାହିତ୍ୟର ସ୍ୱର ଉତ୍ତୋଳନ ସାହିତ୍ୟ ସ୍ରଷ୍ଟାଙ୍କ ପାଇଁ କାଳ ହୁଏ, ସେ ବନ୍ଦୀ ହୋଇ ଜେଲ୍ ଯା'ନ୍ତି । ଏଥକୁ ଐଶୀ ଶକ୍ତି, ଜଗନ୍ନାଥେ ହୁଅନ୍ତି ସାହିତ୍ୟିକଙ୍କ ତ୍ରାଣ କର୍ତ୍ତା । ସାହିତ୍ୟ ଦେଇ କ୍ଷମତା-ତୋଷାମୋଦୀ ଦୀନକୃଷ୍ଣଙ୍କ ଦେହରେ ଯାଏ ନାହିଁ । ଏଇଥିପାଇଁ 'ରସକଲ୍ଲୋଳ' କାବ୍ୟର ଷୋଡ଼ଶ ଛାନ୍ଦରେ ଶୁଣାନ୍ତି, "କବି ଯା କରେ ମୂର୍ଖଙ୍କୁ ସ୍ତୁତି, ଏଥିକୁ ବଳି ନାହିଁ ବିପତ୍ତି / ଏଥିକୁ ପ୍ରତି ଛାତିରେ କାତି ମାରିବା ଭଲ ଯେ ।" ଏଭଳି ଅବସ୍ଥାକୁ ଟାଳିବା ପାଇଁ, ଅଦ୍ଭୁତ ଶାସ୍ତ୍ରୀୟ ନୀତି ଚଳିଛି- ତାହା ହେଉଛି ଦତ୍ତକାବ୍ୟ ପରମ୍ପରା । ଜଣେ କବି ନିଜ ଜୀବନରେ ପୁଣ୍ୟ ପାଇଁ ଅପର ନାମରେ ନିଜ ଲିଖିତ କାବ୍ୟ ତାଙ୍କ ନାମ ଭଣିତାରେ ଦାନ ଦେବା । ଏହି ପଦ୍ଧତି ହେତୁ ଓଡ଼ିଶାର ଅନେକ ରାଜା ରାଜୁଡ଼ା କାବ୍ୟକାର । ଏଠି, ସାହିତ୍ୟ କ୍ଷମତା ସମର୍ପିତ । ସାହିତ୍ୟିକ ବି କ୍ଷମତାଧୀଶଙ୍କ ଚାଟୁକାର ।

ସାହିତ୍ୟରେ ଐଶୀଶକ୍ତିର ଶରଣାପନ୍ନତା ସ୍ରଷ୍ଟାଙ୍କ ମହାନୁଭବ ଆଧ୍ୟାତ୍ମିକ ଏଷଣାର ସ୍ତୁତି ବାଚନ; କିନ୍ତୁ କ୍ଷମତାର ଗୌରବଗାନ, କ୍ଷମତାଧୀଶଙ୍କ ପଦଲେହନ ଅଥବା ପ୍ରାପ୍ତି ଅଭିଳାଷରେ ସାହିତ୍ୟିକଙ୍କ କ୍ଷମତାଧାରୀ ବ୍ୟକ୍ତିଙ୍କୁ ଷୋଡ଼ଶ ଉପଚାରରେ ପୂଜନ କେବଳ ତାଙ୍କ ପକ୍ଷେ ମଣିଷପଣରୁ ଭ୍ରଷ୍ଟ ତୁଚ୍ଛା ତୋଷାମଦିଆ ବ୍ୟକ୍ତିତ୍ୱର ପରିଚାୟକ ନୁହେଁ, ଭଣ୍ଡତାର ସାହିତ୍ୟ-କରଣିକାର ସୂଚକ ମଧ୍ୟ । ସାହିତ୍ୟ ହେଉଛି ସ୍ରଷ୍ଟାଙ୍କ ଜଗତ ଏବଂ ଜୀବନାନୁଭବର ଭାଷିକ ଆଲେଖ୍ୟ । ସମାଜ ଚିତ୍ରର ପ୍ରତିଫଳନ ଦର୍ପଣ ନୁହେଁ ସାହିତ୍ୟ: ବରଂ ନିଜ ବାଗରେ ସମାଜ, ପରିବେଶ ଓ ଜନଜୀବନ ପ୍ରତି ସାହିତ୍ୟ-ସ୍ରଷ୍ଟାର ପ୍ରତିକ୍ରିୟାତ୍ମକ ନିଜସ୍ୱ କଳାକୃତି ।

ପୂର୍ବରୁ ଉଲ୍ଲେଖ କରାଯାଇଛି; କ୍ଷମତା ଓ ସାହିତ୍ୟ, ଉଭୟ କ୍ଷେତ୍ରରେ ବ୍ୟକ୍ତିର ପ୍ରାଧାନ୍ୟ ଅବିସମ୍ବାଦିତ । ବିତ୍ତ, ପ୍ରଭୁତ୍ୱ, ପଦାଧିକାର ଗଣତନ୍ତ୍ର-ବ୍ୟବସ୍ଥା ପ୍ରବର୍ତ୍ତିତ ଶାସନରେ ବି ବ୍ୟକ୍ତିକୁ କ୍ଷମତାପନ୍ନ ରୂପେ ଚିହ୍ନଟ କରାଏ । ସଂସ୍କୃତରେ କୁହାଯାଇଛି; 'ବିଦ୍ୟୟା, ବପୁଷା, ବାଚା, ବସ୍ତ୍ରେଣ, ବିଭବେନ ଚ/ବକାରୈ ପଞ୍ଚଭି ଯୁକ୍ତୋ ନର ପ୍ରାପ୍ନୋତି ଗୌରବ ।' ଅର୍ଥାତ୍ ବିଦ୍ୟା, ବପୁ, ବାଚା, ବସ୍ତ୍ର ଓ ବିଭବ - ଏହି 'ବ' ଆଦ୍ୟ ଯୁକ୍ତ ବିଷୟ ବ୍ୟକ୍ତିକୁ ଗୌରବାନ୍ୱିତ କରାଏ । ବିତ୍ତ ହେଉଛି ବ୍ୟକ୍ତି- କ୍ଷମତାର ମାପକାଠି । ସଂସାରରେ ଏମିତି କିଛି କାମ ନାହିଁ, ଯାହା, ଅର୍ଥ ଦ୍ୱାରା ସିଦ୍ଧ ନ ହୁଏ । (ନହି ତଦ୍ ବିଦ୍ୟତେ କିଞ୍ଚିଦ ଯଦର୍ଥେନ ନ ସିଦ୍ଧତି- ପଞ୍ଚତନ୍ତ୍ର) ଗଙ୍ଗାଧର ମେହେରଙ୍କ 'କୀଚକବଧ' କାବ୍ୟରେ ଦାସୀ ଚପଳା ଛିଗୁଲା ଭାଷାରେ ସୈରିନ୍ଧ୍ରୀଙ୍କୁ କ୍ଷମତାସ୍ୱର ବହପ ଅର୍ଥ ଘଟିତ ବୋଲି ଶୁଣାଇ ନାହିଁ କି? କବିଙ୍କ ଭାଷାରେ- "ଧନ ଦେଖି ଜନ ମନ ଭୁଲିଯାଏ ଜଗତେ ଅଛି ଏ ଖ୍ୟାତି / ଧନ ପାଇଁ ଲୋକେ ଜୀବନ ଦିଅନ୍ତି ଘୋର ଆହବରେ ମାତି । ଧନ କରେ ଦାନୀ ଧନ କରେ ମାନୀ ଜ୍ଞାନୀ କରିପାରେ ଧନ / ଧନେ ବଡ଼େ ଠାଣି ଧନେ ବଡ଼େ ଆଣି ଧନର ସେବକ ଜନ । / ଧନ ସଙ୍ଗେ ପ୍ରଭୁପଣ ରହିଥାଏ ଧନହୀନ ସିନା ଦାସ, / ଧନ ଥିଲେ କିମ୍ପା ହୁଅନ୍ତା ତୁମ୍ଭର ପର ଭବନରେ ବାସ ।" ସମ୍ପଦ ହିଁ ବ୍ୟକ୍ତିକୁ କ୍ଷମତାନ୍ଧ କରାଏ । ଭାଗବତରେ ବର୍ଣ୍ଣିତ କୁବେର ପୁତ୍ର ନଳ ଓ ମଣିଗ୍ରୀବ ଶହେ ଅପ୍‌ସରା କନ୍ୟାଙ୍କୁ ଧରି ଉଲଗ୍ନ ଅବସ୍ଥାରେ, ଖରାଦିନେ ଗଙ୍ଗାସ୍ନାନ କରିବା ଦେଖି, ନାରଦ ଭାବିଲେ - "ସମ୍ପଦ ମଦେ ଯେହୁ ଅନ୍ଧ / ସମ୍ପଦ ନାଶ ତା ଔଷଧ ।" (ଦଶମ ସ୍କନ୍ଧ-୧୦ଶ ଅଧ୍ୟାୟ) କ୍ଷମତା-ଦୀପର ଦୁର୍ବାର ଶାସକୀ ସଳିତା ଶିଖାକୁ ପ୍ରଜ୍ୱଳ କରାଏ ସମ୍ପଦ-ତୈଳ । ଜାତିର ଗୁମାନ, ପଦ-ପଦବୀ ଉପଭୋଗର ଟେକପଣ ବ୍ୟକ୍ତିପକ୍ଷେ କ୍ଷମତା ନିଶାଣ ହୋଇଥାଏ । ରାଧାନାଥ ରାୟଙ୍କ 'ଦରବାର' କାବ୍ୟରେ ଏଭଳି ବ୍ୟକ୍ତିଙ୍କୁ ବ୍ୟଙ୍ଗାତ୍ମକ ରୀତିରେ ଉପସ୍ଥାପନ କରାଯାଇଛି । ସାହିତ୍ୟିକଙ୍କ ମଧ୍ୟରେ ଏଭଳି ଭେଦ ବି ଦେଖା ଯାଇଥାଏ; ଯାହା ସାହିତ୍ୟ ପକ୍ଷେ ନିକୃଷ୍ଟ ଭାବରେ ଗଣ୍ୟ ହୁଏ । କୁହାଯାଏ, ଚଉକିରେ ମଣିଷର ଭାଷା ବଦଳେ । କ୍ଷମତା କେବଳ ବପୁଷା ବା ବ୍ୟକ୍ତିର ବଳ ମାପ ସୂଚକ ନୁହେଁ, ସ୍ଥାନ ବା ଚଉକି-ମଣ୍ଡନ ସ୍ଥିତିର ପରିଚାୟକ । ସଂସ୍କୃତରେ କୁହାଯାଇଛି;

'ଜାନାମିରେ ସର୍ପ! ତବ ପ୍ରଭାବମ
କଣ୍ଠେସ୍ଥିତେ ଗର୍ଜତି ଶଙ୍କରସ୍ୟ
ସ୍ଥାନ ପ୍ରଧାନଂ ନ ବଳ ପ୍ରଧାନମ
ସ୍ଥାନେସ୍ଥିତେ କାପୁରୁଷୋଽପି ସିଂହାଃ ।'

ଅର୍ଥାତ୍ ହେ ସାପ! ତୁମ ପ୍ରଭାବ ଜଣାଶୁଣା । ଶିବଙ୍କ କଣ୍ଠରେ ସ୍ଥିତ ହୋଇଥିବାରୁ ତୁମେ ଗର୍ଜନ କର । ବଳ, ବଡ଼ କଥା ନୁହେଁ, ସ୍ଥିତି ବଡ଼ କଥା । ଉପଯୁକ୍ତ ସ୍ଥାନ ପାଇଲେ, କା'ପୁରୁଷ ବି ସିଂହ ପରି ଗର୍ଜନ କରେ । କବିବର ରାଧାନାଥ ରାୟ ସଭାପତିଙ୍କର ଖଟଣି-କିଙ୍କର, ଯିଏ ଫରଫର ହେଉଥାନ୍ତି, ତାଙ୍କୁ ବ୍ୟଙ୍ଗ କରି ଲେଖିଛନ୍ତି- "ଗରୁଡ଼ ଉପରେ ଦେଖାନ୍ତି ପ୍ରତାପ / ସେ ଯେଣୁ ଅଟନ୍ତି ଶିବଙ୍କର ସାପ! / ସବୁଦେଶେ ସବୁକାଳେ ଊର୍ଦ୍ଧ୍ୱମୁହାଁ / ହୋଇଥାନ୍ତି ସିନା ଶ୍ରୀଛାମୁ-ଛାମୁଆ ।" (ଦରବାର) ଅନେକେ ଭାବନ୍ତି, କ୍ଷମତା ନିକଟରେ ସାହିତ୍ୟ କାଳେକାଳେ କାକୁସ୍ଥ । ଏଭଳି ଭାବନା ଠିକ୍ ନୁହେଁ । କାହିଁକିନା, ସାହିତ୍ୟର ବି କ୍ଷମତା ଥାଏ; ଯଦ୍ୱାରା ସେ ମୁହୂର୍ତ୍ତକେ ବ୍ୟକ୍ତି-କ୍ଷମତାକୁ ପରିବର୍ତ୍ତନ କରାଇ ଦିଏ । ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରାଏ; ଗଣତନ୍ତ୍ରରେ ଅନେକ ଶାସକ ନେତାଙ୍କୁ ସେବକ ନେତା କରିଥିବାର (ବିନୋବାଙ୍କ ପ୍ରଭାବରେ) ଦୃଷ୍ଟାନ୍ତ ବି ସୁପ୍ରତୁଳ । ଗାନ୍ଧିଜୀଙ୍କ ଉପରେ ରସ୍କିନଙ୍କ Un to this Last ବହିର ପ୍ରଭାବ କଥା ବି ସ୍ମରଣ କରାଯାଇପାରେ । ସ୍ମରଣ କରିହୁଏ, ଗୋପବନ୍ଧୁ ଦାସଙ୍କ ଉପରେ ଜଗନ୍ନାଥ ଦାସଙ୍କ ଭାଗବତର ପ୍ରଭାବକୁ । ଏଇଥିପାଇଁ କୁହାଯାଇପାରେ, ସାହିତ୍ୟର ନିଜସ୍ୱ କ୍ଷମତା ରହିଛି, ରହିଛି ବି ଆପଣା ଢାଞ୍ଚାର ରାଜନୀତି । ପ୍ରସଙ୍ଗକ୍ରମେ ମନେପଡ଼େ ସୋରେନ୍ କିଅରକେ ଗାଡ୍ (୧୮୧୩-୧୮୫୫)ଙ୍କ ସମ୍ବାଦପତ୍ର ପ୍ରେସ୍ ଆଗରେ କଳ୍ପିତ ବିଜ୍ଞାପନ ପଟା ଓ ତହିଁର ଲେଖା । ସମ୍ବାଦପତ୍ରର ସାହିତ୍ୟ କମ୍ କ୍ଷମତାପନ୍ନ ନୁହେଁ । କିଅରକେ ଗାଡ୍‌ଙ୍କ ଭାଷାରେ; ବିଜ୍ଞାପନ ପଟାରେ ଲେଖାଯିବା ଉଚିତ୍- Here men are demoralised in the shortest possible

time on the longest possible scale for the smallest possible price. (ଶରତ କୁମାର ମହାନ୍ତି- ଅସ୍ତିତ୍ୱବାଦର ମର୍ମକଥା- ପୃ-୮୦) ସମ୍ପଦ, ପଦପଦବୀ ଆଦି ବ୍ୟକ୍ତିକୁ କ୍ଷମତାପନ୍ନ କରିଥାଏ। କ୍ଷମତାପନ୍ନ ବ୍ୟକ୍ତିର ଆଚରଣ କିଭଳି ମାର୍ଜିତ ଓ ରୁଚିପୂର୍ଣ୍ଣ ହେବା ଚାହିଁ, ସେ ଘେନି M.C. Chagla ତାଙ୍କ ଆତ୍ମଜୀବନୀ (Roses in December)ରେ ରୋମ୍ ସମ୍ରାଟଙ୍କ ପାଖରେ ପ୍ରଚଳିତ କ୍ଷମତା ପ୍ରଶମନର ଔପଚାରିକତାକୁ ଏହିଭଳି ବର୍ଣ୍ଣନା କରିଛନ୍ତି;

"The Roman Emperors when they went in procession used to have a person walking in front, shouting "momento mori" - remember you will die. I wish we could follow their example. When judges go to court the chowkidars infront of them could shout, "Remember one day you will have to retire" and the ministers and high public officials should equally be reminded that one day even their power might come to an end." (2022, P.287) ଅର୍ଥାତ୍ ରୋମ୍‌ର ସମ୍ରାଟମାନେ ଯେତେବେଳେ ଶୋଭାଯାତ୍ରାରେ ଯାଉଥିଲେ, ସେମାନଙ୍କ ଆଗରେ ଲୋକଟିଏ ଚାଲୁଥିଲା ଓ ଚିତ୍କାର କରି କହୁଥିଲା- ମନେରଖ, ତୁମେ ମରିବ। ମୁଁ ଭାବେ ସେମାନଙ୍କ ଉଦାହରଣ ଆମେ ମାନିବା ଉଚିତ୍। ଯେତେବେଳେ ଜଜ୍‌ମାନେ ବିଚାରାଳୟ ଯା'ନ୍ତି ସେତେବେଳେ ସେଠିକାର ଚୌକିଦାର, 'ମନେରଖ, ତୁମକୁ ଦିନେ ଅବସର ନେବାକୁ ହେବ' ବୋଲି ଚିତ୍କାର କରନ୍ତି। ମନ୍ତ୍ରୀ ଏବଂ ଉଚ୍ଚ ପଦରେ ଥିବା କର୍ମକର୍ତ୍ତାଙ୍କୁ ବି ମନେ ପକାଇ ଦେବା ଉଚିତ୍, ସେମାନଙ୍କ କ୍ଷମତା ଦିନେ ଶେଷ ହେବ। ଠିକ୍ ଏଇ ଭାବନାକୁ କବିବର ରାଧାନାଥ ରାୟ ମୃତ ଆଲେକ୍‌ଜାଣ୍ଡରଙ୍କ ମୃତ୍ୟୁ ପୂର୍ବର ଉଚ୍ଚାରିତ ବାଣୀ ରୂପେ ପ୍ରକାଶ କରିଛନ୍ତି। ତାହା ଏହିପରି;

ମଲାବେଳେ ବିଶ୍ୱ ବିଜୟୀ ସିକନ୍ଦର
କି କହିଥିଲେ ତା' ଚିତ୍ତେ ଥରେ ଧର,
ବୋଇଲେ, "ଏ ପ୍ରାଣ ଗଲେ ପିଣ୍ଡ ଛାଡ଼ି,
ନେବ ଯେବେ ମୋତେ କୋକେଇରେ କାଢ଼ି,
ଦେଇଥିବ ତହିଁ ମୋ ଶବ ଶୁଆଇ,
ବେନି ପାଶେ ବେନି କରକୁ ଝୁଲାଇ,
ଯା' ଦେଖି ଜାଣିବେ ଜଗତେ ସମସ୍ତେ,
ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ।" (ଦରବାର)

ରାଜତନ୍ତ୍ରରେ ରାଜା କ୍ଷମତାଶାଳୀ ଥିବା ପରି, ଗଣତନ୍ତ୍ରରେ ଲୋକ ନିର୍ବାଚିତ ଶାସକ ପ୍ରତିନିଧିଏ କ୍ଷମତାପନ୍ନ। ରାଜାଙ୍କ କ୍ଷମତାକୁ କବି ଗଙ୍ଗାଧର ମେହେର ବର୍ଣ୍ଣନା କରିଛନ୍ତି; 'ପ୍ରଜା କର ଦଣ୍ଡ ନ ହୁଏ ପ୍ରଚଣ୍ଡ, ପ୍ରଚଣ୍ଡ ନୃପତି କରେ।' (ତପସ୍ୱିନୀ) ଅର୍ଥାତ୍ ପ୍ରଜାମାନଙ୍କ ପ୍ରଦତ୍ତ ଅର୍ଥ ରାଜାଙ୍କ ହାତରେ ପ୍ରଚଣ୍ଡ ହୁଏ। 'ଦଣ୍ଡ'କୁ ବାଡ଼ି ଅର୍ଥରେ ବୁଝାଗଲେ, ବୁଝିବାକୁ ହେବ, ପ୍ରଜାପ୍ରଦତ୍ତ ଶକ୍ତି ବା କ୍ଷମତା ବଳରେ ରାଜା ଶକ୍ତିମାନ। ଗଣତନ୍ତ୍ରରେ ବି ପ୍ରତ୍ୟେକ ବ୍ୟକ୍ତିର ଭୋଟ୍ ତା'ର କ୍ଷମତା। ତହିଁର ସମଷ୍ଟି ଭୂତତାରେ ନିର୍ବାଚିତ ପ୍ରତିନିଧି କ୍ଷମତାପନ୍ନ। ଏଥିରୁ ବୁଝି ହୁଏ, ପ୍ରତ୍ୟେକ ବ୍ୟକ୍ତି କ୍ଷମତାର ଅଧିକାରୀ। ତହିଁର ମାତ୍ରାଧିକ୍ୟତା ଶାସକଙ୍କ ନିୟନ୍ତ୍ରଣାଧୀନ/ବସ୍ତୁତଃ, ସାହିତ୍ୟ ବ୍ୟକ୍ତି ସୃଷ୍ଟ କଳା-କାରିଗରୀ, ଯହିଁର ସ୍ଥାପତ୍ୟ ଭାଷା। ଦ୍ୱାଦଶ ଶତାବ୍ଦୀର ଆଳଙ୍କାରିକ, କାଶ୍ମୀର ପଣ୍ଡିତ ରାଜଶେଖର ସାହିତ୍ୟିକ-ବ୍ୟକ୍ତିଙ୍କ ଦ୍ୱିବିଧ ପ୍ରତିଭା ଥିବା ଦର୍ଶାନ୍ତି। ତାହା, ଭାବୟିତ୍ରୀ ଓ କାରୟିତ୍ରୀ ପ୍ରତିଭା। ଭାବୟିତ୍ରୀ ଅର୍ଥ ସମାଲୋଚନା ଓ କାରୟିତ୍ରୀ ଅର୍ଥ ସର୍ଜନଶୀଳତା। ଏହି ଦୃଷ୍ଟିରୁ ପ୍ରତ୍ୟେକ ସାହିତ୍ୟିକ ଦ୍ୱିବିଧ ମାନସିକ ପ୍ରବଣତାର ଅଧିକାରୀ - କ୍ଷମତା ଓ ସୃଷ୍ଟି କର୍ମ କୁଶଳତା। ସୃଷ୍ଟି କର୍ମ କୌଶଳର ନିୟାମକ ହିଁ କ୍ଷମତା। ଗୋଟିଏ ବାକ୍ୟରେ କହିଲେ ହେବ, ସାହିତ୍ୟ କେବଳ କ୍ଷମତାର ଉତ୍ସ ନୁହେଁ, କ୍ଷମତା ପ୍ରବଣତା ହିଁ, ସାହିତ୍ୟ ପ୍ରବଣ ମାନସର ଉତ୍ସ। ଫକୀର ମୋହନ ସେନାପତିଙ୍କ 'ମାମୁଁ' ଉପନ୍ୟାସରେ କ୍ଷମତା ଆଧିକ୍ୟର ବଶୀଭୂତ ନାଜର ନଟବର ଦାସ ଚରିତ୍ର, ଯେ ନିଜର ବିଧବା ଭଉଣୀ ଚାନ୍ଦମଣିର ବିଷୟ ଅପହାରୀ, ତାଙ୍କରି ବିଷୟରେ ଗାଆଁର ପୋଖରୀ ତୁଠରେ ଚର୍ଚ୍ଚା କରନ୍ତି ହରିବୋଲ ବାରିକ ଓ ଶାମ ସାମଲ। ଶାମ ସାମଲ ହରିବୋଲଙ୍କୁ ପରାମର୍ଶ ଦିଅନ୍ତି, ନଟବରଙ୍କ ଅପହରଣ ପ୍ରବୃତ୍ତି ରୂପକ କ୍ଷମତାକୁ ବିରୋଧ କରିବାକୁ, ଯଦ୍ୱାରା ବିଧବା ଚାନ୍ଦମଣି ସୁସ୍ଥ ରହିବେ। ଶାମ ସାମଲ କହିଛନ୍ତି; "ଭଲା ବାଭେ, ଆମେ ପ୍ରଜାଗୁଡ଼ାକ ତ କାଉ - ସବୁ କଥାରେ ହେଉ ହାଉ ହାଉ - ଗୋଟାଏ ମାରୁଛି ଦାଉ, ଶୁଣିଛି ଆପଣ ବେଳେବେଳେ ହୁଅନ୍ତି ଭାଉଭାଉ - ମୁଖିଣ୍ଡିଏ କ'ଣ କରୁଛନ୍ତି ଆଉ।" ତତ୍‌କ୍ଷଣାତ୍ ହରିବୋଲ ବାରିକ ନିଃଶ୍ୱାସଟାଏ ପକାଇ କହିଲେ, "ଏଁ- ହରିବୋଲ! ବାପ ଶାମ, ତୁ ତ କବିଟାଏ ପାଲଟି ଗଲୁଣି।" ନଟବରଙ୍କ ଭଗ୍ନୀ ସମ୍ପତ୍ତି ଅପହରଣ କ୍ଷମତା ପାଇଁ ପ୍ରତିରୋଧର ଏ କବିତା ସ୍ୱର। ସୁତରାଂ କ୍ଷମତା ଓ ସାହିତ୍ୟ ଓତପ୍ରୋତ।

ଉପସଂହାରରେ ଏତିକିମାତ୍ର କୁହାଯାଇପାରେ, ବାହାରକୁ ଜଣେ ବ୍ୟକ୍ତିର କ୍ଷମତା ପ୍ରବୃତ୍ତି ଅଧିକ ଭାବରେ ପ୍ରକାଶ ପାଉଥିବାରୁ ଅଥବା ସେ ସେହିଭଳି ପଦ ଆସୀନ ହୋଇ ଥିବାରୁ ତାଙ୍କ ଭିତରର ସାହିତ୍ୟ ପ୍ରବଣତା ନ୍ୟୂନ ହୋଇଯାଇଥାଏ। ପୂର୍ବରୁ କୁହାଯାଇଛି, କ୍ଷମତା ଓ ସାହିତ୍ୟ ପ୍ରତ୍ୟେକ ବ୍ୟକ୍ତିପ୍ରାଣର ପ୍ରବଣତା, ଯହିଁର ପ୍ରକାଶାଧିକ୍ୟ ତା'କୁ ସେହି ଭାବରେ ଚିହ୍ନାଇଥାଏ। ଗୋଟିଏ ବ୍ୟକ୍ତି ଭିତରେ ଦୁଇ ପ୍ରବଣତା ରୂପକ ନଦୀର ପ୍ରବାହ- ଏଇଥିପାଇଁ ସ୍ଥଳ ବିଶେଷରେ ଉଭୟଙ୍କ ମଧ୍ୟରେ ପାରସ୍ପରିକ ସଂଘାତ ଓ ବିରୋଧ ଚାକ୍ଷୁଷ ହେବା ସ୍ୱାଭାବିକ ପ୍ରକ୍ରିୟା। କ୍ଷମତା ହିଁ ସାହିତ୍ୟର ଜନନୀ ଓ ସାହିତ୍ୟ କ୍ଷମତାକୁ ଉତ୍ସାହିତ କରିବାର ବ୍ୟଞ୍ଜନ। ଏକ ଅଙ୍ଗେ ଉଭୟଙ୍କ ସଂଗୁପ୍ତ ଚେତନା–ସ୍ଥିତି ଏବଂ ସମୟକ୍ରମେ ଏକ ଏକ ପ୍ରକାଶ। ■■■

ବି-୪୯, ସେକ୍ଟର-୮, ସିଡିଏ, କଟକ-୭୫୩୦୧୪
ଦୂରଭାଷ : ୯୪୩୭୩୧୯୯୧୪

ଅସାମାନ୍ୟ କବି ବିଦ୍ୟୁତ୍‌ପ୍ରଭା

ଅବିଭକ୍ତ କଟକ ଜିଲାର ଝଙ୍କଡ଼ି ନାମକ ଏକ ପଲ୍ଲୀ ଗ୍ରାମରେ, ଜୁଲାଇ ୧୨,୧୯୨୬ ମସିହାରେ ବିଦ୍ୟୁତ୍‌ପ୍ରଭା ଦେବୀଙ୍କର ଜନ୍ମ। ସେ ଗ୍ରାମ ଥିଲା ତାଙ୍କର ମାତୁଳାଳୟ। ସେହି ଜିଲାର ଆଳି ଥାନା ଅନ୍ତର୍ଗତ ନାଟରା ଥିଲା ତାଙ୍କର ପୈତୃକ ଗ୍ରାମ। ପିତା ସୁଲେଖକ ନିମାଇଁ ଚରଣ ଦାସ ଏବଂ ମାତା ରେଖାଦେବୀ। ପିତା ସପରିବାର କଟକରେ ରହୁଥିବାରୁ ବିଦ୍ୟୁତ୍‌ପ୍ରଭା ଗ୍ରାମ ଓ ସହର ଉଭୟଠାରେ ଚଳିବାର ସୁଯୋଗ ପାଇଥିଲେ। ଗାଁ ଗଣ୍ଡାରେ ଝିଅମାନେ ସେତେବେଳେ ଶିକ୍ଷାଲାଭ କରିପାରୁ ନ ଥିଲେ; କିନ୍ତୁ ତାଙ୍କର ନିଜର ଚେଷ୍ଟା ଏବଂ ତାଙ୍କ ପିତାଙ୍କର ଉତ୍ସାହ ଯୋଗୁଁ ସେହି ପରଦାପ୍ରଥାକୁ ଆଡ଼େଇ ହାତରେ କଲମ ଧରିଥିଲେ। ପ୍ରେମିକ କବି ମାୟାଧର ମାନସିଂ ବିଦ୍ୟୁତ୍‌ପ୍ରଭାଙ୍କ ଉପରେ କହିଥିଲେ–

"ସେ ପ୍ରାୟ ତିରିଶ ବର୍ଷ ତଳର ବ୍ୟାପାର। ବୋଧହୁଏ ମୁଁ ଏହି ନିକଟରେ ସେତେବେଳେ ଉତ୍ତର ଓଡ଼ିଶାର 'ଇନିସ୍ପେକ୍ଟର ଅଫ୍ କଲେଜ' ହୋଇ ଅବସ୍ଥାପିତ ଥିଲି। ହୁଏତ ଅଫିସ୍ ପରେ ଘରକୁ ଫେରୁଥିଲି-ଚାଲି ଚାଲି। ପଥ ମଧ୍ୟରୁ ବିପରୀତ ଦିଗରୁ ଆସି ଦେଖାଦେଲେ 'ଓ୍ୱାର୍ଡ ବୁକ୍' ଇତ୍ୟାଦିର ଲେଖକ ସ୍ୱର୍ଗତ ନିମାଇଁ ଚରଣ ଦାସ। ସାମାନ୍ୟ ଏଣୁ ତେଣୁ କଥୋପକଥନ ପରେ ଦାସେ କହିଲେ, 'ଆଜ୍ଞା, ଗରିବର କୁଡ଼ିଆରେ ଟିକିଏ ପାଦ ପଡ଼ନ୍ତାନି?' ମୁଁ କହିଲି, "ହଁ ଯିବାରେ ମୋର କୌଣସି ଆପତ୍ତି ନାହିଁ। କୌଣସି ଆବଶ୍ୟକତା ପଡ଼ୁ, ତେବେ ଯିବା" ସେ ମୁହଁ ତଳକୁ କରି କହିଲେ, "ଆଜ୍ଞା, ମୋର ଝିଅ ଗୋଟିଏ କବିତା ଲେଖୁଛି। ଆପଣ ଟିକେ ଦେଖି କହନ୍ତେ ସେ କିପରି ଲେଖୁଛି।"

"ଏଁ ! ତମ ଝିଅ କବିତା ଲେଖୁଛି ! ତେବେ ଚାଲ ଚାଲ। ଏହି କ୍ଷଣି ହିଁ ଚାଲ। ଘରକୁ ଗଲି ଏବଂ ସାମାନ୍ୟ ଆତିଥ୍ୟ ପରେ କହିଲି, "ତମ ଝିଅକୁ ଡାକ, ସେ ତାଙ୍କର କବିତା ସବୁ ପଢ଼ି ଶୁଣାନ୍ତୁ।"

ଏକ କିଶୋରୀ ଖାତାଟିଏ ଧରି ବାହାରି ଆସିଲେ ଏବଂ ସଲଜ୍ଜ ଠିଆ ହେଲେ। ମୁଁ କହିଲି, "କିଛି ଲାଜ ନ କରି ଯାହା ଲେଖିଛ ପଢ଼ିଯାଅ ପାଟି କରି।"

ସେ ଏକାଦିକ୍ରମେ ତିନିଚାରିଟି କବିତା ପଢ଼ିଲେ। ମୁଁ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥିଲି। ଦାସଙ୍କୁ କହିଲି, 'ଦାସେ, ତମ ଝିଅର ଲେଖନୀରେ ଅପୂର୍ବ ସମ୍ଭାବନା ରହିଛି।' ଏହିପରି ଅନେକ କିଛି। (ପ୍ରେମ ପ୍ରଣୟର କବି ମାୟାଧର ମାନସିଂ) (ପୁସ୍ତକ-ଅନ୍ୟ ଦୃଷ୍ଟିରେ ବିଦ୍ୟୁତପ୍ରଭା)

ପ୍ରକୃତରେ ଜଣେ ଆଗ୍ରହୀ ପିତାଙ୍କର ଗୋଟିଏ କନ୍ୟାକୁ ସେ ଯୁଗରେ ଦେଉଥିବା ପ୍ରେରଣା ଓ ମାନସିଂଙ୍କ ପରି କବିଙ୍କର ପ୍ରୋତ୍ସାହନ ଏବଂ ଆହୁରି ଅନେକ କବିଙ୍କର ପ୍ରୋତ୍ସାହନ ବିଦ୍ୟୁତ୍‌ପ୍ରଭାଙ୍କର କାବ୍ୟିକ ପ୍ରତିଭାକୁ ଅଚିରେ ଆଗକୁ ବାଟ କଢ଼ାଇ ନେଇଥିଲା, ଏଥିରେ ସନ୍ଦେହ ନାହିଁ। ଯଥାର୍ଥରେ ସେ ଥିଲେ ଜଣେ ଅନନ୍ୟ ପ୍ରତିଭା।

ପ୍ରାକ୍-ଆଧୁନିକ ଓଡ଼ିଆ କାବ୍ୟ କବିତା ଆଲୋଚନା ପର୍ଯ୍ୟାୟରେ ଅଗ୍ରଣୀ ଲେଖିକା କୁନ୍ତଳା କୁମାରୀଙ୍କ ପରେ କବି ବିଦ୍ୟୁତ୍‌ପ୍ରଭାଙ୍କର ବିଶେଷ ଅବଦାନ ପରିଲକ୍ଷିତ ହୁଏ। ଆମ ସମାଜରେ ନାରୀମାନଙ୍କୁ ସେତେବେଳେ 'ନାରୀ କବି' କହି ସମ୍ବୋଧନ କରି ନ୍ୟୂନ ଦୃଷ୍ଟିରେ ଦେଖା ଯାଉଥିଲା। ଚିତ୍ତ ରଞ୍ଜନ ଦାସଙ୍କ ମତରେ-କୌଣସିଠାରେ 'ପୁରୁଷ କବି' କୁହାଯାଏ ନାହିଁ। ବୋଧହୁଏ ଏହା ପୁରୁଷପ୍ରଧାନ ସାମାଜିକ ଚେତନାର ଚିହ୍ନ।

"ଆମର ସମାଜ ପୁରୁଷ ନିୟନ୍ତ୍ରିତ ସମାଜ। ତେଣୁ ଆମର ସାହିତ୍ୟ ଓ ସଂସ୍କୃତିର ଅର୍ଚ୍ଚନା ଓ ଅନୁଶୀଳନ ପୀଠରେ ମଧ୍ୟ ସେହି ପୁରୁଷ-ପ୍ରାଧାନ୍ୟର ଗନ୍ଧ ଭର୍ତ୍ତି ହୋଇ ରହିବା ସ୍ୱାଭାବିକ। ସାହିତ୍ୟ କ୍ଷେତ୍ରରେ ପୁରୁଷ ତ ନାରୀ ଲାଗି ଦୁଇଟି ଶିବିର ହୋଇ ନ ପାରେ।' (ଅନ୍ୟ ଦୃଷ୍ଟିରେ ବିଦ୍ୟୁତ୍‌ପ୍ରଭା ଚିତ୍ତ ରଞ୍ଜନ ଦାସ)

ବିଦ୍ୟୁତ୍‌ପ୍ରଭା ଅତ୍ୟନ୍ତ ଦୃଢ଼ମନା ଥିଲେ। ନିଜ ବିବେକ ବିଚାରରେ ଯାହା ଉଚିତ୍ ମନେ କରୁଥିଲେ ତାହା ପାଳନ କରୁଥିଲେ। 'ଲୋକେ କ'ଣ କରିବେ', ଏ ପ୍ରକାର ଗତାନୁଗତିକ ବିଚାର ପ୍ରତି ସେ ଭ୍ରୂକ୍ଷେପ କରୁ ନ

ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ
ପ୍ରବନ୍ଧ, ଗଳ୍ପ, କବିତା ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା ଜାରି ରଖିଛନ୍ତି। ଜଣେ ସଫଳ ଅନୁବାଦିକା। 'କୁଆ ଓ କଳାପାଣି' (ହିନ୍ଦୀ), 'ନଷ୍ଟ ଝିଅର ନଷ୍ଟ ଗଦ୍ୟ' (ବଙ୍ଗଳା), 'ନାରୀଶକ୍ତି' (ଇଂରାଜୀ) ଆଦି ତାଙ୍କ ଅନୂଦିତ ପୁସ୍ତକ। ସାରସ୍ୱତ ସାଧନା ନିମନ୍ତେ ବହୁ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ।

ଥିଲେ । ବ୍ୟକ୍ତିଗତ ଶୃଙ୍ଖଳା ଓ ଆଚରଣରେ ସେ ଦୃଢ଼ ଥିଲେ । କେବଳ ପରିବାର କାହିଁକି, ସମାଜର ଅନ୍ୟମାନଙ୍କୁ ନିର୍ଦ୍ଦିଷ୍ଟ ଶୃଙ୍ଖଳାରେ ଚଳାଇବା ଥିଲା ତାଙ୍କ ଆଦର୍ଶ । ଅନ୍ୟମାନଙ୍କୁ ମନାଇବାର ଯାଦୁକରୀ ବ୍ୟକ୍ତିତ୍ୱ ମଧ୍ୟ ତାଙ୍କର ଥିଲା ।

୧୯୪୯ ଜୁଲାଇ ୪ ତାରିଖରେ ତାଙ୍କର ବିବାହ ହୋଇଥିଲା ପଞ୍ଚାନନ ମହାନ୍ତିଙ୍କ ସହିତ ଯିଏ କି ସେତେବେଳେ କଟକଠାରେ ଥିବା ସେକ୍ରେଟେରୀଏଟ୍‌ର ସପ୍ଲାଇ ଏବଂ ଟ୍ରାନସ୍‌ପୋର୍ଟ ବିଭାଗରେ ଭାବରେ କାର୍ଯ୍ୟ କରୁଥିଲେ । ବିବାହ ପୂର୍ବରୁ ବିଦ୍ୟୁତ୍‌ପ୍ରଭା କବୟିତ୍ରୀ ଭାବେ କିଛିଟା ଯଶ ଅର୍ଜନ କରିଥିଲେ । ସେଥିପାଇଁ ସେ ବହୁ ସାଧନା କରିଥିଲେ । 'ଅମରକୋଷ', ଅନ୍ୟ କେତେକ ଅଭିଧାନ ଓ ବ୍ୟାକରଣ ପୁସ୍ତକ ସମେତ ଆଲମାରିଟିଏ ସେ ଶାଶୂ ଘରକୁ ନେଇଥିଲେ । ଶାଶୂଘର ଗ୍ରାମ ଥିଲା ଭଦ୍ରକ ସହର ନିକଟସ୍ଥ 'ଅଗରପଡ଼ା' । ଓଡ଼ିଶାର ଲେଖିକାଙ୍କ ମଧ୍ୟରେ ସେତେବେଳେ ବୃନ୍ଦାବତୀ ଦାସୀ, ନିଃଶଙ୍କ ଦାସୀ, ସୁଲୋଚନା ଦେବୀ ଓ ଅନ୍ନପୂର୍ଣ୍ଣା ଦେବୀଙ୍କୁ ପ୍ରଥମ ପର୍ଯ୍ୟାୟରେ କବି ଭାବେ ଶ୍ରେଣୀଭୁକ୍ତ କରାଯାଇପାରେ । ସେ ସମୟରେ ନାରୀଶିକ୍ଷାର ଅଗ୍ରଗତି ଯୋଗୁଁ କେତେକ ମହିଳା ଲେଖନୀ ଚାଳନା କରିଥିଲେ । ନିର୍ମଳାବାଳା ନାୟକ, ନର୍ମଦା କର, ଚନ୍ଦ୍ରମୁଖୀ ଷଡ଼ଙ୍ଗୀ ପ୍ରମୁଖ ମହିଳା ରେଭେନ୍ସା ବାଳିକା ବିଦ୍ୟାଳୟ ମାଧ୍ୟମରେ ନାରୀ ଶିକ୍ଷାର ଅଗ୍ରଗତିରେ ଅଗ୍ରଣୀ ଭୂମିକା ନେଇଥିଲେ । ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ମଧ୍ୟଭାଗ ପର୍ଯ୍ୟନ୍ତ ଉତ୍କଳ-ସାହିତ୍ୟରେ ଲେଖିକାମାନଙ୍କର ବିଶେଷ ପ୍ରଭାବ ପରିଲକ୍ଷିତ ହୁଏ । ରେବା ରାୟ, ନର୍ମଦା କର, ଅବନ୍ତୀ ଦେବୀ, କୁନ୍ତଳା କୁମାରୀ ସାବତ, କୋକିଳା ଦେବୀ, ଶୈଳବାଳା ଦାସ, ଦେବହୂତି ଦେଇ, ନିର୍ମଳା ଦେବୀ, ତୁଳସୀ ଦାସ, ସୀତାଦେବୀ ଖାଡ଼ଙ୍ଗା, ନନ୍ଦିନୀ ଶତପଥୀ, ହେମଲତା ମାନସିଂ ଓ ବସନ୍ତ ପଟ୍ଟନାୟକ ପ୍ରମୁଖ ବିଶିଷ୍ଟ ଲେଖିକାଙ୍କର ପ୍ରତିଭା ଏ ନୂତନ ପରମ୍ପରାର ଆଭାସ ଦିଏ । ଏମାନଙ୍କ ରଚନାରେ ଆତ୍ମକୈନ୍ଦ୍ରିକ ମନୋଭାବର ଚିହ୍ନ ନ ଥିଲା । ସେତେବେଳର ସମସ୍ୟା ବହୁଳ ଓଡ଼ିଶାରେ ବାଲ୍ୟ ବିବାହ, ବିଧବା ବିବାହ, ଯୌତୁକ ପ୍ରଥା, ନାରୀ ନିର୍ଯାତନା, ଦାରିଦ୍ର୍ୟ, ଶ୍ରମିକ ସମସ୍ୟା, ସତ୍ୟାଗ୍ରହ ଓ ସ୍ୱାଧୀନତା ସଂଗ୍ରାମ, ନାରୀ ଶିକ୍ଷା, ନାରୀ ସ୍ୱାଧୀନତା, ସାମାଜିକ କୁସଂସ୍କାର ଓ ଅନ୍ଧବିଶ୍ୱାସ ଆଦି ବିରୋଧରେ ଶକ୍ତିଶାଳୀ ସ୍ୱର ଉତ୍ତୋଳନ କରିଥିଲେ ଏହି ଲେଖିକାମାନେ । ତେଣୁ ଏହି ସମସ୍ୟାଗୁଡ଼ିକ ମଧ୍ୟ ବିଦ୍ୟୁତ୍‌ପ୍ରଭାଙ୍କର କବିତାରେ ଫୁଟି ଉଠିଥିଲା । ସେ ଉଭୟ ଗ୍ରାମ ଓ ସହର ଜୀବନ ଜିଇଥିଲେ । ଦେଶପ୍ରେମ ଯୌବନ, ସ୍ୱପ୍ନ ଓ ସ୍ୱପ୍ନଭଙ୍ଗ, ଆଶା-ନିରାଶା, ଜୀବନାନୁଭୂତି, ଆଧ୍ୟାତ୍ମିକତା-ସବୁଗୁଡ଼ିକ ବିଦ୍ୟୁତ୍‌ପ୍ରଭାଙ୍କର କବିତାରେ ଫୁଟି ଉଠିଥିଲା ।

ସେହିପରି ଦେଶାତ୍ମବୋଧ, ପ୍ରକୃତି ପ୍ରୀତି, ପଲ୍ଲୀ ଚେତନା, ଓଡ଼ିଶାର ପୂଜାପାର୍ବଣ ତାଙ୍କ କବିତାର ଅନ୍ତଃସ୍ୱର ଥିଲା । ତାଙ୍କର କବି ମାନସକୁ ଚାରି ପର୍ଯ୍ୟାୟଭୁକ୍ତ କରାଗଲେ ପ୍ରଥମ ପର୍ଯ୍ୟାୟରେ ସ୍ୱାଧୀନତା ସଂଗ୍ରାମୀ ମାନସ, ଦ୍ୱିତୀୟ ପର୍ଯ୍ୟାୟରେ ସାମାଜିକ ବୈଷମ୍ୟର ଚିନ୍ତନ, ତୃତୀୟ ପର୍ଯ୍ୟାୟରେ ବିଷାଦବାଦ ଓ ଜୀବନବୋଧ ଏବଂ ଶେଷ ପର୍ଯ୍ୟାୟରେ ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀର ପ୍ରସାର ଓ ମନନଶୀଳତା ତାଙ୍କ ଜୀବନାନୁଭୂତିର କଥା କହେ ।

ତାଙ୍କ ସାହିତ୍ୟ ସାଧନାରେ ପିତା ତାଙ୍କର ମାର୍ଗଦର୍ଶକ ଥିଲେ; କାରଣ ସେ ନିଜେ ଜଣେ ଲେଖକ ଥିଲେ । ସମ୍ଭବତଃ ୧୯୪୪-୪୫ ଅଥବା ସେହିପରି କିଛି ପୂର୍ବ ସମୟରୁ ସେ ହୁଏତ ପ୍ରଥମ ଲେଖା ଆରମ୍ଭ କରିଥାଇପାରନ୍ତି । ୧୯୪୬ ବେଳକୁ ସେ କଟକ ଚାଲି ଆସିଥିଲେ ଗ୍ରାମରୁ । ତାଙ୍କର ସହପାଠିନୀଙ୍କ ମଧ୍ୟରେ ଡ. ନିରୁପମା ରଥ, ନନ୍ଦିନୀ ଶତପଥୀ ଓ ବସନ୍ତ ପଟ୍ଟନାୟକ ଅନ୍ୟତମ । ତାଙ୍କର ପ୍ରଥମ କବିତା ପୁସ୍ତକ ହେଲା 'ସବିତା' । ଜ୍ୟେଷ୍ଠା ଭଗ୍ନୀ ବାସନ୍ତୀଙ୍କ ସହିତ ମିଳିତ ଉଦ୍ୟମରେ ଏହା ଲିଖିତ । ବହିର ମୁଖବନ୍ଧ ଲେଖିଥିଲେ ବିଶିଷ୍ଟ ସାହିତ୍ୟିକ ଶଶୀଭୂଷଣ ରାୟ ।

ତାଙ୍କର ପ୍ରଥମ 'ସବିତା' ପୁସ୍ତକରେ 'ଓଡ଼ିଆ ବୀର' ଓ 'ଜନ୍ମଭୂମି' କବିତା ସ୍ଥାନ ପାଇଛି ।

'ଓଡ଼ିଆ ନାମେ ମୁଁ ହୁଏ ଆତ୍ମହରା
ଦିଶଇ ସକଳ କଥା
ପ୍ରତି ବାଲି କଣେ ରହିଛି ମୋ ଦେଶ
ବୀରତ୍ୱ ଗୌରବ ଗାଥା ।'

ଏହାପରେ ୧୯୪୭ରେ ବିଦ୍ୟୁତ୍‌ପ୍ରଭାଙ୍କର 'ଉତ୍କଳ ସାରସ୍ୱତ ପ୍ରତିଭା' ପୁସ୍ତକ ପ୍ରକାଶିତ ହେଲା । ଏଥିରେ ସାଧକକବି ଚିନ୍ତାମଣି, ଜ୍ୟୋତିର୍ବିଦ ଚନ୍ଦ୍ରଶେଖର, କର୍ମବୀର ଗୌରୀଶଙ୍କର ଦେବାତ୍ମା ପ୍ୟାରୀମୋହନ, ଆଦର୍ଶରାଜା ସୁଢଳଦେବ ଓ ମହାରାଜା ଶ୍ରୀରାମଚନ୍ଦ୍ର ପ୍ରମୁଖଙ୍କ ବିଷୟରେ କବିତା ଲେଖା ଯାଉଥିଲା ।

୧୯୪୯ ମସିହାରେ ବିଦ୍ୟୁତ୍‌ପ୍ରଭାଙ୍କର ବିବାହ ହେଲା ଭଦ୍ରକ ଜିଲାର କୁଆଁସ ମଡ଼ିଆ (ଆଗରପଡ଼ା) ଗ୍ରାମର ପଞ୍ଚାନନ ମହାନ୍ତିଙ୍କ ସହ । ଗ୍ରାମରେ ଥିଲାବେଳେ ସେ ସମସ୍ତଙ୍କର ମନ କିଣି ନେଇ ପାରିଥିଲେ । କବିତା ମଧ୍ୟ ଲେଖା ଚାଲିଥିଲା । ସେ ଦୁଇପୁତ୍ର, ଦୁଇ କନ୍ୟାଙ୍କର ଜନନୀ ହୋଇପାରିଥିଲେ ।

ବିବାହ ପରେ ପ୍ରେମ କବିତା ରଚନା କରିବାରେ ସେ ମନ ବଳାଇ ଥିଲେ । ସେତେବେଳେ କିନ୍ତୁ ଏପରି ଦାମ୍ପତ୍ୟ ଜୀବନର ପ୍ରେମ କବିତା ଲେଖି କେହି ପ୍ରକାଶ କରୁ ନ ଥିଲେ । ଲୁଚାଇ ଲୁଚାଇ ଲେଖୁଥିଲେ । ମାତ୍ର କିଛିଦିନ ପରେ ତାଙ୍କର ପ୍ରେମ କବିତା ଓଡ଼ିଶାର ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲା । ୧୯୫୧ ଓ ୧୯୫୨ରେ 'ଝରାଶିଉଳି' ଓ 'ସ୍ୱପ୍ନଦୀପ' ଶୀର୍ଷକ ଦୁଇ ପୁସ୍ତକ ପ୍ରକାଶିତ ହୋଇଥିଲା ।

'ଝରାଶିଉଳି'ର ମୁଖବନ୍ଧରେ ନିଜେ କବି ଲେଖିଛନ୍ତି– "ପ୍ରଥମ ଯୌବନର ଚୋରା ମଳୟରେ ମନର ନିଭୃତ ଉଦ୍ୟାନରେ ଯେଉଁ କଢ଼ିଗୁଡ଼ିକ ଦିନେ ହସିବାର ଆକାଂକ୍ଷା ଘେନି କଳକୁହୁ ମୁଖରିତ ବସନ୍ତର ସ୍ୱପ୍ନ ଦେଖୁଥିଲା– ସେ ସ୍ୱପ୍ନ ଆଜିର ଏଥି ପ୍ରଣୟ-ରୋମାଞ୍ଚ ଜୀବନରେ

ସତ୍ୟ ହୋଇଛି । କାଳର ଧର୍ମାନୁଯାୟୀ ଏଇଗୁଡ଼ିକ ଯେ ଦିନେ ନିର୍ମମ ବୈଶାଖର ଆଗ୍ନେୟ ନିଃଶ୍ୱାସରେ ବୃନ୍ତ ବିଲୁଣ୍ଠିତ ହୋଇ ଧରଣୀର ଏଇ ରୁକ୍ଷ ଧୂଳି ଶେଯରେ ଝରି ପଡ଼ିବେ, ଏହାର ସତ୍ୟତା ଯେ ନିତାନ୍ତ ଅଳ୍ପ, ଏପରି ନୁହେଁ ।

ହତଶିରୀ ବଣ ଭୂଇଁ ପଛେ ଦାବଦଗ୍ଧ ହେଉ, କ୍ଳାନ୍ତ କଣ୍ଠ କୋକିଳ ଦମ୍ପତିର ଲଳିତ କାକଳି ପଛେ ଚିରଦିନ ପାଇଁ ନିଷ୍ପନ୍ଦ ନିରବତା ଭିତରେ ହଜିଯାଉ, ଶୋଚନା ନାହିଁ– ମଧୁକ୍ଷରା ପୁଷ୍ପ ସ୍ତବକରାଜି ବରଂ ସବୁଦିନ ପାଇଁ ଝରିଯାଉ, ଦୁଃଖ ନାହିଁ– ମାତ୍ର ରହୁ ତା'ର ଉଜ୍ଜ୍ୱଳ ସ୍ମୃତି, ତା'ର କାନ୍ତ କୋମଳ ଆଲେଖ୍ୟ ରାଜି ଏଇ ମନ ଭିତର– ଅନ୍ତରର ନିଭୃତତମ ପ୍ରଦେଶରେ । ହୃଦୟର ପୂଜା ବେଦୀ ଉପରେ ଯୌବନର ସେହି ପ୍ରେମ ଚନ୍ଦନାକ୍ତ ସ୍ମୃତି ସମୂହ ବସନ୍ତର ଶୁଭ୍ର ପଦ୍ମ ପରି ଆଜୀବନ ଯେ ଅମ୍ଳାନ ରହିବ–ଏହା ମୋର ବିଶ୍ୱାସ ।"

୧୯୫୨ ପରେ ଶିଶୁ ସାହିତ୍ୟ ରଚନା କରିବା ଆରମ୍ଭ କରିଥିଲେ । ୧୯୫୫ ମସିହାରେ 'ଯାହାକୁ ଯିଏ' ପୁସ୍ତକରେ ସେଗୁଡ଼ିକ ପ୍ରକାଶିତ ହୋଇଥିଲା । ଏହି ପୁସ୍ତକଟି ଭାରତ ସରକାରଙ୍କ ଦ୍ୱାରା ଶିଶୁ ସାହିତ୍ୟ ହିସାବରେ ପୁରସ୍କୃତ ହୋଇଥିଲା । ଯଥା–

'କିଇସ କଥା ବେଙ୍ଗୁଲୀ କଥା
କଥା ମାଡ଼ିଯାଏ ମେଲେଇ ଲତା ।
ନୀତି କଥା ଏକା କଥାରେ ସାର
ଆଉ ସବୁ କଥା ପାଣିର ଗାର ।" (କଥାର ନଥା)

"ବାହାରେ ବାହାରେ ବାହାରେ ବାଃ
ସେମେଙ୍ଗା ମୁଢ଼ିକି ଶୀତଳ ଚା !
ହାକୁମ ଭାଇରେ ଏଇଠି ର'
ଦିନରେ ଡାଆଣୀ କାହାଣୀ କ' ।
ଅଥଳ ପାଣିକୁ ଦଦରା ନା'
ବାହାରେ ବାହାରେ ବାହାରେ ବା ।" (ବାହାରେ ବାଃ)

୧୯୬୦ରେ ତାଙ୍କର 'ମୋ ପେଁକାଳି ବଜେଇ ଦେ' ଓ 'ଗଛ ପତର', ୧୯୬୧ରେ 'ମୁଁ କେମିତ ପିଲା', ୧୯୬୩ରେ 'କାହିଁକି ତୁମେ' ଓ ୧୯୬୬ରେ 'ପଢୁଥା ହସି ହସି ଗଡୁଥା' ଶିଶୁମାନଙ୍କର ସର୍ବାଙ୍ଗୀଣ ଉନ୍ନତି ପାଇଁ–ଶାରୀରିକ, ମାନସିକ ଓ ଆତ୍ମିକ ଦିଗରେ ଯେ ମା'ର ଭୂମିକା ରହିଛି ଏହା ଏହି ସବୁ କବିତାର ଅନ୍ତର୍ବାଣୀ ।

ଓଡ଼ିଆ ପତ୍ରପତ୍ରିକା ବ୍ୟତୀତ କେତେକ ବଙ୍ଗଳା ସାହିତ୍ୟ ପତ୍ରିକାର ମଧ୍ୟ ସେ ନିୟମିତ ଗ୍ରାହକ ଥିଲେ । 'କବିତା' ନାମକ ଏକ ବଙ୍ଗଳା ପତ୍ରିକା ତାଙ୍କ ପାଖକୁ ଡାକରେ ଆସୁଥିଲା । ଇଂରାଜୀ ମଧ୍ୟ ସେ ନିଜ ଚେଷ୍ଟାରେ ପଢ଼ିଥିଲେ ଅଳ୍ପଅଳ୍ପ । ପୂଜା ପତ୍ରିକା ସବୁ ତାଙ୍କର ଅଧ୍ୟାପକ ଦିଅର ସନାତନ ମହାନ୍ତି ଆଣି ଦେଇଥାଆନ୍ତି ।

ନାରୀର ଭୂଷଣ ଶାଢ଼ି ଗହଣାରେ ତାଙ୍କର ମନ ନ ଥିଲା । ତାଙ୍କର ମନ ଥିଲା କେବଳ ପୁସ୍ତକରେ । ବିଦ୍ୟୁତ୍‌ପ୍ରଭା ଥିଲେ ଦୃଢ଼ମନା । ନିଜ ବିବେକ ବିଚାରରେ ଯାହା ଉଚିତ୍ ମନେ କରୁଥିଲେ ତାହା ପାଳନ କରୁଥିଲେ । 'ଲୋକେ କ'ଣ କହିବେ' ଏ ପ୍ରକାର ଗତାନୁଗତିକ ବିଚାର ପ୍ରତି ସେ ଭ୍ରୂକ୍ଷେପ କରୁ ନ ଥିଲେ । ଅନ୍ୟମାନଙ୍କୁ ମନାଇବାର ଯାଦୁକରୀ ବ୍ୟକ୍ତିତ୍ୱ ମଧ୍ୟ ତାଙ୍କର ଥିଲା ।

୧୯୬୬ ବେଳକୁ ଅସୁସ୍ଥତା ଯୋଗୁଁ ବିଦ୍ୟୁତ୍‌ପ୍ରଭାଙ୍କର ସ୍ୱାସ୍ଥ୍ୟହାନି ଘଟିଲା ଓ ଶେଷଜୀବନ ପର୍ଯ୍ୟନ୍ତ ସେ ସେଥିଲାଗି କଷ୍ଟ ଭୋଗିଲେ । ସେତିକିବେଳେ ଶ୍ରୀଅରବିନ୍ଦ ଆଶ୍ରମ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ପ୍ରତିଷ୍ଠା ହୋଇଥିଲା ଓ ସେ ଶ୍ରୀଅରବିନ୍ଦ ଅତିମାନସ ଯୋଗପଥ ଗ୍ରହଣ କରିଥିଲେ । ସେହି ସମୟରେ ତାଙ୍କର ଆଧ୍ୟାତ୍ମିକ କବିତା ପୁସ୍ତକମାନ ପ୍ରକାଶିତ ହୋଇଥିଲା । ସେ ଗୁଡ଼ିକ ହେଲା 'ପୁଷ୍ପାଞ୍ଜଳି', 'ଜ୍ୟୋତିଶିଖା', 'ସୂର୍ଯ୍ୟମୁଖୀ' ଓ 'ମାଟି ପାଣି ପବନ' । ପାରିବାରିକ କ୍ଷେତ୍ରରେ ଏକ ଦିବ୍ୟ ଜୀବନର କଳ୍ପନା ସେ କରିଥିଲେ 'ବିବାହ' ନାଟକ ମାଧ୍ୟମରେ ।

ତାଙ୍କର ଜୀବନଦର୍ଶନର କବିତା– 'ସମୁଦ୍ର ଓ ସମାଧି'
ଏକପାଶେ ଟାଣେ ମହାସିନ୍ଧୁର ଉଦ୍ଭଟା ନୀଳ ଜଳ
ଡାକେ ଆରପାଖେ ଧ୍ୟାନ ମଗ୍ନ ଶାନ୍ତ ସମାଧିତଳ
ଏକସାଥେ ଶୁଭେ ଦୁଇ ମୁଖ ଡାକ
କାରେ ଏଡ଼ି ଦେଇ ଯିବି କାହାପାଖେ
ପ୍ରାଣର ଦ୍ୱନ୍ଦ୍ୱ ପ୍ରେମର ଜୁଆରେ ହୋଇଉଠେ ଉଚ୍ଛଳ
ଏକଧାରେ ଡାକେ ଶାନ୍ତ ସମାଧି ସିନ୍ଧୁର ନୀଳଜଳ ।" (ଜ୍ୟୋତିଶିଖା)

୧୯୭୫ ମସିହାରେ ପଣ୍ଡିଚେରୀଠାରେ ଅସୁସ୍ଥ ହୋଇ ବିଦ୍ୟୁତ୍‌ପ୍ରଭା ଭୁବନେଶ୍ୱର ଫେରି ଆସିଲେ । ଅସୁସ୍ଥତା ଯୋଗୁଁ ସେ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର ଓ ପାଠଚକ୍ରକୁ ଯିବା ମଧ୍ୟ କମିଗଲା ।

୫୧ ବର୍ଷ ବୟସ ମଧ୍ୟରେ ସେ ବାସ୍ତବିକ୍ ଏକ ବିଦ୍ୟୁତ୍ ପରି ଜୀବନ ଯାପନ କରିଥିଲେ । ସଫଳ ପାରିବାରିକ ଜୀବନ ଯାପନ କରିବା ସହିତ ନିଜକୁ ଓ ପରିବାରକୁ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ କରିଥିଲେ । ଜୀବନଟା ତାଙ୍କର ଥିଲା ଝଡ଼ଝଞ୍ଜାର କ୍ଷେତ୍ର । ତାଙ୍କର 'ଜୀବନ ଝଡ଼' କବିତାରେ ସେ ଲେଖିଛନ୍ତି–

'ଝଡ଼ର ତରଣୀ ମୁହିଁ
ଝଡ଼େ ମୋ ଜୀବନ ବହେ
ଆହ୍ଲାଦି ଚାଲେ ଭାସି
ମନେ ତ ଦକା ନ ଥାଏ ।
ଝଡ଼ ପରେ ସରିଝଡ଼
ଛାତି ହୋଇଲାଣି ଦୃଢ଼
ଜୁଆରିଆ ସୁଏ ପଡ଼ି
ପାହାଡ଼େ ଯେ ଧକ୍କା ଖାଏ
ଝଡ଼ର ତରଣୀ ମୁହିଁ
ଝଡ଼େ ମୋ ଜୀବନ ବହେ ।"

ପଣ୍ଡିଚେରୀ ଆଶ୍ରମକୁ ବହୁବାର ଯିବା ପରେ ଆଶ୍ରମର

ପରିବେଶରେ ସେ ପ୍ରଭାବିତ ହୋଇ ନିଜ ପିଲାଙ୍କୁ ପଣ୍ଡିଚେରୀ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ପଢ଼ାଇଲେ । ତାଙ୍କ ସ୍ୱାମୀଙ୍କର ଇଚ୍ଛା ନ ଥିଲା ଏତେ ଦୂରରେ ଚାରିଟିଯାକ ପିଲାଙ୍କୁ ଛାଡ଼ିବାକୁ, ମାତ୍ର ସ୍ୱାମୀଙ୍କୁ ମନେଇ ନେଇଥିଲେ ବିଦ୍ୟୁତ୍‌ପ୍ରଭା । ପିଲାମାନେ ନିଜ ନିଜ କ୍ଷେତ୍ରରେ ସଫଳ କାମ ହୋଇଥିଲେ ।

'ଓଡ଼ିଶା ଶିଶୁ ସାହିତ୍ୟ କମିଟି' ତରଫରୁ ସେ କେତେଥର ପୁରସ୍କୃତ ହେବା ସହ 'ପ୍ରଜାତନ୍ତ୍ର ପ୍ରଚାର ସମିତି' ଦ୍ୱାରା ଅଭିନନ୍ଦିତ ହୋଇଥିଲେ । ୧୯୬୨ରେ ତାଙ୍କର 'ସଞ୍ଚୟନ' କବିତା ପୁସ୍ତକ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲା । ୧୯୭୮ ମସିହାରେ ତାଙ୍କ ମୃତ୍ୟୁ ପରେ 'ବିଦ୍ୟୁତ୍‌ପ୍ରଭା ସ୍ମରଣିକା' ପ୍ରକାଶିତ ହୋଇଥିଲା । ୧୯୮୩ରେ ତାଙ୍କର ଗ୍ରନ୍ଥାବଳୀ ଦୁଇ ଖଣ୍ଡରେ ପ୍ରକାଶିତ ହେଲା ଫ୍ରେଣ୍ଡସ୍ ପବ୍ଲିଶର୍ସଙ୍କ ଦ୍ୱାରା । ସମ୍ପାଦନା କରିଥିଲେ ନିତ୍ୟାନନ୍ଦ ଶତପଥୀ ।

ଚିତ୍ତରଞ୍ଜନ ଦାସଙ୍କ ଭାଷାରେ, 'ନାରୀର ଦେହ, ମନ ଓ ଆକାଂକ୍ଷା ବିଷୟରେ ଅନେକ ସାହିତ୍ୟ ଓଡ଼ିଶାରେ ଲେଖା ଯାଇଛି, କିନ୍ତୁ ପ୍ରଧାନତଃ ପୁରୁଷ ଏହା ଲେଖିଛି ।, x x ତା' ଆଖିରେ ନାରୀ ପ୍ରଧାନତଃ କୌତୁକ ପିତୁଳା ହୋଇ ରହିଛି । x x ନାରୀ ଯେ କେବଳ ଶରୀର ନୁହେଁ, କେବଳ ଚାହାଣି ଓ ଚାତୁରୀର ଚୁଆ ଚନ୍ଦନରେ ମଠା ହୋଇଥିବା ଭୋଗ-କଳ୍ପନାର ସାମଗ୍ରୀ ନୁହେଁ-ନାରୀ ଯେ ଜଣେ ମଣିଷ ପୁରୁଷ ପରି, ବିଦ୍ୟୁତ୍‌ପ୍ରଭାଙ୍କର 'ସ୍ୱପ୍ନଦୀପ' ଓଡ଼ିଶାରେ ତା'ର ସନ୍ତକ ହୋଇ ରହିବ ।"

ବାସ୍ତବରେ ଜୀବନର ଶେଷାର୍ଦ୍ଧରେ ତାଙ୍କ ବ୍ୟକ୍ତିତ୍ୱର ବିବର୍ତ୍ତନ ଘଟିଥିଲା । କବି ମାୟାଧର ମାନସିଂଙ୍କର ଦେହାବସାନର ଅଳ୍ପ କେତେଦିନ ପୂର୍ବରୁ ବିଦ୍ୟୁତ୍‌ପ୍ରଭା ତାଙ୍କୁ ସାକ୍ଷାତ କରିଥିଲେ । ଏହି ସାକ୍ଷାତ ଆଲୋଚନା କାଳରେ ସ୍ୱାମୀ ପଞ୍ଚାନନ ଉପସ୍ଥିତ ଥିଲେ । ସେହି ସାକ୍ଷାତର ନିଜସ୍ୱ ଅନୁଭବ ଆବେଗସ୍ନିଗ୍ଧ ଭାଷାରେ ପ୍ରକାଶ କରିଥିଲେ ଯାହା ମାନସିଂଙ୍କ ଦେହାନ୍ତର ଠିକ୍ ପରସଂଖ୍ୟା 'ନବରବି'ରେ ପ୍ରକାଶିତ ହୋଇଥିଲା । ବୋଧହୁଏ ଏହା ମାନସିଂଙ୍କର ଶେଷ ଲେଖାଥିଲା–

'ତମେ ଚାଲିଗଲ ବିଦ୍ୟୁତ୍ ପ୍ରଭା, ମୁଁ ତୁମର ସ୍ଥାନ କାଳ ଜାଣେନା, ଆଉ ତମକୁ କେବେ ଦେଖିବି ଜାଣେନା । ତୁମେ କିନ୍ତୁ ହୁଏତ ଜାଣନି ଯେ ତମେ କେତେ ଭାବନା ଭର୍ତ୍ତି କରିଗଲ ମନ ଭିତରେ । ତମକୁ ସେ ଦିନ ସାମାନ୍ୟ କବି-ଯଶ-ଅଭିଳାଷିଣୀ କିଶୋରୀ ଭାବରେ ଦେଖିଥିଲି । ଆଜି ଯେ କିନ୍ତୁ ତୁମେ ଦେବଯାନୀ । ସେ ଦିନ ସାମାନ୍ୟ ପଦ୍ୟ-ବିତରଣ ପରିବର୍ତ୍ତରେ ତମେ ଆଜି କରି ଚାଲିଛ ସହସ୍ର ପ୍ରାଣରେ ସତ୍ୟ ଓ ଆଶାର ବିତରଣ । ତମେ ଆଜି ମହା ଜୀବନର ବାର୍ତ୍ତାବହ । ସହସ୍ରର ଚିତ୍ତ ଭୂମିରେ ତମେ ଆଜି ଏକ ଯୁଗର ଉଷା । ତମେ ଅସାଧ୍ୟ ସାଧନ କରିଛ ପତି-ବ୍ରତ ଓ ଯତି-ବ୍ରତକୁ ଏକ ମୁଠାରେ ଆୟତ୍ତ କରି ।"

ଓଡ଼ିଆ ସାହିତ୍ୟର ସବୁଜ ଏବଂ ସାମ୍ପ୍ରତିକ ଯୁଗର ମଧ୍ୟ ଭାଗରେ କବି ବିଦ୍ୟୁତ୍‌ପ୍ରଭାଙ୍କର ଜୀବନ ଏବଂ ପ୍ରତିଭା । ମାତ୍ର ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ି ନିଜସ୍ୱ ପ୍ରତିଭା ଏବଂ ସୁଲେଖକ ପିତା ନିମାଇଁ ଚରଣ ଦାସଙ୍କ ପ୍ରେରଣା ଯୋଗୁଁ ବିଦ୍ୟୁତ୍‌ପ୍ରଭା ଓଡ଼ିଆ ସାହିତ୍ୟକୁ ଅଜସ୍ର ଅବଦାନ ଦେଇଯାଇଛନ୍ତି । ଜଣେ କବି ହିସାବରେ ଜୀବନକୁ ସେ ଭଲ ପାଉଥିଲେ । 'ବିଦୁଅପା' ଭାବରେ ସେ ଓଡ଼ିଶାରେ ପରିଚିତା ଥିଲେ । ଶ୍ରୀମା-ଅରବିନ୍ଦ ଆଶ୍ରମର ପରିବେଶରେ ସେ ଏକ ଭିନ୍ନ ଉତ୍ତରିତ ସତ୍ତାକୁ ନିଜକୁ ଉନ୍ନୀତ କରିଥିଲେ ସତ; ମାତ୍ର ଶ୍ରୀମାଙ୍କର ତିରୋଧାନରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ଏବଂ ବେଳେବେଳେ ମାନସିକ ସ୍ଥିତି ହରାଉଥିଲେ । ୧୯୭୭ ଜାନୁଆରୀ ୨୮ତାରିଖ ଦୀର୍ଘ ଅସୁସ୍ଥତା ପରେ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ବିୟୋଗରେ ସ୍ୱାମୀ ପଞ୍ଚାନନ ମହାନ୍ତି ଲେଖିଛନ୍ତି–

"କବି ସ୍ୱର୍ଗର ଅଭିଶପ୍ତା କିନ୍ନରୀ । ବିଦ୍ୟୁତ୍‌ପ୍ରଭା ନାମକୁ ସାର୍ଥକ କରି ଆଷାଢ଼ର ଝଡ଼ ଦିନରେ ଆକାଶରେ ଉଦିତ ହୋଇ ନିଶାନ୍ତରେ ଲୀନ ହୋଇଗଲେ ।'

ଶଶୀଭୂଷଣ ରାୟ, ଚିତ୍ତ ରଞ୍ଜନ ଦାସ, ମାୟାଧର ମାନସିଂହ, ରାଧା ମୋହନ ଗଡ଼ନାୟକ, କୁଞ୍ଜ ବିହାରୀ ଦାଶ ପ୍ରମୁଖ ବିଶିଷ୍ଟ କବି ବିଦ୍ୟୁତ୍‌ପ୍ରଭାଙ୍କୁ କୁନ୍ତଳାକୁମାରୀଙ୍କ ପରବର୍ତ୍ତୀ ଦାୟାଦ ଭାବରେ ଚିତ୍ରିତ କରିଛନ୍ତି । ତାଙ୍କର କବିତାବଳୀ ଅନେକ ଆଲୋଚନାର ଅପେକ୍ଷା ରଖେ । ବିଶିଷ୍ଟ ଲେଖକ ମନୋଜ ଦାସ ମଧ୍ୟ ତାଙ୍କର ଅଭିମତରେ ବିଦ୍ୟୁତ୍‌ପ୍ରଭାଙ୍କର ପ୍ରଶଂସାରେ ବିଭୋର ହୋଇଛନ୍ତି । ସେ ଥିଲେ ଅନନ୍ୟା କବି ପ୍ରତିଭା । ■■■

ପ୍ଲଟ୍ ନଂ ୪୬୧୯/୨୧, ପୋଖରୀପୁଟ ଭିଲେଜ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬
ଦୂରଭାଷ : ୮୮୯୫୨୭୪୭୯୪


VYASANAGAR
PUBLIC SCHOOL,SR.SECONDARY
FOUNDATION
Class By
The IITIAN'S HUB
GATEWAY TO EXCELLENCE
"Today a Reader
Tomorrow a Leader"
JEE MAINS
JEE ADVANCE
NEET
OLYMPIADS
CLASS 7-10
ADMISSION FREE
For Super 30
@VPS School Campus
Afternoon Classes
Admission Close On
20th July 2024
* Batch Starts On:
1st Aug 2024
ADMISSION
OPEN
HURRY UP!
CALL TO FIND OUT MORE: 9853046520,9124229301

‘ସମାଜ’ର ସାହିତ୍ୟ ପତ୍ରିକା ‘ସତ୍ୟବାଦୀ’ର ଶାରଦୀୟ ସଂସ୍କରଣ ଅବସରରେ ସରକାରୀ ସ୍ୱୀକୃତିପ୍ରାପ୍ତ

ଭବାନୀ ପାଥୋଲ୍ୟାବ

ଅଲିପୁର, ବରୀ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ପ୍ରୋପାଇଟର - ସୁଧାଂଶୁଭୂଷଣ ନାଥ

ଗୀତା ମାର୍କେଟ, ମେଡିକାଲ ଛକ, ଅଲିପୁର, ଯାଜପୁର, ମୋବାଇଲ ନଂ.-୯୪୩୭୩୦୦୭୯୨ / ୮୯୦୮୩୨୩୩୫୮

A Well Wisher from Kendrapara

ଫକୀର ମୋହନ ସେନାପତିଙ୍କ ଡାକ ମୁନ୍‌ସୀ

ଊନବିଂଶ ଶତାବ୍ଦୀରୁ ଏ ଯାବତ୍ କଥା ସାହିତ୍ୟର ସମ୍ରାଟ୍, ଜନକ ରୂପେ ନିଜର ସ୍ୱତନ୍ତ୍ର ପରିଚୟ ଅକ୍ଷୁଣ୍ଣ ରଖିଆସିଛନ୍ତି ପ୍ରଖ୍ୟାତ ଔପନ୍ୟାସିକ ଫକୀର ମୋହନ ସେନାପତି। ଯଦିଓ ତାଙ୍କ ତିରୋଧାନର ଏହା ଭିତରେ ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ଗଲାଣି, ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ସୃଷ୍ଟି ହୋଇଥିବା ଅପୂରଣୀୟ ସ୍ଥାନକୁ ଏ ପର୍ଯ୍ୟନ୍ତ କୌଣସି ଗାଳ୍ପିକ ବା ସାହିତ୍ୟିକ ପୂରଣ କରିପାରି ନାହାନ୍ତି।

ତତ୍କାଳୀନ ସମୟରେ, ଅର୍ଥାତ୍ ଫକୀର ମୋହନ ସେନାପତିଙ୍କ ଜନ୍ମ କାଳୀନ ଅବଧି ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ଓଡ଼ିଶାର ସାମାଜିକ ବ୍ୟବସ୍ଥା ଯେପରି ଥିଲା, ଯଥା – ଓଡ଼ିଆମାନଙ୍କର ଆଚରଣ, ଉଚ୍ଚାରଣ, ଜୀବନଚର୍ଯ୍ୟା, ଆର୍ଥିକ ପରିସ୍ଥିତି, ଏ ଯୁଗରେ ସେପରି ଥିବାର ପରିଲକ୍ଷିତ ହୁଏନାହିଁ। ଯଦି ଆମେ ଏକବିଂଶ ଶତାବ୍ଦୀର ପରିଚୟ ମାଗିବା ଅନୁମିତ ହୁଏ ଯେ ଅଧୁନା ଅତ୍ୟାଧୁନିକ ଯୁଗରେ ଇଣ୍ଟରନେଟ୍ ବା ଡିଜିଟାଲ୍ ଇଞ୍ଜେସନ କାୟା ବିସ୍ତାର କରିଛି। ସେ ସମୟର ପ୍ରତିକୂଳ ପରିସ୍ଥିତିରେ ଫକୀର ମୋହନ ସେନାପତି ଯେପରି ଭାବେ ସାମାଜିକ ବ୍ୟବସ୍ଥା ଓ ଅବସ୍ଥାକୁ ନିଜ କ୍ଷୁଦ୍ର ଗଳ୍ପ ମାଧ୍ୟମରେ ଉପସ୍ଥାପନ କରି ବିରଳ କୀର୍ତ୍ତି ସ୍ତମ୍ଭ ପ୍ରତିଷ୍ଠା କରି ଯାଇଛନ୍ତି, ସାମ୍ପ୍ରତିକ ପରିପ୍ରେକ୍ଷୀରେ ଓଡ଼ିଆ ଭାଷାର ମହାନ୍ କଥାଶିଳ୍ପୀ ଭାବେ ସୁପରିଚିତ ସାହିତ୍ୟିକ ଓ କବିମାନେ ସମାଜର ଅବିକଳ ଛବିକୁ ପୂର୍ଣ୍ଣମାତ୍ରାରେ ସକ୍ଷମ ହେଉ ନାହାନ୍ତି ଫକୀର ମୋହନ ସେନାପତିଙ୍କ ପରି ଉପସ୍ଥାପନ କରିବାରେ।

ମନୀଷା ରାୟ

ଶିଶୁ କବିତା, ଗଳ୍ପ, ପ୍ରବନ୍ଧ ତଥା ଜୀବନୀ ଲେଖିକା। 'କୁନାକୁନିଙ୍କ କାହାଣୀ', 'ଟୁନାଟୁନା ଫୁଲ', 'ଜାତୀୟ ବୀର ଚାଖି ଖୁଣ୍ଟିଆ' ଆଦି ପୁସ୍ତକ ପ୍ରକାଶିତ। ବହୁ ସାରସ୍ୱତ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ।

ବ୍ୟାସକବିଙ୍କ ଲେଖନୀ କେବଳ ତତ୍କାଳୀନ ଜମିଦାର, ରାଜା ମହାରାଜା କିମ୍ବା ଗରିବ ଚାଷୀ, ନିରୀହ ଆଦିବାସୀ ତଥା ସରଳ, ଅସହାୟ ପ୍ରଜାଙ୍କୁ ଶୋଷଣର କାହାଣୀକୁ ନେଇ ମୁଖର ନ ଥିଲା; ବରଂ ଅଧିକ ବର୍ଣ୍ଣିତ ହୋଇଥିଲା ତତ୍କାଳୀନ ସାମାଜିକ ତଥା ପାରିବାରିକ ଗ୍ରାମୀଣ ଜୀବନର ନିଛକ ଚିତ୍ରକୁ ନେଇ ଯେଉଁଥିରେ କେବଳ ଉଦ୍‌ଭାସିତ ହେଉଥିଲା ସମାଜରେ ଥିବା ଅହେତୁକ ଅନ୍ଧ ବିଶ୍ୱାସ, କୁସଂସ୍କାର, ପିତା-ମାତା ତଥା ବରିଷ୍ଠ ଗୁରୁଜନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଅନ୍ୟାୟ। ଆଉ ଏହି ସବୁ ଅମାନବୀୟ କର୍ମକୁ ସମାଜରୁ ଚିରଦିନ ପାଇଁ ମୂଳୋତ୍ପାଟନ କରିବା ଆଭିମୁଖ୍ୟ ଓ ଦୃଷ୍ଟିଭଙ୍ଗୀ ରଖି ସେ ରଚନା କରିଥିଲେ ଅନବଦ୍ୟ ଗଳ୍ପ, ଯାହା ସେ ସମୟରେ ସମାଜକୁ ସଚେତନ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲା।

କହିବା ବାହୁଲ୍ୟ ଯେ ଏଇ ମହାନ୍ କଥା ସମ୍ରାଟଙ୍କ ଲେଖିବା ଶୈଳୀ ଏତେ ଉଚ୍ଚକୋଟୀର ଥିଲା ଯେ ଏକ ସାମାନ୍ୟତମ କଥାବସ୍ତୁକୁ ନେଇ ସେ ଅତ୍ୟନ୍ତ ସରଳ, ସୁନ୍ଦର, ବୋଧଗମ୍ୟ ଓ ବିସ୍ତୃତ କାହାଣୀ ବା ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ରଚନା କରି ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିଯାଇଛନ୍ତି।

ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଏହିସବୁ ସାହିତ୍ୟ କୃତି ଓ କୀର୍ତ୍ତି ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଅକୁଣ୍ଠ ଧିଷଣାର ପରିଚାୟକ ଅଟେ। କାରଣ ତତ୍କାଳୀନ ସାମାଜିକ ଅବସ୍ଥାକୁ ଶୃଙ୍ଖଳିତ ତଥା ସଚେତନ କରିବା ଅଭିପ୍ରାୟରେ ସେ କ୍ରାନ୍ତିକାରୀ ମନୋଭାବ ନେଇ ସାହିତ୍ୟ ସର୍ଜନା କରୁଥିଲେ। ପ୍ରାୟଶଃ ଦେଖିବାକୁ ଗଲେ, ଏଇ ପ୍ରଖ୍ୟାତ ଗାଳ୍ପିକଙ୍କ ପ୍ରତ୍ୟେକ ସୃଷ୍ଟି କେବଳ ସାମାଜିକ ସଚେତନଧର୍ମୀ ଥିଲା। ଫଳତଃ ତାଙ୍କର ଏହିସବୁ ଗୁଣବତ୍ତାକୁ ଲକ୍ଷ୍ୟ କରି ଫକୀର ମୋହନ ସେନାପତିଙ୍କୁ ଜଣେ ମହାନ୍ କ୍ରାନ୍ତିକାରୀ ସାହିତ୍ୟ ସ୍ରଷ୍ଟା ଭାବେ ଅଭିହିତ କରାଯାଇଥିଲା।

ଯଦିଓ ସେ ସମୟରେ ତାଙ୍କ ସମସାମୟିକ ବିଶିଷ୍ଟ କବି, ଲେଖକ ଓ ସୁସାହିତ୍ୟିକ ଥିଲେ, ଯଥା – ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, କବିବର ରାଧାନାଥ ରାୟ, ସ୍ୱଭାବକବି ଗଙ୍ଗାଧର ମେହେର ପ୍ରମୁଖ ମୂଳତଃ ସମସ୍ତେ ଥିଲେ ଓଡ଼ିଆ

ଭାଷା ଆନ୍ଦୋଳନର ପୁରୋଧା । ତେବେ କଥାସମ୍ରାଟ ବ୍ୟାସକବି ଫକୀର ମୋହନ ସେନାପତି ଥିଲେ ଏମାନଙ୍କଠାରୁ ବହୁ ଊର୍ଦ୍ଧ୍ୱରେ । କୁହାଯାଇପାରେ, ଭାବନାତ୍ମକ ତଥା ଗୁଣାତ୍ମକ ଦୃଷ୍ଟିକୋଣରୁ ବିରାଟ ବ୍ୟତିକ୍ରମ ।

ସାମାଜିକ ପରିସ୍ଥିତିକୁ ପରିବର୍ତ୍ତନମୁଖୀ ତଥା ଲୋକାଭିମୁଖୀ କରିବା ଅଭିରୁଚି ତାଙ୍କୁ ଓଡ଼ିଆ ଭାଷା ଆନ୍ଦୋଳନର ଜାଗ୍ରତ ପ୍ରହରୀ ରୂପେ ସୁବିଦିତ କରିଥିଲା । ଫକୀର ମୋହନ ସେନାପତିଙ୍କ ଦୃଢ଼ ନିଶ୍ଚୟତା ହିଁ ଓଡ଼ିଆ ଭାଷାକୁ ବିଦେଶୀମାନଙ୍କ କବଳରୁ ନିଜସ୍ୱ ସ୍ୱାତନ୍ତ୍ର୍ୟ ବଜାୟ ରଖିବାରେ ଅମୋଘଅସ୍ତ୍ର ପାଲଟିଯାଇଥିଲା । ଶ୍ରେଷ୍ଠ ଗାଳ୍ପିକ ଭାବେ ଓଡ଼ିଆ କଥା ସାହିତ୍ୟର 'କଥାସମ୍ରାଟ' ଶିରପା ମଥାରେ ଧାରଣ କରିଥିଲେ, ଯାହା ଓଡ଼ିଆ ସାହିତ୍ୟାକାଶର ଏକ ବିରଳ କୃତିତ୍ୱ ।

ଫକୀର ମୋହନ ସେନାପତି କେବଳ ଜଣେ ଗାଳ୍ପିକ ଭାବେ ପ୍ରତିଷ୍ଠା ଅର୍ଜନ କରି ନ ଥିଲେ, ଓଡ଼ିଆ ଭାଷା ସାହିତ୍ୟର ପ୍ରତ୍ୟେକ ବିଭାଗରେ ଲେଖନୀ ଚାଳନା କରିବାରେ ସେ ଥିଲେ ଧୁରୀଣ । ଏପରିକି ସଂସ୍କୃତ ଭାଷାକୁ ଓଡ଼ିଆରେ ଅନୁବାଦ କରିବାରେ ତାଙ୍କର ଥିଲା ପ୍ରଚଣ୍ଡ ଦକ୍ଷତା । ସେ ଅନେକ କାବ୍ୟ କବିତା ସଂସ୍କୃତ ଭାଷାରୁ ଓଡ଼ିଆକୁ ଅନୁବାଦ କରିଥିଲେ । ତଥାପି ଓଡ଼ିଆ ଭାଷାରେ ବହୁ କାଳଜୟୀ ଉପନ୍ୟାସ, କ୍ଷୁଦ୍ର ଗଳ୍ପ ରଚନା କରି ଓଡ଼ିଆ ଉପନ୍ୟାସ ସାହିତ୍ୟ ଓ ଗଳ୍ପ ସାହିତ୍ୟର ସମ୍ରାଟ ରୂପେ ସୁନାମ ଅର୍ଜନ କରିଥିଲେ ।

ଜୀବନର ସାୟାହ୍ନରେ ଫକୀର ମୋହନ ଅନେକ ଗଳ୍ପ ଓ ଉପନ୍ୟାସ ରଚନା କରିଥିଲେ । ତାଙ୍କ ଦ୍ୱାରା ୧୮୯୮ ମସିହାରେ ରଚିତ ଚର୍ଚ୍ଚିତ ଗଳ୍ପ 'ରେବତୀ' ଥିଲା ଅନବଦ୍ୟ ଗଳ୍ପ । ଏହା ପୂର୍ବରୁ ୧୮୬୦ ମସିହାରେ ସେ ତାଙ୍କ ଜୀବନର ପ୍ରଥମ ଗଳ୍ପ 'ଲଛମନିଆଁ' ରଚନା କରିଥିଲେ । ଏହି ଦୁଇଟି କ୍ଷୁଦ୍ର ଗଳ୍ପ ପରେ ସେ ଅନେକ ସଂସ୍କାରଧର୍ମୀ ଗଳ୍ପ ରଚନା କରି ସାମାଜିକ ବାତାବରଣରେ ସକାରାତ୍ମକ ଭାବନା ଉଦ୍ରେକ କରିବାକୁ ପ୍ରୟାସ କରିଥିଲେ । ଯଥା– ବାଲେଶ୍ୱର ପଙ୍ଗାଲୁଣ (୧୯୦୭), ମୌନାମୌନୀ (୧୯୦୭), ପୁନର୍ମୂଷିକ ଭବ (୧୯୦୯), ଡାକ ମୁନ୍‌ସି (୧୯୧୨), କାଳିକା ପ୍ରସାଦ ଗୋରାପ (୧୯୧୩), ପେଟେଣ୍ଟ ମେଡିସିନ୍ (୧୯୧୩), ଧୂଳିଆ ବାବା (୧୯୧୩) ।

୧୯୧୨ରେ ରଚିତ 'ଡାକ ମୁନ୍‌ସି' ଗଳ୍ପ ଥିଲା ତତ୍କାଳୀନ ସାମାଜିକ ବ୍ୟବସ୍ଥାରେ ଓତପ୍ରୋତ ଭାବେ ଜଡ଼ିତ, ପୀଡ଼ିତ ତଥା ଜର୍ଜରିତ ଗରିବ ତଥା ନିରୀହ ପିତା-ମାତାଙ୍କର ଦୁର୍ଦ୍ଦଶା ଉପରେ ଆଧାରିତ ଏକ କ୍ଷୁଦ୍ର ଗଳ୍ପ । ସ୍ନେହଶୀଳ ପିତା ହରି ସିଂ ଏହି ଗଳ୍ପର ନାୟକ ଏବଂ ଖଳନାୟକ ଭୂମିକାରେ ଅବତୀର୍ଣ୍ଣ ଥିଲେ ହରି ସିଂଙ୍କ ରକ୍ତମାଂସରେ ଗଢ଼ା ପୁତ୍ର ଗୋପାଳ ଚନ୍ଦ୍ର ସିଂ ଓରଫ 'ଡାକ ମୁନ୍‌ସି' ବାବୁ ।

ବୃତ୍ତିଗତ ଜୀବନରେ ହରି ସିଂ ଜଣେ ସରକାରୀ କର୍ମଚାରୀ ଥିଲେ । ମଫସଲରେ ଥିବା ବିଭିନ୍ନ ପୋଷ୍ଟ ଅଫିସ୍‌ରେ ପିଅନ ଚାକିରି କରି ପରିଶେଷରେ ସେ ସହରରେ ଥିବା ସବ୍‌ପୋଷ୍ଟ ଅଫିସ୍‌ରେ ହେଡ୍ ପିଅନ ଭାବରେ ଦଶବର୍ଷ କଟାଇଥିଲେ । ସେ ସମୟରେ ହରି ସିଂଙ୍କର ଦରମା ଥିଲା ମୋଟେ ନଅ ଟଙ୍କା । ଏହି ସୀମିତ ସମ୍ବଳରେ ସହରରେ ସେ ଯେନତେନ ପ୍ରକାରେ ଚଳି ପ୍ରତି ମାସରେ ଚାରି ଟଙ୍କା ନିୟମିତ ଗାଁକୁ ପଠାଉଥିଲେ ।

ସେତେବେଳେ ତାଙ୍କର ଗୋଟିଏ ବୋଲି ପୁଅ ଅପର ପ୍ରାଇମେରୀ ସ୍କୁଲ୍‌ରେ ପାଠ ପଢୁଥିଲା । ହରି ସିଂଙ୍କର ଭାରି ଇଚ୍ଛା ଥିଲା ଗୋପାଳ ମାଇନର ପାସ୍ କଲେ ବଡ଼ହାକିମ ଚାକିରି କରିବ, ତା' ନାଁ ରଖିବ । ପୁଅ ଗୋପାଳର ଭବିଷ୍ୟତ ପାଇଁ କେତେଥର ବଡ଼ ହାକିମଙ୍କୁ ନେହୁରା ହୋଇ କହିଲେଣି । ସାହେବ ମଧ୍ୟ ଅଭୟବାଣୀ ପ୍ରଦାନ କରିଛନ୍ତି ମାଇନର ପାସ୍ ପରେ ଗୋପାଳକୁ ସେ ଚାକିରିରେ ରଖିଦେବେ ।

ପୁଅକୁ ହାକିମଙ୍କ ମାଧ୍ୟମରେ ରଖିବା ପାଇଁ ପଞ୍ଚାବନ ବର୍ଷ ବୟସରେ ମଧ୍ୟ ହରି ସିଂ ବଡ଼ ହାକିମଙ୍କ ସେବାରେ ଲାଗିଛି । କେବେ ବି ବଡ଼ ହାକିମମାନଙ୍କର ସେବାରେ ଅବହେଳା କରି ନାହିଁ । ସାହେବମାନଙ୍କର ମନ ଜାଣି ଚିଲମ୍‌ଠାରୁ ଆରମ୍ଭ କରି ପାଦସେବା ପର୍ଯ୍ୟନ୍ତ ସବୁ କାମ କରିଚାଲିଛି । ଦିନେ ବଡ଼ ସାହେବଙ୍କର ସେବା କରୁଥିବା ସମୟରେ ହରି ସିଂକୁ ହାକିମ ବାବୁ ଚେତାଇ ଦେଇଥିଲେ ଯେ ତା'ର ଅବସର ନେବାର ସମୟ ହୋଇ ଗଲାଣି । ଏ କଥା ଶୁଣି ହରି ସିଂ ମୁଣ୍ଡରେ ବଜ୍ରପାତ ହେଲା ଭଳି ଅନୁଭବ କରିଥିଲା ।

ଏହାପରେ ସେ ଗଭୀର ମାନସିକ ଚିନ୍ତାରେ ବୁଡ଼ି ଯାଇଥିଲା । କିପରି ସାମାନ୍ୟ ପେନ୍‌ସନ୍ ଅର୍ଥରେ ଚଳିବ । ସେଥିରେ ପୁଣି ଗୋପାଳର ପାଠପଢ଼ା ଖର୍ଚ୍ଚ ମୁଣ୍ଡ ଉପରେ । ଏହିସବୁ ଦୁଶ୍ଚିନ୍ତାରେ ହରି ସିଂର ଆଖିରୁ ନିଦ ହଜିଗଲା । ଠିକ୍ ଏହି ସମୟରେ ଅଚାନକ ଗାଁରୁ ଖବର ଆସିଲା ଗୋପାଳର ମା' ସନ୍ନିପାତ ରୋଗରେ ଶଯ୍ୟାଶାୟୀ । ଏ କଥା ଶୁଣି ସାହେବଙ୍କଠାରୁ ଛୁଟି ନେଇ ଗାଁକୁ ଧାଇଁ ଯାଇଥିଲା ହରି ସିଂ । ଗାଁରେ ପହଞ୍ଚି ସେ ଯାହା ଦେଖିଲା ସେଥିରେ ତା'ର ପାଦତଳୁ ମାଟି ଖସିଗଲା ଭଳି ବୋଧ ହୋଇଥିଲା । ଗୋପାଳ ମା'ର ଅନ୍ତିମ ସମୟ । ବହୁ ଉଦ୍ୟମ ସତ୍ତ୍ୱେ ତାକୁ ବଞ୍ଚାଇ ପାରି ନ ଥିଲା ହରି ସିଂ । ପୁଅ ଗୋପାଳକୁ ହରି ସିଂକୁ ଧରାଇ ଦେଇ ସେ ସ୍ୱର୍ଗବାସୀ ହେଲା । ମୋଟ ଉପରେ କହିଲେ, ସେ କେବଳ ହରି ସିଂର ବାଟକୁ ହିଁ ଚାହିଁ ରହିଥିଲା ।

ସ୍ତ୍ରୀର ମୃତ୍ୟୁ ପରେ ଗୋପାଳକୁ ଧରି ସହରକୁ ଫେରିଆସିଲା ହରି ସିଂ । ଏବେ ସେ ହିଁ ଗୋପାଳର ମା' ଓ ବାପା । ଉଭୟଙ୍କର ଦାୟିତ୍ୱ ନେଇ ସେ ଗୋପାଳକୁ ବଡ଼ମଣିଷ କରିବା ନିଶାରେ ମସ୍‌ଗୁଲ ହୋଇଗଲା । ଏହାର ବାସ୍ତବତାକୁ ହୃଦୟଙ୍ଗମ କଲେ ପ୍ରାୟଶଃ ଅନୁମିତ ହୁଏ ଯେ ପ୍ରତ୍ୟେକ ପିତା-ମାତାଙ୍କ ହୃଦୟରେ ନିଜ ସନ୍ତାନସନ୍ତତିଙ୍କ ପ୍ରତି ଯେଉଁ ଆଭିମୁଖ୍ୟ ସର୍ବଦା ଗଚ୍ଛିତ ହୋଇରହିଥାଏ, ଠିକ୍ ସେହିପରି ହରି ସିଂଙ୍କ ହୃଦୟରେ ଗୋପାଳର ଭବିଷ୍ୟତକୁ ନେଇ ସେଇ ଉଚ୍ଚାକାଂକ୍ଷା ଓ ଆଭିମୁଖ୍ୟ ଥିଲା ।

ଆଜକୁ ପ୍ରାୟ ଶହେ ବର୍ଷ ତଳେ, ଅର୍ଥାତ୍ ଊନବିଂଶ ଶତାବ୍ଦୀର ମଧ୍ୟ

ଭାଗରେ ଓଡ଼ିଶା ଏକ ଘଡ଼ିସନ୍ଧି ମୁହୂର୍ତ୍ତ ମଧ୍ୟ ଦେଇ ଗତି କରୁଥିବାବେଳେ ସଂକ୍ରାନ୍ତି ପୁରୁଷ ଫକୀର ମୋହନ ସେନାପତିଙ୍କ ଚର୍ଚ୍ଚିତ ଗଳ୍ପ 'ଡାକ ମୁନ୍‌ସି'ରେ ବୟୋଜ୍ୟେଷ୍ଠ ବାପା ନିଜ ପେଟକୁ ଦାନା ମୁଠାଏ ନ ଦେଇ, ଗୋଟିଏ ବୋଲି ପୁଅ ଗୋପାଳର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଘରଦ୍ୱାର, ବାସନକୁସନ ବିକି ପାଠ ପଢ଼ାଇ ବଡ଼ହାକିମ କରିଛି। ଆଉ ବୁଢ଼ା ବୟସରେ ଉପନୀତ ହୋଇ ମଧ୍ୟ ପୁଅ ଗୋପାଳର ଯାବତୀୟ କାର୍ଯ୍ୟ କରୁଛି। ଏହାକୁ ଅତି ନିଖୁଣ ଭାବେ ଫକୀର ମୋହନ ସେନାପତି ବର୍ଣ୍ଣନା କରିଛନ୍ତି। ଯେପରି ପୁଅର ଜୋତା ପଲିସ୍‌ଠାରୁ ଆରମ୍ଭ କରି ପୋଷାକ ପତ୍ର ସଫା କରିବା, ଇସ୍ତ୍ରି କରିବା, ଗୋପାଳ ପାଇଁ ମନଲାଖି ରୋଷେଇ କରିବା, ସାଙ୍ଗ ହୋଇ ଖାଇବା ପାଇଁ ପୁଅ ଗୋପାଳକୁ ଅପେକ୍ଷା କରିବା ଇତ୍ୟାଦି ଇତ୍ୟାଦି।

ସ୍ତ୍ରୀ ମଲାବେଳକୁ ଗୋପାଳକୁ ମାତ୍ର ଆଠବର୍ଷ ହୋଇଥିଲା। ୟା' ଭିତରେ ହରି ସିଂ ଅବସର ନେଇ କଟକ ପରି ଏକ ଖର୍ଚ୍ଚାନ୍ତିଆ ସହରରେ ଦଶବର୍ଷ ବିତାଇ ଦେଲାଣି। ଗୋପାଳ ଅପରପ୍ରାଇମେରୀରୁ ପାସ୍ କରି ମାଇନର୍ ମଧ୍ୟ ପାସ୍ କରି ସାରିଲାଣି। ବଡ଼ ହାକିମମାନଙ୍କୁ କୁହାପୋଛା କରି ଗୋପାଳକୁ ହାକିମ ଚାକିରିଟିଏ କରାଇ ଦେଇଛି। ଏବେ ବୁଢ଼ା ହରି ସିଂର ଖୁସି କାହିଁରେ କ'ଣ। ଗୋଡ଼ ତା'ର ଭୂଇଁରେ ଲାଗୁ ନ ଥିଲା। ବେଳେବେଳେ ସ୍ୱର୍ଗବାସୀ ବୁଢ଼ୀ କଥା ମନେପକାଇ ବହୁତ ବାହୁନି ହେଉଥିଲା ସେ। ମନେମନେ କହୁଥାଏ ଆହା! ବୁଢ଼ୀ ବଞ୍ଚିଥିଲେ ପୁଅ ହାକିମ ଚାକିରି କରିଛି ଜାଣି କେତେ ଖୁସି ହୋଇ ନଥା'ନ୍ତା ? ହେଲେ କ'ଣ ହେବ, ଅଭାଗୀ ବୁଢ଼ୀଟାର ଏସବୁ ଦେଖିବାକୁ ଭାଗ୍ୟରେ ନ ଥିଲା। ଏହିସବୁ କଥା ଭାବି ଭାବି ବୁଢ଼ା ହରି ସିଂ କାନ୍ଦି ପକାଏ।

ଗୋପାଳ 'ଡାକ ମୁନ୍‌ସି' ବା ହାକିମ ଚାକିରି କଲାପରେ ଖୁବ୍ ଅଳ୍ପ ଦିନରେ ବଦଳି ଗଲା। ଯଦିଓ ପ୍ରଥମ ମାସିକ ଦରମାଟା ବୁଢ଼ା ବାପା ହରି ସିଂ ହାତରେ ଧରାଇ ଦେଇଥିଲା, ହେଲେ ପରବର୍ତ୍ତୀ ସମୟରେ ଆନୁମାନିକ ଦୀର୍ଘ ଦୁଇଶହ ବର୍ଷର ଓଡ଼ିଶାର ସାମାଜିକ, ରାଜନୈତିକ, ସାଂସ୍କୃତିକ, ପାରିବାରିକ ଜୀବନ ଇତିହାସରେ ଯେଉଁସବୁ ପ୍ରତିକୂଳ ପରିସ୍ଥିତି ଦୃଶ୍ୟମାନ ହେଉଥିଲା ତାହା ଖୁବ୍ ଶୀଘ୍ର ବୁଢ଼ା ହରି ସିଂ ଜୀବନରେ ପ୍ରତିଫଳିତ ହେବାକୁ ଲାଗିଲା।

ପୁଅ ଗୋପାଳ ଏବେ ବଡ଼ ହାକିମ। ପୁଳାପୁଳା ପଇସା ହାତପାଆନ୍ତାରେ ପାଇ ନିଜ ହିତାହିତ ଜ୍ଞାନ ଭୁଲିଗଲା। ଇଂରାଜୀ ଭାଷାରେ ଦୁଇପଦ କଥା କହିପାରୁଥିବାରୁ ଗର୍ବ ଓ ଅହଙ୍କାରରେ ଫାଟି ପଡୁଥିଲା। ଧରାକୁ ସରା ମନେକରି ସମସ୍ତଙ୍କୁ ଦୁର୍ବ୍ୟବହାର କଲା। ଏମିତିକି ନିଜ ବୁଢ଼ା ବାପାଟାକୁ ମଧ୍ୟ ଛାଡ଼ି ନ ଥିଲା। ବାପା ହରି ସିଂର କାର୍ଯ୍ୟକଳାପ, ବେଶଭୂଷା ତାକୁ ବିଷତୁଲ୍ୟ ମନେ ହେଲା, ତେଣୁ ହାକିମ ବାବୁ ଗୋପାଳ ଓରଫ୍ 'ଡାକ ମୁନ୍‌ସି' ବାବୁ ବୁଢ଼ାବାପା ହରି ସିଂକୁ ଇଂରାଜୀ ଭାଷାରେ ଆଡୁସାଡୁ କହି ଗାଳିଗୁଲଜ କରିବାକୁ ଲାଗିଲା।

ବୁଢ଼ା ବାପାଟା ତା' ପାଇଁ ଏତେ ସବୁ କରିଥିଲା, ଦିନ କେଇଟାରେ ସବୁ ଭୁଲିଗଲା ଗୋପାଳ। ଅଯଥାରେ ଗାଳିଦେଇ ଦିନେ ହରି ସିଂକୁ କହିଲା, ତୁମେ ମୋ ପାଇଁ କିଛି କରିନ, ତୁମ ଇଚ୍ଛା ହେଲେ ଏଠି ରୁହ ନଚେତ୍ ଘର ଛାଡ଼ି ଚାଲିଯାଅ। ପୁଅ ଗୋପାଳର ଏପରି କଥା ଶୁଣି ମୁଣ୍ଡରେ ହାତ ଦେଇ ବସିଗଲା ହରି ସିଂ। ତା'କୁ ଚାରିଆଡ଼ ଅନ୍ଧାର ଦେଖାଗଲା। କାନମୁଣ୍ଡା ଆଉଁଶି ଚୁପ୍ ରହିବା ଛଡ଼ା ତା'ର ଅନ୍ୟ ଗତି ନଥିଲା।

କିଛି ମାସ ପରେ ଗୋପାଳ ଭିଲେଜ୍ ସବ୍‌ପୋଷ୍ଟ ମାଷ୍ଟର ହୋଇଗଲା। ଏବେ ତା'ର ଗାଁକୁ ବଦଳିହେଲା। ଦିନେ ସକାଳୁ ସକାଳୁ ଗାଁକୁ ବାହାରିଲା ସେ। ତା' ପୂର୍ବରୁ ହରି ସିଂକୁ ଆଦେଶ ଦେଲା ସବୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପୁଟୁଳା ବାନ୍ଧି ତା' ପଛେ ପଛେ ଧରି ଆସିବାକୁ। ବୁଢ଼ା ମଣିଷ, ଦେହରେ ବଳ ନାହିଁ; ତଥାପି ପୁଅ ଗୋପାଳର କଥା ମାନି ସବୁ ଜିନିଷପତ୍ର ଧରି ମଫସଲ ଗାଁକୁ ଆସିଲା। ସେଠାରେ ଦିନ କେତେ ରହିଲା ପରେ ବୁଢ଼ା ହରି ସିଂକୁ ଭୀଷଣ ଥଣ୍ଡା ଧରି କାଶ ହେଲା। ଯେତେ ଔଷଧପତ୍ର ଖାଇଲେ ବି କାଶ କମିଲା ନାହିଁ। ବିଚରା ଦିନକୁ ଦିନ କାଶ ଯୋଗୁ ଦୁର୍ବଳ ହେବାକୁ ଲାଗିଲା।

ବୁଢ଼ା ହରି ସିଂର କାଶରେ ଅତିଷ୍ଠ ହୋଇପଡ଼ିଲା ଗୋପାଳ। କାଶ ଯୋଗୁ ସେ ଶାନ୍ତିରେ ଶୋଇ ପାରୁ ନ ଥିଲା। ଏଥିରେ ଦିନେ ଭୀଷଣ ଉତ୍‌କ୍ଷିପ୍ତ ହୋଇ ଚାକରକୁ ଆଦେଶ ଦେଲା, ବୁଢ଼ାଟାକୁ କିଆ ବୁଦାରେ ପକାଇ ଦେଇ ଆସିବାକୁ। ପିଅନଟା ମୂର୍ଖ ହେଲେ ବି ତା'ର ହୃଦୟ ଥିଲା। ଏପରି ଘୃଣିତ କାର୍ଯ୍ୟ କରିବାକୁ ସେ ଅମଙ୍ଗ ହେଲା; କିନ୍ତୁ ଡାକ ମୁନ୍‌ସି ବାବୁ ଗୋପାଳ ଚନ୍ଦ୍ର ସିଂ ସାହେବ ନିଜ ହିତାହିତ ଜ୍ଞାନ ଭୁଲିଯାଇ ବୁଢ଼ା ଛାତିରେ ଦୁଇ ଗୋଇଠା ନାଦି ଦେଲେ। ବିଚରା ହରି ସିଂ ଆଖିରୁ ଧୂଆଁ ବାହାରିଗଲା। ଅତ୍ୟଧିକ ଯନ୍ତ୍ରଣାରେ ସେ ଛଟପଟ ହେଉଥିବାବେଳେ ନିଜ ଜନ୍ମ କଲା ବୁଢ଼ା ବାପ ମୁହଁକୁ ଆଡ଼ ଆଖିରେ ଚାହିଁ ନ ଥିଲା ଗୋପାଳ।

ସେହି ରାତିଟା ଯେନତେନ ପ୍ରକାରେ ବିତାଇ ତା' ପରଦିନ ବଡ଼ି ଭୋରରୁ ଗୋପାଳକୁ ନ ଜଣାଇ ହରି ସିଂ ନିଜ ଗାଁକୁ ଚାଲି ଆସିଲା। ଗାଁରେ ଥିବା ଦୁଇ ମାଣ ଜମିକୁ ଭାଗଚାଷୀଙ୍କୁ ଦେଇ ସେଇଥିରୁ ଯାହା ଅମଳ ପାଇଲା ସେଥିରେ ଅତି ଦୁଃଖ କଷ୍ଟରେ ଗାଁରେ ଚଳିଲା। ପୁଅ ଗୋପାଳଠାରୁ ଅଲଗା ହୋଇ ରହିବା ପରେ ଏବେ ସେ ହରି ନାମ ସ୍ମରଣାରେ ଅଧିକାଂଶ ସମୟ ବିତାଇ ବେଶ୍ ଶାନ୍ତିରେ ରହିଲା।

ଯଦିଓ ବର୍ଷ, ମାସ, ଦିନ, ଦଣ୍ଡ ପାଣି ସୁଅ ପରି ବହି ଗଲାଣି ୟା' ଭିତରେ ଶହେବର୍ଷରୁ ଊର୍ଦ୍ଧ୍ୱ ଅତିବାହିତ ହେଲାଣି; ତଥାପି ୧୯୧୨ ମସିହାରେ ରଚିତ 'ଡାକ ମୁନ୍‌ସି' ଗଳ୍ପର ଲୋକପ୍ରିୟତା ଏ ଯାଏ ଅକ୍ଷୁଣ୍ଣ ରହିଛି। କିଏ ନ କହିବ ଏହି ଜନପ୍ରିୟତା ଯୁଗାନ୍ତ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି? ଫକୀର ମୋହନଙ୍କ ଏହି କାଳଜୟୀ ଗଳ୍ପର ଚରିତ୍ରମାନଙ୍କର ପୁନର୍ଜନ୍ମ ଯେ ସମାଜରେ ନିରନ୍ତର ଘଟୁଛି ଏହା ଅନସ୍ୱୀକାର୍ଯ୍ୟ।

ସୁତରାଂ ଏଇ ମହାନ କଥାଶିଳ୍ପୀଙ୍କ ସଂସ୍କାରବାଦୀ ଭାବକଳ୍ପନା ସେ ସମୟରେ ସମାଜରେ ଥିବା ଗୋଟିଏ ଗୋଟିଏ ନିଷ୍କରୁଣ ଆଚରଣର ଅକାଟ୍ୟ ପ୍ରମାଣ । ଅତଃ ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଅଧୁନା ସବୁଠି ଏବଂ ସବୁଠାରେ ଏହି ନିର୍ଦ୍ଦୟ, ନିଷ୍ଠୁର ସାମାଜିକ ତତ୍ତ୍ୱ ବିଦ୍ୟମାନ ହୋଇ ରହିଛି ଏବଂ ଏ ଯାବତ୍ ଏହାର ବିଲୋପ ହେବା ପରିବର୍ତ୍ତେ ସମାଜରେ କାୟା ବିସ୍ତାର କରିଚାଲିଛି ।

ମୋଟ ଉପରେ କହିବାକୁ ଗଲେ, ସଂପ୍ରତି ଏହା ଏକ ସାମାଜିକ ବ୍ୟାଧି ପାଲଟି ଗଲାଣି ଏବଂ ଯାହାର ପ୍ରଭାବରେ ବରିଷ୍ଠ ନାଗରିକ ପିତାମାତା, ଗୁରୁଜନ ହିଁ ଯନ୍ତ୍ରଣା ଭୋଗୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ସୁତରାଂ ଦୁଇଶହ ବର୍ଷ ତଳେ ସମାଜର ସ୍ଥିତି ଯେପରି ଥିଲା ବର୍ତ୍ତମାନ ସ୍ଥିତି ତା'ଠାରୁ ଆହୁରି ସଙ୍ଗିନ୍ । ପୁନଃ ତତ୍କାଳୀନ ସମାଜରେ ପ୍ରାୟଶଃ ଭାରତୀୟମାନେ ଫିରିଙ୍ଗିମାନଙ୍କ ଛତ୍ରଛାୟା ତଳେ ପେଷି ହୋଇ ଅସହ୍ୟ ଦାରିଦ୍ର୍ୟ ଭୋଗ କରୁଥିବାବେଳେ ସେମାନଙ୍କ ଜୀବନଯାତ୍ରା ଘାତ ପ୍ରତିଘାତମୟ ଥିଲା ଏବଂ ସେମାନେ ନିଜ ଜନ୍ମ କଲା ପିତା-ମାତାଙ୍କୁ ବୋଝ ମଣୁଥିଲେ । ଫଳସ୍ୱରୂପ ପିତା-ମାତାଙ୍କ ପ୍ରତି ଘୋର ଅବହେଳା ପ୍ରଦର୍ଶନ କରୁଥିଲେ । ବେଳେବେଳେ ହାତ ଉଠାଇବାକୁ ମଧ୍ୟ କୁଣ୍ଠାବୋଧ କରୁ ନ ଥିଲେ, ଯାହାର ଚିତ୍ର ଫକୀର ମୋହନଙ୍କ 'ଡାକ ମୁନ୍‌ସି' ଗଳ୍ପରେ ଦେଖିବାକୁ ମିଳିଥାଏ । ପୁଅ ଗୋପାଳ କ୍ରୋଧରେ ହିତାହିତ ଜ୍ଞାନ ଭୁଲି ବୃଦ୍ଧ ବାପ ହରି ସିଂକୁ ସେ ସମୟରେ ଗୋଇଠା ମାରିଥିଲା, ଏହା ବର୍ତ୍ତମାନ ସମୟର ମଧ୍ୟ ଏକ ଜ୍ୱଳନ୍ତ ଉଦାହରଣ କହିଲେ ଅସମୀଚୀନ ହେବନାହିଁ ।

ବିଶେଷ କରି ଆଜିର ଇଣ୍ଟରନେଟ୍ ଯୁଗରେ ଏହା ନିଶ୍ଚିତ ରୂପେ ଦୁଃଖର କାରଣ । ବର୍ତ୍ତମାନ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଗଲା । ସେମାନେ ନିଜ ପିତା-ମାତାଙ୍କ ପ୍ରତି ଉତ୍ତମ ବ୍ୟବହାର ଦେଖାଇ କର୍ତ୍ତବ୍ୟ ପାଳନ ପରିବର୍ତ୍ତେ ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି । ଏବେକାର ବ୍ୟସ୍ତତାଭରା ଯୁଗରେ ପ୍ରତ୍ୟେକଙ୍କ ନିକଟରେ ସମୟର ଘୋର ଅଭାବ । ସେମାନଙ୍କ ପାଖରେ ଅବସର ନାହିଁ ନିଜ ପିତା-ମାତାଙ୍କ ସହିତ ସମୟ ଅତିବାହିତ କରିବାକୁ । ସେଥିରେ ପୁଣି ଉଭୟ ସ୍ୱାମୀ-ସ୍ତ୍ରୀ ବା ପୁଅ-ବୋହୂ କର୍ମଜୀବୀ । ଆଉ ଗୁରୁଜନଙ୍କର ମନର ବ୍ୟଥା ଓ କଥା ଶୁଣିବାକୁ, ବୁଝିବାକୁ ସମୟ କାହିଁ ? ଭଲମନ୍ଦ ବୁଝିବା ତ ଦୂରର କଥା, ସତ କଥା ହେଉଛି ମାସ ମାସ ବିତିଗଲେ ବି ପିତା-ମାତାଙ୍କର ମୁଖ ଦର୍ଶନ କରିବାକୁ ଏବେର ସନ୍ତାନ ଆଗ୍ରହ ପ୍ରକାଶ କରୁନାହାନ୍ତି । ଯେମିତି ସେମାନେ ସମାଜର ଜଣେ ଜଣେ ଚିର ଅଲୋଡ଼ା ଦ୍ରବ୍ୟ ।

ସତ୍ୟ ଏହା ଯେ ତତ୍କାଳୀନ ସମାଜ ଅପେକ୍ଷା ଆଜିର ସମାଜରେ ବୟୋଜ୍ୟେଷ୍ଠମାନେ ଅଧିକ ଉପେକ୍ଷିତ ଓ ଅସହାୟ । ଏବେର ପୁତ୍ର ପୁତ୍ରୀମାନେ ନିଜର ବ୍ୟକ୍ତିଗତ ସୁବିଧା, ସୁଖ, ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ପିତା-ମାତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦେଉଛନ୍ତି । ଏପରି ବି ହେଉଛି କେତେକ କ୍ଷେତ୍ରରେ ବୃଦ୍ଧ ପିତା-ମାତାଙ୍କ ସମ୍ପତ୍ତି, ଟଙ୍କାପଇସା ଆତ୍ମସାତ୍ କରି ସେମାନଙ୍କୁ ବେଘର କରି ଦେଉଛନ୍ତି । ଏତିକିରେ ମନ ଶାନ୍ତି ନ ହେଲେ ନିର୍ଯାତନା ଦେବାକୁ ମଧ୍ୟ ପଶ୍ଚାତ୍‌ପଦ ହେଉ ନାହାନ୍ତି ।

ଓଡ଼ିଆ ଭାଷା ଆନ୍ଦୋଳନର କର୍ଣ୍ଣଧାର କୁହାଯାଉଥିବା କଥାଶିଳ୍ପୀ ଫକୀର ମୋହନଙ୍କ ତିରୋଧାନର ଦୀର୍ଘବର୍ଷ ଅତିବାହିତ ହେଲାଣି । ତାଙ୍କର ଅବର୍ତ୍ତମାନରେ ବର୍ତ୍ତମାନ ଅନେକ ପରିବର୍ତ୍ତନ ସାମାଜିକ ଚଳଣିରେ ପରିଲକ୍ଷିତ ହୋଇଛି । ତତ୍‌ସହିତ ଅନେକ ପ୍ରଥିତଯଶା କବି, ଲେଖକ, ସାହିତ୍ୟିକ 'ଡାକ ମୁନ୍‌ସି' ଭଳି ଶିକ୍ଷଣୀୟ ଗଳ୍ପ ରଚନା କରି ଓଡ଼ିଆ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି, ହେଲେ ଫକୀର ମୋହନ ସେନାପତିଙ୍କ 'ଡାକ ମୁନ୍‌ସି' ଗଳ୍ପ ଭଳି ଯୁଗୋପଯୋଗୀ ଗଳ୍ପର ମାନ୍ୟତା ଦିଆ ଯାଇନାହିଁ ।

ସମ୍ପ୍ରତି ସାମାଜିକ ଚାଲିଚଳନ, ଆଚରଣ ତଥା ଉଚ୍ଚାରଣରେ ନାନା ଅସଙ୍ଗତି ପରିଦୃଷ୍ଟ ହେଉଛି, ଯାହାର କୁପ୍ରଭାବରେ କେବଳ ବରିଷ୍ଠ ନାଗରିକମାନେ ପୀଡ଼ିତ ତଥା ଅତ୍ୟାଚାରିତ ହେଉ ନାହାନ୍ତି, ଆବାଳ-ବୃଦ୍ଧ-ବନିତା ମଧ୍ୟ ନିକ୍ଷେପିତ ଓ ଉପେକ୍ଷିତ ହୋଇ ଦୟନୀୟ ଅବସ୍ଥା ଭୋଗ କରୁଛନ୍ତି । ଏବେର ଯୁବ ସମାଜ ଓ ମଧ୍ୟବୟସ୍କ ବ୍ୟକ୍ତିମାନେ ନିଜ ସନ୍ତାନର ଆଗାମୀ ଭବିଷ୍ୟତ ପାଇଁ ଯେପରି ଚିନ୍ତିତ ଓ ବ୍ୟସ୍ତବିବ୍ରତ, ଦିନେ ସେମାନଙ୍କ ପିତା-ମାତା ମଧ୍ୟ ତାଙ୍କ ଭଲମନ୍ଦ ପାଇଁ ଚିନ୍ତିତ ଥିଲେ- ଏହା ହୃଦୟଙ୍ଗମ କରିବାକୁ ନାରାଜ ।

ବର୍ତ୍ତମାନ ସମାଜରେ ଏଭଳି ଏକ ସ୍ପର୍ଶକାତର ପରିସ୍ଥିତିକୁ ନେଇ ଖାସ୍ କରି ଯୁବ ସମାଜ ତଥା ମଧ୍ୟ ବୟସ୍କ ବ୍ୟକ୍ତିବିଶେଷ ସଚେତନ ହେବା ଅତ୍ୟନ୍ତ ଜରୁରୀ । ପାରିବାରିକ ଜୀବନରେ ସେମାନେ ଦୃଢ଼ ନିର୍ଣ୍ଣୟ ନେବାର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯଦି ପାରିବାରିକ ଜୀବନରେ ଉପୁଜୁଥିବା ଅଶାନ୍ତି ଓ ମନୋମାଳିନ୍ୟକୁ ସେମାନେ ଦୃଢ଼ତାର ସହ ମୁକାବିଲା କରି ଏହାକୁ ସମୂଳେ ବିନାଶ କରିବାରେ ନିର୍ଣ୍ଣୟାତ୍ମକ ଭୂମିକା ଗ୍ରହଣ କରନ୍ତି ତା'ହେଲେ ସେମାନଙ୍କ ବୃଦ୍ଧାବସ୍ଥା ବେଶ୍ ସୁଖ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ରହିବ ଏବଂ ମର୍ମାହତ ହେଲା ଭଳି ଉଦ୍‌ବେଗଜନକ ପରିସ୍ଥିତି ଉପନୀତ ହେବନାହିଁ । ଅନ୍ୟ ଅର୍ଥରେ କହିଲେ, ଲଜ୍ଜାବଶତଃ ଆମ୍ଭମାନଙ୍କୁ 'ଅଜାଗା ଘା' ଦେଖାଇ ହୁଏନି କି ଦେଖି ହୁଏନି' ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ।

କଥାସମ୍ରାଟ ଫକୀର ମୋହନ ସେନାପତିଙ୍କର 'ଡାକ ମୁନ୍‌ସି'ରେ ନାୟକ ଭୂମିକା ନିର୍ବାହ କରୁଥିବା ଗରିବ ନିରୀହ ବୃଦ୍ଧ ହରି ସିଂର ସଂଘର୍ଷମୟ ଜୀବନରୁ ସୁରକ୍ଷା ପ୍ରାପ୍ତି ନିମନ୍ତେ ଆମ୍ଭେମାନେ ସବୁ 'ଡାକ ମୁନ୍‌ସି' ଓରଫ୍ ଖଳନାୟକ ଭୂମିକାରେ ଅବତୀର୍ଣ୍ଣ ଗୋପାଳ ଚନ୍ଦ୍ର ସିଂର ଚରିତ୍ରକୁ ସମାଜରୁ ବିଲୀନ କରିବାକୁ ସଙ୍କଳ୍ପବଦ୍ଧ ହେବା ବିଧେୟ ।■■■

ଶେଖ୍‌ବଜାର ନିଉକଲୋନୀ, କଟକ
ଦୂରଭାଷ: ୮୮୯୫୫୯୩୮୭୫

With Best Complements :
SAMBALPUR NURSING COLLEGE
Course Offered :
ANM : 2 yrs - +2 Pass (Any Stream)
GNM : 3 yrs - +2 (Any Stream) 40% Mark for General & 35% for SC/ST
B.Sc. Nursing : 4 yrs - +2 Sc. 45% Mark in PCB for General & 40% for SC/ST
Post Basic B.Sc. Nursing : 2 yrs - GNM Pass
M.Sc. Nursing : 2 yrs - Basic B.Sc.(N) or P.B. B.Sc.(N) with 55% of Marks
At. ASA Academy, P.O. Jayantpur, Dist. Sambalpur
9338204000, 9338426555, 0663-2412696
sambalpur.nc@gmail.com
sambalpurnursingcolleg.org
Clinical Training- VIMSAR, Burla & DHH, Sambalpur
NCC Training : Available to eligible candidates, Hostel Facility : Available in the Campus
Study Loan & Scholarship : Available to eligible candidate, Placement : Campus selection for all final year students
SUBARNAPUR NURSING SCHOOL
Course Offered :
GNM/ B.Sc.Nursing
At/P.O. Sonepur, Dist. Subarnapur-767017
Tel.No.06654-291366,Mob. 9338204000, 9338426555
Email: subarnapurns@gmail.com

Priti Enterprises
Genuine Supplier
PRITI ENTERPRISES
AN ISO 9001:2015 CERTIFIED CO.
Plot No-407, GGP Colony Rd. Prachi Vihar, Palasuni, Bhubaneswar-751010, Odisha,
Mob:-8599093201, 8599093202, 8599093203, 7327943203
Web: www.pritienterprise.com
ବିଗତ ୬ବର୍ଷରୁ କେନ୍ଦ୍ର ସରକାରଙ୍କ ସବ୍‌ସିଡ ଯୁକ୍ତ PMEGP ଲୋନ୍ ମାଧ୍ୟମରେ ଅନେକ ଛୋଟ ବଡ ଉଦ୍ୟୋଗୀଙ୍କୁ ଆତ୍ମ ନିର୍ଭରଶୀଳ କରାଇ ଆସୁଅଛି । ମୁଖ୍ୟତଃ ମହିଳାଙ୍କ ପାଇଁ ଘରେ ରହି ସେମାନେ କେମିତି ନିଜକୁ ଆତ୍ମ ନିର୍ଭରଶୀଳ କରିପାରିବେ ସେଥିଲାଗି ବହୁତ ପ୍ରୋଜେକ୍ଟ ସଂସ୍ଥା ମାଧ୍ୟମରେ କରିଆସୁଅଛି ।
ତ୍ରିଲୋଚନ ସାହୁ
ଡାଇରେକ୍ଟର

ସଂସ୍କୃତର ଆଧୁନିକ ସ୍ଥିତି ଓ ସାହିତ୍ୟ

ଭାରତୀୟ ସଂହତି, ରାଷ୍ଟ୍ରୀୟ ଏକତା, ବିଶ୍ୱ ଭ୍ରାତୃତ୍ୱ ଏବଂ ବିଶ୍ୱ ମୈତ୍ରୀର ପ୍ରତୀକ ସଂସ୍କୃତର ମହତ୍ତ୍ୱକୁ ସମଗ୍ର ପୃଥିବୀରେ ସୁପରିଚିତ କରାଇବା ନିମନ୍ତେ ରାଖୀ (ଶ୍ରାବଣ) ପୂର୍ଣ୍ଣିମା ଦିନ 'ବିଶ୍ୱ ସଂସ୍କୃତ-ଦିବସ' ପାଳନ କରାଯାଇଥାଏ । ଭାରତୀୟ ପରମ୍ପରାରେ ଶ୍ରାବଣ ପୂର୍ଣ୍ଣିମା ହେଉଛି ପ୍ରଭୁ ବଳଭଦ୍ରଙ୍କ ଜନ୍ମ ଦିବସ । ଭ୍ରାତୃତ୍ୱ, ମୈତ୍ରୀ ଓ ସଦ୍ଭାବର ସୁବିଦିତ ପର୍ବ ରକ୍ଷାବନ୍ଧନ ଏକ ପବିତ୍ର ମହୋତ୍ସବ । ଭାରତ-ଭାରତୀ ସଂସ୍କୃତ 'ବସୁଧୈବ କୁଟୁମ୍ବକମ୍' ଭାବନାରେ ବିଶ୍ୱକୁ ଏକ ପରିବାର ରୂପରେ ବର୍ଣ୍ଣନା କରି ବିଶ୍ୱବନ୍ଧୁତାର ମଧୁମୟ ସନ୍ଦେଶ ପ୍ରଦାନ କରି ଆସିଛି । ବାସ୍ତବରେ ଏକବିଂଶ ଶତାବ୍ଦୀର ବୈଜ୍ଞାନିକ ଯୁଗରେ ସମଗ୍ର ବିଶ୍ୱ ଏକ ନୀଡ଼, ଏକ ପରିବାର ହୋଇଯାଇଛି । ମନୁଷ୍ୟ ଓ ଅନ୍ୟ ସମସ୍ତ ପ୍ରାଣୀଙ୍କର ଜୀବନ-ତତ୍ତ୍ୱ ପ୍ରତିପାଦନ କରିବାରେ ସଂସ୍କୃତ-ସାହିତ୍ୟ ଏକ ସୁବିଶାଳ ଭଣ୍ଡାର । ଧର୍ମାର୍ଥ-କାମ-ମୋକ୍ଷରୂପ ଚତୁର୍ବର୍ଗର ସକଳ ଶାସ୍ତ୍ର ସଂସ୍କୃତରେ ଉପଲବ୍ଧ ହୋଇଥାଏ । ଭାରତୀୟ ସଂସ୍କୃତିରେ ସଂସ୍କୃତ 'ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ' ବୋଲି ମାନବକୁ ଅମୃତ ସନ୍ତାନ ଭାବରେ ଚିତ୍ରଣ କରିଛି । ପ୍ରାଣୀଜଗତ ଓ ପ୍ରକୃତିଜଗତ ପ୍ରତି ସଦ୍ଭାବନା, ନୈତିକତା ଓ ସୁସଂସ୍କାର ପ୍ରଦାନ ସହିତ ମାନବ-ଜୀବନରେ ସଚ୍ଚରିତ୍ରତା ତଥା ମୂଲ୍ୟବୋଧର ବାହକ ହେଉଛି ସଂସ୍କୃତ ।

ସଂସ୍କୃତ ହେଉଛି ଏକ ବୈଜ୍ଞାନିକପଦ୍ଧତି-ସମ୍ପନ୍ନ ସମ୍ମାର୍ଜିତ ସମୃଦ୍ଧ ଭାଷା । ଭାରତୀୟ ସଂବିଧାନମତେ ସଂସ୍କୃତ ଏକ ଆଧୁନିକ ଭାରତୀୟ ଭାଷା ଭାବରେ ସ୍ୱୀକୃତ ଓ ବ୍ୟବହୃତ । ଭାରତୀୟ ସଭ୍ୟତା ଓ ସଂସ୍କୃତି ସହିତ ସଂସ୍କୃତର ଅନ୍ତରଙ୍ଗ ସମ୍ପର୍କ ରହିଛି । ଭାରତର ଅଧିକାଂଶ ପ୍ରାନ୍ତୀୟ ଭାଷାର ମୂଳ ଉତ୍ସ ହୋଇଥିବାରୁ ସଂସ୍କୃତ ସକଳ ଭାଷାର ଜନନୀ ଭାବରେ ସୁପରିଚିତ । ସଂସ୍କୃତ ପୃଥିବୀର ସର୍ବପ୍ରାଚୀନ ଭାଷା ବୋଲି ବିବେଚିତ । ପ୍ରସିଦ୍ଧ ଆମେରିକୀୟ ଐତିହାସିକ ୱିଲ୍ ଡୁରାଣ୍ଟଙ୍କ ମତରେ ସଂସ୍କୃତ ହେଉଛି ୟୁରୋପୀୟ ଭାଷାମାନଙ୍କର ଜନନୀ । ଭାରତୀୟ ସାହିତ୍ୟର ମୂଳତତ୍ତ୍ୱ ସଂସ୍କୃତ ଉପରେ ପ୍ରତିଷ୍ଠିତ । ଭାରତୀୟ ପ୍ରାଦେଶିକ ଭାଷାମାନଙ୍କର ସାହିତ୍ୟ ଅନେକାଂଶରେ ସଂସ୍କୃତ ସାହିତ୍ୟ ଦ୍ୱାରା ପ୍ରଭାବିତ । ସ୍ୱାଧୀନତାପ୍ରାପ୍ତି ପୂର୍ବରୁ ଭାରତରେ ବାରମ୍ବାର ବୈଦେଶିକ ଆକ୍ରମଣ ଓ ପରାଧୀନତା ଯୋଗୁଁ ସାଂସ୍କୃତିକ ବୈଭବର କିଛି ହାନି ଘଟିଥିଲା । ଇଂରେଜ-ଶାସନାଧୀନ ଭାରତରେ ଶାସନର ସୁବିଧା ଦୃଷ୍ଟିରୁ ଇଂରାଜୀ ଭାଷାର ପ୍ରାଧାନ୍ୟ ବିସ୍ତାର ହେତୁ ଭାରତୀୟ ମୂଳଭାଷା ସଂସ୍କୃତକୁ ଏକ ମୃତଭାଷାର ଆଖ୍ୟା ଦେଇ ଅପପ୍ରଚାର କରାଯାଇଥିଲା । କିଛି ଅବକ୍ଷୟ ପରେ ସମୟକ୍ରମେ ସଂସ୍କୃତର ପୁନରୁତ୍‌ଥାନ ଘଟିଲା । ଆଜିର ଅତ୍ୟାଧୁନିକ ବୈଜ୍ଞାନିକ ଯୁଗରେ ସଂସ୍କୃତ ବହୁଭାବରେ ସୁଦୂରପ୍ରସାରୀ ହୋଇପାରିଛି ।

ଭାରତ ବର୍ଷ ଏକ ବିଶାଳ ରାଷ୍ଟ୍ର, ଯେଉଁଥିରେ ବିବିଧତା ଥିଲେ ମଧ୍ୟ ଭାରତୀୟତା-ରୂପୀ ଏକତା ପ୍ରତିଷ୍ଠିତ ରହିଛି । ସ୍ୱାଧୀନତା ଲାଭ ପରେ ଭାରତରେ ଜାତୀୟ ଐକ୍ୟ ସ୍ଥାପନ ପାଇଁ ରାଷ୍ଟ୍ରଭାଷା-ନିର୍ଦ୍ଧାରଣ ବିଷୟରେ ମତଭେଦ ସୃଷ୍ଟି ହୋଇଥିଲା । ୧୯୪୯ରେ ଭାରତୀୟ ସମ୍ବିଧାନ-ପ୍ରଣୟନ ସମିତିର ଅଧ୍ୟକ୍ଷ ତଥା ଭାରତର ତତ୍କାଳୀନ ଆଇନ୍-ମନ୍ତ୍ରୀ ଡକ୍ଟର୍ ଭୀମରାଓ ଆମ୍ବେଦକର ସଂସ୍କୃତକୁ ଭାରତୀୟ ରାଜଭାଷାରୂପେ ସ୍ୱୀକୃତି ଦେବା ଲାଗି ସଂସଦରେ ପ୍ରସ୍ତାବ ଆଗତ କରିଥିଲେ । କାରଣ, ଭାରତରେ ବିଭିନ୍ନ ପ୍ରାନ୍ତୀୟ ଭାଷାର ଆଞ୍ଚଳିକ ବୈଶିଷ୍ଟ୍ୟ ଥିଲେ ମଧ୍ୟ ପରସ୍ପର ସମନ୍ୱୟ-ସୂତ୍ର ଭାବରେ ଭାରତୀୟ ଏକତା ସ୍ଥାପନ ପାଇଁ ମୂଳଭାଷା ସଂସ୍କୃତ ଅତ୍ୟନ୍ତ ଉପଯୋଗୀ; କିନ୍ତୁ ସେତେବେଳେ କେତେକ ବିରୋଧୀଙ୍କ ଯୋଗୁଁ ସେହି ପ୍ରସ୍ତାବ ସଫଳ ହୋଇପାରି ନ ଥିଲା ।

ଡକ୍ଟର ହରେକୃଷ୍ଣ ମେହେର

ବିଶିଷ୍ଟ ସଂସ୍କୃତ ବିଦ୍ୱାନ, କବି, ଅନୁବାଦକ ଓ ଗବେଷକ । ସ୍ୱଭାବକବି ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' କାବ୍ୟକୁ ହିନ୍ଦୀ, ଇଂରାଜୀ ଓ ସଂସ୍କୃତ ଭାଷାରେ ଅନୁବାଦ କରିଛନ୍ତି । ସଂସ୍କୃତ ମହାକବି ଶ୍ରୀହର୍ଷଙ୍କ କାବ୍ୟ 'ନୈଷଧ ଚରିତ' ଉପରେ ଉଚ୍ଚତର ଗବେଷଣା କରି 'ଫିଲୋସୋଫିକାଲ ରିଫ୍ଲେକସନ୍ ଇନ୍ ଦ ନୈଷଧଚରିତ' ଗ୍ରନ୍ଥ ରଚନା କରିଛନ୍ତି ।

(ଦ୍ରଷ୍ଟବ୍ୟ, ଇଂରାଜୀପୁସ୍ତକ 'ସଂସ୍କୃତ') ଆଜିର ଉତ୍କର୍ଷସମ୍ପନ୍ନ ବୈଜ୍ଞାନିକ ଯୁଗରେ ନିତ୍ୟବ୍ୟବହାର୍ଯ୍ୟ ଆଧୁନିକ ସଙ୍ଗଣକ ଯନ୍ତ୍ର (କମ୍ପ୍ୟୁଟର୍) ଲାଗି ସଂସ୍କୃତ ସର୍ବୋତ୍ତମ ଉପଯୋଗୀ ଭାଷା ବୋଲି ବିବେଚନା କରାଯାଉଛି । ସାମ୍ପ୍ରତିକ ପରିପ୍ରେକ୍ଷୀରେ ବିଭିନ୍ନ ବିଦ୍ୟାଳୟ ସ୍ତରରୁ ବିଶ୍ୱବିଦ୍ୟାଳୟର

ଉଚ୍ଚ-ଗବେଷଣା ପର୍ଯ୍ୟନ୍ତ ଶ୍ରେଣୀରେ ଆଧୁନିକ ସଂସ୍କୃତ ସାହିତ୍ୟର ବିବିଧ ସ୍ତରରେ କାବ୍ୟ, ଗୀତ, ନାଟକ, କଥା ଆଦିର ପାଠ୍ୟକ୍ରମ ଅନ୍ତର୍ଭୁକ୍ତ। ଆଜିର ବିଜ୍ଞାନ ଯୁଗରେ ଅନ୍ତର୍ଜାଲ(ଇଣ୍ଟରନେଟ୍)ରେ ସଂସ୍କୃତର ବିଭିନ୍ନ ବିଷୟର ସହସ୍ର-ସହସ୍ର ଲେଖା ଉପଲବ୍ଧ। ଦେଶବିଦେଶରେ ଶତାଧିକ ପତ୍ରପତ୍ରିକା ମୁଦ୍ରିତ ଭାବରେ ଏବଂ ଇ-ପତ୍ରିକା ବା ଅନ୍ତର୍ଜାଲ-ପତ୍ରିକା ଭାବରେ ପ୍ରକାଶିତ ହେଉଛି। ବେଦ, ଉପନିଷଦ, ରାମାୟଣ, ମହାଭାରତ ସମେତ ବଡ଼ବଡ଼ କାବ୍ୟ, କୋଷାଭିଧାନ ଆଦି ଗ୍ରନ୍ଥରାଜି ଅନ୍ତର୍ଜାଲରେ ସ୍ଥାନିତ ହୋଇ ସମଗ୍ର ବିଶ୍ୱରେ ଲୋକ ବ୍ୟବହାରରେ ନିଜର ଉପାଦେୟତା ସିଦ୍ଧ କରୁଛି।

ଅନ୍ୟ ଭାଷା ସାହିତ୍ୟ ପରି ସଂସ୍କୃତ ସାହିତ୍ୟର ନିର୍ବାଚିତ ଲେଖକମାନଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ତଥା ଭାରତର ବିଭିନ୍ନ ସଂସ୍ଥା ଦ୍ୱାରା ବିଭିନ୍ନ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥାଏ। ସଂସ୍କୃତ କବି ଆଚାର୍ଯ୍ୟ ଡକ୍ଟର୍ ସତ୍ୟବ୍ରତ ଶାସ୍ତ୍ରୀ ସଂସ୍କୃତରେ ଜ୍ଞାନପୀଠ ପୁରସ୍କାରର ପ୍ରଥମ ବିଜେତା। ବହୁଦିନରୁ ଆକାଶବାଣୀ ଓ ଦୂରଦର୍ଶନ ମାଧ୍ୟମରେ ସଂସ୍କୃତର ଅନେକ ଉପାଦେୟ କାର୍ଯ୍ୟକ୍ରମ ପ୍ରସାରିତ ହେଉଛି। ଜାତୀୟ ଓ ବୈଶ୍ୱିକ ସ୍ତରରେ ବିଭିନ୍ନ ସଂସ୍କୃତ-ସମ୍ମିଳନୀ ଦେଶବିଦେଶରେ ଆୟୋଜିତ ହେଉଛି। ଏଥିଲାଗି ବିଶ୍ୱସ୍ତରରେ ବହୁ ଅନୁଷ୍ଠାନ ରହିଛି। ବିଭିନ୍ନ ଭାଷାରେ ସଂସ୍କୃତ-ସମ୍ବନ୍ଧୀୟ ବହୁ ଗବେଷଣାତ୍ମକ ଲେଖା ଓ ପୁସ୍ତକାବଳୀ ରହିଛି। ସଂସ୍କୃତ ଭାଷାରେ 'ଆଦିଶଙ୍କରାଚାର୍ଯ୍ୟ' ଓ 'ଶ୍ରୀମଦ୍‌ଭଗବଦ୍ ଗୀତା' ଚଳଚ୍ଚିତ୍ର ପରେ 'ପ୍ରିୟମାନସମ୍', 'ଇଷ୍ଟିଃ' ଆଦି ବିଭିନ୍ନ ଆଧୁନିକ ଚଳଚ୍ଚିତ୍ର ପ୍ରସାରିତ ହୋଇଛି। ସଂସ୍କୃତରେ ଅନେକ ଲଘୁ ଚଳଚ୍ଚିତ୍ର, ନାଟକ ଓ ଆଧୁନିକ ଗୀତ ପ୍ରଭୃତିର ପ୍ରସାର ମଧ୍ୟ ଅନ୍ତର୍ଜାଲରେ ଉପଲବ୍ଧ। ସଂସ୍କୃତ ସମ୍ଭାଷଣ-ଶିବିରାଦି ଓ ବିଭିନ୍ନ ସଂସ୍କୃତ-ଶାସ୍ତ୍ର-ବ୍ୟାକରଣାଦି ଶିକ୍ଷା ମାଧ୍ୟମରେ ସଂସ୍କୃତର ପ୍ରସାର-ପ୍ରଚାର ଚାଲିଛି। ଲିଖିତ ଓ କଥିତ ଭାଷାରୂପରେ ମଧ୍ୟ ସଂସ୍କୃତର ବିଶେଷତ୍ୱ ରହିଛି। ଏଥିରୁ ସଂସ୍କୃତର ପ୍ରଗତିଶୀଳତା ଲକ୍ଷ୍ୟ କରା ଯାଇପାରେ। ବାସ୍ତବରେ ସଂସ୍କୃତ ଯେତିକି ପ୍ରାଚୀନତମ, ସେତିକି ଆଧୁନିକତମ।

ଋଗ୍‌ବେଦରୁ ଆରମ୍ଭ କରି ଉପନିଷଦ, ବେଦାଙ୍ଗ ପର୍ଯ୍ୟନ୍ତ ରଚନାସମୂହ ବୈଦିକ ସଂସ୍କୃତ ସାହିତ୍ୟରୂପେ ପରିଚିତ। ଆଦିକବି ବାଲ୍ମୀକିଙ୍କ ରାମାୟଣଠାରୁ ଲୌକିକ ସଂସ୍କୃତ ସାହିତ୍ୟର ଆରମ୍ଭ। କେତେକ ଶବ୍ଦର ପ୍ରୟୋଗ ଓ ଗଠନ ଦୃଷ୍ଟିରୁ ବୈଦିକ ସଂସ୍କୃତ ଓ ଲୌକିକ ସଂସ୍କୃତ ଭାଷାମଧ୍ୟରେ କିଛି ପ୍ରଭେଦ ଓ ସମାନତା ପରିଲକ୍ଷିତ ହୋଇଥାଏ। ଆମେ ସାଧାରଣ ଭାବରେ ଲୌକିକ ଭାଷାର ବ୍ୟବହାର କରିଥାଉ। ଅଦ୍ୟାବଧି ସଂସ୍କୃତ ଭାଷା ନିରବଚ୍ଛିନ୍ନ ଭାବରେ ପ୍ରବହମାନ। ଯୁଗରୁଚିମତେ ପ୍ରତ୍ୟେକ ଭାଷା ସାହିତ୍ୟର କିଛି ପରିବର୍ତ୍ତନ ଘଟିଥାଏ। ଆଧୁନିକ ବିଜ୍ଞାନ ଯୁଗରେ ସଂସ୍କୃତ ସାହିତ୍ୟର ମଧ୍ୟ ପରିବର୍ତ୍ତନ ସ୍ପଷ୍ଟ ଅନୁଭୂତ ହୁଏ। ଗବେଷକ ବିଦ୍ୱାନ୍‌ବୃନ୍ଦ ବିଭିନ୍ନ ଦୃଷ୍ଟିରୁ ବିବେଚନା କରି ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗ ବା ଊନବିଂଶ ଶତାବ୍ଦୀରୁ ଆଧୁନିକ ସଂସ୍କୃତ ସାହିତ୍ୟର ଆରମ୍ଭ ବୋଲି ମତପୋଷଣ କରନ୍ତି। ଆଧୁନିକ ସଂସ୍କୃତର ଅଗ୍ରଗଣ୍ୟ ବହୁମୁଖୀ ପ୍ରତିଭାଶାଳୀ ବିଦ୍ୱାନ୍ କବି ଓ ସାହିତ୍ୟ ଶାସ୍ତ୍ରୀ ଆଚାର୍ଯ୍ୟ ଡକ୍ଟର୍ ଅଭିରାଜ ରାଜେନ୍ଦ୍ର ମିଶ୍ରଙ୍କ ମତରେ ଆଧୁନିକ ସଂସ୍କୃତ ସାହିତ୍ୟର କାଳ ବା ଯୁଗକୁ ତିନି ଭାଗରେ ବିଭକ୍ତ କରା ଯାଇପାରେ : ପୁନର୍ଜାଗରଣ କାଳ ୧୭୮୪-୧୮୮୪ ଖ୍ରୀଷ୍ଟାବ୍ଦ, ସ୍ଥାପନା କାଳ ୧୮୮୫-୧୯୪୬, ସ୍ୱର୍ଣ୍ଣକାଳ ବା ସ୍ୱର୍ଣ୍ଣଯୁଗ ୧୯୪୭ ରୁ ଅଦ୍ୟାବଧି (ଦ୍ରଷ୍ଟବ୍ୟ. ଡକ୍ଟର୍ ମିଶ୍ରଙ୍କ ସମ୍ପାଦିତ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ 'କଳ୍ପବଲ୍ଲୀ', ପୃ.୭ ରେ ସ୍ଥାନିତ ନାନ୍ଦୀବାକ୍)। ସ୍ୱାଧୀନତା-ପରବର୍ତ୍ତୀ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ସଂସ୍କୃତର ବିଶେଷ ପ୍ରଗତି ଓ ସମୃଦ୍ଧି ହେତୁ ଏହି କାଳକୁ ସ୍ୱର୍ଣ୍ଣ ଯୁଗ ବୋଲି ଅଭିହିତ କରାଯାଇପାରେ। କେତେକ ସଂସ୍କୃତ ବିଦ୍ୱାନ୍ 'ଆଧୁନିକ' ଶବ୍ଦ ସ୍ଥାନରେ 'ପ୍ରାଚୀନ'ର ବିପରୀତ 'ଅର୍ବାଚୀନ' ଶବ୍ଦର ପ୍ରୟୋଗ କରିଥାନ୍ତି। ସମକାଳୀନ, ସମକାଳିକ ଓ ସାମ୍ପ୍ରତିକ ଭାବରେ ମଧ୍ୟ 'ଆଧୁନିକ' ଶବ୍ଦର ବ୍ୟବହାର ପରିଦୃଷ୍ଟ ହୋଇଥାଏ।

> *"ପ୍ରଗତିଶୀଳ ଲେଖକ ସଂସ୍କୃତର ମୂଳସ୍ୱରୂପ ଓ ମର୍ଯ୍ୟାଦାକୁ ସୁରକ୍ଷିତ ରଖି ଆଧୁନିକ ଶବ୍ଦ-ସଂଯୋଜନାପୂର୍ବକ ଲେଖନୀ ଚାଳନାରେ ତତ୍ପର ଅଛନ୍ତି। ଆଧୁନିକ ବସ୍ତୁରାଜିର ଉଦ୍ଭାବନ ଓ ଆବିଷ୍କାର ତଥା ବହୁଲୋକ-ପ୍ରଚଳନ ଉପରେ ଆଧୁନିକ ଶବ୍ଦ ବ୍ୟବହାର ଆଧାରିତ। ତେଣୁ ସ୍ୱେଚ୍ଛାଚାରିତାକୁ ସମ୍ପୂର୍ଣ୍ଣ ପରିହାର କରି ସଂସ୍କୃତ-ଭିନ୍ନ ବହୁକଥିତ ଭାରତୀୟ ଭାଷାମାନଙ୍କର ଶବ୍ଦରାଜି ପ୍ରୟୋଜନମତେ ଯଥାସମ୍ଭବ ସୁରୁଚିପୂର୍ବକ ଅପରିବର୍ତ୍ତିତ, ଈଷତ୍-ପରିବର୍ତ୍ତିତ ବା ସଂସ୍କୃତାୟିତ ରୂପରେ ପ୍ରୟୋଗ କଲେ କୌଣସି ଅସଙ୍ଗତି ଅନୁଭୂତ ହୁଏ ନାହିଁ।"*

ସମକାଳୀନ ସଂସ୍କୃତ ସାହିତ୍ୟରେ ଯୁଗରୁଚି ସହ ଅନ୍ୟ ଭାଷା ସାହିତ୍ୟର କିଛି ପ୍ରଭାବରେ ନୂତନ ପ୍ରବୃତ୍ତିର ସମାବେଶ ଦୃଷ୍ଟିଗୋଚର ହୋଇଥାଏ। ଆଧୁନିକ ଦୃଷ୍ଟିଭଙ୍ଗୀ, ସାମ୍ପ୍ରତିକ ସଙ୍ଘର୍ଷମୟ ସମାଜରେ ନାନା ସମସ୍ୟା ଓ ସମାଧାନର ମାର୍ଗଦର୍ଶନ, ଜୀବନର ବିଭିନ୍ନ ଅନୁଭୂତି, ନାରୀ ସମସ୍ୟା, ନାରୀ ଚେତନା, ନାରୀ ଜାଗରଣ, ଦୁର୍ନୀତି, ଭ୍ରଷ୍ଟାଚାର, ଆତଙ୍କବାଦ, ଜଟିଳ-କୁଟିଳ ରାଜନୀତିକ ସ୍ଥିତି, ଦେଶାତ୍ମବୋଧକ ଭାବ, ରାଷ୍ଟ୍ରୀୟ ଭାବନା, ଭାରତୀୟ ସଂସ୍କୃତିର ମହନୀୟତା, ଭୌତିକ ସଭ୍ୟତାର ବିବିଧ ଦିଗ, ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁସରଣ ଓ ବିପର୍ଯ୍ୟୟ,

ମହାନଗରବାସୀ ଓ ନିମ୍ନବର୍ଗୀୟଙ୍କ ଜୀବନଧାରଣ-ପଦ୍ଧତି, ଉଚ୍ଚ-ନୀଚବର୍ଗ ମଧ୍ୟରେ ସଙ୍ଘର୍ଷ, ସାମାଜିକ ପ୍ରାଚୁର୍ଯ୍ୟ ଓ ଦାରିଦ୍ର୍ୟ, ପରମ୍ପରା ପ୍ରତି ଉପେକ୍ଷା, ପାରମ୍ପରିକତା ଓ ଆଧୁନିକତାର ସମନ୍ୱୟ, ନବସର୍ଜନାର ଉତ୍ସାହ, ପ୍ରଗତିଶୀଳ ନବ୍ୟଶୈଳୀରେ ରଚନା, ସୌନ୍ଦର୍ଯ୍ୟବୋଧ, ସମସାମୟିକ ଜୀବନଧାରା, ବାସ୍ତବବାଦୀ ଚିତ୍ରଣ, ଗ୍ରାମୀଣ ଜୀବନ, ମହାକାବ୍ୟାଦିରେ ଆଦର୍ଶ ପୁରୁଷ ବା ମହିଳାଙ୍କର ନାୟକତ୍ୱ-ଚିତ୍ରଣ, କଥା-ଉପନ୍ୟାସାଦିରେ ସାଧାରଣ ବ୍ୟକ୍ତିର ମୁଖ୍ୟଚରିତ୍ର-ପ୍ରତିପାଦନ ଆଦି ବିଷୟ ଆଧୁନିକ ସଂସ୍କୃତ ସାହିତ୍ୟରେ ଚର୍ଚ୍ଚିତ। ପରମ୍ପରାବାଦ ସହିତ ଆଧୁନିକ ଯୁଗାନୁକୂଳ ବିଭିନ୍ନ ରୂପକଳ୍ପ, ପାଶ୍ଚାତ୍ୟବାଦର ପ୍ରଭାବ, ଏକବିମ୍ବବାଦ, ପ୍ରତୀକବାଦ ଆଦ ନୂତନ ତତ୍ତ୍ୱର ସମାବେଶ ପରିଲକ୍ଷିତ ହୁଏ। ଆଧୁନିକ ଜୀବନରେ ବିଷାଦବାଦ, ମୃତ୍ୟୁଚେତନା, ସଂସ୍କାରଧର୍ମିତା, ସାଂସ୍କୃତିକ ମୂଲ୍ୟବୋଧ, ନୈସର୍ଗିକ ପରିବେଶ, ପର୍ଯ୍ୟାବରଣ-ତତ୍ତ୍ୱ, ସାମାଜିକ ଓ ବୈଶ୍ୱିକ ଚେତନା, ଦାର୍ଶନିକ ଚିନ୍ତନ, ଆଧ୍ୟାତ୍ମିକତା, ଧାର୍ମିକତା, ଆସ୍ତିକତା, କଳା-ସଙ୍ଗୀତ-ଦର୍ଶନର ସମ୍ମିଶ୍ରଣ, ସମକାଳୀନ ବିଷୟରାଜିର ପ୍ରୟୋଗକ୍ଷମତା ଆଦି ନାନା ତତ୍ତ୍ୱାବଳୀ ଆଧୁନିକ ସଂସ୍କୃତ ସାହିତ୍ୟରେ ସନ୍ନିବେଶିତ।

ସଂସ୍କୃତର ସରଳୀକରଣ ଦୃଷ୍ଟିରୁ ଆଧୁନିକ ସାହିତ୍ୟର ରଚନାବଳୀରେ ଭାଷାର ସରଳତା ଓ ସୁବୋଧତା ପ୍ରତୀତ ହୋଇଥାଏ। ଏଥିରେ ଜଟିଳତା ବା କ୍ଲିଷ୍ଟତା ପ୍ରାୟ ନାହିଁ। ପ୍ରସାଦ-ଗୁଣ ଓ ବୈଦର୍ଭୀ-ରୀତିର ବହୁଳ ପ୍ରୟୋଗ ସଂସ୍କୃତକୁ ଅଧିକ ବୋଧଗମ୍ୟ କରିପାରିଛି। ଭାଷାର ଅଭିବ୍ୟକ୍ତିରେ ମଧ୍ୟ କିଛି ପରିବର୍ତ୍ତନ ଅନୁଭୂତ ହୁଏ। ଯୁଗରୁଚିମତେ ରଚନାଶୈଳୀରେ କିଛି ଭିନ୍ନତା ଓ ନୂତନତାର ସମାବେଶ ଘଟିଛି। ରକ୍ଷଣଶୀଳତାରୁ କିଛି ଦୂରରେ ରହି ସଂସ୍କୃତର ଆଧୁନିକୀକରଣ ଓ ସରଳୀକରଣ ମାଧ୍ୟମରେ ପ୍ରୟୋଜନମତେ ନୂତନ ଶବ୍ଦାବଳୀର ସଂଯୋଜନା କରା ଯାଉଛି, ଯେପରି ସଂସ୍କୃତର ମୂଳସ୍ୱରୂପରେ କୌଣସି ବିକୃତି କିମ୍ବା ହାନି ନ ଘଟେ। କେତେକ ରକ୍ଷଣଶୀଳ ବ୍ୟକ୍ତି ସଂସ୍କୃତରେ ଆଧୁନିକ ନୂତନ ଶବ୍ଦର ପ୍ରୟୋଗକୁ ପସନ୍ଦ କରି ନ ପାରନ୍ତି। ତେବେ ଏହା ବ୍ୟକ୍ତିଗତ ସ୍ତରରେ ସୀମିତ। ପ୍ରଗତିଶୀଳ ଲେଖକ ସଂସ୍କୃତର ମୂଳସ୍ୱରୂପ ଓ ମର୍ଯ୍ୟାଦାକୁ ସୁରକ୍ଷିତ ରଖି ଆଧୁନିକ ଶବ୍ଦ-ସଂଯୋଜନାପୂର୍ବକ ଲେଖନୀ ଚାଳନାରେ ତତ୍ପର ଅଛନ୍ତି। ଆଧୁନିକ ବସ୍ତୁରାଜିର ଉଦ୍ଭାବନ ଓ ଆବିଷ୍କାର ତଥା ବହୁଲୋକ-ପ୍ରଚଳନ ଉପରେ ଆଧୁନିକ ଶବ୍ଦ ବ୍ୟବହାର ଆଧାରିତ। ତେଣୁ ସ୍ୱେଚ୍ଛାଚାରିତାକୁ ସମ୍ପୂର୍ଣ୍ଣ ପରିହାର କରି ସଂସ୍କୃତ-ଭିନ୍ନ ବହୁକଥିତ ଭାରତୀୟ ଭାଷାମାନଙ୍କର ଶବ୍ଦରାଜି ପ୍ରୟୋଜନମତେ ଯଥାସମ୍ଭବ ସୁରୁଚିପୂର୍ବକ ଅପରିବର୍ତ୍ତିତ, ଈଷତ୍-ପରିବର୍ତ୍ତିତ ବା ସଂସ୍କୃତାୟିତ ରୂପରେ ପ୍ରୟୋଗ କଲେ କୌଣସି ଅସଙ୍ଗତି ଅନୁଭୂତ ହୁଏ ନାହିଁ। ସଂସ୍କୃତର ଆଧୁନିକ ପ୍ରୟୋଗ ଓ ପ୍ରସାର ସମ୍ବନ୍ଧରେ ପ୍ରୟାଗରୁ ପ୍ରକାଶିତ ସମସାମୟିକ ସମୀକ୍ଷାତ୍ମକ ପତ୍ରିକା 'ଦୃକ୍'ର ୨୦୦୫-୨୦୦୬ ମଧ୍ୟରେ ପ୍ରକାଶିତ ଅଙ୍କଗୁଡ଼ିକରେ ବିସ୍ତୃତ ଆଲୋଚନା କରା ଯାଇଛି।

ଆଧୁନିକ ସଂସ୍କୃତ ସାହିତ୍ୟରେ ଅନୁପ୍ରାସ-ଉପମା-ଯମକ-ରୂପକାଦି ପାରମ୍ପରିକ ନାନା ଅଳଙ୍କାରର ପ୍ରୟୋଗ ରହିଛି। ଏହା ସହିତ ଆଧୁନିକ ଯୁଗାନୁକୂଳ ବିଭିନ୍ନ ରୂପକଳ୍ପ, ଏକବିମ୍ବ, ପ୍ରତୀକବାଦ ଆଦି ଅନେକ ନୂତନ ଆଳଙ୍କାରିକ ତତ୍ତ୍ୱ ସମାବିଷ୍ଟ ହୋଇଛି। ପାରମ୍ପରିକ ସଂସ୍କୃତ ଛନ୍ଦୋରାଜି ସହ ଆଧୁନିକ ରୁଚିର ଅନୁକୂଳ କେତେକ ବିଦେଶୀୟ ଛନ୍ଦର ଅନ୍ତର୍ଭୁକ୍ତି ସାମ୍ପ୍ରତିକ ସାହିତ୍ୟରେ ଆଦୃତ ହୋଇ ପାରିଛି। ଯଥା, ଜାପାନଦେଶୀୟ 'ହାଇକୁ' ଓ 'ତାନ୍କା' ତଥା କୋରିଆଦେଶୀୟ 'ସିଜୋ' ଛନ୍ଦ। ଏହି ତିନି ଛନ୍ଦ ସ୍ୱସ୍ୱଗୁଣ ଅନୁସାରେ କାବ୍ୟବିଧା ମଧ୍ୟ ଅଟନ୍ତି ଏବଂ ନିର୍ଦ୍ଧାରିତ ବର୍ଣ୍ଣକ୍ରମରେ ସଜ୍ଜିତ ହେଲେ ଛନ୍ଦ ବୋଲି କଥିତ ହୁଅନ୍ତି। ଏଗୁଡ଼ିକର ମିଶ୍ରିତ ରୂପରେ ମଧ୍ୟ ଆଧୁନିକ ସଂସ୍କୃତ କବିତା ରଚିତ ହେଉଛି। ସଂସ୍କୃତରେ ମୌଳିକ ଉଦ୍ଭାବିତ ବିବିଧ ମାତ୍ରିକ ଗୀତିଛନ୍ଦ, ପାରସ୍ୟ ଓ ଉର୍ଦ୍ଦୁର ଗଜଲ୍, ଇଂରାଜୀର ସନେଟ୍ (ଚତୁର୍ଦ୍ଦଶପଙ୍କ୍ତି କବିତା) ତଥା କେତେକ ପ୍ରାଦେଶିକ ଲୋକଗୀତର ଛନ୍ଦ ମଧ୍ୟ ଅନ୍ତର୍ଭୁକ୍ତ। ହିନ୍ଦୀର ପ୍ରଭାବରେ 'କୁଣ୍ଡଲିୟା' ଛନ୍ଦ ଏବଂ 'କ୍ଷଣିକା' କବିତାବିଧା ସମାବିଷ୍ଟ ହୋଇଛି। ଓଡ଼ିଆ ସାହିତ୍ୟର ଅନେକ ଛନ୍ଦରେ ମଧ୍ୟ ସଂସ୍କୃତ କବିତା ରଚିତ ହେଉଛି। ଛନ୍ଦୋଯୋଜନା ଲେଖକଙ୍କ ରୁଚି ବା ଆଗ୍ରହ ଉପରେ ନିର୍ଭର କରେ। ମୁକ୍ତଛନ୍ଦ ବା ଛନ୍ଦୋମୁକ୍ତ କବିତା ମଧ୍ୟ ସଂସ୍କୃତ ସାହିତ୍ୟରେ ଦୃଷ୍ଟିପଥାରୂଢ଼ ହୋଇଥାଏ। ତେବେ ଏ ସବୁର ଯେତେ ପ୍ରକାର ବାହ୍ୟମିଶ୍ରଣ ହେଲେହେଁ ବ୍ୟାକରଣାଦି ବିଚାରରେ ସଂସ୍କୃତର ମୂଳସ୍ୱରୂପ ସର୍ବଦା ଅକ୍ଷୁଣ୍ଣ ଏବଂ ଅବିକୃତ ରହିଛି। ଲେଖକମାନଙ୍କର ବ୍ୟକ୍ତିଗତ ରଚନା ରୁଚିରେ ବିଭିନ୍ନତା ଥିଲେ ମଧ୍ୟ ସର୍ବୋପରି ପାରମ୍ପରିକତା ଓ ଆଧୁନିକତାର ସମନ୍ୱୟ ଆଧୁନିକ ସଂସ୍କୃତ ସାହିତ୍ୟର ସମୃଦ୍ଧି ଦିଗରେ ବିଶେଷ ଭୂମିକା ନିର୍ବାହ କରିଛି।

ଭାରତ ବର୍ଷର ବିଭିନ୍ନ ଭାଷା ସାହିତ୍ୟରେ ଯେପରି ଭିନ୍ନଭିନ୍ନ ବିଭାଗ ରହିଛି, ଆଧୁନିକ ସଂସ୍କୃତ ସାହିତ୍ୟରେ ମଧ୍ୟ ସେପରି ରହିଛି।

ପାରମ୍ପରିକ ମହାକାବ୍ୟ, ଖଣ୍ଡକାବ୍ୟ, ଗୀତିକାବ୍ୟ, ଦୂତକାବ୍ୟ, ଚମ୍ପୂକାବ୍ୟ, ସ୍ତୋତ୍ରକାବ୍ୟ, ଭ୍ରମଣକାବ୍ୟ, ନାଟକ, କଥା ପ୍ରଭୃତି ପରି ଅଧୁନା ମଧ୍ୟ ରଚନାବଳୀ ପ୍ରଣୀତ ହେଉଛି। ଏହା ସହିତ ପୂର୍ବରୁ ଆଦୌ ନାମିତ ହୋଇ ନ ଥିବା ବିଭାଗମାନ ସାମ୍ପ୍ରତିକ ସଂସ୍କୃତ ସାହିତ୍ୟରେ ଅନ୍ତର୍ଭୁକ୍ତ ହୋଇ ସାରିଛି। ଏହା ସହିତ ଆଧୁନିକ ସାହିତ୍ୟର କାବ୍ୟଶ୍ରେଣୀରେ ବିଭିନ୍ନ ବିଭାଗ ରହିଛି। ଯଥା, ରାଗକାବ୍ୟ, ଲହରୀକାବ୍ୟ, ମୌଳିକ-ନବ୍ୟଛନ୍ଦ-ପ୍ରଣୀତ ଗୀତିକାବ୍ୟ, ଅନ୍ୟାପଦେଶ-କାବ୍ୟ, ହାସ୍ୟ-ବ୍ୟଙ୍ଗ୍ୟକାବ୍ୟ, ଉପନିଷଦୀୟ ବା ଦାର୍ଶନିକ କାବ୍ୟ, ନବ୍ୟଶତକ-କାବ୍ୟ। ଆହୁରି ରହିଛି ମୁକ୍ତଛନ୍ଦବଦ୍ଧ ବା ଛନ୍ଦମୁକ୍ତ କାବ୍ୟ, ବିଦେଶୀୟ ହାଇକୁ-ସିଜୋ-ତାନ୍‌କା ଆଦି ଛନ୍ଦରେ ରଚିତ କାବ୍ୟ, ଚତୁର୍ଦ୍ଦଶପଙ୍‌କ୍ତି କବିତା (ସନେଟ୍), ଗଲଜ୍ଜଲିକା (ଗଜଲ୍), କ୍ଷଣିକା, ବାସରିକ-କବିତା, କବ୍‌ବାଲୀ ବା କାବ୍ୟାଲୀ ଆଦି ଲୋକଗୀତ, ପ୍ରହେଳିକା-କାବ୍ୟ, ବିମାନକାବ୍ୟ, ଶିଶୁକବିତା ବା ବାଲକବିତା, ସୁଭାଷିତ କାବ୍ୟ ବା ସୂକ୍ତି-କବିତା, ଚରିତକାବ୍ୟ ଇତ୍ୟାଦି।

ପାରମ୍ପରିକ ଗଦ୍ୟକାବ୍ୟରେ ଦ୍ୱିବିଧ ବିଭାଜନ ରହିଛି, କଥା ଓ ଆଖ୍ୟାୟିକା। ଏହା ସହିତ ଆଧୁନିକ ସଂସ୍କୃତରେ ରହିଛି, ଉପନ୍ୟାସ, ଲଘୁ-ଉପନ୍ୟାସ ବା ଉପନ୍ୟାସିକା, ଦୀର୍ଘକଥା, ଲଘୁକଥା, ଚୁପ୍‌କଥା ବା ଲଘୁ-ଲଘୁ କଥା (ଇଂରାଜୀରେ ଶର୍ଟ୍-ଶର୍ଟର ଷ୍ଟୋରି), ନବ୍ୟକଥା, ରହସ୍ୟ କଥା ବା ସ୍ୱଶ-କଥା (ଇଂରାଜୀରେ ଡିଟେକ୍ଟିଭ୍ ଷ୍ଟୋରି), ହାସ୍ୟବ୍ୟଙ୍ଗ-କଥା, ତ୍ରାସଦ-କଥା, ଶିଶୁକଥା ବା ବାଲକଥା, ଯାତ୍ରାବୃତ୍ତାନ୍ତ ଆଦି। 'କଥା'-ଶବ୍ଦର ପର୍ଯ୍ୟାୟବାଚୀ ରୂପେ 'କଥାନୀ' ଓ 'କଥାନିକା' ଶବ୍ଦର ପ୍ରୟୋଗ ମଧ୍ୟ ରହିଛି। ଆଧୁନିକ ସଂସ୍କୃତ ସାହିତ୍ୟର ରୂପକ-ଶ୍ରେଣୀରେ ରହିଛି : ନାଟକ-ପ୍ରକରଣାଦି ସହ ଏକାଙ୍କୀ ବା ଏକାଙ୍କିକା, ବୀଥି-ନାଟକ ବା ପଥପ୍ରାନ୍ତ ନାଟକ, ରେଡିଓ-ନାଟକ, ନୃତ୍ୟନାଟିକା, ଗୀତିନାଟ୍ୟ, ଶିଶୁ-ନାଟକ ଆଦି। ଗଦ୍ୟ-ସାହିତ୍ୟରେ ଲଳିତନିବନ୍ଧ ଆଦି ମଧ୍ୟ ରହିଛି। ଆଧୁନିକ ସଂସ୍କୃତ ସାହିତ୍ୟର ଗଦ୍ୟ-ପଦ୍ୟ ଉଭୟ ବିଭାଗରେ ଅନୁବାଦ-ସାହିତ୍ୟ ମଧ୍ୟ ପ୍ରଣିଧେୟ। ବିଭିନ୍ନ ଭାରତୀୟ ଭାଷା ତଥା ବିଦେଶୀ ଭାଷାରେ ରଚିତ କଥା-ଉପନ୍ୟାସ-ନାଟକ-କାବ୍ୟକବିତା-ଗୀତାଦିର ସଂସ୍କୃତାନୁବାଦ ଜନସମାଜରେ ସୁପରିଚିତି ଲାଭ କରିଛି।

ପାରମ୍ପରିକ କାବ୍ୟଶାସ୍ତ୍ର ବିଭାଗରେ ମମ୍ମଟାଚାର୍ଯ୍ୟଙ୍କ 'କାବ୍ୟପ୍ରକାଶ' ଓ ଆଳଙ୍କାରିକ ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟଦର୍ପଣ' ଗ୍ରନ୍ଥ ଜନସମାଜରେ ସୁପ୍ରସିଦ୍ଧ। ସେହିପରି ଆଧୁନିକ ସଂସ୍କୃତ ସାହିତ୍ୟର ବିବେଚନାପରକ ନବ୍ୟ କାବ୍ୟଶାସ୍ତ୍ରମାନ ରଚିତ ହୋଇଛି। ଏ ଶ୍ରେଣୀରେ ଆଚାର୍ଯ୍ୟ ରେବାପ୍ରସାଦ ଦ୍ୱିବେଦୀଙ୍କ 'କାବ୍ୟାଳଙ୍କାର-କାରିକା', ଅଭିରାଜ-ରାଜେନ୍ଦ୍ର ମିଶ୍ରଙ୍କ 'ଅଭିରାଜ-ଯଶୋଭୂଷଣମ୍', ରାଧାବଲ୍ଲଭ ତ୍ରିପାଠୀଙ୍କ 'ଅଭିନବ-କାବ୍ୟାଳଙ୍କାର-ସୂତ୍ରମ୍', ରାହାସବିହାରୀ ଦ୍ୱିବେଦୀଙ୍କ 'ନବ୍ୟକାବ୍ୟତତ୍ତ୍ୱ-ମୀମାଂସା' ଆଦି ଉଲ୍ଲେଖନୀୟ। ଏଥିରେ ଆଧୁନିକ କାବ୍ୟ-ଉପନ୍ୟାସ-କଥା ଆଦିର ଲକ୍ଷଣ ଓ ବିବେଚନା ବର୍ଣ୍ଣିତ। ପାରମ୍ପରିକ କାବ୍ୟରେ ଶୃଙ୍ଗାର-ହାସ୍ୟାଦି ନବରସ ସହିତ ବହୁପୂର୍ବରୁ ଭକ୍ତିରସ ଓ ବାତ୍ସଲ୍ୟ (ବତ୍ସଳ) ରସ ଅନ୍ତର୍ଭୁକ୍ତ ହୋଇଛି। ଆଧୁନିକ ସଂସ୍କୃତ ସାହିତ୍ୟରେ ରାଷ୍ଟ୍ରଭକ୍ତି ବା ଦେଶପ୍ରେମ ଏକ ସ୍ୱତନ୍ତ୍ର ରସ ରୂପରେ ପ୍ରତିପାଦିତ। ଆଧୁନିକ ସଂସ୍କୃତର ସୌନ୍ଦର୍ଯ୍ୟଶାସ୍ତ୍ରରାଜି ସୌନ୍ଦର୍ଯ୍ୟତତ୍ତ୍ୱ-ଚର୍ଚ୍ଚାରେ ଓ ଛନ୍ଦଶାସ୍ତ୍ରମାନ ଆଧୁନିକ ଛନ୍ଦପ୍ରୟୋଗରେ ମଧ୍ୟ ନବ୍ୟନିର୍ମାଣ ଓ ନବ୍ୟ ଉଚ୍ଚାରଣର ସନ୍ଦେଶ ବହନ କରିଛି। ଏହିପରି ବିଭିନ୍ନ କ୍ଷେତ୍ରରେ ସଂସ୍କୃତର ଆଧୁନିକ ଦୃଷ୍ଟିଭଙ୍ଗୀ ସାହିତ୍ୟକୁ ଅଧିକ ପୁଷ୍କଳ ଓ ସମୃଦ୍ଧ କରିବାରେ ସହାୟକ ହୋଇଛି।

ଆଧୁନିକତା-ପ୍ରସଙ୍ଗରେ 'ମାଳବିକାଗ୍ନିମିତ୍ର' ନାଟକର ପ୍ରସ୍ତାବନାରେ କବିକୁଳଗୁରୁ କାଳିଦାସ କହିଛନ୍ତି : 'ପୁରାଣମିତ୍ୟେବ ନ ସାଧୁ ସର୍ବଂ ନ ଚାପି କାବ୍ୟଂ ନବମିତ୍ୟବଦ୍ୟମ୍। ସନ୍ତଃ ପରୀକ୍ଷ୍ୟାନ୍ୟତରଦ୍ ଭଜନ୍ତେ ମୂଢ଼ଃ ପରପ୍ରତ୍ୟୟ-ନେୟ-ବୁଦ୍ଧିଃ ॥' ଏହାର ତାତ୍ପର୍ଯ୍ୟ ହେଉଛି, ପୁରାତନ ହେବା କାରଣରୁ ସବୁ ପୁରାତନ ବସ୍ତୁ ଯେ ଉତ୍ତମ, ଏମିତି କଥା ନୁହେଁ। ନୂତନ ଭାବରେ ଆଗତ ହେବା ଯୋଗୁଁ ସବୁ ନୂତନ କାବ୍ୟ ବା ବସ୍ତୁ ଯେ ହେୟ ବା ଦୋଷଯୁକ୍ତ ଅଟେ, ଏମିତି କଥା ମଧ୍ୟ ନୁହେ। ବିବେକୀ ବ୍ୟକ୍ତି ଉତ୍ତମ ଓ ଅଧମ ବିଷୟରେ ଅନୁଶୀଳନ କରି ଉତ୍ତମକୁ ହିଁ ଗ୍ରହଣ କରିଥାଏ। ମୂଢ଼ ବ୍ୟକ୍ତି ବିଚାରଶକ୍ତିର ଅଭାବ ହେତୁ ଅନ୍ୟର ବିଶ୍ୱାସ ଉପରେ ନିର୍ଭର କରି ନିଜ ବୁଦ୍ଧିକୁ ପରିଚାଳିତ କରିଥାଏ।

ଆଜି ଯାହା ଆଧୁନିକ କୁହା ଯାଉଛି, ସମୟର ଗତିରେ ତାହା ପୁରାତନ ବୋଲି ନାମିତ ହେବ। ଆଧୁନିକ ସାହିତ୍ୟର ଅନେକ ଲେଖକ ପୁରାତନ ବା ପାରମ୍ପରିକ ବିଷୟକୁ ଆଧାର କରି ସେଥିରେ ମୂଲ୍ୟବୋଧସମ୍ପନ୍ନ ସମକାଳିକ ଶୈଳୀ ବା ପ୍ରବୃତ୍ତିର ସଂଯୋଜନାପୂର୍ବକ କାବ୍ୟାଦି-ପ୍ରଣୟନରେ ବ୍ରତୀ ଅଛନ୍ତି ଏବଂ ସାମ୍ପ୍ରତିକ ସମାଜରେ ଲୋକପ୍ରିୟତା ଅର୍ଜନ କରିଛନ୍ତି। ଯୁଗ ସହିତ ସମତାଳ ଦେଇ ସକାରାତ୍ମକ ନବ୍ୟରୂପ ମାଧ୍ୟମରେ ସାହିତ୍ୟ ପ୍ରଣୀତ ହେଲେ ତାହା ସମାଜ ପକ୍ଷେ ହିତକର ଓ ଗୌରବସମ୍ପନ୍ନ ହୋଇଥାଏ। ବାସ୍ତବତା ଓ କଳ୍ପନାବିଳାସର ସମନ୍ୱୟରେ ସାହିତ୍ୟର କଳେବର ସମୃଦ୍ଧି ଲାଭ କରିଥାଏ। ବାସ୍ତବତା ପରି କଳ୍ପନା-ବିଳାସରେ ମଧ୍ୟ ଜୀବନର ବିଭିନ୍ନ ଅନୁଭୂତି ଗର୍ଭିତ ହୋଇଥାଏ। ଜୀବନ ସହିତ ସାହିତ୍ୟର, ସାହିତ୍ୟ ସହିତ ସମାଜର, ସମାଜ ସହିତ ଦେଶର, ଦେଶ ସହିତ ବିଶ୍ୱର ପରସ୍ପର ଭାବସମ୍ବନ୍ଧ ଚିରନ୍ତନ। ଏଥିପାଇଁ ସର୍ଜନାତ୍ମକ ବା ରଚନାତ୍ମକ ଉପାଦାନ ଯୋଗେ ରଚିତ ସାହିତ୍ୟ ସମାଜର କଲ୍ୟାଣସାଧନ କରିଥାଏ। ସମାଜକୁ ନକାରାତ୍ମକ ଚିନ୍ତନ ଦ୍ୱାରା ଉଦ୍‌ବୁଦ୍ଧ କରିବା ମାନବ-ଜୀବନ ଉପରେ କୁପ୍ରଭାବ ପକାଇଥାଏ। ସମାଜରେ ଥିବା କୁପ୍ରଥା, ଦୁର୍ନୀତି ଆଦି ନାନା ସମସ୍ୟାର ସମାଧାନ ଲାଗି ସାହିତ୍ୟରେ ଉପଯୁକ୍ତ ସକାରାତ୍ମକ ଚିନ୍ତନ ଓ ଶିକ୍ଷଣୀୟ ସୁସଂସ୍କାର-ଭାବନା ଅନ୍ତର୍ଭୁକ୍ତ ହେବା ବିଧେୟ। ସଂସ୍କୃତ ସାହିତ୍ୟରେ ବିଶ୍ୱଜନୀନ ମଙ୍ଗଳମୟ, ସୌନ୍ଦର୍ଯ୍ୟମୟ ଓ ଆନନ୍ଦମୟ ବିଷୟାବଳୀ ନିହିତ ରହିଛି। ଏହା ସମସ୍ତଙ୍କ ପାଇଁ ସର୍ବଦା ଉପାଦେୟ।

ପ୍ରାଚୀନ ହୁଅନ୍ତୁ ବା ଆଧୁନିକ ହୁଅନ୍ତୁ, ପ୍ରତ୍ୟେକ ରଚନାକାରଙ୍କ ପ୍ରତିଭାରେ କିଛି ମୌଳିକତା ବା ସ୍ୱତନ୍ତ୍ରତା ରହିଥାଏ । ଆଧୁନିକ ଯୁଗରେ ସଂସ୍କୃତ ସାହିତ୍ୟର ବହୁ ପ୍ରତିଭାବାନ୍ ଲେଖକ ଅଛନ୍ତି । ଆଧୁନିକ ସଂସ୍କୃତ କବିତା ନିଜର କାବ୍ୟଗୁଣାନୁସାରେ ବହୁଲୋକପ୍ରିୟ ହୋଇପାରିଛି ।

ପ୍ରତ୍ୟେକ ଭାଷାର ଦୁଇଟି ଦିଗ ଥାଏ, ସରଳ ଓ କଠିନ । ଲୋକ ବ୍ୟବହାରରେ ସରଳ ଦିଗର ଓ ଶାସ୍ତ୍ରାଦି ରଚନା-ଆଲୋଚନାରେ ପ୍ରୟୋଜନମତେ କଠିନ ଦିଗର ଅବଲମ୍ବନ କରାଯାଇଥାଏ । କେତେକେ ସଂସ୍କୃତକୁ କଠିନ ଭାଷା ବୋଲି ବିବେଚନା କରିଥାନ୍ତି; ମାତ୍ର ଏହା ଭ୍ରାନ୍ତ ଧାରଣା । ଭିନ୍ନ-ବର୍ଣ୍ଣମାଳାଯୁକ୍ତ ଓ ଭିନ୍ନ-ଶବ୍ଦାବଳୀଯୁକ୍ତ ଇଂରାଜୀ ଆଦି ବିଦେଶୀୟ ଭାଷାକୁ ବହୁ ପରିଶ୍ରମରେ ଶିକ୍ଷା କରିବା ଲାଗି ଲୋକେ ଚେଷ୍ଟିତ, କିନ୍ତୁ ଭାରତୀୟ ଭାଷାରାଜିର ମୂଳ ଆଧାର ଓ ଭାରତୀୟ ଜ୍ଞାନବିଜ୍ଞାନର ମୂଳ ନିଧାନ ସଂସ୍କୃତ ଶିକ୍ଷା ପାଇଁ ଅନେକେ କୁଣ୍ଠିତ । ଆଜିକାଲିର ବିଜ୍ଞାନ ଯୁଗରେ ସ୍ୱଦେଶୀ ଓ ବିଦେଶୀ ଉଭୟ ଭାଷାର ଶିକ୍ଷା ଗ୍ରହଣ କରିବା ନିତାନ୍ତ ଆବଶ୍ୟକ । ମୂଳଭାଷା ସଂସ୍କୃତର ବର୍ଣ୍ଣସମୂହ ଭାରତୀୟ ଅନ୍ୟାନ୍ୟ ଭାଷାରେ ଥିବାରୁ ସଂସ୍କୃତ ଶିକ୍ଷା ବହୁତ ସହଜ । ସଂସ୍କୃତରେ ଶବ୍ଦ ଯେମିତି ଲେଖାଯାଏ, ସେମିତି ଉଚ୍ଚାରଣ କରାଯାଏ ଏବଂ ଯେମିତି ଉଚ୍ଚାରଣ କରାଯାଏ, ସେମିତି ଲେଖାଯାଏ । ସଂସ୍କୃତରେ ବାକ୍ୟଗଠନର ଶୈଳୀକୁ ଲକ୍ଷ୍ୟ କଲେ ଅତି ଆଶ୍ଚର୍ଯ୍ୟ ଲାଗେ । ବାକ୍ୟରେ କର୍ତ୍ତା-କ୍ରିୟାଦି ଶବ୍ଦଗୁଡ଼ିକର ସ୍ଥାନ ପରିବର୍ତ୍ତନ କଲେ ମଧ୍ୟ ବାକ୍ୟାର୍ଥର କୌଣସି ପରିବର୍ତ୍ତନ ହୁଏ ନାହିଁ । ବ୍ୟବହାରର ମାନସିକତା ଥିଲେ ସଂସ୍କୃତ ହେଉଛି ଅତ୍ୟନ୍ତ ସରଳ ଭାଷା । ସଂସ୍କୃତ ପ୍ରତି ଯେଉଁମାନଙ୍କର ଭ୍ରାନ୍ତ ଧାରଣା ରହିଛି, ସେମାନେ ସକାରାତ୍ମକ ଚିନ୍ତନ କଲେ ପ୍ରଶସ୍ତ ହୃଦୟରେ ସଂସ୍କୃତର ଗତିଶୀଳତା ଏବଂ ପ୍ରଗତିଶୀଳତାକୁ ଚିହ୍ନି ପାରିବେ । ଭାରତ-ଭାରତୀ ସଂସ୍କୃତର ନବ୍ୟରୂପରେ ପରିପ୍ରକାଶ ଭାରତୀୟ ସଭ୍ୟତା ଓ ସଂସ୍କୃତିର ଦୀପ୍ତିମନ୍ତ ନିଦର୍ଶନ ରୂପେ ଚିରକାଳ ରହିଥିବ । ଏତିକି କୁହାଯାଇପାରେ ଯେ ବୈଶ୍ୱିକ ଚେତନାର ପ୍ରବାହରେ ଆଧୁନିକ ସଂସ୍କୃତ ସାହିତ୍ୟର ଅତ୍ୟନ୍ତ ଉଜ୍ଜ୍ୱଳ ସମ୍ଭାବନା ରହିଛି । ପରିଶେଷରେ ଏହି ଉକ୍ତି ସ୍ମରଣ କରିବା ସମୀଚୀନ ହେବ: 'ପ୍ରାଚୀନତ୍ୱଂ ସମାଶ୍ରିତ୍ୟ ନୂତନତ୍ୱଂ ବିତନ୍ୱତୀ । ବହନ୍ତୀ ସନ୍ତତଂ ଧାରା ଭାତି ଭାରତ-ଭାରତୀ ।' ■■■

ଅବସରପ୍ରାପ୍ତ ସଂସ୍କୃତ ପ୍ରାଧ୍ୟାପକ ଓ ମୁଖ୍ୟ,
ସ୍ନାତକୋତ୍ତର ସଂସ୍କୃତ ବିଭାଗ,
ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା.
(ସମ୍ପ୍ରତି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ)
ଦୂରଭାଷ : ୯୪୩୭୩୬୨୯୬୨.

ଅଭିନୟ କଳା

ଅଭିନୟ କଳା ମଣିଷର ସହଜାତ । ଭାଷା ଉତ୍ପତ୍ତି ପୂର୍ବରୁ ମଣିଷ ପରସ୍ପର ସହିତ ଭାବ ଆଦାନପ୍ରଦାନ କରିବା ପାଇଁ 'ଠାର'ର ପ୍ରୟୋଗ କରୁଥିଲା । କେବେ ପଶୁ-ପକ୍ଷୀଙ୍କ ଶବ୍ଦ, କେବେ ଶିକାରର ଆନନ୍ଦ ସେ ତା'ର ଗୋଷ୍ଠୀ ସହିତ ବାଣ୍ଟୁଥିଲା । କ୍ରମେ ଭାଷା ଆସିଲା । ଭାବ ପ୍ରକାଶରେ ସୂକ୍ଷ୍ମତା ଓ ଦୃଢ଼ତା ଆସିଲା । ଅଭିନୟ ପାଲଟିଗଲା ବ୍ୟକ୍ତିର ପ୍ରତିଭା ପ୍ରଦର୍ଶନର ମାଧ୍ୟମ ଯାହା ଗୋଟିଏ ଗୋଷ୍ଠୀର ଦର୍ଶକଙ୍କୁ ମୁଗ୍ଧ କଲା । ପୁରାଣ ବା ଲୋକକଥାର କାହାଣୀକୁ ନେଇ ନାଟକମାନ ରଚିତ ହେଲା ଓ ଅଭିନୟ ପାଇଁ ସ୍ୱତନ୍ତ୍ର ଧାରାମାନ ସୃଷ୍ଟି ହେଲା । ଅଭିନୟ କଳା ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ହେଲା । କ୍ରମେ ସମଗ୍ରବିଶ୍ୱରେ ନାଟକ ପାଇଁ ବ୍ୟାକରଣ ଲୋଡ଼ା ହେଲା । ଖ୍ରୀ.ପୂ. ୨ୟ ଶତକରୁ ଖ୍ରୀ. ୧ମ ଶତକ ମଧ୍ୟରେ ନାଟ୍ୟଶାସ୍ତ୍ର ରଚିତ ହେଲା ଓ ଭରତ ମୁନି ନାଟ୍ୟଶାସ୍ତ୍ରର ରଚୟିତା ଭାବରେ ଆଜିର ନାଟକକୁ ମଧ୍ୟ ପ୍ରଭାବିତ କରି ଚାଲିଛନ୍ତି । ଅଭିନୟ ଆରମ୍ଭ ହୁଏ ମିଛ କଥାକୁ ସତ ଭାବରେ ଉପସ୍ଥାପିତ କରିବାର ଆଗ୍ରହରୁ । 'Let us pretend' ଅର୍ଥାତ୍ ଚାଲନ୍ତୁ ମୁଁ ଆଉ ଆମେ ଆମ ଚରିତ୍ରକୁ ବାଦ୍ ଦେଇ ଅନ୍ୟ ଏକ ଚରିତ୍ରରେ ନିମଜ୍ଜିତ ହୋଇଯିବା ।

ଆମେ ଜାଣିଛୁ ରାମ ଭୂମିକାରେ ଅଭିନୟ କରୁଥିବା ଧଡ଼ିଆ ରାମ ନୁହେଁ; ମାତ୍ର ସେ ଭଲ ଅଭିନୟ କରି ପୁରସ୍କୃତ ହୁଏ । ଏପରି ପୌରାଣିକ ଚରିତ୍ରରେ କେଉଁ ଦୂର ଅତୀତରେ ଅଭିନୟ କରିଥିବା ମଣିଷମାନେ ସେହି ଚରିତ୍ର ନାମରେ ପରିଚିତ ହୁଅନ୍ତି । ଯେମିତି ଜିତୁକୁ 'ଅକ୍ରୁର' ବା ଯଦୁ ଦାଦାଙ୍କୁ 'ଦଶରଥ' ନାମରେ ସମସ୍ତେ ଜାଣନ୍ତି । ତେଣୁ ଅଭିନୟ ଏକ ଚମତ୍କାର କଳା । ଏହାକୁ ଆଉ ଟିକିଏ ଜୀବନ୍ତ କରିବାକୁ ପୋଷାକ ଅଙ୍ଗଭଙ୍ଗୀ ଇତ୍ୟାଦି ଲୋଡ଼ା ହୁଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି 'ଭାବ' । ତେଣୁ ଅଭିନୟରେ ଯେଉଁ ଚାରିଟି ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ବାଚିକ (Voice Modulation), ଆଙ୍ଗିକ (Movement of body), ଆଭାର୍ଯ୍ୟ (Makeup, custome etc.) ଓ ସାତ୍ତ୍ୱିକ (Psychophysical or Psychosomatic representation) ଏହି ସାତ୍ତ୍ୱିକ ହେଉଛି 'Mood' 'ଭାବ' ବା Involvement, ସେଥିପାଇଁ ତ ଅପୂର୍ବ ସୁନ୍ଦରୀ, ଅମନୋଯୋଗୀ ନାୟିକାଠାରୁ ସାଧାରଣ ଭାବେ ଚରିତ୍ରର ଭାବ ସୌନ୍ଦର୍ଯ୍ୟକୁ ଆତ୍ମସ୍ଥ କରିଥିବା ନାୟିକା ପ୍ରଶଂସାର ପାତ୍ରୀ ହୁଅନ୍ତି । ତେଣୁ ନାଟକଟିଏ ଦୀର୍ଘ ଅଭ୍ୟାସ ଆବଶ୍ୟକ କରେ । ବାରମ୍ବାର ଉଚ୍ଚାରଣ କରି, ଆରୋହ ଅବରୋହ ସହିତ ସହ ଅଭିନେତା ଓ ଅଭିନେତ୍ରୀଙ୍କ ସହିତ କଥା କହି ଜଣେ ନିର୍ଦ୍ଦିଷ୍ଟ ଚରିତ୍ର ପାଇଁ ଉପଯୋଗୀ ହୋଇଥାଏ । ସେହିପରି ପୌରାଣିକ ଚରିତ୍ରଙ୍କ ପାଇଁ ବେଶ ପୋଷାକ, ଅସ୍ତ୍ରଶସ୍ତ୍ର, ମୁକୁଟ ପ୍ରଭୃତି ଲୋଡ଼ା ହୁଏ ।

ନାଟ୍ୟକାର ନିଜର ପ୍ରତିଭା ଉପଯୋଗୀ ନାଟକର କଥାଭାଗ ନିର୍ମାଣ କରିଥାଏ । ସେହି କଥାଭାଗ ନିର୍ଦ୍ଦିଷ୍ଟ ସମୟର ସମସ୍ୟାକୁ ପ୍ରତିବିମ୍ବିତ କରେ, ଦର୍ଶକ ନାଟକରେ ନିଜ ଜୀବନର ସମସ୍ୟା ଦେଖି ତା' ସହିତ ନିଜକୁ ଯୋଡ଼େ ଓ ନାଟକ ଦେଖିବାକୁ ଆଗ୍ରହ କରେ । ପୌରାଣିକ ବା ଲୋକକଥା କୈନ୍ଦ୍ରିକ ନାଟକ ହୋଇଥିଲେ ତା'ର ପରିଣତି ଦର୍ଶକମାନେ ଆଗରୁ ଜାଣିଥାଆନ୍ତି । ତଥାପି ସୀତା ହରଣ ସହିତ ରାବଣ ମରଣ ଯୋଡ଼ା ହୋଇଥିବାରୁ ସେମାନେ ନାଟକ ଦେଖନ୍ତି । କେବେ ସଙ୍ଗୀତ ନୃତ୍ୟ ଓ ବାଦ୍ୟ ସଂଯୋଗରେ ନାଟକର ଉପସ୍ଥାପନା ନୂଆ ଢଙ୍ଗରେ ହୋଇଥାଏ, ଯାହା ନାଟକର ଶେଷ ପର୍ଯ୍ୟନ୍ତ ଦର୍ଶକଙ୍କୁ ଆଚ୍ଛନ୍ନ କରି ରଖେ ।

ଖାଲି ନାଟ୍ୟକାରଙ୍କ ପ୍ରଜ୍ଞା ଓ ପ୍ରତିଭା ଯେ ନାଟକରେ ପ୍ରତିଫଳିତ ହୁଏ ତାହା ନୁହେଁ, ଦର୍ଶକଙ୍କ ଆଗ୍ରହ ମଧ୍ୟ ନାଟକରେ ପ୍ରତିଫଳିତ ହୁଏ । ମଝିରେ ରହି ଯାଆନ୍ତି ନିର୍ଦ୍ଦେଶକ ଓ କଳାକାରଗଣ । ନିର୍ଦ୍ଦେଶକ ଯଦି ବହୁପାଠୀ, ଉଚ୍ଚଶିକ୍ଷିତ ବା ତାଲିମପ୍ରାପ୍ତ ତାଙ୍କର ନିର୍ଦ୍ଦେଶନା ଖୁବ୍ ଆକର୍ଷଣୀୟ ହୁଏ । କେବେ ସେ ସଙ୍ଗୀତ ଓ ନୃତ୍ୟକୁ ଗୁରୁତ୍ୱ ଦିଅନ୍ତି ତ କେବେ ଗୋଟିଏ ଅଭିନେତାକୁ ଏକାଧିକ ଚରିତ୍ରରେ ଅଭିନୟ ପାଇଁ ଉପଯୋଗୀ କରିଥାନ୍ତି । କେବେ ଏକାପରି ପୋଷାକ ପିନ୍ଧି ସମସ୍ତେ

ପ୍ରଫେସର ସଂଘମିତ୍ରା ମିଶ୍ର

ଲେଖିକା ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟାପିକା, ଗବେଷିକା ଭାବେ କାର୍ଯ୍ୟ କରିଛନ୍ତି । ପ୍ରବନ୍ଧ, ଫିଚର, ସମାଲୋଚନା, ନାଟକ, ଶିଶୁସାହିତ୍ୟ ଓ ଅନୁବାଦ ସାହିତ୍ୟ କ୍ଷେତ୍ରରେ ସୁପ୍ରତିଷ୍ଠିତା ।ଉତ୍କଳ ସାହିତ୍ୟସମାଜ, ଓଡ଼ିଶା ସାହିତ୍ୟ ଏକାଡେମୀ ପରି ବହୁ ଅନୁଷ୍ଠାନରୁ ସମ୍ମାନ ଓ ସମ୍ବର୍ଦ୍ଧନା ପାଇଛନ୍ତି ।

ଅଭିନୟ କରିଥାନ୍ତି ତ କେବେ ଟିକିଏ ଟିକିଏ ସ୍ୱାତନ୍ତ୍ର୍ୟ ରଖି ସେ ଚରିତ୍ରଙ୍କୁ ଉପସ୍ଥାପନ କରିଥାନ୍ତି । ଏଠାରେ ନିର୍ଦ୍ଦେଶକଙ୍କର ପ୍ରତିଭା ଓ ପ୍ରଜ୍ଞା ହିଁ ପରିସ୍ଫୁଟ ହୁଏ । ପୁଣି ଆସେ ଅଭିନେତା ଅଭିନେତ୍ରୀଙ୍କ ଆଗ୍ରହର କଥା । କେବେ ଅଭିନେତାମାନେ ଅକ୍ଷର ପଢ଼ିପାରନ୍ତି ନାହିଁ । ଅନ୍ୟ ଭାଷା କହିପାରନ୍ତି ନାହିଁ । ଦୀର୍ଘ ସମାସ ନିଷ୍ପନ୍ନ ସାଧୁ ଭାଷା କହିବାବେଳେ ଝୁଣ୍ଟନ୍ତି, ସେଠି ନିର୍ଦ୍ଦେଶକଙ୍କ ଦାୟିତ୍ୱ ବଢ଼ିଯାଏ । ଚରିତ୍ରର ଚାହିଦା ଅନୁସାରେ ଅଭିନେତାଙ୍କୁ ପ୍ରସ୍ତୁତ କରାଇବା ବେଶ୍ ଆୟାସସାଧ୍ୟ ବ୍ୟାପାର ହୋଇଯାଏ । ପ୍ରାଥମିକ ପର୍ଯ୍ୟାୟର ବ୍ୟବସାୟୀ ମଞ୍ଚରେ ନାୟିକାମାନେ ପାଠ ପଢ଼ି ନ ଥିଲେ । ତେଣୁ ସ୍କ୍ରିପ୍ଟ ଦେଖି ପାର୍ଟ ମୁଖସ୍ଥ କରିବା ସେମାନଙ୍କ ପକ୍ଷରେ ସମ୍ଭବ ନ ଥିଲା । ଅନ୍ୟ ଅଭିନେତାମାନେ ତାଙ୍କ କାନ ପାଖରେ ସ୍ୱରର ହ୍ରାସବୃଦ୍ଧି (Modelation) ସହିତ ତାଙ୍କ ଚରିତ୍ରର ସଂଳାପ ଏକାଧିକ ବାର କହୁଥିଲେ । ଯାହା ସେମାନେ ମନେ ରଖୁଥିଲେ, ଏ ଧରଣର ପ୍ରସ୍ତୁତିକୁ Parroting କୁହା ଯାଉଥିଲା । ଶୁଆକୁ ଶିଖାଇବା ଭଳି ଅଭିନେତ୍ରୀଙ୍କୁ ନିଜ ନିଜ ଚରିତ୍ର ପାଇଁ ପ୍ରସ୍ତୁତ କରାଯାଉଥିଲା । ଅବଶ୍ୟ ସେଭଳି ଅସୁବିଧା ଆଜି ନାହିଁ । ଆଜି ସମସ୍ତେ ଉଚ୍ଚଶିକ୍ଷିତ ଓ ସଚେତନ ଭାବରେ ନିଜ ଚରିତ୍ର ପାଇଁ ପ୍ରସ୍ତୁତି କରୁଛନ୍ତି ।

ଏହି ଯେଉଁ ପ୍ରଜ୍ଞା ବା ପ୍ରତିଭା, ଯାହା ନାଟକର ମଞ୍ଚାୟନ ପାଇଁ ଲୋଡ଼ା, ତାହା ସାଂସ୍କୃତିକ ପରମ୍ପରାରୁ ଆସିଥାଏ । 'ଅଭିଜ୍ଞାନ ଶାକୁନ୍ତଳମ୍'ର ଇଂରାଜୀ ଅନୁବାଦ ଲଣ୍ଡନରେ ଅଭିନୀତ ହେଉଥାଏ । ବିବାହ ପରେ ପତିଗୃହକୁ ଗଲାବେଳେ ଶକୁନ୍ତଳା କାନ୍ଦିଛନ୍ତି । ପାଶ୍ଚାତ୍ୟ ଦେଶର ଦର୍ଶକମାନେ ଚକିତ ହେଲେ, "ଯାହାକୁ ଇଚ୍ଛା କଲେ ତା'କୁ ବିବାହ କଲେ । ଗୁରୁ ଗୁରୁଜନ ସେଥିପାଇଁ ଅନୁମତି ଦେଲେ । ପୁଣି କାନ୍ଦୁଛନ୍ତି କ'ଣ ପାଇଁ?" ଏହା ଯେ ଆମ ସାଂସ୍କୃତିକ ପରମ୍ପରାର ଅଂଶ ବିଶେଷ ତାହା ସେମାନେ ବୁଝିପାରି ନ ଥିଲେ । ସେମିତି ନାଟକର ଦର୍ଶକ କିଏ ବୋଲି ମଧ୍ୟ ନିର୍ଦ୍ଦେଶକ ଓ ଅଭିନେତାମାନେ ଜାଣିବାକୁ ଚାହାନ୍ତି, କାରଣ ସହରର ଦର୍ଶକ ଓ ଗ୍ରାମ୍ୟଦର୍ଶକ ଏକା ଭାବରେ ନାଟକକୁ ଗ୍ରହଣ କରିପାରନ୍ତି ନାହିଁ । ସମସ୍ତେ ନିଜ ନିଜ ଆଗ୍ରହର ପ୍ରତିରୂପ ଖୋଜି ବସନ୍ତି ନାଟକରେ । ଭରତ ମୁନି କହନ୍ତି–

ଯୋଽୟଂ ସ୍ୱଭାବୋ ଲୋକସ୍ୟ ସୁଖଦୁଃଖ ସମନ୍ୱିତମ୍
ସୋଽଗାଂଦ୍ୟଭିନୟୋ ପେତୋ ନାଟ୍ୟମିତ୍ୟଭିଧାରତେ ।"

ଲୋକଙ୍କର ସୁଖଦୁଃଖ ସମନ୍ୱିତ ଭାବକୁ ଅଭିନୟ ମାଧ୍ୟମରେ ପରିବେଷଣ କରାଯାଇଥାଏ । ସୃଷ୍ଟିକର୍ତ୍ତା ବ୍ରହ୍ମା ନାଟ୍ୟବେଦର ସୃଷ୍ଟି କଲେ 'କ୍ରୀଡନିୟକ' ଭାବରେ । ଏହା ପୁଣି 'ଭାବାନୁକୀର୍ତ୍ତନମ୍' ସହିତ ସଂଶ୍ଲିଷ୍ଟ । ଏହା ଅନୁକରଣାତ୍ମକ କଳା, ଯେଉଁଠି ଅନୁକରଣ (immitation), ରୂପାନ୍ତରୀକରଣ (Mimesis)ରେ ପର୍ଯ୍ୟବସିତ ହୋଇଯାଏ । କେବଳ ଅନୁକରଣ ହେଲେ ତାହା କଳାତ୍ମକ ହୋଇପାରେ ନାହିଁ ଓ ତା'ର ପ୍ରଭାବ ମଧ୍ୟ ଦୀର୍ଘସ୍ଥାୟୀ ହୁଏ ନାହିଁ ।

ଅଭିନୟରେ 'ରସ'ର ସ୍ଥାନ ଗୁରୁତ୍ୱପୂର୍ଣ୍ଣ, ଯେମିତି ଦୁଃଖର ଅଭିନୟ କାଳରେ ଅଭିନେତା କରୁଣରସ ଉପଯୋଗୀ ଆଚରଣ କରିବେ । ଯଥା କାନ୍ଦିବେ, ଲୁହ ଝରାଇବେ, ଗୀତ ଗାଇବେ, ସହ କଳାକାର ଉପରେ ଭାର ଦେଇ ଚାଲିବେ ବା ଏମିତି କିଛି । ତେଣୁ ଦୃଶ୍ୟ କାବ୍ୟ ନାଟକରେ କରୁଣ, ବୀର, ଶାନ୍ତରସର ଗୁରୁତ୍ୱ ଅଧିକ । ଶୃଙ୍ଗାର ରସରାଜ ହୋଇଥିଲେ ହେଁ ମଞ୍ଚାୟନ କାଳରେ ଶୃଙ୍ଗାରିକ ଆଚରଣକୁ ନିଷେଧ କରାଯାଇଛି । ତେଣୁ ଦୃଶ୍ୟ ବା ସଙ୍ଗୀତ ମାଧ୍ୟମରେ ପ୍ରେମ ସମ୍ପର୍କକୁ ପ୍ରଦର୍ଶିତ କରାଯାଇପାରେ । ନାଟକକୁ ରୂପକ ମଧ୍ୟ କୁହାଯାଏ । 'ରୂପ' କହିଲେ ଦୃଶ୍ୟମାନତା । "Rupaka implies the art form which carries the dramatist's meaning to the audience through the process of super-imposition and identification."

Theatric Aspects of Sanskrit Drama-G.K. Bhat-P.21

ଆଜି କିନ୍ତୁ ନାଟକଠାରୁ ରୂପକ ଭିନ୍ନ; କାରଣ ରୂପକରେ ତଥ୍ୟ ପ୍ରମାଣ ସହିତ ନିର୍ଦ୍ଦିଷ୍ଟ ବିଷୟ ଉପସ୍ଥାପିତ ହୋଇଥାଏ । ଏଥିରେ ନାଟକୀୟତା ଊଣା ରହିପାରେ । (ରେଡ଼ିଓ ରୂପକ ଏହିପରି) ଯଦି ଅଭିନୟ ହିଁ ନାଟକର ମୂଳ କଥା ତେବେ ଏକକ ଅଭିନୟ ତାହାର ଏକ ଉତ୍କୃଷ୍ଟ ଉଦାହରଣ । କେବଳ କଣ୍ଠସ୍ୱର ପରିବର୍ତ୍ତନ କରି ଜଣେ ଏକାଧିକ ଚରିତ୍ରରେ ସଫଳ ଅଭିନୟ କରିପାରନ୍ତି । ସେହିପରି ମୁଖ୍ୟ ଅଭିନୟ ମଧ୍ୟ ଶରୀର ସଞ୍ଚାଳନ ଉପରେ ମୁଖ୍ୟତଃ ନିର୍ଭରଶୀଳ । ଅଭିନୟ ପ୍ରତି ସମର୍ପିତ ଦୃଷ୍ଟିଭଙ୍ଗୀ କଳାକାରଙ୍କୁ ମାର୍ଜିତ କରିଥାଏ । ତାଙ୍କର ଚାଲିଚଳଣି, ବ୍ୟବହାର, କଥାବାର୍ତ୍ତା ସବୁଥିରେ ଏକ କଳାତ୍ମକତା ଫୁଟି ଉଠେ ।

> *"କ୍ରମେ ଜନଜୀବନର ରୂପ ବଦଳିଲା ଓ ନାଟକ ପାଲଟିଲା ଆମ ମନସ୍ତାତ୍ତ୍ୱିକ ଭାବନାର ପ୍ରତିନିଧି । ଆଜିର ସମୟ ଆଉ ପ୍ରାଦେଶିକତାରେ ଆବଦ୍ଧ ନୁହେଁ । କେବେ ଭାରତୀୟ ନାଟକ, ଯଥା- କାଳିଦାସ, ଭବଭୂତି, ଭାସ ପ୍ରମୁଖଙ୍କ ରଚନାକୁ ନେଇ ଚିରାୟତ (Classic) କୋଟିର ନାଟକ ଅଭିନୀତ ହେଉଛି ତ ପୁଣି ସେକ୍ସପିୟର, ଚେଖଭ ପ୍ରମୁଖଙ୍କ ନାଟକକୁ ପୁନର୍ବାର ଆଧୁନିକ ଢଙ୍ଗରେ ଅଭିନୀତ କରାଯାଉଛି । ଏବେ ଦର୍ଶକ ହେଉଛନ୍ତି ଭାରତୀୟ ଦର୍ଶକ । ନାଟକ ମଧ୍ୟ ଦେଶ କାଳ ପାତ୍ରକୁ ଅତିକ୍ରମ କରିବାକୁ ସାହସୀ ହୋଇଛି ।"*

ଏପରିକି ଗାଁ ଗହଳରେ ବର୍ଷକେ ଥରେ ଅଧେ ଅଭିନୟ କରୁଥିବା ଅତି ସାଧାରଣ ଯୁବକଙ୍କ ବିଚାରବୁଦ୍ଧିରେ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ ।

ନିର୍ଦ୍ଦିଷ୍ଟ ଉତ୍ସବ (ଯେମିତି ରାମନବମୀ, ଧନୁଯାତ୍ରା ପ୍ରଭୃତି)ରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ନାଟକ ପରିବେଷିତ ହୁଏ । ସେଠାରେ ଦର୍ଶକଙ୍କଠାରୁ ଈଶ୍ୱରଙ୍କ ସନ୍ତୁଷ୍ଟି ଅଧିକ ଗୁରୁତ୍ୱପୂର୍ଣ୍ଣ । ତେଣୁ ରାତି ପାହିଗଲା ପରେ ମଧ୍ୟ ନାଟକ ପରିବେଷିତ ହେଉଥାଏ । ଏସବୁ ସେହି ସାତ୍ତ୍ୱିକ ଗୁଣର ପରିପ୍ରକାଶ ମାତ୍ର । ଆଜି ମଧ୍ୟ କଂସ ମହାରାଜଙ୍କ ଭୂମିକାରେ ଅଭିନୟ କରୁଥିବା କଳାକାର ଧନୁଯାତ୍ରା ପରେ ପୁରୀରେ ସମୁଦ୍ରସ୍ନାନ କରି ଜଗନ୍ନାଥଙ୍କ ପାଖରେ କ୍ଷମା ମାଗିଥାଆନ୍ତି ।

ଅଭିନୟ ପାଇଁ ଆଗ୍ରହୀ ସୁସ୍ଥ ଓ ଶିକ୍ଷିତ ବ୍ୟକ୍ତି ଲୋଡ଼ା ହୁଅନ୍ତି । ଯଦିଚ ବର୍ତ୍ତମାନ ଶାରୀରିକ ଅକ୍ଷମ ଦିବ୍ୟାଙ୍ଗମାନେ ସ୍ୱତନ୍ତ୍ର ଭାବରେ ଅଭିନୟ କରି ବହୁ ଯଶ ଓ ସମ୍ମାନର ଅଧିକାରୀ ହୋଇପାରୁଛନ୍ତି; ତଥାପି ସୁସ୍ଥ ବ୍ୟକ୍ତି ହିଁ ନାଟକକୁ ବହନ କରି ନେବାର କ୍ଷମତା ରଖେ । ଯଦି ତାଙ୍କର ନୃତ୍ୟ ବା ସଙ୍ଗୀତରେ ରୁଚି ଥାଏ ତ ତାହା ଅଭିନୟ ପାଇଁ ସହାୟକ ସିଦ୍ଧ ହୁଏ । ଏକ କାଳ୍ପନିକ ଚରିତ୍ରକୁ ଆତ୍ମସ୍ଥ କରି ନିଜ ସଂଳାପ ଗତି ଓ ହାବ-ଭାବରେ ଫୁଟାଇବା ହିଁ ଅଭିନୟଦକ୍ଷତା । ସାହିତ୍ୟର ଅନ୍ୟାନ୍ୟ ବିଭାଗରେ ଚରିତ୍ରମାନେ ସ୍ୱଦେହରେ ପାଠକ ଆଗରେ ପ୍ରତିଭାତ ହୁଅନ୍ତି ନାହିଁ; କିନ୍ତୁ ନାଟକର ଚରିତ୍ରମାନେ ଦର୍ଶକ ଆଗରେ ଚାଲବୁଲ ଓ କଥାବାର୍ତ୍ତା କରନ୍ତି । ତେଣୁ ନାଟକ ଦର୍ଶକଙ୍କ ମତାମତ ପାଇଁ ଅପେକ୍ଷା ରଖେ । ଦୀର୍ଘଦିନ ଅଭ୍ୟାସ କରି ନାଟକର ପ୍ରତିପାଦ୍ୟ କିଭଳି ଗୃହୀତ ହେଉଛି ତାହା ପ୍ରତ୍ୟେକ କଳାକାର ଜାଣିବାକୁ ଚାହିଁଥାନ୍ତି ।

ଦିନେ ବା ଦୁଇଦିନ ଅଭିନୀତ ହୋଇ ଦର୍ଶକଙ୍କୁ ପ୍ରଭାବିତ କରିଥିବା ନାଟକ ପାଇଁ ସେମାନଙ୍କର ମତାମତ ଆବଶ୍ୟକ ହୁଏ ନାହିଁ । ମାସ ମାସ ଧରି ଅଭିନୀତ ହେଉଥିବା ନାଟକ ପାଇଁ ଏହି ମତାମତ ଗୁରୁତ୍ୱପୂର୍ଣ୍ଣ କାରଣ ତଦ୍ୱାରା ଅଭିନେତାମାନେ ନିଜ ନିଜର ତ୍ରୁଟି ସୁଧାରି ନିଅନ୍ତି । ଆଲୋକ ବାଦ୍ୟ ଏପରିକି ଆହାର୍ଯ୍ୟ ଅଭିନୟର ସାଧନଗୁଡ଼ିକୁ ମଧ୍ୟ ଦର୍ଶକୀୟ ମତାମତ ସଜାଡ଼ି ଦେଇପାରେ ।

ସମୟ ଥିଲା ପ୍ରତିଦିନ ମଞ୍ଚନାଟକ ଅଭିନୀତ ହେଉଥିଲା । ଜନଜୀବନ ସହ ସମ୍ପୃକ୍ତି ଥିଲା ତା'ର ବଡ଼ କଥା । କ୍ରମେ ଜନଜୀବନର ରୂପ ବଦଳିଲା ଓ ନାଟକ ପାଲଟିଲା ଆମ ମନସ୍ତାତ୍ତ୍ୱିକ ଭାବନାର ପ୍ରତିନିଧି । ଆଜିର ସମୟ ଆଉ ପ୍ରାଦେଶିକତାରେ ଆବଦ୍ଧ ନୁହେଁ । କେବେ ଭାରତୀୟ ନାଟକ, ଯଥା- କାଳିଦାସ, ଭବଭୂତି, ଭାସ ପ୍ରମୁଖଙ୍କ ରଚନାକୁ ନେଇ ଚିରାୟତ (Classic) କୋଟିର ନାଟକ ଅଭିନୀତ ହେଉଛି ତ ପୁଣି ସେକ୍ସପିୟର, ଚେଖଭ ପ୍ରମୁଖଙ୍କ ନାଟକକୁ ପୁନର୍ବାର ଆଧୁନିକ ଢଙ୍ଗରେ ଅଭିନୀତ କରାଯାଉଛି । ଏବେ ଦର୍ଶକ ହେଉଛନ୍ତି ଭାରତୀୟ ଦର୍ଶକ । ନାଟକ ମଧ୍ୟ ଦେଶ କାଳ ପାତ୍ରକୁ ଅତିକ୍ରମ କରିବାକୁ ସାହସୀ ହୋଇଛି । ନାଟକ ଆଜି ମନୋରଞ୍ଜନର ଏକମାତ୍ର ମାଧ୍ୟମ ନୁହେଁ । ମନୋରଞ୍ଜନ ସହିତ ମାନସମନ୍ଥନ ଓ ଉତ୍ତରଣ ନାଟକର ଉଦ୍ଦେଶ୍ୟ । କିଭଳି ଦର୍ଶକଟିଏ ଚକିତ ହେବ, ତା'ର ବ୍ୟକ୍ତିତ୍ୱ ଉଦ୍‌ଭାସିତ ହେବ, ତାହା ସାମଗ୍ରିକ ଭାବେ ନାଟକ ସହିତ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କର କାମ୍ୟ ।

ଅଭିନୟ ସମସ୍ତେ ଊଣା ଅଧିକ କରିଥାଆନ୍ତି । ଟିକିଏ ପେଟ କାଟୁଥିଲେ କାନ୍ଦି ଗଡ଼ିଯାଇ ପିଲାଟି ସ୍କୁଲ୍ ବନ୍ଦ କରେ । ଶାଶୂଘରେ ଟିକିଏ ଅସୁବିଧା ହେଲେ ବୋହୂଟି ତା'କୁ ପାଞ୍ଚଗୁଣ କରି ସ୍ୱାମୀକୁ କହି ନିଜ ପାଇଁ ଆଶ୍ୱାସନା ଯୋଗାଡ଼ କରିନିଏ । ଏସବୁ ତ ଅଭିନୟ ନା ! କିନ୍ତୁ ନାଟକରେ କିନ୍ତୁ ଅଭିନୟ ତା'ଠାରୁ କଷ୍ଟକର । ଏହା ଦାୟବଦ୍ଧତା ଲୋଡ଼େ । ସମୟ ଉପଯୋଗୀ, ପରିବେଶ ଉପଯୋଗୀ ଓ ଚରିତ୍ର ଉପଯୋଗୀ ଅଭିନୟ ଦର୍ଶକଙ୍କୁ ଆନନ୍ଦ ଦିଏ ଓ ଅଭିନେତାକୁ ଯଥେଷ୍ଟ ଆତ୍ମବିଶ୍ୱାସ ଦିଏ ।

କୁହାଯାଏ, ଗୋଟିଏ ଜାତି ଅଭିନୟର ଦର୍ପଣରେ ନିଜର ମୁହଁ ଦେଖେ । ଆଜି ସିନେମା, ଓଟିଟି, ଭିଡିଓ ରିଲ୍, ରେଡ଼ିଓ ଭଳି ଅଗଣିତ ଗଣମାଧ୍ୟମ ଆମ ଚାରିପାଖରେ ବିଛେଇ ହୋଇରହିଛି, ମାତ୍ର ନାଟକର ସ୍ଥାନ ଏଠାରେ ସ୍ୱତନ୍ତ୍ର । ଏହା ସବୁଠାରୁ ପ୍ରାଚୀନ, ପୁଣି ନିତ୍ୟନୂତନ ଗଣମାଧ୍ୟମ । ଏହାର ବିକଳ୍ପ ନାହିଁ । ଆମ ନାଟକ ଦୀର୍ଘଜୀବୀ ହେବ । ପ୍ରତିଦିନ ନୂଆ ନାଟ୍ୟକାର ପୁରୁଣାମାନଙ୍କ ସହିତ ସାମିଲ ହେବେ ଓ ଅଭିନୟ ପାଇଁ କଳାକାରମାନେ ଆଗ୍ରହୀ ହେବେ, ଏଭଳି ଆଶା ଆମେ ରଖିବା, ନିର୍ଦ୍ଦିଷ୍ଟ ବ୍ୟବଧାନରେ ନାଟକ ନ ହେଲେ ତାଲିମପ୍ରାପ୍ତ କଳାକାରମାନେ ଯେ ଅନ୍ୟାନ୍ୟ ଗଣମାଧ୍ୟମରେ ନିଜ ପାଇଁ ସ୍ଥାନ ଖୋଜିବେ, ଏହା ସ୍ୱାଭାବିକ । ଓଡ଼ିଆ ନାଟକ ଓ ତା' ସହିତ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଏତିକି ସୂଚନା ଦେବା ଦରକାର ଯେ ଆଜି ବି ଆମ ଦର୍ଶକ ଭଲ ନାଟକଟିଏ ଖୋଜନ୍ତି । ସେ ନାଟକ କେମିତି ଭଲ ହେବ, ତା ଦାୟିତ୍ୱ ସେମାନେ ନିଅନ୍ତୁ । ନାଟକ ସମୟ ଉପଯୋଗୀ ହେଉ ଓ ପରିଚ୍ଛନ୍ନ ସାମାଜିକ ଜୀବନକୁ ମାର୍ଗଦର୍ଶନ ଦେଉ । ■■■

ପ୍ଲଟ୍ ନଂ : ବି-୩୫, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଦୂରଭାଷ : ୯୪୩୭୦୧୯୧୩୩

Affiliated (1530129) to CBSE, New Delhi
AUM VALLEY SCHOOL
A CO-EDUCATIONAL RESIDENTIAL SCHOOL
COMMITTED TO EXCELLENCE
ADVANCED LEARNING PROGRAM
SEPARATE HOSTEL FOR BOYS & GIRLS
24HRS SECURITY SERVICES & CCTV SURVEILLANCE
OUR SCHOOL MESS PROMISES NUTRITIOUS, HEALTHY & HYGIENIC MEALS EVERY DAY!
DAY-SCHOLAR/ DAY BOARDING
FULL RESIDENTIAL | AC HOSTEL
ENROLL NOW
ADMISSION OPEN
2024-25
GET AHEAD WITH OUR INTEGRATED COURSES: MEDICAL| IIT | JEE MAINS | NEET | UPSC| CA
AUM VALLEY SCHOOL ACHIEVERS AWARDEES
WINNERS OF 4TH ODISHA STATE RANKING ROLLER SKATING RACING CHAMPIONSHIP 2024 &
1ST ODISHA INTER-SCHOOL ROLLER SKATING CHAMPIONSHIP 2024
Tanishka Sharma (4 GOLD)
Raj Ghibhela (1 SILVER 2 BRONZE)
Kunja Bihari Saraf (3 GOLD 1 SILVER)
Ayush Sharma (1 GOLD 1 BRONZE)
Sai Divyansh Biswal (1 SILVER)
Bhavishya Soni (1 BRONZE)
Umesh Kumar Dandasena (1 BRONZE)
ASSOCIATED WITH SKATING ASSOCIATION OF ODISHA
LEARN SKATING
Nimish Sharma (State Chief Coach & National Referee)
Experience the best of Talents at Aum Valley School
Call us : +91 7008209488
Charbhata | Sargiguda, Titilagarh, Odisha
Contact : +91 7008441218
+91 7008209488
W : aumvalleyschools.com
E : aumvalleyinquiry@gmail.com

MANASI RESIDENTIAL SCHOOL
A Day cum Residential School for both Boys & Girls
ADMISSION GOING ON
(ODIA MEDIUM SCHOOL)
MANASI RESIDENTIAL SCHOOL
Salient Features
★ Fully Play-Way method with Tools & Toys
★ Learn through Fun & Play with
★ Smart Learn Classes
★ Search for Inner Talent
★ Nature & Nurture- Understanding Child's Temperament
Gumura, Near Kendujhar Railway Station, Kendujhar
Contact: 9853152810, 8917698360, 9853954329, : www.manasiresidentialschool.in

ମଣିଶ୍ରୀ ଡାଇଗ୍ନୋଷ୍ଟିକ୍ ଏବଂ ମେଡିକାଲ୍ ଷ୍ଟୋର
MANISHREE
DIAGNOSTIC & MEDICAL STORE
BEST WISHES :
DIAGNOSTIC
MEDICINE
EYE CARE
DOCTOR CONSULTATION
BRANCH
KANHEIPUR JAJPUR ROAD
BARAMUNDA BBSR
KIANALIKUL JAJPUR TOWN
DANAGADI KALINGANAGAR
FACILITY AVAILABLE
• 16 SLICE CT SCAN
• DIGITAL X-RAY
• ULTRA SOUND
• ENDOSCOPY
• PATHOLOGY
• URINE C/S
• ELISA
• BMD
• ECG
• EEG
• PFT
• TMT
• HPLC
• ECHO
CERTIFIED ISO 9001:2015 CERTIFIED
Get Upto 15% Discount on Medicine
All Types of Medicine & Super-Specialist Doctor's OPD Consultation Available
HELPLINE :- 9337501277, 9937378786
MANISHREE EYE CARE
(OPTICAL STORE | EYE CLINIC)
FREE COMPUTERISED EYE TESTING
CONSULTANT EYE SPECIALIST :
DR. BINAYAKA PRUSTY MS (OPTHA)
EXCLUSIVE MULTI BRAND STORE
Ray-Ban
VOGUE
OAKLEY
TITAN
fastrack

ଧର୍ମକ୍ଷେତ୍ର କୁରୁକ୍ଷେତ୍ର

'ଶ୍ରୀମଦ୍‌ଭଗବଦ୍ ଗୀତା'ରେ ଯେଉଁ ସ୍ଥାନଟି ଧର୍ମକ୍ଷେତ୍ର ଓ କୁରୁକ୍ଷେତ୍ର ଭାବରେ ବର୍ଣ୍ଣିତ ହୋଇଛି ତାହା ସଂପ୍ରତି ଭାରତର ହରିୟାଣା ପ୍ରଦେଶର କୁରୁକ୍ଷେତ୍ର ଜିଲାର ମୁଖ୍ୟାଳୟ ମଧ୍ୟରେ ୪୮ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଏକ ତୀର୍ଥ ଭୂମି। ପ୍ରାଚୀନ ପୁରାଣର ବର୍ଣ୍ଣନା ଅନୁସାରେ ଏହି ସ୍ଥାନ ସରସ୍ୱତୀ ଓ ଦୃଶ୍ୟାଦ୍ୱିତୀ ନଦୀର ମଧ୍ୟବର୍ତ୍ତୀ ଏକ ଅଞ୍ଚଳ ଯାହାର ପ୍ରାଚୀନ ନାମ ଥିଲା ବ୍ରହ୍ମାବର୍ତ୍ତ, ବ୍ରହ୍ମକ୍ଷେତ୍ର, ତଥା ସମନ୍ତ ପଞ୍ଚକ। ପରବର୍ତ୍ତୀ କାଳରେ ଏହା କୁରୁକ୍ଷେତ୍ର ନାମରେ ପ୍ରସିଦ୍ଧ ହୋଇଥିଲା। ଏହି କ୍ଷେତ୍ର ଭାରତର ପ୍ରାଚୀନତମ ତୀର୍ଥକ୍ଷେତ୍ର ମଧ୍ୟରୁ ଅନ୍ୟତମ। କଥିତ ଅଛି, ଆଦି କାଳରେ ଏହି ସ୍ଥାନ ଋଗ୍‌ବେଦ, ସାମବେଦର ଜନ୍ମସ୍ଥଳୀ ଥିଲା। ତେଣୁ ଏହାର ନାମ ହୁଏତ ସେଥିପାଇଁ ବ୍ରହ୍ମାବର୍ତ୍ତ ବା ବ୍ରହ୍ମକ୍ଷେତ୍ର ଥିଲା। ମହର୍ଷି ମନୁ ଏଠାରେ 'ମନୁ ସ୍ମୃତି' ରଚନା କରିଥିଲେ। ପର୍ଯ୍ୟାୟ କ୍ରମେ ଏହି ସ୍ଥାନ ସମନ୍ତ ପଞ୍ଚକ ନାମରେ ବିଖ୍ୟାତ ହୋଇଥିଲା। ସମନ୍ତ ପଞ୍ଚକ ଥିଲା ପଞ୍ଚଗ୍ରାମର ସମାହାର। ପଞ୍ଚ ଗ୍ରାମ- ଥାନେଶ୍ୱର, ଅଧୱାନ, ଇସ୍‌ମ୍ବୁକାଟାଭି, ବର୍ଦ୍ଧମାନକ ଓ ରନ୍ତକ। ଏହା ବ୍ୟତୀତ ଏହା ପଞ୍ଚ ସରୋବର ମିଳନ ସ୍ଥଳ। ପଞ୍ଚ ସରୋବର- ବ୍ରହ୍ମ ସରୋବର, ବ୍ୟାସ ସରୋବର, କୁରୁକ୍ଷେତ୍ର ସରୋବର, କମଳାକ୍ଷ ସରୋବର ଓ ଇନ୍ଦ୍ର ସରୋବର। ପୁରାଣର ବର୍ଣ୍ଣନା ଅନୁସାରେ ସମନ୍ତ ପଞ୍ଚକ - "ସମେତା ନାମ ଅନ୍ତୋଯସ୍ମିନ ସ ସମନ୍ତ", ଅର୍ଥାତ୍ ସମାଗତ ସମସ୍ତ ସେନାଙ୍କର ଅନ୍ତ ଯେଉଁ ସ୍ଥାନରେ ହୁଏ। ପ୍ରାଚୀନ କାଳର କଥା - ଭଗବାନ ବିଷ୍ଣୁଙ୍କର ଷଷ୍ଠ ଅବତାର ଭଗବାନ ପର୍ଶୁରାମ ପିତୃହତ୍ୟାର ପ୍ରତିଶୋଧ ନେବା ପାଇଁ ଭାରତର ଅସଂଖ୍ୟ କ୍ଷତ୍ରିୟ ରାଜାଙ୍କୁ ବିନାଶ କରି ସେମାନଙ୍କ ରକ୍ତରେ ପାଞ୍ଚଟି ସରୋବର ସୃଷ୍ଟିକରି ରକ୍ତାଞ୍ଜଳି ଦ୍ୱାରା ତର୍ପଣ କରିଥିଲେ। ଏଥିରେ ତାଙ୍କର ପିତୃ ପୁରୁଷ ପର୍ଶୁରାମଙ୍କ ଉପରେ ସନ୍ତୁଷ୍ଟ ହେବା ସହିତ ତାଙ୍କୁ ବର ପ୍ରାର୍ଥନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପର୍ଶୁରାମ ପିତୃ ପୁରୁଷଙ୍କୁ ନିବେଦନ କରି କହିଥିଲେ କ୍ରୋଧ ବଶତଃ ବ୍ରାହ୍ମଣ ହୋଇ ମଧ୍ୟ ଯେଉଁ ସଂହାର ଲୀଳା କରିଛି ସେ ପାପରୁ ମୁକ୍ତ କରନ୍ତୁ ଏବଂ ଯେଉଁ ପାଞ୍ଚଟି ରକ୍ତ ସରୋବର ସେ ନିର୍ମାଣ କରିଛନ୍ତି ତାହା ପୁଣ୍ୟ ଜଳରେ ପରିଣତ ହୋଇ ଏକ ପ୍ରସିଦ୍ଧ ତୀର୍ଥରେ ପରିଣତ ହେଉ। ପିତୃପୁରୁଷ ପର୍ଶୁରାମଙ୍କର ନିବେଦନକୁ ସ୍ୱୀକୃତି ଦେଲେ। ଏହି ପଞ୍ଚ ସରୋବରରେ କାର୍ତ୍ତିକ ପୂର୍ଣ୍ଣିମାରେ ସ୍ନାନ ଅତ୍ୟନ୍ତ ପୁଣ୍ୟପ୍ରଦ।

ଦ୍ୱାପର ଯୁଗକୁ ସମନ୍ତ ପଞ୍ଚକ, ଧର୍ମକ୍ଷେତ୍ର କୁରୁକ୍ଷେତ୍ର ନାମରେ ପରିଚିତ ହୋଇ ସାରିଥିଲା। ଏହାର କାହାଣୀ ଯେପରି ରୋମାଞ୍ଚକର ସେହିପରି ହୃଦ୍ୟ ମଧ୍ୟ। ପ୍ରାଚୀନ କାଳର କଥା। ପ୍ରାଚୀନ କାଳରୁ ଦେବକନ୍ୟା, ବିଶେଷ କରି ଅପ୍‌ସରା, ଗନ୍ଧର୍ବ କନ୍ୟା, ଯକ୍ଷ କନ୍ୟା ଆଦିଙ୍କ ସହିତ ମର୍ତ୍ତ୍ୟର ମାନବ, ରାଜା, ମୁନିଋଷିଙ୍କର ପ୍ରେମ କାହାଣୀ ବା ବିବାହ କିଛି ନୂଆ କଥା ନୁହଁ। ଇଳା (ସୁଦ୍ୟୁମ୍ନ) ବୁଧ, ଉତ୍‌ଥ୍ୟ ସୋମ କନ୍ୟା ଚାନ୍ଦ୍ରେୟୀ, ପୁରୁରବା, ଉର୍ବଶୀ, ଅହଲ୍ୟା, ଗୌତମ, ବିଶ୍ୱାମିତ୍ର, ମେନକା, ଇନ୍ଦ୍ର, ପୁଲୋମା, ପ୍ରମୁଖଙ୍କ କାହାଣୀ ସର୍ବ ବିଦିତ; କିନ୍ତୁ ସଂସାରର ସର୍ବମାନ୍ୟ ଦେବତା ସୂର୍ଯ୍ୟ ଦେବ ସ୍ୱୟଂ ନିଜର କନ୍ୟାର ବିବାହ ପ୍ରସ୍ତାବ ନେଇ ଚନ୍ଦ୍ରବଂଶୀ ପୃଥିବୀ ପତି ସମ୍ବରଣଙ୍କ ପାଖକୁ ଆସିବା ଯେପରି ଆଶ୍ଚର୍ଯ୍ୟଜନକ ଠିକ୍ ସେହିପରି ଥିଲା ଭାବଦ୍ୟୋତକ। ଋକ୍ଷ ପୁତ୍ର ସମ୍ବରଣ ଥିଲେ ଭାରତବର୍ଷର ଅଧିପତି। ସେ ଥିଲେ ଅତ୍ୟନ୍ତ ଆଦିତ୍ୟ ଉପାସକ। ସମଧର୍ମୀ ଆଦିତ୍ୟ ଥିଲେ ତାଙ୍କର ଆଦର୍ଶ। ପାତ୍ର ଅପାତ୍ର ବିଚାର ନ କରି ନିଜ ଆଲୋକ ଓ ଉଷ୍ମତାରେ ସେ ସମସ୍ତଙ୍କୁ ବାଧିତ କରନ୍ତି। ଠିକ୍ ସେହିପରି ସମ୍ବରଣ ପ୍ରତ୍ୟେକ ପ୍ରଜାଙ୍କୁ ସମଦୃଷ୍ଟି ଦେଇ ପରିପାଳନ କରନ୍ତି। ପ୍ରଜାପାଳନ ବ୍ରତରେ ବ୍ରତୀ ହୋଇ ସମ୍ବରଣ ସମସ୍ତ ଜୀବନ ଅବିବାହିତ ରହିବାକୁ ସଂକଳ୍ପ କରିଥିଲେ। ତା'ର କାରଣ ସ୍ୱରୂପ ସେ ଯୁକ୍ତି କରୁଥିଲେ ବିବାହ କଲେ ଗୋଟିଏ ନାରୀର ଅଞ୍ଚଳରେ ସେ ବନ୍ଦୀ ହୋଇଗଲେ ପ୍ରଜାଙ୍କ ପ୍ରତି ସମଦୃଷ୍ଟି ପ୍ରଦାନ କରିପାରିବେ ନାହିଁ; କିନ୍ତୁ ବିଧିର ବିଧାନ ଥିଲା ଅନ୍ୟ ପ୍ରକାର। ସମ୍ବରଣଙ୍କ ଜୀବନରେ ଏକ ଆକସ୍ମିକ ଘଟଣା ଘଟିଲା ଯାହା ତାଙ୍କର ସମସ୍ତ ଚିନ୍ତା ଓ

ଡ. ତୁଳସୀ ଓଝା

ଓଡ଼ିଶା ସାହିତ୍ୟ କ୍ଷେତ୍ରରେ ଶିକ୍ଷାବିତ୍ ଓ ଗବେଷିକା ଭାବେ ସୁପରିଚିତ। ଧର୍ମଭିତ୍ତିକ ଓ ତୁଳନାତ୍ମକ ଗବେଷଣା ଦିଗରେ ସ୍ୱକୀୟ ପରିଚୟ ସୃଷ୍ଟି କରିଛନ୍ତି। ଗଳ୍ପ ଓ କବିତା ପ୍ରତି ମଧ୍ୟ ରହିଛି ତାଙ୍କର ଅନୁରକ୍ତି।

ଚେତନାକୁ ପରିବର୍ତ୍ତନ କରି ଦେଇଥିଲା । ସୂର୍ଯ୍ୟଙ୍କର କନିଷ୍ଠା କନ୍ୟା ଥିଲେ ତପତି । ସେ ଥିଲେ ଯେପରି ରୂପବତୀ ସେହିପରି ଗୁଣବତୀ । ସର୍ବଦା ସଂସାରର କଲ୍ୟାଣ ନିମିତ୍ତ ସେ ବ୍ରତଚାରିଣୀ ଭାବରେ ଜୀବନ ଅତିବାହିତ କରୁଥିଲେ । କଠୋର ତପସ୍ୟା କରୁଥିବାରୁ ତାଙ୍କ ନାମ ହୋଇଥିଲା ତପତି । ସୂର୍ଯ୍ୟ ଦେବ ଦେବ ଲୋକରେ ତପତିଙ୍କ ନିମିତ୍ତ ଉପଯୁକ୍ତ ବରପାତ୍ର ଖୋଜି ନିରାଶ ହେବାପରେ ହଠାତ୍ ତାଙ୍କର ଦୃଷ୍ଟି ପଡ଼ିଲା ତାଙ୍କର ଅନୁଗତ ନିଷ୍କଳଙ୍କ ଭକ୍ତ ସମ୍ବରଣଙ୍କ ଉପରେ । ସେ ବିଚାର କଲେ ତପତିଙ୍କ ନିମିତ୍ତ ସମ୍ବରଣଙ୍କଠାରୁ ଯୋଗ୍ୟପାତ୍ର ଆଉ କେହି ହେବେ ନାହିଁ । ସମ୍ବରଣଙ୍କର ଅବିବାହିତ ରହିବାର ସଂକଳ୍ପ ଜାଣି ସୂର୍ଯ୍ୟ ନୀରବ ରହିଥିଲେ; କିନ୍ତୁ ବିଧିର ନିର୍ଦ୍ଦେଶକୁ କିଏ କ'ଣ ଟାଳିପାରେ?

ଏକଦା ନିଜ ରାଜ୍ୟର ଅରଣ୍ୟବାସୀ ଜନଜାତିମାନଙ୍କର ସୁଖଦୁଃଖ ବୁଝିବା ପାଇଁ ଘୋଡ଼ାରେ ଚଢ଼ି ସମ୍ବରଣ ଅରଣ୍ୟ ମଧ୍ୟରେ ଭ୍ରମଣ କରିବା ସମୟରେ ହଠାତ୍ ବାଟ ଭୁଲି ଏକ ପର୍ବତର ଉପତ୍ୟକାରେ ପହଞ୍ଚି ଗଲେ । ସେଠି ସେହି ପର୍ବତ ଉପତ୍ୟକାରେ ପରିଭ୍ରମଣ କରୁଥିବା ଏକ ଅନନ୍ୟ ସୁନ୍ଦରୀ, ଦିବ୍ୟଜ୍ୟୋତି ସମ୍ପନ୍ନା କନ୍ୟାକୁ ଦେଖି ସେ ଏତେ ମୁଗ୍ଧ ହୋଇଗଲେ ଯେ ତାଙ୍କର ଚିତ୍ତବୃତ୍ତି ମୋହାଚ୍ଛନ୍ନ ହୋଇଗଲା । ସମସ୍ତ ଜୀବନ ଅବିବାହିତ ରହିବାର ସେ ଯେଉଁ କଳ୍ପନା କରିଥିଲେ ତାହା କୁଆଡ଼େ ଉଭେଇ ଗଲା । ସେ କନ୍ୟା ଆଉ କେହି ନୁହଁ - ସେ ଥିଲେ ସୂର୍ଯ୍ୟ କନ୍ୟା ତପତି । ସମ୍ବରଣ ତପତିଙ୍କ ପାଖକୁ ଯାଇ ନିଜର ପରିଚୟ ପ୍ରଦାନ ପୂର୍ବକ ତାଙ୍କୁ ତାଙ୍କର ପରିଚୟ ଦେବାକୁ ଅନୁରୋଧ କଲେ । ତପତି ସାମାନ୍ୟ ଲଜ୍ଜିତ ହୋଇ ଅଧୋବଦନରେ ସମ୍ବରଣଙ୍କ ଉପରେ ସଲଜ୍ଜ ଦୃଷ୍ଟିପାତ କରି ସେଠାରୁ ଅନ୍ତର୍ହିତ ହୋଇଗଲେ । ସମ୍ବରଣ କିନ୍ତୁ ମନରେ ସେ ଲାବଣ୍ୟମୟୀ ପ୍ରତିମାକୁ ହୃଦୟରେ ଧାରଣ କରି ବିଷାଦ ଗ୍ରସ୍ତ ହୋଇ ସେଠାରେ ବସି ରହିଲେ । କିଛି ସମୟ ପରେ ତପତି ଫେରି ଆସି ରାଜାଙ୍କୁ ଉଦାସ ହୋଇ ବସି ଥିବାର ଦେଖି ନିଜର ପରିଚୟ ପ୍ରଦାନ କଲେ । ସମ୍ବରଣ କାଳବିଳମ୍ବ ନ କରି ତପତିଙ୍କ ନିକଟରେ ନିଜର ମନୋଭାବ ପ୍ରକାଶ କରିବା ସହିତ, ତାଙ୍କୁ ବିବାହ କରିବାର ଇଚ୍ଛା ପୋଷଣ କଲେ । ତପତି ଶାନ୍ତ କଣ୍ଠରେ ସମ୍ବରଣଙ୍କୁ କହିଲେ ସେ ତାଙ୍କ ପିତାଙ୍କ ଅଧୀନା । ବିବାହ କରିବାର ସ୍ୱାଧୀନତା ତାଙ୍କର ନାହିଁ । ପିତା ସୂର୍ଯ୍ୟ ଅନୁମତି ଦେଲେ ସେ ତାଙ୍କୁ ବିବାହ କରିବେ । ଏତିକି କହି ତପତି ଚାଲିଗଲେ ।

ସୂର୍ଯ୍ୟ ସମ୍ବରଣଙ୍କର ଆରାଧ୍ୟ ଥିଲେ । ଏପରି ଏକ ପ୍ରସ୍ତାବ ସେ ସୂର୍ଯ୍ୟ ଦେବଙ୍କୁ କିପରି ଦେବେ? ଏହା ଚିନ୍ତା କରି ସମ୍ବରଣ ଆହୁରି ବିଷଣ୍ଣ ହୋଇ ସ୍ୱ ରାଜଧାନୀ ପ୍ରତିଷ୍ଠାନ ପୁରକୁ ଫେରି ଆସିଲେ; କିନ୍ତୁ ମନ ତାଙ୍କର ତପତିଙ୍କ ପାଖରେ ଲାଖି ରହିଲା । ରାଜକାର୍ଯ୍ୟରେ ସ୍ପୃହା ରହିଲା ନାହିଁ । ସର୍ବଦା ଚିନ୍ତିତ ଓ ବିଷାଦଗ୍ରସ୍ତ ରହିଲେ । ସମ୍ବରଣଙ୍କର କୁଳଗୁରୁ ଥିଲେ ବ୍ରହ୍ମର୍ଷି ବଶିଷ୍ଠ । ରାଜାଙ୍କର ବିଷାଦ ଲକ୍ଷ୍ୟ କରି ତାଙ୍କୁ ଏହାର କାରଣ ପଚାରିଲେ ଏବଂ ସମ୍ବରଣଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କରି ସୂର୍ଯ୍ୟଲୋକ ଯାଇ ସୂର୍ଯ୍ୟଙ୍କୁ ତାଙ୍କ ସମ୍ପର୍କରେ ଜଣାଇଲେ । ସୂର୍ଯ୍ୟ ଏଥିରେ ଆନନ୍ଦିତ ହୋଇ ତପତିଙ୍କୁ ସମ୍ବରଣଙ୍କୁ ସମର୍ପଣ କଲେ । ତପତି ଏବଂ ସମ୍ବରଣ ଆନନ୍ଦରେ ପ୍ରଜାପାଳନ କଲେ । ସ୍ୱାମୀଙ୍କର ଦେହାନ୍ତ ପରେ ତପତି ପ୍ରଜା କଲ୍ୟାଣ ନିମିତ୍ତ ନଦୀ ରୂପରେ ପ୍ରବାହିତ ହୋଇ ବହିଗଲେ । ନଦୀର ନାମ ତପତିଙ୍କ ନାମ ଅନୁସାରେ ହେଲା ତାପ୍ତି ।

ଏହି ପୁଣ୍ୟପ୍ରାଣ ଦମ୍ପତିଙ୍କର ପୁତ୍ର ଥିଲେ ମହାରାଜ କୁରୁ । ସେ ଥିଲେ ଅତ୍ୟନ୍ତ ଧର୍ମ ପରାୟଣ । ସେ ବହୁବର୍ଷ ଧରି କୁରୁଜାଙ୍ଗଲ ନାମକ ସ୍ଥାନରେ କଠୋର ତପସ୍ୟା କରିଥିଲେ । ଏହି କୁରୁଜାଙ୍ଗଲର ପ୍ରାଚୀନ ନାମ ଥିଲା ସମନ୍ତ ପଞ୍ଚକ । "ଜାବାଳ ଉପନିଷଦ୍" ଓ "ଶତପଥ ବ୍ରାହ୍ମଣ"ରେ ଏହାର ଉଲ୍ଲେଖ ଦେଖାଯାଏ । ଏହି ତଥ୍ୟ ଅନୁଯାୟୀ ଏହା ଥିଲା ଦେବତାମାନଙ୍କର ଯଜ୍ଞ ଭୂମି । ସେହି ଯଜ୍ଞ ଭୂମିକୁ ଧୌତ କରିବା ନିମିତ୍ତ ମହର୍ଷି ମାର୍କଣ୍ଡେୟଙ୍କ ଅନୁରୋଧରେ ଦେବ ନଦୀ ସରସ୍ୱତୀ ଏଠାରେ ଚିର ପ୍ରବହମାନ ଥିଲା । ମହାରାଜ କୁରୁ ତପଃ, ସତ୍ୟ, କ୍ଷମା, ଦୟା, ସୁଧା, ଦାନ, ଯଜ୍ଞ ଓ ବ୍ରହ୍ମଚର୍ଯ୍ୟ ଆଦି ଅଷ୍ଟ ସିଦ୍ଧି ପ୍ରାପ୍ତି ନିମିତ୍ତ ଏକାଗ୍ର ହୋଇ ଏହି ଯଜ୍ଞ ଭୂମିକୁ କର୍ଷଣ କରିଥିଲେ । ଭଗବାନ ବିଷ୍ଣୁ କୁରୁଙ୍କର ନିଷ୍ଠା ଓ ତପଃଶକ୍ତି ଦେଖି ତାଙ୍କୁ ଆଶୀର୍ବାଦ କରି କହିଥିଲେ, ଯେଉଁ ଧର୍ମର ପ୍ରତିଷ୍ଠା ନିମିତ୍ତ ତୁମେ ଏ କ୍ଷେତ୍ର ପ୍ରତିଷ୍ଠା କରିଛ ତୁମର ନାମ ଅନୁସାରେ ଏହା ହେବ ଧର୍ମକ୍ଷେତ୍ର କୁରୁକ୍ଷେତ୍ର ଏବଂ କୁରୁଙ୍କ ପ୍ରାର୍ଥନା ଅନୁସାରେ ଯିଏ ଏହି ସ୍ଥାନରେ ମୃତ୍ୟୁବରଣ କରିବ ତାକୁ ସ୍ୱର୍ଗଲୋକରେ ସ୍ଥାନ ମିଳିବ ବୋଲି କହିଥିଲେ । ଉକ୍ତ କ୍ଷେତ୍ର କୁରୁକ୍ଷେତ୍ର ନାମରେ ପ୍ରସିଦ୍ଧ ହେଲା । କୁରୁଙ୍କର ପଞ୍ଚ ପୁତ୍ର ଥିଲେ - ଅବିକ୍ଷତ, ଅବିଷ୍ୟତ୍, ଚୈତ୍ରରଥ, ମୁନି ଓ ଜନ୍ମେଜୟ । ଏମାନଙ୍କ ବଂଶଲତା ପର୍ଯ୍ୟାୟ କ୍ରମେ ପ୍ରତୀପ, ଶାନ୍ତନୁ, ଭୀଷ୍ମ, ଧୃତରାଷ୍ଟ୍ର, ପାଣ୍ଡୁ, ଦୁର୍ଯ୍ୟୋଧନ ପ୍ରମୁଖ ଶତ ଭ୍ରାତା, ଯୁଧିଷ୍ଠିର ପ୍ରମୁଖ ପଞ୍ଚ ପାଣ୍ଡବ ଭ୍ରାତା ଓ ପାଣ୍ଡବ ପୁତ୍ର ଅଭିମନ୍ୟୁ, ପରୀକ୍ଷିତ, ଜନ୍ମେଜୟ ପ୍ରମୁଖ ଦେଇ

> *କୁରୁ ପାଣ୍ଡବଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ମହାଯୁଦ୍ଧ କାରଣରୁ କୁରୁକ୍ଷେତ୍ର ସ୍ମରଣୀୟ ହେବା ସହ ଏକ ବିଶିଷ୍ଟ ଧର୍ମକ୍ଷେତ୍ରର ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା । ବାମନ ପୁରାଣର ବର୍ଣ୍ଣନା ଅନୁସାରେ ଏହି କ୍ଷେତ୍ରକୁ ସହସ୍ରାଧିକ ତୀର୍ଥ ବେଷ୍ଟନ କରି ରହିଛନ୍ତି ଯାହାର ସ୍ମରଣ ମାତ୍ରକେ ହିଁ ମନୁଷ୍ୟ କରିଥିବା ସମସ୍ତ ପାପ ନାଶ ହୋଇଯିବ ଏବଂ ଏଠାରେ ଥିବା ପୁଷ୍କରିଣୀମାନଙ୍କରେ ସ୍ନାନ କଲେ ସମ୍ପୂର୍ଣ୍ଣ ଶରୀର ପବିତ୍ର ହୋଇଯିବ ।*

ପ୍ରଧାବିତ । କୁରୁ ପାଣ୍ଡବଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ମହାଯୁଦ୍ଧ କାରଣରୁ କୁରୁକ୍ଷେତ୍ର ସ୍ମରଣୀୟ ହେବା ସହ ଏକ ବିଶିଷ୍ଟ ଧର୍ମକ୍ଷେତ୍ରର ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା । ବାମନ ପୁରାଣର ବର୍ଣ୍ଣନା ଅନୁସାରେ ଏହି କ୍ଷେତ୍ରକୁ ସହସ୍ରାଧିକ ତୀର୍ଥ ବେଷ୍ଟନ କରି ରହିଛନ୍ତି ଯାହାର ସ୍ମରଣ ମାତ୍ରକେ ହିଁ ମନୁଷ୍ୟ କରିଥିବା ସମସ୍ତ ପାପ ନାଶ ହୋଇଯିବ ଏବଂ ଏଠାରେ ଥିବା ପୁଷ୍କରିଣୀମାନଙ୍କରେ ସ୍ନାନ କଲେ ସମ୍ପୂର୍ଣ୍ଣ ଶରୀର ପବିତ୍ର ହୋଇଯିବ । କରିଥିବା ସମସ୍ତ ଦୁଷ୍କୃତରୁ ଏହି କ୍ଷେତ୍ର ମୁକ୍ତ କରିବା ନିମିତ୍ତ ସମର୍ଥ ।

ତୀର୍ଥାନାଂ ସ୍ମରଣଂ ପୁଣ୍ୟଂ
ଦର୍ଶନଂ ପାପନାଶନମ୍
ସ୍ନାନଂ ମୁକ୍ତିକରଂ ପ୍ରୋକ୍ତମପି
ଦୁଷ୍କୃତ କର୍ମଣଃ । ବା.ପୁ. ୩୩/୪

ପୁରାଣର ବର୍ଣ୍ଣନା ଅନୁଯାୟୀ ଏଠାରେ ସପ୍ତ ବନ ଓ ନଅଟି ପୁଣ୍ୟତୋୟା ନଦୀ ରହିଛି । ସପ୍ତ ବନ - କାମ୍ୟକ ବନ, ଅଦିତି ବନ, ବ୍ୟାସ ବନ, ପୁଲକୀ ବନ, ସୂର୍ଯ୍ୟ ବନ, ମଧୁ ବନ ଓ ସୀତା ବନ । ନବ ପୁଣ୍ୟତୋୟା ନଦୀ ଏଠାରେ ପ୍ରବାହିତ । ସେମାନେ ହେଲେ ଅପକା, ମନ୍ଦାକିନୀ, ଗଙ୍ଗା, ମଧୁସ୍ରବା, ବାସୁ, କୌଶିକୀ, ଦୃଶାବତୀ ଓ ହିରଣ୍ୟବତୀ । ଏହି ପ୍ରତ୍ୟେକ ବନ ବିଭିନ୍ନ ମୁନିଋଷିଙ୍କ ତପସ୍ୟା ଭୂମି ହୋଇଥିଲାବେଳେ ଅଦିତି ବନରେ ସ୍ୱୟଂ ଦେବ ମାତା ଅଦିତି ଭଗବାନ ବିଷ୍ଣୁଙ୍କୁ ପୁତ୍ର ରୂପେ ପାଇବା ନିମିତ୍ତ ତପସ୍ୟା କରିଥିଲେ ଏବଂ ଭଗବାନ ବିଷ୍ଣୁ ତାଙ୍କ ଗର୍ଭରୁ ବାମନ ଅବତାର ନେଇ ଜନ୍ମଗ୍ରହଣ କରିଥିଲେ । ଏହି ପୁଣ୍ୟତୋୟା ନଦୀମାନଙ୍କ ସମ୍ପର୍କରେ କୁହାଯାଏ । ଏଥିରେ ସ୍ନାନ ଦ୍ୱାରା ବ୍ରହ୍ମ ଲୋକ ପ୍ରାପ୍ତି ହୁଏ ବୋଲି ବିଭିନ୍ନ ପୁରାଣରେ ବର୍ଣ୍ଣିତ ହୋଇଛି । ଏହା ବ୍ୟତୀତ ଏହି କୁରୁକ୍ଷେତ୍ରର ପରିସୀମା ମଧ୍ୟରେ ଅସଂଖ୍ୟ ତୀର୍ଥ ଥିବାର ବର୍ଣ୍ଣନା ପୁରାଣରେ ରହିଛି । ଯେପରି, ସୋମ ତୀର୍ଥ, ବରାହ ତୀର୍ଥ, ପଞ୍ଚନନ୍ଦ, କୋଟୀ ତୀର୍ଥ, ବିମଳା ତୀର୍ଥ ଇତ୍ୟାଦି ଇତ୍ୟାଦି । ଏହା ଏକାଧାରରେ ବ୍ରହ୍ମ ତୀର୍ଥ, ଶିବ ତୀର୍ଥ, ରୁଦ୍ର ତୀର୍ଥ ଓ ବିଷ୍ଣୁ ତୀର୍ଥ ଅଟେ । ଏଠାର ଦକ୍ଷେଶ୍ୱର ଆଶ୍ରମରେ ଦକ୍ଷେଶ୍ୱର ଶିବ, ବିମଳା ତୀର୍ଥରେ ରୁଦ୍ରନାଥ, ଥାନେଶ୍ୱରରେ ଥାନେଶ୍ୱର ବିରାଜିତ । ଏମାନଙ୍କ ମଧ୍ୟରୁ ଆଜି ମଧ୍ୟ ଥାନେଶ୍ୱର ମହାଦେବ କୁରୁକ୍ଷେତ୍ରର ଏକ ମହାନ ଆକର୍ଷଣ ।

କଥିତ ଅଛି ଏହି ମନ୍ଦିରରେ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ପାଣ୍ଡବମାନେ ଆସି କୁରୁକ୍ଷେତ୍ର ଯୁଦ୍ଧରେ ବିଜୟ ପ୍ରାପ୍ତି ନିମିତ୍ତ ପ୍ରାର୍ଥନା କରିଥିଲେ । କୁରୁକ୍ଷେତ୍ରରେ ରହିଛି ଭଦ୍ରକାଳୀ ମନ୍ଦିର । ଭାରତରେ ଯେଉଁ ୫୧ଟି ଶକ୍ତି ପୀଠ ଅଛି ସେ ମଧ୍ୟରୁ ଏହା ଅନ୍ୟତମ । କୁହାଯାଏ ଏଠାରେ ଶକ୍ତିଙ୍କର ବାଜୁବନ୍ଧ ପଡ଼ିଥିଲା । ଏହାକୁ ସାବିତ୍ରୀ ପୀଠ, ଦେବୀ ପୀଠ, କାଳିକା ପୀଠ ଓ ଆଦି ପୀଠ ମଧ୍ୟ କୁହାଯାଏ ଏବଂ ଏହି ସ୍ଥାନରେ ଦେବୀଙ୍କ କୃପା ଲାଭ କରିବା ପାଇଁ ପାଣ୍ଡବମାନେ ପ୍ରାର୍ଥନା କରିଥିଲେ । ଦେବୀ ପ୍ରସନ୍ନ ହୋଇ ସେମାନଙ୍କୁ ଅଭୟ ବର ଓ ବିଜୟଶ୍ରୀ ଆର୍ଶୀବାଦ ପ୍ରଦାନ କରିଥିଲେ । କୁରୁକ୍ଷେତ୍ରର ସମସ୍ତ ପ୍ରାଚୀନ ମର୍ଯ୍ୟାଦାକୁ ବହୁ ଗୁଣିତ କରିଥିଲା ସମର ପ୍ରାଙ୍ଗଣ । ଏଠାରେ ପ୍ରବାହିତ ହିରଣ୍ୟବତୀ ନଦୀଠାରୁ ଦୃଶାବତୀ ପର୍ଯ୍ୟନ୍ତ ରହିଛି ଏହି ମହାଯୁଦ୍ଧର ସ୍ମାରକୀ । ସମୟାନ୍ତରରେ ଏହା ମହା ପୁଣ୍ୟକ୍ଷେତ୍ର ଭାବରେ ପରିଗଣିତ ଯେଉଁଠି ଆଜି ମଧ୍ୟ ଧର୍ମୀୟ କାର୍ଯ୍ୟ ଅନୁଷ୍ଠିତ ହେଉଛି । ବ୍ରହ୍ମ ସରୋବର, ଜ୍ୟୋତିସାର ସରୋବର, ସନ୍ନିହିତ ସରୋବର, ଭୀଷ୍ମ କୁଣ୍ଡ ଏହାର ପ୍ରମାଣ ସ୍ୱରୂପ ବିଦ୍ୟମାନ ।

ବ୍ରହ୍ମ ସରୋବର

ଭାରତୀୟ ପୁରାଣରେ ବର୍ଣ୍ଣିତ ପଞ୍ଚ ସରୋବର ମଧ୍ୟରେ ବ୍ରହ୍ମ ସରୋବର ପରିଗଣିତ ନ ହେଲେ ମଧ୍ୟ ଏହି ସରୋବର ପବିତ୍ର କୁରୁକ୍ଷେତ୍ରର ପରିସୀମା ମଧ୍ୟରେ ଅବସ୍ଥିତ ହୋଇ ଥିବାରୁ ଏହା ଏକ



ଉତ୍ତର ଭାରତର ହରିୟାଣା ପ୍ରଦେଶରେ ଅବସ୍ଥିତ କୁରୁକ୍ଷେତ୍ରଠାରେ ଥିବା ବ୍ରହ୍ମ ସରୋବର

ମହାନ ସରୋବରର ମାନ୍ୟତା ଲାଭ କରିଛି। ବିଶେଷ କରି ସୂର୍ଯ୍ୟୋପରାଗ ସମୟରେ ପାପ ମୋଚନ ନିମିତ୍ତ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏହି ସରୋବରରେ ସ୍ନାନ କରିଥାନ୍ତି। କଥିତ ଅଛି ବ୍ରହ୍ମା ଯେତେବେଳେ ବ୍ରହ୍ମାଣ୍ଡ ନିର୍ମାଣ କରିବାକୁ ମନସ୍ଥ କଲେ ସଂପ୍ରତି ଉତ୍ତର ଭାରତର ହରିୟାଣା ପ୍ରଦେଶରେ ଅବସ୍ଥିତ କୁରୁକ୍ଷେତ୍ରଠାରେ ଏକ ବିଶାଳ ଯଜ୍ଞର ଆୟୋଜନ କଲେ। ହିତେଶଙ୍କ ସାହାଯ୍ୟରେ ଏ ଯଜ୍ଞ ସମ୍ପନ୍ନ କରି ସୃଷ୍ଟି ରଚନା କରିଥିଲେ। ତେଣୁ କୁହାଯାଏ ଯେ କୁରୁକ୍ଷେତ୍ର ହେଉଛି ସଭ୍ୟତାର ଆଦିପୀଠ। ପରବର୍ତ୍ତୀ କାଳରେ କୁରୁବଂଶର ପ୍ରତିଷ୍ଠାତା ମହାରାଜ କୁରୁ ଏହି ସ୍ଥାନକୁ କର୍ଷଣ କରିଥିଲେ। ବ୍ରହ୍ମାଙ୍କର ନାମାନୁସାରେ ଏହାର ନାମ ବ୍ରହ୍ମ ସରୋବର ହେଲା। ମହାଭାରତର ବର୍ଣ୍ଣନା ଅନୁସାରେ ଏହି ସରୋବର ତୀରରେ ମହାଭାରତ ଯୁଦ୍ଧ ଶେଷ ପର୍ବ, ଅର୍ଥାତ୍ ଭୀମ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ଗଦାଯୁଦ୍ଧ ଅନୁଷ୍ଠିତ ହୋଇଥିଲା। ଏହି ସରୋବରର ଜଳ ମଧ୍ୟରେ ଦୁର୍ଯ୍ୟୋଧନ ଆତ୍ମଗୋପନ କରି ରହିଥିଲା। ମହାଭାରତ ଯୁଦ୍ଧରେ ବିଜୟ ଲାଭ କଲାପରେ ସରୋବର ମଧ୍ୟରେ ଯୁଧିଷ୍ଠିର ଏକ ସ୍ତମ୍ଭ ନିର୍ମାଣ କରିଥିଲେ। ସେହି ସ୍ତମ୍ଭ ପାଖରେ ଏକ କୁଣ୍ଡ ରହିଛି, ଯାହାକୁ ଦ୍ରୌପଦୀ କୁଣ୍ଡ କୁହାଯାଏ। ଏଠାରେ ଦ୍ରୌପଦୀ, ଦୁଃଶାସନ ରକ୍ତ ରଞ୍ଜିତ ନିଜ କେଶକୁ ଧୋଇଥିଲେ। ସରୋବରର ମଧ୍ୟ ଭାଗରେ ଏକ ଶିବ ମନ୍ଦିର ରହିଛି। କଥିତ ଅଛି ଏଠାରେ ବ୍ରହ୍ମା, ଶିବ ଲିଙ୍ଗ ପ୍ରତିଷ୍ଠା କରି ଶିବଙ୍କୁ ପୂଜା କରିଥିଲେ। କୁହାଯାଏ ମହାଭାରତ ଯୁଦ୍ଧ କାଳରେ ଏହି ମନ୍ଦିର ଦିନରେ ନଷ୍ଟ ହୋଇଯାଏ ଓ ରାତ୍ର କାଳରେ ନବ ନିର୍ମିତ ହୋଇଯାଏ। ସଂପ୍ରତି ଏହି ମନ୍ଦିରକୁ ସର୍ବେଶ୍ୱରଙ୍କ ଦର୍ଶନ କରିବା ନିମିତ୍ତ ଏକ ପଥ ନିର୍ମିତ ହୋଇଛି। ଶ୍ରଦ୍ଧାଳୁମାନେ ସେହି ବାଟ ଦେଇ ଦର୍ଶନକୁ ଯାଆନ୍ତି। ବ୍ରହ୍ମ ସରୋବର ଏସିଆର ସର୍ବବୃହତ୍ ସରୋବର। ଏହାର ଦୈର୍ଘ୍ୟ ୩୬୦୦ ଫୁଟ ଓ ପ୍ରସ୍ଥ ୧୫୦୦ ଫୁଟ, ଗଭୀର ୪୫ ଫୁଟ। ପ୍ରତ୍ୟେକ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତରେ ଏଠାରେ ବ୍ରହ୍ମ ଆଳତି ହୁଏ। ପ୍ରତ୍ୟେକ ବର୍ଷ ଏଠାରେ ଦୀପ ଦାନ ମହୋତ୍ସବ ଓ ଗୀତା ଜୟନ୍ତୀ ଅନୁଷ୍ଠିତ ହୁଏ। ଏହି ସରୋବରର ପ୍ରତ୍ୟେକ ଘାଟ ମହାଭାରତର ଚରିତ୍ରମାନଙ୍କ ନାମରେ ନାମିତ। ଏହାର ଚତୁଃପାର୍ଶ୍ୱରେ ଅନେକ ମନ୍ଦିର ରହିଛି। ଭାରତର ପ୍ରଧାନ ତିରିଶ ତୀର୍ଥ ମଧ୍ୟରେ ବ୍ରହ୍ମ ସରୋବର ଅନ୍ୟତମ।

ଜ୍ୟୋତିସାର ସରୋବର

କୁରୁକ୍ଷେତ୍ରର ପଶ୍ଚିମ ଦିଗରେ ରହିଛି ଏକ ମହତ୍ତ୍ୱପୂର୍ଣ୍ଣ ପୁଣ୍ୟ କ୍ଷେତ୍ର, ଯାହାର ନାମ ହେଉଛି ଜ୍ୟୋତିସାର ସରୋବର। ଏହି ସରୋବରର ତଟଦେଶରେ ରହିଛି ଏକ ବଟ ବୃକ୍ଷ। କୁହାଯାଏ ଏହି ବଟ ବୃକ୍ଷ କୁରୁକ୍ଷେତ୍ର ଯୁଦ୍ଧ ସମୟର, ଅର୍ଥାତ୍ ଏହି ବଟ ବୃକ୍ଷର ଆୟୁ ପ୍ରାୟ ପାଞ୍ଚ ହଜାର ବର୍ଷ। ଜ୍ୟୋତି ଅର୍ଥାତ୍ ଆଲୋକ ସାର ଅର୍ଥାତ୍ ଶ୍ରେଷ୍ଠ ତତ୍ତ୍ୱ। ଆଦିଗୁରୁ ଶଙ୍କରାଚାର୍ଯ୍ୟ ଅଷ୍ଟମ ଶତାବ୍ଦୀରେ ଘୋଷଣା କରିଥିଲେ ଜ୍ୟୋତିସାର ହେଉଛି ଶ୍ରୀମଦ୍‌ଭଗବଦ୍ ଗୀତାର ଜନ୍ମପୀଠ। କୁରୁକ୍ଷେତ୍ରର ପରିସୀମା ଷୋଳ ଯୋଜନ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଯେତେବେଳେ ଯୁଦ୍ଧ ନିମିତ୍ତ ପାଣ୍ଡବ ଓ କୌରବ ସେନା କୁରୁକ୍ଷେତ୍ରରେ ଏକତ୍ର ହେଲେ, କୃଷ୍ଣ ଅର୍ଜୁନଙ୍କ ରଥକୁ ନେଇ ଯୁଦ୍ଧର ମଧ୍ୟ ସ୍ଥଳରେ ସ୍ଥାପନ କଲେ। ସେଠାରେ ଏକତ୍ର ହୋଇଥିବା ଉଭୟ ପକ୍ଷର ସେନାଙ୍କୁ ଦେଖି ଅର୍ଜୁନ ଅତ୍ୟନ୍ତ ବିଷାଦଗ୍ରସ୍ତ ହୋଇ ପଡ଼ିଲେ। ଯୁଦ୍ଧ ଅର୍ଥ ଏଠାରେ ଉପସ୍ଥିତ ଉଭୟ ପକ୍ଷ ସୈନିକମାନଙ୍କର ମୃତ୍ୟୁ। ସେ ମଧ୍ୟରେ ରହିଛନ୍ତି ଅସଂଖ୍ୟ ଆତ୍ମୀୟସ୍ୱଜନ, ଭାଇ, ବନ୍ଧୁ, କୁଟୁମ୍ବ, ଗୁରୁ, ପୂଜ୍ୟ ଜନ ଆଦି। ସାମାନ୍ୟ ରାଜ୍ୟ ପାଇଁ ଏମାନଙ୍କ ବଧ କ'ଣ ନିହାତି ଆବଶ୍ୟକ? ଅର୍ଜୁନଙ୍କର ଚକ୍ଷୁରୁ ଲୋତକ ବର୍ଷିବାକୁ ଆରମ୍ଭ କଲା। ତାଙ୍କର କଣ୍ଠ ରୁଦ୍ଧ ହୋଇଗଲା, ହାତରୁ ଗାଣ୍ଡିବ ଖସି ପଡ଼ିଲା। ଅର୍ଜୁନଙ୍କର ଏପରି ଅବସ୍ଥା ଦେଖି ଶ୍ରୀକୃଷ୍ଣ ଆଶ୍ଚର୍ଯ୍ୟ ହେବା ସହିତ ଏ ବିଷାଦରୁ ତାଙ୍କୁ ମୁକ୍ତ କରିବା ନିମିତ୍ତ ବେଦର ସାର ଜ୍ଞାନ ବର୍ଣ୍ଣନ କରିବାକୁ ଆରମ୍ଭ କଲେ। ଧର୍ମ, ଅର୍ଥ, କାମ, ମୋକ୍ଷର ସମସ୍ତ ଯୁକ୍ତିଯୁକ୍ତ ଜ୍ଞାନ ପ୍ରଦାନ କରି ଶେଷରେ ଅର୍ଜୁନଙ୍କୁ ତାଙ୍କର ବିଶ୍ୱରୂପ ପ୍ରଦର୍ଶନ କଲେ। ଅର୍ଜୁନଙ୍କର ଚିତ୍ତ ନିର୍ମଳ ହେଲା, ମନରୁ ସଂଶୟ ଦୂର ହେଲା ଓ ସେ ଯୁଦ୍ଧ କରିବାକୁ ପ୍ରବୃତ୍ତ ହେଲେ। ଯେଉଁ ସ୍ଥାନରେ ଏ ସମସ୍ତ ଘଟଣା ଘଟିଥିଲା ସେ ସ୍ଥାନ ଥିଲା ଏହି ଜ୍ୟୋତିସାର ତୀର୍ଥ। ଏହିଠାରୁ ଗୀତା ଜ୍ଞାନର ଆଲୋକ ସମଗ୍ର ସଂସାରରେ ପରିବ୍ୟାପ୍ତ ହୋଇଥିଲା। ତେଣୁ ଏହି ସ୍ଥାନର ମହତ୍ତ୍ୱ ଅସାମାନ୍ୟ। ଏହି ସ୍ମୃତିକୁ ସର୍ବଗ୍ରାହୀ କରିବା ନିମିତ୍ତ ୧୮୫୦ ମସିହାରେ କାଶୀ ରାଜ ଏଠାରେ ଏକ ଶିବ ମନ୍ଦିର ନିର୍ମାଣ କରିଥିଲେ। ଯେଉଁ ପବିତ୍ର ବଟଦ୍ରୁମ ଗୀତା ବାଣୀର ସାକ୍ଷୀ, ୧୯୨୪ ମସିହାରେ ଦରଭଙ୍ଗାର ରାଜା ସେହି ପବିତ୍ର ବଟ ବୃକ୍ଷ ଚତୁଃପାର୍ଶ୍ୱରେ ଏକ ଚାନ୍ଦିନୀ ନିର୍ମାଣ କରିଥିଲେ। ୧୯୬୭ ମସିହାରେ କାଞ୍ଚି କାମକୋଟିର ତତ୍‌କାଳୀନ ଶଙ୍କରାଚାର୍ଯ୍ୟ ଜୟେନ୍ଦ୍ର ସରସ୍ୱତୀ ସେଠାରେ ରଥାରୂଢ଼ କୃଷ୍ଣ ଅର୍ଜୁନଙ୍କର ଏକ ମୂର୍ତ୍ତି ନିର୍ମାଣ କରିଥିଲେ। ୧୯୨୧ ମସିହାରେ ଏଠାରେ ଶ୍ରୀକୃଷ୍ଣଙ୍କର ଅଷ୍ଟ ଧାତୁରେ ନିର୍ମିତ ଚାଳିଶ ଫୁଟ ଉଚ୍ଚର ଏକ ବିଶ୍ୱରୂପ ମୂର୍ତ୍ତି ପ୍ରତିଷ୍ଠା ହୋଇଛି। କୃଷ୍ଣ ଦର୍ଶନ ପରିକ୍ରମା କ୍ଷେତ୍ର ଭାବରେ ବୃନ୍ଦାବନ, ବରସନା, ଗୋବର୍ଦ୍ଧନ, ମଥୁରା, ଦ୍ୱାରକା ଓ ଭାଲକ ନାମକ ଯେଉଁ ସାତଟି ସ୍ଥାନ ଚିହ୍ନିତ ସେ ମଧ୍ୟରୁ ଜ୍ୟୋତିସାର ଅନ୍ୟତମ। ଏହି ସରୋବର ତୀର ଦେଶରେ ପ୍ରତିବର୍ଷ ଗୀତା ଜୟନ୍ତୀ ସମାରୋହରେ ପାଳିତ ହୁଏ। ସନ୍ନିହିତ ସରୋବର ସଦୃଶ ଏଠାରେ ମଧ୍ୟ ହଜାର ହଜାର ଦୀପ ପ୍ରଜ୍ୱଳିତ ହୋଇ ଗୀତା ଦୀପୋତ୍ସବ ପାଳିତ ହୋଇଥାଏ।

ସନ୍ନିହିତ ସରୋବର

କୁରୁକ୍ଷେତ୍ରର ଅଠଚାଳିଶ କ୍ରୋଶ ପରିମିତ ପରିକ୍ରମା ମାର୍ଗ ମଧ୍ୟରେ ଯେଉଁ ତିନିଟି ପବିତ୍ର ସରୋବର ଅବସ୍ଥିତ ସେମାନଙ୍କ ମଧ୍ୟରୁ ସନ୍ନିହିତ ସରୋବର ଅନ୍ୟତମ। ଏହି ସରୋବରର ଉଲ୍ଲେଖ ମହାଭାରତର ବନପର୍ବରେ ଦେଖାଯାଏ।

"ମାସି ମାସି ନରବ୍ୟାଘ୍ର ସଂନିହତ୍ୟାଂ

ନ ସଂଶୟଃ ତୀର୍ଥ ସଂନିହନାଦେବ
ସଂନିହତ୍ୟୋତି ବିଶ୍ରୁତା ।"- (୮୩/୧୯୫)

ଅର୍ଥାତ୍ ପ୍ରତ୍ୟେକ ମାସ ଅମାବାସ୍ୟାରେ ପୃଥିବୀର ସମସ୍ତ ତୀର୍ଥ ସନ୍ନିହିତରେ ଏକତ୍ର ହୋଇଥା'ନ୍ତି, ସେହି ହେତୁ ଏହି ସ୍ଥାନକୁ ସନ୍ନିହିତ କୁହାଯାଏ । ମାନ୍ୟତା ଅନୁସାରେ ଏହି ସରୋବର ସପ୍ତ ସରସ୍ୱତୀର ମିଳିତ ବିନ୍ଦୁ ହୋଇଥିବାରୁ ଏହାକୁ ସନ୍ନିହିତ କୁହାଯାଏ । ଏହି ସରୋବର କୁରୁକ୍ଷେତ୍ରଠାରୁ ପ୍ରାୟ ତିନି କି.ମି. ଦୂର ପେହେୱା ରୋଡ଼ରେ ଅବସ୍ଥିତ । କୁହାଯାଏ; ମହାଭାରତ ଯୁଦ୍ଧ ଶେଷରେ ଯୁଦ୍ଧରେ ନିହତ ପାଣ୍ଡବମାନଙ୍କ ଆତ୍ମୀୟ ସ୍ୱଜନଙ୍କ ପିଣ୍ଡଦାନ ଓ ଅନ୍ତ୍ୟେଷ୍ଟିକ୍ରିୟା ଏହିଠାରେ ସମାପନ ହୋଇଥିଲା । ଅମାବାସ୍ୟା ତିଥି ଏହି ସରୋବର ନିମିତ୍ତ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏଠାରେ ଅମାବାସ୍ୟା ଓ ସୂର୍ଯ୍ୟୋପରାଗ ଆଦିରେ ସ୍ନାନ କଲେ ଏକ ହଜାର ଅଶ୍ୱମେଧ ଯଜ୍ଞର ଫଳ ମିଳେ ବୋଲି କୁହାଯାଏ । ଏପରିକି ଅତୃପ୍ତ ଆତ୍ମାମାନେ ଏହି ତିଥିରେ ଏଠାରେ ସ୍ନାନ କରି ମୋକ୍ଷ ଲାଭ କରିଥା'ନ୍ତି । କୁହାଯାଏ ଏହି ସରୋବର ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କର ନିତ୍ୟ ନିବାସ ଅଟେ । ଏହାର ଚତୁଃପାର୍ଶ୍ୱରେ ଭଗବାନ ବିଷ୍ଣୁ, ଧ୍ରୁବ ନାରାୟଣ, ଲକ୍ଷ୍ମୀ ନାରାୟଣ, ଧ୍ରୁବଭଗତ, ଶ୍ରୀହନୁମାନ, ଦେବୀ ଦୁର୍ଗାଙ୍କର କ୍ଷୁଦ୍ର ମନ୍ଦିର ରହିଛି । ଏଠାରେ ଅମାବାସ୍ୟାରେ ପିଣ୍ଡଦାନ କାର୍ଯ୍ୟ ହେଉ ଥିବାରୁ ଏହାର ଚତୁଃପାର୍ଶ୍ୱ ଆଲୋକୀକରଣ କରାଯାଇଛି । ସବୁଠାରୁ ବଡ଼ କଥା ହେଲା ଏହି ସରୋବର ନିକଟରେ ପ୍ରତ୍ୟେକ ପ୍ରଦେଶର କୌଳିକ ପଣ୍ଡାମାନେ ବସବାସ କରନ୍ତି । ବିଭିନ୍ନ ପ୍ରଦେଶରୁ ଆସିଥିବା ଯାତ୍ରୀମାନଙ୍କର ବଂଶାବଳୀର ଉଲ୍ଲେଖ ସେମାନଙ୍କ ରେଜିଷ୍ଟରରୁ ମିଳିଥାଏ । ଶିଖ୍ ଓ ଜୈନ ଗୁରୁମାନେ ମଧ୍ୟ ଏହି ସରୋବରକୁ ପବିତ୍ର ମାନିଥା'ନ୍ତି । ମୃତକମାନଙ୍କ ସ୍ମାରକୀର ବ୍ୟବସ୍ଥା ଏଠାରେ ରହିଛି । ଏହି ସରୋବର ପବିତ୍ରତାକୁ ଉପଲବ୍ଧି କରି ବ୍ରିଟିଶ୍ ଶାସନ କାଳରେ ଏହାର ସୁରକ୍ଷା ନିମିତ୍ତ ଅଧ୍ୟାଦେଶ ଜାରି କରାଯାଇଥିଲା । ବ୍ରହ୍ମ ସରୋବର ଓ ଜ୍ୟୋତି ସରୋବର ସହିତ ଗୀତା ଜୟନ୍ତୀ ଉତ୍ସବ ମଧ୍ୟ ଏଠାରେ ପାଳିତ ହୁଏ । ଲକ୍ଷଲକ୍ଷ ଦୀପମାଳାରେ ଏହି ସରୋବର ଉଦ୍‌ଭାସିତ ହୁଏ । ସଂପ୍ରତି ଏହାର ସୁରକ୍ଷା ନିମିତ୍ତ ପ୍ରଚେଷ୍ଟା ଆରମ୍ଭ ହୋଇଛି ।

ଭୀଷ୍ମ କୁଣ୍ଡ

ବ୍ୟାସକୃତ ମହାଭାରତର ଏକ ସମୁଜ୍ଜ୍ୱଳ ଚରିତ୍ର ପିତାମହ ଭୀଷ୍ମ । ଜୀବନ କାଳରେ ସେ ଯେମିତି ଥିଲେ ଏକ ବିସ୍ମୟକର କିମ୍ବଦନ୍ତୀ, ମୃତ୍ୟୁ ପରେ ମଧ୍ୟ ସେହିପରି ଏକ ବିସ୍ମୟର ପ୍ରତୀକ ଭାବରେ ସ୍ମରଣୀୟ । ଭୀଷ୍ମ କୁଣ୍ଡ ବା କୁରୁକ୍ଷେତ୍ରରେ ନରକାତଲୀ ଗ୍ରାମ ନିକଟରେ ଅବସ୍ଥିତ 'ବନଗଙ୍ଗା' ସେହି ପୁଣ୍ୟାତ୍ମାଙ୍କର ସ୍ମରଣୀୟ ଜୀବନର ଏକ ସ୍ମରଣୀୟ ସ୍ମାରକୀ । ମହାଭାରତର ବର୍ଣ୍ଣନା ଅନୁଯାୟୀ କୁରୁକ୍ଷେତ୍ର ରଣାଙ୍ଗନର ଦଶମ ଦିନରେ ପାଣ୍ଡବ ଅର୍ଜୁନଙ୍କର ଶରାଘାତରେ ସେ ଯେତେବେଳେ ଧରାଶାୟୀ ହେଲେ ତାଙ୍କ ଶରୀରକୁ ଶରମାନ ଭେଦ କରି ଏକ ଶରଶଯ୍ୟା ଉପରେ ଶାୟିତ କରିଦେଲା । ସେହି କାଳ ଥିଲା ସୂର୍ଯ୍ୟଙ୍କର ଦକ୍ଷିଣାୟନ କାଳ । ପିତାଙ୍କ ଆଶୀର୍ବାଦରେ ଭୀଷ୍ମଙ୍କ ପାଖରେ ଥିଲା ଇଚ୍ଛାମୃତ୍ୟୁ ବର । ତେଣୁ ସେହି ଶରଶଯ୍ୟାରେ ଶୟନ କରି ସେ ଉତ୍ତରାୟଣକୁ ଅପେକ୍ଷା କରିବାକୁ ନିଷ୍ପତ୍ତି ନେଲେ । ଶୟନ କାଳରେ ଭୀଷ୍ମଙ୍କୁ ଶୋଷ ହେଲା । ସେ ଜଳ ପାନ କରିବାକୁ ଚାହିଁଲେ । କୌରବମାନେ ସୁଗନ୍ଧିତ ପାତ୍ରରେ ଜଳ ଆଣି ଉପସ୍ଥିତ ହେଲେ ମଧ୍ୟ ଭୀଷ୍ମ ତା'କୁ ଅସ୍ୱୀକାର କରି ଅର୍ଜୁନଙ୍କୁ ଜଳଦାନ କରିବା ନିମିତ୍ତ ନିର୍ଦ୍ଦେଶ ଦେଲେ । ଅର୍ଜୁନ ପର୍ଯ୍ୟନ ଅସ୍ତ୍ର ପ୍ରୟୋଗ କରି ପାତାଳ ଲୋକରୁ ଭୋଗବତୀ ଗଙ୍ଗାଙ୍କ ଜଳ ଆନୟନ କରି ପିତାମହ ଭୀଷ୍ମଙ୍କର ତୃଷା ନିବାରଣ କଲେ । ଏହି ପାତାଳ ଗଙ୍ଗା ଯେଉଁ ସ୍ଥାନରେ ଆବିର୍ଭୂତ ହୋଇ ଗଙ୍ଗା ପୁତ୍ର ଭୀଷ୍ମଙ୍କର ତୃଷା ନିବାରଣ କରିଥିଲେ ତାହା ଆଜି 'ଭୀଷ୍ମ କୁଣ୍ଡ' ସରୋବରର ସଂରକ୍ଷିତ ଜଳ । ମହାନଦୀ ସରସ୍ୱତୀଙ୍କର ତଟଦେଶରେ ଏହା ଅବସ୍ଥିତ । ପ୍ରାଚୀନ ଶାସ୍ତ୍ରରେ ଏହି ସ୍ଥାନ ଯେଉଁଠାରେ ଭୀଷ୍ମ ଶରଶଯ୍ୟା ଗ୍ରହଣ କରିଥିଲେ ତାହା 'ଅନରକ ତୀର୍ଥ' ନାମରେ ପ୍ରସିଦ୍ଧ ଥିଲା । ବାମନ ପୁରାଣର ବର୍ଣ୍ଣନା ଅନୁସାରେ ଏହି ତୀର୍ଥର ପୂର୍ବ ଦିଗରେ ବ୍ରହ୍ମା, ଦକ୍ଷିଣରେ ଶିବ, ପଶ୍ଚିମରେ ରୁଦ୍ର ପତ୍ନୀ ଏବଂ ଉତ୍ତରରେ ଭଗବାନ ବିଷ୍ଣୁ ନିବାସ କରନ୍ତି । କୁରୁକ୍ଷେତ୍ର ଯୁଦ୍ଧ ପରେ ଏ ସ୍ଥାନର ମହତ୍ତ୍ୱ ଦ୍ୱିଗୁଣିତ ହେଲା । କାରଣ କୁରୁକ୍ଷେତ୍ରରେ ସ୍ଥିତ ଜ୍ୟୋତିସାର ସରୋବର ଯେପରି 'ଗୀତା'ର ଜନ୍ମସ୍ଥାନ ଭାବରେ ପ୍ରସିଦ୍ଧ ଭୀଷ୍ମ କୁଣ୍ଡ ମଧ୍ୟ ସେହିପରି ମହାଭାରତର "ଅନୁଶାସନ ପର୍ବ"ର ଜନ୍ମଭୂମି ଭାବରେ ମହତ୍ତ୍ୱପୂର୍ଣ୍ଣ । ଯୁଦ୍ଧର ସମାପ୍ତି ପରେ ଯୁଧିଷ୍ଠିର ସିଂହାସନ ଆରୋହଣ କଲା ପରେ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ଏଠାକୁ ଆସି ଭୀଷ୍ମଙ୍କ ଠାରୁ ରାଜ ଧର୍ମ ଏବଂ ଅନୁଶାସନ ଶିକ୍ଷା ଗ୍ରହଣ କରିଥିଲେ । ଭୀଷ୍ମଙ୍କ ମୁଖ ନିଃସୃତ ଏହି ଉପଦେଶ ଗ୍ରହଣ ନିମିତ୍ତ ପାଣ୍ଡବମାନଙ୍କ ଅତିରିକ୍ତ ଅସିତ, ଦେବଳ, ବ୍ୟାସଙ୍କ ପରି ମହର୍ଷିମାନେ ମଧ୍ୟ ସେଠାରେ ଉପସ୍ଥିତ ରହିଥିଲେ । ମହାତ୍ମା ଭୀଷ୍ମଙ୍କ ପ୍ରଦତ୍ତ ଏହି ଅପୂର୍ବ ଉପଦେଶ ସଙ୍କଳନ ଫଳରେ ମହାଭାରତ ବିଶ୍ୱର ଅମୂଲ୍ୟ ବାଙ୍ମୟ ନିଧିରେ ପରିଣତ ହୋଇଛି । ଏକଦା ମହାରାଜ କୁରୁ ତପ, ସତ୍ୟ, ଦୟା, କ୍ଷମା, ଦାନ, ଯଜ୍ଞ, ସୁଧା, ବ୍ରହ୍ମଚର୍ଯ୍ୟ ଆଦି ଅଷ୍ଟ ସିଦ୍ଧି ପ୍ରାପ୍ତି ନିମିତ୍ତ ଏଠାରେ ତପସ୍ୟା କରିଥିଲେ । ପ୍ରୀତ ହୋଇ ଭଗବାନ ବିଷ୍ଣୁ ଏ ସ୍ଥାନର ନାମ ରଖିଥିଲେ ଧର୍ମକ୍ଷେତ୍ର, କୁରୁକ୍ଷେତ୍ର । ପରବର୍ତ୍ତୀ କାଳରେ ଭଗବାନ ବିଷ୍ଣୁଙ୍କ ମୁଖନିଃସୃତ ଶ୍ରୀମଦ୍‌ଭଗବଦ୍ ଗୀତା ଓ ଭୀଷ୍ମଙ୍କ ପ୍ରଦତ୍ତ ଅନୁଶାସନ ଏହାକୁ ପ୍ରକୃଷ୍ଟ ଧର୍ମକ୍ଷେତ୍ରରେ ପରିଣତ କରିଦେଇଛି । ■■■

ନରେନ୍ଦ୍ରକୋଣ, ପୁରୀ
ଦୂରଭାଷ: ୯୪୩୭୪୨୨୪୧୧

ଓଡିଶାର ସର୍ବପୁରାତନ ସମ୍ବାଦପତ୍ର 'ସମାଜ' ଓ ସାହିତ୍ୟ ପତ୍ରିକା 'ସତ୍ୟବାଦୀ' ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଭୁଲା ସ୍ମୃତିକୁ ଆଧାର କରି ଆଗେଇ ଚାଲିଛି । ଶାରଦୀୟ ଦୂର୍ଗାପୂଜା ଉପଲକ୍ଷେ ମୁଁ 'ସମାଜ' ଓ 'ସତ୍ୟବାଦୀ' ପତ୍ରିକାର ସଫଳତା କାମନା କରୁଛି ଓ ଦୁର୍ଗାପୁଜା ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବାକୁ ପଟ୍ଟାମୁଣ୍ଡାଇବାସୀଙ୍କୁ ମୋର ନିବେଦନ ।

ସୁଶାନ୍ତ କୁମାର ସାହୁ

ଆଇଆଇସି, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା, ପଟ୍ଟାମୁଣ୍ଡାଇ

ଓଡ଼ିଆ ସମ୍ବାଦପତ୍ର ଜଗତର ମଉଡମଣୀ 'ସମାଜ' ଓ ସାହିତ୍ୟ ଜଗତର ଉଜ୍ଜ୍ୱଳ ଜ୍ୟୋତିଷ୍କ 'ସତ୍ୟବାଦୀ' ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ୱପ୍ନକୁ ସାକାର କରିଛି ଓ ଏଇ ଅବସରରେ ମୁଁ 'ସତ୍ୟବାଦୀ'ର ସଫଳତା କାମନା କରୁଛି । ଶାରଦୀୟ ଦୂର୍ଗାପୂଜା ଉପଲକ୍ଷେ ରାଜନଗର, ପଟ୍ଟାମୁଣ୍ଡାଇ ଓ ଆଳିର ସମସ୍ତ ପରିବା ବ୍ୟବସାୟୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ପ୍ରୋ–ନିରଞ୍ଜନ ନାୟକ (କପିଳ)

ବାସୁଦେବ ସବ୍‌ଜି ଭଣ୍ଡାର, ପଟ୍ଟାମୁଣ୍ଡାଇ

ଓଡ଼ିଆ ସମ୍ବାଦପତ୍ର ଜଗତର ମଉଡମଣୀ 'ସମାଜ'
ଓ ସାହିତ୍ୟ ଜଗତର ଉଜ୍ଜ୍ୱଳ ଜ୍ୟୋତିଷ୍କ
'ସତ୍ୟବାଦୀ' ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ
ଦାସଙ୍କ ସ୍ୱପ୍ନକୁ ସାକାର କରିଛି ।
ଏଇ ଅବସରରେ ଶାରଦୀୟ ଦୂର୍ଗାପୂଜା ଉପଲକ୍ଷେ
ମୁଁ ସତ୍ୟବାଦୀର ସଫଳତା କାମନା କରୁଛି ।
ଦୁର୍ଗାପୂଜା ଉପଲକ୍ଷେ ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀଙ୍କ
ମଙ୍ଗଳ ଓ ସୁଖମୟ କାମନା କରୁଅଛି ।

ସମାଜସେବୀ ଶ୍ରୀକାନ୍ତ ସ୍ୱାଇଁ (ସିଲୁ)

କଷଣଅଣ୍ଟା, ପଟ୍ଟାମୁଣ୍ଡାଇ

'ସମାଜ' ଏବଂ 'ସତ୍ୟବାଦୀ' ଓଡିଶା ସମ୍ବାଦପତ୍ର ଓ
ସାହିତ୍ୟ ସଂସ୍କୃତି ଜଗତର ଉଜ୍ଜ୍ୱଳ ତାରକା ।
ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ
'ସମାଜ' ଓ 'ସତ୍ୟବାଦୀ' ସମାଜ ପାଇଁ ସମର୍ପିତ
ମନୋଭାବ ନେଇ କାମ କରୁଛି । ଏଇ ଅବସରରେ
ମୁଁ 'ସତ୍ୟବାଦୀ'ର ସଫଳତା କାମନା କରୁଛି ଓ
ଶାରଦୀୟ ଦୂର୍ଗାପୂଜା ଉପଲକ୍ଷେ କେନ୍ଦ୍ରାପଡା ଜିଲ୍ଲାର
ଗ୍ରାହକମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରୋ–ସଞ୍ଜୀବ କୁମାର ଜେନା

ଟିଭିଏସ ଶୋରୁମ, ପଟ୍ଟାମୁଣ୍ଡାଇ

ସାହିତ୍ୟ ଓ ଜଗତୀକରଣ

ଯୁଗେ ଯୁଗେ ବିଶ୍ୱ, ସାହିତ୍ୟ ସୃଷ୍ଟିର ପ୍ରେରଣା ଭୂମି । ସ୍ରଷ୍ଟା ଏଇଠୁ ଉପାଦାନ ସଂଗ୍ରହ କରି କଳାତ୍ମକ ଶିଳ୍ପ ସୌନ୍ଦର୍ଯ୍ୟ ତଥା ପ୍ରତିଭାର ଦୀପ୍ତ ଚେତନାର ସୃଷ୍ଟି ଭିତରେ ପ୍ରାଣପିଣ୍ଡ ପ୍ରତିଷ୍ଠା କରିଥାଏ । ସେଥିପାଇଁ ସ୍ରଷ୍ଟା ଦ୍ୱିତୀୟ ଈଶ୍ୱର ବା ପ୍ରଜାପତି । ସୃଷ୍ଟି ଭିତରେ କେତେବେଳେ ସେ କଳ୍ପଲୋକ ଭାବସତ୍ତାକୁ ଅଭିମନ୍ତ୍ରିତ କରେ ତ ଆଉ କେତେବେଳେ ବାସ୍ତବ ଜଗତର ନିଖୁଣ ଚିତ୍ରକୁ କଲମ ମାଧ୍ୟମରେ କାଗଜରେ ଉତାରି ପକାଏ । ପରିବେଶ-ପରିସ୍ଥିତି-ସମାଜ ଏବଂ ସ୍ରଷ୍ଟାର ସୂକ୍ଷ୍ମ ଯୋଗସୂତ୍ର ସର୍ଜନା ନିମନ୍ତେ ଏକାନ୍ତ କାମ୍ୟ । କବି କର୍ମ ଅନ୍ତର୍ଦେବତାଙ୍କ ଦ୍ୱାରା ଅବଶ୍ୟ ନିୟନ୍ତ୍ରିତ ହୁଏ (ଯାହାକୁ କାଳିଶି ଗ୍ରାସିଲା ବୋଲି କୁହାଯାଏ), କିନ୍ତୁ ପ୍ରତିଭା ଓ ପ୍ରେରଣା ଦ୍ୱାରା ସେ ଲେଖାକୁ କଳାତ୍ମକ ଆବରଣ ଭିତରେ ବାନ୍ଧି ଦିଏ । ସେ ସାଧାରଣ ବ୍ୟକ୍ତିଠାରୁ ନିଆରା ନିଶ୍ଚୟ । ସେଥିପାଇଁ ବ୍ଲେକ୍ କହନ୍ତି "O why was I born with a different face ? ସେ ଯାହା ହେଉନା କାହିଁକି ସାମ୍ପ୍ରତିକ ବିଶ୍ୱର ବହୁ ଚର୍ଚ୍ଚିତ ପ୍ରସଙ୍ଗ 'ଜଗତୀକରଣ'ର ସାହିତ୍ୟ ସହିତ ସମ୍ପର୍କ ବଡ଼ ଘନିଷ୍ଠ । ବିଶ୍ୱ ସାହିତ୍ୟରେ ଏହାର ପ୍ରଭାବକୁ ଅସ୍ୱୀକାର କରିହେବ ନାହିଁ, ଏପରିକି ଓଡ଼ିଆ ସାହିତ୍ୟ ସହିତ ସମ୍ପର୍କକୁ ମଧ୍ୟ । 'ଜଗତୀକରଣ' ଶବ୍ଦ ବିଶ୍ୱାୟନ ତଥା ବିଶ୍ୱ ଚେତନାକୁ ସୂଚିତ କରେ । ଭାରତୀୟ ଋଷି ପରମ୍ପରାରେ ଏହା 'ବସୁଧୈବ କୁଟୁମ୍ବକମ୍'କୁ ସୂଚିତ କରୁଥିଲେ ମଧ୍ୟ ସାମ୍ପ୍ରତିକ ବିଶ୍ୱରେ ଏହାର ଅର୍ଥଗତ ସମ୍ପ୍ରସାରଣ ଘଟିଛି । ଆଧୁନିକ ବିଶ୍ୱ ଆଜି ଗୋଟିଏ ଗାଆଁ ଭଳି ଗୋଟିଏ ଧାରାରେ ପ୍ରବାହିତ । ଟି.ଭି., ଇଣ୍ଟରନେଟ୍, ମୋବାଇଲ୍, ମହାକାଶ ଗବେଷଣା ତଥା ବିଶ୍ୱ ବଜାର ଅର୍ଥନୀତି କ୍ଷେତ୍ରରେ ସମଗ୍ର ବିଶ୍ୱ ଗୋଟିଏ ସୂତ୍ରରେ ବନ୍ଧା । ମଣିଷ ମୁକ୍ତ ଅର୍ଥନୈତିକ ନୀତିର ସୁବିଧା ଲାଭ କରି ଆଜି ସମଗ୍ର ବିଶ୍ୱରେ ନିଜର କାୟା ବିସ୍ତାର କରିଚାଲିଛି । ସ୍ଥୂଳତଃ ଏଇ ଜଗତୀକରଣ ପୁଞ୍ଜିପତି ତଥା ଧନିକ ଗୋଷ୍ଠୀ ନିମନ୍ତେ ଏକ ଲାଭଖୋର ପ୍ରକରଣ ସାଜିଛି । ତେଣୁ ସାହିତ୍ୟ ସ୍ରଷ୍ଟା ଭିନ୍ନ ମାନସିକତା ନେଇ 'ଜଗତୀକରଣ' ନୀତିକୁ ଦେଖିଛି ଏବଂ ସେଥିରୁ ସାର ସଂଗ୍ରହ କରି ସାହିତ୍ୟ ସର୍ଜନା କରିଛି ।

ସାମ୍ପ୍ରତିକ ଜଗତ ଆଜି ଭୌତିକ ବଳୟ ଭିତରେ ଆବଦ୍ଧ । ଶସ୍ତା ଇଣ୍ଟରନେଟ୍ ଆଧୁନିକ ଯୁବପିଢ଼ିଙ୍କୁ କବଳିତ କରିଛି । ସାମାଜିକ ଗଣମାଧ୍ୟମ ସହିତ ସେମାନଙ୍କ ଆକର୍ଷଣ ଖୁବ୍ ତୀବ୍ର, କାରଣ ଏଥିରେ ତରୁଣ-ତରୁଣୀଙ୍କ ସ୍ୱାଭାବିକ ପ୍ରେମ-ବଜାରରେ ଉପଲବ୍ଧ ଦ୍ରବ୍ୟ ସମାନ । ମଣିଷର ଚାଲି-ଚଳଣି-ଆଚାର-ବ୍ୟବହାର ପୋଷାକ ତଥା ସଂସ୍କୃତି ସବୁ ପରିବର୍ତ୍ତିତ । ପାରସ୍ପରିକ ଯୋଗାଯୋଗର ସହଜ ଉପାୟ ସାଜିଛି ପ୍ରଯୁକ୍ତି ବିଦ୍ୟା ।

ଆଧୁନିକ ନଗରୀ ସଭ୍ୟତାର ଏଇ ଯେଉଁ ଦୃଶ୍ୟ ଦିଆଯାଇଛି, ତାହା ସତରେ କେଡ଼େ ଯନ୍ତ୍ରଣାଦଗ୍ଧ । ଜଗତୀକରଣ ଜାଲରେ ମଣିଷ ଆଜି ହୀନସ୍ତା । ଧୂଳି-ଧୂଆଁର ଅନ୍ତର୍ଦହନ ତାକୁ କ୍ଷୁବ୍ଧ କରୁଛି, ମଣିଷ ଅତି ଅସହାୟ ଭାବେ ବଞ୍ଚି ରହିଛି । ସାମ୍ପ୍ରତିକ ବିଶ୍ୱ ଉଦାରବାଦୀ ଅର୍ଥ ବ୍ୟବସ୍ଥା ଯୋଗୁ ଆଜି ଗୋଟିଏ ବଡ଼ ହାଟରେ ରୂପାନ୍ତରିତ ହୋଇଯାଇଛି । ଗୋଟିଏ ଦେଶ, ଆଉ ଗୋଟିଏ ଦେଶକୁ ଯାଇ ଅବାଧରେ ମୁକ୍ତ ବାଣିଜ୍ୟ କାରବାର କରିପାରୁଛି । ଉପଭୋକ୍ତାବାଦୀ ସଂସ୍କୃତି ସୃଷ୍ଟି ହୋଇ ବିଶ୍ୱ ପରିବର୍ତ୍ତନର ସୂତ୍ର ଖୋଜୁଛି । ଏହାର ଦୃଷ୍ଟାନ୍ତ 'ଗୋପବନ୍ଧୁଙ୍କ ସତ୍ୟବାଦୀ' (ଜାନୁଆରୀ ୨୦୨୪) ସଂଖ୍ୟାରେ ପ୍ରକାଶିତ 'ସମକାଳୀନ କବିତାରେ ଉପଭୋକ୍ତାବାଦୀ ସଂସ୍କୃତିର ପ୍ରଭାବ' ପ୍ରବନ୍ଧରେ ଖୁବ୍ ସ୍ପଷ୍ଟ । ଏଇ ଜଗତୀକରଣ ବଜାର ବ୍ୟବସ୍ଥାରେ ସାଧାରଣ ଜନତା ଅପ୍ରତ୍ୟାଶିତ ଭାବେ ଉପଭୋକ୍ତାର ଶିକାର ହେଉଛନ୍ତି । ତେଣୁ Ross Dix Peek କୁହନ୍ତି ଆମେ କାହିଁକି କିଣୁଛୁ ଜଣାନାହିଁ, କେବଳ ଖର୍ଚ୍ଚ ପରେ ଖର୍ଚ୍ଚ କରି ଚାଲିଛୁ, ପାଗଳଙ୍କ ଭଳି । ଅନ୍ୟତ୍ର ଇଂରାଜୀ କବି ମାଇକେଲ ସେଫାର୍ଡ ମଧ୍ୟ ଏଇ ଚେତନାକୁ କେନ୍ଦ୍ର କରି କବିତା ଲେଖିଛନ୍ତି । ସାମ୍ପ୍ରତିକ ଯୁଗର

ମନୋଜ କୁମାର ବେହେରା

ବୃତ୍ତି ଅଧ୍ୟାପନା, ସମ୍ପ୍ରତି ବାଣୀବିହାରରେ ଗବେଷଣାରତ । ଏକାଧାରରେ କବି, ପ୍ରାବନ୍ଧିକ ତଥା ଚିତ୍ରଶିଳ୍ପୀ । ସମକାଳୀନ ଓଡ଼ିଆ କାବ୍ୟ ସାହିତ୍ୟ ଆଲୋଚନା କ୍ଷେତ୍ରରେ ନୂଆପିଢ଼ିର ସ୍ୱର । ପ୍ରକାଶିତ କବିତା ସଙ୍କଳନ 'ସ୍ୱପ୍ନ ଆଉ ବାସ୍ତବତାର ଫିକାଜହ୍ନ' ।

ବସ୍ତୁବାଦୀ ସଭ୍ୟତାର ଅନ୍ତରାଳରେ ବ୍ୟକ୍ତି ଅନ୍ତଃମାନସର ଯେଉଁ ଯନ୍ତ୍ରଣା ତା'କୁ ସେ 'A sad tale of consumerism' କବିତାରେ ଦେଖେଇ ଦେଇଛନ୍ତି । ଏଥିରେ ବ୍ୟକ୍ତିର ମନସ୍ତାତ୍ତ୍ୱିକ ଅଭିବ୍ୟକ୍ତି ଖୁବ୍ ସ୍ପଷ୍ଟ ।

ସେହିପରି ବ୍ରିଟିଶ କବି Peter Porter ୧୯୭୦ରେ ଏକ କବିତା ଲେଖନ୍ତି 'A Consumers Report' । ଉତ୍ତର ଆଧୁନିକ କାଳର ଉପଭୋକ୍ତାବାଦୀ ସଂସ୍କୃତିର ସ୍ପଷ୍ଟ ଚିତ୍ର ଏଠି ଦେଖିବାକୁ ମିଳେ । ସେ ପୁଞ୍ଜିବାଦକୁ କଠୋର ସମାଲୋଚନା କରିଛନ୍ତି । ଯୋସେଫ୍ ଫାସାନୋ ତାଙ୍କ 'Consumerism' କବିତାରେ ବିପରୀତ ମନ୍ତବ୍ୟ ପ୍ରଦାନ କରନ୍ତି । ସେ କବିତାକୁ ପସନ୍ଦ କରନ୍ତି; କାରଣ ବଜାରର ଅନ୍ୟ ଦ୍ରବ୍ୟ ତଥା ବସ୍ତୁ ପରି କବିତା କେବେ ବିକ୍ରି ହୁଏ ନାହିଁ । (Why is poetry beautiful ? / Because it doesn't sell)

ଆମେରିକା ସାହିତ୍ୟର ନୂତନ ଔପଚାରିକବାଦୀ ଆନ୍ଦୋଳନରେ ଭାରତ-ଆମେରିକୀୟ କବି ଆଘା ସାହିଦ୍ ଅଲି କ୍ୱିଜିଲବାସ୍ (Agha Sahid Ali Quizilbash) ସ୍ମରଣୀୟ । ତାଙ୍କ ସର୍ଜନା ଭିତରେ 'A walk through the yellow pages', 'The Half-inch Himalayas', 'A Nostalgist's map of America'. The country without a post office ଆଦି ବହୁ ଚର୍ଚ୍ଚିତ ଗ୍ରନ୍ଥ । 'The Half-inch Himalayas' ଗ୍ରନ୍ଥରେ ନିଜର ଅନ୍ତର୍ଦେଶୀୟ ଚେତନା ସହ ଦେଶୀୟ ଭାବସତ୍ତାର ଅର୍ଘ୍ୟ ଢାଳିଛନ୍ତି କବି । ଏଇ କବିତାଟିରେ ନଷ୍ଟାଲ୍‌ଜିଆ (ଅତୀତମୁଖୀନ) ଭାବଧାରାଟି ବେଶ୍ ସ୍ପଷ୍ଟ ଓ ବଳିଷ୍ଠ । ନିଜର ଜନ୍ମଭୂଇଁ ପ୍ରତି ଯେଉଁ ଅତୀତମୁଖୀନ ଦୁର୍ବଳତା ରହିଛି ତାହା ବେଶ୍ ଆକର୍ଷଣୀୟ । ଆଲୋଚିକା ଅନ୍ତରା ଚାଟାର୍ଜୀ ଏ କବିତା ସମ୍ପର୍କରେ କୁହନ୍ତି- ବାସ୍ତବରେ କବି ନିଜ ଗାଁ ନିଜ ମାଟିଠାରୁ ମାନସିକ ଏବଂ ଶାରୀରିକ ସ୍ତରରେ ଦୂରେଇ ଯାଇଛନ୍ତି ଏବଂ ତାହାକୁ କବିତା ଆକାରରେ ରୂପ ଦେଇଛନ୍ତି ।

ଜଗତୀକରଣ ବିଶ୍ୱରେ ସାମ୍ପ୍ରତିକ ମୂଲ୍ୟବୋଧର ଅବକ୍ଷୟ ଘଟିଛି । ସମ୍ପର୍କର ନୈତିକ ମୂଲ୍ୟବୋଧ ବୋଲି କିଛି ନାହିଁ । ଉଦାରୀକରଣର ଏଇ ମହାବାତ୍ୟା ସାଂସ୍କୃତିକ ବିଘଟନର କାରଣ ସାଜିଛି । ସମାଜର ସ୍ୱାଭାବିକ ସମ୍ପର୍କକୁ ଦୁର୍ବଳ କରି ଜଗତୀକରଣ କାହା ପାଇଁ ନୂତନ ବିଶ୍ୱ ନିର୍ମାଣ କରୁଛି?

"ବଢ଼ି ତେଜୀ ସେ ଦୁନିୟା ବନତୀ ଜା ରହୀ ହୈ ଏକ ବଡ଼ା ଗାଁଓ
ଲୋଭ, କ୍ରୋଧ, ଈର୍ଷା ଦ୍ୱେଷ କେ ଲିଏ ଅବ କହିଁ ନହିଁ ଜାନା ପଡ଼ତା
ହର ଚୀଜ୍ ସମାନ ରୂପ ସେ ମିଲନେ ଲଗତୀ ହୈ, ହର ଜଗହ
ମନୁଷ୍ୟ କେ ସମ୍ବନ୍ଧ ବହୁତ ପତଲେ ତାରୋଂ ସେ ବାଁଧ ଦିୟେ ଗୟେ ହୈ
ଜୋ ବାତ୍-ବାତ୍ ମେଁ ଟୁଟ୍ ଜାତେ ହୈ ।"

(ନୟେ ୟୁଗ ମେଁ ଶତ୍ରୁ-ମଙ୍ଗଲେଶ୍ ଡ଼ବରାଲ)

ଜଗତୀକରଣର ସକାରାତ୍ମକ ଦିଗ ଅପେକ୍ଷା ନକାରାତ୍ମକ ଦିଗଗୁଡ଼ିକୁ ବେଶି ଦେଖାଇଛନ୍ତି ଆମ ଭାରତୀୟ କବିବୃନ୍ଦ; କାରଣ ଜଗତୀକରଣ ମନୁଷ୍ୟ ଜୀବନ ଶୈଳୀ ଉପରେ ବଡ଼ ପରିବର୍ତ୍ତନ ଆଣିଛି, ଯାହା ମାନବ ଜାତି ପାଇଁ ଚିନ୍ତାର ବିଷୟ । ଆଜି ମନୁଷ୍ୟ ଗଣମାଧ୍ୟମର ଜାଲ ଭିତରେ ବାନ୍ଧି ହୋଇଯାଇଛି । ସାଂସ୍କୃତିକ ମୂଲ୍ୟବୋଧର ପରିବର୍ତ୍ତନ କରି ବ୍ରାଣ୍ଡ ସଂସ୍କୃତି ତଥା ଉପଭୋକ୍ତା ସଂସ୍କୃତିକୁ ଗୁରୁତ୍ୱ ଦେଉଛି । ଆଧୁନିକ ମଣିଷ ଯନ୍ତ୍ର ମାନବ ପରି କେବଳ ବ୍ୟବହାର କରିଛି । କେତେବେଳେ ଯଦି ସହରୀ ମଣିଷ ସହ ଦେଖାହୁଏ, ତେବେ ସେ 'ଜଲ୍‌ଦି' କହି ଚାଲିଯାଏ ତ ଆଉ କେତେବେଳେ ସେ ମୋବାଇଲ୍, କମ୍ପ୍ୟୁଟର ଆଦିରେ ସମଗ୍ର ଜଗତକୁ ଦେଖି ପରଖିବାର ଅଭିନୟ କରେ ।

> *"ଜଗତୀକରଣର ପ୍ରଲମ୍ବିତ ପ୍ରକ୍ରିୟା ଭିତରେ ସାହିତ୍ୟ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି । କବି ଲେଖକମାନେ ନିଜସ୍ୱ ଦୃଷ୍ଟିଭଙ୍ଗୀରେ ସାହିତ୍ୟ ସର୍ଜନା କରିଛନ୍ତି । ପ୍ରତ୍ୟକ୍ଷ ହେଉ ଅବା ପରୋକ୍ଷରେ ସ୍ରଷ୍ଟା ଜଗତୀକରଣ ଦ୍ୱାରା ପ୍ରଭାବିତ ନିଶ୍ଚୟ । ନଚେତ୍ ଏଭଳି ସଚେତନମୂଳକ ସାହିତ୍ୟ ସର୍ଜନା ସମ୍ଭବ ନୁହେଁ, ମୋଟାମୋଟି ଭାବେ ଦେଖିବାକୁ ଗଲେ ଓଡ଼ିଆ ସାହିତ୍ୟରେ ଜଗତୀକରଣର ପ୍ରାୟ ଦିଗକୁ ସ୍ପର୍ଶ କରି ସୃଷ୍ଟି ସର୍ଜନା ସମ୍ଭବ ହୋଇପାରିଛି ।"*

ମଣିଷର ଅସହାୟତା ଆଜି ଚିନ୍ତାର ବିଷୟ ହୋଇଛି, ଭବିଷ୍ୟତରେ ମନୁଷ୍ୟ କମ୍ପ୍ୟୁଟରର କାନ୍ଧରେ ସାଥି ହୋଇ ମଶାଣି ଯାତ୍ରା କରିବାର ସନ୍ଦେହ ଆମ କବିଏ କଲେଣି ।

"କୌନ ଜାନେ ନଏ ୟୁଗ କା ଆଦମୀ କମ୍ପ୍ୟୁଟର କେ କନ୍ଧେଁ ପର
ଗର୍ଦ୍ଦନ ରଖକର ଅନ୍ତିମ ସାଁସ ଲେଗା ଔର ଦୟାଲୁ କମ୍ପ୍ୟୁଟର
ଅବକାଶ ମେଁ ମାନବ କୀ କବ୍ର କେ ପାସ୍ ଶୋକ ସଭା ରଖେଗା,
ମନୁଷ୍ୟ ଜାତି, କିତନୀ ଜୀବଟ ଥୀ,
କିତନୀ ଗୂଢ଼ ଥୀ, କିତନୀ ବୀର ବହାଦୁର ଥୀ ।"

(କୌନ ଜାନେ... - ଉତ୍ତମ କାମ୍ବଲେ)

ମଣିଷ ସ୍ଥାନରେ କମ୍ପ୍ୟୁଟରର ବ୍ୟବହାରକୁ କବି ଆଖି ଆଗରେ ରଖି ଏଭଳି କବିତାର ପରିକଳ୍ପନା କରିଛନ୍ତି । ତେଣୁ କବି ଲୀଳାଧର ଜଗୁଡାଛଲ୍ୟ କରି ଲେଖନ୍ତି- "ସାତ ସୋ ସାଲ ବାଦ୍ ଜୋ ଆଠସାଲ କୀ / ସାଂସ୍କୃତିକ ମିଲାବଟ୍ ବାଲା ସମୟ ଔର ସମାଜ ହୋଗା / ଦୋ କହୀଁ ଔର ଜ୍ୟାଦା ଆଧୁନିକ ହୋଗା ।"

ହିନ୍ଦୀ ସାହିତ୍ୟ ତଥା କବିତାରେ ଜଗତୀକରଣର ବିଭିନ୍ନ ଚେତନା ତଥା ପ୍ରକ୍ରିୟା ସମ୍ପର୍କରେ କବି, ଲେଖକ ସଚେତନ । ଉପଭୋକ୍ତାବାଦ,

ବିଜ୍ଞାପନ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାଗତ ପରିବର୍ତ୍ତନ, ପ୍ରକୃତି ନଷ୍ଟ ପ୍ରତି ସଚେତନା, ନାରୀ ମୂଲ୍ୟବୋଧ ତଥା ଭ୍ରୁଣ ହତ୍ୟା ପରି ଅନେକ ସମସ୍ୟା ଭାରତୀୟ ସାହିତ୍ୟରେ ବଡ଼ କଳାତ୍ମକ ଭାବେ ଅଭିବ୍ୟଞ୍ଜିତ । ମଙ୍ଗଲେଶ୍ ତବରାଲ, ବିନୋଦ ଦାସ, ରାଜେଶ ଯୋଶୀ, ଉଦୟ ପ୍ରକାଶ, ଶଙ୍କର ପୂର୍ଣ୍ଣତାମ୍ବେକର, ଲୀଲାଧର ଜଗୁ, ଅନିତା ବର୍ମା, ନିଜା ନୱାଜ୍, ବିଶିଷ୍ଟ କବି ରାମଧାରୀ ସିଂହ ଦିନକର, ଉତ୍ତମ କାମ୍ବଲେ, ଅଶୋକ ଚନ୍ଦ୍ର, ମନୋଜ କୁମାର ଝା ପ୍ରମୁଖଙ୍କ କବିତାରେ ଜଗତୀକରଣ ସମ୍ପର୍କିତ ବିଶ୍ୱର ବିଭିନ୍ନ ଦିଗ ଫୁଟି ଉଠିଛି । ଏହି କବିମାନଙ୍କ କବିତାରେ ମୁଖ୍ୟତଃ ଏହାର ନକାରାତ୍ମକ ଦିଗଟି ବେଶ୍ ସ୍ପଷ୍ଟ ।

ଓଡ଼ିଆ ସାହିତ୍ୟ ସମଗ୍ର ଭାରତ ବର୍ଷରେ ଗୋଟିଏ ସମୃଦ୍ଧିଶାଳୀ ସାହିତ୍ୟ ପରମ୍ପରାକୁ ଜାବୁଡ଼ି ଧରିଛି । ଅନ୍ୟାନ୍ୟ ଭାଷା ଓ ସାହିତ୍ୟ ଭଳି ନିଜସ୍ୱ ସୃଷ୍ଟି ସର୍ଜନାରେ ସ୍ୱତନ୍ତ୍ର ଶୈଳୀ ତଥା ବୈଶିଷ୍ଟ୍ୟକୁ ପ୍ରତିଭାତ କରି ପାରିଛି । ଏଥିରେ ସମଗ୍ର ସାହିତ୍ୟ ପରି ପ୍ରାଚୀନ ସୃଷ୍ଟି ପରମ୍ପରା ରହିଛି । ହିନ୍ଦୀ ତଥା ସଂସ୍କୃତ ଭାଷାରେ ସୃଷ୍ଟି ହୋଇଥିବା ରୀତି ଯୁଗ ଏବଂ ଭକ୍ତି ଯୁଗୀୟ ସାହିତ୍ୟ ପରମ୍ପରା ମଧ୍ୟ ଅଛି । ଆଧୁନିକ ସାହିତ୍ୟରେ ନବଜାଗରଣ, ସତ୍ୟବାଦୀ ବା ଜାତୀୟବାଦୀ ଧାରା, ସବୁଜ ଧାରା, ପ୍ରଗତିବାଦୀ ତଥା ମାର୍କ୍ସବାଦୀ ସାହିତ୍ୟ ଧାରା, ସ୍ୱାଧୀନତା ପରବର୍ତ୍ତୀ ତଥା ପ୍ରୟୋଗବାଦୀ ଧାରା ଏବଂ ଉତ୍ତର ଆଧୁନିକ ଧାରା ପରି ଆମ ଭାଷା ସାହିତ୍ୟରେ ମଧ୍ୟ ଏସବୁ ଦିଗଗୁଡ଼ିକ ବଳିଷ୍ଠ । ଉନବିଂଶ ଶତାବ୍ଦୀରେ ବଙ୍ଗାଳୀମାନଙ୍କ ଯେଉଁ ଚକ୍ରାନ୍ତ ଚାଲିଥିଲା, ତା' ବିରୁଦ୍ଧରେ ତୀବ୍ର ଆନ୍ଦୋଳନ ଚାଲିଥିଲା । ଅସ୍ମିତାକୁ ବଞ୍ଚାଇ ରଖିବାର ଯେଉଁ ପ୍ରୟାସ, ତା' ଭିତରେ ନୂତନ ସାହିତ୍ୟ ଚେତନାର ଅଭ୍ୟୁଦୟ ଘଟିଥିଲା ଏହି ବଙ୍ଗଳା ସାହିତ୍ୟରେ; ରୀତିଯୁଗ ଆଦୌ ନାହିଁ; ପ୍ରାଚୀନଯୁଗ ପରେ ସିଧାସଳଖ ଆଧୁନିକ । ଓଡ଼ିଆ ଭାଷା ଗୋଟିଏ ସାଧାରଣ ଭାଷା ନୁହେଁ; ଗୋଟିଏ ଶକ୍ତିଶାଳୀ ଜୀବନ୍ତ ଭାଷା, ସେଥିପାଇଁ ତ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାଷା ମଧ୍ୟରେ ଆର୍ଯ୍ୟ ଭାଷା ଭିତରେ ସେ ପ୍ରଥମ ଓ ଏକମାତ୍ର (ସଂସ୍କୃତ ବ୍ୟତୀତ, କାରଣ ସଂସ୍କୃତ ଆର୍ଯ୍ୟଭାଷାର ମୂଳ) । ଭାଷା କଥିତ ସ୍ତରରେ ଏବଂ ସାହିତ୍ୟ ତଥା ଲିଖିତ ସ୍ତରରେ ବ୍ୟବହୃତ ହେଲେ ଜୀବନ୍ତ ହୋଇ ଉଠେ ।



ଯେତେବେଳେ ଓଡ଼ିଆ ସାହିତ୍ୟରେ ଜଗତୀକରଣ ପ୍ରସଙ୍ଗ ଉଠେ, ସେତେବେଳେ ଓଡ଼ିଆ ଜାତିର ପ୍ରଣମ୍ୟ ପୁରୁଷ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ମନେ ପଡ଼ନ୍ତି । ତାଙ୍କ ଚେତନା ବିଶ୍ୱ ଚେତନା ସହିତ ଜଡ଼ିତ । ତେଣୁ ଏହାକୁ ଗୋଟିଏ ଦୃଷ୍ଟିରୁ ଜଗତୀକରଣର ଧାରା ବୋଲି କୁହାଯାଇପାରେ । ସେଥିପାଇଁ କବି ରାଧାମୋହନ ଗଡ଼ନାୟକ ତାଙ୍କ 'ବିଶ୍ୱଜୀବନ ପଥେ' କବିତାରେ ଲେଖନ୍ତି-

"ଏକର ସକାଶେ ଅନେକର ଡାକ ମୁଁ ତ ନ ପାରିବି ଏଡ଼ି,
ଛଳନା ଏବେ ଚରଣେ ମୋହର ଅନ୍ଧ-ମମତା-ବେଡ଼ି ।
ଦିଅ ଛାଡ଼ିଦିଅ ମତେ
ଚାଲିଯାଏ ଆଜି- ଚାଲିଯାଏ ମୁହିଁ ବିଶ୍ୱ ଜୀବନ ପଥେ ।"

(ଉତ୍କଳିକା)

ପରବର୍ତ୍ତୀ ସମୟରେ ଏଇ 'ଜଗତୀକରଣ' ଶବ୍ଦଟି ନୂତନ ଅର୍ଥନୈତିକ ନୀତି ସହିତ ସମ୍ପୃକ୍ତ ହେବାରୁ ଏହାର ଅର୍ଥଗତ ପରିବର୍ତ୍ତନ ଘଟିଲା । ଆଧୁନିକ ବିଶ୍ୱରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାଭିତ୍ତିକ ପରିବର୍ତ୍ତନ ଏବଂ ମୁକ୍ତବଜାର ଅର୍ଥନୀତିକୁ ଜଗତୀକରଣ ଆଖ୍ୟା ଦିଆଗଲା । ଏଠି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଚାଲିଲା । ଗୋଟିଏ ପଟରେ ପୁଞ୍ଜିପତି ତଥା ଧନିକ ଗୋଷ୍ଠୀ ଏବଂ ଆଉ ଗୋଟିଏ ପଟେ ସର୍ବହରା ଶ୍ରମିକ । ଉପନିବେଶବାଦୀ ସଂସ୍କୃତି, ଉପଭୋକ୍ତାବାଦୀ ସଂସ୍କୃତି, ବିଜ୍ଞାପନ, ଚାଷୀ ସମସ୍ୟା, ନାରୀର ମୂଲ୍ୟବୋଧ, ଯୌନାଚାର, ଉତ୍କଟ ଦାରିଦ୍ର୍ୟ, ବେକାରୀ ସମସ୍ୟା ତଥା ଦ୍ରୁତ ସହରୀକରଣର ବୃଦ୍ଧି ସାମାଜିକ ସଙ୍କଟ କ୍ଷେତ୍ରରେ ନୂତନ ଚେତନାକୁ ଆଚ୍ଛାଦିତ କଲା । ଏହି ଯୁଗ ଚେତନା ତଥା ସଙ୍କଟକୁ ସାହିତ୍ୟିକ ପୁଞ୍ଜି ବିନିଯୋଗ କରି ସାହିତ୍ୟ ସୃଷ୍ଟି କଲା । କବିତା କ୍ଷେତ୍ରରେ ଆଶୁତୋଷ ପରିଡ଼ା, ହୃଷୀକେଶ ମଲ୍ଲିକ, ମନୋରମା ବିଶ୍ୱାଳ ମହାପାତ୍ର, ମନୋଜ କୁମାର ପଣ୍ଡା, ଶତ୍ରୁଘ୍ନ ପାଣ୍ଡବ, ହୃଦାନନ୍ଦ ପାଣିଗ୍ରାହୀ, ପ୍ରସନ୍ନ କୁମାର ମିଶ୍ର, ସୁଚେତା ମିଶ୍ର, ଭାରତ ମାଝୀ, ବାସୁଦେବ ସୁନାନୀ, ଭଗବାନ ଜୟସିଂ, ପ୍ରସନ୍ନ କୁମାର ମହାନ୍ତି ପ୍ରମୁଖ ଏଇ ଚେତନାକୁ ଭିତ୍ତି କରି ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ।

ସାଂସ୍କୃତିକ ଚେତନାକୁ ନଷ୍ଟ କରି ଏବେ ସମାଜର ଉତ୍କଟ ଦୃଶ୍ୟ ଦେଖିବାକୁ ମିଳୁଛି, ତେଣୁ ପୀତାମ୍ବର ତରାଇ 'ଉତ୍ତର ଆଧୁନିକ' କବିତାରେ କହୁଛନ୍ତି ଯେ- "ଗାଆଁରୁ ଗ୍ରାମ ଦେବତୀଙ୍କୁ ଉଠାଇ ମାଧୁରୀ ଦୀକ୍ଷିତ ପୂଜା ପାଉଛି । ଫେସନ ସୋ'ରେ ଭାଗ ନେବା ପାଇଁ ଝିଅ ଜିଦ୍ ଧରୁଛି, ବେକାର ପୁଅ କହୁଛି ରାଜନୈତିକ ଦଳରେ ଯୋଗ ଦେବ ଇତ୍ୟାଦି ।" ଆଧୁନିକ ଯୁବପିଢ଼ିଙ୍କୁ ଆଉ ରାମାୟଣ-ଭାଗବତ ପୋଥିପୁରାଣ ଆବଶ୍ୟକ ନୁହେଁ, ତାଙ୍କୁ ଆବଶ୍ୟକ ହିରୋ ହିରୋଇନ୍ । ଏହା ଯୁଗ ରୁଚିର ଚିତ୍ର ନିଶ୍ଚୟ । (ମୁଁ, ଅଭିରାମ ଦାସ) ଶ୍ରୀଦେବଙ୍କ 'ମଲାଲୋକ' କବିତାରେ ଦଶ କର୍ମ କରିବା ପାଇଁ ଗାଆଁରେ ନାପିତ ନ ଥିବା ଆଦି ଘଟଣା ଏବଂ ସୁଚେତା ମିଶ୍ରଙ୍କ 'ଅନ୍ତତଃ ଏ ପୃଥିବୀ ଲାଗି' କବିତାରେ ସଂଗ୍ରହାଳୟରେ ଆଦିବାସୀ ସଂସ୍କୃତିର ଗଚ୍ଛିତ ପ୍ରମାଣକୁ ଦ୍ରୁତ ସାଂସ୍କୃତିକ ବିଘଟନ ଭାବେ ଗ୍ରହଣ କରିପାରିବା । ପଲ୍ଲୀ ସଂସ୍କୃତିର ଅବକ୍ଷୟମାଣ ଚିତ୍ର ଆମେ ବିରଜା ବଳଙ୍କ 'ଜଗତୀକରଣର ଗାଁ'

କବିତାରେ ଲକ୍ଷ୍ୟ କରି ପାରିବା । ଏଥି ସହ ଏଥିରେ ସହରୀକରଣ ତଥା ଉପଭୋକ୍ତାବାଦୀ ସଂସ୍କୃତିର କୁପ୍ରଭାବର ଚିତ୍ର ମଧ୍ୟ ଦେଖେଇ ଦିଆଯାଇଛି ।

ନୂତନ ମାର୍କ୍ସବାଦୀ ଚେତନାର କବି ବାସୁଦେବ ସୁନାନୀ, 'କିଶନ୍ ଆଗ୍ୟାଁ' କବିତାରେ ପୁଞ୍ଜିବାଦୀ ତଥା ଉପନିବେଶବାଦୀ ସଂସ୍କୃତିର ଭୟାବହ ପରିଣାମର ଚିତ୍ର ପ୍ରଦାନ କରିଛନ୍ତି ।

"ଏବେ ଗନ୍ଧମାର୍ଦନ କୁହ କି କୁଚେଇ ପଦର
ସୁନାବେଢ଼ା କୁହ କି ଲାଞ୍ଜିଗଡ଼
ଜଙ୍ଗଲର ସବୁ ଟୋଲ, ମହୁଲ
ଧାତୁକ, ହରଡ଼ା, କେନ୍ଦୁ
ସବୁ ଉଜୁଡ଼ିଯିବ
ଉଜୁଡ଼ିଯିବ କି ଝରଣାର ଗୀତ
ଭରଣ ଭରଣ କରଡ଼ି ଗଛ ।"

ସେହିପରି ଶତ୍ରୁଘ୍ନ ପାଣ୍ଡବ ତାଙ୍କ 'ଋଣ' କବିତାରେ ଉତ୍କଟ ଦାରିଦ୍ର୍ୟର ଚିତ୍ର ଦେଇଛନ୍ତି । ମନୁଷ୍ୟ ନିଜର ସୌଖୀନ ଜୀବନଚର୍ଯ୍ୟା ପାଇଁ କିଛି ବି କରିପାରେ । ଋଣ ତା'ରି ଭିତରୁ ଅନ୍ୟତମ । ବର୍ତ୍ତମାନ ଏହାର ସୁବିଧା ସବୁକ୍ଷେତ୍ରରେ ଉପଲବ୍ଧ, ଯାହାକୁ ଆମେ EMI ଦ୍ୱାରା ବେଶ୍ ନିକଟରୁ ଜାଣନ୍ତି । ତେଣୁ କବି ତାଚ୍ଛଲ୍ୟ କରି ଲେଖନ୍ତି-

"ଗ୍ଲୋବାଲ୍ ଭିଲେଜ୍ ଆପାର୍ଟମେଣ୍ଟର
ମାର୍ବଲ ମୋଜାଇକ୍ ଥ୍ରି- ଆର ଘର ପାଇଁ
x x x
ତେଣିକି ବନ୍ଧା ପଡ଼ୁ ଦେଶ
ତେଣିକି ଲଗାତର ଫସଲ ହାନିରେ ଋଣ ଶୁଝି ପାରୁ ନଥିବା
କୃଷକ କରୁଥା'ନ୍ତୁ ଆତ୍ମହତ୍ୟା
ସେତିକି ପ୍ରତ୍ୟେକଙ୍କ
ମୁଣ୍ଡ ଉପରେ ଝୁଲୁଥାଉ ଲକ୍ଷ ଲକ୍ଷ ଟଙ୍କା ଋଣର
ଅଦୃଶ୍ୟ କୃପାଣ-ସେଣିକି ।" (ଋଣ)

ବର୍ତ୍ତମାନର ପଙ୍କିଳ ରାଜନୀତି ଭିତରେ ମଣିଷ ଜୀବନ ଦୁର୍ବିଷହ ହୋଇ ପଡ଼ିଛି । ତା' ଠାରେ ହିତାହିତ ଜ୍ଞାନର ଅଭାବ ଦେଖା ଦେଉଛି । ସେ ସ୍ୱାର୍ଥକୈନ୍ଦ୍ରିକ ହୋଇ ବିଳାସିତାର ସ୍ୱପ୍ନ ଦେଖୁଛି । ତା'ଠି ଦେଶ ଜାତିର ଭବିଷ୍ୟତ ସ୍ୱପ୍ନ ଦେଖିବା ଗୌଣ ହୋଇପଡ଼ିଛି, ଯାରି ଭିତରେ ନାରୀ ଆଜି ସବୁଠି ସମାନ ଅଧିକାର ପାଉଛି, କିନ୍ତୁ ନାରୀଟିଏ ପୁରୁଷକୈନ୍ଦ୍ରିକ ସମାଜ ଭିତରୁ ସମ୍ପୂର୍ଣ୍ଣ ମୁକ୍ତ ନୁହେଁ । ସେ ଆଜି ବଜାରର ଏକ ବିଳସିତ ବସ୍ତୁ । ସେ କିଣାବିକା ହୁଏ । ତେଣୁ 'ଭୋଗ୍ୟା' ପରି କବିତାରେ ସୁଚେତା ମିଶ୍ର ଏଇ ନଗ୍ନ ଜଗତର ଦୃଶ୍ୟ ଦେଇଛନ୍ତି ।

"କେଉଁ ଆଡ଼େ ଯାଆନ୍ତି ଏତେ ନାରୀ ପ୍ରତିବର୍ଷ
ସାଇବେରିଆ (?)
x x x
ପ୍ରଥମେ ମପାଯାଏ ତାଙ୍କ ବୟସ
ପରେ ତାଙ୍କ ଛାତି
ଦେଖାଯାଏ ତାଙ୍କର ଚମଡ଼ାର ରଙ୍ଗ
ଆଉ ଦେହର ମସୃଣତା" ଇତ୍ୟାଦି ।

ଜଗତୀକରଣ ବିଶ୍ୱରେ କବି ନାରୀ ଅସ୍ମିତାର ଭୟଙ୍କର ଦୃଶ୍ୟକୁ ଦେଖୁଛନ୍ତି । ନିଚ୍ଛକ ବାସ୍ତବତାକୁ ସ୍ୱଚ୍ଛ କାଗଜ ଦେହରେ ଲିପିବଦ୍ଧ କରି ଦେଉଛନ୍ତି । ଏ ସମୟର ଆଉ ଜଣେ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି ନାରୀବାଦକୁ କେନ୍ଦ୍ର କରି ଅନେକ କବିତା ରଚନା କରିଛନ୍ତି । ତାଙ୍କ କବିତ୍ୱ ସମ୍ପର୍କରେ ମନ୍ତବ୍ୟ ପ୍ରକାଶ କରି କୁମୁଦ ଚନ୍ଦ୍ର ଦାଶ ଲେଖନ୍ତି- "ସ୍ଥିତିବାଦରେ ଯାହାକୁ (Authentic Self) ସଂସିଦ୍ଧି ସତ୍ତା ବୋଲି କୁହାଯାଇଛି, ସେ ତାହାର ମନୋଜ୍ଞ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ତାଙ୍କ କବିତାର ଛତ୍ରେ ଛତ୍ରେ । ଦେହ ଓ ଦେହୋତ୍ତର ଏକ ଅପୂର୍ବ ସମ୍ବନ୍ଧ ସୂତ୍ରରେ ଗ୍ରଥିତ ହୋଇଯାଇଛି । ଜଣେ ନାରୀ ହୋଇ ମଧ୍ୟ ଦେହକୁ ନେଇ ସେ ଯେପରି ଦୁଃସାହସିକ ପ୍ରେମଶୀଳତା'ର ଶକ୍ତ ଓ ଆସକ୍ତ ଆଲେଖ୍ୟ ଅଙ୍କନ କରିଛନ୍ତି, ତାହା ଓଡ଼ିଆ ସାହିତ୍ୟରେ ଅପୂର୍ବ ଅକ୍ଷରଶଃ ଅତୁଳନୀୟ । ବାସ୍ତବତା ତାଙ୍କ କବିତାରେ ଏକ ରହସ୍ୟଧର୍ମୀ ସୂକ୍ଷ୍ମ ସଙ୍କେତ ଗର୍ଭିତ ଆହରଣ କରିଛି ।" (ଓଡ଼ିଆ ସାହିତ୍ୟରେ ବାମାବାଦୀ ଚିନ୍ତନ)

ରୁନୁ ମହାନ୍ତିଙ୍କ 'ବାଜେଝିଅ' ଓ 'ରାଧାନୋଳିଆଣୀ', ସୁଚେତା ମିଶ୍ରଙ୍କ 'ସମ୍ପର୍କ', 'ନାରୀ ବାହାରୁଛି', 'ଦୁଷ୍ଟ ପିଲା', ଗିରିବାଳା ମହାନ୍ତିଙ୍କ 'ସ୍ତ୍ରୀଲୋକ', ସରୋଜିନୀ ଷଡ଼ଙ୍ଗୀଙ୍କ 'ଅଶରୀରୀର ପ୍ରଶ୍ନ', ଶର୍ମିଷ୍ଠା ସାହୁଙ୍କ 'ମିନିର ସିନ୍ଦୂର' ହରିଶ୍ଚନ୍ଦ୍ର ବେହେରାଙ୍କ 'ବାଉଁଶ ରାଣୀ', ବ୍ରହ୍ମାନନ୍ଦ ଦାସଙ୍କ 'କୋଇଲି', ଆଶୁତୋଷ ପରିଡ଼ାଙ୍କ 'କେନ୍ଦ୍ରାପଡ଼ା: ୧୯୮୦' ଆଦି କବିତାରେ ଆମେ ନାରୀ ଅସ୍ମିତାକୁ ଖୋଜି ପାଇବା । ଆଧୁନିକ ନାରୀର ଯନ୍ତ୍ରଣା, ଅବସାଦ, ଅସହାୟତା, ସ୍ଥିତି-ପରିବେଶ ସବୁକୁ ଆମେ ଏଇ କବିତାରେ ଉପଲବ୍ଧ କରି ପାରିବା । ପୁରୁଷ କବିମାନଙ୍କ ଅପେକ୍ଷା ନାରୀ କବିଙ୍କ କବିତାରେ ନାରୀବାଦ ବେଶି ଶକ୍ତ ।

ଓଡ଼ିଆ କବିତାର ଆହୁରି ଅନେକ ଉଦାହରଣ ମିଳି ପାରିବ ଏଇ ଜଗତୀକରଣକୁ ବୁଝିବା ପାଇଁ, କିନ୍ତୁ ପ୍ରବନ୍ଧର ସୀମିତ କଳେବରରେ ଏହା ପ୍ରକାଶ କରିବା ସମ୍ଭବ ନୁହେଁ । କବିତା ପରି ଉପନ୍ୟାସ, ଗଳ୍ପ ଓ ନାଟକରେ ମଧ୍ୟ ଜଗତୀକରଣର ବିଭିନ୍ନ ଚେତନାକୁ ରୂପ ଦିଆଯାଇଛି । ବିଭୂତି ପଟ୍ଟନାୟକଙ୍କ 'ଅଶ୍ୱମେଧର ଘୋଡ଼ା' (୧୯୮୪), ଦାଶରଥି ବଳଙ୍କ 'କାହାଣୀ ଇନ୍ଦ୍ରାବତୀର' (୨୦୦୧), ଗୌରହରି ଦାସଙ୍କ 'ଏଇଠି ଆରମ୍ଭ' (୨୦୦୫), ସରୋଜିନୀ ସାହୁଙ୍କ 'ଗମ୍ଭିରୀ ଘର' (୨୦୦୬), ବିୟତ୍ ପ୍ରଜ୍ଞା ତ୍ରିପାଠୀଙ୍କ 'ମୁଖ୍ୟମନ୍ତ୍ରୀ' (୨୦୧୦), ଆଦିତ୍ୟେଶ୍ୱର ମିଶ୍ରଙ୍କ 'ଧାନ... ଧାନ... ଧାନ..." (୨୦୧୪), ଅଖିଳ ନାୟକଙ୍କ 'ଭେଦ' (୨୦୧୦), ସତ୍ୟପ୍ରିୟ ମହାଳିକଙ୍କ 'କଭରଷ୍ଟୋରୀ', କୃପାସାଗର ସାହୁଙ୍କ 'ଝରାପତ୍ରରେ ଝଡ଼' (୨୦୧୪), ଭବାନୀ ପାଇଯୋଶୀଙ୍କ 'ଘୂର୍ଣ୍ଣି', ରଶ୍ମି ରାଉଳଙ୍କ 'ଏଠି ଗୋଟେ ଗାଁ ଥିଲା' (୨୦୦୩) ଓ ସରୋଜିନୀ ସାହୁଙ୍କ

'ଦାଦନ' (୨୦୧୬) ଆଦି ଉପନ୍ୟାସରେ ଜଗତୀକରଣ ପ୍ରକ୍ରିୟାଜନିତ ବିଭିନ୍ନ ସମସ୍ୟାର ଚିତ୍ର ପାଇପାରିବା ।

ସେହିପରି ଗଳ୍ପ କ୍ଷେତ୍ରରେ ଜଗଦୀଶ ମହାନ୍ତିଙ୍କ 'ଲଭ୍ ଆଟ୍ ଦ ରେଟ୍ ଡଟ୍ ସାଇବର ଡଟ୍ କମ୍', ତରୁଣକାନ୍ତି ମିଶ୍ରଙ୍କ 'ତୁମେ ଯାହା ଦେଖିନାହଁ', ହୃଷୀକେଶ ପଣ୍ଡାଙ୍କ 'ଛଞ୍ଚାଣ'; ବିଜୟ ନାୟକଙ୍କ 'ଚିଠି', ସରୋଜିନୀ ସାହୁଙ୍କ 'ମାୟା', ଦେବବ୍ରତ ମଦନରାୟଙ୍କ 'ଦସ୍ୟୁ', ଚିନ୍ତାମଣି ସାହୁଙ୍କ 'ମଞ୍ଜି'; ସୁପ୍ରିୟା ପଣ୍ଡାଙ୍କ 'ନିର୍ବାଣ', ପବିତ୍ର ପାଣିଗ୍ରାହୀଙ୍କ 'ସ୍ୱର୍ଗସ୍ୱପ୍ନ' ଆଦି ଗଳ୍ପ ଏବଂ ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କର 'ଅରଣ୍ୟର ଅଶ୍ରୁ' (୨୦୦୪), ସୁବୋଧ ପଟ୍ଟନାୟକଙ୍କର 'ଧୂଆଁ' (୨୦୦୫), ଅପରାହ୍ଣର ଅବସୋସ, ବିଜୟ ଶତପଥୀଙ୍କର 'କୋକୁଆ' (୨୦୧୨) ଆଦି ନାଟକରେ ଆମେ ଜଗତୀକରଣର ବିଭିନ୍ନ ଦିଗକୁ ଲକ୍ଷ୍ୟ କରିପାରିବା । ଏପରିକି ସୌରିବନ୍ଧୁ କର, ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସ, କିଶନ୍ ପଟ୍ଟନାୟକ, ବାସୁଦେବ ସାହୁ, ଡ. ଗୌରାଙ୍ଗ ଚରଣ ଦାଶ, ପ୍ର. ବୈଦ୍ୟନାଥ ମିଶ୍ର ପ୍ରମୁଖ ସ୍ୱୀୟ ପ୍ରବନ୍ଧ ଜଗତୀକରଣ ସମ୍ପର୍କରେ ତତ୍ତ୍ୱପୂର୍ଣ୍ଣ ଓ ବିଚାରବନ୍ତ ମନ୍ତବ୍ୟ ପ୍ରଦାନ କରିଛନ୍ତି ।

କୌଣସି ଆଲୋଚନା-ସମାଲୋଚନାର ଉପସଂହାର ଦେବା ବଡ଼ କଠିନ । କାରଣ କୌଣସି ପ୍ରସଙ୍ଗର ନିର୍ଦ୍ଦିଷ୍ଟ କୌଣସି ଅନ୍ତ ନ ଥାଏ । ଜଗତୀକରଣର ପ୍ରଲମ୍ବିତ ପ୍ରକ୍ରିୟା ଭିତରେ ସାହିତ୍ୟ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି । କବି ଲେଖକମାନେ ନିଜସ୍ୱ ଦୃଷ୍ଟିଭଙ୍ଗୀରେ ସାହିତ୍ୟ ସର୍ଜନା କରିଛନ୍ତି । ପ୍ରତ୍ୟକ୍ଷ ହେଉ ଅବା ପରୋକ୍ଷରେ ସ୍ରଷ୍ଟା ଜଗତୀକରଣ ଦ୍ୱାରା ପ୍ରଭାବିତ ନିଶ୍ଚୟ । ନଚେତ୍ ଏଭଳି ସଚେତନମୂଳକ ସାହିତ୍ୟ ସର୍ଜନା ସମ୍ଭବ ନୁହେଁ, ମୋଟାମୋଟି ଭାବେ ଦେଖିବାକୁ ଗଲେ ଓଡ଼ିଆ ସାହିତ୍ୟରେ ଜଗତୀକରଣର ପ୍ରାୟ ଦିଗକୁ ସ୍ପର୍ଶ କରି ସୃଷ୍ଟି ସର୍ଜନା ସମ୍ଭବ ହୋଇପାରିଛି । ଏହି ଚେତନା ଓଡ଼ିଆ ସାହିତ୍ୟକୁ ହଠାତ୍ ଆସି ନାହିଁ; ସମୟ କ୍ରମେ ଧୀରେ ଧୀରେ ଏହାର ଅନୁପ୍ରବେଶ ଘଟିଛି ଏବଂ ବିଂଶ ଶତାବ୍ଦୀର ଶେଷ ଦଶକରେ କବିମାନେ ବିଶେଷ ପ୍ରଭାବିତ ହୋଇଛନ୍ତି । ଏକବିଂଶ ଶତାବ୍ଦୀରେ ଆହୁରି ସଚେତନ ହୋଇଛନ୍ତି ଏବଂ ବିଭିନ୍ନ ଦୃଷ୍ଟିକୋଣକୁ ଆଖି ଆଗରେ ରଖି ଏ ଧରଣର ସୃଷ୍ଟିକୁ ସଫଳତା ଦିଗରେ ଆଗେଇ ନେଇଛନ୍ତି । ଚଳିତ ଶତାବ୍ଦୀର ପ୍ରଥମ ଦଶକର ଶେଷାର୍ଦ୍ଧରେ ହିଁ ଏ ସମ୍ପର୍କିତ ଆଲୋଚନା ମୁଣ୍ଡ ଟେକିଥିଲା । ବିଭିନ୍ନ ଦୃଷ୍ଟିକୋଣକୁ ନେଇ ଆଲୋଚକମାନେ ପ୍ରବନ୍ଧ ଏବଂ ସାହିତ୍ୟ ଆଲୋଚନାରେ ମନ ବଳାଇଥିଲେ । ■■■

ବଅଁରପାଳ, ଅନୁଗୋଳ-୭୫୯୧୨୮
ଦୂରଭାଷ : ୭୩୭୭୪୪୯୬୫୪

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମାନସ ସନ୍ତାନ 'ସମାଜ' ତାଙ୍କ ପ୍ରଦର୍ଶିତ ମାର୍ଗରେ ଆଗକୁ ମାଡି ଚାଲିବା ସହିତ ଓଡ଼ିଶାର ଜନଗଣଙ୍କ ସ୍ୱର ପାଲଟିଛି । ତାଙ୍କ ସ୍ୱପ୍ନର ଅନ୍ୟତମ ସ୍ୱାକ୍ଷର 'ସତ୍ୟବାଦୀ' ଆଜି ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ପାଣିପବନର ବାର୍ତ୍ତାବହ ହୋଇପାରିଛି । ମୁଁ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ 'ସତ୍ୟବାଦୀ' ପତ୍ରିକା ଓ 'ସମାଜ' ସମ୍ବାଦପତ୍ରର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ଧ୍ରୁବ ସାହୁ
ବିଧାୟକ, ରାଜନଗର

ଓଡିଶାର ସର୍ବପୁରାତନ ସମ୍ବାଦପତ୍ର 'ସମାଜ' ଓ ସାହିତ୍ୟ ପତ୍ରିକା 'ସତ୍ୟବାଦୀ' ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଅଭୁଲା ସ୍ମୃତିକୁ ଆଧାର କରି ଆଗେଇ ଚାଲିଛି । ଏଇ ଅବସରରେ ମୁଁ 'ସମାଜ' ଓ 'ସତ୍ୟବାଦୀ' ପତ୍ରିକାର ସଫଳତା କାମନା କରୁଛି । ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ କେନ୍ଦ୍ରାପଡା ଜିଲ୍ଲାର ଗ୍ରାହକମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ଶାରଦା ପ୍ରସାଦ ମହାନ୍ତି (ଦେବୁ)

ଲିଙ୍ଗରାଜ ଗ୍ରାନାଇଟ୍, ପଟ୍ଟାମୁଣ୍ଡାଇ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମାନସ ସନ୍ତାନ 'ସମାଜ' ତାଙ୍କ ପ୍ରଦର୍ଶିତ ମାର୍ଗରେ ଆଗକୁ ମାଡି ଚାଲିବା ସହିତ ଓଡିଶାର ଜନଗଣଙ୍କ ସ୍ୱର ପାଲଟିଛି । ତାଙ୍କ ସ୍ୱପ୍ନର ଅନ୍ୟତମ ସ୍ୱାକ୍ଷର 'ସତ୍ୟବାଦୀ' ଆଜି ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ପାଣିପବନର ବାର୍ତ୍ତାବହ ହୋଇପାରିଛି । ମୁଁ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ସତ୍ୟବାଦୀ ପତ୍ରିକା ଓ 'ସମାଜ' ସମ୍ବାଦପତ୍ରର ଉତ୍ତୋରତ୍ତର ଉନ୍ନତି କାମନା କରୁଛି । ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ କେନ୍ଦ୍ରାପଡା ଜିଲ୍ଲାବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ଅଶୋକ ଧଳ

ପଟ୍ଟାମୁଣ୍ଡାଇ ନଗର ଯୁବ ବିଜେଡ଼ି ସଭାପତି

କବିତା

ବିଭାଗ

ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର 'ସମାଜ' ଓ ସାହିତ୍ୟ ପତ୍ରିକା 'ସତ୍ୟବାଦୀ' ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଅଭୁଲା ସ୍ମୃତିକୁ ଆଧାର କରି ଆଗେଇ ଚାଲିଛି । ଏଇ ଅବସରରେ ମୁଁ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ 'ସମାଜ' ଓ 'ସତ୍ୟବାଦୀ' ପତ୍ରିକାର ସଫଳତା କାମନା କରୁଛି । ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ପଟ୍ଟାମୁଣ୍ଡାଇର ସମସ୍ତ ବ୍ୟାଙ୍କ ଗ୍ରାହକମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ସୁଧାଂଶୁ ଶେଖର ଦାଶ

ମୁଖ୍ୟ ପରିଚାଳକ, ବ୍ୟାଙ୍କ ଅଫ ବରୋଦା, ପଟ୍ଟାମୁଣ୍ଡାଇ ଶାଖା

'ସମାଜ' ଏବଂ 'ସତ୍ୟବାଦୀ' ଓଡ଼ିଶା ସମ୍ବାଦପତ୍ର ଓ ସାହିତ୍ୟ ସଂସ୍କୃତି ଜଗତର ଉଜ୍ଜ୍ୱଳ ତାରକା । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ 'ସମାଜ' ଓ 'ସତ୍ୟବାଦୀ' ସମାଜ ପାଇଁ ସମର୍ପିତ ମନୋଭାବ ନେଇ କାମ କରୁଛି । ଏଇ ଅବସରରେ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ମୁଁ 'ସତ୍ୟବାଦୀ'ର ସଫଳତା କାମନା କରୁଛି ଓ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ପଟ୍ଟାମୁଣ୍ଡାଇର ସମସ୍ତ ଚାଷୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛି ।

ପ୍ରୋ–ଜ୍ୟୋତିରଞ୍ଜନ ସାହୁ (ନିଲୁ)

କୃଷି ପ୍ରତିଷ୍ଠାନ, ତହସିଲ ରୋଡ, ପଟ୍ଟାମୁଣ୍ଡାଇ



ହରିହର ମିଶ୍ର

କବି, ନାଟ୍ୟକାର ଓ ଜଗନ୍ନାଥ ସଂସ୍କୃତିର ପ୍ରବକ୍ତା । 'ଶଙ୍ଖନାଭି', 'ଚାହାଣି ମଣ୍ଡପ', 'ଭିତିରି ଚନ୍ଦନ' (କବିତା ଓ 'ନିନ୍ଦିତ ଗଜପତି' (ନାଟକ) ପୁସ୍ତକର ରଚୟିତା । ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆଦି ପୁରସ୍କାର ଓ ସମ୍ମାନର ଅଧିକାରୀ ।

ସୁପ୍ତଶିଶୁ ଦେଖେ ଯହିଁ ସରଗ ସପନ

ଗର୍ଭମୁକ୍ତ ହେଲା ପରେ ଶୋଇ ପଡ଼ିଥିବା ଶିଶୁଟି
ହସେ କେଉଁ ସରଗର ତାରାଟିକୁ ଦେଖି
ଆଉ କାନ୍ଦେ ବି ସେ, ସ୍ୱପନରେ
ସଂସାରକୁ ଦେଖ ଏକ ଅଜଣା ଭୟରେ ।

ଭୋକ ଶୋଷର ଏ ଦୁନିଆକୁ
ବୁଝିବା ଆଗରୁ ଶିଶୁଟିର ପାଟିରେ
ମାଆ ତା'ର ସ୍ତନଟି ଗୁଞ୍ଜିଦିଏ ।
ଶିଶୁ ପୁଣି ଶୋଇପଡ଼େ
ତାରାଟିର ଆଲୁଅରେ ସେ ଯାହା ଦେଖେ
ତା'ର ମନେହୁଏ ସେଇଠି ଥିଲା ସେ
ଯେଉଠିଁ ସତ୍ୟର ସୂରୁଜଟି ସୁବର୍ଣ୍ଣ ଉଆସରେ
ତା'ର ଚଲାବୁଲା କରେ ।

ସ୍ୱପ୍ନ ଭାଙ୍ଗିଗଲେ ପୁଣି କାନ୍ଦି ଉଠେ ଶିଶୁଟି
ସେ ଦେବଶିଶୁ ସଂସାରକୁ କ୍ରମେ ସାମ୍ନା କରେ
ଏଠି ସଂଗ୍ରାମ କରିବାକୁ ପଡ଼େ ।

ଉଲଗ୍ନ ଶିଶୁଟି ପାଇଁ ଦର୍କାର ବସନ, ବାସ, ଆହାର
ଓ ତା'ର ଲାଳନ ପାଳନ ।
ଆତ୍ମନିର୍ଭର ହୋଇ ବଞ୍ଚିବାର ଯାହା ପାଥେୟ
ତା' ନ ପାଇଲେ ବଜ୍ରମୁଷ୍ଟି ଉତ୍ତୋଳନ କରେ
ଏକତ୍ର ହୁଏ ସ୍ରୋତରେ, ପଟୁଆରରେ ।

ଧୀରେ ସେ ଅଭାବ ଭୁଲିଯାଏ
ଆନମନା ହୋଇଯାଏ ତାରାଟିର ଇସାରାରେ ।
ସେ ତା'କୁ ସ୍ୱପ୍ନ ଦେଖାଏ ସରଗପୁରୀର
ଓ ସେ ସପନ ପରୀର ଡେଣାରେ
ଉଡ଼ିଯାଏ ସୁନାର ସେ ଉଆସକୁ ।
ମନେହୁଏ, ଫେରିଯାଇଛି ସେଠାକୁ
ଆସିଛି ଯେଉଁଠୁ ।
ବହୁ ଅପ୍ସରା ଓ ଉର୍ବଶୀ ମେଳରେ
ତାରାଟିକୁ ଭୁଲିବାର ଆଶଙ୍କାରେ
ଚେତାଇ ଦିଏ ସେ ଗୋଟିକ ତାରା ତା'କୁ
ଯାହାକୁ ସେ ପାଇଲା ଏ ମାଟିରେ
ଜନ୍ମ ହେଲା ପରେ ।

ସେ ସାର୍ଥକ କରିଛି ତା'ର ଜୀବନକୁ
ଯଦ୍ୱାରା ସୃଜନ ଧର୍ମରେ ସେ ଉଦ୍ଦେଶ୍ୟ
ପୂରଣ କରେ ଈଶ୍ୱରଙ୍କର,
ଅବ୍ୟାହତ ରଖିବାକୁ
ସେ ବିକାଶ ଧାରା ସୃଷ୍ଟିକର୍ତ୍ତାଙ୍କର ।
ବହୁଦିନ ପରେ ସେ ଦେଖିପାରେ ଧ୍ରୁବତାରାଟିକୁ
ସେ ଦିଗ ନିର୍ଦ୍ଦେଶ କରେ ସତ୍ୟପଥକୁ
ପଥଭ୍ରଷ୍ଟ ଜାହାଜର ।

■■■

ମାର୍କଣ୍ଡେଶ୍ୱର ସାହି, ଛ'ଭାଗ, ପୁରୀ
ଦୂରଭାଷ : ୯୪୩୮୫୩୨୦୫୫

ହରପ୍ରସାଦ ଦାସ

ଅଗ୍ରଗାମୀ ଓଡ଼ିଆ କବି ଓ ଚିନ୍ତକ। ଭାରତୀୟ କବିତାରେ ସମକାଳୀନ ଆଧୁନିକତାର ଅନ୍ୟତମ ଉଦ୍‌ଗାତା ତଥା ଓଡ଼ିଆ ଜାତିର ଭାଷ୍ୟକାର।

ମା'

ସେ କହିଲା : ମୋ ପୁଅ ହୋଇ ଜନ୍ମ ହେବୁ, ତତେ ପେଟରେ ଧରିବି, ପାଳି ପୋଷି ବଡ଼ କରିବି, ସହିବି ତୋର କୁନିହାତର ବିଧା ଗୋଇଠା ନଖ ଆମ୍ପୁଡ଼ା, ତୋର ଦୁଧଦାନ୍ତର
କାମୁଡ଼ା, ତୋର ଅଳି, ଅଦଉତି,
କଥା ଦେ, ଆସିବୁ, ମୋ ପୁଅ ହେଇ ଆସିବୁ ଆର ଜନ୍ମରେ !

ଲୁହଲାଳ ଏକାଠି କରି
ସ୍ୱର ଫିଟୁ ନ ଥିବା ଗଳାରେ
ସେ ଶେଷଥର ପାଇଁ କହିଲା : କଥା ଦେ'
ଦେଲି : କହିଲା ତା'ର ପ୍ରେମିକ

ପ୍ରେମିକ ବୁଝି ପାରୁନଥିଲା ଏ କ'ଣ ସବୁ ଘଟିଗଲା, ବା ଘଟିଯାଉଚି, ଏ ହୁଣ୍ଡୀ ଏମିତି ନାକକାନ୍ଦୁରି ନ ଥିଲା ତ,
ଆରେ ଏ ଆରଜନ୍ମ କଥା କୋଉଠୁ ଆସିଲା,
ଯା ମୁଣ୍ଡରେ କିଏ ପୂରେଇଲା ଏଗୁଡ଼ା ?,

ସନ୍ଧ୍ୟାର ଶ୍ୟାମଚନ୍ଦ୍ରିକାରେ କିଏ ଯେମିତି ତା'କୁ ସାଉଁଳେଇ ଦେଇ ଯାଉଚି ଥରକୁ ଥର,
ଥରକୁ ଥର ପବନ ଉଠେଇ ନଉନଉ
ଲୁହାଠୁ ଭାରି ହେଇ ଯାଉଚି
ଅକାଳରେ ଝଡ଼ି ପଡ଼ିଥିବା କଞ୍ଚା ପତ୍ରଟିଏ,

ସତେକି ମଞ୍ଜି ଦେଇ ଚହଟି ଯାଉଚି ଅନ୍ଧାରର
ଧାରୁଆ ଛୁରୀ,
ଦେହ ଏଠି, ରକ୍ତପାତ ପଶ୍ଚିମ ଆକାଶରେ

ଏ ଭିତରେ
ମହାଦେବଙ୍କ ପବିତ୍ର ଷଣ୍ଢ ଅତିକ୍ରମ କଲାଣି
ମକା ପୋଡ଼ିବା ପାଇଁ ଡହକି ଉଠୁଥିବା ରାସ୍ତାକଡ଼ର
ଖୋଲା ଉହ୍ନେଇ
ପୋଡ଼ି ଉଠୁଚି ଆଖି,କାନ୍ଦକୁ କାନ୍ଦରେ
ଭେଟି ନ ପାରିବାର ଧୂଆଁରେ !

ମା'
କିଏ ବୁଝେଇବ ତୋ' ପ୍ରେମିକକୁ ଯେ
ସହସ୍ର ପ୍ରେମିକା ମଲା ପରେ ଜନ୍ମ ହୁଏ ଗୋଟେ ମା'
ସହସ୍ର ପ୍ରେମିକ ମଲା ପରେ ବି ଜନ୍ମ ହୁଏ
ଯୋଉ ପ୍ରେମିକକୁ ସେଇ ପ୍ରେମିକ
ଆଗଠାରୁ ଆଉ ଟିକେ ଅଯୋଗ୍ୟ,
ବୋଧହୁଏ ଆଉ ଟିକିଏ ବୋକା !

■■■

ବାଗାର୍ଥ, ଏନ୍-୨/୨୩, ଆଇ.ଆର୍.ସି. ଭିଲେଜ୍
ଭୁବନେଶ୍ୱର-୧୫
ଦୂରଭାଷ : ୯୪୩୭୦୩୯୮୫୮

ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନ

ଖ୍ୟାତନାମା କବି, ନାଟ୍ୟକାର, ସମାଲୋଚକ, ସ୍ତମ୍ଭକାର ଏବଂ ଅନୁବାଦକ । ପଚାଶରୁ ଊର୍ଦ୍ଧ୍ୱ ପୁସ୍ତକର ରଚୟିତା । କବିତା, ନାଟକ ଓ ସମାଲୋଚନା– ପ୍ରତ୍ୟେକ କ୍ଷେତ୍ରରେ ସ୍ୱକୀୟ ପଦଚିହ୍ନ ଆଙ୍କିଛନ୍ତି । ସାରଳା ମହାଭାରତ ହିନ୍ଦୀ ସଂସ୍କରଣର ଯୁଗ୍ମ ଅନୁବାଦକ ।

ଚାଷୀର ଦଦରା କାନ୍ଥ ଓ ନିର୍ବାକ୍ ଈଶ୍ୱର

ଗରିବ ଚାଷୀଟିର ଘରର ଦଦରା କାନ୍ଥ ଉପରେ
ବସି ରହିଥା'ନ୍ତି ଈଶ୍ୱର ।
ଚାଷୀଟି ତାଙ୍କୁ ଦେଖେ ନିତି ଭୋର୍ ବେଳେ
ମନକୁ ମନ ହାତ ଦି'ଟା ଯୋଡ଼ି ହୋଇ
ଉପରକୁ ଉଠିଯାଏ ।
ବାପ ଅମଳର ଅଭ୍ୟାସ ।
ଓଲାରି ହୋଇ ଯାଇଥିବା ଚାଳ-ଛପର କଣାରେ
ଖରାଦିନେ ସୂର୍ଯ୍ୟଦେବଙ୍କ ଧାରୁଆ ତୀର,
ଧାରା ଶ୍ରାବଣରେ ଘରର ଚଟାଣରେ ବଢ଼ି ସୁଅ
କାଦୁଅରେ ଲଟପଟ ଦିନରାତି;
ଶୀତର କନକନିଆ ହେମାଳ ପବନରେ ମଞ୍ଜି ଥରେ
ନିଦରେ ଘଡ଼ିଏ ଶୋଇଯିବା
ସାତସପନ ।
ସବୁକାଳେ ତ ଅଧାପେଟର ଜ୍ୱାଳା
ଖରା କ'ଣ, ବର୍ଷା କ'ଣ, ଶୀତ କ'ଣ
ସବୁ ସେଇ ଦିନରାତି କରୁଥିବା ଈଶ୍ୱରଙ୍କ ଇଚ୍ଛା କହି
ହାତ ଯୋଡ଼ିଦିଏ ଚାଷୀଟି ।
ଧାନ ବୁଣିବାର କେତେଟା ଦିନ ପରେ
ସବୁଜ ଛନଛନ ଧାନଗଛ ହସାଉଥାଏ କ୍ଷେତକୁ
ଆଖି ପୂରିଗଲା ଚାଷୀର
ଉପରକୁ ହାତଯୋଡ଼ି ଗାଇ ଉଠିଲା-
'ଈଶ୍ୱର ଦୟା ଆହା କିବା ଉଦାର' ।
ଧାନ ଗଛ ଉପରକୁ ହାତ ଟେକି ବଢ଼ି ଚାଲିଲା
ଲମ୍ବାଲମ୍ବା ଧାନ ଶିଷାରେ ଭର୍ତ୍ତି ହୋଇଗଲା କ୍ଷୀର ।
ଆକାଶ ଦିଶୁଚି କେଡ଼େ ଉଜ୍ଜ୍ୱଳ
ଦେହ ଉଲୁସୁଚି ଧୀର ଧୀର ଶୀତୁଆ ପବନରେ ।
ପ୍ରଥମେ ପ୍ରଥମେ ତ ଜାଣି, ହେଲା ନାହିଁ କିଛି
ଦିନେ ଦେଖିଲାବେଳକୁ ବିଲସାରା
ଧାନଗଛ ସାରା ବେଢ଼ି ଯାଇଛନ୍ତି ମାଟିଆ ଗୁଣ୍ଡିପୋକ
ଶିଷାରୁ ଶୋଷି ନେଉଛନ୍ତି ରକ୍ତ ରସ
ହଳଦିଆ ପଡ଼ିଯାଉଚି ଧାନପତ୍ର;
ଚକଡ଼ା ଚକଡ଼ା କଳାଦାଗ ।
ଚାଷୀର ଆଖିରୁ ଝରିଲା ଧାରଧାର ଲୁହ
କାକୁତି ମିନତି ହୋଇ ଡାକିଲା ଦଶ ଦିଗପାଳଙ୍କୁ
ଈଶ୍ୱର ଦେଖା ଦେଲେ ନାହିଁ
ଶୂନ୍ୟରେ ଥାଇ କଥା ପଦେ ବି କହିଲେ ନାହିଁ ।
ଆଗରୁ ତ ଦେଖିଛି କେତେ କେତେ ଅକାଳ
ପ୍ରବଳ ବୃଷ୍ଟିରେ ଭାସିଯାଇଚି ଠିଆ ଫସଲ କ୍ଷେତ ତ
କେତେବେଳେ ବୃଷ୍ଟି ଅଭାବରେ
ଶୁଖିଯାଇଛି ଧାନମୂଳ, ଜମି ଫାଟି ଆଁ
କେବେ ବା ପ୍ରବଳ ବାତ୍ୟାରେ ଧ୍ୱଂସର ତାଣ୍ଡବ ।
ଏଥର ବି ବଞ୍ଚି ପାରିଲାନି ଚାଷୀଟି
ବାଉଁଶ କୁମ୍ଭ ପରି ବଢ଼ି ଚାଲିଥିବା ଆଶା
ଶ୍ମଶାନ ପାଲଟିଗଲା ।
ମରଣ ଦଶା ପାଲଟିଗଲା ଅତର୍କିତ ଭାବେ
'ସବୁ ମଣିଷର ଭାଗ୍ୟ, କ'ଣ କରିବେ ଈଶ୍ୱର?' କହି
ଯୋଡ଼ି ହୋଇଥିବା ହାତକୁ ଟେକିଦେଲା ଉପରକୁ ।
ଚାଷୀଟି କିନ୍ତୁ ପୂର୍ବ ପରି ଭୋର୍‌ବେଳେ
ଈଶ୍ୱରଙ୍କୁ ଦେଖେ ଫଟା କାନ୍ଥ ଉପରେ
ସେ ନୀରବ, ନିଶ୍ଚଳ, ବାକ୍‌ହୀନ ।
ଦି' ହାତକୁ ଯୋଡ଼ି କପାଳରେ ଲଗାଏ ଚାଷୀ
ଦିନ ଦିନ, ପ୍ରତିଦିନ ।

■■■

'ଏକାମ୍ର ମାଲ୍ୟବନ୍ତ'
୧୬୮/କେ-୩, କଳିଙ୍ଗ ନଗର
ଭୁବନେଶ୍ୱର-୭୫୧୦୨୯

ଅମରେଶ ପଟ୍ଟନାୟକ

ପ୍ରଗତିଶୀଳ କାବ୍ୟ ଚେତନାର ଅଗ୍ରଦୂତ । 'ମନରୁ ମନକୁ', 'ଘଟଘଟାନ୍ତର', 'ଅବୁଦ୍ଧ ଗରୁଡ଼' ଆଦି କବିତା ସଂକଳନର ସ୍ରଷ୍ଟା । ଅନୁବାଦକ ଭାବେ ମଧ ଖ୍ୟାତି ରହିଛି । କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଆଦି ସମ୍ମାନରେ ବିମଣ୍ଡିତ ।

ବିଲଗ୍ନ... ବିମଗ୍ନ...!

॥ ୧ ॥

ପରସ୍ତ ପରସ୍ତ
ଆଶ୍ଚର୍ଯ୍ୟଚକିତ ପୋଷାକିତ
ଆବରଣ, ଆସ୍ତରଣ :
ଅଭ୍ୟନ୍ତରରୁ
ଯଦି କଣିକାଏ କିରଣ
ଉଦ୍ଭାସିତ ପରିବେଶ-
ରୂପାନ୍ତରିତ ପ୍ରାଣ !

॥ ୨ ॥

ପଥର
କାଠ
ଧାତୁ
ନିହାଣ ମୁଗୁର
ମର୍ମର ମର୍ମରିତ
ମୂର୍ତ୍ତି !
ଦୀପ୍ତି, ଦ୍ୟୁତି
ଅକ୍ଷୟ ଅମ୍ଳାନ କୃତୀ...
ଅକଳ୍ପିତ କଳ୍ପନାର କୀର୍ତ୍ତି
ଧର୍ମ କ'ଣ ଗୋତ୍ର କ'ଣ ଜାତି !

॥ ୩ ॥

ଅରଣ୍ୟ, ପର୍ବତ, ଟାଙ୍ଗର, ନିର୍ଝର, ନଦୀ
ଅବାଟକୁ ବାଟରୁ ବସତି
ବ୍ୟାପ୍ତି ବିସ୍ତୃତି
ପତନ, ଉତ୍‌ଥାନ
ସିଦ୍ଧି, ପ୍ରସିଦ୍ଧି, ସମୃଦ୍ଧି ।

॥ ୪ ॥

ବିଚିତ୍ର, ବିବିଧ, ଅବୋଧ ବିରୋଧାଭାସର ସ୍ଥିତି
ନିଃସ୍ୱାର୍ଥ, ନିର୍ବାଧ, ସୁଲଭ ଅଥଚ ଅଲଭ୍ୟ
ଶିକ୍ଷା, ସ୍ୱାସ୍ଥ୍ୟ, ଆଚ୍ଛାଦନ ଅନ୍ନ !
ସଙ୍ଘାତ, ସଙ୍ଘର୍ଷ ସମଗ୍ର ଜୀବନ !

॥ ୫ ॥

ଅନାଦି, ଅନନ୍ତ
ବହିବାର ବହି ଚାଲେ ଚାଲିଥାଏ
ଭାସୁଥାଏ, ବୁଡୁଥାଏ, ଉଡୁଥାଏ
ଶୂନ୍ୟ, ମହାଶୂନ୍ୟ ଚନ୍ଦ୍ରଯାନ ଚନ୍ଦ୍ରାୟନ
ଚନ୍ଦ୍ରମଣ୍ଡଳ ବାସସ୍ଥାନ ପର୍ଯ୍ୟନ୍ତ
ଆପାତତଃ !

॥ ୬ ॥

ଆଃ ! ପରସ୍ତ ପରସ୍ତ
ଅଧ୍ୟାତ୍ମ, ଦର୍ଶନ, ବିଜ୍ଞାନ ଜ୍ଞାନ
ଚିତ୍ତ, ଚୈତନ୍ୟ ପ୍ରାକ୍ ପ୍ରୟୋଜନ
ଉଲଗ୍ନ ଉନ୍ମୋଚନ ରୂପାୟନ
ଯଦି ଉତ୍ତରିତ ଉତ୍ତରଣ ବିଶ୍ୱାୟନ
ବସୁଧା କୁଟୁମ୍ବ ହୁଏତ ଭବିଷ୍ୟତ !

■■■

ବାରିକ ସାହି, ଶଙ୍କରପୁର, କଟକ
ଦୂରଭାଷ : ୯୪୩୭୦୪୬୧୯୫

ଫନୀ ମହାନ୍ତି

'ପ୍ରିୟତମା' ଓ 'ମୃଗୟା' କବିତା ପୁସ୍ତକର ସ୍ରଷ୍ଟା ଭାବେ ସୁଖ୍ୟାତ । ଓଡ଼ିଶା ସାହିତ୍ୟ ଏକାଡେମୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ସମେତ ଭାନୁଜୀ ରାଓ କବିତା ପୁରସ୍କାର, ସଂସ୍କୃତି ସମ୍ମାନ, ସଚ୍ଚି ରାଉତରାୟ କବିତା ସମ୍ମାନ, ପଠାଣିସାମନ୍ତ କବିତା ପୁରସ୍କାର ଇତ୍ୟାଦି ପ୍ରାପ୍ତ ।

କୋଉଠି, କୋଉଠି ଅଛ ?

ତାରକା ଖଚିତ ଅକ୍ଷରମାଳାରେ କୋଉ
କୁଶଳୀ ଚିତ୍ରକର ସଜେଇ ଦେଇଯାଇଚି
ପ୍ରାଚୀନତମ ଅଥର୍ବ ନିଶ୍ଚୁପ ଆକାଶକୁ

ଅଦୃଶ୍ୟର ଇଙ୍ଗିତରେ କୋଉ ମନ୍ୱନ୍ତରରୁ
ତମେ ଯାଇଚ ଯେ ଯାଇଛ
ଏମିତି ଏକ ଆକାଶଲୋକକୁ
ଯେଉଁଠୁ ତମର କିଛି
ସ୍ୱର ଶବ୍ଦ ନାହିଁ, ତମ ଥିବା ନ ଥିବାର
ଖୋଜ ଖବର ନାହିଁ,

କୋଉଠି, କୋଉଠି ଅଛ ମାନମୟୀ
ଆଦରିଣୀ ଦ୍ରାକ୍ଷା, ଦ୍ରାକ୍ଷା ମୋର!
ଅଛ କି, ଇନ୍ଦ୍ରିୟ ବା ଇନ୍ଦ୍ରିୟେତର
କେଉଁ ରାଜ୍ୟର ମଧ୍ୟସ୍ୱର୍ଗରେ ?
ଅଛ କି, କୃଷ୍ଣପକ୍ଷର ଝିଲିମିଲି
ଅନୁଜ୍ଜ୍ୱଳ ଆଲୋକମାଳାରେ ?
ନୀଳ ନୀଳାଭ ନିବାଡ଼ ନଈର ସ୍ୱର୍ଣ୍ଣାଭ
ବର୍ଣ୍ଣାଳୀରେ ନା, ନିଶ୍ଚଳ ନିଶ୍ଚିତ ଅନାବିଷ୍କୃତ
ଗ୍ରହର ସାନ୍ଦ୍ର ନିରବତାରେ ନା ଭିଣା
ତୁଳା ପରି ଭାସମାନ ବନ୍ଧ୍ୟା ମେଘମାଳାରେ
କି, ମହାଶୂନ୍ୟର ମହାକାୟ ହୀରକ ପୁରରେ
କୋଉଠି, କୋଉଠି ଅଛ ଅଦୃଶ୍ୟ
ପୋଷାକ ପିନ୍ଧି ମାନମୟୀ ଦ୍ରାକ୍ଷା
ଦ୍ରାକ୍ଷା ମୋର,
ଦ୍ରାକ୍ଷା, ତମେ ଅଛକି ଗୁରୁଗୁରୁ
କଳା ଘୁମର ମେଘିଳ ରାତିର ନିର୍ଧୁନିତ
ସୁରରେ ଝୁଣ୍ଣୁଝୁଣ୍ଣୁ ବିଭଙ୍ଗ ଗୀଟାରର
ରୁଦ୍ର ରାଗ ରାଗିଣୀରେ
ଘରବାହୁଡ଼ା ପ୍ରବାସୀ ପକ୍ଷୀପଲଙ୍କ
ଛନ୍ଦହୀନ କଳକଳ କୂଜନରେ କି
ଅନନ୍ତ ମଧୁରିମାର ମଧୁର ଆନନ୍ଦାଶ୍ରୁରେ
କୋଉଠି, କୋଉଠି ଅଛ ସୌଭାଗ୍ୟମୟୀ
ଦ୍ରାକ୍ଷା, ଦ୍ରାକ୍ଷା ମୋର
ତମ ବିନା କିଛି ଏଠି ମୋର ଅଧାଅଧା,
ପାନୀୟ ଅଧା, ପାନପାତ୍ର ବି ଅଧା
ବିରହ ଅଧା, ମିଳନ ବି ଅଧା
ଭୋଗ ଅଧା, ବୈରାଗ୍ୟ ବି ଅଧା
ନିର୍ବାଣ ଅଧା, ବନ୍ଧନ ବି ଅଧା
ଜୀବନ ଅଧା, ମରଣ ବି ଅଧା
ସବୁ ଅଧା, ଚୈତନ୍ୟମୟୀ ଦ୍ରାକ୍ଷା
ଦ୍ରାକ୍ଷା ମୋର, କେଉଁଠି ଅଛ?

■■■

ପୁଷ୍ପଧନୁ, ବମିଖାଲ, ଭୁବନେଶ୍ୱର-୭୫୧୦୧୦
ଦୂରଭାଷ : ୯୯୩୭୯୬୧୮୭୮

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମାନସ ସନ୍ତାନ 'ସମାଜ' ତାଙ୍କ ପ୍ରଦର୍ଶିତ ମାର୍ଗରେ ଆଗକୁ ମାଡି ଚାଲିବା ସହିତ ଓଡିଶାର ଜନଗଣଙ୍କ ସ୍ୱର ପାଲଟିଛି ଓ ତାଙ୍କ ସ୍ୱପ୍ନର ଅନ୍ୟତମ ସ୍ୱାକ୍ଷର 'ସତ୍ୟବାଦୀ' ଆଜି ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ପାଣିପବନର ବାର୍ତ୍ତାବହ ହୋଇପାରିଛି । ମୁଁ ଏଇ ଅବସରରେ 'ସତ୍ୟବାଦୀ' ପତ୍ରିକା ଓ 'ସମାଜ' ସମ୍ବାଦପତ୍ରର ଉତ୍ତୋରତ୍ତର ଉନ୍ନତି କାମନା କରୁଛି ଓ ଶାରଦୀୟ ଦୂର୍ଗାପୂଜା ଉପଲକ୍ଷେ ପଟ୍ଟାମୁଣ୍ଡାଇବାସୀଙ୍କ ଜୀବନ ସୁଖମୟ ହେଉ ।

ପଂଚାନନ ନାୟକ

ତହସିଲଦାର, ପଟ୍ଟାମୁଣ୍ଡାଇ

ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଲବ୍ଧ ପ୍ରତିଷ୍ଠିତ 'ସମାଜ'ର ୧୦୫ତମ ସ୍ୱନକ୍ଷତ୍ର ଉତ୍ସବ ତଥା ଶାରଦୀୟ ପୂଜା ଅବସରରେ ସମସ୍ତ ଜନସାଧାରଣ ଓ ଛାତ୍ରଛାତ୍ରୀମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ସହିତ ସୁଖ ସମୃଦ୍ଧି କାମନା କରୁଛୁ ।



BHUBANESWAR LAW COLLEGE

473, Kalinga Market, Nayapalli, Bhubaneswar - 751012
Recognised by Department of Higher Education, Govt. of Odisha
Affiliated to M.S. Law University
Brahmananda Rout (Director) Call: 8917318528

HIMA HOSPITAL
EMPOWERING LIFE ILLUMINATING EYES
HIMA HOSPITAL
A Modern Private Hospital in Keonjhar
FACILITIES AVAILABLE
✓ Obstetrics & Gynaecology
✓ Ophthalmology
✓ Laparoscopic Surgery
✓ General Surgery
✓ Orthopaedic
✓ Urosurgery
✓ Cardiology
✓ Endocrinology
✓ Skin & Cosmetology
✓ ENT
✓ Neurosurgery
✓ Pediatrics
✓ Plastic Surgery
✓ Dental Clinic
✓ Modern Laboratory
✓ 24 Hr. Pharmacy
✓ 24 Hr. Ambulance Service
✓ Optical Shop With Computerised Eye Testing
✓ Cataract & Eye Operations By Modern Method
✓ Detail Retina Check Up By OCT.
✓ Ultrasound
✓ ECG
✓ Echo Cardiography
✓ EEG
✓ Hysteroscopy
✓ Colposcopy, Thermal Ablation
✓ (For White Discharge)
✓ IUI (Infertility Treatment)
✓ Normal Delivery By Electronic Fetal Monitoring
✓ Caesarean Delivery
✓ All Types Of Laparoscopic Surgeries By
✓ Best Machines And Best Team Of Doctors
✓ All Types Of Surgeries By Renowned
✓ Surgeons (Uterus, Ovaries, Gall Bladder
✓ Stone, Appendix, Hernia, Hydrocele, ENT, Orthopaedics, Kidney, Ureter)
✓ Laser in gynaecology
✓ Piles, Fissure, Fistula Operation By Modern Laser Technique
✓ Dental Care (Examination & Digital X-rays, Filling, Extraction, Root Canal, Crowns, Bridge, Scale and Polish, Dentures, Dental Implants)
✓ Deluxe Cabin With TV & AC Available.
BSKY Facility Available
*Only NABH Accredited Multi-Speciality Hospital at Keonjhar.
94372 16172 | 63700 26866 | 76570 79000
Infront Of Dist. HQ Hospital, Keonjhar
himahospital.in

ମମତା ଦାଶ

କବୟିତ୍ରୀ ଗଳ୍ପ, ଉପନ୍ୟାସ, ସମାଲୋଚନା ସାହିତ୍ୟ ଓ ଅନୁବାଦ କ୍ଷେତ୍ରରେ ସୁପରିଚିତା । କବିତା ସଂକଳନ- 'ନୈମିଷାରଣ୍ୟ', 'ଏକତ୍ର ଚନ୍ଦ୍ରସୂର୍ଯ୍ୟ', 'ଶୁଭ୍ରଧାରା' ଏବଂ 'କେହି ଜଣେ ବିଶାଖା' ଉପନ୍ୟାସ ଓ ଚାରିଟି ଗଳ୍ପ ସଂକଳନ ତାଙ୍କର ପ୍ରକାଶିତ । ଓଡ଼ିଶା ସାହିତ୍ୟ ଏକାଡେମୀ ସମେତ ଅନେକ ପୁରସ୍କାର ଲାଭ କରିଛନ୍ତି ।

ସଦା କାଳରେ ମୁଁ

ଜରାଜୀର୍ଣ୍ଣ ହୋଇଆସୁଚି ଏ ଜୀବନ
ଧୀରେଧୀରେ
ଚିରାଚରିତ ଜୀବନଶୈଳୀ ସହିତ
ସ୍ୱାଭାବିକ ଘଟଣାଗୁଡ଼ିକର ଅସ୍ୱାଭାବିକ କ୍ରମ ସହିତ
ପ୍ରଖର ଯନ୍ତ୍ରପାତି ସହିତ
ଦୁରାରୋଗ୍ୟ ରୋଗଗୁଡ଼ିକ ସହିତ
ଜରାଜୀର୍ଣ୍ଣ ହୋଇଯାଉଚି ଜୀବନ
ଧୀରେ ଧୀରେ ।

ଗୋଟିଏ ଗୋଲାପୀ ସତେଜ ପତ୍ର ଉପରେ
ପାଖାପାଖି ନ ଥିବା ଭଳି ଦିଶୁଥିବା କାକର ଟୋପାଏ ।
ଚିଲ ଥଣ୍ଟରେ ଛଟପଟ ଧଣ୍ଡସାପ,
ଅପରେସନ୍ ଟେବୁଲ୍ ଉପରେ
ମୃତ ହୃଦ୍‌ରୋଗୀ ଜଣକ
ମୋ ବାପା ବୋଲି କହିଛନ୍ତି ଡାକ୍ତର ।

ଧୂଳିଆ ରାସ୍ତାଟେ ଆରମ୍ଭ ହୋଇ
ଶେଷ ହୋଇଯାଉଚି ସେହି ଏକହିଁ ସମୟରେ
ଆଉ ମୁଁ ଏକ ଶେଷହୀନ ଯାତ୍ରାର ଯୋଜନାରେ ବ୍ୟସ୍ତ,
ଯଦିଓ ତାହା ମୋର ଲକ୍ଷ୍ୟ ନୁହେଁ ।

ମୋର ଅବ୍ୟବହୃତ କୋଠରି କୋଣରେ
ଏକ ମୃତପ୍ରାୟ ଆଶା ବସିଚି ।
ମୁଁ ତା'କୁ ଏଇନା ଆଦରରେ ଡାକି ଆଣିବି,
ଜଳାଇ ଦେବି ପୁଣିଥରେ
ଆଉ ଖୁସିବାସି ଘୋଷଣା କରିବି,
ଏ ଜୀବନ ଜରାଜୀର୍ଣ୍ଣ ହୋଇଯାଉଚି ତ ଯାଉଛି,
ମୁଁ ତା'ଠାରୁ ବେଶ୍ ଦୂରରେ,
ଠିଆ ହୋଇରହିବି, କାଳ କାଳରେ
ଯେମିତି ଥିଲି ମୁଁ, ଯେମିତି ଅଛି ମୁଁ,
ରହିଥିବି ଠିକ୍ ସେମିତି ।

■■■

୪୦୫, ଅର୍ଚିଡପ୍ରାଇଡ୍, ଶ୍ରୀରାମ ନଗର, ସାମନ୍ତରାପୁର
ଭୁବନେଶ୍ୱର-୭୫୧୦୦୨

ହୃଷୀକେଶ ମଲ୍ଲିକ
'ଧାନ ସାଉଁଟା ଝିଅ', 'ଉଜୁଡ଼ା କ୍ଷେତର ଗୀତ', 'ଘଟ ଆକାଶ', 'ଧର୍ମପତ୍ନୀ', 'ଜୀବନନାମା' ଆଦି କବିତା ସଂକଳନ ପ୍ରକାଶିତ । ତଳସ୍ତରର ମଣିଷର କଥା ଓ ଗାଥା ଏବଂ ମାନବୀୟ ପୀଡ଼ାକୁ ରୂପ ଦେବାରେ ଧୁରୀଣ । ଓଡ଼ିଶା ସାହିତ୍ୟ ଏକାଡେମୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସାରଳା ପୁରସ୍କାର ଲାଭ କରିଛନ୍ତି ।

ଗୋଟେ ଅଧାଲେଖା କବିତା ମୁନିରା ପାଇଁ

ମୁନିରା ପାଇଁ ଗୋଟେ କବିତା ଲେଖିବି ବୋଲି
ସଭିଙ୍କି ନେହୁରା ହେଲି, ସଭିଙ୍କି ମାଗିଲି
ଶବ୍ଦ, ଶବ୍ଦଙ୍କର କରୁଣ ଭାସ୍କର୍ଯ୍ୟ
ଭୋର୍ ଭୋର୍ ଆଖି ପାଏ ଯେତେ ଦୁର...
କଅଁଳ ଖରାକୁ ମାଗିଲି ତୀବ୍ର ହମ ହମ
ବରୁଣ ଗଛରେ ହାତ ବାନ୍ଧିଥିବା ଚଢ଼େଇଙ୍କୁ
ମାଗିଲି ନିଚ୍ଛିଦ୍ର ଉଦ୍ୟମ, ମଲା ମେଘକୁ ମାଗିଲି
ଧୂସର ବିଷାଦ, ଯୁଦ୍ଧ ସରିଥିବା ଭୂଖଣ୍ଡର
ଶିଶିରକୁ ମାଗିଲି ଜୀବନ ଆଖିର
ଟବ୍ ଟବ୍ ଲୁହ....

ଭାବିଲି; କଥା ରଖିବେ ସଭିଏଁ, ଶକ୍ୟ ମତେ ଦେବେ
ମୋତେ ମୋ ମାଗିବା ଦରବ, ଦଶ ଦିଗରୁ
ବହି ଆସିବ ରକମ ରକମ ଶବ୍‌ଦ, ଦୁଲୁକିବ
ମୋ କଲମ ମୁନ...., ହେଲେ
କେହି ବଢ଼େଇ ଦେଲେନି ଗୋଟିଏ ବି ଶବ୍ଦ
କହିଲେ: 'ତମର ଯୋଉ ହାଁ ଗିଲା ଫରମାସି
ଏଥକୁ ଫାବିବା ଶବ୍ଦ ଆମ ପାଖେ କାହିଁ?

ମୁନିରା କିଏ ବୋଲି କାଳେ କେହି
ଘାଣ୍ଟି ହେବେ ସଂଶୟରେ କହିଲି : ସେ
ବର୍ମାର ଗୋଟେ ନିଆଶ୍ରୀ ସ୍ତ୍ରୀଲୋକ
ଦିନେ ଟେକି ନେଲେ ତାଙ୍କୁ କିଛି ଭୋକିଲା ସୈନିକ
ମାଆ ମାଆ ବୋଲି ରଡ଼ି ଛାଡ଼ିଲା
ମୁନିରା ଅବୋଧ ପୁଅ, ତା'କୁ ମାତ୍ର ଆଠବର୍ଷ
'ଓ' କରିବା ଆଗରୁ ମାଆ, ଯବାନ୍‌ଙ୍କ ଗୁଳି ଦେଲା
ତା' ଡାକର ଜବାବ୍ ।

ଚାରିଆଡ଼େ ଗଦାଗଦା ଶବ, ଗଦା ଭିତରେ
ଘୁଷୁରି ଘୁଷୁରି ଧୁନ୍ଦି ଚାଲିଲା ମୁନିରା
ତା' ପୁଅର ଶବ, ତା' ପରେ ଯାହା ଘଟିଲା
କହିବି ତ, ତମ ଛାତି ଫାଟିଯିବ !!

■■■

ମରା ମୟର, ୩୩୧/୧୯୦୫/୪୦,
ଶ୍ରୀଅରବିନ୍ଦ ନଗର, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର-୭୫୧୦୧୬
ଦୂରଭାଷ : ୯୮୫୩୨୮୭୭୫୫

ଡ. ମନୋରମା ବିଶ୍ୱାଳ ମହାପାତ୍ର

ସମକାଳୀନ ଓଡ଼ିଆ କବିତା ଜଗତରେ ଏକ ସଶ୍ରଦ୍ଧ ସ୍ୱର । ସତ୍ୟ, ଶିବ ଓ ସୁନ୍ଦରର ବାଙ୍ମୟ ଚେତନାରେ ତାଙ୍କ କବିତା ମୂର୍ତ୍ତିମନ୍ତ । 'ଜହ୍ନରାତିର ମୁହଁ', 'ଶବ୍ଦ ପ୍ରତିମା', 'ସ୍ୱାତୀଲଗ୍ନ', 'ଏକଲା ନଈର ଗୀତ', 'ଫାଲଗୁନି ତିଥିର ଝିଅ' ଇତ୍ୟାଦି କବିତା ସଙ୍କଳନ ତାଙ୍କ ସାହିତ୍ୟ ସାଧନାର ଉଲ୍ଲେଖନୀୟ ସୃଷ୍ଟି । ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ।

ବର୍ଷା ଆସିଲେ ମୋ ଭିତରେ ପତ୍ର କଅଁଳେ

ସେଦିନ କାଗଜଡଙ୍ଗା ହୋଇ
ମେଘକୁ ଅନାଇଥିଲି
ବର୍ଷାରେ ପତ୍ର କଅଁଳିଲା ପରି
ମୁଁ କଅଁଳି ଉଠିଥିଲି ।
ବର୍ଷା ଆସିଲେ ମୋ ଭିତରେ ପତ୍ର କଅଁଳେ
ସବୁଜାୟିତ ହୋଇଥାଏ ମୁଁ
ଲୁହର ଗୋଟାଏ ସରୁ ଧାର
ଫିଟିଯାଏ ମୋ ଭିତରେ
ଲୁହ ଆଉ ସ୍ୱପ୍ନରେ ମୁଁ
ମୁଁ ଭାଙ୍ଗିଯାଏ
ମୁଁ ତ ଲୁହଭିଜା ଶ୍ରାବଣଟିଏ
ପୁରୁଣା ସ୍ମୃତିରେ ପୋତିହୋଇ ଯାଉଥାଏ ।

■■■

୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର
ଭୁବନେଶ୍ୱର-୭୫୧୦୧୩
ଦୂରଭାଷ : ୯୪୩୭୦୧୧୦୦୩

ତୁମେ ଆସୁଚକି

ଗିରିବାଳା ମହାନ୍ତି

ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଏକ ପ୍ରମୁଖ ନାରୀସ୍ୱର । 'ସ୍ତ୍ରୀଲୋକ', 'କାଳିଝିଅ', 'ମା' ହବାର ଦୁଃଖ', 'କାତିକାତିଆ କାତ୍ୟାୟନୀ' ପରି ଆଠଟି କବିତା ସଂକଳନର ସ୍ରଷ୍ଟା । 'କାବ୍ୟିକ ସୌନ୍ଦର୍ଯ୍ୟ', 'କବିତାର କଥା' ଶୀର୍ଷକ ସମାଲୋଚନା ଗ୍ରନ୍ଥ ପ୍ରକାଶ ପାଇଛି ।

ନ କହୁଣୁ ଅବସନ୍ତରେ ବସନ୍ତ ବହୁଚି
ପଞ୍ଚମରେ ସୁର ସାଧୁଚି କୁହୁ
ମଲ୍ଲିକା ହସୁଚି
ପାଦପର ପାଦତଳେ ଆପଣାଛାଏଁ
ଖୁସିରେ ଲୋଟି ପଡୁଚି ବକୁଳ
ଫୁଲଭରା ଶାଖା ନୁଆଁଇ
ମାଟିକୁ ଜୁହାର କରୁଚି ଅଶୋକ
ମେଘର ସଞ୍ଚାର ନାହିଁ
ଉଚ୍ଚାଟ ହଉଚି ମୟୂର ନାଚିବ !!

ଇଏ କେଉଁ ଋତୁଶାସ୍ତ୍ରରେ ଯା'ର ନାଁ ନାହିଁ
କେଉଁ କାଳ, କେଉଁ ସମୟ, କେଉଁ ଦେଶ ଇଏ-
ଖୁସିରେ ଏକାଠି ଖେଳୁଚନ୍ତି ଚନ୍ଦ୍ର-ସୂର୍ଯ୍ୟ-
ଅର୍ଦ୍ଧ ନାରୀଶ୍ୱରର ମେଢ଼ ପରି ଦିଶୁଚି ଆକାଶ !
କି ରାଗ କେଜାଣି ଖୁସିରେ ଗୀତ ଗାଇ
ଚରାଚର ଉଚ୍ଚାଟ କରୁଚି ବତାସ !
ସଂସାର ସୁପ୍ତ ନା ଜାଗ୍ରତ
ଏକା ସମୟରେ ଜଗତ ଏକାଠି ନାଇଚି
ନିରବତା ପୁଣି କୋଳାହଳ !!

ତୁମେ ଆସୁଚ କି ??
ଇଏ ବୋଧହୁଏ ତୁମରି ଆସିବାର ଗହଳଚହଳ ।

■■■

ଡିଅର ପାର୍କ, ଶାନ୍ତିନିକେତନ
ପଶ୍ଚିମବଙ୍ଗ-୭୩୧୨୩୫
ଦୂରଭାଷ : ୯୯୩୩୪୯୨୧୩୬

ପ୍ରବାସିନୀ ମହାକୁଡ଼

'ମୁହୂର୍ତ୍ତ ମୁହୂର୍ତ୍ତ', 'ଆଧାର ଶିଳା', 'ଧାଡ଼ିଏ ଶିମୁଳି ଫୁଲ ଓ ଅନ୍ୟାନ୍ୟ କବିତା' ସଙ୍କଳନ କବିତା ଗ୍ରନ୍ଥ ପ୍ରକାଶିତ । ତାଙ୍କ କବିତାରେ ନାରୀବାଦ ଅପେକ୍ଷା ଜଣେ ନାରୀର ସ୍ୱର ଅନୁରଣିତ । ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସମେତ ଅନେକ ସମ୍ମାନ ଲାଭ କରିଛନ୍ତି ।

ଯେମିତି ଗ୍ରହଣ କରିବ

ଜୀବନ ଏକ ପବିତ୍ର ଶବ୍ଦ
କାରଣ ଜୀବନ ହିଁ ଧରି ରଖିଥାଏ
ପ୍ରାପ୍ତି ଅପ୍ରାପ୍ତିର ଅକ୍ଷୟ ପାତ୍ରକୁ କେତେ ଯତ୍ନରେ
ଏଇ ପ୍ରାପ୍ତି ହିଁ ଏକ ପବିତ୍ର ଶବ୍ଦ
ଏଇ ଅପ୍ରାପ୍ତି ହିଁ ଏକ ପବିତ୍ର ଶବ୍ଦ
ସମସ୍ତ ଉପଲବ୍ଧି ହିଁ ଗୋଟେ ଗୋଟେ ପବିତ୍ର ଶବ୍ଦ
ଏଇ ପ୍ରାପ୍ତି ଅପ୍ରାପ୍ତିରେ ଥାଏ ମୋର କବିତା
ଏଇ ପ୍ରାପ୍ତି ଅପ୍ରାପ୍ତିରେ ଥାଏ ମୋର ଆତ୍ମା
ଯେଉଁ ଆତ୍ମା ବିନା ପବନ ବି ବହେନି
ଫୁଲ ଫୁଟେନି
ବର୍ଷା ହୁଏନି
ମେଘ ଢାଳି ଦିଏନି ଜଳର ଉତ୍ସ
ପକ୍ଷୀ ଗାଏନି ଗୀତ
ଏଇ ପୃଥିବୀରେ ମୋର ସ୍ଥିତି
ଏଇ ପୃଥିବୀକୁ ମୋର ଆସିବା
ପ୍ରିୟଜନଙ୍କର ଚାଲିଯିବା
ପ୍ରତିଟି ସୁନ୍ଦର ଦୃଶ୍ୟରେ ସମାହିତ ହେଇଯିବା
ପ୍ରତିଟି ଭଲ କଥାରେ ମୁଗ୍ଧ ହେଇଯିବା
ଭଲ ବହିମାନଙ୍କୁ ରାତି ରାତି ଧରି ଅନିଦ୍ରା ହୋଇ ପଢ଼ିବା
ଏଇ ଜୀବନ ତ ଦେଇଛି
ଏମିତି ଏକ ଦୁନିଆରେ ଏବେ ମୁଁ ରହେ
ଯେଉଁଠି କୋଳାହଳ ବେଶି ନୀରବତା କମ୍
ଯେଉଁଠି ମଣିଷ ନୀରବ ନିଜ ଭିତରେ
ଯେଉଁଠି କୋଳାହଳ ଆସେ
ଯାନବାହନଙ୍କ ଅସହ୍ୟ ଶବ୍ଦରୁ
ପ୍ରଦୂଷଣର ଚରମ ମୁହୂର୍ତ୍ତରୁ
ଜାଣିଛି କିଛି କିଛି ସୁନ୍ଦରତା ନଷ୍ଟ ହେଇଯାଉଛି
ଆମ ଭିତରୁ ମରିମରି ଯାଉଛି
ଭଲପାଇବାର ସୁଗମ ସଙ୍ଗୀତ
ବିଶ୍ୱାସ ଏକ ପବିତ୍ର ଶବ୍ଦ
କାହାକୁ ବିଶ୍ୱାସ କରିବ ?
ନିଜକୁ ବିଶ୍ୱାସ କରିବାକୁ ସମୟ ଲାଗେ
ଏଇଥିପାଇଁ ଯେ ମନେହୁଏ
ମୁଁ କ'ଣ ସେଇ ସତ୍ତା
ଯିଏ କାଲିଯାଏ ଜୀବନକୁ ନେଇ ଖୁବ୍ ବ୍ୟସ୍ତ ଥିଲା
କିଛି ମାତ୍ରାରେ ସ୍ୱାର୍ଥପର ବି ?
ଅନେକ କିଛି ଅପବିତ୍ର ହେଇଯାଇଛି ସମୟ ସହ
ପାଣି ପବନ ଓ ଆହୁରି ଅନେକ କିଛି
ଯଦିଓ ପବିତ୍ର, ଅପବିତ୍ର ପରି ଶବ୍ଦ
ମୋ ପାଇଁ ବିଶେଷ ଅର୍ଥ ରଖେନି
ଆଜିର ସମୟରେ ସବୁକିଛି ପବିତ୍ର
ସବୁକିଛି ଅପବିତ୍ର
ତାକୁ ଯିଏ ଯେମିତି ଗ୍ରହଣ କରିବ ଓ
ତେବେ ଉଭୟ ଶବ୍ଦ ଥିଲେ, ରହିବେ ।

■■■

ଷ୍ଟେସନ ବଜାର, ଢେଙ୍କାନାଳ-୭୫୯୦୧୩
ଦୂରଭାଷ : ୮୭୬୩୯୭୧୧୨୬



ସୌଭାଗ୍ୟବନ୍ତ ମହାରଣା

‘ମାଟିପର୍ବ’ କବିତା ସଙ୍କଳନ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ତାଙ୍କର ୧୬ଟି କବିତା ସଙ୍କଳନ ଓ ୪ଟି ପ୍ରବନ୍ଧ ସଙ୍କଳନ ପ୍ରକାଶିତ । ସାମାଜିକ ବାସ୍ତବତା ସହ ମାନବବାଦୀ ଓ ଜୀବନବାଦୀ ସ୍ୱର ତାଙ୍କ କବିତାରେ ଅନୁରଣିତ ।

ଯୌବନ ଏକ ରକ୍ତ ଗୋଲାପ

ଯୌବନର ଭୂମିକା ଲେଖୁଲେଖୁ
କବିତାର ନିଆରା ପୃଷ୍ଠାରେ
ପଳାଶ ଫୁଲର ନିଆଁରେ
ହୁହୁ ଜଳିଯାଏ
ବସନ୍ତର କୋମଳ ହୃଦୟ ।
ସବୁକିଛି ଅଥୟ, ଅସ୍ଥିର, ଅଧୀର
ପ୍ରଥମ ପ୍ରେମର ପୁଲକ ପରି
ରକ୍ତରେ, ରାଗରେ, ରମଣରେ
ରେରେକାରର ରୁଟିନ୍ ଜୀବନ ଭିତରେ ।
ମଝି ନଈରେ ଭାସୁଥିବା
ଆହୁଲାହୀନ ଡଙ୍ଗାଟିଏ ପରି
ବେଳେବେଳେ ଯୌବନର ରୀତି ଓ ରତିର ରହସ୍ୟ
ଅବୁଝା ନଈର ଅମାନିଆ ପାଣିକୁ ଅଜଣା ।
ନଈ ଯିଏ, ନାରୀ ସିଏ
ନିଜନିଜ ମୁକୁଳା ଯୌବନରେ
ଉଛୁଳି ଯିବାକୁ ଅପେକ୍ଷା କରନ୍ତି ନାହିଁ
କେବେ ବି ସମୟର ସଙ୍କେତକୁ
ବେଳର ବୈରାଗ୍ୟକୁ, ବାର୍ଦ୍ଧକ୍ୟର ଅଭିଶାପକୁ
ଦେଶ, କାଳ, ପାତ୍ରର ନିର୍ଦ୍ଦେଶନାମାକୁ
ରାଗ ଓ ଅନୁରାଗର ନିବିଡ଼ତାରେ ବିଭୋର
ଯୌବନର ରସାଳ ଋତୁକଳ୍ପ
ପ୍ରେମ ଓ ପ୍ରତାରଣାରେ ମୁଖର
ହାଡ଼ ଭିତରେ ଗଜୁରି ଯାଉଥିବା
ପ୍ରଣୟର ଅଭୁଲା ସଂକଳ୍ପ ।
ଜୀବନ ଓ ମୃତ୍ୟୁର ମଧ୍ୟ ବିନ୍ଦୁରେ
ଯୌବନର ମେହେଫିଲ୍ ଓ ମୁସାୟରା
ଚାଲିଥାଏ ନିରନ୍ତର
ଆକାଶରେ ଦିଗନ୍ତରେ ନୂଆ ରଙ୍ଗ ଭରିବାକୁ ।
କେବେ ମାଟି ବି ଲାଜ ଓ ଭୟରେ
ଅନ୍ତଃସତ୍ତ୍ୱା ହୋଇଯାଏ
ବର୍ଷାର ବିପ୍ରଲମ୍ଭ ଶୃଙ୍ଗାରରେ
ଜାରି ରଖିବାକୁ ନିଜ ଅଥୟପଣ
ନଈପଠାର କାଶତଣ୍ଡୀ ଫୁଲର ଓଠରେ
ପାହାଡ଼ଘେରା ଶାଗୁଆ ବନାନୀର
ନୀଳ ଶ୍ୟାମଳ ଆଖିରେ ।
ଯୌବନ ଏକ ଅସରନ୍ତି ଜୁଆର
ପ୍ରେମର ପାରାବାରରେ ଉବୁଟୁବୁ ହେବାକୁ
ଯୌବନ ଏକ ପ୍ରୀତିର ଅମଉଳା ରକ୍ତ ଗୋଲାପ
ଜହ୍ନରାତିର ରୁପେଲି ଖାତାରେ
ପ୍ରେମିକନାମାର ଡାଏରି ଲେଖିବାକୁ ।

■■■

‘ଭାରତୀ ଭବନ’, ଶିବମ୍ କଲୋନୀ
ଆୟକର ଭବନ ପଛ, ସମ୍ବଲପୁର-୭୬୮୦୦୪
ଦୂରଭାଷ : ୯୪୩୭୪୫୭୭୩୬



ଦଶହରା ଦୁର୍ଗାପୂଜା ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
With Best Compliments from
Chandrachuda Transport
BOUDH

mahindra Rise
powerol by mahindra
RELIABLE ENERGY
BRIGHTER FUTURE
Our High Performance Gensets follow CPCB IV+ emission norms
WE OFFER FASTEST DELIVERY
Low maintenance
400 sales & service touch points
Best-in-class fuel efficiency
Superior performance
www.mahindrapowerol.com
Toll Free No.: 1800 419 1999
Minerva Automobiles Pvt. Ltd.
NH-26, Sambalpur Road,Madhiapali, Balangir, Odisha- 767001
70089 99599 / 78944 57414
mahindradg@minervaautomobiles.com , bdm.bbsr2@gsppower.com
Branch Office
Kalahandi
Nuapada
Sonepur
Boudh

‘ସମାଜ’ ଓ ‘ସତ୍ୟବାଦୀ’ର ଶୁଭେଚ୍ଛା

ଅସହାୟ, ଦୁଃସ୍ଥ ଓ ନିପେଡ଼ିତ ଜନତାଙ୍କ
ସେବାରେ ‘ସମାଜ’ ନିଜକୁ ଉତ୍ସର୍ଗୀକୃତ କରି
ରଖିଛି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ
ଦାସଙ୍କ ଏହି ଅକ୍ଷୟକିର୍ତ୍ତୀକୁ ‘ସମାଜ’ ଅକ୍ଷୁର୍ଣ୍ଣ
ରଖିଥିବାରୁ ‘ସତ୍ୟବାଦୀ’ ଓ ‘ସମାଜ’ର
୧୦୫ତମ ସ୍ୱ-ନକ୍ଷତ୍ର ଉତ୍ସବ
ଅବସରରେ ‘ସମାଜ’ ପରିବାରକୁ
ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

।। ଶୁଭେଚ୍ଛାର ସହ ।।

କଳାକୃଷ୍ଣ ପ୍ରଧାନ

ତହସିଲଦାର, ବେଲଗୁଣ୍ଠା, ଗଞ୍ଜାମ

ପ୍ରହଲ୍ଲାଦ ଶତପଥୀ

'ଜଣେ କେହି ବର୍ଷାରେ ଭିଜୁଥାଇ ପାରେ', 'ଅଲଗୁଣୀରେ ଅବୟବ', 'ରାତି ସହ ମୁଁ ପାହି ଆସୁଥାଏ', 'ସବୁ କାନ୍ଥ ଏବେ ମାୟା', 'ଶବ୍ଦରେ ନିଃଶବ୍ଦ' ଓ 'ମୋ ଭିତରେ କୂଳ ଖୋଜୁଥାଏ ସମୁଦ୍ର' କବିତା ପୁସ୍ତକର ସ୍ରଷ୍ଟା । ତାଙ୍କ କବିତାରେ ଆବେଗର ଉର୍ଣ୍ଣା ଚମତ୍କାର ରୂପ ପାଇଥାଏ । ରହସ୍ୟବାଦୀ ଚେତନାର ସେ ଜଣେ ନିଆରା କାବ୍ୟଶିଳ୍ପୀ ।

ଆଜି କବିତା ଲେଖିବି ନାଇଁ

ଆଜି କବିତା ଲେଖିବି ନାଇଁ
ଘମାଘୋଟ ଯୁଦ୍ଧ ଆଜି ଛାତି ଭିତରେ,
ବାହାରେ ଶବ୍ଦସବୁ ମୃତ
ଆବେଗ ହତାହତ
ତୁହାକୁ ତୁହା ବୋମା ମାଡ଼, ଆକାଶ ଭୀତତ୍ରସ୍ତ
ଠିକଣା ବାଟବଣା, ରାସ୍ତା ସବୁ ରକ୍ତାକ୍ତ ।

ମାନଚିତ୍ରକୁ ଚିରିଫାଡ଼ି ଫୋପାଡ଼ି ଦିଆଯାଉ
ନିୟନ୍ତ୍ରଣ ରେଖା ସବୁକୁ ନିଭେଇ ଦିଅ
ଜଳ, ଶସ୍ୟ, ଅସ୍ତ୍ର ନ ହେଉ ଯୁଦ୍ଧର
ଆକାଶ, ସମୁଦ୍ର, ପୃଥିବୀ ସଭିଙ୍କର
ଗୋଟାଏ ପୃଥିବୀ, ଗୋଟାଏ ପରିବାର ମନ୍ତ୍ରରେ
ଦୀକ୍ଷିତ ହୁଅନ୍ତୁ ସଭିଏଁ ।

କୂଟନୀତିର ଊର୍ଦ୍ଧ୍ୱରେ କବି, ସ୍ୱପ୍ନ ଦେଖେ
ଆକ୍ୱାରିୟମ୍‌ରେ କୁନିକୁନି ମାଛ ସବୁ
ପହଁରିଲା ପରି ଶିଶୁମାନେ ପହଁରୁଛନ୍ତି
ଘାସଫୁଲ ସବୁ ଫୁଟୁଛନ୍ତି ପାହାନ୍ତି ସକାଳରେ
ଦୂବଘାସ ଉପରେ ଢଳଢଳ ଶିଶିର ବିନ୍ଦୁ,
ସୂର୍ଯ୍ୟର ରକ୍ତିମ ଉଡ଼ାଣରେ ଝଲସୁଛି
ପ୍ରଜାପତି ଉଡୁଛି ଫୁଲରୁ ଫୁଲକୁ
ନୂଆପତ୍ର ପକାଉଛି ଗଛ ସବୁରେ
ଛାଇ ଆଲୁଅର ଖେଳ ଜାରି ଅଛି ପୃଥିବୀରେ ।

ହେଲେ ବାସ୍ତବିକତା ଭିନ୍ନ କିଛି ବଖାଣୁଥାଏ
ପୃଥିବୀ ବଙ୍କର ଖୋଜୁଥାଏ ଛପିବା ପାଇଁ
ଟ୍ୟାଙ୍କର ସୀମାରେଖାକୁ ଜଗିଥାଏ
ଫୁଲ ବଦଳରେ ବୋମା ଫୁଟୁଥାଏ
ବାରୁଦର ଗନ୍ଧରେ ଅଣନିଃଶ୍ୱାସୀ ହେଉଥାଏ ପୃଥିବୀ
ଲହୁଲୁହାଣ ମଣିଷ ନିଜର ଛିଣ୍ଡା ପାଦ ଦିଓଟିକୁ ଦରାଣ୍ଡୁଥାଏ
ସୂର୍ଯ୍ୟ ଉଦୟ, ଅସ୍ତ ହେଉଥାଏ
ସାଇରନ୍ ବାଜୁଥାଏ ତୁହାକୁ ତୁହା
ସତେକି ଆଉ, ଯୁବପିଢ଼ି ମୋବାଇଲ୍‌ରେ ଏକ
ଯୁଦ୍ଧର ଖେଳରେ ମାତିଛନ୍ତି ।
ଡାକ୍ତରଖାନା ଧ୍ୱଂସ, ସାଲାଇନ୍ ବୋତଲ ଟୁକୁରା ଟୁକୁରା,
ଚାରିପଟେ ଅନ୍ଧାର, ରୋଗୀ ଦରମରା ।

ସତରେ କ'ଣ ଦିନେ ଚାଲିଯିବ ପୃଥିବୀ ଆତଙ୍କବାଦୀଙ୍କ
ହାତକୁ ଓ ଲୋପ ପାଇଯିବ ମଣିଷ
ଧରାପୃଷ୍ଠରୁ !
ସତରେ କ'ଣ ତୃତୀୟ ବିଶ୍ୱଯୁଦ୍ଧ ଅନିବାର୍ଯ୍ୟ ଓ
ପରମାଣୁ ବୋମା ହିଁ ନିୟତି ପୃଥିବୀର ?

ଆଜିଠୁ ଅନେକ ଅନେକ ବର୍ଷ ପରେ ଆବିଷ୍କାର କରିବେ ଭିନ୍ନ
ଗ୍ରହର ଜୀବମାନେ ମଣିଷର ଖପୁରି,
ପଞ୍ଜରାର ଅଂଶବିଶେଷ ଓ ସିନେମାରେ ଦେଖିବେ ବିଲୁପ୍ତ
ମଣିଷର ଛବିକୁ ଜୁରାସିକ୍ ପାର୍କ ଦେଖିଲା ପରି
କେଉଁ ଏକ ପ୍ରେକ୍ଷାଳୟରେ ।

■■■

ଟିକ୍ରାପରା, ବଲାଙ୍ଗିର-୭୬୭୦୦୧
ଦୂରଭାଷ : ୯୪୩୭୧୫୦୯୫୧

ସେନାପତି ପ୍ରଦ୍ୟୁମ୍ନ କେଶରୀ

ସମକାଳର ଜଣେ ସୃଜନଶୀଳ ସ୍ରଷ୍ଟା । 'ମହୁମୁହାଣ', 'ଅଲଗା ଅଯୋଧ୍ୟା', 'ଧୂଳିବେଶ', 'ପୂତନା', 'ପାପଦ୍ରଷ୍ଟା' ଆଦି କବିତା ସଙ୍କଳନ ପ୍ରକାଶିତ । 'ଝଙ୍କାର' ସମେତ ଅନେକ ସାହିତ୍ୟ ଅନୁଷ୍ଠାନରୁ ସମ୍ମାନିତ । ଆକାଶବାଣୀ ଓ ଦୂରଦର୍ଶନରୁ ସ୍ୱୀକୃତିପ୍ରାପ୍ତ ।

ପଥର

ବସି ବସି କେମିତି ମୁଁ ପଥର ହେଲି
ମୋତେ ଜଣାନାହିଁ,
ଦିନେ ଯାହା ମୁଁ ଚାହିଁ ନ ଥିଲି
ତାହା ମୋତେ ଚାପି ଦେଲା ପାଷାଣ ଗାତ୍ରରେ
ଭାରି ବୋଝ ପରି ରୁନ୍ଧି ହେଉଛି
ପୀଡ଼ା ମୋର ଶ୍ୱାସନଳୀରେ ।

କେବେ କେବେ ମୁଁ ଭାବେ,
ଦୁନିଆ ମୋ ପ୍ରତି ମୁହଁ ମୋଡ଼ି ଦେଲା ତ ଦଉ
ଓଠରେ ହସ ଆଉ ମନରେ ଭରସା ଥିଲେ
କୋଉ ଝଡ଼ ବତାସ କ'ଣ ଡରେଇପାରେ କାହାକୁ ?

ଘୋଡ଼ାର ଖୁରାରେ ଘାଆ ହେଇ
ଯଦି ଦଳଦଳ ମାଛି ଲାଗନ୍ତି
ତା' ଦିହର କଷ୍ଟ ତା' ଛଡ଼ା କିଏ ବୁଝିବ କି ?
ପ୍ରେମରେ ଥିଲେ
ପବନର ଘର ନିଶ୍ଚୟ ଡାକିବ ପାଖକୁ
ମାଛିମାନେ ତୁମକୁ ମୁଣ୍ଡିଆ ମାରିବେ ।

ହଁ ମାନୁଛି, ପଥର ହେବା ଗୋଟେ ଅଭିଶାପ
ମାତ୍ର ଏକଥା ବି ସତ ଯେ
ସେଇ ଅଭିଶପ୍ତ ପାଷାଣର ନିଶ୍ଚଳ ହୃଦୟକୁ
ଜୀବନ୍ମୟ କରିଦେବାକୁ
ବେଳେବେଳେ ଖୋଦ୍ ଈଶ୍ୱର ବାଧ ହୁଅନ୍ତି
ଝୁଣ୍ଟିଝୁଣ୍ଟି ରକ୍ତାକ୍ତ ହେବାକୁ ।

ଆଜିଯାଏ କୋଉ ବରଫ ନଦୀର
ସନିପାତିଆ ଢେଉ କ'ଣ କରିପାରିଛି କାହା ପାଇଁ ?
କାଶ୍ମୀରର ଡାଲ୍ ହ୍ରଦରେ ମୁଁ ନିଜକୁ ହଜେଇ
ଚିଲିକାର ନୀଳ ଢେଉରେ ଭାସିପାରେ !

ସେଦିନ ଯୋଉ ଜାଗାରେ ତୁମେ
ମୋତେ ଦେଖା କରି
ତୁମର ଜିନିଷପତ୍ର ଆଣିବାକୁ କହି
ଚାଲି ଯାଇଥିଲ, ତୁମର ମନେ ଅଛି ତ ?

ଆଜି ବି ସେଇଠି ବସିଛି ମୁଁ
ବସି ବସି ଦେଖୁଛି
ଆକାଶରେ ଭାସି ଯାଉଥିବା
ମେଘ ଖଣ୍ଡମାନେ କେମିତି ଜାଣି
ନ ଜାଣିଲା ପରି ଦୂରକୁ ଚାଲିଯାଉଛନ୍ତି
ଗୋଡ଼ି ପରି ଦିଶୁଛନ୍ତି
ଆକାଶର ଅସଂଖ୍ୟ ତାରକା ।

ବସି ବସି ତୁମ ଫେରିବା କଥା
ମୁଁ ଭୁଲିଗଲିଣି
ମୋର ଆଉ ମନେନାହିଁ,
କେବେ ମୁଁ ପଥର ହେଲି ।

ଦିନେ ତୁମେ କହୁଥିଲ ନା
ମୋ ଆଖି ଡୋଳାରେ
ଗୋଟେ ନୀଳ ଆକାଶ ଅଛି ?
ସେ ବୋଧେ ଆକାଶ ନ ଥିଲା,
ଥିଲା ଖାଲି ଧୂଆଁ
ମୋର ଦେହ ପଥର ହେଲା ପରେ ବି
କେମିତି ମୋ ଆତ୍ମାରେ
ଝଲମଲ କରୁଛି ଦେଖ ମୋର ସୁବର୍ଣ୍ଣ ପରିଚୟ ।

■■■

'ସାଇ ସର୍ଜନା', ଜଗନ୍ନାଥ କଲୋନୀ
ବାଲିକୁଦା, କଟକ -୧୧
ଦୂରଭାଷ : ୬୩୭୧୫୨୩୫୯୮

ନୀଳମଣି ପରିଡ଼ା

କବି ଓ ସାହିତ୍ୟ ପତ୍ରିକା ସମ୍ପାଦକ ଭାବେ ସୁପରିଚିତ । 'ଶକୁନ୍ତଳା' ଓ 'ଦଶାଶ୍ୱମେଧ' ସହିତ ଆଠଖଣ୍ଡ କବିତା ସଙ୍କଳନର ସ୍ରଷ୍ଟା । 'ସରସ୍ୱତୀ ରମାକାନ୍ତ' ଓ 'ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ଫକୀରମୋହନ' ଶୀର୍ଷକରେ ଆଲୋଚନା ଗ୍ରନ୍ଥ ପ୍ରକାଶ ପାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ଏବଂ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସାହିତ୍ୟରେ ବରିଷ୍ଠ ଫେଲୋସିପ୍ ପ୍ରାପ୍ତ ।

ସ୍ୱପ୍ନ ପ୍ରୟାସ

କାଳ ବୈଶାଖୀରେ ଉଡ଼ିଗଲା ଆଜବେଷ୍ଟସ୍ ଘର ଛାତ
ବଜ୍ରପାତରେ ମୁଗ କିଆରିରେ କାମ କରୁଥିବା ଚାଷୀ ମୃତ
ଘୂର୍ଣ୍ଣିଝଡ଼ ପରବର୍ତ୍ତୀ ବର୍ଷାରେ ଆମେ ଭିଜିଗଲୁ ସମସ୍ତେ
ଜୀବନ ଦୁର୍ବିଷହ ଯନ୍ତ୍ରଣା ବହୁଳ ।
ଜୀବନ ତମାମ ଦୁଃଖ, କଷ୍ଟ, ଦୈନ୍ୟ ଭରା
ମଣିଷ ଯୁଝୁଛି ଅବିଶ୍ରାନ୍ତ ତା'ର ପାରୁପର୍ଯ୍ୟନ୍ତ
ଗ୍ରୀଷ୍ମ, ବର୍ଷା, ହେମନ୍ତ, ଶରତ, ଶୀତ, କାକର କ୍ଳେଶରୁ ମୁକ୍ତି ମିଳିଗଲେ
ଦଲକାଏ ସୁଖର ପବନ ଜୀବନାଙ୍ଗନକୁ ପଶି ଆସନ୍ତା ।
ସୁଖର ସଂଜ୍ଞା କ'ଣ ?
ବସ୍ତୁ ନୁହେଁ ଧୂମ କୁଣ୍ଡଳୀ ପରିକା ଦିଶେ
ଲକ୍ଷ୍ମୀ ପରି ସଦା ଚଞ୍ଚଳ ବ୍ୟବସ୍ଥିତ ଅବ୍ୟବସ୍ଥିତ ସଦୃଶ
ଓଲଟ ବୃକ୍ଷେ ଖେଳନ୍ତି ଓଲଟିପାରା
ପାରା ଉଡ଼ିଗଲେ ଜୀବନ ମୃତ୍ୟୁଶ୍ରୟୀ ଭସାମେଘ ଉଡ଼ିଯିବ ।
ଆଦ୍ୟ ଆଷାଢ଼ର ପ୍ରଥମ ବାରିପାତର ଭିଜାମାଟି ବାସ୍ନା
ମୃତ୍ୟୁଗ୍ରସ୍ତ ମଣିଷକୁ ସଦା ଉନ୍ମୋଚିତ ଓ ପୁଲକିତ କରେ
ଶ୍ରାବଣର ଅସଜଡ଼ା ଧାନକ୍ଷେତ ବସନ୍ତରେ ମୃଦୁମଳୟ
ଚଇତ୍ରରେ ମଲ୍ଲି ସୁଗନ୍ଧିତ ବାସନା ଆନମନା ଚିତ୍ତ
ତୋଳି ଧରିଛି ଜୀବନ-ବୃକ୍ଷ ମଦମତ୍ତ ଭଲପାଇବା ।
ଦ୍ୟାବା ପୃଥିବୀ ଆଦିମ ମନ୍ୱନ୍ତରରୁ
ମାଟିର ମଧୁର ନିମନ୍ତ୍ରଣ ଓ ସମ୍ଭାଷଣ
ପ୍ରାଗୈତିହାସିକ କାଳରୁ ଏ' ଯାବତ୍ ଯୁଗବତ୍ ପ୍ରେରଣାରେ
ଜିଆଇ ରଖିଛି
ହାଡ଼ମାଂସ ପରିଧିରେ ଆମ ସୃଷ୍ଟି-ସ୍ୱପ୍ନ-ସୃଜନ ପ୍ରୟାସ ।

■■■

୪୭ ନୟନ ବିହାର, ପାଣ୍ଡିରୀ,
କେନ୍ଦ୍ରାପଡ଼ା-୭୫୪୨୫୦
ଦୂରଭାଷ : ୮୭୬୩୧୦୯୮୯୫



ସଦାଶିବ ଦାଶ

ଉତ୍ତର ଆଧୁନିକ ପ୍ରଗତିଶୀଳ କାବ୍ୟଧାରାର ପ୍ରମୁଖ କବି । ଓଡ଼ିଶା ସାହିତ୍ୟ ଏକାଡ଼େମୀ, ବିଷୁବ ପୁରସ୍କାର, ଗଙ୍ଗାଧର ମେହେର କବିତା ପୁରସ୍କାରରେ ସମ୍ମାନିତ । ଏଯାବତ୍ ୨୫ ଖଣ୍ଡ କବିତା ଗ୍ରନ୍ଥ, ଗଳ୍ପ, ଅନୁବାଦ ଓ ଦୁଇଖଣ୍ଡ ଗ୍ରନ୍ଥାବଳୀ ପ୍ରକାଶିତ ।

ମୃତ୍ୟୁର ପରିଭାଷା

ମୃତ୍ୟୁର ନ ଥାଏ ଘରଦ୍ୱାର, ଆସବାସ, ବନ୍ଧୁ ବିରାଦର
ସେ ବୁଲୁଥାଏ ଅଦୃଶ୍ୟ ବାଜପକ୍ଷୀଟି ପରି ।
ତା' ପରିଭାଷାରେ ହିସାବ ନିକାଶ କରୁଥାଏ
ଜୀବଜନ୍ତୁ, ପ୍ରକୃତିଠୁ ମଣିଷମାନଙ୍କୁ ।
ସେ ଭୟଙ୍କର, ବୀଭତ୍ସ, କଷ୍ଟ ପ୍ରଦାୟକ
ନା ଶାନ୍ତିରେ ଶୁଆଇ ପକାଉଥିବା ଅଦୃଶ୍ୟ କାପାଳିକ!
ଯେ ତା'ର ଇଙ୍ଗିତର, ତଡ଼ିତ୍ ଉଚ୍ଚାରଣରେ
ବିମୋହିତ କରିପାରେ କ୍ରମାନ୍ୱୟରେ ଜୀବଜଗତକୁ ?
ସେ କ'ଣ ଆତ୍ମ ବିଭୋରିତ ଜୈବିକ ପ୍ରକ୍ରିୟା!
ସେ ସଦା ଆଚ୍ଛନ୍ନ କରି ରଖିଥାଏ ଜୀବନକୁ
ଆରମ୍ଭରୁ ଶେଷ ଯାଏ ବୀଭତ୍ସ ଭୟଙ୍କରତାରେ ।
ମୃତ୍ୟୁ କାହା ପାଇଁ ଦୁଃଖରେ ବିଗଳିତ ହୁଏନି
କି ଶୋକ ସନ୍ତାପରେ ଘାରି ହୁଏ ନାହିଁ ।
ଅନୁଭବିଛ କେବେ ମୃତ୍ୟୁକୁ ଆନନ୍ଦିତ ହେବାର!
ବାଦଲଫଟା ବର୍ଷାରେ ପାହାଡ଼ର ଛାତି ଫଟାଇ
ପ୍ରକୃତିଠୁ ମଣିଷକୁ ଛଡ଼ାଇବାରେ ମୃତ୍ୟୁର କି ତୀବ୍ରତା
ଭୂକମ୍ପଠାରୁ ୟୁକ୍ରେନ କି ଗାଜାର ଯୁଦ୍ଧ କ୍ଷେତ୍ରରେ
ତା'ର ଅଘୋରୀ ନୃତ୍ୟର କି କିଳିକିଳା ତାଣ୍ଡବ ?
ସେ ସର୍ବଶକ୍ତିମାନ ଅପରାଜୟୀ ।
ଯେତେ ସୁକର୍ମ, ସାଧନା, ଧର୍ମ, ତପସ୍ୟାଠୁ ସିଦ୍ଧି
ସବୁ ତା' ପାଖରେ ସାମୟିକ, କ୍ଷଣସ୍ଥାୟୀ ।
ତା' ଆଖିରେ ଜୀବଠୁ ପରମ, ଭୂତ ଭବିଷ୍ୟତ
ତା'ର ନାହିଁ କୌଣସି ଇତିହାସ ଅଥବା ଭୂଗୋଳ ।
ଅବିନାଶୀ ମୃତ୍ୟୁ ବଦଳାଏ ଦେହର ପୋଷାକ
ପିନ୍ଧାଇପାରେ ସେ ପୁନରାୟ ଚିତ୍ରାୟିତ ପାଟ ପୀତାମ୍ବର ।
ଅଥବା ସେ କାଳଚକ୍ର ଯଜ୍ଞକୁଣ୍ଡେ ପ୍ରଦାନେ ଆହୁତି ।
କଣ୍ଠରୋଧ କରେ ସିଏ, ମୃତ୍ୟୁ ପରେ ପୁନଃକୁଆଁ ଶବ୍ଦ
ପ୍ରକୃତିର ନନ୍ଦିଘୋଷେ ବାଜି ଉଠେ ପୁଣି ଜନ୍ମ ଶଙ୍ଖ ।
ସର୍ଜନାର ବିସ୍ମୟରେ ମୃତ୍ୟୁ ତା'ର ହସୁଥାଏ କାଳାନ୍ତକ ହସ ।
ସର୍ଜନାର ଅନ୍ତ ନାହିଁ ମୃତ୍ୟୁ ତା'ର ଅଖଣ୍ଡ ସାରଥି
ସେ ନ ଥିଲେ ବଞ୍ଜର ପାଲଟିଥାନ୍ତା ଏ ଜୀବନ୍ତ ବିଶ୍ୱ
ମହାଜାଗତିକ ଏଇ ସୃଜନ କ୍ରିୟାରେ
ସେ' ତ ସମୟର ଚିତ୍ରଗୁପ୍ତ, ହିସାବ ରକ୍ଷକ ।

■■■

ବଟେଶ୍ୱର, ସାଲେପୁର, କଟକ
ଦୂରଭାଷ : ୮୨୮୦୧୩୩୭୧୨

ଧ୍ରୁବ ରଣା

ପ୍ରଗତିଶୀଳ ଚେତନାର କବି । ମେହନତି ଓ ବଞ୍ଚିତ-ଶୋଷିତଙ୍କ ସ୍ୱର ତାଙ୍କ କବିତାର ମୁଖ୍ୟ ଅବଲମ୍ବନ । ତାଙ୍କର କାବ୍ୟ ଓ କବିତା ସଙ୍କଳନ ୨୪ ଖଣ୍ଡ ପ୍ରକାଶ ପାଇଥିବାବେଳେ, ଉପନ୍ୟାସ ୩ ଖଣ୍ଡ ଏବଂ ପ୍ରବନ୍ଧ ପୁସ୍ତକ ୫ ଖଣ୍ଡ ପ୍ରକାଶ ପାଇଛି ।

ନବ ଇତିହାସ

ହେ ସାଥୀ !
ପୂର୍ବାଶାର ଭାଲେ ଦେଖ
ଡାକେ ମୁକ୍ତି ସୂର୍ଯ୍ୟ,
ଗତରାତି ଅନ୍ଧକାର ଛେଦି
ଆସନ୍ତା ଅନ୍ଧକାରର
ଛେଦିବାକୁ ବେକ,
ହୁଅ ପ୍ରସ୍ତୁତ ନିଶ୍ଚୟ
ମୁକ୍ତି ସୂର୍ଯ୍ୟେ
କର ତୁମେ ସ୍ନାନ
ଅନ୍ଧାରମଖା ଦେହରେ
ଆସୁ ତୁମ ଆଲୋକ ପ୍ଲାବନ,
ସେ ପ୍ଲାବନ ତୀବ୍ରାଘାତେ
ଧ୍ୱଂସକର ଅବାଞ୍ଛିତ
ମଣିଷର ଯେତେ କର୍ମ
ଯେତେ ପାପ
ଯେତେ ଅତ୍ୟାଚାର
ଯେତେକ ଶୋଷଣ
ମଦହୋସୀ ସାମ୍ରାଜ୍ୟର
ଘୃଣ୍ୟ ଇସ୍ତାହାର,
ଶାସନର ବ୍ୟବସ୍ଥାରେ
ବ୍ୟବସ୍ଥିତ ସକଳ ଭ୍ରଷ୍ଟତା
ସାଧୁ ଶୁଦ୍ଧ ମଣିଷରେ
ପାଶବୀୟ ରାହାଜାନି
ଦେଖି ତ ହେଉନି ଯେତେ
ପଶୁର ଧୃଷ୍ଟତା,
ଧର୍ମଧାମ ଶୋଷଣର
ବିଧର୍ମୀ ପ୍ରବକ୍ତା
ସାମ୍ରାଜ୍ୟର ସ୍ୱାର୍ଥସିଦ୍ଧ
ଅହଂବାଦୀ ଯେତେ
କ୍ରୁର ଅସାଧୁତା
ଧ୍ୱଂସ ସବୁ କର ତାଙ୍କ
ଦୁଷ୍ଟ ଅଶ୍ଳୀଳତା
ସୂର୍ଯ୍ୟସ୍ନାନେ ପିନ୍ଧି ଗଳେ
ଆଲୋକର ମାଳା
ମୁକ୍ତିଯୁଦ୍ଧେ ଦେହୁ ତୁମ ପଳପଳ
ରକ୍ତନେଇ ପୂର୍ଣ୍ଣକର
ମୁକ୍ତି ଯଜ୍ଞଶାଳା,
ଧର୍ମ, ଜାତିବାଦ
ମୁନାଫାର ଛାତିଫାଡ଼ି
ମୁକ୍ତିଯୁଦ୍ଧ କର ସମାପନ
ବିଷମବାଦ ଧରାରେ
ସ୍ଥାପ ତୁମେ ଶାସନର
ତୁମ ସିଂହାସନ,
ଖେଦିଯାଅ
ପୃଥିବୀର କୋଣେକୋଣେ
ଭୟନାହିଁ ଭାଇ
ଅପବାଦୀ ଧରଣୀର
ଲେଖ ଏବେ ଶେଷ ପାଦଟୀକା,
ସ୍ନେହୀ, ପ୍ରେମୀ ସମତାର
ନବ ଇତିହାସ
ତୁମ ରକ୍ତେ ହେଉ ଏବେ ଲେଖା ।
ଅସ୍ଥିର ଏ ଧରା ହେଉ
କାଳ କାଳ ଶାନ୍ତ
ପଶୁର ଫଳକ ଫାଡ଼ି
ଗାଅ ତୁମେ ଶାନ୍ତିର ସଙ୍ଗୀତ ।
'ଥିଲା, ନ ଥିଲା' ଶବ୍ଦର
ଶବ୍ଦକୋଷ ଜାଳି
'ସବୁଥିଲା' ଶବ୍ଦକୋଷ
ଲେଖ ତୁମେ ମୁକ୍ତି ନିଆଁ ଜାଳି ।

■■■

ଭଗତ ସିଂ ବିହାର, ବଡ଼ମ୍ବା, କଟକ
ଦୂରଭାଷ : ୯୧୭୮୨୧୪୭୨୪

ରକ୍ଷକ ନାୟକ

ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରୁଥିଲେ ମଧ୍ୟ ମୁଖ୍ୟତଃ କବି। ପ୍ରକାଶିତ କବିତା ଗ୍ରନ୍ଥ ମଧ୍ୟରେ ଊର୍ଦ୍ଧ୍ୱ ଉଡ଼ାଣ, ବ୍ରହ୍ମଶିଳା, ବୀଜ ବିକ୍ଷେପ, ଅନ୍ୱେଷା ଅହର୍ନିଶ ଆଦି ପ୍ରଧାନ। ପତ୍ରପତ୍ରିକା ସମ୍ପାଦନା ଓ ଗବେଷଣା କାର୍ଯ୍ୟରେ ସମ୍ପୃକ୍ତ। ରାଜ୍ୟ ଯୁବସମ୍ମାନ ସମେତ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ।

ବିମ୍ବସ୍ନାନ

ବିଶେଷ କଛି ଘଟିନି
ଆଜି ଦିନରେ
କେବଳ ବୟସ ବଢ଼ିବା ବ୍ୟତୀତ
ତା' ବି ପୁଣି ମୋ ଇଚ୍ଛା ବିରୁଦ୍ଧରେ।

ଦେଖିଲି : ଛୋଟ କାକର ଟୋପାରେ,
ସୂର୍ଯ୍ୟୋଦୟ, ସାରା ଆକାଶ।

ଗଛରୁ ଶୁଖିଲା ପତ୍ରଟିଏ, ନାଚିନାଚି
ମାଟିକୁ ଛୁଇଁଲା; ଗଛମୂଳେ ଗୋଟେ ସାପ
କ'ଣଟେ ଗିଳି ଛଟପଟ ହେଉଥିଲା।

ଚା' ଖଟିରେ ଲୋକମାନଙ୍କ ଓଠରୁ
ବୋହି ପଡୁଥିଲା ଧାରେ ଦି' ଧାରେ ଜୀବନ
ସଙ୍ଖୁଡ଼ି ପ୍ରସାଦ
ତା'କୁ ସାଇତିଲି।

ଖବରକାଗଜ ପଢ଼ିବା ବେଳକୁ
ଅକ୍ଷର ସବୁ ଉଡ଼ିଗଲେ; ସାଦା କାଗଜ
ପକେଟ୍‌ରେ ମୋଡ଼ିମାଡ଼ି ରଖିଲି।

ସାଇକଲ୍‌ରେ ଚିଲେଇ ଚିଲେଇ
ଲୋକଟିଏ ଗଲା, ବୋଧେ ଫେରିବାଲା
କ'ଣ ସେ କହୁଥିଲା କେଜାଣି
ଯେତେ ଚେଷ୍ଟା କଲେ ବି
ବୁଝି ପାରିଲିନି।

ପଖାଳ ଭାତ ଉପରେ ଶାଗ
ଦାସିଆକୁ ଚକାଆଖି ପରି ଦିଶିଥିଲା କାଳେ
ବହୁ ଚେଷ୍ଟା ପରେ ବି
ମତେ ସେମିତି ଦିଶିଲାନି।

ରାସ୍ତା ସେ ମୁଣ୍ଡରୁ ବହିବସ୍ତାନି ଧରି
ଛୋଟ ଝିଅଟିଏ; ନିରିଖେଇଲି
ମୋ ସାମ୍ନା ଦେଇ ଗଲାବେଳକୁ
କେମିତି ବୁଢ଼ୀ ହେଇଗଲା
ଭାବିପାରୁନି।

ସାଇକଲ୍ କେରିଏଲ୍‌ରେ ପୁଳେ କୁକୁଡ଼ା
ବାନ୍ଧି ଲୋକଟିଏ ଗଲା ଯେ
ଫଡ଼ଫଡ଼ରେ ପରଟିଏ ଆଖିରେ ପଡ଼ିଲା
ଡେର୍ ସମୟ କିଛି ଦୃଶ୍ୟ ହେଲାନି।

ଏଇମିତି ଅନେକ ମାମୁଲି ଦୃଶ୍ୟ
ମୁଁ ସେଥିରେ ଥିଲି କି ନ ଥିଲି
କାହାକୁ ପଚାରିବି ?
କୋଉଠୁ ପାଇବି
ସବୁ କୋଳପର ମାଷ୍ଟର ଚାବି।

ଫଟାସ୍‌କିନା ସଞ୍ଜ ରାତି ହେଇଗଲା
ଅନ୍ଧାରକୁ ପ୍ରାଣେ ଡର;
ଆଜି ଆଉ ଶୋଇବିନି
ବେତାଏ କବିତାର ମଞ୍ଜି
କ'ଣ ଗଛ କରି ପାରିବି ?

■■■

ନିର୍ଦ୍ଦେଶକ, 'ଓଡ଼ିଆ ଭାଷା ଓ ସଂସ୍କୃତି'
କିଟ୍ ବିଶ୍ୱବିଦ୍ୟାଳୟ, ପଟିଆ, ଭୁବନେଶ୍ୱର
ଦୂରଭାଷ : ୯୪୩୭୬୭୧୪୪୦

'ସମାଜ' ଓ 'ସତ୍ୟବାଦୀ'ର ଶୁଭେଚ୍ଛା

ଅସହାୟ, ଦୁଃସ୍ଥ ଓ ନିପେଡ଼ିତ ଜନତାଙ୍କ ସେବାରେ 'ସମାଜ' ନିଜକୁ ଉତ୍ସର୍ଗୀକୃତ କରି ରଖିଛି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏହି ଅକ୍ଷୟକିର୍ତ୍ତୀକୁ 'ସମାଜ' ଅକ୍ଷୁର୍ଣ୍ଣ ରଖିଥିବାରୁ 'ସତ୍ୟବାଦୀ' ଓ 'ସମାଜ'ର ୧୦୫ତମ ସ୍ୱ-ନକ୍ଷତ୍ର ଉତ୍ସବ ଅବସରରେ 'ସମାଜ' ପରିବାରକୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

॥ ଶୁଭେଚ୍ଛାର ସହ ॥

ଡ଼କ୍ଟର ତପନ କୁମାର ଶତପଥି

କୃତ୍ତିବାସ ଚିକିତ୍ସାଳୟ, ବାଡଉଁଶଲୁଣ୍ଡି, ଭଞ୍ଜନଗର, ଗଞ୍ଜାମ

ଶୁଭେଚ୍ଛା

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ
ଦାସଙ୍କ ପ୍ରତିଷ୍ଠିତ 'ସମାଜ'ର
୧୦୫ତମ ପ୍ରତିଷ୍ଠା ଦିବସ
ଉପଲକ୍ଷେ ସଦିଚ୍ଛା ବାର୍ତ୍ତା

ଡ. ବିଷ୍ଣୁଚରଣ ସାହୁ

ଶିକ୍ଷାବିତ୍, ରୋଟାରିଆନ୍, ସମାଜସେବୀ, ଭୁବନେଶ୍ୱର

ଦଶହରା ଦୁର୍ଗାପୂଜା ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ

A Well Wisher
Koksar, Block

Bhabishyat Patel
P.E.O, Koksara

Biranchi kharsel
P.E.O, Ladugaon



ପ୍ରଭା ପଟ୍ଟନାୟକ

କବି ଓ କଣ୍ଠଶିଳ୍ପୀ ଭାବେ ସ୍ୱକୀୟ ପରିଚୟ ରହିଛି । ତାଙ୍କ କବିତାରେ ଆତ୍ମଦହନ ଓ ପ୍ରେମାନୁରକ୍ତିର ପରିଭାଷା ନିଆରା । 'ଅନ୍ୟମଗ୍ନା', 'ହିମ କମଳ', 'ସ୍ମୃତି ଅନୁଭୂତି' ଆଦି ଏଗାରଟି କବିତା ସଂକଳନର ସ୍ରଷ୍ଟା । ସାହିତ୍ୟ, ସଙ୍ଗୀତ ଓ ସମାଜସେବା ନିମନ୍ତେ ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ-ସମ୍ମାନିତ ।

ସମ୍ପର୍କର ଋତୁ

ବେଳେ ବେଳେ ଋତୁ
ରଙ୍ଗ ବଦଳାଏ,
ବଦଳିଯାଏ ସମ୍ପର୍କରୁ ସମ୍ପର୍କ
ଅବୁଝା ଲାଗେ ଆପଣାପଣ
ସର୍ତ୍ତବିହୀନ ପରସ୍ପରତା
ବିଶ୍ୱାସ ଓ ସ୍ୱପ୍ନ,
ସହି ହୁଏ ନାହିଁ
ସକାଳ, ଅପରାହ୍ଣର
ମୁହୂର୍ତ୍ତ ମୁହୂର୍ତ୍ତର ଉଦ୍‌ବେଗ,
ରାତିରେ ତାରାମାନଙ୍କର ପରିହାସ
ମନ-ଦେହକୁ ଓଦା କରୁଥିବା
ଶୂନ୍ୟ ଆକର୍ଷଣ,
ବିନ୍ଦୁବିନ୍ଦୁ ନିର୍ଲିପ୍ତ ଅନୁଭବ
ସମ୍ପର୍କର, ପ୍ରତୀକ୍ଷାର,

ସେ ପ୍ରତୀକ୍ଷା ତ
ହୃଦୟର ନିବିଡ଼ତାର
ଆଞ୍ଜୁଳାରେ ଧରି ବାସ୍ତବତାକୁ ଅଜାଡ଼ିଦିଏ
ପତ୍ରଝଡ଼ାର ଧୂସର ମାଟିରେ,
ଋତୁ ବଦଳେ

ହସି ଦିଏ ଦିନ ମଧୁରତା ମାଖି
ରାତି ହୁଏ ଛଳ ଛଳ
ସ୍ପର୍ଶରେ ଅଧୀର,
ପ୍ରତିଶ୍ରୁତି ଓ ଉପେକ୍ଷାର
ଅନ୍ତର୍ଦାହ ଲିଭି ଲିଭି ଆସେ,
ଏକ ଅଯାଚିତ
ସଯତ୍ନ ସଂଯୋଗରେ,
ଅଦୃଷ୍ଟରେ ଶିହରାଇ ଦିଏ
କା' ଇଚ୍ଛାର ଅନୁଚ୍ଚାରିତ ଯେ
ଅନ୍ତରଙ୍ଗ ସ୍ୱର,

ପୋଛିଦିଏ ସକଳ ଦ୍ୱନ୍ଦ୍ୱ
ସମୟର ବିଦଗ୍ଧ ଆଲେଖ୍ୟ,
ପ୍ରେମ ନୁହେଁ, ବିଚ୍ଛେଦ ନୁହେଁ,
ବା ପ୍ରତିଦାନ ନୁହେଁ,
ଶୁଦ୍ଧ ସ୍ୱାଧ୍ୟାୟ,
ଏକ ଶୁଭ୍ର ଆଲୋଡ଼ନ
କେଉଁ ସମ୍ପର୍କର ଆତ୍ମୀୟତାର ।

■■■

ଏଚ୍‌.ଆଇ, ଏ/୧, ସେକ୍ଟର-୭, ସିଡ଼ିଏ, କଟକ-୧୪
ଦୂରଭାଷ : ୭୬୦୯୦୭୪୦୨୮

ବିଶ୍ୱନାଥ କର

କବିତା ରଚନା ପ୍ରତି ପ୍ରଗାଢ଼ ଅନୁରକ୍ତି ରହିଛି । ଆତ୍ମ ଆବିଷ୍କାର ଦିଗରେ ଉନ୍ମୁଖ । ଛ'ଟି କବିତା ସଙ୍କଳନ ପ୍ରକାଶିତ । ସାରସ୍ୱତ ସାଧନା ପାଇଁ କେତେକ ଅନୁଷ୍ଠାନରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ।

ମୁଁ ତ ଦାସଟିଏ

ହଜୁର
ଦାସର ବା ନିଜର ଇଚ୍ଛା କ'ଣ
ପ୍ରେମ ତ ମୋ ପାଇଁ ଉତ୍ତପ୍ତ ନିଃଶ୍ୱାସର ଧାପ
ନିତି ନିତି ମୃତ୍ୟୁ ବରେ
ମୁଁ ପୋତିଥିବା ଗଛର ଡାଳରେ କଢ଼ ଧରିଥିବା ଫୁଲ ।

ଦାସର ବା କି ଇଚ୍ଛା ଥାଏ ହଜୁର
ଯେତେ ବାଟ ଚାଲିଲେ ବି କ୍ଳାନ୍ତ ହେବାର ନାହିଁ
ଲୁହ ଆପେ ଝରେ, ଆପେ ଶୁଖେ
ବିସ୍ଥାପିତ ହୁଏ ସ୍ୱପ୍ନର ଛାଇରେ ଗଢ଼ୁଥିବା ଘର
ମୁଁ ଲଢୁଥାଏ ନିତି ନିଜେ ନିଜ ଛାଇ ସହ ।

ଦାସଟିଏ କେବେ ହୋଇପାରେ କି
ନିଜ ଇଚ୍ଛାର ମାଲିକ
ସ୍ୱପ୍ନ ଦେଖିବାକୁ ଛୋଟ କରି ହୁଏନି ଏତେବଡ଼ ରାତି
ମୋ ପାଇଁ ହୁଏତ ହୋଇପାରେ ସୂର୍ଯ୍ୟୋଦୟ ସତ
ରାତିର ଆଲୋକ କେବେ ଶୁଣାଇନି ପ୍ରେମର ସଙ୍ଗୀତ
ମୋ ଆକାଶରେ ଜହ୍ନ ଏକ ହଜି ଯାଇଥିବା ଚିହ୍ନ ମାତ୍ର ।

ଦାସର କି ସ୍ୱାଧୀନତା ଥାଏ ହଜୁର
ମୁଁ ତ ଚିହ୍ନି ପାରୁନି ଫୁଲର ରଙ୍ଗ
ଜାଣିପାରୁନି କ'ଣ ଖୋଜୁଛି ସକାଳରୁ ରାତିଯାଏ
ତମ ତୃତୀୟପାଦ ମୁଣ୍ଡରେ ବୋହି
ବୁଡ଼ି ଯାଇଛି ମୁଁ ଅଧା ମାଟି ଅଧା ପାତାଳରେ ।
ଆତ୍ମହରା ହୁଏ ମଳିନ ଜହ୍ନର ଜ୍ୟୋତ୍ସ୍ନାରେ
ମୋ ପ୍ରତିବିମ୍ବର ଗଳାରେ ଫୁଲମାଳ ଦେଇ
ମୋ ସମାଧିସ୍ଥ ସ୍ୱପ୍ନମାନେ
କେବେ କେବେ ଚେଇଁ ଉଠନ୍ତି ଆଖି ମଳି ମଳି
ଶୁଭ ପକାଇ ମୋ ଅନିର୍ଦ୍ଦିଷ୍ଟ ଯାତ୍ରାର ।

ଦାସଟିର କି ଜୀବନ ହଜୁରେ
ଜୀବନ ଜିଇବାର କଳା କି କିଛି ଥାଏ
ଚେନାଏ ଜହ୍ନର ହସକୁ ଉଦରସ୍ଥ କରି ଗଛର ଫାଙ୍କରୁ
ନିଜ ପାଇଁ ତ ମୁଁ ଆଜନ୍ମ ଉଲଗ୍ନ
ମୋ ହାତମୁଠାର ଖରାକୁ ମାଖି ପାରେନା ମୁହଁରେ
ରାତି ଅଧରୁ ବଦଳି ଯାଉଥିବା ତାରିଖ
ମୋ ପାଇଁ ସ୍ଥିର ଓ ନିର୍ଜୀବ ।

ମୁଁ ଉତ୍ତର ଖୋଜି ପାଏନା ହଜୁର
ଅନ୍ଧାରକୁ ଏତେ ପାଖରେ ଦେଖିବି
ବୁଝି ପାରେନା
ପଞ୍ଜୁରି ବାହାରକୁ କାହିଁକି ଉଡ଼ି ଯାଏନା ପକ୍ଷୀ
ଛାଡ଼ି ପାରେନା ତା' ଅବରୁଦ୍ଧ ପୃଥ୍ୱୀ
ଖୋଜେନା ହାତ ପାଉଥିବା ଆକାଶ ।

ରାତିର ବଳକା ନିଦରେ ଘାଣ୍ଟି ହୋଇ
ନିଜକୁ ଏତେ ଭଲ ପାଇବାକୁ ସମୟ କାହିଁ ହଜୁର
ମୋର ଇଚ୍ଛା କାହିଁ ହଜୁର
ରାତିକୁ ବାନ୍ଧିବାକୁ ଫୁଲର ମାଳରେ
ମୋ ଇଚ୍ଛାରେ ହସିବାକୁ ମୋତେ ସମୟ କାହିଁ ହଜୁର
ମୋ ଧମନୀରେ ତମ ହୁକୁମର ରକ୍ତ
ମୁଁ ତ ଦାସଟିଏ
ନିଜ ଇଚ୍ଛାରେ ଜିଇ ପାରୁନଥିବା ଦାସଟିଏ ହଜୁର ।

■■■

ସାଇ କଲୋନୀ, ଦେଉଳସାହି, ତୁଳସୀପୁର,
କଟକ-୭୫୩୦୦୮
ଦୂରଭାଷ : ୯୭୭୭୩୩୭୭୩୯

ରବି ଶତପଥୀ
'ଅବୁଝା ପକ୍ଷୀର ଗୀତ' କବିତା ପୁସ୍ତକର ସ୍ରଷ୍ଟା ଭାବେ ସ୍ୱତନ୍ତ୍ର ପରିଚୟ ରହିଛି । ଜୀବନନିଷ୍ଠ ଓ ଉଦ୍ଭାଣମନସ୍କ ହୋଇ କବିତା ରଚନା କରନ୍ତି । ଓଡ଼ିଶାର ପ୍ରମୁଖ ସାହିତ୍ୟ ପତ୍ରିକାରେ କବିତା ପ୍ରକାଶିତ ।

ପଦେ କଥା

ସେଇ ପଦେ କଥା
କହି ପାରିଲିନି ବୋଲି
କ'ଣ କମ୍ ଦହଗଞ୍ଜ ହେଲି,
କହି ଦେଇଥିଲେ କାଳେ
ତୁମେ ତା'କୁ କହିଥାନ୍ତ ପାପ ।
ସେହି ଭୟରେ
ସାରାଜୀବନ ଡରିଡରି
ପୁଣ୍ୟ ବୋଲି ଭାବି ଯାହାକୁ ସଞ୍ଚିଲି
ସତରେ ସିଏ କ'ଣ ପୁଣ୍ୟ ଥିଲା ?
ଏମିତି ଗୋଟେ ପ୍ରଶ୍ନ ପାଖରୁ
କେବେ ବି ମୁକୁଳି ପାରିଲି ନାହିଁ ।
ଆଚରଣ ଓ ଉଚ୍ଚାରଣରେ
ବେଶ୍ ଡରିଲି ପାପକୁ,
ତା'କୁ ନିଆଁ ଭାବି
ଦୂରେଇ ରହିଲି ।
କାଳେ ଇଚ୍ଛା କଲେ
ପାପରେ ବୁଡ଼ି ଯିବାକୁ ହୁଏ,
ଆଉ ଶାମୁକା ଗର୍ଭରୁ
ଗୋଟିଏ ମୁକ୍ତା ପରି
ଖୋଜିବାକୁ ହୁଏ ପୁଣ୍ୟ ।
ସତରେ ପଦେ କଥା ଯଦି ପାପ
ନିଅ ମୋତେ ମୂକ କରି
ଝୁଲେଇ ଦିଅ
ଅବିଶ୍ୱାସର ଫାଶୀଖୁଣ୍ଟରେ,
ନୀରବତା ଯଦି ପୁଣ୍ୟ
ନିଅ ମୋତେ ନେଇ ବସେଇ ଦିଅ
ସମ୍ପର୍କର ରାଜସିଂହାସନରେ ।

■■■

ଅଧ୍ୟାପକ, ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ଦୂରଭାଷ : ୯୪୩୭୭୮୪୮୫୯

ପିନାକୀ ମିଶ୍ର

ଜୀବନନିଷ୍ଠ କବି ଭାବେ ସୁପରିଚିତ । ଓଡ଼ିଶାର ପ୍ରମୁଖ ସାହିତ୍ୟ ପତ୍ରିକା ଓ ସମ୍ବାଦପତ୍ରରେ ନିୟମିତ ଲେଖା ପ୍ରକାଶିତ ହୋଇଆସୁଛି । ପ୍ରକାଶିତ କବିତା ସଂକଳନ 'କାଲିର ସକାଳ', 'ବିଭାବରୀ', 'ସୂର୍ଯ୍ୟସନ୍ଧି', 'ଶବ୍ଦବୀଜ' ।

ଯଉବନ

ଗୋଟେ ଅକ୍ସଦିନର ସିଂହାସନ
ଗୋଟେ ଅଦମ୍ୟ ଉଡ଼ାଣ ଅଭିଯାନ
ଗୋଟେ ହୁହୁ ବଢ଼ୁଥିବା ଶାଳଗଛ
ଗୋଟେ ରୋଗଣା ବାପର ହାତୀବଳର କାନ୍ଧ ।

ସ୍ୱପ୍ନ ପହଁରୁଥାଏ ସମୁଦ୍ର ଢେଉକୁ ଦି'ଫାଳ କରି
ଆଖି ନୀଳ ଆକାଶରେ ମନଭରି ଫୁଲ ତୋଳେ
ପାଦ କରମା ନିଆଁରେ ଦମ୍‌ଦମ୍ ଚାଲେ
ହାତ ଥରକରେ ଗଢ଼େ ଲାବଣ୍ୟ ଶିଳା କଟି ମେଖଳା,
ଜୀବନ ବାଜି ଲାଗେ
ବନସ୍ତରେ, ଯୁଦ୍ଧରେ, ପ୍ରେୟସୀକୁ କଥା ଦେଲେ ।

ଯଉବନକୁ ପଚାରନା କିଛି
ତା'କୁ ମନେଇ ପାରିଲେ
ରଜାର ଦେଉଳ ପାଇଁ ପଥର ବୋହିଦେବ
ବାରବାର ଅସଫଳ ହେଲେ ବି
ଭାଗ୍ୟ ସହ ଲଢ଼ିବ ଅଭିମନ୍ୟୁ ପରି,
ସେ ରତ୍ନଫୁଟୁ ମାନେନା
ଗାଈଆଳ ଟୋକାର ବଂଶୀରେ ସାପ ବି ବଶମ୍ବଦ ।

ଯଉବନ ଜଳେ, ସେ ଅକୁହା ଜଖମ
କଣ୍ଟା ଫୁଟୁ କି ଭୋକ କୁହାଟୁ
କିଏ ପଚାରେ
ଲକ୍ଷ୍ୟସ୍ଥଳ ପାଣିତଳେ ଥିଲେ ବି ମଞ୍ଜୁର ।

ଯଉବନ
ପହିଲି ପ୍ରେମରେ ପୃଥିବୀଟେ ଗଢ଼େ
ଚନ୍ଦ୍ରିକାଚକୋରୀ ମୁହଁ - ଲାଗେ ବିଶ୍ୱରୂପା
ତା'କୁ ଭାବିଦେଲେ
ରାଜକୁମାରର କି ନଉକାବିହାର ।

ଯଉବନ ମନା କରିବନି
ଛାତି, ଲୁହ, ବଳ, ବିଶ୍ୱାସ, ଆୟୁଷ ଦେବାକୁ,
ସେ ତୟାର୍ ବିଷ ପବନ ଛେକିବାକୁ,
ସେ ସହି ପାରିବନି ବାଘର ହରିଣୀ ଶିକାର
ସେ ରାସ୍ତା ମଝିରେ ଠିଆ ହେବ ନାଲି ଆଖି ବିରୋଧରେ,
ସେ ରାତିରେ ଶୋଇ ପାରିବନି
ଝଡ଼ର ତୋଡ଼ରେ ଗଛଡ଼ାଳ ଭାଙ୍ଗିଗଲେ ।

ଯଉବନ ବି ହସେ
ଫାଶୀମଞ୍ଚରେ ଭଗତ ସିଂହ ପରି,
ଯଉବନ ସାରାରାତି ପହଁରେ
ଈଶ୍ୱରଙ୍କୁ ଆଣିବା ଦାବିରେ,
ଯଉବନର ଚାଲିବା ସରେନା-
ଦୁଃଖ ଫେଡ଼ିବାର ମନ୍ତ୍ର ଖୋଜାରେ ।

ଯଉବନର ଗାରେ ହସରେ
ଲୁହରେ, ଲହୁରେ, ଦ୍ରୋହରେ, ବାଜିରେ
ଗାଁ, ଘର, ଦେଶ ସବୁ ବଦଳେ,
ଇତିହାସ ବି ଯଉବନର ଉତ୍ତରଣ ଠୁଳାଏ ।

■■■

'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ୍ ରୋଡ଼, କେନ୍ଦୁଝର-୧
ଦୂରଭାଷ : ୯୪୩୮୧୧୮୩୯୭

କିଶୋର ପାଣିଗ୍ରାହୀ

କବି, ସମାଲୋଚକ ଓ ଅନୁବାଦକ ଭାବେ ସୁପରିଚିତ । ତାଙ୍କ କବିତାରେ ମାନବୀୟ କଷଣ ଓ ପୀଡ଼ା ସହିତ ସଙ୍ଘର୍ଷର କଥା ଜୀବନ୍ତ ରୂପ ପାଇଥାଏ । 'ଚୋଟ', 'କ୍ଷତ', 'ଶଙ୍ଖଚିଲ', 'ଅଛି' କବିତା ସଙ୍କଳନ ପ୍ରକାଶ ପାଇଛି । ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ-ସମ୍ମାନିତ ।

କ୍ଷେତୁଆଳ

ଆହା
ଆଖିଏ ଆକାଶୀ ଆଶା
ଛାତିଏ ମେଘର ଭରସା!
ହିଡ଼ ମୁଣ୍ଡରେ ବସିବସି
ଫେରି ଆସିଲି ଖରାଚିଆ
ଖୁବ୍ ଡେରି କଲ ବର୍ଷା!
ଯଦି ଦୈବାତ୍ ଆସ
କେମିତି ପିଠି ପଟେଇ ପଡ଼ିଚି ଦେଖିବ
ଛଡ଼ା ତୁଳସୀ ପରି ମୋର ପ୍ରେମ
ଗୋଟେ ପୋଡ଼ା ଘାଆ ପରି
ମୋର କ୍ଷେତ
ଭାଗ୍ୟ ଓ ଭବିଷ୍ୟ ।

ଜାଣେ,
ବୁଣିଥିବା ସ୍ୱପ୍ନରୁ କିଛି ଯିବା କଥା;
ଯିବେ
ବିଲ ମୂଷାଙ୍କ ଦାନ୍ତରେ
ଗାତରେ,
କିଛି ଦାନାଖୋର୍ ଚଢ଼େଇ ଥଣ୍ଟରେ
କିଛି ଗଜା ମରୁଡ଼ିରେ;
କପାଳକୁ ଯୋଉ କେରାକ
କଅଁଳ ଛନଛନ ଉଲ୍ଲାସ ଉଧେଇଥିବ
ସବୁ ଗଲା ପରେ
ଯିବେ କାହାର ନା କାହାର ଓଲିଆ ଜିଭରେ
ମୁଁ ଜାଣେ ।

ଶୁଣିଲି କୁଆଡ଼େ
ଅନାସ୍ଥାର ପଞ୍ଚଗ୍ରହକୂଟ
ତୁମ ପାଇଁ ଆକାଶର ଚଉଦ୍ୱାର କିଳି ସାରିଲାଣି
ଏଥର ନୂଆ ପାଞ୍ଜିରେ,
ଶୁଣିଲି କୁଆଡ଼େ ବିଷଚୋଟରେ
ମାତାଲ ପବନ ତୁମର ପଣତ ଛାଡ଼ି
ଅବାଟରେ ଧସେଇ ଗଲାଣି
ଓ ତୁମେ ଋତୁହୀନା ହୋଇ ସାରିଲଣି ।
ଶେଷ ଢୋକର
ଶୋଷ ଡାଳକ
ଠେକୁଆ ହେଇ ଧାଇଁ ଗଲାଣି ଜହ୍ନଆଡ଼େ
ଜଳ-ଭ୍ରମରେ,
ପେଟ ଚାଖଣ୍ଡକ ଭୋକ
ଅସ୍ମିତାର ଓଦାକନା ଗୁଞ୍ଜି ବାହାରି ଗଲାଣି
ରାତି ପାହିବା ଆଗରୁ ଫେର୍ ଦାଦନରେ ।

ତୁମର ବିଳମ୍ବକୁ ନିଅଣ୍ଟ ପଡ଼ିଲା ମୋର ସମସ୍ତ ଅପେକ୍ଷା ।
ସ୍ୱପ୍ନମାନେ ଖଇ ହେଇ ଫୁଟିବା ଆଗରୁ
ତାଉଆ କ୍ଷେତକୁ ପିଠି କରି ଫେରିଆସିଲି;
ଏତେ ଡେରି କରିଦେଲ ବର୍ଷା !
ରାତିରାତି ନିଦକୁ ନିଅଣ୍ଟ ସ୍ୱପ୍ନକୁ
ଫିଙ୍ଗିଦେଇ ଆସିଲି ତାଉଆ କ୍ଷେତରେ
କାହା ଭରସାରେ ?
ପ୍ରେମିକ କି କ୍ଷେତୁଆଳ ଛଡ଼ା
ବର୍ଷାକୁ କିଏ ବା ଭରସା କରେ?
■■■

ବିରୁହାଁ, ଜାହାଙ୍ଗୀର, ଭଦ୍ରକ
ଦୂରଭାଷ : ୭୦୦୮୧୧୭୯୬୪

ଡକ୍ଟର ଗାୟତ୍ରୀବାଳା ପଣ୍ଡା

*ସାମ୍ପ୍ରତିକ ଓଡ଼ିଆ କବିତାରେ ଏକ ସ୍ୱର୍ଦ୍ଧିତ ନାରୀସ୍ୱର ।
କବିତା ସଂକଳନ 'ଗାଁ' ପାଇଁ କେନ୍ଦ୍ର ସାହିତ୍ୟ
ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ । 'ଆହତ ପ୍ରତିଶ୍ରୁତି',
'ଦୟାନଦୀ' ଆଦି ୯ଟି କବିତା ସଂକଳନ ପ୍ରକାଶିତ ।
ଗଳ୍ପ, ଉପନ୍ୟାସ ରଚନାରେ ମଧ୍ୟ ବ୍ରତୀ ।*

ଭାଷାଗାନ (୮୭)

କିଦବା କ୍ୱଚିତ୍ ମୋର ଅନୁଭବ
ମୁଁ ଭାଷାରେ ବ୍ୟକ୍ତ କରିପାରେ ।

ମୃତ ଜେଜେବାପାଙ୍କ
ଅଚିହ୍ନା ଅନ୍ୟମନସ୍କତାମାନେ
ଉଦ୍‌ବିଗ୍ନ କରିପକାନ୍ତି ସମୟକୁ ।

ମୁଁ ଦୋକାନରୁ କିଣୁଥାଏ ସଉଦାପତ୍ର
ଅବା ମାଛହାଟରୁ ମାଛ, ମଲ୍‌ରୁ ଶୀତବସ୍ତ୍ର
ଅବା ମନ୍ଦିରରେ ଜାଳୁଥାଏ ଦୀପ
ଅବା ଶିଡ଼ି ଚଢୁଥାଏ ଅଫିସ୍‌ର
ଅବା ସମୁଦ୍ରକୂଳେ ବୁଲୁଥାଏ
ମୋ ସହିତ ସମତାଳରେ ଚାଲିଥାଏ
ସେ ଅନ୍ୟମନସ୍କତାର ସମ୍ଭାବ୍ୟ କାରଣ ।

ଯେତେବେଳେ ହଠାତ୍ ସ୍ଥିର ହେଇଗଲା ତମ ଆଖି
କ'ଣ କହିବାକୁ ଚାହୁଁଥିଲ, ଜେଜେବାପା?
ସେ କ'ଣ ଥିଲା ଯାହା ସବୁଦିନ ପାଇଁ
ନିଶ୍ଚଳ ହେଇଗଲା ତମର ମୃତ୍ୟୁ ସହ?

ଆତୁର ହେଇ କିଛି କହିବାକୁ ଚାହିଁଲାବେଳେ
କୋଉଠି ଥାଏ ଭାଷା?
ଶବ୍ଦ?
ଠାର?

ଜେଜେବାପା, ତମର ସେଇ ଅପଲକ ଚାହାଣିରୁ
ସନ୍ତର୍ପଣରେ ଉଠି ଆସିଥିବା ଧାରେ ନାଚାର ପଣ
ଏବେ ବି ଆଉଜି ବସିଚି ମୋ ଅସ୍ତିତ୍ୱକୁ ।

କେହି ଜାଣନ୍ତି ନାହିଁ
ସେଦିନର ସେଇ ପବନକୁ
ମୋ ଭିତରେ ଧରି ବୁଲୁଚି ମୁଁ
ଯୋଉ ପବନରେ
ଉଡ଼ି ବୁଲିଥିଲା ତମ ଦେହ ପାଉଁଶ ହେଇ
ଯୋଉ ପବନ
ଶୋଷି ନେଇଥିଲା ତମ ଆତ୍ମାର ଆର୍ଦ୍ରତା
ଏବଂ ଯୋଉ ପବନ
ଶୁଖେଇ ପାରି ନ ଥିଲା ଲୁହ ମୋର ।
ଆଜି ବି ତମର ଆଜ୍ଞାନୁବର୍ତ୍ତୀ ହେଇଅଛି, ରହିଥିବି
ତମ ଅନ୍ୟମନସ୍କତାର ସାକ୍ଷୀହେଇ ଅଛି, ରହିଥିବି
ତମର ସେଇ ଅଖଣ୍ଡ ନୀରବତା
ଯେବେ ନାଦ ପାଲଟିଯିବ,
ହୁଏତ ମୁକୁଳିଯିବି ଏ ଅପ୍ରାଧବୋଧରୁ ।

ଯେବେ ସାରା ଜଗତ ପାଇଁ ତମେ ମୃତ
କେବଳ ମୋ ସହ ଯାହା ଜାରିରହିଛି
ତମ ବାର୍ତ୍ତାଳାପ ଅହରହ, ଅନବରତ ।

ଯୋଉ ବାର୍ତ୍ତାଳାପର ଭାଷା ନ ଥାଏ
କେବଳ କଳ୍ପନା, କେବଳ ଅନୁମାନ ସହ
ଆଗକୁ ବଢୁଥାଏ ବାର୍ତ୍ତାଳାପ ।
ଆତ୍ମାର ଏକଣା ଘରେ ତଥାପି
ଦିକଦିକ୍ ହେଇ ଜଳୁଥାଏ ଦୀପ ।

■■■

*ଭିଲ୍ଲା ନଂ-୧୫, ଟ୍ରାଇଡେଣ୍ଟ ଗ୍ୟାଲେକ୍ସି, କଳିଙ୍ଗନଗର
ଘାଟିକିଆ, ଭୁବନେଶ୍ୱର-୭୫୧୦୨୯
ଦୂରଭାଷ : ୯୯୩୭୦୪୬୫୫୪*

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲି. ମୁଖ୍ୟ କାର୍ଯ୍ୟାଳୟ

ଗୋପବନ୍ଧୁଙ୍କ 'ସମାଜ ଅନୁଷ୍ଠାନ' ତରଫରୁ 'ସତ୍ୟବାଦୀ ପ୍ରକାଶନ' ପ୍ରକାଶ ପାଉଥିବାରୁ ଜାଣି ଖୁସିହେଲୁ । ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନ ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଯେଉଁ ମହନୀୟ ସେବା ଓ ମାନବୀୟ ଗୁଣର ପରିପ୍ରକାଶ ପାଉଛି ତାହା ସମସ୍ତ ମାନବ ସମାଜ ପାଇଁ ଏକ ଅନୁକରଣୀୟ ଚିନ୍ତାଧାରା । ଅଗଣିତ ଜମାକାରିଙ୍କୁ ସେବା ପ୍ରଦାନ କରି ସମବାୟ ବ୍ୟାଙ୍କ ଆଜି ପ୍ରତିଷ୍ଠିତ ହୋଇପାରିଛି । ଦୀର୍ଘ ୭୫ ବର୍ଷ ନିରବଚ୍ଛିନ୍ନ ଭାବେ ଏହି ଅନୁଷ୍ଠାନ ଜନସାଧାରଣଙ୍କୁ ସେବା ଦେଇ ଶ୍ରଦ୍ଧାଭାଜନ ହୋଇପାରିଛି ।

ଆପଣଙ୍କର ଶୁଭେଚ୍ଛୁ

ଅଜୟ କୁମାର ପଟ୍ଟନାୟକ
ସମ୍ପାଦକ
ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲି.

ରବୀନ୍ଦ୍ର ନାଥ ସାହୁ
ସଭାପତି
ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲି.

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ 'ସମାଜ'ର ୧୦୫ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ସଦିଚ୍ଛା ବାର୍ତ୍ତା

ପ୍ରମୋଦ ପଟ୍ଟନାୟକ

ସମାଜସେବୀ
ନୟାଗଡ଼

ଶୁଭେଚ୍ଛା ବାର୍ତ୍ତା

ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଲବ୍ଧପ୍ରତିଷ୍ଠିତ 'ସମାଜ'ର ୧୦୫ତମ ସ୍ୱନକ୍ଷତ୍ର ଉତ୍ସବ ତଥା ଶାରଦୀୟ ପୂଜା ଅବସରରେ ଭୁବନେଶ୍ୱର ୱାର୍ଡ ନମ୍ବର-୧୦ର ଜନସାଧାରଣଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ସହିତ ସୁଖ ସମୃଦ୍ଧି କାମନା କରୁଛି ।

ସେକ୍ ନୁର ହାସନ

କର୍ପୋରେଟର ୱାର୍ଡ ନମ୍ବର-୧୦

ଭୁବନେଶ୍ୱର

ସସ୍ମିତା କର

ଓଡ଼ିଆ କବିତା କ୍ଷେତ୍ରରେ ଏକ ସମ୍ଭାବନାମୟ ସ୍ୱର । ମାଟିମନସ୍କତା ଓ ମିଥ୍ ତାଙ୍କ କବିତାରେ ପ୍ରମୁଖତାର ସହିତ ସ୍ଥାନ ପାଇଥାଏ । 'ଗୋଟେ ଗାଉଁଲି ଝିଅର କଥା', 'ଦେଖା ହେଲେ କହିବି' ଓ 'ଆମ୍ରପାଲି' କବିତା ସଙ୍କଳନ ପ୍ରକାଶିତ ।

ମହିଷାସୁର

ସବୁଥର ପାର୍ବଣ ଋତୁରେ
ପ୍ରଶ୍ନଟିଏ ଉଙ୍କିମାରେ
ମୋ ରାକ୍ଷସ ବୁଦ୍ଧିରେ
ମୁଁ କ'ଣ ରାକ୍ଷସଟେ ହେଇ ଜନ୍ମିଥିଲି
ମୋରି ଇଚ୍ଛାରେ !

ମୋ ଦିହରେ
ତୁ ଭରିଦେଲୁ ମା'
ସହସ୍ର ସିଂହର ଶକ୍ତି
କଲିଜାରେ ବୁହାଇଲୁ
ହିଂସା ଓ ଅସୂୟା
ବୁଦ୍ଧିରେ ମୋ ଭରିଦେଲୁ
ଅସୁର ପ୍ରବୃତ୍ତି ।

ତା' ପରେ ମାଗିଲୁ ମୋଠୁ
କରୁଣାର ହାତଟିଏ
ଦୟାର ହୃଦୟଟିଏ
ଫୁଲର କଅଁଳ ପରଶଟିଏ,
କହ ମା',
ଏ ମାଗିବା କ'ଣ ନ ଥିଲା
ସୀତାଙ୍କ ମାଗିବା ପରି
ସୁବର୍ଣ୍ଣ ହରିଣୀ
ଅଧାଗଢ଼ା ଦିଅଁଙ୍କର
ଦ୍ୱାର ଖୋଲିବାକୁ
ଜିଦ୍ କଲା ପରି
ଇନ୍ଦ୍ରଦ୍ୟୁମ୍ନ ରାଣୀ ?

ତୁ କାହୁଁ ଜାଣିବୁ ମା'
ମୁଁ କେମିତି ଛଟପଟ ହେଉଥାଏ
ଛୁଇଁବାକୁ କଢ଼ିଟିର
କୋମଳ ପରଶ
ଅହରହ ଝୁରୁଥାଏ
ପାଇବାକୁ ଶିଶୁଟିର
କୋମଳ ବିଶ୍ୱାସ ।

କିନ୍ତୁ, ମୋତେ ଦେଖିଲେ ହିଁ
ପିଲାଙ୍କର ଖେଳ ସରିଯାଏ
ଅଧାଫୁଟା କଢ଼ିଟିଏ
ଭୟରେ ସାଙ୍କୁଡ଼ିଯାଏ
ଦାନା ଟୁକୁଟୁକୁ ଚଢ଼େଇଟି
ନୀଡ଼କୁ ଲେଉଟିଯାଏ ।

ଦୋଷ ତ ମୋର ନୁହଁ ମା',
ଦୋଷ ମୋର ରାକ୍ଷସ ବୁଦ୍ଧିର
ସେ ବୁଦ୍ଧି ବି ମୋର ନୁହଁ
ଯେଣୁ ମୁଁ କି ମାତ୍ରକ ପିଣ୍ଡଟିଏ ତୋର
ତୁଇ ତ ସୃଷ୍ଟି, ସ୍ଥିତି
ସିଦ୍ଧି, ବୁଦ୍ଧି ସକଳ ବିଶ୍ୱର
ତେଣୁ ତୁ ହେଲୁ ମହିଷମର୍ଦ୍ଦିନୀ
ମୁଁ ହେଲି ମହିଷ ଅସୁର ।

■■■

ଶିକ୍ଷା ବିଭାଗ, ବ୍ଲକ-୨
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୭୫୧୦୨୨
ଦୂରଭାଷ : ୬୩୭୦୨୯୮୫୦୮

ତରୁଣକାନ୍ତି ରାଉତ

ରୂପକ 'ବ୍ୟାଧ', ନାଟକ 'ଡାଲୁ', 'ଶୋଣିତର ଶବ୍ଦକୋଷ', 'ସ୍ତର', 'ତଥାପି ନିକାଞ୍ଚନ' ତାଙ୍କ ରଚିତ ସର୍ବଭାରତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ବେତାର ନାଟକ । ପ୍ରକାଶିତ କବିତା ପୁସ୍ତକ "ଆ ମୋର କାନ୍ଧ ହ", "River in Impasto", "Twlight Zone" ତାଙ୍କ ସାହିତ୍ୟ ସାଧନାର ଉଲ୍ଲେଖନୀୟ କୃତି ।

କାମନାର ଅଷ୍ଟମଲ୍ଲ

ମୋ ପାଖକୁ ଲାଗି ପଡ଼ିଥିବା ଚୌକି ଥିଲା
ଶୂନ୍ୟ, ପରିତ୍ୟକ୍ତ :
ତା'ର ଝାଳ-ଶୋଷକ ବସ୍ତ୍ର ଦିଶୁଥିଲା
ମଇଳା, ରଙ୍ଗଛଡ଼ା;
କେହି ବସୁ ନ ଥିବା ଚୌକିରେ
ନା ଥିଲା ଭାବ ବିନିମୟର ଉଷ୍ଣତା
ନା ନିରୋଳ ମୁହୂର୍ତ୍ତ ସବୁକୁ
ସାଉଁଟିବାର ବ୍ୟଗ୍ରତା ।

ଏସବୁ ସତ୍ତ୍ୱେ ମୁଁ ମୋ ଚୌକିରେ ବସି ଦେଖୁଥିଲି
ଘଟପଲ୍ଲବ ଆଶ୍ରିତ ପ୍ରାସାଦ
ତ କେବେ କେବେ ଶେଣି ରୁଅ ବିଛା ଚାଳ ଛପର ଘର;
ପ୍ରତିଟି କକ୍ଷର ଦ୍ୱାର ଖୋଲି ଆଖି ବୁଲେଇ ଆଣୁଥିଲି,
କାନ ଡେରି ଶୁଣୁଥିଲି କାନ୍ଥରେ
ପ୍ରତିଧ୍ୱନି ଗୋଳାବାରୁଦର ।

ଯୁଦ୍ଧ ଯେଉଁଠି ଲାଗୁନା କାହିଁକି
ମୁଁ କିନ୍ତୁ ସୃଜିପାରେ କାମନାର ଅଷ୍ଟମଲ୍ଲ :
ଷଣ୍ଢା, ଶକଟା, ଚାଣୂର, ବସ୍ତା, ବକା,
କେଶୀ, ଧେନୁକା ଓ ମୁଷ୍ଟିକ ।
କେଶାକେଶି, ପ୍ରହାର ଓ ପ୍ରତିବଧ
ସବୁ ମୋର କଳ୍ପନାର ।

ମୁଁ ବମ୍ବ ପୋତେ ଦୋସମାଳିରେ;
ମାପିବା ଆରମ୍ଭ କରେ-
ଲମ୍ବ, ପ୍ରସ୍ଥ, କ୍ଷେତ୍ରଫଳ,
ପୁର, ପଲ୍ଲୀ, ନଗ୍ର ।

ଟିକିଏ ଶାନ୍ତି ପାଇଁ ପାଣି କୁହୁଡ଼ିରେ
ଖୋଜୁଥାଏ ବାରିପାତ ।
ଚାହିଁଚାହିଁ ଦିନ ପରେ ଦିନ ବିତିଯାଏ–
କେହି ଆସେନା ।
କାହାର ଦୋରୁଅ ଢଳଢଳ ଆଖି ଦିଶିଯାଏ
ଓସ୍ତଗଛ ଆଢୁଆଳେ,
କେହି ଆସେନା ।
ଜୁଲୁକି କବାଟ ବନ୍ଦଥାଏ ସେମିତି
ଋତୁ ପରେ ଋତୁ ।
ଗରିଭଙ୍ଗା ମଇଁଷିଙ୍କ ଶିଙ୍ଗ ପରି
ସବୁ ଗର୍ବ ଚୂର୍‌ମାର୍ ହୁଏ
ନଈବନ୍ଧ କିଆରିରେ ମଇ ଯୋଚୁ ଯୋଚୁ ।

ଅଥଚ ମୁଁ ଚୌକିରେ ଉପବିଷ୍ଟ ଥାଏ
ଅଷ୍ଟପ୍ରହରଯାକ :
କୁଣ ମସିଣା ଘୋଡ଼େଇ ରାତି ଆସେ
ପୁଷ କାହାଳରେ;
ମୁଁ ବସିଥାଏ ପ୍ରହରଣ ଧରି
ଯୁଗ ଶେଷ ହେବାଯାଏ ଚୁପ୍‌ଚାପ୍ ।

ପାଖ ଚୌକି ସେମିତି ପଡ଼ିଥାଏ
ପ୍ରହର ପ୍ରହର ବ୍ୟାପୀ
ଶତ୍ରୁ ପାଇଁ, ଶସ୍ତ୍ର ପାଇଁ ।
ମେଘର ଗମ୍ବୁଜ ତଳେ
ଯୋଗଚୂର୍ଣ୍ଣ ବିଞ୍ଚି ବିଞ୍ଚି ।

■■■

ଅବସରପ୍ରାପ୍ତ କେନ୍ଦ୍ର ନିର୍ଦ୍ଦେଶକ
ଆକାଶବାଣୀ, କଟକ

ଚିଠି

ଉମାକାନ୍ତ ବେହେରା

କବିତା ଓ ଗଳ୍ପ ରଚନା ଦିଗରେ ବ୍ରତୀ ରହିଛନ୍ତି । ଶ୍ରୀଜଗନ୍ନାଥ ଚେତନା ଉପରେ ଅନେକ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ । ମଣିଷର ଦୁଃଖସୁଖ, ପ୍ରାପ୍ତି ଅପ୍ରାପ୍ତି, ଆଶା-ହତାଶାର ବହୁବିଧ ଛବି ତାଙ୍କ ସୃଷ୍ଟିରାଜିରେ ପ୍ରତିଭାତ ।

ନୀଳ ଡାକ୍ଣୀଦିଆ ଗୋଲାପି ହୃଦୟଟେ
ପ୍ରତୀକ୍ଷାର ପରମାର୍ଥ ଘଟାଇ
ଯେବେ ପହଞ୍ଚି ଯାଏ
ହାତପାଆନ୍ତାରେ,
ଓଃ କି ତୃପ୍ତି ! କି ଶାନ୍ତି !

ଖୋଲିଦେଲେ ମହକି ଯାଏ
ମନତଳର ଚଉହଦି
ଅନ୍ତରଙ୍ଗତା ନିଗିଡ଼ି ପଡ଼େ
ଚଇତ ଲେଉଟି ଆସେ
ମନବଗିଚା ବଉଳି ଯାଏ ।

ସେ ବି ଆସେ
କୋଡ଼ପୋଛା ପୁଅର
ଦୁଃଖସୁଖ ଭଲମନ୍ଦର
ବାତେନି ଧରି
ଚାଉଳ ମୁଠି ଦେଇ ମା' ଚାହିଁଥାଏ
କବାଟ କଣରେ ।
ପଣତେ ଲୁହରେ
ଆସିବା ଦିନଟି ଖୋଜୁଥାଏ
ଚିଠିର ତଳକୁ ତଳକୁ ।
ସାଇତା ଠଣାରେ ଚିଠି ଅପେକ୍ଷା କରେ
ଆଉ ଏକ ଚିଠିକୁ ।

ଚିଠି ଶୁଣାଇପାରେ, ସୀମାରେ
ତୋପ ଫୁଟିବାର ସ୍ୱର,
ବିରହୀ ଦେଶଭକ୍ତର
ଆଶ୍ୱାସନାର ସନ୍ଦେଶ
ବଜ୍ର କରି ଦେଇପାରେ
ହାତର ନାଲି ଚୁଡ଼ି
ଝଟକୁଥାଏ ସୀମନ୍ତ ସିନ୍ଦୂର ।

ବେଳେବେଳେ ଚିଠିଟିଏ
ଲୁହର ସଂସାରରେ
ରକ୍ତର ଶବ୍ଦଲିପି
ପଦୁଅଁ ପୋଖରୀର
ଅତୁଠ ଘାଟ
ଦେବତା ନ ଥିବା ମନ୍ଦିରର
କଂସା କବାଟ ।

ଚିଠି,
କୈଶୋରର ଚଇତି ରାତି
ଯୌବନର ଜୀବନସାଥୀ
ବାର୍ଦ୍ଧକ୍ୟର ଆଶା ବାଡ଼ି
ସୁଖଦୁଃଖର ନିର୍ମାଲ୍ୟ
ଶେଷ ଆଉ ଆରମ୍ଭ
ଡାକବାଲାର କବାଟ ଶିକୁଳି ।

ଭଲ ହେଇଚି
ଏବେ ହଜିଯାଇଛି
ଚିଠିର ଝନଝଟ
ବଞ୍ଚିରହିଛି, ପୁରୁଣା ଡାଏରିରେ
ମୁହଁମାଡ଼ି ପଡ଼ିଥିବା
କିଛିଟା ବଳକା ସ୍ମୃତି ।

■■■

ଶ୍ରୀହରି ବିହାର, ଗମ୍ଭାରିଆ,
କେନ୍ଦୁଝରଗଡ଼-୭୫୮୦୦୧
ଦୂରଭାଷ : ୯୩୪୮୫୧୬୦୦୧

ଜୋତା

ଶରତ କୁମାର ଦାସ

କବିଙ୍କ କବିତାରେ ସାମାଜିକ ଅଙ୍ଗୀକାରବଦ୍ଧତାର ସ୍ୱର ଅନୁରଣିତ । ବୈପ୍ଳବିକ ଚେତନାକୁ ଖିଅ କରି ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଥାଆନ୍ତି । ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ।

ଖରା, ବର୍ଷା, ଶୀତ, କାକର ଓ ପବନ ସହ
ନିଃସର୍ତ୍ତ ସାଲିସ୍ କରି
ଆଦିମ ଅନ୍ଧାରରେ ଜୀବନ ଜିଇବା
ବୋଧହୁଏ ମୋର ପ୍ରାରବ୍ଧ ।

ଖରାକୁ ପିଠିକରି ନିର୍ନିମେଷ ନୟନରେ
ଇଚ୍ଛାଟିଏ କରିଛି କେବେକେବେ
ଶୋଇ ଯିବାକୁ କଳା ବାଦଲର
କଅଁଳ କୋଳରେ ।

ମେଘର ମଲାଟରେ ଆଙ୍କିଛି ମୁଁ ଇନ୍ଦ୍ରଧନୁ
ହାତଠାରି ଡାକିଛି ମୁଁ ଆକାଶକୁ
ଭରି ଦେବାକୁ ମୋ ଶୁଖିଲା ଓଠରେ
ପ୍ରଶାନ୍ତିର ପୀୟୂଷ ।

କେତେଥର ଚେଷ୍ଟା ବି କରିଛି ମୁଁ
ଢାଙ୍କିବାକୁ ମୋ ଫୁଙ୍ଗୁଳା ଦିହରେ
ଚୈତ୍ରର ଚିତ୍ରିତ ପଣତ ।

ଫଗୁଣକୁ ମାଗିଛି କୃଷ୍ଣଚୂଡ଼ାର ରଙ୍ଗ
ମାଗିଛି ରାତିକୁ ମୁଁ ଅସରନ୍ତି ନିଦ
ସମୟକୁ ମାଗିଛି ଅମାପ ଧୈର୍ଯ୍ୟ ଓ ସାହସ ।

କିନ୍ତୁ... ହାୟ... !
ମୋ ଜନ୍ମ ଜାତକ ଓ ଗ୍ରହ ନକ୍ଷତ୍ର
ସବୁ ପରା ପୂର୍ବ ନିର୍ଦ୍ଧାରିତ
ଦୂବଘାସର ସ୍ୱପ୍ନ ସହ
ମୋ ସ୍ୱପ୍ନସବୁ ଅନୁବନ୍ଧିତ ପ୍ରାୟ ।

ତଥାପି ହାରିନି ମୁଁ ଯୁଝିବାରେ ଜୀବନଯୁଦ୍ଧ
ପଛେଇଯାଇନି ପାଳନ କରିବାରେ
ମୋ ନିଜସ୍ୱ ଧର୍ମ ଓ କର୍ମ ।

ଥକି ପଡ଼ିନି କେବେ ଅତିକ୍ରମ କରିବାରେ
ବନ, ଗିରି ଓ ଦୁର୍ଗମ ପଥ;
ଠୋ' ଠୋ' ହସିଛି ମୁଁ
ପାହାଡ଼ କାନ୍ଥରେ ଲେଖି
ମୋ ଲୁହଲହୁଭର୍ତ୍ତି ବେଦନାର ତିକ୍ତ ଇତିହାସ ।

ଅନ୍ତରଙ୍ଗତାର ରଙ୍ଗମାଖି
ଆପଣାପଣର ସୂତାଖିଅରେ ବାନ୍ଧି ରଖିବାର
ଯାଦୁକରୀ ମନ୍ତ୍ରଟିଏ ଶିଖିଛି ବୋଲି ତ
ସହିଛି ମୁଁ ହସିହସି ତୁମ ଶରୀର ବୋଝ
ଆଉ ମୁଠାମୁଠା କ୍ଲେଶ ।

ଜାଣିଛି ମୁଁ ମୋ ଭାଗ୍ୟ ଭବିତବ୍ୟ
ପରାଧୀନତାର ଶିକୁଳିରେ ବନ୍ଧା
ମୋ ଆପାଦମସ୍ତକ ।

ଚମଡ଼ାରୁ ଜାତ ବୋଲି ମୁଁ କ'ଣ ଅଭିଶପ୍ତ ?
ସେଇଥିପାଇଁ କ'ଣ ମନା ମୋତେ ଘରର ଏରୁଣ୍ଡି ବନ୍ଧ,
ଚଉଁରା ମୂଳ, ବଡ଼ ଦେଉଳ, ବାଇଶ ପାହାଚ,
ପୁଣି ମହାର୍ଘ ପ୍ରସାଦ ?

ନିଜକୁ ତିଳତିଳ ଦଗ୍ଧ କରିବାରେ
ଟିକେ ଦୁଃଖ ନାହିଁ ମୋର ।
ଦୁଃଖନାହିଁ ମୋର ଭୋଗିବାକୁ
ମୋ ଛିନ୍ନ ଅବୟବ, ରକ୍ତାକ୍ତ ଅଧର ।

ହେ ଈଶ୍ୱର... !
ଶେଷ ଇଚ୍ଛା ମୋର ଘେନିବ ନିଶ୍ଚୟ
ମାଟିରେ ମିଶିବା ପୂର୍ବରୁ
ଖୋଜୁଥିବି ହସିହସି ମୁକ୍ତିର ତମ ଦିବ୍ୟ ପାଦଚିହ୍ନ
ଆଉ ପଢୁଥିବି ନିର୍ବାଣର ସରଳ ବର୍ଣ୍ଣବୋଧ ।

■■■

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର
ଦୂରଭାଷ : ୮୨୪୯୯୩୭୦୯୧

କୃଷ୍ଣ ମିଶ୍ର

‘ମହିଷାସୁର’ ଓ ‘ଚନ୍ଦ୍ରସେଣା’ କବିତା ପୁସ୍ତକର ରଚୟିତ ଭାବେ ସୁପରିଚିତ । ତାଙ୍କର କବିତାଗୁଡ଼ିକର ଭିତ୍ତିଭୂମି ମୁଖ୍ୟତଃ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ । କବିତାରେ ମିଥ୍ ପ୍ରୟୋଗ ନିଆରା । ଅନେକ କବିତା ଓଡ଼ିଶାର ଆଗଧାଡ଼ିର ପତ୍ରପତ୍ରିକାରେ ପ୍ରକାଶିତ ।

ମେଣ୍ଢା

ସେ ତାଙ୍କ ରାଇଜର ଲୋକଙ୍କୁ
ଗୋଟେ ଗୋଟେ ମେଣ୍ଢା ବନେଇଲେ;
ମାଲୁଣୀ ତାଙ୍କ ହାତରେ ଥିଲା ତ !
ସେ ଜାଣିଥିଲେ ପଶୁମାନଙ୍କର ବୁଦ୍ଧିବୃତ୍ତି ନ ଥାଏ
ଏବଂ ବୁଦ୍ଧିବୃତ୍ତି ନ ଥିବା ପଶୁମାନଙ୍କ ଭିତରେ
ମେଣ୍ଢା ଏକନମ୍ବର ।
ସମସ୍ତେ ଯଦି ମେଣ୍ଢା ହୋଇଯିବେ
ତେବେ ତାଙ୍କୁ ଚିହ୍ନିବ କିଏ ?
ସେଇ ହିସାବରେ ମାଲୁଣୀ ସାଥୀରେ କଥା ହୋଇ
ରାତିବେଳା ସେ ମେଣ୍ଢାମାନଙ୍କୁ ଭେଣ୍ଡା ବନେଇଲେ ।
ଆଲୁଅ ଓ ଅନ୍ଧାର ଭିତରେ ପ୍ରଭେଦକୁ,
ମେଣ୍ଢାମାନେ ପଶୁ ତ, ବୁଝିବେ କାହୁଁ ?
କାଳେ ଦିନବେଳା ମେଣ୍ଢାମାନେ
କଅଁଳ ଛନଛନ ଫସଲ ଦେଖି ଲାଳେଇବେ
ସେମାନଙ୍କ ପାଇଁ ସେ ମେଣ୍ଢାଶାଳ ବନେଇଲେ ।
କିଛିଦିନ ପରେ
ଯେତେବେଳେ ମେଣ୍ଢାମାନେ ଅନୁଭବ କଲେ
ଆଲୁଅରେ ସେମାନେ ମୁକ୍ତ ନୁହନ୍ତି
ଏବଂ ତାଙ୍କ କାରବାର ଖାଲି ଅନ୍ଧାରରେ
କେହି ତ ସେମାନଙ୍କ ପିଠିରେ ପଡ଼ିବେନି,
ନିର୍ବୋଧ ସେମାନେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ
ତାଙ୍କୁ ଏ ମେଣ୍ଢା ଜନ୍ମରୁ ମୁକ୍ତି ଦେବା ପାଇଁ ।
ସେମାନଙ୍କର ପ୍ରାର୍ଥନାରେ ଦିନେ ମେଣ୍ଢାଶାଳରେ
ପ୍ରଭୁ ଯିଶୁ ଜନ୍ମ ହେଲେ ଏବଂ ସ୍ନେହରେ
ସେମାନଙ୍କ ମୁଣ୍ଡକୁ ଆଉଁଶି ଦେଲେ ।
ଥିଲା ଥିଲା ମେଣ୍ଢାମାନଙ୍କ ମୁଣ୍ଡ ଖୁବ୍ ଟାଣ ହୋଇଗଲା
ଏବଂ ଏତେ ଟାଣ ଯେ
ସେମାନଙ୍କ ମୁଣ୍ଡିଆକୁ ସାବଧାନ ନ ହୋଇ
ସେ ବିଚରା ଶକ୍ତ ଧକ୍କା ଖାଇଲେ,
ଫରାସୀ ରାଷ୍ଟ୍ର ବିପ୍ଳବକୁ ମୁକାବିଲା କରି ନ ପାରି
ଲୁଇ ବଂଶ ମେଣ୍ଢା ଗୁହାଳରେ କାଳାତିପାତ କଲେ ।
ଏବେ ତାଙ୍କ ଜାଗାରେ ଜଣେ ନେପୋଲିୟନ୍
ରାଇଜକୁ ସମ୍ଭାଳୁଛନ୍ତି ।

■■■

ଯୋତ, ଅଲଣାହାଟ, ଜଗତସିଂହପୁର
ଦୂରଭାଷ : ୯୯୩୮୧୬୦୦୭୪

ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ

ଓଡ଼ିଆ, ହିନ୍ଦୀ ଓ ସମ୍ବଲପୁରୀ ସାହିତ୍ୟରେ ଏକ ସ୍ୱତନ୍ତ୍ର ପରିଚୟର ଅଧିକାରୀ । 'ବ୍ଲେଡ ଓ ଅନ୍ୟାନ୍ୟ ଅଣୁଗଳ୍ପ', 'ଶ୍ରୀରାଧା ବିତର୍କ', 'ନିରୋଙ୍କ ଡାଏରି ଓ ଅନ୍ୟାନ୍ୟ ଅନୁସୃଜନ', 'ପୁରୁଷାର୍ଥ' ଆଦି ତାଙ୍କ ରଚିତ ଗ୍ରନ୍ଥ ପାଠକୀୟ ଶ୍ରଦ୍ଧା ଲାଭ କରିଛି ।

ଦୁଇଟି କବିତା

ଡାଳରେ ପକ୍ଷୀନାଚ

ଡାଳରେ ବସିଛନ୍ତି ପକ୍ଷୀ
ଡାଳରେ ଘଷୁଛନ୍ତି ଥଣ୍ଟ
ଡାଳର ଏ ମୁଣ୍ଡରୁ ସେ ମୁଣ୍ଡ
ପୁଣି ସେ ମୁଣ୍ଡରୁ ଏ ମୁଣ୍ଡ ସେମାନେ
'ପୁଷ୍ପା' ମୁଭିର ଶ୍ରୀବଲ୍ଲୀ ଗୀତର ସୁରେ ନାଚୁଛନ୍ତି ।

ଗୋଟିଏ କାନ୍ଧକୁ ଉପର ଆଡ଼େ ଟେକି
ପକ୍ଷୀମାନେ ନିଜ ବେକ ତଳେ ଥିବା ଲୋମ ସବୁକୁ
ଟାଙ୍କୁରି ଟାଙ୍କୁରି ଚିଁ ଚିଁ ଗାଉଛନ୍ତି ଗୀତ ।

କବିତାର ଏ ସହଜିଆ ଧାଡ଼ିରେ
କେଉଁଠି ଅଛି କବିତା ?

ମଣିଷର ଡ୍ରଇଁରୁମ୍ ପାଇଁ
ବେଡ୍‌ରୁମ୍ ପାଇଁ
ଝର୍କା ପାଇଁ, ଦ୍ୱାରବନ୍ଧ କବାଟ ପାଇଁ
ସିନ୍ଦୁକ, ସୋଫା କି ଦିସ୍ତାଦିସ୍ତା କାଗଜ ପାଇଁ
ଏପରିକି ସାକାର ଈଶ୍ୱର ନିର୍ମାଣିବା ସକାଶେ
ସେ ଗଛକୁ କଚ୍‌କଚ୍ ହାଣି ପକାଇଲେ
ସେ କଟାଡାଳରେ ପକ୍ଷୀମାନେ
ଆଉ କ'ଣ ନାଚିପାରିବେ
ଆଉ କ'ଣ ଗାଇପାରିବେ ଗୀତ ?

ଏବେ ଏଇ ସହଜିଆ କବିତାର ଧାଡ଼ିରେ
ଲୁହ ବତୁରାକୁ କେଉଁଠି ଖୋଜିବି !!

ଅଭ୍ୟର୍ଥନା

ଥିରିଥିରି ଥରୁଥିବା ପବନର ମହକରେ
ତୁମେ ଆସିବ ।
ଯେଝା ଯେଝା ଘରକୁ ସଭିଏଁ ଲେଉଟିଲା ବେଳକୁ
ତୁମେ ଆସିବ ।

ସୂର୍ଯ୍ୟ ତା'ର ଶେଷ ସ୍ନାପ୍‌ର ଫ୍ଲାସ୍ ଲାଇଟ୍ ପକାଇ
ବାହୁଡ଼ି ଗଲା ପରେ
ତୁମେ ଆସିବ,
ଚନ୍ଦ୍ରମା ତା'ର ବ୍ରଣଭର୍ତ୍ତି ମୁହଁରେ
ପାଉଡ଼ର ଲେପିବାବେଳେ
ଝରୁଥିବା କିରଣରେ ଭିଜିଭିଜି
ତୁମେ ଆସିବ ।

ତାରାମାନଙ୍କର ଲିଟୁ ଲାଇଟ୍‌ରେ
ଚିକ୍‌ଚିକ୍ ଜଳୁଥିବା-ଲିଭୁଥିବା
ଅନ୍ଧାରରେ ତୁମେ ଆସିବ

ମୁଁ ଜାଣେ
ତୁମେ ଆସିବ
ମୋ ଆୟୁଷ୍କାଳର ଦୁଆର ବନ୍ଧରେ
ତୁମ ପାଉଁଜିର ଝୁମୁର୍ ଝୁମୁର୍ ସ୍ୱର
ତୁମ ଅନୁରାଗର ଅନୁରଣ ନେଇ
ତୁମେ ଆସିବ ।

■■■

ଅଧ୍ୟାପକ: ହିନ୍ଦୀ ଭାଷା ଓ ସାହିତ୍ୟ ବିଭାଗ
ଖ୍ରୀଷ୍ଟ କଲେଜ, କଟକ
ଦୂରଭାଷ : ୯୪୩୯୨୭୫୪୦୯

ମନୋଜ ମେହେର

ପକ୍ଷୀଚେତନାର ଅନନ୍ୟ ରୂପକାର ଏବଂ ଗଦ୍ୟ କବିତାର ପଥିକୃତ ସ୍ରଷ୍ଟା । ତାଙ୍କ କବିତାର ବ୍ୟାପ୍ତି, ଉଚ୍ଚତା ଓ ଗଭୀରତା ନିଃସର୍ତ୍ତପ୍ରେମ ଓ ମାନବିକତାର ମୂଳଦୁଆରେ ସୃଷ୍ଟ ଓ ବିକଶିତ । 'ପକ୍ଷୀ', 'ଖୋଲାଝର୍କା', 'ଅଦ୍ୱିତୀୟ ବ୍ୟକ୍ତିବିଶେଷ', 'ଦୁଃଖଫୁଲ', 'ତିରିଶ ଭିତରର ମନୋଜ' ଓ 'ଜୀବନ ପ୍ରେମିକ' କବିତାଗ୍ରନ୍ଥ ତାଙ୍କ ସାହିତ୍ୟ ସାଧନାର ଉଜ୍ଜ୍ୱଳ ସନ୍ତକ ।

ଆଲୋକର ବର୍ଣ୍ଣମାଳା

ସବୁଠି ଦେଖେ ସୂର୍ଯ୍ୟୋଦୟ
ସବୁଠି ପାଏ ସକାଳ,
ମୃତ୍ୟୁ ପରେ ଲଭିବି ଯେଉଁ ଜୀବନ
ହେବ ମୋର ଆୟୁଷ୍କାଳ ।

ଦୁଃସମୟେ ଫୁଟେ ଯେଉଁ ଫୁଲ
ସିଏ ମୋର ସ୍ୱପ୍ନ-ଉଦ୍ୟାନ,
ସକଳ ସମୟେ ପ୍ରଭାତୀ ଦୁନ୍ଦୁଭି
ଅଟେ ମୋର ପକ୍ଷୀଗାନ ।

ଆଶାର ଆଲୋକେ ଅମୃତମୟ ପଥେ
କାଳକାଳର ମୁଁ ସ୍ନିହତି ବୃକ୍ଷ,
ଅପଥିକେ ଦେଇ ମୁକ୍ତାମୁଖୀ ଛାଇ
ସାଧୁଛି ଶୂନ୍ୟ ଶିଖରୀୟ ବିନ୍ଦୁବିସର୍ଗ ।

ଅନ୍ୱେଷା ଆଉ ଅନ୍ତର୍ମୁଖୀନତା ମୋ ଡେଣା
ଲୁହ ପ୍ରେମେ ମୁଁ ମାନସ ହଂସ,
ଆତ୍ମବଳେ ଲଙ୍ଘିବି ସବୁ ପାରାବାର
ବିଶ୍ୱାସେ ଯିଏ ଦେଉଛ ଦିଅ ବିଷ !

ଦୁଃଖ ବଗିଚାରେ ମୁଁ ମଧୁ ସନ୍ଧାନୀ
ମହାଶକ୍ତି ମୋର ନୀରବତା,
କର୍ମପଥେ ଖୋଜେ ଦିବ୍ୟ ମହୀରୁହ
ଜୀବନକୁ କରି ଶିଶୁମୟତା । ■■■

'ସମାଜ' କାର୍ଯ୍ୟାଳୟ, ଗୋପବନ୍ଧୁ ଭବନ, କଟକ-୧
ଦୂରଭାଷ : ୯୪୩୮୭୦୫୨୫୬

ପ୍ରାଚୀନ କବିଙ୍କ ରଚନାରୁ



ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ଏକାଧାରରେ ଭାବୁକ, ସାଧକ, ସାହିତ୍ୟିକ, କବି, ସଙ୍ଗଠକ, କର୍ମୀ ଓ ନେତା । ଉତ୍କଳୀୟ ପ୍ରାଣରେ ମହାଭାରତୀୟ ଭାବଧାରା ଓ ବିଶ୍ୱପ୍ରାଣତା ଉଜ୍ଜୀବିତ କରାଇବା ଥିଲା ତାଙ୍କ ଜୀବନର ଲକ୍ଷ୍ୟ । ବିଭୁପ୍ରାଣତା ଥିଲା ତାଙ୍କ ସୃଷ୍ଟିର ବୈଶିଷ୍ଟ୍ୟ । 'ବିଶ୍ୱପ୍ରୀତି, ସ୍ୱଦେଶ-ମୁକ୍ତି, ସର୍ବୋପରି ଈଶ୍ୱର ଭକ୍ତି ଥିଲା ଉତ୍କଳମଣିଙ୍କ ଜୀବନବ୍ୟାପୀ ସାଧନା ଓ ଭାବନାର ତ୍ରିବେଣୀ ଧାରା । ଏହି କବିତାରେ କବି ଗୋପବନ୍ଧୁ ପୂରା ଜୀବନକୁ ଶିବରାତ୍ରୀ ଭାବେ ପାଳନ କରିବାକୁ ଆହ୍ୱାନ କରିଛନ୍ତି । ଆଲୋକାଭିମୁଖୀ ହେବାକୁ ମାର୍ଗଦର୍ଶନ କରିଛନ୍ତି । ଲୋକ ଦେଖାଣିଆ ଉପବାସ ଓ ଉଜାଗରକୁ ନାପସନ୍ଦ କରି ଗୋଟିଏ ରାତ୍ରି ଉଜାଗର ରହିଲେ କ'ଣ ହେବ ବୋଲି ପ୍ରଶ୍ନ କରିଛନ୍ତି । ତମସାଚ୍ଛନ୍ନ ରୂପୀ ଜୀବନରେ ଜ୍ଞାନଦୀପ ଜାଳି ଦିବ୍ୟପଥକୁ ଆପଣାଇବାର ମନ୍ତ୍ର ଦେଇଛନ୍ତି ।

ଶିବରାତ୍ରି

ଗୋପବନ୍ଧୁ ଦାସ

କରିଅଛି ଉପବାସ ପୂଜିବି ଶଙ୍କର,
ଜାଗର ଜାଳିଣ ହେବି ନିଶି ଉଜାଗର ।
କାହିଁ ଗଲେ ଦେଖିବି ସେ ସତ୍ୟ ଶିବ ରୂପ,
ନାଶିବି କି ଦୀପ ଜାଳି ଘୋରତମ ସ୍ତୂପ ?
ଉଜାଗର ରହିବାକୁ କାହିଁ ମୋର ବଳ,
କି ଦ୍ରବ୍ୟେ ପୂଜିବି ଅବା ସେ ପଦଯୁଗଳ ?
ଏ ଜଡ଼ ଜଗତେ କାହିଁ ଚିଦାନନ୍ଦ ତନୁ,
ବାହ୍ୟାଲୋକେ ଅନ୍ଧକାର ଯିବ କାହିଁ ମନୁ ?
ରାତିକର ଉଜାଗରେ କିସ ପ୍ରୟୋଜନ?
ନିଦ୍ରା-ବିମୋହିତ ମୋର ସମସ୍ତ ଜୀବନ !
କାହିଁ ପାରିଜାତ, କାହିଁ ଜାହ୍ନବୀର ଜଳ,
କାହିଁ ବା ଅମର ଧାମ ହେମ ଶତଦଳ,
ଉପକରଣର ଲେଶ ନାହିଁ ଯେବେ ଭବେ,
ବ୍ରତ ଅନୁଷ୍ଠାନ କାହୁଁ କରିବେ ମାନବେ ?
ସନ୍ଦେହେ ବ୍ୟାକୁଳ ଏ ମୋ ଦୁର୍ବଳ ପରାଣ,
ନିରାଶ ବିଷାଦେ ଏବେ ମଗ୍ନ ମୋର ଜ୍ଞାନ,
ଅଶାନ୍ତି ଆବେଗେ ହୃଦ ହୁଏ ଆଲୋଡ଼ିତ,
ଘୋର ଅବିଶ୍ୱାସ ତମେ ଚିତ୍ତ ବିଜଡ଼ିତ ।
ପ୍ରକୃତିର ଚାରୁ ବେଶ ନ ଦେଖେ ନୟନ,
ଭୀମ ମରୁ ସମ ଲାଗେ ସମସ୍ତ ଭୁବନ ।
ଅନ୍ତରୁ ନୀରବେ ଏବେ ହେଲା ଦିବ୍ୟ ବାଣୀ,
କିମ୍ବା ଅବିଶ୍ୱାସେ ଜଡ଼ ହେଉ ମୂଢ଼ ପ୍ରାଣୀ ?
ଜଡ଼ ବୋଲି ଯାହା ତୋତେ ହୁଅଇ ପ୍ରତୀତ,
ନ ଜାଣୁ ତହିଁ କି ଶକ୍ତି ରହିଛି ନିହିତ !
ଶକ୍ତି ବିନା ସତ୍ତା କେବେ ନୁହଇ ସମ୍ଭବ,
ତେଣୁ ସଦା ଶିବମୟ ଦେଖ ସର୍ବ ଭବ ।
ଦୂର ଦେବାଳୟେ ଯିବା ନାହିଁ ପ୍ରୟୋଜନ,
ନିଜ ଅଭ୍ୟନ୍ତର ଦେଖ ଫେଡ଼ିଣ ନୟନ,
ହୃଦ-କପିଳାସେ ତୋର ବହେ ପ୍ରେମ-ଝର
ବିଜେ କରିଛନ୍ତି ତହିଁ ସ୍ୱୟମ୍ଭୂ ଶଙ୍କର;
ଶୁଚିମନ୍ତ ହୋଇ ନିତି ଜ୍ଞାନଦୀପ ଜାଳି,
ଶୁଦ୍ଧ ଭକ୍ତି ରସ ଦିଅ ସେ ଶ୍ରୀପଦେ ଢାଳି,
ଉଜାଗର ରହି କର ତାଙ୍କ ପ୍ରିୟ କର୍ମ,
ପାଇବାକୁ ବାଞ୍ଛା ଯେବେ ଶିବରାତ୍ରି ଧର୍ମ ।
ସମସ୍ତ ଜୀବନ କର ଏକ ଶିବରାତ୍ରି,
ଅନ୍ଧାରେ ନ ହୁଡ଼ ପଥ ହେ ସ୍ୱରଗ-ଯାତ୍ରି ! ■■■

SMART SOLAR
PM Surya Ghar scheme
You can save upto 80% on your electricity bill with
SOLAR POWERED HOUSE
RESIDENTIAL SOLAR SUBSIDY
Rs.78,000*/-
Smart Solar Bidgely Solution Pvt. Ltd.
Plot No.: 100, 2nd Floor, Vani Vihar Station Road, Saheed nagar
Bhubaneswar, Odisha | Ph.: 9090025213 / 7894441627 / 7377232427

ST.FRANCIS
GROUP OF SCHOOLS
EDUCATION FOR PERFECTION
ST. XAVIER'S HIGH SCHOOL
(Affiliated to CBSE, New Delhi)
ST. XAVIER'S HIGH SCHOOL
195, Khandagiri, BBSR
Mob-8763998755
ST. XAVIER'S HIGH SCHOOL
231, Kedargouri, BBSR
Mob-9348291902
St. Xavier's High School
Charampa, Bhadrak
Ph:(06784) - 230653
Discipline is the key to Success

ଶୁଭେଚ୍ଛା

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ
ଦାସଙ୍କ ପ୍ରତିଷ୍ଠିତ 'ସମାଜ'ର
୧୦୫ତମ ପ୍ରତିଷ୍ଠା ଦିବସ
ଉପଲକ୍ଷେ ସଦିଚ୍ଛା ବାର୍ତ୍ତା

ରୀସ୍ମା ମାନ୍ଧାତା

ଅଧ୍ୟକ୍ଷା, ଟାଙ୍ଗୀ ପଞ୍ଚାୟତ ସମିତି, ଖୋର୍ଦ୍ଧା

JHPPL

SMiLE+

Our Product

Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care :
9861049796, 9238349796


With Best Compliment
from:-
A Well
Wisher
Sambalpur
R

ଗଳ୍ପ

ବିଭାଗ


TMPL
TERRABLOCK MACHINERY (A UNIT OF AIGPL)
AIG
Terrablock Machinery Pvt. Ltd.
A leading Engineering-cum-Fabrication unit of Odisha which specializes in Brick making machines of various types. The company was established in 1998 in collaboration with Soil and Brick Development Company, Chaingrai, (Thailand) Currently this is the Engineering Division of (Anand Industrial Gases Pvt Ltd, Bhubaneswar)
-: Manufacturer of :-
Plain Brick Making Machines, Tile and Paver Making Machine, Paper Plate making Machine, Interlocking Brick Machine Cranes and other tailor made machineries and spares
Dr.Sanjeev Mahapatra, (Director)
Mob.: 9439037881


SAMRAT GROUP
Welcomes You...
M.I.S.T.
SAMRAT COLLEGE
Recognised by Govt. of Odisha & Affiliated to CHSE & Berhampur University, Odisha
BRAHMAPUR - 760 010, GANJAM, ODISH
CONTACT : 9437048375, 9437448370, 9438866848
E-mail : samratcollege.odisha@gmail.com, www.samratcollege.org
Discipline is the key to success...

ଚିତ୍ରବଣ

ପ୍ରତିଭା ରାୟ

ସମକାଳୀନ ଭାରତୀୟ କଥା ସାହିତ୍ୟ କ୍ଷେତ୍ରକୁ ସମୃଦ୍ଧ କରିବାରେ ଅନନ୍ୟ ଭୂମିକା ଗ୍ରହଣ କରିଛନ୍ତି । ପଦ୍ମଭୂଷଣ ଓ ଜ୍ଞାନପୀଠ ବିଜୟିନୀ ।

ହଁସୁଳୀ ନଈ ପଠାରେ କାଶତଣ୍ଡୀ ବଣ । କେବେ ହସୁଥାଏ ତ କେବେ ହଜି ଯାଇଥାଏ ଦିଗ୍‌ବଳୟରେ । ଋତୁକୁ ଅପେକ୍ଷା କରିଥାଏ । ଶରତ ନ ଆସୁଣୁ କିଏ ରୋଇଦିଏ କାଶତଣ୍ଡୀର ତଳି! ସେକଥା ଏ ପର୍ଯ୍ୟନ୍ତ ଗାଁରେ କେହି ଜାଣି ନାହାନ୍ତି । ପଠା ସେପାରେ ଚିତ୍ରପଟ ଭଳି ସାନ ବଣଟିଏ । ମା’ କୋଳ ପରି ନିରାପଦ, ବାପାର ଛାତି ପରି ବିଶ୍ୱାସୀ । ଅରଖପୁର ଗାଁ’ଲୋକେ କହନ୍ତି ‘ଚିତ୍ରବଣ’ । ବଣରେ ନିର୍ଭୟ ଚିତାହରିଣ ପଲ ନାଚନ୍ତି ଚଇତି ପବନରେ, ଗୋଧୂଳିର ବଂଶୀସ୍ୱନରେ, ଆଷାଢ଼ ବର୍ଷାର ନୂପୁର ଶବ୍ଦରେ । ବଣରେ ନାହାନ୍ତି ମଣିଷଖିଆ ବାଘ, ଭାଲୁ, ସିଆଳ, ହେଟାବାଘ, ହାତୀ, ଅଜଗର ଆଦି ଜନ୍ତୁ । ବଣକୁ ଲାଗିଥିବା ନଈ ପଠାରେ କେବେକେବେ ଖରାପିଠିଆ ହୋଇ ଶୁଅନ୍ତି ହରିଣ ପଲ । ଫୁଲପକା ଚାନ୍ଦୁଆ ଭଳି ତାଙ୍କ ଚିତିରି ମିତିରି ପିଠି ଚକ୍‌ଚକ୍ କରୁଥାଏ । ଖେଳକୁଦ କରନ୍ତି ସେଇଠି । ସେଇଟା ତାଙ୍କର ଖେଳ ପଡ଼ିଆ । ପାଣି ପିଇବାକୁ ଧାଡ଼ି ବାନ୍ଧି ଆସନ୍ତି ହଁସୁଳୀ ନଈ ଧାରକୁ । ନିର୍ଭୟ ହୋଇ ପାଣି ପିଅନ୍ତି । ସେମାନେ ଜାଣନ୍ତି କ୍ଷୀଣଧାର

ହଁସୁଲୀ ନଈରେ ପ୍ରାଣଘାତୀ ଘଡ଼ିଆଳ ନାହିଁ। ନଦୀକୁ ଲାଗିଥିବା ଅରଖପୁର ଗାଁରେ ହରିଣ ମାଂସଖିଆ ମଣିଷ ବି ନାହାନ୍ତି। ତେଣୁ ସେମାନେ ଗାଁର ଚିହ୍ନା ମଣିଷକୁ ଡରନ୍ତି ନାହିଁ। ଗାଁର ସରଳ ମଣିଷମାନେ ବଣର ଛାଇ ଭଳି ବିଶ୍ୱାସୀ ଓ ନିରାପଦ। ଅଚିହ୍ନା ବେପାରୀଙ୍କୁ ଦେଖିଲେ ହରିଣ ପଲ ତରକି ଯାଆନ୍ତି, ବଣ ଭିତରକୁ ପଳାନ୍ତି। ରାଜରାସ୍ତା ପାରିହେବା ବେଳେ ସହରରୁ ଆସୁଥିବା ଟ୍ରକ୍ ଓ କାର୍ ଚାଳକଙ୍କୁ ସତର୍କ କରିବା ପାଇଁ ରାସ୍ତାକଡ଼ରେ ଲାଗିଥାଏ ଚିତାହରିଣ ଛବି ଅଙ୍କା ହୋଇଥିବା ସାଇନ୍‌ବୋର୍ଡ଼। ଗାଡ଼ି ଚାଳକମାନେ ଆପେ ଆପେ ଗାଡ଼ିର ଗତିବେଗ କମାଇ ଦିଅନ୍ତି। ପ୍ରାର୍ଥନା ସଭାକୁ ଛାତ୍ରମାନେ ଧାଡ଼ି ବାନ୍ଧି ଯିବା ପରି ଚିତାହରିଣର ଧାଡ଼ି ଯେତେବେଳେ ରାସ୍ତା ପାରି ହେଉଥାଏ ସେତେବେଳେ ଗାଡ଼ି ବନ୍ଦ କରି ଅପେକ୍ଷା କରିବାକୁ ପଡ଼େ। ଚିତ୍ରବଣ ଓ ଆଖପାଖ ଗାଁରେ ଏମିତିକି ରାଜରାସ୍ତାରେ କେଡ଼େ ନିର୍ଭୟ ହରିଣ ପଲ !

ଥରେ ଜଣେ ବାଣୁଆ ପଶିଥିଲା ଚିତ୍ରବଣରେ। ହରିଣମାନେ ତରକି ଯାଇ ଡିଆଁ ମାରିଲେ ନଈ ପଠାକୁ। ସେମାନଙ୍କ ଡିଆଁଡେଇଁରୁ ଭୟ ବାରି ହୋଇ ପଡୁଥିଲା। ଗାଁଲୋକେ ଜାଣନ୍ତି ହରିଣମାନେ କେତେବେଳେ ଖୁସିରେ ଡିଆଁ ମାରନ୍ତି ଓ କେତେବେଳେ ଭୟରେ। ଲୋକେ ଠେଙ୍ଗାବାଡ଼ି ଧରି ଧାଇଁଲେ। ବାଣୁଆ ଧରା ହେଲା, ଦାଖଲ ହେଲା ଥାନାରେ। ତା' ପରଠୁ ଆଉ କୌଣସି ବାଣୁଆ ଚିତ୍ରବଣର ପାଖ ମାଡ଼ି ନାହାନ୍ତି। ହରିଣମାନଙ୍କ ପାଇଁ ଚିତ୍ରବଣଟା ଥିଲା ଯେମିତି ଅଭୟାରଣ୍ୟ। ସାନ ବଣଟିରେ ଘାସର ଅଭାବ ନ ଥାଏ। କ୍ଷୀଣ ଧାର ନଈ ଆଉ ଗାଁ ପୋଖରୀରେ ମିଠା ପାଣିର ଅଭାବ ନ ଥାଏ। ବେଳେବେଳେ ହରିଣମାନେ ମନ ପରିବର୍ତ୍ତନ କରିବା ପାଇଁ ଗାଁକୁ ପଶି ଆସନ୍ତି। ପୋଖରୀ ପାଣି ପିଅନ୍ତି। ଗାଁ ଲୋକେ ସ୍ନେହରେ ସେ ଦୃଶ୍ୟକୁ ଦେଖନ୍ତି। ପିଲାମାନେ ଖୁସିରେ ନାଚନ୍ତି। ହଁସୁଲୀ ନଈ ଉପରେ

କେତେ କାଳର ଗୋଟାଏ ପୋଲ। ପୋଲ ପାରି ହେଲେ ହାଇସ୍କୁଲ୍। ଗାଁ ପିଲାମାନେ ପୋଲ ପାରି ହୋଇ ସ୍କୁଲ୍‌କୁ ଯାଆନ୍ତି। ମେଧାବୀ ଛାତ୍ରମାନେ ଦଶମ ଶ୍ରେଣୀ ପାସ୍ କରି କଲେଜ୍‌କୁ ଯାଇଥା'ନ୍ତି। ପିଲାମାନେ ଦ୍ୱନ୍ଦ୍ୱରେ ପଡ଼ନ୍ତି- ଆଗକୁ ପଢ଼ିବେ କି ନାହିଁ ? କଲେଜର ପଢ଼ିବା ସ୍ୱପ୍ନ ଓ ଗାଁର ମୋହ ଭିତରେ ବଳ କଷାକଷି ହେଉଥାଏ। ପିଲାମାନଙ୍କର ଦ୍ୱନ୍ଦ୍ୱ ବାପାଙ୍କ ସ୍ୱପ୍ନ ଆଗରେ ପାଣି ଫାଟିଯାଏ।

ଦେବେନ୍ଦ୍ର ମେଧାବୀ ଛାତ୍ର, ତେଣୁ ତା'ର ଗାଁ ଛାଡ଼ି ସହରକୁ ଯିବାଟା ଧାର୍ଯ୍ୟ ହୋଇ ସାରିଥାଏ। ଛୋଟ ସହରରେ ତା' ମାମୁ ଘର। ମାମୁ ଘରକୁ ଯିବା ତା' ପାଇଁ ଆନନ୍ଦର କଥା, କିନ୍ତୁ ଅଳ୍ପ ଦିନ ପାଇଁ। ତା'କୁ ଗାଁ ଟାଣେ, ଚିତ୍ରବଣ ଟାଣେ। ସପ୍ତାହେ ନ ପୂରୁଣୁ ସେ ଛାଟିପିଟି ହୋଇ ପଳେଇ ଆସେ। ଗାଁରେ ତା'ର ସବୁଠୁ ବଡ଼ ଆକର୍ଷଣ 'ବୋଉ' ଆଉ 'ଚିତ୍ରବଣ'। ଚିତ୍ରବଣର ଅର୍ଥ ଚିତାହରିଣ ପଲ। ସେମାନେ ଦେବର ବାଲ୍ୟକାଳର ସାଙ୍ଗସାଥୀ। ଗାଁର ଅନ୍ୟ ପିଲାମାନଙ୍କଠୁ ଦେବର ଚିତାହରିଣଙ୍କ ସହ ଘନିଷ୍ଠତା ଅଧିକ। ବଣ ଭିତରେ କେତେ କାଳର ଆତ୍ମବିଭୋର ପାଦଚଲା ରାସ୍ତାଟିଏ। ବଣଟା ନିରାପଦ ବୋଲି ଲୋକେ ସପ୍ତାହକୁ ଦୁଇଥର ହାଟପାଳିରେ ସେହି ରାସ୍ତାରେ ହେଣ୍ଟି ଯାଆନ୍ତି ବଣ ସେପାରି ହାଟ ପଡ଼ିଆକୁ। ବଣଟା ମା'କୋଳ ପରି ନିରାପଦ ମଣିଷ ଓ ଚିତାହରିଣଙ୍କ ପାଇଁ। ପ୍ରତିଦିନ ଚିତ୍ରବଣ ରାସ୍ତାରେ ଦେବ ସ୍କୁଲ୍‌କୁ ଯା'ଆସ କରେ। ହରିଣମାନେ ତାକୁ ଦେଖି ତା' ଚାରିପାଖେ ମୁଣ୍ଡଳି ବୁଲି ଛିଡ଼ା ହୁଅନ୍ତି। ଦେବ ହରିଣମାନଙ୍କୁ କୁଣ୍ଢେଇ ଗେଲ କରେ। ହରିଣମାନେ ଦେବ ଦେହରେ ବେକ ଘଷି ହୁଅନ୍ତି। ସେ ସବୁର ଅର୍ଥ ଦେବ ବୁଝେ। ଦେବର ବୋଉ ହାତପକା କଜ୍ଜଳରେ ହରିଣମାନଙ୍କର ଟଣାଟଣା ଆଖିରେ ଯେମିତି କିଏ ଗାର ଟାଣିଥାଏ। ଦେବ ହରିଣମାନଙ୍କର କଥାକୁହା ଆଖିର ଭାଷା ବୁଝିପାରେ। ସେ କିଛି କଥାବାର୍ତ୍ତା କରେ ନାହିଁ, କେବଳ ସେମାନଙ୍କୁ ଆଉଁଶି ଦିଏ, ଗେଲ କରେ ଓ ସେମାନଙ୍କ ସହ ଡିଆଁଡେଇଁ କରେ।

ଖରାଦିନେ ବଣରେ ଘାସ ମୁର୍କୁଟିଆ ହେଲେ ଦେବ ହରିଣଙ୍କ ତରଫରୁ ଗାଁରେ ଫେରାଦ ହୁଏ- "ନିରାଟିଆ ବେଳାରେ ହରିଣମାନେ ବଞ୍ଚିବେ କି ନାହିଁ ? ଚିତ୍ରବଣଟା ହରିଣମାନଙ୍କ ଗାଁ। ସେମାନେ ଅରଖପୁର ଗାଁର ପଡ଼ୋଶୀ। ଭୋକ ଉପାସରେ ରହିବେ କି ?" ଗାଁଲୋକେ ବି ହରିଣମାନଙ୍କୁ ଭଲ ପାଆନ୍ତି। ଅରଖପୁର ଗାଁ ଅପେକ୍ଷା ଚିତାହରିଣ ଗାଁ ଭାବରେ ବେଶୀ ପରିଚିତ ଏଇ ସାନ ଅନାମଧେୟ ଗାଁଟି। ବିଲରୁ ବସ୍ତା ବସ୍ତା ଘାସ କଟା ହୋଇ ହରିଣମାନଙ୍କ ପାଇଁ ବଣକୁ ଯାଏ। ଦେବର ଜିଦ୍‌ରେ ତା' ବାପା ଗାଁଲୋକଙ୍କ ସହାୟତାରେ ବଣରେ ଚାରି ପାଞ୍ଚଟା ସିମେଣ୍ଟ କୁଣ୍ଡ କରି ଦେଇଛନ୍ତି। ଖରା ଦିନେ ଭାରରେ ପାଣି ବୁହାହୋଇ ବଣକୁ ଯାଏ। ହରିଣମାନେ ବଣ ଛାଇରେ ଘାସ ଖାଆନ୍ତି, ପାଣି ପିଅନ୍ତି, ଟାଣ ଖରାକୁ ବାହାରିବାକୁ ପଡ଼େ ନାହିଁ। ଗାଁଲୋକେ

କହନ୍ତି ଚିତ୍ରବଣ ହରିଣଙ୍କର ନୁହେଁ, ଦେବର। ଦେବ ଗାଁର ସୁନା ପୁଅ। କେବଳ ସେଥିପାଇଁ ଦେବ କଥାରେ ଗାଁଲୋକେ ହରିଣମାନଙ୍କ ପାଇଁ ଏସବୁ କରନ୍ତି ନାହିଁ, ହରିଣ ପଲଙ୍କୁ ସେମାନେ ବି ଭଲପାଆନ୍ତି। ହରିଣମାନେ ସେମାନଙ୍କ ଗାଁର ଘାସ ଖାଉଥିବାବେଳେ ଓ ସେମାନେ କାନ୍ଧରେ ବୋହି ନେଇଥିବା ପାଣି ପିଉଥିବାବେଳେ ଯେଉଁ ଆନନ୍ଦ ମିଳେ ତା'ର ପଟାନ୍ତର ନାହିଁ।

ଦେବର ନବମ ଶ୍ରେଣୀ। ଆଉ ବର୍ଷକ ପରେ ସେ କ'ଣ ଚିତ୍ରବଣକୁ ଛାଡ଼ି ସହରକୁ ଯାଇ ପାଠରେ ମନୋଯୋଗୀ ହୋଇ ପାରିବ? ଦେବ ବେଳେବେଳେ ଭାବେ ସେ ଫେଲ୍ ହୋଇଯାଆନ୍ତା କି ? ତା'କୁ ଆଉ ସହର ଯିବାକୁ ପଡ଼ନ୍ତା ନାହିଁ; କିନ୍ତୁ ଫେଲ୍ ବି ହେବ କେମିତି ? ତା'କୁ ପାଠ ବି ଭଲ ଲାଗେ। ତେବେ କଲେଜରେ ନ ପଢ଼ିଲେ କ'ଣ ଅସୁବିଧା ହୋଇଯିବ ? ତାଙ୍କ ଗାଁର ବହୁ ପିଲା କଲେଜକୁ ଯାଇ ନାହାନ୍ତି। ସେ ବି ଗାଁରେ ରହି କିଛି ଗୋଟାଏ କାମ କରିବ। କିଛି ନ ହେଲେ ହରିଣମାନଙ୍କର ଭଲମନ୍ଦ ତ ସେ ବୁଝୁଛି। ଏ ହରିଣମାନେ ପ୍ରକୃତରେ କାହାର ସମ୍ପତ୍ତି? ଗାଁର, ବଣର, ଦେବର ନା ସରକାରଙ୍କର? ଦିନେ ସେ ହେଡ୍ ମାଷ୍ଟରଙ୍କୁ ଏ ପ୍ରଶ୍ନର ଉତ୍ତର ମାଗିଲା। ସାର୍ କହିଲେ "ଖାଲି ପାଠ ବହି ଘୋଷିପକା। ଶ୍ରେଣୀରେ ପ୍ରଥମ ହେବା କ'ଣ ସବୁ କିଛି ? ବାହାର ଜଗତର କଥା କିଛି ଜାଣିବୁ ନାହିଁ ? ସାଧାରଣ ଜ୍ଞାନ ବୋଲି କିଛି ନାହିଁ ତୋର ? ତୁ ଏତିକି ଜାଣିନାହୁଁ ଯେ ଚିତ୍ରବଣ ଆଉ ଚିତାହରିଣ କାହାର ସମ୍ପତ୍ତି ? ଏ ଗାଁର ଲୋକେ ଚିତାହରିଣକୁ ମାରନ୍ତି ନାହିଁ, ବରଂ ବଞ୍ଚି ରହିବାରେ ସାହାଯ୍ୟ କରନ୍ତି। ତା'ସତ୍ତ୍ୱେ ହରିଣ ପଲ ଗାଁର ସମ୍ପତ୍ତି ନୁହନ୍ତି, ସରକାରଙ୍କ ସମ୍ପତ୍ତି। ଖାଲି ହରିଣ କାହିଁକି, ଅଜଗର, ବାଘ, ଭାଲୁ, ହାତୀ ଯାବତୀୟ ଜୀବଜନ୍ତୁ ସରକାରଙ୍କ ସମ୍ପତ୍ତି। ବାଘ ମଣିଷକୁ ଖାଇଲେ ବାଘର କିଛି ଶାସ୍ତି ନାହିଁ। ମଣିଷ ବାଘ ମାରିଲେ କିଏ ଜାଣେ ଆଜୀବନ କାରାଦଣ୍ଡ ହୋଇପାରେ !

ହଁସୁଲୀ ନଈ ଏ ପାରି ସେ ପାରି ଗାଁଲୋକେ ଚିତ୍ରବଣରୁ ଡାଳଟିଏ ଭାଙ୍ଗନ୍ତି ନାହିଁ। ହରିଣଟିଏ ମାରି କୋଉଦିନ ଭୋଜିଭାତ କରିବା ସେମାନେ ମହାପାପ ବୋଲି ଭାବନ୍ତି। ସରକାରଙ୍କ ନିୟମକୁ ମାନି ନୁହେଁ, ଆତ୍ମାର ନିର୍ଦ୍ଦେଶ ମାନି। ଗାଁଲୋକେ ପ୍ରକୃତିପ୍ରିୟ। ଭାଗ୍ୟ ଭଲ ଚିତ୍ରବଣରେ ମଣିଷଖିଆ ଜନ୍ତୁ ନାହାନ୍ତି, ତା' ନ ହେଲେ ଗାଁରୁ ମଣିଷ ବାଘ ମୁହଁରେ ଯାଉ ପଛକେ ବାକି ଲୋକେ ଖାଲି ହାଁକରି ଚାହିଁବେ, ହାଉଁହାଉଁ ହୋଇ କାନ୍ଦିବେ; କିନ୍ତୁ ବାଘକୁ ଟେକାଟିଏ ବି ପକାଇ ପାରିବେ ନାହିଁ। ଆରେ ବାଘ ପରା ହେଉଛି ଆମ ଦେଶ ଓ ଜାତିର ଗର୍ବ!

ସେ ଦିନର ସକାଳ ଥିଲା ଗୁମ୍‌ସୁମ୍। ଅଦିନ ବଉଦ ଘୋଟିଥିଲା ଚିତ୍ରବଣ ଉପରକୁ ଅରାଏ ଆକାଶରେ। ଅରଖପୁର ଗାଁଲୋକେ କାମଧନ୍ଦା ଛାଡ଼ି ଚାହିଁଥିଲେ ଚିତ୍ରବଣ ପାଖରେ ଥୁଆ ହୋଇଥିବା ସରକାରୀ ଭ୍ୟାନ୍‌କୁ। ଭ୍ୟାନ୍‌ରୁ ଖପ୍‌ଖାପ୍ ଡେଇଁଲେ ଚାରିଜଣ ବନ ବିଭାଗ କର୍ମଚାରୀ। ଚିତ୍ରବଣ ଭିତରେ ପଶିଲେ। ଚିତାହରିଣ ପଲକୁ ଧରିବାକୁ ଚେଷ୍ଟା କରି ନୟାନ୍ତ ହେଲେ; ମାତ୍ର ପଟେ ହେଲେ ହରିଣ ଧରା ଦେଲେ ନାହିଁ। ଦେବ ସହ ଗାଁପିଲେ ଓ କେତେଜଣ ମୁରବି ଲୋକ ବନ କର୍ମଚାରଙ୍କ ପଛେପଛେ ବଣରେ ପଶିଗଲେ। ବନ ବିଭାଗ କର୍ମଚାରୀଙ୍କ କାଣ୍ଡକାରଖାନା ଦେଖି ଅବାକ୍ ହେବା ସହ ଖପ୍ପା ହୋଇଗଲେ। ଚିତାହରିଣ ପଲ କେବଳ ବଣର ସମ୍ପଦ ନୁହନ୍ତି, ଅରଖପୁର ଗାଁର ସମ୍ପଦ ମଧ୍ୟ। ସରକାରୀ କର୍ମଚାରୀ ହେଲେ ମଧ୍ୟ ଚିତାହରିଣମାନଙ୍କୁ ଭୟଭୀତ କରିବା କ୍ଷମଣୀୟ ନୁହେଁ। ଜଣେ ପଚାରିଲେ "ହଇଓ ବାବୁ! ଆମ ବଣର ଚିତାହରିଣମାନଙ୍କୁ ଧରପଗଡ଼ କାହିଁକି କରୁଛ ? ହରିଣପଲ ଏପରି ତ୍ରସ୍ତ ହେବା ଆମେ ଆଖି ଉଠିବା ଦିନରୁ ଦେଖିନୁ। ବିଚାରୀଗୁଡ଼ାକ କିଛି କହିପାରୁନାହାନ୍ତି ସିନା, ସେମାନଙ୍କ ଆଖିକୁ ନିରେଖି ଦେଖିଲ ? ପଥର ଛାତିରୁ ବି ରକ୍ତ ଝରିବ...।" ଏତିକି କହୁ କହୁ ବ୍ୟକ୍ତିଜଣକ କାନ୍ଦ କାନ୍ଦ ହୋଇ ଗାମୁଛାରେ ଆଖି ପୋଛିଲେ। ଦେବ ଓ ଆଉ କେତେଜଣ ପିଲା କାନ୍ଦି କାନ୍ଦି କହିଲେ "ତୁମେ ସେମାନଙ୍କୁ ଧରିବା ପାଇଁ କାହିଁକି ଚେଷ୍ଟା କରୁଛ ? ସେମାନେ ତୁମକୁ କଦାପି ଧରା ଦେବେ ନାହିଁ। ସେମାନେ କେବଳ ଆମ ହାତରେ ଆପେ ଆପେ ଧରା ଦିଅନ୍ତି।" ବନ ବିଭାଗ ବାବୁମାନଙ୍କର ମୁଖପାତ୍ର କହିଲେ "ସମସ୍ତେ ଶୁଣ, ଏ ବଣ ତୁମର ନୁହେଁ କି ହରିଣ ପଲ ତୁମର ନୁହନ୍ତି। ସବୁ ସରକାରଙ୍କ ସମ୍ପତ୍ତି। ସରକାର ଯାହା ଚାହିଁବେ କରି ପାରିବେ।"

-"ହରିଣଗୁଡ଼ିକୁ ମାରିଦେବା ବା ନିର୍ଯାତନା ଦେବା ପାଇଁ କ'ଣ ସରକାରଙ୍କର ଅଧିକାର ଅଛି ?" ଗମ୍ଭୀର ସ୍ୱରରେ ପଚାରିଲେ ଦେବର ବାପା।

- "ମାରିବା ପ୍ରଶ୍ନ ଉଠାଇଲ କାହିଁକି ?

> "ଦେବର ନବମ ଶ୍ରେଣୀ। ଆଉ ବର୍ଷକ ପରେ ସେ କ'ଣ ଚିତ୍ରବଣକୁ ଛାଡ଼ି ସହରକୁ ଯାଇ ପାଠରେ ମନୋଯୋଗୀ ହୋଇ ପାରିବ? ଦେବ ବେଳେବେଳେ ଭାବେ ସେ ଫେଲ୍ ହୋଇ ଯାଆନ୍ତା କି? ତାକୁ ଆଉ ସହର ଯିବାକୁ ପଡ଼ନ୍ତା ନାହିଁ; କିନ୍ତୁ ଫେଲ୍ ବି ହେବ କେମିତି? ତାକୁ ପାଠ ବି ଭଲ ଲାଗେ। ତେବେ କଲେଜରେ ନ ପଢ଼ିଲେ କ'ଣ ଅସୁବିଧା ହୋଇଯିବ?"

ସରକାର ବଣ୍ୟ ସମ୍ପଦର ରକ୍ଷାକର୍ତ୍ତା। ଚିତାହରିଣଙ୍କର ବଂଶ ବୃଦ୍ଧି କରାଇବା ସରକାରଙ୍କ ଲକ୍ଷ୍ୟ। ସେଥିପାଇଁ ଏ ବଣଟି ଆଦୌ ଅନୁକୂଳ ନୁହେଁ। ଏ ବଣରେ ଘାସର ଅଭାବ ଅଛି। ଏଠି ଜଳ, ବାୟୁ, ସୂର୍ଯ୍ୟାଲୋକର ଅଭାବ ମଧ୍ୟ ଅଛି। ପ୍ରଚୁର ବର୍ଷା ମଧ୍ୟ ଏ ଅଞ୍ଚଳରେ ହୁଏ ନାହିଁ। ତେଣୁ ସରକାର ଚିତାହରିଣ ପଲକୁ ସ୍ଥାନାନ୍ତର କରିବା ପାଇଁ ସ୍ଥିର କରିଛନ୍ତି।”

ଜଣେ ମୁଖିଆ ରୋଷ ପ୍ରକାଶ କରି କହିଲେ “ତିନି ପିଢ଼ି ପୂର୍ବରୁ ଆମ ପୂର୍ବପୁରୁଷ ମହାନଦୀ କୂଳ ଏକ ସମୃଦ୍ଧ ଗାଁରୁ ବିସ୍ଥାପିତ ହୋଇଥିଲେ। ସରକାରଙ୍କର କିଛି ଗୋଟେ ବଡ଼ ପ୍ରୋଜେକ୍ଟର ଯୋଜନା ଥିଲା। ଯେଉଁମାନେ ବିସ୍ଥାପିତ ହେଲେ ଅର୍ଥ ମାଧ୍ୟମରେ ସେମାନଙ୍କ କ୍ଷତିପୂରଣ ସରକାର କରି ପାରିଲେ କି ? ସେ ଦୁଃଖ ଆମେ ଅବଶ୍ୟ ଭୋଗିନୁ, ବାପ ଅଜାଙ୍କଠାରୁ ଶୁଣିଛୁ। ଏଠି ମଣିଷଗୁଡ଼ା କ'ଣ ପ୍ରଚୁର ଖାଦ୍ୟପେୟ, ନିର୍ମଳ ବାୟୁ, ଜୀବନୋପଯୋଗୀ ଖରା ଓ ବର୍ଷା ପାଉଛନ୍ତି କି? ତଥାପି ଆମେ ବଞ୍ଚିଛୁ। ସେମିତି ଏ ଚିତାହରିଣ ଦଳ ଅଛନ୍ତି। କି ଅସୁବିଧା ଏଠି ହରିଣ ପଲର? ସେମାନେ ଆମର ବନ୍ଧୁ କୁଟୁମ୍ବ। ସରକାର ସେମାନଙ୍କୁ ଆଉ ଏମିତି କେଉଁ ଉତ୍ତମ ସ୍ଥାନକୁ ନେବେ କି?”

ବନ ବିଭାଗ ବାବୁ କହିଲେ “ଚିତ୍ରବଣଠାରୁ ଶହେଗୁଣ ବଡ଼ ଅଭୟାରଣ୍ୟରେ ସେମାନଙ୍କୁ ଛଡ଼ାଯିବ। ସେଠି ପ୍ରଚୁର ଘାସ, ପାଖରେ ଚିରସ୍ରୋତା ନଦୀ, ନାଳ। ସ୍ୱଚ୍ଛନ୍ଦରେ ଚାଲିବୁଲି ବଞ୍ଚିବେ, ବଂଶ ବୃଦ୍ଧି କରିବେ। ଏହି ସାନ ବଣରେ ସେମାନଙ୍କର ଆଖିଦୃଶିଆ ବଂଶ ବୃଦ୍ଧି ହେଉ ନାହିଁ। ତେଣୁ ସରକାର ଚିନ୍ତାରେ ଅଛନ୍ତି। ଏମାନଙ୍କର ବଂଶ ବୃଦ୍ଧି ଯେତେ ଅଧିକ ହେବ ଅଭୟାରଣ୍ୟ ସେତେ ପ୍ରସିଦ୍ଧ ହେବ। ତୁମମାନଙ୍କର ପ୍ରିୟ ହରିଣମାନେ ବଂଶ ବୃଦ୍ଧି କରି ଆନନ୍ଦରେ ବଞ୍ଚନ୍ତୁ ବୋଲି କ'ଣ ତୁମେ ଚାହଁ ନାହିଁ ?”

‘ଅବଶ୍ୟ’- ଗାଁଲୋକେ ଥ-ଥ-ମ-ମ ହୋଇ ମୁଣ୍ଡ ଟୁଙ୍ଗାରିଲେ। ଦେବ ମଧ୍ୟ ଭାବିଲା ହରିଣମାନଙ୍କୁ ଛାଡ଼ିବ ନାହିଁ ବୋଲି ଗାଁଲୋକେ ଧର୍ମଘଟ, ହରତାଳ ଇତ୍ୟାଦି କରିବା ହରିଣମାନଙ୍କ ସ୍ୱାର୍ଥବିରୋଧୀ ହେବ। କିନ୍ତୁ ସେ ଚିତ୍ରହରିଣମାନଙ୍କୁ ଛାଡ଼ି ରହିପାରିବ ନାହିଁ। ସେ ବିମର୍ଷ ହୋଇଗଲା। ବିନ ବିଭାଗ କର୍ମଚାରୀମାନେ କହିଲେ “ଆଜି କେବଳ ହରିଣ ଗଣତି କାମ ସରିଲା। ପୁଣି ସରକାର ଯେଉଁଦିନ ଅନୁମତି ଦେବେ ହରିଣ ପଲଙ୍କୁ ସ୍ଥାନାନ୍ତର କରାଯିବ।”

ଦେବେନ୍ଦ୍ର ସମେତ ସ୍କୁଲ୍‌ପିଲାମାନେ ଆଦୌ ପାଠରେ ମନୋଯୋଗୀ ହୋଇ ପାରିଲେ ନାହିଁ। ବଡ଼ମାନେ ବୁଝାଇଲେ “ସରକାରୀ କାମ କେମିତି ହୁଏ ଆମକୁ ଜଣା। ଏ ହରିଣ ପଲକୁ ସ୍ଥାନାନ୍ତର କରିବା ଯୋଜନା ହୋଇଛି। ଯୋଜନା କେବେ କାର୍ଯ୍ୟକାରୀ ହେବ, ସେକଥା ତୁମ ପିଲାମାନେ ଜାଣିବେ।”

ସତକୁ ସତ ପାଖାପାଖି ଛ'ଋତୁ ପାରି ହୋଇଗଲା। ପିଲାମାନଙ୍କ ମନରୁ ସରକାରଙ୍କ ଯୋଜନା ବିସ୍ମରଣ ହେଲା। ଦେବର ନବମ ଶ୍ରେଣୀ ସରି ଦଶମ ଶ୍ରେଣୀ ହେଲା। ଚିତ୍ରବଣର ରାସ୍ତାଟା ଆହୁରି ଅନ୍ତରଙ୍ଗ ଲାଗିଲା; କିନ୍ତୁ ଆଉ ବର୍ଷକ ପରେ ତ ସେ ଗାଁ ଛାଡ଼ି ସହର ଯିବ। କେମିତି ରହି ପାରିବ ଚିତ୍ରବଣକୁ ଛାଡ଼ି?”

ଚିତ୍ରବଣ ଦେବ ପାଇଁ କେବଳ ସ୍କୁଲ୍‌ର ଚଲାବାଟ ନଥିଲା, ଏହା ଥିଲା ଦେବର ଖେଳ ପଡ଼ିଆ, ପରୀକ୍ଷା ପ୍ରସ୍ତୁତି ପାଇଁ ନିରୋଳା ପଢ଼ାଘର, ଭୋକ ହେଲେ ବଳକାରକ ଖାଦ୍ୟ ଭଣ୍ଡାର ମଧ୍ୟ। ଜାମୁ, ବରକୋଳି, ନରକୋଳି, ଆମ୍ବ, କେନ୍ଦୁ ଆଦି ଫଳ ଋତୁ ଅନୁସାରେ ବଣରେ ମିଳେ। ଚିତାହରିଣକୁ ଫଳ ଯାଚିଲେ ମୁହଁ ଆଡ଼େଇ ନିଅନ୍ତି,। ସେମାନଙ୍କୁ ଦେବ ବେଳେବେଳେ ପାଚିଲା ଆମ୍ବ କାଟି ଯାଚିଲେ ଚାଟିଚାଟି ଖାଆନ୍ତି। ଦେବକୁ ଭାରି ଖୁସି ଲାଗେ। ଚିତ୍ରବଣରେ ଦେବର ପଢ଼ା ଟେବୁଲ୍‌ର ଅଭାବ ନ ଥିଲା। ହରିଣ ପିଠିରେ ଖାତା ଥୋଇ ଦେବ ଗୃହ ପାଠ୍ୟ କରିଦିଏ। ହରିଣଗୁଡ଼ା ମନ୍ତ୍ରମୁଗ୍ଧ ହୋଇ ଠିଆ ହୋଇ ଥାଆନ୍ତି। ପରୀକ୍ଷା ପ୍ରସ୍ତୁତି ପାଇଁ ଦେବ ହରିଣଙ୍କ ଆଗରେ ବହି ଧରି ବଡ଼ ପାଟିରେ ପଢ଼େ। ହରିଣ ପଲ କାନ ଠିଆକରି ଶୁଣନ୍ତି। ପାଠ୍ୟ ବିଷୟ ଅନ୍ୟ ପିଲାଙ୍କର ମୁଖସ୍ଥ ହେଉ କି ନ ହେଉ ଦେବର ମୁଖସ୍ଥ ହୋଇଯାଏ। ସ୍କୁଲରୁ ଫେରିବା ସମୟ ଡେରି ହେଲେ ଦେବର ବାପା, ମା' ଚିନ୍ତାରେ ପଡ଼ନ୍ତି ନାହିଁ। ସେମାନେ ଜାଣନ୍ତି ଯେ ଚିତ୍ରବଣରେ ହରିଣଙ୍କ ମେଳରେ ଥାଇ ସ୍କୁଲରେ ଦିଆଯାଇଥିବା ଗୃହ ପାଠ୍ୟ ସେ କରି ଦେଇଥାଏ। ଘରକୁ ଆସି ସେ ଖାଇ ପିଇ ଶୋଇଯାଏ। କାହିଁକି ପଢୁ ନାହୁଁ ବୋଲି ବାପା କେବେ ପଚାରନ୍ତି ନାହିଁ। ଦେବ ଗୃହ ପାଠ୍ୟ କରୁନାହିଁ ବୋଲି ସ୍କୁଲରୁ କେବେ ଅଭିଯୋଗ ଆସେ ନାହିଁ।

ଚିତ୍ରବଣ ସମସ୍ତଙ୍କର ପ୍ରିୟ, ଚିତାହରିଣ ସମସ୍ତଙ୍କର ପ୍ରିୟ, ମାତ୍ର ଦେବ ପରି କେହି ପାଗଳ ନୁହନ୍ତି। ସ୍କୁଲ୍‌ରେ ପ୍ରଧାନଶିକ୍ଷକ ଦେବକୁ ପାଗଳ କୁହନ୍ତି ନାହିଁ, କହନ୍ତି ପ୍ରକୃତିପ୍ରିୟ ଉତ୍ତମ ଗୁଣ। ଦେବ ଚରିତ୍ରର ଲୋକ ବନ ବିଭାଗ ଅଧିକାରୀ ହେବା ଉଚିତ୍।

ଦିନେ ଅଦିନ ଚଡ଼କ ପରି ଉଦୁଉଦିଆ ଦ୍ୱିପହରେ ଅଚାନକ ବନ ବିଭାଗର ଗୋଟିଏ ବଡ଼ ଭ୍ୟାନ୍ ଆସି ଚିତ୍ରବଣ ପାଖରେ ଅଟକିଲା। ହରିଣ ଧରାଳିମାନେ ସାଙ୍ଗରେ ଆସିଥିଲେ। ଦେବ ଖବର ପାଇ ସ୍କୁଲରୁ ପଳାଇ ଆସିଲା। ହରିଣମାନେ ଧରାଳିମାନଙ୍କୁ ନୟାନ୍ତ କରି ସାରିଥିଲେ। ଦେବ ଭାବିଲା, ହରିଣମାନଙ୍କର ଜୀବନ ଯେଉଁଥିରେ ସୁଖକର ହେବ ସରକାର ତାହା ହିଁ କରୁଛନ୍ତି। ସେ ହରିଣମାନଙ୍କର ସୁଖ ଚାହେଁ ନା ନିଜର ଆନନ୍ଦ ଚାହେଁ? ଏମିତି ଏକ ଭାବନାରେ ଦେବ ଆବେଗପ୍ରବଣ ହୋଇଗଲା। ସେ ହରିଣମାନଙ୍କର ସର୍ବବିଧ ଆନନ୍ଦ ଚାହେଁ। ହରିଣ ପଲଙ୍କ ଭିତରେ ପଶି ଯାଇ ସେ ସମସ୍ତଙ୍କୁ ଗେହ୍ଲା କଲା। ସେତିକିବେଳେ

ହରିଣ ଧରାଳିମାନେ ଗୋଟିଗୋଟି କରି ହରିଣମାନଙ୍କୁ ଧରିନେଇ ଭ୍ୟାନ୍ ଭିତର ଅଡ଼ାରେ ଛାଡ଼ିଲେ । ଗାଁ'ର ପିଲା, ବୁଢ଼ା ସମସ୍ତେ କାନ୍ଦ କାନ୍ଦ ।

ଜଣେ ମୁଖିଆ କହିଲେ "ଅଧିକାଂଶ ବଣ ବାବୁ ବଣୁଆ- ନିର୍ଦ୍ଦୟ । ଜଙ୍ଗଲ ମାଫିଆଙ୍କ ସହ ହାତ ମିଳାଇଥାନ୍ତି । ବାହାରକୁ ସାଧୁ ସଚ୍ଚୋଟ । ଜଙ୍ଗଲର ହରିଣ, କୁଟୁରା ମାଂସ ସେମାନଙ୍କର ପ୍ରିୟ । ଆମ ହରିଣମାନଙ୍କର କାଳେ ସେହି ଦଶା ହେବ ବୋଲି ଆମେ ଚିନ୍ତିତ ଅଛୁ ।"

ବନବିଭାଗ ବାବୁ କହିଲେ "ଚିତାହରିଣମାନେ ଯାଉଥିବା ଅଭୟାରଣ୍ୟ ଦାୟିତ୍ୱରେ ଯେଉଁ ଅରଣ୍ୟ ଅଧିକାରୀ ଅଛନ୍ତି ସେ ସେପରି ନୁହନ୍ତି । ସେଠାରେ ଚିତାହରିଣଗୁଡ଼ିକ ପ୍ରଚୁର ଘାସ, ଜଳ, ଶୀତଳ ପବନ, ସୂର୍ଯ୍ୟାଲୋକ ପାଇବେ । ମଝିରେ ମଝିରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହେବ । ସେମାନଙ୍କ ପାଇଁ ଡାକ୍ତର ନିଯୁକ୍ତ ଅଛନ୍ତି । ହରିଣ ପଲର ଯତ୍ନ ନେବା ପାଇଁ ତାଲିମପ୍ରାପ୍ତ ବନ କର୍ମଚାରୀ ନିଯୁକ୍ତ ହୋଇଛନ୍ତି । କି ଭାଗ୍ୟ! ତୁମେମାନେ ଖୁସି ହେବା ଉଚିତ୍ ଯେ ଚିତାହରିଣଙ୍କର ସ୍ୱର୍ଗ ଲାଭ ହେବ ।"

"ତା'ର ଅର୍ଥ ସରକାର ସେମାନଙ୍କୁ ମାରିଦେବେ ? ତେବେ ତ ଆମେ ଚିତାହରିଣଙ୍କୁ ଛାଡ଼ିବୁ ନାହିଁ । ଆମେ ହରତାଳ କରିବୁ, ଆନ୍ଦୋଳନ କରିବୁ । ସେମାନଙ୍କର ବଂଶ ବୃଦ୍ଧି ଆଶାନୁରୂପ ନ ହେଉ ପଛକେ, ସେମାନେ ଚିତ୍ରବଣରେ ହସି ଖେଳି ବଞ୍ଚି ରୁହନ୍ତୁ-" ଚକିତ ହୋଇ ଜଣେ ଗ୍ରାମବାସୀ କହିଲେ । ତାଙ୍କ କଥାରେ ତାଳଦେଇ ଅନ୍ୟମାନେ ହୋହଲ୍ଲା କଲେ ।

ବନ ବିଭାଗ ବାବୁ କହିଲେ "ତୁମେ କଥାଟାର ପ୍ରକୃତ ଅର୍ଥ ବୁଝି ପାରିଲ ନାହିଁ । ସ୍ୱର୍ଗପ୍ରାପ୍ତିର ଅର୍ଥ ଚିତାହରିଣ ପଲ ଅଭୟାରଣ୍ୟରେ ସ୍ୱର୍ଗ ସୁଖ ଲାଭ କରିବେ ।"

ଦେବେନ୍ଦ୍ରର ବାପା କହିଲେ "ତେବେ ତ ଆନନ୍ଦର କଥା; କିନ୍ତୁ ହରିଣଗୁଡ଼ିକ ଚିତ୍ରବଣ ଓ ଆମକୁ ଝୁରିବେ । ଯେମିତି ଆମ ବିସ୍ଥାପିତ ବାପା, ଜେଜେବାପା, ତାଙ୍କ ଘର, ଗାଁ, ନଦୀ, ପାହାଡ଼କୁ ଝୁରି ହେଉଥିଲେ ସାରାଜୀବନ ।"

"ନାଇଁ ନାଇଁ ହରିଣର ମଣିଷ ପ୍ରକୃତି ନୁହେଁ । ଶିଶୁ ମନ ପରି ହରିଣର ମନ ସରଳ ଏବଂ ତା'ର ଦୁଃଖ କ୍ଷଣସ୍ଥାୟୀ । ମଣିଷ ଭଳି ସେମାନେ ଅଯଥା ଝୁରିବେ ନାହିଁ । ପେଟ ପୂରିଲେ ସେମାନଙ୍କର ମନ ପୂରେ । ଆପଣମାନେ ଅଯଥାରେ ହରିଣମାନଙ୍କ ପାଇଁ ଚିନ୍ତା କରନ୍ତୁ ନାହିଁ । ସରକାର ମହତ୍ ଉଦ୍ଦେଶ୍ୟରେ ହରିଣମାନଙ୍କୁ ଅଭୟାରଣ୍ୟକୁ ନେଉଛନ୍ତି ।"

"ଭଲ ହେଲା, ସରକାର ଯାହା ଚାହିଁବେ ପ୍ରାଣୀର ମଙ୍ଗଳ ପାଇଁ । ସରକାର ତ ଭଗବାନ!" କେହି ଜଣେ କହିଲା ।

> "ନିରୀହ, ସରଳ, ସୁନ୍ଦର ଚିତାହରିଣଙ୍କୁ ଚିତାବାଘଙ୍କ ଖାଦ୍ୟ ପାଇଁ ସୁରକ୍ଷିତ ଚିତ୍ରବଣରୁ ଅଣା ଯାଇଥିଲା? ଦେବ ଅସହାୟ ବୋଧରେ ମ୍ରିୟମାଣ ହୋଇଗଲା । ନିଜକୁ ଅପରାଧୀ ମଣିଲା । ତେବେ ସେ ତା' ଗାଁ'ର ପ୍ରିୟ ଚିତାହରିଣ ମାଂସ ଖାଇଛି! ସାରା ଜୀବନ ଏ ଅପରାଧବୋଧ ତା' ଭିତରୁ ଯିବ ନାହିଁ । କାହା ଦରବାରରେ ଅଭିଯୋଗ ବାଢ଼ିବ? ବାଘ ଘାସ ଖାଏ ନାହିଁ ତେଣୁ ହରିଣ ଖାଏ, ତା'ର ଦୋଷ ନାହିଁ । ମାତ୍ର ତା' ମାମୁ, ମାଇଁ ଓ ବାକି ମଣିଷମାନେ କେମିତି ଖାଆନ୍ତି ହରିଣ ମାଂସ?"

ଦେବର ବାପା ପଚାରିଲେ "କେଉଁ ଅଭୟାରଣ୍ୟକୁ ହରିଣଗୁଡ଼ିକ ଯିବେ ? ଆମ ଗାଁ'ରୁ କେତେ ଦୂର ? ବେଶୀ ଦୂର ହୋଇ ନ ଥିଲେ ପିଲାମାନେ ପରୀକ୍ଷା ପରେ ଶିକ୍ଷକଙ୍କ ସହ ଯାଇ ଚିତାହରିଣଙ୍କୁ ଦେଖି ଆସିବେ ।"

ବନ ବିଭାଗ ବାବୁ ଯେଉଁ ସହର ଓ ଅଭୟାରଣ୍ୟର ଠିକଣା ଦେଲେ ସେଥିରେ ଦେବ ଖୁସିରେ ଚିଲେଇଲା । ବଡ଼ ପାଟିରେ କହିଲା "ମୁଁ ଖୁବ୍ ଶୀଘ୍ର ଚିତାହରିଣଙ୍କ ସହରକୁ ଯିବି । ଆଉ ଫେରିବି ନାହିଁ । ସେଠି ମୋ ମାମୁ ଘର । ଚିତାହରିଣମାନଙ୍କର ବି ମାମୁଘର ।"

ଚିତାହରିଣମାନେ ଗାଁ'ରୁ ବିଦାୟ ନେବା ଦିନଠାରୁ ଦେବ ପାଠରେ ଧ୍ୟାନ ଦେଲା ନାହିଁ । ଗୃହ ପାଠ କଲା ନାହିଁ । ଦେବର ପାଠର ଅନିୟମିତତା ପାଇଁ କେବଳ ବାପା ନୁହନ୍ତି, ଶିକ୍ଷକମାନେ ବି ଚିନ୍ତିତ ହେଲେ । ଦେବକୁ ପ୍ରଧାନ ଶିକ୍ଷକ ପୁତ୍ରବତ୍ ସ୍ନେହ କରୁଥିଲେ । ଯେଉଁ କଥା ଦେବ ବାପାଙ୍କୁ କହିପାରେ ନାହିଁ ସେକଥା ପ୍ରଧାନଶିକ୍ଷକଙ୍କୁ କହିଦିଏ । ସେ ଦେବକୁ ଶ୍ରଦ୍ଧା ସହକାରେ ପାଖକୁ ଡାକି ପାଠରେ ଅମନୋଯୋଗୀ ହେବାର କାରଣ ପଚାରିଲେ ।

ଦେବ କହିଲା "ସାର୍! ବାପାଙ୍କୁ ରାଜି କରାଇ ମୋ ମାମୁ ଘର ଗାଁ ସ୍କୁଲ୍‌କୁ ମୋ ସେଣ୍ଟର୍ ବଦଳାଇ ଦିଅନ୍ତୁ । ମାମୁଘରେ ରହି ମୁଁ ପରୀକ୍ଷା ଦେବି । ସେଠାରେ ଦ୍ୱାଦଶ ଶ୍ରେଣୀ ପଢ଼ିବି । ହରିଣମାନଙ୍କୁ ନ ଦେଖିଲେ ମୋର ପାଠରେ ଧ୍ୟାନ ରହୁ ନାହିଁ । ମୁଁ ସର୍ବଦା ସେମାନଙ୍କ କଥା ଭାବୁଛି ।"

ଦେବର ବାପା ପ୍ରଥମେ ଅମଙ୍ଗ ହେଉଥିଲେ ମଧ୍ୟ ପ୍ରଧାନ ଶିକ୍ଷକଙ୍କ ପରାମର୍ଶରେ ରାଜି ହେଲେ । କହିଲେ "ସେ ବର୍ଷକ ପରେ ମାମୁ ଘର ଗାଁକୁ ଯାଇ ଦ୍ୱାଦଶ ପଢ଼ିଥା'ନ୍ତା, ବର୍ଷକ ଆଗରୁ ଯାଉ; କିନ୍ତୁ ଦେବ ପରୀକ୍ଷାରେ ଭଲ ନମ୍ବର ଆଣିବା ବଡ଼ କଥା । ମୁଁ ତା' ବୋଉକୁ ବୁଝାଇଦେବି ।"

ଗାଁ ଛାଡ଼ିବାର ଦୁଃଖ ଅପେକ୍ଷା

ଚିତାହରିଣମାନଙ୍କୁ ସାକ୍ଷାତ କରିବାର ଆନନ୍ଦ ଦେବର ଅଧିକ ଥିଲା । ମାମୁଘରେ ଦେବର ଆନନ୍ଦରେ ଦିନ କଟୁଥିଲା । ମାମୁ ମାଈଙ୍କ ସ୍ନେହ ଆଦର, ନୂଆ ସ୍କୁଲ୍‌ର ବାତାବରଣ ଓ ଚିତାହରିଣଙ୍କ ସହ ଦେଖାସାକ୍ଷାତ ଯୋଗୁଁ ଦେବ ପୂର୍ବପରି ମନୋଯୋଗୀ ଛାତ୍ରରେ ପରିଣତ ହେଲା । ଅବଶ୍ୟ ସେ ଅଭୟାରଣ୍ୟ ଭିତରକୁ ଯାଇପାରୁ ନ ଥିଲା; କିନ୍ତୁ ହରିଣମାନଙ୍କ ଆଖିରେ ଚିହ୍ନାଚିହ୍ନା ଭାବ ସେ ପଢ଼ି ପାରୁଥିଲା । ଅଭୟାରଣ୍ୟର ତାର ବାଡ଼ ପର୍ଯ୍ୟନ୍ତ ଯାଇ ହରିଣଙ୍କୁ ପାଟିକରି ଡାକୁଥିଲା ଦେବ । ଦେବର ସ୍ୱର ଶୁଣି ହରିଣ ପଲ ଖୁସିରେ ଡେଇଁଡେଇଁ ତାର ବାଡ଼ ନିକଟକୁ ଆସୁଥିଲେ । ବାଡ଼ ଫାଙ୍କରେ ମୁହଁ ଭର୍ତ୍ତି କରି ଦେବର ପ୍ରସାରିତ ହାତକୁ ଚାଟୁଥିଲେ । କେବେକେବେ ତାର ବାଡ଼ ଯୋଗୁଁ ହରିଣମାନଙ୍କ ମୁହଁରେ କ୍ଷତ ହେଉଥିଲା, ଯାହା ଦେବକୁ କଷ୍ଟ ଦେଉଥିଲା । ହରିଣମାନଙ୍କ ମୁହଁକୁ ଭିତରକୁ ଠେଲି ଦେଇ ସେ ତୁରନ୍ତ ତାର ବାଡ଼ ଭିତରେ ହାତ ଭର୍ତ୍ତି କରି ଦେଉଥିଲା । ଦେବର କୋମଳ ହାତ ମଧ୍ୟ ବେଳେବେଳେ କଟି ଯାଉଥିଲା । ହରିଣ ପଲ ଦେବ ହାତର କ୍ଷତକୁ ଚାଟି ଚାଟି ମଲମ ଲଗାଇ ଦେଉଥିଲେ । ବନରକ୍ଷୀ ହାବୁଡ଼ରେ ପଡ଼ିଗଲେ ଦେବ ଭର୍ତ୍ସିତ ହେଉଥିଲା- "ହରିଣ ମୁହଁର କ୍ଷତ ବିସର୍ପୀ ଗଲେ ହରିଣର ମୃତ୍ୟୁ ହୋଇପାରେ । ସେତେବେଳେ ତୁମ ବାପାକୁ କେତେ କ୍ଷତି ପୂରଣ ଦେବାକୁ ପଡ଼ିବ ଜାଣିଛ? ତୁମକୁ ବି କାରାଦଣ୍ଡ ହୋଇପାରେ ।" ଏପରି ଚେତାବନୀ ସତ୍ତ୍ୱେ ତାର ବାଡ଼ ଫାଙ୍କ ଦେଇ ଦେବ ଓ ହରିଣମାନଙ୍କର ଭାବ ବିନିମୟ ହେଉଥିଲା । ହରିଣମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖି ଦେବ ଖୁସି ହେଉଥିଲା । ଯାହାହେଉ, ହରିଣ ଭଳି ଏକ ସରଳମତି ନିଷ୍ପାପ ଜୀବ ପ୍ରତି ସରକାର ବେଶ୍ ଦୟାଳୁ ଓ ଯତ୍ନବାନ୍ ଭାବି ନିଜ ହାତର କ୍ଷତଜନିତ ଯନ୍ତ୍ରଣାକୁ ସେ ଭୁଲିଯାଉଥିଲା ।

ମାମୁଙ୍କ ସ୍ନେହ ଆଦର, ମାଈଙ୍କ ହାତରନ୍ଧା ଦେବକୁ ପ୍ରସନ୍ନ କରି ରଖିଥିଲା । ବୋଉ ହାତରନ୍ଧା ଓ ମାଈଙ୍କ ହାତରନ୍ଧା ଭିତରେ ଉଣେଇଶ୍ ବିଶ୍ ଫରକ୍ ହେଲେ ବି ଦେବ ମନ ଖୁସିରେ ଖାଉଥିଲା । ଦେବର ଦୁର୍ବଳ ସ୍ୱାସ୍ଥ୍ୟରେ ଉନ୍ନତି ଦେଖି ମାମୁ, ମାଈଁ ଖୁସି ଥିଲେ । ବାପା ବୋଉଙ୍କୁ ଦେବର ଫଟୋ ପଠାଉଥିଲେ । ପୁଅର ସ୍ୱାସ୍ଥ୍ୟରେ ଉନ୍ନତି ଦେଖି ସେମାନେ ବି ଖୁସି ହୋଇ ଯାଉଥିଲେ । ରବିବାରିଆ ମାମୁଘରେ ମାଂସ ତରକାରି ହେବା ଧରାବନ୍ଧା ନିୟମ ଥିଲା । ମାମୁଙ୍କ ବଡ଼ ପୁଅ ରାଜୁ ଭାଇ ଚାହୁଁଥିଲା ସବୁଦିନ ମାଂସ ତରକାରି ହେଉ; କିନ୍ତୁ ଖାସି ମାଂସ ଦୁର୍ମୂଲ୍ୟ ଯୋଗୁଁ କେବଳ ରବିବାର ମାଂସ ତରକାରି ହେଉଥିଲା । ମାଂସ ଝୋଳରେ ଆଳୁ ପଡ଼ିଥିଲେ ଭାତ ଖାଇବା ପାଇଁ ଦେବର ଆଉ କିଛି ଲୋଡ଼ା ହୁଏ ନାହିଁ । ଦହି ବାଇଗଣ ହୋଇଥିଲେ ବି ଦେବ ଥାଳିରେ ବଢ଼ା ହୁଏ ନାହିଁ । ଅଯଥାରେ ନଷ୍ଟ କରିବ ନାହିଁ ବୋଲି ଦେବ ମନା କରେ । ରବିବାର ଦିନ ମାମୁ, ରାଜୁଭାଇ ଓ ଦେବ ମଧ୍ୟାହ୍ନ ଭୋଜନ କରୁଥିଲେ । ସେଦିନ ଖାସି ମାଂସର ସ୍ୱାଦ ଭିନ୍ନ ଥିଲା । ବୋଧହୁଏ କଅଁଳ ଖାସି ମାଂସ ନୁହେଁ, ଟିକେ ପାକଳ ଛେଳି ମାଂସ । ଦେବ କଅଁଳ ମାଂସ ଦୁଇତିନି ଖଣ୍ଡ ବାଛିବାଛି ଖାଇଲା । ବାକି ମାଂସ ଖାଇଲା ନାହିଁ । ଆଳୁ ସହ ମାଂସ ଝୋଳ ସ୍ୱାଦୁକର ଥିଲା । ଦେବ ଚେଷ୍ଟା କରୁଥିଲା ବଢ଼ା ହୋଇଥିବା ଭାତକୁ ଶେଷ କରିବା ପାଇଁ । ଥାଳିରେ ଭାତ, ତିଅଣ ଛାଡ଼ିବା ଦେବର ଅଭ୍ୟାସ ନୁହେଁ ।

> ❝ଦେବର ଶବ୍ଦ ବାରି ତାର ବାଡ଼ଠୁ ଦୂର ଛଡ଼ା ହୋଇ ହରିଣ ପଲ କାକୁସ୍ଥ ହୋଇ ଠିଆ ହେଲେ । ହରିଣମାନଙ୍କ ଆଖିରେ ମଣିଷକୁ ଅବିଶ୍ୱାସ! ତାର ବାଡ଼ ଫାଙ୍କରେ ହରିଣ ପଲ ମୁହଁ ଗଳେଇଲେ ନାହିଁ । ଦେବକୁ ଦିଶିଲା ସେମାନଙ୍କ ଦୃଷ୍ଟିରେ ମଣିଷ ପ୍ରତି ଭୟ ଓ ଅବିଶ୍ୱାସ । ଦେବ ଅପରାଧୀ ପରି ତଳକୁ ମୁଣ୍ଡ ପୋତି ଠିଆ ହେଲା । ତା' ଆଖିରୁ ଧାରଧାର ଲୁହ ଗଡ଼ିବାକୁ ଲାଗିଲା । ହରିଣମାନଙ୍କ ଟଣାଟଣା ଆଖିରୁ ବି ଲୁହ ଗଡୁଥିଲା କି?❞

"ମାଂସ କାହିଁକି ଖାଉ ନାହଁ ଦେବ ? ତରକାରି ଭଲ ହୋଇନି କି-" ମାଈଁ ପଚାରିଲେ ।

ଦେବର ସରଳ ଉତ୍ତର ଥିଲା "ତରକାରି ଭଲ ହୋଇଛି, ମାତ୍ର ମାଂସ ସେତେ ଭଲ ନୁହେଁ ।"

ମାଈଁ ସରଳ ହାସ୍ୟଛଟାରେ ମୁହଁ ଝଲସାଇ କହିଲେ "ତମେ କ'ଣ ପୂର୍ବରୁ ଏ ମାଂସ ଖାଇନ କି ? ତୁମ ଜନ୍ମକାଳରୁ ଚିତ୍ରବଣରେ ପରା ଚିତାହରିଣ ପଲ ଥିଲେ । ଏବେ ସିନା ଦେଢ଼ ମାସ ହେବ ଅଭୟାରଣ୍ୟକୁ ଆସିଛନ୍ତି!"

ଦେବର ଆଖିଡ଼ୋଳା ଗୋଲ୍ ଗୋଲ୍ କୁଆପଥର ପରି ବଡ଼ ହୋଇଗଲା । ନିଆଁ ନୁହେଁ, ବର୍ଷା ଥିଲା ତା' ଆଖିରେ । ଏତେ ବର୍ଷା, ଏତେ ଦୁଃଖ, ଏତେ ଅପରାଧବୋଧ ଓ ରୋଷକୁ ସେ ଅଟକାଇ ପାରି ନ ଥିଲା । ଝରଝର ଲୁହ ବହିଗଲା ଆଖିରୁ । ପେଟ ଆଉଣ୍ଡି ହେଲା । ଅନ୍ତ୍ରନାଡ଼ି ମୋଡ଼ି ହୋଇଗଲା ପରି ଲାଗିଲା । ସେ ନଳା ପାଖକୁ ଉଠିଯାଇ ଭକ୍‌ଭକ୍ ବାନ୍ତି କରିବାକୁ ଲାଗିଲା । ମାଈଁ ତା' ପାଖକୁ ଯାଇ ତା' ପିଠି ଆଉଁଶି ଦେଲେ । ତା' ମୁହଁରେ ପାଣି ଛାଟି ଆଖି, ମୁହଁ ଧୋଇଦେଲେ । କାନିରେ ପୋଛିଦେଲେ । ଦେବର ଦେହ ଥରୁଥିଲା । ତା' ପେଟରେ ଗୋଟିଏ କଟା ହରିଣ ଛଟପଟ ହେଉଥିଲା । ପେଟରେ

ଭୀଷଣ ଯନ୍ତ୍ରଣା ଆରମ୍ଭ ହୋଇଥିଲା । ଛାତି ଦାଉଁଦାଉଁ ପଡୁଥିଲା । ମୁଣ୍ଡ ଫାଟିଯିବା ପରି ଲାଗୁଥିଲା । ମାମୁ ତା'କୁ ଛାତିରେ ଜଡ଼ାଇ ଧରି କହିଲେ "ହରିଣ ମାଂସ ଖାଇବା ଦୋଷ ନୁହେଁ । ଆମେ ସବୁ ହରିଣ ମାଂସ ଖାଇ ଆସୁଛୁ । ଏବେ ସିନା ସରକାରୀ କଟକଣା ଜାରି ହୋଇଛି, ପୂର୍ବରୁ ସେପରି ନ ଥିଲା । ରାଜା, ଜମିଦାରଙ୍କର ଶିକାର ଥିଲା ଏକ ବିଳାସ । ଶିଙ୍ଗ ଥିବା ହରିଣ ମୁହଁ ସେମାନଙ୍କ କାନ୍ଥରେ ଏବେ ବି ଶୋଭା ପାଉଛି । ଏବକୁ ସରକାର କଟକଣା କଲେ; କିନ୍ତୁ ତା' ସତ୍ତ୍ୱେ ଲୁଚାଛପାରେ ଶିକାରୀମାନେ ଦୂର ଜଙ୍ଗଲରୁ କେବେ କେମିତି ହରିଣ ଶିକାର କରନ୍ତି । ଆମ ସହରରେ ଚୋରାରେ ସମସ୍ତେ ହରିଣ ମାଂସ କିଣନ୍ତି । ଏବେ ଅଭୟାରଣ୍ୟରେ ଚିତ୍ରବଣରୁ ଆସିଥିବା ହରିଣମାନେ ବାଘ ଭୟରେ ଡର୍କି ଯାଇ ବେଳେବେଳେ ତାର ବାଡ଼ ବାହାରକୁ ପଳାଇ ଆସୁଛନ୍ତି । ସେତିକିବେଳେ ଛକିଥିବା ବାଣୁଆ ବା ହୋଟେଲ୍ ମାଲିକର ଚର ସେମାନଙ୍କୁ ଧରି ଚୋରାରେ ମାଂସ ରାନ୍ଧନ୍ତି । ହରିଣ ମାଂସର ବହୁତ ଚାହିଦା । ଆମକୁ ମଧ୍ୟ ଏବେ ବେଳେବେଳେ ହରିଣ ମାଂସ ମିଳୁଛି । ଛେଳି, ମେଣ୍ଢା ଓ ହରିଣ ଭିତରେ ଫରକ୍ କ'ଣ?"

ଦେବ କିଛି ଉତ୍ତର ଦେଉ ନ ଥିଲା । ମାମୁ ଘରେ ରହିବାକୁ ତା'ର ଆଉ ଇଚ୍ଛା ହେଉ ନ ଥିଲା । ମାଇଁ ଦେବର ପିଠି ଆଉଁଶି କହିଲେ "ହରିଣ ପଲକୁ ତ ବାଘ ଖାଇବେ, ମଣିଷ ଖାଇବାରେ ଦୋଷ କ'ଣ ?"

"ବାଘ କେଉଁଠୁ ଆସିବେ ? ଅଭୟାରଣ୍ୟ ତ ହରିଣଙ୍କ ପାଇଁ ଭୟ ଶୂନ୍ୟ । ସେଠି ବାଘ ନାହାନ୍ତି ।" କୋହ ଚାପି କହିଲା ଦେବ ।

ମାମୁଙ୍କ ବଡ଼ପୁଅ ରାଜୁ ଭାଇ ଦେବର ହାତ ଧରି ଶୋଇବା ଘରକୁ ନେଇଗଲେ । ତା'କୁ ଖଟରେ ଶୋଇ ଦେଇ କହିଲେ "ତୁ କ'ଣ କିଛି ଜାଣିନୁ ? ଟେଲିଭିଜନରେ କ'ଣ ସମ୍ବାଦ ଦେଖୁନୁ କି ? ଚାରିଟା ଚିତାବାଘ ପରା ଅଣା ଯାଇଛି ଆଉ କେଉଁ ପ୍ରଦେଶରୁ । ଆମ ରାଜ୍ୟରେ ବାଘସଂଖ୍ୟା କମି ଯାଉଛି ବୋଲି ସରକାର ଚାରିଟି ବାଘ ଆଣିଛନ୍ତି । ଅଭୟାରଣ୍ୟରେ ବାଘ ରହିଲେ ଟୁରିଷ୍ଟମାନଙ୍କ ସଂଖ୍ୟା ବଢ଼ିବ । ଅତିଥି ବାଘମାନେ ଆସିବା ପୂର୍ବରୁ ଅଭୟାରଣ୍ୟରେ ସେମାନଙ୍କର ପ୍ରିୟ ଖାଦ୍ୟ ଚିତାହରିଣମାନଙ୍କୁ ଆଣି ଛାଡ଼ିଛନ୍ତି ସରକାର । ହରିଣଙ୍କର ବଂଶ ବୃଦ୍ଧି ହେବାର ଅନୁକୂଳ ବାତାବରଣ ମଧ୍ୟ ସୃଷ୍ଟି କରାଯାଇଛି । ବାଘ ଖାଇଲେ ବି ହରିଣ ସଂଖ୍ୟା କମିବ ନାହିଁ । ସାତଦିନ ତଳେ ଦୁଇହଳ ବାଘ ଛଡ଼ା ଯାଇଛନ୍ତି । ତୁ ପୂଜା ଛୁଟିରେ ଗାଁକୁ ଯିବା ସମୟର କଥା ।"

ଦେବ ବିଶ୍ୱାସ କରିପାରୁ ନ ଥିଲା । ସରକାରଙ୍କର କ'ଣ ହୃଦୟ ନାହିଁ ? ନିରୀହ, ସରଳ, ସୁନ୍ଦର ଚିତାହରିଣଙ୍କୁ ଚିତାବାଘଙ୍କ ଖାଦ୍ୟ ପାଇଁ ସୁରକ୍ଷିତ ଚିତ୍ରବଣରୁ ଅଣା ଯାଇଥିଲା ? ଦେବ ଅସହାୟ ବୋଧରେ ମ୍ରିୟମାଣ ହୋଇଗଲା । ନିଜକୁ ଅପରାଧୀ ମଣିଲା । ତେବେ ସେ ତା' ଗାଁ'ର ପ୍ରିୟ ଚିତାହରିଣ ମାଂସ ଖାଇଛି ! ସାରା ଜୀବନ ଏ ଅପରାଧବୋଧ ତା' ଭିତରୁ ଯିବ ନାହିଁ । କାହା ଦରବାରରେ ଅଭିଯୋଗ ବାଢ଼ିବ? ବାଘ ଘାସ ଖାଏ ନାହିଁ ତେଣୁ ହରିଣ ଖାଏ, ତା'ର ଦୋଷ ନାହିଁ । ମାତ୍ର ତା' ମାମୁ, ମାଇଁ ଓ ବାକି ମଣିଷମାନେ କେମିତି ଖାଆନ୍ତି ହରିଣ ମାଂସ, ଏପରିକି ସେ ନିଜେ ମଧ୍ୟ ଚିତ୍ରବଣର ପ୍ରିୟ ଚିତାହରିଣ ମାଂସ ଖାଇଛି ! ଦେବ ରାତିରେ ଦୁଇ ତିନି ଥର ବାନ୍ତି କଲା । ପେଟରେ ଆଉ ଭାତ କି ମାଂସ କିଛି ନ ଥିଲା, ଖାଲି ଲାଳ ବାନ୍ତି କଲା । ସକାଳୁ ତା' ଦେହରେ ଜ୍ୱର ଥିଲା । ଦେବକୁ ଡାକ୍ତରଖାନା ନେଇ ମାମୁ ଔଷଧ ଖୁଆଇଲେ । ଡାକ୍ତର କହିଲେ "ସେ ଠିକ୍ ହୋଇଯିବ । ପିଲାମାନେ ସହଜରେ ଭୁଲି ଯାଆନ୍ତି ।"

ଦେବ ମନେ ମନେ ଭାବିଲା ସେ ପିଲା ନୁହେଁ କିମ୍ବା ସାରା ଜୀବନ ଏ ଅପରାଧକୁ ଭୁଲି ପାରିବ ନାହିଁ । ଦୁଇଦିନ ଯାଏ ଦେବ ଅଭୟାରଣ୍ୟ ନିକଟକୁ ଗଲା ନାହିଁ । କେମିତି ମୁହଁ ଦେଖାଇବ ବାକି ହରିଣଙ୍କୁ ? କିନ୍ତୁ ଗାଁ'କୁ ଫେରିଯିବା ପୂର୍ବରୁ ହରିଣଙ୍କ ପାଖରୁ କ୍ଷମା ମାଗିନେବା ଉଚିତ୍, ଯଦିଓ ସେ ତା' ନିଜକୁ କ୍ଷମା ଦେଇପାରୁ ନ ଥିଲା ।

ଦେବ ଅପରାଧୀ ପରି ଧୀର ପାଦରେ ଚାଲି ଚାଲି ଅଭୟାରଣ୍ୟର ତାର ବାଡ଼ ପାଖରେ ଠିଆହେଲା । ଦେବର ଶବ୍ଦ ବାରି ତାର ବାଡ଼ଠୁ ଦୂର ଛଡ଼ା ହୋଇ ହରିଣ ପଲ କାକୁସ୍ଥ ହୋଇ ଠିଆ ହେଲେ । ହରିଣମାନଙ୍କ ଆଖିରେ ମଣିଷକୁ ଅବିଶ୍ୱାସ ! ତାର ବାଡ଼ ଫାଙ୍କରେ ହରିଣ ପଲ ମୁହଁ ଗଳେଇଲେ ନାହିଁ । ଦେବକୁ ଦିଶିଲା ସେମାନଙ୍କ ଦୃଷ୍ଟିରେ ମଣିଷ ପ୍ରତି ଭୟ ଓ ଅବିଶ୍ୱାସ । ଦେବ ଅପରାଧୀ ପରି ତଳକୁ ମୁଣ୍ଡ ପୋତି ଠିଆ ହେଲା । ତା' ଆଖିରୁ ଧାରଧାର ଲୁହ ଗଡ଼ିବାକୁ ଲାଗିଲା । ହରିଣମାନଙ୍କ ଟଣାଟଣା ଆଖିରୁ ବି ଲୁହ ଗଡୁଥିଲା କି ?

ଦେବ ତାର ବାଡ଼ ଫାଙ୍କରେ ବଣ ଭିତରକୁ ହାତ ବଢ଼ାଇ ହରିଣମାନଙ୍କୁ ଶେଷ ଥର ପାଇଁ ଆଉଁଶି ଦେଇ କ୍ଷମା ମାଗିବାକୁ ଚାହିଁଲେ ବି ହାତ ବଢ଼ାଇଲା ନାହିଁ, କାରଣ ଅଭୟାରଣ୍ୟକୁ ଦେବର ଭୟ ଓ ଅବିଶ୍ୱାସ । ଚିତାବାଘ ଯଦି ଝପଟି ଆସି ତା' ହାତକୁ ଟାଣିନିଏ ! ■■■

ଆଖ୍ୟାୟିକା,

୨୬, ଗଜପତି ନଗର, ଭୁବନେଶ୍ୱର-୫

ଗୋପବନ୍ଧୁଙ୍କ ମାନସ ସନ୍ତାନ
'ସତ୍ୟବାଦୀ'ର ଦୁର୍ଗାପୂଜା ବିଶେଷାଙ୍କ
ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ
ଶୁଭେଚ୍ଛା ଓ ଅଭିନନ୍ଦନ ।
ନିୟନ୍ତ୍ରିତ ବଜାର କମିଟି
କୁଚିଣ୍ଡା

FREE
Body Check Up
Solution for
WEIGHT LOSS
WEIGHT GAIN
ଓଜନ ଓ ପେଟ କମାନ୍ତୁ
ସୁସ୍ଥ ରୁହନ୍ତୁ
We Provide
Online Health Education
Personal Coaching Facility
AFTER
BEFORE
LOSE WEIGHT
LOOK GREAT & FEEL HEALTHY
ONLINE / OFFLINE
Contact: Rinki Pujari
Mob No: 7008308745

'ସମାଜ' ଓ 'ସତ୍ୟବାଦୀ'ର ଶୁଭେଚ୍ଛା

ଅସହାୟ, ଦୁଃସ୍ଥ ଓ ନିପେଡ଼ିତ ଜନତାଙ୍କ ସେବାରେ 'ସମାଜ' ନିଜକୁ ଉତ୍ସର୍ଗୀକୃତ କରି ରଖିଛି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏହି ଅକ୍ଷୟକିର୍ତ୍ତୀକୁ 'ସମାଜ' ଅକ୍ଷୁର୍ଣ୍ଣ ରଖିଥିବାରୁ 'ସତ୍ୟବାଦୀ' ଓ 'ସମାଜ'ର ୧୦୫ତମ ସ୍ୱ-ନକ୍ଷତ୍ର ଉତ୍ସବ ଅବସରରେ 'ସମାଜ' ପରିବାରକୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

॥ ଶୁଭେଚ୍ଛାର ସହ ॥

ଇଂ. ଜନାର୍ଦ୍ଦନ ଷଡ଼ଙ୍ଗୀ

ସହକାରୀ ନିର୍ବାହୀ ଯନ୍ତ୍ରୀ, ଉଠାଜଳସେଚନ ଉପଖଣ୍ଡ,
ଭଞ୍ଜନଗର, ଗଞ୍ଜାମ


A
WELL
WISHER
BR

ଜାଲ

ବନଜ ଦେବୀ

ଓଡ଼ିଆ ସାହିତ୍ୟ ଜଗତରେ ନିରଳସ ସାଧିକା । 'ଗାୟତ୍ରୀର ପୁଅ' ଗଳ୍ପ ସଂକଳନ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲାବେଳେ ଅଦ୍ୟାବଧି ଲେଖିକାଙ୍କର ୮ଟି ଗଳ୍ପ ସଂକଳନ, ୫ଟି କବିତା ସଂକଳନ ଓ ୧୪ଟି ଉପନ୍ୟାସ ପ୍ରକାଶିତ । ଗାଳ୍ପିକା ସାରଳା ପୁରସ୍କାର ଲାଭ କରିଛନ୍ତି ।

ଜୀବନ କ'ଣ ଅଟକି ରହେ ଗୋଟିଏ ଠାଆରେ ? ଏ ସଂସାରରେ କିଏ କେଉଁଠି ଅଟକି ରହିଲାଣି କି? କାଲିକା ପିଲାଟା ଅନଉ ଅନଉ ବୁଢ଼ା ହେଇ ଯାଉଚି । କାଲିର ଚାରା ଗଛଟି ଆଜି ଏକ ବିରାଟ କଳେବର ଧାରଣ କଲାଣି । ନଦୀ, ଝରଣା, ବୟସ ଓ ସମୟ, କିଏ ଅଟକିଛି ଠାଆକରେ ?

ଅଥଚ ସେ ଅଟକି ଯାଇଛନ୍ତି । ଖାଲି ସେ ନୁହେଁ, ତାଙ୍କର ଜୀବନର ଏକମାତ୍ର ସମ୍ବଳ, ଆଶ୍ୱାସନା, ତାଙ୍କର ସର୍ବସ୍ୱ, ତାଙ୍କ ପୁଅ ସତ୍ତୁ, ସେ ଖାଲି ଅଟକି ରହିନି । ନିଜକୁ ଗଣ୍ଠି ପକାଇ ରଖିଚି । ମାଆ ହୋଇ ପୁଅର ଏଇ ଗଣ୍ଠିକୁ ସେ ଖୋଲି ପାରୁ ନାହାନ୍ତି ।

ସଞ୍ଜ ଗଡ଼ି ଯାଇଚି, ରାସ୍ତାରେ ସବୁଦିନିଆ ସଞ୍ଜର ଗହଳ ଚହଳ। ପାଖ ଝାଡ଼େଶ୍ୱରୀ ମନ୍ଦିରରୁ ସଞ୍ଜ ଆଳତିର ଘଣ୍ଟଧ୍ୱନି କେତେବେଳୁ ସରିଗଲାଣି। ସେ ମଧ୍ୟ ସଞ୍ଜ ଦେଇସାରି ଅଭ୍ୟାସ ମୁତାବକ ଭାଗବତ ଅଧ୍ୟାୟେ ପଢ଼ିସାରି, ଚା' କପ୍‌ଟି ହାତରେ ଧରି ଦାଣ୍ଡ ବାରଣ୍ଡାର ଏଇ ବେତ ଚଉକିରେ ଚୁପ୍‌ଚାପ୍ ବସିଚନ୍ତି। ଏମିତି ସେ ବସିଥିବେ ପୁଅ ସତୁ ଉପର ମହଲାରୁ ତା'ର ଚେମ୍ବରରୁ ଆସିଲାଯାଏ, ଚାରିପାଖର ନିଛାଟିଆପଣ ତାଙ୍କ ଏକୁଟିଆପଣକୁ ସାତ ପରସ୍ତ କରି ବେଢ଼ି ରଖିଚି। ୟେ ତାଙ୍କର ସବୁଦିନିଆ କଥା। ସେ ସତରେ କେତେ ଏକୁଟିଆ।

ଦେବଯାନୀ ଚା' ପିଉଥିଲେ। ଭାବୁଥିଲେ, ଏଇ ସଞ୍ଜ ପହରଟା କେତେ ନିର୍ଜନ ସତରେ, କେତେ ଖାଁ ଖାଁ, ଆଉ ତାଙ୍କର ଏଇ ଜୀବନ ସଞ୍ଜଟା, ସେଇଟା ବି କେଡ଼େ ନିଝୁମ୍।

ପଡ଼ିଶା ଘର ଗହଳ ଶୁଭିଲା, ହାସ୍ୟରୋଳ। ସେ ପୁଣି ଭାବିଲେ, ତାଙ୍କ ପାଇଁ ସିନା ସଞ୍ଜଟା ଖାଁ-ଖାଁ, ଜୀବନ ସଞ୍ଜଟା ବି; ହେଲେ ସଭିଙ୍କ ପାଇଁ ତ ନୁହେଁ।

ପଡ଼ିଶା ଘରେ ବଳରାମ ବାବୁ ରହନ୍ତି ସପରିବାର। ପୁଅ, ବୋହୂ, ନାତି, ନାତୁଣୀରେ ଘର ହସଖୁସିରେ ଫାଟି ପଡୁଚି। ବଳରାମ ବାବୁଙ୍କ ସ୍ତ୍ରୀ କାମିନୀଙ୍କୁ ନାକ ପୋଛିବାକୁ ବେଳ ନାହିଁ। ସେ ସବୁବେଳେ କହନ୍ତି ଜାଣିଲେ ଯାନୀ ଅପା, ଆମ ମାଇପି ଜୀବନରେ ଅବସର ନାହିଁ। ନିଜ ପିଲାଝିଲାଙ୍କୁ ତ ମଣିଷ କରିବ, ପିଲାଙ୍କ ପିଲାଙ୍କୁ ବି ସମ୍ଭାଳିବ। ଘରେଘରେ ପରା ଏଇ ବୁଢ଼ାବୁଢ଼ୀ ସବୁ ପିଲାଙ୍କ ରଖୁଆଳ। ବାପା ମା' ତ ଯିବେ କାମକୁ ! ପିଲାଙ୍କ ପିଲାଙ୍କର ତ କରିବ, ଯଦି ବଞ୍ଚିଲ ନା ତେବେ ତାଙ୍କ ପିଲାଙ୍କର ବି କରିବ। ତମେ ମତେ ଦେଖୁନ!

ଦେବଯାନୀ ଦେଖନ୍ତି, ସତରେ ଏ ବୟସରେ ସେ କେତେ କାମ କରୁଚି। ବଳରାମ ବାବୁ ତ ତାଙ୍କର ସବୁଠୁ ସାନ

ବୁଢ଼ାପୁଅ ! ତାଙ୍କ ଜଞ୍ଜାଳ କ'ଣ ଅଳପ। ଚଷମା, ରୁମାଲ, ତଉଲିଆ, ଗେଞ୍ଜି, ଖବରକାଗଜ ସବୁ ତାଙ୍କ ହାତକୁ ବଢ଼ାଇବାକୁ ହୁଏ। ଘଡ଼ିଘଡ଼ି ଡାକ ଛାଡୁଥିବେ ! ପୁଅମାନଙ୍କ ବରାଦ କମ୍ ନୁହଁ, ନିଜ ସ୍ତ୍ରୀମାନଙ୍କୁ ନ କହି କହିବେ ବୋଉ, ଆଜି ଆଳୁ ପରଟା କରିବୁ, ଆଜି ଅମୁକଟା କରିବୁ, ସମୁକଟା ରାନ୍ଧିବୁ। ବୁଢ଼ୀ ନସର ପସର ହେଇ ପ୍ରାଣପଣେ ସବୁ କରିବ। ଦେବଯାନୀଙ୍କ ସଂସାରରେ ଏମିତି ଜଞ୍ଜାଳ ନାହିଁ। ଘରେ ସେମାନେ ଦି'ଜଣ। ସାନପୁଅ ସତୁ ଓ ସେ। ବଡ଼ପୁଅ ବିଶ୍ୱଜିତ ଓ ବୋହୂ ଜବା ଆମେରିକାରେ, ତିନିବର୍ଷ ହେବ ଦେବକାନ୍ତ ଚାଲିଗଲେଣି। ସେ ଥିଲାବେଳେ ମଧ୍ୟ ତାଙ୍କର କୋଉ ଜଞ୍ଜାଳ ଥିଲା ? ବରଂ ସେ ଦେବଯାନୀଙ୍କୁ ବହୁ ଆରାମରେ ରଖିଥିଲେ। ରାଧା ମାଉସୀ ଦି'ଓଳି ରାନ୍ଧି ଦେଉଥିଲା, ନିତି ସକାଳୁ ଦେବକାନ୍ତ ମଣିମାଙ୍କ ମଙ୍ଗଳ ଆଳତି ଦେଖି ଆସି ଚା' କରି ଦେବଯାନୀଙ୍କୁ ଦେଉଥିଲେ। ଆସିଲାବେଳେ ମରିଚକୋଟ ଛକର ଦୋକାନରୁ ଜଳଖିଆ କିଣି ଆଣୁଥିଲେ। ଦେବଯାନୀଙ୍କ ମୁହଁ ଟିକେ ଶୁଖିଗଲେ ସେ କ'ଣ ହେଲା କହି ତାଙ୍କୁ ଅସ୍ଥିର କରିଦେଉଥିଲେ। ଦାମ୍ପତ୍ୟ ଜୀବନ ପ୍ରେମମୟ ଖାଲି ନୁହେଁ, ଉଚ୍ଛୁଳା ସୁଖର ଜୀବନ ଥିଲା। ସଂସାର ପରିପୂର୍ଣ୍ଣ କରିଥିଲେ ଦୁଇ ଯୋଗ୍ୟପୁଅ। ଦେବକାନ୍ତ ଯେମିତି ସାର୍ଥକ ପିତା, ସେମିତି ପ୍ରେମିକ ସ୍ୱାମୀ। ସଂସାରର ସବୁ ଦାୟିତ୍ୱ, ଭଲମନ୍ଦ, ଦେବକାନ୍ତ ହିଁ ବୁଝନ୍ତି। ଦେବଯାନୀଙ୍କ ପାଇଁ କୌଣସି ଦାୟିତ୍ୱ ନଥାଏ। ସେ ଫୁଲାଫାଙ୍କିଆ ଜୀବନ ବଞ୍ଚନ୍ତି। ଏତେ ସୁଖ, ଶାନ୍ତି, ପ୍ରେମ ଦେଇଥିବା ସ୍ୱାମୀ ଅକାଳରେ ଛାଡ଼ି ଚାଲିଗଲେ, ବଡ଼ପୁଅ ଆମେରିକା ଗଲା। ସଂସାରରେ ରହିଲେ ମାତ୍ର ଦି'ଜଣ, ସତୁ ଓ ସେ। ସାରାଦିନ ଏତେ ବଡ଼ ଘରେ ସେ ଏକାଟିଆ।

ଉପର ମହଲା ଭଡ଼ାଦେବାକୁ ସେ କେତେଥର ସତୁକୁ କହିଲେଣି। ଭଡ଼ାଟିଆ ରହିଲେ ଟିକେ ଗହଳ ଚହଳ ହେବ। ତାଙ୍କୁ ଭଲ ଲାଗିବ, ହେଲେ ସତୁ ରାଜି ନୁହେଁ। ଗୋଟାଏ ବଡ଼ କକ୍ଷ ଦେବକାନ୍ତଙ୍କ ଚେମ୍ବର ଥିଲା। ଆଜିକାଲି ସତୁ ସେ ଚେମ୍ବର ସମ୍ଭାଳୁଛି। ବାପାଙ୍କ ଜୁନିୟର ଭାବେ ଓକିଲାତି ଆରମ୍ଭ କରି ଏବେ ସେ ବାପାଙ୍କ ପରି ଜଣେ ପ୍ରତିଷ୍ଠିତ ଆଡଭୋକେଟ। ଅନ୍ୟ ରୁମ୍‌ରେ ସେ ତା'ର ଜୁନିୟରଙ୍କୁ ରଖିଛି। ଯିଏ କି ତା'ର ଜଣେ ଭାଇକୁ ପାଖରେ ରଖି ପଢ଼ାଉଛି। ବିନା ଭଡ଼ାରେ, ଦୁହେଁ ଅବିବାହିତ। ବାହାରେ ଖା'ନ୍ତି। ଓଲଟି ଦେବଯାନୀ ସେମାନଙ୍କୁ ରାନ୍ଧିବାଢ଼ି ଦିଅନ୍ତି। ବୟସ ବେଳେ ରାଧା ମାଉସୀ ରନ୍ଧାବଢ଼ା କରି ତାଙ୍କ ସଂସାର ଚଳାଉଥିଲା। ଏବେ ସେ ବୁଢ଼ୀ ହେଇ ଗଲାଣି, ଦେବଯାନୀ ମଧ୍ୟ ଏ ବୟସରେ ପୁଅକୁ ରାନ୍ଧିବାଢ଼ି ଦିଅନ୍ତି। ସତୁ କୋର୍ଟରୁ ଫେରି ଚାଲିଯାଏ ଅନାଥାଶ୍ରମକୁ। ଅନାଥାଶ୍ରମ ସହ ସେ ଜଡ଼ିତ। ସାରାଦିନ, ସାରା ସଞ୍ଜ, ଦେବଯାନୀ, ଏକା, ଭୟଙ୍କର ଏକା।

ତାଙ୍କର ପିଲାଦିନର ଘନିଷ୍ଠ ସାଙ୍ଗ, ଶୈଳ ସ୍ୱାମୀ ସହ ଭୁବନେଶ୍ୱରରେ ରହେ।

ତା'ର ପିଲାମାନେ ସବୁ ବାହାରେ, ଆଉଟ ହାଉସ୍‌ରେ ଏକ ଟ୍ୟାକ୍ସି ଚାଳକ ରହେ । ତା'ରି ଟ୍ୟାକ୍ସିରେ ମାସକୁ ଦି'ଥର ସେ ପୁରୀ ଆସେ । କହେ, ଆଜିର ସମୟରେ, ସବୁ ବୁଢ଼ାବୁଢ଼ୀ ଏକା ହିଁ । ସେତେବେଳେ ସିନା ଯୌଥ ପରିବାର ଥିଲା ଯେ ବୁଢ଼ୀମାନେ ବୋହୂ, ନାତୁଣୀ ବୋହୂର ସେବା, ସ୍ନେହ ପାଉଥିଲେ ଏବେ ତ ଘରେଘରେ ବୁଢ଼ାବୁଢ଼ୀ । ବୁଢ଼ାମାନେ ତ ବାହାରେ ବୁଲି ଫୁର୍ତ୍ତି କରି ସମୟ କଟାଇ ଦଉଚନ୍ତି । ଏଇ ବୁଢ଼ୀମାନେ ସତରେ ଭାରି ଏକା । ତୁ ମୋ କଥା ଦେଖ, ମୁଁ ତାଙ୍କ ସାଙ୍ଗେ ଅଛି । ତାଙ୍କ ପ୍ରୟୋଜନ ଯୋଗାଉଛି: କିନ୍ତୁ ସେ ମୋ ସାଙ୍ଗେ ନାହାନ୍ତି, ମୁଁ ଭୀଷଣ ଏକା ଲୋ ! ସେଥିପାଇଁ ତୋ ପାଖକୁ ପଳାଇ ଆସେ ।

ଦେବଯାନୀ ଦୀର୍ଘଶ୍ୱାସ ପକାନ୍ତି, ହଁ, ଏବେ ସିନା ସେ ଏକା ହେଇ ଯାଇଚନ୍ତି, ହେଲେ ସୁମଧୁର ସ୍ମୃତି ତ ଅଛି । ପରିପୂର୍ଣ୍ଣ ଦାମ୍ପତ୍ୟର ଭରପୂର ସ୍ମୃତି ।

ଦେବକାନ୍ତ ଥିଲେ ସରଳ, ସଚ୍ଚୋଟ, ନିଷ୍କପଟ, ବ୍ୟକ୍ତିତ୍ୱ । ବୃତ୍ତିରେ ଓକିଲ । ତାଙ୍କ ଓକିଲାତିର ଦକ୍ଷତା ଏପରି ଥିଲା ଯେ ସେ ବହୁ ଅପରାଧୀଙ୍କ ପାଇଁ ଲଢ଼ି, ସେମାନଙ୍କୁ ନିର୍ଦ୍ଦୋଷ ପ୍ରମାଣିତ କରୁଥିଲେ, ଫଳତଃ ସବୁ ଅପରାଧୀମାନଙ୍କର ଭିଡ଼ ତାଙ୍କ ଚେମ୍ବରରେ, ଏମିତି କି ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଲୋକେ ଆସନ୍ତି ତାଙ୍କ ପରାମର୍ଶ ପାଇଁ । ଟଙ୍କାର ଲୋଭ ତାଙ୍କର ନ ଥିଲା । ଲୋଭ ଥିଲା ନିଜ ଦକ୍ଷତା ପ୍ରମାଣିତ କରିବାର । ପ୍ରଚୁର ଅର୍ଥ ସେ ଉପାର୍ଜନ କରୁଥିଲେ, ଲୋକ କଲ୍ୟାଣରେ ବିତରଣ ମଧ୍ୟ କରୁଥିଲେ । ତାଙ୍କ ବୃତ୍ତି ଓ ପ୍ରବୃତ୍ତି ପରସ୍ପର ବିରୋଧୀ ଥିଲା । ଅଥଚ ଏଇ ଦୁହିଁଙ୍କ ଭିତରେ ଅଦ୍ଭୁତ ସମନ୍ୱୟ ରକ୍ଷା କରି ସେ ବାଟ ଚାଲନ୍ତି ।

ଦିନେ ଦିନେ ଦେବଯାନୀ କ୍ଷୋଭ ପ୍ରକାଶ କରି କହନ୍ତି, ଅପରାଧୀ ଦଣ୍ଡ ପାଇବା ଉଚିତ, ତମେ ଦୋଷୀକୁ, ଅପରାଧୀକୁ ନିର୍ଦ୍ଦୋଷ ପ୍ରମାଣିତ କରୁଚ । ଏଇଟା କ'ଣ ପାପ ନୁହେଁ?

ଦେବକାନ୍ତ ଗମ୍ଭୀର ହୋଇଯାନ୍ତି, ତା' ପରେ କହନ୍ତି, ଅପରାଧୀକୁ ନିର୍ଦ୍ଦୋଷ ପ୍ରମାଣିତ କରୁଚି ମୋ ବୃତ୍ତି, ମୋ କଳା କୋଟ୍, ମୋର ବ୍ୟକ୍ତିତ୍ୱ ନୁହେଁ ।

ସେଇ ଦେବକାନ୍ତ, ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ, ନାମକରା ଆଡଭୋକେଟ । ନିଷ୍କଳଙ୍କ ଚରିତ୍ର । ପରୋପକାରର ଅଜସ୍ର ପ୍ରମାଣ, ପୁରୀର ସହର ଓ ସହର ବାହାରେ ତାଙ୍କର ଜୟଗାନ କରୁଚି । ବହୁ ଗରିବ ଛାତ୍ର ତାଙ୍କ ସହଯୋଗରେ ପାଠ ପଢ଼ିଚନ୍ତି । ବହୁ ପରିତ୍ୟକ୍ତା ମହିଳାଙ୍କର ଥଇଥାନ ସେ କରିଚନ୍ତି । ବହୁ ଦୋଷୀଙ୍କୁ ସେ ନିର୍ଦ୍ଦୋଷ ପ୍ରମାଣିତ କରିଚନ୍ତି । ଅଥଚ ନିଜେ କିଛି ବି ଅପରାଧ ନ କରି, ସମାଜ ଓ ସମୟର କାଠଗଡ଼ାରେ ଠିଆ ହୋଇଚନ୍ତି । ନିଷ୍କଳଙ୍କ ଚରିତ୍ରରେ କଳଙ୍କ ଲାଗିଛି । ବହୁ ମକଦ୍ଦମାରେ ମହକିଲଙ୍କୁ ଜିତେଇଥିବା ଦେବକାନ୍ତ ଆଜି ନିଜେ ନିଜ ସଂସାରରେ ହାରି ଯାଇଚନ୍ତି । ସେ ତ ଅପରାଧର କଳଙ୍କ ମୁଣ୍ଡେଇ ଚାଲିଗଲେ । ହେଲେ ତା'ର ଦଣ୍ଡ ଭୋଗୁଚନ୍ତି ଦେବଯାନୀ । ଯେଉଁ ଜଗନ୍ନାଥଙ୍କୁ ସେ ଅହରହ ନିଜର ସର୍ବସ୍ୱ ମାନି ଆସିଚନ୍ତି, ସେଇ ଜଗନ୍ନାଥ ଆଜି ଜଳଜଳ ହୋଇ ଦେଖୁଚନ୍ତି, ନିର୍ଦ୍ଦୋଷର କଠୋର ଦଣ୍ଡ । ତାଙ୍କର ସବୁ ପାରିଲାପଣ ଏଠି ଅସମର୍ଥ । ନା ଏହା ହିଁ ତାଙ୍କର ଇଚ୍ଛା !!

ଏଇ କଥାସବୁ ଭାବି ବସିଲେ, ଛାତି ଭିତରଟା ଖଣ୍ଡଖଣ୍ଡ ହୋଇ ଛିଡ଼ିଯାଏ । ସେ ପଛ ଦିନର ମଧୁର ସ୍ମୃତିକୁ ପାକୁଳି ପାକୁଳି ବଞ୍ଚିବାର କଳା ଶିଖି ଚାଲନ୍ତି ।

କେତେ ହସଖୁସିର ସଂସାର ଥିଲା ତାଙ୍କର । ଜଗନ୍ନାଥ, ସବୁ ଦେଇଥିଲେ, ଧନ, ଜନ, ଗୋପଲକ୍ଷ୍ମୀ । ଦୁଇଟି ସୁଯୋଗ୍ୟ ପୁଅ । ବଡ଼ ପୁଅ ବିଶ୍ୱଜିତ ଉଚ୍ଚଶିକ୍ଷା ପାଇଁ ଆମେରିକା ଗଲା । ସେଠି ଶିକ୍ଷା ସମାପ୍ତ ପରେ ଚାକିରି ମଧ୍ୟ କଲା । ବର୍ଷେ ଦେଢ଼ବର୍ଷରେ ଆସେ । ସାନପୁଅ ସତ୍ୟଜିତ୍ ବାପାଙ୍କ ଜୁନିୟର ଭାବେ ଅଭ୍ୟାସ କଲା ।

ଦିନେ ବିଶ୍ୱଜିତ୍ ଫୋନ୍ କରି ଜଣାଇଲା ସେ ଏକ ଝିଅକୁ ପସନ୍ଦ କରିଚି । ଭାରତୀୟ ଝିଅ । ଅହମ୍ମଦାବାଦ ତା' ଘର, ଦୁହେଁ ବିବାହ କରିବାକୁ ଚାହାନ୍ତି । ତାଙ୍କ ବାପା ମା'ଙ୍କର ସମ୍ମତି ଅଛି, ଆମେ ଭାରତ ଫେରୁଚୁ । ଏଣିକି ନିଷ୍ପତ୍ତି ତମର ।

ପୁଅର ଏ କଥାରେ ତିଳେମାତ୍ର ଆପତ୍ତି ଉଠାଇ ନଥିଲେ ଦେବକାନ୍ତ ଦମ୍ପତି । ଖୁସିରେ ରାଜି ହେଇଥିଲେ । ସପରିବାର ଅହମ୍ମଦାବାଦ ଯାଇ, ଝିଅର ବାପା ମାଖନଲାଲ୍‌ଙ୍କୁ ଦେଖା କରିଥିଲେ ।

ମାଖନଲାଲ୍ ଦେଶାଇ ବଡ଼ ବ୍ୟବସାୟୀ ହେଲେ ମଧ୍ୟ ବହୁତ ଧାର୍ମିକ । ପ୍ରଚଣ୍ଡ ଜଗନ୍ନାଥ ଭକ୍ତ । ତାଙ୍କ ପଣ୍ଡା ଏବେ ବି ଶ୍ରୀମନ୍ଦିରରେ ଜୀବିତ ଅଛନ୍ତି । ସେ ଅତି ଆଗ୍ରହରେ ଆନ୍ତରିକ ଆତିଥ୍ୟରେ ଦେବକାନ୍ତ ଦମ୍ପତିଙ୍କୁ ଆପ୍ୟାୟିତ କଲେ । ହାତଯୋଡ଼ି ଗଦ୍‌ଗଦ୍ ସ୍ୱରରେ କହିଲେ, ମୋର ଅହୋଭାଗ୍ୟ । ମୁଁ ଶ୍ରୀକ୍ଷେତ୍ରରେ ବନ୍ଧୁ ବାନ୍ଧିବି, ମୋ ପ୍ରାଣାଧିକ କନ୍ୟାକୁ ଜଗନ୍ନାଥଙ୍କ ପୁଅ ହାତରେ ଦେବି । ଏହାଠୁ ବଳି ମୋର ଆଉ କି ସୌଭାଗ୍ୟ ଥାଇପାରେ ! ତାଙ୍କ କୃପାରୁ ମୁଁ ସବୁ ପାଇଚି । ଏବେ ସେ ପ୍ରାପ୍ତିରେ ଜୟ ପତାକା ଉଡ଼ିବ, ଏ ପତାକା, ପତିତପାବନ ବାନାର କିଛି ଅଂଶ ନିଶ୍ଚୟ, ନିଶ୍ଚୟ ।

ମାଖନଲାଲ୍‌ଙ୍କ ସହୃଦୟତାରେ ଦେବକାନ୍ତ ଯେତିକି ମୁଗ୍ଧ ହେଲେ, ତାଙ୍କ ଝିଅ ଜବାକୁ ଦେଖି ତହୁଁ ବେଶି ଖୁସି ହେଲେ । ତାଙ୍କର ହୃଦୟ ପରିତୃପ୍ତିରେ ଭରିଗଲା । ଜବା ଅତ୍ୟଧିକ ସୁନ୍ଦରୀ ନ ଥିଲା; ମାତ୍ର ତା'ର କଥା ଓ ବ୍ୟବହାର, ତା'ର ଚରିତ୍ରର କମନୀୟତାକୁ ପ୍ରକଟିତ କରୁଥିଲା ।

ଦେବକାନ୍ତ ମାଖନଲାଲ୍‌ଙ୍କୁ କହିଲେ, ହାତଯୋଡ଼ି, ଆଜ୍ଞା, ମୋର ଏକ ମାଗୁଣି ଅଛି । ଭାବି ପାରନ୍ତି ଏହା ଯୌତୁକ ଦାବି ।

ମାଖନଲାଲ୍‌ଙ୍କ ମୁହଁରେ ଉଲ୍ଲାସର ରଙ୍ଗ ଚହଟି ଉଠିଲା । ସେ ହସିହସି କହିଲେ, ଭାବୁଚି, ଆପଣଙ୍କ ଦାବି ମୁଁ ପୂରଣ କରିପାରିବି । ଆପଣ ତ ସ୍ୱର୍ଗର ଚାନ୍ଦ, ଅବା

ପାରିଜାତ ଫୁଲ ତ ମାଗିବେ ନାହିଁ ନା?

ଦେବକାନ୍ତ କହିଲେ, ନାଇଁ ମୁଁ ସେ ସବୁ ମାଗୁନାହିଁ, ଧନ, ଦୌଲତ ମଧ୍ୟ। ମୋର ମାଗୁଣି, ଆପଣ ସବାନ୍ଧବେ ଶ୍ରୀକ୍ଷେତ୍ର ଯିବେ, ସେଠାରେ ମାସେ ରହି ବୁଲାବୁଲି କରି ଆସିବେ। ମୋର ଆତିଥ୍ୟ ଧନ୍ୟ ହେବ। ମୋ ବନ୍ଧୁବାନ୍ଧବ, ଏତେଦୂର ଯିବାକୁ ରାଜି ହେବେନି, ତା' ଛଡ଼ା ଆପଣମାନେ ଓଡ଼ିଶାର ସବୁ ପର୍ଯ୍ୟଟନ, ଧାର୍ମିକ କ୍ଷେତ୍ର ବୁଲିପାରିବେ, ସେ ଦାୟିତ୍ୱ ଓ ଆତିଥ୍ୟ ମୋର।

ନିର୍ଦ୍ଧାରିତ ତିଥିରେ ବିଶ୍ୱଜିତ୍ ସହ ଜବାର ବିଭାଘର ପୁରୀରେ ସମାରୋହରେ ସମ୍ପନ୍ନ ହେଲା। ଦେବକାନ୍ତ ରଣପୁର ରଜାଙ୍କ କୋଠି ଭଡ଼ାରେ ନେଇଥିଲେ। ମାଖନଲାଲ ପ୍ରାୟ ଚାଳିଶ ଜଣ ବନ୍ଧୁବାନ୍ଧବ ଧରି ପୁରୀ ଆସିଥିଲେ। ଦେବକାନ୍ତଙ୍କ ଆନ୍ତରିକ ଆତିଥ୍ୟରେ ସମସ୍ତେ ମୁଗ୍ଧ ହେଇଗଲେ, ସେମାନେ ପ୍ରାୟ କୋଡ଼ିଏ ଦିନ ରହିଲେ। କୋଣାର୍କ, ସାକ୍ଷିଗୋପାଳ, ଭୁବନେଶ୍ୱର, ଚିଲିକା, ସମସ୍ତ ପର୍ଯ୍ୟଟନ କ୍ଷେତ୍ର ସେମାନଙ୍କୁ ବୁଲାଇଲେ ଦେବକାନ୍ତ। ଶ୍ରୀକ୍ଷେତ୍ରର ବନ୍ଧୁ ଏତେ ଆନ୍ତରିକତା ଦେଖାଇ ପାରନ୍ତି ଏଇ ଅନୁଭବ ନେଇ ଫେରିଲେ ମାଖନଲାଲ ଦମ୍ପତି ଓ ତାଙ୍କର ବନ୍ଧୁବାନ୍ଧବ ସମସ୍ତେ।

ଶାଶୂଶ୍ୱଶୁରଙ୍କ ପାଖେ ମାତ୍ର ଦୁଇମାସ ରହିଥିଲା ଜବା। ଏଇ ଦୁଇମାସ ଭିତରେ ସେ ଯେମିତି ଦେବକାନ୍ତ ଓ ଦେବଯାନୀଙ୍କ ସ୍ନେହ, ଶ୍ରଦ୍ଧାକୁ ଅନୁଭବ କରିଥିଲା। ସେମାନଙ୍କୁ ମଧ୍ୟ ଏଇ ଅନୁଭବ ଦେଇପାରିଥିଲା। ଦେବକାନ୍ତ ଦମ୍ପତି ଅନୁଭବ କରିଥିଲେ ଜବା ତାଙ୍କ ବୋହୂ ନୁହେଁ ଝିଅ।

ଏହି ବିଭାଘରକୁ ଲଣ୍ଡନରେ ଥିବା ଦେବକାନ୍ତଙ୍କ ସାନଭାଇ ଓ ତା' ସ୍ତ୍ରୀ ବୀଣା ମଧ୍ୟ ଆସିଥିଲେ। ସାନଭାଇ ଶୁଭକାନ୍ତ ଲଣ୍ଡନରେ ଡାକ୍ତର। ତା' ସ୍ତ୍ରୀ ମଧ୍ୟ ଡାକ୍ତର। ଦେବକାନ୍ତଙ୍କ ପରିପୂର୍ଣ୍ଣ ପରିବାର, ପରସ୍ପରର ସ୍ନେହ, ଆନ୍ତରିକତା ଓ ବିଶ୍ୱାସରେ ଭରପୂର ଥିଲା।

ମାସକ ପରେ ଶୁଭକାନ୍ତ ଫେରିଗଲେ। ଦୁଇମାସ ପରେ ବିଶ୍ୱଜିତ୍ ଓ ଜବା ମଧ୍ୟ ଚାଲିଗଲେ ଆମେରିକା। ଘର ହେଇଗଲା ଶୂନ୍ୟ। ଦେବକାନ୍ତ ଭାବିଲେ ସତୁର ବିଭାଘର କରିଦେଲେ, ଭଲ ହେବ। ଘରର ଶୂନ୍ୟତା ଦୂର ହେବ। କାରଣ ସତୁ ତ ପୁରୀରେ ପ୍ରାକ୍ଟିସ କରିବ। ଏଇଠି ରହିବ ସବୁଦିନ। ସେ ସତୁର ବିଭାଘର ପାଇଁ କନ୍ୟା ଅନ୍ୱେଷଣରେ ରହିଲେ।

ବିଧିର ବିଧାନ ଥିଲା ଅବଧାରିତ। ଦିନେ ଦେବଯାନୀ ଦେଖିଲେ, ସତୁ କମ୍ପ୍ୟୁଟରରେ ଏକ ସୁନ୍ଦରୀ ଝିଅର ଫଟୋକୁ ବାରମ୍ବାର ଦେଖୁଚି। କମ୍ପ୍ୟୁଟର ସମ୍ପର୍କରେ ସେ ଜ୍ଞାନଶୂନ୍ୟ, ଏକଥା ସେ ଦେବକାନ୍ତଙ୍କୁ କହିଲେ। ଦେବକାନ୍ତ ଜାଣିଲେ, ସେଇ ଝିଅଟିର ଫଟୋ ଓ ବାୟୋଡାଟା ଏକ ବିବାହ ସ୍ଥିର କରୁଥିବା ସଂସ୍ଥା, ପ୍ରକାଶ କରିଚି। ଝିଅଟି ଖୁବ୍ ସୁନ୍ଦରୀ। କମନୀୟ ଚେହେରା। କଷ୍ଟିଂ ପାସ୍ କରିଚି, କଟକର ଏକ ଘରୋଇ ଫାର୍ମରେ କାମ କରୁଚି। ଘର ନିରାକାରପୁର ପାଖ ଏକ ଗାଁରେ। ବାପା ସୁଦର୍ଶନ ଦାସ ସରପଞ୍ଚ। ଦେବକାନ୍ତ ସାଙ୍ଗେ ସାଙ୍ଗେ ସତୁର ଫଟୋ ଓ ବାୟୋଡାଟା ପଠାଇଦେଲେ। ଶେଷରେ ସେଇଠି ହିଁ ବିବାହ ସ୍ଥିର ହେଲା। ସାକ୍ଷିଗୋପାଳ ମନ୍ଦିରରେ ନିର୍ବନ୍ଧ ହେଲା ଏବଂ ନିର୍ଦ୍ଧାରିତ ତିଥିରେ ବିବାହ ମଧ୍ୟ ହେଲା। ଦେବକାନ୍ତ ଜାଣିଲେ ବନ୍ଧୁ ତାଙ୍କ ସମାସ୍କନ୍ଧ ନୁହେଁ। ଏ ତାରତମ୍ୟ ଅର୍ଥର ନ ଥିଲା, ଥିଲା ସଂସ୍କାରର। ଝିଅର ବାପା ସୁଦର୍ଶନଙ୍କ କଥାବାର୍ତ୍ତା ଯେତିକି ଟାଉଟରିଆ ଥିଲା, ସେତିକି ରାଜନୀତିଆ ଉଷ୍ମତା ଥିଲା। ତଥାପି ଦେବକାନ୍ତ ସବୁକିଛି ସମ୍ଭାଳି ନେଉଥିଲେ।

ବିବାହ ଦିନ ହିଁ ଘଟିଲା ଦୁର୍ଘଟଣା। ଦେବକାନ୍ତ ପଚାଶ ଜଣ ବରଯାତ୍ରୀ ନେଇ ଯାଇଥିଲେ। ବିବାହ ବେଦୀ ଉପରେ, ଦେବକାନ୍ତ ସଜାଡ଼ି ରଖିଲେ କନ୍ୟାବାସର ସାମଗ୍ରୀ। ଏକ ବଡ଼ ପିତ୍ତଳ ଥାଳିରେ, ବନାରସୀ ଶାଢ଼ି, କେସ୍‌ରେ ଏକ ହାର ତିନି ଭରିର, ହଳେ କାନଫୁଲ, ଝୁଣ୍ଟିଆ ଓ ଚକିବାଙ୍କି ଏବଂ କସ୍‌ମେଟିକ୍ସର ବାକ୍ସଟାଏ।

ଏକଥା ବର ଓ କନ୍ୟା ପକ୍ଷର ସବୁଲୋକ ଦେଖିଚନ୍ତି। ହାତଗଣ୍ଠି ପଡ଼ିଲା ପରେ, ଦେବକାନ୍ତ କହିଲେ, ତାଙ୍କ ସୁନାହାର ବୋହୂକୁ ପିନ୍ଧାଇ ଦିଆଯାଉ। ବାରିକାଣୀ ହାତକୁ ସେ ହାରର କେସ୍‌ଟି ବଢ଼ାଇଦେଲେ। ଖୋଲିଲା ବେଳେ ଖାଲି କେସ୍, ତହିଁରେ ହାର ନାହିଁ।

ଦେବକାନ୍ତଙ୍କ ସହ ସମସ୍ତ ବରଯାତ୍ରୀ ବିସ୍ମିତ ହୋଇଗଲେ। ଦେବକାନ୍ତ ଅସହାୟ ଦିଶିଲେ। ତାଙ୍କ ସାନଭାଇ ଶୁଭକାନ୍ତ ଓ ଶଳା ଗୌରାଙ୍ଗ କହିଲେ, ବେଦି ଉପରେ ହାର କୁଆଡ଼େ ଗଲା ? ସାଙ୍ଗେ ସାଙ୍ଗେ କନ୍ୟାପିତା କ୍ରୋଧରେ ଫାଟିପଡ଼ି କହିଲେ, ତା' ମାନେ ଆପଣ କହିବାକୁ ଚାହାନ୍ତି ଯେ ଆପଣଙ୍କ ହାର କନ୍ୟାପକ୍ଷ ଲୋକ ନେଇଚନ୍ତି, ନିଜେ ଖାଲି କେସ୍‌ଟା ଆଣି ଏଠି ଚୋରିର ନାଟକ କରୁଚନ୍ତି। ଆମକୁ ଦୋଷୀ କରୁଚନ୍ତି।

ଏକଥାରେ ଶୁଭକାନ୍ତ ଉତ୍ତେଜିତ ହୋଇ ଉଠିଲା। ବରଯାତ୍ରୀ ମଧ୍ୟ। କୌଣସି ଗଣ୍ଡଗୋଳକୁ ପ୍ରଶ୍ରୟ ନ ଦେଇ, ଦେବକାନ୍ତ ନୂଆ ସମୁଦିଙ୍କ ଭର୍ତ୍ସନା ସହିଲେ। କହିଲେ, ସେ ସବୁ କଥା ପରେ, ଆଗ ବିବାହ ସମ୍ପୂର୍ଣ୍ଣ କର।

କନ୍ୟା ବିଦାୟ ବେଳେ ସୁଦର୍ଶନ ପୁଣି ଚୋଟ ମାରିଲେ। ଦେଖିଲ ତ ସମସ୍ତେ! କେମିତି ଚୁପ୍‌ଚାପ୍ ଚାଲିଗଲେ। ଯିଏ ଦୋଷୀ ସେ ଏମିତି ମୁଣ୍ଡ ନୁଆଁଇ ରହେ!

ଦେବକାନ୍ତ ଏହାକୁ ବି ହଜମ କଲେ। ଶୁଭକାନ୍ତ, ଭାଇଙ୍କୁ କହିଲା, ଭାଇ ତମ କଥା ମାନି ମୁଁ ଚୁପ୍ ରହିଲି। ମୁଁ ଏ ଅପମାନ ବରଦାସ୍ତ କରିବା ଲୋକ ନୁହେଁ।

ବରଯାତ୍ରୀମାନେ କୁହାକୁହି ହେଲେ, ଘରେ ନ ପଶୁଣୁ ଚାଳ ବାଜିଲାଣି ମୁଣ୍ଡରେ। ବିଚରା ଦେବକାନ୍ତ ଫସିଗଲା।

ଶୁଭକାନ୍ତ ବି କହିଲା, ଭାଇ, ଆମେ ଠକିଗଲେ। ଦେବକାନ୍ତ କହିଲେ, ଲୋକଟା

ଯାହା ହେଉ, ଝିଅଟି ଭଲ ହେଲେ ତ ହେଲା। ଦେବକାନ୍ତ ପୁଅ ଓ ନବବଧୂକୁ ନେଇ ଗୃହ ପ୍ରବେଶ କଲେ।

ବନ୍ଦାପନାରେ ଦେବଯାନୀ ବୋହୂକୁ ପିନ୍ଧାଇ ଦେଲେ ମଗର ମୁହାଁ ସୁନାଖଡୁ। ଶୁଭକାନ୍ତର ପତ୍ନୀ ବନ୍ଦାଇଥିଲା ଏକ ହୀରାର ମୁଦି। ନବବଧୂ ପ୍ରିୟା, ଦେବକାନ୍ତଙ୍କ ପରିବାରର ଚଳଣିରେ ଖୁସି ହେଉଥିଲା ଯେତିକି, ବାପାଙ୍କ କଥାକୁ ବିଶ୍ୱାସ କରୁଥିଲା ସେତିକି। ଦେବକାନ୍ତ, ଦେବଯାନୀ, ଜବା, ସତ୍ତୁ, କେହି ତ ବିଭାଘରର ତିକ୍ତ ଘଟଣା ସମ୍ପର୍କରେ ପଦେ କହୁନଥାନ୍ତି। ଅଥଚ ବାପା ତାକୁ ବାରମ୍ବାର ଫୋନ୍ କରି, ସେମାନଙ୍କ ବିରୁଦ୍ଧରେ କହି ଚାଲିଚନ୍ତି। ବାରମ୍ବାର।

ଦେବଯାନୀଙ୍କ ସଂସାରରେ ଖାପି ପାରିଥାନ୍ତା ପ୍ରିୟା; କିନ୍ତୁ ବାପାଙ୍କର ବାରମ୍ବାର ହସ୍ତକ୍ଷେପରେ ସେ ବିଚଳିତ ହୋଇପଡ଼ିଲା। ବାପା ସେଇ ପୁରୁଣା କଥାକୁ ଗଣ୍ଠି ପକାଇ, ତାକୁ ମନେଇ ଚାଲିଚନ୍ତି, ଏମାନଙ୍କ ବିରୁଦ୍ଧରେ ପ୍ରିୟା କରିବ କ'ଣ?

ଶ୍ରଦ୍ଧା, ଭଲପାଇବା, ଆଦର, କୋଉଥିରେ ଊଣା ନ ଥିଲା, ଅଥଚ ତାକୁ ଗ୍ରହଣ କରିପାରୁ ନଥିଲା ପ୍ରିୟା। କାରଣ ତା' ବାପା ତା' ମନକୁ ଧୁଲେଇ କରି ସାରିଥିଲେ। ସେ ଯେମିତି ଗୋଲକଧନ୍ଦାରେ ଘୁରୁଥିଲା।

ତିନିମାସ ପରେ, ଦିନେ ସୁଦର୍ଶନ ଆସି ଝିଅକୁ କିଛିଦିନ ପାଇଁ ନେବାକୁ କହିଲେ। ଦେବକାନ୍ତ ଆପତ୍ତି କଲେ ନାହିଁ। ପ୍ରିୟା ତା' ଘରକୁ ଗଲା। କୋଡ଼ିଏ ଦିନ ପରେ ଦେବକାନ୍ତଙ୍କୁ ଏକ ନୋଟିସ୍ ଆସିଲା ଘରୋଇ ହିଂସାରେ ବଧୂ ନିର୍ଯାତନା ପାଇଁ ଫ୍ୟାମିଲି କୋର୍ଟରେ ସେ କେସ୍ ଫାଇଲ୍ କରିଚି।

ଦେବକାନ୍ତ ଥ' ମାରି ବସିପଡ଼ିଲେ। ଦେବଯାନୀ ବି। ଏକଥା ସାଇ ପଡ଼ିଶାରେ ପ୍ରଚାର ହେଇଗଲା। ଦେବକାନ୍ତ ଓ ସତ୍ତୁ ଉଭୟ ଓକିଲ। ଘରୋଇ ହିଂସା ଓ ନିର୍ଯାତନାର ପ୍ରମାଣ ଦେଇପାରିଲା ନାହିଁ ପ୍ରିୟା। କାରଣ ପ୍ରମାଣ ଦେବାକୁ ତା' ପାଖରେ କିଛି ନ ଥିଲା। ଅଥଚ ବାପାକୁ ସେ ବିରୋଧ କରିବାର ସାହସ ଜୁଟାଇ ପାରୁନଥିଲା। ସେ ନିଜେ ଜାଣୁଥିଲା, ସେମାନେ ନିର୍ଦ୍ଦୋଷ, ଭଦ୍ରଲୋକ, ଅଥଚ ବାପା ତା' ପାଟି ଚିପି ଧରିଥିଲେ।

ମଝିରେ ସନ୍ତୁଳିହେଇ ମରୁଥିଲା ପ୍ରିୟା।

ବଦନାମର ଶିରିପା ପିନ୍ଧି ସାରିଥିଲା ପରିବାର। ଆଜି ପର୍ଯ୍ୟନ୍ତ ଏକ ସରଳ ସ୍ୱଚ୍ଛ, ଭଦ୍ର ପରିବାର ଭାବେ ସୁନାମର ଶିଖର ଛୁଇଁଥିବା ଦେବଯାନୀ ଓ ଦେବକାନ୍ତ ଚର୍ଚ୍ଚାର ପରିସରକୁ ଆସିଲେ।

ଦେବଯାନୀଙ୍କ ମନସ୍ତାପ ଦେଖି, ଶୈଳ ତାଙ୍କୁ ବୁଝାଏ। ଦେବଯାନୀ କହନ୍ତି ସତ୍ତୁକୁ, ତୁ ଯା' ବୋହୂକୁ ନେଇଆ।

ସତ୍ତୁ କହେ, ମୁଁ କେମିତି ଯିବି ବୋଉ? ତୁ କହ, ମୁଁ କେମିତି ଯିବି?

କି ବିଡ଼ମ୍ବନା ଏ ସତରେ। ମଣିଷ ଦୁଃଖ ସହିପାରେ, ବିଡ଼ମ୍ବନା ସହ୍ୟ ହୁଏନା।

> ବୋଉକୁ ସାନ୍ତ୍ୱନା ଦେଇ ସତ୍ତୁ କହିଲା, ଦେଖ୍ ବୋଉ, ଏପାଖେ ଗଙ୍ଗା ଆଳତି, ଆଉ ସେପାଖେ ଚିତା ଜଳିବାର ଦୃଶ୍ୟ। ଏଇ ଦୁଇ ଦୃଶ୍ୟକୁ ନେଇ ଗଙ୍ଗା ବହି ଯାଉଚି ଆଗକୁ। ଅଟକି ରହୁନାହିଁ, ନିଆଁ ଆମକୁ ଦହନ କରେ ସତ, ହେଲେ ସେଇ ନିଆଁରେ ଆମ ଅନ୍ନ ସିଦ୍ଧ ହୁଏ ଓ ଅଖଣ୍ଡ ଦୀପ ଜଳେ। ଜୀବନର ଶେଷ ସିନା ଏଇ ଚିତାରେ, ହେଲେ ତା'ର ଗତି ଏଇ ଆଳତିରେ। ଗଙ୍ଗା ପରି ବହି ଯିବାକୁ ହେବ ନା!!

ନିଜକୁ ବୁଝାଇ ପାରନ୍ତି ନାହିଁ ଦେବଯାନୀ। ଏକ ବିଷାଦ ବୋଧରେ ପୂରା ଚୁପ୍ ହୋଇଯା'ନ୍ତି ଦେବକାନ୍ତ।

ଫ୍ୟାମିଲି କୋର୍ଟରେ ହାରିଗଲା ପରେ, ଆହତ ସାପ ପରି ଫଁ ଫଁ ହୋଇ ସୁଦର୍ଶନ ସୋସିଆଲ ମିଡିଆରେ ଦେବକାନ୍ତଙ୍କ ପରିବାରର ଚରିତ୍ର ସଂହାର କରିଚାଲିଲେ, ଅନବରତ।

ଦେବଯାନୀ ଓ ଦେବକାନ୍ତଙ୍କ ଦୁଃଖ ଓ ମନସ୍ତାପ ଦେଖି ଶୈଳ ପୁରୀ ଆସି ସେମାନଙ୍କୁ ବୁଝାଏ। ସାନ୍ତ୍ୱନା ଦିଏ। କହେ, ଏ ସମୟଟା ସେମିତି ଲୋ ଯାନି। ଏଠି ନିର୍ଦ୍ଦୋଷ ଦଣ୍ଡପାଏ, ଦୋଷୀ ଛାତି ଫୁଲାଇ ବାଟ ଚାଲେ। ଏଠି ସତ୍ୟାଗ୍ରହୀ ଅତ୍ୟାଚାରିତ ହୁଏ। ଆମେ ଜାଣୁ, ମଣିଷ ଦୁଃଖ ସହିପାରେ, ହେଲେ ଏ ବିଡ଼ମ୍ବନା! ଏହା ସହି ହୁଏ ନାହିଁ। ତଥାପି ମନ ବଳ ରଖିବାକୁ ହେବ; କାରଣ ସମୟ ବି ବଦଳିଯାଏ।

ଶୈଳର କଥା ଶୁଣନ୍ତି ଦେବଯାନୀ। ମନକୁ କିନ୍ତୁ ବୁଝାଇ ପାରନ୍ତି ନାହିଁ। କେମିତି ଏକ ବିଷାଦ ବୋଧରେ ଚୁପ୍ ହୋଇଯା'ନ୍ତି ଦେବକାନ୍ତ।

ବନ୍ଧୁମାନେ ପରାମର୍ଶ ଦିଅନ୍ତି। ଥରେ ଯାଇ ବୋହୂକୁ ଦେଖାକର। ତା' ସହ କଥା ହୁଅ। ସେ ଚାହିଁଲେ ତା'କୁ ନେଇଆସ।

ଇଚ୍ଛା ଥିଲେ ମଧ୍ୟ ଦେବକାନ୍ତଙ୍କ ଗୋଡ଼ ଉଠେ ନାହିଁ। ଯେଉଁ ମାନସିକ ଧକ୍କା ସେ ପାଇଥିଲେ, ତାହା ଏବେ କ୍ଷତ ହୋଇଯାଇଚି। ସତ୍ତୁକୁ ଯିବାକୁ ସେ ବାରବାର କହନ୍ତି। ସତ୍ତୁ ନୀରବ ରହେ। ବୋଧହୁଏ ସେ ଦ୍ୱନ୍ଦ୍ୱରେ ପଡ଼େ। ଏ କଥା ବୁଝନ୍ତି ତା'ର ବାପା ବୋଉ।

ସାମାଜିକ ଗଣମାଧ୍ୟମରେ ମସଲା ଗୋଳେଇ ଦେବକାନ୍ତଙ୍କ ପରିବାରର ଚର୍ଚ୍ଚା ଚାଲେ। ଏହାର କିଏ ପୃଷ୍ଠପଟରେ ଥାଏ, ଭଗବାନ ଜାଣନ୍ତି।

ଲୋକେ କହନ୍ତି, ଝିଅଟା କ'ଣ ମିଥ୍ୟା ଦୁର୍ନାମ ଦେଇପାରେ କେବେ? ଯା' ପଛରେ ଥିବ କିଛି ଗହନ କଥା।

ଆଉ କେହି କହେ, ଏଇ କଜଳପାତିଆ ଭଦ୍ରଲୋକମାନଙ୍କ ମୁଖା ଖୋଲିଯିବା ହିଁ ଉଚିତ୍। ମୁଖା ପିନ୍ଧି ଜଣେ କେତେଦିନ ଚଳିପାରେ ?

ଏମିତି ପ୍ରକାର ପ୍ରକାର କଥା ଟିଭିରେ, ଖବରକାଗଜରେ ବିଛେଇ ହେଇଗଲା।

କି ପୈଶାଚିକ ଆନନ୍ଦ ପାଉଥିଲେ ପ୍ରତିପକ୍ଷ।

ଦେବକାନ୍ତଙ୍କ ଶଳା ଗୌରାଙ୍ଗ ଖବର ଶୁଣି କହିଲେ ଜାଣିଲ, ତା'ର ବଡ଼ଝିଅ ବି ଶାଶୂଘରୁ ଆସି ଘରେ ଅଛି ଓ ପନ୍ଦର ଲକ୍ଷ ଟଙ୍କା ଭରଣ ପୋଷଣ ପାଇଚି। ଏ ଝିଅକୁ ସେଇ ଢଙ୍ଗରେ ସେ ରଖିନାହିଁ ତ?

ବାପ ଚରିତ୍ରର ଏ ନୂତନ ଦିଗ ଦେଖି, ଦେବକାନ୍ତ ଓ ଦେବଯାନୀ ବିସ୍ମିତ ହୋଇଗଲେ।

ଏମିତି ଟିକିଏ ଟିକିଏ ହୋଇ ବିଷାଦର ମହାସମୁଦ୍ରରେ ବୁଡ଼ିଗଲେ ଦେବକାନ୍ତ। ସେ ବିଷାଦର ଥଳକୂଳ ନ ଥିଲା। କାତର ହୋଇପଡ଼ିଲେ ଦେବଯାନୀ। ଅସହାୟ ହେଇ ଯାଉଥିଲା ସତୁ। ଶେଷରେ ଦିନେ ସେ ହୃଦ୍‌ଘାତରେ ଚାଲିଗଲେ।

ଆକାଶ ଛିଡ଼ି ପଡ଼ିଲା ଦେବଯାନୀଙ୍କ ମୁଣ୍ଡରେ। ଦୁଃଖ ସହି ନ ପାରି ଦେବକାନ୍ତ ଚାଲିଗଲେ। ଦୁଃଖ ସହିବା ପାଇଁ ବଞ୍ଚି ରହିଲେ ଦେବଯାନୀ। ସେ ଭାବିଲେ, ଏ ମାଇପିମାନଙ୍କ ଛାତିର ପଞ୍ଜରା ହାଡ଼କୁ ଲୁହାରେ ତିଆରି କରିଥା'ନ୍ତି ବିଧାତା। ସେମାନେ ପର୍ବତପ୍ରାୟ ଦୁଃଖକୁ ନହକା ପଞ୍ଜରାରେ ସହି ପାରିବେ।

ସତୁ ବାପାଙ୍କ ଆକସ୍ମିକ ବିୟୋଗ, ବୋଉର ମାନସିକ ଦୁରବସ୍ଥା ଦେଖି, ଅସହାୟ ହେଇ ପଡୁଥିଲା। ଅଥଚ ସେ ବାହାରେ ସ୍ୱାଭାବିକ ଥିଲା। ବୋଉ କଥା, ଘରକଥା, ଜମିବାଡ଼ି କଥା ସବୁ ବୁଝୁଥିଲା। ତା'ର ଓକିଲାତି କାମ ପରେ ସେ ଅନାଥାଶ୍ରମ ଯାଉଥିଲା। ସେମାନଙ୍କୁ ନିୟମିତ ଅର୍ଥ ମଧ ଦେଉଥିଲା।

ଦେବକାନ୍ତଙ୍କ ଅନୁପସ୍ଥିତିକୁ ଧୀରେ ଧୀରେ ସହ୍ୟ କରିବାରେ ଅଭ୍ୟସ୍ତ ହେଲେ ଦେବଯାନୀ, ହେଲେ ଅସହ୍ୟ ହେଉଥିଲା, ସତୁର ବିଫଳ ଦାମ୍ପତ୍ୟ। ତା'ର ଏକାକିତ୍ୱ। ବଡ଼ପୁଅ ବିଶୁ ଓ ଜବା ତ ବିବାହ ପରେ ଫେରି ଯାଇଥିଲେ ଆମେରିକା।

ଏତେବଡ଼ ଘରେ ଏକା ଏକା ବେଳ କାଟୁଥିଲେ ଦେବଯାନୀ। ଦେବକାନ୍ତଙ୍କ ବିଚ୍ଛେଦ ତାଙ୍କୁ ମୂକ ବଧିର କରି ଦେଇଥିଲା। ସତୁର ଅନୁରୋଧରେ ଶୈଳ ଓ ତା' ସ୍ୱାମୀ ଅଭିମନ୍ୟୁ କିଛିଦିନ ଥିଲେ ଦେବଯାନୀଙ୍କ ପାଖରେ। ଶୁଭକାନ୍ତ ମଧ କିଛିଦିନ ଥିଲେ।

ଦିନେ ଦେବଯାନୀଙ୍କ ଭାଇ ଗୌରାଙ୍ଗ ସତୁକୁ କହିଲେ ତୁ ବାପାଙ୍କ ଅସ୍ଥି ତ୍ରିବେଣୀରେ ପକାଇ ଦେଇଆ। ବୋଉକୁ ମଧ ସାଙ୍ଗରେ ନେଇ ଯାଆ। ତା'କୁ ଟିକେ ବାହାରେ ବୁଲାଇ ଆଣ।

> ଛାତି ଫାଟିଗଲା ପରି ଲାଗିଲେ ମଧ ଫାଟିଗଲା ନାହିଁ। ନାରୀଟିଏ ନିଜ ଜୀବନରେ ଦୁଃଖ ସହିପାରେ। ପାଣି ପରି ଦୁଃଖକୁ ଢକଢକ କରି ପିଇପାରେ। ଛାତିରେ ପଥର ଲଦି ଜୀବନ ବାଟ ଚାଲିପାରେ; ହେଲେ ନିଜ ପିଲାଙ୍କ ଦୁଃଖ ଟିକିଏ ବି ସହି ପାରେ ନାହିଁ। ସେ ନିଜେ ଏକ ପ୍ରେମମୟ ଦାମ୍ପତ୍ୟର ପଚାଶ ବର୍ଷ କାଟି ସାରିଚନ୍ତି। ଅଥଚ ତାଙ୍କର ଦୁଇଟିଯାକ ପୁଅ ବର୍ଷଟିଏ ମଧ ଦାମ୍ପତ୍ୟ ସୁଖ ପାଇଲେ ନାହିଁ।

ମାମୁଙ୍କ କଥା ମାନି ସତୁ ବୋଉକୁ ନେଇ ବାପାଙ୍କ ଅସ୍ଥି ବିସର୍ଜନ କଲା ତ୍ରିବେଣୀ ସଙ୍ଗମରେ। ସେଠୁ ବୋଉକୁ ନେଇଗଲା ବନାରସ। ସ୍ୱାମୀ ଚାଲିଗଲା ପରେ ବର୍ଷକ ପାଇଁ ସ୍ତ୍ରୀକୁ ଠାକୁର ଦର୍ଶନ ନିଷେଧ। ସତୁ ମଧ ବାପାଙ୍କୁ ମୁଖାଗ୍ନି ଦେଇଥିବାରୁ ଠାକୁର ମନ୍ଦିର ଯାଉ ନ ଥିଲା, ହେଲେ ବୋଉକୁ ଆହ୍ଲାବାଦ ସହର ଓ ବନାରସର ସବୁ ଜାଗା ବୁଲାଇଲା। ରାତିରେ ଗଙ୍ଗା ଆଳତି ଦେଖିବାକୁ ସେ ଦଶାଶ୍ୱମେଧ ଘାଟକୁ ଯାଇ ଏକ ଡଙ୍ଗା ଭଡ଼ାନେଲା ଓ ବୋଉକୁ ଗଙ୍ଗା ଛାତିରେ ନୌକାରେ ରହି ଗଙ୍ଗା ଆଳତିର ଦିବ୍ୟ ଦୃଶ୍ୟ ଦେଖାଇଲା। ଦେବଯାନୀ ଦେଖିଲେ, ସାମ୍ନାରେ ଗଙ୍ଗା ଆଳତିର ଅନୁପମ ଦୃଶ୍ୟ। ତାହାର ବାମ ପଟେ ହୁତ୍‌ହୁତ୍ ହୋଇ ଧାଡ଼ିଧାଡ଼ି ଚିତା ଜଳୁଛି। ଏ ଚିତା ଜଳିବାର ଦୃଶ୍ୟରେ ଦେବଯାନୀ କାତର ହୋଇ ପଡ଼ିଲେ। ବୋଉକୁ ସାନ୍ତ୍ୱନା ଦେଇ ସତୁ କହିଲା, ଦେଖ୍ ବୋଉ, ଏପାଖେ ଗଙ୍ଗା ଆଳତି, ଆଉ ସେପାଖେ ଚିତା ଜଳିବାର ଦୃଶ୍ୟ। ଏଇ ଦୁଇ ଦୃଶ୍ୟକୁ ନେଇ ଗଙ୍ଗା ବହି ଯାଉଚି ଆଗକୁ। ଅଟକି ରହୁନାହିଁ, ନିଆଁ ଆମକୁ ଦହନ କରେ ସତ, ହେଲେ ସେଇ ନିଆଁରେ ଆମ ଅନ୍ନ ସିଦ୍ଧ ହୁଏ ଓ ଅଖଣ୍ଡ ଦୀପ ଜଳେ। ଜୀବନର ଶେଷ ସିନା ଏଇ ଚିତାରେ, ହେଲେ ତା'ର ଗତି ଏଇ ଆଳତିରେ। ଗଙ୍ଗା ପରି ବହି ଯିବାକୁ ହେବ ନା!!

ଏକଥା ଘଡ଼ିକ ପାଇଁ ଭଲ ଲାଗିଲା ଦେବଯାନୀଙ୍କୁ।

ଦିନେ ଭିଡିଓ କଲ୍‌ରେ ଶୁଭକାନ୍ତ ଦେବଯାନୀଙ୍କୁ କହିଲେ, ନୂଆବୋଉ, ଗୋଟେ ଖବର ଶୁଣିଲି। ବିଶୁ ଆଜିକାଲି ଏକ ବଙ୍ଗଳାଦେଶୀ ମୁସଲମାନ ଝିଅ ସହ ଏକତ୍ର ରହୁଚି। ଜବା ତା' ଘରେ ଏକା।

ଏ କଥା ଦେବକାନ୍ତଙ୍କ ମୃତ୍ୟୁର ଧକ୍କାଠାରୁ ଅଧିକ କଷ୍ଟକର ଥିଲା ଦେବଯାନୀଙ୍କ ପାଇଁ। ସେ ସ୍ତବ୍ଧ ହୋଇଗଲେ, ପର ମୁହୂର୍ତ୍ତରେ ଜବାକୁ ଫୋନ୍ କଲେ,

କହିଲେ, ତୁ ମତେ ଏକଥା ଆଜିଯାଏ କହିନୁ କାହିଁକି?

ଜବା କୋହ ରୋକି କହିଥିଲା, ଆପଣ ତ ଏତେ ବଡ଼ ଆଘାତକୁ ଛାତିରେ ବହି ରହିଚନ୍ତି, ମୁଁ ପୁଣି ଦୁଃଖ ବୋଝ ଲଦିବାକୁ ଚାହିଁଲି ନାହିଁ ବୋଉ!!

ଦେବଯାନୀ ସାଙ୍ଗେ ସାଙ୍ଗେ କହିଲେ, ତୁ ଏଠିକୁ ଚାଲିଆ ।

ଜବା କହିଲା, ମୋର ମଧ ଯିବାର ଇଚ୍ଛା ବୋଉ, ହେଲେ ମନ କହୁଚି, ବିଶୁ କାଲେ ଫେରି ଆସିବେ । ମୁଁ ତାଙ୍କ ଫେରିବାକୁ ଚାହିଁ ବସିଚି ।

ଛାତି ଫାଟିଗଲା ପରି ଲାଗିଲେ ମଧ ଫାଟିଗଲା ନାହିଁ । ନାରୀଟିଏ ନିଜ ଜୀବନରେ ଦୁଃଖ ସହିପାରେ । ପାଣି ପରି ଦୁଃଖକୁ ଢକଢକ କରି ପିଇପାରେ । ଛାତିରେ ପଥର ଲଦି ଜୀବନ ବାଟ ଚାଲିପାରେ; ହେଲେ ନିଜ ପିଲାଙ୍କ ଦୁଃଖ ଟିକିଏ ବି ସହି ପାରେ ନାହିଁ । ସେ ନିଜେ ଏକ ପ୍ରେମମୟ ଦାମ୍ପତ୍ୟର ପଚାଶବର୍ଷ କାଟି ସାରିଚନ୍ତି । ଅଥଚ ତାଙ୍କର ଦୁଇଟିଯାକ ପୁଅ ବର୍ଷଟିଏ ମଧ ଦାମ୍ପତ୍ୟସୁଖ ପାଇଲେ ନାହିଁ । କେଉଁ ଅପରାଧ ପାଇଁ ଭଗବାନ ତାଙ୍କୁ ଏଇ ବୟସରେ ଏ ଦଣ୍ଡ ଦେଲେ ?

ଦିନ ଗଡ଼ି ଚାଲିଥାଏ ତା' ବାଟରେ । ସତ୍ତୁ ତା'ର ବ୍ୟସ୍ତ ଥାଏ । ସଦା ହସହସ । ଅମାୟିକ, ସ୍ୱଚ୍ଛନ୍ଦ ତା'ର ଗତିବିଧି । ସେ ସିନା ତା'ର ଭଗ୍ନ ଦାମ୍ପତ୍ୟର ଛାୟାକୁ ନିଜ ମୁହଁରେ ଚଳଣିରେ ଆଣିପାରୁ ନ ଥାଏ, କଥାରେ କାର୍ଯ୍ୟରେ ମଧ । ହେଲେ ସତ୍ତୁର ଏକାକୀତ୍ୱ ଦେବଯାନୀଙ୍କୁ ଅସ୍ଥିର କରିଦିଏ । ସିଏ ଅହରହ ଭାବନ୍ତି, ସତ୍ତୁ ପ୍ରିୟାକୁ ଡିଭୋର୍ସ ଦେବା ଉଚିତ୍ । ସେଥିପାଇଁ ସବୁ ମୂଲ୍ୟ ଦେବାକୁ ସେ ପ୍ରସ୍ତୁତ ଏବଂ ସତ୍ତୁର ପୁନର୍ବିବାହ ଅତି ଜରୁରୀ । ବିଶୁ ସିନା ଦେଶ ବାହାରେ ଅଛି, ତାହା ତାଙ୍କ ଆୟତ୍ତରେ ନାହିଁ । ସତ୍ତୁ ପାଖରେ ଅଛି । ନିଜେ ଓକିଲ, ସେ ଡିଭୋର୍ସ ଦେବନି କାହିଁକି ? କାହିଁକି ସେ ପ୍ରିୟା ପାଇଁ ନିଜ ଜୀବନ ନଷ୍ଟ କରିବ?

ଦେବକାନ୍ତ ଅନେକ ଥର ସତ୍ତୁକୁ କହିଥିଲେ ପ୍ରିୟାକୁ ଆଣିବାକୁ । ତା' ପରେ ସେ ପରିବାର ଅଦାଲତରେ କେସ୍ କଲା । ତା' ସରପଞ୍ଚ ବାପ ନିଜ ଝିଅର ଜୀବନ ନଷ୍ଟ କରୁଚି । ସେ ତାଙ୍କ ପୁଅର ଜୀବନ ବିଫଳ ହେବାକୁ ଦେବେ ନାହିଁ ।

ସେ ସତ୍ତୁର ପିଛା ପଡ଼ିଗଲେ, ଡିଭୋର୍ସ ପେପର ପ୍ରସ୍ତୁତ କରିବା ପାଇଁ, ହଁ, କରିବା କହି ସତ୍ତୁ ଦିନ ଗଡ଼ଉଥିଲା, ଅଥଚ ସେ ସ୍ୱାଭାବିକ ଥିଲା । ସକାଳୁ ଚା' କରି ବୋଉକୁ ଦେଉଥିଲା । କୋର୍ଟ ଯାଉଥିଲା, ଅନାଥାଶ୍ରମ ଯାଉଥିଲା । ତା'ର ଜୀବନଧାରାରେ କିଛି ପରିବର୍ତ୍ତନ ନ ଥିଲା । ସତେ ଯେମିତି ତା'ର କିଛି ହେଇନାହିଁ, ତା' ଜୀବନର ଏତେ ବଡ଼ ବିପର୍ଯ୍ୟୟକୁ କେଡ଼େ ସହଜରେ ସେ ଢୋକି ଚାଲିଥିଲା ।

ଦେବଯାନୀ, ସତ୍ତୁକୁ ପ୍ରତିଦିନ ମନେପକାନ୍ତି, କିରେ, ପେପର ପ୍ରସ୍ତୁତ କଲୁ? ସତ୍ତୁ ହସି ଦଉଥାଏ । କହେ, କରିବି ବୋଉ, ବ୍ୟସ୍ତ କାହିଁକି ହଉଚୁ ?

ଦେବଯାନୀ ସତ୍ତୁର ସେଇ ହସଟାକୁ ଚାହିଁ ରହିଲେ । ଏ ହସଟା କ'ଣ ହୃଦୟର କୋହ ଲୁହର ପ୍ରହରୀ ? କାହିଁକି ସତ୍ତୁ ଡିଭୋର୍ସ ପେପର ପ୍ରସ୍ତୁତ କରୁନାହିଁ ? କ'ଣ ହେଇପାରେ ଏହାର କାରଣ? କାହିଁକି ସେ ଅଟକି ରହିଚି ସେଇଠି । ଏଇଟା କ'ଣ ଏକ ଖାମଖିଆଲିଆ କଥା, ନା ଏହା ପ୍ରିୟା ପ୍ରତି ଥିବା ତା'ର ଭଲପାଇବା? ଏଇ ଏକତରଫା ଭଲପାଇବାର ମୂଲ୍ୟ କ'ଣ ଦେଇଚାଲିଚି ଏହି ଅନୁଚିତ ତ୍ୟାଗରେ?

ସତ୍ତୁ ହଠାତ୍ ରହସ୍ୟମୟ ଲାଗିଲା ଦେବଯାନୀଙ୍କୁ ।

ଦିନେ ଦେବଯାନୀ ରାଗିଗଲେ । କହିଲେ, ମୁଁ ବୁଝିପାରୁନି, ତୁ କାହିଁକି ଅଟକି ରହିଚୁ । ଜୀବନ ଆଗକୁ ବଢ଼େ, ଜାଲ ଛିଣ୍ଡାଇ ଦେବାକୁ ହୁଏ ।

ସତ୍ତୁ ହସିହସି କହିଲା ଜାଲ କାହିଁ ବୋଉ? କିଏ ଅଟକିଛି, ତୁ ନା ମୁଁ ? ତୁ ଅଟକି ରହିଚୁ ବୋଲି, ମୁଁ ଅଟକିଚି ବୋଲି ତତେ ଲାଗୁଛି । ଯେଉଁ କାଗଜ ପ୍ରସ୍ତୁତ କରିବାକୁ କହୁଚୁ, ସେଇଟା କାଗଜ ଖଣ୍ଡେ !! ସେଇଟା ନ କଲେ କ'ଣ ଚଳିବନି ? ଆମେ ଆଗକୁ ବଢ଼ିବା, ଆଗକୁ । ପଛକୁ ଚାହିଁବା ଦରକାର ନାହିଁ ।

ସତ୍ତୁର ଏ କଥା ଦେବଯାନୀଙ୍କ ଅନ୍ତର ସ୍ପର୍ଶ କଲା । ସେ ନିଜକୁ ପ୍ରଶ୍ନ କଲେ, ସତେ ତ, ସେ ଅଟକିଯାଇଚନ୍ତି କାହିଁକି ? ■■■

ଶିବଛାୟା, ରଥରୋଡ଼, ଭୁବନେଶ୍ୱର-୨
ଦୂରଭାଷ : ୯୨୩୮୬୩୨୧୨୮

'ସମାଜ' ଓ 'ସତ୍ୟବାଦୀ'ର ଶୁଭେଚ୍ଛା

ଅସହାୟ, ଦୁଃସ୍ଥ ଓ ନିପେଡ଼ିତ ଜନତାଙ୍କ ସେବାରେ 'ସମାଜ' ନିଜକୁ ଉତ୍ସର୍ଗୀକୃତ କରି ରଖିଛି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏହି ଅକ୍ଷୟକୀର୍ତ୍ତୀକୁ 'ସମାଜ' ଅକ୍ଷୁର୍ଣ୍ଣ ରଖିଥିବାରୁ 'ସତ୍ୟବାଦୀ' ଓ 'ସମାଜ'ର ୧୦୫ତମ ସ୍ୱ-ନକ୍ଷତ୍ର ଉତ୍ସବ ଅବସରରେ 'ସମାଜ' ପରିବାରକୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

॥ ଶୁଭେଚ୍ଛାର ସହ ॥

ସତ୍ୟନାରାୟଣ ପଣ୍ଡା

'ସମାଜସେବୀ', କଳିଙ୍ଗ ବିହାର, ଭଞ୍ଜନଗର

ପ୍ରହସନ

ଆଜି ରବିବାର। ଟିକେ ଅଧିକ ବିଶ୍ରାମ ଆଉ ଆରାମ କରିବାର ଦିନ। ବୋଧହୁଏ, ଆଜି ଛୁଟି ପାଇବା ଆଶାରେ ପୂର୍ବ ରାତିଟା ଆମ ପାଇଁ ଟିକେ ଅଧିକ ଲମ୍ବା ହୋଇ ଯାଇଥାଏ। ଆଖି ଖୋଲିଲା ବେଳକୁ ବାହାରର କୋଳାହଳ ଗୁଡ଼ା ହଠାତ୍ ଧସେଇ ଆସନ୍ତି। ମୁଁ ଘଣ୍ଟାକୁ ଚାହିଁ ଚମକିପଡ଼େ। ମୁହଁରେ ପାଣିହାତ ବୁଲାଇଦେଇ, ଆରପଟ ଘରକୁ ଚାଲିଯାଏ। ଠିକ୍ ଦଶଟାବେଳକୁ ବୋଉର ଫୋନ୍ ଆସିବ। ସେ ଏଇ ସମୟକୁ ଚାତକ ପରି ଅପେକ୍ଷା କରିଥିବ। ମୋ ସଙ୍ଗେ ଦୁଇପଦ ଭଲମନ୍ଦ କଥା କହିଦେଲେ, ତା'କୁ ଶାନ୍ତି ମିଳିଯିବ। ଗୋଟେ ଦିନ ଟିକେ ଆରାମରେ ଶୋଇପାରିବି ବୋଲି, ସେ ଆଗରୁ ଫୋନ୍ କରି ମୋ ନିଦରେ ବ୍ୟାଘାତ ଆଣିବାକୁ ଚାହେଁନି। ମୋର ବ୍ୟସ୍ତତାକୁ ଦେଖି ତା'କୁ ଦୟା ଲାଗେ। ସେଥିପାଇଁ ନିଜର ଆବେଗକୁ ଦମନ କରି ସେ ଅପେକ୍ଷା କରିଥାଏ ଏଇ ରବିବାର ବିଳମ୍ବିତ ମୁହୂର୍ତ୍ତକୁ।

ତା'କୁ ଖୁସି କଲାପରି ଗୁଡ଼ାଏ ମିଛକଥା କହିବାକୁ ମୋର ବି ମାନସିକ ପ୍ରସ୍ତୁତି ଥାଏ। ଜୀବନରେ ବେଶୀ ମିଛ କଥା ନ କହିବାର ସଂସ୍କାର ଶିଖାଇଥିବା ବୋଉ ଆଗରେ, ଏତେ ମିଛ କଥା କହିଲାବେଳେ, ଏବେ ମୋର ପାଟି ଖନି ବାଜି ଯାଏନି। ଚାରିଆଡ଼କୁ ନଜର ପକାଇ, ମୁଁ କହେ "ଆଜି ଅନେକବେଳୁ ଉଠିଗଲିଣି ବୋଉ, ଟିଭିରୁ ସମ୍ବାଦ ଶୁଣୁଛି। ସୁଜାତା ଚା, ବିସ୍କୁଟ ରଖିଦେଇ ଯାଇଛି। ଏବେ ତ ବସିଥିଲା ମୋ ପାଖରେ। ରୋଷେଇ ଘରକୁ ଚାଲିଯାଇଛି, ମୋ ପସନ୍ଦର ଡାଲମା, ଉପମା ତିଆରି କରିବ ବୋଲି।" ଖାଇସାରିଲା ପରେ, ମତେ ବଜାରକୁ ଯାଇ ମାଛ କି ଚିକେନ୍ ଆଣିବାକୁ କହିଛି। ଆଜି ଗାଧୋଇ ସାରିଲା ପରେ ସେ ଭାରି ବ୍ୟସ୍ତ ରହିବ। ଠାକୁର ପୂଜା କରିବ, ଅଧଘଣ୍ଟେ।

ପ୍ରଦୋଷ ମିଶ୍ର

ଗାଳ୍ପିକ, ଔପନ୍ୟାସିକ ତଥା ଅନୁବାଦକ ଭାବରେ ସୁପରିଚିତ। ଅଠରଟି ଗଳ୍ପ ସଂକଳନ, ନ'ଟି ଉପନ୍ୟାସ, ଗୋଟିଏ ଭ୍ରମଣ କାହାଣୀ ପୁସ୍ତକ ସହ ତିନିଟି ଇଂରାଜୀ ଅନୂଦିତ ଓ ଚାରିଟି ହିନ୍ଦୀ ଅନୂଦିତ ପୁସ୍ତକର ସ୍ରଷ୍ଟା। ବିଭିନ୍ନ ଭାଷାର ପତ୍ରିକାରେ ବହୁ ଗଳ୍ପ ପ୍ରକାଶିତ ହୋଇ ପାଠକୀୟ ଶ୍ରଦ୍ଧା ଲାଭ କରିଛି।

ତା'ପରେ ମନ ପସନ୍ଦର ରୋଷେଇ କରିବ। ସେ ଜାଣେ ମତେ କ'ଣ ଖାଇବାକୁ ଭଲଲାଗେ। ଆଜି ଗୋଟେଦିନ ତ ମିଳିଛି ଘର ଭିତରେ ରହିବାକୁ।

ବୋଉ ମୋ'କଥା ଶୁଣି ନିଶ୍ଚୟ ଖୁସି ହୋଇଯାଉଥିବ। ମୁଁ କିନ୍ତୁ ଗୁଡ଼ାଏ ଖାଣ୍ଟି ମିଛ ଅବତାରଣା କରି, ଏପଟ ସେପଟ ହେଉଥିବି। ଏପରି ଗୁଡ଼ାଏ କଳ୍ପିତ କଥା କହିବାରେ, ମୁଁ ଏବେ ଅଭ୍ୟସ୍ତ ହୋଇଗଲିଣି। ପ୍ରଥମେ ପ୍ରଥମେ ଖୁବ୍ ଖରାପ ଲାଗୁଥିଲା। ହେଲେ ଏବେ ମୁଁ ଅନୁଭବ କଲିଣି, ତାହା ଯେପରି ମୋ ପାଇଁ ଅନିବାର୍ଯ୍ୟ, ପରମ ସତ୍ୟ। ସେ ସତ୍ୟକୁ ଗ୍ରହଣ ନ କରିଲେ, ମୋ ପାଇଁ ଏବଂ ଅନ୍ୟମାନଙ୍କ ପାଇଁ ଅନେକ ଦୁଃଖ ଆଣିଦେବ। ବୋଉକୁ କିଛି ତ କହି ଖୁସି କରିବାକୁ ପଡ଼ିବ। ଆଉ ତା' ସଙ୍ଗେ ସଙ୍ଗେ ସୁଜାତାକୁ ବି। ସମସ୍ତଙ୍କୁ ଭଲରେ ରଖିବା ପାଇଁ, ତାହା ହିଁ ମୋ ଆଗରେ ଏକମାତ୍ର ରାସ୍ତା।

ଏପରି ଗୁଡ଼େ ମିଛ ଗପ କହିଲାବେଳେ, ମତେ ଆଉ ଭାବିବାକୁ ପଡୁନି। ଆଜିକାଲି ଅଭ୍ୟାସ ହୋଇଗଲାଣି। ମୋର ମନେଅଛି, ପିଲାଦିନେ ବୋଉ କହୁଥିଲା, ଜୀବନକୁ ସାମ୍ନା କରିବାକୁ ହେଲେ ସତ୍ୟକୁ ହିଁ ଆଗରେ ରଖିବାକୁ ପଡ଼ିବ। ଆମ ଭିତରେ ଥିବା ଆତ୍ମା ପୁରୁଷଟି କେବେ ମିଛ କହି ପାରେନା। ସେଥିପାଇଁ ସେ ସବୁ କହିଲା ବେଳେ, ମଣିଷ ଘାବରେଇଯାଏ। ଭିତରୁ କେହି ଜଣେ ଚେତାଇ ଦେଉଥାଏ। ତା' କଥା ନ ଶୁଣିଲେ, ପରିଣାମ ଭୋଗିବାକୁ ପଡ଼େ।

ମୋ ମନରେ ବେଳେବେଳେ ଭାବନା ଆସେ, ଏପରି ଆଦର୍ଶ କଥା କହୁଥିବା ବୋଉ, ମୋର ପିଲାବେଳେ ମତେ ଖୁସି କରିବା ପାଇଁ, କିପରି ମନଗଢ଼ା କାହାଣୀ ଶୁଣାଉଥିଲା ? ସେ ସବୁକୁ, ସତ କଥା ଭାବି, ମୁଁ ଶୋଇ ପଡୁଥିଲି। ସେତେବେଳେ ତା'ର ଆତ୍ମାପୁରୁଷ, ତାକୁ ତ କିଛି ବାଧା ଦେଉ ନ ଥିଲା। ବାପା, ଗଳ୍ପ ଉପନ୍ୟାସ ଲେଖନ୍ତି। ସେ ସବୁ ତ ସତକଥା ନ ଥାଏ; ବରଂ, କିଛି ସତ ଭିତରେ

ଗୁଡ଼େ କଳ୍ପନାର ପୁଟ ଲଗାଯାଇଥାଏ। ଘଟଣା ଯାହାହେଉ ପଛେ, ସେଥିରେ ଥିବା ଚରିତ୍ରମାନେ ମିଛ ନୁହନ୍ତି କି? ସେତେବେଳେ ତ ତାଙ୍କର କଲମ ଅଟକି ଯାଏନି। ବରଂ ବୋଉ ସେ ସବୁ ପଢ଼ି କିମ୍ବା, ଶୁଣି, ବେଶ୍ ଖୁସି ହେଉଥାଏ। ସ୍ଥଳ ବିଶେଷରେ ସତ, ଆଉ ମିଛର ସଂଜ୍ଞା ଆଉ ପ୍ରଭାବ ଅଲଗା ନୁହେଁ କି ? ମୋ ଭଳି ପରିସ୍ଥିତିରେ ଥିବା ପିଲାମାନଙ୍କ ପାଖରେ କିଛି ବାଧ୍ୟବାଧକତା ଥାଇପାରେ। ସେଥିପାଇଁ ସେମାନେ ହୁଏତ ମୋ ପରି ଖାଣ୍ଟି ମିଛୁଆ ବନିଯାଇ ଭୁଲାଇ ଦେଉଥିବେ ତାଙ୍କର ବାପା ମା'ମାନଙ୍କୁ।

ଦିନର ଆରମ୍ଭରେ ବୋଉକୁ ତା'ର କିଛି କଳ୍ପିତ ସ୍ୱପ୍ନର ଅବତାରଣା କଲାବେଳେ ମୁଁ ଆଦୌ ବିଚଳିତ ଅନୁଭବ କରେନି; ବରଂ କିଛିଟା ତୃପ୍ତି ପାଏ। ମୋ କଥାକୁ ସତ ଭାବିନେଇ, ମତେ ଅଧିକ ଭଲରେ ରଖିବା ପାଇଁ ସେ ନିଶ୍ଚୟ ଭଗବାନଙ୍କୁ ପ୍ରାର୍ଥନା କରୁଥିବ। ସେଥିପାଇଁ ମୋର ସଂସାରର ମିଛ ଛବିଟିଏ ଅବତାରଣା କରିବାକୁ ମତେ ଆଦୌ ଦୁଃଖ ଲାଗେନି; କିନ୍ତୁ କେଜାଣି କାହିଁକି, ଏସବୁ କହିସାରିଲା ପରେ, ମୁଁ ଖୁବ୍ ହାଲିଆ ହୋଇଯାଏ। ଦୀର୍ଘଶ୍ୱାସ ନିଏ ବାରମ୍ବାର। କିଛି ସମୟ ଆଖିବୁଜି ବସିରହେ।

ସୁଜାତା ଆରାମରେ ଶୋଇଥାଏ। ଗତ ରାତିର ବିଳମ୍ବିତ ନିଦ୍ରାଯୋଗୁ, ନିବୁଜ ଆଖିର ଆଢୁଆଳରେ, ଗଡ଼ି ଯାଉଥାଏ, ସକାଳର ସୁନ୍ଦର ସମୟ।

ସକାଳୁ ମୋର ଚା' ପିଇବାକୁ ଇଚ୍ଛାହୁଏ। ହେଲେ ସୁଜାତାକୁ ନିଦରୁ ଉଠାଇ, କହିବାର ଶକ୍ତି, ମୋ ପାଖରେ ନଥାଏ। କେବେକେବେ ଇଚ୍ଛାହେଲେ ନିଜେ ଚା' ତିଆରି କରେ, ନ ହେଲେ ଉଷୁମ ପାଣି ପିଇଦେଇ, କାମ ଚଳାଇଦିଏ। ଲାପ୍‌ଟପ୍‌କୁ ଧରି ଆରପଟ ବାଲ୍କୋନିକୁ ଚାଲିଯାଏ। ଅଭ୍ୟସ୍ତ ଆଙ୍ଗୁଳିକୁ ବିନା କାମରେ କଷ୍ଟଦିଏ। ସକାଳଟା ମୋ ପାଇଁ ଯେମିତି କଟୁ ପଛେ, ତା'କୁ ଉଠାଇ ସାରା ଦିନକୁ ନଷ୍ଟ କରି ଦେବାକୁ ଇଚ୍ଛା ହୁଏନା। ପଛପଟେ ରହୁଥିବା ଅଜଣା ଲୋକର ରୋଷେଇ ଘରୁ ଭାସି ଆସୁଥିବା ଶବ୍ଦକୁ ଶୁଣି, ସ୍ୱପ୍ନ ଦେଖେ। ବୋଉକୁ କିଛି ସମୟ ଆଗରୁ କହିଥିବା ଅବାସ୍ତବ ଶବ୍ଦମାନଙ୍କୁ, ସେମାନଙ୍କ ସଂସାର ଭିତରେ ଅନୁଭବେଇ ନିଏ।

ମୋର ବିବାହ ପରଠାରୁ ମୁଁ ରନ୍ଧାରନ୍ଧି ପ୍ରାୟ ଶିଖି ଗଲିଣି। ଚା' ବନେଇବା, ଅଣ୍ଡା ଆମ୍‌ଲେଟ୍ କରିବା, ପାଉଁରୁଟି ଟୋସ୍ କରିବା, ମାଗି ବନେଇବା ଆଦି, ମୋ ପାଇଁ ଏକ ସାଧାରଣ କାମ। ନିଜେ ବନାଇବା ସହ ସୁଜାତା ପାଇଁ ରଖିଦେବାର ଆଦର୍ଶ କାମକୁ ବି ଆପଣେଇ ନେଲିଣି। ମୋ ପରି ଆଜିକାଲି ସବୁ ପିଲାମାନେ ବି ଆଦର୍ଶ ପତି ବନିଯିବାରେ, କିମ୍ବା ଘରୋଇ କାମ କରିବାରେ କିଛି ଦ୍ୱିଧା କରୁନାହାନ୍ତି। ସେମାନେ ବି ମୋ ପରି ଏ ସବୁକୁ ସହ୍ୟ କରିପାରୁ ନଥିବା ମା'ମାନଙ୍କୁ ମିଛକଥା କହିବାର ପରମ୍ପରାକୁ ଗ୍ରହଣ କରିନେଲେଣି। ମୁଁ ଜାଣେ, ସୁଜାତାକୁ ରବିବାରରେ ଖାଲି ବିଶ୍ରାମ ଦରକାର। ଅନ୍ୟ ଦିନମାନଙ୍କରେ ଅଫିସ୍‌ରେ ତ ଗଧ ଖଟଣି। ତା' ସଙ୍ଗେ, ଉପରିସ୍ଥ ଅଫିସରମାନଙ୍କ ନକାରାତ୍ମକ ଧମକ ଶୁଣି ଶୁଣି ଜୀବନଟା

ବିପର୍ଯ୍ୟସ୍ତ ହୋଇଯାଏ। ଛୁଟିଦିନରେ ସ୍ୱାମୀଙ୍କର ପଦେ କଥା ଶୁଣିବାର ମାନସିକ ପ୍ରସ୍ତୁତି ତା'ର ନଥାଏ। ମୋର ବି ଅଫିସ୍‌ରେ କିଛି ସମସ୍ୟା ଥାଇପାରେ, ତାହା ଶୁଣିବାର ଆବଶ୍ୟକତା ତା' ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ। ତା' ମତରେ ନିଜର ସମସ୍ୟା ନିଜ ପାଇଁ, ତା'ର ସମାଧାନ ନିଜେ କରିବା ଉଚିତ୍। କାହାକୁ ଶୁଣାଇ ଅଯଥା ଭାରାକ୍ରାନ୍ତ କରିବା ଠିକ୍ ନୁହେଁ।

ବୋଉକୁ କିପରି କହିପାରିବି, ଆଜି ଦୁନିଆର ଏସବୁ ମାନସିକତା କଥା। ତା'ର ସଂସ୍କାର ତ, ଅଲଗା ଭାବନାରେ ଗଢ଼ା। ସେ କଣ ଆଜିର ଏ ବଦଳି ଯାଉଥିବା ପରିବାରର ସମସ୍ୟାକୁ ବୁଝିପାରିବ ? ତା' ଦୃଷ୍ଟିରେ ପରିବାରର ଚିତ୍ର ଯେପରି ହେବା କଥା, ତା' ଠାରୁ ଅନେକ ଦୂରକୁ ଆମେ ଚାଲିଗଲୁଣି। ତା'ର ପୁଅ ପାଠପଢ଼ି ଚାକିରି କରିଛି, ସୁନ୍ଦର, ରୋଜଗାରକ୍ଷମ ବୋହୂ ପାଇଛି, ଆଉ କ'ଣ ଦରକାର। ତା'ର କର୍ତ୍ତବ୍ୟ ଠିକ୍ ଭାବରେ କରିପାରିଥିବାରୁ, ସେ ସାନ୍ତ୍ୱନା ପାଉଥିବ। ବାପା ଥିଲେ ଆଉ କ'ଣ ଅଧିକ କରିଥାଆନ୍ତେ କି ? ଆମର ସୁଖ ଦେଖିଲେ ସେ ଖୁସି। ତାହା ହିଁ ତା'ର ଶେଷ ଜୀବନର ଆଶା। ସେଥିପାଇଁ, ଗୁଡାଏ ସ୍ୱପ୍ନ ରାଜ୍ୟରେ ମୋର ମଧ୍ୟବିତ୍ତ ଭାବନାକୁ ଘୁରାଇ ଆଣି, ତା'କୁ ମିଛ କାହାଣୀଟିଏ ଶୁଣାଇ ଶାନ୍ତି ଦିଏ। ବୋଧହୁଏ ସେଥିପାଇଁ ମୁଁ ଆଦୌ ଅପ୍ରସ୍ତୁତ ହୁଏନା। ମୋର ଆତ୍ମାପୁରୁଷ ବାଧା ଦିଏନା।

ମୁଁ ପାଖଘରର ରୋଷେଇଘରୁ ଭାସି ଆସୁଥିବା ବାସ୍ନାକୁ ମନଭରି ଆଘ୍ରାଣକରି, ଫେରିଆସେ। କେବେକେବେ ପାଉଁରୁଟି ଖଣ୍ଡେ ଆଣି, ନିଜେ ତିଆରି କରିଥିବା ଚା' ସଙ୍ଗେ ପିଇଲା ବେଳେ ପୁଣି ସ୍ୱପ୍ନ ଦେଖେ।

ସୁଜାତା ବାଥ୍‌ରୁମ୍‌ରୁ ଫ୍ରେସ ହୋଇ ବାହାରିଆସେ। ଥର୍ମୋଫ୍ଲାସ୍‌ରୁ ଚା' ଢାଳି ପିଉ ପିଉ ମୋ ଆଡ଼କୁ ଚାହେଁ। ଚଉକି ଉପରେ ଆଉଜି ପଡ଼ି କହେ, "ଆଜି ହାଇଦରାବାଦ ରେସ୍ତୋରାଁ ଯିବା ସଞ୍ଜୀବ୍। ବିରିଆନି ଖାଇବା। କିଛି ନୂଆ ରିଲିଜ୍ ହୋଇଥିବା ସିନେମା ଦେଖିବା, ପ୍ଲେଜାଣ୍ଟ ମଲ୍‌ରେ। ଫେରିଲାବେଳେ ସେଠୁ ଫୁଡ୍ ପ୍ୟାକିଂ ନେଇ ଆସିବା। ଏ ରୋଷେଇ ଫୋଷେଇ ମତେ ଭଲ ଲାଗୁନି। ରବିବାର ଦିନ ନୋ ୱାର୍କ, ନୋ ଇଣ୍ଟରଫିଅରାନ୍ସ।"

ମୋର ଗୋଟେ ଦିନ ଆନନ୍ଦରେ ଘର ଖାଦ୍ୟ ଖାଇବାର ଆଶା ମଉଳିଯାଏ। ତା' ଆଗରେ କିଛି କହିବାର ସାହସ ମୋର ନ ଥାଏ। ଛୁଟି ଦିନର ପରିବେଶକୁ ବଦଳାଇ ଦେବାକୁ ଭୟ ଲାଗେ।

ସୁଜାତା ଘର ଭିତରକୁ ଚାଲିଯାଏ। ମୁଁ ମୋର ପୃଥୁଳକାୟ ଶରୀର ଆଡ଼କୁ ଚାହିଁ

> ସ୍ୱାମୀମାନେ ଏକ ମନପସନ୍ଦର ବନ୍ଧୁ। ମନ ନ ପାଇଲେ, କେତେବେଳେ ବନ୍ଧୁତ୍ୱ ଭାଙ୍ଗିଯିବାରେ ଅସୁବିଧା କେଉଁଠି? ଏଭଳି ମାନସିକତାରେ ମୋର ସମ୍ମତି ନଥିଲେ ବି, ତର୍କକୁ ମୁଁ ଭାରି ଭୟକରେ। ସେ କିଛି କାମ କରିବାକୁ ମୋର ମତାମତ ନେବା ଆବଶ୍ୟକ ମନେକରେନି। ତା'ର ଅନ୍ୟ ବନ୍ଧୁଙ୍କ ସଙ୍ଗେ ପାର୍ଟି କରେ, ବୁଲିଯାଏ। ମୁଁ କେବଳ ସୂଚନା ହିଁ ପାଇଥାଏ। ସଦାବେଳେ ମୋର ମତାମତ ନେଲେ ସେ ନିଜକୁ ନ୍ୟୂନ ମନେକରେ। କିଛି ଆପତ୍ତି କଲେ, ସେ ଆଦୌ ଗୁରୁତ୍ୱ ଦିଏନି।

ସ୍ୱଗତୋକ୍ତି କରେ। ବୋଉ ସାଙ୍ଗେ ମନେମନେ କଥାହୁଏ। ସତକଥା ବାହାରି ଆସେ, ମନ ଭିତରୁ। ନିରବରେ ଆକାଶକୁ ଚାହିଁ କହେ, "ସତରେ ବୋଉ ଏସବୁ ମତେ ଆଦୌ ଭଲ ଲାଗୁନି। ଆଦର୍ଶ ପରିବାରର ଯେଉଁ ଛବିଟା, ମୋ ମନରେ ପିଲାଦିନୁ ବସା ବାନ୍ଧିଛି, ତା'କୁ ବଦଳାଇ ପାରୁନି। ପତ୍ନୀମାନଙ୍କର ପୁରୁଣା ରୂପ, ମୋ ମନରେ ଅଲିଭା ହୋଇ ରହିଯାଇଛି।"

ମୁଁ ବି ଅଫିସ୍‌ରେ ଖୁବ୍ ପରିଶ୍ରମ କରେ। ନିଜର ପାରିଲାପଣିଆକୁ ବଢ଼ାଇବାକୁ ଯାଇ ଅନ୍ୟମାନଙ୍କର ଆକ୍ରୋଶର ଶିକାର ହୁଏ, ଗାଳି ଶୁଣେ। ସେ'ସବୁକୁ ହଜମ କରିବାକୁ ଚେଷ୍ଟାକରେ। ନିଜର ସମସ୍ତ ଦ୍ୱିଧା, ଅସୁବିଧାକୁ କହିବାକୁ ଲୋକଟିଏ ପାଏନା। ସୁଜାତାକୁ କିଛି କହିବାକୁ ଆଗ୍ରହ ଆସେନା। ତା' କଥା ଅନୁସାରେ ନିଜର ସମସ୍ୟା ନିଜ ପାଖରେ ରଖିଦିଏ। ହେଲେ ତା'ର ଏସବୁ ଫିଲୋସଫିରେ, ମୋର ସମ୍ମତି ନଥାଏ। ପରସ୍ପର କଥା ଶୁଣିଲେ ତ କଷ୍ଟ କିଛି ପରିମାଣରେ ଲାଘବ ହୁଏ ନା? ଏମିତି କାହିଁକି ଘଟି ପାରେନା ଆମ ପାଇଁ ? ରାତିରେ ଯେତେ ଡେରିହେଉ ପଛେ, ଆମେ ସାଙ୍ଗହୋଇ ଫେରନ୍ତୁ। ଘରେ କିଛି ସମୟ ଏକାଠି ବସି ଦୁଃଖ ସୁଖ ବାଣ୍ଟନ୍ତୁ। ପରସ୍ପରକୁ ସମବେଦନା ଜଣାନ୍ତୁ। ମନଭରି କାହାକୁ ଗାଳି କରନ୍ତୁ କିମ୍ବା ପ୍ରଶଂସା କରନ୍ତୁ। ରାନ୍ଧିବାକୁ ଇଚ୍ଛା ନହେଲେ ପାଉଁରୁଟି ଦି'ଟାରେ ଚଳେଇଦେଇ ଶୋଇପଡ଼ନ୍ତୁ। କାହିଁକି ଏସବୁ ହୋଇ ପାରେନି? କାହିଁକି ମତେ ମିଛ କହିବାକୁ ପଡ଼େ ବୋଉ ଆଗରେ। ମୋ ପରି ଆଜିକାଲି ଅଧିକାଂଶ ପିଲା, ସେମାନଙ୍କ ବାପା ମା'ମାନଙ୍କୁ ଶାନ୍ତିରେ ଶୁଆଇ ଦେବା ପାଇଁ ମିଛୁଆ ହୋଇଗଲେଣି। ବେଳେବେଳେ କାହା ଜୀବନଟା କେତେ ଓଜନଦାର୍ ସେ ବିଷୟରେ ଆମେ ବନ୍ଧୁମାନଙ୍କ ଭିତରେ ବି କଥା ହୋଇ ପାରୁନା। ମନ ଭିତରେ ଚପାଇ ରଖି, ସମସ୍ତେ ପ୍ରହସନ କରୁଥାଉ। ବିଗତ

ଦିନମାନଙ୍କୁ ନିରୀହ ଭାବରେ ଝୁରି ହେଉଥାଉ । ଏ ସବୁ ଆଧୁନିକ ଜୀବନ ଫମ୍ପା ଲାଗେ । ହେଲେ ସିଆଡ଼କୁ ଫେରିଯିବା ପାଇଁ କାହାର ଇଚ୍ଛା ନ ଥାଏ । ଜାଣି ଜାଣି ଆମେ ଏକ ଅସ୍ଥିର ଦୋଳାୟମାନ ରାସ୍ତାରେ ଝୁଲୁଥାଉ, ଆଉ ଝୁଲିବାର ଆନନ୍ଦକୁ, ଅନ୍ୟକୁ ଦେଖାଇ ଅଭିନୟ କରୁ ।

ବାହାଘର ଆଗରୁ, ଚକ୍‌ଚକ୍ ଦେଖା ଯାଉଥିବା ସ୍ମାର୍ଟ ଝିଅମାନେ ଭାରି ଭଲଲାଗନ୍ତି; କିନ୍ତୁ ପ୍ରକୃତ ଜୀବନ ବିତାଇଲା ବେଳକୁ ସବୁ ବଦଳିଯାଏ । କେବେକେବେ ସୁନାର ସଂସାର ଦେଖିଥିବା ଛବିଟା ଫିକା ପଡ଼ିଯାଏ । କେବଳ ଯୁକ୍ତିତର୍କ ଆଉ ଝଗଡ଼ାରେ ଦିନକଟେ । ବୁଝାମଣା ହୋଇ ପାରେନା । ନିଜ ସଂସାର ଗଢ଼ିବା ଆମ ପାଇଁ ଯେତେ ସହଜ, ତା'ଠାରୁ ଆହୁରି ସହଜରେ ଭାଙ୍ଗି ହୋଇଯାଏ, ଏକ କଣ୍ଢେଇ ଖେଳର ସଂସାର ପରି । ଏତେ ପାଠପଢ଼ି ବି କେହି ତ୍ୟାଗ କରିବାକୁ ପ୍ରସ୍ତୁତ ହୋଇ ପାରନ୍ତିନି । ସମସ୍ତଙ୍କର କେବଳ ଆତ୍ମସମ୍ମାନ ଦରକାର । ସ୍ୱାଧୀନତା ଦରକାର । ସବୁକଥା କାହା ଆଗରେ କହିଦେବାର ଶକ୍ତି ମୋର ନାହିଁ । ସେଥିପାଇଁ ନିଜ ଆଗରେ ନିରବରେ କହି ସାନ୍ତ୍ୱନା ପାଉଛି । ସୁଜାତା ପାଇଁ ମୁଁ ଏକ ବିଶେଷ ଧରଣର ବନ୍ଧୁ ବନିଯାଇଛି । ସେଥିପାଇଁ ମୋର କିଛି ଅଧିକାର ସାବ୍ୟସ୍ତ କରିବାଟା ସେ ପସନ୍ଦ କରିପାରୁନି । ସ୍ୱାମୀମାନେ ଏକ ମନପସନ୍ଦର ବନ୍ଧୁ । ମନ ନ ପାଇଲେ, କେତେବେଳେ ବନ୍ଧୁତ୍ୱ ଭାଙ୍ଗିଯିବାରେ ଅସୁବିଧା କେଉଁଠି? ଏଭଳି ମାନସିକତାରେ ମୋର ସମ୍ମତି ନଥିଲେ ବି, ତର୍କକୁ ମୁଁ ଭାରି ଭୟକରେ । ସେ କିଛି କାମ କରିବାକୁ ମୋର ମତାମତ ନେବା ଆବଶ୍ୟକ ମନେକରେନି । ତା'ର ଅନ୍ୟ ବନ୍ଧୁଙ୍କ ସଙ୍ଗେ ପାର୍ଟି କରେ, ବୁଲିଯାଏ । ମୁଁ କେବଳ ସୂଚନା ହିଁ ପାଇଥାଏ । ସଦାବେଳେ ମୋର ମତାମତ ନେଲେ ସେ ନିଜକୁ ନ୍ୟୁନ ମନେକରେ । କିଛି ଆପତ୍ତି କଲେ, ସେ ଆଦୌ ଗୁରୁତ୍ୱ ଦିଏନି । ପ୍ରଶ୍ନକଲେ, ସ୍ୱାଧୀନତାରେ ହସ୍ତକ୍ଷେପ କରିବାର ଆରୋପ ଲଗାଏ । ଅନ୍ୟ ବନ୍ଧୁମାନଙ୍କର ଉଦାହରଣ ଦିଏ । ବିବାହ ପୂର୍ବରୁ ଏସବୁ ଭାବିନେବା ଉଚିତ୍ ଥିଲା ବୋଲି କହେ । ଜୀବନକୁ କେବଳ ଉପଭୋଗ କରିବାର ମାନସିକତା ଯେଉଁମାନଙ୍କର ଥାଏ, କିଛି ବି ସମସ୍ୟା ଆସିଲେ ସେମାନେ ଖସିଯିବାର ବାଟ ଖୋଜନ୍ତି । ସେଥିରେ ସୁଜାତାର ଖାଲି ଦୋଷ ନୁହେଁ, ମୋ ପରି ଉଚ୍ଚ ଆକାଂକ୍ଷା ରଖୁଥିବା, ଆଧୁନିକତାର ଚାକଚକ୍ୟକୁ ଆପଣେଇ ନେଉଥିବା ସବୁ ପୁଅ, ଝିଅମାନେ ହିଁ ଦାୟୀ । ପରବର୍ତ୍ତୀ ସମୟରେ ନିଜକୁ ଖସାଇଦେଇ, ଆଉ ଜଣକ ଉପରେ ଆରୋପ କରିବାର ମାନେ କିଛି ନ ଥାଏ ।

ବୋଉ, ଅନେକ ସମୟରେ ଇଚ୍ଛା ହେଉଛି ତତେ ଆଣି ପାଖରେ ରଖିବା ପାଇଁ । ତୁ'ତ ଏକୁଟିଆ ଗାଁରେ ଅଛୁ । ବାପା ଚାଲିଗଲା ପରେ ଭାରି ଅସହାୟ ଲାଗୁଥିବ ତତେ । ମୁଁ ଜାଣେ, କେତେ ସ୍ୱପ୍ନ ଦେଖିଥିଲୁ ତୁ ମୋ ବିଷୟରେ । ସବୁଦିନ ନ ହେଲେ ବି କିଛିଦିନ ପୁଅ ବୋହୂଙ୍କ ପାଖରେ କଟାଇବାର ଆବେଗ, ତୋର ଥିବ । ମୁଁ ସେ ସବୁ ବୁଝି ବି ଅବୁଝା ହୋଇଯାଉଛି । ସତ କହିବାକୁ ଗଲେ, ତୋର ଧାରଣା ବଦଳାଇ ଦେବାର ଇଚ୍ଛା ମୋର ନାହିଁ । ବିବାହ ବିଷୟରେ ତୋ' କଥା ନ ଶୁଣି ମୁଁ ଠିକ୍ କରିଛି ନା ନାହିଁ, ସେକଥା ଅଯଥାରେ ଭାବିବାକୁ ଇଚ୍ଛା ନାହିଁ । ହୁଏତ ଏ ଦୁଃଖରୁ ସେ ଦୁଃଖ ବଳି ପଡ଼ିଥାଆନ୍ତା । ସେତେବେଳେ ତୁ ତ ଦୋଷୀ ବନିଯାଇ ଥାଆନ୍ତୁ; ବରଂ ସବୁ କଥା ମୋ ମୁଣ୍ଡ ଉପରେ ଲଦିଦେଇ, ମୁଁ ନିଜ ସହିତ ବୁଝାମଣା କରୁଛି । ଏପରି ସହରରେ, ଉଚ୍ଚା ଦରରେ ଘରଭଡ଼ା ନେଇ ଚଳିବା ଭାରି କଷ୍ଟ । ଭିତରେ ଯାହା ଥାଉ, ଉପରକୁ ଚକ୍ ଚକ୍ ଦେଖାଗଲେ ସମ୍ମାନ ରହିଥିବ । ସାଙ୍ଗମାନଙ୍କ ସହିତ ତାଳଦେଇ ଚଳିବାକୁ ପଡ଼ିବ । ମଲ୍ ମଲ୍ଟିପ୍ଲେସ, ହୋଟେଲ୍, ପାର୍ଟି ଆଦି ନ ଗଲେ ହୀନମନ୍ୟତା ବଢ଼ିବ । ଆଜିର ସବୁ ଯୁବପିଢ଼ିଙ୍କର ଅବସ୍ଥା ସେମିତି । ସବୁ ବୁଝି ବି ଅବୁଝା ହେବା ତାଙ୍କର ଚରିତ୍ର ହୋଇଗଲାଣି । ବାହାରୁ ଦେଖିଲେ ଜୀବନରେ ମସ୍‌ଗୁଲ୍ ଥିଲା ପରି ଲାଗନ୍ତି, ଭିତରେ କିନ୍ତୁ, ଫୁଟ୍‌ବଲ୍‌ର ପେଟପରି ଫମ୍ପା । ସମସ୍ତଙ୍କ ଉପରେ ଗୋଟେ ମିଛର ଆବରଣ । ଦୁଃଖକୁ ଚାପିରଖି ଉପରେ ଦାନ୍ତ ଦେଖାନ୍ତି । ଲୁଚି ରହିଥିବା ବିଷାଦ ଭିତରେ ବି ହାପି ମ୍ୟାରେଜ୍ ଆନିଭରସାରି ପାଳନ କରନ୍ତି, ଜନ୍ମଦିନ ପାଳନ କରନ୍ତି, କକ୍‌ଟେଲ୍ ପାର୍ଟି ଦିଅନ୍ତି ।

ତୁ ବୁଝି ପାରିବୁନି ବୋଉ । ତୋ' ପରି ପୁରୁଣା କାଳିଆ ଲୋକମାନଙ୍କର ସୁଖର ସଂଜ୍ଞା ଆମଠାରୁ ଅଲଗା । ସ୍ନେହ, ମମତା, ବିଶ୍ୱାସ, ତ୍ୟାଗ, ଏସବୁ ବଜାରର ଶୁଖା ପରିବା ପରି, ଅଲୋଡ଼ା ହୋଇଯାଇଛି । ସେ ସବୁ ସହିତ ଆମକୁ ବଞ୍ଚିବାକୁ ପଡ଼ିବ । ଗୁଡ଼ାଏ ଟଙ୍କା ରୋଜଗାର କରି ଅୟସରେ ଜୀବନ ବିତାଉ ଥିବା ଆମ ପରି ଲୋକଙ୍କ ଜୀବନ ଏକ ଭସାବାଦଲ ପରି । ସତକଥା କହିବାକୁ ଗଲେ, ମୋର ବି ଧାରଣା ତମମାନଙ୍କ ପରି ଥିଲା । ଏବେ ପାଖକୁ ଆସି ଅସଲ ଛବିକୁ ଅନୁଭବ କରୁଛି । ଅୟସ ଅଛି, କିନ୍ତୁ ଜୀବନ ନାହିଁ । ମୋ ଜୀବନଟା ବି ଗୋଟେ ମେସିନ ପରି ହୋଇଯାଇଛି ।

ସତ କହିଲେ, ନେସନାଲ, ମଲ୍ଟି ନେସନାଲ କମ୍ପାନୀମାନେ କେବଳ ଗୁଡ଼ାଏ ସ୍ୱପ୍ନ ବିକ୍ରି ଦିଅନ୍ତି । କିଏ ବିଦେଶ ଯାଏ ତ କିଏ ଦେଶରେ ଥାଇ ବାହାଦୁରି ମାରେ । ବିଦେଶର ଛବିରେ ବାପା ମା'ମାନେ ବି ଉଲ୍ଲସିତ ହୋଇ ଯାଆନ୍ତି । ଥରେ ପିଲାଙ୍କ ଟଙ୍କା ବିନିମୟରେ, ସ୍ୱପ୍ନ ନ ଦେଖିଥିବା ବିଦେଶୀ ସହର ବୁଲିଆସି ଅନ୍ୟମାନଙ୍କ ଆଗରେ ବାହାଦୁରି ଦେଖାନ୍ତି ସିନା, ଆମର ଜୀବନଯାତ୍ରାକୁ ଆଦୌ ବୁଝି ପାରନ୍ତିନି । ଆମର ଦୁଃଖ ତାଙ୍କୁ ଦେଖାଯାଏନି । ଛାଡ଼ ସେକଥା, ଏ ସବୁ ସଂସ୍ଥା ଗୋଟେ ଗୋଟେ ରକ୍ତ ଶୋଷି ନେଉଥିବା ଅସୁର । କାହାର ଭଲ, ମନ୍ଦ, ଦୁଃଖ, ସୁଖ ସହିତ ଏମାନେ ଭାଗୀଦାର ନୁହନ୍ତି । କାମ ଭଲ ତ

ତମେ ଭଲ। ନ ହେଲେ ବିନା ଦୟା ମାୟାରେ, ପଛପଟ ବାଟ ଦେଖାଇ ଦେବାରେ କୁଣ୍ଠା ଅନୁଭବ କରନ୍ତିନି। କାମ କେତେ ସମୟ କରିବ ତା'ର ଠିକଣା ନ ଥାଏ। ଛୁଟି କଥା ତ ଛାଡ଼। ଆମେ ସବୁ ବାପା ମା'ମାନଙ୍କର କୁଳାଙ୍ଗାର ସନ୍ତାନ। ଅନେକ ଆରୋପ ଆମ ନାଁରେ, ହେଲେ ଅସଲ ଦୁଃଖ ବୁଝିବାକୁ କେହି ନାହିଁ। ଆମର ଅସଜଡ଼ା ପରିବାରକୁ ଦେଖି କେଉଁ ବାପା ମା' ରହିପାରିବେ? ସେମାନଙ୍କୁ ସମବେଦନା ଜଣାଇବା ଛଡ଼ା, ଆଉ କିଛି ନ ଥାଏ ଆମ ପାଖରେ। ସମସ୍ତଙ୍କ ଦୀର୍ଘଶ୍ୱାସକୁ, ସବୁ ଆଇନକୁ, ଆମେ ଗ୍ରହଣ କରି ନେଉଛୁ। ନା ଘରକୁ ଯାଇ ହେଉଛି, ନା କିଛି କର୍ତ୍ତବ୍ୟ କରିହେଉଛି।

ତୁ ହୁଏତ ମନେମନେ ଭାବୁଥିବୁ, ଆମ ପାଖରେ ରହିବାରେ ଅସୁବିଧା କ'ଣ ? ତୋ ମନରେ ଏ ପରିବର୍ତ୍ତିତ ହୋଇ ଯାଇଥିବା ସଂସାରର ଛବି ଆଦୌ ଆସୁ ନ ଥିବ। ଏବେକାର ପିଲାମାନଙ୍କର ସତ୍ୟକୁ ସାମ୍ନା କରି ନ ପାରିବାର ନିରୀହତା ବି ତୋର କଳ୍ପନା ବାହାରେ ରହିଥିବ। କିଛି ନ ମାନି କିମ୍ବା ଉପାୟହୀନ ହୋଇ, ଯିଏ ବି ଆସନ୍ତି, ତାଙ୍କର ଅନ୍ତରର ବିଳାପକୁ ଭିତରେ ରଖି ଅସ୍ଥିର ଅନୁଭବ କରନ୍ତି କିମ୍ବା ଭାଗ୍ୟକୁ ଦୋଷ ଦେଉଥାଆନ୍ତି। କେହିକେହି ଯଥା ଶୀଘ୍ର ପୈତୃକ ଜାଗାକୁ ଚାଲିଯିବାକୁ ବାଟ ଖୋଜନ୍ତି। ସେଠିକାର କଷ୍ଟଠୁ ଏଠି ରହିବାର ଦୁଃଖ ଅଧିକ ହୋଇଯାଏ। ମୋ ପରି ପରିବାର କରିଥିବା ପିଲାମାନେ କେମିତି ସନ୍ତୁଷ୍ଟ କରି ପାରିବେ ତମମାନଙ୍କୁ। ସେବା କରିବା ତ ଦୂରକଥା, ରାନ୍ଧିବାଢ଼ି ଖାଇବାକୁ ଦେବାପାଇଁ ବି ସମୟ ଦରକାର। ଭଲରେ ବସି କିଛି ସମୟ ଅତିବାହିତ କରିବାର ଇଚ୍ଛା ଥିଲେବି, ସମ୍ଭବ ହୋଇ ପାରେନା। ଏ ସବୁ ଦେଖି ହୁଏନା କି କିଛି କରି ହୁଏନା। ତମେ ବରଂ ଦୂରରେ ରହି ଭଲରେ ଥାଅ। ଏହାର କିଛି ସମାଧାନ ନାହିଁ ବୋଉ, ବରଂ ସବୁକିଛି ଗ୍ରହଣ କରିନେବା ଭଲ। ଆଜିକାଲି ଟଙ୍କା ହିଁ ସବୁଠୁ ବଡ଼। ତା'କୁ ନେଇ ଆମ ସଂସାର। ତା'କୁ ଦେଖି ହିଁ ଆମର ଜୀବନ ସାଥୀର ସଂଯୋଗ। ସେ ସବୁ ଚାଲିଗଲେ, ଏମିତି ସ୍ୱାର୍ଥପର ପରିବାରଟି ଭାଙ୍ଗି ଯିବାକୁ କେତେ ସମୟ ? ସ୍ତ୍ରୀ ଆଉ ସ୍ୱାମୀର ସଂଜ୍ଞା ବଦଳି ଯାଇଛି ଆଜିର ରାମାୟଣରେ। ସବୁ କ୍ଷେତ୍ରରେ ଖାଲି ସର୍ତ୍ତ।

ହଁ, ଆଉ ଗୋଟେ ବଡ଼କଥା ବୋଉ। ତୁ ଶୁଣିଲେ ବିଶ୍ୱାସ କରି ପାରିବୁନି। ସନ୍ତାନ ଜନ୍ମ କରିବାକୁ ଆଜିର ପତ୍ନୀମାନଙ୍କୁ ବାଧ କରାଯାଇ ପାରିବନି। ତାହା ସମୟ ଦେଖି ପରସ୍ପର ସ୍ୱୀକୃତିରେ ହେବ। ସନ୍ତାନ ପ୍ରସବ ମାନେ ଯନ୍ତ୍ରଣା। ତେଣୁ ପିଲାମାନେ ଅନ୍ୟ ଉପାୟ ଆପଣେଇ ନେଲେଣି। ଅନାଥାଶ୍ରମଗୁଡ଼ିକରେ ନାହିଁ ନ ଥିବା ଭିଡ଼। ତମମାନଙ୍କ ପରି ପୁରୁଣା ଭାବନା ରଖିଥିବା ଲୋକଙ୍କୁ ଆମେ ଅପସଂସ୍କୃତିର ବାହକ ବୋଲି କହିବା ଆରମ୍ଭ କଲୁଣି। ଏ ସବୁ ଭିତରେ ଦୁଃଖ ତ ମିଳିବା ସ୍ୱାଭାବିକ। ଆଉ ତମମାନଙ୍କୁ ଖୁସି କରିବାକୁ ଆମେ ମିଛୁଆ ବନିଯିବା ବି ଥୟ।

> "କ୍ଷମା କରିବୁ ବୋଉ, ଯେଉଁ ସଂସାରରେ ପରସ୍ପର ସ୍ଥିତିର ଠିକଣା ନ ଥାଏ, ସେଥିରେ ତୋ'ର ସ୍ଥାନ ଆସିବ କେଉଁଠୁ? ତୁ, ତ ଆମ ପାଇଁ ଆଉ ଏକ ସମସ୍ୟା ବନିଯିବୁ। ତୁ ଯାହା ବୁଝିବା କଥା ବୁଝ୍। ଆମେ ଭଲରେ ରହିବା ପାଇଁ ତତେ ଅବହେଳା କରୁଛୁ ବୋଲି ତୋ'ର ଧାରଣା ଥାଉ। ଅନ୍ତତଃ ତୋ'ର ସେଇ ଭାବନା ଆଉ ମୋର ମିଛ ଉତ୍ତର ଭିତରେ ଆମର ସୁଖୀ ପରିବାରର ଚିତ୍ରଟିଏ ତୋ ମନରେ କେଉଁଠି ନା କେଉଁଠି ତ ଆସୁଥିବ।"

ବୋଉ, ସତ କହିଲେ ତତେ ପାଖରେ ରଖିବାକୁ ମୋର ଭାରି ଇଚ୍ଛା। ହେଲେ କ'ଣ କରିବି କହ? ମୋ ସାଙ୍ଗରେ ସୁଜାତାର ପରା କଣ୍ଡିସନ୍ ଯୋଡ଼ା ଯାଇଛି। ନିଜର ସ୍ୱାଧୀନ ଚେତନାରେ ସେ ବଞ୍ଚିବାକୁ ଚାହେଁ। ଏପରିକି ଅଫିସ୍ କାମରେ ଟୁର୍‌ରେ ଗଲେ କିମ୍ବା କୌଣସି କାମରେ ସେ ସମ୍ପର୍କ ରଖିଲେ, ମୁଁ କେବଳ ସୂଚନା ପାଇଥାଏ। ଇଚ୍ଛା ହେଲେ ଘରେ ରୋଷେଇ ହୁଏ, ନ ହେଲେ ହୋଟେଲ୍, ଇଣ୍ଟରନେଟ୍ ଜିନ୍ଦାବାଦ। ତୁ ଏଠାକୁ ଆସି କ'ଣ କରିବୁ କହତ? ସକାଳୁ ଉଠି ଦେଖିବୁ ଆମେ ଶୋଇଥିବୁ। ଶେଯରୁ ଉଠୁ ଉଠୁ, ଅଫିସ୍ ଯିବା ପାଇଁ ବ୍ୟସ୍ତ। ତୁ ନିଜେ ରାନ୍ଧି ଖାଇବୁ। ବଜାରକୁ ଯିବୁ ପରିବା ପାଇଁ। ଏଠିକାର ବାସି ପରିବାର ଦାମ୍ ଦେଖି ମୁଣ୍ଡରେ ହାତଦେବୁ। ମୁଁ କିଛି ଭଲରେ ଖାଇ ପାରୁନି ଭାବି ଦୁଃଖ ପାଇବୁ। ଆମ ପାଇଁ ରୋଷେଇ କରି ଫେରିବା ବାଟକୁ ଚାହିଁଥିବୁ, କେଜାଣି କେତେ ରାତିଯାଏ। ତୋ ମନରେ ଥିବା ଆଶା ମଉଳିଯିବ। ସୁଜାତା କାହାସଙ୍ଗେ ବିଳମ୍ବିତ ରାତିରେ ଫେରିଲେ, ତୁ ଅସ୍ୱସ୍ତି ଅନୁଭବ କରିବୁ। ମୋ କଥା ଛାଡ଼। କେତେବେଳେ ରାତି ବାରଟା ତ କେତେବେଳେ ଆହୁରି ଡେରି। ତୋ' ରଖିଥିବା ଖାଦ୍ୟ ଶୁଖିଯିବ। ତୋ'ର କଥାମାନେ ଅକୁହା ରହିଯିବେ। ମୁଁ ତତେ କିଛି କହିପାରୁ ନ ଥିବି, କି ତୁ ମତେ ବି। ଏମିତି କ'ଣ ବନିପାରେ ସୁଖି ପରିବାର? ସେଥିପାଇଁ ତ, ମୁଁ ମିଛୁଆଟିଏ ହିଁ ବନିଯାଇଛି।

ଶନିବାର, ରବିବାର ଆମ ପାଇଁ ଆନନ୍ଦର ଦିନ। ହେଲେ ତା'ର ପରିଭାଷା କେବଳ ବାହାରକୁ ଯିବା, ବୁଲିବା, ମଉଜ କରିବା ଭିତରେ ସୀମିତ। ରୋଷେଇବାସ କରି ଖାଇବା ଅନ୍ୟ ଏକ କଷ୍ଟଦାୟକ କାମ ନୁହେଁ କି ? କାହାର ଇଚ୍ଛା ଥିଲେ ଭଲ, ନ

ହେଲେ ସାଙ୍ଗ ସାଥୀର ଅଭାବ ନାହିଁ। ସେଇମାନଙ୍କୁ ନେଇ ତ ଜୀବନ। ମୁଁ ଜାଣେ ଆମର ପରିବାରର ସଂଜ୍ଞା କ'ଣ। ଭାରି କୋମଳ ସୂତାଖିଅରେ ଝୁଲୁଥାଏ ସମ୍ପର୍କ। ଆଜିକାଲି ବୟଫ୍ରେଣ୍ଡ, ଗାର୍ଲଫ୍ରେଣ୍ଡର ଅଭାବ ନାହିଁ। ତୁ ସେ ସବୁ ବୁଝି ପାରିବୁନି। ଆମେମାନେ ବି ଲିଭିଙ୍ଗ୍ ଇନ୍ ରିଲେସନରେ ଥିଲୁ ବୋଲି, ତୋ'ର ଜାଣିବା ଦରକାର ନଥିଲା। ତୋ ପରି ପୁରୁଣା କାଳିଆ ଲୋକେ ତାକୁ ଗ୍ରହଣ କରି ନ ଥାନ୍ତା। ଏ ସବୁ ବ୍ୟାପି ଗଲାଣି ଆଜିର ପିଢ଼ି ଭିତରେ। ଶୁଣିଲେ ତୋ ମୁଣ୍ଡ ବୁଲାଇଦେବ। ତୋ'ର, ମୋର ସଂସାର ଭିତରେ ଅନେକ ଫରକ। କେହିକେହି ଏହାକୁ ଜେନେରେସନ ଗ୍ୟାପ ବୋଲି କହିଲେଣି। ମୋ ପରି ପୁରୁଣା ସମାଜରୁ ବାହାରିଥିବା ଲୋକମାନେ ଖାଲି ଛଟପଟ ହେଉଥାଆନ୍ତି। ଏପଟର ହେଲେ ମଲୁ, ସେପଟର ହେଲେ ବି ମଲୁ।

ତତେ କେମିତି କହିବି ବୋଉ, ଆଜିକାଲି ସୁଜାତା ଭାରି ସହଜରେ, ଟିକେ କଥାରେ ଡିଭୋର୍ସର କଥା କହିଦେଉଛି। ସେଥି ପାଇଁ ତା ପାଇଁ କିଛି ସୃଷ୍ଟି ପ୍ରଳୟ ହୋଇଯିବନି। ସେ ମୋ ଭିତରେ କୁଆଡ଼େ ଆଜିକାଲି ଅସହିଷ୍ଣୁ ଭାବ ଦେଖିଲାଣି। ମୁଁ କିଛି କହିଲେ, ତାକୁ କର୍ତ୍ତୃତ୍ୱ ଜାହିର କରିବା ପରି ଲାଗୁଛି। ଟିକେ ରାଗିଗଲେ ସେ ଏତେ ବଡ଼ ସମସ୍ୟା ଠିଆ କରିଦେଉଛି। ମୋର ରାଗିବାର ବି ଅଧିକାର ନାହିଁ। କେତେଦିନ ଏମିତି ପ୍ରହସନ ଚାଲିଥିବ, ସୁଖୀ ସଂସାର ପାଇଁ ଆମେମାନେ ଅଭିନୟ କରି ଚାଲିଥିବୁ। କେତେଦିନ ବିଳମ୍ବିତ ରାତିରେ ମୁଁ କବାଟ ଖୋଲୁଥିବି।

ମୁଁ ପଲାଦିନେ ଦେଖିଥିଲି, ଟିକେ କଥାରେ ବାପା ତତେ ଗାଳି କରୁଥିଲେ। ତୋ ପାଇଁ ସେ ସବୁ ସାଧାରଣ କଥା ଥିଲା। ତୁ ସେ ସବୁକୁ ସାମୟିକ କଥା ଭାବି ଆଦୌ ଗୁରୁତ୍ୱ ଦେଉ ନ ଥିଲୁ। ସୁଜାତା କ'ଣ ଏପରି ପରିବାର ଦେଖି ନ ଥିବ ? ଏ ସବୁକୁ ଆମେ ପରିବର୍ତ୍ତନ କିମ୍ବା ସଂଶୋଧନ ବୋଲି କହି ସାରିଲୁଣି। ସତରେ କ'ଣ ପିଲାଦିନର ସଂସ୍କାର ଆମ ଭିତରୁ ଚାଲିଯାଇଛି ? ତେବେ ବେଳେବେଳେ ଏତେ କଷ୍ଟ ଲାଗୁଛି କାହିଁକି ? ମୋ ବିନା ସମ୍ମତିରେ ସେ କିଛି କଲେ, ମୋର ପୁରୁଷତ୍ୱ ଭିତରେ ବେଳେବେଳେ ବିସ୍ଫୋରଣ ହୁଏ କାହିଁକି ? ସେ ମତେ ଅର୍ଥୋଡକ୍ସ ବୋଲି କହେ। ଏପରି ସ୍ୱଭାବ ମୋ ଭିତରେ ଥିଲା ବୋଲି ଜାଣିଥିଲେ, ସେ କୁଆଡ଼େ ମତେ ଆଦୌ ବିବାହ କରି ନ ଥା'ନ୍ତା। ତା'ର ଅନ୍ୟ ଏକ ପୁରୁଷ ବନ୍ଧୁ କଥା ଚିନ୍ତା କରିଥାଆନ୍ତା।

ମୋ ପାଖରେ ରହି ପୁରୁଣା ବୟଫ୍ରେଣ୍ଡ ପାଖକୁ ଫୋନ କରିବାବେଳେ ମୁଁ ସାଧାରଣ ଭାବରେ ଗ୍ରହଣ କରିପାରେନା। ଏହାକୁ ସ୍ୱେଚ୍ଛାଚାରିତା ଭାବିନେବାରେ ଦୋଷ ରହିଲା କେଉଁଠି ? ସୁଜାତା ଅନେକଥର କହିଲାଣି, ଅଲଗା ହୋଇଯିବା ପାଇଁ। ମୁଁ କିନ୍ତୁ ଏପରି ଏକ ଗୁରୁତର ଚିନ୍ତାଧାରାରେ ସମ୍ମତି ଦେଇ ପାରେନା। ସେଥିପାଇଁ ଭିତରେ ଭିତରେ ସାଲିସ୍ କରିଚାଲେ। ନିଜର ଅସ୍ତିତ୍ୱକୁ ଆଜିର ସମସ୍ୟା ଭିତରେ ମାନିନିଏ। ଅଶାନ୍ତି ଯେପରି ଜୀବନର ଏକ ଅଂଶ। ଆଜି ଚାକିରି ଅଛି ତ କାଲିକୁ ନ ଥିବ। ଆଜି ପରିବାର ସହ ଏକାଠି ତ କାଲି ଆଉ କେଉଁଠି, ନିଜର ସ୍ଥାନ। ତା' ସହିତ ତମମାନଙ୍କ ସମସ୍ୟାକୁ, ଆକ୍ଷେପକୁ ମାନିବାକୁ ପଡ଼ିବ। ତୁ ଯାହା ଆଶାକରୁ ମୁଁ ବି ସେୟା ଚାହେଁ। କେହି କ'ଣ ପିତା, ମାତାଙ୍କୁ ଅସୁବିଧାରେ ରଖି ଶାନ୍ତି ପାଇଲାଣି ? ଜାଣେନା କୁଆଡ଼କୁ ଯାଉଛି ଏ ଦୁନିଆ। ତା'କୁ ତ ଗ୍ରହଣ କରିନେଲେ ହିଁ ବଞ୍ଚିହେବ। ତୁ ସେକଥା ବୁଝି ପାରିବୁନି। ତୁ ସେମିତି ଫୋନ୍ କରୁଥିବୁ, ମନରେ ଅପୂରଣୀୟ ଆଶା ରଖି, ମୋର ସୁଖ ମନାସି। ଆଉ ମୁଁ କୃତ୍ରିମ ହସଟିଏ ଫିଙ୍ଗିଦେଇ ମିଛ କହିଚାଲିଥିବି। ନିଜ ଆଣ୍ଠୁକୁ ଭିତରେ ରଖି ସାଲିସ୍ କରି ଚାଲିଥିବି। ତା'ର ପୁରୁଣା ବୟଫ୍ରେଣ୍ଡ ସଙ୍ଗେ ହାତ ମିଳାଇ ପ୍ରହସନ କରୁଥିବି। ଅଫିସର୍‌ର ଗାଳିଶୁଣି ନିଜେ ନିଜକୁ ସାନ୍ତ୍ୱନା ଦେଉଥିବି। ନିଦୁଆ ଆଖିକୁ ଅନିଚ୍ଛା ସତ୍ତ୍ୱେ ଖୋଲିଦେଇ, ଛୁଟିଦିନରେ ବି ଲାପ୍‌ଟପ୍ ଧରି କାମ କରି ଚାଲିଥିବି। ମାସ ଆରମ୍ଭରୁ କ୍ରେଡିଟ୍ କାର୍ଡର ଟଙ୍କା ଶୁଝିଦେଇ ଆଗାମୀ ଦିନର ଚିନ୍ତା କରି ଚାଲିଥିବି। ଘର ଭିତରେ ସୁଜାତା ସହିତ କାମ ବାଣ୍ଟିଦେଇ, କହୁଥିବି "ବୋଉ ଫୋନ୍ କରିଥିଲା, ତା'ର ନାତି, ନାତୁଣୀ ଦରକାର"। ସେ ମୁହଁ ବୁଲାଇଦେଇ ବାରମ୍ବାର ସେଇ କଥା କହୁଥିବ, "ତମର କ'ଣ ଯାଏ, କଷ୍ଟତ ମତେ କରିବାକୁ ହେବନା ? ମୁଁ ସୁବିଧା ଦେଖି ଚିନ୍ତା କରିବି। ଏବେ ଏନ୍‌ଜୟ କରିବାର ବେଳ।"

କ୍ଷମା କରିବୁ ବୋଉ, ଯେଉଁ ସଂସାରରେ ପରସ୍ପର ସ୍ଥିତିର ଠିକଣା ନ ଥାଏ, ସେଥିରେ ତୋ'ର ସ୍ଥାନ ଆସିବ କେଉଁଠୁ ? ତୁ, ତ ଆମ ପାଇଁ ଆଉ ଏକ ସମସ୍ୟା ବନିଯିବୁ। ତୁ ଯାହା ବୁଝିବା କଥା ବୁଝ୍। ଆମେ ଭଲରେ ରହିବା ପାଇଁ ତତେ ଅବହେଳା କରୁଛୁ ବୋଲି ତୋ'ର ଧାରଣା ଥାଉ। ଅନ୍ତତଃ ତୋ'ର ସେଇ ଭାବନା ଆଉ ମୋର ମିଛ ଉତ୍ତର ଭିତରେ ଆମର ସୁଖୀ ପରିବାରର ଚିତ୍ରଟିଏ ତୋ ମନରେ କେଉଁଠି ନା କେଉଁଠି ତ ଆସୁଥିବ।

ସତକଥା ହେଉଛି, ଆମେ ସମସ୍ତେ ଭିନ୍ନ ଭିନ୍ନ ଭାବନାରେ ଥାଇ ଥଳକୂଳ ପାଉନୁ। ଖୋଜି ଚାଲିଛୁ ଅନ୍ୟ ଏକ ପୃଥିବୀକୁ। ତା'ରି ଭିତରେ ମିଛଟା ବି ବେଳେବେଳେ ସତ ପରି ସ୍ୱପ୍ନ ଦେଖାଉଛି।

ଏମିତି ଚାଲିଥାଉ ପ୍ରହସନ କାରଣ ସତଟା ତ ଆମ ସମସ୍ତଙ୍କ ପାଇଁ ଅହିତକର।

■■■

ବଶିଷ୍ଠ, ୭/୨୦୧, ଦେବାଶ୍ରମ, କେସୁରା,
ଭୁବନେଶ୍ୱର-୭୫୧୦୦୨
ଦୂରଭାଷ : ୯୪୩୭୦୮୩୦୬୭

'ସମାଜ' ଓ ସତ୍ୟବାଦୀର ଶୁଭେଚ୍ଛା



ଅସହାୟ, ଦୁଃସ୍ଥ ଓ ନିପେଡ଼ିତ ଜନତାଙ୍କ ସେବାରେ 'ସମାଜ' ନିଜକୁ ଉତ୍ସର୍ଗୀକୃତ କରି ରଖିଛି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏହି ଅକ୍ଷୟକିର୍ତ୍ତୀକୁ 'ସମାଜ' ଅକ୍ଷୁର୍ଣ୍ଣ ରଖିଥିବାରୁ 'ସତ୍ୟବାଦୀ' ଓ 'ସମାଜ'ର ୧୦୫ତମ ସ୍ୱ-ନକ୍ଷତ୍ର ଉତ୍ସବ ଅବସରରେ 'ସମାଜ' ପରିବାରକୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

॥ ସୌଜନ୍ୟ ॥

ଉତ୍ତର ଘୁମୁସର ବନଖଣ୍ଡ

ଭଞ୍ଜନଗର, ଗଞ୍ଜାମ

With Best Compliment from

HI.TECH BOTTLING LTD.

JAYANTAPUR
SAMBALPUR

ଜୀବନର ଚିତ୍ରପଟ

କବିତା ବାରିକ

ଜୀବନକୁ ଆବେଗ ଭିଜାଇ ଦିଏ କୁଆଡ଼େ । ଏଭଳି ଭିଜିବା ବର୍ଷାରେ ଭିଜିବାଠୁ ବି ଆହୁରି ତୀବ୍ର । ଜୀବନରେ ଯଦି ଆବେଗ ନ ଥିବ, ଦୁଃଖସୁଖ, ପାଇବା ହରାଇବା ହେଉ କି ହସଲୁହ, ତମ ଭିତରେ ଭିଜିବା ପଣ ନ ରହିବ ତା'ହେଲେ ଜାଣିବ ତମର ଜୀବନରେ କିଛି ନା କିଛି ପାଇବାରେ, ହରାଇବାରେ ବାକି ରହିଗଲା । ଏସବୁ ନିରାଟ ସତ କଥା ତରୁଣ ଦାସ ନିଜ ଅନୁଭୂତି ଭିତରୁ ହିଁ ସାଉଁଟୁ ଥିଲେ ଆଉ ବୟସ ବଢ଼ିବା ସହିତ ଜୀବନକୁ ବୁଝିବାକୁ, ଜାଣିବାକୁ ଚେଷ୍ଟା କରୁଥିଲେ । ହେଲେ, ବୟସ ଯେତେ ପାକଳ ହେଉଥିଲା ଜୀବନର ଚିତ୍ରପଟ ସେତେ ପିଆଜର ଚୋପା ଖୋଲିଲା ଭଳି ଖୋଲୁଥିଲା । ସତରେ ଜୀବନର ଠିକ୍ ଚିତ୍ରପଟଟା କ'ଣ ?

ଏକାଧାରରେ ଗାଳ୍ପିକା, ଔପନ୍ୟାସିକା ତଥା ଗବେଷିକା । ଭିନ୍ନ ସହର, ଛବି (ଗଳ୍ପ ସଙ୍କଳନ), 'ଜୀବନ ନଈ', 'ଈପ୍‌ସିତ ସକାଳ' (ଉପନ୍ୟାସ), 'ନିଜକଥା' ଓ 'ମୋ ଜୀବନ କେବେ କେମିତି' (ଆତ୍ମଜୀବନୀ) ଆଦି ତାଙ୍କ ସାରସ୍ୱତ ସାଧନାର ଉଲ୍ଲେଖନୀୟ କୃତି ।

ସେ କିନ୍ତୁ ଏତିକି ବୁଝି ସାରିଥିଲେ ଜୀବନରେ ଅନେକ ଦୁଃଖ ଅଛି । ସେମିତି ଖୁବ୍ ଖୁସି, ଐଶ୍ୱର୍ଯ୍ୟ ବି ରହିଛି । ଫଳ ଯେମିତି ଖଟା, ମିଠା, ପିତା, ରସାଳ ହୋଇଥାଏ, ସେମିତି ଜୀବନରେ ସୁଖଦୁଃଖ, ରୋଗବ୍ୟାଧି କେତେ କ'ଣ ଲାଗି ରହିଥାଏ । ଅନ୍ୟର ସୁଖକୁ ଦେଖି ଈର୍ଷା କରିବାରେ ଯେମିତି କିଛି ମାନେ ରଖେନା, ସେମିତି ନିଜର ଦୁଃଖରେ ଅନ୍ୟକୁ ଦୁଃଖୀ କରିବାରେ କିଛି ଯୁକ୍ତି ନ ଥାଏ । କେବଳ ଏତିକି ଉପଲବ୍ଧି ହେବା ଦରକାର ଅନ୍ୟ ଜଣକ ଥାଳିରେ ପରଶା ଯାଇଥିବା ଖାଦ୍ୟ ଯେତେ ସୁସ୍ୱାଦୁ, ଲୋଭନୀୟ ହୋଇଥିଲେ ହେଁ ସେଥିରେ ଲୋଭ ନ କରି ନିଜ ଥାଳିରେ ପରଶା ଯାଇଥିବା ସାଧାରଣ ଖାଦ୍ୟକୁ ଆନନ୍ଦରେ ଖାଇବା ଉଚିତ ଓ ନିଜ ମନକୁ ବୁଝାଇବା ଦରକାର ଯେ ଏହା ମୋ ଭାଗ୍ୟରେ ଥିଲା, ଆଜି ଦିନର ଏଇ ଟିକକ ମୋ ପ୍ରାପ୍ତି । ମୋର ସୌଭାଗ୍ୟ ଯେ ମୋତେ ଗଣ୍ଡେ ଖାଇବାକୁ ମିଳିଛି, ତାହା ପୁଣି ଥାଳିରେ ।

ତରୁଣଙ୍କର ମନେହୁଏ ସେ ଏମିତି ବେଳେବେଳେ ଅଧିକରୁ ଅଧିକ ଦାର୍ଶନିକ ହୋଇ ପଡୁଛନ୍ତି । ସେ ନିଜେ ଜଣେ କଳାକାର । ଗୀତ ଲେଖନ୍ତି, ଚିତ୍ର ଆଙ୍କନ୍ତି । ଯେତେବେଳେ ଗୀତ ଲେଖନ୍ତି ଜୀବନ ହୋଇଯାଏ ଗୀତିମୟ, ଚିତ୍ର ଆଙ୍କିଲାବେଳେ ମନେହୁଏ ଜୀବନ ଚିତ୍ରମୟ । ପାପୁଲିଏ ଫାଙ୍କ ଭିତରେ ବି କଳି ହେବ ଜୀବନକୁ, ଯେମିତି ମା' ଯଶୋଦା ମାଟିଖିଆ ପୁଅ କୃଷ୍ଣଙ୍କ ପାଟି ଭିତରେ ଦେଖିଥିଲେ ବିଶ୍ୱ ବ୍ରହ୍ମାଣ୍ଡକୁ । ଜୀବନ ତ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ଘଟଣାବହୁଳ, ସମସ୍ୟାବହୁଳ ହେଲେ ବି ଜୀବନ ସୁନ୍ଦର । ଜୀବନ ବି ଏକ ଅନ୍ୱେଷା, ଏକ ଅନନ୍ତ ଯାତ୍ରା, ସରୁ ନ ଥିବା କାହାଣୀର ଖିଅ ।

ଏସବୁ ଭାବନା ଭିତରେ କେମିତି କେଜାଣି ବୋଉ ପଶି ଆସେ । ଗାଉଁଲି, ମଫସଲୀ ବୋଉ । ଦି' ଅକ୍ଷର ପଢ଼ିଥିଲା ବୋଲି ତା'ର ପୁରାଣ, ଗୀତା, ମହାଭାରତ

ପଢ଼ିବାରେ କାମରେ ଲାଗିଛି । ଦିନସାରା ଲୋଟଣି ପାରା ଭଳି ଖଟୁଥାଏ । କେବେ ବସିବାର, ଅଳସ ଭାଙ୍ଗିବାର ଦେଖି ନାହାନ୍ତି ତରୁଣ । ସକାଳୁ ଉଠି ଗୋବରପାଣି ଛିଞ୍ଚି, ଝାଡୁ ମାରିବା, ଗୁହାଳ ସଫା କରିବା, ଗାଈ, କୁକୁଡ଼ାଙ୍କ କଥା ବୁଝିବା ଭିତରେ ରୋଷେଇ, ଜଳଖିଆ, ବନ୍ଧୁବାନ୍ଧବଙ୍କ ଯିବା ଆସିବା, ବାଡ଼ିକାମ, ଘରକାମ ଭିତରେ ସେ ନିଜେ କେତେବେଳେ ଖାଏ, ଶୁଏ ଜାଣି ହୁଏନା । ସବୁ ବୋଉମାନେ କ'ଣ ଏମିତି ? ଅଭିଯୋଗ ନ ଥାଏ, ମାନ ଅଭିମାନ ନଥାଏ, ନିଜ ଦେହପା' ପ୍ରତି ଧ୍ୟାନ ନ ଥାଏ! ସ୍ୱାମୀ, ପିଲାଛୁଆ, ପରିବାର ଭିତରେ ବାଣ୍ଟି ହୋଇଯାଇ ବୋଉମାନେ ବୁଢ଼ୀ ହୋଇଯାଆନ୍ତି । ଖୁବ୍ କମ୍ ବୋଉମାନଙ୍କ ଭାଗ୍ୟରେ ଜୁଟେ ଘରର ଏରୁଣ୍ଡି ଡେଇଁ ବାହାର ଦୁନିଆ ଦେଖିବା । ନ ହେଲେ ତ ବୋଉମାନଙ୍କର ପୃଥିବୀ ପାଲଟିଥାଏ ସେହି ରୋଷେଇ ଶାଳ, ଘର ଅଗଣା, ଶୋଇବା ଘର, ଠାକୁର ଘର । ଏହାକୁ ଛାଡ଼ି ଯେ ଢେର୍ ବଡ଼ ଏ ଦୁନିଆ ଏ ସମ୍ପର୍କରେ ସେମାନେ ଜାଣି ପାରନ୍ତି ନାହିଁ କି କେବେ ଜାଣିବାକୁ ଏତେ ଟିକିଏ ଚେଷ୍ଟା ବି କରନ୍ତି ନାହିଁ ।

ତରୁଣ ଏମ୍‌ଏ ପରୀକ୍ଷା ଦେଇ ଗାଁକୁ ଯାଇଥା'ନ୍ତି । ସହରରେ ପଢ଼ିବା ଭିତରେ ଚାକଚକ୍ୟ ଦୁନିଆ ଓ କେତେକେତେ ଜୀବନର ଧାରା ସହ ସେ ପରିଚିତ ହୋଇଥା'ନ୍ତି । ହଷ୍ଟେଲ ଜୀବନ ସହ ଗାଁର ଜୀବନକୁ ତୁଳନା କରି ହେବ ନାହିଁ । ଯେ ଯାହା ସ୍ଥାନରେ ସ୍ୱୟଂସମ୍ପୂର୍ଣ୍ଣ । ଗାଁରେ ଜନ୍ମଦିନ ପାଳିଲାବେଳେ ଘରେ ସତ୍ୟନାରାୟଣ ପୂଜାଟେ ହୁଏ । ସକାଳୁ ଗାଧୋଇ ପାଧୋଇ ନୂଆ ଜାମାପେଣ୍ଟ ପିନ୍ଧି ନଡ଼ିଆ, ଫୁଲ ଧରି ବୋଉ ସହିତ ଯାଆନ୍ତି ପାଖରେ ଥିବା ଶିବ ମନ୍ଦିରକୁ । ମୁଣ୍ଡରେ ଚନ୍ଦନ ଟିପା ଲଗାଇ ଫୁଲ, ଚାଉଳ ବିଞ୍ଛି ନନା ଦୀର୍ଘଜୀବୀ ହେବାର କାମନା କରନ୍ତି । ବୋଉ ଘିଅ ଦୀପ ଜାଳେ । କ୍ଷୀର ଢାଳି ପୁଅର ଦୀର୍ଘ ସୁସ୍ଥ ଜୀବନ ମନାସେ । ବିରିଚକୁଳି, କ୍ଷୀରୀ, ପୁରି, କାକରା, ମିଠାଇରେ ଜନ୍ମଦିନ ପାଳନ ହୁଏ । ଏହାହିଁ ଜନ୍ମଦିନର ପରମ୍ପରା ବୋଲି ତାଙ୍କର ଧାରଣା ଥିଲା । ହେଲେ ହଷ୍ଟେଲ୍‌ରେ ସେ ଦେଖିଥିଲେ ଜନ୍ମଦିନ ପାଳିବାର ଆଉ ଏକ ମାଧ୍ୟମ । ହାପି ବାର୍ଥ ଡେ କୋରସ୍, ତାଳି ସହ କେକ୍ କଟାଯାଏ । ବୋଉ ସିନା ଘିଅ ଦୀପ ଜାଳେ, ଏଠି କିନ୍ତୁ ମହମବତିକୁ ଫୁଙ୍କିଫୁଙ୍କି ନିଭାଇ ଦିଆଯାଏ । ଏଠି କ୍ଷୀରୀ, ପୁରି, ଚକୁଳି, ମଣ୍ଡା ଚଳେନା । କେକ୍ ସହ ବିରିଆନି, ପିଜା, କୋଲ୍ଡ ହେଉ କି ହଟ୍ ଡ୍ରିଙ୍କ୍ସ, ନାଚଗୀତ । ମ୍ୟୁଜିକ୍ ବି ବାଜେ । ମସ୍ତିରେ ଜନ୍ମଦିନ ପାଳନ କରାଯାଏ । ଗାଁ ଓ ସହର ଭିତରେ ଯଦି ଜନ୍ମଦିନ ମନାଇବାରେ ଏତେ ଫରକ ତା'ହେଲେ ସାରା ଜୀବନରେ ଆସୁଥିବା ଘଟଣା, ଜୀବନଧାରା ଭିତରେ କେତେ ଫରକ ନ ହୋଇଥିବ ? ସେଦିନ ତରୁଣଙ୍କ ଭିତରେ ଏମିତି କିଛି ପ୍ରଶ୍ନବାଚୀ ଉଠିଥିଲା ।

ଗାଁରେ ରେଜଲ୍ଟ ବାହାରିବା ଯାଏ ରହିବା ଭିତରେ ସେ କବିତା, ଚିତ୍ର ଆଙ୍କିବାରେ ଲାଗି ପଡ଼ିଥିଲେ । ବୋଉ ତା'ର କାମ ଭିତରେ

ଥରେ ଅଧେ ଅନେଇ ଦେଇଯାଏ । ଦିନେ ତାଙ୍କୁ ଟାଣିନେଇ ଦେଖାଇଲା ଯେଉଁ ଦୃଶ୍ୟ ବିସ୍ମିତ ହୋଇଯାଇଥିଲେ ତରୁଣ । ଚିତ୍ର ଆଙ୍କୁଛୁ ପରା, ଏମାନଙ୍କୁ ତୁ ତୋ ତୂଳିରେ ଆଙ୍କେ । ଏହା ହିଁ ଜୀବନ ସତ୍ୟ, ମାତୃତ୍ୱ । ବୋଉ କଥାରେ ଆବାକାବା ହୋଇ ସେ ଚାହିଁ ରହିଥିଲେ । ଘରର କୋଣରେ ଭାଡ଼ିତଳେ କିଛିଦିନ ହେଲା ବସିଥିବା କୁକୁଡ଼ାର ଅଣ୍ଡାଗୁଡ଼ିକରୁ ଛୁଆ ବାହାରିଛନ୍ତି । ସେମାନଙ୍କୁ ପେଟତଳେ ଜାକି ଧରି ସେ 'ଭାରତମାତା' ସାଜିଛି । ପାଖକୁ ଗଲେ ପରକୁ ଝାଡ଼ି ଦେହକୁ ଫୁଲାଇ ଉଗ୍ରରୂପ ନେଉଛି । ଖୁମ୍ପିବାକୁ ଧାଉଁଛି ।

ବୋଉ କହୁଥିଲା, ଜାଣିଲୁ ବାପା, ମାଆ ପିଲାଙ୍କ ସାହା । ଆପଦ ବିପଦରୁ ରକ୍ଷା କରିବା ପାଇଁ ସେ ଯେ କୌଣସି ସୀମାକୁ ଯାଇପାରେ । ଜୀବନ ଦେଇପାରେ । ଆ, ଗୁହାଳକୁ । ସତରେ ସେଦିନ ଗୁହାଳରେ ଆଉ ଏକ ଅପୂର୍ବ ଦୃଶ୍ୟ ତାଙ୍କୁ ଅପେକ୍ଷା କରିଥିଲା । ଗତ ରାତିରେ କାଳୀ ଗାଈ ଛୁଆଟିଏ ଜନ୍ମ ଦେଇଛି । ବାପାବୋଉ ସକାଳୁ ପୋଛାପୋଛି କରି ସଫା କରିଦେଇଛନ୍ତି । ଏବେ କଅଁଳା ଛୁଆଟା ମାଆର ପହ୍ନାରେ ମୁହଁ ଲମ୍ବାଇ ଚଁ ଚଁ କରି ପରମ ତୃପ୍ତିରେ କ୍ଷୀର ପିଇଯାଉଛି । ମାତୃତ୍ୱ ଲାଭ କରିଥିବା ଆମ କାଳୀ ବି ତା' ପହ୍ନାକୁ ଦେଖାଇ ଦେଇଛି । ଝରଝର ନିଗିଡ଼ି ଯାଉଛି କ୍ଷୀର । ପାଖକୁ ଗଲେ ସେ ବି ଭୁସିବାକୁ ତିଆର ହୋଇ ଯାଉଛି ।

ତରୁଣଙ୍କ ପଲକ ପଡୁ ନ ଥିଲା । ବୋଉ କହି ଚାଲିଥିଲା, ଏ ଏକ ଅଲଗା ଜୀବନ । ବାତ୍ସଲ୍ୟ ରସରେ ଛଳଛଳ ଜୀବନ । ପଶୁ ହେଉ କି ମଣିଷ, ପକ୍ଷୀ, ଜୀବଜନ୍ତୁ, କୀଟପତଙ୍ଗ ସମସ୍ତେ ଏ ଧାରାରେ ବନ୍ଧା । ମାତୃତ୍ୱ ହେଉ କି ପିତୃତ୍ୱ, ଲାଭ କଲେ ଜୀବନର ଛନ୍ଦ ବଦଳିଯାଏ । ସେ ଜୀବନକୁ ତୁ ତୋ ଚିତ୍ରରେ କି ନାଁ ଦେବୁରେ ଧନ? ଚଢ଼େଇ ତା' ଥଣ୍ଟରେ କୁନିକୁନି ଶାବକଙ୍କ ପାଟିରେ ଦାନା ଗୁଞ୍ଜିଦିଏ । ଦିନସାରା ଶାବକମାନେ ଅପେକ୍ଷା କରିଥାନ୍ତି ମାଆର ଫେରିବା ବାଟକୁ । ହଁରେ, ଅପେକ୍ଷାର ନାଁ ପରା ଜୀବନ? ସେ ଅପେକ୍ଷା କାହା ପାଇଁ ଶୀଘ୍ର ସରିଯାଏ ତ କାହାପାଇଁ ଦୀର୍ଘ ହୋଇଯାଏ । ଏମିତିକି ଅପେକ୍ଷା ଭିତରେ ନିଉଛୁଣା ଜୀବନଟା ସରିଯାଏ । ବୋଉ କହି ଚାଲିଥିଲା, ବାପାରେ ମୁଁ ତ ବେଶି ପାଠ ଶାଠ ପଢ଼ିନି । ପୁରାଣ, ଶାସ୍ତ୍ରରୁ ଯାହା ପଢ଼ିଛି । ବଉଳା ଗାଈ କଥା ତ ଶୁଣିଥିବୁ । ଶପଥ ଓ ବାତ୍ସଲ୍ୟ ଭିତରେ କରିଥିବା ପ୍ରତିଜ୍ଞା ହିଁ ତା' ପାଇଁ ନିଜ ଜୀବନ ଅପେକ୍ଷା ବଡ଼ ହୋଇଯାଇଛି । ଶପଥ କରିବା ଓ ଶପଥ ରଖିବା ଅଲଗା ଅଲଗା ହୋଇଥିଲେ ବି କଥା ରଖିବା ବି ତ ଜୀବନ ନା?

ଜୀବନସାରା ଏଇ ଗାଁର ନୁଆଁଣିଆ ଘରେ ତେଲଲୁଣ ସଂସାର ଜଞ୍ଜାଳ ଭିତରେ ବୁଡ଼ି ରହିଥିବା ଏଇ ଦର ପାଠୋଇ ବୋଉଟା ଜୀବନର କେତେ କ'ଣ ଚିତ୍ରପଟ ତାଙ୍କ ଆଗରେ ଥୋଇ ଦେଇଥିଲା, ଯାହାକୁ ଶବ୍ଦରେ

> କେଉଁଠି ଦେହରୁ ରକ୍ତ ଦେଇ ରୋଟି ଖଣ୍ଡେ ଯୋଗାଡ଼ ହୁଏତ କେଉଁଠି ଦେହକୁ ଭଡ଼ା ଦେଇ ଅସୁସ୍ଥ ବାପା ମାଆଙ୍କ ଔଷଧ ଖର୍ଚ୍ଚ କି ପିଲାର ପଢ଼ା ଖର୍ଚ୍ଚ ଉଠାଯାଏ । ପନିପରିବା, ଫଳମୂଳର ଗ୍ରାହକ ଭଳି ନାରୀ ଦେହର ଗ୍ରାହକ କିଛି କମ୍ ନାହାନ୍ତି । ଜୀବନ ସେଠି କେତେବେଳେ ବିରାଟ ଶୂନ୍ୟତା ଭିତରେ ଆଁ ମେଲାଇଥାଏ ତ କେଉଁଠି ଜୀବନ, ସବୁ ସମ୍ଭାବନାକୁ ଟିକିଏ ଭୁଲ୍ ପାଇଁ ପାକୁଳି କରି ଦେଇଥାଏ । ସଂଘର୍ଷ ବି କିଛି କମ୍ ନ ଥାଏ ।

ହେଉ କି ତୂଳିରେ ଆଙ୍କିବା ତାଙ୍କ ପାଇଁ ପ୍ରେରଣା ପାଲଟି ଯାଇଥିଲା । ବୋଉର କଥା ପେଡ଼ିରେ ଅଙ୍ଗେ ନିଭାକଥା, ଲୁହରେ ଲେସି ହୋଇଯାଇଥିବା ପୋଡ଼ା କପାଳ କଥା, ସମୟ ଚକ୍ରୁ କରି ଦେଇଥିବା ସୁଖ ସ୍ୱପ୍ନ କଥା, ମିଳନ ପରେ ବିଚ୍ଛେଦ, ବିଚ୍ଛେଦ ପରେ ମିଳନର କଥା । ପଶୁପକ୍ଷୀ, ବୃକ୍ଷଲତା ସବୁ ଟଣାଟଣି ହୋଇ ଆସନ୍ତି । ଜୀବନର ପୃଷ୍ଠା ଓଲଟାନ୍ତି । ପିଲାଦିନେ ଯେମିତି ତା' କୋଳରେ ଗୁଞ୍ଜିଗାଞ୍ଜି ହୋଇ ଗପ ଶୁଣାଇବାକୁ ଅଳି କରୁଥିଲେ ଏ ବୟସରେ ବି ତରୁଣ, ସେମିତି ବୋଉର ସମୟରୁ ପଳେ ଚୋରାଇ ନେଇ ଗପର ପେଡ଼ି ମେଲାଇବାକୁ ଜିଦି କରୁଥିଲେ । ବୋଉ ତା' ଜୀବନର ସା-ରେ-ଗା-ମା'ରୁ ଶୁଣାଏ ତ ପୁଣି ଛାଡ଼ିଦେଇ ଆସିଥିବା ଦୂର ଜୀବନକୁ ନେଇ କେବେ ଶୁଣାଏ କେତେକେତେ କଥା । ସେମିତି ପିଲାଦିନେ ଗପ କହିସାରି ସେ କହେ, "ମୋ କଥାଟି ସରିଲା, ଫୁଲଗଛଟି ମରିଲା... ।"

ଗାଁରେ ରହି ତରୁଣ ତା' ପରେ ଆଙ୍କିଥିଲେ ଗୋଟାଏ ମାଆ କୁକୁଡ଼ାର ଛବି ଯିଏ ମେଞ୍ଚାଏ ଛୋଟ ଛୁଆକୁ ପେଟତଳେ ରଖି ଦେହକୁ ଫୁଲାଇ, ମେଲାଇ ବସିଛି । ତଳେ ଲେଖିଥିଲେ, 'ଭାରତମାତା' । ଆଙ୍କିଥିଲେ ମଧ୍ୟ ସେହି ଗୁହାଳର ଛବିକୁ । ମା' ଗାଈ ପହ୍ନାରେ ବାଛୁରି ମୁହଁ ଲଗାଇ କ୍ଷୀର ପିଇବାର ଦୃଶ୍ୟ । ନାଁ ଦେଇଥିଲେ 'ବାତ୍ସଲ୍ୟ' । ଏହାପରେ ଜୀବନର ବିଚିତ୍ର ବର୍ଣ୍ଣ ସବୁ ତାଙ୍କ କଲମରେ, ତୂଳିରେ ଅଙ୍କା ହେବାରେ ଲାଗିଲା । ସହରରେ ସେ ନିଜ ପରିବେଶ ଭିତରେ ଦେଖିଥିଲେ ହୋଟେଲ, କ୍ଲବ୍‌ର ଜୀବନ । ପ୍ରାଚୁର୍ଯ୍ୟ, ବିଳାସର ଜୀବନ, ମଉଜ ମଜ୍‌ଲିସ୍‌ର ଜୀବନ, ଟଙ୍କା ଉଡ଼ାଉଥିବାର ଚାକଚକ୍ୟର ଜୀବନ । ଦେଖିଥିଲେ କୁଲିର ଜୀବନ, ବସ୍ତିର ଜୀବନ, ହାଡ଼ଭଙ୍ଗା ପରିଶ୍ରମ କରି, ରକ୍ତକୁ ପାଣି କରି ବି ଦି'ମୁଠା ପେଟ ପୂରା ଖାଇବାକୁ ପାଉ ନ ଥିବା ଜୀବନ । ଦେଖିଥିଲେ ଅଇଁଠା ଖଲିରେ କୁକୁର ମଣିଷ

ଛୁଆର ଛଡ଼ାଛଡ଼ିର ଜୀବନ, ପୋକମାଛି ଭଳି ଜିଉଥିବା ଜୀବନ । ରୋଗ, ବ୍ୟାଧି, ତଞ୍ଚକତା, ଠକାମି, ପ୍ରତିଯୋଗିତା ଭିତରେ ବି ସ୍ୱପ୍ନ ଦେଖୁଥିବା ଜୀବନ । ମୁଖାପିନ୍ଧା ମଣିଷ, ଭଦ୍ରତାର ଖୋଳପା ଭିତରେ ପୈଶାଚିକ ସ୍ୱଭାବର ମଣିଷ, ପ୍ରତାରକ ମଣିଷ ସହିତ ବି ସେ ଦେଖିଥିଲେ ସରଳ, ଠକି ଯାଉଥିବା, ଧୋକା ଖାଉଥିବା, ସ୍ୱପ୍ନଭଙ୍ଗର ମଣିଷ । ଶୁଣିଥିଲେ ଏସବୁ ସତ୍ତ୍ୱେ ଅଛି ଅନ୍ଧାରି ମଣିଷର ଜୀବନ । କେଉଁଠି ଦେହରୁ ରକ୍ତ ଦେଇ ରୋଟି ଖଣ୍ଡେ ଯୋଗାଡ଼ ହୁଏତ କେଉଁଠି ଦେହକୁ ଭଡ଼ା ଦେଇ ଅସୁସ୍ଥ ବାପା ମାଆଙ୍କ ଔଷଧ ଖର୍ଚ୍ଚ କି ପିଲାର ପଢ଼ା ଖର୍ଚ୍ଚ ଉଠାଯାଏ । ପନିପରିବା, ଫଳମୂଳର ଗ୍ରାହକ ଭଳି ନାରୀ ଦେହର ଗ୍ରାହକ କିଛି କମ୍ ନାହାନ୍ତି । ଜୀବନ ସେଠି କେତେବେଳେ ବିରାଟ ଶୂନ୍ୟତା ଭିତରେ ଆଁ ମେଲାଇଥାଏ ତ କେଉଁଠି ଜୀବନ, ସବୁ ସମ୍ଭାବନାକୁ ଟିକିଏ ଭୁଲ୍ ପାଇଁ ପାକୁଳି କରି ଦେଇଥାଏ । ସଂଘର୍ଷ ବି କିଛି କମ୍ ନ ଥାଏ । ପାଠ ପଢ଼ିବାର ସଂଘର୍ଷ, କ୍ୟାରିୟର ଗଢ଼ିବାର ସଂଘର୍ଷ, ରୋଟି କପଡ଼ା ମକାନର ସଂଘର୍ଷ ତ କେଉଁଠି ଧର୍ମ ବଞ୍ଚାଇବା, ଇଜ୍ଜତ ବଞ୍ଚାଇବା, ନିରାପତ୍ତା ପାଇବାର ସଂଘର୍ଷ । ଗାଁରେ କିନ୍ତୁ ତରୁଣଙ୍କ ପାଇଁ ଆଉ କିଛି ଭିନ୍ନ ଅନୁଭବର ଜୀବନ ଦେଖା ଦେଇଥିଲା । ଯଦିଓ ପିଲାଦିନରୁ ସେ ଗାଁର ପାହାଡ଼, ବିଲ, ବଣ, ନଈ, ପୋଖରୀ ପ୍ରଭୃତି ସହିତ ପରିଚିତ ଥିଲେ । ତଥାପି ଅନେକ ପରିବର୍ତ୍ତନ ଭିତରେ ଗାଁ ଜୀବନର ସେହି ଶୈଶବର ଛବି ହଜି ନ ଥିଲା । ସବୁଜ କ୍ଷେତରେ ଅମାନିଆ ପବନ ଲହଡ଼ି ଭାଙ୍ଗୁଥିଲା । ସେମିତି ବିଲରେ ଉଚ୍ଛୁଳା ଗୀତ ଧାନ ରୋଇଲାବେଳେ ଭାସି ଆସୁଥିଲା । ଥିଲା ସେହି ଭାଇଚାରା, ଯାତ୍ରା, ପାଲା, ସୁଆଙ୍ଗ, ମେଳା, ଗାଁ ହାଟ, ପୋଖରୀର ମାଛ, ନଈରେ ଡଙ୍ଗା, ଦୂର ତାଳବଣ, ପାହାଡ଼ ଉପରେ କେବେ କେବେ ଦେଖାଯାଉଥିବା ଇନ୍ଦ୍ରଧନୁ, ବଗଙ୍କ ଡେଣା ହଲାଇ ଧାଡ଼ିହୋଇ ଆକାଶରେ ଉଡ଼ିଯିବାର ଦୃଶ୍ୟ । ଖଜୁର, ବଇଁଚ କୋଳି, ରୁଞ୍ଜମାଳି କିମ୍ବା ପ୍ରଜାପତି, ଗୁଡ଼ି ପଛରେ ଧାଇଁବା ।

ଜୀବନରେ ଅନେକ କିଛି ହଜିଯିବା ଭିତରେ ଅନେକ କିଛି ବି ହଜି ପାରେନା । ତା'କୁ 'ସ୍ମୃତି' କହି ସାଇତି ନିଏ ମଣିଷ । ପିଲାଦିନର ଅଝଟପଣ, ଭୂତ ପ୍ରେତ ପ୍ରତି ଭୟ, ବୋଉର କୋଳରେ 'ଧୋରେ ବାଇୟା' ଗୀତ ଭିତରେ ଘୁମେଇ ପଡ଼ିବା, ବାପାଙ୍କ କାନ୍ଧ ଉପରେ ବସି ମେଳା ଦେଖିଯିବା, ରାତି ଉଜାଗର ରହି ଯାତ୍ରା ଦେଖିବା, ମୁହଁରେ ରଙ୍ଗ ମାଖି, ଜରି ପୋଷାକ ପିନ୍ଧି ମଞ୍ଚରେ ରାମ-ରାବଣ ଯୁଦ୍ଧରେ ଅଭିନୟ କରିବା, ଅଷ୍ଟପ୍ରହର କି ସଂକୀର୍ତ୍ତନ ହେଲେ ସାଙ୍ଗମାନଙ୍କ ସହିତ ମିଶି ଜଳଛତ୍ର ଖୋଲିବା, ଅଗଷ୍ଟ ପନ୍ଦରରେ ଗାଁ ସାରା ବୁଲି ହାତରେ ତ୍ରିରଙ୍ଗା ଧରି 'ଜନ-ଗଣ-ମନ-ଅଧିନାୟକ' ଗାଇବା ଭିତରେ 'ବନ୍ଦେ ମାତରମ୍' 'ଭାରତ ମାତା କୀ ଜୟ' ଧ୍ୱନିରେ ଦେଶପ୍ରେମ ଜାଗିବା ଏମିତି କେତେ କ'ଣ । ତା' ସହିତ ସାଇତା ହୋଇ ରହିଛି ବାଗୁଡ଼ି ଖେଳ, ଫୁଟ୍‌ବଲ, ମାଛଧରା, ବଣଭୋଜି, ନାଚକୁଦ, ବର୍ଷାରେ ଭିଜି ରଫ୍‌ଖାତା ଚିରି କାଗଜଡଙ୍ଗା ଭସାଇବା, କୁଆପଥର ଗୋଟାଇ ପାଟିରେ, ପକେଟରେ ପକାଇବା, କୁଣ୍ଢାକୁଣ୍ଢି ହୋଇ ଖୁସି ବାଣ୍ଟିବା । ଏ ସବୁ ତ ଜୀବନର କେତେ କ'ଣ ଛୋଟଛୋଟ ପାହାଚ । ତା'କୁ ଚଢ଼ି ସେ ବଡ଼ ହୋଇଛନ୍ତି । ସାଙ୍ଗସାଥୀ ଏବେ କିଛି ଗାଁରେ ଅଛନ୍ତି, କିଛି ଜୀବିକା ଦାୟରେ ଗାଁ ଛାଡ଼ିଛନ୍ତି । ଉଠା, ଚଢ଼ା ଜୀବନ ଭିତରେ ସେ ଜାଣି ସାରିଛନ୍ତି ଜୀବନଟା ଗୋଟାଏ ଯାତ୍ରା, କେଉଁଠି ଯାତ୍ରା ଖୁବ୍ ଶୀଘ୍ର ଶେଷ ହୋଇଯାଏ ତ କେଉଁଠି ଲମ୍ୱିଲମ୍ୱି ଚାଲେ ।

ତରୁଣ ଏ ଭିତରେ କିନ୍ତୁ ବୁଝି ସାରିଛନ୍ତି ସବୁ ଜୀବନର ହୁଏତ ଗୋଟାଏ ସୁନ୍ଦର ଆରମ୍ଭ ଥାଇପାରେ, ହେଲେ ତା'ର ଶେଷ ଯେ ସୁନ୍ଦର ହେବ ଏ କଥାର କିଛି ଗ୍ୟାରେଣ୍ଟି ନାହିଁ । ସେଥିପାଇଁ ତ ଅନ୍ଧାରକୁ ବାଟ କଢ଼ାଇ ନେବାକୁ ଆଲୁଅ ଲୋଡ଼ାହୁଏ । କାଳେ ଅନ୍ଧାର ବାଟବଣା ହୋଇଯିବ ସେଥିପାଇଁ ଆଲୁଅର ଆବଶ୍ୟକ ସବୁ ସମୟରେ ଅଛି ।

ପୁଣି ସେ ଚାକିରି ପାଇଲେ । ବାହାସାହା ହେଲେ । ପିଲାଙ୍କ ବାପା ବି ହେଲେ । ଅଭିଜ୍ଞତା, ବୟସ ବଢ଼ି ଚାଲିଲା । ତା'ରି ଭିତରେ ଜୀବନକୁ କିଛି ବୁଝିଲେ, କିଛି ବୁଝି ପାରିଲେନି । କିଛି ଜାଣିଲେ କିଛି ଜାଣି ପାରିଲେନି । ତାଙ୍କ କବିତାରେ ରହିଲା ପ୍ରଶ୍ନବାଚୀ, ତୂଳି, ରଙ୍ଗରେ ବି ରହିଲା ପ୍ରଶ୍ନବାଚୀ । ଯଦିଓ ବୟସର ପରିପକ୍ୱତାରେ ସେ ବୁଝି ସାରିଥିଲେ ସମଗ୍ର ଜୀବନକୁ ଦୁଇ ହାତରେ କୋଳେଇ ନେବା ଏତେ ସହଜ ନୁହେଁ । ସମସ୍ତଙ୍କୁ ସମ୍ପୂର୍ଣ୍ଣ ଜୀବନ ମିଳି ପାରେନାହିଁ । ତା'ର ବିଶାଳତା ଏତେ ଯେ ମୁଣ୍ଡ ଟେକି ଆକଳନ କରିବା ସମ୍ଭବପର ନୁହେଁ । ଏହି ଅସମ୍ପୂର୍ଣ୍ଣତା ହିଁ ତା'କୁ ଆଗକୁ ନେବାର ବାଟ କଢ଼ାଏ ପରିପୂର୍ଣ୍ଣତା ପାଇଁ । ସବୁ ପାଇଗଲେ ଯେ ଜୀବନ ଗୋଟିଏ ଜାଗାରେ ଠପ୍ ହୋଇଯିବ!

ବାପା ଗଲା ପରେ ବୋଉ ଏକୁଟିଆ ହୋଇଗଲା । ସେ ତ ଆସିବନି ମୋ ଚାକିରି ଜାଗାକୁ । ଚଳି ପାରିବନି, ସେଠିକା ପାଣି ତା' ଦିହରେ ଯିବନି । ଏଇଟା ଥିଲା ତା'ର ବାହାନା କି କେଜାଣି । ତା' ସ୍ଥାନରେ ସେ ନିଜେ ଥିଲେ କ'ଣ ବର୍ଷବର୍ଷ ଧରି ବାନ୍ଧି ହୋଇ ଯାଉଥିବା, ଧନ୍ଦି ହୋଇ ଯାଇଥିବା ସ୍ଥାନକୁ ଛାଡ଼ି ଆସି ପାରିଥାନ୍ତେ? ଜୀବିକା ସିନା ତାଙ୍କୁ ଦେଶାନ୍ତରୀ କରି ଦେଇଛି, ଆତ୍ମା ତ ରହିଛି ସେହି ଗାଁରେ । ବୋଉର ବୈଧବ୍ୟ ରୂପ, ବାପାଙ୍କ ପରେ ଆଇଁଷ ଛାଡ଼ି ରାଧାମାଧବଙ୍କ ଶରଣ ନେବା ଭିତରେ ସେ ବୈଷ୍ଣବୀ ବୋଉ ପାଲଟି ଯାଇଥିଲା । ମୃତ୍ୟୁ ତ ଜୀବନର ଶେଷ ଦସ୍ତାବିଜ କାହାକୁ ବା ଅଜଣା? ଚାଲୁଚାଲୁ ରାସ୍ତାରେ ଯଦି ସାତଜନ୍ମର ବନ୍ଧନ ଛିଣ୍ଡାଇ ଜଣେ ଚାଲିଯାଏ, ତା' ବିନା ଜୀବନର ଅବଶିଷ୍ଟାଂଶ କେମିତି ଭଙ୍ଗା ବେହେଲା ପାଲଟି ଯାଏ ତା'ରି ଉଦାହରଣ ଥିଲା ବୋଉ ।

ତେବେ ସେମିତି ଲୋଟଣିପାରା ଭଳି ଖଟିବା କିଛି କମି ନ ଥିଲା । ଗୋଟିଏ ଜାଗାରେ ବସି ଖାଇବା ତ ତା'ର ଧର୍ମ ନୁହେଁ । ବାଡ଼ି, ଘର, ଗଛପତ୍ର, ଧାନ, ମୁଗ, ବିରି, ପାଖ ଆଖର ପଡ଼ୋଶୀ, ବନ୍ଧୁବାନ୍ଧବଙ୍କୁ ନେଇ ତ ତା'ର ବିରାଟ ସଂସାର । ଜୀବନର ଗୋଟିଏ ପାଖ ଦେଖା ଭିତରେ ଆୟୁଷ ସରିସରି ଆସୁଥିଲା । ସେ କିନ୍ତୁ ଆଉ ଅନ୍ୟ ପାଖ ଦେଖିବାରେ ଏତେଟା ଆଗ୍ରହୀ ନ ଥିଲା । ଖାଲି ଯାହା ଶେଷବେଳକୁ ଜଗନ୍ନାଥ ଦର୍ଶନ କରିଯାଇଥିଲା । ସେତକ ଥିଲା ତା'ର ଶେଷଇଚ୍ଛା ।

ବୋଉ ଓ ଜଗନ୍ନାଥଙ୍କୁ ନେଇ ତରୁଣ ପୁରୀରୁ ଫେରିଆସି ଆଙ୍କିଲା ବେଳକୁ ବୋଉ ତାଙ୍କ ପାଖରେ ବସି ବାରବାର ଜୁହାର ହେଉଥିଲା । ଆଉ ଯେଉଁ କିଛି କଥା କହିଥିଲା, ତାହା ତାଙ୍କୁ ଯେମିତି ବିସ୍ମିତ କରିଥିଲା, ସେମିତି ହତବାକ୍ କରି ଦେଇଥିଲା । ତା' କହିବା କଥା, 'ଜୀବନକୁ ରଙ୍ଗତୂଳୀରେ କି ଗୀତ କବିତାରେ ଖୋଜିଲେ ମିଳେନିରେ । ଜୀବନକୁ ଅନୁଭବ କରାଯାଏ, ଅଙ୍ଗେ ନିଭାଯାଏ । ତୁ ତା'କୁ କେଉଁ ରଙ୍ଗରେ ଆଙ୍କି ପାରିବୁ ନା କେମିତି କବିତାରେ ଠିକ୍ ରୂପ ଦେଇପାରିବୁ ? ଯାହା ଭୋଗିଛୁ, ପାଇଛୁ ସେସବୁକୁ କ'ଣ ଲେଖିହୁଏ ନା ଆଙ୍କିହୁଏ ?

ତରୁଣଙ୍କ ଏତକ ଶୁଣିଲା ପରେ ମନେହେଲା ବୋଉର ପାଠଶାଳା ପାଖରେ ତାଙ୍କର ଆନୁଷ୍ଠାନିକ ଶିକ୍ଷା, ବଡ଼ବଡ଼ ଡିଗ୍ରୀ ଫିକା ଧରି ଯାଇଛି, ତାଙ୍କର ଏତେଦିନର ଜୀବନକୁ ନେଇ ଗବେଷଣା, ରଙ୍ଗତୂଳି, କବିତାର ଜୀବନ, ପାଣ୍ଡିତ୍ୟସବୁ ଅଧା ପାଠୋଇ ବୋଉର ସେ ରୋଷେଇ, ଶୋଇବା ଘର, ଠାକୁର ଘର, ଅଗଣାକୁ ନେଇ ଗଢ଼ା ଯାଇଥିବା ପାଠଶାଳା ପାଖରେ ଖୁବ୍ ମ୍ଳାନ ହୋଇଯାଇଛି । ବୋଉ ତାଙ୍କର ଯେମିତି ସତେକି ପାଲଟି ଯାଇଥିଲା ପୃଥିବୀର ସବୁଠୁ ବଡ଼ ଦାର୍ଶନିକ ! ■■■

ମୁସ୍କାନ୍ ମେନ୍‌ସନ୍, ଡି-୧
ବମିଖାଲ, କେନାଲ ରୋଡ଼
ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦
ଦୂରଭାଷ : ୯୪୩୭୧୧୭୬୨୭

ଗୋପବନ୍ଧୁଙ୍କ ମାନସ ସନ୍ତାନ
'ସତ୍ୟବାଦୀ'ର ଶାରଦୀୟ ଦୁର୍ଗାପୂଜା
ବିଶେଷାଙ୍କ ଅବସରରେ ସମସ୍ତଙ୍କୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ବର୍ଷା ସିଂ ବରିହା
ବିଧାୟିକା, ପଦ୍ମପୁର

ଗୋପବନ୍ଧୁଙ୍କ ମାନସ ସନ୍ତାନ
'ସତ୍ୟବାଦୀ'ର ଶାରଦୀୟ ଦୁର୍ଗାପୂଜା
ବିଶେଷାଙ୍କ ଅବସରରେ ସମସ୍ତଙ୍କୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ବନଖଣ୍ଡ ଅଧିକାରୀ
ବରଗଡ଼

'ସମାଜ'ର ୧୦୫ତମ ପୂର୍ତ୍ତି ଓ ଗୋପବନ୍ଧୁଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ସମାଜ' ପରିବାରକୁ କୃତଜ୍ଞତା ଓ ଶୁଭେଚ୍ଛା । ଦୁର୍ଗାପୂଜା ଅବସରରେ ଜିଲାବାସୀଙ୍କୁ ଶୁଭେଚ୍ଛା ଓ ଶୁଭ କାମନା । ମା' ଦେବୀ ଦୁର୍ଗା ଜିଲାବାସୀଙ୍କୁ ଘଣ୍ଟ ଘୋଡ଼ାଇ ସୁରକ୍ଷା ଦେଉ ଏହା ହିଁ ମୋର ପ୍ରାର୍ଥନା ।

ସୋମନାଥ ଦାସ

ଜିଲା ପରିଷଦ ଉପାଧ୍ୟକ୍ଷ, କେନ୍ଦୁଝର

ଦଶହରା ଦୁର୍ଗାପୂଜା ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ

Kindly Contact for super stockist and distribution for FMCG and FMCD product

M/s. Natraj Trading.Co

Kesinga, Kalahandi
Odisha, Contact No- 7008516395

କେଲୁଣୀ

ଅର୍ଜୁନ ପୃଷ୍ଟି

ଗଳ୍ପ, କବିତା ରଚନାରେ ରୁଚି ରଖନ୍ତି । ତାଙ୍କ ଗଳ୍ପରେ ମାଟି ଓ ମଣିଷର ଛବି ଜୀବନ୍ତ ରୂପ ପାଇଥାଏ । 'ପାରିଘାଟର ମାଝି' ଗଳ୍ପ ସଙ୍କଳନ ତାଙ୍କ ସାରସ୍ୱତ ସାଧନାର ଉଲ୍ଲେଖନୀୟ ଦସ୍ତାବିଜ । ପ୍ରଥମ ପ୍ରକାଶିତ ଅନୁବାଦ କବିତା ସଙ୍କଳନ ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି' ।

ପହିଲେ ପହିଲେ ଜମା ରାଜି ହେଲା ନାଇଁ ।

କାକୁତି ମିନତି କରି କହିଲା, ଅସନା ମୂଲିଆଣୀଟା ମୁଁ । ଦିନ୍ ଦିନ୍ ମାଟି କାଦୁଅରେ ଘାଣ୍ଟି ନ ହେଲେ ଦିନ ସରୁନାଇଁ । କେଳାଘର ଝିଅ ହେଲେ ବି ସେ କାମ ତ କେବେଠୁ ଛାଡ଼ି ଦେଇଚି । ଆଜିକାଲି କିଏ କରଉଚି ସେ କାମ? ଲୁଚାଚୋରାରେ କଲେ ବି ବିପଦ । ମତେ କିଆଁ ଜଞ୍ଜାଳରେ ପକଉଚ ଗୋ ଦିଦି ।

– ଦେଖ, ତମକୁ ମୋ କଥା ରଖିବାକୁ ପଡ଼ିବ । ମନା କରନା... ପ୍ଲିଜ୍ ।

ଝିଅଟିକୁ ଡରେଇଲା ପଦୁଆଁ, ତମେ କ'ଣ ସେ କଷ୍ଟ ସହିପାରିବ ଦିଦି ! ଲହୁଣି ପିତୁଳା ଦିହ ତମର । ଛୁଞ୍ଚି ଫୋଡ଼ିବାକୁ ମୋ ହାତ ଯିବନାଇଁ ଗୋ । ଅଭ୍ୟାସ ବି ଛାଡ଼ିଗଲାଣି କେତେ ଦିନରୁ । ଘା' ଭଲ କରିବା ପାଇଁ ଚେରମୂଳି, ପତ୍ରରସର ମଲମ ବି ପାଖରେ ନାଇଁ । ଘା' ଯଦି ପାଚିଲା ? ପୂଯ ପାଣି ଦେଲା? ଦୋଷ ତ ମୋ'ରି ହବନା? ଶୁଣିଚି, ତମ ପରିକା ପିଲାମାନେ ଦିହରେ ଟାଟୁ ନା ଫାଟୁ କରଉଚନ୍ତି । ବରଂ ଚ ସେଇଠି କରେଇ ନିଅ । ଭଲହବ ।

ଝିଅଟା ନଛୋଡ଼ବନ୍ଧା ।

ପଦୁଆଁର ହାତ ଚାପି ଧରିଲା । ଆଖି ନଚେଇ କହିଲା, ସେଠି ସେ କାମ ହେଇ ପାରିବନି । ମୁଁ ବି କରି ପାରିବିନି ସେଠି । ତୁମେ ହିଁ ପାରିବ । କେବଳ ଚିତାକୁଟା ହବ ଗୋଟେ ନାଁ । ଦେହର ଅଜାଗାରେ... ଏଇଠି ।

ମୁଚୁମୁଚୁ ହସିଲା ଝିଅଟି । ଛାତି ଉପରୁ ଆଢ଼େଇ ଦେଲା ପୋଷାକ । ଝଟକି ଉଠିଲା ସୁନାର ପଦ୍ମକଢ଼ି ଦୁଇଟି । ପଦୁଆଁର ହାତପାପୁଲିକୁ ତୋଳି ଧରିଲା କଅଁଳ, ମୁଲାଏମ ହାତରେ । ପଦ୍ମକଢ଼ି ଦୁଇଟି ମଝିରେ ଥାପିଦେଇ କହିଲା, ଏଇଠି ଲେଖାହବ ।

– ଇଲୋ ବୋଉଲୋ । ସରମରେ ଆଖି ତଳକୁ ହେଇଗଲା ପଦୁଆଁର । ଶିର୍‌ଶିରେଇ ଉଠିଲା ଛାତି, ଝିଅଟା ପାଗଳୀ କି?

ଓଠ ଚିପି ହସୁଥିଲା ଝିଅ । ଗେହ୍ଲୀ ସାନଭଉଣୀ ପରି ପଦୁଆଁର ହାତ ଧରି ଅଳି କରି ବସିଲା, ଆଙ୍କି ଦବନା ସେଇ ନାଁଟି ଏଇଠି?

ପଚାରି ପାରିଲା ନାଇଁ ପଦୁଆଁ, କିଏ ସେ ଭାଗ୍ୟବାନ ନାଁର ମାଲିକ, ପଥର ଛାତିରେ ନୁହେଁ, ଲହୁଣି କଅଁଳ ଛାତିରେ ଚିତାକୁଟା ହବ ଯା'ର ନାଁ?

ପର୍ସରୁ ଥାକେ ନୂଆନୋଟ୍ କାଢ଼ିଲା ଝିଅଟା । ରଖିଦେଲା ହତବାକ୍ ପଦୁଆଁର ହାତ ପାପୁଲିରେ । କାର୍‌ରେ ଉଡ଼ିଯିବା ଆଗରୁ କହିଗଲା, କାଲି ଛାଡ଼ି ତା' ପରଦିନ ଆସିବି, ଏତିକି ବେଳକୁ ।

ମନା କରିବାକୁ ଫୁରୁସତ୍ ପାଇଲାନି ପଦୁଆଁ ।

x x x x x

କାମକୁ ଯିବାକୁ ମନ ହେଲା ନାଇଁ ସେଦିନ ।

ପାଗଳୀ ଝିଅଟା ସତକୁ ସତ ଆସି ଯଦି ପହଞ୍ଚିଯାଏ ତ ? ଅପେକ୍ଷାରେ ରହିଲା । ସଫା ସୁତୁରା ଶାଢ଼ିଟେ ପିନ୍ଧିଲା । ଚିତାକୁଟା ଛୁଞ୍ଚି, ରଙ୍ଗ ତାଟିଆ, ମଲମ ବୋତଲ ସଜାଡ଼ି ରଖିଲା । ବହୁ ଦିନରୁ ଛାଡ଼ି ଦେଇଚି ସେ କାମ । ଦକଦକ ହେଉଥିଲା ଛାତି । ଆଖି ଆଗରେ ନାଚିଗଲା ସୁନା ପଦ୍ମକଢ଼ି ଦୁଇଟି ଫୁଟିଥିବା ଗୋଟେ ନରମ ଛାତି । କେଜାଣି କାଇଁକି ନିଜ ଛାତିର ନୀଳକଇଁ କଢ଼ି ଦୁଇଟି ଥରଥରେଇ ଉଠିଲା । ସେଠି କାହାର ନାଁ ଲେଖି ହେଇନାଇଁ ଏଯାଏ ।

ମନକୁ ମନ ହସି ପକେଇଲା ପଦୁଆଁ ।

ଏତିକିବେଳେ ତା' କୁଡ଼ିଆ ସାମ୍‌ନା ରାସ୍ତାରେ ଶୁଭିଲା କାର୍‌ର ହର୍ଣ୍ଣ । ଆସିଗଲା କି?

ଥରିଗଲା ଗୋଟାପଣେ । କବାଟ ଖୋଲିଦେଲା ତ ହସିହସି ଘର ଭିତରକୁ ପଶି ଆସିଲା ଆକାଶପରୀ । ସିଏ କିନ୍ତୁ ଏକା ନ ଥିଲା । ତା' ପଛେପଛେ ଲମ୍ବା, ଗୋରା, ପିଞ୍ଚ ପରି ଚେହେରାଟିଏ ସାଥିରେ... । ଯୋଡ଼ିଟା ଭାରି ମାନୁଥିଲା ଏକା । ପଦୁଆଁ ନିଜକୁ ପଚାରୁଥିଲା,

ଏଇ କ'ଣ ସେ ନାଁର ମାଲିକ ?

ନାଁର ମାଲିକ ଚାହିଁ ରହିଥିଲା ପଦୁଆଁକୁ, ଖୋଜିଲା ଖୋଜିଲା ଚାହାଣିରେ । ଝିଅଟିର ହାତକୁ ଚାପିଧରି ଚୁପ୍‌ଚୁପ୍ କରି କହିଲା, ତମର ଚଏସ୍‌କୁ ମାନିବାକୁ ପଡ଼ିବ 'ସୁ' । କୋଉଠିକି ନେଇ ଆସିଲ ମତେ ? ଶ୍ୟାମଳ-ସୁଷମାର ଏ ମଡେଲଟି ତ ସତରେ ଇଉନିକ୍ । ଝିଅଟି ଆଖି ନଚେଇ କହିଲା, ଲୋଭ ହଉଚି? ତେବେ ଏଇଠି ରହିଯାଅ । ମୁଁ ମୋର ଯାଉଚି । ଚମତ୍କାର ପୋଜ୍‌ରେ ମଡେଲ୍‌ଟିକୁ ସାମ୍‌ନାରେ ବସେଇ ପ୍ରୋଟ୍ରେଟ୍ ଆଙ୍କ । ମୋ କାମ ନ ହେଉ, ତମକୁ ଖୁସି ମିଳୁ ।

ସେମାନଙ୍କ କଥା ଶୁଣୁଥିଲା ପଦୁଆଁ । କିଛି ବୁଝା, କିଛି ଅବୁଝା । ହସିଦେଇ ଝିଅଟି ପଚାରିଲା, ତମେ ରେଡି ତ ? ଏବେ ଆରମ୍ଭ କର ତମ କାମ ।

ପଦୁଆଁ ଝିଅଟି ମୁହଁକୁ ଥରେ ଚାହିଁଲା, ଥରେ ଚାହିଁଲା ତା'ର ସାଥି ମୁହଁକୁ । ଝିଅଟି ବୁଝିପାରିଲା ପଦୁଆଁର ସଂକୋଚ ଭାବ । ସାଥି ଆଡ଼କୁ ଦୁଷ୍ଟାମି ଚାହାଣିଟେ ଫିଙ୍ଗି ଦେଇ କହିଲା, ତମେ କିଛି ସମୟ ବାହାରେ ଅପେକ୍ଷା କର ତ ପ୍ରିୟ ।

ସାଥିଟି ଓଠରେ "ନାଇଁ, ମୁଁ ଯିବି ନାଇଁର" ଦୁଷ୍ଟ ହସ । ମୁଁ ଜଣେ ଚିତ୍ରଶିଳ୍ପୀ ପରା? ଦେଖିବି ଏ ବିରଳ ଅଙ୍କନର କଳାକୃତି । ତମ ପାଖେ ପାଖେ ରହିବି । ଭାଗନେବି ତମ କଷ୍ଟରୁ । ମତେ କିଆଁ ତଡୁଚ?

– ଯିବ ନା ଏଠୁ? ଝିଅଟି ଆଖି ଦେଖେଇଲା ।

ଅଗତ୍ୟା ଅନିଚ୍ଛା ସତ୍ତ୍ୱେ ବାହାରକୁ ଚାଲିଗଲା ସାଥିଟି ।

ଦଉଡ଼ିଆ ଖଟ ଉପରେ ବସି ପଡ଼ିଲା ଝିଅ । ଛୁଞ୍ଚି, ରଙ୍ଗ ତାଟିଆ, ମଲମ ସଜାଡ଼ି ରଖୁରଖୁ ପଦୁଆଁ କହିଲା, ବହୁତ କଷ୍ଟ ହବ ଗୋ ଦିଦି । ସହିପାରିବ ତ ?

– କଷ୍ଟ ତ ମୋର । ତମେ କାମ ଆରମ୍ଭ କର ।

ପଦୁଆଁ ନିପୁଣ ହାତରେ ସୁନ୍ଦର, ସୁଗୋଲ କରି ଛୁଞ୍ଚିମୁନରେ ଲେଖୁଥିଲା ଅକ୍ଷର ତିନିଟି - 'ସୁପ୍ରିୟ' । ଝରଝର ଝରୁଥିଲା ରକ୍ତ । ଝିଅଟା କାଠ ନା ପଥର ? ଟିକେ ବି ହଲ୍‌ଚଲ୍ ହେଉନି । ଓଠରୁ ଯନ୍ତ୍ରଣାର ସ୍ୱର ଶୁଭୁନି । ବିନା ବାଧାରେ ସହୁଚି ଦାରୁଣ ବ୍ୟଥା । କି ଆଶ୍ଚର୍ଯ୍ୟ । ଛୁଞ୍ଚିରେ ଲେଖା ହଉଥିବା ଅକ୍ଷର ତିନିଟି କେତେ ଆପଣାର ହେଇ ନ ଥିବ ସତେ, ଯାହା ଯନ୍ତ୍ରଣା ଦେଉନାହିଁ । ଦେଉଚି ଖୁସି ।

ପଦୁଆଁକୁ ଲାଗୁଥିଲା ଏ କଷ୍ଟ, ଏ ଯନ୍ତ୍ରଣା ସୁକୁମାରୀ ଝିଅଟିର ନୁହଁ । ତା' ନିଜର । ରକ୍ତ ତା' ଛାତିରୁ ଝରୁଚି । ଯନ୍ତ୍ରଣାରେ ଶିରଶିରେଇ ଉଠୁଚି ତା' ନିଜ ଦେହ । ନିଜ ଅଜାଣତରେ ସିଏ ନିଜେ ପାଲଟି ଯାଉଚି ପ୍ରେମିକାଟିଏ, ଯିଏ ଏ ଦୁଃସହ କଷ୍ଟକୁ ସହି ନେଉଚି ହସିହସି ।

ସୁନା ପଦ୍ମକଢ଼ି-ଛାତି ରକ୍ତ ଜରଜର । ପଦୁଆଁର ଦୁଇ ଆଖି ବି । ସଫା କପଡ଼ାରେ ଯତ୍ନ କରି ପୋଛିଆଣିଲା ଝିଅଟିର ଛାତି । ଚେରମୂଳିବଟା ମଲମର ଲେପ ଲଗେଇ ଦେଲା ଆଘାତ ଜାଗାରେ । ନିଜ କୋଳକୁ ଆଉଜେଇ ଆଣିଲା ଝିଅଟିର ମଥା । ସାଉଁଳିଦେଲା ସରାଗରେ । ତାଳପତ୍ର ବିଞ୍ଚଣାରେ ପଞ୍ଝା କରୁକରୁ ଦରଦଭରା କଣ୍ଠରେ କହିଲା, ବହୁତ କଷ୍ଟ ହେଲାନା?

ଝିଅଟି ହସି ଦେଲା, କାଇଁ ନାଇଁ ତ? ତମ ହାତ ତ ଅମୃତ ଗୋ ଦିଦି ।

– ଛାର କେଲୁଣୀଟାକୁ ଦିଦି କହୁଚ?

ପଦୁଆଁର ସ୍ୱର କାନ୍ଦକାନ୍ଦ ।

– ଖାଲି ଦିଦି ନୁହଁ ତ, ମୋ ବଡ଼ଭଉଣୀ । ସିଏ ଏବେ ନାହିଁ । ତମ ଭିତରେ ମୁଁ ତା'କୁ ଦେଖୁଚି । ଏତେ ସ୍ନେହ ଆଉ କିଏ କରନ୍ତା?

ବାହାରେ ଥିଲା ସାଥି ଜଣକ । ବିଚଳିତ ହେଉଥିଲା । ସମ୍ଭାଳି ନ ପାରି ପଶି ଆସିଲା ଭିତରକୁ । ବ୍ୟସ୍ତ ହେଇ ପଚାରିଲା, କାଇଁ ଦେଖେ, କୋଉଠି ଛୁଞ୍ଚି ଫୋଡ଼ା ହେଇଚି, କ'ଣ ଲେଖା ଯାଇଚି ?

– ଏବେ ନୁହେଁ । ଦିଦି କହୁଚି ସାତଦିନ ମଲମଲେପ ଦବାକୁ ପଡ଼ିବ । ସେ କାମଟା ତ ତୁମେ କରିବ । ଏବେଠୁ ଦେଖିବାକୁ ଏତେ ବ୍ୟସ୍ତ କିଆଁ ?

ବର୍ଷୁକୀ ମେଘଖଣ୍ଡେ ପରି ନଇଁ ଆସିଲା ସାଥିଟିର ମୁହଁ । ପର ମୁହୂର୍ତ୍ତରେ ଦୃଢ଼, କଠୋର ହେଇଗଲା ମୁହଁର ଭଙ୍ଗୀ - ମୁଁ ବି ଟାଟୁ କରିବି । ମୋ ଦୁକ୍‌ଦୁକି ଉପର ଛାତିରେ ବି ଲେଖା ହବ ତିନିଟି ଅକ୍ଷର - ସୁପ୍ରିୟା । ତୁମେ ଏକାଏକା କଷ୍ଟ ଭୋଗିବ, ମୁଁ ଚୁପ୍ ରହିବି ବିନା କଷ୍ଟରେ ?

– ପାଗଳ । ଜାଣିଚ କେତେ କଷ୍ଟ?

– ଯଦି ତମ ପାଇଁ ନୁହଁ ମୋ ପାଇଁ କାଇଁକି 'ସୁ' ? ମୁଁ ବି କରିବି ।

ସୁପ୍ରିୟ ଭାରି ମନୁଆ । ଜିଦ୍‌ଖୋର । କାହା କଥା କ'ଣ ଶୁଣିବ ? ଆସି ବସିଗଲା ଦଉଡ଼ିଆ ଖଟ ଉପରେ । ସାର୍ଟ ଓହ୍ଲେଇଦେଲା । ଦୁଷ୍ଟାମିଭରା ଆଖିରେ ପଦୁଆଁକୁ ଚାହିଁ କହିଲା, ମତେ ବି ଧନ୍ୟ କରିଦିଅ ଦିଦି ।

କି ଅଖାଡୁରେ ପଡ଼ିଲା ମଣିଷ ? ଜଣେ ପୁରୁଷ ପୁଅର ଛାତିରେ କେବେ ବି ଚିତା କୁଟେଇ ନାଇଁ ସେ । ଏ କାମ କେବଳ ସ୍ତ୍ରୀ ଲୋକମାନେ କରାନ୍ତି । ଅଡୁଆ ଲାଗୁଥିଲା ପଦୁଆଁକୁ । ଆଚ୍ଛା ପାଗଳୀ ଝିଅ ହାବୁଡ଼ରେ ପଡ଼ିଲା । ତା' ସାଥିଟା ବି ସେୟା । ଓସ୍ତପତ୍ରକୁ ବରପତ୍ର । ବିଧାତା ଯେମିତି କାହା ବରାଦରେ ଯୋଡ଼ି ଥିଲା ଏ ଦୁଇଜଣଙ୍କୁ । ବିଚାରି କେଳାଝିଅର ଭାଗ୍ୟ ବି ତା' ସାଙ୍ଗରେ?

କ'ଣ କରିବ, କିଛି ବି ଭାବିପାରୁ ନ

ଥିଲା ପଦୁଆଁ ।

ପଦୁଆଁର ଥଙ୍ଗଥଙ୍ଗ ଭାବ ଦେଖି ସୁପ୍ରିୟ ତାକୁ ଚମକେଇ ଦବା ଭଳି କାମଟେ କଲା । ପଦୁଆଁର ପଣତକାନି କଣରେ ନିଜ ମୁହଁ, ଝାଳ ସରସର ଚଉଡ଼ା ଛାତି ପୋଛି ଦେଲା ଅତି ଆପଣାର ମଣିଷ ପରି । କଥାରେ ଝରେଇଲା ମହୁ - ପଦ୍ମକେଶରୀପୁରର ରାଣୀ ପଦ୍ମାବତୀ ଗୋ, ମୁଁ ଜଣେ ସାମାନ୍ୟ ଭିକ୍ଷାର୍ଥୀ । ଭିକ ନ ଦେଇ ମତେ ଫେରେଇ ଦବ ?

ଫିକ୍ କିନା ହସିଦେଲା ସୁପ୍ରିୟା । ସୁପ୍ରିୟକୁ ହାଡ଼େ ହାଡ଼େ ଚିହ୍ନେ ସେ । ଯାହା ବୁଝିଥିବ ସେୟା । ସିଏ କ'ଣ ମାନିବା ଜନ୍ତୁ ? ଅଗତ୍ୟା କହିଲା, ଠିକ୍ ଅଛି । ଚିତାକୁଟା ହେଲାବେଳେ ତୁମ ପାଖେ ପାଖେ ରହିବି । ତମ କଷ୍ଟରୁ ଭାଗନେବି ।

– ଯାହା ତୁମର ଇଚ୍ଛା ଗୋ ଇଚ୍ଛାମତୀ ପ୍ରିୟା । ରସିକତା କଲା ସୁପ୍ରିୟ ।

ହସି ପକେଇଲା ପଦୁଆଁ । ତା' ଅଗଣାକୁ କୋଉଠୁ ଉଡ଼ି ଆସିଲେ ଖୁସିବାସିଆ ଏ ହଳଦୀବସନ୍ତ ଯୋଡ଼ିକ ? ମଧୁର ଗୀତରେ ଭରିଗଲା ତା'ର ଝାଟିମାଟିର କୁଡ଼ିଆ । ଜଣକ ପାଇଁ ଆଉ ଜଣକର କେତେ ଦରଦ? ନିଜ ଛାତି ଭିତରେ ସେ ଦରଦୀ ଗୀତର ସ୍ୱର ଶୁଭି ଯାଉଚି । ପଦୁଆଁକୁ ଲାଗୁଥିଲା, ଗୋଟେ ପାଗଳ-ପ୍ରେମୀର ଛାତିରେ ଛୁଞ୍ଚି ଫୋଡ଼ିବାକୁ ଯାଉନାଇଁ ସେ, କବିତା ଧାଡ଼ିଏ ଲେଖିବାକୁ ଯାଉଚି । ଲେଖିପଢ଼ି ନ ଜାଣି ବି ସେ ପାଲଟି ଗଲାଣି କବିଟିଏ । ତିନି ଅକ୍ଷରର କବିତାଟିଏ ଲେଖିଦବା ପାଇଁ ପଦୁଆଁ ତା'ର ଲେଖନୀ ଉଠେଇନେଲା ସରାଗରେ ।

x x x x x

କ'ଣ କହିଗଲା ସେ ପାଗଳ ?

ପଦ୍ମକେଶରୀପୁରର ରାଣୀ ପଦ୍ମାବତୀ?

କାହିଁ ରାଣୀ ପଦ୍ମାବତୀ, କାହିଁ କେଳୁଣୀ ପଦୁଆଁ? କଥାଟା ମନେ ପଡ଼ିଗଲା ତ ହସି ପକେଇଲା ପଦୁଆଁ । ଏମିତି ଶରଧାଭରା ନାଁରେ ତା'କୁ କିଏ କେବେ ଡାକିଚି ?

ହୀନିମାନିଆ କେଳା ଘରେ ଜନମ ଦେଇଚି ବିଧାତା ।

ପନ୍ଦର-ଷୋଳ ବରଷ ବୟସରେ କେଳାଘର ଝିଅ ହାତକୁ ଦି'ହାତ ହେଇଯାଏ । ତା'ରି ପାଇଁ କେତେ ସପନ ଦେଖିଥିଲା ବୋଉ । କେଳୁଣୀର କୁଳବେଉସା ଶିଖେଇଥିଲା ଅତି ପିଲାଦିନରୁ । ଚିତା କୁଟେଇ ଶିଖିବା ସବୁଠୁ ସରସ । ଭଲ ଦି'ପଇସା ରୋଜଗାର ହୁଏ ସେ କାମରେ । ଗଦମୂଳୁକା, ତାବିଜ, ଡେଉଁରିଆ, ବିଷହରଣ ଚେର ବିକିଲେ ପେଟକୁ ନିଅଣ୍ଟ । ଯିମିତି ହେଲେ ବି କେଳାଘର ଝିଅବୋହୂଙ୍କ ପେଟ ଅପୋଷା ରହେନାଇଁ । ଘର ବସେଇବାକୁ ଗଲେ କେଳା ସାଙ୍ଗରେ କେଳୁଣୀକୁ ବି ଗତର ଖଟେଇବାକୁ ପଡ଼େ । ପଦୁଆଁ ପିଲାଦିନୁ ମନଦେଇ ଶିଖିଥିଲା

ଚିତା କୁଟେଇବାର କଳା କଉଶଳ । ରକତ ମାଉଁସ ଦିହରେ ନିଖୁଣ, ସୁନ୍ଦର କରି ଛୁଞ୍ଚିମୁନରେ ଆଙ୍କି ଦେଉଥିଲା ଲତା, ଫୁଲ, ପକ୍ଷୀର ଛବି । ଲେଖି ଶିଖିଥିଲା ଠାକୁରଙ୍କ ନାଁ - ରାମ, କୃଷ୍ଣ, ହରି ।

ବୋଉ କହିଥିଲା, ଝିଅଲୋ ! ମନଦେଇ ଶିଖିଥା' । ଶିଖିଥା', ଚେରମୂଳି, ପତର ଫୁଲ ରସରୁ ଲେପ ଓଷଦର ମଲମ ତିଆରି କରିବା ଗୁମର । ଚିତାକୁଟା ଘା'ରେ ଏଇ ମଲମ ଲେପ ଦେଲେ ଘା' ପାଚେ ନାଇଁ । ପାଞ୍ଚ-ସାତ ଦିନରେ ଚୋପା ପଡ଼ିଯାଏ । ବକଳା ଝଡ଼ିପଡ଼ିଲେ ଝଲସି ଉଠେ ଛୁଞ୍ଚି ଅଙ୍କା ଚିତ୍ର । ମରଣ ଯାଏ ବି ଲିଭେ ନାଇଁ । ଗାଁ ଗହଳର ମାଆ ସାଆନ୍ତାଣୀମାନଙ୍କର ବିଶ୍ୱାସ, ଦିହରେ ଲତା, ଫୁଲ, ଠାକୁରଙ୍କ ନାଁ ଚିତାକୁଟା ହେଲେ ଯମପୁରରେ ବି ଆଦର ମିଳେ । ମରଣ ଦେବତା ଖୁସି ହୁଅନ୍ତି । ମୋକ୍ଷ ହେଇଯାଏ ଜୀବନ ।

କେଜାଣେ, କାଳେ ହେଇଥିବ ।

ପନ୍ଦର, ଷୋଳ ବରଷର ଅମାନିଆ ମନ ଏତେ କଥା ବୁଝି ନ ଥିଲା ।

ପଦୁଆଁର ବାବା, ବିକଳା, ପୋଖତ ସାପ ଧରାଳି ।

ତା'ର ପଦ୍ମତୋଳା ଡାକ ଶୁଣିଲେ ପାତାଳରେ ଥିଲେ ବି ବାହାରି ଆସେ ନାଗ । ନାଗ ବସା କରି ରହିଥିବା ପୁରୁଣା ଘରମାନଙ୍କରୁ ସେମାନଙ୍କୁ ବାହାର କରିବାକୁ ଲୋଡ଼ା ପଡୁଥିଲା ବିକଳା କେଳା । ଭଲ ଦି'ପଇସା ରୋଜଗାର ହେଉଥିଲା ସେ କାମରେ । ପେଡ଼ିରେ ପାଳି ପୋଷି ରଖିଥିଲା ଜାତିଆ ନାଗ ସାପ କେଇଟି । ଗାଁଗାଁ ବୁଲି ସାପଖେଳ ଦେଖଉଥିଲା । ଏମିତି ଏମିତି ବାରବରଷରେ ପାଦ ଦେଲା ପଦୁଆଁ । ବାବା, ବୋଉ ସାଙ୍ଗରେ ସିଏ ବି ଗାଁ ଗାଁ ବୁଲିଚି । ବାବା ସାପଖେଳ ଦେଖେଇବତ ବୋଉ ପସରାରେ ଥିବା ଗଦ ଚେରମୂଳି, ତାବିଜ, ଡେଉଁରିଆ ବିକିବ । ବରାଦ ହେଲେ ମାଆ ସାଆନ୍ତାଣୀମାନଙ୍କ ଦିହରେ ଚିତା କୁଟେଇବ । କୁଳ ବେଉସାରେ ପେଟ ପାଟଣା ଦାଉ ସମାଳିଲା ପରେ କେବେ କିଛି ପଇସା ବଳେ ତ କେବେ ନିଅଣ୍ଟ । ମାଟି ଘଡ଼ିରେ ସଞ୍ଚି ରଖିଥିବା ପଇସା ଦେହ-ପା ଭଲମନ୍ଦରେ ଅକୁଳାଣ ହୁଏ ।

ବୋଉର ସେଇ ଗୋଟିଏ ଚିନ୍ତା, ଆଖି ଦୁରୁଶିଆ ହେଇ ଆସୁଚି ଆମ ପଦୁଆଁ । ଅନଉ ଅନଉ ଗଡ଼ିପଡ଼ିବ କେଇଟା ବରଷ । ଯାହା କମଣି ତ ପେଟ ପିଠିକୁ ନିଅଣ୍ଟ, କିମିତି ତା'କୁ ହାତକୁ ଦି'ହାତ କରିବା ?

ହୁ କିନା ଦିନେ ବାବା କହିଲା, ସାପରାଜାକୁ ଧରିବି ମୁଁ । ତା'କୁ ବଶ କରି ବହୁତ ପଇସା କମାଣି କରି ପଦୁଆଁ ପାଇଁ ସଞ୍ଚି ରଖିବି ।

– ଏତେ ସାହସ କରନା ଗୋ, ତମ ହାତ ଧରୁଚି । ବୋଉ କାନ୍ଦି ପକେଇଥିଲା ।

ବାବା ଭାରି ଅଖଡ଼ବାଜ୍ । ଜିଦ୍ କଲା ଅହିରାଜ ସାପ ଧରିବ । ଗହନ ବଣରେ ଥାଏ ସେ ସାପଙ୍କ ରାଜା ।

ସେଦିନର ଦୃଶ୍ୟ ମନେ ପଡ଼ିଲେ ଏବେ ବି କାନ୍ଦ କାନ୍ଦ ଲାଗେ ପଦୁଆଁକୁ ।

ବଣ ଭିତରେ ହେଁ ବଡ଼ ଉଇହୁଙ୍କା । ତା'ରି ଭିତରେ ଅହିରାଜର ବସା । ହେଁ ବଡ଼ ଫଣା, ହେଁ ବଡ଼ ଦେହ । ତା'କୁ ଧରିବା ସହଜ ନୁହେଁ । ବଡ଼ବଡ଼ ସାପ ଧରାଳିମାନେ ବି ତା' ପାଖ ପଶିବାକୁ ସାହସ କରନ୍ତି ନାଇଁ । ସାପଖେଳରେ ଅହିରାଜକୁ ଖେଳେଇଲେ ଭଲ କମାଣି ହେବ, ଲୋଭ ଘୋଟିଗଲା ବାବାକୁ । ହୁଙ୍କା ପାଖରେ ଠିଆ ହେଇ ପଦ୍ମତୋଳା ବୋଲିଲା ବାବା –

କଂସର ଘରଣୀ ପଦ୍ମାବତୀ ରାଣୀ,

ଲକ୍ଷେ ଭାର ପଦ୍ମ ମଗାଇଛି କଂସ ବୀରମଣି

କି ଗୋବିନ୍ଦ ହରେ । ଭାଆଲା... ଭାଆଲା.... ।

ବାବା ଲହରେଇ ଲହରେଇ ପଦ୍ମତୋଳା ଡାକୁଥାଏ ।

ଦୂରଛଡ଼ା ହେଇ ନାଉତୁମ୍ବା ବଜଉଥାଏ ବୋଉ ।

ବୋଉ କାନି ଧରି କୁଙ୍କୁରି କାଙ୍କୁରି ହେଇ ପଛପଟେ ଠିଆ ହେଇଥାଏ ବାରବରଷର ପଦୁଆଁ ।

ହୁଙ୍କା ଭିତରେ କି ସମ୍ଭଳା ପଡ଼େ ଅହିରାଜ? ହେଁ ଫଣା ଟେକି ବାହାରି ଆସିଲା । ସାପଙ୍କ ରଜା । ତା' ପଛେପଛେ... ପୁଣି ଗୋଟେ... ପୁଣି ଗୋଟେ । ପାତାଳର ନାଗଲୋକ ଖାଲିକରି ବାହାରି ଆସିଲେ ନାଗଙ୍କ ପଟୁଆର । ଚାହୁଁ ଚାହୁଁ ଟେଳାଏ ଗୁଡ଼କୁ ମନ୍ଦାଏ ଜନ୍ଦା ବୋହିନବା ପରି ବୋହି ନେଇଗଲେ ବାବାକୁ । ପଦୁଆଁର ହାତଧରି ଜୀବନ ବିକଳରେ ଅତର୍ଛିଆ ଦଉଡ଼ି ପଳେଇ ଆସିଥିଲା ବୋଉ ।

ଆଖି ଦେଖିଚି ସେ ଦୃଶ୍ୟ ।

ବାବା ତ ଚାଲିଗଲା । ପେଟ ପାଟଣା ଦାଉ ସମାଳୁଥିବା ବେଉସା ଉପରେ ଗୋଟାକ ପରେ ଗୋଟାଏ ଶୂନ୍ୟଚଡ଼କ ପଡ଼ିବା ଆରମ୍ଭ ହେଇଗଲା । ସାପଖେଳକୁ ସରକାର ବେଆଇନ୍ କରିଦେଲେ । ସହର ବଜାରରେ ଚିତା କୁଟେଇବା ବନ୍ଦ ହେଇଗଲା । ଦୂରଦୂର ମଫସଲ ଗାଁରେ କିଏ କିମିତି ଚିତା କୁଟଉ ଥିଲା । ବଢ଼ିଲା ଝିଅଟାକୁ ସାଥିରେ ଧରି ଏକା ଏକା ମାଇପି ଲୋକଟିଏ ଦୂର ଦୂର ଗାଁ ବୁଲିବା କାଠିକର ପାଠ ହେଇଗଲା ।

କଥାରେ ଅଛି - ରଜା ଖାଏ ତଣ୍ଡି, କେଳା ଖାଏ ଭଣ୍ଡି ।

ତାବିଜ, ଡେଉଁରିଆ, ଗଦ ଚେରମୂଳି ଭଣ୍ଡାଣ-ବେଉସା ଆଉ ଚଳିଲା ନାଇଁ । କେତେ ଦିନ ଭଣ୍ଡେଇ ହବ ଏବର ଚାଲାକ ଚତୁର ମଣିଷଙ୍କୁ ? କେଳାବସ୍ତିର ବୁଢ଼ାବୁଢ଼ୀ କରମ ଆଦରି ମୂଳ ଦୁଃଖ ଲାଗିଲେ । ଟୋକା ଟୋକାଳିଆମାନେ ଦିହ ମିହନ୍ତକୁ ଡରି ଆପଣେଇ ନେଲେ କମାଣିର ବଙ୍କା ବାଟ । ଚୋରି ଚମାରି କଲେ । ମଦ ପାଣିରେ ବୁଡ଼ି ରହିଲେ । ମାଡ଼, ଗାଳି, ଜିଅଲ, ଜୋରିମାନାରେ ହନ୍ତସନ୍ତ ହେଲେ । ଥୋଡ଼େ ଦାଦନ ଖଟିବାକୁ ହେଇଗଲେ ଦେଶାନ୍ତରୀ ।

ସାପ ବଢୁଥିଲା ତ କାତି ବି ବଢୁଥିଲା ।

ବୟସ ବଢୁଥିଲା ତ ହାତକୁ ଦି'ହାତ କରିବାର ସପନ ସରିସରି ଆସୁଥିଲା ।

ଅଧାପେଟ, ଅଧା ଓପାସରେ ପଦ୍ମକେଶରୀପୁରର କେଳାବସ୍ତିର ଗୋଟେ ଝାଟିମାଟି କୁଡ଼ିଆରେ ପଡ଼ିରହିଲେ ମା' ଝିଅ ଦି'ଜଣ । ବୋଉ ଭଙ୍ଗା ଦିହରେ ମୂଲମଜୁରି ଖଟୁଥିଲା ସିନା, ପଦୁଆଁକୁ ବାହାରକୁ ଛାଡୁ ନଥିଲା । କୁନ୍ଦିଲା କାନ୍ଦିଲା ଦେହର ଉଛୁଳା ବୟସକୁ କାନି ଘୋଡ଼େଇ କେତେ ଦିନ ବି ରଖିପାରନ୍ତା ? ତା'କୁ ବେଳ ଥାଉଥାଉ ହାତକୁ ଦି'ହାତ କରିଦବାର ସପନ ତ ମିଳେଇ ଯାଇଥିଲା ରଣକୁହୁଡ଼ି ପରି ।

ତିନି ଚାରି ବରଷ ତଳେ ମଥା ଉପରର ପଣତ କାନିବି ହଟିଗଲା ।

ଦେହରେ ଦେହେ ଦାହ, ପେଟରେ ପେଟେ ଭୋକ । କ'ଣ କରନ୍ତା ବେସାହାରା ଏକୁଟିଆ ବଢ଼ିଲା କୁଢ଼ିଲା କେଳାଝିଅଟି ? ପରଘରେ ପାଇଟି କରିବତ ଡହଡହ ତାତିଲା ଆଖିର ଚାହାଣିରେ ଜଳିବ । ଛୋଟ ମୋଟ ବେଉସା କରିବତ କଳନ୍ତର ସରି ମୂଳ ବୁଡ଼ିଯିବ । କାହାର ହାତ ଧରିବାକୁ ମନ କରିବତ ଜିଅନ୍ତା ଜୀବନକୁ ଝୁଣି ବିଦାରି ଖାଇ ଦବାର ବାଟ ଖୋଲିଦବ ।

ପଟିଆ ପଦ୍ମକେଶରୀପୁର ଇଲାକାରେ ତିଆରି ଚାଲିଚି ଆକାଶଛୁଆଁ କୋଠାଘର । ଧାଡ଼ିକିଧାଡ଼ି । କେଳାବସ୍ତିର ଝିଅ, ମାଇପେ ମୂଲ-ମଜୁରିକୁ ଗଲେଣି । ପେଟର ଭୋକ ବଳାବଳ । କରନ୍ତେ କ'ଣ ?

ପେଟର ଦାଉ କେଳାଘର ଝିଅ ପଦୁଆଁକୁ ବନେଇଦେଲା ପଦୁଆଁ ମୂଲିଆଣୀ !

ଅଥଚ ଏ ପାଗଳ ତା'କୁ କହୁଚି ପଦ୍ମକେଶରୀ ପୁରର ପଦ୍ମାବତୀ ରାଣୀ ?

କାହିଁ ରାମ କାହିଁ ରାମା ଭଣ୍ଡାରି ?

x x x x x

ସେଦିନ ସେ ଦୁଇଜଣ ଚିତା କୁଟେଇ ଫେରିଗଲେ ହସଖୁସିରେ । ଗଲେ ତ ଗଲେ, ପଦୁଆଁ କେଲୁଣୀର କୁଡ଼ିଆରେ ଛାଡ଼ି ଦେଇଗଲେ କି ଗୋଟେ ଅଜଣା ଫୁଲର ବାସନା । କ'ଣ ସେ ବାସ୍ନା ? ପଦୁଆଁର ସତେଇଶ ବର୍ଷର ପଥର ଦିହଟା ଭିତରୁ ସତର ବର୍ଷର ଉଛୁଳା ମନ ଏତେଦିନ ପରେ ସେ ବାସ୍ନାରେ ପାଗଳୀ ହେଇପଡୁଚି ଯେ ?

କିଏ ସେ ବାସନାର ବଣିକ ?

ନାଁ ଟି ସୁନ୍ଦର... ସୁପ୍ରିୟ । ତା' କଥାରେ ଯାଦୁ, ହସରେ ମୋହିନୀ, ଚାହାଣିରେ ବଶୀକରଣ । ହେଲେ ସିଏତ ସୁପ୍ରିୟା ଦିଦିଙ୍କର ମନ ବଗିଚାର ମାଲିକ । ପଦୁଆଁ କେଲୁଣୀର ନିଆଁ ଲାଗି ମନଟା ତା'କୁ କିଆଁ ଝୁରୁଚି କେଜାଣି?

ଆଉ ଥରେ କ'ଣ ସେ ଆସିବ ?

ସତକୁ ସତ ସେ ଆସିଲା । ଏକା ନୁହେଁ, ସୁପ୍ରିୟା ଦିଦି ସହିତ । ପଖାଳ କଂସାକ ତଣ୍ଟି ସେପଟକୁ ଡିଆଁଇ ଦେଇ କାମକୁ ବାହାରିଥିଲା ପଦୁଆଁ । କୋଉକାଳର ଚିହ୍ନା-ଚଢ଼େଇ ପରି ହଳଦୀବସନ୍ତ ଯୋଡ଼ିକ ଉଡ଼ି ଆସିଲେ ତା' ଅଗଣାକୁ ।

କହିକହି ଆସୁଥିଲା ସୁପ୍ରିୟା, ଆମେ ଡିସାଇଡ୍ କରିଚୁ ଏଣିକି ସାତଦିନ ଯାଏ ଆସିବୁ ତୁମ ପାଖକୁ । ତୁମେ ହିଁ ଚେରମୂଳି-ମଲମ ଲେପ ଲଗେଇଦବ । ସୁପ୍ରିୟ କହିଲା, ତମେ ଆଉ ମୂଲ ଲାଗିଯିବ ନାଇଁ ଗୋ ରାଣୀପଦ୍ମା । ତମ ଚଳିବା ଖର୍ଚ୍ଚ ଆମର । ଆମ କଥାରେ କେତେ ପୁଅ-ଝିଅ ଆସିବେ । ଘରେ ବସି ତାଙ୍କ ପସନ୍ଦର ଟାଟୁ କରିଦବ ତମେ । ତୁମର ପେଟ-ପାଟଣା ଦାଉ ମେଣ୍ଟିବ । ମାଟି ସାଙ୍ଗରେ ମାଟି ହବାକୁ ପଡ଼ିବନି ।

ହାଁ କରି ଅନେଇ ରହିଲା ପଦୁଆଁ ।

କେବଳ ସେଇ ସାତଦିନର ସକାଳ ନୁହେଁ, ତେଣିକି ଅନେକ ଅପରାହ୍ଣର ନିରୋଳା ବେଳାରେ ରସସିକ୍ତ ହେବାକୁ ଲାଗିଲା କେଲୁଣୀର ମାଟି କୁଡ଼ିଆ । ପଦୁଆଁ ଆଡୁଆଳକୁ ଅପସରି ଯାଏ । ଶୁଣେ ତାଙ୍କ କଳକୂଜନ । ନିଜ ଛାତିର ଦୁକଦୁକି ଭିତରେ ଅନୁଭବ କରେ ତା'ର ପ୍ରତିଧ୍ୱନି । ଆନମନା ହେଇଯାଏ । ଦେହର ଦାହ, ମନର ଭୋକ ତାକୁ ଉଉଳା କରେ ରହିରହିକା । ଆହା, ତା'କୁ କିଏ ଏମିତି ଭଲପାଆନ୍ତା କି ? ନିରିମାଖି ଜୀବନରେ ଖୁସି ଟିକେ ଭରିଦିଅନ୍ତା କି କେହି ମନଲାଖି ସାଥି ?

ହେଲେ କେଳାଘର ଅଭିଆଡ଼ୀ ଝିଅର ଏତେ ବଡ଼ ଭାଗ୍ୟ କାଇଁ ? ଖସଡ଼ା ବାଟକୁ ଯିବା ଆଗରୁ ବଦନାମ କରିଦବା ପାଇଁ କେଳାବସ୍ତିରେ ଅସହଣିମାନଙ୍କର ଅଭାବ ନାଇଁ । ଦିନେ ମୁହଁ ଖୋଲି କହିଦେଲା ପଦୁଆଁ । ତମେ ଆଉ ଏଠିକି ଆସନାଇଁ ଗୋ ଦିଦି । କେତେ ଡାଆଣା ଆଖିର ନଜର ଏ କୁଡ଼ିଆ ଚାରିପାଖରେ । ଲୋକେ କହୁଚନ୍ତି ମୁଁ କାଳେ ପଇସା ଲୋଭରେ ଏଠି... ।

ବୁଝିଗଲେ ସେମାନେ । ବିବାକ୍ ବନ୍ଦ ହେଇଗଲା ଆସିବା । ଲୋକତୁଣ୍ଡକୁ ଡରି କହିଦେଲା ସିନା, ଲାଗିଲା ଛାତି ଭିତରେ କ'ଣ ଗୋଟେ ଭାଙ୍ଗିଭାଙ୍ଗି ପଡ଼ିଲା । ତା' ଭାଗ୍ୟରେ ଖୁସି କାହିଁ ଯେ ? ପାଣିଫୋଟକା ପରି ମିଳେଇଗଲା କେଇଟା ଦିନର ଖୁସି । ପୁଣି ଫେରିଲା ମୂଲମଜୁରି, ପେଟପାଟଣାର ଜଞ୍ଜାଳ ଭିତରକୁ ।

ମାସେ, ଦୁଇ ମାସ ବିତି ଯାଇଥିବ ଯଥା ଭିତରେ ।

କେଳାଘର ଝିଅ ପଦୁଆଁର ମନ-ଆଇନାରୁ ଫିକା ପଡ଼ି ଆସୁଥିଲା ହଳଦୀବସନ୍ତ ଯୋଡ଼ିକର ଛବି ।

ଜାଗର ଥିଲା ସେଦିନ । ପାଖ ଗାଁରେ ଜଳେଶ୍ୱର ମହାଦେବଙ୍କ ମନ୍ଦିର । ପଦୁଆଁ ଘର ରାସ୍ତା ଉପରେ ଛୁଟୁଥିଲେ କେତେ ଓଷେଇତୀ, ଭକତମାନେ । ଜିଅନ୍ତା ଠାକୁର ସେ । ସାକ୍ଷାତ୍ ଦ୍ୱିତୀୟ-ଲିଙ୍ଗରାଜ । କେଳାଘର ଝିଅର ସେ ଭାଗ୍ୟ କାଇଁ ? ତା'କୁ ଦେଉଳ ମନା । ବେଢ଼ା ବାହାରେ ବି ଦୀପ ଜାଳିବା ମନା । ହେ ଠାକୁରେ! ହୀନିମାନିଆ କେଳାଘରେ କାଇଁକି ଜନମ ଦେଲ କେଜାଣି ? ଭାଗ୍ୟରେ ଦର୍ଶନ ଯୋଗ ନାଇଁ ।

ଅବୁଝା ମନ ବୁଝୁ ନ ଥିଲା ତଥାପି ।

ମନରେ ସାହସ ବାନ୍ଧିଲା । ବଡ଼ି

ଭୋରରୁ ଗାଧୋଇ ପାଧୋଇ ଦେଉଳ ବେଢ଼ା ପାଖକୁ ଯିବ। ଦେଉଳ ଉପରେ ତ୍ରିଶୂଳ ଚୂଡ଼ାରେ ଫରଫର ଉଡୁଥିବ ପତାକା। ଶିବଜ୍ଞାନରେ ଓଳଗି ହେବ ସେଇ ପତାକାକୁ; ବାହାରେ ବାହାରେ। ଜାଗର ଜାଳିବାର ମନାସ କରି ଫେରିବ ନିଜ କୁଡ଼ିଆକୁ।

ବଡ଼ି ଭୋରରୁ ଉଠି ଗାଧୋଇ ପଡ଼ିଲା ପଦୁଆଁ। ସଫା ଧଳା ଶାଢ଼ିଟେ ପିନ୍ଧିଲା। ଧୁଆ ହେଇଥିବା କଳା ମଚମଚ ଘଞ୍ଚ କେଶ ଗୋଛାକ ଖେଳେଇ ହେଇ ପଡ଼ିଚି ପିଠି, ଛାତି ଉପରେ। ଥପଥପ୍ ଝରୁଚି ପାଣି। ଓଦା ଦିହଟାକୁ ପୋଛାପୋଛି କରିବାକୁ ଯାଉଚି, କବାଟରେ ଠକ୍‌ଠକ୍ ହେଲା।

ଏତେ ସକାଳୁ କିଏ ?

ହଠାତ୍ କବାଟ ଖୋଲିଦେଲା। କିଏ ଡାକୁଚି ଦେଖିବାକୁ ଖୋଲା ଦୁଆରର ବନ୍ଧ ଉପରେ ଦୁଇ ବାହୁ ମେଲେଇ ଚାହିଁଦେଲା ବାହାରକୁ।

ଚାହିଁ ଦେଲାତ, ଜିଭ କାମୁଡ଼ି ପକେଇ କାଠ ହେଇଗଲା ସେଇଠି।

ଓଦା ଦିହରେ ଯାହାତାହି ବେଢ଼ା ହେଇଚି ଧଳା ଶାଢ଼ି ଖଣ୍ଡକ କେବଳ। ଆଉ କିଛି ପିନ୍ଧି ନାହିଁ। ପଣତକାନି ବାଁ କାନ୍ଧ ଉପର ଦେଇ ତଳେ ଲୋଟୁଚି। ଓଦା କେଶରୁ ଥପଥପ୍ ଝରୁଥିବା ପାଣି ଓଦା କରୁଚି ପିଠି, ଛାତି। ବେଢ଼ାଣର ଗୋଟେ ପରସ୍ତ ଜଡ଼ି ହେଇ ରହିଚି ଛାତି ଉପରେ। ପଟେ କାନ୍ଧ ମୁକୁଳା, ଛାତି ବି ଅଧାମୁକୁଳା ବାହୁ ପାଖରୁ। ଗୋଛେ କେଶ ନାଁ ଛାଁ କେବଳ ଢାଙ୍କି ରଖିଚି ଲାଜ।

ପଦୁଆଁ ସେଇ ଅବସ୍ଥାରେ, ସେଇଠି, ସିମିତି ସ୍ଥିର। ମୁହଁ ବୁଲେଇ ନା ହଠାତ୍ ଫେରି ପାରୁଚି ପଛକୁ, ନା ସଜାଡ଼ି ଦେଇ ପାରୁଚି ଛାତି ଉପର ଶାଢ଼ି। ପିଠି ପଟ ତ ମୁକୁଳା, ବାହୁ ଦୁଇଟି ଖୋଲା ମେଲା, ଜୁଆରିଆ ଛାତି ଉପରେ ଅଧା ଓଦା ଧଳା ବେଢ଼ାଣର ଢାଙ୍କୁଣି ଥାଇ ନ ଥିଲା ପରି। ଗୋଟାପୁଣି ଦେହଟାରେ ଯିମିତି ଜୀବନ ନାଇଁ। ଆଖି ବୁଜିଦେଲା କେବଳ। ପରମୁହୂର୍ତ୍ତରେ ଖୋଲା ହାତ ଦୁଇଟି ଛକ ପକେଇଦେଲା ଅଧାମୁକୁଳା ଛାତି ଉପରେ।

ପାଗଳ ଓଜର ଆପତ୍ତି କରି କହୁଥିଲା, ପ୍ଲିଜ୍.... ପ୍ଲିଜ୍... ରାଣୀ ପଦ୍ମାବତୀ। ଦୟାକରି ଆଉ କିଛି ସମୟ ସେଇ ଠାଣିରେ ଠିଆହୁଅ। ମଗଜରେ ଆଙ୍କିନିଏ ଏ ଛବି। ଏଇପରି ଛବିଟିଏ କାଗଜ ଉପରେ ଆଙ୍କିବା ମୋର ବହୁଦିନର ସ୍ୱପ୍ନ। ମତେ ନିରାଶ କରନା ପ୍ଲିଜ୍। ନ ଚାହିଁ ବି ଚଢ଼ା ଗଳାରେ ପଦୁଆଁ କହିଲା, ତୁମ ମୁହଁରେ ସିନା ଲାଜସରମ ନାହିଁ ବାବୁ। ମୋର ଅଛି। ନିରିମାଖି କେଲୁଣୀ ଝିଅ ବୋଲି ତା'ର ଅଧାଲଙ୍ଗୁଳି ଛବି ଆଙ୍କିବ ?

ଦୁଇହାତ ପାପୁଲି ଯୋଡ଼ିଦେଲା ସୁପ୍ରିୟ। ବିନତି କରି କହିଲା, ତମର ଅସମ୍ମାନ କରିବା ମୋର ଉଦ୍ଦେଶ୍ୟ ନୁହଁ ରାଣୀ ପଦ୍ମାବତୀ। ଚିତ୍ର ଆଙ୍କିବା ମୋ ପାଇଁ ପୂଜା, ପବିତ୍ର କାମ। ଯିମିତି ପଥର ଫଟେଇ ଦେଉଳ ଗଢ଼େ କାରିଗର। ପଥରର ଦେହ ଖୋଲି ଖୋଲି ଯିମିତି ବାହାର କରିଆଣେ ଦେବୀ, ଦେବତାଙ୍କ ପ୍ରତିମା। ଯିମିତି ମାଟି ଲେସି ଜଣେ ମୂର୍ତ୍ତି କାରିଗର ଗଢ଼ିଦିଏ ମା' ଦୁର୍ଗା, ଲକ୍ଷ୍ମୀ, କାଳୀଙ୍କ ରୂପ। ଚିତ୍ରଅଙ୍କା ମୋ ପାଇଁ ସେମିତି। କୁହତ, କ'ଣ ଖରାପ ଏ କାମରେ ?

> "ଚିତ୍ର ଆଙ୍କିବା ମୋ ପାଇଁ ପୂଜା, ପବିତ୍ର କାମ। ଯିମିତି ପଥର ଫଟେଇ ଦେଉଳ ଗଢ଼େ କାରିଗର। ପଥରର ଦେହ ଖୋଲି ଖୋଲି ଯିମିତି ବାହାର କରିଆଣେ ଦେବୀ, ଦେବତାଙ୍କ ପ୍ରତିମା। ଯିମିତି ମାଟି ଲେସି ଜଣେ ମୂର୍ତ୍ତି କାରିଗର ଗଢ଼ିଦିଏ ମା' ଦୁର୍ଗା, ଲକ୍ଷ୍ମୀ, କାଳୀଙ୍କ ରୂପ। ଚିତ୍ରଅଙ୍କା ମୋ ପାଇଁ ସେମିତି।"

ଚକିତ ହେଲା ପଦୁଆଁ। ନରମି ଗଲା ସ୍ୱର। ବସେଇ ବସେଇ କହିଲା, ଅସନା କେଳା ଝିଅର ଛବି ଆଙ୍କିଲେ ତୁମକୁ କ'ଣ ମିଳିବ ବାବୁ! ବରଞ୍ଚ ସୁପ୍ରିୟା ଦିଦିଙ୍କର ଛବି ଆଙ୍କ। ଗୋଟିଏ ଚାଉଳରେ ଗଢ଼ା, ଦେବୀ ପ୍ରତିମା ପରି ସେ। ସରଗପରୀର ଚିତ୍ର ଆଙ୍କି ତୁମେ ନାଁ କମେଇବ। ମୋର ଅପରିଛନ୍ନିଆ ଛବି କୋଉ କାମକୁ ? ତମର ଇଏକି ପାଗଳାମି ? ପାଗଳ ଚିତ୍ରକର ହସିଲା।

ଆଗେଇ ଆସିଲା ପଦୁଆଁ ପାଖକୁ। ଆପଣାର ମଣିଷ ପରି ଟେକି ଧରିଲା ତା'ର ହାତପାପୁଲି। ନିରୀହ, ଢଳଢଳ ଆଖିରୁ ଝରଉଥିଲା ଆପଣାପଣର ମହୁ। ହାତ ଛଡ଼େଇ ଆଣିବାକୁ ମନ ହେଉଥିଲା ପଦୁଆଁର, ଲାଜରେ, ସରମରେ। ମନକୁ କିନ୍ତୁ ଜବତ୍ କରି ରଖି ଥିଲା ହୃଦୟ। ଭାବୁଥିଲା, କି ଅଦ୍ଭୁତ ମଣିଷ ? ମଣିଷ ନା ପିଲାଟାଏ ? ହଁ, ପିଲାଟେ ନୁହେଁ ତ ଆଉ କ'ଣ? ମନେ ପକେଇଲା, ଚିତା କୁଟେଇବା ଦିନ ବି ଇଏ ପଦୁଆଁର ଲୁଗା କାନିକୁ ଟାଣିନେଇ ପୋଛି ଦେଇଥିଲା ନିଜ ମୁହଁ, ଝାଳ ସରସର ଛାତି। ଛୋଟ ପିଲାର ନିରୀହ ଢଳଢ଼ଳ ଆଖି ପରି ତା'ର ଆଖି ଦୁଇଟି। ଭାରି ନିର୍ମାୟା। ଏମିତି ମଣିଷର ମନ ଭିତର କେବେ ବି ଅସନା ହେଇ ନଥିବ।

ନିଜ ଭିତରେ ନିଜେ ତରଳିବାକୁ ଆରମ୍ଭ କଲାଣି ପଦୁଆଁ। ଏଇ ଯିମିତି ପଥର ଛାତି ଫଟେଇ କୁନି ଝରଣାଟେ ହେଇ ବହିଯିବ। ଗୀତ ଗାଇ ଗାଇ ବହିଯିବ ଏଇ ଭୋଳା ମଣିଷଟିର ପଦ୍ମଫୁଲିଆ ଇଚ୍ଛାର ମୋହିନୀରେ।

ପାଗଳ ଚିତ୍ରକରର କଥାରୁ ମହୁ ଝରିଲା, ତମେ ନିଜକୁ ଆଇନାରେ ଦେଖିନାହଁ ଗୋ ରାଣୀ ପଦ୍ମାବତୀ। ଜାଣକି କେତେ ସୁନ୍ଦର ତୁମେ ? କିମିତି ବା ଜାଣନ୍ତ ? ଶାମୁକା ଭିତରେ ଥିବା ମୁକ୍ତା କ'ଣ ଜାଣିଥାଏ କେତେ ଅମୂଲ-ମୂଲ ସେ? ତମର ଏଇ ସରଳ ମନ, ଖୋଲା ହୃଦୟ, ପରକୁ ନିଜର କରୁଥିବା ନିରୀହ ଚାହାଣି କେତେ ରଙ୍ଗର ଆଲୁଅରେ

ଶୋଭା ବଢ଼େଇଚି ତୁମ ରୂପର ? ସୁପ୍ରିୟର ଚେହେରାରେ ଏ ସୁଷମା ମୁଁ କାହୁଁ ପାଇବି ? ସେଇଥି ପାଇଁ ତ ତୁମ ଛବି ଆଙ୍କିବାକୁ ମନାସ କରିଚି । ମତେ ମନା କରନି ।

ପଦ୍ମଆଁର ମନ ନିଜ ଆୟତ୍ତରେ ନ ଥିଲା, ଛାରଛିକର କେଲୁଣୀଟା ପାଇଁ ଏ ସହରୀ ବାବୁର ଏତେ ଦରଦ ? ଏଇ କ'ଣ ଭଲ ପାଇବା ? କେଜାଣି । ଜୀବନରେ ଏତେ ଭଲ ପାଇବା କାହାରି ପାଖରୁ ମିଳିଚି ତାକୁ ?

– ମୋ ଛବି ଆଙ୍କିଲେ ତମେ ଖୁସି ହବ?

– କେବଳ ଖୁସି ପାଇଁ ଗୋ ରାଣୀ । ଲକ୍ଷ ଲକ୍ଷ ଟଙ୍କାରେ ବି ମିଳିବନି ସେ ଖୁସି । ସେ ଛବିର ନାଁ ଦେବି 'ରାଣୀ ପଦ୍ମାବତୀ' । ଦେଶର ସବୁଠୁ ବଡ଼ ଚିତ୍ର ପ୍ରଦର୍ଶନୀକୁ ପଠେଇବି ତା'କୁ । ଲକ୍ଷଲକ୍ଷ ଲୋକ ଦେଖିବେ । ଝାଟିମାଟି କୁଡ଼ିଆର ରାଣୀ କେତେ ସୁନ୍ଦର । କେବଳ ତମର ସହଯୋଗ ଲୋଡ଼ା ।

ପଦ୍ମତୋଳା ଡାକରେ ନାଗୁଣୀ ମନ୍ତ୍ର ବଶ ହେଇଗଲା ପରି ପଦ୍ମଆଁ କହିଲା, ତମ ଖୁସି ମୁଁ ଭାଙ୍ଗିବି ନାଇଁ ଗୋ । ମୋ ପରି ଛାର୍ ମଣିଷଟା ପାଇଁ ତୁମକୁ ଯଦି ଏତେ ଖୁସି ମିଳିବ, ମୋ ଜୀବନ ତ ଧନ୍ୟ ହେଇଯିବ । କୁହ, ମତେ କ'ଣ କରିବାକୁ ହବ ।

ଖୁସିରେ ଉଚ୍ଛୁଳି ଉଠିଲା ସୁପ୍ରିୟ ।

ପଦ୍ମଆଁର ହାତ ପାପୁଲି ତୋଳିଧରି ଚୁମାଟେ ଦେଇ କହିଲା, କେବଳ ଏଇ ଠାଣିରେ ତମ ଦୁଆର ବନ୍ଧରେ ଦୁଇହାତ ଭରାଦେଇ ଥରେ, ଦୁଇଥର ଠିଆ ହବ କିଛି ସମୟ । ଠିକ୍ ଏମିତି ବେଶ, ସଦ୍ୟ ଗାଧୁଆ ଦେହ, ଓଦା କେଶ, ଦରଓଦା ଧଳାଶାଢ଼ି ପଣତ ଲୋଟୁଥିବ ତଳେ, ଆଖିରେ ଥିବ ଲାଜଭରା ଚାହାଣି, ଓଠକଣରେ ଲାଜୁଆ ହସ... ବେଳ ବି ଠିକ୍ ଏଇ ସମୟ... ପତଳା କୁହୁଡ଼ିର ଚାଦର ଘୋଡ଼େଇ ହେଇଥିବା ବଡ଼ିଭୋର୍ର ବେଳ । ଏତିକି କେବଳ.. । କ୍ଷଣିକ ପାଇଁ ମନରେ ଆଙ୍କି ହେଇଯାଇ ଥିବା ଛବି କାଗଜରେ ଉତାରିଲା ବେଳେ ନିଖୁଣ, ସୁନ୍ଦର ହେଇ ଫୁଟିଉଠୁ । ଠିକ୍ ତୁମ ପରି ତୁମ ଛବି ଆଙ୍କିବା ମୋ ପାଇଁ କଳାର ଦେବୀଙ୍କ ପୂଜା ହେଇଯାଉ । ଏତିକି କଷ୍ଟ ମୋ ପାଇଁ କରିବ ?

ପଦ୍ମଆଁ ମନା କରି ପାରିଲା ନାଇଁ ।

ଛାତିଭରା ଖୁସି ନେଇ ପାଗଳ ଚିତ୍ରକର ଫେରିଗଲା ତ ଖୁସିରେ କାନ୍ଦି ପକେଇଲା ସେ ।

x x x x x

ଦିଲ୍ଲୀ ଚିତ୍ର ପ୍ରଦର୍ଶନୀରେ ପ୍ରଥମ ପୁରସ୍କାର ପାଇଲା ସୁପ୍ରିୟର କଳାକୃତି– 'ରାଣୀ ପଦ୍ମାବତୀ' । ପାଗଳ ଚିତ୍ରକର ଧାଇଁ ଆସିଥିଲା ପଦ୍ମଆଁର କୁଡ଼ିଆକୁ । ବନ୍ଧେଇକରା ପଦ୍ମାବତୀ ଚିତ୍ର ସହିତ ନୂଆ ନୋଟ୍ ବିଡ଼ାଟିଏ ରଖିଦେଲା ପଦ୍ମଆଁର ପାଦ ପାଖରେ । ସେ କିଛି କହିବା ଆଗରୁ ଉଚ୍ଛୁଳି ଉଠିଲା ସୁପ୍ରିୟ, ତୁମକୁ ଆମକୁ ମୂଲ ଲାଗିବାକୁ ପଡ଼ିବ ନାହିଁ ଗୋ ରାଣୀ । ଏ ସମ୍ମାନ ତମର । ଏ ଅର୍ଥ ରାଶି ବି ତମର । ଟଙ୍କା ଲୋଭରେ ତୁମ ଛବି ମୁଁ ବିକ୍ରି କରିଦେଇ ନାହିଁ । ତା'କୁ ସାଇତି ରଖିବି । ପୁରସ୍କାର ଟଙ୍କା ଇଏ । ଯା ଉପରେ ପୂରା ହକ୍ କେବଳ ତୁମର ।

ପଦ୍ମଆଁ ଜାଣି ପାରୁ ନ ଥିଲା, କ'ଣ କହିବ । ହସିବ ନା କାନ୍ଦିବ ? କିଛି କହିବ ନା ଚୁପ୍ ରହିବ? ଦେହରୁ ଜୀବନ ଛାଡ଼ି ଛାଡ଼ି ଗଲା ପରି ଲାଗୁଚି । ତା' ଛବିର ପୁଣି ଏତେ ମୂଲ, ଲକ୍ଷେ ଟଙ୍କା ? କେବଳ ଶୁଣିଚି, ଦେଖି ନାହିଁ ଜୀବନରେ ।

ଭୂତ ଲାଗିଥିବା ମଣିଷ ପରି ଧୀରେ ଆଗେଇ ଆସିଲା । ସୁପ୍ରିୟ ଛାତିରେ ଗୁଞ୍ଜି ଦେଲା ନିଜର ମଥା । ଧାରଧାର ଲୁହରେ ଭିଜେଇ ଦେଲା ତା'ର ଛାତି ।

କେଳା ଘରର ଝିଅ ପଦ୍ମଆଁ ।

କେତେ ନରମ ଛାତିରେ, ବାହୁରେ ଚିତା କୁଟେଇଚି ଛୁଞ୍ଚିମୁନରେ । ହେଲେ ଇଏ କ'ଣ ହେଲା ଆଜି ? ଏ ପାଗଳ ଚିତ୍ରକର ବିନା ଛୁଞ୍ଚିରେ, ବିନା ରକ୍ତଝରାରେ ତା' ଛାତିର କୋଉ ଅତଳତଳ ଗହୀରରେ ଆଙ୍କିଦେଲା ଏ ଚିତ୍ର ?

ହୋସ୍କୁ ଫେରି ବସେଇ ବସେଇ କହିଲା, ଏ ଟଙ୍କା ମୋର କ'ଣ ହବ ବାବୁ ?

– ମତେ ଆଉ ବାବୁ ବୋଲି ଡାକିବ ନାଇଁ ଗୋ 'ରାଣୀ ପଦ୍ମାବତୀ' । ଭଲ ହଉ କି ମନ୍ଦ, ମୋର ନାଁଟେ ଅଛି ପରା? ସୁପ୍ରିୟ । ସେଇ ନାଁରେ ଡାକିବ, ହେଲା ?

x x x x x

ସୁପ୍ରିୟ ! କି ସୁନ୍ଦର ନାଁ ?

ନାଁ ଯିମିତି, ମଣିଷଟି ସିମିତି । କେଇଟା ଦିନର ଚିହ୍ନାଜଣା ଅବା ? ସିଏ କୋଉଠି ନିରିମାଖି ପଦ୍ମଆଁ କୋଉଠି ? କାହୁଁ ଅଇଲା ମଣିଷ ଜଣେ ପୁଣି ଏତେ ଆପଣାର ହେଇପାରେ ?

ମନେମନେ ଗୁଣିହୁଏ ପଦ୍ମଆଁ - ସୁପ୍ରିୟ... ସୁପ୍ରିୟ ।

କାହିଁ ସୁପ୍ରିୟ ? କେଇ ମାସ ହେଲା ତା'ର ଦେଖାଦର୍ଶନ ନାହିଁ ।

କେଳାଘରର ଝିଅ ପାଖରୁ କାମ ସରିଗଲା ତ ଗଲା । କାଶିଆ କପିଳାର ଭେଟ ଆଉ ହେଇଚି ନା ହବ ? ତଥାପି ନିଆଁଲାଗି ମନଟା ବୁଝିଲେ ତ ? ଦେହଟା ସିନା ମୂଲମଜୁରି ପେଟପାଟଣା ଦାଉ ପାଖରେ ବନ୍ଧା ପଡ଼ିଚି । ହେଲେ ଏ ମନଟା ? କୋଉଠି ହଜିଗଲା ସେଇଟା ? ଥିଲେ ସିନା ଦେହଟାକୁ ଉଠାନ୍ତା ପକାନ୍ତା?

ରାଣ ନିୟମ ଦେଇ ଥାକକ ଯାକ ଟଙ୍କା ଫେରେଇ ଦେଲା । ସେସବୁ ତାର କୋଉ କାମକୁ ?

ସୁପ୍ରିୟ ତାରି କୁଡ଼ିଆରେ ଛାଡ଼ି ଯାଇଚି 'ରାଣୀ ପଦ୍ମାବତୀ', ତା'ର ସପନର ଛବି । ସବୁଦିନେ ତା'କୁ ଦେଖେ । ଆଖି ଭରିଯାଏ ଲୁହରେ । ଛବିରେ ଝାପ୍ସା ଦିଶେ ତା' ନିଜ ମୁହଁ । ଉଭାନ୍ ହେଇଯାଏ । ସେଇଠି ଭାସି ଉଠେ ଆଉ ଗୋଟେ ମୁହଁ । ସୁପ୍ରିୟର । ଢଳଢଳ ଚାହାଣିରେ ତା'କୁ ହିଁ ଚାହିଁ ରହିଥାଏ । ରହିରହି ଶୁଭିଯାଏ ତାର ମରମ ଥରା କଥା,

ତମେ ମୂଲମଜୁରି ଖଟିବା ମୁଁ ସହି ପାରିବି ନାହିଁ ଗୋ ରାଣୀ ପଦ୍ମାବତୀ । ଏ ଟଙ୍କା ତମର ଅମାନତ । ଏହାର ସୁଧରେ ତୁମେ ସମ୍ମାନ ସହିତ ଜୀବନ ଜିଇବ ।

କ'ଣ ଦରକାର ଥିଲା ଏସବୁ ? ସପନରେ ବି ଲୋଡ଼ିନାଇଁ ଏ ସୁଖ । ଆଗରୁ ତ ବେଶ୍ ଥିଲା ସେ । ସୁଖ-ଦୁଃଖ, ପେଟପାଟଣାର ଭୋକ-ଦୁନିଆ ଭିତରେ ଦିନ ସରି ଯାଉଥିଲା । ଏବେ ଦିନ ସରୁନାହିଁ । ଲମ୍ବିଲମ୍ବି ଯାଉଚି ନିଦ ହଜାର ରାତି ।

କାହାପାଇଁ ?

ପଦୁଆଁ କେଲୁଣୀ ପାଇଁ ସିଏ ତ 'ଆକାଶ କଇଁଆ ଚିଲିକା ମାଛ' । ହେଇ ଆସିଲା, ହେଇ ଗଲା; ଗଲାତ ଗଲା । ଗଲା ଆଗରୁ ପଦୁଆଁର ଦରପୋଡ଼ା ମନ ଅଗଣାରେ ରୁଖାଶୁଖା ମାଟିରେ ଲଗେଇ ଦେଇଗଲା ଏତେ ସବୁ ଫୁଲଗଛ । ଏମିତି ଗଛ ଯେ ସେ ସବୁରେ ବାରମାସୀ ଲଦି ହେଉଚି ଝାଙ୍କ ଝାଙ୍କ ଫୁଲ । ଝାଉଁଳୁ ନାଇଁ କି ଝରି ପଡୁନାଇଁ ।

ଏମିତି କେମିତି ହୁଏ ?

ଆସନ୍ତା କି ଆଉ ଥରକ ପାଇଁ । ପଚାରନ୍ତା, କି ଫୁଲର ମଞ୍ଜି ବୁଣି ଦେଇଗଲ ବାବୁ... ନା, ନା... ସୁପ୍ରିୟ ?

ସତକୁ ସତ ଦିନେ ପହଞ୍ଚିଗଲା ସେ ।

ଚଉଁରାମୂଳରେ ସଞ୍ଜବତି ଦେଉଥିଲା ପଦୁଆଁ । ଧୁଆ ଶାଢ଼ିଟେ ପିନ୍ଧିଥିଲା କେବଳ । ବେକରେ ଗୁଡ଼େଇଥିଲା କାନିପଣତ । କାହା ଶୁଭ ମନାସି ଓଳଗି ହେଉଥିଲା ବେଳେ ଶୁଭିଗଲା ମହୁଝରା ଡାକ -ରାଣୀ ପଦ୍ମାବତୀ !

ଚମକି ପଡ଼ି ଚାହିଁଲା ପଦୁଆଁ । ହଜିଲା ଦରବ ଗୋଟା ପୁଣି ଠିଆ ଆଖି ଆଗରେ । ହେଲେ ଇଏକି ରୂପ ଭେକ ? ନୁଖୁରା ଫୁରୁଫୁରୁ କେଶ, ରୁଢ଼ ବଲବଲ ମୁହଁ, ଢଳଢଳ ଆଖି ଯୋଡ଼ିକ ପୋଷେ ଲେଖା ଗହୀରରେ କାନ୍ଦକାନ୍ଦ, ପୋଷାକ ଧୂଳି ମଇଳାରେ ଅସନା । କ'ଣ ହେଇଚି ତା'ର ?

ଅଗଣାର ଦଉଡ଼ିଆ ଖଟ ଉପରେ ବସି ପଡ଼ିଲା ସୁପ୍ରିୟ । "ଭାରି ଶୋଷ... ପାଣି ଗ୍ଲାସେ ଦେଇପାରିବ ?" କିଛି ବି ନ ପଚାରି କାଚ ଗ୍ଲାସରେ ଥଣ୍ଡାପାଣି ଭରି ବଢ଼େଇଦେଲା ପଦୁଆଁ । କୋଉ କାଳର ଶୋଷିଲା ପରି ତରବରରେ ପିଇଗଲା କେଇ ଢୋକ ପାଣି । ପିଇବା ମଝିରେ କାଶ ଉଠିଲା ଜୋର୍‌ରେ । ଭକ୍ କରି ଝଲକାଏ ପାଣି ଛିଟିକି ପଡ଼ିଲା । ଧଇଁସଇଁ ହେଉଥିଲା ଛାତିକୁ ଚାପିଧରି ।

ବ୍ୟସ୍ତ, ବିକଳ ହେଇ ପଡ଼ିଲା ପଦୁଆଁ । ବସି ପଡ଼ିଲା ସୁପ୍ରିୟ ପାଖରେ । ପଣତ କାନିରେ ପୋଛିଦେଲା ମୁହଁ । ଆଉଁଶି ଦେଲା ପିଠି, ଛାତି । ବିଞ୍ଚିବାକୁ ଲାଗିଲା ଶାଢ଼ି ପଣତରେ । ନିଜ ଛାତି ଉପରେ ପଦୁଆଁର ହାତ ପାପୁଲିକୁ ଚାପି ଧରିଲା ସୁପ୍ରିୟ । ଲମ୍ବା ଲମ୍ବା ନିଃଶ୍ୱାସ କେଇଟା ନେଇ କହିଲା, ଏଇଠି ଭାରି କଷ୍ଟ ହେଉଚି । ଦିନରାତି, ରାତିଦିନ ଶହଶହ ଛୁଞ୍ଚି ଫୋଡ଼ି ହବାର ଯନ୍ତ୍ରଣା । ତମେ ଲେଖି ଦେଇଥିବା ଅକ୍ଷର ତିନିଟା ଭାରି ଜଳାପୋଡ଼ା କରୁଚି । ଗୋଟେ କାମ କରିବ ? ଲିଭେଇ ଦବ ସେ ଅକ୍ଷର ତିନିଟା ?

ଚକିତ ହେଲା ପଦୁଆଁ । ସେଦିନ

"ପଦୁଆଁ କେଲୁଣୀ ପାଇଁ ସିଏ ତ 'ଆକାଶ କଇଁଆ ଚିଲିକା ମାଛ' । ହେଇ ଆସିଲା, ହେଇ ଗଲା; ଗଲାତ ଗଲା । ଗଲା ଆଗରୁ ପଦୁଆଁର ଦରପୋଡ଼ା ମନ ଅଗଣାରେ ରୁଖାଶୁଖା ମାଟିରେ ଲଗେଇ ଦେଇଗଲା ଏତେ ସବୁ ଫୁଲଗଛ । ଏମିତି ଗଛ ଯେ ସେ ସବୁରେ ବାରମାସୀ ଲଦି ହେଉଚି ଝାଙ୍କ ଝାଙ୍କ ଫୁଲ । ଝାଉଁଳୁ ନାଇଁ କି ଝରି ପଡୁନାଇଁ ।"

କେତେ ସରାଗରେ ଛାତି ଉପରେ ଖୋଦେଇ କରିଥିଲା ତ ଅକ୍ଷର ତିନିଟି ? ଘା' ତ ନାହିଁ । ଶୁଖି ଗଲାଣି କେବେଠୁ । ଗୋରା ଛାତି ଉପରେ ନୀଳକଇଁ ଫୁଲ ପରି ଫୁଟିଚି ସେ ନାଆଁଟି । ଏବେ ସିଏ ଦଉଚି ଛୁଞ୍ଚି ଫୋଡ଼ାର ଯନ୍ତ୍ରଣା ? କ'ଣ ଏମିତି ହେଇଗଲା ଯେ ? ଚିତାକୁଟା ଲେଖାକୁ ସିଏ ଲିଭେଇ ପାରିବ କେମିତି ? ଇଏ ଯେ କରମକଳା, ଦେହ ଥିବାଯାଏ ଅଲିଭା ।

କଅଁଳ କଣ୍ଠରେ କହିଲା, ଇଏ କ'ଣ ଲିଭିବ?

– ତେବେ ଗୋଟେ ଛୁରୀରେ ଛେଲି ବାହାର କରିଦିଅ ସେ ନାଁଟାକୁ ।

ଜିଭ କାମୁଡ଼ି ପକେଇଲା ପଦୁଆଁ - କି କଥା କହୁଚ ଗୋ ? ମୁଁ କ'ଣ କଂସେଇ ?

ହତାଶ ହେଇ ସୁପ୍ରିୟ କହିଲା, ତେବେ ମୋର ମରିବା ଥୟ ।

- କି କାଳତୁଣ୍ଡା କଥା ? ଦୟା କରି ଚୁପ୍ ହେଇଯାଅ ତ । ତମେ କିଆଁ ମରିବ ଯେ ? ଯଦି ମରଣ ଯୋଗ କାହାର ଥାଏ ତ, ତେବେ ଏଇ କେଲୁଣୀ ପଦୁଆଁର । ମୁଁ ସିନା ଏ କଷ୍ଟ ଦେଇଚି ତୁମକୁ ? ମୋର ଆୟୁଷ ନେଇଯାଅ ସବୁ । ଠାକୁରଙ୍କୁ ସଞ୍ଜେ ସକାଳେ ଏତିକି ଜଣଉଚି ।

କାନ୍ଦି ପକେଇଲା ପଦୁଆଁ

ତା' ଆଖିର ଲୁହ ପୋଛିଦେଲା ସୁପ୍ରିୟ । କହିଲା, ଇଏଯେ ମତେ ଶାନ୍ତିରେ ବଞ୍ଚିବାକୁ ଦେଉନାଇଁ । ଆଉ କିଛି ଉପାୟ ନାଇଁ ?

କିଛି ବେଳ ଭାବିଲା ପଦୁଆଁ । କହିଲା, ଉପାୟ ଅଛି । ସେଇ ନାଁ ପାଖରେ ଲେଖିଦେଇ ଆଉ ଗୋଟେ ନାଁ । ମୋର ବିଶ୍ୱାସ, ତମ କଷ୍ଟ ମେଣ୍ଟିଯିବ ।

– କୁହତ, କ'ଣ ସେ ନାଁ ? ଆଗ୍ରହରେ ପଚାରି ଦେଲା ସୁପ୍ରିୟ ।

– ପଦ୍ମାବତୀ ! ଲାଜ ଲାଜ ହେଇ କହିଲା ପଦୁଆଁ ।

– ପଦ୍ମାବତୀ... ପଦ୍ମାବତୀ ! ସୁପ୍ରିୟ !! ଆଃ, କି ସୁନ୍ଦର ! କେତେ ସହଜରେ ମୋ

କଷ୍ଟକୁ ଦୂର କରିଦେଲ ଗୋ ରାଣୀ ? କେମିତି ଶୁଝିବି ଏ ଋଣ? ଏବେ ଲେଖିଦିଅ । ଆଉ ଡେରି କରନା ।

ପଦୁଆଁର ଦୁଇ ବାହାକୁ ଚାପି ଧରି ଅଳି କଲା ସୁପ୍ରିୟା । ହସି ପକେଇଲା ପଦୁଆଁ । କହିଲା, ଏବେ ନୁହେଁ । ତମ ଦେହ ଭଲ ହେଉ । ଏ ଅବସ୍ଥାରେ ଆଜି ତୁମକୁ ଯିବାକୁ ଦେବି ନାଇଁ । ଗରିବ କେଲୁଣୀର କୁଡ଼ିଆ ଘରେ ରହିଯାଅ ଆଜି । ରାତି ପାହୁ, ତୁମକୁ ଭଲ ଲାଗୁ ।

– କିଏ ଜାଣେ ଗୋ ରାଣୀ । କାଲିଯାଏ ଜୀବନ ରହିବ କି ନା?

– ଚୁପ୍ । ଏକ୍‌ଦମ୍ ଚୁପ୍ ।

ସୁପ୍ରିୟର ମଥାକୁ ଛାତି ଉପରକୁ ଆଉଜେଇ ଆଣିଲା ପଦୁଆଁ । ଆଉଁଶି ଚାଲିଲା ତାର ସାରା ଦେହ । କୋଳ ଛୁଆ ପରି ପଦୁଆଁର ଛାତିରେ ମୁହଁ ଗୁଞ୍ଜି ଦେଇଥିଲା ସୁପ୍ରିୟ । ଦୁଇଟି ଫୁଟନ୍ତ ନୀଳକଇଁର ମଝିଆ ମଝି ବାସ୍ନା ବଗିଚାରେ ହଜେଇ ଦେଲା ନିଜକୁ ।

ଛାତି ଉପରୁ ଶାଢ଼ିର ଆବରଣ ଖସି ଯାଇଥିଲା । ଯାଉ, ଖସିଯାଉ । ନ ରହୁ କିଛି ବାଧା । ପଣତ ଘୋଡ଼େଇ ମୁକୁଳା ଛାତିରେ ଲୁଚେଇ ରଖିବ ଅମୂଲ୍ୟ ଦରବକୁ । ଦେହରେ ଜୀବ ଥାଉଥାଉ ହଜି ଯିବାକୁ ଦବ ନାଇଁ ଏ ଦୁର୍ମୂଲ୍ୟ ଇନ୍ଦ୍ର ସମ୍ପଦ ।

ଜଳେଶ୍ୱର ମହାଦେବଙ୍କୁ ଜଣଉଥିଲା ହୃଦୟର ନିରବ ଭାଷାରେ - ଜାଗର ଉପବାସର ଫଳ ଆଜି ମତେ ମିଳିଗଲା ଠାକୁରେ । ଜୀବନ ଧନ୍ୟ ହେଇଗଲା ପଦୁଆଁ କେଲୁଣୀର ।■■■

ଉଦୟନ, ଜାରକା, ଯାଜପୁର
ଦୂରଭାଷ : ୯୦୪୦୭୪୫୬୦୨

'ସମାଜ'ର ୧୦୫ତମ ପୂର୍ତ୍ତି ତଥା ଦୁର୍ଗାପୂଜା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।

ସୁଶ୍ରୀ ମମତା ରାୟ
ପାରିଷଦ, ୱାର୍ଡ ନମ୍ବର ୧୮,
ସୁନାବେଡ଼ା ପୌର ପରିଷଦ

WOSCA

WOMEN'S ORGANISATION FOR SOCIO-CULTURAL AWARENESS

ଓମେନ୍ସ ଅର୍ଗାନାଇଜେସନ ଫର ସୋସିଓ କଲଚରାଲ ଆୱାରନେସ (ଓସ୍କା)

ମଣ୍ଡୁଆ, କେନ୍ଦୁଝର-୭୫୮୦୧୪, ଓଡ଼ିଶା

Email : wosca@rediffmail.com, Website : www.wosca.in

Mob- 9437025119

ଓମେନ୍ସ ଅର୍ଗାନାଇଜେସନ ଫର ସୋସିଓ କଲଚରାଲ ଆୱାରନେସ (ଓସ୍କା) କେବଳ କେନ୍ଦୁଝର ଜିଲ୍ଲାର ନୁହେଁ ବରଂ ସମଗ୍ର ଓଡିଶା ତଥା ଭାରତର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭାବରେ ସୁପରିଚିତ । ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଅନୁନ୍ନତ ଜନସାଧାରଣଙ୍କ ବିକାଶ ତଥା ଶିକ୍ଷା ଏବଂ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ୧୯୯୩ ମସିହାରେ କେତେକ ଉଦ୍ୟମୀ ମହିଳାଙ୍କୁ ନେଇ କେନ୍ଦୁଝର ଜିଲ୍ଲାରେ ଜନ୍ମ ନେଇଥିବା 'ଓସ୍କା' ଆଜି ଓଡିଶାର ୭ ଟି ଜିଲ୍ଲା ତଥା ଭାରତର ଅନ୍ୟୂନ ୫ ଟି ରାଜ୍ୟରେ ଏହାର କାର୍ଯ୍ୟକ୍ରମ ଜାରି ରଖିଛି । ପ୍ରତିଷ୍ଠା ହେବା ଦିନରୁ ଏଯାବତ ଧର୍ମ, ଜାତି ଓ ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ଅଭାବଗ୍ରସ୍ତ ମଣିଷର ଆବଶ୍ୟକତା ପାଇଁ 'ଓସ୍କା' ସଦାସର୍ବଦା କାର୍ଯ୍ୟରତ । 'ଓସ୍କା' ର ଲକ୍ଷ୍ୟ ହେଉଛି ଗରିବ, ଅବହେଳିତ ଓ ନିଷ୍ପେସିତ ଜନସାଧାରଣଙ୍କର ସଶକ୍ତିକରଣ, ନିଷ୍ପେସିତଙ୍କ ପ୍ରଚେଷ୍ଟାରେ ସହଯୋଗ, ସହଭାଗୀ ବିକାଶ, କୁପୋଷଣ ମୁକ୍ତ ସମାଜ ଗଠନ, କୃଷି ଉତ୍ପାଦନ କ୍ଲଷ୍ଟର ମାଧ୍ୟମରେ ଗ୍ରାମୀଣ ମହିଳାଙ୍କ ଆର୍ଥିକ ଅଭିବୃଦ୍ଧି, କର୍ମଜୀବୀ ମହିଳାଙ୍କ ସୁରକ୍ଷିତ ରହଣି ପାଇଁ ଆବାସିକ କେନ୍ଦ୍ର, ଅବହେଳିତ ଶିଶୁଙ୍କ ପାଇଁ ଆନନ୍ଦମୟ ଶିକ୍ଷା ପ୍ରଦାନ, ପୁଷ୍ଟି ପୁନର୍ବାସ କେନ୍ଦ୍ର ପରିଚାଳନା, ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ମା ଗୃହର ସୁବିଧା ପ୍ରଦାନ, ଶିଶୁମାନଙ୍କ ପାଇଁ କ୍ରେଚ/ଆମ କଳିକା କେନ୍ଦ୍ର ସ୍ଥାପନା ଓ ସେମାନଙ୍କ ପୌଷ୍ଟିକ ବିକାଶ ଏବଂ ଜଳସମ୍ପଦର ସୁପରିଚାଳନା ଆଦି ଅନ୍ୟତମ । 'ଓସ୍କା' ସ୍ଥାନୀୟ ଅନୁଷ୍ଠାନ, ସରକାରୀ ଅନୁଷ୍ଠାନ, ବେସରକାରୀ ଅନୁଷ୍ଠାନ, ସାମାଜିକ ଆନ୍ଦୋଳନ ଓ ଗବେଷଣାରତ ଅନୁଷ୍ଠାନ ଗୁଡିକ ସହିତ ସହ-ଭାଗିତାରେ କାର୍ଯ୍ୟ କରିଥାଏ । 'ଓସ୍କା'ର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମଗୁଡିକ ମଧ୍ୟରେ କୁପୋଷଣମୁକ୍ତ ସମାଜ ଗଠନ, ଗର୍ଭବତୀ, ପ୍ରସୂତୀ ଓ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟର ସୁରକ୍ଷା, କୃଷି ଉତ୍ପାଦନ କ୍ଲଷ୍ଟର ଗଠନ, ଉଦ୍ୟାନ ଭିତ୍ତିକ କୃଷି ଏବଂ ଉଦ୍ୟାନ ବିକାଶ, ଆମ କଳିକା (କ୍ରେଚ) କାର୍ଯ୍ୟକ୍ରମ, ମହିଳା ପଞ୍ଚାୟତ ପ୍ରତିନିଧିଙ୍କ ସଶକ୍ତିକରଣ, ଜଙ୍ଗଲ ଜମି ସୁରକ୍ଷା ଆଇନର ସଠିକ ରୂପାୟନ, ପାଣିପାଗ ପରିବର୍ତ୍ତିତ ସ୍ଥିତିର ପ୍ରାକୃତିକ ସମ୍ପଦର ସୁପରିଚାଳନା ମାଧ୍ୟମରେ ମୁକାବିଲା, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ମାଧ୍ୟମରେ ମହିଳା ସଶକ୍ତିକରଣ, ଆୟଭିତ୍ତିକ କାର୍ଯ୍ୟକ୍ରମ, ଚାରାରୋପଣ ମାଧ୍ୟମରେ କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନଙ୍କ ଜୀବନ ଜୀବିକାର ଅଭିବୃଦ୍ଧି, ପତିତ ଭୂମିର ପୁନରୁଦ୍ଧାର, ବର୍ଷା ଜଳ ସଂରକ୍ଷଣ ଦ୍ୱାରା ପ୍ରାକୃତିକ ସମ୍ପଦର ସୁବିନିଯୋଗ, ଜୈବ ବିବିଧତା ସଂରକ୍ଷଣ, ମା ଓ ଶିଶୁ ସ୍ୱାସ୍ଥ୍ୟର ସୁରକ୍ଷା, ସାମାଜିକ ବିକାଶରେ ଯୁବ ଶକ୍ତି ଓ ପ୍ରତିଭାର ବିନିଯୋଗ ସହିତ ସ୍ୱଳ୍ପ ବାହ୍ୟ ସହାୟତା ଭିତ୍ତିରେ ପ୍ରାକୃତିକ ସମ୍ପଦ ପରିଚାଳନା ପାଇଁ ସ୍ଥାନୀୟ ପାରମ୍ପରିକ ଜ୍ଞାନ କୌଶଳ ଏବଂ ନୂତନ ସୃଜନଶୀଳ ବୈଷୟିକ ଜ୍ଞାନ ଦ୍ୱାରା ଜୀବନ ଜୀବିକାର ଉନ୍ନତି ଦିଗରେ କାର୍ଯ୍ୟ କରି ଆସୁଅଛି । ବିଗତ ତିରିଶ ବର୍ଷର ଏହି ସୁଦୀର୍ଘ ଯାତ୍ରା ପଥରେ ନାବାର୍ଡ, ପ୍ଲାନ – ଇଣ୍ଡିଆ, କେୟାର ଇଣ୍ଡିଆ, କନସର୍ନ ୱାଲଡ ୱାଇଡ, ସେଣ୍ଟର ଫର ୱାଲଡ ସଲିଡାରିଟି, ସେଣ୍ଟର ଫର ପିପୁଲସ ଫରେଷ୍ଟ୍ରି (ସି.ପି.ଏଫ), ଅକ୍ସଫାମ-ଇଣ୍ଡିଆ, କେ.ଏନ.ଏଚ, ହାଇଫାର ଇଣ୍ଟରନ୍ୟାସନାଲ, ଆଇ.ପି.ଇ. ଗ୍ଲୋବାଲ ଲି, ଜେ.ଏସ.ପି.ଏଲ, ରାଜ୍ୟ ସମାଜ ମଙ୍ଗଳ ପରିଷଦ, ପଞ୍ଚାୟତିରାଜ ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ୟୁନିସେଫ, ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଅଜିମ ପ୍ରେମଜୀ ଫାଉଣ୍ଡେସନ, ଜିଲ୍ଲା ପ୍ରଶାସନ, ଓଡିଶା ସରକାର ଇତ୍ୟାଦି 'ଓସ୍କା' କୁ ସହାୟତା ପ୍ରଦାନ କରିଛନ୍ତି । ଅଦ୍ୟାବଧି 'ଓସ୍କା' ଏହାର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସମୁଦାୟ ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ପରିବାରଙ୍କ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିଛି । କେନ୍ଦୁଝର ଜିଲ୍ଲାର ଗରିବ ଓ ଅବହେଳିତ ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବା – "ଓସ୍କା"ର ଆଗାମୀ ଦିନର ଲକ୍ଷ୍ୟ ।

ଧରିତ୍ରୀ ରାଉତ

ସମ୍ପାଦିକା, ଓସ୍କା

A WELL WISHER

BEST WISHES

JEYPORE KORAPUT

ଜଗତ୍ ଜନନୀ ମା'ଦୁର୍ଗାଙ୍କ ପୂଜୋତ୍ସବ ଅବସରରେ ସମସ୍ତଙ୍କୁ ଶୁଭ କାମନା ସହିତ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ଯୁବ ପଥର ଶିଳ୍ପୀ ବିଶ୍ୱନାଥ ରଣାଙ୍କ ହାତଗଢ଼ା ମୂର୍ତ୍ତୀ ଓ କଳାକୃତି ଗୁଜୁରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ସମେତ ବହୁ ରାଜ୍ୟରେ ଶୋଭା ପାଉଛି । ବିଗତ ଦିନରେ ପେନସିଲ ଲିଡ଼ରେ ସେ ୧ ଘଣ୍ଟା ପରିଶ୍ରମ କରି ୦.୫ ସେଣ୍ଟିମିଟରର କ୍ଷୁଦ୍ରତମ ଅଶୋକସ୍ତମ୍ଭ ନିର୍ମାଣ କରି ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି ।

ମା' ଦୁର୍ଗା ଶିଳ୍ପୀ ଶ୍ରୀ ରଣାଙ୍କୁ ଆଶିଷ ବାଣ୍ଟୁଥାନ୍ତୁ ।

ବିଶ୍ୱନାଥ ରଣା

ଯୁବ ପଥରଶିଳ୍ପୀ

ଗୋପାଳପୁର, ବାହାନଗା, ବାଲେଶ୍ୱର



ଆଦ୍ୟ ଓଁକାର

ରାଜ୍ୟବର୍ଦ୍ଧନ ଧଳମହାପାତ୍ର

ଓଡ଼ିଆ କଥା ସାହିତ୍ୟ ଜଗତରେ ଏକ ସଶ୍ରଦ୍ଧ ଉଚ୍ଚାରଣ । ତାଙ୍କ କଥାରାଜିରେ ମାନବବାଦର ସ୍ୱର ଅନୁରଣିତ । କୌଣସି ମାର୍ମିକ ଅନୁଭୂତିକୁ ଜୀବନ୍ତ ଭାବେ ଚିତ୍ରଣ କରିବାରେ ତାଙ୍କର ସ୍ୱକୀୟତା ରହିଛି । 'ସବୁଜ ପତ୍ରରେ ସୂର୍ଯ୍ୟାସ୍ତର ରଙ୍ଗ', 'ଦୌଡ଼ ପ୍ରତିଯୋଗିତା', 'ବାମନ ବୃକ୍ଷ' (ଗଳ୍ପ ସଙ୍କଳନ) ଓ 'ହୃଦୟର ସୀମାରେଖା', 'ପୁଣ୍ୟ ପତିତା' ଓ 'ବେଳ ଭଲ ନାହିଁ' (ଉପନ୍ୟାସ)ର ରଚୟିତା ।

ଆଜି ଆଶା ଦିଦି କହିଥିଲେ ଆସିବେ ବୋଲି । ଦିଦିଟା ଖୁବ୍ ଭଲ । ଛଅ ସାତ ମାସ ହେଲାଣି ବରାବର ଘରକୁ ଆସୁଛନ୍ତି । ଭିଟାମିନ୍ ବଟିକା ସହ କ'ଣ କ'ଣ ସୁଇ ବି ଦେଇଛନ୍ତି ଯଶୋଦାକୁ । ମୁଁ ତ ମୂରୁଖ ଲୋକ । କ'ଣ ବା ହିସାବ ଜାଣେ? ସିଏ ତାଙ୍କର ଛୁଆ ସଞ୍ଜିବାଠାରୁ ହିସାବ କରି ଦେଖିଥିଲେ । ଏଇ ଦିନେ ଦୁଇଦିନ ମଧ୍ୟରେ ଡେଲିଭରୀ ହବ ବୋଲି କହିଥିଲେ । ସେଥିପାଇଁ ଆଜି ଆସି ଥାଆନ୍ତେ । ଅବସ୍ଥା ଦେଖି ନେଇ ଥାଆନ୍ତେ ଡାକ୍ତରଖାନା । ଡାକ୍ତରଖାନାରେ ପିଲା ଜନ୍ମ ହେଲେ କୁଆଡ଼େ ଆମକୁ ଟଙ୍କା ମିଳିବ । କ'ଣ ତ' ସେ ଯୋଜନା ନାଆଁଟା କହୁଥିଲେ କୌଶଲ୍ୟା ଦିଦି? ହଁ-ହଁ, ମମତା, ମମତା ।

ହେଲେ ଆଜି ସକାଳୁ ଏ ଯେଉଁ ମେଘ ଘୋଟିଛି, ଲାଗୁଛି ଆକାଶ ଯେମିତି ଛିଣ୍ଡି ପଡ଼ିବ ମେଘର ଭାରାରେ । ସେଥିକୁ ସେ ସ୍ତ୍ରୀଲୋକଟିଏ, ଆସିବ କେମିତି ? ସେ ରହୁଛନ୍ତି ନୂଆ ଗାଆଁରେ । ନୂଆ ଗାଆଁ ବ୍ଲକ୍ ପାଖରେ । ବ୍ଲକ୍ ପଛକୁ ଲାଗି ସାପୁଆ ନାଳ । ନାଳରେ ଅବଶ୍ୟ ପାଣି ନାହିଁ । ପାଦେ ପାଦେ ପାଣି ଚଁଚରା ଗଡ଼େ ସବୁବେଳେ । ହେଲେ ଅସରାଏ ବର୍ଷା ହୋଇଗଲେ, କୁଆଡୁ ଆସେ ଏତେ ପାଣି ଯେ ସଙ୍ଗେ ସଙ୍ଗେ ଫୁଲି ଉଠେ ସାପୁଆ । ବର୍ଷା ଛାଡ଼ିବା ସଙ୍ଗେ ସଙ୍ଗେ ଯେମିତି ଫୁଲିଥାଏ ସେମିତି ବି କମିଯାଏ । ସାପୁଆ ନାଳର କୂଳଟା କିନ୍ତୁ ଭାରି ତିଖ । କୂଳରେ ଠିଆ ହୋଇ ତଳକୁ ଚାହିଁଲେ ମୁଣ୍ଡ ଘୂରାଇଲା ପରି ଲାଗେ । ସେ ନାଳ ପାର ହେଲେ, ବୁଢ଼ୀ ଡଙ୍ଗର । ତା'ରି ତରାତରା ସରୁ ପାଦ ଚଲା ରାସ୍ତା । କଣ୍ଟାଝଣ୍ଟା ବି ଅଛି ଠାଏ ଠାଏ । ସେହି ରାସ୍ତାରେ ତିନିକୋଶ

ଚାଲିଲେ ପଡ଼ିବ ଭେଜିପଦର ନାଳ। ଆମ ଗାଆଁ ନାଆଁରେ ସେ ନାଳ। ହେଲେ ଏଇଟା ସାପୁଆ ନାଳ ପରି ନୁହଁ। ଏଥିରେ ଜଙ୍ଘେରୁ ଅଣ୍ଟାଏ ଯାଏ ପାଣି ରହେ ସବୁଦିନ। ବରଷା ଚାରିମାସ ତ ଭରା ରହେ ନାଳ। ସୁଅ ବି ହୁଏ ଜୋର୍। ନା ଡଙ୍ଗା, ନା ପୁଲିଆ ଅଛି ଯେ ପାରି ହେବୁ।

ଆମର ବି କେଉଁ ନିତି ଲୋଡ଼ା ଯେ ନାଳ ପାରି ହେବା। ହପ୍ତାକୁ ଥରେ ହାଟକୁ ଯାଇ ସଉଦା ଆଣିଲେ ତ ଆମ ସଂସାର ଚଳେ। ସେଥିପାଇଁ ତ ଶାଳ ଖୁଣ୍ଟ ପୋତି ବାଉଁଶ ବିଛାଇ ବାନ୍ଧିଛୁ ପୁଲିଆଟିଏ। ଉପରେ ଟାଣିଛୁ ଶିଆଳି ଲଟାର ଦଉଡ଼ି। ଗୋଟିଏ ହାତରେ ଉପର ଦଉଡ଼ିକୁ ଧରି ପାଦ ଚିପିଚିପି ଆମେ ନାଳ ପାରି ହୋଇଯାଉ। ନାଳ ଏପଟରେ ତ ଆମ ଦୁନିଆ। ଆମ ଚାଷ, ବାସ, ଗାଈଗୋରୁ, ଛେଳି ମେଣ୍ଢା ଧନ୍ଦାରେ ଆମର ବେଳ କାହିଁ ଯେ ନାଳ ସେପଟ ଦୁନିଆ କଥା ଚିନ୍ତା କରିବାକୁ। ହାଟ ସଉଦା ବାଦ, କେବେ କେବେ ବ୍ଲକ୍‌ରୁ ଡକରା ଆସେ ଭତ୍ତା ଟଙ୍କା ପାଇଁ। ବୁଢ଼ାବୁଢ଼ୀଙ୍କୁ ସାଥିରେ ନେଇ ଯିବା ବଡ଼ ଝମେଲା। ସବୁଠୁ ଝମେଲା ତ ତାଙ୍କୁ ନାଳ ପାରି କରାଇବା। ରକ୍ଷା ହୋଇଛି ଏବେ ବେଙ୍କ୍ ଖାତାକୁ ପଠାଇ ଦେଉଛନ୍ତି। ଯାହାକୁ ଯେମିତି ସୁବିଧା ହେଉଛି ଯାଇ ଉଠାଇ ଆଣୁଛନ୍ତି।

ଏଇ ନଈ, ନାଳ ଓ ପାହାଡ଼ୀ ରାସ୍ତାକୁ ନେଇ ଅସୁବିଧା ତ ଅଛି। ହେଲେ ସେ ଅସୁବିଧାଟା ବେଶି ଦିଶେ ବାହାରିଆ ଲୋକ ଯେତେବେଳେ ଏଠାକୁ ଆସନ୍ତି। ଆମେ ତ ଆଦି ଏଥିରେ ଜନମରୁ। ସୁବିଧା କ'ଣ ଜାଣିଥିଲେ ସିନା ଆମ ଗାଆଁଟା ଅସୁବିଧାରେ ଅଛି ବୋଲି ଜାଣନ୍ତୁ। ଜନମ ପରଠାରୁ ତ ଦେଖିଲୁ ଏଇ ପାହାଡ଼, ଡଙ୍ଗର। ପାହାଡ଼ର ଛାତି ପୋଡ଼ି ପୋଡ଼ୁ ଚାଷ କଲୁ। ଫଳାଇଲୁ ମକା, ବାଜରା, ମାଣ୍ଡିଆ। ପାହାଡ଼ର ଗଡ଼ା



ପାଣିକୁ ବନ୍ଧାଇ ପାହାଡ଼ ତଳେ ଫଳାଉଛୁ ଧାନ। ଜଙ୍ଗଲରେ ତ ମହୁଲ। ବାଡ଼ିରେ ବି ସଲପ। ମହୁଲି ଓ ସଲପ ମଦ ତ ଆମ ଜୀବନ। ଆମ୍ବ ଦିନେ ଆମ୍ବ, ପଣସ ଦିନେ ପଣସ, କେନ୍ଦୁ, ଚାରକୋଳି, ଯାହାକୁ ଯେତେ। ଅନ୍ୟମାନଙ୍କୁ ଆମ ଗାଆଁଟା ଅସୁବିଧା ସିନା, ହେଲେ ଏଇଟା ତ ଆମ ପାଇଁ ସରଗ ପରି। ସେମାନେ ଯିଏ ନିନ୍ଦନ୍ତି ଆମ ଗାଆଁକୁ ସେମାନେ କାହୁଁ ଜାଣିବେ ଏଠିକାର ଜହ୍ନ ରାତିର ମାଦକତା ? ଶୁଣିଛନ୍ତି କି ସେମାନେ ଧାଙ୍ଗଡ଼ା ବସା ଓ ଧାଙ୍ଗଡ଼ୀ ବସାରେ ରାତିରେ ଭାସି ଆସୁଥିବା ଗୀତକୁ? ଶୁଣିଛନ୍ତି କି ସେମାନେ ମହୁଲି ନିଶାରେ ମାତାଲ୍ ହୋଇ ଗାଉଥିବା ଗୀତ ? ତେଣୁ ଆମ ଗାଆଁକୁ କେହି ନିନ୍ଦି କରି କହିଲେ ମୋ ଦେହ ସହିପାରେନି ଜମା।

ଆଶା ଦିଦିଟା କିନ୍ତୁ ଭାରି ଭଲ। ଏତେଥର ଆସିଛି ଯଶୋଦାର ଗର୍ଭ ଦେଖିବାକୁ, ଔଷଦ ଦେବାକୁ; ହେଲେ କେବେ ଥରେ ନିନ୍ଦିନି। ସିଏ ଆସନ୍ତି ଆମ ଭଲ ପାଇଁ। ଆମର ତାଙ୍କୁ କିଛି ଦେବାଟା ଫାବୁଛି ନା ନାହିଁ ? ଯାହା ବି ଦେଲେ ନାହିଁ ନାହିଁ କରିବେ। ହେଲେ ମୁଁ ବା କେଉଁ ଛାଡ଼ିବା ଲୋକ। ସେ ଗଲାବେଳେ ତାଙ୍କ ପଛେ ପଛେ ଯାଇ କାନ୍ଦୁଲ, ମାଣ୍ଡିଆ, ମକାରୁ କିଛି ଓ କେବେ ପଟେ କୁକୁଡ଼ା ବି ଦିଏ। ନାହିଁ ନାହିଁ କରୁ କରୁ ଶେଷକୁ ନିଅନ୍ତି। ହେଲେ ସେ ବ୍ଲକ୍ ବାବୁଟା ଯିଏ ଆସେ ଭତ୍ତା ଦେବା ପାଇଁ, ଭାରି ଶୋଷା। ସବୁ ଦରବକୁ ଲୋଭ କରି ମାଗିବ। ନବ ବି। ଆସୁ ଆସୁ ଆଗ ବରାଦ କରିବ କୁକୁଡ଼ା ମାଂସ ପାଇଁ। କୁକୁଡ଼ା ମାଉଁସ କଷାରେ ପେଟେ ମହୁଲି ପିଇବ ଆଗେ। ଆଉ ଖାଇବା ବେଳକୁ ନିଶା ଏତେ ଚଢ଼ି ଯାଇଥିବ ଯେ ଖାଇବାଟା ନାଆଁକୁ ମାତ୍ର। ସିଏ ତ କହେ, ସତ କି ମିଛ ସିଏ ବି ଆମ ପରି ଆଦିବାସୀ କୁଳରେ ଜନମ ବୋଲି। ପାଠ ଦି' ଅକ୍ଷର ପଢ଼ିଛି ବୋଲି ସେ ଚାକିରି କରିଛି। ତାକୁ ଦେଖିତ ମୁଁ ମନେମନେ ଭାବିଛି, ଯଦି ଯଶୋଦା, ବାବୁଟାଏ ଜନମ କଲା ତା'କୁ ବି ମୁଁ ଦି' ଅକ୍ଷର ପାଠ ପଢ଼ାଇବି ଓ ସରକାରୀ ବାବୁ କରିବି।

ହେଲେ ଆଜି! ଆକାଶରେ ତ ଘୋଟିଛି ଦଶ ମେଘ। ବରଷି ନାହିଁ ଏ ଯାଏ, ସତ, ମାତ୍ର ବରଷିଲେ ତ ପ୍ରଳୟ କରିବ ଲାଗୁଛି। ସେ ସ୍ତ୍ରୀ ଲୋକଟାଏ କେଉଁ ସାହସରେ ଏତେ ବାଟ ଆସିବ ? ଯଦି ବରଷିବା ଆରମ୍ଭ କଲା ସେ ଫେରି ପାରିବ ତ ?

ଯଶୋଦା ଏପଟ ସେପଟ ହୋଇ ତକେଇ ଥିଲା ଦିଦିଙ୍କ ଆସିବା ବାଟକୁ। ମୁଁ ତା' ମନୋଭାବ ପଢ଼ି ନେଇ କହିଲି, ଇଏ ଯେମିତିକା ମେଘ ଉଠାଇଛି, ସେଥିରେ ସିଏ ଆଜି ଆସି ପାରିଲା ପରି ମୋତେ ଦିଶୁନି।

ତାଙ୍କ ହିସାବରେ ତ ବେଳ ହୋଇ ଗଲାଣି। ଆଜି ସକାଳ ପହରୁ ମୋତେ ବି ସେମିତି ସେମିତି ଲାଗୁଛି। ଆଉ ଦି' ଘଡ଼ି ଅପେକ୍ଷା କରିବା, ସିଏ ଯଦି ନ ଆସି ପାରିଲେ ତେବେ ଆମେ ନୂଆ ଗାଆଁ ହାସ୍‌ପାତାଲକୁ ଚାଲିଯିବା। ତୁଇ ବ୍ୟବସ୍ଥା କରିଥା।

ନୂଆ ଗାଆଁ ଡାକ୍ତରଖାନା କ'ଣ ପାଖରେ ନା ହାକରେ? ଆମ ଗାଆଁକୁ କୋଉ ବା ଗାଡ଼ିଘୋଡ଼ା ଆସି ପାରିବ ? ତୁ ତ ସହଜେ ଅସହଜ ମଣିଷଟା, ତୁ ଚାଲି କରି ଯାଇ ପାରିବୁ ନା ତୋତେ ଚଲାଇ କରି ନେଇହେବ

? ମୁଁ ଭାବିଥିଲି ଆଶା ଦିଦିଙ୍କୁ ନେହୁରା ହୋଇ କହି ଥାଆନ୍ତି, ଆମକୁ ସେ ମମତା ପଇସା ମିଳୁ ବା ନ ମିଳୁ ଏଇଠି ଡେଲିଭରୀ କରାଇ ଦିଅ; କିନ୍ତୁ ଏ ଯେଉଁ ବର୍ଷା ଘୋଟିଛି, କେତେବେଳେ ଆକାଶ ଫାଟିବ ଜଣା ନାହିଁ, ସେଥିରେ ତାଙ୍କୁ କ'ଣ ଦୋଷ ଦେଇ ହେବ ? ସେ କରମା ବୁଢ଼ୀଟା ଶୂଳ ଧରୁଥିଲା ଆଗରୁ । ଆଗରୁ କ'ଣ ଏ ଡାକ୍ତରଖାନା କ'ଣ କେହି ଜାଣିଥିଲେ । ସେ ହିଁ ତ ସବୁ ସମ୍ଭାଳୁ ଥିଲା । ଆମେ ସବୁ ବି ତା'ରି ହାତରେ ଜନମ ହୋଇଛୁ । ତା' ପୂର୍ବରୁ ତା' ଶାଶୂ ବି ଏ କାମ କରୁଥିଲା । ପିଢ଼ି ପରେ ପିଢ଼ି ସେମାନେ ଏ କାମ କରୁଥିଲେ । ସେଥିପାଇଁ ପରା ଗାଆଁ ସାରା ସବୁ ତାଙ୍କ ଘରକୁ ଶୂଳିଆଣୀ ଘର ବୋଲି କହୁଥିଲେ । ଏ କି ଡାକ୍ତରଖାନା ଯୁଗ ଏବେ ଆଇଲା ଯେ ଆଉ କେହି ଶୂଳିଆଣୀକୁ ଖୋଜିଲେ ନାହିଁ । ସେ ବି କୋଉ ବଞ୍ଚିଛି ଯେ କିଏ ଖୋଜିବ ? ହେଲେ ଏବେ କ'ଣ କରାଯିବ ?

ଦେଖ ତୁଇ, ମୋତେ ଲାଗୁଛି ଆଜି ହିଁ ପିଲା ଜନମ ହୋଇଯିବ । ବେଳ ଥାଉ ଥାଉ କେମିତି ଡାକ୍ତରଖାନା ଯିବା ବ୍ୟବସ୍ଥା କର । ସେ ଦିଦି ଆସିଥିଲେ ବି ତ ଆମକୁ ଯିବାକୁ ପଡ଼ି ଥାଆନ୍ତା । ନଚେତ୍ ଆମେ ସେଠାରେ ପହଞ୍ଚି ଦିଦିଙ୍କୁ ଖବର ଦେଲେ ସିଏ ଆସିବେ ।

ଯଶୋଦା କଥା ଶୁଣି ଚଡ଼କ ମାରିଲା ବିଶୁ ମୁଣ୍ଡରେ । ଭାବିଲା ଏବେ କ'ଣ କରା ଯାଇପାରେ ? ପଡ଼ାବାଲାଙ୍କୁ ଡାକିଲେ କେହି ମନା କରିବେନି ଯେ ହେଲେ ଆକାଶରେ ଏ ଯେମିତିକା ମେଘ ଘୋଟି ରଖିଛି ଯିବା କେମିତି? ଭାବୁଭାବୁ ଯାଇ ପହଞ୍ଚିଲା ଶୁକ୍ରୁ ଘର ପାଖରେ । ଡାକ ଛାଡ଼ିଲା- ଦାଦି, ଦାଦି ।

ନିଜ ଘର ଭିତରୁ ମୁହଁ ନୁଆଁଇ ବାହାରକୁ ବାହାରି ଶୁକ୍ରୁ ପଚାରିଲା- କ'ଣ ହେଲା ? କାହିଁକି ଏମିତି ରଡ଼ି ଛାଡ଼ୁଛୁ ?

ତମର ବହୂ ମାନେ ଯଶୋଦାର ପିଲାପିଲି ହେବ । ତା'କୁ କେମିତି ଡାକ୍ତରଖାନା ନିଆ ହେବ ?

ବିଶୁକୁ କିଛି ନ କହି ଆଗ ଆକାଶର ଚାରିଦିଗକୁ ଅନାଇଲା ଶୁକ୍ରୁ । ବଡ଼ ବିମର୍ଷ ହୋଇ କହିଲା- ଇଏ ତ ଇଏ ଆଉ ଜର କି ବାଧିକା ନୁହଁ ଯେ ତୁଟୁକା ତୁଟିକି ଦେଇ କାଲିଯାଏ ଟାଳି ଦେଇ ହେବ । ନବାକୁ ତ ପଡ଼ିବ । ହଉ ତୁ ଯା', ଘରେ ଯିବା ପାଇଁ ରେଡି କର । ମୁଁ ଦାମା ଓ ଶତ୍ରୁରାକୁ କହୁଛି ବାହାରିବା ପାଇଁ । ହଁଅ, ଇଏ ଡେଲିଭରୀ କେସ୍, ତା'କୁ ଝଙ୍କାରେ ପୂରାଇ ନେଇ ହେବନି, ଗୋଟେ ଖଟିଆ ଓ ଶାଳ ବହ୍ଲା ରେଡି କରି ଥାଆ ।

ବିଶୁ ଧାଇଁଲା ଘରକୁ । ଯଶୋଦା ସେତେବେଳକୁ ଭୋଗୁଥିଲା ଗର୍ଭଯନ୍ତ୍ରଣା । ଆହା-ଉହୁ ହୋଇ ଗଡୁଥିଲା ତଳେ । ତା' ଉପରେ ଧ୍ୟାନ କ'ଣ ଦେବ ଆଗ ଲାଗିଗଲା

"ଯଶୋଦା ବୋଧହୁଏ ହୃଦୟଙ୍ଗମ କରି ପାରିଲା ତା'ର ଆତୁର ଚିତ୍କାର ପାଞ୍ଚଜଣ ପୁରୁଷଙ୍କୁ ବିବଶ କରୁଛି କେବଳ, ହେଲେ ସେମାନଙ୍କ ପାଖରେ କୌଣସି ଉପାୟ ନାହିଁ ସେ ବିବଶତାକୁ ଉଲ୍ଲଙ୍ଘନ କରିବାକୁ, ତେଣୁ ସେ ଚିନ୍ତା କଲା ଆଉ ଚିତ୍କାର ନ କରି ସହିବ ଏ ପ୍ରସବ ଯନ୍ତ୍ରଣାକୁ । ଲହଡ଼ି ପରି ଖେପାକୁ ଖେପା ମାଡ଼ି ଆସୁଥିବା ପ୍ରସବ ଯନ୍ତ୍ରଣାକୁ ସେ ଯେତେବେଳେ ଦାନ୍ତଚିପି ସହିବାକୁ ଚେଷ୍ଟା କରୁଥିଲା ତାକୁ ଲାଗୁଥିଲା ତା' ଆଖି ଯେମିତି ବାହାରି ଆସୁଛି ବାହାରକୁ ।"

ସଜିଲ କରିବାକୁ ଖଟିଆ । ବାନ୍ଧିଲା ବହ୍ଲା । ତା' କାମ ସରିଲାବେଳକୁ ଶୁକ୍ରୁ ଆଉ ତିନିଜଣକୁ ସାଙ୍ଗରେ ଧରି ଆସି ପହଞ୍ଚି ସାରିଥିଲା । ପହଞ୍ଚୁ ପହଞ୍ଚୁ କହିଲା- ବେଗି ବେଗି ବାହାରି ପଡ଼ । ବର୍ଷା ହେବା ପୂର୍ବରୁ ଯେମିତି ଆମେ ପହଞ୍ଚି ଯିବା ନୂଆ ଗାଆଁରେ ।

ଭେଜିପଦର ନାଳ ପାଖରେ ପହଞ୍ଚିବା ପରେ ଶୁକ୍ରୁ କହିଲା- ଇଏ ତ ଆଉ ସେ ଦୁଇଟା ବାଉଁଶ ବନ୍ଧା ପୁଲିଆ ଉପରେ ଉପର ଦଉଡ଼ି ଧରି ପାର ହୋଇ ପାରିବନି । ଏ କଥାଟି କହିସାରି ବୋଧହୁଏ ଶୁକ୍ରୁ ଅପେକ୍ଷା କରୁଥିଲା ଯଶୋଦାର ଉତ୍ତରକୁ । ଯଶୋଦା ଉତ୍ତର ଦେବ କ'ଣ, ଯେମିତି ଚିପୁଡ଼ି ହୋଇ ଯାଉଥିଲା ଯନ୍ତ୍ରଣାରେ । ସେଥିରୁ ବୁଝି ହୋଇଗଲା ଯେ ସେ ଉଠିବାକୁ ବି ଅକ୍ଷମ । ବାଉଁଶ ପୁଲିଆରେ ପାରିହେବ କ'ଣ?

ଶୁକ୍ରୁ କହିଲା- ହଉ, ହଉ, ଆଉ ଡେରି କରନା । ଏବେ ଖଟିଆର ଦଉଡ଼ି ଖୋଲ । ବହ୍ଲାକୁ ଖଟିଆ ତଳେ ପୂରାଇ ମଜଭୁତ କରି ବାନ୍ଧ । ନାଳରେ ଏବେ କେତେ ପାଣି କି ? ଏଇ ଆଣ୍ଠୁଏ କି ଜଙ୍ଘେ ଜଙ୍ଘେ ହେବ ତ ! ଆମ କାନ୍ଧ ଉପରେ ରହିବ ଖଟିଆ । ଅଣ୍ଟାଏ ଯାଏ ପାଣି ପଡ଼ିଲେ ବି ପରବାୟ ନାହିଁ । ଆଉ ଜମା ଡେରି କରନା, ବରଷା ହବା-ହବା ହେଲାଣି । ଏହା ପରେ ସାପୁଆ ନାଳଟା ପାରି ହୋଇଗଲେ ଯାଇ ଜାଣିବ ନୂଆ ଗାଆଁରେ ପହଞ୍ଚିଲ ବୋଲି । ଯଦି ବର୍ଷା ହେଲା, ଆଉ ଇଏ ଯେମିତିକା ବର୍ଷା ଉଠାଇଛି ସେଥିକୁ ଏକା ସାପୁଆ ପଚାଶ କୋଶ ଲାଗିବ ।

କେବେ କେବେ ବାଉଁଶ ପୁଲିଆ ଉପରେ ତ କେବେ କେବେ ନାଳରେ ପଶି ପାର ହୋଇଥିଲି; କିନ୍ତୁ କେବେ ତ ଲାଗି ନଥିଲା ଏ ନାଳଟା ଏପରି ଦୁର୍ଲଙ୍ଘ୍ୟ କି ଅଲଙ୍ଘ୍ୟ ବୋଲି, ମାତ୍ର ଆଜି ଲାଗୁଛି ଇଏ ତ ନାଳ ନୁହଁ ଯେମିତି ପାହାଡ଼ଟିଏ । ପ୍ରସବ ଯନ୍ତ୍ରଣାରେ କାତର ଗୋଟେ ସ୍ତ୍ରୀ ଲୋକକୁ ଧରି କେମିତି ପାର ହେବୁ ଯାକୁ ?

କ'ଣ ଏବେ ଭାବୁଛୁ କିରେ ବିଶୁ ?

ଡେରି କଲେ ସର୍ବନାଶ ବୋଲି ଜାଣିଛୁ ତ । ମୁଁ ଯାହା କହୁଛି ତା'କୁ ବେଗି ବେଗି କର ।

ହଁ-ହଁ । କରୁଛି, କରୁଛି କହି ତରତର ହୋଇ ଖଟିଆ ତଳେ ବହ୍ଲା ପୂରାଇ ବାନ୍ଧିଲା ବିଶୁ । ବନ୍ଧା ସରିବା ପରେ ଗଣ୍ଠି ଠିକ୍ ଭାବେ ପଡ଼ିଛି କି ନାହିଁ ଥରେ ପରୀକ୍ଷା କରିସାରି ଶୁକ୍ରୁ କହିଲା- ଉଠା, ଆଉ ଡେରି କରନା ।

ଧୀରେ ଧୀରେ ନାଳ ହୁଡ଼ାରୁ ଗଡ଼ି ପାଣିକୁ ପଶିଲେ । ଶୁକ୍ରୁ ବିଶୁକୁ କହିଲା ତୁ ଆଗ ଆଗ ଚାଲି ପାଣି କେତେ ଗଭୀର ଦେଖ । ବିଶୁ ଚାଲୁଥିଲା ଆଗେ ଆଗେ । ନାଳର ଠିକ୍ ମଝିଆ ମଝି ହଠାତ୍ ଥଳ ପାଇଲାନି ବିଶୁର । ଟୁବ୍‌କିନା ଗଳି ପଡ଼ିଲା ଗୋଟେ ଖାଲ ଭିତରେ । ପାଣିରୁ ଉଠି କହିଲା- ରୁହ, ରୁହ, ଏଠି ଗୋଟେ ଗାତ କି କ'ଣ, ଖୁବ୍ ଗଭୀର ହୋଇଛି । ମୁଁ ଟିକେ ତଳକୁ ଯାଇ ଦେଖୁଛି, ତମେ ସବୁ ଆଗକୁ ବଢ଼ନା ଆଉ ।

ତଳକୁ କିଛି ବାଟ ଖସି ଯାଇ ରାସ୍ତା ପରଖି ସାରି କହିଲା- ଏ ବାଟେ ଖାଲ ନାହିଁ, ଆସ । ସମସ୍ତେ ତା' ପଛେ ପଛେ ଚାଲୁଥିଲେ । ଖଟିଆରେ ହାବୁକ ମାରିବା ପରି ଯନ୍ତ୍ରଣାରେ ଅସ୍ଥିର ହୋଇ ରଡ଼ି ଛାଡୁଥାଏ ଯଶୋଦା । ସେ ଯନ୍ତ୍ରଣା ବି ସଞ୍ଚରି ଯାଉଥିଲା ବିଶୁ ଭିତରକୁ, ମାତ୍ର ନିରୁପାୟ । କେବଳ କହିଲା- ବଡ଼ ନାଳଟା ତ ପାର ହୋଇଗଲେ । ଧୈର୍ଯ୍ୟକୁ ଟିକିଏ କାଠେଇ ଦେଇ ସମ୍ଭାଳି ନେ ନୂଆ ଗାଆଁରେ ପହଞ୍ଚିବା ଯାଏ ।

କୂଳକୁ ଉଠିବା ପରେ ଗୋଟିଏ ବଡ଼ ରିଷ୍ଟ କଟିଗଲା ପରି ସମସ୍ତେ ଉଶ୍ବାସ ଅନୁଭବ କଲେ । ଖଟିଆକୁ ତଳେ ଓହ୍ଲାଇ ଦେବା ପରେ ଶୁକ୍ରୁ କହିଲା- ଆରେ ବେଗି ବେଗି ବହ୍ଲା ବାନ୍ଧି ପକା, ବର୍ଷା ଡାଳିବ ଡାଳିବ ହେଲାଣି । ଆଉ ଡେରି ନ କରି କେମିତି ପହଞ୍ଚିବା ଯାଇ ନୂଆ ଗାଆଁରେ ।

ଭାରୁଆଙ୍କ ଭିତରୁ ଜଣେ କହିଲ- ପିନ୍ଧା ଲୁଗା ତ ଓଦା ହୋଇ ଯାଇଛି । ତା'କୁ ବଦଳାଇବା କି ନାହିଁ ।

ନା ମ ଲୁଗା ବଦଳାଇବା କାହିଁକି, ପବନ ବାଜି ବଳେ ଶୁଖିଯିବନି କି ? ଯଦି ବର୍ଷା ହେଲା ତ ସଭିଏଁ ଭିଜିବା । ବରଂ ପହଞ୍ଚିବା ପରେ ଶୁଖା ଲୁଗା ପିନ୍ଧିବା । ଖଟିଆ ବାନ୍ଧି ସାରି ଶୀଘ୍ରଶୀଘ୍ର ବରଂ ଚାଲ ।

ବାଟ କୋଶେ ଯାଇଛନ୍ତି କି ନାହିଁ ଆରମ୍ଭ ହୋଇଗଲା ବର୍ଷା । ବର୍ଷା ତ ନୁହଁ, ଯେମିତି ମାଠିଆରୁ ପାଣି ଢଳା । ଗୋଟେ ଜରିପାଲକୁ ବାହାର କରି ବିଶୁ ଚାରିଜଣ ଖଟିଆ କାନ୍ଧାଳିଙ୍କ ମୁଣ୍ଡ ଉପରେ ଡାଙ୍କିଲା । ଶୁକ୍ରୁ କହିଲା- ହୁସ୍, ଯାକୁ ଆମେ ଧରିବୁ ନା ବାଟ ଚାଲିବୁ; ବରଂ ତୁ ଖଟିଆ ଉପରେ ତୋ' ତିରିଲାକୁ ଢାଙ୍କି ଦେ ।

ଆଉ କେତେ ବାଟ? ଆଉ କେତେବାଟ? କହି କହି ଯନ୍ତ୍ରଣାରେ ଅଧୀରା ହେଉଥିଲା ଯଶୋଦା । ମୁଁ ଆଉ ପାରୁନି, ମୁଁ ଆଉ ପାରୁନି, ମୋ ପ୍ରାଣ ଛାଡ଼ିଯିବ, ମୋ ପ୍ରାଣ ଛାଡ଼ିଯିବ । ମୋତେ ଶୀଘ୍ର ପହଞ୍ଚାଅ ଡାକ୍ତରଖାନାରେ ।

ଆମେ ତ ଚାଲିଛୁ । ବର୍ଷା ପାଇଁ ତ ଚାଲିବା ବନ୍ଦ କରିନାହୁଁ, ହେଲେ ଏ ବର୍ଷାରେ ହାତେ ଆଗକୁ ରାସ୍ତା ବି ଦିଶୁନି । ଇଏ କେଉଁ ରାସ୍ତା ଅବା ? ପାହାଡ଼ କଡ଼ରେ ପାଦଚଲା ରାସ୍ତା । ସେଥିକୁ କଣ୍ଟାଝଣ୍ଟା ବି । ଏ ବର୍ଷା ବିଜୁଳି ମାଡ଼ କଲା ପରି ମୁହଁ, ଆଖି, କାନ ସବୁଠି ବାଜୁଛି । ଆମେ ତ ଆମ ସାଧ ମତେ ଚେଷ୍ଟା କରୁଛୁ ତୋତେ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ । ତେଣିକି ତୋ'ର ଭାଗ୍ୟ ବରାଦ ଯାହାଥିବ । ବିଶୁଟା ବି କେମିତିକା ଲୋକଟାଏ କେଜାଣି, ବାଟରେ ଭଲମନ୍ଦ ପାଇଁ ସ୍ତ୍ରୀଲୋକ ଜଣକୁ ସାଙ୍ଗରେ ଆଣିଲା ନାହିଁ ।

ବର୍ଷା ମାଡ଼ରେ କାଲୁଆ ହୋଇ ଯାଉଥିଲା ଦେହ । ଅଥଚ କେହି ଚାଲିବା ବନ୍ଦ କରୁ ନ ଥିଲେ । ସମସ୍ତେ ଜାଣୁଥିଲେ ଯେ ସାପୁଆ ନାଳ ଶୀଘ୍ର ପାର ନ ହେଲେ ଏ ବର୍ଷା ଯେମିତି ହେଉଛି ଅଧଘଣ୍ଟାକରେ ସେ ନାଳ ଉଛୁଳି ପଡ଼ିବ । ତେଣୁ ନାଳରେ ପାଣି ଉଛୁଳିବା ପୂର୍ବରୁ ଯେମିତି ହେଲେ ନାଳ ପାରିହେବାକୁ ପଡ଼ିବ । ତେଣୁ ସମସ୍ତେ ଧାଇଁଲା ପରି ଚାଲୁଥିଲେ ।

ଖଟିଆ ଉପରେ ଯନ୍ତ୍ରଣାରେ ଅସ୍ଥିର ହେଉଥିଲା ଯଶୋଦା । ବର୍ଷାରେ ନ ଭିଜିବା ପାଇଁ ବିଶୁ ତାକୁ ଢ଼ାଙ୍କି ଦେଇଥିବା ଜରି ପାଲଟିକୁ ସେ ଯନ୍ତ୍ରଣା ଭିତରେ ଟାଣି ଫିଙ୍ଗି ଦେଉଥିଲା । ତା' ପାଟିରୁ କେବଳ ବାହାରୁଥିଲା- ଆଉ କେତେବାଟ? ଆଉ କେତେବାଟ...?

ତା' ପ୍ରଶ୍ନର ଉତ୍ତର ଦେଉ ନ ଥିଲେ କେହି । କେବଳ ଧପାଳୁ ଥିଲେ ଆଗକୁ ଆଗକୁ ବର୍ଷାର ଛାତି ଚିରିଚିରି । ଲାଗୁଥିଲା ବାଟ ଯେମିତି ସରୁନାହିଁ । ଭିତରେ ଭିତରେ ଅସ୍ଥିର ହୋଇ ପଡୁଥିଲା ବିଶୁ ହେଲେ ନାଚାର । କ'ଣ ବା କରିପାରିବ ? ନା, ଏ ବର୍ଷାକୁ ଅଟକାଇବାର ଶକ୍ତି ଅଛି ନା ଯଶୋଦାର କଷ୍ଟ ଲାଘବ କରିବାର ଶକ୍ତି । କେବଳ ଉପରକୁ ଚାହିଁ ହାତ ଯୋଡୁଥାଏ ବାରମ୍ବାର । ଭଗବାନ ଅବା କେଉଁ ଦେବଦେବୀଙ୍କୁ ପ୍ରାର୍ଥନା କରୁଥାଏ । ଯଶୋଦାର କଷ୍ଟ ପାଇଁ ଅବା ବର୍ଷା ବନ୍ଦ ପାଇଁ । ଅଥଚ କେହି ତା' ଡାକ ଶୁଣିବା ପରି ଲାଗୁ ନ ଥିଲା । ବର୍ଷା ବରଂ ଆହୁରି ଜୋର୍‌ରେ ବଢ଼ିବା ସହ ଦିନଟାରେ ରାତିର ଭ୍ରମ ସୃଷ୍ଟି କରୁଥିଲା । ବର୍ଷା ସହ ତାଳ ଦେଇ ବି ବଢୁଥିଲା ଯଶୋଦାର ଯନ୍ତ୍ରଣା ।

ଆରେ ଏ ପାଖ ହାକରେ କେଉଁଠି ଗାଆଁ ଗୋହିରି ଅଛି କି? ପଚାରିଲା ଶୁକ୍ରୁ ।

ଏଠି ଆଉ ଗାଆଁ ଫାଁ କାହିଁ । ନୂଆ ଗାଆଁର ସାପୁଆ ନାଳ ଡେଇଁବା ପରେ ତ ଆମ ଗାଆଁଟା ପ୍ରଥମ ଗାଆଁ ।

ନା, ମୁଁ କ'ଣ ଭାବୁଥିଲି କି, ଅସଜ ମଣିଷଟା ଯଶୋଦା, ଏ ବର୍ଷା ମାଡ଼ ଖାଇ ଖାଇ ଯଦି ସନ୍ନିପାତ ଧରି ପକାଇଲା କଥା ସରିବ । କେଉଁଠି ଟିକେ ଜାଗା ଯୋଗତ ମିଳିଥିଲେ ନିଆଁ ଜାଳି ତା'କୁ ଟିକେ ସେକା ସେକି କରି ପକାଇଥାଆନ୍ତେ ।

ସେ ଆଶା ଏଠି କରିବା ବୃଥା । ଆଗ ଭାବ ଆମେ କିପରି ନୂଆ ଗାଆଁରେ ପହଞ୍ଚିବା ।

ହଉଁ ଯେ ମୁଁ କ'ଣ ସେକଥା ଭାବୁ ନାହିଁକି ? ହେଲେ ଏଇ ତିନିକୋଶ ବାଟ ଯାହାକୁ ଆମେ ହମ୍ପାଳି ଦେଉଥିଲେ ଅନଉ ଅନଉ, ଆଜି ଲାଗିଲାଣି ତିରିଶ କୋଶ ବାଟ ପରି ।

ଏ ବର୍ଷା, ପବନ ସାଥିରେ ଉପରେ ଲଦା ହୋଇଥିବା ବୋଝ, ବାଟ ତ ଅସୁଖ ଲାଗିବ ନା ।

ଆରେ ଆମେ ଚାରିଟା ଭେଣ୍ଡିଆଙ୍କୁ ଏ ମାଇକିଣା ଓ ଖଟିଆଟା ଅବା କି ଓଜନ । ଓଜନ ଲାଗୁଛି ତ ତା' କଷ୍ଟ ଦେଖି ଦେଖି, ଆଖି ଆଗରେ ସ୍ତ୍ରୀଲୋକଟା ଯନ୍ତ୍ରଣା କାତର ହେଉଛି ଅଥଚ ଆମେ କିଛି କରି ପାରୁନୁ, ଏ ବିବଶତା ହିଁ ବଢ଼ାଇ ଦେଉଛି କାନ୍ଧର ଓଜନ । ତା'କୁ ଏ କଷ୍ଟରୁ ଭଗବାନ ଭଲରେ ଭଲରେ ଉଦ୍ଧାର କରି ଦିଅନ୍ତୁ, ଏହି ପ୍ରାର୍ଥନା କେବଳ କରୁଛି ।

ଗୋଟିଏ ଯନ୍ତ୍ରଣା କାତର ସ୍ତ୍ରୀଲୋକର ଆକୁଳ ଆର୍ତ୍ତି ପାଖରେ ବିବଶ ହୋଇ ପଡୁଥିବା ଚାରିଜଣ ଯାକ କାନ୍ଧାଳି ବର୍ଷା ଓ ପବନକୁ ଖାତିର ନ କରି ଧପାଳୁ ଥିଲେ ଆଗକୁ ଆଗକୁ । ଶେଷରେ ପହଞ୍ଚିଲେ ଆସି ସାପୁଆ ନାଳ ପାଖରେ । ନାଳ ପାରି ହେଲେ ନୂଆ ଗାଆଁ । ଲକ୍ଷ୍ୟ ଏବେ ପହଞ୍ଚ ଦୂରରେ, ମାତ୍ର ଇଏ କ'ଣ ସାପୁଆ ନାଳ ସାପର ଫଣାଟେକା ଗର୍ଜନ ପରି ଗର୍ଜୁଥିଲା । କେବଳ ଗର୍ଜୁ ନ ଥିଲା, ଆହାର ଗିଳିଥିବା ଅଜଗର ପରି ଫୁଲିଥିଲା ତା' ପେଟ । ଠାଏଠାଏ ବି କୂଳ ଲଙ୍ଘି ସାରିଥିଲା ପାଣି ।

ସାପୁଆର ଏ ଭୟାନକ ରୂପ । ସୁଅର ପ୍ରଖରତା ଏତେ ଯେ ଛିଡ଼ିଯିବ ସାପର ମୁଣ୍ଡ । ସମସ୍ତେ ବିବଶ ହୋଇ ଠିଆ ହୋଇପଡ଼ିଲେ । କାହାରି ମୁଣ୍ଡକୁ ଜୁଟୁ ନ ଥିଲା ବୁଦ୍ଧି, କିପରି ପାରି ହେବେ ସାପୁଆ ନାଳ ।

ବର୍ଷାର ବେଗ କମିବାର ନାଆଁ ଗନ୍ଧ ଦିଶୁ ନ ଥିଲା । ବରଂ ବାଦଲ ଓହଳି ଓହଳି ଆସୁଥିଲା ତଳକୁ ତଳକୁ । ଲାଗୁଥିଲା ସେମାନେ ଯେମିତି ଆସ୍ଥାନ ଜମାଇଛନ୍ତି ପାହାଡ଼ର ମୁଣ୍ଡିଆରେ । ରାତିର ଭ୍ରମ ସୃଷ୍ଟି କରୁଥିଲା ମେଘର ଛାଇ । ଲାଗୁ ବି ନ ଥିଲା ବର୍ଷା କମିଯିବ କିଛି ସମୟ ପରେ ଓ ନାଳରୁ କମିଯିବ ପାଣି ।

ସମସ୍ତେ ଅସହାୟ ହୋଇ ଚାହୁଁଥିଲେ ପରସ୍ପରର ମୁହଁକୁ । ବିଶୁ ଆଉ ସହି ପାରୁ ନ ଥିଲା ଯଶୋଦାର ଯନ୍ତ୍ରଣା । ଶୁକ୍ରୁକୁ ଚାହିଁ କହିଲା- ମୁଁ ନାଳକୁ ପହଁରି ସେପଟକୁ ଯାଉଛି କିଛି ଗୋଟେ ବ୍ୟବସ୍ଥା କରିବି ।

ତୁ' କି ବ୍ୟବସ୍ଥା କରି ପାରିବୁ? ସେପଟେ କ'ଣ ଡଙ୍ଗା ଅଛି ନା କ'ଣ ତୁ ଯାଇ ନେଇ ଆସିବୁ ? ନା ତୁ ସେପଟକୁ ଯାଇ ନାଳରେ ଗୋଟେ ପୋଲ ତିଆରି କରାଇ ଦେବୁ- ଯଁ? ଆରେ ଏଠି ତୋ ତିରିଲା ଗର୍ଭ କଷ୍ଟ ପାଉଛି, ତା'କୁ ତୁ କାହା ଦାୟିତ୍ୱରେ ଛାଡ଼ିକି ଯିବାକୁ ସାହସ କରିଛୁ ? ଆମେ ଚାରିଟା ତ ହେଲୁ ମରଦ ପିଲା, ସେଥିକୁ ମୁଁ ତା' ଶଶୁର ହିସାବ । ଭଲମନ୍ଦକୁ କିଏ ତା' ଦେହରେ ହାତ ମାରି ପାରିବ ? ତୁ ଏଇ ପାଖରେ ରହ । ବର୍ଷା ନ କମିଲା ଯାଏ କିଛି କରି ହେବନି । ଏ ସାପୁଆ ନାଳର ଦସ୍ତୁର ମୁଁ ଜାଣେ । ବର୍ଷାରେ ଯେମିତି ସାଙ୍ଗେ ସାଙ୍ଗେ ଉତୁରେ, ବର୍ଷା ଛାଡ଼ିଗଲେ ଠିକ୍ ସେମିତି ସାଙ୍ଗେ ସାଙ୍ଗେ କମିଯାଏ । ବିପଦ ତ ପଡ଼ିଛି, ଆମକୁ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ହେବ ।

> "ପ୍ରସୂତି କକ୍ଷ ଓ ବାହାରେ ଅପେକ୍ଷା କରିଥିବା ଲୋକଙ୍କ ଭିତରେ ଖେଳିଗଲା ଖୁସିର ଲହର । ଡାକ୍ତରଙ୍କୁ ଲାଗୁଥିଲା ସେ ଯେମିତି ଏକ ବିରାଟ ବିଜୟ ହାସଲ କରିଛନ୍ତି । ବିଶୁ ଓ ଅନ୍ୟମାନେ ଭାବୁଥିଲେ ଶିଶୁର ଏ କୁଆଁ-କୁଆଁ କାନ୍ଦଣା, କାନ୍ଦଣା ନୁହଁ, ପ୍ରକୃତିର ତାଣ୍ଡବ ଉପରେ ମଣିଷର ବିଜୟର ଧ୍ୱନି; ମୃତ୍ୟୁକୁ ପରାହତ କରିବାର ଆଦ୍ୟ ଓଁକାର ।"

ମୁଁ କ'ଣ ଏ ବରଷା ପବନକୁ ଖାତିର କରିଛି କି ଦାଦି, ହେଲେ ଯଶୋଦାର ଯନ୍ତ୍ରଣା ଦେଖି ଦେହ ସହୁନି ବୋଲି ଭାବୁଥିଲି କ'ଣ କରାଯାଇପାରେ । ତମେ ବି ଠିକ୍ କହୁଛ, ସେପଟକୁ ପହଁରିକି ଯଦି ବି ମୁଁ ଚାଲିଯାଏ କ'ଣଟା ବା ଅଧିକା କରିପାରିବି ?

ଆରେ ଏହାର ଉପର ମୁଣ୍ଡ କି ତଳପଟରେ କୌଣସି ଘର ନାହିଁ ।

ନା-

ଏ ବର୍ଷା ମାଡ଼ ଖାଇ ଖାଇ ସେ କାତେରା ହେଲାଣି । ସହଜରେ ଅସହଜ ମଣିଷଟା । ଯଦି ଘରଦ୍ୱାର ଥାଆନ୍ତା, ଟିକେ ନିଆଁ ଜାଳି ସେକି ଦେଇ ଥାଆନ୍ତେ । ଏବେ କେବଳ ସେ ଜରି ପାଲଟାକୁ ତା' ଉପରେ ଧରି ରଖ, ଯେମିତି ବରଷା ତା' ଉପରେ ଆଉ ବେଶି ନ ପଡ଼େ । ଆଉ ତ କିଛି ଉପାୟ ନାହିଁ, ଏ ବରଷା ଛାଡ଼ିବାକୁ ଅପେକ୍ଷା କରିବାକୁ ପଡ଼ିବ ।

ସମସ୍ତେ ଅପେକ୍ଷାରେ ଥିଲେ ବର୍ଷା ଛାଡ଼ିବାକୁ । ଯଶୋଦା ବୋଧହୁଏ ହୃଦୟଙ୍ଗମ କରି ପାରିଲା ତା'ର ଆତୁର ଚିତ୍କାର ପାଞ୍ଚଜଣ ପୁରୁଷଙ୍କୁ ବିବଶ କରୁଛି କେବଳ, ହେଲେ ସେମାନଙ୍କ ପାଖରେ କୌଣସି ଉପାୟ ନାହିଁ ସେ ବିବଶତାକୁ ଉଲ୍ଲଙ୍ଘନ କରିବାକୁ, ତେଣୁ ସେ ଚିନ୍ତା କଲା ଆଉ ଚିତ୍କାର ନ କରି ସହିବ ଏ ପ୍ରସବ ଯନ୍ତ୍ରଣାକୁ । ଲହଡ଼ି ପରି ଖେପାକୁ ଖେପା ମାଡ଼ି ଆସୁଥିବା ପ୍ରସବ ଯନ୍ତ୍ରଣାକୁ ସେ ଯେତେବେଳେ ଦାନ୍ତଚିପି ସହିବାକୁ ଚେଷ୍ଟା କରୁଥିଲା ତା'କୁ ଲାଗୁଥିଲା ତା' ଆଖି ଯେମିତି ବାହାରି ଆସୁଛି ବାହାରକୁ । ବିଶୁ ତା'ର ଦାନ୍ତ ଚିପି ଯନ୍ତ୍ରଣା ସହିବା ଦେଖି ଆଉଁଶି ପକାଉଥାଏ ତା'ର ପିଠି ଓ ପେଟକୁ । ସେ ଯନ୍ତ୍ରଣାକୁ ବିଶୁର ଆଉଁଶା ଯଶୋଦାକୁ ଭଲ

ଲାଗୁ ନ ଥିଲା । ସେ ତା' ହାତଟାକୁ ହଟାଇ ଦେଇ କେବଳ ଓଲଟପାଲଟ ହେଉଥିଲା ଖଟିଆ ଉପରେ ।

ଆରେ କେତେବେଳ ହେଲାଣି ? ପଚାରିଲା ଶୁକ୍ରୁ । କାହା ହାତରେ ଘଣ୍ଟା ଅଛି ଯେ କିଏ ସମୟ କହିବ । ବିଶୁ କହିଲା ଆମେ ତ ଆକାଶରେ ସୂର୍ଯ୍ୟଙ୍କୁ ଦେଖି, ସମୟ କଳିବା ଲୋକ । ନା' ଆକାଶ ଦିଶୁଛି ନା ଆକାଶର ସୂର୍ଯ୍ୟ । ତେବେ ଘରୁ ବାହାରିବା ପରଠାରୁ ଏ ପର୍ଯ୍ୟନ୍ତ ବେଳକୁ ହିସାବ କଲେ ନିଶ୍ଚୟ ତିନିଟା ଚାରିଟା ହେବଣି ।

ହଉ ଦେଖାଯାଉ, ବର୍ଷାର ଆଜି ତ ଟିକେ ମୋଡ଼ ବଦଳାଇଲାଣି । ଏ ବର୍ଷା ତ ଝଡ଼ି ବର୍ଷା ନୁହଁ, ବାଦଲ ଫଟା ବର୍ଷା । ତଥାପି ବର୍ଷିଲାଣି ଢେର୍ ସମୟ। ଲାଗୁଛି ଏବେ କମିଯିବ ବୋଲି ।

ସତକୁ ସତ କିଛି ସମୟ ପରେ କମିଗଲା ବର୍ଷା । ଅପସରି ଗଲା ବାଦଲ । ଖଣ୍ଡି ଖଣ୍ଡିକା ବାଦଲ ଫାଙ୍କରୁ ମୁହଁ ଦେଖାଇଲା ସୂର୍ଯ୍ୟ । ଶୁକ୍ରୁ ବିଶୁକୁ କହିଲା ତୁ' ଥା ତୋ' ଡିରିଲା ପାଖରେ । ଆମେ ନାଳ କଡ଼ରେ ଠିଆ ହୋଇ ଦେଖୁଛୁ ପାଣି କେତେ ଶୀଘ୍ର କମୁଛି ।

ଦାନ୍ତ ଚିପି ଯନ୍ତ୍ରଣା ଲୁଚାଇବା ଭିତରେ କେତେବେଳେ ଯଶୋଦାର ଚେତା ବୁଡ଼ି ଯାଇଛି ଜାଣି ପାରିନଥିଲା ବିଶୁ। ଭାବିଲା ବୋଧେ ଶୋଇ ପଡ଼ିଛି । ବ୍ୟାଗ୍‌ରେ ଆଣିଥିଲା ଶୁଖିଲା କପଡ଼ାଟିଏ ବାହାର କରି ତା'ର ଓଦା ମୁଣ୍ଡ ଓ ଦେହ ହାତକୁ ପୋଛି ପକାଇଲା । ଏତେ ପୋଛା ପୋଛି ପରେ ବି ଯଶୋଦା ନ ଉଠିବାରୁ ତା' ଭିତରେ ସନ୍ଦେହ ହେଲା । ଯଶୋଦା ଯଶୋଦା କହି ତା' ମୁଣ୍ଡକୁ ହଲାଇଲା ଦୁଇ ଚାରିଥର । ତଥାପି ଉହୁଁ କି ଚୁଁ ହେଲାନାହିଁ ଯଶୋଦା । ଜୋର୍‌ରେ ହାଉଳି ଖାଇଲା ବିଶୁ- ଦାଦି, ଦାଦି ଏ ଶୁକ୍ରୁ ଦାଦି ।

କ'ଣ ହେଲା, କ'ଣ ହେଲା ? ନାଳ କୂଳରୁ ଧାଇଁ ଆସିଲେ ସଭିଏଁ । ବିଶୁ କେବଳ ଯଶୋଦା ଆଡ଼େ ହାତ ବଢ଼ାଇ କହିଲା- ଆଉ କିଛି ଶୁଣୁନି ସିଏ ।

ଶୁକ୍ରୁ ଯଶୋଦାର ହାତର ନାଡ଼ିକୁ ଚିପିଲା । ବିଶୁକୁ କହିଲା ତା' ଛାତି ଉପରେ କାନ ଦେଇ ଶୁଣ ତ ଧକ୍‌ଧକ୍ ଶୁଭୁଛି ନା ନାହିଁ ।

ନାଡ଼ି ଚାଲୁଥିଲା । ଛାତି ବି ଧକ୍‌ଧକ୍ କରୁଥିଲା । ଆଶ୍ୱସ୍ତ ହୋଇ ଶୁକ୍ରୁ କହିଲା ଚେତା ବୁଡ଼ିଯାଇଛି । କଷ୍ଟ ସମ୍ଭାଳି ପାରିଲାନି, ଚେତା ବୁଡ଼ିଯାଇଛି । ଦାନ୍ତ ତାଡ଼ି ତା' ପାଟିରେ ପାଣି ଟୋପେ ଦେ । ବେଶି ନୁହଁ, ଚାମଚେ ଚାମଚେ । ଆରେ ହେ, ବିଶୁ ଆଉ ମୁଁ ଏଠାରେ ଅଛୁ, ତମେ ଦୁହେଁ ଦେଖ ପାଣି କେତେ କମିଲା । ଦେଖି କରି ଜଲ୍‌ଦି ଆସ, ଅଣ୍ଟାଏ ଲେଖାଏଁ ପାଣି ହେଲେ ବି ଆମକୁ ସେପଟକୁ ଯିବାକୁ ପଡ଼ିବ । ତମେ ଦେଖି କରି ଆସ, ମୁଁ ଖଟିଆ ତଳେ ବହ୍ଲା ଦେଇ ପୁଣି ବାନ୍ଧି ଦେଉଛି । ଆମକୁ ଯେମିତି ହେଲେ ଏ ନାଳ ପାର ହେବାକୁ ପଡ଼ିବ । ଚେତା ବେଶି ସମୟ, ନ ଫେରିବାଟା ଭଲ ଲକ୍ଷଣ ନୁହଁ । ଆମେ ତ ଏଠି କିଛି କରି ପାରିବାନି, ଯେମିତି ହେଲେ ଡାକ୍ତରଖାନାରେ ଯାଇ ପହଞ୍ଚିବାକୁ ପଡ଼ିବ ।

ନାଳକୁ ପାଣି ଦେଖିବା ପାଇଁ ଯାଇଥିବା ତିନିଜଣ ଯାକ ଫେରିଆସି କହିଲେ- ପାଣି କମି ଆସିଲାଣି, ଏବେ ଜଙ୍ଘେରୁ ଅଣ୍ଟାଏ ଯାଏ ହେବ । ଯାଇ ହେବ ମାତ୍ର ସୁଅ ଖୁବ୍ ଜୋର୍‌ରେ ଅଛି ହୁସିଆର୍‌ରେ ଯିବାକୁ ପଡ଼ିବ ।

ଚାଲ, ଉଠା, ଆଉ ଡେରି କରନା । ନାଳ ପାରି ହେବା ପରେ ସମସ୍ତେ ଉପରକୁ ହାତ ଉଠାଇ ଅଦୃଶ୍ୟ ଈଶ୍ୱରଙ୍କ ପ୍ରତି କୃତଜ୍ଞତା ଜଣାଇ ବେଗି ବେଗି ପାଦ ପକାଇଲେ ଡାକ୍ତରଖାନାକୁ ।

ବେଳ ରତ ରତ ହେଉଥିଲା । ଡାକ୍ତର ବାବୁ ହସ୍‌ପିଟାଲ ବନ୍ଦ କରି ଘରେ ଥିଲେ । ବିଶୁ ତାଙ୍କ ଦୁଆରେ ପହଞ୍ଚି ଲମ୍ବ ହୋଇ ପଡ଼ିଗଲା ତାଙ୍କ ଗୋଡ଼ ତଳେ । ଆରେ ଇଏ କ'ଣ, ଇଏ କ'ଣ କରୁଛ ? କ'ଣ ହୋଇଛି ?

ଆଜ୍ଞା... ଆଜ୍ଞା, ମୋ ସ୍ତ୍ରୀର ପିଲା ଛୁଆ ହେବାର ଥିଲା । କଷ୍ଟ ପାଇବାରୁ ଏଠାକୁ ଆଣୁଥିଲୁ । ଶରୀର କଷ୍ଟକୁ ଉପରର ବର୍ଷାମାଡ଼ ଖାଇ ବେହୋସ ହୋଇଯାଇଛି । ଜୀବନ ଅଛି ଆଜ୍ଞା, ଜୀବନ ଅଛି । ମୋ ଶୁକ୍ରୁ ଦାଦା ତା' ନାଡ଼ି ଦେଖିଛି, ମୁଁ ବି ତା' ଛାତିର ଧକ୍‌ଧକି ଶୁଣିଛି । ଆପଣ ଟିକେ ଶୀଘ୍ର ଯାଇ ତା'କୁ ବଞ୍ଚାନ୍ତୁ ଆଜ୍ଞା ।

ଡାକ୍ତର ଜଣକ ଥିଲେ ଯୁବକ । ସେ ଥିଲେ ମେଡିସିନ୍ ସ୍ପେଶାଲିଷ୍ଟ; ମାତ୍ର ଏଇଟା ଗାଇନୋକୋଲଜି ବିଭାଗର । ମନେ ମନେ ଭାବିଲେ ସରକାର ବାହାଦୁର ମାତ୍ର ଜଣେ ଡାକ୍ତର ପୋଷ୍ଟିଂ କରିଛନ୍ତି ସିଏଚ୍‌ସିରେ । ଯିଏ ଏଠାକୁ ଆସିଲା ସିଏ ବା କ'ଣ ଜାଣିଛି ଆମ ପାଠ ବିଷୟରେ । ଡାକ୍ତର ନା ଡାକ୍ତର, ସବୁ ରୋଗକୁ ସିଏ ଭଲ କରିଦେବେ । ନିଜ ଭାବନାକୁ ଆଗକୁ ନ ବଢ଼ାଇ ଭାବିଲେ ଏଇଟା ଚିନ୍ତା କରିବାର ବେଳ ନୁହଁ, କାର୍ଯ୍ୟ କରିବାର ବେଳ। ନର୍ସ ଓ ଆଶା ଦିଦିଙ୍କୁ ଡ଼କାଇ ପଠାଇ ସେ ବାହାରି ପଡ଼ିଲେ ।

ପ୍ରଥମେ ପରୀକ୍ଷା କରି ନେଲେ ରୋଗୀଟି ବଞ୍ଚିଛି କି ନାହିଁ । ପଲ୍‌ସ ଦେଖି ଆଶ୍ୱସ୍ତ ହେଲେ ଯେ ବଞ୍ଚିଛି । ମାତ୍ର କଣ୍ଡିସନ୍ ଯାହା ଏଠାରେ ଚିକିତ୍ସା କରିବା ସମ୍ଭବ ନୁହଁ କି ଜିଲା ସଦର ମହକୁମାକୁ ପଠାଇବା ବି ସମ୍ଭବ ନୁହଁ । ଏ ନିରୀହ ଓ ଗରିବ ଲୋକମାନେ କ'ଣ ବା ଜାଣନ୍ତି ଆମ ଜ୍ଞାନର ସୀମିତତା ସମ୍ପର୍କରେ । ଯେହେତୁ ଚେତା ନ ଥିଲା, ଆଗ ପ୍ରଥମ ଚେତା ଆଣିବାକୁ ପ୍ରୟାସ କଲେ । ଏ ପରିସ୍ଥିତିରେ ଯେହେତୁ ବାହ୍ୟ ଖାଦ୍ୟ ପାଟି ବାଟେ ଦିଆଯାଇ ପାରିବନି ତୁରନ୍ତ ସାଲାଇନ୍ ଲଗାଇଲେ । ନର୍ସଙ୍କୁ ନିର୍ଦ୍ଦେଶ ଦେଲେ ରୋଗୀର ପାଦ ଓ ହାତକୁ ମ୍ୟାସେଜ କରି ଶରୀରକୁ ୱାର୍ମଅପ୍ କରିବାକୁ ।

ଏହି ଅବସରରେ ଜିଲା ସଦର ମହକୁମାରେ ପୋଷ୍ଟିଂ ପାଇଥିବା ତାଙ୍କର ବନ୍ଧୁ ଯିଏ ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ, ତାଙ୍କୁ ଫୋନ୍ କରି ସମସ୍ତ ତଥ୍ୟ ଅବଗତ କରି ସହଯୋଗ କରିବାକୁ କହିଲେ । ସବୁ ଶୁଣି ସାରି ସେ କହିଲେ ରୋଗୀର ଚେତା ନାହିଁ ଓ ଲେବର ପେନ୍ ବନ୍ଦ ହୋଇଯାଇଛି ମାନେ

ପ୍ରଥମେ ଦେଖ ଯେ ଗର୍ଭସ୍ଥ ଶିଶୁଟି ବଞ୍ଚିଛି କି ନାହିଁ। ଷ୍ଟେଥୋ ପକାଇ ତା'ର ହାର୍ଟବିଟ୍ ହେଉଛି କି ନାହିଁ ଦେଖ। ଯଦି ହାର୍ଟବିଟ୍ ହେଉନି ମାନେ ୟୁଟେରସ୍ ରପ୍‌ଚର୍ ହୋଇ ଯାଇଥିବ ଏବଂ ଶିଶୁଟି ଭିତରେ ମରି ସାରିଥିବ। ଆଚ୍ଛା ଦେଖିଲ ବ୍ଲିଡ଼ିଂ ବହୁ ପରିମାଣରେ ହୋଇଛି କି ? ୟୁଟେରସ୍‌ରୁ ୱାଟର୍ ଡିସ୍‌ଚାର୍ଜ୍ ହୋଇଯାଇଛି କି ?

ସିଏ ଯାହା ଯାହା ପଚାରିଥିଲେ ସବୁ ରିପୋର୍ଟ ପାଇବା ପରେ କହିଲେ- ଥ୍ୟାଙ୍କ୍ ଗଡ୍। ପିଲାଟା ଭିତରେ ଠିକ୍ ଅଛି। ବର୍ଷା ମାଡ଼ରେ ଶରୀରର ତାପମାତ୍ରା କମିଯିବା ଓ ଯନ୍ତ୍ରଣା ସହି ନ ପାରିବା ଯୋଗୁ ତାଙ୍କର ଚେତା ବୁଡ଼ିଯାଇଛି। ତମେ କ'ଣ ରୋଗୀକୁ ସେଠାରେ ରଖି ଡେଲିଭରୀ କରାଇବାର ରିସ୍କ ନେବ ?

ଅନ୍ୟ ଚାରା ବି କ'ଣ ? ତମ ହସ୍‌ପିଟାଲ ଏଠାରୁ ସତୁରି କି.ମି. ଦୂର। ସେଠାରେ ପହଞ୍ଚିବା ବେଳକୁ ରୋଗୀ କ'ଣ ବଞ୍ଚିଥିବ ? ତା'ପରେ ଏମାନଙ୍କ ଆର୍ଥିକ ଅବସ୍ଥା ଯାହା ସେମାନେ କେଉଁ ଗାଡ଼ି, ଘୋଡ଼ା କରି ଯାଇ ସେଠାରେ ଟ୍ରିଟ୍‌ମେଣ୍ଟ କରାଇପାରିବେ। ଆମ ଏଠି ତ ଆମ୍ବୁଲାନ୍ସ ନାହିଁ, ମଗାଇଲେ ତମ ହସ୍‌ପିଟାଲରୁ ମଗାଇବୁ। ସେଠାରୁ ଆମ୍ବୁଲାନ୍ସ ଆସି, ରୋଗୀକୁ ନେଇ ଟ୍ରିଟ୍‌ମେଣ୍ଟ କଲାବେଳକୁ ସେ ବଞ୍ଚି ନ ଥିବ; ବରଂ ତମେ ମୋତେ ଟିକେ ଗାଇଡ୍ କରିଦିଅ, ମୁଁ ତା'କୁ ବଞ୍ଚାଇବାକୁ ଚେଷ୍ଟା କରୁଛି।

ସାଲାଇନ୍ ଦେଇ ବଡି ୱାର୍ମଅପ୍ କରି ଚେଷ୍ଟା କର ପ୍ରଥମେ ଚେତା ଆଣିବାକୁ। ଚେତା ଫେରିବାର କିଛି ସମୟ ପରେ ହୁଏତ ଲେବର ପେନ୍ ଆରମ୍ଭ ହୋଇଯାଇପାରେ। ଯଦି ସ୍ୱାଭାବିକ ଭାବେ ଲେବର ପେନ୍ ନ ହେଲା ତେବେ ସିଣ୍ଟୋସିନନ୍ ଇଞ୍ଜେକ୍ସନ ଦେଇ ପେନ୍ ଷ୍ଟାର୍ଟ କରାଇବ। ଆଉ ବିଳମ୍ବ କରିବ ନାହିଁ।

ଏହା ଏକ ଚ୍ୟାଲେଞ୍ଜ। ଏହାକୁ ଗ୍ରହଣ କରିବାକୁ ପଡ଼ିବ। ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହାତ ଟେକି ଲାଗି ପଡ଼ିଲେ କାର୍ଯ୍ୟରେ। ତାଙ୍କୁ ସହଯୋଗ କରୁଥିବା ନର୍ସ ଓ ଆଶା କର୍ମୀ ଥିଲେ ଅଭିଜ୍ଞ। ନର୍ସଟି ଡାକ୍ତରଙ୍କୁ କହିଲା ସାର୍, ମୁଁ ଗୋଟିଏ କଥା ଭାବୁଥିଲି। କ'ଣ କୁହ ?

ସାଲାଇନ୍ ତ ଦିଆ ଚାଲିଛି, ମୁଁ କ'ଣ କହୁଥିଲି କି ଯେହେତୁ ବର୍ଷା ମାଡ଼ ଖାଇଖାଇ ପ୍ରସୂତିର ଦେହ କାତରିଆ ହୋଇଯାଇଛି, ତା'କୁ ଟିକେ ଗରମ ତେଲ ଘଷା ଓ ନିଆଁ ସେକ ଦେଲେ କେମିତି ହୁଅନ୍ତା?

ଏଥିରେ କିଛି ଅସୁବିଧା ନାହିଁ; ବରଂ ଭଲ ହେବ। ଜଲ୍‌ଦି ବ୍ୟବସ୍ଥା କର। ଚାଲିଲା ଚିକିତ୍ସା। ପ୍ରାୟ ତିନିଘଣ୍ଟା ପରେ ଫେରିଲା ଚେତା। ଚେତା ଫେରିବା କ୍ଷଣି ଡାକ୍ତର, ନର୍ସ ଓ ଆଶା ଦିଦି ଖୁସିରେ ନାଚି ଉଠିଲେ। ପରସ୍ପର ଭିତରେ ବିମର୍ଶ କଲେ ଏବେ ଡେଲିଭରୀ ପେନ୍ ପାଇଁ ଇଞ୍ଜେକ୍ସନ୍ ଦେବା ନା ଅପେକ୍ଷା କରିବା ସ୍ୱତଃ ପେନ୍ ଆରମ୍ଭ ହେବା ପାଇଁ।

ନର୍ସ ଜଣକ କହିଲେ ଯେହେତୁ ସେ ପେନ୍ ସହି ନ ପାରି ଚେତା ହରାଇ ବସିଥିଲା, ଏବେ ପେନ୍ ଆସିବା ଅପେକ୍ଷା କଲେ କେତେବେଳେ ପେନ୍ ଆସିବ ଆମେ ଜାଣୁନି। ପେନ୍ ଆସିବାରେ ବିଳମ୍ବରେ ଯଦି ପିଲାଟାର କିଛି କ୍ଷତି ହୋଇଗଲା? ମୁଁ ମୋର ଅଭିଜ୍ଞତାରୁ କହୁଛି ଯେତେ ଶୀଘ୍ର ପେନ୍ ଇଞ୍ଜେକ୍ସନ୍ ଦେଇ ଡେଲିଭରୀ କରାଇ ଦେବା ଠିକ୍ ହେବ।

ଡାକ୍ତର ମୁହୂର୍ତ୍ତେ ଚିନ୍ତା କରି କହିଲେ- ହଁ, ତାହା ହିଁ ଠିକ୍ ହେବ। ଇଞ୍ଜେକ୍ସନ୍ ଦିଅ।

ବାହାରେ ଅପେକ୍ଷା କରିଥିବା ବିଶୁ ଓ ତା'ର ସାଥୀଙ୍କୁ ଖବର ଦିଆଗଲା ଚେତା ଆସିବା ସମ୍ପର୍କରେ। ଚେତା ଆସିଗଲା, ଚେତା ଆସିଗଲା କହି ସେମାନେ ପରସ୍ପର ଭିତରେ କୋଳାକୋଳି ହେଲେ। ଏଯାଏ ସେମାନେ ଭୁଲି ଯାଇଥିଲେ ସେମାନଙ୍କ ଭୋକ। ଏବେ ଅନୁଭବ କଲେ ପେଟ ଜଳୁଛି ଭୋକରେ। କ'ଣ ଖାଇବା, କ'ଣ ଖାଇବା ବୋଲି ଚିନ୍ତା କଲାବେଳେ ଶୁକୁ କହିଲା ବ୍ୟସ୍ତ ହୁଅନି, ସେ ବ୍ୟବସ୍ଥା ମୁଁ କରାଇଛି। ଯଶୋଦାର ଚେତା ନ ଆସିବାଟା ଗୋଟେ ଦୁଃଖର ପାହାଡ଼ ପରି ମୁଣ୍ଡ ଉପରେ ଥିଲା, ତେଣୁ ମୁଁ କହୁ ନ ଥିଲି। ଏଇଠି ପା' ମୋ ଝିଅ ଘର। ମୁଁ ତା'କୁ ଖବର ଦେଇଥିଲି। ସେ ଖାଇବା ଧରି ଆସୁଥିବ।

ଇଞ୍ଜେକ୍ସନ୍ ଦେବାର ଠିକ୍ ପରେ ପରେ ଆରମ୍ଭ ହୋଇଗଲା ଲେବର ପେନ୍। ଯଶୋଦାକୁ ନେଇଗଲେ ପ୍ରସୂତି କକ୍ଷକୁ।

ଠିକ୍ ରାତି ବାରଟା ବେଳକୁ ଶୁଭିଲା କୁଆଁ-କୁଆଁ ରାବ। ପ୍ରସୂତି କକ୍ଷ ଓ ବାହାରେ ଅପେକ୍ଷା କରିଥିବା ଲୋକଙ୍କ ଭିତରେ ଖେଳିଗଲା ଖୁସିର ଲହର। ଡାକ୍ତରଙ୍କୁ ଲାଗୁଥିଲା ସେ ଯେମିତି ଏକ ବିରାଟ ବିଜୟ ହାସଲ କରିଛନ୍ତି। ବିଶୁ ଓ ଅନ୍ୟମାନେ ଭାବୁଥିଲେ ଶିଶୁର ଏ କୁଆଁ-କୁଆଁ କାନ୍ଦଣା, କାନ୍ଦଣା ନୁହଁ, ପ୍ରକୃତିର ତାଣ୍ଡବ ଉପରେ ମଣିଷର ବିଜୟର ଧ୍ୱନି; ମୃତ୍ୟୁକୁ ପରାହତ କରିବାର ଆଦ୍ୟ ଓଁକାର। ■■■

କଲ୍ୟାଣୀନଗର, ଫେଜ୍-୨,
ରଘୁନାଥପୁର ଜଳି, ପଟିଆ
ଭୁବନେଶ୍ୱର-୭୫୧୦୨୪

ରାଇରଙ୍ଗପୁର ଆଇ.ଟି.ଆଇ

(ରାଷ୍ଟ୍ରୀୟ ବୈଷୟିକ ଧନ୍ଦାମୂଳକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ (NCVET) ଭାରତ ସରକାର ଏବଂ ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ତାଲିମ, ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ)

ଆଇ.ଟି.ଆଇ ନାମ ଲେଖା ଚାଲୁଅଛି...

କ୍ର.ନଂ	ପାଠ୍ୟକ୍ରମ	ଅବଧି	ଶିକ୍ଷାଗତ ଯୋଗ୍ୟତା
୧.	ଇଲେକ୍ଟ୍ରିସିୟାନ୍	୨ବର୍ଷ	ମାଟ୍ରିକ ପାସ୍
୨.	ଫିଟର	୨ବର୍ଷ	ମାଟ୍ରିକ ପାସ୍
୩.	ଇଲେକ୍ଟ୍ରୋନିକ୍ସ	୨ବର୍ଷ	ମାଟ୍ରିକ ପାସ୍
୪.	ସିୱିଂ ଟେକ୍ନୋଲୋଜି (ସିଲେଇ ଓ ପୋଷାକ ତିଆରି)	୧ବର୍ଷ	ମାଟ୍ରିକ ପାସ୍

Stipend facility for ST & SC Students

RAIRANGPUR I.T.I

RAIRANGPUR, MAYURBHANJ, ODISHA

9777948962, 9437267543, 8144613417, 9437161240

Web. : www.oriplast.com

SUPPORTING PUBLIC HEALTH ENGINEERING SINCE, LAST 50 YEARS

REDEFINING EXCELLENCE 50 YEARS FOR OVER 50 YEARS

Ori-Plast®

LIFE LINES... NOT JUST PIPE LINES

OT Road, Balasore - 756001, Ph. : 06782 - 264551/52/53
Fax : 06782 - 262551, e-mail : sales@oriplast.com

INNOVATIVE CLASSES
(UNDER R.E.C.T)
The Future Begins Here
ADMISSION
OPEN
B.Ed.
B.P.Ed.
P.G.
WE ARE ALSO AVAILABLE AT:
BHADRAK, Innovative Classes : Jagannathpur (Mohanty Sahi Pokhari) College Road, Bhadrak, Call us : 7008090250, 9438322736
MAYURBHANJ, THE CREATOR: Near Jagannath Temple, Baripada, Mob.: 8093737278, 9040429246
Azimabad, Khaprapada, Balasore - 756001 (H.O)
Call us : 06782-796002, 9438322736, 9439406712, 9437963438
innovativeclasses2020@gmail.com | www.innovativegroup.org.in
SINCE : 2009
ଉତ୍ତର ଓଡ଼ିଶାର ସର୍ବ ପ୍ରଥମ ଓ
ସର୍ବ ପୁରାତନ ଓଡ଼ିଆ ମାଧ୍ୟମିକ ଆବାସିକ ବିଦ୍ୟାଳୟ
ଇନୋଭେଟିଭ
ଆବାସିକ ବିଦ୍ୟାଳୟ
୫୦୦ ରୁ ଉର୍ଦ୍ଧ ନମ୍ବର ରଖିଥିବା କୃତି ବିଦ୍ୟାର୍ଥୀ
ଏକ ପଦକ୍ଷେପ ପରିବର୍ତ୍ତନ ଆଡ଼କୁ...
Meghadamburu, Satya Nagar, Balasore, Odisha 756001
+91 7873502021, +919437408589, +919178433133, Land Line : 06782-796640
innovativeschool2009@gmail.com I www.innovativeresidentialschool.com

ବେଡ୍ ନମ୍ବର୍ ସେଭେନ୍

ଡାକ୍ତର ମଞ୍ଜୁବାଳା ପଣ୍ଡା

ବୃତ୍ତି ସ୍ୱାସ୍ଥ୍ୟ ସେବା, ପ୍ରବୃତ୍ତି ସାରସ୍ୱତ ସାଧନା । ବାସ୍ତବ ଜୀବନର ରୂପକାର । 'ସାଉଁଟା କଥା', 'ବିଶ୍ୱରୂପା', 'ମହୁଲ ଫୁଲ' ଆଦି ପାଞ୍ଚଟି ଗଳ୍ପ ସଙ୍କଳନ, ଦୁଇଟି କବିତା ସଙ୍କଳନ ଓ ଗୀତି କବିତା 'ଗୀତ ଗଜରାଗଜରା'ର ସ୍ରଷ୍ଟା । ସାହିତ୍ୟ ସାଧନା ନିମନ୍ତେ ସମ୍ମାନିତ ଓ ସମ୍ବର୍ଦ୍ଧିତ ।

ଜମା ଦଶଟି ଶଯ୍ୟା ବିଶିଷ୍ଟ ଛୋଟ ଆଇସିୟୁ । ଅର୍ଦ୍ଧ ଗୋଲାକାରରେ ସଜ୍ଜିତ ଶଯ୍ୟା ସବୁ । ଦୁଇ ଶଯ୍ୟା ମଝିରେ ତଥା ସମ୍ମୁଖରେ ସ୍ୱଚ୍ଛ, ଧଳା, ପତଳା, ପରଦା ପାର୍ଟିସନ୍ ।

ପ୍ରବେଶ ଦ୍ୱାର ଡାହାଣପଟେ ଡାକ୍ତର ଓ ନର୍ସମାନେ କାମ କରିବା ପାଇଁ ବଡ଼ ଅର୍ଦ୍ଧ ଗୋଲାକାର ଟେବୁଲ୍ ଓ ତା' ଭିତର ପଟକୁ କେତୋଟି ଚୌକି । ସେଇଠି ବସି କାମ କରିବାବେଳେ ସବୁ ବେଡ୍ ଉପରେ ସମାନ ଭାବରେ ଆଖି ରଖି ହୁଏ । ଜଟିଳ ପରିସ୍ଥିତି ଉପୁଜିଲେ ତତ୍‌କ୍ଷଣାତ୍ ନିୟନ୍ତ୍ରଣ କରିହୁଏ ।

ଆଇସିୟୁ । ସେଠି ମରଣଯନ୍ତାରେ ରହିବା ଭଳି ଲାଗେ ରୋଗୀକୁ । ଆଉ ଭଲ ହେଇଗଲା

ପରେ ମୃତ୍ୟୁର ଛାଇକୁ ଛୁଇଁ ଫେରି ଆସିବା ଭଳି ଏକ ନିଶ୍ଚିତ ଅନୁଭବ ହୁଏ । ଆଉ ଆମ ଚିକିତ୍ସା ବୃତ୍ତିରେ ଥିବା ଲୋକଙ୍କର ଆଖିରୁ ନିଦ ହଜେଇଦିଏ ଆଇସିୟୁ ଡ୍ୟୁଟି ।

ବେଡ୍ ନମ୍ବର୍ ସେଭେନ୍ - ଅଣତିରିଶ ବର୍ଷୀୟା, ଅବିବାହିତା ଅଧ୍ୟାପିକା ସମର୍ପିତାର ।

ମୁଁ ଡାକ୍ତର ପଲ୍ଲବ ପଟ୍ଟନାୟକ । ଏଇ ମେଡିକାଲ୍ କଲେଜ ହସ୍ପିଟାଲ୍‌ରେ ମୁଁ ମେଡିସିନ୍ ବିଭାଗରେ ସହଯୋଗୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ।

ଆଜି ମୁଁ ଆଇସିୟୁରେ ରାତି ଡ୍ୟୁଟି କରୁଛି । ପ୍ରକୃତରେ ଜଣେ କନିଷ୍ଠ ଡାକ୍ତରାଣୀଙ୍କର ଆଜି ଏଠାରେ ରାତ୍ରିକାଳୀନ ଜରୁରୀ ପାଳି ଥିଲା ଓ ସେ ଆସିଥିଲେ ବି ଠିକ୍ ସମୟରେ । ମୁଁ ସ୍ୱେଚ୍ଛାରେ ତାଙ୍କର ଡ୍ୟୁଟି କରିବାକୁ ଇଚ୍ଛୁକ ହେଲି । ଆଶ୍ଚର୍ଯ୍ୟ ହେଇ ସେ ଘଡ଼ିଏ ମୋତେ ଚାହିଁଲେ । କାରଣ ଆସୋସିଏଟ୍ ପ୍ରଫେସର୍‌ମାନେ ଅନ୍ କଲ୍ ଥା'ନ୍ତି - ଅର୍ଥାତ୍ ଜୁନିଅର୍ ନ ପାରିଲା ବେଳକୁ ଡାକିଲେ ଆସନ୍ତି । ସେ କିନ୍ତୁ ମୋତେ - 'କାହିଁକି ସାର୍' - ବୋଲି ପଚାରିଲେ ନାହିଁ । କେବଳ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣେଇ ଦେବାକୁ ଅନୁରୋଧ କରି, ବେଶ୍ ଖୁସି ହେଇ, ଅଶେଷ ଧନ୍ୟବାଦ ଦେଇ ଫେରିଗଲେ । ଗୋଟିଏ ରାତିର ସୁନିଦ୍ରା ବି ବେଶ୍ ମାନେ ରଖେ ଏକ ବ୍ୟସ୍ତବହୁଳ ଡାକ୍ତରୀ ଜୀବନରେ ।

ସେ ବେଳେ ରଞ୍ଜିତା ଦିଦିଙ୍କ ଆଖିର ଅକୁହା ଭାଷା ମୋ ଆଖିରୁ ବାଦ୍ ପଡ଼ିଲାନି । ଏ ଭିତରେ ସମର୍ପିତା ପ୍ରତି ମୋର ମାତ୍ରାଧିକ ଢଳିବା ଓ ତରଳିବା ଅନେକଙ୍କ ଦୃଷ୍ଟିକୁ ଆଢ଼େଇ ଯାଇପାରିନି ନିଶ୍ଚୟ - ଏହା ନିଶ୍ଚିତ ହେଲି ।

ମାତ୍ରାଧିକ ସନ୍ଦେହ ନାରୀଜାତିର ଅସ୍ଥିମଜ୍ଜାଗତ ପ୍ରକୃତି । ସେ ସବୁକୁ ଅଣଦେଖା କରିବା ଉଚିତ୍ ।

ବିବାକ୍ ସମର୍ପିତା ପାଖକୁ ଗଲି । ଅନେକ ବେଳ ଯାଏ ଚୁପଚାପ୍ ଦେଖିଲି ତା'କୁ । ତା'ର ନିଦ୍ରିତ ମୁହଁ ଉପରକୁ ଝୁଙ୍କିପଡ଼ି କପାଳରେ ହାତ ବୁଲେଇ ଆଣୁଥିଲି । ଆଟେଣ୍ଡାଣ୍ଟ ସୁଦାମ କୋଉ ଗୋଟେ କାମରେ ପରଦା ଆଢ଼େଇ ଭିତରକୁ ଆସୁଥିଲା । କ'ଣ ଭାବିଲା କେଜାଣି ମୋତେ ନଇଁ ପଡ଼ିଥିବା ଦେଖି ବୁଲିପଡ଼ି ଚାଲିଗଲା ।

ସମର୍ପିତାର ଶଯ୍ୟା-ସଂଲଗ୍ନ ମନିଟର୍‌ରେ ପଲ୍ସ, ବିପି, ସାଚ୍ୟୁରେସନ୍, ଇସିଜି ଆଦି ତମାମ୍ ପାରାମିଟର୍ ଦେଖିଲି । ଅବସ୍ଥା ପୂର୍ବବତ୍; ବରଂ ଆଉ ଟିକେ ଅଧିକ ଗୁରୁତର । ତା' ବେକ ଯାଏ ଚାଦର ଘୋଡ଼େଇଦେଇ ଫେରିଲି । ମୋତେ ଫେରୁଥିବା ଦେଖି ନିମ୍ନ ସ୍ୱରରେ କଥା ହେଉଥିବା ରଞ୍ଜନା ଦିଦି ଓ ସୁଦାମ ନୀରବିଗଲେ ।

: ରଞ୍ଜନା ଦିଦି ! ବେଡ୍ ନମ୍ବର୍ ସେଭେନ୍‌ର ଆଜି ଡାୟଲିସିସ୍ ପରର ବ୍ଲଡ୍ ରିପୋର୍ଟ ଆସିଛି ?

: ଆଜ୍ଞା ସାର୍ ।

: ଫାଇଲ୍‌ଟା ଦିଅନ୍ତୁ ତ!

ଉତ୍ସାହିତ କଲା ଭଳି ରିପୋର୍ଟ୍ ନୁହଁ । କିଛି ବି ଅଘଟଣ ଘଟି ଯାଇପାରେ ସମର୍ପିତାର - ଯେ କୌଣସି ମୁହୂର୍ତ୍ତରେ ।

ଡାକ୍ତରମାନଙ୍କ ଅବସର ବୟସ ପଁଷଠି ବର୍ଷ । ମୋତେ ଏଇ ପଞ୍ଚାବନ ପୂରିବ । ମୁଁ ସ୍ୱଭାବତଃ ସ୍ୱଳ୍ପଭାଷୀ ଓ ଗମ୍ଭୀର । ବିଶେଷ କରି ନିଜ ଅଧୀନସ୍ଥ କର୍ମଚାରୀଙ୍କ ସହ ଖୁବ୍ ଗୋଟେ ଖୋଲାମେଲା ଆଳାପ ମୋତେ ଭଲ ଲାଗେନି । ଥଟ୍ଟାମଜା ତ ଦୂରର କଥା ।

ରାତି ଗୋଟାଏ । ଆଇସିୟୁ ନିସ୍ତବ୍ଧ । କେବଳ ଶଯ୍ୟା-ସଂଲଗ୍ନ ମନିଟର୍ ମାନଙ୍କର ଟୁଂଟାଂ ଶବ୍ଦ ନୀରବତାକୁ ଚହଲେଇ ଦେଉଛି । ରଞ୍ଜନା ଦିଦି ଇଣ୍ଡେଣ୍ଟ ଲେଖିବା ଓ ଅନ୍ୟାନ୍ୟ ପେପର୍ କାମ କରୁଛନ୍ତି । ଜୁନିଅର୍ ନର୍ସ୍ ଦି' ଜଣ ଏପଟ ସେପଟ ହେଇ ରୋଗୀମାନଙ୍କର ରୁଟିନ୍ ଡ୍ୟୁ ଦେଉଛନ୍ତି । ଏକ ବିଚଳିତ, ବିଗଳିତ ମନ ନେଇ ବସିଛି ମୁଁ ସେଠି ।

ରୋଗୀମାନଙ୍କ ନିକଟ ସମ୍ପର୍କୀୟ ଆଇସିୟୁ ବାହାରେ ଥିବା ହଲ୍‌ରେ ବସିଥା'ନ୍ତି । ହଠାତ୍ କୋଉ ରୋଗୀର ଜଟିଳ ପରିସ୍ଥିତି ଉପୁଜିଲେ ସେମାନଙ୍କ ଲୋକଙ୍କୁ ଜଣେଇ ଦିଆଯାଏ । ଜଣକୁ ଭିତରକୁ ଆସି ଦେଖିଯିବାକୁ କୁହାଯାଏ ।

ଆହା! ସମର୍ପିତାର କେହି ନାହାନ୍ତି ।

କେହି ନାହାନ୍ତି ?

ମୋ ମୁଣ୍ଡ ଟିକ୍‌ଟିକ୍ ବିନ୍ଧୁଛି । ସାମାନ୍ୟ ଏକ ସାମୟିକ ମାନସିକ ସ୍ଖଳନର କୁପରିଣାମ ଏତେ ତୀବ୍ର ହେଇପାରେ ? ଦୋଷୀପଣର ଦଂଶନ ଏତେ ଦହିପାରେ ? ଅସହାୟତାର ଅବବୋଧ ଏତେ ଅବସୋସ ଆଣିପାରେ?

ସାର୍! ଆପଣ ରେଷ୍ଟରୁମ୍‌କୁ ଯାଆନ୍ତୁ । ବିଶ୍ରାମ ନେବେ । କିଛି ଦରକାର ହେଲେ ଆମେ ଡାକିଦବୁ - ବୋଧେ ମୋର ଆତୁରିଆ ଭାବ ଦେଖି ରଞ୍ଜନା ଦିଦି କହିଲେ ।

ଠିକ୍ କଥା । ମୁଁ ଚୌକି ଛାଡ଼ିଲି । ସମର୍ପିତା ଉପରେ ଆଉ ଥରେ ଆଖି ବୁଲେଇ ଆଣିଲି ଓ ରେଷ୍ଟରୁମ୍‌କୁ ଗଲି ।

ହେଲେ ନିଦ କାହିଁ ?

ଜୀବନ ତ ସ୍ମୃତିର ଏକ ପ୍ରତିଧ୍ୱନି! ସ୍ମୃତି ଦୂର ଅତୀତର ପାହାଡ଼ରେ ଧକ୍କା ଖାଇ ପୁଣି ପାଖକୁ ଫେରୁଥାଏ - ରାତିର ଅନିଦ ପହରରେ । କେବେ ଲୁହ, କେବେ କୋହ ତ ପୁଣି କେବେ ମୋହ ହେଇ ।

ସମର୍ପିତା ସହିତ ମୋ ପରିଚୟ ମାତ୍ର ତିନି ମାସର । ସତ ?

ସେଦିନ ଓପିଡିରେ ଅସମ୍ଭବ ଭିଡ଼ ସତ୍ତ୍ୱେ ଗୋଟେ ରୋଗୀ ମୋର ଦୃଷ୍ଟି ଆକର୍ଷଣ କରିଥିଲା । ଜଣେ ଜୁନିଅର୍ ରେସିଡେଣ୍ଟ ସେଇ କେସ୍‌ଟି ମୋ ପାଖକୁ ରେଫର୍ କରିଥିଲା । ରୋଗୀଟି ସିକେଡି, ଗ୍ରେଡ୍ ଫାଇଭ୍ ମାନେ ଗୁରୁତର କ୍ରନିକ୍ କିଡ୍‌ନୀ ରୋଗରେ ଆକ୍ରାନ୍ତ । ବୟସ ଜମା ଅଣତିରିଶ । ବୃତ୍ତିରେ ଅଧ୍ୟାପିକା ।

ଏତେ କମ୍ ବୟସ, ଉଚ୍ଚଶିକ୍ଷିତା, ଅଥଚ ସ୍ୱାସ୍ଥ୍ୟ ପ୍ରତି ଏତେ ବେଶୀ ଅବହେଳା ! କେସ୍ ଫାଇଲ୍ ଦେଖିବା ପରେ ମୁଁ ମୁହଁ ଉଠେଇ ତା'କୁ ଅନେଇଲି ।

ଅଚିହ୍ନା ଝିଅଟି ସାମାନ୍ୟ ଚିହ୍ନାଚିହ୍ନା ଲାଗିଲା ଯଦିଓ ଠିକ୍ ଚିହ୍ନି ପାରିଲିନି । ଡାକ୍ତରୀ

ଜୀବନରେ ଏତେ ରୋଗୀ, ଏତେ ମୁହଁ, ଏତେ ବାର୍ତ୍ତାଳାପ!

: ତମ ନାଆଁ ?

: ସମର୍ପିତା ।

: ରୋଗ ଏକଦମ୍ ବଢ଼ିଗଲାଣି । ଆଜି ଯାକେ କ'ଣ କରୁଥିଲ ?

: ଚିକିତ୍ସା ଚାଲିଛି ସାର୍ । ମୁଁ ନିୟମିତ ଡାୟଲିସିସ୍‌ରେ ଅଛି । ତା' ସତ୍ତ୍ୱେ ବି ଏବେ ୟୁରିଆ, କ୍ରିଏଟିନିନ୍ କମୁନି ବୋଲି ସ୍ଥାନୀୟ ଡାକ୍ତର ମୋତେ ଏଇ ମେଡିକାଲ୍ କଲେଜ ହସ୍ପିଟାଲକୁ ପଠେଇଛନ୍ତି ।

: କିଡ୍‌ନୀ ପ୍ରତିରୋପଣ କଥା ତମକୁ ଆଗରୁ କିଏ କହିଛନ୍ତି ?

: ଆଜ୍ଞା ସାର୍ । ସେଠି ସାର୍ କହିଥିଲେ । ତାଙ୍କ ପରାମର୍ଶକ୍ରମେ ମୁଁ ବୁର୍ଲା ଯାଇ ନେଫ୍ରୋଲୋଜିଷ୍ଟଙ୍କୁ ଦେଖେଇଥିଲି ବି । ମୋ ପାଇଁ କିନ୍ତୁ ଡୋନର୍ ଯୋଗାଡ଼ ହେଇପାରିଲାନି ।

: ତମ ପରିବାରରେ କ'ଣ କେହି ନାହାନ୍ତି?

: ନା । ମାମା ନାହିଁ । ବାବା ଓ ସାନଭାଇ ଅଛନ୍ତି ଯଦିଓ ନାହାନ୍ତି ହିଁ କୁହାଯିବ ।

: ମାନେ?

: ଦୁହେଁ ମଦ ପିଇ ଯେଝା' ବାଟେ । ଦାୟିତ୍ୱବାନ୍ ନୁହନ୍ତି ଆଦୌ; ବରଂ ମୋ ରୋଜଗାର ଉପରେ ସେ ଦୁହେଁ ନିର୍ଭରଶୀଳ ।

: ସେମିତି ନିକଟ ସମ୍ପର୍କୀୟ କିଏ?

: ଯେଉଁଠି ନିକଟରେ ନିଜ ଲୋକ ନାହାନ୍ତି, ସେଠି ନିକଟ ସମ୍ପର୍କୀୟ କୋଉଠୁ ଆସିବେ ସାର୍?

: ଆଜିକାଲି ଅନେକ ଲୋକ ମୃତ୍ୟୁ ପରେ ଅଙ୍ଗଦାନ କରୁଛନ୍ତି । କାଡାଭର୍ ଡୋନରଙ୍କ ପାଖରୁ କିଡ୍‌ନୀ ପାଇବା ପାଇଁ ଆଗରୁ ରେଜିଷ୍ଟ୍ରେସନ୍ କରିବାକୁ ପଡ଼େ । ତମ ପାଇଁ ରେଜିଷ୍ଟ୍ରେସନ୍ ଆମେ ଏଠି କରିଦେବା । ଦେଖାଯାଉ ।

: ଧନ୍ୟବାଦ ସାର୍ ।

କୃତକୃତ୍ୟ ହେଇଗଲା ସେ । ସକଳ

ଦୁଃଖ କଷ୍ଟ ସତ୍ତ୍ୱେ ମଣିଷର ସବୁଠାରୁ ବଡ଼ ନିଶା ସତରେ ଜିଇବାର ଆଶା ।

ସମର୍ପିତାର ସପ୍ତାହକ ତିନି ଦିନ ଡାୟଲିସିସ୍ । ସେ ଏକାଏକା ଆସେ । ତା' ସାଥୀରେ କେହି ନ ଥା'ନ୍ତି ବୋଲି ଟେକ୍ନିସିଆନ୍ କହେ । ଆମ ଷ୍ଟାଫ୍ ତା'କୁ ଆବଶ୍ୟକ ସହାୟତା ଯୋଗେଇ ଦିଅନ୍ତି ।

କ୍ଷିପ୍ର ଗତିରେ ରୋଗ ବଢୁଥିଲା । ଅବସ୍ଥା ଦିନକୁ ଦିନ ବିଗୁଡୁଥିଲା । କ୍ଲୋଜ୍ ମନିଟରିଂ ସହ ଏଣିକି ନିତି ନିତି ଡାୟଲିସିସ୍ କରାଯିବ । ସମର୍ପିତା ଆଡମିସନ୍ ହେଇ ଆଇସିୟୁକୁ ସ୍ଥାନାନ୍ତରିତ ହେଲା ।

ସେ ଦୁର୍ବଳ, ଶେଥା ଓ ପାଣ୍ଡୁର ଦିଶୁଛି । ଅଧିକାଂଶ ବେଳ ଶୋଇ ରହୁଛି ।

ସେଦିନ ସକାଳେ ମୁଁ ଏକାଏକା ତା' ପାଖକୁ ଗଲାବେଳକୁ ସେ ଚେଇଁଥିଲା । ମୋତେ ଦେଖି ସେ ଦୁଇହାତ ଯୋଡ଼ି ନମସ୍କାର କଲା । ତା' ଆଖି ଛଳଛଳ ହେଲା ଏବଂ ଓଠ ସାମାନ୍ୟ ଥରିଗଲା । ଏମିତି ଲାଗିଲା - ସେ କିଛି କହି ଦେବାକୁ ଚାହୁଁଛି, ଅଥଚ ସଙ୍କୁଚିତ ହେଇ କହିପାରୁନି ।

: କିଛି କହିବ ?

: ସାର୍! ଆପଣ ମୋତେ ଚିହ୍ନି ପାରିଲେନି ।

: ସରି ।

: ଡା. ଆଂଶିକା ବାନାର୍ଜୀଙ୍କ ଝିଅ ମୁଁ ।

: ହ୍ୱାଟ୍ ?

: ଆଜ୍ଞା ।

ନିର୍ବାକ୍ ମୁଁ ।

ଭୂମିକମ୍ପଟିଏ କେବେ ମାଟିରେ ହୁଏ ତ କେବେ ମସ୍ତିଷ୍କରେ ।

: ଯିବା ଆଗରୁ ମୋତେ ମାମା ଆପଣଙ୍କ ବିଷୟରେ ସବୁ କହିଛି ।

: ଯିବା ଆଗରୁ ?

: ମୋ ମାମା ନାହାନ୍ତି ବୋଲି ସେଦିନ ଆପଣଙ୍କୁ କହିଥିଲି ନା ସାର୍ ! ସେ ଯିବା ଏଇ ତ ଦୁଇବର୍ଷ ହେଲା ।

: ଓଃ ମାଇ ଗଡ୍!

: ମାମା ଯେତିକି କହିଥିଲା, ଆପଣ ତା'ଠୁ ଆହୁରି ବେଶୀ ଭଲ, ବେଶୀ ଉଦାର ।

: .....

: ମାମା କହୁଥିଲା - ଆପଣଙ୍କ ପାଇଁ ହିଁ ସେ ଓ ମୁଁ ବଞ୍ଚି ରହିପାରିଲୁ ।

: .....

: ଏଇଟା ସତ କି ସାର୍ - ମୋ ବାବା କାଳେ ଥରେ ମୋତେ ଛାତରୁ ତଳକୁ ଫୋପାଡ଼ି ଦେବାକୁ ବସିଥିଲେ । ତାଙ୍କର କାଳେ ସନ୍ଦେହ ଥିଲା ...

ଠିକ୍ ଏ ବେଳେ ମୋ ଫୋନ୍ ରିଂ ହେଲା ।

: ହ୍ୟାଲୋ ସିଷ୍ଟର୍!

: ...

: ହଁ ହଁ, ଏଇ ସାଙ୍ଗେ ସାଙ୍ଗେ ମୁଁ ଆସୁଛି ।

ଫୋନ୍ କଲ୍‌ଟା ବଞ୍ଚେଇଦେଲା କି ?

ମୋ ଦେହରୁ ଗମ୍‌ଗମ୍ ଝାଳ ବାହାରୁଥିଲା । କ'ଣ ତା' ବାବା କୌସ୍ତୁଭ ଗାଙ୍ଗୁଲି ସନ୍ଦେହ କରୁଥିଲା ? କ'ଣ ସବୁ କହିଥିଲା ଆଂଶିକା ବାନାର୍ଜୀ ତା' ଝିଅକୁ?

ରାତି ତିନିଟା । ଆଖିରେ ମୋର ତଥାପି

ନିଦ ନାହିଁ । କଡ଼ ଲେଉଟେଇଲି ।

ଆମେ ନିମ୍ନ ମଧ୍ୟବିତ୍ତ ପରିବାରର । ବାପା, ବୋଉ, ମୁଁ ଏବଂ ମୋ ଉପରେ ତିନି ଜଣ ଅପାଙ୍କୁ ନେଇ ଆମର ଅଭାବୀ କିନ୍ତୁ ସୁଖୀ ପରିବାର । ବାପା ପୋଷ୍ଟାଲ୍ ଡିପାର୍ଟମେଣ୍ଟରେ ଏକ ତଳିଆ କର୍ମଚାରୀ ଥିଲେ । ମୁଁ ମେରିଟ୍ ଲିଷ୍ଟରେ ମେଡିକାଲ୍ ପାଇଥିଲି । ସେ ବେଳେ ମେଡିକାଲ୍ ପାଠ ପାଇଁ ଅଭିଭାବକଙ୍କୁ ବିଶେଷ ଖର୍ଚ୍ଚାନ୍ତ ହେବାକୁ ପଡୁ ନ ଥିଲା ।

ଘରେ ବିବାହଯୋଗ୍ୟା ତିନି ଝିଅ । ବାପାଙ୍କ ମୁଣ୍ଡରେ ଆର୍ଥିକ ଅନଟନ ସାଙ୍ଗକୁ ବିରାଟ ପାରିବାରିକ ବୋଝ । ଇଣ୍ଟର୍ଣ୍ଣସିପ୍ ସରୁ ସରୁ ମୁଁ ଆସି ଯୋଗଦେଲି ଆମ ସହରର ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ । ଭାବିଲି– ବର୍ତ୍ତମାନ ପରିସ୍ଥିତିରେ ବାପାଙ୍କୁ ସାହାଯ୍ୟ କରିବା ମୋର ପ୍ରଥମ କର୍ତ୍ତବ୍ୟ । ପିଜି କରିବା କଥା ପରେ ଦେଖାଯିବ ।

ଡାକ୍ତରଖାନାରେ ପ୍ରଥମ ଦିନ ହିଁ ମୋର ଦେଖାହେଲା ଡା. ଆଂଶିକା ବାନାର୍ଜୀଙ୍କ ସହ ।

: ତମେ ପଲ୍ଲବ ନା? ପଲ୍ଲବ ପଟ୍ଟନାୟକ?

: ଆରେ ଦିଦି! ନମସ୍କାର । ତମେ ଏଠି କେବେଠୁ ?

: ମୁଁ ବର୍ଷେ ହେଲା ଅଛି ଏଠି ।

: ଆଉ ରିତେଶ୍ ଦାଦାଙ୍କ ଖବର କ'ଣ ? ତମ ବାହାଘର କେବେ ହେଲା ? ସେ ପିଜି କଲେ କି ଚାକିରିରେ ଯୋଗଦେଲେ ?

: ମୁଁ ଟିକେ ହରବରରେ ଅଛି ପଲ୍ଲବ । ପରେ କହିବି । ଏକାଠି ତ ରହିଲେ । ଦେଖାହେବ ପୁଣି ।

ତରତର ହେଇ ଚାଲିଗଲା ଆଂଶିକା ଦି' ।

ଆଂଶିକା ଦି' ଆମଠୁ ଦି'ବର୍ଷ ଉପରେ ପଢୁଥିଲା । ଏକଦମ୍ ଲୋ ପ୍ରୋଫାଇଲ୍ ଝିଅ । ଶାନ୍ତ, ଶିଷ୍ଟ, ସରଳ । ଖୁବ୍ ଗୋଟେ ସୁନ୍ଦର ନ ହେଲେ ବି ତା' ଚେହେରାରେ ଏକ କୋମଳ କମନୀୟତା ଯୋଗୁଁ ସେ ଅନ୍ୟମାନଙ୍କଠାରୁ ବେଶ୍ ବାରି ହୋଇପଡୁଥିଲା । ସେ ପ୍ରାୟତଃ ଧଳା କିମ୍ବା ଖୁବ୍ ହାଲୁକା ରଙ୍ଗର ଶାଢ଼ି ପିନ୍ଧୁଥିଲା, ପୁଣି କାନି ଘୋଡ଼େଇ । ଓଦା କେଶରେ ଲମ୍ବା ବେଣୀ କରିବା ବି ତା' ସ୍ୱାତନ୍ତ୍ର୍ୟ ଥିଲା । କେମିତି ଗୋଟେ ତପସ୍ୱିନୀ, ସନ୍ନ୍ୟାସିନୀ କି ବ୍ରହ୍ମଚାରିଣୀ ଭଳି ଦିଶୁଥିଲା ସେ ।

ମେଡିକାଲ୍ କ୍ୟାମ୍ପସ୍‌ରେ ହଇଚଇ ସୃଷ୍ଟି ହେଲା । ସେତେବେଳେ - ଯେତେବେଳେ ତା' ସହପାଠୀ ରିତେଶ୍ ମଜୁମଦାର୍ ତା' ସହ ସମ୍ପର୍କ ଯୋଡ଼ିଲା । ଏହା ଯେତିକି ଅବିଶ୍ୱସନୀୟ ସେତିକି ଅକଳ୍ପନୀୟ ଥିଲା । କାରଣ ରିତେଶ୍ ମଜୁମଦାର୍ ତା'ର ବାତ୍ରାମି ଯୋଗୁଁ ଅଧିକ ପ୍ରସିଦ୍ଧ ଥିଲା । ଅନେକେ କହିଲେ - ମାଙ୍କଡ଼ ହାତରେ ଶାଳଗ୍ରାମ । ଅବଶ୍ୟ ମେଡିକାଲ୍ କଲେଜରେ କାହା ବ୍ୟକ୍ତିଗତ ସମ୍ପର୍କରେ ଅନ୍ୟମାନେ ବିଶେଷ ମୁଣ୍ଡ ପୂରାନ୍ତିନି; ମାତ୍ର କିଛିଦିନ ମଧ୍ୟରେ ଏ ସମ୍ପର୍କିତ ତମାମ୍ ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା ।

ଆମ ଫାଇନାଲ ଇଅର୍ ବେଳେ ସେମାନେ କଲେଜ ଛାଡ଼ିଲେ । ଅତଏବ ମୁଁ ଭାବିଥିଲି ସେମାନେ ଏ ଭିତରେ ବିବାହ କରି ସାରିଥିବେ ।

ଆଂଶିକା ଦି' ଓ ମୁଁ - ଆମ ଉଭୟଙ୍କର ସବୁଦିନ ପ୍ରାୟ ଓପିଡି ଡ୍ୟୁଟି । କେବଳ ଇମର୍ଜେନ୍ସି ଡ୍ୟୁଟି ଅଲଗା ଅଲଗା ଦିନ । ଆମ ଉଭୟଙ୍କ ଛୁଟିଦିନ ବି ଏକାଦିନ । ସେ ହସ୍ପିଟାଲ୍ କମ୍ପାଉଣ୍ଡ ଭିତରେ ସରକାରୀ କ୍ୱାର୍ଟର୍‌ରେ ରହୁଥିଲା । ଆଉ ମୁଁ ଆମ ଘରେ ।

ଫ୍ରି ସମୟରେ ତା' କ୍ୱାର୍ଟର୍ ଯାଇ ଆମେ ଏକାସଙ୍ଗେ କଫି ପିଉ । ଅଣ୍ଡା ଆମ୍‌ଲେଟ୍ ଖୁବ୍ ଭଲ ବନାଏ ଓ ବାଧ୍ୟ କରି ମୋତେ ଖୁଆଏ ଆଂଶିକା ଦି' । ଆମେ ଖୁବ୍ ଗପୁ । କଲେଜ୍ କଥା । ସାଙ୍ଗସାଥୀଙ୍କ କଥା । ଆସ୍ତେ ଆସ୍ତେ ଏହା ଏକ ଅଭ୍ୟାସରେ ପରିଣତ ହେଇଗଲା ଆମର ।

ଏମିତି ଦିନେ ସନ୍ଧ୍ୟାରେ ଆମେ କଫି ପିଇବାବେଳେ ରିତେଶ୍ ମଜୁମଦାର୍ ତା'କୁ ପ୍ରତାରିତ ଓ ପ୍ରତ୍ୟାଖ୍ୟାନ କରିବା କଥା କହିଲା ଆଂଶିକା ଦି' ।

: ଏହାର କିଛି ତ କାରଣ ସେ କହିଥିବ ନା ଦି' ।

: କହିଥିଲା । ମୁଁ ସ୍ମାର୍ଟ୍ ନୁହଁ, ସୁନ୍ଦର ନୁହଁ । ତା' ସମାସ୍କନ୍ଧ ନୁହଁ ।

: ସେ କଥା କ'ଣ ସେ ଆଗରୁ ଜାଣି ନ ଥିଲା?

: ସେଇ ତ! ସବୁଠାରୁ ବଡ଼ କଥା ହେଲା ସେ ହିଁ ମୋତେ ପ୍ରଥମେ ପ୍ରେମ ନିବେଦନ କରିଥିଲା । କହିଥିଲା - ହଟ୍ ନୁହଁ, ହଟ୍‌କେ ଝିଅ ତା'ର ପସନ୍ଦ ।

: ଅବଶ୍ୟ ଗୋଟିଏ ଦୃଷ୍ଟିରୁ ଭଲ ହେଲା ଦି' । ତମ ଭଳି ଏକ ଅତି ଭଲ ଝିଅ ତା' ଭଳି ଏକ ଦୁଷ୍ଟ ପିଲାକୁ ଆଦୌ ମ୍ୟାଚ୍ କରୁ ନ ଥିଲା । ମୁଁ ତ ବ୍ୟକ୍ତିଗତ ଭାବେ ବହୁତ ଖୁସି ।

ଆଂଶିକା ଦି' ହସିଲା । ଦୁଇ ଗାଲରେ ତା'ର ଦିଇଟା ଗାଡ଼ ଭଉଁରି । ମୋ ଆଖି ତା' ଉପରୁ ଫେରେଇ ଆଣି ପାରିଲିନି ତତ୍‌କ୍ଷଣାତ୍ । ଭାବୁଥିଲି - ଏ ଝିଅଗୁଡ଼ା କେତେ ସରଳ ସତେ! ଟିକେ ଭଲ କହିଦେଲେ କେଡ଼େ ବେଗି କେଡ଼େ ଖୁସି ହେଇଯା'ନ୍ତି !

ଆଂଶିକା ଦି' ମୋଠୁ ବୟସରେ ଦୁଇବର୍ଷ ବଡ଼ । ଏକା କଲେଜରେ ପଢୁଥିଲୁ । ଏବେ ପୁଣି ଏକା ହସ୍ପିଟାଲରେ କାର୍ଯ୍ୟରତ । ଅତଏବ୍ ଛୁଟିଦିନରେ ମୁଁ ତା'କୁ ଲଞ୍ଚ୍ ପାଇଁ ଆମ ଘରକୁ ଡାକୁଥିଲି । ସେ ଭାରି ସ୍ନେହୀ ଓ ମେଳାପୀ ଥିଲା । ମୋ ମା' ଓ ଅପାମାନେ ଖୁବ୍ ଭଲ ପାଉଥିଲେ ତା'କୁ । ଏପରି କି ଗୋଟିଏ ରବିବାର ମଝିରେ ଯଦି ସେ ଆମ ଘରକୁ ଆସିପାରୁ ନ ଥିଲା କୌଣସି କାରଣବଶତଃ - ମୋ ବାପା ବି ପଚାରୁଥିଲେ - ଆଂଶିକାର କାଇଁ ଦେଖା ନାହିଁ ! ଅଳ୍ପଦିନରେ ସେ ଆମ ଘରର ଜଣେ ଅଘୋଷିତ ସଦସ୍ୟ ହେଇଗଲା ।

ସାଧାରଣ ବନ୍ଧୁତାରୁ ନିବିଡ଼ତା ଏବଂ ଅନ୍ତରଙ୍ଗତା । ମୋତେ ସେ ଦେବୀଟିଏ ଭଳି ଲାଗୁଥିଲା ଏବଂ ଏଭଳି ଏକ ଶ୍ରୀ-ବିମଣ୍ଡିତାକୁ ସେ ପଶୁ ରିତେଶ୍ ପ୍ରତ୍ୟାଖାନ କରିବାଟାକୁ ମୁଁ

ଭଗବାନଙ୍କ ଆଶୀର୍ବାଦ ଭାବିଲି ।

ଆଃ ! ସେତିକିରେ ଯଦି ଅଟକି ଯାଇଥା'ନ୍ତା ସମ୍ପର୍କ!

ସେଦିନ ଆଂଶିକା ଦି'ର ଜନ୍ମଦିନ ଥିଲା ବୋଲି ମା' ତା'କୁ ଆମ ଘରକୁ ଡିନର୍ ପାଇଁ ଡାକିଥିଲେ । ଖାଇ ସାରିବା ପରେ ମୁଁ ତା'କୁ ତା' କ୍ୱାର୍ଟରରେ ନେଇ ଛାଡ଼ି ଆସିବାକୁ ମା' କହିଲେ । କାରଣ ଡାକ୍ତରଖାନା ଆମ ଘରୁ ପ୍ରାୟ ପାଞ୍ଚ କିଲୋମିଟର ଦୂର ଏବଂ ଶେଷ ଦୁଇ କିଲୋମିଟର ବାଟ ଅତି ନିଛାଟିଆ । ସେଦିନ ଆକାଶରେ କଳା ମେଘ ଥିଲା ଓ ଏହା ଆସନ୍ନ ବର୍ଷାର ସୂଚନା ଦେଉଥିଲା । ମା' କହିଲେ - ଏମିତିରେ ଝିଅଟିଏ ଏକା ଏକା ଯିବା ନିରାପଦ ନୁହେଁ ।

ମୋ ବାଇକ୍ ପଛରେ ସେ । ତା' ଡ଼ାହାଣ ପାପୁଲି ମୋ ଡାହାଣ କାନ୍ଧରେ । ହମ୍ପ୍ ଆସିଲେ ମୋତେ ସେ ଜୋର୍‌ରେ ଧରୁଥିଲା ଓ ସେବେଳେ ମୋ ପିଠିରେ ଜୋର୍‌ରେ ଚାପି ହେଇ ଯାଉଥିଲା ତା'ର ଦେହ । ଏବେ ହମ୍ପ୍ ନ ଆସିଲେ ବି ସେ ତା' ଶରୀରର ସମ୍ପୂର୍ଣ୍ଣ ଓଜନ ମୋ ପିଠିରେ ଲଦି ବସିଛି ।

ଆଃ! ଏକ ମଧୁର ବାସ୍ନା, ଏକ ଉଷ୍ଣ ଉନ୍ମାଦନାରେ ଆଛନ୍ନ ମୁଁ!

ଓଃ, ଏ ରାସ୍ତା ଆହୁରି ଲମ୍ବିଯା'ନ୍ତା କି ! ପାଞ୍ଚ, ଦଶ କି ପଚାଶ କିଲୋମିଟର! ନା ନା– ଜମା ସରନ୍ତାନି କି ଏ ବାଟ!

ହଠାତ୍ ବିଜୁଳି, ଘଡଘଡି ସହ ମୁଷଳଧାରାରେ ବର୍ଷା ଆରମ୍ଭ ହେଇଗଲା ।

: ଅଟକିଯିବା କେଉଁ ଗଛ ତଳେ ?

: ନା ନା । ବିଜୁଳି ଖୁବ୍ ଜୋର୍ ମାରୁଛି । ଗଛ ତଳେ ଠିଆ ହେବା ବିପଦ । ଚାଲ ଚାଲିଯିବା । ଏମିତି ବି ତ ଭିଜିଲେଣି!

ଏଇନା ସେ ଦୁଇହାତରେ ଖୁବ୍ ଜୋର୍ ବେଢେଇ ଧରିଛି ମୋତେ । ତା' ଓଦା ମୁହଁ, ଓଦା ଛାତି ମୋ ପିଠିରେ । ଓଦା ଦେହର ଏକ ଅଲଗା ଆବେଦନ ଥାଏ କି ?

ବର୍ଷାର ଛୁଆଁ ଦେହରେ ନିଆଁ ଜାଳିବା କଥା ସତ ।

ତାଙ୍କ ଘରେ ପହଞ୍ଚିବାବେଳକୁ ପାୱାର କଟ୍ । ମୁହଁକୁ ମୁହଁ ଦିଶୁନି ।

ପର୍ସ୍ ଖୋଲି ବଡ଼ କଷ୍ଟରେ ଅଣ୍ଡାଳି ଅଣ୍ଡାଳି ଚାବିକାଠି ବାହାର କଲା ସେ । ଦରଜା ଖୋଲୁ ଖୋଲୁ ପବନ ଠେଲି ନେଇଗଲା ଆମ ଦୁହିଙ୍କୁ ଭିତରକୁ ।

ବିଜୁଳି ଘଡ଼ଘଡ଼ିରେ ମେଦିନୀ କମ୍ପୁଛି । ଦରଜା ବନ୍ଦ କଲା ସେ ।

ରାତିରେ ବର୍ଷା ହେଲେ ଛାତିରେ ବି ବର୍ଷା ହୁଏ କି ?

ଦରଜାକୁ ଆଉଜି ଠିଆ ହେଇଛି ସେ । ତା'ର ଅତି ନିକଟରେ ମୁଁ । ତା' ଥରିଲା, ଡରିଲା ନିଃଶ୍ୱାସ ମୋ ଛାତିରେ । ମୋ ତତଲା, ଖର ନିଃଶ୍ୱାସ ତା' କପାଳରେ, ଚିବୁକରେ, କାନମୂଳରେ, ବେକମୂଳରେ ।

ଘନଘୋର ଅନ୍ଧାର ଭିତରେ ମୋ ପାପୁଲିରେ ଏଇନା ମୁଠା ମୁଠା ଆଦିମ ଆନନ୍ଦ ।

"ନିଜକୁ ନିଜେ କ୍ଷମା କରିଦେଇ ଏଇ ମୁହୂର୍ତ୍ତରେ କୌଣସି ଅସଂଗତ କାର୍ଯ୍ୟ କଲେ ଆଜି ପାଇଁ ହୁଏତ ସାମୟିକ ଆନନ୍ଦ ମିଳେ; କିନ୍ତୁ ଆସନ୍ତା କାଲି ପାଇଁ ଏହା ଦୁଃଖର କାରଣ ହେଇଥାଏ । ହେଲେ ଆଜି ମନକୁ ଶାସନ କରି ସଂଯମ ଭିତରେ ରହିଲେ ଆଗାମୀ ସମୟ ସୁଖକର ହେଇଥାଏ । ତେଣୁ ସକଳ ଘନିଷ୍ଠତା ସତ୍ତ୍ୱେ ଆମେ ନିଜ ନିଜ ଉପରୁ ନିୟନ୍ତ୍ରଣ ଆଉ କେବେ ବି ହରେଇ ନ ଥିଲୁ ।"

ଆଦର୍ଶ ପାଖେ ତ ବାସ୍ତବତା ଆଉ ପାଖେ । ସେ ପ୍ରକୃତି, ମୁଁ ପୁରୁଷ । ନାରୀର ଏହି ଆରଣ୍ୟକ ଆକର୍ଷଣକୁ ଆଡ଼େଇଯିବା ସହଜ ନୁହଁ ଆଦୌ ।

ଦେହ ଦାହ ହୁଏ । ଏହା ବି ସତ ।

ସେଦିନ କେତେ ରାତିରେ କୋଉ ଅବସ୍ଥାରେ ଘରକୁ ଫେରି ଚୁପଚାପ୍ ଶୋଇ ଯାଇଥିଲି ଆଉ ଘରେ କ'ଣ ସଫେଇ ଦେଇଥିଲି - ଆଜି ଆଉ ମନେ ନାହିଁ ମୋର ।

ସେଇ ରାତି ପରଠାରୁ ଆମ ନିବିଡ଼ତା ଆକାଶ ଛୁଇଁଲା । ଆପାତତଃ ଆମେ ବିବାହ କରିବାକୁ ନିର୍ଣ୍ଣୟ ବି ନେଇଗଲୁ । ମୁଁ ତା'କୁ ଆଂଶି ଡାକିଲି । ସେ ତା'ର ପୂର୍ବତନ ପ୍ରେମିକ ଦ୍ୱାରା ପ୍ରତ୍ୟାଖ୍ୟାତ ହେବାର ଦୁଃଖ ଭୁଲିଗଲା । ସେ ଆଦୌ ଅନୁତପ୍ତ ନ ଥିଲା; ବରଂ ତା' ମୁହଁରେ ଏକ ଅକୃତ୍ରିମ, ଆହ୍ଲାଦିତ ଆନନ୍ଦ ଝଲମଲ୍ କରୁଥିଲା ।

ନିଜକୁ ନିଜେ କ୍ଷମା କରିଦେଇ ଏଇ ମୁହୂର୍ତ୍ତରେ କୌଣସି ଅସଂଗତ କାର୍ଯ୍ୟ କଲେ ଆଜି ପାଇଁ ହୁଏତ ସାମୟିକ ଆନନ୍ଦ ମିଳେ; କିନ୍ତୁ ଆସନ୍ତା କାଲି ପାଇଁ ଏହା ଦୁଃଖର କାରଣ ହେଇଥାଏ । ହେଲେ ଆଜି ମନକୁ ଶାସନ କରି ସଂଯମ ଭିତରେ ରହିଲେ ଆଗାମୀ ସମୟ ସୁଖକର ହେଇଥାଏ । ତେଣୁ ସକଳ ଘନିଷ୍ଠତା ସତ୍ତ୍ୱେ ଆମେ ନିଜ ନିଜ ଉପରୁ ନିୟନ୍ତ୍ରଣ ଆଉ କେବେ ବି ହରେଇ ନ ଥିଲୁ ।

ଏକ ବର୍ଷଣମୁଖର ରାତିର ସେ ପୁଲକିତ, ଆହ୍ଲାଦିତ, ରୋମାଞ୍ଚିତ ଅଧ୍ୟାୟ - ସେଇ ପ୍ରଥମ, ସେଇ ଶେଷ ।

: ପଲ୍ଲବ!

: ହଁ ଆଂଶି ।

: ଆମର ଭାଷା ଭିନ୍ନ । ଜାତି ଭିନ୍ନ । ତା' ଛଡ଼ା ବୟସରେ ବି ମୁଁ ଦି'ବର୍ଷ ବଡ଼ ତମଠୁ । ଆମ ବିବାହ ପାଇଁ ତମ ଘରେ ରାଜି ନ ହୁଅନ୍ତି ଯଦି ?

: ସମୟ ସବୁ କଥାର ସରଳ ସମାଧାନ କରେ ଆଂଶି । ତମେ ଜଣେ ଖୁବ୍ ଭଲ ଝିଅ ।

ତମକୁ ଆମ ଘରେ ସମସ୍ତେ ଖୁବ୍ ଭଲପାଆନ୍ତି। ତେଣୁ ବାପା, ମା' ନିଶ୍ଚୟ ମୋ ଅନୁରୋଧ ରଖିବେ। ମୁଁ ଭାବୁଛି ଈଶ୍ୱର ନିର୍ଦ୍ଦୟ ହେବେନି ଆମ ପ୍ରତି।

ସେ ବେଳେ ଏ ସବୁ ବାଧକ ମୋତେ ପ୍ରକୃତରେ ନିହାତି କ୍ଷୁଦ୍ର ଲାଗୁଥିଲେ। ସମସ୍ୟା ସୃଷ୍ଟି କରିବା ଭଳି ସଙ୍କଟ ଉପୁଜିବ ବୋଲି ମୁଁ ଆଦୌ ଭାବୁ ନ ଥିଲି।

ବେଳେବେଳେ ନିଜେ ଭାବିଥିବା ଭଳି ପରିସ୍ଥିତି ହୁଏ ନାହିଁ। ଦେଖିଥିବା ସ୍ୱପ୍ନ ସବୁ ସାକାର ହୁଏ ନାହିଁ।

ଅଳ୍ପ କିଛିଦିନ ପରେ ହିଁ ଏକ ଅଭାବିତ ପରିସ୍ଥିତି ଉଭା ହେଲା।

: ପଲ୍ଲବ! ବାବା ଚିଠି ଦେଇଛନ୍ତି। ସାନ ଭଉଣୀମାନଙ୍କ ପାଇଁ ଭଲ ଭଲ ପ୍ରସ୍ତାବ ଆସୁଛି। ମୋ ପାଇଁ ସେ ସେମାନଙ୍କ ବାହାଘର କରିପାରୁନାହାନ୍ତି। ମୁଁ ତମ କଥା ବାବାଙ୍କୁ କହିଥିଲି। ସେ ରାଜି ଅଛନ୍ତି। ଅତି ଶୀଘ୍ର ତମ ନିର୍ଣ୍ଣୟ ଶୁଣେଇବା ପାଇଁ କହିଛନ୍ତି।

ମୁଁ ଚମକିଗଲି ହଠାତ୍ ଏ କଥା ଶୁଣି। ସେ ଯେତିକି ବ୍ୟସ୍ତ ତା'ର ସାନ ତିନି ଭଉଣୀଙ୍କ ପାଇଁ - ମୁଁ ବି ତ ସେତିକି ଚିନ୍ତିତ ମୋ ବଡ଼ ତିନି ଅପାଙ୍କ ପାଇଁ। ସେମାନେ ଯେ ଏ ଯାଏଁ ଅବିବାହିତା!

: ବିବାହଯୋଗ୍ୟା ତିନି ତିନି ଜଣ ବଡ଼ଅପା ଘରେ ଥାଉଥାଉ ସାନ ହେଇ ମୁଁ କେମିତି ଆଗେ ବାହା ହେଇଯିବି ଆଂଶି? ତମ ଭଉଣୀମାନଙ୍କ ବାହାଘର ପ୍ରଥମେ କରିଦିଅନ୍ତୁ ବାବା। ମୋ ଉପରେ ଭରସା ରଖ ତମେ। ମୁଁ ଏ ପଟେ ଦାୟିତ୍ୱ ସାରିଦେଲେ ଆମ ବାହାଘର ହେବ। ସେତେବେଳେ ଘରେ ଯଦି ମୋତେ ବାରଣ କରନ୍ତି - ମୁଁ ନିଶ୍ଚୟ ସେମାନଙ୍କ ମତ ବିରୁଦ୍ଧରେ ଯାଇ ତମକୁ ବିବାହ କରିବି।

: ରିତେଶ୍ ମୋତେ ଧୋକା ଦେବା ପରେ ମୁଁ ଆଉ କାହା ଉପରେ ଭରସା କରିପାରୁନି ପଲ୍ଲବ।

: ସେ ଇଡିୟଟ୍ ସହିତ ତମେ ମୋତେ ତୁଳନା କରୁଛ?

: ସବୁ ପୁରୁଷ ଏକା। ନାରୀ ଏକ ଖେଳନା ହିଁ ସେମାନଙ୍କ ପାଇଁ। ତମକୁ ବ୍ୟତିକ୍ରମ ଭାବି ମୁଁ ହୁଏତ ଭୁଲ୍ କରିଛି।

: ମୁଁ ଏତେ ଇତର ନୁହଁ ଆଂଶି। ଅପା ମାନଙ୍କ ବାହାଘର ପୂର୍ବରୁ ମୋ ବାହାଘର କେମିତି ସମ୍ଭବ ତମେ ନିଜେ କୁହ। କୋଉ ମୁହଁରେ ମୁଁ ଏ କଥା ଘରେ କହିବି?

: ସେମାନେ ଯଦି ବାହା ନ ହେଇ ତମାମ ଜୀବନ ଅବିବାହିତା ରହିଯା'ନ୍ତି?

: ଏ ପ୍ରଶ୍ନ ଅବାନ୍ତର। ବାପା ଲାଗିପାଟି ଚେଷ୍ଟା କରୁଛନ୍ତି।

: ଜଣେ ନୁହଁ - ତିନି ତିନି ଜଣଙ୍କ ବାହାଘର।

: ହଁ, ତିନି ଅପାଙ୍କ ବାହାଘର ପାଇଁ ଅନ୍ତତଃ ତିନିବର୍ଷ ସମୟ ଦରକାର ମୋତେ।

: ତିନିବର୍ଷ ? ତିନି ମାସ ସମୟ ବି ମୋ ବାବା ଦେବେନି। ତିନିଦିନ ଭିତରେ ମୋର ତାଙ୍କୁ ଉତ୍ତର ଦେବାର ଅଛି।

: ଅବୁଝା ହୁଅନି ଆଂଶି।

: ପଲ୍ଲବ! ଅତି ବେଶୀରେ ଚବିଶ ଘଣ୍ଟା ସମୟ ମୁଁ ତମକୁ ଦେଇପାରେ। ସେ ଭିତରେ ତମେ ତମ ଘରେ କଥାବାର୍ତ୍ତା କରି ତମର ନିର୍ଣ୍ଣାୟକ ନିଷ୍ପତ୍ତି ମୋତେ ଶୁଣେଇବାକୁ ହବ। 'ହଁ' କିମ୍ବା 'ନା' - ଗୋଟିଏ ଶବ୍ଦରେ। ନ ହେଲେ ଜାଣ ଏଇଠୁ ଆମ ସମ୍ପର୍କ ଶେଷ।

> ସମ୍ପର୍କକୁ କେବଳ ସମୟ ନୁହଁ, ସହୃଦୟତାର ବି ଲୋଡ଼ା ଥାଏ। ସେ ବେଳେ ଆଂଶିକାର ଜିଦ୍‌ଖୋର୍ ମନୋବୃତ୍ତି ତା'ର ହୃଦୟଭର୍ତ୍ତି ହୃଦୟବତ୍ତାକୁ ଚାପିଦେଲା। ଚବିଶ ଘଣ୍ଟାର ମହଲତ ଶେଷ। ତା' ସହିତ ଶେଷ ହେଇଗଲା ବି ଏକ ଭାବାବେଗରେ ଜଡ଼ିତ ସମ୍ପର୍କ। ସମୟକୁ ସମୟ ମାଗୁମାଗୁ ସମୟ ଖସିଗଲା ଅସମୟରେ।

କିଛି ସମୟର ଯୁକ୍ତିତର୍କ। ମୁଁ ସମୟ ମାଗିଲି ସମାଧାନ ପାଇଁ। ସେ ଆଦୌ ପ୍ରସ୍ତୁତ ନ ଥିଲା ଦେବା ପାଇଁ ସମୟ।

ସମ୍ପର୍କକୁ କେବଳ ସମୟ ନୁହଁ, ସହୃଦୟତାର ବି ଲୋଡ଼ା ଥାଏ। ସେ ବେଳେ ଆଂଶିକାର ଜିଦ୍‌ଖୋର୍ ମନୋବୃତ୍ତି ତା'ର ହୃଦୟଭର୍ତ୍ତି ହୃଦୟବତ୍ତାକୁ ଚାପିଦେଲା।

ଚବିଶ ଘଣ୍ଟାର ମହଲତ ଶେଷ। ତା' ସହିତ ଶେଷ ହେଇଗଲା ବି ଏକ ଭାବାବେଗରେ ଜଡ଼ିତ ସମ୍ପର୍କ। ସମୟକୁ ସମୟ ମାଗୁମାଗୁ ସମୟ ଖସିଗଲା ଅସମୟରେ।

ଆହା! ଛୋଟ ଏକ ଝଗଡ଼ାରେ ପ୍ରେମ ସରିଗଲା। ବଡ଼ ଏକ ପ୍ରେମ ଏ ଝଗଡାକୁ ନିଶ୍ଚୟ ସାରିପାରିଥା'ନ୍ତା। ଆମର କ'ଣ ବଡ଼ ପ୍ରେମ ଅର୍ଥାତ୍ ଗଭୀର ପ୍ରେମ ନ ଥିଲା ?

ତା' ପରଦିନ ଆଂଶି ମାସେ ଛୁଟି ନେଇ ତାଙ୍କ ଘରକୁ ଚାଲିଗଲା। ଆଉ ଘରୁ ଫେରିବା ବେଳକୁ ସୁନ୍ଥା ଓ କପାଳରେ ଦାଉ ଦାଉ କରୁଥିଲା ଗାଢ଼ ଲାଲ୍ ସିନ୍ଦୂର ଟୋପା। ହାତରେ ଧଳା ଶଙ୍ଖା ଓ ରକ୍ତବର୍ଣ୍ଣ ପଲା। ପାରମ୍ପରିକ ବଙ୍ଗାଳୀ ପରିପାଟୀ।

ଆଂଶିକା ମୋ ଉପରେ କେବଳ ପ୍ରତିଶୋଧ ନେବା ପାଇଁ ଜିଦ୍ କରି ବିବାହ କଲା ସେ ଆଦୌ ଜାଣି ନ ଥିବା କୌସ୍ତୁଭ ଗାଙ୍ଗୁଲିକୁ - ଯେଉଁ ପ୍ରସ୍ତାବ ତା'ର ବାବା ଠିକ୍ କରିଥିଲେ - ଜାତି, ଗୋତ୍ର, ଜାତକ ମେଳ ଖାଇଥିଲା ବୋଲି; ଠିକାଦାରୀ କରି ପ୍ରଚୁର ପଇସା ରୋଜଗାର କରୁଥିଲା ବୋଲି।

ଜୀବନରେ ଯାବତୀୟ ଉଠାଣି, ଗଡ଼ାଣିକୁ ଠିକ୍ ଠିକ୍ ବୁଝି ଗ୍ରହଣ କରିନେଲେ ହିଁ ଜୀବନ ଜିଇହୁଏ। ମୁଁ ଆଂଶିକାକୁ ଭୁଲିବାକୁ ଚେଷ୍ଟା କଲି - ଯଦିଓ ଏହା ଖୁବ୍ କଷ୍ଟକର ଥିଲା ମୋ ପାଇଁ।

ଭାଗ୍ୟ କିନ୍ତୁ ଆଦୌ ଅନୁକୂଳ ନ ଥିଲା ଆଂଶିକା ପାଇଁ । କୌସ୍ତୁଭ ଗାଙ୍ଗୁଲି ବୃତ୍ତିରେ ଜଣେ ଠିକାଦାର ଥିଲା ଯାହାର ଇତିହାସ ଆଦୌ ଠିକ୍ ନ ଥିଲା । ଯଦିଓ ସେ ଖୁବ୍ ରୋଜଗାର କରୁଥିଲା, ଏକ ମଦ୍ୟପ ତଥା ଜୁଆଡ଼ି ଥିବାରୁ ସବୁ ପଇସା ପିଇବା ଓ ଜୁଆ ଖେଳିବାରେ ଉଡ଼େଇଲା । ପରିଣାମ ସ୍ୱରୂପ ଅହରହ ସେମାନଙ୍କର ପାରିବାରିକ ଗଣ୍ଡଗୋଳ ଲାଗିରହିଲା । ଏପରିକି ଆଂଶିକାକୁ ତା' ସ୍ୱାମୀ ନିସ୍ତୁକ ପିଟୁଥିବା କଥା ବି ଧୀରେ ଧୀରେ ପଦାକୁ ଆସିବାରେ ଲାଗିଲା ।

ଆଃ! ବିଚାରୀ!! ପ୍ରଥମେ ପ୍ରତାରଣା, ମଝିରେ ଅବୁଝାମଣା, ଆଉ ଏବେ ନିର୍ଯାତନା!!

ସେଇ ଏକା ଡାକ୍ତରଖାନାରେ ଦୁହେଁ ଯେହେତୁ କାମ କରୁଥିଲୁ, ବେଳେବେଳେ ସାମ୍ନାସାମ୍ନି ହେଇଯାଉଥିଲୁ । ସେ ବେଳେ କିଏ କାହାକୁ ନ ଅନେଇ ବାଟ କାଟି ଚାଲି ଯାଉଥିଲୁ - ପରସ୍ପରକୁ ନ ଜାଣିବା ପରି, ନ ଚିହ୍ନିବା ପରି ।

ବିବାହର ସାତ ମାସ ପରେ ତା'ର ପ୍ରଥମ ଝିଅ ।

କାହିଁକି କେଜାଣି ମୋ ଛାତିଟା ରୁନ୍ଧିହେଲା ଭଳି ଲାଗିଲା ।

କେତେବେଳେ କେମିତି ଏକ ତୀବ୍ର ଆଗ୍ରହ ଓ ଆକର୍ଷଣ ମୋ ମନରେ ଜାଗେ - ଥରୁଟିଏ ଦେଖି ପାରନ୍ତି କି ଆଂଶିକାର ଝିଅକୁ! କାହା ଭଳି ହେଇଥିବ? ଆଂଶି ଭଳି, କୌସ୍ତୁଭ ଭଳି କି....! ନା, ଆଗକୁ ଆଉ ଭାବି ପାରେନି ମୁଁ ।

ଏ ଭିତରେ ଦୁଇବର୍ଷ ଅତିକ୍ରମ ହେଇଗଲା । ମୋ ବଡ଼ ଦୁଇ ଅପାଙ୍କ ବିବାହ ସରିଥିଲା । ସାନଅପା ଲାଗି ଜୋର୍‌ସୋର୍‌ରେ ବରଖୋଜା ଚାଲିଥିଲା ।

ଏ ବେଳେ ହଠାତ୍ ଦିନେ ଆଂଶିକାର ଫୋନ୍– ଆଜି ଟିକେ ମୋ ଘରକୁ ଆସିବ ପଲ୍ଲବ । ଜରୁରୀ କଥା ଅଛି ।

ଅନେକ ଉତ୍ସୁକତା ଓ ଉଦ୍‌ବିଗ୍ନତାକୁ ସାଥୀରେ ନେଇ ଆଂଶି ଘରେ ପହଞ୍ଚିଲି - ପାଖାପାଖି ତିନିବର୍ଷ ପରେ । କିଛି ଶଙ୍କା ଓ କିଛିଟା ଆଶଙ୍କା ବି ଥିଲା ମନରେ । ସେ ମୋତେ ଅପେକ୍ଷା କରିଥିଲା । ମୁଁ ତା' ମୁହଁକୁ ସିଧାସଳଖ ଚାହିଁ ପାରିଲିନି । ତଳକୁ ଚାହିଁ କଥା ଆରମ୍ଭିଲି ।

: କୌସ୍ତୁଭ ବାବୁ ନାହାନ୍ତି ?

: ନା । ସେ ଦିଲ୍ଲୀ ଯାଇଛନ୍ତି । ତାଙ୍କ ବଡ଼ ଭିଣୋଇ ସିରିଅସ୍ ।

: ଝିଅ ?

: ଶୋଇଛି । ଦେଖିବ ?

: ଆସ ।

ଶୋଇ ଶୋଇ ନିଦରେ ହସୁଥିଲା ଝିଅ ।

ମୁଁ ଥମ୍ ହେଇ ରହିଗଲି । ମୋ ଛାତି ପୁଣି ରୁନ୍ଧିହେଲା । ମୋ ଆଖି ଆଗରେ ନାଚିଗଲା ଆମ ଘରେ ମା' ଝୁଲେଇଥିବା ତାଙ୍କ ସହିତ ମୋର ଦୁଇବର୍ଷ ବେଳର ଫଟୋଟି ।

ମୁଁ ବିକଳ ହେଇ ଚାହିଁଲି ଆଂଶିକାକୁ ।

ଆଂଶିକା ଆଖିରେ ଆଦ୍ୟ ଆଷାଢ଼ ।

ପୁରୁଷର ଆଖି ଯେବେ ବର୍ଷେ - ଲହୁ ବର୍ଷେ, ଲୁହ ନୁହଁ ।

ଆଂଶିକା ତା' ଶାଢ଼ିକାନିରେ ମୋ ଆଖି ପୋଛିଦେଲା । କୋହ ଚାପି କହିଲା - ଆସ । ବାଟ ଘରେ ବସିବା । ଝିଅ ଉଠିଯିବ ।

ଆଂଶିକା ଦି' କପ୍ ଧୂମାୟିତ କଫି ନେଇ ଆସିଲା । ମୁଁ ସିଧା ଏଇନା ଅନେଇଲି ତା'କୁ ।

ଓଃ! କି ଚେହେରା ହେଲାଣି ଆଂଶିର! ଶାଢ଼ି ଘୋଡ଼େଇ ନିଜକୁ ଯଥାସମ୍ଭବ ଢାଙ୍କିବାକୁ ଚେଷ୍ଟା କରିଥିବା ସତ୍ତ୍ୱେ ତା' କପାଳ, ଗାଲ, ବେକ ତଥା ହାତର ମେଲା ଅଂଶରେ କଠିନ ଆଘାତର ଚିହ୍ନ ସ୍ପଷ୍ଟ ବାରି ହୋଇ ପଡୁଥିଲା ।

ମୋ ଆଖିକୁ ଅନୁସରଣ କରି ଆଂଶିକା ଏବେ ନିଜ ଦେହର ଦାଗଗୁଡ଼ିକୁ ଦେଖି ଅଳ୍ପ ହସିଲା । ଇସ୍, କି କରୁଣ ସେ ହସ!

: ନିଶା ଜୋର୍‌ରେ ପିଟିବାବେଳେ ତାଙ୍କ ହାତରେ ଯାହା ପଡ଼ିଲା - ବେଲଣାବାଡ଼ିରୁ ନେଇ ପିଠାପାତିଆ ଯାଏ - ସେଥିରେ ପିଟି ଥା'ନ୍ତି ମୋତେ କୌସ୍ତୁଭ । ଜାଗା ଅଜାଗା ଦେଖନ୍ତିନି । ବେଳ ଅବେଳ ଜାଣନ୍ତିନି । ମୋତେ ଆଜିକାଲି ମାଡ଼ ଆଉ କାଟୁନି ପଲ୍ଲବ ।

: କିନ୍ତୁ ଏ ସବୁ କାହିଁକି ଆଂଶି ? ତମେ ତ ଏକ ସର୍ବଗୁଣସମ୍ପନ୍ନା ଝିଅ ।

: ସେ କିଛି କିଛି ଆମ ବିଷୟରେ ବାହାରୁ ଶୁଣି ମୋତେ ତମ କଥା ପଚାରିଥିଲେ । ମୁଁ ମିଛ ତ କହିପାରେନି । ବାସ୍, ତା' ପରଠୁ ନିତି ପ୍ରତିଦିନ ଏଇୟା ଚାଲିଛି । ତା' ଛଡ଼ା- ମଦ୍ୟପଙ୍କର କୋଉ ହିତାହିତ ଜ୍ଞାନ ଥାଏ ଯେ!

: ତମର ଏ ତମାମ ଦୁର୍ଦଶା ପାଇଁ ମୁଁ ହିଁ ଦାୟୀ ଆଂଶି । ମୁଁ କେବେ ବି ନିଜକୁ କ୍ଷମା କରି ପାରିବିନି ।

: ପଲ୍ଲବ! ତମେ ମୋ ପାଇଁ ଦୁଃଖୀ ହୁଅନି ପ୍ଲିଜ୍ । ପ୍ରତ୍ୟେକେ ନିଜର ଭାଗ୍ୟ ନେଇ ଦୁନିଆକୁ ଆସିଥାନ୍ତି । ତମ ଭଳି ସୁପୁରୁଷ ହୁଏତ ମୋ କପାଳରେ ନ ଥିଲା । ତେଣୁ ପାଇ ବି ତମକୁ ପାଇପାରିଲିନି । ଛାଡ଼!

: ଖୁବ୍ ଅମାନୁଷିକ ଅତ୍ୟାଚାର ଇଏ । ଦେଖି ହଉନି ।

: ଖାଲି କ'ଣ ଏତିକି? ଜାଣ, କୌସ୍ତୁଭ ପଅରଦିନ ଛାତ ଉପରୁ ଝିଅକୁ ଫୋପାଡି ଦେବାକୁ ବସିଥିଲେ - ତାଙ୍କ ପିଲା ନୁହଁ ବୋଲି - କେବଳ ସନ୍ଦେହରେ । ଠିକ୍ ବେଳରେ ମୁଁ ପହଞ୍ଚିଗଲି । ନ ହେଲେ କ'ଣ ଯେ ହେଇଥା'ନ୍ତା!

ଇସ୍! କି ନୃଶଂସତା!! ସବୁ ଜାଣି, ସବୁ ବୁଝି, କିଛି ନ କରିପାରିବାର ଅସହାୟତା ମୋତେ କଳବଳ କରିଦେଲା । ମୋତେ ବଡ଼ପାଟିରେ କାନ୍ଦିବାକୁ ଇଚ୍ଛା ହେଉଥିଲା । ଦି' ପାପୁଲିରେ ମୋ କପାଳକୁ ଜୋର୍‌ରେ ଚିପି ଧରିଲି ମୁଁ ।

: ପଲ୍ଲବ! ମୋର ବଞ୍ଚିବାକୁ ଆଉ ସାମାନ୍ୟତମ ଆଗ୍ରହ ନାହିଁ । ଖାଲି ଝିଅ ପାଇଁ ବଞ୍ଚିଛି । କିଏ ଯଦି ସ୍ୱତଃପ୍ରବୃତ୍ତ ଭାବେ ଝିଅର ଦାୟିତ୍ୱ ନିଅନ୍ତା - ମୁଁ ଖୁସିରେ ମରିପାରନ୍ତି ।

: ଏମିତି କୁହନି ଆଂଶି । ତମେ ଏମିତି କିଛି ବି କରିବନି । ତମକୁ ମୋ ରାଣ । ତମେ ଏମିତି କିଛି ପଦକ୍ଷେପ ନେଲେ ମୁଁ ଜିଇ ଥାଉ ଥାଉ ମରିଯିବି । ସତ କହୁଛି ।

: ପଲ୍ଲବ! ଭାବୁଛି ଏ ଜାଗା ପରିବର୍ତ୍ତନ କଲେ କାଳେ କୌସ୍ତୁଭଙ୍କ ମତିଗତି ବଦଳିପାରେ । ତେଣୁ ମୁଁ ଟ୍ରାନ୍ସଫର୍ ମାଗିଥିଲି । ମୋର ଗୃହୀତ ହେଇ ଯାଇଛି । ଅର୍ଡ଼ର୍ ଆସିଯିବ ଏଇ ଦିନେ ଦୁଇଦିନ ଭିତରେ । ଯିବା ଆଗରୁ ଥରେ ତମକୁ ଦେଖାକରି କହିଦେଇ ଯିବାକୁ ଚାହିଁଲି ।

: ତମେ ଯେତେବେଳେ, ଯେଉଁ କଥାରେ, ଯେଉଁଠି ଥିଲେ ବି ମୋ ସାହାଯ୍ୟ ଯଦି ଦରକାର ଭାବିବ - ସଙ୍କୋଚ ନ କରି ମୋତେ କହିବ ଆଂଶି, କିନ୍ତୁ ନିଜର କି ଝିଅର କୌଣସି କ୍ଷତି କରିବନି । ମୋତେ କଥାଦିଅ ପ୍ଲିଜ୍ ।

ଏଥର ମୁଁ ସତରେ କାନ୍ଦି ପକେଇଲି । ମୋ ଧୈର୍ଯ୍ୟର ବାଲିବନ୍ଧ ଭୁଶୁଡ଼ି ଯାଇଥିଲା ।

: ତମଠାରୁ ଦୂରେଇ ଯିବା ପାଇଁ ହିଁ ମୁଁ ଏ ଜାଗା ଛାଡ଼ୁଛି ପଲ୍ଲବ । ପରସ୍ପରର ମଙ୍ଗଳ ପାଇଁ ଆମେ ଉଭୟେ ଉଭୟଙ୍କୁ ସମ୍ପୂର୍ଣ୍ଣ ଭୁଲିଯିବା ଉଚିତ୍ । ମୁଁ ଚାହେଁ - ତମେ ମୋ ଖବର ଆଦୌ ରଖିବନି ।

ଓଠ ଚିପି ମୁଣ୍ଡ ହଲେଇ ସମ୍ମତି ଦେଲି ମୁଁ । ଶେଷଥର ପାଇଁ ତା' ଦୁଇ ପାପୁଲିକୁ ଚାପିଧରି ଓଠରେ ଲଗେଇଲି ।

ତା' ଉଷୁମ୍ ଆଖି ଲୁହରେ ମୋ ପାପୁଲି ସମ୍ପୂର୍ଣ୍ଣ ଓଦା ।

ଆଂଶିକା ମୋତେ ହାତ ହଲେଇ ବିଦାୟ ଦେଲା । ଆଖିରେ ତା'ର ଢୋକି ହେଉ ନ ଥିବା ଦି' ବୁନ୍ଦା ଲୁହ । ଓଠରେ ଏକ ମୃତ ହସ ।

ଆଂଶିକାର କଥା ରଖିଛି । ତା' ଖବର ରଖିନି ।

ଏ ସମୟ ବି ନା! ବଡ଼ କପଟୀ ସତେ । ଛଟପଟ ହେବାକୁ ତମାମ ଜୀବନ ଓ ହୃଦୟଙ୍ଗମ କରିବାକୁ ଅନ୍ତିମ ବୟସ ଲୋଡ଼ା ପଡ଼େ ବୋଲି ଶିଖେଇ ଦେଲା ।

ବାରମ୍ବାର ଫୋନ୍ କଲ୍ ଆସୁଛି । ପାହାନ୍ତିଆ ବେଳକୁ ଆଖି ଲାଗିଯାଇଛି ମୋର ।

କ୍ରମାଗତ ରିଂ ଟୋନ୍ ନିଦ ଭାଙ୍ଗିଦେଲା । ଚଟ୍ କିନା ଉଠିପଡ଼ିଲି ।

: ହଁ ରଞ୍ଜନା ଦିଦି ।

: ସାର୍! କେତେବେଳୁ ଆପଣଙ୍କୁ ଫୋନ୍ କରୁଛି । ଆପଣ ଧରୁ ନାହାନ୍ତି । ଶୀଘ୍ର ଆସନ୍ତୁ ସାର୍ । ବେଡ୍ ନମ୍ବର୍ ସେଭେନ୍ ବୋଧେ ଆଉ .....■■■

ଅଭୀପ୍ସା, ରେଲୱେ ଷ୍ଟେସନ୍ ରୋଡ଼
ବଲାଙ୍ଗୀର-୭୬୭୦୦୧
ଦୂରଭାଷ : ୬୩୭୦୮୫୩୭୬୮

ନିୟନ୍ତ୍ରିତ ବଜାର କମିଟି, ବାଲେଶ୍ୱରର ବାମପଦା ଇ-ନାମ ମଣ୍ଡି ତରଫରୁ ଚାଷୀ ଓ ବ୍ୟବସାୟୀମାନଙ୍କ ପାଇଁ ସୂଚନା

ଅଧିକ ବିକଳ୍ପ, ଅଧିକ ମୂଲ୍ୟ, ଅଧିକ ଲାଭ
କୃଷକ କମିଶନ ଏଜେଣ୍ଟ ଏବଂ ଉପଭୋକ୍ତାମାନଙ୍କ ପାଇଁ

ଇ-ନାମ୍ ଲାଭ :-

- ପାରଦର୍ଶୀ ଅନଲାଇନ୍ ଟ୍ରେଡ଼ିଂ ।
- ପ୍ରକୃତ ସମୟରେ ମୂଲ୍ୟର ସୂଚନା ।
- ଉତ୍ପାଦନକାରୀଙ୍କୁ ଅଧିକ ମୂଲ୍ୟ ମିଳେ ।
- କ୍ରେତାମାନଙ୍କୁ ନେବା - ଆଣିବା ଖର୍ଚ୍ଚ କମ୍ ପଡ଼େ ।
- ଉପଭୋକ୍ତାମାନଙ୍କ ପାଇଁ ସ୍ଥିର ମୂଲ୍ୟ ଉପଲବ୍ଧ ।
- ଗୁଣବତ୍ତାର ପ୍ରମାଣ, ଗୋଦାମ ଘର ଏବଂ ପରିବହନ ।
- ପଇସା / ଟଙ୍କା ଏବଂ ଦେବାର ପ୍ରତିଶ୍ରୁତି ।
- ମାର୍କେଟର ସବୁଠୁ ଅଧିକ ଜାଗାରେ ପହଞ୍ଚିପାରିବ ।

ସଂକ୍ଷେପରେ କୁହାଯାଇପାରେ ଯେ, ସବୁ ହିତାଧିକାରୀଙ୍କ ପାଇଁ (ନାମ) ବହୁତ ଲାଭବାନ୍ ହେଇପାରିବ ।

କୃଷକ :- ନାମ୍, ଉତ୍ପାଦିତ ଫସଲକୁ ବିକିବା ପାଇଁ ଅଧିକ ବିକଳ୍ପ ଓ ଅଧିକ ଲାଭ ପ୍ରତିଶ୍ରୁତି ଦିଏ ।

ବେପାରୀ :- ନାମ୍ କିଣାବିକା ପାଇଁ ରାଷ୍ଟ୍ରୀୟ ବଜାର ପର୍ଯ୍ୟନ୍ତ ସୁଯୋଗ ପ୍ରଦାନ କରେ ।

କ୍ରେତା, ପରିଚାଳକ ଏବଂ ରପ୍ତାନୀ :- ନାମ୍ ସ୍ଥାନୀୟ ବଜାରରେ କିଣାବିକା କରିବାକୁ ସିଧାସଳଖ ଭାଗ ନେବାକୁ ସକ୍ଷମ ହୋଇଥିବାରୁ ମଧ୍ୟକାଳୀନ ଖର୍ଚ୍ଚ କମିଯାଏ ।

ଶ୍ରୀ କୃଷ୍ଣଚନ୍ଦ୍ର ନାୟକ
ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବାଲେଶ୍ୱର

ଚାଷୀ ଭାଇ ଓ ଭଉଣୀମାନଙ୍କ ନିମନ୍ତେ କୃଷି ପରାମର୍ଶ

୧. ସିଏମ କିଶାନ ଯୋଜନା ରାଜ୍ୟ ସରକାରଙ୍କର ଏକ ଯୁଗାନ୍ତକାରୀ ଯୋଜନା । ଏହି ଯୋଜନାରେ ସାମିଲ ହେବା ପାଇଁ ବାଦ ରହିଯାଇଥିବା କ୍ଷୁଦ୍ର ନାମ ମାତ୍ର ଏବଂ ଭୂମିହୀନ ଚାଷୀ ଭାଇ ଓ ଭଉଣୀମାନେ ସିଏମ କିଶାନ ପୋଟାଲରେ ଆବେଦନ କରିପାରିବେ ।

୨. ସିଏମ୍ କିଶାନ ଯୋଜନାରେ ଯୋଗ୍ୟ ବିବେଚିତ ହେବା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା ଜନସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

୩. ପିଏମ କିଶାନ ଯୋଜନାରେ ଯୋଗ୍ୟ ବିବେଚିତ ହେବା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା ଜନସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

୪. ଉତ୍ତମ ଫସଲ ଓ ଜମିର ସୁରକ୍ଷା ତଥା ମାଟିର ସ୍ୱାସ୍ଥ୍ୟ ବିଷୟରେ ଜାଣିବା ପାଇଁ ମାଟି ପରୀକ୍ଷା କରାଇ ଫଳାଫଳ ମୁତାବକ ଜମିରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ ।

୫. ଫସଲ ଚାଷ ପୂର୍ବରୁ ବିହନକୁ କାର୍ବେଣ୍ଡାଜିମ, ଥିରାମରେ ବିଶୋଧନ କରି ଚାଷ କାର୍ଯ୍ୟରେ ଲଗାନ୍ତୁ ।

୬. ଅଧିକ ଅମଳ ପାଇବା ପାଇଁ ଅଧିକ ଅମଳକ୍ଷମ ବିହନ ଓ ଶଙ୍କର ଜାତୀୟ ବିହନ ପଞ୍ଜିକୃତ ବିହନ ବିକ୍ରୟ କେନ୍ଦ୍ର କିମ୍ବା ପ୍ରାଥମିକ କୃଷି ସେବା ସମବାୟ ସମିତିରୁ କ୍ରୟ କରନ୍ତୁ ଓ ଗଜା ପରୀକ୍ଷା କରି ଚାଷ କାର୍ଯ୍ୟରେ ବ୍ୟବହାର କରନ୍ତୁ ।

୭. ପ୍ରାକୃତିକ ଦୁର୍ବିପାକ ଦାଉରୁ ଫସଲ କ୍ଷୟକ୍ଷତିର ଭରଣା ପାଇଁ 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ରେ ପଞ୍ଜିକୃତ କରାନ୍ତୁ । ଏଥିପାଇଁ ନିକଟସ୍ଥ ସେବା ସମବାୟ ସମିତି / ବିଭିନ୍ନ ଜାତୀୟକରଣ ବ୍ୟାଙ୍କ/ବୀମା କମ୍ପାନୀ ଏଜେଣ୍ଟ/ଗ୍ରାମ୍ୟ କୃଷି କର୍ମଚାରୀ/ବ୍ଲକ୍ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ । (ଋଣୀ ଏବଂ ଅଣ ଋଣୀ ଚାଷୀଙ୍କ ନିମନ୍ତେ)

୮. ଫସଲର ଉତ୍ପାଦନ ବୃଦ୍ଧି ନିମନ୍ତେ ସମନ୍ୱିତ ଖାଦ୍ୟସାର ଓ ରୋଗପୋକ ପରିଚାଳନା କରନ୍ତୁ ।

୯. କୃଷି ଉଦ୍ୟୋଗ ପ୍ରତିଷ୍ଠା କରି ପାରମ୍ପରିକ କୃଷିକୁ ବ୍ୟବସାୟିକ କୃଷିରେ ପରିଣତ କରି କୃଷକର ଆୟ ବହୁଗୁଣିତ କରିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (MKUY)ରେ ଅନ୍ତର୍ଭୁକ୍ତ ହେବା ପାଇଁ ଆପିକଲର ୱେବସାଇଟ www.apicol.nic.in ମାଧ୍ୟମରେ ପଞ୍ଜିକରଣ କରନ୍ତୁ । ଏହି ଯୋଜନାରେ ସାଧାରଣ ବର୍ଗର ପୁରୁଷ ଉଦ୍ୟୋଗୀମାନଙ୍କ ପାଇଁ ୪୦% ଓ ଅନୁସୂଚିତ ଜାତି/ଜନଜାତି/ମହିଳା ଉଦ୍ୟୋଗୀ/ଭିନ୍ନକ୍ଷମ ବ୍ୟକ୍ତି ତଥା କୃଷି ଓ ଆନୁଷଙ୍ଗିକ ବିଷୟରେ ସ୍ନାତକମାନଙ୍କ ପାଇଁ ୫୦% ତଥା ସର୍ବୋଚ୍ଚ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି । ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଗ୍ରାମ୍ୟ କୃଷି କର୍ମଚାରୀ/ବ୍ଲକ୍ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

୧୦. 'ବଳରାମ' ଯୋଜନାରେ ଭାଗଚାଷୀମାନେ ମିଳିତ ଦେୟ ଗୋଷ୍ଠୀ (JLG) ଗଠନ କରି NABARD ମାଧ୍ୟମରେ ଫସଲ ଋଣ ପାଇବା ପାଇଁ ନିଜ ଅଞ୍ଚଳର କୃଷକ ସାଥିଙ୍କ ସହିତ ଯୋଗାଯୋଗ କରନ୍ତୁ ।

୧୧. ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ କୃଷି ଯନ୍ତ୍ରପାତି ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଅଛି । ATMA ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ କରିବା ପାଇଁ revolving fundର ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ରହିଛି । ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

୧୨. ସମନ୍ୱିତ କୃଷି ପ୍ରଣାଳୀ(IFS) ଯୋଜନାରେ କୃଷି ଓ ଆନୁଷଙ୍ଗିକ ବିଭାଗର ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତି କରି ଏହା ବାବଦରେ ସରକାରୀ ରିହାତି ପାଇବା ନିମନ୍ତେ ନିକଟସ୍ଥ ବ୍ଲକ୍ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

୧୩. କୃଷି ଓ ଆନୁଷଙ୍ଗିକ ବିଭାଗର ବିଭିନ୍ନ ସରକାରୀ ସୁବିଧା ପାଇବା ନିମନ୍ତେ ଚାଷୀମାନେ ନିକଟସ୍ଥ ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର ଠାରେ 'କୃଷକ ଓଡ଼ିଶା' ଓ 'ଗୋ-ସୁଗମ' ପୋର୍ଟାଲରେ ନାମ ପଞ୍ଜିକରଣ କରାଇ ନିଅନ୍ତୁ ।

୧୪. କୃଷି ସମ୍ବନ୍ଧୀୟ ସମସ୍ତ ପରାମର୍ଶ ପାଇଁ 'ଆମ କୃଷି'ର ଟୋଲ ଫ୍ରି ନମ୍ବର ୧୫୫୩୩୩ରେ ଯୋଗାଯୋଗ କରନ୍ତୁ ।

ସ୍ୱା/- ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବାଲେଶ୍ୱର

ପବିତ୍ର ଶାରଦୀୟ ପୂଜାର ଅଭିନନ୍ଦନ ।
ଏହି ଅବସରରେ ସମସ୍ତ
ଜନସାଧାରଣଙ୍କୁ ଶୁଭେଚ୍ଛା
ଓ
ଅଭିନନ୍ଦନ ।

କନକ ହେଚେରୀ

ହୁମ୍ମା, ଗଞ୍ଜାମ


SVMC
Rank
1
Heartiest
Congratulation
Akash Mishra
Mark 531
Roll No.: 320CB018
Director with NEET Achievers 2024
SAROJINI, SUMAN
& ANANYA
The
CAREER
CREATOR
A Day-Cum Residential Institute for
+2 SCIENCE
A passport to success
College Square, Jagatsinghpur : 9437283227, 9938528609

ପ୍ଲାଷ୍ଟିକ୍ ମଣିଷ

ଅରବିନ୍ଦ ଦାସ



ଓଡ଼ିଆ ଗଳ୍ପ ସାହିତ୍ୟ କ୍ଷେତ୍ରରେ ଏକ ସୁପରିଚିତ ନାମ। କବିତା ରଚନା ପ୍ରତି ମଧ୍ୟ ବ୍ରତୀ ଅଛନ୍ତି। ଗଳ୍ପରେ ମଣିଷର ଅସଲ ଚେହେରାକୁ ଅନାବରଣ କରିବା ଦିଗରେ ଗାଳ୍ପିକଙ୍କ ଦୃଷ୍ଟିଭଙ୍ଗୀ ନିଆରା। ବହୁ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ-ପୁରସ୍କୃତ।

ଏତେ ବର୍ଷ ପରେ ମଞ୍ଚ ଉପରେ ନିର୍ମଳକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା ରାଜେନ୍ଦ୍ର। ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ମନସ୍ତତ୍ତ୍ୱ ଛାତ୍ର ଥିଲା ନିର୍ମଳ ଏବଂ ରାଜେନ୍ଦ୍ର ରାଜନୀତି ବିଜ୍ଞାନ ନେଇ ପଢୁଥିଲାବେଳେ ବନ୍ଧୁତା।

ବିଶ୍ୱବିଦ୍ୟାଳୟ ଛାତ୍ର ସଂଘର ସଭାପତି, ତା'ପରେ ଓଡ଼ିଶାରେ ରାଜନୀତି। କିଛିଦିନ ମନ୍ତ୍ରିପଦ ସହ ଜଣେ ସଫଳ ବ୍ୟବସାୟୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଭାବେ ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ ଆଜି ସାରା ଓଡ଼ିଶାରେ ପରିଚିତ।

"ଆରେ ନିର୍ମଳ ? ହ୍ୱାଟ୍ ଏ ପ୍ଲିଜାଣ୍ଟ ସର୍‌ପ୍ରାଇଜ୍ ? ଏତେ ବର୍ଷ ହେଲାଣି କେଉଁଠି ଥିଲୁ ? ଏଠି ଏ ଅପନ୍ତରା ଅଞ୍ଚଳରେ କ'ଣ କରୁଛୁ?"

ଏକ ସଂସ୍ଥା ତରଫରୁ ଆୟୋଜିତ ଏହି ସଭାରେ ରାଜେନ୍ଦ୍ରକୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଉଥାଏ ।

ରାଜେନ୍ଦ୍ରକୁ କୁଣ୍ଢାଇ ପକାଇ ନିର୍ମଳ ଖୁସି ହୋଇ କହିଲା, "ତୋ ପରି ଗୋଟେ ପ୍ରଖ୍ୟାତ ଲୋକକୁ ଭେଟିବାକୁ ହେଲେ ମାସେ ପୂର୍ବରୁ ଆପଏଣ୍ଟମେଣ୍ଟ ଦରକାର । ଆଉ ଡର ବି ମାଡ଼େ ତୋତେ ଫୋନ୍ କରିବାକୁ କାଳେ ଚିହ୍ନିବୁ କି ନାହିଁ ?"

"ତୋର ମଜା କରିବାର ପ୍ରକୃତି ଆଜି ବି ବଦଳି ନାହିଁ । ହେଲେ ମୁଣ୍ଡରେ ଏଇ ପଗଡ଼ି, ଧୋତି, ଫତେଇ ପିନ୍ଧି ଇୟେ କି ବେଶ ? ଏକ ସ୍ଥାନୀୟ ଆଦିବାସୀଙ୍କ ଫ୍ୟାନ୍ସି ଡ୍ରେସ୍ ଧାରଣ କରିଛୁ କ'ଣ ପାଇଁ?"

ପଛରେ ଠିଆ ହେଇଥିବା ଜଣେ ଆୟୋଜକ ଆଗକୁ ଆସି ରାଜେନ୍ଦ୍ରକୁ ବୁଝାଇ ଦେଲେ, "ସାର୍, ନିର୍ମଳ ବାବୁ ଏଠାରୁ ତିରିଶ କି.ମି. ଦୂର ଏକ ଆବାସିକ ବିଦ୍ୟାଳୟ ତିଆରି କରି ପାଖ ଆଖ ଅଞ୍ଚଳର ଆଦିବାସୀ ପିଲାଙ୍କୁ ମାଗଣାରେ ପାଠ ପଢ଼ାଉଛନ୍ତି । ତାଙ୍କର ସେଇ ନିଃସ୍ୱାର୍ଥପର ସେବା ପାଇଁ ତାଙ୍କୁ ବି ଏ ବର୍ଷ ସମ୍ବର୍ଦ୍ଧିତ କରାଯାଉଛି । ହେଲେ ଆପଣଙ୍କ ଅନୁଷ୍ଠାନ ଓ ସ୍କୁଲ୍ ଭଳି ନିର୍ମଳ ବାବୁଙ୍କ ସ୍କୁଲ୍ ବଡ଼ ନୁହେଁ ।"

ଟିକେ ଅବାକ୍ ହୋଇ ରାଜେନ୍ଦ୍ର ଅନେଇଲେ ନିର୍ମଳକୁ "ତୁ ବିଦ୍ୟାଳୟ କରିଛୁ? ଆଦିବାସୀ ପିଲାଙ୍କୁ ମାଗଣାରେ ପଢ଼ାଉଛୁ? ବହୁତ ଭଲ । ଦିଲ୍ଲୀରେ ଥିଲା ବେଳେ ବି ତୁ ବୋଧେ ଏମିତି କଥା ଆମ ସମସ୍ତଙ୍କୁ କହୁଥିଲୁ । ଅନ୍ୟ ସାଙ୍ଗମାନଙ୍କ କଥା ଜାଣିନି; ହେଲେ ତୁ ତ ଜାଣିଥିବୁ ମୁଁ ବି ସେମିତି ଏକ ସଂସ୍ଥା କରିଛି । ଓଡ଼ିଶାର ହଜାର ହଜାର ଆଦିବାସୀ ପିଲାଙ୍କୁ ମାଗଣାରେ ଶିକ୍ଷା ଦେବା ପାଇଁ ।

ରାଜେନ୍ଦ୍ର ହାତକୁ ମୁଠାଇ ନିର୍ମଳ କହିଲା, "ଆରେ, ତୋର ତ ବହୁତ ବଡ଼ ବିଦ୍ୟାଳୟ । ହଜାର ହଜାର ପିଲାଙ୍କୁ ପଢ଼ାଉଛୁ ବୋଲି ସବୁ ଖବରକାଗଜ, ଟେଲିଭିଜନ୍‌ରେ ତୋ'ର ପ୍ରଶଂସା । ଦେଶ ବିଦେଶରୁ କେତେ ସମ୍ମାନ ପାଉଛୁ ବୋଲି ଗର୍ବରେ ମୋ ଛାତି କୁଣ୍ଢେମୋଟ ହୋଇଯାଏ । ସଙ୍ଗୀତା ବି ତୋ' ସଫଳତା'ରେ ବହୁତ ଖୁସି । ଅନେକ ସମୟରେ ଆମେ ଦୁହେଁ ତୋ କଥା ଆଲୋଚନା କରୁ ।"

ଚମକି ପଡ଼ି ରାଜେନ୍ଦ୍ର ପଚାରିଲା "ସଙ୍ଗୀତା ଏଠି ଅଛି? ତୋ ସହିତ?"

ମୃଦୁ ହସି ନିର୍ମଳ କହିଲା, "ସରି, ଆମ ଦୁହିଙ୍କ ବାହାଘର ହଠାତ୍ ହେଲା ଏଇଠି କୋର୍ଟରେ ।"

ରାଜେନ୍ଦ୍ରଙ୍କ ମୁହଁଟା ଟିକେ ଶୁଖିଗଲା । ନିଜ ଭାବନାକୁ ଲୁଚାଇବାର ଯଥା ସମ୍ଭବ ପ୍ରୟାସ କରି କହି ଉଠିଲା, "କଲେଜ୍ କୁଇନ୍‌କୁ ପଟେଇ ନେଲୁ ଶେଷରେ । କଂଗ୍ରାଚୁଲେସନ୍ ତମ ଦୁହିଙ୍କୁ । ମୋ ସହିତ ତମେ ଦୁହେଁ ଭୁବନେଶ୍ୱର ଚାଲ । ଗୋଟାଏ ବଡ଼ ପାର୍ଟି ମୋ ତରଫରୁ । ଆମ ସବୁ ପୁରୁଣା ସାଙ୍ଗଙ୍କୁ ନିମନ୍ତ୍ରଣ କରିବା ମୋ ହୋଟେଲ୍‌କୁ ।"

ନିରବ ରହିଲା ନିର୍ମଳ । ସଭା ଆରମ୍ଭ ହୋଇଯାଇଥିଲା । ସମସ୍ତ ଅତିଥି ଏବଂ ଅନୁଷ୍ଠାନର କର୍ମକର୍ତ୍ତା ରାଜେନ୍ଦ୍ରର ଭୂୟସୀ ପ୍ରଶଂସାରେ ଶତମୁଖ ହୋଇଉଠୁଥିଲେ । ଏକ ଆବାସିକ ବିଦ୍ୟାଳୟରେ ହଜାର ହଜାର ଆଦିବାସୀ ପିଲାଙ୍କୁ ମାଗଣାରେ ପଢ଼ାଇବାର ବ୍ୟବସ୍ଥା କରିଛି ରାଜେନ୍ଦ୍ର ।

> "ସାର୍, ନିର୍ମଳ ବାବୁ ଏଠାରୁ ତିରିଶ କି.ମି. ଦୂର ଏକ ଆବାସିକ ବିଦ୍ୟାଳୟ ତିଆରି କରି ପାଖ ଆଖ ଅଞ୍ଚଳର ଆଦିବାସୀ ପିଲାଙ୍କୁ ମାଗଣାରେ ପାଠ ପଢ଼ାଉଛନ୍ତି । ତାଙ୍କର ସେଇ ନିଃସ୍ୱାର୍ଥପର ସେବା ପାଇଁ ତାଙ୍କୁ ବି ଏ ବର୍ଷ ସମ୍ବର୍ଦ୍ଧିତ କରାଯାଉଛି । ହେଲେ ଆପଣଙ୍କ ଅନୁଷ୍ଠାନ ଓ ସ୍କୁଲ୍ ଭଳି ନିର୍ମଳ ବାବୁଙ୍କ ସ୍କୁଲ୍ ବଡ଼ ନୁହେଁ ।"

ଲଞ୍ଚ ପରେ ନିର୍ମଳ ପ୍ରସ୍ତାବ ଦେଲା, "ଏ ଦୁର୍ଗମ ଅଞ୍ଚଳକୁ ଆସିଛୁ ଯେତେବେଳେ, ଆମ ଶିକ୍ଷାନୁଷ୍ଠାନରେ ମୁହଁ ମାରିଦେଇ ଯା' । ପିଲାମାନେ ବହୁତ ଖୁସି ହେବେ ଏବଂ ଆମେ ଦୁହେଁ ବି ଆଜି ରାତିଟା ସେଠାରେ କଟାଇ ସକାଳୁ ଚାଲିଯିବୁ ।"

ସମ୍ମତି ଜଣାଇଲା ରାଜେନ୍ଦ୍ର । ସେ ଦେଖିବାକୁ ଚାହୁଁଥିଲା କଲେଜ ବେଳର ବାନ୍ଧବୀ ସଙ୍ଗୀତାକୁ ଏବଂ ଜାଣିବାକୁ ଚାହୁଁଥିଲା ନିର୍ମଳର ଏମିତି କେଉଁ ଗୁଣ ପାଇଁ ରାଜେନ୍ଦ୍ର ବଦଳରେ ନିର୍ମଳକୁ ବାଛିଲା ସଙ୍ଗୀତା ।

ବନ୍ଧୁର ସଫଳତାରେ ସମସ୍ତେ ଖୁସି ହୁଅନ୍ତି; କିନ୍ତୁ ଯେତେବେଳେ କୌଣସି ବନ୍ଧୁ, ତୁମର ପ୍ରେମିକାକୁ ଛଡ଼େଇ ନେଇଯାଏ, ତେବେ ସେଇ ବନ୍ଧୁକୁ ବିଶ୍ୱାସଘାତକ ବୋଲି ଧରାହୁଏ । ନିର୍ମଳ ଆଜି ଏକ ବିଶ୍ୱାସଘାତକ ଅପେକ୍ଷା ପ୍ରତିଦ୍ୱନ୍ଦ୍ୱୀ ଭଳି ଲାଗୁଥିଲା ରାଜେନ୍ଦ୍ରକୁ । ପ୍ରେମ ପାଇଁ ନୁହେଁ; ବରଂ ଏକ (ଏନ୍.ଜି.ଓ) ଖୋଲି ଆଦିବାସୀ ପିଲାଙ୍କୁ ମାଗଣାରେ ପାଠ ପଢ଼ାଉ ଥିବାର ଜାଣି ।

ତୁ କ'ଣ ସବୁବେଳେ ଏମିତି ଆଦିବାସୀ ବେଶ ହୋଇ ବୁଲୁ ନା ଆଜିର ଏ ଉତ୍ସବ ପାଇଁ ଗେଟ୍‌ଅପ୍ ନେଇଛୁ ? ବିଦ୍ୟାଳୟ ପାଇଁ ଅର୍ଥ କେଉଁଠୁ ପାଉଛୁ? କେତେ ପିଲା ପଢ଼ୁଛନ୍ତି ? ଛାତ୍ରାବାସ ସୁବିଧା ?

ରାଜେନ୍ଦ୍ରର ପ୍ରଶ୍ନବାଣ ଶୁଣି ହସିଦେଲା ନିର୍ମଳ । "ଆରେ ନିଜକୁ ଏକ ମାଟିର ମଣିଷ ଭାବରେ ସତ ସତିକା ପରିବର୍ତ୍ତନ କରିଦେଇଛି ବୋଲି ସ୍ଥାନୀୟ ଲୋକମାନେ ମୋତେ ଆପଣାର ଭାବି, ବିଶ୍ୱାସ କରନ୍ତି । ସେମାନଙ୍କ ମନସ୍ତତ୍ତ୍ୱ, ଧର୍ମୀୟ ଭାବନା, ସାମାଜିକ ଚଳଣି, ପରମ୍ପରା, ସୁବିଧା-ଅସୁବିଧା, ସୁଖ ଦୁଃଖକୁ ବୁଝି ସେମାନଙ୍କ ସହ ସାମିଲ୍ କରିନେଇଛି ନିଜକୁ । ମୋ ଜୀବନରେ ବାକିତକ ସମୟ

ଏଇ ଜାଗାରେ, ଏଇ ବିଦ୍ୟାଳୟ ଏବଂ ସଂସ୍ଥାରେ ହିଁ କଟିବ।

ଆଉ ପାଣ୍ଠି ପାଇଁ ବେଶି ଅସୁବିଧା ନାହିଁ। ଅନେକ ବଦାନ୍ୟ ବ୍ୟକ୍ତି ଅଛନ୍ତି ଯେଉଁମାନେ ଚୁପ୍‌ଚାପ୍ ଦାନ ଦିଅନ୍ତି। ସ୍କୁଲ୍ ଏବଂ ପିଲାଙ୍କ ପ୍ରଗତି ନିଜ ଆଖିରେ ଦେଖନ୍ତି; କିନ୍ତୁ ନିଜକୁ ତଥା ସ୍କୁଲ୍‌କୁ ବିଜ୍ଞାପିତ କରାଯାଉନାହିଁ ବୋଲି ଖୁସି ହଅନ୍ତି। ପାଖାପାଖି ଦୁଇଶହ ପିଲା ସେଠାରେ ରହି ପଢୁଛନ୍ତି।

ସାମ୍ନା ରାସ୍ତାକୁ ଅନେଇ କାର୍‌ର ଏସି ବଢ଼ାଇବାକୁ ଡ୍ରାଇଭର୍‌କୁ ନିର୍ଦ୍ଦେଶ ଦେଲା ରାଜେନ୍ଦ୍ର। ମନେମନେ ଭାବୁଥିଲା କେଉଁଠି ତା' ବିଦ୍ୟାଳୟର ହଜାର ହଜାର ପିଲା ଆଉ କେଉଁଠି ଏଇ ଦୁଇଶହ ପିଲା!

"ଆଜିକାଲି ଯୁଗରେ ମାର୍କେଟିଂ ହେଲା ସବୁଠୁ ବଡ଼ ଜିନିଷ। ଯଦି ଲୋକେ ତୋ କାମ, ଉନ୍ନୟନମୂଳକ ପଦକ୍ଷେପ ନ ଜାଣିଲେ ତାହା ହେଲେ କ'ଣ ଲାଭ ? ଶାହାରୁଖ୍, ସଲମାନ, ଅମିର ଖାନ୍‌ଙ୍କ ଚଳଚ୍ଚିତ୍ର ସବୁବେଳେ ଶହଶହ କୋଟି ଟଙ୍କାର ବ୍ୟବସାୟ କରିବାର କାରଣ ହେଉଛି କେବଳ ମାର୍କେଟିଂ। ନିଜକୁ ବିଜ୍ଞାପିତ ନକଲେ କିଏ ଜାଣିବ ? ମୋ ଟିଭି ଚ୍ୟାନେଲ୍ ଏବଂ ସମ୍ବାଦପତ୍ରରେ ତୋ ବିଦ୍ୟାଳୟ ବିଷୟରେ ମାଗଣାରେ କିଛି ପ୍ରଚାର କରିପାରିବୁ।"

ଅଙ୍କାବଙ୍କା ପାହାଡ଼ିଆ ଘାଟି ରାସ୍ତାରେ ଏକ କଚ୍ଚା ରାସ୍ତା ଦେଇ ସେମାନେ ପହଞ୍ଚିଲେ ନିର୍ମଳର ବିଦ୍ୟାଳୟରେ। ପାହାଡ଼, ଜଙ୍ଗଲ ଘେରା ଅଞ୍ଚଳ ଭିତରେ ଶୂନ୍‌ଶାନ୍ ଏକ ଅତି ସୁନ୍ଦର, ମନୋରମ ଅଞ୍ଚଳ। ଦୁଇ ମହଲା ଏକ ବିଦ୍ୟାଳୟ। ତା' ପାଖକୁ ଏକ ଛାତ୍ରାବାସ ଯେଉଁଠି ପୁଅ, ଝିଅଙ୍କର ରହିବାର ଅଲଗା ବ୍ୟବସ୍ଥା ଥିଲା। କୌଣସି ଏକ ଶୈଳ ନିବାସ ଭଳି ଲାଗୁଥାଏ ରାଜେନ୍ଦ୍ରକୁ ସେ ସ୍ଥାନଟା। ମୋବାଇଲ୍ ଫୋନ୍ ସେଠାରେ କାମ କରୁନଥିଲା।

ସଙ୍ଗୀତା ଅନ୍ୟ କିଛି ସ୍କୁଲ୍ ପିଲାଙ୍କ ସହ ସ୍ୱାଗତ କଲା। ରାଜେନ୍ଦ୍ରକୁ ସଙ୍ଗୀତା ମୁହଁର ହସ ଓ କାନ୍ତିରୁ ସ୍ପଷ୍ଟ ବାରି ହୋଇ ପଡୁଥିଲା ତା' ଆତ୍ମତୃପ୍ତି। ସତରେ କ'ଣ ତା'କୁ ବାହା ହୋଇଥିଲେ ସଙ୍ଗୀତା ଖୁସି ହୋଇ ନ ଥା'ନ୍ତା? ବାରମ୍ବାର ଏଇ ପ୍ରଶ୍ନଟା ରାଜେନ୍ଦ୍ର ମନକୁ ଆସୁଥିଲା। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିସର ଭିତରେ ରାଜେନ୍ଦ୍ରର ପ୍ରେମ ନିବେଦନକୁ କ'ଣ ପାଇଁ ଏଡ଼ାଇ ଦେଇଥିଲା ସଙ୍ଗୀତା ତାହା ଆଜି ବି ପ୍ରଶ୍ନବାଚୀ ହୋଇ ରହିଛି ରାଜେନ୍ଦ୍ର ମନରେ।

"ତମେ ତ ପୂରା ସେଲିବ୍ରିଟି ହୋଇଗଲଣି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଅପେକ୍ଷା ତମେ ବୋଧେ ଅଧିକ ବ୍ୟସ୍ତ। ତମ ସଫଳତାରେ ଆମେ ବହୁତ ଖୁସି। ଯାହା ହେଉ ତମ ଲକ୍ଷ୍ୟ ପାଇପାରିଛ ତମେ। ତେବେ ଆଦିବାସୀ ପିଲାମାନଙ୍କୁ ମାଗଣାରେ ପଢ଼ାଇବାର କାର୍ଯ୍ୟସୂଚୀ ତ ତମ ଯୋଜନାରେ ନ ଥିଲା। ହଠାତ୍ ଏମିତି ଆରମ୍ଭ କଲ କେମିତି? ତେବେ ଯାହାହେଉ ତମେ ଓଡ଼ିଶା ପାଇଁ, ଆମ ସମସ୍ତଙ୍କ ପାଇଁ ଗର୍ବ।"

ନିଜ ପ୍ରଶଂସା ସଙ୍ଗୀତା ମୁହଁରୁ ଶୁଣି କୁରୁଳି ଉଠୁଥିଲା ରାଜେନ୍ଦ୍ର। ଏକା ଜିଦିରେ ସେ ଆଜିଯାଏ କାହିଁକି ବିବାହ କରିନି ତାହା ସେ ନିଜେ ଜାଣିନି। ତେବେ ଏଇ ଗରିବ ଆଦିବାସୀ ପିଲାଙ୍କୁ ମାଗଣାରେ ପଢ଼ାଇବାର ଆଇଡିଆ ପ୍ରଥମେ ନିର୍ମଳ ଓ ସଙ୍ଗୀତା ହିଁ ଆରମ୍ଭ କରିଥିଲେ ଦିଲ୍ଲୀରେ।

"ଆମ ବିଦ୍ୟାଳୟ ଦେଖିନେ। ତୋ ବିଦ୍ୟାଳୟ ପରି ଉଚ୍ଚମାନର ନୁହେଁ।"

ନିର୍ମଳ କଥା ଶୁଣି ରାଜେନ୍ଦ୍ର ପଚାରି ପକାଇଲା, "କେଉଁ ପାଠ୍ୟଖସଡ଼ା ପଢ଼ାଉଛ? ଷ୍ଟେଟ୍ ନା ସି.ବି.ଏସ୍.ସି.?"

ନିର୍ମଳ ଓ ସଙ୍ଗୀତା ଦୁହେଁ ଦୁହିଙ୍କ ମୁହଁକୁ ଚାହିଁ ହସିଲେ; କିନ୍ତୁ ବୁଝିପାରୁ ନଥିଲା ରାଜେନ୍ଦ୍ର। ସ୍କୁଲ୍ ଭିତରଟା ବହୁତ ପରିଷ୍କାର ପରିଚ୍ଛନ୍ନ; କିନ୍ତୁ ବାହାର ପଟ ପଲସ୍ତରା ହୋଇ ନଥିଲା। ଉପର ମହଲାରୁ ବାହାରର ଦୃଶ୍ୟ ଅତି ମନୋରମ ଥିଲା। ପାହାଡ଼ ତଳି ଅଞ୍ଚଳରେ ସବୁଜିମା'ର ଢେଉ ଖେଳୁଥିଲା।

"ଏସବୁ ଚାଷ ଜମି କାହାର ?"

"ଏଠାରେ ପୂର୍ବତନ ମହାରାଜଙ୍କ ଆମେରିକାରେ ରହୁଥିବା ପୁଅ ଆମ ଟ୍ରଷ୍ଟକୁ ଏଇ ତିରିଶ ଏକର ପାହାଡ଼ିଆ ଜମି ଦାନ କରି ଦେଇଛନ୍ତି। ତଳେ ଦେଖୁଥିବା ଧାନ, ମୁଗ, ବାଦାମ, ହଳଦୀ, ସୋରିଷ ବିଲ ଛଡ଼ା ସେପଟେ ଥିବା ପରିବା ବଗିଚାର ଯତ୍ନ ଏଠାରେ ପଢୁଥିବା ପିଲାମାନେ ହିଁ ନିଅନ୍ତି। ଚାଷବାସ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ସହ ସେମାନଙ୍କ ଜୀବନ ସହିତ ଜଡ଼ିତ ସମସ୍ତ ପାରମ୍ପରିକ କାମ ସେମାନଙ୍କୁ ଆମେ ଶିଖାଉ। ପିଲାମାନେ ବି ଆଗ୍ରହ ସହକାରେ କରନ୍ତି।"

ପାଖରେ ଠିଆ ହୋଇଥିବା ସଙ୍ଗୀତା କହି ଉଠିଲା, "ତମେ ପାଠ୍ୟଖସଡ଼ା କଥା ପଚାରୁଥିଲ ନା? ପ୍ରକୃତରେ ଏଠି ଆମେ କିଛି ଧରାବନ୍ଧା ପାଠ୍ୟଖସଡ଼ା ଅନୁସରଣ କରୁନା। ଏଠାରେ ପାଠପଢ଼ି ସ୍ୱର୍ଣ୍ଣପଦକ ପାଇଁ

ପିଲାମାନଙ୍କୁ ବଡ଼ ଅଫିସର କରିବାର ଲକ୍ଷ୍ୟ ନାହିଁ ଆମର ।"

ଟିକିଏ ବିରକ୍ତ ହୋଇ ରାଜେନ୍ଦ୍ର କହିଲା, "ତମେମାନେ ତେବେ ନିରୀହ ପିଲାଙ୍କ ଜୀବନ ସହ ଖେଳୁଛ । ସେମାନଙ୍କ ଭବିଷ୍ୟତ ମାଟି କରିଦେଉଛ । ଜାଣିଛୁ, ମୋ ସ୍କୁଲରୁ ପାସ୍ କରି ପିଲାଗୁଡ଼ାକ ମୋରି ଇଞ୍ଜିନିୟରିଂ କଲେଜରୁ ଉତ୍ତୀର୍ଣ୍ଣ ହୋଇ ବଡ଼ ବଡ଼ କମ୍ପାନୀରେ ଚାକିରି କରୁଛନ୍ତି । ଲକ୍ଷଲକ୍ଷ ଟଙ୍କା ଦରମା ପାଉଛନ୍ତି ।"

ରାଜେନ୍ଦ୍ର ହାତକୁ ଧରିପକାଇ ନିର୍ମଳ କହି ପକାଇଲା, "ସେଇ ପିଲାମାନଙ୍କ ଭିତରୁ କେହି ନିଜ ଗାଁକୁ କେବେ ଫେରିଛି? ନିଜ ଆଦିବାସୀ କଳା, ପରମ୍ପରା ସଂସ୍କୃତିକୁ ମନେରଖିଛି? ଏତେ ପାଠଶାଠ ପଢ଼ି ନିଜ ଗାଁ ମାଟି, ପରିବାରର ହିତ ପାଇଁ କିଛି କାମ କରିଛନ୍ତି? ତୁ କ'ଣ ଭାବୁନୁ ଉଚ୍ଚଶିକ୍ଷା ଦେବା ଆଳରେ ଅଜାଣତରେ ଆମେ ସେମାନଙ୍କ ଭିଟାମାଟି, ପରମ୍ପରା, ସଂସ୍କୃତିଠାରୁ ଦୂରେଇ ନେଉନେ?" ଠିକ୍ ଯେମିତି ଆମ ପିଲାମାନେ ଆମକୁ ଭୁଲି ଯାଇ ବିଦେଶ ପଳାଉଛନ୍ତି?

ରାଜେନ୍ଦ୍ର ପାଖରେ ବୋଧେ କିଛି ଉତ୍ତର ନ ଥିଲା । ଏମିତି ଏକ ପ୍ରଶ୍ନ ଶୁଣିବ ବୋଲି ବୋଧେ ସେ ପ୍ରସ୍ତୁତ ନ ଥିଲା । ଦୁଇଜଣ ପିଲା ସେମାନଙ୍କ ହାତରେ କିଛି ପାନୀୟ ଓ ଖାଇବା ଜିନିଷ ଧରି ଆସିଲେ ।

"ଖରାଦିନେ ଏଠାରେ ଲୋକମାନେ ଏକ ପ୍ରକାର କନ୍ଦା ଓ ଫଳର ରସକୁ ମିଶାଇ ପିଅନ୍ତି । ସ୍ୱାସ୍ଥ୍ୟ ପାଇଁ ବହୁତ ହିତ । ଏଇ ଯୋଉ ଖାଇବା ଜିନିଷ, ଯଥା– ମାଣ୍ଡିଆ ଯାଉ, ଶାଳପତ୍ରରେ କଙ୍କଡ଼ା ପୋଡ଼ା ଦେଖୁଛୁ ସେମାନେ ନିଜ ହାତରେ ବନାଇଛନ୍ତି ।

ଶିକ୍ଷା କ'ଣ ମଣିଷକୁ ନିଜ ସଂସ୍କୃତି, ଚଳଣିଠାରୁ ଦୂରେଇ ଦିଏ? ଜମା ନୁହେଁ । ଏଇଠାରେ ଆମେ ସେମାନଙ୍କୁ ଭବିଷ୍ୟତରେ ସ୍ୱାବଲମ୍ବୀ ହେବାକୁ ଶିଖାଉ । ଜଙ୍ଗଲ ସୁରକ୍ଷା, ଉନ୍ନତ ପ୍ରଣାଳୀରେ ଚାଷବାସ, ଯେକୌଣସି ପ୍ରତିକୂଳ ପରିବେଶ ସହିତ ଖାପ ଖୁଆଇବା ପାଇଁ ଉପାୟ ବିଷୟରେ ଶିକ୍ଷା ଦେଉଛୁ ଆମେ । ସେଇଥି ପାଇଁ ବୋଧେ ଖୁସିମନରେ ଗରିବ ଆଦିବାସୀମାନେ ଆପେ ଆପେ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟରେ ଆମ ହେପାଜତରେ ଛାଡ଼ି ଦେଉଛନ୍ତି ।"

ରାଜେନ୍ଦ୍ର ବୁଲି ବୁଲି ଦେଖୁଥିଲା ବିଦ୍ୟାଳୟର କୋଠରିସବୁ । ନିଜ ବିଦ୍ୟାଳୟରେ ଶୀତତାପ ନିୟନ୍ତ୍ରିତ କୋଠରି, ପରିବେଶ ସହ ତୁଳନା କରୁଥିଲା ନିର୍ମଳର ବିଦ୍ୟାଳୟକୁ ।

"ତୁ କ'ଣ ଭାବୁଛୁ ଆମେ ଆଦିବାସୀ ପିଲାଙ୍କୁ ପଥଭ୍ରଷ୍ଟ କରୁଛୁ ? ଅନ୍ୟ ସାଧାରଣ ବା ଧନୀଶ୍ରେଣୀର ପିଲାଙ୍କ ଭଳି ସମ୍ମାନର ସହ ବଞ୍ଚିବାର ଅଧିକାର କ'ଣ ସେମାନଙ୍କର ନାହିଁ? ଏମିତି ଅଧାପାଠ ପଢ଼ାଇ, କାମ ଦାମ କରାଇ ଶେଷରେ ସେମାନଙ୍କୁ ଜଙ୍ଗଲୀ ହିଁ ବନାଉଛୁ ତୁ । ମୁଁ କହୁଛି, ଏଠାର ପିଲାମାନଙ୍କୁ ତୁ ମୋ ବିଦ୍ୟାଳୟକୁ ପଠାଇଦେ । ସେମାନଙ୍କ ଜୀବନ ବଦଳି ଯିବ । ତମେ ଦୁହେଁ ଏବଂ ଅନ୍ୟ ଶିକ୍ଷକମାନେ ମଧ୍ୟ ସେଠାକୁ ଚାଲି ଆସ ।"

ପିଲାମାନେ ନିଜ ହାତରେ ବନାଇ ଆଣିଥିବା ଖାଇବା ଜିନିଷ ଚାଖି ଚମତ୍କୃତ ହୋଇଗଲା ରାଜେନ୍ଦ୍ର । ଏତେ ସ୍ୱାଦ ଏମିତି ସରଳ ଜିନିଷରେ ?

"ଏମାନଙ୍କୁ ଆଧୁନିକତା'ର ସ୍ପର୍ଶ ଦେଇ ପ୍ଲାଷ୍ଟିକ୍ ମଣିଷରେ ରୂପାନ୍ତରିତ କରିବା ମୋର ଇଚ୍ଛା ନୁହେଁ । ନଈ ସିନା ସମୁଦ୍ରରେ ମିଶେ, ହେଲେ ସବୁ ପାହାଡ଼ୀ ଝରଣାମାନଙ୍କୁ କ'ଣ ସମୁଦ୍ରରେ ମିଶିବାର ଦେଖିଛୁ? ସେମାନେ ନିଜ ଅଞ୍ଚଳର ସବୁଜ ବନାନୀକୁ ଚିର ସବୁଜମୟ କରିବାରେ ଲାଗିଥାନ୍ତି ଅହରହ ।"

ସଙ୍ଗୀତା ଗୋଟାଏ ପିଲାକୁ ଡାକି ପଚାରିଲା ତମେ ଏଠି ପାଠ ପଢ଼ି କ'ଣ ଶିଖୁଛ? ଚଉଦ ପନ୍ଦର ବର୍ଷର ପିଲାଟା ହେବ । ଛେପ ଢୋକି ପିଲାଟା କହିଲା, "ପାଠ ପଢ଼ିଲେ ଆମକୁ କେହି ଠକି ପାରିବେ ନାହିଁ । ଆମ ବିଲ, ଝରଣା, ପାହାଡ଼, ଜଙ୍ଗଲ କେହି ଆମଠୁ ଛଡ଼େଇ ପାରିବେନି । ସରକାର ଆମ ପାଇଁ କ'ଣ ସୁବିଧା କରୁଛନ୍ତି ତା ବି ଆମେ ଜାଣୁଛୁ । ଏଇଠି କାମ କରି ଆମେ ଖୁସିରେ ଜୀବନ କାଟି ପାରିବୁ ।"

ବୋକାଙ୍କ ପରି ଅନେଇ ଥିଲା ରାଜେନ୍ଦ୍ର ପିଲାଟିର କଥା ଶୁଣି । ପ୍ରସଙ୍ଗ ବଦଳାଇବା ପାଇଁ ସେ କହିଲା, "ସଙ୍ଗୀତା ! ଜାଣିଛ, ମୋ ବିଦ୍ୟାଳୟରୁ ଦୁଇଜଣ ପିଲା ଆମେରିକାର ନାସା ଯିବାକୁ ମନୋନୀତ ହୋଇଛନ୍ତି । କିଛି ପିଲା ବିଜ୍ଞାନରେ ଗବେଷଣା ମଧ୍ୟ କରୁଛନ୍ତି ।"

ତଳେ ଥିବା ବଗିଚା ବୁଲାଇ ଦେଖାଇଲା ବେଳେ ସଙ୍ଗୀତା କହିଲା, "ପୁନେରୁ କିଛି ପିଲା ଆସି ଆମ ପିଲାଙ୍କୁ ନିଜ ହାତରେ ସୌର ପ୍ୟାନେଲ୍ ବନାଇବା ଶିଖାଇ ଦେଇଛନ୍ତି । ଆମ ବିଦ୍ୟାଳୟ ଓ ଛାତ୍ରାବାସରେ ତଥା ବିଲରେ ପାଣି ମଡ଼ାଇବା ପାଇଁ ମୋଟରର ବିଜୁଳି ବ୍ୟବସ୍ଥା ସବୁ ଏଇ ସୌର ଶକ୍ତିରେ ହୁଏ । ପାହାଡ଼ୀ ଝରଣାର ପାଣିକୁ ସଂରକ୍ଷଣ କରି ମାଛଚାଷ କରୁଛନ୍ତି ପିଲେ । ସୋରିଷ, ହଳଦୀ ପ୍ୟାକିଂ କରି ଏଠାରୁ ବିକ୍ରି ପାଇଁ ପଠାଯାଉଛି । ଟଙ୍କା ସବୁ ପିଲାଙ୍କ ନାଁରେ ବ୍ୟାଙ୍କରେ ଜମା ହେଉଛି ।

ଏଠାରେ ଥିବା ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଛଡ଼ା ବଡ଼ ପିଲାମାନେ ମଧ୍ୟ ସାନପିଲାଙ୍କୁ ପାଠ ବତେଇ ଦିଅନ୍ତି । ସେମାନଙ୍କ ପର୍ବପର୍ବାଣି କେମିତି ପାଳନ କରିବେ ତା'ର ଧ୍ୟାନ ରଖୁଛୁ । ଏସବୁ ପିଲାମାନେ ଏଠାରେ ମାଟି ସହ ମାଟି ହୋଇ ରହିବା ପାଇଁ ଶିକ୍ଷା ଲାଭ କରୁଛନ୍ତି । ଗୋବର ଗ୍ୟାସରେ ରନ୍ଧାରନ୍ଧି ହେଉଛି ।

ଜଙ୍ଗଲକୁ ଯାଇ ଚେରମୂଳ ଚିହ୍ନୁଛନ୍ତି । ନଣ୍ଡା ପାହାଡ଼ରେ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରୁଛନ୍ତି ।

ସେଦିନ ରବିବାର ଥିଲା । ସନ୍ଧ୍ୟାବେଳେ ପ୍ରାର୍ଥନା ପରେ ପିଲାମାନେ ମାତିଥିଲେ । ସେମାନଙ୍କ ପାରମ୍ପରିକ ବାଜା ବଜାଇ ନାଚଗୀତରେ ମାଦଳର ତାଳେ ତାଳେ ପିଲାମାନଙ୍କ ସହ ଅଣ୍ଟାରେ ହାତ ଛନ୍ଦି ରାଜେନ୍ଦ୍ର ବି ନିର୍ମଳ ଓ ସଙ୍ଗୀତାଙ୍କ ସହ ନାଚିଲା । ସମ୍ପୂର୍ଣ୍ଣ ଏକ ଭିନ୍ନ ଅନୁଭୂତି, ମାଟିର ଏକ ନିଆରା ବାସ୍ନା ଆକ୍ତାମାକ୍ତା କରି ପକାଉଥିଲା ରାଜେନ୍ଦ୍ରକୁ । ତା'ର ସ୍କୁଲରେ କେବେ ଏମିତି ଅନୁଭୂତି ମିଳିନି ତ ତାକୁ !

ନିର୍ମଳ କହିଲା, "ତୋ ବିଦ୍ୟାଳୟ ସହ ମୋ ବିଦ୍ୟାଳୟକୁ ମିଶାଇ ଦେବାକୁ କହି ମୋ ଅନୁଷ୍ଠାନ ବନ୍ଦ କରନା । ତୁ ଯାହା କରୁଛୁ ତାହା କିଛି ଭୁଲ୍ ନୁହେଁ; କିନ୍ତୁ ଆମେ ଏଇ ଛୋଟ ଅନୁଷ୍ଠାନରେ ନିଛକ ମାଟିର ମଣିଷଙ୍କୁ ଗଢୁଛୁ । ପୁଣି ପ୍ରକୃତି କୋଳକୁ ଫେରାଇ ଦେବାକୁ ଭଗବାନଙ୍କ ବରଦାନ ସେମାନେ ସମାଜ ପାଇଁ ।

ଆମ ପରି ଯନ୍ତ୍ରମଣିଷଙ୍କ ପାଇଁ ପୃଥିବୀ ତା'ର ସୌନ୍ଦର୍ଯ୍ୟ ହରାଉଥିବାବେଳେ, ଏଇମାନଙ୍କ ପାଇଁ ଭାରସାମ୍ୟ ରହିଛି ବୋଧେ । ନିଜ ହାତରେ ଆମେ କାହିଁକି ଏ ମଣିଷଙ୍କୁ ଏ ପରିବେଶରୁ ଦୂରେଇ ଦେବା ?

ଆଦିବାସୀ କଳା ସଂସ୍କୃତିକୁ ଆଗକୁ ବଢ଼ାଇ ନେବାକୁ ଯୋଗ୍ୟ ମଣିଷଙ୍କୁ ଗଢୁଛୁ । ଏମାନଙ୍କୁ ଆଧୁନିକତା'ର ସ୍ପର୍ଶ ଦେଇ ପ୍ଲାଷ୍ଟିକ୍ ମଣିଷରେ ରୂପାନ୍ତରିତ କରିବା ମୋର ଇଚ୍ଛା ନୁହେଁ । ନଈ ସିନା ସମୁଦ୍ରରେ ମିଶେ, ହେଲେ ସବୁ ପାହାଡ଼ୀ ଝରଣାମାନଙ୍କୁ କ'ଣ ସମୁଦ୍ରରେ ମିଶିବାର ଦେଖିଛୁ ? ସେମାନେ ନିଜ ଅଞ୍ଚଳର ସବୁଜ ବନାନୀକୁ ଚିର ସବୁଜମୟ କରିବାରେ ଲାଗିଥାନ୍ତି ଅହରହ; ବରଂ ତୁ ବି ତୋ ବିଦ୍ୟାଳୟରେ ଏମିତି କିଛି ଶିକ୍ଷା ଦେ ।

ପରଦିନ ବିଦାୟ ନେଲାବେଳେ ରାଜେନ୍ଦ୍ର ଭାବୁଥିଲା ସତରେ ନିର୍ମଳର ଏଇ ଅନୁଷ୍ଠାନ ତା' ସଂସ୍ଥା ଅପେକ୍ଷା କେତେ ମହାନ୍! ■■■

ଫ୍ଲାଟ୍-୧୦୩, ହୋରାଇଜନ୍ ଏନକ୍ଲେଭ୍,
ମହାରାଣୀ ପେଟା,
ବିଶାଖାପାଟଣା-୫୩୦୦୦୨
ଦୂରଭାଷ : ୯୧୭୭୬୦୫୧୦୫

'ସମାଜ' ଓ 'ସତ୍ୟବାଦୀ'ର ଶୁଭେଚ୍ଛା

ଅସହାୟ, ଦୁଃସ୍ଥ ଓ ନିପେଡ଼ିତ ଜନତାଙ୍କ ସେବାରେ 'ସମାଜ' ନିଜକୁ ଉତ୍ସର୍ଗୀକୃତ କରି ରଖିଛି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏହି ଅକ୍ଷୟକୀର୍ତ୍ତୀକୁ 'ସମାଜ' ଅକ୍ଷୁର୍ଣ୍ଣ ରଖିଥିବାରୁ 'ସତ୍ୟବାଦୀ' ଓ 'ସମାଜ'ର ୧୦୫ତମ ସ୍ୱ-ନକ୍ଷତ୍ର ଉତ୍ସବ ଅବସରରେ 'ସମାଜ' ପରିବାରକୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଇଂ. ପ୍ରଦ୍ୟୁମ୍ନ କୁମାର ପଣ୍ଡା
ସହକାରୀ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଗ
ଭଞ୍ଜନଗର (ଗଞ୍ଜାମ)

UltraTech
CEMENT
The Engineer's Choice
-1800 210 3311
ବିନାୟକ ଟ୍ରେଡର୍ସ
ଝିମିଡିପେଟା (ରେଳ ଷ୍ଟେସନ ପାଖ)



ଶକ୍ତି ସ୍ୱରୂପିଣୀ

ସୁଜାତା ମୁଦୁଲି ଧଳ

ବେଙ୍ଗାଲୁରୁରେ ଅବସ୍ଥାନ କରୁଥିଲେ ମଧ୍ୟ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ରହିଛି ଅନାବିଳ ଭଲପାଇବା । ସାମ୍ପ୍ରତିକ ସମାଜର ଚିତ୍ର ତାଙ୍କର ଗଳ୍ପରେ ପରିଦୃଷ୍ଟ ହୋଇଥାଏ । ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ନିୟମିତ ଗଳ୍ପ ପ୍ରକାଶିତ ହେଉଛି ।

ଦୁନିଆ ଯେତେ ଆଗେଇଲେ ସୁଦ୍ଧା, କିଛି ସ୍ଥାନରେ ପୁରୁଣା ପରମ୍ପରା ଆଉ କୁସଂସ୍କାରର ଚେର ଲୋକମାନଙ୍କ ମନ ଭିତରେ ଏତେ ଗଭୀରକୁ ଚାଲିଯାଇଛି ଯେ ସେଠି ସେ ଚେରର ମୂଳ ଉତ୍ପାଟନ କରିବା ଭାରି କଷ୍ଟକର । ସରକାରଙ୍କ ଆଇନ୍‌କାନୁନ୍ ବି ସେଠି ଫେଲ୍ ମାରିଯାଏ । ଏଇ ଯେମିତି ବାଲ୍ୟବିବାହ ପ୍ରଥା । ତା' ପାଇଁ ସମ୍ବିଧାନରେ କେତେ କ'ଣ, କଡ଼ା ନିୟମ । ହେଲେ ସମ୍ବିଧାନର ନିୟମ ଗୋଟେ ବାଟରେ, କିଛି ଲୋକମାନଙ୍କର ମାନସିକତା ଆଉ ଗୋଟେ ବାଟରେ । ଆମ ଦେଶରେ ଆଜି ବି ଏମିତି ଅନେକ ସ୍ଥାନ ଅଛି ଯେଉଁଠିକି ଏବେ ବି ବାଲ୍ୟ ବିବାହ ପ୍ରଥା ଭଳି ଅପରାଧ ଅନାୟାସରେ ଚାଲିଛି, ଯେଉଁଥିରେ ବଳି ପଡ଼ୁଛନ୍ତି ଅନେକ ନିରୀହ ଛୋଟ ଝିଅ । ବାଲ୍ୟ ବିବାହର ଶିକାର ହୋଇଥିବା ଗୋଟେ ଚରିତ୍ର ଥିଲା ରେଣୁ ।

ମେଘଭର୍ତ୍ତି ଆକାଶ ଭଳି ନିଜ ସମସ୍ୟାକୁ ନେଇ ସବୁବେଳେ ଗୁମ୍‌ସୁମ୍ ରହୁଥିବା ରେଣୁ ଭିତରେ ଯେ ଏମିତି ଏକ ରୂପ ଥିଲା ମୁଁ କେବେ ଭାବି ପାରୁ ନ ଥିଲି । ତା' ଉପରେ, ତା' ପତି ଦୀର୍ଘ

ପନ୍ଦର ବର୍ଷ ହେଲା ଯେଉଁ ଅତ୍ୟାଚାର କରିଆସୁଥିଲା ନିଜକୁ ଯେତେ କଷ୍ଟ ହେଲେ ବି, ସେ ସବୁକିଛି ବରଦାସ୍ତ କରିଆସୁଥିଲା । ହେଲେ ସେଦିନ ଅଶାନ୍ତ ପ୍ରକୃତି ଭଳି ନିଜ ଭିତରେ ସାଇତା ଦୀର୍ଘଦିନର ଅଭିଯୋଗକୁ ଯେମିତି ଏକାଥରକେ ବାହାର କରି ପକେଇଲା ଏକ ଭୟଙ୍କର ଝଡ଼ ରୂପରେ; କାରଣ ସେଦିନ ତା' ଉପରକୁ ନୁହେଁ, ତା' ଝିଅ ଉପରକୁ ବିପଦ ମାଡ଼ି ଆସୁଥିଲା । ଯୁଗେ ଯୁଗେ ଏମିତି ତ ହେଇଥାଏ । ଯେତେବେଳେ ନିଜ ସୃଷ୍ଟି ଉପରେ ଅତ୍ୟାଚାର ଆରମ୍ଭ ହେଇଯାଏ ଶକ୍ତିସ୍ୱରୂପିଣୀ ମା' କିଛିନା କିଛି ଅବତାର ନେଇ ଧରାପୃଷ୍ଠରେ ଅବତରଣ କରିଥା'ନ୍ତି । ସେଦିନ ରେଣୁ ବି ତା' ସୃଷ୍ଟି ପାଇଁ, ଅର୍ଥାତ୍ ତା'ର ତେର ବର୍ଷର ଝିଅର ସୁରକ୍ଷିତ ଭବିଷ୍ୟତ ପାଇଁ ଜାଗ୍ରତ କରେଇଥିଲା ତା' ଭିତରର ଶକ୍ତିକୁ । ନିହାତି ଶାନ୍ତ, ସରଳ ରେଣୁ ସେଦିନ ଦେଖେଇଥିଲା ତା'ର ଉଗ୍ରରୂପ !

ରେଣୁର ଜନ୍ମ ହେଇଥିଲା ବିହାରର ମଧୁବନ ଜିଲ୍ଲାର ଏକ ଅନୁନ୍ନତ ଗାଁ ଖଇରୀବାଙ୍କରେ । ଆମ ସମାଜରେ ରହୁଥିବା ଗୁପ୍ତା ବାବୁଙ୍କ ସର୍ଭେଣ୍ଟ କ୍ୱାର୍ଟର୍‌ରେ ନିଜ ପରିବାର ସହିତ ରହେ । ବଦଳରେ ତାଙ୍କ ଘରର ବାସନ ମଜା, ଲୁଗା କଚା, ଝାଡୁପୋଛା କାମ କରିଦିଏ । ଘରମାଲିକଙ୍କ ଘରକୁ ଛାଡ଼ିଦେଲେ ସୋସାଇଟିର ଆଉ କେତେଟା ଘରେ ବି ନିୟମିତ ଏଇସବୁ କାମଧନ୍ଦା କରି ନିଜ ପରିବାର ଚଳାଏ । ଆମ ଘରକୁ ଲଗେଇଲେ ପ୍ରାୟ ଆଉ ଦଶ ଘରେ ସେ କାମ କରେ । କିଛି ଘରେ ସକାଳୁ ସକାଳୁ କାମ କରେ ତ ଆଉ କିଛି ଘରେ ସନ୍ଧ୍ୟା ବେଳକୁ । ସବୁ ଦରମା ମିଶେଇଲେ ମାସ ଶେଷକୁ ତା' ହାତକୁ ପନ୍ଦର ହଜାର ଟଙ୍କା ଆସିଯାଏ । ଯେହେତୁ ଘରଭଡ଼ା ଟଙ୍କା ପଇଠ କରିବାରୁ ସେ ମୁକ୍ତ ଥିଲା, ତେଣୁ ପନ୍ଦର ହଜାର ଟଙ୍କାରେ ସେ ତା' ପରିବାରକୁ ବେଶ୍ ଖୁସିରେ ଚଳେଇ ନେଉଥିଲା । ବାଙ୍ଗାଲୁରୁରେ ସବୁ ଜିନିଷ ଟିକିଏ ମହଙ୍ଗା ହେଲେ ବି ତା' ନିତିଦିନିଆ ଚଳଣି ଓ ଖାଇବାର ଅଭ୍ୟାସ ତା'କୁ ଆରାମରେ ବଞ୍ଚିବାକୁ ଦେଉଥିଲା । ମଣିଷର ଆଶା ଯେତେ ବଡ଼ ଖର୍ଚ୍ଚ ବି ସେତେ ବଡ଼ହୁଏ । ଆଶା ବଡ଼ ହେଲେ ଯେତେ ରୋଜଗାର କଲେ ବି ନିଅଣ୍ଟ ହୁଏ । ତେଣୁ ଯାହାର ଆଶା ଯେତେ ଛୋଟ ତା'ର ଖୁସି ସେତେ ଅଧିକ । ସେ ଅଫିସର୍ ହେଉ ଅବା ମେହେନ୍ତର, ମନର ଖୁସି ପଦର ଫରକ୍ ଦେଖେନି । ବେଳେବେଳେ ବଡ଼ ଅଫିସର୍‌ଟେ ମାନସିକ ଅଶାନ୍ତିରେ ଜୀବନ ବିତାଉଥିବାବେଳେ ମେହେନ୍ତରଟିଏ ବିନ୍ଦାସ୍ ହେଇ ଜୀବନ ବିତାଏ । କିଏ ଭାତ, ଡାଲି, ଆଳୁଭର୍ତ୍ତାରେ ସନ୍ତୁଷ୍ଟ ହେଇ ଯାଏ ତ କାହାକୁ ଫାଇଭ୍ ଷ୍ଟାର୍ ହୋଟେଲର ବ୍ୟୟ ବହୁଳ ଡିସ୍ ବି ପାଟିକୁ ରୁଚେନି । ଦିନସାରାର ଖଟଣି ପରେ କିଏ କତରା ଧରୁଧରୁ ନିଘୋଡ଼ ନିଦରେ ଶୋଇ ଯାଏତ କିଏ ମୁଲାଏମ ଶେଯରେ ଶୋଉଥିଲେ ବି ପ୍ରତିଦିନ ନିଦ ବଟିକାର ଆବଶ୍ୟକ ହୁଏ । ମୋଟ୍ ଉପରେ ରେଣୁ ବାରଘର ବୁଲି ଅଇଁଠା ବାସନ ମାଜୁଥିଲେ ବି ନିଜ ପିଲାମାନଙ୍କୁ ନେଇ ବହୁତ୍ ଖୁସିରେ ଥାଏ ।

> **ନିଜ ଝିଅର ମଙ୍ଗଳ ପାଇଁ, ନିଜ ପିଲାଙ୍କ ଭବିଷ୍ୟ ପାଇଁ ସେଦିନ ଅତି ସୁଧାର କାମବାଲୀ ରେଣୁ ଦେଖେଇ ଥିଲା ତା' ଭିତରର ଉଗ୍ରରୂପକୁ ଯେମିତି ସେ ଏକ ନୂଆ ଅବତାର ନେଇଥିଲା । ଏତେ ଦିନଧରି ଯୋଉ ମଦ୍ୟପ ପତିକୁ ରେଣୁ ମ୍ୟାନେଜମେଣ୍ଟ କମିଟି ସଦସ୍ୟମାନଙ୍କ କଡ଼ା ଆଖି କବଳରୁ ଘଣ୍ଟ ଘୋଡ଼େଇ ରଖିଥିଲା, ସେଦିନ ସେ ନିଜେ ଯାଇ କମିଟି ପାଖରେ ନିଖିଲ୍ ବିରୁଦ୍ଧରେ ଅଭିଯୋଗ କରିଥିଲା ।**

ଭୋର୍ ଚାରିଟାରୁ ହିଁ ରେଣୁ ଦିନ ଆରମ୍ଭ ହେଇଯାଏ । ରାତି ଚାରିଟାରୁ ଉଠିପଡ଼ି ନିଜ ଘରର ବାସି କାମସାରି, ଗାଧେଇ ପଡ଼ି ପତି ଓ ପିଲା ଦି'ଜଣଙ୍କ ପାଇଁ ଚଟାପଟ୍ ଖାଇବା ବନେଇ ଦିଏ । ସକାଳୁ ଛୁଆଙ୍କୁ ପ୍ରସ୍ତୁତ କରି ସ୍କୁଲ୍‌କୁ ପଠାଏ । ତା' ପରେ ବାହାରିଯାଏ କାମକୁ । ନିଜ ଖାଇବା ପିଇବାରେ ତା'ର କୌଣସି ଠିକ୍ ଠିକଣା ନ ଥାଏ । ଦଶ ଘର ଭିତରୁ ମାତ୍ର କେତେଜଣ କିଏ କେମିତି ତା' କପ୍‌ଟେ ଯାଚନ୍ତି । କେତେବେଳେ କେମିତି ବି ରାତିର ବଳକା ବାସି ରୁଟି ଦି'ପଟ ଯାଚି ଦିଅନ୍ତି । ହେଲେ ରେଣୁର କାହାଘରେ ଖାଇବାକୁ ଆଗ୍ରହ ନ ଥାଏ । ଯେତେ ବି ତା'ର ମାଲିକାଣୀ ଥିଲେ ମୋ ସହିତ ତା'ର ଟିକେ ଅଲଗା ସମ୍ପର୍କ । କାରଣ ଅନ୍ୟମାନଙ୍କ ଭଳି ମୁଁ କେବେ ତାକୁ ଫିଙ୍ଗା, ଫୋପାଡ଼ିଲା ଭଳି କଥା କହେନି କିମ୍ବା କାମବାଲୀ ବୋଲି କେବେ ହୀନ ଦୃଷ୍ଟିରେ ଦେଖେନି । ତେଣୁ ରେଣୁ ବି ମତେ ବହୁତ ଭଲପାଏ । ଅନ୍ୟମାନଙ୍କୁ 'ମାମ୍' ବୋଲି ସମ୍ବୋଧନ କରୁଥିବା ବେଳେ ମତେ 'ଦିଦି' ବୋଲି ଡାକେ । ମୋ ସହିତ ନିଜ ସୁଖଦୁଃଖ ବାଣ୍ଟେ, ଆଉ ମୋ ହାତରୁ ଚା' କପ୍‌ଟେ ନ ପିଇଲେ ତା' ଦିନଟା ଭଲରେ ଯାଏନି । ସେଥିପାଇଁ ଛୁଆଙ୍କ ପାଇଁ ଟିଫିନ୍ ତିଆରି କଲାବେଳେ ଜାଣିଜାଣି ଟିକେ ଅଧିକ କରିଥାଏ । ପ୍ରତିଦିନ ତା' ସହିତ ରେଣୁକୁ କିଛି ନା କିଛି ଖାଇବାକୁ ଦେଇଦେଲେ ମୁଁ ଖୁସି, ସେ ବି ଖୁସି ।

ଆଜି ଝିଅମାନେ ଚନ୍ଦ୍ରପୃଷ୍ଠରୁ ଫେରିଲେଣି । ଏମିତି କିଛି କାମ ନାହିଁ ଯାହା ଝିଅମାନେ ନ କରି ପାରିବେ । ହେଲେ ରେଣୁ ଯେଉଁ ଗାଁରେ ଜନ୍ମ ସେ ଗାଁର ଝିଅମାନେ ଆଜି ବି ସ୍ୱାଧୀନତାର ପୂର୍ବ ସମୟ ଭିତରେ ହିଁ

ରହିଯାଇଛନ୍ତି । ନାରୀ ସଶକ୍ତୀକରଣ ବିଷୟରେ ସେମାନଙ୍କୁ କିଛି ବି ଜଣା ନ ଥାଏ । ନାରୀ ସ୍ୱାଧୀନତା ଆଉ ଅଧିକାର ଆଜି ବି ସେମାନଙ୍କ ପାଇଁ ଦିନର ସ୍ୱପ୍ନଟିଏ ପରି । ଶିକ୍ଷା ତ ବହୁତ ଦୂରର କଥା । ସେଠି ଏ ପର୍ଯ୍ୟନ୍ତ ବି ବାଲ୍ୟବିବାହ ପ୍ରଥା ପ୍ରଚଳିତ ।

ରେଣୁ ବି ସେଥିରୁ ବାଦ୍ ପଡ଼ି ନ ଥିଲା । ତା'କୁ ନ ବର୍ଷ ହେଇଥିଲାବେଳେ ତା'ର ବାହାଘର ହେଇଥିଲା ସତର ବର୍ଷର ନିଖିଲ ସହିତ । ବାହାଘର ପରେ ତାଙ୍କ ସମାଜର ନିୟମ ଅନୁସାରେ ଯୋଗ୍ୟା ହବା ପର୍ଯ୍ୟନ୍ତ ସେ ନିଜ ଘରେ ରହିଥିଲା । ତେର ବର୍ଷରେ ସେ ଯେତେବେଳେ ଯୋଗ୍ୟା ହେଇଗଲା ତୁରନ୍ତ ତା'ର ଗୌଣା(ଝିଅ ବିଦା) କରି ଶାଶୂଘରକୁ ପଠେଇ ଦିଆଗଲା ।

ମାତ୍ର ତେରବର୍ଷର ଝିଅ ଉପରେ ପଡ଼ିଯାଏ ସଂସାରର ଦାୟିତ୍ୱ! ଖେଳିବା ବୟସରେ ସେ ଘର ସମ୍ଭାଳେ, ଆଉ ନିଜକୁ ଭଲ ଭାବରେ ବୁଝିବା ପୂର୍ବରୁ ଆଉ ଗୋଟେ ଜୀବନ ଦୁନିଆକୁ ଆଣେ । ରେଣୁକୁ ପନ୍ଦର ନ ପୁରୁଣୁ, ସେ ଗୋଟେ ପିଲାର ମା' ହେଇଗଲା । ଏତେ କମ୍ ବୟସରେ ମା' ହବା ସହିତ ଶାଶୂର ନିର୍ଯାତନା । ଏମିତିକି ବେଳେବେଳେ ଶାଶୂ ତା'କୁ ଭଲରେ ଖାଇବାକୁ ଦେଉ ନ ଥିଲେ । କାରଣ ପ୍ରଥମ ଛୁଆ ତା'ର ଝିଅଟିଏ ଥିଲା । ଶାଶୂ ଚାହୁଁଥିଲେ ଯେ ପ୍ରଥମ ଛୁଆ ପୁଅ ହେଉ ବୋଲି ! ପିଲା ଜନ୍ମ ସମୟରେ ନିଖିଲ୍ ବି ତା'ଠୁ ଦୂରରେ । ବାଙ୍ଗାଲୋର୍‌ରେ କୋଉ ଗୋଟେ ଇଟାଭାଟିରେ କାମକରେ । ଘରେ ଶାଶୂ ବୋହୂଙ୍କର ଏମିତି ସବୁବେଳେ ମନାନ୍ତର ଦେଖି ଶେଷରେ ନିଖିଲ୍ ରେଣୁକୁ ଧରି ବାଙ୍ଗାଲୋର୍ ଚାଲି ଆସିଲା ।

ନିଖିଲ୍ ଯେଉଁ ଜାଗାରେ ରହୁଥିଲା ନାଁକୁ ଖାଲି ବାଙ୍ଗାଲୋର କୁହାଯାଉଥିଲା । ପ୍ରକୃତରେ ସେ ଜାଗା ଥିଲା ବାଙ୍ଗାଲୋର୍ ସହରଠୁ ବହୁତ ଦୂର ଏକ ଗାଉଁଲି ଅଞ୍ଚଳ । ଆଖି ପାଇଲା ପର୍ଯ୍ୟନ୍ତ ସେଠି ଖାଲି କିଆରି କିଆରି ମାଣ୍ଡିଆ ଫସଲ, ବିଭିନ୍ନ ପ୍ରକାରର

ଫୁଲ ଚାଷ, ଅଙ୍ଗୁର ବଗିଚା ଆଉ ଆକାଶ ଛୁଆଁ ୟୁକାଲିପଟାସର ବିସ୍ତୀର୍ଣ୍ଣ ଜଙ୍ଗଲ । ସେଇସବୁ ଭିତରେ ମଝିରେ ମଝିରେ ଗୋଟେ ଗୋଟେ ବଡ଼ବଡ଼ ଇଟା ଫ୍ୟାକ୍ଟ୍ରି । ସେଇ ଫ୍ୟାକ୍ଟ୍ରି ଭିତରୁ ଗୋଟିକରେ ନିଖିଲ ଜଣେ ଠିକାଦାର ଅଧୀନରେ କାମକରେ ।

ତା'ର କାମ ଥାଏ ପର୍ବତସମ ଜମା ହେଇଥିବା ମାଟିଗଦାରୁ ମାଟି କାଢ଼ି, କାଦୁଅ ଚକଟି ଫ୍ରେମ୍‌ରେ କଞ୍ଚା ଇଟା ତିଆରି କରିବା, ସେସବୁକୁ ଟାଇଲ ଛାତ ଥିବା ବିରାଟ ବିରାଟ ଖୋଲା ଘରମାନଙ୍କରେ ଧାଡ଼ିଧାଡ଼ି କରି ଶୁଖେଇବା, ପୁଣି ଶୁଖିଲା ଇଟାକୁ ଟ୍ରଲିରେ ବୋହି ନେଇ ଭାଟିରେ ପୋଡ଼ିବା ।

ଦିନସାରା ହାଡ଼ଭଙ୍ଗା ପରିଶ୍ରମ । ସେଥିରେ ବି ପୂରା ଦରମା ହାତକୁ ଆସୁ ନ ଥାଏ । ଠିକାଦାର ଦରମାର ଦଶ ପ୍ରତିଶତ କାଟି ରଖେ ।

ଭାଟିରେ କାମ କରୁଥିବା ଶ୍ରମିକଙ୍କ ପାଇଁ କେତେ ଧାଡ଼ି ଟାଇଲ ଛପର ଥିବା ନୁଆଁଣିଆ ଏକ ବଖୁରିଆ ଘରସବୁ ଥାଏ । ସେଇଥିରୁ ଗୋଟେ ଘର ନିଖିଲ୍ ପାଇଁ ବି ଉଦ୍ଦିଷ୍ଟ ଥିଲା । ଘର ପାଇଁ ରେଣୁର କିଛି ବି ଆପତ୍ତି କି ଅଭିଯୋଗ ନ ଥିଲା; କାରଣ ଗାଁରେ ତା' ନିଜଘର କୋଉ ରାଜ ଉଆସ ଥିଲା ? ବାପଘର ହେଉ ଅବା ଶାଶୂଘର । ନଡ଼ିଆପତ୍ର ଆଉ ଝାଟିମାଟିରେ ତିଆରି କୁଡ଼ିଆ ଖଣ୍ଡେ ଖଣ୍ଡେ ଥିଲା । ହେଲେ ରେଣୁକୁ ଗୋଟେ କଥା ଜମାରୁ ଭଲ ଲାଗୁ ନ ଥିଲା । ପ୍ରତିଦିନ ସନ୍ଧ୍ୟାରେ କାମ ଶେଷ ପରେ ନିଖିଲର ସାଙ୍ଗସାଥିମାନେ ତା'ର ସେଇ ବଖୁରିକିଆ ଘରଟିରେ ରାତିଅଧ ପର୍ଯ୍ୟନ୍ତ ଆଡ୍ଡା ଜମାଉଥିଲେ । ଏମିତିକି ତା'ରି ଭିତରେ ମଦପିଇ ଖଟି କରୁଥିଲେ । ନିଖିଲ୍‌ର ସବୁ ସାଙ୍ଗମାନେ ପ୍ରାୟ ବିହାରୀ ଥିଲେ । ତେଣୁ ରେଣୁକୁ ଭାବୀ ସମ୍ବୋଧନ କରି ବିଭିନ୍ନ ଅଶ୍ଳୀଳ କଥାକହି ଥଟ୍ଟା, ମଜା ବି କରୁଥିଲେ । ସେସବୁ ଶୁଣି ନିଖିଲ୍‌ର ଟିକିଏ ବି ଆପତ୍ତି ନ ଥିଲା । ହେଲେ, ରେଣୁକୁ ଆଦୌ ଭଲ ଲାଗୁ ନ ଥାଏ । ନିଖିଲକୁ ସେ ବିଷୟରେ କହିଲେ ସେ ଓଲଟା କହୁଥିଲା, ଦିଅର ହିସାବରେ ଟିକେ ଥଟ୍ଟାମଜା କରିଦେଲେ ତୁ କ'ଣ ଘୋରି ହୋଇଯିବୁ? ସତ କହିବାକୁ ଗଲେ ବିହାରରେ ଦିଅର ଭାଉଜଙ୍କ ଭିତରେ ଥଟ୍ଟାତାମସା ଏକ ସାଧାରଣ ଘଟଣା । ବେଳେବେଳେ ଦିଅର ଭାଉଜଙ୍କ ଏଇ ଥଟ୍ଟା ତାମସାର ସ୍ରୋତ ଧୀରେଧୀରେ ଆଗକୁ ବଢ଼ିବଢ଼ି ଆଉ କିଛି ସମ୍ପର୍କର କୂଳ ବି ଛୁଇଁଯାଏ ।

ଦିନେ ଗୋଟେ ସମୟ ଆସିଲା ଏମିତି ପ୍ରତିଦିନ ସାଙ୍ଗ ମେଳରେ ଟିକେ ଟିକେ ମଦ ପିଇ ନିଖିଲ୍ ଏକ ପେଶାଦାର ମଦ୍ୟପ ପାଲଟି ଗଲା । ଏମିତିକି ମଦ ନିଶାରେ କାମଦାମ ବି ଭୁଲିଗଲା । ଦିନେ କାମ କଲେ ପରଦିନ ଛୁଟି କରି ଘରେ ଶୋଇ ରହୁଥିଲା । ସୁଯୋଗ ଉଣ୍ଡି ଖଟିକୁ ଆସୁଥିବା ପିଲାଙ୍କ ଭିତରୁ କେତେଜଣ ରେଣୁକୁ ଖରାପ ନଜରରେ ଦେଖିବା ଆରମ୍ଭ କରିଦେଲେ । ନିଖିଲ ସେ ବିଷୟରେ ଜାଣିଲେ ବି ତା'ର ପ୍ରତିକ୍ରିୟା କିଛି ନ ଥିଲା । ଓଲଟି

ସେମାନଙ୍କ କଥାରେ ରାଜି ହେଇଯିବା ପାଇଁ ରେଣୁକୁ ସେ ପରୋକ୍ଷରେ ପ୍ରୋତ୍ସାହିତ କରୁଥିଲା; କାରଣ ସେମାନେ ତାକୁ ମୁକ୍ତରେ ମଦ ପିଇବାକୁ ଦେଉଥିଲେ । ଏଇ କଥାକୁ ନେଇ ରେଣୁ ଓ ନିଖିଲ୍ ଭିତରେ ପ୍ରାୟ ପ୍ରତିଦିନ ଯୁକ୍ତିତର୍କ, ଝଗଡ଼ା ହେଉଥିଲା । ବେଳେବେଳେ ନିଖିଲ୍ ରେଣୁ ଉପରେ ହାତ ଉଠାଉଥିଲା ।

ପରପୁରୁଷ ପାଖରେ ନିଜ ଇଜ୍ଜତ ନିଲାମ କରିଦେବା ପାଇଁ ରେଣୁ ରାଜି ନ ଥିଲା । ଅଶାନ୍ତି ଓ ଅଭାବ ଭିତରେ ଦୁଇବର୍ଷ କଟି ଯାଇଥିଲା । ସେଇ ପରିସ୍ଥିତି ଭିତରେ ତା' ପୁଅ ବି ଦୁନିଆକୁ ଆସି ଯାଇଥିଲା । ଅଭାବ ଅନଟନ, ଅଶାନ୍ତି ଓ ଏକ ମଦ୍ୟପ ପତିକୁ ନେଇ କେମିତି ସଂସାର ଚଳେଇବ ସେଇ କଥା ଭାବିଭାବି ରେଣୁ ଆଖିକୁ ରାତିରେ ନିଦ ନ ଥିଲା କି ଭୋକଶୋଷ ହେଉ ନ ଥିଲା । ଭଗବାନଙ୍କୁ ଗୁହାରି କରୁକରୁ ତା'ର ରାତି ପାହି ଯାଉଥିଲା ।

ରେଣୁର ଡାକ ଯେମିତି ଦିନେ ଭଗବାନ ଶୁଣି ପାରିଲେ । ଦିନେ ସେ ପାଖ ପରିବା ହାଟକୁ ଯାଇଥାଏ, ସେଇ ହାଟରେ ପରିବା ଖୁବ୍ ଶସ୍ତାରେ ମିଳେ । ସେଇଠି ଅଚାନକ ତା'ର ଜଣେ ଦୂର ସମ୍ପର୍କୀୟ ମାଉସୀ ଝିଅ ସହ ଦେଖା ହେଇଗଲା । ଯିଏକି ବି ଢେର୍ ବର୍ଷ ହେଲା ଗାଁରୁ ଆସି ବାଙ୍ଗାଲୋର୍‌ରେ ଏକ ସୋସାଇଟିରେ ରହି କାମ କରୁଛି । ସେ କାମ କରୁଥିବା ସୋସାଇଟିରେ ପ୍ରାୟ ହଜାରେ ଲୋକ ରହନ୍ତି । ସେ ସେଠି କେତେଟା ଘରେ କାମ କରେ, ବେଶ୍ ଭଲରେ ଚଳେ । ରେଣୁର ଅବସ୍ଥା କଥା ଶୁଣି ତା' ପାଇଁ ବି କିଛି କାମ ଦେଖିବ ବୋଲି ପ୍ରତିଶ୍ରୁତି ଦେଲା । ରେଣୁର ଦୁଃସମୟରେ ଦୂର ସପର୍କୀୟ ଭଉଣୀଟି ଯେମିତି ଦେବଦୂତଟିଏ ସାଜି ପାଖରେ ଠିଆ ହେଲା ।

ଅଳ୍ପଦିନ ଭିତରେ ରେଣୁ ପାଇଁ ସୋସାଇଟିରେ କାମ ଓ ରହିବା ପାଇଁ ଏକ ଘର ଯୋଗାଡ଼ ହେଇଗଲା । ଘର କହିଲେ ଗୋଟିଏ ବଡ଼ ବଖରା ଭିତରେ ସବୁକିଛି । ଛୋଟ ଏକ ରୋଷେଇ ଘର, ଗାଧୁଆ ଘର, ଆଉ ଯେତିକି ବଳକା ଜାଗା ତା'ରି ଭିତରେ ଖାଇବା, ବସିବା, ଶୋଇବା ସବୁ କିଛି । ସେତିକିରେ ରେଣୁର ଖୁସି କହିଲେ ନ ସରେ । କାରଣ ତାକୁ ରୋଜଗାରର ଏକ ପନ୍ଥା ମିଳିଯିବା ସହିତ ନିଖିଲ୍‌ର ମଦୁଆ ସାଙ୍ଗମାନଙ୍କଠାରୁ ନିଜକୁ ତଥା ନିଖିଲ୍‌କୁ ଦୂରେଇ ନବା ପାଇଁ ଗୋଟେ ସୁଯୋଗ ଯେ ମିଳିଗଲା । ହେଲେ ସେ କଥାରେ ନିଖିଲ୍ ଆଦୌ ଖୁସି ନ ଥିଲା କି ଇଟାଭାଟି ଛାଡ଼ିବା ପାଇଁ ରାଜି ନ ଥିଲା; କାରଣ ସେ ଭଲ ଭାବରେ ଜାଣିଥିଲା ଗୋଟେ ସଭ୍ୟ ଶିକ୍ଷିତ ସୋସାଇଟି ଭିତରେ ରହିବାକୁ ହେଲେ ବହୁତ କଟକଣା ଭିତରେ ରହିବାକୁ ପଡ଼ିବ ଓ ସେଠିକାର କଡ଼ା ସିକ୍ୟୁରିଟି ବ୍ୟବସ୍ଥା ତା' ମଦ୍ୟପ ସାଙ୍ଗମାନଙ୍କୁ ଭିତରକୁ ପଶିବାକୁ ଅନୁମତି ଦେବେନି । ତଥାପି ରେଣୁର ବହୁତ ବୁଝାଶୁଝା ପରେ ନିଖିଲ୍ ସେ ଜାଗା ଛାଡ଼ିବାକୁ ରାଜି ହେଇଥିଲା ।

> "ନାରୀ ସ୍ୱାଧୀନତା, ନାରୀ ସୁରକ୍ଷା ପାଇଁ ସମ୍ବିଧାନରେ ଯେତେ ନୂଆ ନିୟମ ପ୍ରଣୟନ ହେଲେ ବି ତାହା ଏତେ ବର୍ଷଧରି ଚାଲି ଆସୁଥିବା ପୁରୁଣା ସାମାଜିକ ନୀତିନିୟମ ଓ ପରମ୍ପରା ଉପରେ ଏତେ ଶୀଘ୍ର ପ୍ରଭାବ ପକେଇ ପାରେନି । ପରିବାର ଭିତରେ ଥିବା ଅନ୍ଧବିଶ୍ୱାସ, କୁସଂସ୍କାର ଓ ଲିଙ୍ଗଗତ ଭେଦଭାବ ମନୋବୃତ୍ତି ହିଁ ବେଳେବେଳେ ଝିଅମାନଙ୍କ ପ୍ରଗତିର ପଥରୋଧ କରି ଠିଆ ହୋଇଯାଏ । ସେଥିପାଇଁ ପ୍ରଥମେ ଅତି ଆପଣାର କୁହାଯାଉଥିବା ଲୋକମାନଙ୍କର ମାନସିକ ସଂସ୍କାରର ନିହାତି ଆବଶ୍ୟକ ।"

ରେଣୁ କାମରେ ଲାଗିଗଲା ପରେ ନିଖିଲ୍ ପାଇଁ ବି ଏକ କାମ ଯୋଗାଡ଼ କରିଦେଇଥିଲା । ନିଖିଲ୍‌ର କାମ ଥିଲା ପ୍ରତିଦିନ ସକାଳେ କେତେ ଜଣ ବାବୁଙ୍କର କାର୍ ସଫା କରିବା । ସେଠି ରହିବା ପରେ ବି ନିଖିଲ୍ ତା' ଅଭ୍ୟାସରୁ ମୁକୁଳି ନ ଥିଲା । କାର୍ ସଫା କରି ଯାହା ବି ଟଙ୍କା ପାଏ ସେ ସବୁ ମଦ ପିଇବାରେ ଉଡ଼େଇ ଦିଏ । ତଥାପି ରେଣୁ ଚୁପଚାପ୍ ଥିଲା ଆଉ ନିଜ ରୋଜଗାରରେ ପରିବାର ଚଳାଉ ଥିଲା । ନିଜ ରୋଜଗାରରୁ କିଛି କିଛି ସଞ୍ଚୟ କରିକରି ଗୋଟେ ଛୋଟ ସ୍କୁଲ୍‌ରେ ପିଲା ଦି'ଟାଙ୍କୁ ବି ପଢ଼ଉ ଥିଲା । କାରଣ ସେ ଚାହୁଁ ନଥିଲା ସେମାନେ ଯେମିତି ଜୀବନ ବିତାଉଛନ୍ତି ତାଙ୍କ ପିଲା ଦିଇଟା ସେମିତି ଜୀବନ ବିତାନ୍ତୁ । ବିଶେଷ କରି ନିଜ ଝିଅ ପାଇଁ ତା'ର ବେଶୀ ଚିନ୍ତା ଥିଲା । କାରଣ ସେ ଭଲ ଭାବରେ ଜାଣି ଥିଲା ଯେ ବିହାରରେ ତା' ଗାଁ ଭଳି ଗାଁମାନଙ୍କରେ ଜନ୍ମ ନେଇଥିବା ଝିଅମାନଙ୍କ ଭାଗ୍ୟରେ କ'ଣ ସବୁ ଥାଏ ? ସେମାନେ ଜୀବନ କେମିତି ବିତାନ୍ତି ? ସେ ଭଲ କରି ଦେଖିଛି, ଜାଣିଛି ଆଉ ନିଜେ ଅଙ୍ଗେ ନିଭେଇଚି । ସେଥିପାଇଁ ରେଣୁ ଚାହୁଁଥିଲା ଝିଅ ତା'ର କିଛି ପାଠ ପଢ଼ି ବାହାର ଦୁନିଆ ବିଷୟରେ କିଛି ଜାଣୁ, ନିଜ ଗୋଡ଼ରେ ନିଜେ ଠିଆ ହବା ଶିଖୁ; କିନ୍ତୁ ନିଖିଲ୍‌ର ଚିନ୍ତାଧାରା ସମ୍ପୂର୍ଣ୍ଣ ଭାବରେ ରେଣୁର ବିପରୀତମୁଖୀ ଥିଲା ।

ଝିଅ ଯୋଗ୍ୟା ହବା ଦିନଠାରୁ ରେଣୁ ସହ ନିଖିଲ୍ ସବୁଦିନ ଝଗଡ଼ା ଲଗେଇ ଚାଲିଥାଏ । ଝିଅ ଏବେ ବଡ଼ ହେଇ ଗଲାଣି । ତା'କୁ ବାହା ନ ଦେଲେ ଗାଁରେ, ନିଜ ପଡ଼ୋଶୀ ତଥା ସମାଜ ଆଗରେ ମୁଣ୍ଡ ଟେକି

ବାଟ ଚାଲି ହବନି । ଲୋକମାନେ କୁହାକୁହି ହେବେ, ବଡ଼ିଲା ଝିଅକୁ ବାହା ଦେଇ ନ ପାରି ଘରେ ରଖି ବସିଛନ୍ତି । ରେଣୁ ବୁଝି ପାରୁ ନ ଥିଲା ଝିଅଟିଏ ଯୋଗ୍ୟା ହବା ମାନେ କ'ଣ ତା'ର ସାଙ୍ଗେସାଙ୍ଗେ ବାହାହେବାଟା ନିହାତି ଜରୁରୀ? ଝିଅଟିଏ ଯୋଗ୍ୟା ହବା ଅର୍ଥ କ'ଣ ଖାଲି ପୁରୁଷର ଭୋଗ୍ୟା ହେବା ? ଖେଳିବା ବୁଲିବା ଓ ଜୀବନକୁ ଭଲଭାବରେ ବୁଝିବା ବୟସରେ ନିଜେ ଛୁଆ ଜନ୍ମ କରି ଗୋଟେ ଗୁରୁଦାୟିତ୍ୱକୁ ମୁଣ୍ଡ ଉପରକୁ ଟେକିନେବା ? ଯେମିତି କରିଥିଲା ସିଏ ନିଜେ ଆଉ ତା' ଯେମିତି କରୁଛନ୍ତି ତା' ଗାଁର ଆହୁରି ଅନେକ ଝିଅ! ହେଲେ ତା' ଝିଅକୁ ସେମିତି ଗୋଟେ ଜୀବନ ଦବାକୁ ରେଣୁ ବିଲ୍‌କୁଲ୍ ବି ପ୍ରସ୍ତୁତ ନ ଥିଲା । ସିଏ ଅନେକ କଷ୍ଟ ସହିଛି । ନିଖିଲ୍‌ଠୁ ମାଡ଼ ଖାଇବି ତା' ପାଇଁ କଡ଼ବାଚୌଥ୍ ଆଉ ବଟସାବିତ୍ରୀ ଉପାସ କରି ତା' ଲମ୍ବା ଆୟୁଷ ପାଇଁ ଠାକୁରଙ୍କୁ ଗୁହାରି କରିଛି । ପର ଘରେ ଅଇଁଠା ବାସନ ମାଜି, ମଇଳା ଲୁଗା କାଚି ପରିବାର ଚଳେଇଛି । ରାତି ଅଧରେ ନିଖିଲ୍ ମଦପିଇ ଘରେ ହଲ୍ଲାଚିଲା କଲେ କବାଟ ବନ୍ଦ୍ କରି ସୋସାଇଟି ଆଗରେ ତା' ମଦୁଆପଣକୁ ଛପେଇଛି । ଏସବୁ ସିନା ସିଏ ସହି ଯାଇଛି ହେଲେ ତା' ଝିଅ ସହିତ ଏସବୁ ସେ ହବାକୁ ଦବନି । ଝିଅ ଭାଗ୍ୟରେ ସେମିତି ଗୋଟେ ସମୟ ଆସିବା ଆଗରୁ ମା' ହିସାବରେ ସେ, ନିଶ୍ଚୟ ଢାଲ ହେଇ ତା'କୁ ସୁରକ୍ଷିତ ରଖିବ ।

ହେଲେ ନିଖିଲ୍ ତ ବୁଝିବାର ଜନ୍ତୁ ନ ଥିଲା । ପକ୍କା ବିହାରୀ ସେ ।

ତା'ର ସେଇ ଗୋଟେ ଜିଦ୍, ଝିଅର ପାଠ ପଢ଼ା ବନ୍ଦ୍ କରି ତା'ର ବାହାଘର କରିଦବା । ସେଥି ପାଇଁ ବି ସେ ମନେମନେ ବର ଠିକ୍ କରି ସାରିଥିଲା ସୋସାଇଟି ଗେଟ୍‌ରେ ସିକ୍ୟୁରିଟି କାମ କରୁଥିବା ବାଇଶ ବର୍ଷର ଜଣେ ବିହାରୀ ପିଲା ମୋହନ ସହିତ । ଝିଅ ସ୍କୁଲ୍‌କୁ ଯିବା ଆସିବାବେଳେ ମୋହନ କୁଆଡ଼େ ଝିଅକୁ ଦେଖିଛି, ଆଉ ତା'ର ଭାରି ପସନ୍ଦ ବି ହେଇଛି ।

ଝିଅ ବାହାଘର କଥାକୁ ନେଇ ଦିନ ରାତି ନିଖିଲ୍ ରେଣୁକୁ ବସେଇ ଉଠେଇ ଦେଉ ନ ଥିଲା । ଫଳରେ ଦୁହିଙ୍କ ଭିତରେ ସବୁବେଳେ ଯୁକ୍ତିତର୍କ ଝଗଡ଼ା ଲାଗି ରହୁଥିଲା । ପିଲାମାନେ ବି ବଡ଼ ବ୍ୟତିବ୍ୟସ୍ତ ହେଉଥିଲେ । ନା' ଭଲରେ ଖାଇ ପାରୁଥିଲେ, ନା' ଶୋଇ ପାରୁଥିଲେ, ନା' ଠିକ୍‌ରେ ପଢ଼ିପାରୁ ଥିଲେ । ରେଣୁ ନିଖିଲ୍‌କୁ ବୁଝେଇ ବୁଝେଇ ଥକି ଯାଉଥିଲା, ହେଲେ ନିଖିଲ୍‌ର ସେଇ ଗୋଟେ ଜିଦ୍ । ସଞ୍ଜରେ ପେଟରେ ମଦ ପଡ଼ିଗଲେ ଜିଦ୍ ତା'ର ଆହୁରି ଦଶଗୁଣ ବଢ଼ି ଯାଉଥିଲା । ରେଣୁ ଆଉ ପାରୁ ନ ଥିଲା ।

ନିଜ ଝିଅର ମଙ୍ଗଳ ପାଇଁ, ନିଜ ପିଲାଙ୍କ ଭବିଷ୍ୟ ପାଇଁ ସେଦିନ ଅତି ସୁଧାର କାମବାଲୀ ରେଣୁ ଦେଖେଇ ଥିଲା ତା' ଭିତରର ଉଗ୍ରରୂପକୁ ଯେମିତି ସେ ଏକ ନୂଆ ଅବତାର ନେଇଥିଲା । ଏତେ ଦିନଧରି ଯୋଉ ମଦ୍ୟପ ପତିକୁ ରେଣୁ ମ୍ୟାନେଜମେଣ୍ଟ କମିଟି ସଦସ୍ୟମାନଙ୍କ କଡ଼ା ଆଖି କବଳରୁ ଘଣ୍ଟ ଘୋଡ଼େଇ ରଖିଥିଲା, ସେଦିନ ସେ ନିଜେ ଯାଇ କମିଟି ପାଖରେ ନିଖିଲ୍ ବିରୁଦ୍ଧରେ ଅଭିଯୋଗ କରିଥିଲା । ସେଦିନ ସେ ନିଖିଲ୍ ବିଷୟରେ ସବୁ ସତକଥା କହି ତା' ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାବୁମାନଙ୍କୁ ନେହୁରା ହେଇଥିଲା । ରେଣୁ ଉପରେ ସମସ୍ତଙ୍କର ବିଶ୍ୱାସ ଥିଲା । ସେଦିନ ମ୍ୟାନେଜମେଣ୍ଟ କମିଟି ନିଖିଲ୍‌କୁ ଡାକି ଧମକେଇଥିଲା, ତା'ର ସେମିତି ବ୍ୟବହାରର ଆଉ ଦିନେ ବି ପୁନରାବୃତ୍ତି ହେଲେ ତା' ନାଁରେ ଥାନାରେ ଘରୋଇହିଂସା ମାମଲା ରୁଜୁ କରାଯିବ ବୋଲି ଏକ ଲିଖିତ ରାଜିନାମା ଉପରେ ତା'ର ଦସ୍ତଖତ ବି ନିଆ ଯାଇଥିଲା । ରେଣୁ ଏତେ ବର୍ଷ ଧରି ନିଜ ପାଇଁ ଯାହା କରିପାରି ନ ଥିଲା ସେଦିନ ନିଜ ଝିଅ ପାଇଁ କରି ତା' ଭବିଷ୍ୟର ଦିଗକୁ ବଦଳେଇ ଦେଇଥିଲା । ଏବେ ରେଣୁ ବେଶ୍ ସ୍ୱାଭିମାନରେ, ସ୍ୱାଧୀନ ଭାବରେ ନିଜ ଜୀବନ ବିତାଉଛି ଆଉ ନିଜ ହିସାବରେ ପିଲାମାନଙ୍କ ଭବିଷ୍ୟକୁ ନେଇ ସ୍ୱପ୍ନ ବି ସଜାଉଛି ।

ନାରୀ ସ୍ୱାଧୀନତା, ନାରୀ ସୁରକ୍ଷା ପାଇଁ ସମ୍ବିଧାନରେ ଯେତେ ନୂଆ ନିୟମ ପ୍ରଣୟନ ହେଲେ ବି ତାହା ଏତେ ବର୍ଷଧରି ଚାଲି ଆସୁଥିବା ପୁରୁଣା ସାମାଜିକ ନୀତିନିୟମ ଓ ପରମ୍ପରା ଉପରେ ଏତେ ଶୀଘ୍ର ପ୍ରଭାବ ପକେଇ ପାରେନି । ପରିବାର ଭିତରେ ଥିବା ଅନ୍ଧବିଶ୍ୱାସ, କୁସଂସ୍କାର ଓ ଲିଙ୍ଗଗତ ଭେଦଭାବ ମନୋବୃତ୍ତି ହିଁ ବେଳେବେଳେ ଝିଅମାନଙ୍କ ପ୍ରଗତିର ପଥରୋଧ କରି ଠିଆ ହୋଇଯାଏ । ସେଥିପାଇଁ ପ୍ରଥମେ ଅତି ଆପଣାର କୁହାଯାଉଥିବା ଲୋକମାନଙ୍କର ମାନସିକ ସଂସ୍କାରର ନିହାତି ଆବଶ୍ୟକ । ପ୍ରତ୍ୟେକ ମହିଳା ଜୀବନରେ କୌଣସି ବି ସମସ୍ୟାର ସମ୍ମୁଖୀନ କରିବା ପୂର୍ବରୁ ହାରିଯିବା ଉଚିତ୍ ନୁହେଁ । କାରଣ ସେମାନେ ବି ସମାଜର ଗୋଟେ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ସେମାନଙ୍କ ବିନା ସମାଜର ସ୍ଥିତି ଅସମ୍ଭବ । ଅସଲ କଥା ହେଲା କୌଣସି ପ୍ରତିକୂଳ ପରିସ୍ଥିତି ପାଖରେ ଏତେ ଶୀଘ୍ର ହାର୍ ମାନି ନ ଯାଇ ନିଜ ଭିତରେ ସୁପ୍ତ ଥିବା ଆତ୍ମ ବିଶ୍ୱାସକୁ ଜାଗ୍ରତ କରିବା ନିହାତି ଆବଶ୍ୟକ । ସେଦିନ ଯେମିତି ରେଣୁ ତା' ଭିତରର ସୁପ୍ତ ଶକ୍ତିକୁ ଜାଗ୍ରତ କରେଇ ତା' ସୃଷ୍ଟିକୁ, ତା' ଝିଅକୁ ଏକ ସୁରକ୍ଷିତ ଭବିଷ୍ୟତ ଉପହାର ଦେଇପାରିଥିଲା । ରେଣୁ ଭିତରେ ଥିବା ଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କୁ ପ୍ରଣାମ ନ କରି ମୁଁ ରହିପାରି ନ ଥିଲି ।

ନାରୀ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ନାରୀକୁ ହିଁ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ । ସେ ନିଜେ ନିଜ ଭିତରର ଶକ୍ତିକୁ ଜାଗ୍ରତ ନ କଲେ ସମାଜ କିଛି ନା' କିଛି ବାହାନାରେ ତା' ଉପରେ ନିର୍ଯାତନା କରି ଚାଲିଥିବ । ■■■

ସୂର୍ଯ୍ୟନଗର ଫେଜ୍-୧,
ଏମ୍ଆଇଜି ଆପାର୍ଟମେଣ୍ଟ, ଏମ୍‌ବି-୬
ଡୋର୍ ନଂ-୧୦୨, ବାଙ୍ଗାଲୋର୍-୫୬୦୦୮୧
ଦୂରଭାଷ : ୯୩୫୩୫୯୭୯୨୩



www.mgmmin.in
OUR PILLARS OF PROGRESS ARE STITCHED WITH PRIDE
...
Be it Mining, Steel, Garment, Biofuel, Tourism or Health Care; we are committed to social development and the deep-rooted principles of our beautiful nation to carry its legacy in touching human lives.
MGM
MGM MINERALS LTD.
65, Forest Park, Bhubaneswar - 751009, Odisha, India • Email: info@mgmmin.in
Canonfire / MGM

WITH BEST COMPLIMENTS FROM :
ଶାରଦୀୟ ଅଭିନନ୍ଦନ
ROUT INFRASTRUCTURE PVT. LTD.
Prop :
Bikram Rout
Cuttack.

With best Compliments From :
HAPPY HOME SCHOOL
HAPPY HOME SCHOOL SORO
WHERE SUCCESS BLOOMS REPEATEDLY, GLORY SHINES VIBRANTLY & FORTUNE SMILES EXUBERANTLY
Our Pearls...
SUBHRAJIT PARHI
M.B.S., SCB Medical College Cuttack - 2020
FARBIN SAAD
M.B.S., SCB Medical College Cuttack - 2021
SAGAR RAJ NAYAK
M.B.S., MBCH & H Bolangir - 2022
OUR KEY FEATURES
◆ Certified & Well Experienced Teachers
◆ Interactive Atmosphere
◆ Quality Education
◆ Loving and Caring Environment
Station Square, Soro
Mob.: 9338453981
9777136692
Our Achievementsin Last Years
MORE THAN 90%
2019-20 : 5 OUT OF 20 | 2020-21 : 5 OUT OF 17 |
2021-22 : 6 OUT OF 18 | 2021-22 : 6 OUT OF 18 |
100% RESULT

ଗୋପବନ୍ଧୁଙ୍କ 'ସତ୍ୟବାଦୀ'ର ସ୍ୱତନ୍ତ୍ର
ପୂଜା ବିଶେଷାଙ୍କ - ଶାରଦୀୟ ଦୁର୍ଗାପୂଜା
ଓ ଦୈନିକ 'ସମାଜ'ର ୧୦୫ତମ
ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

With Best Compliments :-

maithan
ISPAT LIMITED

Works : Kalinganagar Industrial Complex,
At : Dasmania, Dist- Jajpur-755026

କକ୍ଷଚ୍ୟୁତ ଉଲ୍‌କା

ମନୋଜ କୁମାର ମହାପାତ୍ର

ଏକାଧାରରେ ଔପନ୍ୟାସିକ, କଥାଶିଳ୍ପୀ, ଶିଶୁ ସାହିତ୍ୟିକ, ଜୀବନୀ ଲେଖକ, କବି ଓ ଅନୁବାଦକ । ଧାର୍ମିକ ଓ ସାମାଜିକ ସଙ୍ଗଠନ କାର୍ଯ୍ୟ କରନ୍ତି ।

ନୀଳ ମାଷ୍ଟ୍ରେ ଏକୁଟିଆ ନଡ଼ିଆ ଚଟେଇଟିଏ ବିଛାଇ ଗାଁ ଦାଣ୍ଡପିଣ୍ଡାରେ ବସିଥିଲେ । ଆଜିକାଲି ମୁହଁପୋଡ଼ା ବୈଶାଖୀ ଝାଞ୍ଜିଖରା ବୟାଳିଶ ଡିଗ୍ରୀ ଉପରେ । ଦିନବେଳେ କିଏ ବା ଘରୁ ଗୋଡ଼ କାଢ଼ିବ? ଦେଖୁନ କାମିନୀ ଗଛ ଛାଇରେ ଠିଆ ହେଇଥିବା ବୁଢ଼ା ଷଣ୍ଢଟା ପାଟିରୁ କେମିତି ଫେଣ ବାହାରୁଛି । ଖରାରେ ତା' ହଂସା ଉଡ଼ି ଯିବଣି । ଡାକ ପକାଇଲେ - ହଇରେ ହରିଆ ! ପାଣି ବାଲ୍‌ଟିଟା ଷଣ୍ଢ ଆଗରେ ରଖନା । ହରିଆ ଅଛି ଯେ ଶୁଣିବ ! ସେ ତ ଏବେ ନିଛାଟିଆ ଖରାବେଳରେ ବଗିଚାରେ ଆମ୍ବ ଗୋଟାଉଥିବ ।

ନୀଳ ମାଷ୍ଟ୍ରେ ଆଉ କରିବେ କ'ଣ ? ଗୁହାଳ ଘରେ ପଶି ବାଲ୍ଟିଏ ପାଣି ଆଣି ଷଣ୍ଢ ଆଗରେ ଥୋଇଲେ । ଆହା! କି ବିକଳ ଦୃଶ୍ୟ ସତେ ! ଏକା ନିଃଶ୍ୱାସକେ ପାଣିତକ ପିଇ ଷଣ୍ଢ ତାଙ୍କୁ ଅନାଇ ଗୋଟିଏ ପରିତୃପ୍ତ ହେକୁଟି ମାରିଲା, ଯେମିତି ଖରାଦିନେ ଗାଁ ପାଖ ଶୁଖିଲା ନଈରେ ପାଣି ବିକଳରେ ଛୋଟ ଚୁଆଟିଏ ହାତରେ ଖୋଳୁ ଖୋଳୁ ଉଛୁଳି ଆସେ କାଣିଆଙ୍ଗୁଳି ସରୁ ଧାରାଟିଏ ।

ଷଣ୍ଢଟି କୃତଜ୍ଞ ଆଖିରେ ଚାହିଁ ଥିବାବେଳେ ନୀଳ ମାଷ୍ଟ୍ରେ ସାମାନ୍ୟ ଛିଗୁଲେଇ କହି ଉଠିଲେ - ଆରେ ଅନେଇଛୁ କ'ଣ। ବୁଢ଼ା ହେଲେ ସମସ୍ତଙ୍କର ଏମିତି କାକୁସ୍ଥ ଚାହାଣି ହୁଏ। ଦେଖୁନୁ, ମୁଁ କେମିତି କାକୁସ୍ଥ ହେଇ ପ୍ରତି କ୍ଷଣ ବଞ୍ଚୁଛି।

ଆରେ ତୁ ତ ଶହେ କି ତଦୂର୍ଦ୍ଧ୍ୱ ସନ୍ତାନର ଜନକ ହେଇଥିବୁ, ତଥାପି ତୋ ପାଖରେ ସ୍ତ୍ରୀ ନାହିଁ କି ପୁଅ,ଝିଅ କେହି ନାହିଁ। ମୋର ଅବଶ୍ୟ ସ୍ତ୍ରୀ ଅଛି, ଦେଖିବୁ ଯା' ମୋ ବୁଢ଼ୀଟା ଏଇନେ କେମିତି ଛୁଞ୍ଚକନାରେ ଘର ଅଗଣାକୁ ଲିପୁଛି। ପୂରା ନଇଁ ଗଲାଣି, ଠୁକୁରି ବୁଢୀ, ମଝିରେ ମଝିରେ ଅଣ୍ଟା ସିଧା କରି ଲେପୁଛି। ଯେତେ କହିଲେ ସେ କ'ଣ ମୋ କଥା ଶୁଣୁଛି। କହିବ କାଲି ପରା ମା' ଗ୍ରାମଦେବତୀ କ୍ଷେତ୍ରପାଳଙ୍କର ଚଇତି ଘଟଗାଁ ସାରା ବୁଲିବେ, ଆମ ଘରକୁ ଆସି ବିରାଜିବେ। ଘରଟାକୁ ଗୋବରରେ ନ ଲିପିଲେ ଶୁଦ୍ଧ ହେବ କେମିତି?

ଏତିକିବେଳେ ହରିଆଟା ପାଛିଆଏ କଞ୍ଚା ଆମ୍ବ ଧରି ପହଞ୍ଚି ଯାଇ କହିଲା - ମାଷ୍ଟ୍ରେ! ଆମ୍ବ ଏଠି ରହିଲା, ମୁଁ ଚାଲିଲି, ଆସୁଆସୁ ରାତି ଅଧ ହେବ।

ନୀଳ ମାଷ୍ଟ୍ରେ କହିଲେ - ତୁ କୁଆଡ଼େ ଯିବୁ?

ଆଉ କୁଆଡ଼େ ଯିବି, ଏଇନେ ଇଲେକ୍ସନ ବଜାର, ଜାଣିନ କି ? ଖରା କମିଲା ମାତ୍ରେ ସବୁ ଦଳର ନେତା ବାହାରିବେ ପ୍ରଚାର ପାଇଁ। ଗୀତ, ନାଚ, ବାଜା ଗହଣରେ ନେତାମାନେ ଫୁଲମାଳ ବେକରେ ଝୁଲାଇ ଗାଁ ଗାଁ ବୁଲିବେ। ଢୋଲ କି ଢୋଲକି ବଜାଇବା ପାଇଁ ବିଜେଡ଼ି, ବିଜେପି, କଂଗ୍ରେସ ଦଳ ପାଖରୁ ଆଡଭାନ୍ସ ନେଇଛି। ଆଜି କଂଗ୍ରେସର ପାଳି ଅଛି।

ଏଇ ସମୟରେ କାମିନୀ ଗଛ ମୂଳରେ ଠିଆ ହେଇଥିବା ଷଣ୍ଢଟା ଗୋଟେ ଜବରଦସ୍ତ ବୋବାଳି ଛାଡ଼ିଲା। ହରିଆ କହିଲା - ଶଃ... ବୁଢ଼ା ହେଲାଣି, ଦେଖୁନ କେମିତି ତା'ର ଦର୍ପ ମଉଳିନି! ବୁଝିଲ ମାଷ୍ଟ୍ରେ, ଏ ଶଳା ଷଣ୍ଢ ବିଲରେ ଗୋଟେ ବି ବୋଇତାଳୁ ଡଙ୍କ କି ଫୁଲ ଫଳ ରଖୁନି। ଚୁପ୍‌କିନା ରାତିରେ କିଆରିରେ ପଶି ବୋଇତାଳୁ କିଆରିକୁ ଉଜାଡ଼ି ଦେଉଛି। ତୁମେ କ'ଣ ଯା'ର କରାମତି ଜାଣିନ ? ଯୁଆନ ବୟସରେ ଇୟେ ପରା ପାଢ଼ୀଘର ବାଡ଼ି ଦୁଆର ବାଟେ ହାଣ୍ଡିଏ ପଖାଳ ଖାଇବା ଲାଳସାରେ ଘରକୁ ପଶିଗଲା ଯେ ଆଉ ଘରୁ ବାହାରି ପାରିଲାନି, ଶେଷରେ ଦୁଆର ବନ୍ଧ ଭଙ୍ଗା ଗଲା, ତା'ପରେ ବାବୁ ବାହାରିଲେ।

ମାଷ୍ଟ୍ରେ କହିଲେ – ଓହୋ.... ଏବେ ବୁଝିଲି। ଜାଣିଛୁ, ଇଏ ପରା ଉମବାବୁଙ୍କ ଷଣ୍ଢ? ଆମ ଇଲାକାରେ ଯେତେ ଷଣ୍ଢ ଏଇନେ ରାସ୍ତା ଘାଟରେ ବୁଲନ୍ତିନା, ଆମର ଏଇ ଉମବାବୁଙ୍କ ଷଣ୍ଢ ସହିତ କେହି ତୁଳନା ହେଇ ପାରିବେନି। ଚାଲି ଏହାର ରାଜକୀୟ, ହମ୍ବା ରଡ଼ି ଗମ୍ଭୀର ଓ ଘଡ଼ଘଡ଼ି ଶବ୍ଦ ଭଳି ସୁଦୂରପ୍ରସାରୀ, ତୁଷାରାବୃତ ହିମାଳୟ ପରି ଦେହର ରଙ୍ଗ, କାଜଲ ପିନ୍ଧା ଆଖି, ଈଷତ୍ କଳା ହୁଙ୍କା, ଦୁଇଟି ଶିଙ୍ଗ ଦ୍ୱିତୀୟା ଜହ୍ନ ପରି ବକ୍ରାକୃତି। ପୁଣି ଷଣ୍ଢ ଲଢ଼େଇରେ ଜଗତଜିତା। ବାପରେ ବାପ ତା'ର କି ଅପ୍ରମେୟ ବଳ!

ହଁ ପରା, ରାସ୍ତାରେ ଯାଉଥିବାବେଳେ କାହାର ଅନିଷ୍ଟ କରେନି। ପ୍ରଚଣ୍ଡ ବଳବାନ ହେଇକି ଅଯଥାରେ କାହାକୁ ହଇରାଣ ହରକତ କରେନି; କିନ୍ତୁ ଯେତେବେଳେ ଖୁବ୍ ରାଗିଥିବ, ତାକୁ କେହି ଶାନ୍ତ କରି ପାରିବେନି। ସେତେବେଳେ ତୁମକୁ ଡକା ଯିବ। ତୁମର ଢୋଲକି ବାଜା ଶୁଣି ଖୁବ୍ ଶାନ୍ତ ହେଇଯିବାର ମୁଁ ବହୁତ ଥର ଦେଖିଛି ବୋଲି ହରିଆ କହିଲା।

ତା'ପରେ ହରିଆ ହୁଁ ଟିଏ ମାରି କାନ୍ଧରେ ଢୋଲ ଝୁଲାଇ ଚାଲିଗଲା।

ନୀଳ ମାଷ୍ଟ୍ରେ ଇତ୍ୟବସରରେ ଦେଖିଲେ - ଷଣ୍ଢ ତାଙ୍କୁ ନିର୍ନିମେଷ ନୟନରେ ଚାହିଁଛି। ସେ ବି ତା'କୁ ଏକ ଲୟରେ ଚାହିଁଲେ। ତାଙ୍କୁ ଲାଗିଲା ସତେ ଯେପରି ଷଣ୍ଢ ହସୁଛି ? ଷଣ୍ଢ ତ କେବେ ହସି ପାରିବନି, ତେବେ ହସୁଛି କାହିଁକି? ଓହୋ... ଏଇଥିପାଇଁ ସେ ହସୁଛି ବୋଧେ। ବଳଦ ହେବାର ସମ୍ଭାବନାରୁ ତା'କୁ ବଞ୍ଚାଇ ଷଣ୍ଢ ହେବାର ପଥରେ ଯାତ୍ରୀ କରାଇଥିଲି ବୋଲି ତା'ର ହସରୁ ମୋତେ ଜଣାପଡ଼ୁଛି।

ହଁ, ବୋଧେ ଦଶ କି ପନ୍ଦର ବର୍ଷ ତଳେ ଢୋଲକି କାନ୍ଧରେ ଝୁଲାଇ ଏକଦା ତାଳପଡ଼ା ଗାଁକୁ ଯାଉଥିଲି। ସେଠାରେ ଗୋଟିଏ ଚାଟଶାଳୀରେ ଦଶ ବାର ଜଣ ପିଲାଙ୍କୁ ଢୋଲକି ବଜାଇବା ଶିଖାଏ। ହଠାତ୍ ଉମବାବୁଙ୍କ ସାଙ୍ଗରେ ଦେଖା ହେଇଗଲା ବାଟରେ। ସେ କହିଲେ - ଆରେ ନୀଳ, ମୋ ଅଣ୍ଡିରା ବାଛୁରୀ କି ଟିକେ ବରେଇ ଦେବୁ ? ତା'ର ବୟସ ହେଇଗଲାଣି। ଆଜି ସୋମବାର। ଭଲ ଦିନ।

ଯେହେତୁ ଅଣ୍ଡିରା ବାଛୁରୀକୁ ଆମ ଅଞ୍ଚଳରେ ବ୍ରତ କରି ଦି'ପଇସା ରୋଜଗାର କରେ, ମୁଁ ତାଙ୍କ ପ୍ରସ୍ତାବରେ ରାଜି ହେଇଗଲି। ଯେତେବେଳେ ବାଛୁରୀଟିକୁ ବ୍ରତ କରାଇବାର ଉପକ୍ରମ ଆରମ୍ଭ କଲି, ଦେଖିଲି ତା'ର ଆଖିରେ ଉଙ୍କିମାରୁଛି ଅସାଧାରଣ ଜ୍ୟୋତି ଏବଂ ଧୋବ ଫରଫର ଦେହରେ ହୁଙ୍କାର ଉଚ୍ଚତା ଗିରିଶୃଙ୍ଗ ଭଳି ସିଧା ଦଣ୍ଡାୟମାନ।

> "ତାଙ୍କୁ ଲାଗିଲା ସତେ ଯେପରି ଷଣ୍ଢ ହସୁଛି? ଷଣ୍ଢ ତ କେବେ ହସି ପାରିବନି, ତେବେ ହସୁଛି କାହିଁକି? ଓହୋ... ଏଇଥିପାଇଁ ସେ ହସୁଛି ବୋଧେ। ବଳଦ ହେବାର ସମ୍ଭାବନାରୁ ତା'କୁ ବଞ୍ଚାଇ ଷଣ୍ଢ ହେବାର ପଥରେ ଯାତ୍ରୀ କରାଇଥିଲି ବୋଲି ତା'ର ହସରୁ ମୋତେ ଜଣାପଡ଼ୁଛି।"

ଉପଚାର ସାମଗ୍ରୀ ମୋ ହାତରୁ ଆପେ ଖସିପଡ଼ିଲା ତଳେ। ମନରେ ହଠାତ୍ ଏକ ଦିବ୍ୟ ଆବେଗ ଦ୍ୱାରା କିଛି କ୍ଷଣ ଆଚ୍ଛନ୍ନ ହେଲି। ଭାବବିହ୍ୱଳ ହେଇ ଗୁଣୁଗୁଣୁ ସ୍ୱରରେ କହି ଉଠିଲି – ଯା'କୁ କିଏ ବଳଦ କରିବ ଲୋ ମା, ଇୟେ ତ ଆଜନ୍ମ ବୃଷଭ!

ସାଙ୍ଗେ ସାଙ୍ଗେ ଉମ ବାବୁଙ୍କୁ କହିଲି - ଆଜ୍ଞା ମୋ ପରାମର୍ଶ ଟିକେ ଶୁଣିବେ ?

ଉମବାବୁ କହିଲେ – କ'ଣ କହୁଛ ନୀଳ?

ଦିବ୍ୟ ଭାବନାରେ ନିମଗ୍ନ ହେଇ କହି ଉଠିଲି - ଆଜ୍ଞା, ଯାକୁ ବୃଷଭ ହେବାକୁ ଦିଅନ୍ତୁ। ଇଏ ଯାଇତାଇ ଅଣ୍ଡିରା ବାଛୁରୀ ନୁହେଁ; ବରଂ ଆଜନ୍ମ ବୃଷଭ ନନ୍ଦି।

ଉମବାବୁ ଖୁବ୍ ଜୋର୍‌ରେ ହସି କହିଲେ - ହଁ ହଁ, ଜନ୍ମଠାରୁ ବାଛୁରୀଟି ଭିତରେ ଏକ ପ୍ରକାର ଭିନ୍ନତା ଲକ୍ଷ୍ୟ କରିଛି। ହଉ ହେଲା, ତୁମେ ତ କେତେ ବାଛୁରୀକୁ ବ୍ରତ କରିଛ, ଯଦି ଏଇଟି ତୁମକୁ ଅସାଧାରଣ ଲାଗୁଛି, ତେବେ ସେ ଷଣ୍ଢ ହେଉ। ବଳଦର କଷଣ ତା'କୁ ଆଉ ଭୋଗିବାକୁ ପଡ଼ିବନି।

ନୀଳ ମାଷ୍ଟ୍ରେ ଭାବନା ଜଗତରୁ ଓହ୍ଲାଇ ଆସି ପ୍ରକୃତିସ୍ଥ ହେଲାବେଳକୁ ଦେଖିଲେ ଯେ ଷଣ୍ଢଟି ମନ୍ଥର ଗତିରେ ଆସି ପ୍ରାୟ ପିଣ୍ଡାଠାରୁ ପାଞ୍ଚହାତ ଦୂରରେ ଠିଆହେଇଛି। ଫେରେ ଦାନ୍ତ ନିକୁଟି ମୁଣ୍ଡକୁ ହଲାଉଛି।

ଓହୋ... ବୁଝିଲି। ଶିବ ତାଣ୍ଡବ ଧ୍ୱନି ଶୁଣିବୁ? ଆଗରୁ ବହୁବାର ମଝିରେ ମଝିରେ ଷଣ୍ଢ ଏମିତି ତାଙ୍କ ପାଖରେ ଆସି ଛିଡ଼ା ହୁଏ, ମୁଣ୍ଡକୁ ବିଚିତ୍ର ଢଙ୍ଗରେ ହଲାଏ, ଶିବ ତାଣ୍ଡବ ବାଜା ବାଜିଲେ, ଧୀର ସ୍ଥିର ହେଇ ଶୁଣେ, ପୁଣି ଚାଲିଯାଏ ତା'ବାଟରେ।

ନିଜ ବସିଥିବା ଜାଗାରେ କାନ୍ଥକୁ ଆଉଜି ଥୁଆ ହେଇଥିବା ଢୋଲକି ଆଣି ନୀଳ ମାଷ୍ଟ୍ରେ କୋଳରେ ଥୋଇ ବଜାଇଲେ ଶିବ ତାଣ୍ଡବ ଧ୍ୱନିର ତାଳ। ବୁଢ଼ା ହେଲେ ବି ତାଙ୍କର ହାତ ଶିଥିଳ ନ ଥିଲା। ବାଜାର ତାଳେ ତାଳେ ଷଣ୍ଢ ବୁଢ଼ା ହେଲେ ବି ଖୁରା ଛାଟି ଧୂଳି ଉଡ଼ାଇବାରେ ପ୍ରଚଣ୍ଡତା କମି ନ ଥିଲା। କିଛି ସମୟ ଅତିକ୍ରାନ୍ତେ ବାଜା ବନ୍ଦ ହେଲା, ଷଣ୍ଢ କୃତଜ୍ଞତାର ମୁଣ୍ଡ ହଲାଇ ଚାଲିଗଲା ତା' ବାଟରେ।

ନୀଳ ମାଷ୍ଟ୍ରେ ଭାବିଲେ - ଦେଖ ହୋ ପଶୁ ହେଲେ ବି ତା'ର ରହିଛି ମୋ ପ୍ରତି ଭଲପାଇବା ଓ ସେ ମୋ ଠାରେ କୃତଜ୍ଞ ମଧ୍ୟ। ବଳଦ ଭଳି ଏକ ଯନ୍ତ୍ରଣାଦାୟକ ଜୀବନରୁ ମୁକ୍ତି ଦେଇଛି ବୋଲି ସେ ମୋତେ ଏବେ ସୁଦ୍ଧା ଭୁଲି ପାରୁନି; କିନ୍ତୁ ମୋର ଏକମାତ୍ର ପୁଅ ବିଶୁଆ ମୋ'ଠୁ ଦୂରେଇଗଲା ଯେ ଦୂରେଇଗଲା। ତା'ର ଆଉ ଖୋଜଖବର ନାହିଁ।

ବିଶୁଆଟାକୁ କେତେ ସରାଗରେ ଶିଖାଇଥିଲି ଢୋଲକି, ତୁବି ତବଲା ଭଳି କେତେପ୍ରକାର ବାଦ୍ୟଯନ୍ତ୍ର। ସବୁଥିରେ ତା'କୁ ବେଶ୍ ସୁନାମ ମିଳିଥିଲା। ଆମ ଗାଁ ସମେତ ଆଖପାଖ ଅଞ୍ଚଳରେ ବାଜା ବଜାଇ ଭଲ ରୋଜଗାର କଲା। ଭାବିଥିଲି ବୁଢ଼ା କାଳଟା ମୋର ଭଲରେ କଟିବ। ହାତକୁ ଦି'ହାତ କରିବା ପୂର୍ବରୁ ଗୋଟିଏ ମେଲୋଡି ପାର୍ଟି ସହିତ ସାମିଲ ହେଇ ଚାଲିଗଲା ମୁମ୍ବାଇ। ଆଉ କ'ଣ ସେ ଫେରିଲାକି ?

> "ନୀଳ ମାଷ୍ଟ୍ରେ ଷଣ୍ଢ ପେଟ ଉପରେ ମୁଣ୍ଡ ରଖି ବାହୁନି ବାହୁନି କହୁଥିଲେ - ତୁ ପଶୁ ନ ଥିଲୁରେ ବାବା, ତୁ ଥିଲୁ ଆମ ଅଞ୍ଚଳର ନନ୍ଦି। କକ୍ଷଚ୍ୟୁତ ଚମକପ୍ରଦ ଉଲ୍‌କା ପରି ଦିନେ ଆମ ଅଞ୍ଚଳକୁ ଆସିଥିଲୁ, ପୁଣି ଆଜି କୃତଜ୍ଞତାର ବାସ୍ନା ମହକାଇ ବାହୁଡ଼ି ଗଲୁ ତୋର ଅଫେରା ଜଗତକୁ। ମୋ ପାଖରୁ ବୁନ୍ଦାଏ ଉପକାର ପାଇ, ଭସାଇ ଦେଲୁ ତୁ ମୋତେ ତୋର କୃତଜ୍ଞତାର ସାଗରରେ ଜୀବନ ଯାକ।"

ମାସକୁ ମାସ କେଇଟା ଟଙ୍କା ପଠାଇଲା, କିଛିବର୍ଷ ପରେ ତାହା ବି ବନ୍ଦ କରିଦେଲା। ଶୁଣିଲି ଯେ ବାହାଚୁରା ହେଇ ସେଠି ବେଶ୍ ଭଲ ପଇସା କମଉଛି, ହେଲେ ଦଶବର୍ଷ ହେଲା ତା'ର ଆଉ ଖୋଜ୍‌ଖବର ନାହିଁ।

କେତେ ପିଲାଙ୍କୁ ମୁଁ ଢୋଲକି, ତବଲା ନ ଶିଖାଇଛି ହୋ ? ଆମ ଗାଉଁଲି ଅଞ୍ଚଳରେ ଏମିତି ଜଣେ ଢୋଲକି ବାଦକ କି ତବଲା ବାଦକ ନାହିଁ ଯିଏ ମୋର ଛାତ୍ର ନୁହେଁ। ହେଲେ କ'ଣ ହେବ ? ଏଇ ଛାତ୍ରମାନେ ବାଟରେ ଘାଟରେ କେବେ କେମିତି ଦେଖା ହେଇଗଲେ ମାଷ୍ଟ୍ରେ କହି ଲମ୍ବା ଚଉଡ଼ା ଜୁହାରଟିଏ ପକାନ୍ତି; କିନ୍ତୁ ମୋର ଦାରିଦ୍ର୍ୟ ଦେଖି ପଇସାଟିଏ କେହି ଦିଅନ୍ତିନି। ତା'ବାଦେ ଆଜିକାଲି ବୁଢ଼ା ହେଇଯିବାରୁ କେହି ମୋତେ ବଜାଇବାକୁ ଡାକନ୍ତିନି। ଆଉ କ'ଣ ବୟସ ଅଛି ଯେ ବଜାଇ ପାରିବି ?

ହରିଆଟା ମୋ ପାଖରୁ ଢୋଲକି ଶିଖୁଛି ବୋଲି କେତେବେଳେ କେମିତି ମୋର ବୋଲହାକ ଶୁଣୁଛି। ତା'ବାଦେ ବୁଢ଼ୀକି ବଡ଼ମା' ଡାକି ତା' ହାତରେ ଧରାଇଦିଏ କେତେବେଳେ କେମିତି ଟଙ୍କା ଶହେ ଦୁଇଶହ। ଶିଖି ସାରିବା ପରେ ସେ ବି ଅନ୍ୟ ଛାତ୍ର ଭଳି ଉଡ଼ିଯିବ। କିଛିଦିନ ତଳେ କ'ଣ କହୁଥିଲା ତ ହରିଆ, କଳାକାର ପାଇଁ ପେନ୍‌ସନ୍ ମିଳିବ। ଫର୍ମ ପୂରଣ କରି ମୋର ଦସ୍ତଖତ ନେଇଛି, ତା ସାଙ୍ଗକୁ ମୋ ଫଟୋ, ଆଧାର କାର୍ଡ, ଇନ୍‌କମ ସାର୍ଟିଫିକେଟ ଇତ୍ୟାଦି ସେଥିରେ ଗୁନ୍ଥି ବ୍ଲକ ଅଫିସ୍‌ରେ ଜମା କରିଛି। ଯଦି ହେଇଯାନ୍ତା, ମାସକୁ କାଳେ ଚାରି ହଜାର ପେନ୍‌ସନ୍ ମିଳିବ ବୋଲି ସେ କହୁଥିଲା। ଦେଖାଯାଉ କ'ଣ ହେଉଛି?

ହରିଆର ଆଠଦିନ ହେବ ଦେଖାନାହିଁ।

କୁଆଡ଼େ ଗଲା, ଇଲେକ୍ସନ ପ୍ରଚାରରେ ମାତିଛି ନା କ'ଣ । ଏମିତି ଭାବୁଭାବୁ ହରିଆର ପାଟି ଶୁଭିଲା ଘର ଅଗଣାରେ । ସେ ବୁଢ଼ୀକୁ କହୁଥିଲା - ଆଲୋ ବଡ଼ମା', ନେଲୁ ପାଁଶହ ଟଙ୍କା । ଘରଖର୍ଚ୍ଚ କରିବୁ । ଏଇ ଆଠ ଦିନ ଭିତରେ ଭଲ ପଇସା କମେଇଛି ।

ନୀଳ ମାଷ୍ଟ୍ରେ ଟିକେ ଆଶ୍ୱସ୍ତ ହେଲେ, ଟଙ୍କାଟିଏ ଘରେ ନ ଥିଲା ତ । ହରିଆଟା ଢୋଲକି ଓ ତବଲା ବାଦ୍ୟ ଶିଖୁଛି, ଯାହାହେଉ ତା' ପାରୁପର୍ଯ୍ୟନ୍ତ କିଛି ଦେଉଛି ବୋଲି ଘର ଚାଲିଛି । ନ ହେଲେ ଚୁଲି ଜଳନ୍ତାନି ।

ଇତ୍ୟବସରେ ହରିଆ ପହଞ୍ଚି କହିଲା - ମାଷ୍ଟ୍ରେ! ଏଇ ଝାଡ଼ପଟା ଗାଁର ହୁତାଶନ ଜେନା ଯିଏ ଆଗରୁ ସରପଞ୍ଚ ଥିଲା, ଏବେ ବ୍ଲକ ଚେୟାରମେନ୍, ସେ ତୁମର ଛାତ୍ର ନା ?

ମାଷ୍ଟ୍ରେ ଆଖି ପିଛୁଳାକେ କହିଲେ - ହଁ ହଁ, ସେ ପରା ମୋ ଠୁ ହାରମୋନିୟମ୍ ଶିଖୁଛି, ଭାରି ପାରଙ୍ଗମ ବଜାଳି । ମୋତେ ଭାରି ସମ୍ମାନ ଦିଏ । କ'ଣ ହେଲା କି ?

ତୁମର କଳାକାର ପେନ୍‌ସନ୍ ଦରଖାସ୍ତଟା ବ୍ଲକ ଅଫିସ୍‌ରେ ପଡ଼ିଛି । ଅଫିସ୍‌ବାଲା ପାଞ୍ଚ ହଜାର ଘୁସ୍ ମାଗୁଛନ୍ତି । ଚାଲ ନା ଟିକେ ତାଙ୍କୁ କହିବ ଦରଖାସ୍ତକୁ ସୁପାରିସ୍ କରି ସରକାରଙ୍କର ଉପର ଅଫିସ୍‌କୁ ପଠାଇଦେବେ ।

ହଉ ଚାଲୁନୁ ଥରେ ଯିବା । ମୁଁ କହିଲେ ମୋ କଥା ନିଶ୍ଚୟ ଶୁଣିବ, ନୀଳ ମାଷ୍ଟ୍ରେ ଦୃଢ଼ ସ୍ୱରରେ କହିଲେ ।

ସୋମବାର ଦିନ, ଶୁଭବେଳାରେ ହରିଆ ସହିତ ନୀଳ ମାଷ୍ଟ୍ରେ ବ୍ଲକ ଅଫିସ୍ ଅଭିମୁଖେ ଗୋଡ଼ କାଢ଼ିବା କ୍ଷଣି ଦେଖିଲେ ଘର ଆଗ କାମିନୀ ଗଛମୂଳରେ ଷଣ୍ଢ ଶୋଇଛି । ଖୁସିରେ ତା' ପାଖକୁ ଯିବା କ୍ଷଣି ଷଣ୍ଢ ଧଡ଼ପଡ଼ ହେଇ ଠିଆ ହେଲା । ନୀଳ ମାଷ୍ଟ୍ରେ ତା'ର ମୁଣ୍ଡ, ଶିଙ୍ଗ ଓ ଗଳାକୁ ଆଉଁଶି କହିଲେ- ଆରେ ନନ୍ଦି! ଗୋଟେ ଶୁଭ କାମରେ ଯାଉଛି, ନେ ଏଇ ଫେଣେ କଦଳୀ ଖାଆ । ଯଦି କାର୍ଯ୍ୟଟା ସଫଳ ହେବ, ତେବେ ତୁ ସବୁଦିନେ କୁଣ୍ଡା ତୋରାଣି ମଧ୍ୟାହ୍ନ ଭୋଜନ ଆମ ଘରେ କରିବୁ । ଚିନ୍ତା କରନା । ଷଣ୍ଢ ମୁଣ୍ଡ ହଲାଇଲା ।

ନୀଳ ମାଷ୍ଟ୍ରେ ସଅଳ ପାଦରେ ଆଗକୁ ଚାଲିଲେ । ବାଟରେ ଚାଲୁ ଚାଲୁ କହିଲେ - ଆରେ ହରିଆ ଜାଣିଛୁ, ଉମ ବାବୁଙ୍କ ଦେହାନ୍ତ ପରେ ତାଙ୍କ ବଂଶରେ ଇନ୍ଦ୍ରମଣି ବାବୁ ଯିଏ ଜଣେ ବିଚକ୍ଷଣ ଗଣିତ ଶିକ୍ଷକ ଥିଲେ, ସେ ଗାଁରେ ବିଶ୍ୱନାଥ ଶିବ ମନ୍ଦିରଟିଏ ପ୍ରତିଷ୍ଠା କରିଥିଲେ । କେବଳ ସେତିକି ନୁହେଁ, ଷଣ୍ଢକୁ ମହାଦେବଙ୍କର ନନ୍ଦି ଭାବରେ ଅନନ୍ତା କରି ଛାଡ଼ି ଦେଇଥିଲେ ।

ବ୍ଲକ୍ ଅଫିସ୍‌ରେ ପହଞ୍ଚି ଦେଖନ୍ତି ଯେ ଚେୟାରମ୍ୟାନ ଆସି ନାହାନ୍ତି । ବଡ଼ବାବୁ କହିଲେ - ସାର୍ ଅଧଘଣ୍ଟା ଭିତରେ ଆସିବେ । ଯାହାହେଉ ଚେୟାରମ୍ୟାନ କିଛି ସମୟ ଅତିକ୍ରାନ୍ତେ ପହଞ୍ଚିବାରୁ ନୀଳ ମାଷ୍ଟ୍ରେଙ୍କୁ ଦେଖି ନମସ୍କାର କରିବା ତ ଦୂରର କଥା, ପଦଟିଏ କଥା ନ କହି ତାଙ୍କ ଚାମ୍ବର ଭିତରକୁ ପଶିଗଲେ । ନୀଳ ମାଷ୍ଟ୍ରେ ତାଙ୍କ ପଛେ ପଛେ ପଶି ସବୁ କଥା ଜଣାଇଲେ ।

ଚେୟାରମ୍ୟାନ ସାମାନ୍ୟ ରୁକ୍ଷ ଗଳାରେ କହିଲେ– ଦେଖ ମାଷ୍ଟ୍ରେ! କଳାକାର ଭାବରେ ନିଜକୁ ପ୍ରମାଣ କରିବା ପାଇଁ କୌଣସି ସାର୍ଟିଫିକେଟ ତୁମ ପାଖରେ ନାହିଁ । କେମିତି ପେନ୍‌ସନ୍ ପାଇବ? ମୁଁ କ'ଣ ଆକାଶରୁ ସାର୍ଟିଫିକେଟ ତୋଳି ଆଣିବି?

ନୀଳ ମାଷ୍ଟ୍ରେ ଗର୍ଜି ଉଠିଲେ – କ'ଣ ହେଲା? ଆମ ଅଞ୍ଚଳରେ ତୁମ ଭଳି କେତେ ଛାତ୍ର ମୋର ଅଛନ୍ତି । ତୁମେମାନେ କ'ଣ ଜାଣନି ମୁଁ ଜଣେ ବାଦ୍ୟ କଳାକାର ଯିଏ ଏଇ କଳାରେ ସାରା ଜୀବନ ବିତାଇ ବୁଢ଼ା ହେଲିଣି । ତୁମେ ଏତେ ବଡ଼ ପଦରେ ବସିଛ, ଗୋଟେ ସାର୍ଟିଫିକେଟ ମୋତେ ଦେଇ ପାରିବନି କି କେଉଁଠୁ ମିଳିବ ତା'ର ପଦ୍ଧତି ବତାଇ ପାରିବନି? ଏଣେ ସାର୍ଟିଫିକେଟ ଦବା ପାଇଁ ତୁମ ଅଫିସ୍ ବାବୁ ମାଗୁଛନ୍ତି ପାଞ୍ଚ ହଜାର ଟଙ୍କା ଘୁସ୍?

ଚେୟାରମ୍ୟାନ୍ ହୁତାଶନ ବାବୁ ହଠାତ୍ ରାଗରେ ହୁତାଶନ ହେଇ ଠିଆ ହେଇପଡ଼ିଲେ । ତାଙ୍କ ଦେହଟା କଟା ଛେଳି ଫଡ଼ିଆ ଭଳି ପ୍ରବଳ ଥରୁଥିଲା । ସେ କହିଲେ - ମାଷ୍ଟ୍ରେ ମୁହଁ ସମ୍ଭାଳି କଥା କୁହ, ଘୁସ୍ ଫୁସ୍ ମୁଁ କିଛି ଜାଣିନି । ସାମାନ୍ୟ ଗାଉଁଲି ବାଜା ବଜାଳି, ମୋତେ କହୁଛି ଘୁସ୍‌ଖୋର । ଶଃ.... ଗେଟ୍ ଆଉଟ୍ ।

ହରିଆର ଟୋକାଳିଆ ଛାତିଟା ସେତେବେଳକୁ ରାଗ ଓ ଘୃଣାରେ ଫୁଲି ଉଠୁଥିଲା ଓ ଅଣଚାଶ ପବନ ତା'ର ଦୁଇ ନାକରୁ ଭୁସ୍‌ଭୁସ୍ ବାହାରୁଥିଲା । ସେ ଥରଥର କଣ୍ଠରେ କହିଲା- ମୁଁ ଜାଣିଛି ପରା ତୁମ ଭଳି ରାଜନୀତିଆ ନେତାମାନେ କେତେବେଳେ ଭୋଟ୍ ପାଇଁ ଲୋକଙ୍କ ଗୋଡ଼ ଧରିବେ ତ,

ଭୋଟ୍ ପାଇ ଗାଦିରେ ବସିଲେ ଆମ ଭଳି ଗରିବ, ଖଟିଖିଆ ମେହେନତି ମଣିଷର ତୃଟି ଧରିବେ ।

ନୀଳ ମାଷ୍ଟ୍ରେ ଜଣେ ଉଚ୍ଚ ପଦଧାରୀ ପୁରାତନ ଛାତ୍ର ଦ୍ୱାରା ଏପରି ଅପମାନିତ ହେବେ ବୋଲି ସ୍ୱପ୍ନରେ ଭାବି ନ ଥିଲେ । ନିଜର ବାଦ୍ୟ କଳା ପାଇଁ ସମସ୍ତେ ତାଙ୍କୁ ପ୍ରଶଂସା କରନ୍ତି ଓ ସମ୍ମାନ ଦିଅନ୍ତି; କିନ୍ତୁ କାହାଠାରୁ ଏମିତି ଅପମାନ ପାଇ ନ ଥିଲେ ଜୀବନ କାଳରେ, ପୁଣି ଜଣେ ପୁରାତନ ଛାତ୍ରଠାରୁ ।

ବାଟରେ ହରିଆ ଆଶ୍ୱାସନା ଦେଇ କହୁଥିଲା - ମାଷ୍ଟ୍ରେ ଚିନ୍ତା କରନି, ଏଇ ହୁତାଶନ ବାବୁଙ୍କୁ ଦଳ ଏଥର ନିର୍ବାଚନରେ ଟିକଟ ଦେଇନି । ଜଣେ ଭଲ ପ୍ରାର୍ଥୀକୁ ଟିକେଟ ଦେଇଛି । ନିଶ୍ଚୟ ଏଥର ସେ ଜିତି ବିଧାୟକ ହେବେ । ଯେମିତି ହେଲେ ତୁମର କଳାକାର ପେନ୍‌ସନ୍ କରାଇବି ।

ଭଙ୍ଗା ହୃଦୟ ଓ ସନ୍ତାପିତ ମନରେ ନୀଳ ମାଷ୍ଟ୍ରେ ଘର ଆଗରେ ପହଞ୍ଚି ଦେଖନ୍ତି ଯେ ଷଣ୍ଢ ସେମିତି କାମିନୀ ଗଛମୂଳରେ ଚାରିକାତ ହେଇ ଶୋଇଛି, ବାହାରୁଛି ତା' ମୁହଁରୁ ଫେଣର ଧାରା । ଏମନ୍ତ ଦୃଶ୍ୟରେ ମାଷ୍ଟ୍ରେଙ୍କ ହଂସା ଉଡ଼ିଗଲା । ତା'ର ମୁଣ୍ଡକୁ ଆଉଁଶିଲେ । ସେ ଆଖି ଖୋଲି ଚାହିଁଲା । ଚାହିଁବାଟା ଥିଲା ଅତି କରୁଣ ।

ତରବର ହେଇ ହରିଆକୁ କହିଲେ ଢୋଲକି ଓ ପାଣି ଲୋଟାଏ ଆଣିବାକୁ ।

ତା'ର ପାଟିରେ ମୁନ୍ଦାଏ ମୁନ୍ଦାଏ ପାଣି ଦେବାକୁ ହରିଆକୁ କହି ନୀଳ ମାଷ୍ଟ୍ରେ ବେକରେ ଢୋଲକି ଝୁଲାଇ ବଜାଇଲେ ଶିବ ତାଣ୍ଡବ ତାଳ । ଷଣ୍ଢ ସତୃଷ୍ଣ ନୟନରେ ବାଜାର ତାଳ ଶୁଣିଶୁଣି ଆଖି ଧୀରେଧୀରେ ବୁଜିବାକୁ ଲାଗିଲା । କିଛି କ୍ଷଣ ଅନ୍ତେ ଚିରଦିନ ପାଇଁ ଶୋଇ ପଡ଼ିଲା ।

ନୀଳ ମାଷ୍ଟ୍ରେ ଷଣ୍ଢ ପେଟ ଉପରେ ମୁଣ୍ଡ ରଖି ବାହୁନି ବାହୁନି କହୁଥିଲେ - ତୁ ପଶୁ ନ ଥିଲୁରେ ବାବା, ତୁ ଥିଲୁ ଆମ ଅଞ୍ଚଳର ନନ୍ଦି । କକ୍ଷଚ୍ୟୁତ ଚମକପ୍ରଦ ଉଲ୍‌କା ପରି ଦିନେ ଆମ ଅଞ୍ଚଳକୁ ଆସିଥିଲୁ, ପୁଣି ଆଜି କୃତଜ୍ଞତାର ବାସ୍ନା ମହକାଇ ବାହୁଡ଼ି ଗଲୁ ତୋର ଅଫେରା ଜଗତକୁ । ମୋ ପାଖରୁ ବୃନ୍ଦାଏ ଉପକାର ପାଇ, ଭସାଇ ଦେଲୁ ତୁ ମୋତେ ତୋର କୃତଜ୍ଞତାର ସାଗରରେ ଜୀବନଯାକ । ଆଉ ମଣିଷ ??? ■■■

ପ୍ଲଟ ନଂ-୩୭୧/୨୪୭୬,
ପଟିଆ ଛକ ପାଖ, ଶିଶୁବିହାର, କିଟ୍,
ଭୁବନେଶ୍ୱର-୭୫୧୦୨୪
ଦୂରଭାଷ : ୯୯୩୭୨୯୭୦୩୯

With Best Wishes...
VENUS GROUP OF EDUCATIONAL & RESEARCH INSTITUTES
BAHANAGA, BALASORE
Ph : 06788-236745 - 49, 221446, 9437297440
VENUS GROUP OF EDUCATIONAL & RESEARCH INSTITUTES
Approved by AICTE. New Delhi, Govt. of India
COURSES OFFERED
DIPLOMA ENGINEERING
◆ CIVIL ENGG.
◆ MECHANICAL ENGG.
◆ ELECTRICAL ENGG.
◆ ELECTRONICS & TELECOM. ENGG.
OFFERS
* VENUS DIPLOMA ENGINEERING
* VENUS PUBLIC SCHOOL

ASHIWINI KUMAR ROUT
CHAIRMAN, VGERI
Contact -
79786 12664, 9437296783
Visit Us : www.venusgroupssmt.edu.in
e-mail : venusdiploma@gmail.com, ashwinirout@ymail.com

With Best Compliments from:-

DISTRICT DISABLED SCHOOL

(ISO 9001-2015 Certified Organisation)

At- Budapada(Buromal), Po/ Dist- Jharsuguda, Email- dds.jsg@gmail.com, Mob: 9937319633

FEATURE

1. Special Educator HI, VI & ID, DEd/BEd. with CCR No. Ayah/Attendant, 8th pass. 2. Physio Therapy, 3.Speech Therapy, 4.Psychological Assessment, 5.Co-curricular Activities, 6.Craft, Sports, Games, Song, Dance etc. 7. Residential care.

Send Details Bio-data alongwith All certificates and Aadhar, PEN & Bank A/c. on or before 31st March.

Contact:- MR. B.N. MISHRA, Founder- Director
Mobile- 9937319633(O)

ଶାରଦୀୟ ଅଭିନନ୍ଦନ - ୨୦୨୪

ଶାରଦୀୟ ଦୁର୍ଗାପୂଜା ଅବସରରେ ମୟୂରଭଞ୍ଜ ଜିଲାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଡ଼. ଶ୍ୟାମ ସୁନ୍ଦର ଦାସ

ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବିଶିଷ୍ଟ ପରିବେଶବିତ୍, ଏଫେକ୍ସ ଫରେଷ୍ଟ ପ୍ରଟେକ୍ସନ୍ କମିଟି ଅଧ୍ୟକ୍ଷ, ମୟୂରଭଞ୍ଜ ସିନିୟର ସିଟିଜେନ୍ ଫୋରମ୍ ସାଧାରଣ ସମ୍ପାଦକ, ସାଧାରଣ ସମ୍ପାଦକ ମୟୂରଭଞ୍ଜ ଅବସରପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଶିକ୍ଷକ ସଂଘ

MAYURBHANJ COLLEGE OF ACCOUNTANCY & MANAGEMENT

(Affiliated to Madhusudan Law University, Cuttack)

At-Maharajpur, Po- Takatpur (Baripada 3), Dist-Mayurbhanj, Pin-757003
www.mcam.org.in mcambpd@gmail.com
9437161128, 7978914846

Admission into 5 years BA. LLB Course 2024-25

- Elligibility: +2 Arts/ +2 Science / +2 Commerce or Equivalent with 45% Marks for General Category and 40% incase of SC/ ST Category.
- Course Fee: Rs.20,000/- Per Semester. *Separate Hostel for Boys And Girls.*

How to Apply - Download Admission Form from www.mcam.org.in and submit by speed post / Email - mcambpd@gmail.com along with all documents and application fees of Rs 500/- . The Fees can be deposited in the following A/C.
Submitted online application to Bar Council of India for approval.

Name of the Account: Mayurbhanj College of Accountancy & Management
Account No: 551010110005913, IFSC Code: BKID0005510
Name of the Bank: Bank of India, NOU Branch, Takatpur

ଅଦ୍ଭୁତ ସେ ପ୍ରୀତିଫୁଲ

ଡା. ସରୋଜିନୀ ଷଡ଼ଙ୍ଗୀ

ସାମ୍ପ୍ରତିକ ଓଡ଼ିଆ କବିତା କ୍ଷେତ୍ରରେ ଏକ ନିଆରା ସ୍ୱର । ଜୀବନ ଓ ମୃତ୍ୟୁକୁ ଅତି ନିକଟରୁ ଦେଖିଥିବା ଏହି କବୟିତ୍ରୀ ସ୍ତ୍ରୀରୋଗ ବିଶେଷଜ୍ଞ ହୋଇଥିବାରୁ ତାଙ୍କ କବିତାରେ ସମ୍ବେଦନଶୀଳ ମନର ପରିଭାଷା ନିର୍ଝରି ଆସିଛି । 'ସୂର୍ଯ୍ୟସ୍ନାନ', 'ଆଖି କଥା କହେ', 'ଶ୍ୱେତାମ୍ବରୀ', 'ଆତ୍ମଜା', 'ଅସବର୍ଣ୍ଣା' କବିତା ପୁସ୍ତକ ତାଙ୍କ କାବ୍ୟ ସାଧନାର ଉଲ୍ଲେଖନୀୟ ସଙ୍କେତ ।

ଡାକ୍ତର ହେବା ତଥା ରୋଗୀଙ୍କୁ ଆନ୍ତରିକତା, ନିଷ୍ଠା ଓ ଆତ୍ମବିଶ୍ୱାସର ସହ ଚିକିତ୍ସା କରି ଆରୋଗ୍ୟ କରାଇବା ଏକ ବିରଳ ଭାଗ୍ୟ । ତେବେ ଡାକ୍ତରମାନଙ୍କର ଜୀବନ ଏକ ସଂଘର୍ଷମୟ ଜୀବନ ତଥା ସେବା, ସାଧନା ଓ ସଂଗ୍ରାମର ଉତ୍ସର୍ଗୀକୃତ ଜୀବନ । ସେଥିପାଇଁ ସେ ସଦାବେଳେ ଝାସ ଦେଇଥାଏ ମହାସମୁଦ୍ରରେ । ଡାକ୍ତରୀ ଜୀବନ ସବୁବେଳେ ଛୁରୀ ଧାରରେ ଚାଲିବାର ଜୀବନ । ଅହରହ ରୋଗ ସହ ଯୁଦ୍ଧ କରୁକରୁ କେତେବେଳେ ଜୀବନ ବିଜୟ ଲାଭ କରେ ତ' ପୁଣି କେତେବେଳେ ମୃତ୍ୟୁର ଜୟ ହୋଇଥାଏ ତେବେ ଡାକ୍ତରଟିଏ ନିଜର ଅକ୍ଳାନ୍ତ ଶ୍ରମଦାନ କରିବାରେ କେବେ ହେଲେ କୁଣ୍ଠାବୋଧ କରି ନ ଥାଏ ।

ରୋଗୀ, ରୋଗ, ଡାକ୍ତର ଓ ଭଗବାନ ଏମାନେ ସମସ୍ତେ ଗୋଟିଏ ସୁନ୍ଦର ସମ୍ପର୍କରେ ବନ୍ଧା । ସେ ବନ୍ଧନର ରଜ୍ଜୁ କୋମଳ ପାଟ ସୂତାରେ ସିନା ଗୁନ୍ଥା ହୋଇଥାଏ; କିନ୍ତୁ ଏଥିରେ ଏତେ ଶକ୍ତି ଓ ଦୃଢ଼ତା ଥାଏ ଯେ ତା'କୁ କେହି ଛିନ୍ନ କରିପାରନ୍ତି ନାହିଁ । ରୋଗୀ, ରୋଗ ଓ ଡାକ୍ତର କେହି

କାହାଠାରୁ ଭିନ୍ନ ନୁହନ୍ତି । ଜଣକ ବିନା ଆର ଜଣକର ସ୍ଥିତି ଅସମ୍ଭବ । ଏ ସମ୍ପର୍କକୁ ଆହୁରି ସୁଦୃଢ଼ କରନ୍ତି ଭଗବାନ । ତାଙ୍କରି ଇଛାରେ, ନିର୍ଦ୍ଦେଶରେ ଓ ଇଙ୍ଗିତରେ ଏ ସମ୍ପର୍କ ଚିରସ୍ଥାୟୀ ହୋଇଥାଏ । ରୋଗ କବଳରୁ ରୋଗୀ ମୁକ୍ତ ହୁଏ ଡାକ୍ତରଙ୍କ ଚିକିତ୍ସା ଦ୍ୱାରା; କିନ୍ତୁ ଡାକ୍ତରଙ୍କ ଏ ଅମୃତହସ୍ତ ପାଇଁ ଲୋଡ଼ା ହୋଇଥାଏ ପ୍ରଭୁଙ୍କ ଆଶୀର୍ବାଦ ।

ଚିକିତ୍ସା କରିବାବେଳେ ଅନେକ ରୋଗୀଙ୍କର କାହାଣୀ ମୋ କବିତା ବା' ଗଳ୍ପର ଉପଜୀବ୍ୟ ପାଲଟିଯାଏ ଏବଂ ଆଉ କେତେ ଜଣ ଏକ ଅଭୁଲା ସ୍ମୃତି ହୋଇ ଚିରଦିନ ପାଇଁ ରହିଯା'ନ୍ତି । ତାଙ୍କ ସମ୍ପର୍କରେ ଲେଖିବା ପାଇଁ ଲେଖୁଲେଖୁ ଗୋଟିଏ ହାତରେ ଷ୍ଟେଥୋସ୍କୋପ୍ ଓ ଅନ୍ୟ ହାତରେ ଲେଖନୀ ଧରିବାକୁ ପଡ଼ିଥାଏ ।

ଏମିତି ଜଣେ ରୋଗୀ ଏକଦା ମତେ ଆଶ୍ଚର୍ଯ୍ୟ ଏକ ଅନୁଭବର ଶୀର୍ଷ ଦେଶକୁ ନେଇ ଯାଇଥିଲା । ତାରି ବିଷୟରେ ପରଶି ଦେଉଛି ଏକ ସ୍ମରଣୀୟ କାହାଣୀ–

ପ୍ରେମ ଭଳି ଏକ ମଧୁର ଅନୁଭବ କେମିତି, କେତେବେଳେ ଏବଂ କେଉଁ ପରି ଭାବରେ ହୃଦୟରେ ସଞ୍ଚରିତ ହୋଇଯାଏ, କେମିତି ସେ କୋମଳ ଚାରାଟି ପାଦପ ପାଲଟିଯାଏ ଏବଂ ତା'ର ସବୁଜ ଡାଳପତ୍ର, ମେଲି କ୍ରମଶଃ ଏକ ଶ୍ୟାମଳ ଉପବନରେ ପରିଣତ ହୋଇଯାଏ ଏକଥା କହିବା ଅସମ୍ଭବ । "ବଡ଼ ଅଦ୍ଭୁତ ସେ ପ୍ରୀତି ପାଳିବା" ଭଳି ପ୍ରେମ ଏକ ଅଦ୍ଭୁତ କମ୍ପନ, ପ୍ରେମ ଏକ ଅଜଣା ଶିହରଣ, ଏକ ଅନୁପମ ଆଲୋଡ଼ନ ଏବଂ ଏକ ସୁମଧୁର ସଙ୍ଗୀତର ଲଳିତ ଝଙ୍କାର, ଯାହା ଥରେ ଜୀବନ ବୀଣାରେ ଝଙ୍କୃତ ହେବାପରେ ଅନେକ ଦିନ ଯାଏ ସେ ସ୍ୱର ନାନ୍ଦନିକ ନିନାଦଟିଏ ସୃଷ୍ଟି କରିଥାଏ । ଶବ୍ଦ, ନାଦ, ବ୍ରହ୍ମ ଭଳି ପ୍ରେମ ମଧ୍ୟ ଶାଶ୍ୱତ । ଏମିତି ଗୋଟିଏ ଆଶ୍ଚର୍ଯ୍ୟଜନକ ପ୍ରେମକାହାଣୀ ଏବଂ ସେ ଦୁହିଙ୍କ ଭିତରେ ଥିବା ଗଭୀର ସମ୍ପର୍କ, ମତେ କିଛି ସମୟ ପାଇଁ

ବିସ୍ମୟାଭିଭୂତ କରି ଦେଇଥିଲା । ଝିଅଟି ମାତ୍ର ଅଢ଼େଇ ଫୁଟ ଉଚ୍ଚ, ହାତଗୋଡ଼ ନ ଥିବା ବାମନଟିଏ ଏବଂ ପୁଅଟି ୬ ଫୁଟ ଉଚ୍ଚତାର ସୁସ୍ଥ, ସବଳ, ସୁନ୍ଦର ପୁରୁଷଟିଏ ।

ଦିନେ ରୋଗୀ ଦେଖୁ ଦେଖୁ ଦିନ ବାରଟା ବେଳେ ଡେଙ୍ଗା ଯୁବକ ଜଣେ କାଖେଇ କାଖେଇ ସ୍ତ୍ରୀଲୋକଟିକୁ ଆଣି ଲଥ୍ କରି ମୋ ଟେବୁଲ୍‌ର ସାମ୍ନା ଚେୟାରରେ ବସାଇ ଦେଲା । ମୁଁ ଅନାଇଲା ବେଳକୁ ପ୍ରାୟ ଅଢ଼େଇ ଫୁଟର ବାମନ ସ୍ତ୍ରୀଲୋକ ମୋ ଆଗ ଚେୟାର୍‌ରେ ବସିଛି । ତା'ର ହାତଗୋଡ଼ ଖୁବ୍ ଛୋଟ ଛୋଟ, ଦେହର ଦୁଇ ପଟରେ କଡ଼ ଭଳି ବାହାରିଛି, କେବଳ ପେଟଟି ଓ ମୁହଁଟି ସ୍ପଷ୍ଟ ଦିଶୁଛି, ଯେମିତି ସାମ୍ନା ଚେୟାର ଉପରେ ମାଦଳଟିଏ ବସିଛି । ଝିଅଟିର ମୁହଁରୁ ଜଣାପଡ଼ିଲା ତା'କୁ ଖୁବ୍ କଷ୍ଟ ହେଉଛି । ମୁଁ ତା'ର ନାଁ, ଗାଁ ଠିକଣା ଲେଖି ସାରିଲା ପରେ ଜାଣିଲି ତା'ର ଗର୍ଭଧାରଣ ହୋଇଛି ଓ ନଅ ମାସ ହୋଇଗଲାଣି । ଏମିତି ଗୋଟିଏ କୌତୁକିଆ ରୋଗୀ ଦେଖିବା ପାଇଁ କ୍ଲିନିକ୍‌ରେ ଥିବା ସବୁ ରୋଗୀ ଓ ଷ୍ଟାଫ୍‌ମାନେ ଆସି ଜମା ହୋଇଗଲେ । ସେମାନଙ୍କୁ ବାହାରକୁ ପଠାଇ ମୁଁ ହିଷ୍ଟ୍ରି ନେଇ ଏକ୍‌ଜାମିନେସନ୍ ଟେବୁଲ୍ ଉପରକୁ ଆଣିବାକୁ କହିଲି । ଚେୟାରରୁ ଲକ୍ଷ୍ମୀ (ଛଦ୍ମନାମ) ସଙ୍ଗେ ସଙ୍ଗେ ଖପ୍ କରି ତା' ସ୍ୱାମୀ କୋଳକୁ ଡେଇଁ ପଡ଼ିଲା ଓ ତା' ସ୍ୱାମୀ ସୁବାସ (ଛଦ୍ମନାମ) ତା'କୁ କାଖେଇ କାଖେଇ ଆଣି ଟେବୁଲ୍ ଉପରେ ଶୁଆଇଦେଲା । ତା'ର ଉଚ୍ଚ ରକ୍ତଚାପ ଥିବା ସହ ଶିଶୁଟି ଗର୍ଭରେ ଓଲଟା ଥିଲା (ବ୍ରିଚ ପ୍ରେଜେଣ୍ଟେସନ୍ ବା' ଗୋଡ଼ ତଳପଟକୁ ଥିଲା) ଏବଂ ତା'ର ଲେବର ପେନ୍ ଆରମ୍ଭ ହୋଇଯାଇ ଥିଲା । ପରୀକ୍ଷା କଲା ପରେ ଜାଣିଲି ତା'କୁ ସଙ୍ଗେ ସଙ୍ଗେ ଆଡମିସନ୍ କରି ଅପରେସନ୍ କରିବାକୁ ପଡ଼ିବ । ଝିଅଟିର କେସ୍ ଗୋଟିଏ ଜଟିଳ କେସ୍ । ସେଥିପାଇଁ ତା'କୁ ମେଡିକାଲ କଲେଜକୁ ରେଫର କରିବାକୁ ଚାହିଁଲି । ତତ୍‌କ୍ଷଣାତ୍ ତା' ସ୍ୱାମୀ ସୁବାସ ମତେ କହିଲା "ମା' ତା'କୁ ବାହାରକୁ ପଠାନ୍ତୁନି, ମୁଁ ତା'କୁ ଏଇଲେ ଆପଣଙ୍କ ପାଖକୁ ଉଠାଇ ଆଣିଛି; କାରଣ ସେଠି ଲକ୍ଷ୍ମୀକୁ ବସାଇବା ମାତ୍ରେ ତା'କୁ ଦେଖି ଷ୍ଟାଫମାନଙ୍କଠାରୁ ରୋଗୀ ଯାଏ ସମସ୍ତେ ଥଟ୍ଟା ତାମସା କରି ହସିବାକୁ ଆରମ୍ଭ କଲେ । ହସ୍‌ପିଟାଲ୍‌ର ଲୋକ ଗଦା ହୋଇଗଲେ । ସେ ଥଟ୍ଟା ଟାପରା ମୁଁ ସହି ନ ପାରି ଏଠିକି ନେଇ ଆସିଛି ।

ଆମେ ଖୁବ୍ ଅଳ୍ପ ସମୟ ଭିତରେ ତା' ପାଇଁ ଅପରେସନ୍ ଥିଏଟର୍ ପ୍ରସ୍ତୁତ କଲୁ । ପ୍ରଥମେ ଖୁବ୍ ଭଲ ଭାବରେ ତା'କୁ ପ୍ରଫେସର୍ ରମାରମଣ ଷଡ଼ଙ୍ଗୀ ଦେଖି କାର୍ଡିଆକ୍ କ୍ଲିୟରାନ୍ସ ଦେଲେ । ଯୋଗକୁ ସେତେବେଳେକୁ ପୁଅ ସିଦ୍ଧାର୍ଥ ଷଡ଼ଙ୍ଗୀ ହାର୍ଟ ସର୍ଜନ, ବୋହୂ ଶିଖା ଷଡ଼ଙ୍ଗୀ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ, ଜ୍ୱାଇଁ ରାଧାକାନ୍ତ ପାଣିଗ୍ରାହୀ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ତଥା ଝିଅ ସୋନାଲି ଷଡ଼ଙ୍ଗୀ ଉପସ୍ଥିତ ଥିଲେ । ଏହାଛଡ଼ା ଶିଶୁ ରୋଗ ବିଶେଷଜ୍ଞ ମଧ୍ୟ ପହଞ୍ଚି ଥିଲେ । ତା'ର ରୋଗର ହିଷ୍ଟ୍ରିରେ ଲକ୍ଷ୍ମୀ କହିଥିଲା ଯେ, ସେ ଜନ୍ମ ହେଲା ବେଳେ ଠିକ୍ ଥିଲା ଏବଂ ତା'ର

ହାତ ଗୋଡ ଠିକ୍ ଥିଲା; କିନ୍ତୁ ବର୍ଷକର ହେଲାବେଳକୁ ହାଡ଼ର ଏମିତି ବିରଳ ରୋଗଟିଏ ହେଲା, ଯେଉଁଥିରେ ତା'ର ହାଡ଼ ନରମ ହୋଇ ଭାଙ୍ଗି ଗଲା ଓ ହାଡ଼ର ବିକାଶ ଆଦୌ ହେଲା ନାହିଁ। ତେଣୁ ହାତ ଗୋଡ଼ ଆଉ ବଢ଼ିଲା ନାହିଁ। ଅଣ୍ଟା ହାଡ଼ ଶକ୍ତ ନ ଥିବାରୁ ମେରୁଦଣ୍ଡ ମଧ୍ୟ ବଙ୍କା ହୋଇଗଲା। ତେଣୁ ମୁହଁ, ମୁଣ୍ଡ, ମସ୍ତିଷ୍କ ଆଦି ଭଲ ଭାବରେ ବିକଶିତ ହେଲା ସିନା, ଦେହ ବଢ଼ିଲାନି। ଫଳରେ ସେ ବାମନ ହୋଇ ରହିଗଲା। ଦୁଇଟି ହାତ ଓ ଗୋଡ଼ କଡ଼ ଭଳି ଦୁଇ ପଟେ କଅଁଳି ଥିଲା। ଏହା ବୋଧହୁଏ ପୃଥିବୀର ଗୋଟିଏ ବିରଳ କେସ୍ ମଧ୍ୟରୁ ଅନ୍ୟତମ ଥିଲା।

ଆଜିକାଲି ବହୁ ଦମ୍ପତିଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିଲେ ବି ସେମାନଙ୍କର ଗର୍ଭ ସଞ୍ଚାର ହୋଇ ପାରୁନାହିଁ; କିନ୍ତୁ ଏମିତି ବାମନଟିଏ ଯାହାର ଏତେ ବିକଳାଙ୍ଗତା ଥାଇ ମଧ୍ୟ ଗର୍ଭଧାରଣ କରି ପାରିଲା ତାହା ହିଁ ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ। ସୃଷ୍ଟିକର୍ତ୍ତାଙ୍କର ସୃଷ୍ଟି ହିଁ ବିଚିତ୍ର। କେତେବେଳେ କାହାକୁ କେମିତି ଭାବରେ ସେ ଆଶୀର୍ବାଦର ବାରିଧାରା ଢାଳି ଦେବେ, ସେକଥା କେହି ମଧ୍ୟ ଜାଣିପାରିବେ ନାହିଁ। ଭାବିଲି ପଚାରିବି କେମିତି ଏ ବିବାହ ସମ୍ଭବ ହେଲା। ପୁଅଟିର ଛଅଫୁଟ ଉଚ୍ଚତା। ସେ ବଳିଷ୍ଠ ଓ ସୌମ୍ୟଦର୍ଶୀ, ଅଥଚ ଝିଅଟି ମାତ୍ର ଅଢ଼େଇ ଫୁଟ। କେମିତି ପ୍ରୀତିର ପାରିଜାତ ଫୁଲଟିଏ ଫୁଟି ଦୁହିଙ୍କୁ ଅପୂର୍ବ ସୁବାସରେ ମହକାଇ ଦେଲା ?

ବହୁ ଜଟିଳତା ସତ୍ତ୍ୱେ ଲକ୍ଷ୍ମୀର ସିଜରିଆନ୍ ସେକ୍‌ସନ୍ ସୁରୁଖୁରୁରେ ହୋଇଗଲା। ସେଥିପାଇଁ ଆମର ପୂରା ମେଡିକାଲ ଟିମ୍ ପ୍ରସ୍ତୁତ ଥିଲୁ। ତା'ର ଗୋଟିଏ ସୁସ୍ଥ ଓ ସୁନ୍ଦର ପୁଅଟିଏ ହେଲା। ଅପରେସନ ପରେ ଲକ୍ଷ୍ମୀକୁ ଦୁଇ ଦିନ ଆଇସିୟୁ ଭିତରେ ରଖି ଚିକିତ୍ସା କରିବା ସହ ନବଜାତ ଶିଶୁକୁ ନିଓ ନାଟାଲ କେୟାର ୟୁନିଟ୍‌ରେ ରଖିଲୁ।

ମୁଁ ଲକ୍ଷ୍ମୀକୁ ଏକାନ୍ତରେ ପଚାରିଲି ସବୁ କଥା। ହାତ ଗୋଡ଼ କିଛି ନ ଥିଲେ ମଧ୍ୟ ଲକ୍ଷ୍ମୀର ମୁହଁଟି ବେଶ୍ ସୁନ୍ଦର ଓ ସ୍ୱର ଖୁବ୍ ମିଠା ଥିଲା। ଲୁହ ଛଳଛଳ ଆଖିରେ ମତେ କହିଲା ସେ ଗୋଟିଏ ଲମ୍ବା କାହାଣୀ "ପିଲାଦିନେ ମୁଁ ଭଲ ଥିଲି। ମୋର ହାତଗୋଡ଼ ସବୁ ଭାଙ୍ଗିବାକୁ ଲାଗିଲା। ପ୍ଲାଷ୍ଟର୍ ଲଗାଇବା ପରେ ଔଷଧ ଖାଇ ମଧ୍ୟ ଆଦୌ କାମ କଲାନି। ଶେଷରେ ଶିଶୁରୋଗ ବିଶେଷଜ୍ଞ ଓ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କର ମିଳିତ ଉଦ୍ୟମରେ ସବୁପ୍ରକାର ପରୀକ୍ଷା ନିରୀକ୍ଷା ହୋଇ ଜଣାପଡ଼ିଲା ଯେ ମୋର ହାଡ଼ର ଗୋଟିଏ ବିରଳ ରୋଗ ହୋଇଛି ଏବଂ ସେଥିରେ ଆଉ ନୂଆ ହାଡ଼ ତିଆରି ହେବ ନାହିଁ। ତେଣୁ ମୁଁ ପୂରାପୂରି ବାମନ ହୋଇଗଲି। ସ୍କୁଲ୍‌କୁ ଯିବା ମଧ୍ୟ ବନ୍ଦ କରିଦେଲି; କାରଣ ମୁଁ ଚାଲି ପାରୁନଥିଲି କେବଳ ହାତରେ ଗୁରୁଣ୍ଡି ଗୁରୁଣ୍ଡି

> ଥରେ ନିରେଖି ଚାହିଁଲି ତାଙ୍କୁ। ମୁଁ ଅଢ଼େଇ ଫୁଟର ହାତଗୋଡ଼ ନ ଥିବା ଝିଅଟିଏ ମାଟି ଉପରେ ବସିଛି ଏବଂ ସେ ଛଅ ଫୁଟ୍ ଉଚ୍ଚର ହୃଷ୍ଟପୁଷ୍ଟ ସୌମ୍ୟଦର୍ଶୀ ବଳିଷ୍ଠ ଯୁବକ। ତାଙ୍କୁ ଦେଖି ଲାଗିଲା କେଉଁ ଯୁଗରୁ ମୁଁ ତାଙ୍କୁ ଚିହ୍ନିଚି। ସେ ମଧ୍ୟ ମତେ ଦେଖି ବିହ୍ୱଳ ହୋଇଗଲେ, ଯେମିତି ସେ ମତେ କାହିଁ କେତେ ବର୍ଷ ତଳୁ ଜାଣିଛନ୍ତି। ଲାଗିଲା ଏ ଅଖଣ୍ଡ ପ୍ରୀତି, ଏ ଅନନ୍ୟ ଭଲପାଇବା ବୋଧେ କେଉଁ ଅନନ୍ତ କାଳରୁ ଦୁହିଙ୍କ ଭିତରେ ସାଇତା ହୋଇରହିଛି।

ଚାଲୁଥିଲି। ସାଙ୍ଗସାଥୀଙ୍କଠାରୁ ଆରମ୍ଭ କରି ସମସ୍ତେ ମତେ ଦେଖି ଥଟ୍ଟା କରି ହସିଲେ। ତେଣୁ ଲାଜରେ ଘରେ ରହି ପଢ଼ିଲି। ଟ୍ୟୁସନ ସାର୍ ମତେ ପଢ଼ାଇଲେ ଏବଂ ମୁଁ ମ୍ୟାଟ୍ରିକ ମଧ୍ୟ ପାସ୍ କଲି। ମୋର ବାପା, ମା' ଓ ପାଞ୍ଚ ଭାଇମାନେ ମତେ ଖୁବ୍ ଭଲପାଆନ୍ତି ଏବଂ ଭଲ ଡ୍ରେସ୍‌ଠାରୁ ଆରମ୍ଭ କରି ସବୁ ଜିନିଷ ଆଣି ଦିଅନ୍ତି। ଏମିତିକି ମତେ ଫୁଲ ଦୋଳିରେ ବି ଝୁଲାଇ ଦିଅନ୍ତି। ମତେ ପନ୍ଦର ଷୋହଳ ବର୍ଷ ହେଲା ପରେ ସବୁ ଝିଅମାନଙ୍କର ଜୀବନରେ ଯେପରି ବସନ୍ତ ଋତୁ ଆସେ, ମଳୟ ପବନ ବହେ ଏବଂ ସହସ୍ର ସହସ୍ର ବିଚିତ୍ର ବର୍ଣ୍ଣର ଫୁଲ ଫୁଟିଯାଏ, ସେଭଳି ମୋ ମନ ଉପବନରେ ବି ଅସଂଖ୍ୟ ଫୁଲ ଫୁଟିଗଲା। ତେବେ ସବୁ ଆଶାକୁ ଆସ୍ତେ ଆସ୍ତେ ମୋ ମନରୁ ଏଡ଼ାଇ ଦେଲି ଏବଂ ସବୁ ସ୍ୱପ୍ନକୁ ହୃଦୟର ପରଦାରୁ ପୋଛି ଦେଲି।

ତେବେ ଏହାରି ଭିତରେ କେବଳ ଟି.ଭି ଦେଖିବା ସାଙ୍ଗକୁ ମୋବାଇଲ୍ ଫୋନ୍ ମଧ୍ୟ ମୋର ପରମ ବାନ୍ଧବୀ ପାଲଟିଗଲା। ଥରଟିଏ ମୋବାଇଲ୍ ଦେଖୁ ଦେଖୁ ଗୋଟିଏ ଅଜଣା ନମ୍ବର ଲାଗିଗଲା। ମୁଁ ତା'କୁ କାଟିଦେଲି, କିନ୍ତୁ ସେଇ ନମ୍ବରରୁ ଘନଘନ ଫୋନ୍ ଆସିଲା। ଫୋନ୍‌ରେ ସେଇ ଅଳ୍ପ ସମୟର କଥାବାର୍ତ୍ତା ଗଭୀର ସଂପର୍କରେ ପରିଣତ ହୋଇଗଲା। ଲକ୍ଷ୍ମୀ କହିଲା ଏମିତି କିଛି ମାସ ଯାଏ ପ୍ରତ୍ୟେକ ଦିନ ସୁବାସ ମୋ ସାଙ୍ଗରେ କଥାବାର୍ତ୍ତା ହେଲେ ଏବଂ କହିଲେ ମୁଁ ତୁମକୁ ଦେଖିବାକୁ ଚାହେଁ ଏବଂ ବାହା ହେବାକୁ ଚାହେଁ। ଯେଉଁ କଥାକୁ ମୋର ସବୁଠାରୁ ଡର ଥିଲା ସେଇ ମୁହୂର୍ତ୍ତଟି ଆସି ପହଞ୍ଚିଗଲା। ମୁଁ ଚାହୁଁଥିଲି ଏମିତି ପଛେ ମାସ ମାସ ବର୍ଷ ବର୍ଷ ଧରି ଗପୁଥାନ୍ତି କିନ୍ତୁ ତାଙ୍କ ସଙ୍ଗେ କେବେ ଦେଖା ନ ହେଉ।

ଥରେ ଥରେ କଳ୍ପନାରେ ସେ ସୁନ୍ଦର ଚେହେରାଟିକୁ ସ୍ମରଣ କଲେ, ଦେହ ତଡ଼ିତ୍‌ମୟ ହୋଇଯାଏ। ସେତେବେଳେ ପ୍ରତିଟି ଶିରା ଓ ଧମନୀରେ ଖେଳିଯାଏ ଏକ

ଅଦ୍ଭୁତ ରୋମାଞ୍ଚ। ଥରଟିଏ ଉଭୟ ଉଭୟଙ୍କୁ ପ୍ରେମାଞ୍ଜଳି ଦେଲାପରେ ସେ କାଳ୍ପନିକ ରୂପ ହିଁ ଅମ୍ଲାନ ହୋଇ ରହିଯାଏ ହୃଦୟରେ, ଏ କଥା ସୁବାସ ଅନୁଭବ କରିବା ମାତ୍ରେ ହିଁ ଲକ୍ଷ୍ମୀକୁ ଦେଖିବାକୁ ଚାହିଁଲା।

ଲକ୍ଷ୍ମୀ ପୁଣି କହିଲା, ସୁବାସ ଖୁବ୍ ଖୁସିରେ ଫୋନ୍‌ରେ ମତେ କହିଲେ ଯେ ତୁମ ମୁହଁର ଫଟୋ ଦେଖି ଓ ତୁମ ସ୍ୱର ଶୁଣି ମୁଁ ତୁମକୁ ବାହା ହେବାକୁ ଚାହେଁ ଏବଂ ସାରା ଜୀବନ ପାଇଁ ନିଜର କରିବାକୁ ଚାହେଁ। ତେଣୁ କେଉଁଠି କେତେବେଳେ ତୁମ ସଙ୍ଗେ ମୋର ଦେଖା ହେବ ମତେ କୁହ। ଶେଷକୁ ମୁଁ ବାଧ୍ୟ ହୋଇ ମୋ ରୋଗ କଥା ବୁଝାଇ ଦେଲି ଏବଂ ମୁଁ ଯେ ଦିବ୍ୟାଙ୍ଗ ସେ କଥା ତାଙ୍କୁ ସ୍ପଷ୍ଟ କରି କହିଦେଲି। ସୁବାସ କିନ୍ତୁ ନଛୋଡ଼ ବନ୍ଧା, ଶେଷକୁ ବାଧ୍ୟ ହୋଇ ମୋର ଗୋଟିଏ ସାଙ୍ଗକୁ କହିଲି ମତେ ସାଙ୍ଗରେ ନେଇ ସୁବାସ ପାଖ ଯିବା ପାଇଁ କାରଣ ବାପା, ମା' ଓ ଭାଇମାନେ ମୋ ଦେହ ଖରାପ ବୋଲି ମତେ ସବୁବେଳେ ଜଗିଥା'ନ୍ତି। ସାଙ୍ଗର ଜନ୍ମଦିନ କହି ଆମ୍ଭେ ଦୁଇ ଜଣ ଘରୁ ବାହାରି ଆସିଲୁ। ଶେଷରେ ସେଇ ପ୍ରତୀକ୍ଷିତ ମୁହୂର୍ତ୍ତ ଆସି ପହଞ୍ଚିଗଲା, ଯେତେବେଳେ ଆମ ଦୁହିଙ୍କର ଦେଖାହେଲା ଓ ଚାରିଚକ୍ଷୁର ମିଳନ ହେଲା। ଥରେ ନିରେଖି ଚାହିଁଲି ତାଙ୍କୁ। ମୁଁ ଅଢ଼େଇ ଫୁଟର ହାତଗୋଡ଼ ନ ଥିବା ଝିଅଟିଏ ମାଟି ଉପରେ ବସିଛି ଏବଂ ସେ ଛଅ ଫୁଟ୍ ଉଚ୍ଚର ହୃଷ୍ଟପୁଷ୍ଟ ସୌମ୍ୟଦର୍ଶୀ ବଳିଷ୍ଠ ଯୁବକ। ତାଙ୍କୁ ଦେଖି ଲାଗିଲା କେଉଁ ଯୁଗରୁ ମୁଁ ତାଙ୍କୁ ଚିହ୍ନିଚି। ସେ ମଧ୍ୟ ମତେ ଦେଖି ବିହ୍ୱଳ ହୋଇଗଲେ, ଯେମିତି ସେ ମତେ କାହିଁ କେତେ ବର୍ଷ ତଳୁ ଜାଣିଛନ୍ତି। ଲାଗିଲା ଏ ଅଖଣ୍ଡ ପ୍ରୀତି, ଏ ଅନନ୍ୟ ଭଲପାଇବା ବୋଧେ କେଉଁ ଅନନ୍ତ କାଳରୁ ଦୁହିଙ୍କ ଭିତରେ ସାଇତା ହୋଇରହିଛି। ତେବେ ମନ ଓ ହୃଦୟ ଦେଇ ଉଭୟ ଉଭୟଙ୍କୁ ଚାହିଁଲେ ବି ଏତେ ଶାରୀରିକ ଅସାମଞ୍ଜସ୍ୟରେ ବିବାହ କ'ଣ କେବେ ହେଲେ ସମ୍ଭବ ହେବ ? ଭାବିଲି ମତେ ଦେଖିଲା ପରେ କଥାବାର୍ତ୍ତା ହେବାର ସେ ମଧୁର ଅନୁରାଗ ତାଙ୍କର କାହିଁ କେଉଁଠାରେ ମିଳେଇ ଯିବ। ହଠାତ୍ ସୁବାସ ମୋ ପାଖକୁ ଆସି, ଗୋଟିଏ ଛୋଟ ପିଲାକୁ ଭୂଇଁ ଉପରୁ କୋଳକୁ ଉଠାଇ ନେଲାଭଳି ମତେ କାଖେଇ ପକାଇଲେ ଏବଂ ଦୃଢ଼ ସ୍ୱରରେ କହିଲେ "ଲକ୍ଷ୍ମୀ, ମୁଁ ତୁମକୁ ବାହା ହେବି, ତୁମକୁ ନେଇ ଘର ସଂସାର କରିବି ଏବଂ ସାରା ଜୀବନ ତୁମ ସାଙ୍ଗରେ କଟାଇବି, ସତରେ ଆମେ ହେବା ଜନ୍ମ ଜନ୍ମାନ୍ତରର ସାଥି।"

ଲକ୍ଷ୍ମୀର ବକ୍ତବ୍ୟ ଆହୁରି ସରି ନ ଥିଲା। ସେ କହିଲା ପ୍ରଥମ ଦେଖାରୁ ହିଁ ସୁବାସ ଯେ ତାଙ୍କ ଜୀବନର ଚରମ ନିଷ୍ପତ୍ତି ହଠାତ୍ ନିଜେ ନିଜେ ନେଇଯିବେ ଏ କଥା ମୁଁ କେବେ ଭାବି ନ ଥିଲି। ମତେ ଭୟ ଲାଗିଲା ହଠାତ୍ ଭାବପ୍ରବଣ ହୋଇ ଏପରି ନିଷ୍ପତ୍ତି ନେଉଛନ୍ତି ପରେ ପୁଣି ଏ ସାମୟିକ ମୋହ ଓ ମାୟା କଟିଗଲେ ମତେ ଏକା ଛାଡି ପୁଣି କେଉଁ ସକ୍ଷମ ଝିଅଟିଏ ପାଖକୁ ଚାଲି ଯିବେନି ତ ? ସୁବାସ ଯେ ଖୁବ୍ ଭାବିଚିନ୍ତି ଏ ଚରମ ନିଷ୍ପତ୍ତି ନେଇଥିଲେ ଏଥିରେ ଦ୍ୱିଧା ନ ଥିଲା।

ମୁଁ ଘରକୁ ଆସି ଏ କଥା ମା'କୁ ଆସ୍ତେ କରି ଶୁଣାଇଲି। ମା' ଭାଇମାନଙ୍କୁ କହିଲା ପରେ ସମସ୍ତେ ଖଡ୍ଗହସ୍ତ ହୋଇଗଲେ ଓ କହିଲେ ଆମେ ଯେମିତି ଭଉଣୀକୁ ଚଳାଇବା, ଛାର ଡ୍ରାଇଭର୍‌ଟିଏ ଆଜି ଅଛି କାଲିକି ଚାକିରି ନ ଥିବ ସେ କ'ଣ ସେତିକ ଯତ୍ନ ନେଇ ପାରିବ? ପୁଣି ସେ ଯେ ଲକ୍ଷ୍ମୀ ଭଳି ଦିବ୍ୟାଙ୍ଗ ଝିଅକୁ ଚିରଦିନ ପାଖରେ ରଖିବ, ଏ କଥା କିଏ ଜାଣିଛି? ଜୋରରେ ଗର୍ଜନ କରି ସବୁ ଭାଇ ମାରଣାସ୍ତ୍ର ଧରି ସୁବାସ ପଛେ ପଛେ ଦଉଡ଼ିଲେ ହାଣିଦେବା ପାଇଁ।

ଆମେ ଦୁହେଁ ଦେଖିଲୁ ଆମ ସ୍ୱପ୍ନ ସଫଳ ହେବ ନାହିଁ। ବାପା' ମା' ଭାଇଭଉଣୀମାନେ କେବେ ହେଲେ ସୁବାସ ସାଙ୍ଗରେ ବାହାଘର କରାଇ ଦେବେନି। ତେଣୁ ଆମେ ସ୍ଥିର କଲୁ ଲୁଚିକରି ଘରୁ ପଳାଇ ଯିବୁ ଏବଂ ମନ୍ଦିରରେ ମାଳା ବଦଳ କରି ବାହା ହୋଇଯିବୁ। ଶେଷରେ ତାହା ହିଁ ହେଲା। ମନ୍ଦିରରେ ବାହା ହେଲା ପରେ ବାପା', ମା' ଙ୍କୁ ଛାଡ଼ି ସବୁଦିନ ପାଇଁ ଘରୁ ବାହାରି ଆସିଲି। ମୁଁ ଜାଣି ନ ଥିଲି ମୋର ବର୍ତ୍ତମାନ ଓ ଭବିଷ୍ୟତ କଥା। ଏ ପର୍ଯ୍ୟନ୍ତ ଭାଇମାନେ ଖଡ୍‌ଗହସ୍ତ। ତେଣୁ ମ୍ୟାଡାମ ଆପଣ ଯଦି ଏ ଖବର ପେପର୍ ଓ ଟିଭିରେ ଦେବେ, ସେମାନେ ହସ୍ପିଟାଲ୍ ଆସି ସୁବାସଙ୍କୁ ହଇରାଣ କରିବେ। ତଥାପି ତା'କୁ ବୁଝାଇ ସାରିଲା ପରେ ସେ ଦସ୍ତଖତ କରି ହଁ କଲା ଯେ ଏତେ ବିରଳ ନିଉଜ୍‌ଟିଏ ସମସ୍ତେ ଜାଣନ୍ତୁ। ଏହା ଲୋକଲୋଚନକୁ ଆସୁ।

ଏମିତି ଜଣେ ଅଢ଼େଇ ଫୁଟ ଝିଅର ସୁରୁଖୁରୁରେ ଡେଲିଭରି ହେବାର ନିଉଜ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ପଞ୍ଜୀକୃତ ହେବା କଥା। ତେଣୁ ପ୍ରଥମେ ପ୍ରେସ୍‌ମିଟ୍ ହେଲା। ଆମ ହସପିଟାଲ୍‌ର କନ୍‌ଫରେନ୍ସ ହଲ୍ ଉଠୁଥାଏ, ପଡୁଥାଏ। ପ୍ରାୟ ସବୁ ପ୍ରିଣ୍ଟମିଡିଆର ସାମ୍ବାଦିକ ଆମ ହଲକୁ ଆସିଥା'ନ୍ତି। ଗୋଟିଏ ପଟେ ବସିଥା'ନ୍ତି ସାମ୍ବାଦିକମାନେ ଏବଂ ଆରପଟେ ବସିଥାଉ ସବୁ ଡାକ୍ତର। ମୁଁ, ଡାକ୍ତର ରମାରମଣ, ଡା. ସିଦ୍ଧାର୍ଥ, ଡା. ଶିଖା, ଡା. ରାଧାକାନ୍ତ, ଡା. ସୋନାଲି ଏବଂ ନିଶ୍ଚେତକ, ଶିଶୁରୋଗ ବିଶେଷଜ୍ଞ, ଆଇସିୟୁର ଡାକ୍ତରମାନେ। ମଝିରେ ବସିଥାନ୍ତି ଲକ୍ଷ୍ମୀ, ସୁବାସ, କୋଳରେ ଶିଶୁପୁତ୍ର। ମିଡିଆ ବିଭିନ୍ନ ପ୍ରଶ୍ନ ଆମକୁ ପଚାରି ଥିଲେ ଯଥା– ଏମିତି କେସ୍ କେତେ ପ୍ରତିଶତ ଦେଖାଯାଏ, ଏହାର ଜଟିଳତା କେତେ, ମା' ଓ ଶିଶୁ ପାଇଁ କ'ଣ ସମସ୍ୟା ସବୁ ଦେଖା ଦେବାର ସମ୍ଭାବନା ଅଛି, ଶିଶୁ ବଞ୍ଚିବ କି ନାହିଁ, ପରବର୍ତ୍ତୀ କାଳରେ ତା'ର ଶାରୀରିକ ଓ ମାନସିକ ବିକଳାଙ୍ଗ ହେବ କି ନାହିଁ ଇତ୍ୟାଦି। ତା' ପରଦିନ ସବୁ ଖବରକାଗଜର ମୁଖ୍ୟପୃଷ୍ଠା ମଣ୍ଡନ କରିଥିଲା ସେଇ ନିଉଜ୍ ଏବଂ ସବୁ ଟେଲିଭିଜନ୍ ଚାନେଲ୍‌ରେ ଏଇ ବିରଳ ସମ୍ବାଦଟି ପ୍ରଚାରିତ ଓ ପ୍ରସାରିତ ହୋଇଥିଲା।

ଆମ ହସ୍‌ପିଟାଲ୍‌ରେ ସାତଆଠ ଦିନ

ରହିଲା ପରେ ତା'ର ପେଟର ସିଲେଇ ଖୋଲାଗଲା ଓ ଡିସ୍‌ଚାର୍ଜ ହେବାର ସମୟ ଆସିଗଲା । ପୁଅଟି ତା'ର ବାପା ସୁବାସଙ୍କ ଚେହେରା ଭଳି ହୋଇଥାଏ ଓ ଲମ୍ବା ଦିଶୁଥାଏ । ମା' ପୁଅ ଯେଉଁ ଦିନ ଡିସ୍‌ଚାର୍ଜ ହେଲେ ସାରା ହସ୍‌ପିଟାଲ୍ ଷ୍ଟାଫ୍ ଓ ରୋଗୀମାନେ ତା' ଚାରି ପାଖରେ ରୁଣ୍ଡ ହୋଇଯାଇ ତା'କୁ ବିଦାୟ ଦେଲେ ।

ଲକ୍ଷ୍ମୀ ନିୟମିତ ଭାବେ ମତେ ଆସି ତା' ଦେହ ଦେଖାଉଥିଲା । ଆସ୍ତେ ଆସ୍ତେ ପୁଅଟି ବଡ଼ ହୋଇ ପାଠ ପଢ଼ିବା ଆରମ୍ଭ କଲା । ତା' ସ୍ୱାମୀ ବାହାରେ ଚାକିରି କରୁଥିଲା । ତେଣୁ ଘରେ ପୁଅଟିକୁ ଧରି ହିଁ ସେ ଚଳୁଥିଲା । ଅବଶ୍ୟ ପାଖ ସାହି ପଡ଼ିଶା ବି ତା'କୁ ଖୁବ୍ ସାହାଯ୍ୟ କରୁଥା'ନ୍ତି । ଲକ୍ଷ୍ମୀ ତା' ପାଖରେ ଥିବା ଆମ ଫଟୋକୁ ଦେଖାଇ କହେ – "ଇଏ ହିଁ ତୋର ଜନ୍ମଦାତ୍ରୀ- ତୋର ଆଈ, ଅଜା ଆଈଙ୍କୁ ମଝିରେ ମଝିରେ ଦେଖା କରୁଥିବୁ, ସିଏ ତତେ ପାଠ ପଢ଼ାରେ ସାହାଯ୍ୟ କରିବେ ଓ ଡାକ୍ତରୀ ପାଠ ପଢ଼େଇବେ ।"

ଅସଂଖ୍ୟ ରୋଗୀଙ୍କର ମୁହଁ ଭିତରେ ମୁଁ ଖୋଜି ନେଇପାରେ ଲକ୍ଷ୍ମୀର ହସହସ ମୁହଁ । ତା'କୁ ମୁଁ ବାରମ୍ବାର କହିଥିଲି ଯଦି ଆଉ ଥରେ ସେ ଗର୍ଭଧାରଣ କରିବ ତା' କେସ୍‌ଟି ଏତେ କମ୍ପ୍ଲିକେଟେଡ୍ ହୋଇଯିବ ଯେ ତା'ର ଜୀବନ ଉପରେ ବିପଦ ଆସିଯିବ ।

ଦିନେ ମୁଁ ଚାମ୍ବରରେ ଥିବାବେଳେ ପ୍ରାୟ ଦଶଟା ବେଳକୁ ଗୋଟିଏ ସିରିୟସ ରୋଗୀ ଆସୁଛି ବୋଲି ଆମ ସିଷ୍ଟର୍‌ମାନେ କହିଲେ । ଦେଖିଲା ବେଳକୁ ପୁଣି ଲକ୍ଷ୍ମୀ ହ୍ୱିଲ୍ ଚେୟାର୍ ଉପରେ ବସି ମୋ ଚାମ୍ବର୍ ଭିତରକୁ ପଶି ଆସୁଚି । ତା'ର କିମ୍ଭୂତ କିମାକର ଚେହେରା ଦେଖି ମୁଁ ଡରିଗଲି । ତା'ର ପୁଣି ଥରେ ଗର୍ଭଧାରଣ ହୋଇଛି ଏବଂ ରକ୍ତଚାପ ବଢ଼ି ଯାଇଛି । ଗୋଡ଼, ହାତ, ମୁହଁ ସବୁ ଫୁଲିଯାଇଛି । ସେ ଆଦୌ ଉଠିବସି ପାରୁ ନ ଥିଲା । ମୁଁ ଦେଖି ଆଶ୍ଚର୍ଯ୍ୟ ହୋଇ କହିଲି ତତେ ଏସବୁ ବିପଜ୍ଜନକ କାମ କରିବାକୁ କିଏ କହିଲା ? ଏଥରର ଗର୍ଭଧାରଣ ତୋ' ପାଇଁ ବହୁତ ରିସ୍କ ହେବ । ପୂରା ନଅ ମାସ ଆଗରୁ ଲେବରପେନ୍ ଆରମ୍ଭ ହେଲେ ପେଟ ଫାଟି ଯାଇପାରେ । ତେଣୁ ଏବେ ସିଜରିଆନ୍ ସେକ୍‌ସନ୍ କଲେ ବହୁତ ଅସୁବିଧା ହେବ ।

ଲକ୍ଷ୍ମୀ ଆଖିରୁ ଧାରଧାର ଲୁହ ବୋହିଗଲା । ତା' ପୁଅକୁ ଧରି ସେ ମୋ ଆଡ଼କୁ ବିକଳ ହୋଇ ଚାହିଁଲା ଏବଂ କାନ୍ଦୁକାନ୍ଦୁ କହିଲା ମା', ମୁଁ ଆପଣଙ୍କ ଗୋଡ଼ ଧରି କହୁଛି ମତେ ତୁମେ ବଞ୍ଚାଇବ, ନ ହେଲେ ମୋ ପୁଅ ଅନାଥ ହୋଇଯିବ । ତା'କୁ କାନ୍ଦିବାକୁ ମନା କଲି ଓ କହିଲି, "ମୋ କଥା ମାନିଲୁନି, ତେବେ କେବଳ ଠାକୁର ହିଁ ତତେ ବଞ୍ଚାଇବେ ।" ତା' ପୁଅ ଆଗରେ ଆସି ମା'ର ଦୁଇ ଆଖିରୁ ଲୁହ ପୋଛି ଦେଲା ଏବଂ ମୋ ହାତ ଧରି କହିଲା 'ଡାକ୍ତରାଣୀ ଆଈ, ମୋ ମା'କୁ ଟିକେ ଭଲ କରିଦିଅ । ପିଲା ଦିନୁଁ ତ ମୁଁ ତୁମକୁ ହିଁ ଚିହ୍ନିଚି, ଏବେ ମା'କୁ ଟିକିଏ ବଞ୍ଚେଇ ଦିଅ ନ ହେଲେ ମତେ କିଏ ଖାଇବାକୁ ଦେବ?

ଲକ୍ଷ୍ମୀକୁ ପରୀକ୍ଷା କଲା ପରେ ଜାଣିଲି, ତା'ର ଉଚ୍ଚ ରକ୍ତଚାପ ସହ ରକ୍ତରେ ହିମୋଗ୍ଲୋବିନ୍ କମିଯାଇଛି ଏବଂ ଗର୍ଭର ଶିଶୁ ଆଦୌ ବଢ଼ିନାହିଁ । ତା'କୁ ଔଷଧପତ୍ର ଦେଇ ଛାଡ଼ିଲି । ମାସକୁ ମାସ ଆସି ଚେକ ଅପ୍ ପାଇଁ କହିଲି । ମଝିରେ ଆଦୌ ନ ଆସି ହଠାତ୍ ଦିନେ ରାତି ତିନିଟାରେ ସେ ସିରିୟସ୍ ହୋଇ ପହଞ୍ଚିଲା । ତା'ର ରକ୍ତଚାପ କମିଯିବା ସହ ନାଡ଼ିର ଗତି ତୀବ୍ର ହେଲାଣି । ତା'କୁ ସାଲାଇନ୍ ଓ ଅକ୍ସିଜେନ୍ ଦେଇ ଅଲଟ୍ରାସାଉଣ୍ଡ କଲାବେଳକୁ ତା'ର ଜରାୟୁ ଫାଟିଯାଇ ପେଟ ଭିତରେ ଗୋଟିଏ ରକ୍ତର ପୋଖରୀ ହୋଇ ଯାଇଛି ଓ ଗର୍ଭର ଶିଶୁଟି ମରିଯାଇଛି । ତା' ସ୍ୱାମୀ ମଧ୍ୟ ପାଖରେ ନାହିଁ । ତା'କୁ ମେଡିକାଲ କଲେଜକୁ ଟ୍ରାନ୍ସଫର କଲି; କାରଣ ତା' ପାଖରେ ଛୋଟ ପୁଅ ଓ ସ୍ତ୍ରୀଲୋକଟିଏ ଥିଲା । ଏସସିବିରେ ମଧ୍ୟ ତୁରନ୍ତ ଡାକ୍ତରମାନେ ତା' ପାଇଁ ରକ୍ତ ଯୋଗାଡ଼ କରିଦେଲେ । ତା'କୁ ଏମର୍ଜେନ୍ସି ପଠାଇଲାବେଳେ ଲକ୍ଷ୍ମୀର ଓ ତା' ପୁଅର କି ବିକଳ କାନ୍ଦ, ମା" ଆପଣ ଆମ ସାଙ୍ଗରେ ଚାଲନ୍ତୁ । ଆପଣ ଅପରେସନ ନ କଲେ ମୁଁ ମରିଯିବି, ଏ ପୁଅ ତୁମକୁ ଲାଗିଲା ।"

ଇମର୍ଜେନ୍ସିରେ ରକ୍ତ ଯୋଗାଡ଼ ପରେ ଅପରେସନ୍ କଲାବେଳକୁ ତା'ର ଜରାୟୁ ସମ୍ପୂର୍ଣ୍ଣ ଫାଟି ଯାଇଥିଲା । ମୃତଶିଶୁଟି ସହ ଜରାୟୁକୁ ମଧ୍ୟ ଅସ୍ତ୍ରୋପଚାର କରି କାଢ଼ି ଦେବାକୁ ପଡ଼ିଲା । ତା'ପରେ ମଧ୍ୟ ଲକ୍ଷ୍ମୀ ବେଶ୍ ସିରିୟସ ହୋଇ ଆଇସିୟୁରେ ରହିଲା ଏବଂ ପରେ ଭଲ ହୋଇ ୱାର୍ଡକୁ ଆସିଲା । ପ୍ରାୟ ଦଶ ବାରଦିନ ପରେ ତା'ର ଷ୍ଟିଚ୍ ଖୋଲାଗଲା । ଏ ସବୁ ଅସୁବିଧା ସତ୍ତ୍ୱେ ସେ ଯେ ବଞ୍ଚିଗଲା । ତାହା ତା' ପାଇଁ ସବୁଠାରୁ ବଡ଼ କଥା ଥିଲା । ଯେଉଁଦିନ ଡିସଚାର୍ଜ ହେଲା, ଘରକୁ ନ ଯାଇ ସିଧା ଆସିଲା ଆମ ହସ୍‌ପିଟାଲ୍‌କୁ । ପୁଅର ହାତ ମୋ ହାତକୁ ବଢ଼ାଇଦେଇ କହିଲା, "ମା' ଏ ପୁଅ ତୁମର, ତୁମେ ପାଠ ପଢ଼ାଇବ । ସେଦିନ ରାତିରେ ତା'କୁ, ମତେ ବଞ୍ଚାଇ ଦେଇ ଗୋଟିଏ ନୂଆଜୀବନ ଦେଲ । ତୁମ ଋଣ ମୁଁ ସାରାଜୀବନ ଶୁଝିପାରିବି ନାହିଁ ।" ମୁଁ ତା' ଦୁଇ ହାତକୁ ଧରି ପ୍ରଭୁ ପଦ୍ମପାଦରେ ଆଭୂମ ପ୍ରଣତି ଜଣାଇଲି ।

ଏବେ ମଧ୍ୟ ଲକ୍ଷ୍ମୀ କଟକ ଆସିଲେ ତା' ପୁଅକୁ ଧରି ହ୍ୱିଲ ଚେୟାର୍‌ରେ ବସି ମୋ ପାଖକୁ ଆସେ । ସ୍ନେହରେ ଲକ୍ଷ୍ମୀ ଓ ତା' ପୁଅର ମୁଣ୍ଡରେ ହାତକୁ ବୁଲାଇ ଦିଏ ଏବଂ ପ୍ରାର୍ଥନା କରେ ପ୍ରଭୁ ତା' ପୁଅକୁ ଆୟୁଷ୍ମାନ କରନ୍ତୁ । ଏମିତି ଗୋଟିଏ ଡାକ୍ତର ଓ ରୋଗୀର ସମ୍ପର୍କ ଯେ ଏତେ ସଶକ୍ତ ଓ ସୁଦୃଢ଼ ହୋଇଯିବ ସେ କଥା କେବେ ଭାବି ନ ଥିଲି । ଏବେ ମଧ୍ୟ ଲକ୍ଷ୍ମୀ ଓ ତା'ର ସଂସାର ମୋ ଆଖି ଆଗରେ ଚଳଚ୍ଚିତ୍ର ପରି ଭାସିଯାଆନ୍ତି । ■■■

ଲିଙ୍କ୍‌ରୋଡ୍, କଟକ-୧୨
ଦୂରଭାଷ : ୯୪୩୭୦୫୫୦୦୭

ଦେବଦାରୁ

ଜୟନ୍ତୀ ରଥ

ଲବ୍ଧପ୍ରତିଷ୍ଠ ସାରସ୍ୱତ ସ୍ରଷ୍ଟା ଭାବେ ସୁପରିଚିତ । ତାଙ୍କର ପ୍ରବନ୍ଧ, ଗଳ୍ପ ଓ ସମାଲୋଚନା ନିୟମିତ ରାଜ୍ୟର ଉଚ୍ଚାଙ୍ଗ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଆଦୃତି ଲାଭ କରିଛି । ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ତାଙ୍କ ଲେଖାର ବୈଶିଷ୍ଟ୍ୟ ।

ସକାଳ ସାଢ଼େ ଆଠ । ମୋବାଇଲ୍‌ଟା ବାଜି ଉଠିଲା । ଏଇ ସମୟରେ କିଏ ଡାକୁଛି । ଏଇ ସମୟଟା ମାଆର ଡାକିବାର ସମୟ । ପନ୍ଦର ଦିନ ହେଲା ମାଆ ନର୍ସିଂହୋମ୍‌ରେ । ଆଗ ଦୁଇ ଦିନ ସେ ଆଇସିୟୁରେ ଥିଲା । ଏବେ କ୍ୟାବିନ୍‌କୁ ଆସିଲାଣି । ତା' ପାଖରେ ବାବା ଫୋନ୍ ରଖୁ ନାହାନ୍ତି । କାଳେ କେତେବେଳେ ଶୋଇଥିବ ତା' ନିଦ ଭାଙ୍ଗିଯିବ । ବାବା କଥା ହେଲାବେଳେ ମାଆକୁ ବେଳେ ବେଳେ ଫୋନ୍ ଧରେଇ ଦେଉଛନ୍ତି । ମାଆ ପଦେ ଦି' ପଦ କଥା କହି ଫୋନ୍ ଛାଡ଼ି ଦେଉଛି । ବାବା ଭାରି ଭାରି ସ୍ୱରରେ କହୁଛନ୍ତି– ମାଆକୁ କଷ୍ଟ ହେଉଚି, ସେ ବେଶି କଥା ହୋଇପାରୁନି । ରଖୁଚି, ହେଲା?

ମାଆ ଭଲ ଥିଲାବେଳେ ନିଜ ତରଫରୁ ଫୋନ୍ ରଖୁଚି ବୋଲି କେବେ କହି ନଥିଲା । ଆଜି ତାକୁ ଟିକେ ଭଲ ଲାଗୁଚି କି ? ସକାଳୁ ସକାଳୁ କାହିଁକି ଫୋନ୍ କଲା ?

ଆରେ ନା– ଏଇଟା ତ ନେହାର ନମ୍ବର ।

–ହ୍ୟାଲୋ... ନେହା

ରୂପା ତତେ ନିଦରୁ ଉଠେଇ ଦେଲି ନା ।

ଆଜି ରବିବାର ତୁ ଶୋଇଥିଲୁ ବୋଧେ ।

ଅଳସ ହାଇ ମାରି ଆଖି ଉପରେ ଝୁଲୁଥିବା କେଶ କେରାକ ପଛକୁ ପକେଇ ରୂପା କହିଲା– ତୁ... ଏତେ ସକାଳୁ ?

–ତୋ'ର ଏତିକିବେଳେ ଆଣ୍ଟିଙ୍କ ସହ ଗପିବା ଅଭ୍ୟାସ । ଏବେ କଥା ହୋଇ ପାରୁନୁ ବୋଲି ତୋ ମନ ଦୁଃଖ ଥିବ । ମୁଁ ଭାବିଲି ଆଜି ସେଇ ସମୟରେ ତୋ' ସହ ଗପିବି । ଏବେ କେମିତି ଅଛି ଆଣ୍ଟିଙ୍କ ଦେହ ?

– ଏବେ କ୍ୟାବିନ୍‌ରେ ରହିବ ଗୋଟେ ସପ୍ତାହ ।

– ଚାଲୁନୁ ଯାଇ ଟିକେ ଦେଖି ଆସିବା ।

ଅଚାନକ ନେହାର ଏ ପ୍ରସ୍ତାବ ଶୁଣି ଆଚମ୍ବିତ ହୋଇଗଲା ରୂପା ।

–ବାବା ତ କହୁଥିଲେ କିଛି ବ୍ୟସ୍ତ ହେବା ଦରକାର ନାହିଁ । ମାଆ ଭଲ ହେବା ପରେ ଆସିବୁ । କିଛି ଦିନ ରହି କରିଯିବୁ ।

–ଅଙ୍କଲ୍ କହିଲେ, ଆଉ ତୁ ମାନିଗଲୁ ତୋ'ର ନିଜର କିଛି ବୁଦ୍ଧି ନାହିଁ । ଆବ୍‌ଦାରି ଦେଖେଇ କହିଲା ନେହା । ତୋ' ପୁଅ ତ ଟିକେ ବଡ଼ ହେଲାଣି । ସେ ସିଦ୍ଧାନ୍ତଙ୍କ ପାଖେ ରହିବ । ତିନିଚାରି ଦିନ ସେମାନେ ମ୍ୟାନେଜ୍ କରିଦେବେ । ଅଙ୍କଲ୍ ଆଉ କ'ଣ କହିଥାନ୍ତେ ତୁ ଆସେ ବୋଲି । ଏବେ ନ ଗଲେ ଆଉ କେତେବେଳେ ଯିବୁ ।

ନେହା ସବୁ କଥା ଏମିତି ଟାଇଁ ଟାଇଁ କରି କହେ । ସିଧାସଳଖ । ସିଦ୍ଧାନ୍ତ ଓ ବିବ୍‌ଲୁଙ୍କୁ ତିନି ଚାରିଦିନ ଏକୁଟିଆ ଛାଡ଼ି ଯିବା କଥା ସେ ଭାବି ପାରି ନ ଥିଲା କାହିଁକି– ଭାବିଲା ରୂପା ।

–ଶୁଣ୍, ମୁଁ ପୁନେରୁ ବାହାରିବି । ତୁ ବାଙ୍ଗାଲୋର୍‌ରୁ ଚାଲିଆ । ଆଉ କିଛି ସେକେଣ୍ଡ ଥଟ୍ ନାହିଁ । ବଡ଼ମାନଙ୍କର କହିବା କଥା ଭିତରେ ଆଉ ଗୋଟେ କଥା ଲୁଚି କରିଥାଏ ତୁ ବୁଝିପାରୁନୁ, ସମୟ ଥିଲା ଆମେ ତାଙ୍କ କଥା ମାନୁଥିଲୁ ଏବେ ସେମାନେ ଆମ କଥା ମାନିବେ ।

–ହଁ ସତ କଥା । ବାବା କହିଦେଲେ ଆଉ ମୁଁ ମାନିଗଲି । ଆଖିରେ ଲୁହ ଜକେଇ ଆସୁଥିଲା ରୂପାର । ତା' ବାବା ବଡ଼ ପରିବାରର ବଡ଼ ପୁଅ । ସମସ୍ତଙ୍କ ପାଇଁ ତାଙ୍କ କର୍ତ୍ତବ୍ୟ କରିଛନ୍ତି । ସମସ୍ତଙ୍କ ଛୋଟ ବଡ଼ ଇଚ୍ଛା ପୂରଣ କରିଛନ୍ତି । କାହାରିଠୁ କିଛି ପ୍ରତିଦାନର ଆଶା ରଖି ନାହାନ୍ତି । କାହାରିଠୁ ସେବା କି ସାମାନ୍ୟ ସୁବିଧା ଲୋଡ଼ନ୍ତି ନାହିଁ ।

ଏଇଟା ତ ଅସମୟ । ଏବେ କ'ଣ ତାଙ୍କ କଥା ମାନି ଅଟକି ଯାଇଥିଲେ ଠିକ୍ ହୋଇଥାନ୍ତା? କର୍ତ୍ତବ୍ୟବୋଧର ଘଣ୍ଟି ବାଜି ଉଠିଲା ଭିତରୁ ।

> ଦୁଃଖ ବହୁତ କମ୍ ବୟସରୁ ତା'କୁ ବହୁତ କଥା ଶିଖେଇ ଦେଇଛି । ଉପରକୁ ହୋ ହୋ ହୋଇ ହସେ । ଗହଳ ଚହଳ ଭଲ ପାଏ । ଭିତରେ ଭିତରେ ଘଟଣାର ଗତିକୁ ନିୟନ୍ତ୍ରଣ କରୁଥାଏ । ମମି ଓଭାରିଆନ୍ କ୍ୟାନ୍‌ସର୍‌ରେ ଚାଲିଗଲା । ତାକୁ ମାତ୍ର ଅଠର ବର୍ଷ ହୋଇଥିଲା । ଜୀବନ ଏକାବେଳକେ ଶିଖେଇଦେଲା ପେନ୍ ମ୍ୟାନେଜ୍‌ମେଣ୍ଟ, ସିବ୍‌ଲିଙ୍ଗ ମ୍ୟାନେଜ୍‌ମେଣ୍ଟ, ପ୍ୟାରେଣ୍ଟ ମ୍ୟାନେଜମେଣ୍ଟ ।

ନେହାର ଫୋନ୍ ରଖିବା ପରେ ରୂପା ହଜିଗଲା ନିଜ ଭିତରେ ।

–ରୂପା ଶୁଣ୍ ତୋ ମାଆର କଥା ।

ହସ୍ତତନ୍ତ ପ୍ରଦର୍ଶନୀକୁ ଯାଇଥିଲା । ଏକାଥରେ ଆଠଟା ପାପୋଛ କିଣି ଆଣିଚି । ସେଗୁଡ଼ାକରୁ ରୁମ ବାହାରି ଘରସାରା ପଡୁଚି । ମୁଁ ସେଗୁଡ଼ା ବାନ୍ଧିକରି ଉପରେ ରଖି ଦେଇଛି । ସେଥିପାଇଁ ଆଜି ମୋ ଉପରେ ଗେଜେ ଗେଜେ ହେଉଚି । ଯେତେସବୁ ଆଜେବାଜେ ଜିନିଷ ଗଦେଇବା କାମ ତୋ' ମାଆର ।

–ଶୁଣା ଯାଉଚି ବାବାଙ୍କ ସ୍ୱର । ମାଆ ବିରୁଦ୍ଧରେ ଅଭିଯୋଗ ।

–ରୂପା, ତୋ' ବାବାଙ୍କ ମୁଣ୍ଡ ଖରାପ ହୋଇ ଗଲାଣି । ଏବେ ଗୋଟେ ମୁଣ୍ଡକୁ କ'ଣ ଢୁକିଛି– ଅନ୍‌ଲାଇନ୍‌ରେ ମନଇଚ୍ଛା ଜିନିଷ ମଗେଇ ଦେଉଛନ୍ତି । ମୋତେ ପଚାରୁ ନାହାନ୍ତି ଦରକାର ଅଛି ନା ନାଇଁ । ଫ୍ରିଜ୍‌ରେ ରଖିବା ପାଇଁ କଣ୍ଟେନର ମଗେଇଛନ୍ତି-ସେଗୁଡ଼ିକ ଭଲରେ ବନ୍ଦ କରି ହେଉନି–

–ମାଆର ସ୍ୱର । ବାପାଙ୍କ ବିରୁଦ୍ଧରେ ଅଭିଯୋଗ ।

–ତୋ' ମାଆ ସବୁବେଳେ ଚିଡ଼୍‌ଚିଡ଼୍ ହେଉଚି । କହୁଚି ଲୋକମାନେ କେତେ ଡିଜାଇନ୍‌ରେ ଘର କରୁଛନ୍ତି । ଲିଫଟ୍, ଜେନେରେଟର ଲଗାଉଛନ୍ତି । ଖାଲି କ'ଣ କହିଲେ ହୋଇଯିବ । ସେଥିପାଇଁ ପଇସା ଦରକାର ନା । ମୋର ସୀମିତ ସମ୍ବଳ । ଦାୟିତ୍ୱ ବହୁତ ଥିଲା ମୋ ଉପରେ । କ'ଣ ଆଉ କରି ପାରନ୍ତି । ବାପାଙ୍କ ସ୍ୱର ବଡ଼ କରୁଣ ଶୁଭୁଥିଲା ।

– ଯଦି ତାଙ୍କ କଥା ଶୁଣିଲୁ ମୋ କଥା ବି ଶୁଣ । ଆଉଟ୍ ହାଉସ୍ ଭଳିଆ ଅଢ଼େଇ ବଖରା ଘର ଭିତରେ ଅଛୁ । ଏବେ ଆଉ ବଡ଼ ଘର କ'ଣ ହେବ । ଯେତେବେଳେ ରହିବାକୁ ମନ ଥିଲା ତ କଲେନି । ଖାଲି ପଡ଼ିଥିବା ଜାଗାରେ ମୁଁ ଏବେ ଭେଣ୍ଡି, ବାଇଗଣ, ଶାଗ, କଞ୍ଚା ଲଙ୍କା ଗଛ ଲଗେଇଚି ଗୋଟେ ପଟେ । ଆଉ ଗୋଟେ ପଟେ ମନ୍ଦାର, ଗୋଲାପ, ଟଗର, କନିଅର, ମଲ୍ଲୀ ଗଛ । ମାଳୀଟେ ଆସୁଚି ।

ଖତ ମାଟି ଦେଉଚି । ଗଛ ସବୁ ଛନଛନିଆ ହୋଇ ବଢ଼ୁଛି । ସକାଳୁ ଠାକୁରଙ୍କ ପାଇଁ ଚାଙ୍ଗୁଡ଼ିଏ ଫୁଲ ତୋଳୁଚି । କୋଉ ଜନ୍ମରେ କି ପାପ କରିଥିଲି ଯେ ମନ ଲୋଡୁଥିବା ଭଳି ଗୋଟେ ଘରେ ରହି ପାରିଲିନି । ହଉ, ମୋତେ କାଳିଆ ନ ଦେଲା ନାଇଁ, ଜୀବ ଥିବା ଯାଏ ତାକୁ ଡାକିବା ମୁଁ ବନ୍ଦ କରିବିନି । କାଳିଆକୁ କାହିଁକି ଦୋଷ ଦେବି– ସେ କ'ଣ ହାତ ଗୋଡ଼ ଧରି କରେଇ ଥାନ୍ତା । ତୋ ବାବାଙ୍କର ତ ଉଦ୍‌ଯୋଗ ନାହିଁ । ଭାଇଭଉଣୀଙ୍କ ପାଇଁ ସବୁ ସାରିଲେ, କେହି ଟିକେ ମୁହଁ ବୁଲେଇ ଚାହୁଁଛନ୍ତି ?

–ଓହୋ! ବନ୍ଦ କର ଏଇ ରାଗରୁଷା, ମତେ ଟିକେ ଶାନ୍ତିରେ ରହିବାକୁ ଦିଅ ।

ବ୍ୟସ୍ତ ବିବ୍ରତ ହୋଇ ପଡୁଥିଲା ବେଳେ ବେଳେ । ବାବାଙ୍କ ଅପରିଣାମଦର୍ଶିତା ଯୋଗୁଁ ମାଆର ମନ ମୁତାବକ ଘରଟେ ହୋଇ ପାରିଲାନି, ସେ ଜାଣେ । ତେବେ ବାବାଙ୍କ ବିରୁଦ୍ଧରେ କିଛି ଶୁଣିଲେ ତା'କୁ ଭଲ ଲାଗେନି ।

କେବେ କେବେ କଥା ପ୍ରସଙ୍ଗରେ ସେ ନେହାକୁ କହୁଥିଲା ଏଇ କଥା ।

ନେହା ତା'କୁ ବୁଝେଇ ଦେଉଥିଲା ତା' ବାଟରେ ।

–ଆରେ, ତୁ ସାଇକୋଲଜି ଷ୍ଟଡି କରୁଛୁ । କି ଝିଅ ହୋଇଛୁ ।

ଆଣ୍ଟିଙ୍କର କ'ଣ ଗୋଟେ ଭଲ ଘରେ ରହିବାର ହକ୍ ନ ଥିଲା । ଅଙ୍କଲ୍ ଏତେ ଭଲ ଚାକିରି କରିଥିଲେ । ନିଜ କଥା, ନିଜ ଇମିଡିଏଟ୍ ଫ୍ୟାମିଲି ବିଷୟରେ ଟିକେ ଭାବିଲେନି କାହିଁକି ? ଆଣ୍ଟି ଏତେ ବିନ୍ଦାସ୍ ଥିଲେ । ଅଙ୍କଲ୍ କାହାକୁ କ'ଣ ଦେଲେ, କାହା ପାଇଁ କ'ଣ କଲେ କିଛି ରୋକୁ ନ ଥିଲେ । ଅଙ୍କଲ୍ ଭାବୁଥିଲେ ସେ ନ କହିଲେ ବି ଭାଇମାନେ ତାଙ୍କୁ ସାହାଯ୍ୟ କରିବେ । ସେମାନେ କଲେନି । ଏଇ ବୟସରେ ଯେମିତି ଆରାମ୍‌ରେ ରହିବା କଥା ସେ ରହି

ପାରିଲେନି । ତାଙ୍କ ମନର ଦୁଃଖ ସେ ତୋ ଆଗେ କହିବେନି ତ ଆଉ କାହା ଆଗେ କହିବେ?

–ମୁଁ ବୁଝୁଚି । ସବୁ ବୁଝୁଚି, ମୁଁ କ'ଣ କରି ପାରିବି । ମୁଁ ବାବାଙ୍କୁ ଭଲପାଏ । ମା'କୁ ବି ଭଲପାଏ । କାହାକୁ ବାଧିଲା ପରି କିଛି କହି ପାରିବିନି ।

–ତୁ ସେମାନଙ୍କୁ କିଛି ଦିନ ପାଇଁ ତୋ ପାଖକୁ ନେଇ ଆ । ପରାମର୍ଶ ଦିଏ ନେହା ।

– ନା ମାଆ ତା' ଫୁଲ ଗଛ, ତା' ଠାକୁରଙ୍କୁ ଛାଡ଼ି କୁଆଡ଼େ ଯିବନି ।

–ତା'ହେଲେ ଅଙ୍କଲ୍‌ଙ୍କୁ କହ ସେ ଆସନ୍ତୁ ।

–ତୁ ଜାଣିନୁ ମୋ ବାବା, ମାଆଙ୍କୁ, ବାବା, ମାଆ ଖିଟ୍ ଖିଟ୍ ହେଉଥିବେ, କେହି କାହାକୁ ଛାଡ଼ି ରହି ପାରିବେନି । ସବୁଦିନ ସକାଳୁ ବାବା ଚା' କରି ମାଆକୁ ଉଠାନ୍ତି, ମାଆ ଯାହା ମେଡିସିନ୍ ଖାଏ ସେଇଟା ବାବା କାଢ଼ି କରି ମାଆ ହାତକୁ ଦିଅନ୍ତି । ଖବରକାଗଜରେ ବାହାରିଥିବା ସ୍ୱତନ୍ତ୍ର ସମ୍ବାଦକୁ, ପ୍ରବନ୍ଧକୁ ମାଆ ଅଲଗା କରି ସାଇତି ରଖେ ବାବାଙ୍କ ପାଇଁ । କାହାକୁ ପୁରୁଣା ଖବରକାଗଜ କି ପତ୍ରିକା ଦେଲାବେଳେ ମା' ସେଥିରେ ଥିବା ବିଶେଷ ପ୍ରସଙ୍ଗ ଉପରେ ଆଖି ବୁଲାଏ । ବାବାଙ୍କ ଦରକାରରେ ଲାଗିବା କାଗଜପତ୍ର ସେ ଫାଇଲ୍‌ରେ ସଜାଡ଼ି କରି ରଖେ ।

ମାଆ ପରି ବାବାଙ୍କ ଯତ୍ନ ମୁଁ ନେଇ ପାରିବିନି । ଏ ପର୍ଯ୍ୟନ୍ତ ବି ବାବା ଖାଇବା ଟେବୁଲ୍ ପାଖେ ବସିଲେ ମାଆ ଭଜା ଭଜି କରିବାକୁ ତାୱା ବସାଏ ଗ୍ୟାସ୍‌ରେ । ବାବା ଆଗରୁ ସେକା ହୋଇ ରହିଥିବା ରୁଟି ଖାଆନ୍ତିନି, ମାଆ କୁଆଡ଼େ ଯାଇଥିଲେ ବି ବାବା ଅପେକ୍ଷା କରିଥାନ୍ତି, ମାଆ ଘରକୁ ଆସିଲେ ରୁଟି ସେକି, ତରକାରି କରି ତାଙ୍କୁ ଦିଏ ।

ମାଆ ଯଦି କେବେ ଚୁପ୍ ହୋଇଯାଏ-ବାବା ସହି ପାରନ୍ତିନି । କହନ୍ତି କଳି କର ପଛେ କଥା କୁହ ।

କହୁ କହୁ କଣ୍ଠ ରୁଦ୍ଧ ହୋଇ ଯାଇଥିଲା ରୂପାର ।

–ଶୁଣ, ତମେ କାନ୍ଦୁଚ କାହିଁକି । ମାଆ ଭଲ ହୋଇଯିବେ । ଯିବାକୁ ମନ କରୁଚ ତ ଯାଅ, ବୁଲିଆସ । ମୁଁ ଆଉ ଶୁଭମ୍ ମ୍ୟାନେଜ୍ କରିଦେବୁ । କିଛି ଅସୁବିଧା ହେବନି ।

କହିଲେ ଗୌତମ । ରୂପାର ସ୍ୱାମୀ । ସେ କେତେବେଳୁ ଆସି ତା' କାନ୍ଧରେ ହାତ ରଖିଥିଲେ ।

ରୂପା କୋହ ସମ୍ଭାଳି ନ ପାରି ଗୌତମଙ୍କୁ ଜାବୁଡ଼ି ଧରି ଜୋର୍‌ରେ କାନ୍ଦି ଉଠିଲା ।

ଏ କାନ୍ଦରେ ମିଶିଥିଲା ତା'ର ଗ୍ଲାନି, ତା'ର ପଶ୍ଚାତ୍ତାପ ।

କାହିଁକି ମନ ଧ୍ୟାନ ଦେଇ ଶୁଣିଲାନି ସେ ମାଆର କଥାକୁ । କାହିଁକି ଟିକେ ଆଶ୍ୱାସନା ଦେଇ ସେ ମାଆକୁ କହିଲାନି କଥା । କେତେ

କଷ୍ଟ ପାଇଥିବ ମାଆ ତା'ର ଉଦାସୀନ ଆଚରଣ ପାଇଁ।

ଭୁବନେଶ୍ୱର ଏୟାରପୋର୍ଟରୁ ଅରୁନ୍ଧତୀ ନର୍ସିଂହୋମ୍, ନେହା ସୁବିଧାରେ ଆସି ପହଞ୍ଚିଗଲା।

ବଷ୍ବରୁମ୍‌ରେ ତା'ର ସୁଟ୍‌କେଶ ରଖି ସିଷ୍ଟରଙ୍କୁ ପଚାରି ସିଧା ପହଞ୍ଚିଲା ନେହା କ୍ୟାବିନ୍ ନଂ ୧୬ରେ। କବାଟ ଠକ୍ ଠକ୍ କଲା।

–ତମେ କିଏ ମା' ?

–ଅଙ୍କଲ୍ ମୋତେ ଚିହ୍ନି ପାରୁ ନାହାନ୍ତି ?

ମୁଁ ରୂପାର ସାଙ୍ଗ ନେହା। ରୂପାର ବାବା ପ୍ରଣବଙ୍କ ଆଖିରେ ବିସ୍ମୟ।

–ତୁ କେମିତି ଜାଣିଲୁ ମା' ?

–ଅଙ୍କଲ୍, ଆଣ୍ଟିଙ୍କ ଦେହ ଏତେ ସିରିୟସ, ମୁଁ ଜାଣିବିନି? ରୂପାଠୁ ଶୁଣିଲି। ଆଣ୍ଟିଙ୍କୁ ଦେଖିବାକୁ ମନ ହେଲା ଚାଲି ଆସିଲି।

–ବହୁତ ଦିନ ହେଲା ତତେ ଦେଖିନି ତ ସେଥିପାଇଁ ଚିହ୍ନି ପାରିଲିନି ମାଆ, କିଛି ମନେ କରିବୁନି।

–ଆରେ ଝିଅକୁ ଆଗ ବସିବାକୁ ଦିଅ। ଫ୍ରିଜ୍‌ରେ ଥଣ୍ଡା ପାଣି, କୋଲଡ୍ ଡ୍ରିଙ୍କ୍‌ସ ଅଛି ପିଇବାକୁ ଦିଅ। ତା'ପରେ ତା' ସହ କଥା ହେବ। କହିଲେ ସୁନୀତି, ରୂପାର ମାଆ।

–ଆପଣ କେମିତି ଚିହ୍ନିବେ ଅଙ୍କଲ୍। ମୋ ମମି ତ ହିଟଲର୍ ଥିଲା। ମୋତେ ନାଚ ଶିଖାଉଥିଲା। ମୋର ଲମ୍ବା ଲମ୍ବା ଦି'ଟା ବେଣୀ ଥିଲା। ମୋର ଖାଇବା ପିଇବାକୁ ଜଗୁଥିଲା। ମୁଁ ପତଳା ଥିଲି ବହୁତ। ଏତେ ମୋଟୀ ହୋଇ ଗଲିଣି। ପୁଣି ବବ୍ କଟ୍ କରି ଦେଇଛି, ପ୍ରଣବଙ୍କୁ ଚାହିଁ ଅନର୍ଗଳ କହିଗଲା ନେହା।

–ହଁ ଧନ, ଟିକେ ଭଲ ଲାଗୁନି। କାହିଁକି ହଇରାଣ ହୋଇ ଆସିଲୁ ? ତୋ ଅଙ୍କଲ୍‌ଙ୍କୁ ଟିକେ ଧାଁ ଦୌଡ଼ କରିବାକୁ ପଡୁଚି। ବୟସ ହେଲାଣି, ଏଥର ତ ଆମ ଦେହ ଟିକେ ଟିକେ ବିଗିଡ଼ିବ।

ନେହା ସୁନୀତିଙ୍କୁ ଆଖି ପୂରେଇ ଚାହିଁଲା।

ଅଙ୍କଲ୍, ଆଣ୍ଟିଙ୍କୁ ସେ ମଦର'ସ ଡେ'ରେ ସରପ୍ରାଇଜ୍ ଦେବାକୁ ଆସିଚି। ଏକାବେଳକେ ଦି'ଜଣ ଯାକ ପହଞ୍ଚି ଯାଇଥିଲେ ଏକାଠି ସବୁ ଖୁସି ସରି ଯାଇଥାନ୍ତା। ରୂପାର ଫ୍ଲାଇଟ୍ ଦି'ଘଣ୍ଟା ଡେରି ଅଛି। ସେ ପର୍ଯ୍ୟନ୍ତ ସେ ରୂପା ବିଷୟରେ ଅନ୍ତତଃ କିଛି ନ କହୁ। ନେହା ନିଜକୁ ରୋକି ନେଲା।

ଦୁଃଖ ବହୁତ କମ୍ ବୟସରୁ ତା'କୁ ବହୁତ କଥା ଶିଖେଇ ଦେଇଛି। ଉପରକୁ ହୋ ହୋ ହୋଇ ହସେ। ଗହଳଚହଳ ଭଲପାଏ। ଭିତରେ ଭିତରେ ଘଟଣାର ଗତିକୁ ନିୟନ୍ତ୍ରଣ କରୁଥାଏ। ମମି ଓଭାରିଆନ୍ କ୍ୟାନ୍‌ସର୍‌ରେ ଚାଲିଗଲା। ତାକୁ ମାତ୍ର ଅଠର ବର୍ଷ ହୋଇଥିଲା। ଜୀବନ ଏକାବେଳକେ

> ଛୋଟ ଛୋଟ ପଦକ୍ଷେପ। ଏକାବେଳକେ ଦୌଡ଼ ନୁହେଁ। ଏକାବେଳେକେ ଲମ୍ଫ ପ୍ରଦାନ ନୁହେଁ। ଜୀବନ ଚାଲୁ ସ୍ୱାଭାବିକ ଗତିରେ। ବାହାର ଲୋକ ଦେଖିବେ ଦୁଇଟି ଯୁବତୀ ଏକାଠି ଚାଲୁଛନ୍ତି। ଏକାଠି ଗପୁଛନ୍ତି, ଏକାଠି ରୋଗୀ ସେବା କରୁଛନ୍ତି, କେହି ଦେଖିବେ ନାହିଁ। ଦେଖି ପାରିବେ ନାହିଁ। ସେଥିରୁ ଜଣେ ତା' ବାପାର ପ୍ରେମିକାକୁ ଗାଳି ଦେଉଚି ଅନୁଚ୍ଚାରିତ। ବାପା ଗୋଟେ ଭୁଲ୍ ସମ୍ପର୍କରେ ଯୋଡ଼ି ହୋଇଥିବାରୁ ଆନ୍ଦୋଳିତ ହେଉଚି ଅନବରତ।

ଶିଖେଇଦେଲା ପେନ୍ ମ୍ୟାନେଜ୍‌ମେଣ୍ଟ, ସିବ୍‌ଲିଙ୍ଗ ମ୍ୟାନେଜ୍‌ମେଣ୍ଟ, ପ୍ୟାରେଣ୍ଟ ମ୍ୟାନେଜମେଣ୍ଟ। ନିଜର ଆଗ୍ରହ ଯୋଗୁଁ ମମି ପାଖରୁ ସେ ବହୁତ କିଛି ରାନ୍ଧିବା ଶିଖିଥିଲା। ରାତିରେ ଖାଇ ବସିବାବେଳେ ସେ ଗୋଟେ ଗୋଟେ ଆଇଟମ୍ ତିଆରି କରିଦେଉଥିଲା। ସାନ ଭଉଣୀ ଇଲାକୁ ସ୍କୁଟିରେ ନେଇ ଟ୍ୟୁସନ୍ ଛାଡୁଥିଲା। ତା' ପାଇଁ ନୂଆ ନୂଆ ଡିଜାଇନ୍‌ର ଡ୍ରେସ୍ କିଣି ଆଣୁଥିଲା, ଡାଡି ସହ ଜିଦ୍ କରି ପ୍ରୋଗ୍ରାମ୍ କରୁଥିଲା। ମଝିରେ ମଝିରେ ଦୁଇ ତିନି ଦିନ ସେ, ଇଲା ଓ ଡାଡି ଯାଉଥିଲେ ଶିମିଳିପାଳ, ଦେଓମାଳି, ଭିତରକନିକା। ସେ ଜାଣିଥିଲା ତାକୁ ଏକାବେଳକେ ସମ୍ଭାଳିବାକୁ ହେବ ନିଜକୁ, ଇଲାକୁ ଓ ଡାଡିଙ୍କୁ।

ମମି ଯିବା ପରେ ପରେ ତା'କୁ ବହୁତ ଦମ୍ଭ ଦେଇଥିଲେ ଏଇ ଆଣ୍ଟି। ତାଙ୍କର କେତେ ପଦ କଥାରେ ତା'କୁ ନୂଆ ଜୀବନ ପାଇବା ପରି ଲାଗୁଥିଲା। ରୂପାକୁ ସେ ସବୁବେଳେ କହୁଥିଲା 'ୟୁ ଆର୍ ଫର୍‌ଚୁନେଟ୍ ଇନଫ୍ ଟୁ ହାଭ୍ ମଦର ଲାଇକ୍ ଆଣ୍ଟି। ସିଇଜ୍ ଇନ୍‌କାରନେସନ୍ ଅଫ୍ ୱାଇଜ୍‌ଡମ୍।"

ରୂପାକୁ ସେ କହିନାହିଁ, ତା'ର ଡାଡ଼ି ଏବେ କୀର୍ତ୍ତି ଆଣ୍ଟିଙ୍କ ସହ ଲିଭ୍ ଇନ୍ ରିଲେସନ୍‌ରେ ରହୁଛନ୍ତି। ଡାଡିଙ୍କୁ ନେଇ ତା' ମନରେ ବୋହୁଥିବା ଝଡ଼ର ସୁରାକ ବି ଦେଇ ନାହିଁ।

କୀର୍ତ୍ତି ଆଣ୍ଟି ଜାଣିବାକୁ ଚାହୁଁଛନ୍ତି ଡାଡ଼ିଙ୍କ ସମ୍ପତ୍ତିର ବିବରଣୀ। ନେହା ବାହା ହେବାର ଦୁଇ ବର୍ଷ ପରେ ସ୍ୱାମୀ ଶୋଭନଙ୍କୁ ଡିଭୋର୍ସ ଦେଇଚି। ଇଲା ବାହା ହେଇନି। ଦୁଇ ଦୁଇଟା ବଡ଼ ଝିଅ ଥିବା ମଣିଷ ସହିତ ଯୋଡ଼ି ହୋଇ ନିଜର ଭବିଷ୍ୟତ ତାଙ୍କୁ ସୁରକ୍ଷିତ ଲାଗୁନି। ସବୁବେଳେ ସମ୍ପତ୍ତି ଭାଗବାଣ୍ଟ କରିବା ପାଇଁ ସେ ଡାଡିଙ୍କ ଉପରେ ଚାପ ପକାଉଛନ୍ତି।

ନେହା ଏବେ ସେଇ ସମସ୍ୟାକୁ ସାମ୍ନା କରିବା ପାଇଁ ନିଜ ଭିତରେ ଶକ୍ତି ସଞ୍ଚୟ କରୁଛି, ନିଜ ମନର ଭାରସାମ୍ୟ ରଖିବା ପାଇଁ କିଛି ପରିବର୍ତ୍ତନ ଚାହୁଁଛି।

ରୂପା ନ ଆସିଲେ ବି ସେ ଆସିଥା'ନ୍ତା । ଆଣ୍ଟି, ଅଙ୍କଲ୍‌ଙ୍କ ପାଖରେ ରହିଥା'ନ୍ତା ।

ନେହାର ଏଇ ଆସିବାଟାକୁ ତା'ର ବଡ଼ପଣ ବୋଲି ଭାବି ନେଇଛି ରୂପା । ପ୍ରକୃତରେ ତାହା ନୁହେଁ । ବେଳେବେଳେ ସମସ୍ୟାରୁ, ସଙ୍କଟରୁ ବର୍ତ୍ତିବା ପାଇଁ ଗୋଟିଏ ଗୋଟିଏ ଆଳ ଖୋଜିବାକୁ ପଡ଼େ । ଡାଡି କହୁଥିଲେ ସେ କୀର୍ତ୍ତି ଆଣ୍ଟିଙ୍କୁ ନେଇ ପୁନେ ଆସିବେ । ତା'ର ବିଲ୍‌କୁଲ୍ ଇଚ୍ଛା ନ ଥିଲା କୀର୍ତ୍ତି ଆଣ୍ଟିଙ୍କ ପାଖରେ ରହିବା ପାଇଁ ।

କେବେ ନା କେବେ ତ ତାଙ୍କୁ ଭେଟିବାକୁ ପଡ଼ିବ, ଏବେ ନୁହେଁ ।

କେତେ ବର୍ଷ ପରେ ଡାଡ଼ିଙ୍କୁ ସେ ଟିକେ ଖୁସି ଥିବାର ଦେଖୁଛି । ନା, ସେ ଡାଡ଼ିଙ୍କୁ ଦୁଃଖୀ ହେବାକୁ ଦେବ ନାହିଁ ।

ସେ ଡାଡିଙ୍କୁ କହି ଦେଇଛି ଯେ ସେ ରୂପାର ମାଆଙ୍କୁ ଦେଖିବାକୁ ଯାଉଚି । ଏବେ ସେ କୀର୍ତ୍ତି ଆଣ୍ଟିଙ୍କୁ ନେଇ ନ ଆସନ୍ତୁ ।

ନା, କଥାଟା ମିଛ ନୁହେଁ ।

ତେବେ ନେହା ପାଇଁ କଥାଟା ଅଧା ସତ । ନେହା ଆସିଚି ବେଶି ତା' ନିଜ ସ୍ୱାର୍ଥରେ । ସେ ଆସିଚି ଆଣ୍ଟିଙ୍କଠୁ ଆଦର ବୋଳା ଦୁଇପଦ କଥା ଶୁଣିବା ପାଇଁ ।

ପୁନେର ପ୍ରତିଷ୍ଠିତ ରେସ୍ତୋରାଁରେ ମାଲିକାଣୀ ନେହା ସୁନ୍ଦର ରାୟ । ଲଣ୍ଡନରୁ ହୋଟେଲ ମ୍ୟାନେଜମେଣ୍ଟ କୋର୍ସ ସାରି ସେ ଚାକିରି କରୁଥିଲା ବଡ଼ ଷ୍ଟାର୍ ହୋଟେଲରେ । ଏବେ ଚାକିରି ଛାଡ଼ି ନିଜ ବ୍ୟବସାୟ ଆରମ୍ଭ କରିଛି । ରୂପାକୁ ସେ ଅର୍ଦ୍ଧସତ୍ୟର ଛାୟାରେ ରହିବାକୁ ଦେବ ନାହିଁ ବେଶି ସମୟ । ତା'କୁ କହିବ ସବୁ କଥା ଫିଟେଇ ।

ଏବେ ସେ ଅପେକ୍ଷା କରୁଚି ରୂପାକୁ । ରୂପା ଆସି ଆଣ୍ଟିଙ୍କୁ ଦେଖାକଲା ପରେ ସେ ଦୁହେଁ ମିଶି ରୂପାର ଘରକୁ ଯିବେ । ସେଠି ଟିକେ ବିଶ୍ରାମ ନେଲା ପରେ ସେ ଆଣ୍ଟିଙ୍କ ପାଇଁ ସୁପ୍ ତିଆରି କରିବ । ସେମାନେ ପୁଣି ନର୍ସିଂହୋମ୍‌କୁ ଆସିବେ ଏକାଠି । ଛୋଟ ଛୋଟ ପଦକ୍ଷେପ । ଏକାବେଳକେ ଦୌଡ଼ ନୁହେଁ । ଏକାବେଳେକେ ଲମ୍ଫ ପ୍ରଦାନ ନୁହେଁ । ଜୀବନ ଚାଲୁ ସ୍ୱାଭାବିକ ଗତିରେ । ବାହାର ଲୋକ ଦେଖିବେ ଦୁଇଟି ଯୁବତୀ ଏକାଠି ଚାଲୁଛନ୍ତି । ଏକାଠି ଗପୁଛନ୍ତି, ଏକାଠି ରୋଗୀ ସେବା କରୁଛନ୍ତି, କେହି ଦେଖିବେ ନାହିଁ । ଦେଖି ପାରିବେ ନାହିଁ । ସେଥିରୁ ଜଣେ ତା' ବାପାର ପ୍ରେମିକାକୁ ଗାଳି ଦେଉଚି ଅନୁଚ୍ଚାରିତ । ବାପା ଗୋଟେ ଭୁଲ୍ ସମ୍ପର୍କରେ ଯୋଡ଼ି ହୋଇଥିବାରୁ ଆନ୍ଦୋଳିତ ହେଉଚି ଅନବରତ । ■■■

ସାଇସୁଧା, ୩୬୫/୩୦୨୫,
ଶିଶୁବିହାର, ପଟିଆ, କିଟ୍, ଭୁବନେଶ୍ୱର
ଦୂରଭାଷ : ୮୮୯୫୬୧୭୯୫୬

With Best Complements From.........

SHRI MAHAVIR FERRO ALLOYS PVT. LTD.

Manufacturer of Sponge, Steel & Power

Kalunga Industrial Estate, Kalunga Sundargarh


A WELL WISHER
KEONJHAR



ନିଷିଦ୍ଧ ନୀରାଜନା



ଶରତ ଚନ୍ଦ୍ର ଶତପଥୀ

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ପ୍ରାଧ୍ୟାପକ । ଗଳ୍ପ, ଅନୁବାଦ, ନିବନ୍ଧ ରଚନାରେ ଅଭିରୁଚି । ଭିନ୍ନ ରୁଚିର ସ୍ତମ୍ଭକାର ଭାବରେ ପାଠକୀୟ ସ୍ୱୀକୃତି ଲାଭ କରିଛନ୍ତି । ପ୍ରକାଶିତ ଅନୂଦିତ ଗଳ୍ପ ସଙ୍କଳନ: 'ନଈ ସେପାରିର ଦିଅଁ', ଅନୂଦିତ ନାଟକ- 'ପ୍ରତୀକ୍ଷା ଗୋଦୋ ଲାଗି' ।

ଗଙ୍ଗଶିଉଳିର ବିଭୋର ବାସ୍ନାରେ ମୋହଗ୍ରସ୍ତ ଅର୍ଦ୍ଧ ନିମୀଳିତ ରକ୍ତ-ଶ୍ୱେତ-ନୀଳ କଇଁର ଅଳସ ସକାଳ । ନଈ ପଠାରେ ଅବୁଝା ଅମାନିଆ ପବନରେ ଆନମନା କିଶୋରୀ କାଶ ଫୁଲର ପଣତଉଡ଼ା ଏବଂ ପରିବ୍ୟାପ୍ତ ନୀଳ ଚାନ୍ଦିନୀ ତଳେ ଧ୍ୟାନମଗ୍ନ ନିଃଶବ୍ଦ ଆକାଶ... । ଆଜି ତାରିଖରେ ଏସବୁ ଅନୁଚିନ୍ତା ମହାକାଳର ମେଘ-ରୌଦ୍ରର ଲୁଚକାଳି ଖେଳରେ ହଜି ଯାଇଥିବା ଅସ୍ତମିତ ପାଂଶୁଳ ସ୍ମୃତି ବ୍ୟତୀତ ଆଉ ଅଧିକ କିଛି ନୁହେଁ । ଧ୍ୟାନ କରି ଖୋଜି ବସିଲେ, ବୋଉର 'ନିଦ ମାଉସୀ'କୁ ଆବାହନୀ ସଙ୍ଗୀତ କିମ୍ବା ମୁକ୍ତଛନ୍ଦର 'ନାନାବାୟା' ଗୀତ ପରେ ମନକୁ ଆସେ ଜୀବନର ପ୍ରଥମ ରାଗ ସଙ୍ଗୀତ; ଲିପାପୋଛା ମାଟି କାନ୍ଥ ଛଣ ଛପର ମଣ୍ଡିତ ଅସମ ବିଷମ ଚଟାଣର ସ୍କୁଲ୍ ଘର ବାରଣ୍ଡାରେ ଆଖିବୁଜି ଆକଣ୍ଠ ଆବୃତ୍ତି କରିଥିବା ଆବେଗ ନିଃସୃତ ପ୍ରାର୍ଥନା ଗୀତ, 'ମୋତେ ଏତିକି ଶିଖାଅ ସାଇଁ ହେ, ମୋର ଧନଜନ ଲୋଡ଼ା ନାହିଁ ହେ... ।' ସେ ସଙ୍ଗୀତର ଭାବ, ସୁର, ତାଳ, ଆଜି ଅସ୍ତଗାମୀ ସୂର୍ଯ୍ୟ ଏବଂ ଧୂସର ମେଘର ଅସ୍ୱଷ୍ଟ ଛାୟାଲୋକରେ ପରିଣତ; ଅନୁଭବରେ, ଅନୁଚିନ୍ତନରେ, ଚେତନାରେ । ପ୍ରାର୍ଥନା ସଙ୍ଗୀତର ଅର୍ଦ୍ଧ-ଚରଣ ଶବ୍ଦ ସଂଯୋଜନା ବାଦ୍ ଆଜି

ଦିନରେ ଆଉ କିଛି ସ୍ମରଣରେ ନାହିଁ । 'ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ'– ଏପରି ଭକ୍ତି ବିହ୍ୱଳିତ ତନ୍ମୟ ଭାବପ୍ରକାଶ, କୌଣସି ପ୍ରାଣହୀନ ଶାଳଭଞ୍ଜିକାର ନିଥର ପାଲଟି ଯାଇଥିବା ନୂପୁର ନିକ୍କଣ ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ । ଜୀବନ ସ୍ରୋତରେ ପୋତ ବାହି ନା ଶ୍ରୀଚରଣ ଦର୍ଶନ ହେଲା, ନା ପ୍ରଭୁଙ୍କ ପ୍ରତି ସମର୍ପଣ ଭାବ ମନପ୍ରାଣକୁ ଆଚ୍ଛନ୍ନ କରି ପାରିଲା । ଶବ୍ଦମାନେ ସେମାନଙ୍କର ସବୁ ଅର୍ଥର ରତ୍ନ ଭଣ୍ଡାର ଚିରକାଳ ଲାଗି ନିଷିଦ୍ଧ ଇଲାକାକୁ ପଠାଇ ଦେଲେ ଯେମିତି । ଅବଚେତନ ମନ ଆଜି କେବଳ ଏକ ପ୍ରଶସ୍ତ ପୋଡ଼ାଭୂଇଁ । ଏ ସବୁର ଶୂନ୍ୟଗର୍ଭ ପର୍ଯ୍ୟାଲୋଚନା ଆଜି ଅବାନ୍ତର ମନେହୁଏ ।

ଅର୍ଦ୍ଧଭଗ୍ନ ନୁଆଁଣିଆ ଚାଳଛପର ସ୍କୁଲ୍ ଘର; ପିଲାଙ୍କୁ ସାମ୍ନା କରି କାଳିଶି ତାଳରେ ହାତରେ ବେତ ନଚାଉଥିବା ହାଡୁଆ ମଣିଷ ନନ୍ଦମାଷ୍ଟ୍ରେ, ଆଉ ନିଜ ଭଳି ଅନେକ ନିରିମାଖି ପୁଅ, ଝିଅ ପଛରେ ରହିଗଲେ । ସମୟ ବଦଳିବା ସାଙ୍ଗରେ ପ୍ରାର୍ଥନାର ଶବ୍ଦ, ଛନ୍ଦ ଆଉ ସୁର ବଦଳିଗଲା । ବିଶ୍ୱନିୟନ୍ତାଙ୍କ ଉଦ୍ଦେଶ୍ୟରେ ସଜାଡ଼ି ରଖିଥିବା ପୂଜା ଫୁଲ ଅକାଳରେ ମଉଳିଗଲା । ତାଙ୍କ ପ୍ରତି ଅନ୍ତରରେ ପ୍ରତିପୋଷିତ ଆସ୍ଥା ତରଳି ଗଲା, ଭରସା କମିଗଲା । ତେଣୁ ଆପାତତଃ ଶ୍ରୀହୀନ ଈଶ୍ୱରଙ୍କ ପ୍ରତି ଉଦ୍ଦିଷ୍ଟ ବିନୀତ ପ୍ରାର୍ଥନା ଏବଂ ସେଥିରେ ସ୍ଥାନିତ ପ୍ରତିବେଦନ ସବୁ କ୍ରମେ ଉତ୍କଣ୍ଠିତ ଆଦେଶନାମାରେ ପରିଣତ ହୋଇଗଲା । ଅଶ୍ରୁର ଅନୁନୟ ସହ କରୁଣା ଭିକ୍ଷା ବଦଳରେ ଈଶ୍ୱରଙ୍କୁ ତତ୍‌କ୍ଷଣାତ୍ ନିର୍ଦ୍ଦେଶ ମାନିବାକୁ ପରୱାନା ଜାରି ହେଲା । ବିନୟ ସମ୍ଭାଷଣର ଲଳିତ ପଦମାନ ମନରୁ ପାସୋରି ଗଲେ । ସଙ୍କୁଚିତ କ୍ଷମତାଧାରୀ ଈଶ୍ୱରଙ୍କୁ ଏବେ କେବଳ ଦୁଇଟି ବିକଳ୍ପ ମଧ୍ୟରୁ ଗୋଟିଏ ବାଛିବାକୁ ପଡ଼ିବ; ତାହା ପୁଣି ତ୍ୱରିତରେ । ଏମନ୍ତ ଉଦ୍ଧାମତା ପ୍ରକାଶ କରାଗଲା ଆପଣା ବାର୍ତ୍ତାଳାପରେ; ନୂଆ ସମୟର ନୂତନ ପ୍ରାର୍ଥନା ସଂଗୀତରେ ସ୍ପଷ୍ଟ ଭାବରେ ଆପଣାର ଏ ପର୍ଯ୍ୟନ୍ତ ପୂରଣ କରାଯାଇ ନଥିବା ଜନ୍ମସିଦ୍ଧ ଦାବି ଉପସ୍ଥାପନ କରାଗଲା ..... "ହେ ଈଶ୍ୱର ! ମୋତେ ଅଚିରେ ଏକ ରଙ୍ଗିନ୍ ଟେଲିଭିଜନ୍ ଏବଂ ଖଣ୍ଡେ ମର୍ସିଡିଜ୍ ଗାଡ଼ି ପଠାଇ ଦିଅ । ନତୁବା ଅବିଳମ୍ବେ ମୋତେ ହତ୍ୟା କରିପାର ।" ଜୀବନର ଆଭିମୁଖ୍ୟ, ଯାହା 'ମୋତେ ଏତିକି ଶିଖାଅ ସାଇଁ ହେ' ପଦରେ କୁହା ଯାଇଥିଲା ସେଥିରେ ଅଦ୍ଭୁତ ପରିବର୍ତ୍ତନ ସଂଘଟିତ ହେଲା । ଅନୁନୟ ଠାଣିରେ ପ୍ରକାଶ ପାଇଥିବା ସମର୍ପଣ ଭାବ ଓ ନିଷ୍ଠା ଏବେ ପ୍ରାପ୍ତିର ପିପାସାରେ ପ୍ରକାଶ ପାଇଲା ଯାହା ଥିଲା ଅଦ୍ଭୁତ, ଅପ୍ରତ୍ୟାଶିତ । ଏକ ନୂତନ ତୃଷ୍ଣାର ଆତୁର ଅନୁଭବ ଜୀବନକୁ ଉଚ୍ଚାଟ କରିଦେଲା ସିନା, ତୃପ୍ତିର ପ୍ରଶାନ୍ତି ଆଉ ଖୋଜିଲେ ମଧ୍ୟ ମିଳିଲା ନାହିଁ । ଏ ଜୀବନର ରୂପରସରେ ଅନେକ ରଙ୍ଗ ଢଙ୍ଗ ମିଶିଯାଇଛି ; କିନ୍ତୁ ସେଇ କ୍ଷୁଧିତ ଭାବ, ସେଇ କେବେ ମଧ୍ୟ ସବୁ କିଛି ପାଇ ସାରିବା ପରେ ଚିରକାଳ ଅପ୍ରାପ୍ତ ରହି ଯିବାର ତିକ୍ତ ସ୍ୱାଦ, ସମୁଦ୍ର ଜୁଆର ଭଳି ଜୀବନସାରା ମାଡ଼ି ଚାଲିଛି ଯେ ଭଙ୍ଗା ପଡ଼ିବାର ନାଁ ମଧ୍ୟ ଧରୁନାହିଁ ।

ଏହା ପରର ଜୀବନର ସବୁ ସମୟ ଅନ୍ୟ କାହାରି ଆଦେଶ ପାଳନରେ, ଅଥବା କାହା ଉଦ୍ଦେଶ୍ୟରେ ଆପଣାର ନିର୍ଦ୍ଦେଶ ସମ୍ବଳିତ ହୁକୁମନାମା ଜାରି କରିବାରେ କଟି ଆସିଛି ଯାହା । ପୃଥିବୀକୁ ଗୋଷ୍ପଦ ଜ୍ଞାନ କରି ଖଣ୍ଡମଣ୍ଡଳ ଭ୍ରମିଭ୍ରମି, କ୍ୱଚିତ୍ କେବେ ନିଜ ପାଇଁ, କିନ୍ତୁ ବାରମ୍ବାର ଅନ୍ୟ ଜନ ଲାଗି ରଙ୍ଗିନ୍ ଟେଲିଭିଜନ୍ ଏବଂ ମର୍ସିଡିଜ୍ ଗାଡ଼ି ଅଥବା ତତ୍ତୁଲ୍ୟ ସାମଗ୍ରୀ ସଂଗ୍ରହ କରିବାର କର୍ତ୍ତବ୍ୟ ପାଳନରେ ଦିନ ମାସ ବର୍ଷ ହଜି ଯାଇଛି । ଅପରାହ୍ଣରେ ଡେଙ୍ଗା ତାଳଗଛର ଛାଇ ଲମ୍ବ ଲମ୍ବ ପାଦ ପକାଇ ସନ୍ଧ୍ୟାର ପରଦା ଆଢୁଆଳରେ ଅଭିନୟ ଶେଷରେ କ୍ଳାନ୍ତ ଅଭିନେତାମାନଙ୍କ ଭଳି ନିଃଶବ୍ଦରେ ନିଷ୍କ୍ରାନ୍ତ ହୋଇଗଲା ଭଳି, ଜୀବନଟା କାହିଁ କେତେବେଳେ ପ୍ରାୟ ନିଶ୍ଚିହ୍ନ ହେବା ପର୍ଯ୍ୟାୟରେ ପହଞ୍ଚିଗଲା ସେ କଥା ହେଜିବାକୁ ଦଣ୍ଡେଘଡ଼ିଏ ଅବସର ମଧ୍ୟ ମିଳିଲା ନାହିଁ । ଗୁଜୁରାଣ ମେଣ୍ଟାଇବା କେବେ ତ ସମସ୍ୟା ନ ଥିଲା; କିନ୍ତୁ ସ୍ତ୍ରୀ ପିଲା, ବନ୍ଧୁବାନ୍ଧବ, ପ୍ରିୟପରିଜନ, ସୁଜନ-ଦୁର୍ଜନମାନଙ୍କର ଫରମାଇସ୍ ପୂରଣର କଣ୍ଟ୍ରାକ୍ଟ ତାରିଖ ସହ ନିଜ ଜୀବନର ସ୍ୱପ୍ନ, ସୁଖର ସନ୍ଧି-ସମ୍ବନ୍ଧର ରାଜିନାମା ସ୍ୱାକ୍ଷର କରିବାରେ ଦିନରାତି ଉଜୁଡ଼ି ଗଲେ; ଜହ୍ନ, ତାରା ଅସ୍ତମିତ ହୋଇଗଲେ, ଗ୍ରହ ନକ୍ଷତ୍ର କକ୍ଷ ପଥରେ ଭ୍ରମିତ ହେଲେ । ଜୀବନର ଅନ୍ୟନାମ ବୋଧହୁଏ ଘୋଡ଼ାଦୌଡ଼ । କେବଳ ଜିତିଗଲେ ହିଁ ଜ୍ୟାକ୍‌ପଟ ପୁରସ୍କାର, କପ୍ ସିଲ୍ଡ, କରତାଳି, ଫୁଲତୋଡ଼ା ମିଳିଯାଏ, ହାରି ଯାଇଥିବା ଘୋଡ଼ାକୁ ଗୁଳି ଖାଇ ମୃତ୍ୟୁ

କୋଳରେ ଶୋଇବାକୁ ପଡ଼ିପାରେ । ହୁଏତ ଗତକାଲି ପର୍ଯ୍ୟନ୍ତ ସେ ହିଁ ଅନେକ ଦୌଡ଼ ପ୍ରତିଯୋଗିତାରେ ସବୁ ସାଥୀ ଅଶ୍ୱଙ୍କୁ ପଛରେ ପକାଇ କିରିଟୀଭୂଷିତ ଗର୍ବିତ ବିଜେତା ଥିଲା ।

ଆଉ ଶୁଭକାନ୍ତ ! ସେ'ତ ଚିରକାଳ କେବଳ ଜିତି ଆସିଛନ୍ତି । କେବେହେଲେ ଥମି ଯାଇ ନାହାନ୍ତି; କିନ୍ତୁ କ'ଣ ପାଇବାକୁ ସେ ଦୌଡ଼ ପ୍ରତିଯୋଗିତାରେ ଜୀବନକୁ ବାଜି ଲଗାଇଥିଲେ ଯେ ? କାହାଲାଗି ? ଆଜି କୌଣସି ପୂର୍ବାପର ସଂଗତି ମନକୁ ପଇଚୁ ନାହିଁ । ଆରମ୍ଭରେ ବୋଉ କହୁଥିଲା, 'ବାପରେ କ'ଣ କଲୁଣି ତୁ ନିଜକୁ ! କ'ଣ ମିଳିବ ଏଥିରୁ?' ବାପା କହୁଥିଲେ 'ଏପରି ପାଗଳାମି କରି ବସିଲେ ପାହାଡ଼ ଚଢ଼ିସାରି ଦେଖିବୁ ତୁ ନିହାତି ଏକା ପଡ଼ିଯାଇଛୁ । ଏକା ପଡ଼ି ଯିବାର ବେଦନା ନିମନ୍ତେ କୌଣସି ଶବ୍ଦନିର୍ମିତ ସାନ୍ତ୍ୱନା କି ପୀଡ଼ାହାରୀ ମହୌଷଧୀ ସଂସାରରେ ନାହିଁ ।' ଅନନ୍ତ କାଳ ଧରି ପାହାଡ଼ ଚଢ଼ା ଚାଲିଛି ଯେ ସରିବାର ନାଁ ଧରୁନାହିଁ । ଅପହଞ୍ଚ ଶିଖର ତଥାପି କାହିଁ କେତେ ଉଚ୍ଚରେ । ଯେତେ ବେକ ଭାଙ୍ଗିଲେ ବି ଉତ୍ତୁଙ୍ଗ ଚୂଡ଼ା ଦିଶୁ ନାହିଁ, ଯେତେ ଆରୋହଣ କଲେ ବି ଦୂରତ୍ୱ କମିଗଲା ଭଳି ମନେ ହେଉନାହିଁ ।

ପତ୍ନୀ ସୁଚରିତାଙ୍କ ବୌଦ୍ଧିକ ଅନୁଶୀଳନ ମନେ ପଡୁଛି - 'ସଂସାର ନ୍ୟାୟରେ, ଯେ କୌଣସି ନାରୀ ତୁମ ସହ ନିଶ୍ଚିତ ଭାବରେ ସୁଖର ନୀଡ଼ ରଚନା କରି ପାରିବ । ପାଟ ପୀତାମ୍ବରୀରେ, ହୀରାମୋତିର ଆଭୂଷଣରେ ଝଟକିବ । ତୁମ ସନ୍ତାନର ଜନନୀ ହେବାକୁ ସୌଭାଗ୍ୟ ମଣିବ; କିନ୍ତୁ ଯଦି ସେ ତୁମ ସହ ଦାମ୍ପତ୍ୟ ବଞ୍ଚିବାରେ ଜୀବନର ସୂକ୍ଷ୍ମ ଅର୍ଥ ଖୋଜି ବସିବ, ତେବେ ନିରାଶ ହେବ ନିଶ୍ଚୟ । ତୁମ ସହ ବଞ୍ଚିବାର ସମୁଦାୟ ଜୀବନକାଳରେ ସେ 'ସୁଖ'ର ଅଥଳ ଦରିଆରେ ବୁଡ଼ି ରହିବ ସତ, କିନ୍ତୁ ପ୍ରକୃତରେ 'ପ୍ରେମ' କହିଲେ ଯାହା ବୁଝାଯାଏ, ସେପରି ମହାର୍ହ ଅନୁଭବ ସମ୍ବନ୍ଧରେ ଅଜଣା ରହିଯିବ । ତୁମେ ଜଣେ ଚମତ୍କାର ମଣିଷ । ପିଲା, ପରିବାର, ଦେଶ-ଦଶ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ, କର୍ତ୍ତବ୍ୟ କର୍ମ ନିର୍ବାହରେ ନିପୁଣ ଓ ଏକନିଷ୍ଠ । ସମୟର ଗତି ସହ ଆପଣାର ଗତିଶୀଳତାକୁ ସଂଯୁକ୍ତ କରିବାରେ ସଦା ସତର୍କ ଓ ସର୍ବଦା ସଫଳ । 'ପ୍ରେମ' ଭଳି ବିଚିତ୍ର ଅନୁଭବକୁ ଆପଣାର କରିବାକୁ ବୋଧହୁଏ କେବେ ଚେଷ୍ଟା ମଧ୍ୟ କରିନାହଁ କାରଣ ତୁମେ 'ପ୍ରେମ' ଜାଣିନାହଁ । ଜୀବନ ସାରା ବେଗଗାମୀ ଅଶ୍ୱ-ଆରୋହଣ କରିବାକୁ ପଣ କରିଥିବା ମଣିଷ କ'ଣ ବୁଝି ପାରିବ ରୌଦ୍ରଦଗ୍ଧ ତପ୍ତ ଦ୍ୱିପ୍ରହରରେ ଛାୟାଘନ ବଟବୃକ୍ଷ ଆଶ୍ରୟରେ ବସି ବସି ରଙ୍ଗବେରଙ୍ଗର ଦଳେ ଚଢ଼େଇଙ୍କର କିଚିରିମିଚିରି ଗୀତ ଶୁଣିବାର ବିଚିତ୍ର ଆନନ୍ଦ ! ଆଉ ଚୈତ୍ରର ଜହ୍ନରାତିରେ ମିଟିମିଟି କରୁଥିବା ନକ୍ଷତ୍ରଙ୍କୁ ସୁମାରି କରିବା ଏବଂ ସଂଖ୍ୟାମାନଙ୍କୁ ବାରମ୍ବାର ପାସୋର ଯିବାରେ ଯେଉଁ ଅକପଟ ଅନୁଭବର ଶିହରଣ ! ତୁମ ଲାଗି, ଏ ସବୁ ବିଡ଼ମ୍ବିତ କାବ୍ୟିକ ବିଳାସ, ଅର୍ଥହୀନ ଶବ୍ଦଧ୍ୱନିର ଲାଳିତ୍ୟ । ବିବାହ ବେଦୀରେ ସାତ ଜନ୍ମ ଜୀବନସାଥୀ ହେବା ଲାଗି ଅଗ୍ନିକୁ ସାକ୍ଷୀ ରଖି ଶପଥ କରିଥିଲେ ସୁଦ୍ଧା ପର ଜନ୍ମରେ ତୁମ ସାଥିରେ ସଂସାର ଗଢ଼ିବି କି ନାହିଁ ସେ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ମୁଁ ଆଜିଯାଏ ନିଜ ଭିତରେ ଖୋଜି ପାଇନାହିଁ ।'

ଏପରି ତିକ୍ତ କଷାୟ ଅନୁଶୀଳନ ପତ୍ନୀଙ୍କର ସାନ୍ଦ୍ର ଅନୁରାଗର ପରିଭାଷା କିମ୍ବା ତାଙ୍କଠାରୁ ଲକ୍ଷ ଯୋଜନ ପର୍ଯ୍ୟନ୍ତ ଲମ୍ବି ସାରିଥିବା ମାନସିକ ଦୂରତ୍ୱର ସାଙ୍କେତିକ ଉପସ୍ଥାପନ – ଶୁଭକାନ୍ତ ଠିକ୍ କରି ବୁଝି ପାରିଲେ ନାହିଁ । ଚିରକାଳ ତାଙ୍କୁ ସାହଚର୍ଯ୍ୟ ପ୍ରଦାନ କରିଥିବା ନାରୀଟି ଯେ ଏପରି ଏକ ଜଟିଳ ତତ୍ତ୍ୱର ସରଳ ବ୍ୟାଖ୍ୟାନ କରିପାରେ, ସେ କେବେ ଚିନ୍ତା ମଧ୍ୟ କରି ନ ଥିଲେ । ପ୍ରାପ୍ତି ନିମନ୍ତେ ପିପାସାରେ ଜର୍ଜରିତ ଶୁଭକାନ୍ତ ତାଙ୍କ ଜୀବନ ଅଶ୍ୱକୁ ଲଗାମ ଦେଇ ପାରିନାହାନ୍ତି । ସେହି ଅଶ୍ୱ ଆଜି ଏକ ବଣ୍ୟ ଉଦ୍ଦାମତାରେ ତାଙ୍କୁ ପଥପ୍ରାନ୍ତରେ ଭୂପତିତ କରି ଆଗକୁ ପଳାୟନ କରିଛି । ଅଶ୍ୱ କାହିଁକି ଆରୋହୀର ଅନୁଗତ ହେବ ଯେ ! ସେ ଅନୁଭବ କଲେ ଯେମିତିକି ସବୁ କିଛି ଆଜି ଅତ୍ୟନ୍ତ ଆରଣ୍ୟକ ପାଲଟି ଯାଇଛି । ସେ ଆଜି ଏପରି ଜଣେ ଏକାଙ୍ଗ ରାଜ ଚକ୍ରବର୍ତ୍ତୀ ଯେ ଆପଣା ସାମ୍ରାଜ୍ୟରେ ନିଜେ ନିର୍ବାସିତ ଓ ଅତ୍ୟନ୍ତ ଅସହାୟ ।

ବହୁ ଦିନରୁ ଭୁଲି ହୋଇ ଯାଇଥିବା ଇଚ୍ଛାଟିଏ ତାଙ୍କ ମନରେ ଉଦୟ ହେଲା । ଆଜି ସେ ମନଭରି କାନ୍ଦିବେ । ସାଧାରଣ ମଣିଷଟି ଭଳି ସୁଖଦୁଃଖର ଲୁହ ଢାଳିବେ । ଲୁହର ବର୍ଷାରେ ଭିଜିଥିବା କ୍ଷେତବାଡ଼ିର ସବୁଜ ଫସଲରେ ଯେ ଏତେ ବିଜଡ଼ିତ ବାସ୍ନା ଛପି ଥାଇପାରେ ସେ ଆଜି ପ୍ରଥମ କରି ଖୋଜି ପାଇଛନ୍ତି ଯେପରି, କିନ୍ତୁ କାନ୍ଦିବାକୁ ତାଙ୍କୁ ଏକ ନିରାପଦ ଆଶ୍ରୟସ୍ଥଳ ଖୋଜିବାକୁ ପଡ଼ିବ । ଏ ସହର କାହାରିକୁ କାନ୍ଦିବାକୁ ସୂଚ୍ୟଗ୍ର ପରିମିତ ମେଦିନୀ ଛାଡ଼ିଦିଏ ନାହିଁ । ସହରର ଗଳିକନ୍ଦିର ପ୍ରଶସ୍ତ ରାଜରାସ୍ତାର ଦୁଇ ପାର୍ଶ୍ୱରେ, ପାନ୍ଥଶାଳା ଅଛି, ରଙ୍ଗ ମହଲ, ପୁଷ୍ପ ବାଟିକା, କୃତ୍ରିମ ବନଖଣ୍ଡ ସହ ରହିଛି ଉଦ୍ୟାନ ଉପବନ । ଧନ ଫୋପାଡ଼ିଲେ କାହିଁ କେତେ ପ୍ରକାରର ଜୀବନ ଯୌବନର ଉପଢୌକନ ମିଳିଯିବ; କିନ୍ତୁ ସହରର ଭୌଗୋଳିକ ଅସ୍ତିତ୍ୱରେ ଅଶ୍ରୁପାତ ନିମିତ୍ତ କୌଣସି ସ୍ଥାନ ନିର୍ଦ୍ଦିଷ୍ଟ କରା ଯାଇନାହିଁ । ଅଶ୍ରୁପାତ ତ କେବେ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ବୋଲି ଗଣ୍ୟ ହୋଇ ନ ଥାଏ । ହସ ସିନା ସାର୍ବଜନୀନ, ଲୁହ ତ ଏକାନ୍ତ ବ୍ୟକ୍ତିଗତ । ବୁଝିବାକୁ ହେବ ଯେ ସହର କ'ଣ କାହାରି ନିଜସ୍ୱ ସମ୍ପତ୍ତି ? ତା' ଛଡ଼ା ତୁମ ଲୁହର ଆଗ୍ନେୟ ଉଦ୍‌ଗିରଣରେ ଦଗ୍ଧିଭୂତ ହେବାର ଯନ୍ତ୍ରଣାରୁ କିଏ ବା କାହିଁକି ଭାଗ ନେବାକୁ ଚାହିଁବ? ଅଶ୍ରୁ କୌଣସି ଦେବାଳୟର ପାଦୁକ କି ପାନଶାଳାର ରଙ୍ଗିନ୍ ସୋମରସ ନୁହେଁ । କିଏ ଜଣେ କହିଥିଲେ ବର୍ଷାରେ ଭିଜି ଭିଜି କାନ୍ଦିଲେ, ନିଜ ଆଖିରୁ ଝରୁଥିବା ଲୁହ ଅନ୍ୟକୁ ଦିଶେ ନାହିଁ, କିନ୍ତୁ ଏପରି ଏକ ପରିଚିତ ସହରରେ ସେ ବର୍ଷାରେ ଭିଜିବାକୁ ସାହସ ମଧ୍ୟ ସଂଗ୍ରହ କରି

ପାରିବେ ନାହିଁ । ବର୍ଷାର ଧାର ଅନ୍ୟକୁ ଦିଶି ନ ପାରେ; କିନ୍ତୁ ସମସ୍ତଙ୍କୁ ତାଙ୍କ ଆଖିର ଅଶ୍ରୁ ଶତଧାରା ପାହାଡ଼ୀ ଝରଣା ପରି ଦୃଶ୍ୟମାନ ହେବ ହିଁ ହେବ । ଆଉ ସହରରେ ତ ଅନ୍ଧାର ଆସି ମଧ୍ୟ ଆସେ ନାହିଁ । ଏଠାରେ ଅମାବାସ୍ୟା ରାତିରେ ମଧ୍ୟ ପଲକବିହୀନ ସହସ୍ର ନୟନ ଉନ୍ମୁକ୍ତ ଦୃଷ୍ଟିରେ ଅନ୍ୟକୁ ଦେଖୁଥାଏ । ତେଣୁ ଅନ୍ଧାରରେ ଲୁଚି ଯାଇ କାନ୍ଦିବାର ସୁଯୋଗ ମଧ୍ୟ ନାହିଁ । ଶୁଭକାନ୍ତ ଅନୁଭବ କଲେ ଏ ସହର ହୁଏତ ପରିବେଶର ନିର୍ଜନତାକୁ ପର୍ଯ୍ୟାୟକ୍ରମେ ନିର୍ବାସିତ କରିବାରେ ସଫଳ ହୋଇଛି; କିନ୍ତୁ ମଣିଷର ନିଃସଙ୍ଗତାକୁ, ତା'ର ଅସହାୟ ଅନୁଭୂତିକୁ, ଏ ସହରର ପ୍ରଚଣ୍ଡ କୋଳାହଳ ସ୍ପର୍ଶ ମଧ୍ୟ କରୁନାହିଁ । ସେହି ପୁରାତନ ତତ୍ତ୍ୱ- ନିର୍ଜନତାର ପ୍ରଭାବ ସାମୂହିକ ସ୍ତରରେ, ନିଃସଙ୍ଗତା; କିନ୍ତୁ ବ୍ୟକ୍ତିର ଅତି ଆପଣାର ସଂଗୁପ୍ତ ରହସ୍ୟ– ଏହା ଏବେ ମଧ୍ୟ ସତ୍ୟ ।

ଆଜି ରବିବାର, ଛୁଟିଦିନ, ଶୁଭକାନ୍ତ ବାହାରିଲେ, ନିଜ ଲାଗି ସ୍ଥାନଟିଏ ଖୋଜିବେ ସହର ଭିତରେ ଅଥବା ଉପାନ୍ତ ଅଞ୍ଚଳରେ, ଯେଉଁଠି ସେ ବାଧାବନ୍ଧନ ଭୁଲି ନିରୋଳାରେ ମନ ଖୋଲି କାନ୍ଦି ପାରିବେ । ଚାରି ମେଘ ଅବିଶ୍ରାନ୍ତ ବର୍ଷିଯିବେ ଜଳହୀନ ହେବା ପର୍ଯ୍ୟନ୍ତ; ଝଡ଼ର ଅଶାନ୍ତ ବାଜ ପକ୍ଷୀର ଡେଣାରେ ଆକାଶର ସୀମା ଖୋଜି ଖୋଜି କ୍ଲାନ୍ତି ଭରିଯିବ । ତାଙ୍କ ମନର ଭାରାକ୍ରାନ୍ତ ଆକାଶ ପୁନଶ୍ଚ ଝଲସି ଉଠିବ ଜଳହୀନ ଜଳଦର ଶ୍ୱେତାମ୍ବର ଶୋଭାଯାତ୍ରାରେ ନୀଳିମାର ନିର୍ମଳ ଆଭାରେ ।

ବାଲିବନ୍ତଠାରୁ ଅନତିଦୂରରେ ସମୁଦ୍ର କୂଳରେ ପଥ ଲମ୍ବି ଯାଇଛି । ଶୁଭକାନ୍ତ ଖୋଜୁଥିଲେ ଜନମାନବ ଶୂନ୍ୟ ନିର୍ଜନ ଏକ ପ୍ରସାରିତ ଉପକୂଳ । କାହିଁ କେତେଦୂର ସେ ଆସି ଗଲେଣି, ମନେ କରିପାରିଲେ ନାହିଁ । ହଠାତ୍ ଆବିଷ୍କାର କଲେ ଏକ ସଂକ୍ଷିପ୍ତ ଅପ୍ରଶସ୍ତ ବେଳାଭୂମି । ସେଠାରେ ସମୁଦ୍ରର ଉଦାତ୍ତ ପବନରେ ଗୁଡ଼କଙ୍କ ଗଡ଼ି ଯାଉନାହିଁ, ବାଲି କଙ୍କଡ଼ା ଗାତ ମୁହଁରେ ଲୁଚକାଳି ଖେଳୁ ନାହାନ୍ତି । ଦୂର ପର୍ଯ୍ୟନ୍ତ ମଣିଷମାନଙ୍କର ଆତଯାତ ହେବାର ଚିହ୍ନବର୍ଣ୍ଣ ନାହିଁ । ସମୁଦ୍ରର ଛୋଟ ଛୋଟ ଲହରୀମାଳା ପ୍ରାୟଶଃ ଶବ୍ଦହୀନ, ପବନ ମଧ୍ୟ ଧୀର । ରାସ୍ତାଧାରରେ ଗାଡ଼ି ରଖି ଖୁସିମନରେ ଶୁଭକାନ୍ତ ବାହାରକୁ ଆସିଲେ; ସେ ଠିକ୍ ସ୍ଥାନଟି ଆବିଷ୍କାର କରି ପାରିଛନ୍ତି ଆଜି । ନିର୍ଜନ ବେଳାଭୂମିରେ ଗୋଟିଏ ଝଙ୍କାଳିଆ ଗଛ ବି ରହିଛି । ଲମ୍ବ ଭାବରେ ବଢ଼ିଥିବା ଗଛଟିର ତେରଛା ଡାଳଟିଏ ସମୁଦ୍ର ସେ ପାଖର ଦିଗରେଖା ଆଡ଼କୁ ହାତ ପାପୁଲିର ମଝି ଆଙ୍ଗୁଠି ଦେଖାଇ ଇଙ୍ଗିତ କଲା ଭଳି ବଢ଼ି ଯାଇଛି; ସତେ ଯେମିତି କୌଣସି ଅଦୃଶ୍ୟ ଆକାଶୀ ରାସ୍ତାର ପଥ ପ୍ରଦର୍ଶକ ନିଶାଣ ଫଳକ । ସେଥିରେ ମଧ୍ୟ କଅଁଳ ପତ୍ରର ସଘନ ସ୍ଥିତି । ଶୁଭକାନ୍ତଙ୍କର ମନେ ହେଲା କିଏ ଯେମିତି ତାଙ୍କ ଲାଗି ଏହି ସ୍ଥାନଟି ସଂରକ୍ଷିତ ରଖିଥିଲା । ତାଙ୍କ ଆସିବାକୁ ଏ ସ୍ଥାନ, କାଳ ଏବଂ ଲଗ୍ନ କେହି ଯେମିତି ନିର୍ଘଣ୍ଟ କରି ସାରିଥିଲା । ସନ୍ତୁଷ୍ଟ ଦୃଷ୍ଟିରେ ସେ ଚାରିଆଡ଼କୁ ଥରେ ଦେଖିଲେ ଏବଂ ଗଛକୁ ଆଉଜି ଛାଇରେ ବସି ପଡ଼ିଲେ । ବାଃ ! ସାମ୍ନାରେ ନୀଳ ସମୁଦ୍ର ଉପରେ ନୀଳ ଆକାଶ । କାହିଁ କେତେ ଦୂରରେ ଜନପଦ । ଚାରିପଟେ ବିସ୍ତୃତ ପୃଥିବୀ । ସେ ଆଜି ବନ୍ଧନଶୂନ୍ୟ ହୋଇ ଚୁପଚାପ୍ ବସି ରହିବେ । ସଂସାରକୁ ଆଡ଼େଇ ଦେଇ ଉହାଡ଼ରେ ବସି ମନଭରି କାନ୍ଦିବେ, ଆଜି ଅଶ୍ରୁ ସ୍ନାନର ବିଧି ନିରୂପିତ ଲଗ୍ନ ସମାଗତ । ସମୁଦ୍ର ଏବଂ ଆକାଶ - ଉଭୟରେ ଅନନ୍ତ ଓ ଅସୀମର ବିସ୍ତାରିତ ଚିତ୍ରକଳ୍ପ । ଦ୍ୟାବ୍ୟା ପୃଥିବୀର ସେହି କାଳ୍ପନିକ ମିଳନ ବିନ୍ଦୁରେ ଆପଣାକୁ ହଜାଇ ଦେବାକୁ ସେ ଆଜି ପ୍ରସ୍ତୁତ । ଅବିଶ୍ରାନ୍ତ ଭାବରେ ପଥବାହି ଯିବାର ଉଦ୍ଦାମତାର ଏହିଠାରେ ପରିସମାପ୍ତି, ଏବେ ଥକା ମେଣ୍ଟାଇବାର ବେଳ, ବିଶ୍ରାମକୁ ଉପଭୋଗ କରିବାର ଅବସର ।

ଅଳସରେ ଆପଣା ଅଜାଣତରେ ଛାଇନିଦରେ ଆଖି ଲାଗିଗଲା । ସ୍ୱପ୍ନର ପୃଥିବୀ କି ସୁନ୍ଦର ସତରେ ! ସେଇ ପିଲାଦିନର ପ୍ରାର୍ଥନା ଗୀତର ଶେଷ ପଙ୍କ୍ତି, 'ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ'ର ପୂର୍ଣ୍ଣମିଦ ଉପଲବ୍ଧି । ମୋକ୍ଷ କୁହ କି ଉତ୍ତରଣ କୁହ, ଏହା ହିଁ ସେଇ ଅନୁଭୂତି ଅଲଭ୍ୟ, ଅମୂଲ୍ୟ, ଅମୃତ । ସେ ଏବେ ସ୍ୱୟଂସଂପୂର୍ଣ୍ଣ ପୃଥିବୀର ପରିବ୍ରାଜକ – ଏଠାରେ ଆଶା ନାହିଁ, ନିରାଶା ମଧ୍ୟ ନାହିଁ । ଜୀବନ-ମୃତ୍ୟୁର ସଂଘର୍ଷ ନାହିଁ । ଦେୟ ନାହିଁ କି ଦାୟ ମଧ୍ୟ ନାହିଁ । ଏହା ଆସ୍ଥା ଓ ଅନୁରାଗର ଦୁନିଆ । ଦେହରୁ ଅଦେହକୁ ଉତ୍ତରଣ ଘଟି ସାରିଛି । ଏଠାରେ ହସ କାନ୍ଦର ଅଙ୍କ କଷିବା ନିଷିଦ୍ଧ । ଲୁହର ଶ୍ରାବଣ ଏଠି ଅକାରଣ । ବିଷାଦର ଅନୁପ୍ରବେଶ ନିମିତ୍ତ ନିଷିଦ୍ଧ ଦୁନିଆ ।

ସ୍ୱପ୍ନାବିଷ୍ଟ ତପସ୍ୟା ମୁଦ୍ରାରେ ନିଶ୍ଚଳ ଶୁଭଙ୍କର କାହାର ଉଚ୍ଚ ସ୍ୱରର ସମ୍ବୋଧନ ସହ ତାଙ୍କ ଦେହକୁ ସଜୋରେ ଆନ୍ଦୋଳିତ କରାଯିବା ଫଳରେ, ତାଙ୍କ ସ୍ୱପ୍ନର ନକ୍ଷତ୍ର ଖଚିତ ଆଲୋକ ମଣ୍ଡଳରୁ ହଠାତ୍ ଧୂଳି ଧୂସରିତ କଙ୍କରିଳ ମର୍ତ୍ତ୍ୟମଣ୍ଡଳକୁ ନିପତିତ ହେଲେ ବୋଲି ବୁଝିବାକୁ ହେବ । ସେ ଢୁଳୁଢୁଳୁ ଆଖିରେ ଦେଖିଲେ ତାଙ୍କୁ କେନ୍ଦ୍ର କରି ଚାରି ଜଣ ପୁଲିସ୍‌ବାଲା ଏବଂ ଆହୁରି କେଇଜଣ ଭେଣ୍ଡିଆ ସରକାରୀ ବାବୁ ଏକ ଅଭେଦ୍ୟ ପ୍ରାଚୀର ସୃଷ୍ଟି କରିଥିଲେ, ଯେପରିକି ସେ ଚେଷ୍ଟା କଲେ ମଧ୍ୟ ମାନବବୃତ୍ତରୁ ଡିଆଁ ମାରି ଖସି ଯାଇପାରିବେ ନାହିଁ । ସମସ୍ତଙ୍କ ଆଖିରେ ଅବଶ୍ୟ ଅସୁମାରି ପ୍ରଶ୍ନର ଝଲକ ଶୁଭଙ୍କର ପଢ଼ି ପାରୁଥିଲେ । ଜଣେ ବଡ଼ ପାଟିରେ ଅନ୍ୟ କାହାରି ଉଦ୍ଦେଶ୍ୟରେ କହିଲା, 'ଭାଗ୍ୟକୁ ଶୋଇ ପଡ଼ିଛି ବିଚରା ।' ଶୁଭଙ୍କର କିଛି କହିବା ଆଗରୁ ଦି'ଜଣ ଭେଣ୍ଡିଆ ତାଙ୍କୁ ହାତଧରି ଠିଆ କରିଦେଲେ ଏବଂ ବଳପୂର୍ବକ ତାଙ୍କୁ ସେଠାରୁ ଉଠାଇ ରାସ୍ତା ଉପରକୁ ଅନାୟାସରେ ଟେକି ଆଣିଲେ । ତାଙ୍କ ଗାଡ଼ି ପାଖରେ ଦୁଇଟି ପୁଲିସ୍ ଜିପ୍ ଏବଂ କାର୍ ଠିଆ ହୋଇଥିଲା । ସେ ଚିହ୍ନି ପାରିଲେ, ତାଙ୍କ

ସହରର ପୁଲିସ୍ ମୁଖ୍ୟ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ପୁଲିସ୍ ମୁଖ୍ୟ ମଧ୍ୟ ତାଙ୍କୁ ଚିହ୍ନି ପାରିଲେ ଏବଂ ଆଶ୍ଚର୍ଯ୍ୟ ଚକିତ ହେଲେ । ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଯଥେଷ୍ଟ ସଂଭ୍ରମ ରକ୍ଷାକରି ଶୁଭଙ୍କର ପ୍ରଶ୍ନ ପଚାରିଲେ 'ମୁଁ ବୁଝି ପାରୁନାହିଁ – ଇୟେ କ'ଣ ସବୁ ହେଉଛି?'

ପୁଲିସ୍ ମୁଖ୍ୟ ତାଙ୍କୁ ସାଥିରେ ଧରି ସେଇ ଏକୁଟିଆ ବୃକ୍ଷ ନିକଟକୁ ଆସିଲେ । ଅନ୍ୟମାନଙ୍କୁ ଶୁଣା ନ ଯିବା ସ୍ୱରରେ କହିଲେ, 'ସେଇ ଏକୁଟିଆ ଗଛ ଆଉ ଏଇ ନିର୍ଜନ ବେଳାଭୂମି ଆମ ଲାଗି ଏକ ଅଭିଶାପ ପାଲଟି ଯାଇଛି । କାହିଁକି କେଜାଣି ପ୍ରତି ମାସରେ, ଖାସ୍ କରି ରବିବାର କିମ୍ବା ଛୁଟିଦିନ ମାନଙ୍କରେ ଏହି ଗଛର ସମୁଦ୍ର ଆଡ଼କୁ ହାତର ଆଙ୍ଗୁଠି ଭଳି ଲମ୍ବି ଯାଇଥିବା ଡାଳରେ ଜଣେ ଦି' ଜଣ ଫାଶୀ ଦେଉଛନ୍ତି; ଅଳ୍ପ ବୟସର ପୁଅ ଝିଅ, ଯୁବକ-ଯୁବତୀ, ବୟସ୍କ-ଅର୍ଦ୍ଧବୟସ୍କ, ବାଳ ବୃଦ୍ଧ, ନାରୀ ପୁରୁଷ । କୌଣସି ଏକ ଦୁର୍ବାର ଆକର୍ଷଣରେ ଦୂରଦୂରାନ୍ତରୁ ମଧ୍ୟ ଲୋକେ ଏଠାକୁ ନିଜକୁ ଶେଷ କରି ଦେବାକୁ ଛୁଟି ଆସୁଛନ୍ତି । ଆପଣ ଜୀବନର ଉପସଂହାର ପର୍ବ ନିଜ ହାତରେ ଲେଖିବା ଲାଗି ସତେ ଯେପରି ଏହା ହିଁ ତୀର୍ଥଭୂମି । ଆମେ ଏବେ ପୁଲିସ୍ ପଇଁତରାର ସଂଖ୍ୟା ଅବଶ୍ୟ ବଢ଼ାଇ ଦେଇଛୁ; କିନ୍ତୁ ଅବସ୍ଥାରେ ବେଶି ପରିବର୍ତ୍ତନ ଆସି ନାହିଁ କହିଲେ ଚଳିବ । ଲୋକମାନଙ୍କୁ ମଧ୍ୟ କହି ରଖିଛୁ, କିଛି ସନ୍ଦେହଜନକ ଉପସ୍ଥିତି ଲକ୍ଷ୍ୟକଲେ ସଙ୍ଗେ ସଙ୍ଗେ ପୁଲିସ୍‌କୁ ଫୋନ୍ କରିବାକୁ । କେହି ନିଶ୍ଚୟ ଆଜି ଆପଣଙ୍କ ଗାଡ଼ିଟିକୁ ରାସ୍ତାରେ ଦୀର୍ଘ ସମୟ ଧରି ରଖା ହୋଇଥିବା ଦେଖି ଫୋନ୍ କରିଥିବ । ଏକମାତ୍ର ସାନ୍ତ୍ୱନା ଯେ ଆଜି କୌଣସି ଦୁଃଖଦ ପରିସ୍ଥିତିର ସାମ୍ନା କରିବାକୁ ପଡ଼ି ନାହିଁ । ଆମେ ପ୍ରଥମ ଥର ଲାଗି ଅଜଣା ବ୍ୟକ୍ତିର ଶବ ବାହକ ହୋଇ ସହରକୁ ଫେରିବୁ ନାହିଁ ।'

'ଗଛଟିକୁ କାଟି ଦେଇ ନାହାନ୍ତି କାହିଁକି?' ଶୁଭଙ୍କର ପ୍ରଶ୍ନ କଲେ । 'ଚେଷ୍ଟା କରି ନାହୁଁ ବୋଲି କହିବି ନାହିଁ । କେହି ହେଲେ ଗଛ କାଟିବାକୁ ରାଜି ନୁହନ୍ତି । ସମସ୍ତଙ୍କର ସେହି ଅଦୃଶ୍ୟ ଅପଦେବତାର ଉତ୍ପାତକୁ କିମ୍ବା ଅପଶାପକୁ ଡର । ଏଠାରେ ପ୍ରେତାତ୍ମାଗଣ ପୁରୁଷାନୁକ୍ରମେ ନିଜସ୍ୱ ସହର ଗଢ଼ି ସାରିଲେଣି । ପ୍ରେତ ବସତି ଭାଙ୍ଗି ଦେଲେ ସେମାନେ ଗଛ କଟାଳିମାନଙ୍କୁ ଚିହ୍ନି ରଖି ପାରନ୍ତି । ଏ ପ୍ରକାର ଅନ୍ଧବିଶ୍ୱାସ ନିରାକରଣ ନିମିତ୍ତ ପୁଲିସ୍‌ବାଲାଙ୍କ ପାଖରେ କୌଣସି ଆଇନ୍ କି ଅସ୍ତ୍ରଶସ୍ତ୍ର ନାହିଁ ।' ପୁଲିସ୍ ଠାଣିରେ ବାବୁ ଜଣକ ପଚାରିଲେ, 'ଆଶା କରୁଛୁ ଆପଣ ଆତ୍ମହତ୍ୟା ଉଦ୍ଦେଶ୍ୟରେ ଏଠାକୁ ନିଶ୍ଚୟ ଆସି ନଥିଲେ, କାରଣ କୌଣସି ଦରକାରୀ ଉପକରଣ, ଯଥା ରଶି, କି ଲମ୍ବ ଗାମୁଛା ଏପରି କିଛି ଆପଣଙ୍କ ଗାଡ଼ିରେ ମିଳିନାହିଁ ।' ଟିକେ ହସି ଶୁଭଙ୍କର ଉତ୍ତର ଦେଲେ 'ନା ମୋର ଆତ୍ମହତ୍ୟା କରିବାର ମହତ୍ ଅଭିଳାଷ କେବେ ମଧ୍ୟ ନ ଥିଲା, ଆଜି ମଧ୍ୟ ନାହିଁ । ସେପରି ଯୋଜନା ମଧ୍ୟ ମୋ ପରିକଳ୍ପନାରେ ରହି ନ ପାରେ । ମୁଁ ମୋ ନିଜ ସହରକୁ ଅନେକ ବର୍ଷ ପରେ ବଦଳି ପ୍ରକ୍ରିୟାରେ ଆସିଛି । ଆଜି ଅବସର ପାଇ ଏକା ଏକା ବୁଲି ବାହାରିଥିଲି । ନିରୋଳା ଜାଗା ଦେଖି ଚୁପ୍‌ଚାପ୍ ବସି ପଡ଼ିଥିଲି । ଆଖି ଲାଗିଗଲା– ଆଉ ତା' ପରେ ତ ଆପଣମାନଙ୍କର ସଘନ ଉପସ୍ଥିତି । ମୁଁ ସତରେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ପୁଲିସ୍‌ବାବୁ ଉତ୍ତର ଦେଲେ, 'ଆମେ ଆପଣଙ୍କୁ ସାଥିରେ ନେଇ ସହର ଫେରିବୁ । ଆପଣ ନିରାପଦରେ ଘରେ ପହଞ୍ଚି ଗଲେ ଆମେ ଜାଣିବୁ ଆଜି ଦିନଟି ଭଲରେ କଟିଗଲା ।'

> ଆକାଶକୁ ଚାହିଁ ଶୁଭଙ୍କର ଭାବିଲେ, 'ନା ଏ ଦୁନିଆରେ କାନ୍ଦିବାକୁ ମଧ୍ୟ ଚାଖଣ୍ଡେ ଜାଗା ମିଳେ ନାହିଁ । ଆଖିରେ ଆଖିରେ ଲୁହର ସମୁଦ୍ର ସେଇମିତି ଉତ୍‌ଥଳ ହେବ ସିନା, ଝରିଝରି ନିଃଶେଷ ହେବନାହିଁ, ଶୁଖି ମଧ୍ୟ ଯିବନାହିଁ । ବୋଧହୁଏ ସେହି କାରଣରୁ ଏକୁଟିଆ ମଣିଷମାନେ ସେହି ଆକାଶୀ ପଥର ପାନ୍ଥ ହେବାକୁ ଏଠାକୁ ଛୁଟି ଆସୁଛନ୍ତି । ହୁଏତ ସେମାନଙ୍କୁ କୌଣସି ଅନ୍ୟ ଲୋକରେ ଅଶ୍ରୁସ୍ନାତ ହେବା ଲାଗି ଅନ୍ୟ ଏକ ମହୋଦଧି ମିଳିଯିବ !

ଗାଡ଼ିରେ ବସି ଶୁଭଙ୍କର ସେ ଗଛକୁ ଚାହିଁଲେ । ଗଛର ଗହଳ ପତ୍ର ସବୁ ସମୁଦ୍ରର ଧୀର ପବନରେ ହଲୁଥିଲା; କିନ୍ତୁ ସେଇ ମଝି ଆଙ୍ଗୁଠି ପରି ଲମ୍ବିଥିବା ଗଛ ଡାଳଟି, କୌଣସି ଅଦୃଶ୍ୟ ଆକାଶୀ ପଥକୁ ନିର୍ଦ୍ଦେଶ କଲାଭଳି ସମ୍ପୂର୍ଣ୍ଣ ଅବିଚଳିତ ରହିଥିଲା । ଆକାଶକୁ ଚାହିଁ ଶୁଭଙ୍କର ଭାବିଲେ, 'ନା ଏ ଦୁନିଆରେ କାନ୍ଦିବାକୁ ମଧ୍ୟ ଚାଖଣ୍ଡେ ଜାଗା ମିଳେ ନାହିଁ । ଆଖିରେ ଆଖିରେ ଲୁହର ସମୁଦ୍ର ସେଇମିତି ଉତ୍‌ଥଳ ହେବ ସିନା, ଝରିଝରି ନିଃଶେଷ ହେବନାହିଁ, ଶୁଖି ମଧ୍ୟ ଯିବନାହିଁ । ବୋଧହୁଏ ସେହି କାରଣରୁ ଏକୁଟିଆ ମଣିଷମାନେ ସେହି ଆକାଶୀ ପଥର ପାନ୍ଥ ହେବାକୁ ଏଠାକୁ ଛୁଟି ଆସୁଛନ୍ତି । ହୁଏତ ସେମାନଙ୍କୁ କୌଣସି ଅନ୍ୟ ଲୋକରେ ଅଶ୍ରୁସ୍ନାତ ହେବା ଲାଗି ଅନ୍ୟ ଏକ ମହୋଦଧି ମିଳିଯିବ ! ଆମ ସହରରେ ଲୁହରେ ଭିଜି ଆତ୍ମ ଶୁଦ୍ଧି କରିବାର ପରିଯୋଜନା କେବଳ ଏକ ନିଷିଦ୍ଧ ନୀରାଜନା.... ।' ■■■

୨୬/୨୯୮, ନନ୍ଦନ ବିହାର

ଭୁବନେଶ୍ୱର-୭୫୧୦୨୪

ଦୂରଭାଷ : ୯୪୩୮୩୬୩୫୦୨

'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ବାର୍ଷିକୋତ୍ସବ ଉପଲକ୍ଷେ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ
'ସତ୍ୟବାଦୀ' ଓ 'ସମାଜ'ର ୧୦୫ତମ ସ୍ୱ-ନକ୍ଷତ୍ର
ଉତ୍ସବ ଅବସରରେ 'ସମାଜ' ପରିବାରକୁ
ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

ରାକେଶ କୁମାର ମାଝି
କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ
ଧରାକୋଟ, ଗଞ୍ଜାମ



ଡାକ୍ତର ଅଜୟ କୁମାର ମହାନ୍ତି
ଏମ୍.ବି.ବି.ଏସ୍,(ଉତ୍କଳ) ଏମ୍.ଡି.
ନବଜାତ ଓ ଶିଶୁରୋଗ ବିଶେଷଜ୍ଞ, କେନ୍ଦୁଝର
ପରାମର୍ଶ ସମୟ : - ସକାଳ - ୭ ଘ.ରୁ ୯ଘ.
ଅପରାହ୍ଣ ୧ଘ. ରୁ ୨ଘ. ସନ୍ଧ୍ୟା ୫ଘ. ରୁ ୯ଘ.
ବୁଧବାର ଉପରବେଳା କ୍ଲିନିକ ବନ୍ଦ ରହେ ।
DR. AJAY KUMAR MOHANTY
M.B.B.S. (Utkal) MD
PEDIATRIC SPECIALIST & NEONATOLOGIST
Trained in Neonatal & Paediatric
Advanced Life Support, Sishubhawan, Cuttack
N.B. :- Specially for Childhood Asthma,
Allergic rhinitis & Childhood Vaccination
SAI SHAISHABA
Behind HIMA Hospital, Keonjhar
Mob : 9437366147
ସାଇ ଶୈଶବ
ହିମା ହସ୍ପିଟାଲ ପଛରେ, କେନ୍ଦୁଝର
ମୋ: ୯୪୩୭୩୬୬୧୪୭

ଡ. ମନସ୍ୱିନୀ ଦାଶ

ଏକାଧାରରେ ଗାଳ୍ପିକା, କବୟିତ୍ରୀ, ଔପନ୍ୟାସିକା ଓ ଶିଶୁ ସାହିତ୍ୟିକା । ତିନିଟି ଗଳ୍ପ ସଂକଳନ ସହିତ ଦୁଇଟି ଉପନ୍ୟାସ, ଗୋଟିଏ କବିତା ସଙ୍କଳନ ଓ ତିନିଟି ଶିଶୁ ସାହିତ୍ୟ ପୁସ୍ତକ ପ୍ରକାଶିତ । ଶିଶୁ ସାହିତ୍ୟ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ସମ୍ମାନିତା ।

ବୋଉର ରୁମ୍

ଆମ ମଧ୍ୟବିତ୍ତ ପରିବାରରେ ସମସ୍ତ ପାଇଁ ଅଲଗା ଅଲଗା ରୁମ୍ ନ ଥାଏ । ଆମ ଘରଟା ଜେଜେ ବାପାଙ୍କ ଅମଳର ଚାରି ବଖରାର ଏକ ମହଲା ଘର । ଦାଣ୍ଡ ଘର ବୋଲି ଆମେ ଯାହାକୁ କହୁଥିଲୁ ସେଇଟା ବଡ଼ ଲୋକଙ୍କ ଡ୍ରଇଂରୁମ୍ ପରି ନୁହେଁ । ସେ ଘରେ ଆମର ସୋଫା ସେଟ୍ ପଡ଼ି ନଥିଲା । ଗଲା ଆଇଲା ଲୋକଙ୍କ ବସିବା ପାଇଁ କିଛି ପ୍ଲାଷ୍ଟିକ୍ ଚେୟାର୍ ସହିତ କଣକୁ ଗୋଟେ ଟେବୁଲ୍ ପଡ଼ିଥିଲା । ଭାଇନାମାନେ ସେଠି ପଢୁଥିଲେ । ତା' ପାଖ ଘରେ ଜେଜେ ମାଆ ଶୋଉଥିଲା । ତା' ଖଟ ପାଖରେ ତା'ର ପାନ ଡବା ସହ ପାନ ବନେଇବାର ଆନୁଷଙ୍ଗିକ ସରଞ୍ଜାମ ଓ ଔଷଧ ରଖିବା ପାଇଁ ଗୋଟେ ଛୋଟ ଟେବୁଲ୍ ପଡ଼ିଥାଏ । ସେଇ ଘରେ ଗୋଟେ କୋଣକୁ ଠାକୁର ଥାଆନ୍ତି ।

ବାପା ସରକାରୀ କଲେଜରେ ଅଧ୍ୟାପକ ଥିବାରୁ ତାଙ୍କ ପଢା ପଢି ପାଇଁ ତାଙ୍କର ଗୋଟେ ଅଲଗା ରୁମ୍ ଥିଲା । ସେ ରୁମ୍‌ରେ ବାପାଙ୍କର ବହିପତ୍ର ବାପା ନିଜେ ସଜାଡ଼ି ରଖିଥା'ନ୍ତି । ସେ ଘରକୁ ଯିବା ପାଇଁ ଆମ ଉପରେ 'ପ୍ରବେଶ ନିଷେଧ'ର କଟକଣା ଜାରି ଥିଲା । ବାକି ଅନ୍ୟ ରୁମ୍ ବୋଉର ଅକ୍ତିଆରରେ ଥିଲା । ବୋଉର ସଂସାର କହିଲେ ଆମେ ସେହି ରୁମ୍‌କୁ ବୁଝୁଥିଲୁ । କାରଣ ତା'ରି ଭିତରେ ବୋଉ ତା' ସଂସାରର ଆବଶ୍ୟକ ସବୁ ଜିନିଷ ସଜାଡ଼ି ରଖିଥିଲା ।

ସେ ଘରେ ପଡ଼ିଥିବା ଡବଲ୍ ଖଟରେ ଭାଇ ଦୁଇଜଣ ଶୋଉଥିଲେ । ତଳେ ବିଛଣା ପକେଇ ବୋଉ ମତେ ନେଇ ଶୋଉଥିଲା ।

ଘରେ ସବୁବେଳେ ବନ୍ଧୁ କୁଣିଆ ଲାଗି ରହୁଥିଲେ । ସେମାନଙ୍କ ପାଇଁ ଦାଣ୍ଡ ଘର ତଳେ ଚେୟାର୍ ଘୁଞ୍ଚେଇ ବିଛଣା ପଡୁଥିଲା । ସ୍ତ୍ରୀ ଲୋକମାନଙ୍କ ପାଇଁ ବୋଉ ଘରେ ବ୍ୟବସ୍ଥା ହଉଥିଲା । ଦୁଇ ଭାଇଙ୍କୁ ସେମାନଙ୍କ ପାଇଁ ଖଟ ଛାଡ଼ି ଦବାକୁ ପଡୁଥିଲା । ସେମାନଙ୍କ ପାଇଁ ବାପାଙ୍କ ଘରେ ତଳେ ବିଛଣାର ବ୍ୟବସ୍ଥା ହଉଥିଲା ।

ସେତେବେଳେ ଏମିତି ବ୍ୟବସ୍ଥାରେ ଆମେ ଏତେ ଅଭ୍ୟସ୍ତ ଥିଲୁ ଯେ ଆମକୁ କିଛି ଖରାପ ଲାଗୁ ନଥିଲା ।

କିଛିଦିନ ପାଇଁ ମୁଁ ମାଉସୀଙ୍କ ଘରକୁ ବୁଲିବାକୁ ଯିବା ପରେ ମତେ ଆମ ଘରଟା ଆଦୌ ଭଲ ଲାଗିଲାନି । ମାଉସୀଙ୍କ ପରିବାର ବେଶ୍ ଧନୀ । ତାଙ୍କ ଘର ଦେଖିବା ପରେ ମୋ ଭିତରେ କେମିତି ଗୋଟେ ହୀନମନ୍ୟତା ଭାବ ସୃଷ୍ଟି ହେଲା । ମୁଁ ତାଙ୍କ ଘର ସହ ଆମ ଘରକୁ ତୁଳନା

କରି ମନେ ମନେ କଷ୍ଟ ପାଉଥିଲି । ତାଙ୍କ ଘର ପୂରା ଅତ୍ୟାଧୁନିକ । ସମସ୍ତଙ୍କର ଅଲଗା ଅଲଗା ରୁମ୍ । ସବୁ ରୁମ୍‌ର ସାଜସଜ୍ଜା ବି ବଢ଼ିଆ । ସବୁଠୁ ବଡ଼ ଥିଲା ମାଉସୀଙ୍କ ରୁମ୍ । ତାଙ୍କ ଘରର ଚକ୍‌ଚକ୍ ଟାଇଲ ବସା ଚଟାଣ, ରଙ୍ଗିନ୍ କାନ୍ଥ ଆଗରେ ଆମ ଘରଟା ବଡ଼ ପୁରୁଣାକାଳିଆ, ଶ୍ରୀହୀନ ଲାଗୁଥିଲା ।

ମାଉସୀ ବିଧବା ଥିଲେ । ତଥାପି ବି ଇସ୍ତ୍ରି କରା ହୋଇଥିବା ଫିନ୍ ଫିନ୍ ଧଳା ଶାଢ଼ି ପିନ୍ଧି ତାଙ୍କ ବ୍ୟକ୍ତିତ୍ୱରେ ଗୋଟେ ଉଜ୍ଜ୍ୱଳ ଆଭା ଫୁଟି ଉଠୁଥାଏ । ତାଙ୍କ ରୁମ୍‌ର ସାଜସଜ୍ଜା ଦେଖି ମୁଁ ଭାବିଲି ଇଏ ବୋଧେ ଜେଜେ ମା' ଗପର ରାଣୀ ହଂସପୁର । ତାଙ୍କ ରୁମ୍ ଆଗରେ ବୋଉର ରୁମ୍‌ଟା କେତେ ବେଖାପ ସତରେ! ମୁଁ ଭାବୁଥିଲି, ମୋ ବୋଉର ଯଦି ଏମିତିଆ ରୁମ୍ ଥାଆନ୍ତା ତେବେ ସିଏ ବି ରାଣୀ ଭଳି ରହିଥାନ୍ତା ।

ଆମ ଘରେ ବୋଉ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କାମ କରି ଧନ୍ଦି ହେଇ ଯାଉଥିବା ବେଳେ ମାଉସୀଙ୍କର ଅଖଣ୍ଡ ଅବସର ଥିଲା । କାମ କରିବା ପାଇଁ ତାଙ୍କ ଘରେ ଲୋକର ଅଭାବ ନ ଥିଲା । ମାଉସୀ କେବଳ ସେମାନଙ୍କର କାମ ତଦାରଖ କରୁଥିଲେ । ଦୁଇ ଭଉଣୀଙ୍କ ଜୀବନ ଭିତରେ କେତେ ଫରକ୍ !

ଫେରି ଆସିବା ପରେ ଆଉ କାହା ପାଇଁ ନୁହେଁ, କିନ୍ତୁ ବୋଉ ପାଇଁ ମୋ ମନ ବ୍ୟସ୍ତ ଲାଗୁଥିଲା । ମାଉସୀଙ୍କ ଡ୍ରେସିଂ ଟେବୁଲ୍ ଉପରେ କେତେ ପ୍ରକାରର ପାଉଡ଼ର, କ୍ରିମ୍, ସେଣ୍ଟ ଥିଲା ବେଳେ ମୋ ବୋଉର କେବଳ ଗୋଟିଏ ପାଉଡ଼ର୍ ଓ ଗୋଟିଏ ସିନ୍ଦୂର ଫରୁଆ ଥିଲା । ଅବଶ୍ୟ ମୁହଁରେ ପାଉଡ଼ର୍ ପଫ୍ ବୁଲେଇ ଆଣି କପାଳରେ ଗୋଲ୍ କରି ସିନ୍ଦୂର ପିନ୍ଧି ଦେଲେ ମୋ ବୋଉ ରାଣୀ ଭଳି ଦିଶେ । ମୋ ଆଖିରେ ତ ମୋ ବୋଉ ଦୁନିଆର ସବୁଠୁ ସୁନ୍ଦରୀ ଥିଲା । ହେଲେ, ବୋଉ କେବେ ତା' ନିଜ ପାଇଁ କିଛି କିଣୁ ନଥିଲା; ବରଂ ଘର ଖର୍ଚ୍ଚରୁ ବଳେଇ ସାହି - ପଡ଼ିଶା କି ଆମ ବନ୍ଧୁ ବାନ୍ଧବଙ୍କୁ ତାଙ୍କ ଦରକାର ବେଳେ ସାହାଯ୍ୟ କରିବ ସିନା, ନିଜ ପାଇଁ କେବେ କିଛି ଭଲ ଜିନିଷ କିଣିବନି ।

ମାଉସୀଙ୍କ ବଡ଼ଘର, ତା'ର ସାଜସଜ୍ଜା କଥା ବୋଉକୁ କହିଥିଲି । ଆମ ଘରଟା ତା' ତୁଳନାରେ କିଛି ନୁହେଁ କହି ମନ ଖରାପ କରିଥିଲି । ବୋଉ ହସି ଦେଇ କହିଥିଲା, ସେମିତି କାହା ସାଙ୍ଗରେ ନିଜକୁ ତୁଳନା କରିବୁନି । କଷ୍ଟ ପାଇବୁ । ଆମେ ଯେମିତି ଅଛୁ ଭଲ ଅଛୁ ।

ବୋଉ କଥାରେ ମୋ ମନ ମାନିଲାନି । ମନେମନେ ଭାବିଲି ମୁଁ ବଡ଼ ହେଇ ଚାକିରି କଲେ ମୋ ବାପା, ବୋଉଙ୍କ ପାଇଁ ଗୋଟେ ବଡ଼ ଘର ତିଆରି କରି ଦେବି । ସେଥିରେ ମୋ ବୋଉର ଗୋଟାଏ ସ୍ୱତନ୍ତ୍ର ରୁମ୍ ଥିବ । ସେ ରୁମ୍‌ରେ ତା'ର ଗୋଟେ ସୁନ୍ଦର ଡ୍ରେସିଂ ଟେବୁଲ୍ ଥିବ ଯାହା ଉପରେ ଢେର୍ ସାରା ପ୍ରସାଧନ ସାମଗ୍ରୀ ଥିବ । ବୋଉ ସବୁଦିନ ଗାଧୋଇ ଆସି ସେ ଡ୍ରେସିଂ ଟେବୁଲ୍ ଆଗରେ ବସି ମୁହଁରେ ପାଉଡ଼ର୍ ଲଗେଇବ, କପାଳ ଓ ସୁନ୍ଥାରେ ସିନ୍ଦୂର ଲଗେଇବ ଇତ୍ୟାଦି । ବୋଉ ପାଇଁ ମୋ କଳ୍ପନା ଲମ୍ବି ଲମ୍ବି ଯାଉଥିଲା ।

ମୁଁ ମୋ କଳ୍ପନାକୁ ସତ କରି ପାରିଥାନ୍ତି କି ପାରି ନ ଥା'ନ୍ତି ସେକଥା ସମୟ ହୁଏତ କହିଥାନ୍ତା; କିନ୍ତୁ ତା' ପୂର୍ବରୁ ବାପା ତା'କୁ ସତ କରିଦେଲେ । ବାପା ଅଧ୍ୟାପକ ଚାକିରି ଛାଡ଼ି ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେବାର କିଛି ବର୍ଷ ପରେ ଆମ ପୁରୁଣା ଘରଟା ଭାଙ୍ଗି ସେଠି ଗୋଟେ ଦୁଇ ମହଲା ଘର ତିଆରି କରିଥିଲେ । ଏହାର ତଳ ମହଲା ଭଡ଼ା ଦିଆ ଯାଇଥିଲାବେଳେ ଉପର ମହଲାରେ ଆମେ ରହୁଥିଲୁ । ବାପାଙ୍କର ବିଭିନ୍ନ ଜିଲାରେ ପୋଷ୍ଟିଂ ଯୋଗୁଁ ସେ ଆମ ସହିତ ରହି ପାରୁ ନଥିଲେ । ମଝିରେ ମଝିରେ ଆସୁଥିଲେ । ଆମମାନଙ୍କ ପଢ଼ାପଢ଼ି ପାଇଁ ବୋଉ ଆମକୁ ନେଇ ଏକୁଟିଆ ସେଠି ରହୁଥିଲା ।

ସେତେବେଳକୁ ଆମେ ସମସ୍ତେ କଲେଜରେ ପଢ଼ିଲୁଣି । ନିଜ କାମ ନିଜେ କରି ଶିଖିଲୁଣି । ଜେଜେମା'ଙ୍କର କେବେଠୁ ଦେହାନ୍ତ ହେଲାଣି, ତେଣୁ ଅନେକ କମି ଗଲାଣି ବୋଉର କାମ । ତଥାପି ଘର କାମ କରିବାକୁ ଚାକରାଣୀ ସହ ବୋଉର ଶତ ବାରଣ ସତ୍ତ୍ୱେ ରନ୍ଧାବଢ଼ା କରିବାକୁ ବାପା ସ୍ତ୍ରୀଲୋକଟିଏ ବି ରଖି ଦେଲେ ।

ସବୁ ପ୍ରକାର ଆଧୁନିକ ସୁବିଧା ଥାଇ ସେ ନୂଆ ଘରଟା ବେଶ୍ ବଡ଼ ଓ ସୁନ୍ଦର ଥିଲା । ମୋର ଖୁବ୍ ପସନ୍ଦ ହେଇଥିଲା ସେ ଘର । କାରଣ ସେଠି ସମସ୍ତଙ୍କର ଅଲଗା ଅଲଗା ରୁମ୍ ସହ ଘରକୁ ଆସୁଥିବା ଅତିଥିଙ୍କ ପାଇଁ ବି ରୁମ୍ ଥିଲା ।

ମୋତେ ବେଶି ଭଲ ଲାଗୁଥିଲା ବୋଉର ରୁମ୍ । ଘର ଭିତରେ ସବୁଠୁ ବଡ଼ ରୁମ୍ ଥିଲା ସେଇଟା । ଦୁଇ ପଟ କାନ୍ଥ ଭର୍ତ୍ତି କପ୍‌ବୋର୍ଡ ଭିତରେ ବୋଉର ଯାବତୀୟ ଜିନିଷ ଭର୍ତ୍ତି ଥିଲା । ଏମିତିକି ତା'ର ସୁଦୃଶ୍ୟ ଡ୍ରେସିଂ ଟେବୁଲ୍ ବି ଗୋଟେ କପ୍‌ବୋର୍ଡ ଭିତରେ ଲୁଚି ରହିଥିଲା । ବାହାରେ କିଛି ଜିନିଷ ନ ଥିବାରୁ ଘରଟା ବେଶ୍ ପରିଷ୍କାର ଓ ଭଲ ଲାଗୁଥିଲା । ବୋଉ ରୁମ୍‌କୁ ଲାଗିଥିବା ବାଲ୍‌କୋନିରେ ବୋଉ ପାଇଁ ବାପା ଗୋଟେ ଦୋଳି ଲଗେଇ ଦେଇଥିଲେ । ବୋଉ ଯେତେବେଳେ ତା' ଉପରେ ଝୁଲିଝୁଲି ଗପ ବହି ବା ପତ୍ରିକା ପଢୁଥିଲା କି ସ୍ୱେଟର ବୁଣୁଥିଲା ସେ ଦୃଶ୍ୟ ଦେଖି ମୋ ମନ ପୂରି ଉଠୁଥିଲା । ମୋ ବୋଉକୁ ତ ମୁଁ ଏମିତି ଦେଖିବାକୁ ଚାହୁଁଥିଲି ।

ବୋଉ ପାଇଁ ଯେମିତିଆ ଘର ମୁଁ କଳ୍ପନା କରିଥିଲି ତା'ଠାରୁ ଢେର୍ ବଢ଼ିଆ ରୁମ୍ ବାପା ବୋଉ ପାଇଁ ବନେଇ ଦେଇଥିଲେ । ଉପରକୁ ଗମ୍ଭୀର ଦେଖା ଯାଉଥିବା ଓ ସବୁବେଳେ ପଢ଼ାପଢ଼ିରେ ବ୍ୟସ୍ତ ରହୁଥିବା ବାପା ଯେ ବୋଉକୁ କେତେ ଭଲପାଆନ୍ତି ସେ କଥା ବୋଉର ରୁମ୍ ଓ ତା'ର ସାଜସଜ୍ଜା ଦେଖି ମୁଁ ଅନୁମାନ କରିପାରୁଥିଲି ।

ବେଶ୍ କିଛିବର୍ଷ ବୋଉ ତା' ରୁମ୍‌ରେ

ରାଣୀ ଭଳି ରହିଲା । ସେଇ ଘରୁ ସେ ଆମର ପୂରା ପରିବାରକୁ ନିୟନ୍ତ୍ରଣ କରୁଥିଲା । ଘରକୁ ବନ୍ଧୁବାନ୍ଧବ ଆସିଲେ ସେମାନେ ଡ୍ରଇଂରୁମ୍ ଅପେକ୍ଷା ବୋଉ ରୁମ୍‌ରେ ବସି ଆଡ଼ା ମାରିବାକୁ ବେଶି ପସନ୍ଦ କରୁଥିଲେ । ଦୁଇ ଭାଇନାଙ୍କ ବାହାଘର ଓ ମୋ ବାହାଘରବେଳେ ସବୁ କଥା ନିୟନ୍ତ୍ରଣ ହଉଥିଲା ବୋଉ ରୁମ୍‌ରୁ । ପିଉସୀ, ମାଉସୀ, ଖୁଡ଼ୀ, ମାଇଁଙ୍କର ଭିଡ଼ ଜମୁଥିଲା ସେଇ ରୁମ୍‌ରେ । ବନାରସୀ ଶାଢ଼ି ବାଛିବାଠୁ ଗହଣା ଦେଖିବା, ଝିଅର ବାକ୍ସ, ଶାଶୂ ବାକ୍ସ, ନଣନ୍ଦ ପେଡ଼ି ସଜ, ବନ୍ଧୁ ବାନ୍ଧବଙ୍କ ଲୁଗା ତାଲିକା କରି ରଖିବା କାମ ସବୁ ସେଇଠି ହଉଥିଲା । ଆମେ ତିନି ଭାଇ ଭଉଣୀ ବୋଉକୁ କହୁ, 'ବୋଉ, ତୋ ରୁମ୍ ଏବେ ଆମ ପରିବାରର କଣ୍ଟ୍ରୋଲ୍ ରୁମ୍ ହେଇ ଗଲାଣି ।'

ବାପା, ବୋଉକୁ ଥଟ୍ଟା କରି କହୁଥିଲେ 'ତୁମ କଣ୍ଟ୍ରୋଲ୍ ରୁମ୍ ଖବର କ'ଣ?'

ବୋଉ ସମସ୍ତଙ୍କ କଥା ଶୁଣି ହସି ଦିଏ । ବେଶ୍ ଚାଲିଥିଲା ।

ବଡ଼ଭାଇନା ବାହା ହେବା ପରେ ସେ ଘରକୁ ବଡ଼ଭାଉଜ ଆସିଲେ । ତାଙ୍କ ବାପ ଘରୁ ଆସିଥିବା ଅତ୍ୟାଧୁନିକ ଜିନିଷରେ ଭାଇନାଙ୍କ ବଡ ରୁମ୍ ଭର୍ତ୍ତି ହେଇଗଲା । ଭାଉଜ ଖୁବ୍ ସୁନ୍ଦର ଭାବରେ ତାଙ୍କ ରୁମ୍ ସଜେଇ ରଖୁଥିଲେ । ତଥାପି ମୁଁ ତାଙ୍କ ରୁମ୍ ଭିତରକୁ ଯାଇ ପାରୁ ନ ଥିଲି । କେମିତି ଗୋଟେ ଅସ୍ୱସ୍ତି ଭାବ ମୋ ଗୋଡ଼କୁ ଭିଡ଼ି ଧରୁଥିଲା । ମୁଁ ତାଙ୍କ ରୁମ୍‌ରେ ଆଦୌ ସହଜ ହେଇ ପାରୁନଥିଲି ।

ମୋ ବାହାଘର ପରେ ମୁଁ ଯେତେବେଳେ ଆମ ଘରକୁ ଆସୁଥିଲି ସେତେବେଳେ ଝିଅ ବେଳର ମୋ ରୁମ୍‌ରେ ନ ରହି ବୋଉ ରୁମ୍‌ରେ ରହୁଥିଲି । ବୋଉ ପାଖରେ ଶୋଇ ମୋର ଅସରା ଗପର ପେଡ଼ି ତା' ଆଗରେ ଖୋଲି ଦଉଥିଲି ।

ସମସ୍ତଙ୍କୁ ଆପଣେଇ ନବାର ଗୋଟାଏ ଅଦ୍ଭୁତ ଆକର୍ଷଣ ଶକ୍ତି ଥିଲା ସେ ରୁମ୍‌ର । ସାନ ଭାଇନା ମୁମ୍ବାଇରୁ ଆସିଲେ ତାଙ୍କର ବେଶି ସମୟ କଟୁଥିଲା ବୋଉର ରୁମ୍‌ରେ । ସେ ରୁମ୍ ଭିତରକୁ ଗଲେ ମତେ ଲାଗେ ମୋ ବୋଉ ମତେ କୋଳେଇ ପକାଉଛି । ମୁଁ ସେଠି ବୋଉର ନିଃଶ୍ୱାସ ପ୍ରଶ୍ୱାସକୁ, ତା' ଛୁଆଁକୁ ଅନୁଭବ କରେ । ସେ ଘରଟା ମତେ ବୋଉ ବୋଉ ବାସେ ।

ବାପା ଅବସର ନେଲେ । ବଡ଼ ଭାଇନା ଏମ୍ସରେ ଭେଷଜ ବିଶେଷଜ୍ଞ ଓ ଭାଉଜ କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଥିଲେ । ସେମାନେ ଘରେ ରହୁ ଥିବାରୁ ବାପା, ବୋଉଙ୍କ ପାଇଁ ମୁଁ ଓ ସାନ ଭାଇନା ନିଶ୍ଚିନ୍ତ ଥିଲୁ । ଡାକ୍ତର ପୁଅ, ବୋହୂଙ୍କ ପାଖରେ ଅଛନ୍ତି ବୋଲି ସେମାନେ ବି ନିଶ୍ଚୟ ନିଶ୍ଚିନ୍ତ ଥିବେ; କିନ୍ତୁ ସବୁ ନିଶ୍ଚିନ୍ତତାକୁ ଉପେକ୍ଷା କରି ବାପା ହଠାତ୍ ହୃଦ୍‌ଘାତରେ ଚଳି ପଡ଼ିଲେ । ତାଙ୍କୁ ଚିକିତ୍ସା କରିବାର ସୁଯୋଗ ବି ଦେଲେନି । ଏ ଆକସ୍ମିକ ଘଟଣା ଆମ ସମସ୍ତଙ୍କୁ ଦୋହଲେଇ ଦେଇଥିଲା । ବୋଉ ଉପରକୁ ଠିକ୍ ଲାଗୁଥିଲେ ବି ଭିତରେ ଭିତରେ ଭାଙ୍ଗି ପଡ଼ିଥିଲା ।

> "କଟକରୁ ଭୁବନେଶ୍ୱର ବାଟଟା ବୋଉ ପାଇଁ ଯେମିତି ଗୋଟେ ଅସରନ୍ତି ବାଟ ହେଇ ଯାଇଥିଲା । ତା'ର ଉଦ୍‌ବେଗକୁ ମୁଁ ବୁଝି ପାରୁଥିଲି । କେବଳ ତା' ପିଠି ଆଉଁଶି ତା'କୁ ଆଶ୍ୱାସନା ଦବା ଛଡ଼ା ମୋର ଆଉ କିଛି କରଣୀୟ ନଥିଲା । ଶେଷରେ ତା' ଈପ୍ସିତ ଲକ୍ଷ୍ୟ ସ୍ଥଳ ଆସିଗଲା । ଛୋଟ ପିଲାଟିଏ ଭଳି ବୋଉ ଖୁସି ହେଇ ଉଠିଲା । ଭଲ ଥିଲେ ବୋଧେ ଡେଇଁ ଡେଇଁ ଉପର ମହଲାକୁ ଉଠି ଯାଆନ୍ତା ।"

ବାପାଙ୍କ ଯିବାର ପ୍ରାୟ ଛ' ସାତ ମାସ ପରେ ବୋଉର ପାହାଚରୁ ପଡ଼ି ଯିବାରୁ ଅବସ୍ଥା ସଙ୍କଟାପନ୍ନ ହୋଇଗଲା । ତା'ର ଅଣ୍ଟାରୁ ତଳ ପର୍ଯ୍ୟନ୍ତ ଅଚଳ ହୋଇଗଲା । ଏମିତିରେ ତ ବାପାଙ୍କ ଯିବା ପରେ ସେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲା । ବର୍ତ୍ତମାନ ଶାରୀରିକ ଭାବରେ ଅଚଳ ହୋଇଯିବା ପରେ ଭଲ ହବା ପାଇଁ ସେ ନିଜ ତରଫରୁ କୌଣସି ଆଗ୍ରହ ଦେଖେଇଲା ନାହିଁ କିମ୍ବା ଡାକ୍ତରଙ୍କ କହିବା ଅନୁଯାୟୀ କୌଣସି କାମ କଲା ନାହିଁ ।

ତାକୁ ନେଇ ସମସ୍ୟା ଦେଖାଗଲା । ଚବିଶ ଘଣ୍ଟା ତା' ପାଖରେ ସ୍ତ୍ରୀ ଲୋକଟିଏ ରହିବା ଦରକାର, ଯିଏ ବୋଉକୁ ଗାଧୋଇ ଦବାଠାରୁ ଆରମ୍ଭ କରି ବିଛଣାରେ ଝାଡ଼ା, ପରିସ୍ରା କରେଇବ, ତାକୁ ଖୋଇ ଦବ ଓ ଠିକ୍ ସମୟରେ ଔଷଧ ଦବ । ସେମିତିଆ ସ୍ତ୍ରୀ ଲୋକ ବି ଗୋଟେ ଏଜେନ୍ସି ମାଧ୍ୟମରେ ରଖା ଗଲା– କିନ୍ତୁ ଅସୁବିଧା ହେଲା ଆଉ ଗୋଟେ ଦିଗରୁ । ଭାଇ, ଭାଉଜ ହସ୍ପିଟାଲ୍‌କୁ ଯାଉ ଥିବାରୁ ସେମାନେ ଗଲା ପରେ ସେ ସ୍ତ୍ରୀ ଲୋକ ବୋଉର ଯତ୍ନ ଠିକ୍ ଭାବରେ ନେଲାନି । ବୋଉ ଔଷଧ ଖାଇବାକୁ ମନା କଲେ ସେ ଭୁଲେଇ ଭାଲେଇ ଜୋର୍ କରି ତାକୁ ଔଷଧ ଖୁଆଇଲା ନାହିଁ । ଯେତେବେଳେ ଦେଖ ମୋବାଇଲ୍ ଧରି କଥା ହଉଥିବ । ବୋଉ ଥରେ ତାକୁ ଡାକିଡାକି ନିଜେ ପାଣି ପିଇବାକୁ ଯାଇ ଖଟରୁ ଖସି ପଡ଼ିଲା । ନା । ଏ ବ୍ୟବସ୍ଥା ଚଳିବନି । ଘରେ ସବୁ ସମୟରେ କେହି ଜଣେ ରହିବା ଦରକାର ।

ବୋଉର ଏ ଅବସ୍ଥା ଦେଖି ମୁଁ ମୋ ଘରକୁ ବୋଉକୁ ନେଇ ଯିବାକୁ ଆଗ୍ରହ ପ୍ରକାଶ କଲି । ମୋ ପିଲାମାନେ ବାହାରେ ରହୁଥିଲେ । ସ୍ୱାମୀ ଅଫିସ୍ ଗଲା ପରେ ମୁଁ ପ୍ରାୟ ଏକା ରହୁଥିଲି । ତେଣୁ ମୋ ଘରେ ବୋଉର ଚିକିତ୍ସାର ଅସୁବିଧା ହବନି । ତା'ଛଡ଼ା ମୋ ଆଗରେ ସେ ଯେମିତି ତା' ମନ କଥା

ଖୋଲି କହି ପାରିବ ଭାଉଜଙ୍କୁ ସେମିତି କେବେ କହି ପାରିବନି । ଏଥିରେ ଭାଇନା, ଭାଉଜଙ୍କ ଆପତ୍ତି କରିବାର କିଛି ନଥିଲା । ଜନ୍ମ କଲା ମା' ହେଲେ ମଧ ବୋଉ ବର୍ତ୍ତମାନ ତାଙ୍କ ପାଇଁ ଗୋଟେ ସମସ୍ୟା ଛଡ଼ା ଆଉ କିଛି ନଥିଲା । ତେଣୁ ସମସ୍ୟାଟି ମୁଣ୍ଡରୁ ଖସି ଯାଉଥିବା ଜାଣି ସେମାନେ ବରଂ ମନେମନେ ଖୁସି ହେଲେ ।

ବୋଉ ଆମ ଘରେ ଖୁବ୍ ଭଲରେ ରହିଲା । ମୁଁ ତ ଚାକିରି କରେନି । ତେଣୁ ତା' କାମ ପାଇଁ ସ୍ତ୍ରୀ ଲୋକଟିଏ ରହିଥିଲେ ମଧ ମୁଁ ତାକୁ ସମୟ ଦେଉଥିଲି, ତା' ସାଙ୍ଗରେ ଗପୁଥିଲି । ସେ କହିବା ମୁତାବକ ତା'କୁ ବିଭିନ୍ନ ପ୍ରକାର ଜଳଖିଆ କରି ଦେଉଥିଲି । ଆମ ମା' ଝିଅଙ୍କ ସମୟ ବେଶ୍ ଭଲରେ କଟି ଯାଉଥିଲା ।

ବୋଉ ଧୀରେ ଧୀରେ ଭଲ ହେଉଥିଲା । ପ୍ରତିଦିନ ତା'ର ଫିଜିଓଥେରାପି ଚାଲୁଥିଲା । ଏବେ ସିଏ ଖଟରୁ ଉଠି ୱାକର୍ ଧରି ଚାଲି ପାରିଲାଣି । ବେଳେବେଳେ ଡ୍ରଇଂ ରୁମ୍‌ରେ ଆସି ବସୁଛି । ଏବେ ସେ ନିଜ ଘରକୁ ଯିବାକୁ ଇଚ୍ଛା କରୁଛି ।

'କେତେ ଦିନ ଆଉ ଝିଅ ଘରେ ରହିବି? ଜୋଇଁ କ'ଣ ଭାବୁଥିବେ? ମୁଁ ଏଥର ମୋ ଘରକୁ ଯାଏ । ମୁଁ ତ ଭଲ ହେଇ ଗଲିଣି । ତୁ ବରଂ ଭାଇନାକୁ ଫୋନ୍ କର । ସେ ମତେ ଆସି ନେଇଯାଉ ।'

ମୁଁ ତାକୁ ବୁଝେଇ କହିଲି; 'ଏବେ ଏବେ ତ ଉଠିଛୁ । ଆଉ ଥରେ ଯଦି ପଡ଼ିଯିବୁ ? ଏଠି କ'ଣ ତୋର କିଛି ଅସୁବିଧା ହେଉଛି ?'

'ନା । ଅସୁବିଧା କାହିଁକି ହେବ ? ତୁ ଓ ଜୋଇଁ ମତେ ବହୁତ ଯତ୍ନରେ ରଖିଛ; କିନ୍ତୁ କଥା କ'ଣ କି, ତୋ ବାପା ଗଲା ପରଠାରୁ ମୋ ରୁମ୍‌ରେ ଅଛନ୍ତି । ମୁଁ ସବୁଦିନ ତାଙ୍କ ସାଙ୍ଗରେ କଥା ହୁଏ । ଏଠି ମୁଁ ତୋ ବାପାଙ୍କୁ ଦେଖି ପାରୁନି କି ତାଙ୍କ ସାଙ୍ଗରେ କଥା ଟିକେ ହେଇ ପାରୁନି । ସେ ମତେ ସେଠି ନ ପାଇ ମନ ଖରାପ କରୁଥିବେ ।'

ବୋଉର ନିର୍ଭେଜାଲ୍ ପ୍ରେମ ଆଗରେ ମୋର ସବୁ ଯୁକ୍ତି ଥମ୍ ହେଇ ରହିଗଲା ।

ପ୍ରେମ ଏତେ ଗଭୀର ହେଇପାରେ !!

ଭାଇନାଙ୍କୁ ନ ଜଣେଇ ଆମେ ଦୁଇଜଣ ବୋଉକୁ ନେଇ ଭୁବନେଶ୍ୱର ଗଲୁ । କଟକରୁ ଭୁବନେଶ୍ୱର ବାଟଟା ବୋଉ ପାଇଁ ଯେମିତି ଗୋଟେ ଅସରନ୍ତି ବାଟ ହେଇ ଯାଇଥିଲା । ତା'ର ଉଦ୍‌ବେଗକୁ ମୁଁ ବୁଝି ପାରୁଥିଲି । କେବଳ ତା' ପିଠି ଆଉଁଶି ତା'କୁ ଆଶ୍ୱାସନା ଦେବା ଛଡ଼ା ମୋର ଆଉ କିଛି କରଣୀୟ ନଥିଲା । ଶେଷରେ ତା' ଈପ୍ସିତ ଲକ୍ଷ୍ୟ ସ୍ଥଳ ଆସିଗଲା । ଛୋଟ ପିଲାଟିଏ ଭଳି ବୋଉ ଖୁସି ହେଇ ଉଠିଲା । ଭଲ ଥିଲେ ବୋଧେ ଡେଇଁ ଡେଇଁ ଉପର ମହଲାକୁ ଉଠି ଯାଆନ୍ତା । ଡ୍ରାଇଭର୍ ସାହାଯ୍ୟରେ ତାକୁ ଧରାଧରି କରି ବହୁ କଷ୍ଟରେ ଆମେ ଉପର ମହଲାକୁ ଉଠିଲୁ ।

ସେଦିନ ରବିବାର ଥିବାରୁ ଭାଇନା, ଭାଉଜ ଦୁଇଜଣ ଘରେ ଥିଲେ; କିନ୍ତୁ ବୋଉକୁ ଦେଖି ଖୁସି ହେବା ପରିବର୍ତ୍ତେ ସେମାନେ ହତଭମ୍ବ ହେଇଗଲେ । ଗୋଟାଏ ଅସ୍ୱସ୍ତି ଭାବ ସେମାନଙ୍କ ମୁହଁରେ ସ୍ପଷ୍ଟ ବାରି ହେଇ ଯାଉଥିଲା । ମୁଁ କାବା ହୋଇ ସେମାନଙ୍କୁ ଦେଖୁଥିଲି ।

ବୋଉର କିନ୍ତୁ ସେ ଆଡ଼କୁ ନଜର ନ ଥିଲା । ସେ ୱାକର୍ ଧରି ଅତି ଖୁସିରେ ତା' ରୁମ୍ ଆଡ଼କୁ ଧୀରେ ଧୀରେ ଆଗେଇ ଗଲା ।

ଅପ୍ରତ୍ୟାଶିତ ଓ ଅଭାବିତ ନିରାଶାଟିଏ ସେଠି ତାକୁ ଅପେକ୍ଷା କରୁଥିଲା । ସେ ରୁମ୍‌ରେ ତା' ଖଟ ପରିବର୍ତ୍ତେ ଭାଇନା, ଭାଉଜଙ୍କ ଖଟ ପଡ଼ିଥିଲା । ରୁମ୍ ଭିତରକୁ ପଶିଗଲା

ବେଳକୁ ସାମ୍ନା କାନ୍ଥରେ ଫୁଲମାଳ ଦିଆ ବାପାଙ୍କ ବନ୍ଧେଇ ଫଟୋ ଆଗ ପରି ଝୁଲୁ ନ ଥିଲା । ବୋଉର ପାଦ ଘର କବାଟ ପାଖରେ ଅଟକି ଗଲା । ଶୂନ୍ୟ କାନ୍ଥକୁ ଚାହିଁ ତା' ଆଖିରୁ ବୋହି ଆସୁଥିବା ଲୁହକୁ ସେ ଚଟ୍ କରି ପୋଛି ପକେଇଲା । ଭାଇନାଙ୍କୁ ଚାହିଁ କହିଲା; 'ବହୁତ ଦିନ ହେଲା ସୋନି ପାଖରେ ରହିଲିଣି । ତୁମମାନଙ୍କୁ ଦେଖିବାକୁ ଇଚ୍ଛା ହେଲା ତ । ସେଥିପାଇଁ ଘରକୁ ଚାଲି ଆସିଲି ।'

ଏ ସମ୍ବେଦନଶୀଳ ଘଟଣାରେ ମୁଁ ବି ଅବାକ୍ ହେଇ ଯାଇଥିଲି । ବୋଉ ବଞ୍ଚି ଥାଉ ଥାଉ ଭାଇନା ଇଏ କ'ଣ କଲେ ? ବୋଉର ରୁମ୍ ତା' ପାଖରୁ କାଢ଼ି ନେଲେ ? ଭାଇନା କ'ଣ ଧରି ନେଲେ ଯେ ବୋଉ ତା' ନିଜ ଘରକୁ ଆଉ ଫେରିବନି ? ତଥାପି, ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ ମୁଁ କହିଲି - 'ହଉ, ତୁ ଏତେ ବାଟ ଆସି ଥକି ଯାଇଥିବୁ । ଚାଲ୍, କୋଉ ରୁମ୍‌ରେ ଟିକେ ଶୋଇ ପଡ଼ିବୁ ।'

'ତୁ ଏମିତି ହଠାତ୍ ବୋଉକୁ ନେଇ ଆସିଲୁ? ଆଗରୁ ଜଣେଇ ଥିଲେ ମୁଁ ତା' ପାଇଁ ଗେଷ୍ଟ ରୁମ୍ ସଜାଡ଼ି ରଖିଥାନ୍ତି । ପିଲାମାନେ ବଡ଼ ହେଲେଣି ତ । ତାଙ୍କର ସ୍ୱତନ୍ତ୍ର ରୁମ୍ ଦରକାର ହେଲାଣି । ତେଣୁ ଯିଏ ଯାହାର ଗୋଟେ ଗୋଟେ ରୁମ୍ ବାଛି ନେଇଛନ୍ତି । ବାପି ଆମ ରୁମ୍‌ରେ ରହିଲା ବୋଲି ତ ଆମେ ଏ ରୁମ୍‌କୁ ଚାଲି ଆସିଲୁ ।'

ଭାଇନା ଯେମିତି ନିର୍ଲଜ୍ଜତାର ସୀମା ପାର୍ କରିଗଲେ ।

ବୋଉ କିନ୍ତୁ ନିର୍ବିକାର ଭାବରେ କହିଲା; 'ଠିକ୍ ଅଛି । ତୁମମାନଙ୍କୁ ତ ଦେଖିଲି, ଏବେ ମୁଁ ସୋନି ସାଙ୍ଗରେ ଫେରି ଯାଉଛି । ମତେ ଖାଲି ବାପାଙ୍କ ଫଟୋଟା କୋଉଠି ରଖିଛୁ ଦେ ।'

ମୋର ରାଗ ସେତେବେଳେ ଚରମ ସୀମାରେ ପହଞ୍ଚି ଯାଇଥିଲା । ବହୁତ କଷ୍ଟରେ ନିଜକୁ ସମ୍ଭାଳି ମୁଁ ଭାବୁଥିଲି ତାଙ୍କୁ କହିବାକୁ; 'ଶେଷକୁ ବୋଉକୁ ତୁମେ ଗେଷ୍ଟ ରୁମ୍‌ରେ ରଖି ଥାଆନ୍ତ ?'

କିଛି କିନ୍ତୁ କହି ପାରିଲିନି । ଏ ଘରେ କେବଳ ବୋଉର ନିଜ ରୁମ୍ ନୁହେଁ, କୌଣସି ରୁମ୍ ମଧ୍ୟ ତା' ପାଇଁ ଆଉ ଯେ ନାହିଁ– ଏ ଦାରୁଣ ସତ୍ୟଟା ମୁଁ ବୋଉ ଆଗରେ ମୁହଁ ଖୋଲି କହି ପାରିଲିନି । ■■■

ଏ/୨୮, ପି.ପି.ଏଲ୍. କଲୋନି, ଖଣ୍ଡଗିରି,
ଭୁବନେଶ୍ୱର-୧୯
ଦୂରଭାଷ : ୯୪୩୭୦୧୩୦୦୩

"ଦୂର ଦେବାଳୟେ ଯିବା ନାହିଁ ପ୍ରୟୋଜନ, ନିଜ ଅଭ୍ୟନ୍ତର ଦେଖ ଫେଡିଣ ନୟନ, ହୃଦ୍ କପିଳାସେ ତୋର ବହେ ପ୍ରେମଝର, ବିଜେ କରିଛନ୍ତି ତହିଁ ସ୍ୱୟମ୍ଭୁ ଶଙ୍କର ।"

ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାଶ

ଇଂ. ୟୁ. ସି. ପଟ୍ଟନାୟକ
ବ୍ରହ୍ମପୁର, ଗଞ୍ଜାମ

या देवी सर्वभुतेषु शक्तिरूपेण संस्थिता।
नमस्तस्यै नमस्तस्यै नमस्तस्यै नमो नम

Ya Devi Sarvabhuteshu Shakti Rupen sansthita
Namastasyai Namastasyai Namastasyai Namo Namah

ସୁଖ୍‌ଦୁଖ୍ ପବ୍ଲିକେଶନ
ସମ୍ବଲପୁର

- ଡଃ ମଙ୍ଗଲୁ ଚରଣ ବିଶ୍ୱାଳଙ୍କ 'ପୃଥକ ପରିଚୟ' ଓ 'ଭିନ୍ନ ବର୍ଣ୍ଣମାଳା'
- ବାଳକୃଷ୍ଣ କରଙ୍କ 'ବାମଣ୍ଡା ଇତିହାସ'
- ଡଃ କୁମୁଦ ରଞ୍ଜନ ପାଣିଗ୍ରାହୀଙ୍କ 'ପଶ୍ଚିମ ଓଡ଼ିଶାର ଲୋକଗାଥା'
- ସୁକାନ୍ତ କରଙ୍କ 'ସମ୍ବଲପୁର ସ୍ୱାଧୀନତା ସଂଗ୍ରାମର ପଞ୍ଚସଖା'
- ଚନ୍ଦ୍ରପ୍ରଭା କରଙ୍କ ସଂସ୍କୃତ ମୂଳ ପୁସ୍ତକର ଅନୁସୃଜନ
- ସମ୍ବଲପୁରୀ ଭାଷାରେ ବାଲ୍ମିକୀ ରାମାୟଣର 'ବାଲ୍‌କାଁଣ୍ଡ'

ତଥା ଅନେକ ପୁସ୍ତକ ସମ୍ବଲପୁରୀ, ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରକାଶିତ

SUKHDUKH PUBLICATION

'Ashiana', Pandit Laxmi Naravan Mishra Lane, Sambalpur 768001 Odisha Call 0663-2532872 / 9437149166
Mail sukantakar007@gmail.com Prop: Sukanta Kumar Kar

ପବିତ୍ର ଦୁର୍ଗାପୂଜା ଓ
କାଳୀପୂଜା ଅବସରରେ
ଭଦ୍ରକ ଜିଲାର ସମସ୍ତ
ଜନସାଧାରଣଙ୍କୁ ହାର୍ଦ୍ଦିକ
ଶୁଭେଚ୍ଛା ଓ ଅଭିନନ୍ଦନ
ଜଣାଇବା ସହିତ
ସେମାନଙ୍କର ସୁଖ, ସମୃଦ୍ଧି
କାମନା କରୁଛି ।

ସୀତାଂଶୁ ଶେଖର ମହାପାତ୍ର

ବିଧାୟକ, ଭଦ୍ରକ

ଶାରଦୀୟ ଦୁର୍ଗାପୂଜା ଅବସରରେ
ରାଇରଙ୍ଗପୁର ଅଞ୍ଚଳର ସମସ୍ତ
ଜନସାଧାରଣଙ୍କ ଉତ୍ତରୋତ୍ତର
ଉନ୍ନତି କାମନା କରୁଛି ।

କାଳୀ ପ୍ରସନ୍ନ ମହାନ୍ତି

ସଂପାଦକ, ଲିଟିଲ୍ ଫ୍ଲାୱାର୍ସ ସ୍କୁଲ ଏବଂ
ପୂର୍ବତନ ସଭାପତି,
ରୋଟାରୀ କ୍ଲବ୍ ଅଫ୍ ରାଇରଙ୍ଗପୁର ରୟାଲ
ରାଇରଙ୍ଗପୁର, ମୟୂରଭଞ୍ଜ

ମୋ - **9437239486, 7008090552**

କାଚଘର

ଏ ପର୍ଯ୍ୟନ୍ତ ବିଶ୍ୱାସ ଆଉ ଅବିଶ୍ୱାସର ଦୋ'ଛକିରେ ଠିଆ ହୋଇ ଦରଜା ସେପଟକୁ ଚାହିଁ ରହିଥିଲେ ସରୋଜିନୀ, ଯୋଉ ବାଟ ଦେଇ ଏଇ ସାଙ୍ଗେ ସାଙ୍ଗେ ପୁଅ ତାଙ୍କର ଆଶ୍ୱସ୍ତ ହୋଇ ମୁହଁ ବୁଲେଇ ଚାଲିଗଲା ! କୋଉଠି କେମିତି ଭୁଲ୍ ରହିଗଲା ତାଙ୍କ ସ୍ନେହ ମମତା ଆଉ ଲାଳନପାଳନରେ କେଜାଣି! ଯାହାକୁ ଆଶ୍ରା କରି ଏତେ ବର୍ଷରୁ ଗୋଟିଏ ନୁହେଁ, କୋଟିଏ ସ୍ୱପ୍ନ ଦେଖିଥିଲେ ସେ, ସେ ହିଁ ତା'କୁ ଏମିତି ଭାବରେ ଭାଙ୍ଗିଦେଲା ଯେ ଆଉ ଯେତେ ଚେଷ୍ଟା କଲେ ବି ଗୋଟେଇ ସାଇତି ରଖି ପାରିବେ ନାହିଁ! ସ୍ୱପ୍ନ ତ ହେଇଥାଏ ଭାଙ୍ଗିବାକୁ, ତେଣୁ ଭାଙ୍ଗିଗଲା । ସେଥିକୁ ଦୁଃଖ ନାହିଁ, ହେଲେ ଏହାର କାରଣ ସେ ହିଁ ହେବାଟା କ'ଣ ଜରୁରୀ ଥିଲା, ଯିଏ ଥିଲା ଏଇ ସ୍ୱପ୍ନ ସବୁର ଆଧାର, ମୂଳ ବିନ୍ଦୁ?

ଏ ଯାଏ ବି କାନରେ ପ୍ରତିଧ୍ୱନିତ ହେଉଛି ସେଇ ସେଇ କଥା, ଯାହାକୁ ଶୁଣିବାର ସାହସ ତାଙ୍କର ଜମାରୁ ନ ଥିଲା କି ଏବେ ବି ନାହିଁ । କିନ୍ତୁ ପରିସ୍ଥିତି... ହଁ, ସବୁ ଦୋଷ ପରିସ୍ଥିତିର । ସେ ହିଁ ଆଜି ଉଜାଡ଼ି ଦେଇଗଲା ତାଙ୍କ ହସ ଖେଳର ସଂସାରକୁ !

ମନକୁ ଯେତେ ସେ ବିଷୟରୁ ବାହାରକୁ ଟାଣି ପକେଇଲେ ବି ଲେଉଟିକି ସେଇଠିକୁ ପଳାଉଥିଲା ସେଇଟା । ଚାହିଁକି ବି ବିରୋଧ କରିପାରିବେନି ସେ

କମଳା ଶତପଥୀ

ଗାଳ୍ପିକା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସୁପରିଚିତା । କ୍ଷୁଦ୍ରଗଳ୍ପ, କବିତା, ଲଳିତ ନିବନ୍ଧ, ଏକାଙ୍କିକା, ନାଟକ, ଉପନ୍ୟାସ ଓ ଅନୁବାଦ ସାହିତ୍ୟ ସୃଷ୍ଟି କରିଛନ୍ତି । ସାରସ୍ୱତ ସାଧନା ପାଇଁ ବହୁ ଅନୁଷ୍ଠାନରୁ ସେ ପୁରସ୍କୃତା । ଏଥିସହିତ ସମ୍ପାଦନା, କଳାତ୍ମକ କାର୍ଯ୍ୟକ୍ରମ ପରିଚାଳନା ରେଡ଼ିଓ ତଥା ଦୂରଦର୍ଶନରେ ସାକ୍ଷାତ୍କାର ଆଦିରେ ଅଂଶଗ୍ରହଣ କରି ପ୍ରତିଷ୍ଠା ଅର୍ଜନ କରିଛନ୍ତି ।

ଆଗାମୀ ଭବିଷ୍ୟତକୁ, ଯାହା ଜଳଜଳ କରି ତାଙ୍କ ଆଖି ଦେଖି ସାରିଲାଣି। ତଥାପି ନିଜକୁ ସେ ପଚାରୁଛନ୍ତି – ଭବିଷ୍ୟତ। କାହାର ଭବିଷ୍ୟତ, କି ଭବିଷ୍ୟତ? ସବୁ ତ ଦ୍ରୁତ ବେଗରେ ମହାକାଳର କୃଷ୍ଣଗର୍ଭ ଆଡ଼କୁ ଆଖି ବୁଜି ଧାଇଁ ଚାଲିଛି! କେମିତି ଅଙ୍କୁଶ ଲଗେଇବେ, ଆଉ କାହା ଭରସାରେ ଲଗେଇବେ? ଲଗେଇଲେ ବି କ'ଣ ଆଉ ହେବ? ସବୁ ତ ହଜିଗଲା ଆଜି ପରଠୁ! ତାଙ୍କ ପରିବାରର ସୁନାମ, ସ୍ୱାମୀଙ୍କ ସମ୍ମାନ ଆଉ ପ୍ରତିଷ୍ଠା, ପୁଅର ଚାକିରି– ସତରେ କ'ଣ ସବୁ ଚାଲିଯିବ? କିଛି ଉପାୟ ନାହିଁ ଏସବୁ ରୋକି ଦବାକୁ!

ଅଛି, ହେଲେ ସେ ବାଟ ଦେଇ ସେ କାହିଁକି ଯିବେ! ମା' ବୋଲି କ'ଣ ସେ ହିଁ ବଳି ପଡ଼ିଯିବେ! ଜଣେ କେହି ଥରେ ବି ତ କହି ପାରିଥାନ୍ତେ - ନା, ଏସବୁ କିଛି ଖାଲି ତମ ପାଇଁ ଘଟିନି, ଆମେ ବି ସମ ପରିମାଣରେ ଦାୟୀ !! ଓଲଟି ତାଙ୍କ କଥାରେ ଆଶ୍ୱସ୍ତ ହେଇ ସେମାନେ ଚାଲିଗଲେ ପରବର୍ତ୍ତୀ ପଦକ୍ଷେପ ନେବାକୁ। ପଛରେ ରହିଗଲେ ସରୋଜିନୀ ହତବାକ୍ ହୋଇ... ଏଇ କ'ଣ ତାଙ୍କ ସ୍ୱପ୍ନର ଘର... ବିଶ୍ୱାସର ସଂସାର...! ଶହ ଶହ କରତରେ କାଟିବା ପରି ଏକ ନିଃଶବ୍ଦ କଷ୍ଟ ତାଙ୍କୁ ଭିତରୁ କାଟି ପକାଉଥିଲା। ହେଲେ ପର ମୁହୂର୍ତ୍ତରେ ନିଜକୁ ସମ୍ଭାଳି ନେଇ ସେ ଭାବିଲେ– ଏହା ବିନା ଅନ୍ୟ ଉପାୟ ବି ତ କିଛି ନାହିଁ! ଏତେ ବର୍ଷରୁ ସଜେଇ ସମ୍ଭାଳି ଯୋଉ ପିଲାଟିକୁ ସେ ଗଢ଼ିଥିଲେ, ତାକୁ ଦମକାଏ ପବନରେ ଧୂଳିସାତ୍ ହେବାକୁ କ'ଣ ଛାଡିଦେବେ!

ସେପଟ ଘରେ ମିନତିର ଅର୍ଦ୍ଧଦଗ୍ଧ ଲାସ୍। ବିକୃତ ମୁହଁଟା ଅଧା ଜଳି, ଅଧା ସିଝି ଭୟଙ୍କର ଦିଶୁଛି! ପୋଡ଼ା ମାଂସର ଦୁର୍ଗନ୍ଧରେ ପେଟ ଭିତରୁ ଓଟାରି ହୋଇ ଆସୁଛି ବାନ୍ତି। କି ଲୋମହର୍ଷଣକାରୀ ପରିସ୍ଥିତି ! ଆଉ ଏସବୁ

ପାଇଁ କୁଆଡ଼େ ସେ ଏକା ହେବେ ଦାୟୀ! ହୁଁ... ଖାଲି ମୁହଁରେ କହିଦେଲେ କ'ଣ ହେଇଗଲା! ଏ ଘରର ପ୍ରତିଟି ସଦସ୍ୟଙ୍କୁ ଜଣା ଯେ ଯାହା କିଛି ବି ହେଲା, ସମସ୍ତଙ୍କ ଜାଣତରେ ହେଲା, ଇଚ୍ଛାନୁସାରେ ହେଲା, ଅନ୍ୟ କିଛି ଉପାୟ ନ ଥିବାରୁ ହେଲା। ଆଉ ଏବେ ସବୁ ସରିଗଲା ପରେ ଚିନ୍ତା କରୁଛନ୍ତି ପରବର୍ତ୍ତୀ ଅଧ୍ୟାୟକୁ ..!!

ପୁଅ କହିଲା, ସେ ଶାଶୂ ବୋଲି ପୁଲିସ୍ କୁଆଡେ ଆଗ ତାଙ୍କୁ ହିଁ ଧରିବ .. ପଚରା ଉଚୁରା କରିବ। ବୋହୂକୁ ନିର୍ଯାତନା ସବୁଠାରୁ ଅଧିକ ଶାଶୂ ନଣନ୍ଦ ହିଁ ଦେଇଥା'ନ୍ତି। ଆଉ ଏ ଘରେ ତ ନଣନ୍ଦ କେହି ନାହାନ୍ତି, ତେଣୁ ଏକା ସେ ହିଁ ପୁଲିସ୍ ନଜରରେ ଦୋଷୀ ! ଯଦି ସେ ମାନିଯିବେ ନିଜ ଦୋଷ, ତେବେ ଅନ୍ୟମାନେ ଛାଡ଼ ପାଇଯିବେ ଯାହା ସମସ୍ତଙ୍କ ପାଇଁ ଠିକ୍ ହେବ। ପୁଅର ଚାକିରି ଉପରକୁ ଆଞ୍ଚ ଆସିବନି, କି ଘରର ମାନମର୍ଯ୍ୟାଦାରେ ହାନି ଘଟିବ ନାହିଁ! କିନ୍ତୁ... କିନ୍ତୁ ତାଙ୍କର କ'ଣ ହେବ? ସେ କ'ଣ ଏ ଘରର ମାନ ମର୍ଯ୍ୟାଦା ଭିତରେ ଆସୁ ନାହାନ୍ତି?

"ଏଇଲେ ଏତେ କଥା ଚିନ୍ତା କରିବାକୁ ବେଳ ନାହିଁ ବୋଉ, ପୁଲିସ୍ ଆସୁ ହିଁ ଥିବ।"

ଝରଝର ଲୁହ ଗଡ଼ି ଆସିଲା ସରୋଜିନୀଙ୍କ ଅନ୍ତର ଭିତରୁ। କି ପ୍ରକାରର ଦଣ୍ଡ ଠାକୁର ତାଙ୍କ ପାଇଁ ଲେଖିଦେଲେ ତାଙ୍କ ଅଜାଣତରେ! କାହାର କ'ଣ ଅନିଷ୍ଟ କରିଥିଲେ ସେ!

ଗୋଟାଏ ବିରାଟ ପ୍ରଶ୍ନବାଚୀ ହୋଇ ସାମ୍ନାରେ ଠିଆ ହୋଇଥିବା ଭବିଷ୍ୟତ ତାଙ୍କର, ତାଙ୍କୁ ହିଁ ଓଲଟା ପ୍ରଶ୍ନ କରୁଥିଲା - ସତରେ କ'ଣ ତୋର କିଛି ଦୋଷ ନାହିଁ? ଅନ୍ୟାୟ କରିନୁ ତୁ କାହା ପ୍ରତି ? ଅନ୍ୟ କାହା କଥା ଛାଡ, ତୋ' ନିଜ ବୋହୂ ପ୍ରତି ଆଜି ଯାଏ କ'ଣ କରି ଆସିଛୁ ତୁ? ଖେଳ ଖେଳିନୁ ତା' ସରଳତାକୁ ନେଇ ! ବିଶ୍ୱାସରେ ତା'ର ବିଷ ଭରିନୁ?

ଓଃ, କାହିଁକି ସବୁବେଳେ ମିନତିକୁ ଏତେ ଘୃଣା କରି ଆସିଲେ! ସେ କ'ଣ ଜାଣି ନ ଥିଲେ ଦେଖିବାକୁ ସେ ସୁନ୍ଦର ନୁହେଁ ବୋଲି! ବିଶେଷ ପାଠ ପଢ଼ିନି ବୋଲି! କଥାବାର୍ତ୍ତା ଚାଲିଚଳନ ସବୁଥିରେ ଅଜବ ଏକ ଗାଉଁଲିପଣ ଭରି ରହିଥିବା କଥା ତ ବାହାଘର ପଡ଼ିଲା ଦିନରୁ ହିଁ ତାଙ୍କୁ ଜଣାଥିଲା। ଖବର ପାଇବା କ'ଣ, ସେ ପରା ନିଜ ଆଖିରେ ସବୁ କିଛି ଦେଖିକି ଆସିଥିଲେ। ତାଙ୍କ କନ୍ଦର୍ପସଦୃଶ ପୁଅ ପାଇଁ ଆଦୌ ଉପଯୁକ୍ତ ନୁହେଁ ବୋଲି ନିଜେ ଝିଅ ଘର ବି ପଛଘୁଞ୍ଚା ଦେଉ ଥିଲେ! ତାହା ହେଲେ?

ତାହା ହେଲେ ଆଉ କ'ଣ! କିଛି ନାହିଁ। ଏ ସବୁ ଜାଣି ସାରିବା ପୂର୍ବରୁ ହିଁ ତ ସେ ଜାଣି ସାରିଥିଲେ ଯେ ଯୋଉ ସ୍ୱପ୍ନ ଦେଖି ଦେଖି ଯୁଗ ଯୁଗରୁ ତାଙ୍କ ଆଖି ପଥର ପାଲଟିଯାଇଛି, ସେ ସ୍ୱପ୍ନକୁ ସାର୍ଥକ କରିବାର ସାମର୍ଥ୍ୟ ହାସଲ କରିବାକୁ ତାଙ୍କ ଅଫିସର୍ ପୁଅକୁ ଯୁଗେ ଲାଗି ଯାଇପାରେ। ହୁଏତ ସେତେବେଳ ପର୍ଯ୍ୟନ୍ତ ସେ ଆଉ ଏ ଇହଧାମରେ ନ ଥାଇ ବି ପାରନ୍ତି; କିନ୍ତୁ ଗୋଟାଏ ଝଟ୍କାରେ ସେ ସ୍ୱପ୍ନ ସବୁ ଏଇ

ମିନତି ମାଧ୍ୟମରେ ହିଁ ପୂରା ହେଇ ପାରିବ, ଯଦି କେତେ ଗୁଡ଼େ ଦିଗକୁ ସେ ଆଖି ବୁଜି ଦେଇପାରିବେ ପାରିବେ କି?

ହଁ, ପାରିବେ । ନିଶ୍ଚୟ ପାରିବେ । ସେ ଜାଣିଥିଲେ ତାଙ୍କ ଗୋରା ତକତକ, ଲମ୍ବା ବଳିଷ୍ଠ ଚେହେରା ବିଶିଷ୍ଟ ଉଚ୍ଚ ସରକାରୀ ଚାକିରିଆ ପୁଅର କାଣି ଆଙ୍ଗୁଠିକୁ ସରି ନ ହେଉଥିବା ଏଇ ମିନତି ମାଧ୍ୟମରେ ହିଁ ତାଙ୍କୁ ସବୁ ସୁଖ, ସବୁ ଭୋଗବିଳାସ ଜିଇ ଥାଉ ଥାଉ ମିଳିଯିବ । ତେବେ ଆଖି କ'ଣ, ଆଉ ଯାହା ବି ବୁଜିବାକୁ ପଡ଼ିବ, ସେ ବୁଜି ଦେଇପାରିବେ ।

ଏକଥା ଶତ ପ୍ରତିଶତ ସତ ଯେ ମିନତି ବାପାର ଅଚଳାଚଳ ସମ୍ପତ୍ତି ତାଙ୍କ ଆଖିକୁ ପୂରାପୂରି ଜଳକା କରି ଦେଇଥିଲା । ତା' ସହିତ ମିନତି ତାଙ୍କର ଏକମାତ୍ର ସନ୍ତାନ ବୋଲି ଜାଣିବା ମାତ୍ରେ ମନା କରିବାର ଆଉ କିଛି ବି କାରଣ ନ ଥିଲା । ଅଢ଼େଇଦିନିଆ ରୂପ ପାଇଁ ସେ ଏତେ ସବୁକିଛି ତ୍ୟାଗ କରିବାକୁ ଚାହୁଁ ନ ଥିଲେ । ପୁଅ ଅବଶ୍ୟ ନାହିଁ କରିଥିଲା । ସବୁ ଅବୁଝା ସ୍ୱପ୍ନବିଳାସୀ ଯୁବକଙ୍କ ପରି ତା'ର ସ୍ୱପ୍ନରେ ବି ଐଶ୍ୱର୍ଯ୍ୟା ରାୟ, ଆଲିଆ ଭଟ୍ଟ, କି ଦୀପିକା ପାଦୁକୋନଙ୍କୁ ସେ ଦେଖୁଥିଲା; ମାତ୍ର ସେ ତା'କୁ ବୁଝେଇ ଦେଇ ପାରିଲେ ଯେ ସ୍ୱପ୍ନ ଆଉ ବାସ୍ତବକୁ କେବେ ବି ଗୋଟିଏ ତରାଜୁରେ ରଖି ତଉଲା ଯାଇ ହୁଏନା । ସୌନ୍ଦର୍ଯ୍ୟର ସେଇ ଦେବୀମାନେ କେବଳ ସ୍ୱପ୍ନରେ ରହି ମନକୁ ଛୁଇଁପାରନ୍ତି, ବାସ୍ତବରେ ନୁହେଁ । ସେମାନଙ୍କ ଚାଲିଚଳନ, ଗୁଣଗ୍ରାମ, ପୋଷାକପତ୍ର, କଥାବାର୍ତ୍ତା, କିଛି ବି ପତ୍ନୀ ହେବାର ଯୋଗ୍ୟତା ବହନ କରେନାହିଁ । ସେଇ ସବୁ ଗୁଣରେ ଭରା ମିନତି, ଏ ଘରର ବୋହୂ ହେବାକୁ ପୂରାପୂରି ଯୋଗ୍ୟା । ତା'କୁ ନେଇ ନିଶ୍ଚୟ ତୁ ସୁଖର ସଂସାର କରିବୁ । ସମାଜରେ ଠାଟବାଟ ଆପଣାଛାଏଁ ବଢ଼ିଯିବ ତୋର । ସ୍କୁଲମାଷ୍ଟର ରଙ୍ଗନାଥ ମିଶ୍ରର ପୁଅ ଭାବରେ ଯେତିକି ଅଭାବ ଅସୁବିଧାର ସମ୍ମୁଖୀନ ହେଇଥିଲୁ, ମଣି ମିଶ୍ରଙ୍କ ଜୋଇଁ ହୋଇ ସାରା ଜୀବନକୁ ସେ ଅସୁବିଧା ସବୁର ନାଁ ବି ମନେ ପକେଇ ପାରିବୁନି ଆଉ ।

କିଛି ନ କହି ପୁଅ ଚୁପ୍‌ଚାପ୍ ଚାଲିଗଲା ବାହାରକୁ । ତାଙ୍କ କଥା ତା' ମନ ଭିତରେ ଘୂରି ବୁଲୁଛି ଜାଣି ଆଶ୍ୱସ୍ତ ହେଲେ । ଦୁଇ ଚାରିଦିନ ଚିନ୍ତା କରି ସେ ଦେଖୁ, ମା' କଥାରେ କେତେ ସତ୍ୟତା ଅଛି, ବଳେ ଜାଣି ଯିବନି କି! ପଇସା କୋଟିପତିଙ୍କର ବି ଆସନ ଟଳମଳ କରି ଦଉଛି, ଆଉ ସେ ଏମିତି କ'ଣ କି! ଆଜି ସିନା ଭାଗ୍ୟକୁ ଅଫିସର୍‌ଟିଏ ବନିଯାଇଛି ବୋଲି ତାଙ୍କ ଅଣ୍ଟିରେ ସୁଖ କିଛିକିଛି କୁଢ଼େଇ ହେଇ ପଡୁଛି । ନ ହେଲେ ଗୋଟେ ସ୍କୁଲ୍‌ମାଷ୍ଟରର ସାମର୍ଥ୍ୟ ଏମିତି କେତେ କି ! ସେ ନିଜେ ପରା ଜୀବନରେ କେବେ ମନ ଖୁସିରେ ସୂତା ଶାଢ଼ି ଖଣ୍ଡିଏ ବି କିଣି ପିନ୍ଧି ପାରି ନାହାନ୍ତି ! ଅନ୍ୟ ସୁଖ ସୌଭାଗ୍ୟ କଥା କାହିଁ କହିବାକୁ ଯିବେ!

ମିନତି ବାପାଙ୍କର ଅଚଳାଚଳ ସମ୍ପତ୍ତି । ଇଚ୍ଛା କଲେ ତାଙ୍କ ପୁଅ ପରି ଆହୁରି ଦଶଟା ଅଫିସର୍‌ଙ୍କୁ କିଣି ଦେଇପାରିବେ! ତାଙ୍କୁ କ'ଣ ଜୋଇଁ ଅଭାବ ହେବେ ! ବରଂ ତାଙ୍କ ନିଜକୁ ହିଁ ଏମିତିଆ ଘରଦ୍ୱାର ମିଳିବନି! ଆଖପାଖ ଅଞ୍ଚଳରେ ଖୁବ୍ ନାମ ଡାକ । ଅର୍ଥ ଆଉ ପ୍ରତିପତ୍ତିରେ କୋଉ ରାଜା ମହାରାଜାଙ୍କଠାରୁ କୌଣସି ମାନରେ କିଛି କମ୍ ହେବେ ନାହିଁ । ତାଙ୍କ ପରିକା ଲୋକର ଜୋଇଁ ହେଇପାରିବା, କେବଳ ଭାଗ୍ୟରେ ଥିଲେ ସମ୍ଭବ । ହେଇ ହେଇକି ଝିଅଟି ତାଙ୍କର ଟିକିଏ ଅସୁନ୍ଦରୀ! ହଉ, କ'ଣ ହେଇଗଲା ସେଥୁ! ପାଉଡର, ସ୍ନୋ, ଲିପଷ୍ଟିକ୍ ଲଗେଇ କେତେ ଅସୁନ୍ଦରୀ କାଳୀ ଝିଅମାନେ ତ ପୁଣି ଟିଭିରେ କାମ କରି ପେଟ ପୋଷୁଛନ୍ତି! ସେ କ'ଣ ଦେଖି ନାହାନ୍ତି କି ସେମାନଙ୍କୁ! ହେଲେ ନିତି ସନ୍ଧ୍ୟାରେ ସେଇମାନଙ୍କୁ ନ ଦେଖିଲେ ତ ପୁଣି ଲୋକଙ୍କର ଭାତ ହଜମ ହେଉନି ! ମିନତି ତ ସେମାନଙ୍କଠୁ ଢ଼େର୍ ଉପରେ!

ଏଇ ସାମାନ୍ୟ କଥାଟା ପାଇଁ ଏତେ ବଡ଼ ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରିଦେବ ସେ! ନା, ନା, ପୁଅକୁ ଯେମିତି ହେଉ ମନେଇ ମାନେଇ ରାଜି କରିବାକୁ ହିଁ ହେବ । ଦୁନିଆଦାରୀକୁ ଆଉ ଟିକେ ଲମ୍ବେଇ ବୁଝେଇବାକୁ ହେବ । ଯୁବା ରକ୍ତ, ଏବେ ଆଗାମୀ ଭବିଷ୍ୟତ କଥା ନ ଭାବି ବର୍ତ୍ତମାନର ଚିତ୍ରକୁ ଏକଦମ୍ ସୁନ୍ଦର କରି ଆଙ୍କିବାରେ ଲାଗି ପଡ଼ିଛି । ଏ ଚିତ୍ରକୁ ତା'ହାତରୁ ଛଡ଼େଇ ନେବାକୁ ପଡ଼ିବ, ନଚେତ୍ ସାରାଜୀବନକୁ ସ୍ୱପ୍ନହରା ହେଇଯିବ ସେ!

ହେଲା, ସବୁ ହେଲା, ଯାହା ଯାହା ଚାହୁଁଥିଲେ ସରୋଜିନୀ, ସବୁ କିଛି ତାଙ୍କ ଇଚ୍ଛାନୁସାରେ ହିଁ ହେଲା । ପୁଅର ସବୁ ନା ନା କୁ ହିଁ ରେ ବଦଳେଇ ଦେଇ ପାରିଲେ ଅଚିରେ । ମିନତିକୁ ଦେଖିବାକୁ ଗଲା ବେଳେ ତା' ଘର ସାମନାରେ ଥୁଆ ଯାଇଥିବା ମର୍ସିଡିଜ୍ ଗାଡ଼ି ଦେଖିକି ଆସିଲା । ଖାଲି ସେତିକି ନୁହେଁ, ତାଙ୍କ ବିରାଟ ବଙ୍ଗଳା, ଚାକର ବାକରଙ୍କ ଫଉଜ, ରୁପାର ବାସନକୁସନ, ପଚାଶ ଇଞ୍ଚିଆ ଟିଭି, ଆଇ ଫୋନ୍, ଆଇ ପ୍ୟାଡ୍, ସେଣ୍ଟ୍ରାଲ୍ ଏୟାର୍ କଣ୍ଡିସନ୍‌ଡ ଘର, ବାକି ଏମିତି ଏମିତି କେତେ ଜିନିଷ ସବୁ ଦେଖିକି ଆସିଲା, ଯାହା ବାସ୍ତବରେ କାହା ପାଖରେ ଥାଇପାରେ ବୋଲି ସେ କେବେ ଚିନ୍ତା ବି କରି ନଥିଲା । କେବଳ ଯାହା ଟିଭି ଆଉ ସିନେମାରେ ଦେଖିଥିଲା ଆଜି ଯାଏ!

ଏମିତି ଜଳକା ହେଇଗଲା ତା' ଆଖି ଯେ ସେ ଆଖିକୁ ମୋଟେ ଦେଖା ଯାଇ ନଥିଲା ମିନତିର ବାହାଡ଼ା ଦାନ୍ତ, କଳାରଙ୍ଗ, ସାମ୍ନାର ଚନ୍ଦାମୁଣ୍ଡ କି ସ୍ୱାସ୍ଥ୍ୟବତୀ ଶରୀର । ସେ ଖାଲି ବସି ବସି ସେଠି ଭାବୁଥିଲା - ହଠାତ୍ ଏତେ ସବୁ କିଛି ଆସିଗଲା ପରେ କେମିତି ବଦଳିଯିବ ଜୀବନ ତା'ର! ସ୍କୁଲ୍ ମାଷ୍ଟରଙ୍କ ପୁଅ ହିସାବରେ ସାରା ଜୀବନ ଚାରଣି ଆଠଣିର ସୀମା ସରହଦ ଡେଇଁ ନିଜ ଆବଶ୍ୟକତାକୁ କେବେ ବଢ଼େଇ ପାରି ନ ଥିଲା ବେଳେ, ଏବେ ସାରା ଦୁନିଆକୁ ଏକା ଥରରେ କିଣି ପାରିବାର କ୍ଷମତା!! ଆଃ, ଜୀବନଟା ପୁଣି ଏମିତି ବଦଳି ଯାଇପାରେ କି କେବେ!

ବୋଉକୁ ଅଶେଷ ଧନ୍ୟବାଦ ଜଣେଇ

ଗୃହସ୍ଥ ଜୀବନ ଆରମ୍ଭ କରିବାକୁ ପ୍ରସ୍ତୁତ ହେଇଗଲା ସେ । ଶ୍ୱଶୁରଘର ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଯେତିକି ପାଇଲା, ବନ୍ଧୁବାନ୍ଧବଙ୍କ ପାଖରୁ ସେତିକି ପାଇଲା ଈର୍ଷା ଆଉ ଅବିଶ୍ୱାସରେ ଭରା ଆଶୀର୍ବାଦ । କନ୍ୟା ଘରର ଥାଟବାଟ ଦେଖି ମୁଣ୍ଡ ଘୂରେଇଦେଲା ବରପକ୍ଷଙ୍କର । ସେମାନେ କ'ଣ ସ୍ୱର୍ଗପୁରକୁ ବିଚରଣ କରିବାକୁ ପହଞ୍ଚି ଯାଇଛନ୍ତି କି !

ବାହାଘରର ନିଶା ଉତୁରୁ ଉତୁରୁ ଛଅ ମାସର ସମୟ କୋଉ ଛଟକରେ ବିତି ଚାଲିଗଲା, ଜଣା ହିଁ ପଡ଼ିଲାନି । ମିନତି ଏ ଘରକୁ ବୋହୂ ହେଇ ଆସି ନ ଥିଲା ଯେ ମା' ଲକ୍ଷ୍ମୀଙ୍କୁ ବାନ୍ଧିବୁନ୍ଧି ଆଣି ଘରେ ବସେଇ ଦେଇଥିଲା । ଯୋଉ ଘର ବାପ ଅମଳରେ ଚାଳିଆ ଖଣ୍ଡେ ଥିଲା, ପୁଅ ଅମଳକୁ ଅଧା ଆଜ୍‌ବେଷ୍ଟସ୍ ଆଉ ଅଧା କୋଠାରେ ପହଞ୍ଚି ଯାଇଥିଲା, ଏବେ ବୋହୂର ପାଦ ପଡ଼ି ଇନ୍ଦ୍ରପୁରୀରେ ବଦଳି ଯାଇଥିଲା । ଟଙ୍କାସୁନା, ଗାଡି ଘୋଡ଼ା, ଦାସଦାସୀରେ ଭରିଯାଇଥିଲା ଘରର କୋଣ ଅନୁକୋଣ । ସରୋଜିନୀଙ୍କର ବର୍ଷ ବର୍ଷର ତପଃ, ସାଧନାସବୁ ପୂରା ହେଇଗଲା ବିନା ହାତଗୋଡ଼ ଲାଗି ! ଏବେ ଆଉ ଖଟରୁ ତଳକୁ ଓହ୍ଲେଇବାର ଆବଶ୍ୟକତା ସେ ମଣୁ ନ ଥିଲେ । ସେଇଠି ଖାଇବା, ସେଇଠି ଟିଭି ଦେଖିବା, ଗୋଡ଼ମୋଡ଼ା ଖାଇବା .. ଭଳିଭଳି ଶାଢ଼ି ଗହଣା କିଣିବା... ଓଃ, ଜୀବନଟା ଏତେ ରଙ୍ଗିନ୍ ପୁଣି ହେଇଥାଏ ସତରେ !

ସବୁ କିଛି ତ ସହଜ ସୁନ୍ଦର ଗଡ଼ି ଚାଲିଥିଲା! କାହିଁକି କେଜାଣି କିନ୍ତୁ ଏବେ ଏବେ ତାଙ୍କୁ ଲାଗୁଛି କୋଉଠି କିଛି ଅସଜଡ଼ା ରହିଗଲା ତାଙ୍କର ଏଇ ସୁନ୍ଦର ସଂସାର ଭିତରେ । ବୋହୂ ଭାବରେ ମିନତିକୁ ବାରି ଦବାର ନାହିଁ । ରୂପ ସିନା ଦେଇନାହାନ୍ତି ଭଗବାନ୍, ହେଲେ ଗୁଣର ଭଣ୍ଡାର ଖୋଲି ଦେଇଛନ୍ତି ତା' ପାଖରେ । ତା' ପରି ଗୁଣବତୀ, ମୃଦୁଭାଷିଣୀ ଅନ୍ନପୂର୍ଣ୍ଣା ଏ ଜଗତରେ ସେ ଆଉ କାହାକୁ ବି ଦେଖି ନାହାନ୍ତି । ଘରକୁ ବୈକୁଣ୍ଠ ସମ କରି ଦେଇଛି ଏତିକି ଦିନ ଭିତରେ ।

ଯେତେବେଳେ କିନ୍ତୁ ତା' ମୁହଁକୁ ଚାହିଁ ଦଉଛନ୍ତି ଧପ୍ କରି ଛାତିରୁ ଅତଡ଼ାଏ ଖସି ପଡୁଛି । କ'ଣ କରିଦେଲେ ସେ ! ତାଙ୍କ କନ୍ଦର୍ପ ପରି ପୁଅର ହାତରେ ଏ କିଷ୍କିନ୍ଧ୍ୟା ସୁନ୍ଦରୀ(?) କୁ ସତରେ ଧରେଇ ଦେଇ ପାରିଲେ! ସେ କ'ଣ ସାବତ ମା' ଥିଲେ ନିଜ ଜନ୍ମକଲା ପୁଅର! ଟିକିଏ ବି ଭାବିଲେନି ତା' ମନକଥା ! ସାହି ପଡ଼ିଶାର ରୂପବତୀ ଝିଅବୋହୂଙ୍କ ଆଗରେ କ'ଣ ଦେଖାଯାଉଛି ମିନତି ! କେଡ଼େ କଦର୍ଯ୍ୟ ମୁହଁଟା ତା'ର ସତରେ ! କାଲିକୁ ନାତି ନାତୁଣୀମାନେ ଯଦି ତା'ରି ରୂପ ନେଇ ଆସିବେ, ତା'ହେଲେ ?

ଶୀତଳ ଝଡ଼ଟିଏ ଦୋହଲେଇ ପକାଏ ତାଙ୍କୁ ବେଳ ଅବେଳରେ । ରାତି ଅଧରେ ନିଦ ଭାଙ୍ଗିଦେଇ ବିବର୍ଣ୍ଣ ଭବିଷ୍ୟତ ତାଙ୍କୁ ଚାବୁକ୍ ପ୍ରହାର କରେ । ଅଫିସର୍ ପୁଅ ତାଙ୍କର ! କେତେ ବଡ଼ବଡ଼ ଲୋକଙ୍କ ସହିତ ଉଠାବସା, ହସଖୁସି, ପାର୍ଟି ପିକ୍‌ନିକ୍ । ସେମାନଙ୍କ ତନୁପାତଳୀ ଆଉ ଫସ୍‌ଫାସ୍ ଇଂରାଜୀ କହୁଥିବା ମେମ୍‌ମାନଙ୍କ ଆଗକୁ କେମିତି ନେଇକି ଯିବ ମିନତିକୁ ତାଙ୍କ ପୁଅ, ଯାହାର ରୂପ ଅବାଗିଆ, କଥାବାର୍ତ୍ତା ବି ଯୁଗୋପଯୋଗୀ ନୁହେଁ!

ଅଜବ ଏକ କୁଣ୍ଠାରେ ବତୁରି ଯାଉଥିବା ପୁଅ ତାଙ୍କର ନିଜ ହୀନମନ୍ୟତାକୁ ଲୁଚେଇବାକୁ ଆଉ ସେସବୁ ଜାଗାକୁ ଯାଉନାହିଁ ଜମା । ଯଦିବା କେବେ ଯିବାକୁ ବାଧ୍ୟ ହୁଏ, ଯାଏ ଏକୁଟିଆ । ହେଲେ ଏଗୁଡ଼ା କ'ଣ ସୁନ୍ଦର କଥା ହେଉଛି! ନିଜର ପରିବାର ଥାଇ ବି ଏକୁଟିଆ ସେ ଘୂରି ବୁଲୁଥିବ ଭରପୂର ପାର୍ଟିରେ! ସମସ୍ତେ ଯୋଡ଼ି ଯାଉଁଳି ହେଇ ବୁଲିଲା ବେଳକୁ ପୁଅ ତାଙ୍କର କୋଣପଟିଆ ଠିଆ ହୋଇ ସମସ୍ତଙ୍କୁ ବିକଳ ଦୃଷ୍ଟିରେ ଚାହିଁ ରହିଥିବ !

ଓଃ! କାହିଁକି ବରବାଦ୍ କରିଦେଲେ ନିଜ ହାତରେ ପୁଅର ଜୀବନକୁ! ଆଖିରୁ ବୁନ୍ଦାବୁନ୍ଦା ହେଇ ଲୁହ ଝରିଯାଏ । ପୁଅର ଶୁଖିଲା ମୁହଁ, ଘନ ଘନ ଦୀର୍ଘଶ୍ୱାସ ପବନରେ ଘୂରି ବୁଲି ତାଙ୍କୁ ଅଣନିଶ୍ୱାସୀ କରିପକାଏ । ବାପା ମା'ଙ୍କର ବାଧ୍ୟ ସନ୍ତାନ ହୋଇ ତାଙ୍କ ପୁଅ ପାଇଲା କ'ଣ ତା'ହେଲେ! ଅବଶ୍ୟ ବାହାର ଲୋକମାନେ କୁହନ୍ତି ତାଙ୍କ ପୁଅ ପରି ଭାଗ୍ୟବାନ୍ କେହି ନାହାନ୍ତି । ଶ୍ୱଶୁର ତା'ର ପାଞ୍ଚ ହାତ ଖୋଲି ଦାନ କରିଛନ୍ତି ସବୁ । ସାରାଜୀବନ ଚାକିରି କଲା ପରେ ବି ଏତିକି ରୋଜଗାର ସେ କେବେ କରି ପାରି ନଥାନ୍ତା, ଯେତିକି ଯୌତୁକ ମିନତିକୁ ବାହା ହୋଇ ତାକୁ ମିଳିଛି । ହେଲେ ସେଗୁଡ଼ା ବିଗତ କିଛି ଦିନରୁ ଜମାରୁ ଭଲ ଲାଗୁନାହିଁ । ପୁଅର ଦୁଃଖ ଆଗରେ ଏ ସବୁ ଧନସମ୍ପତ୍ତି ଫିକା ଫିକା ଲାଗୁଛି । କ'ଣ କରିବେ ସେ! କେମିତି ସୁଖୀ କରିବେ ନିଜ ପୁଅକୁ ! ବାହାର କରିଦେବେ ମିନତିକୁ ଘରୁ? ଦିଆଇ ଦେବେ ଛାଡ଼ପତ୍ର? ତେବେ କ'ଣ ଦର୍ଶେଇବେ କାରଣ?

ମିନତି ଯଦି କିଛି ଭୁଲ୍ କରନ୍ତା, ସେଇ ବାହାନାରେ ଗାଳିମନ୍ଦ ଦେଇ ବାପକୁ ତା'ର ଖବର ପଠେଇ ଦିଅନ୍ତେ! ସେ ଭୁଲ୍ ସହିତ ଆଉ ଦୁଇ ଚାରିଟା ଭୁଲ୍ ମିଛ ସତ କରି ଯୋଡ଼ି ସବୁଦିନ ପାଇଁ ବାପ ଘରେ ରହିଯିବାକୁ ବାଧ୍ୟ କରନ୍ତେ । ହେଲେ କୋଉ ଉପାଦାନରେ ଗଢ଼ା ଏ ଝିଅ କେଜାଣି! ଅଭିଯୋଗ ବୋଲି ଶବ୍ଦର ଉଚ୍ଚାରଣ ବି କରିବାକୁ କାହାକୁ ସୁଯୋଗ ମିଳୁନି ।

ମାତ୍ର ଛଅ ମାସର ବୈବାହିକ ଜୀବନ ଭିତରେ ଦୁନିଆ ପ୍ରକାରର ରୋଗ ପୁଅକୁ ତାଙ୍କର ମାଡ଼ି ବସିଲାଣି । ଉଚ୍ଚ ରକ୍ତଚାପ ସହିତ ବହୁମୂତ୍ର ବେମାରି ତ ଆସିଗଲା, ଏବେ ନୂଆ ରୋଗ ବାହାରିଛି ମୁଣ୍ଡ ବୁଲେଇଦେବା, ଝାଇଁ ଝାଇଁ କରିବା, ତା' ପାଟି ଶୁଖିଯିବା ଇତ୍ୟାଦି । ଏସବୁ ପ୍ରବଳ ମାନସିକ ଚାପ ବୋଲି ଡାକ୍ତର କହୁଛନ୍ତି । ପୁଅ କହୁଛି ଅଫିସ୍ କାମରେ ବହୁତ ବ୍ୟସ୍ତବିବ୍ରତ ରହୁଛି । ହେଲେ ସେ କ'ଣ ଜାଣି ନାହାନ୍ତି ତା' ଚାପର କାରଣକୁ ! ବାପା ତା'ର ସବୁକଥାକୁ ତାଙ୍କ ଲୋଭକୁ ହିଁ

ଦାୟୀ କରୁଛନ୍ତି । କ'ଣ ଦରକାର ଥିଲା ପୁଅର ସୁଖକୁ ବିକି ଘର ଭର୍ତ୍ତି କରିବାରେ! ଏବେ ପୁଅର ଯାହା ଅବସ୍ଥା ହେଲାଣି, ତା' ମୁହଁକୁ ଚାହିଁଲା ପରେ ଏ ଧନସମ୍ପତ୍ତିକୁ କେମିତି କିଏ ଚାଟି ପାରିବ!

ରାଗରେ ସରୋଜିନୀ ଦାନ୍ତ କଡ଼ମଡ଼ କରନ୍ତି । ପୁରୁଷମାନେ ସତରେ ବଡ଼ ଚାଲାଖ । ସବୁବେଳେ ମହିଳାଙ୍କ ଉପରେ ଦୋଷ ଲଦି ଦେଇ ନିଶ୍ଚିନ୍ତ ହୋଇ ଯିବାକୁ ତାଙ୍କୁ ଭଲ ଲାଗେ । ସ୍ୱାମୀଙ୍କ ଉପରେ ବିରକ୍ତ ହୋଇ ସେ ଦିନେ ବାଧ୍ୟ ହୋଇ କହି ବି ଦେଇଥିଲେ ସେ କଥାକୁ, "ଏବେ ସେ ସବୁ କଥା କହି ଲାଭ କ'ଣ! ମତେ ଦୋଷ ଦେଉଛ, କିନ୍ତୁ ତମମାନଙ୍କ ଆଖିରେ ସେତେବେଳେ କ'ଣ ଅନ୍ଧପୁଟୁଳି ବନ୍ଧା ହେଇଥିଲା ? ଏତେ ଯଦି ପୁଅର ସୁଖ କଥା ତମେ ଚିନ୍ତା କରି ପାରିଥିଲ, ତେବେ ମନା କରି ଦେଇଥାନ୍ତ! କେହି ତ ବାଧ୍ୟ କରୁ ନ ଥିଲେ ।"

ଚୁପ୍ ହେଇ ଯାଇଥିଲେ ବାପପୁଅ ଦୁଇ ଜଣ ଯାକ । ଏବେ ସେ ସବୁ ଆଲୋଚନାରୁ ଆଉ କିଛି ମିଳିବ ନାହିଁ । ମନା କରି ଦେଇଥିଲେ ସରୋଜିନୀଙ୍କର ପ୍ରତିକ୍ରିୟା କ'ଣ ହେଇଥାନ୍ତା, ସେ କଥା ସେମାନଙ୍କୁ ଭଲ ଭାବରେ ଜଣାଅଛି । ଦିନରାତି ଯୋଉ ସୁଖ ସ୍ୱପ୍ନରେ ସରୋଜିନୀ ବୁଡ଼ି ରହିଥଲେ, ଏବେ ସେ ସ୍ୱପ୍ନ ଭାଙ୍ଗି ଗଲାଣି ତ, ତେଣୁ ପାଟିରୁ ଏପରି କଥା ବାହାରୁଛି ! ନ ହେଲେ ସେ ପରା କାନ୍ଦି ବୋବେଇ ଉଛନ୍ନ ହେଇ ଯାଇଥିଲେ ଯୋଉ ଦିନ ପୁଅ ପାଟିରେ 'ନାହିଁ' ଶୁଣିବାର ଆଶଙ୍କା କରିଥିଲେ!

ସରୋଜିନୀ କିନ୍ତୁ ଅଲଗା କିଛି ଭାବୁଥିଲେ ବସି ବସି । ସ୍ୱାମୀ ତାଙ୍କର ସବୁବେଳେ ଇଚ୍ଛା କରୁଥିଲେ ଭଲ ଜାମାଯୋଡ଼ ଦି' ଖଣ୍ଡ ପିନ୍ଧନ୍ତେ, ଗାଡ଼ି ମଟରରେ ଟିକେ ବୁଲାବୁଲି ବି କରନ୍ତେ, ଗାଁରେ ଲୋକମାନେ ତାଙ୍କୁ ସମସ୍ତେ ଟିକେ ମାନ୍ୟ କରନ୍ତେ! ହେଲେ ସେଥିପାଇଁ ଯାହା କିଛିର ଆବଶ୍ୟକତା ଥିଲା, ସେ ସବୁ ତ ତାଙ୍କ ପାଖରେ କେବେ ବି ନ ଥିଲା, ତାହାହେଲେ ଏତେ ସବୁ ସ୍ୱପ୍ନ ସାକାର ହୋଇଥାନ୍ତା କେମିତି? ପୁଅ ବି ତ ଇଚ୍ଛା କରୁଥିଲା ବଡ଼ ଘରର ଜୋଇଁ ହେବା ପାଇଁ । ବଡ଼ ଘର, ବଡ଼ ଗାଡ଼ି ସବୁ କିଛି ବଡ଼ ବଡ଼ ହାସଲ କରିବା ପାଇଁ । ସମସ୍ତଙ୍କୁ ଯାହା ଦରକାର ଥିଲା, ତା'କୁ ପାଇବାର ବାଟ ଯାହା ତାଙ୍କୁ ସେତେବେଳେ ଦିଶିଲା, ସେ କଲେ । ଆଉ ଏବେ ସବୁ କିଛି ପାଇଗଲା ପରେ ସେମାନଙ୍କୁ ମିନତିର ରୂପ ଜଳଜଳ କରି ଦେଖାଯାଉଛି ତ ସେ କ'ଣ କରିବେ?

ରାଗ ଅଭିମାନରେ ଫାଟି ପଡୁଥିଲେ ସିନା, ହେଲେ ପୁଅର ଶୁଖିଲା ମୁହଁ, ଖରାପ ସ୍ୱାସ୍ଥ୍ୟ, ବ୍ୟାକୁଳ ଚାହାଣି ତାଙ୍କୁ ଭିତରୁ ଭିତରୁ ଶୋଷାଡ଼ି ପକାଉଥିଲା । କ'ଣ କରିବେ ସେ । କେମିତି ପୁଅ ମୁହଁରେ ହସ ଦେଖିବେ । ମାତ୍ର ଆଖି ସାମ୍ନାରେ ମିନତି ଥିବା ପର୍ଯ୍ୟନ୍ତ ତାହା ତ ଆଦୌ ସମ୍ଭବ ନୁହେଁ! ତେବେ କିଛି ଗୋଟେ ବାହାନା କରି ମିନତିକୁ ସବୁଦିନ ପାଇଁ ତାଙ୍କ ଘରକୁ ପଠେଇ ଦେବେ କି!... କିନ୍ତୁ ସେଇଟା ତ ଏ ସମସ୍ୟାର ସମାଧାନ ନୁହେଁ । ନିଶ୍ଚୟ ତା' ବାପା ଏହାର କାରଣ ପଚାରିବେ... ମୋକଦ୍ଦମା କରିବେ, ଯୌତୁକ ଆଇନ୍‌ରେ ଜେଲ୍‌ରେ ପୂରେଇ ଦେବେ । କିଛି ନ ହେଲେ ମିନତି ଆଣିଥିବା ସବୁ 'ସୁଖ-ସୌଭାଗ୍ୟ'କୁ ଫେରେଇ ନେଇଯିବେ!

> ଯାହା ଘଟିବାକୁ ଥିଲା ସବୁ ଘଟିଗଲା ଠିକ୍ ଠିକ୍ ବାଟରେ । ଚିତ୍କାର କରି ମିନତି ରୋଷେଇ ଘରୁ ବାହାରକୁ ଆସି ଛଟପଟ ହୋଇ ତଳେ ଗଡ଼ିବାକୁ ଲାଗିଲା । ପ୍ରଳୟଙ୍କରୀ ନିଆଁ କେଇ ମିନିଟ୍‌ରେ ସବୁ ପୋଛି ପକେଇଲା । ଧାଇଁ ଆସିଲେ ସମସ୍ତେ ତାକୁ ରକ୍ଷା କରିବାକୁ, ହେଲେ କିଛି କରି ପାରିଲେନି । ବନ୍ଦ ହୋଇଗଲା ମିନତିର ନିଶ୍ୱାସ ପ୍ରଶ୍ୱାସ ଅଧ ଘଣ୍ଟାକ ଭିତରେ ।

ନା, ନା, ସେ ଏ ସବୁକୁ ହାତଛଡ଼ା କରି ପାରିବେନି । ଏ ସବୁ ତାଙ୍କର ନିହାତି ଦରକାର । ଆଜି ସମାଜରେ ଦଶ ଜଣ ତାଙ୍କୁ ମାନସମ୍ମାନ ଦେଉଛନ୍ତି କେବଳ ଏଇ ଧନସମ୍ପତ୍ତି ପାଇଁ । ଏ ସବୁକୁ ଫେରେଇ ପାରିବେନି ସେ । ତା'ହେଲେ କୋଉ ବାଟ ରହିଲା ତାଙ୍କ ପାଖରେ, ଯୋଉଥିରେ ଏ ଘରୁ ମିନତି ସବୁଦିନ ପାଇଁ ଚାଲିଯିବ ସତ, ହେଲେ ଏ ଥାଟବାଟ ସେମିତି ଅକ୍ଷୁଣ୍ଣ ରହିଥିବ ।

ରୋଷେଇ କରୁ କରୁ ନିଆଁରେ ପୋଡ଼ିକି ଯଦି ମିନତି ମରିଯାନ୍ତା, ତା'ହେଲେ କେମିତି ହୁଅନ୍ତା! ରୋଷେଇ କରିବାକୁ ଲୋକ ଆସିଛନ୍ତି ତା' ସହିତ ବୋଲି, ରୋଷେଇ ଘରକୁ ଯାଏନି ସେ । ହେଲେ ଯଦି କିଛି ଗୋଟେ ଉପାୟରେ ତା'କୁ ଗ୍ୟାସଚୂଲା ଜଳେଇବାକୁ ବାଧ୍ୟ କରିବେ ଆଉ ତା' ପୂର୍ବରୁ ଗ୍ୟାସ୍‌ଟା ଖୋଲା ରଖିଦେବେ, ତା'ହେଲେ? ବାପାମା'ଙ୍କୁ ତା'ର କହିଦେଇ ହେବ ଯେ ଗ୍ୟାସ୍ ଚୂଲା ଜଳେଇବା ଜାଣି ନ ଥିବାରୁ କିଛି ଗଡ଼୍‌ବଡ଼୍ କରିଦେଲା ସେ, ଯାହା ଫଳରେ ଏତେ ବଡ଼ ଦୁର୍ଘଟଣାଟା ଘଟିଗଲା ତା' ସହିତ!

ଏ କଥାକୁ ସେମାନେ ବି ଅବିଶ୍ୱାସ କରିବେ ନାହିଁ । କାରଣ ସବୁ ଜିନିଷ ତାଙ୍କରି ଘରୁ ଆସିଛି, ଆଉ ଝିଅ ସେମିତି କରିଥିବ ବୋଲି ସେ ମାନି ବି ଯିବେ । ତେବେ ପୁଅ କ'ଣ କହିବ, ତାଙ୍କ ସ୍ୱାମୀ କ'ଣ କହିବେ! ରାଗିବେ, ଗାଳିଦେବେ, ମୁଣ୍ଡ ଖରାପ ହେଇଯାଇଛି କହି ଧିକ୍କାର କରିବେ!

ହେଲେ ଆଶ୍ଚର୍ଯ୍ୟର କଥା, କେହି ଜଣେ ବି ଏକଥାକୁ ମନା କଲେ ନାହିଁ; ବରଂ ଏମିତି ଆଗ୍ରହ ଦେଖେଇଲେ, ସତେ ଯେମିତି

ସେମାନେ ସମସ୍ତେ ଚାହିଁ ବସିଥିଲେ ମିନତିର ମୃତ୍ୟୁକୁ । ଖାଲି ଯାହା ବାଟଟେ ଖୋଜି ପାଉ ନ ଥିଲେ ।

ସବୁ କିଛି ପ୍ଲାନ୍ କରି କରାଗଲା । ରୋଷେଇବାଲୀକୁ ବଜାର ପଠେଇ ଦେଇ ପୁଅର ପେଟ କାମୁଡୁଛି କହି ମିନତିକୁ ପାଣି ଗରମ କରି ଆଣିବାକୁ କୁହାଗଲା ଆଉ ତା' ପୂର୍ବରୁ ଗ୍ୟାସ୍ ପାଇପ୍‌କୁ ଖୋଲି ଦିଆଗଲା ।

ଯାହା ଘଟିବାକୁ ଥିଲା ସବୁ ଘଟିଗଲା ଠିକ୍ ଠିକ୍ ବାଟରେ । ଚିତ୍କାର କରି ମିନତି ରୋଷେଇ ଘରୁ ବାହାରକୁ ଆସି ଛଟପଟ ହୋଇ ତଳେ ଗଡ଼ିବାକୁ ଲାଗିଲା । ପ୍ରଳୟଙ୍କରୀ ନିଆଁ କେଇ ମିନିଟ୍‌ରେ ସବୁ ପୋଛି ପକେଇଲା । ଧାଇଁ ଆସିଲେ ସମସ୍ତେ ତାକୁ ରକ୍ଷା କରିବାକୁ, ହେଲେ କିଛି କରି ପାରିଲେନି । ବନ୍ଦ ହୋଇଗଲା ମିନତିର ନିଶ୍ୱାସ ପ୍ରଶ୍ୱାସ ଅଧ ଘଣ୍ଟାକ ଭିତରେ । ତେବେ ତା' ପୂର୍ବରୁ ଅସ୍ୱାଭାବିକ କଥାଟିଏ ଘଟିଗଲା, ଯାହାର ଯୋଜନା ସେ କରି ନ ଥିଲେ । ପୁଅ ତାଙ୍କର ତାକୁ ବଞ୍ଚେଇବାକୁ ନିଆଁରେ ହାତ ପୋଡ଼ି ପକେଇଲା । ବାପା ତା'ର ଦଉଡ଼ି ଯାଇ ବାଲ୍‌ଟି ବାଲ୍‌ଟି ପାଣି ଆଣି ଢାଳି ପକେଇଲେ, ଦାମୀ ଗାଲିଚାଟାକୁ ଭିଡ଼ି ଆଣି ମିନତିକୁ ଘୋଡ଼େଇ ପକେଇ ନିଆଁ ଲିଭେଇବାକୁ ଚେଷ୍ଟା କରି ପକେଇଲେ । ସ୍ତବ୍ଧ ହୋଇ ଚାହିଁ ରହିଥିଲେ ସରୋଜିନୀ । ଇଏ କ'ଣ କରୁଛନ୍ତି ଏମାନେ! ଏମିତି କରିବାକୁ ତ ସେ କହି ନ ଥିଲେ ବାପ ପୁଅଙ୍କୁ! ଯଦି ମିନତି ବଞ୍ଚି ରହିଯିବ, ତା'ହେଲେ?

ସେ ବଞ୍ଚିଲାନି ଅବଶ୍ୟ, କିନ୍ତୁ ସମସ୍ତଙ୍କ ଆଗରେ ଧରା ପଡ଼ିଗଲେ ସେ । ଏଥିରେ ଯେ କେବଳ ତାଙ୍କରି ହାତ ରହିଛି, ସେ କଥା ସମସ୍ତେ ଫୁସ୍‌ଫାସ୍‌ରେ କୁହାକୁହି ହେବାକୁ ଲାଗିଲେ । ଆତଙ୍କିତ ହୋଇ ପଡ଼ିଲା ପୁଅ । ଭିଡ଼ିନେଲା ତାଙ୍କୁ ଘର ଭିତରକୁ । ଚୁପ୍ ଚୁପ୍ ସ୍ୱରରେ କହିଲା, "ବୋଉ! ଟିକେ କେଁ ରହିଗଲା । ଚାକର ଚାକରାଣୀମାନଙ୍କୁ ଛୁଟି ଦେଇ ଦେବାର ଥିଲା । ଏବେ ସେମାନେ ସମସ୍ତେ ନିଜ ଆଖିରେ ଦେଖି ଦେଲେ ସବୁ । ନିଶ୍ଚୟ ପୁଲିସ୍ ଆଗରେ ସବୁ ବଖାଣି ଦେବେ । କ'ଣ କରିବା?"

"କ'ଣ କରିବା ମାନେ! ଯାହା ବି କଲେ ସମସ୍ତେ ମିଶିକି କଲେ, ତେଣୁ ପରିଣାମ ପାଇଁ ସମସ୍ତେ ଦାୟୀ ରହିବା । ଯାହା ହେବା କଥା ହେବ! କ'ଣ ଆଉ କରିହେବ ଏବେ!" କୋଉଠୁ ବାହାରୁଥିଲା ଏ ସ୍ୱର କେଜାଣି ! ତାଙ୍କର କି, ଆଉ କିଏ କହୁଛି ତାଙ୍କ ପାଇଁ, ସେ ଜାଣି ପାରୁ ନଥିଲେ । କେଜାଣି କାହିଁକି ତାଙ୍କୁ ଭାରି ଖରାପ ଲାଗୁଥିଲା । ମିନତିର ଅର୍ଦ୍ଧଦଗ୍ଧ ଦେହକୁ ଦେଖି ତାଙ୍କ ମଣିଷତ୍ୱ ଚିତ୍କାର କରି ଉଠୁଥିଲା । ସତରେ ଏମିତି କରିଦେଲେ ସେ! ଗୋଟେ ମଣିଷ ହେଇ ଆଉ ଗୋଟେ ମଣିଷକୁ ଜାଳି ଦେଇ ପାରିଲେ! କ'ଣ ଥିଲା ତା'ର ଦୋଷ? ସଜେଇ ସାଜେଇ ଦଶ ଲୋକଙ୍କୁ ସାକ୍ଷୀ ରଖି ଏ ଘରର ବୋହୂ କରି ଆଣିଥିଲେ, ଅଥଚ ଆଜି ତାକୁ ନିଜ ହାତରେ...

ଓଃ, କେତେ ଭୟଙ୍କର ଦିଶୁଛି ତା' ପୋଡ଼ା ଆଉ ବୀଭତ୍ସ ଦେହଟା! ବାପ ପୁଅ ଥରୁଛନ୍ତି ତାକୁ ଦେଖି ଦେଖି । କ'ଣ ହେଇଗଲା, କ'ଣ ହେଇଗଲା କହି ମୁଣ୍ଡ ବାଡ଼ଉଛନ୍ତି । ସେ କିନ୍ତୁ ବସିଥିଲେ ନିରବ ନିଥର ହୋଇ । କାହିଁକି କେଜାଣି ଏସବୁ ପ୍ରହସନରେ ଭାଗ ନେବାକୁ ସାହସ କରି ପାରୁ ନ ଥିଲେ । ତାଙ୍କୁ ଖାଲି ମିନତିର ହସହସ ମୁହଁ, କୋମଳ କଥା, ଧୀରସ୍ଥିର ବ୍ୟବହାର ମନେ ପଡ଼ିଯାଉଥିଲା । ଏମିତି ସ୍ଥାଣୁ ପାଲଟି ଯାଇଥିଲେ ଯେ ତାଙ୍କୁ କିଛି ଶୁଭୁ ନ ଥିଲା କି କିଛି ଦେଖାଯାଉ ନ ଥିଲା । ଚାକର, ବାକରମାନେ ଅତି ତତ୍ପର ହୋଇ କ'ଣ କ'ଣ ସବୁ କରିଯାଉଛନ୍ତି, କାହାକୁ କାହାକୁ ଖବର ଦେଇ ପକାଉଛନ୍ତି, ସେ କିଛି ଜାଣିବାକୁ ଚାହୁଁ ନ ଥିଲେ । ସେ ଯେମିତି ଏ ସଂସାରରେ ହିଁ ନ ଥିଲେ ।

ବୋଉ, କ'ଣ ହେବ ଏବେ? ମିନତିର ସମ୍ପର୍କୀୟ ଭାଇମାନେ ଆସି ଗଲେଣି !"

"କହିଲି ପରା ସବୁ ସ୍ୱୀକାର କରିଦବା ପୁଲିସ୍ ଆଗରେ !"

"ହେଲେ, ଯୋଉଥି ପାଇଁ ଏତେ ପରିଶ୍ରମ କଲେ, ସେସବୁ ଚାଲିଯିବ ହାତରୁ ତା'ପରେ । ନା ମୋ ଚାକିରି ରହିବ, ନା ଏ ଥାଟବାଟ । ବାପାଙ୍କ ନାଁରେ ଲୋକମାନେ ଥୁ ଥୁ କରିବେ ।"

ତେବେ କ'ଣ କରିବାକୁ କହୁଛୁ ତୁ ?" ଅନ୍ୟମନସ୍କ ହୋଇ ସେ ପଚାରିଲେ । ତାଙ୍କୁ ଏବେ ନିଜ ପୁଅର କଥା ବିରକ୍ତିକର ଲାଗୁଥିଲା । ଏତେ ବଦଳି ଯାଇପାରେ କି ମଣିଷଟେ ! କିଛି ସମୟ ପୂର୍ବରୁ ଯାହାକୁ ସ୍ତ୍ରୀ ବୋଲି ମାନୁଥିଲା, ଏବେ ତା' ମୃତ ଦେହକୁ ଆଖି ସାମ୍ନାରେ ଦେଖି ବି ସେ ବିବ୍ରତ ହୋଇ ପାରୁନି; ବରଂ ସବୁକିଛି ଚାଲିଯିବାର ଚିନ୍ତାରେ ମ୍ରିୟମାଣ ହୋଇ ପଡ଼ୁଛି!

"ଏଠି ଉପସ୍ଥିତ ସମସ୍ତ ଜନତା କେବଳ ତତେ ହିଁ ଆକ୍ଷେପ କରୁଛନ୍ତି । କହୁଛନ୍ତି ତୋର ଲୋଭ ପାଇଁ ଏତେ ବଡ଼ କୁକର୍ମ କରି ଦେବାକୁ ଗଲୁ ତୁ! ମୁଁ କ'ଣ କହୁଛି କି... ନା ମାନେ ବାପା ବି ସେଇ କଥା କହୁଛନ୍ତି ।"

କୋଉ କଥା?" ବିନା ଆଗ୍ରହରେ ପଚାରି ଦେଲେ ସେ ।

"ଯଦି ତୋ' ମୁଣ୍ଡ ଉପରକୁ ସଂପୂର୍ଣ୍ଣ ଦୋଷଟା ତୁ ନେଇଯିବୁ, ତେବେ ଆମେ ସମସ୍ତେ ବଞ୍ଚି ଯାଆନ୍ତେ, ଆଉ ଏସବୁ ଜିନିଷ ଆମ ହାତରୁ ଖସି ବି ଯାଆନ୍ତାନି!"

ଶୀତଳ ଝଡ଼ଟିଏ ବହିଗଲା କି ତାଙ୍କ ଭିତରେ! ପୁଅ ତାଙ୍କର ସବୁ ଦୋଷ ତାଙ୍କ ମୁଣ୍ଡରେ ଲଦି ଦବାକୁ ଚାହୁଁଛି, ଟିକିଏ ବି ଭାବୁନାହିଁ ଯାହା କିଛି ବି ସେ କଲେ ପୁତ୍ରମୋହରେ ହିଁ କଲେ । ଏପରିକି ସ୍ୱାମୀ ବି ତାଙ୍କର ସେଇଆ ଚାହୁଁଛନ୍ତି! ସେମାନେ ଏ ଥାଟବାଟକୁ ହାତଛଡ଼ା କରିବାକୁ ଚାହୁଁ ନାହାନ୍ତି, କିନ୍ତୁ ପତ୍ନୀ ଆଉ ମା'କୁ ହାତଛଡ଼ା କରି ଦେବାରେ ତାଙ୍କର କିଛି ଆପତ୍ତି ନାହିଁ!

ସେ କ'ଣ ଏଇ ସ୍ୱପ୍ନ ଦେଖିଥିଲେ ବର୍ଷ ବର୍ଷ ଧରି! କାହା ପାଇଁ ଦେଖିଥିଲେ? ଏଇ ପୁଅ ଆଉ ସ୍ୱାମୀଙ୍କ ପାଇଁ? ଛାତି ତଳର ଗୋଟେ ଯନ୍ତ୍ରଣାକର ଅନୁଭୂତି ଆସି ବିଛେଇ

ହୋଇ ପଡ଼ିଲା । ତାଙ୍କୁ ଲାଗୁଥିଲା ସେ ଯେମିତି ଏକ ନିଃସଙ୍ଗ ଭିଡ଼ ଭିତରେ ହଜି ହଜି ଯାଉଛନ୍ତି! ଆଉ ସେଇ ହଜିବା, ପାଇବା ଭିତରେ ହିଁ ମୃତ୍ୟୁ ହେଇଯାଉଛି ତାଙ୍କର!

କାନ ପାଖରେ ଶୁଭିଯାଉଛି କାହାର ଚାପା କାନ୍ଦର ଗୁଞ୍ଜରଣ । ଚମକି ପଡୁଛନ୍ତି ସେ! କାହାର ସ୍ୱର ଯେ? କିଏ ତାଙ୍କୁ ଡାକୁଛି... ଆକ୍ଷେପ କରୁଛି ...?... ମିନତିର ପୋଡ଼ା ଦେହଟା ତାଙ୍କୁ କିଛି କହୁଛି କି କାନ୍ଦି କାନ୍ଦି? ଅଭିଯୋଗ କରୁଛି କି? ନାହିଁ ତ, ତା' ପରି ଶାନ୍ତ ସୁଧାର ଝିଅ ସେମିତି କେବେ କରି ପାରିବ ନାହିଁ । ସେସବୁ ହେଇ ପାରିବ କେବଳ ତାଙ୍କ ପରିବାରରେ, ଯୋଉଠିକୁ ମିନତି ଆସିଥିଲା ତ ସଦସ୍ୟ ହେବାକୁ, କିନ୍ତୁ ସେ ତା'କୁ ହେବାକୁ ହିଁ ଦେଲେ ନାହିଁ!

ଆଖିରୁ ଠପ୍‌ଠପ୍ ହୋଇ ଝରି ପଡୁଥିବା ଲୁହ ଦେଖିବାକୁ ପୁଅ ପାଖରେ ସମୟ ନାହିଁ । ପୁଲିସ୍ ଆସି ଶବ ପାଖରେ ପହଞ୍ଚି ଗଲାଣି । ଏବେ ଆସିବ ଭିତରକୁ, ସମସ୍ତଙ୍କୁ ଧରିବା ପୂର୍ବରୁ ବୋଉ ପାଖରୁ ସେ ଆଶ୍ୱାସନା ଚାହୁଁଛି । କ'ଣ କହିବେ ସେ??

ପୁଅ ମୁହଁକୁ ଚାହିଁଲେ ଦୁଃଖ ନୁହେଁ, ଘୃଣା ଆସୁଛି । ତା' ବ୍ୟାକୁଳତାକୁ ଦେଖି ନିଜ ଉପରେ ରାଗ ମାଡୁଛି । ଏଇମାନଙ୍କ ପାଇଁ ସେ ଏବେ ସବୁ ଦୋଷ ମୁଣ୍ଡେଇବେ! ନା, ମୋଟେ ନୁହେଁ । ନାହିଁ କରିଦେବେ ସେ ପୁଅକୁ । ସବୁ ଦୋଷ ତାଙ୍କର ନୁହେଁ, ବାପ ପୁଅଙ୍କର ବି ହାତ ଅଛି ଏଥିରେ । ସେ ଖାଲି ସେମାନଙ୍କ ଇଚ୍ଛା ପୂରଣ କରିବାକୁ ତା'କୁ ଯାହା କାମରେ ଲଗେଇଥିଲେ । ତେଣୁ ସେ ମୋଟେ ମାନିବେ ନାହିଁ । ଯାହା ହେବା କଥା ହେଇଯାଉ, ବାପ ପୁଅ ବି ଜେଲ୍‌କୁ ଯାଆନ୍ତୁ, ତା'ପରେ କହିବେ କିଏ ବାସ୍ତବରେ ଦୋଷୀ ।

ପାଟି ଖୋଲିଲେ ସେ, ଆଗ୍ରହରେ ଚାହିଁ ରହିଛି ପୁଅ । ତାଙ୍କ ମନା ଶୁଣିଲା ପରେ କି ପ୍ରତିକ୍ରିୟା ହେବ କେଜାଣି!

ବୋଉ .. କ'ଣ କହୁଛୁ ଏବେ?"

ହଉ ..ଠିକ୍ ଅଛି .." ... କହିଲା ବେଳେ ଜିଭ ଲାଖି ଯାଉଥିଲା ତାଳୁରେ, ଥରି ଉଠୁଥିଲା ଦେହ ଝାଉଁପତ୍ର ପରି, ତଥାପି ସେ ନିଜ ବାକ୍ୟ ସମ୍ପୂର୍ଣ୍ଣ କରି ଠିଆ ହୋଇଗଲେ ପୁଲିସ୍ ପାଖକୁ ନିଜ ଆଡୁ ଚାଲି ଯିବାକୁ । ମନେ ମନେ ଭାବୁଥିଲେ ଏତେ ଧୀର ସ୍ୱରରେ ଜୀବନରେ କେବେ ଆଗରୁ କହିଛନ୍ତି କି କିଛି !

କେଜାଣି, ମନେ ପଡୁ ନ ଥିଲା ଏବେ ସେସବୁ କିଛି, କେବଳ ମିନତିର ଶେଷ ବେଳର ଚିତ୍କାର ଛଡ଼ା ! ■■■

୯, ଆଟଲାଣ୍ଟା; ସି.ଏଚ୍.ଏସ୍, ପ୍ଲଟ୍ ନଂ-୨୯,
ସେକ୍ଟର-୪୦, ନେରୁଲ,
ନବି ମୁମ୍ବଇ – ୪୦୦୭୦୬
ଦୂରଭାଷ : ୯୩୨୦୬୨୩୬୨୨

ସମଗ୍ର ଶିକ୍ଷା, ନୂଆପଡା

ନିବେଦନ

ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିମନ୍ତେ ଶିଶୁମାନଙ୍କ ଅଧିକାର ଅଧିନିୟମ

ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିମନ୍ତେ ଶିଶୁମାନଙ୍କ ଅଧିକାର ଅଧିନିୟମ-୨୦୦୯, ୬ରୁ ୧୪ ବର୍ଷ ବୟସର ପ୍ରତ୍ୟେକ ଶିଶୁ ପାଇଁ ମାଗଣା ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ବିଧାନ କରାଯାଇଛି । ଏହି ଅଧିନିୟମ ଅପ୍ରେଲ ମାସ ୧ ତାରିଖ ୨୦୧୦ ଠାରୁ ଲାଗୁ ହୋଇଛି ।

(୧) ୬ ରୁ ୧୪ ବର୍ଷର ସମସ୍ତ ଶିଶୁମାନଙ୍କୁ ମାଗଣାରେ ପ୍ରାଥମିକ ଶିକ୍ଷା ଅଧିକାର ।
(୨) ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟମାନେ ଅଧିନିୟମରେ ଉଲ୍ଲିଖିତ ନିମ୍ନତମ ମାନଦଣ୍ଡ ରକ୍ଷା କରିବେ ।
(୩) ବେସରକାରୀ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଅଥବା ପ୍ରବେଶ ଶ୍ରେଣୀରେ ନାମଲେଖା ପାଇଁ ଅତିକମ୍‌ରେ ଶତକଡା ୨ ଭାଗ ସ୍ଥାନ ଅବହେଳିତ ତଥା ଦୁର୍ବଳ ଶ୍ରେଣୀର ପିଲାମାନଙ୍କ ପାଇଁ ସଂରକ୍ଷିତ ।
(୪) ବେସରକାରୀ ବିଦ୍ୟାଳୟରେ ନାମଲେଖା ପାଇଁ ଶିଶୁ ଓ ଅଭିଭାବକମାନଙ୍କର ପରୀକ୍ଷା ନାହିଁ । କେବଳ ଲଟେରୀ ମାଧ୍ୟମରେ ସଂରକ୍ଷିତ ସ୍ଥାନରେ ଶିଶୁର ନାମଲେଖା । ନାମ ଲେଖାଇଥିବା ଅବହେଳିତ ତଥା ଦୁର୍ବଳ ଶ୍ରେଣୀର ପିଲାମାନଙ୍କୁ ମାଗଣାରେ ଶିକ୍ଷା ଉପଲବ୍ଧ ।
(୫) ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ବୟସ ଅନୁପାତରେ ବିଦ୍ୟାଳୟରେ ନାମ ଲେଖାଇବାର ବ୍ୟବସ୍ଥା ।
(୬) ବିଦ୍ୟାଳୟର ଅଧିକାର ଉଲ୍ଲଙ୍ଘନ ସମ୍ପର୍କୀୟ ଅଭିଯୋଗ ଦାଖଲ କରିବା ପାଇଁ ସ୍କୁଲ ହେଲ୍‌ପଲାଇନ (ନିଃଶୁଳ୍କ ନମ୍ବର ୧୮୦୦୩୪୫୬୭୨୨)

ଉପରୋକ୍ତ ଅଧିନିୟମର ସଫଳ ରୂପାୟନ ପାଇଁ ନୂଆପଡା ଜିଲ୍ଲାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଜନସାଧାରଣଙ୍କ ସାହାଯ୍ୟ କାମନା କରୁଛୁ ।

ପବିତ୍ର ଦୁର୍ଗାପୂଜା ଅବସରରେ
'ସତ୍ୟବାଦୀ'ର ଅଗଣିତ ଲେଖକ,
ପାଠକ ଓ ବିଜ୍ଞାପନ ଦାତାଙ୍କୁ ହାର୍ଦ୍ଦିକ
ଅଭିନନ୍ଦନ ଜଣାଉଅଛି ।

ପ୍ରଫେସର ଅନାଦି ଚରଣ ଗାଁଣ
ନିର୍ଦ୍ଦେଶକ
ସାଇସାଧନା ଶିକ୍ଷାନୁଷ୍ଠାନ ସମୂହ
ଉଦଳା, ମୟୂରଭଞ୍ଜ

ସାରସ୍ୱତ ସାଧକ ଡ. ମନ୍ମଥ କୁମାର ପ୍ରଧାନଙ୍କ
ରଚିତ ଓ ସମ୍ପାଦିତ ପୁସ୍ତକ ତାଲିକା
ଚୁନଭାଟି ଲେନ୍, ଗୋପାଳଗାଁ, ବାଲେଶ୍ୱର

ପଲ୍ଲୀକବି କୃଷ୍ଣପ୍ରସାଦ ବେହେରା, ବୀଣାପାଣି ମହାନ୍ତିଙ୍କ ସୃଷ୍ଟି ମାନସ, ସଂସ୍କୃତି ଓ ସାହିତ୍ୟ, ସାହିତ୍ୟର ଧ୍ୟାନ ଓ ଧାରଣା, ସାହିତ୍ୟ ଚର୍ଚ୍ଚା, ଓଡ଼ିଶାର ଲୋକନାଟ୍ୟ ପରମ୍ପରା, ସମାଲୋଚନାର ପ୍ରତିଧ୍ୱନି, ସମାଲୋଚନାର ଗତି: ପ୍ରକୃତି, 'ସ୍ମୃତି' (ପ୍ରବନ୍ଧ ସଂକଳନ), ବ୍ୟାସକବି ଫକୀରମୋହନ ମହାଯାତ୍ରା: ଏକ ଅଧ୍ୟୟନ, ଚର୍ଯ୍ୟାଗୀତି, ଶୁଦ୍ରମୁନି ଶାରଳାଦାସ, ଲୋକନାଟ୍ୟ ପରମ୍ପରା, ଦୃଷ୍ଟି ଦର୍ଶନ, ସଂସ୍କୃତି ଓ ସାହିତ୍ୟ, ସମୟ ସ୍ରୋତରେ ବାଲେଶ୍ୱର, ଫକୀରମୋହନଙ୍କ ସୃଷ୍ଟି ମାନସ, ବାଲେଶ୍ୱର ଜିଲାର ସାରସ୍ୱତ ପ୍ରତିଭା, ପରିକ୍ରମଣରେ ବାଲେଶ୍ୱର, ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ଉତ୍ତର ଓଡ଼ିଶାର ଭାଷା ଓ ସଂସ୍କୃତି, ବସନ୍ତ ଶତପଥୀଙ୍କ ରମ୍ୟ ରଚନା, ପ୍ରଜ୍ଞା-ପ୍ରତିଭା-ପରମ୍ପରା, ସାରସ୍ୱତ ପ୍ରତିଭା, ସଂସ୍କୃତି, ସମର୍ପଣ, ସାଂସ୍କୃତିକ ସ୍ମୃତିରେ ଭଦ୍ରକ, ସାଂସ୍କୃତିକ ସ୍ମୃତିରେ ମୟୂରଭଞ୍ଜ, ଓଡ଼ିଆ ସାହିତ୍ୟର ସମୀକ୍ଷଣ, ଅନନ୍ୟ ପ୍ରତିଭା, ସାହିତ୍ୟର ପ୍ରତିଧ୍ୱନି, ସାହିତ୍ୟ ବିବେଚନ ଆଦି ୩୨ ଖଣ୍ଡ ଗ୍ରନ୍ଥ ।

ଦୂରଭାଷ: ୯୯୩୭୨୧୪୮୪୬୫ / ୭୮୯୪୧୬୭୨୧୬୪

SAI PLYWOOD
Odisha's Largest Distribution House For
(Plywood, Veneer, Laminate & Architectural Products)
Authorized Distributor of
EURO PRATIK™
An Opus of Products
LOUVERS
CHISEL
CASSA4
DECO LOUVERS
Seamless Designs
DESIGNER LAMINATES
Sapphire
GLASS LAMINATE
ACROGLASS
LamAge
WALL PANELS
Allure
Mirror Engraved Fluted Panels
AURIS
Smart Panels
DECOLITE
Plot no-3206, Lewis Road, Bhubaneswar-2
8260500601, 8260500602
saiplywood.bbsr2002@gmail.com
www.saiplywood.com
Plot no-307C, District Center Chandrasekharpur, Bhubaneswar-16
7978745945, 6370766236
saihomedecor.bbsr2020@gmail.com
www.saiplywood.com

ତର୍ପଣ

ଟିକ୍ ଟିକ୍ ଟିକ୍ ..ଟିଁ ଟିଁ ଟିଁ...ଇଁ ଇଁ.. ହାଲ୍କା ହାଲ୍କା ତରଙ୍ଗାୟିତ ହେଉଥିବା ରେଖାଗୁଡ଼ିକ ଶେଷରେ ମନିଟର୍ ସ୍କ୍ରିନ୍ ଉପରେ ଏକ ସମାନ୍ତରାଳ ଭାବେ ଗତି କରି ଗୋଟିଏ ବିନ୍ଦୁରେ ଅଟକି ଗଲେ ।

ଶୂନ୍ୟ, ମହାଶୂନ୍ୟ । ମତେ ଏଥର ଖୁବ୍ ଆରାମ୍ ଲାଗିଲା । ଆଉ ଶୋକ ନାହିଁ କି ଯନ୍ତ୍ରଣା ନାହିଁ । ମୋ ଭିତରେ ଆଉ ସାମାନ୍ୟତମ ଭୟ ବି ନାହିଁ ।

ହଁ ଭୟ ... ମେଡିକାଲ୍ କଥା ପଡ଼ିଲେ, ମତେ ଡର ଲାଗେ । ସେଥିରେ ପୁଣି ଆଇ୍. ସି. ୟୁ । ଗଭୀର ନିରବତା ଭିତରେ ନିଥର, ନିର୍ବାକ୍ ଓ ଅସହାୟ ଭାବେ ପଡ଼ିରହିଥିବା ଜଡ଼ ଶରୀର ଉପରେ ମୃତ୍ୟୁର ବରଫ ହାତ ଓ ତା'ର ଶୀତଳ ସ୍ପର୍ଶ ସହ କପାଳରେ ଆର୍ଦ୍ର ଚୁମ୍ବନ । ଅହରହ ଲାଇଫ୍ ସପୋର୍ଟ ସିଷ୍ଟମ୍‌ର ଟିଁ ଟିଁ ଶବ୍ଦ, ମତେ ଲାଗେ ଏ ହେଉଛି ମୃତ୍ୟୁ ଦୂତର ପ୍ରିୟ ମଧୁର ସଙ୍ଗୀତ । ଏଇ ସ୍ୱର ସହ ସେ ଯେମିତି କାହାକୁ ଆଲିଙ୍ଗନ କରି କୋଳାଇ ନେବାକୁ ବ୍ୟାକୁଳ ।

ଓଃ ! ମୋ ପାଇଁ ସେ ଦୃଶ୍ୟ ଭାରି ବୀଭତ୍ସ ଓ ଭୟଙ୍କର । ଅସ୍ତବ୍ୟସ୍ତ ଅଙ୍ଗ, ଆଁ ମେଲାଇ ପଡ଼ି ରହିଥିବା ଶରୀର,

ସ୍ୱର୍ଣ୍ଣଲତା ମହାପାତ୍ର

ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା ଜାରି ରଖିଛନ୍ତି । ପ୍ରମୁଖ ପତ୍ରପତ୍ରିକା ତଥା ସମ୍ବାଦପତ୍ରରେ ବହୁ ଗଳ୍ପ, କବିତା, ପ୍ରବନ୍ଧ ତଥା ଶିଶୁ ଗଳ୍ପ ପ୍ରକାଶିତ ହୋଇଆସୁଛି । ପ୍ରକାଶିତ ଉପନ୍ୟାସ: 'ଚୋରାବାଲି', ଅହଲ୍ୟା ଓ ଗଳ୍ପ ସଙ୍କଳନ: 'ରେଡ୍ ରୋଜ' ।

ସବୁକିଛି ଅଦ୍ଭୁତ ଦିଶୁଥାଏ । ଖାଦ୍ୟନଳୀ ଓ ଶ୍ୱାସନଳୀରେ ପାଇପ୍ । ଶୌଚ କ୍ରିୟା ପାଇଁ ପାଇପରେ ଲାଗି ଗୋଡ଼ ପାଖରେ ଝୁଲୁଥିବା ପ୍ଲାଷ୍ଟିକ୍ ଥଳି । ମୁଣ୍ଡ ଉପରେ ଲାଗିଥିବା ଭେଣ୍ଟିଲେଟର୍ ଯନ୍ତ୍ର ପରି ଜୀବନ୍ତ ଶରୀରଟା ବି ଯେମିତି ଆଉ ଏକ ଯନ୍ତ୍ର !

କାହାକାହା କ୍ଷେତ୍ରରେ ଯନ୍ତ୍ରଣା ଜର୍ଜରିତ ହାତ, ପାଦ ବନ୍ଧା ଥିବା ଅର୍ଦ୍ଧମୁଦ୍ରିତ ନୟନର ଆକୁଳ ଚାହାଣି ଓ ସୂକ୍ଷ୍ମ ବିଳାପ । ସାମାନ୍ୟ ହଲିଗଲେ ସତେ ଅବା କେଉଁ ସୂକ୍ଷ୍ମ ସ୍ନାୟୁ ଛିଣ୍ଡି ଯିବ ଓ ମସ୍ତିଷ୍କ ସହ ସବୁ ସମ୍ପର୍କ ବନ୍ଦ ହୋଇଯିବ । ସେଥିପାଇଁ ଏ ବନ୍ଧନ ।

ଓହୋ, କି ଦୟନୀୟ ଅବସ୍ଥା ! ଗଗନ ବ୍ୟାପୀ ଭାବନା ଭିତରୁ କାଣିଚାଏ ବି ପ୍ରକାଶ କରିବା, ସେ ମଣିଷ ପାଇଁ ଅସମ୍ଭବ । ଅକ୍ସିଜେନ୍ ମାସ୍କରେ ଆବୃତ ମୁଖ । କି ବିବଶତା !

ଯେତେ ସବୁ ଡାକ୍ତରୀ ଯନ୍ତ୍ରପାତି, ଚଳପ୍ରଚଳ ହେଉଥିବା ନର୍ସ ଓ କର୍ମଚାରୀଙ୍କ ପୋଷାକ, କୋଠରି ଭିତରର ପରଦା, ଚାଦର ଓ ଶେଯ ଉପରେ ପଡ଼ି ରହିଥିବା ନିଥର ଶରୀରକୁ ଅଧା ଘୋଡ଼ାଇ ରଖିଥିବା ଗାଉନ୍, ଏ ସବୁର ରଙ୍ଗ ମତେ ଏକା ପରି ଲାଗେ, ସବୁଜ ।

ଏଇ କାଲୁଆ କୋଠରିର ଦୃଶ୍ୟ ଏମିତି ଯେ ଯେତେ ବି ଦୃଢ଼ମନା ବ୍ୟକ୍ତି ହେଉ ନା କାହିଁକି, କ୍ଷଣିକ ପାଇଁ ହେଲେ ବି ତା' ମନରେ ଭୟ ସୃଷ୍ଟି ହେବା ଅସମ୍ଭବ ନୁହେଁ । ବ୍ୟାଧି ହେଉ କି ବାର୍ଦ୍ଧକ୍ୟ, ତା'କୁ କେହି କ'ଣ ନିଜ ଇଚ୍ଛାରେ ଏଡ଼ାଇ ପାରେ !

ସାରାଜୀବନ ଏକ ନାମକୁ ଧାରଣ କରି ଚଳପ୍ରଚଳ ହେଉଥିବା ମଣିଷ ହଠାତ୍ ଏକ ସଂଖ୍ୟାରେ ନାମିତ ହୋଇଯାଏ ।

ସତର । ଆଇସିୟୁ ବେଡ୍ ନମ୍ବର ସତର । ମୋ ସ୍ତ୍ରୀ ପଦ୍ମିନୀ । ହଁ, ଡାକ୍ତରଖାନାରେ ଏଇ ସତର ନମ୍ବରଟି ହିଁ ଥିଲା ତା'ର ପରିଚୟ ।

ଆଜିକୁ ଚଉଦବର୍ଷ ତଳେ ମୋ ସ୍ତ୍ରୀ ଯେବେ ଅଧିକ ଅସୁସ୍ଥ ହୋଇପଡ଼ିଲା, ସେ ବି ଏମିତି ଆଇସିୟୁରେ ଭର୍ତ୍ତି ହୋଇଥିଲା । ଏଇ ନିବୁଜ କୋଠରି ଭିତରେ ଏହିପରି ଜଡ଼ବତ୍ ନିଃସହାୟ ଭାବେ ପଡ଼ି ରହିଥିଲା ।

ପ୍ରଥମ ଦୁଇଦିନ କବାଟର କାଚ ବାଟେ ତା'କୁ ଦେଖୁଥିଲି । ପରେ ମତେ ଭିତରକୁ ଯିବାପାଇଁ ଅନୁମତି ଦେଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ହିଁ ଭିତରକୁ ଯାଇ ହୁଏ । ବାହାରେ ଜୋତା ରଖି, ହାତକୁ ଭଲ ଭାବେ ଶୋଧନ କରି, ମୁହଁରେ ମାସ୍କ ଭିଡ଼ି ।

ପ୍ରବେଶ କରୁକରୁ ଔଷଧ, ସ୍ପିରିଟ୍, ପୂଯ-ରକ୍ତ, ତୁଳା, ଗଜ୍‌କନା, ଡାକ୍ତରୀ ସରଞ୍ଜାମ ସହ ରୋଗୀ ଶରୀରର ଏକ ଅଦ୍ଭୁତ ବାସ । ସତର ନମ୍ବର ବେଡ୍ ଦିଗକୁ ଦୃଷ୍ଟି ଯିବା ପୂର୍ବରୁ ଚତୁର୍ଦ୍ଦିଗକୁ ମୋ ନଜର ଘୂରି ଆସେ । ଓଃ ମତେ ଭାରି ଅସ୍ୱସ୍ତି ଲାଗେ ।

ସେତେବେଳେ ଡାକ୍ତର କହିଥିଲେ "ଦେଖନ୍ତୁ, ମୁଁ ଆଗରୁ ପରିଷ୍କାର କହି ଦେଉଛି, ଆପଣଙ୍କ ସ୍ତ୍ରୀଙ୍କର ବଞ୍ଚିବା ଆଶା କ୍ଷୀଣ; ତଥାପି ଶେଷ ପର୍ଯ୍ୟାୟରେ ଆଉ ଏକ ଅସ୍ତ୍ରୋପଚାର ପାଇଁ ଯୋଜନା କରିଛୁ, ଫଳାଫଳ ବିଷୟରେ କିଛି କହିହେବ ନାହିଁ । ଯଦି ସଫଳ ହୁଏ, ଆଉ କିଛିଦିନ ବା କେଇ ମାସ । ସେ ସେମିତି ପୂର୍ବ ପରି ନିଶ୍ଚଳ ହୋଇ ଶେଯରେ ହିଁ ପଡ଼ି ରହିବେ । ତେଣୁ ଆପଣ ମନ ସ୍ଥିର କରି ଯେତେ ଶୀଘ୍ର ଆମକୁ ଜଣାଇଲେ, ଆମେ ସେ ହିସାବରେ ପ୍ରସ୍ତୁତ ହେବୁ ।"

"ଆଜ୍ଞା, ପୁଣି କେତେ ଲାଗିବ ?"

"ସେଇ..ପାଖାପାଖି ତିନି ଲକ୍ଷ ଧରନ୍ତୁ । ଦେଢ଼ ଲକ୍ଷ କାଲି ସକାଳ ସୁଦ୍ଧା ଜମା କରିବାକୁ ପଡ଼ିବ । ବାକି ଯାହା କାଲି ଦେଲେ ଚଳିବ ।"

ମୁଁ ଆଖି ବନ୍ଦ କଲି, ଆମେ ବିତାଇଥିବା ପୁରୁଣା ଖୁସିର ଦିନକୁ ସ୍ମରଣ କଲି । ପଦ୍ମିନୀର ଶାନ୍ତ, ସରଳ ମୁହଁଟି ମତେ କାହିଁ ସ୍ପଷ୍ଟ ଦିଶିଲା ନାହିଁ । ସବୁ ଝାପ୍ସା । ତା' ପ୍ରତିବଦଳରେ ଆମ ପୁଅର ମୁହଁ ଖାଲି ଆଖି ସାମ୍ନାରେ ଭାସି ଉଠିଲା ।

ହଠାତ୍ ଯେମିତି ମୋର ହୃତ୍‌ସ୍ପନ୍ଦନ ଅଟକି ଗଲା । ତିନି ଲକ୍ଷ ଟଙ୍କା ! ମୋର ସବୁ ଜମାପୁଞ୍ଜି ମିଶିଲେ ଯାଇ ଏତିକି ହେବ । ଏମିତି ବି ଗତ ଦୁଇ ମାସରେ ମୋର ଅଜସ୍ର ଟଙ୍କା ଖର୍ଚ୍ଚ ହୋଇ ସାରିଥିଲା । ତା'ପରେ ଅସ୍ତ୍ରୋପଚାର ଯଦି ଅସଫଳ ହୁଏ, କିଛି ଲାଭ ହେବ କି ? କେଇଟା ଦିନର ଅତିଥି ପାଇଁ ଏ ଖର୍ଚ୍ଚ କ'ଣ ଯଥାର୍ଥ ! ଏକ ଅନିଶ୍ଚିତ ବର୍ତ୍ତମାନ ପାଇଁ କଅଁଳ ଭବିଷ୍ୟତକୁ ଜଳାଞ୍ଜଳି ଦେଇଦେବା କେତେ ଦୂର ଠିକ୍ ! ବଳକା ଯାହା ଗଚ୍ଛିତ ଅଛି ତା' ଆମ ପୁଅର । ସବୁ ସରିଗଲେ ସେ ଆଗକୁ ପାଠ ପଢ଼ିବ କେମିତି!

ଏ କଥା ଭାବିଲି ସିନା, ହେଲେ ମୋ ଭାବନାଟା ମତେ କୁତ୍ସିତ ମନେ ହେଲା ।

ଲୋକେ ଜାଣିଲେ କ'ଣ ଭାବିବେ । ନିହାତି ସ୍ୱାର୍ଥବାଦୀ ! ପୁତ୍ର ପ୍ରତି ମୋହାବିଷ୍ଟ । ସ୍ତ୍ରୀକୁ ଅଧରାସ୍ତାରେ ଛାଡ଼ି ଦେଉଛି !

ତା' ପର ଦୁଇଦିନ ଯାଏ ଡାକ୍ତରଙ୍କୁ ଉତ୍ତର ନ ଦେଇ ମୁଁ ନିରବ ରହିଲି । ପଦ୍ମିନୀର ଶେଯଧାରରେ ମୁହଁ ପୋତି ଏଇ କଥାକୁ ମନେ ମନେ କେତେ ବାର ଘୋଷି ହେଇଥିବି କେଜାଣି ! ଖୁବ୍ ଦ୍ୱନ୍ଦରେ ଘାଣ୍ଟି ହେଲି । କିଏ ଦେବ ଉଚିତ୍ ପରାମର୍ଶ ! ନିଜେ ପଦ୍ମିନୀ ଥରେ ମାତ୍ର ଆଖି ଖୋଲି ଏ ଦ୍ୱନ୍ଦରୁ ମତେ ମୁକ୍ତ କରି ଦିଅନ୍ତା ନାହିଁ! ଥରେ ଥରେ ପରିସ୍ଥିତି ମଣିଷକୁ କେତେ ଅସହାୟ କରିଦିଏ ସତେ ! ନା, ଏବେ ନିଷ୍ପତ୍ତି ନେବାର ବେଳ କେବଳ ମୋର । ଭାବପ୍ରବଣ ନ ହୋଇ ବାସ୍ତବତାକୁ ଗ୍ରହଣ କରିନେବା ମୋ ପକ୍ଷେ ଉଚିତ୍ ହେବ । ମନ ଦୃଢ଼ କଲି । ପଦ୍ମିନୀକୁ ମନେମନେ କ୍ଷମା ମାଗିନେଲି ।

ତା' ଅବଚେତନ ମନଟି କ'ଣ ମୋ ହୃଦୟକୁ ପଢ଼ି ନେଲା କି ? ସେ କ'ଣ ମୋ ନିଷ୍ପତ୍ତିକୁ ଗ୍ରହଣ କରିନେଲା !

ଠିକ୍ ତୃତୀୟ ଦିନ ସକାଳୁ ସେ ଚିରନିଦ୍ରାରେ ଶୋଇଗଲା ।

ତା' ମୃତ୍ୟୁ ସହ ସେଇ ଦୁଃଖଦ ଅଧ୍ୟାୟର ଅନ୍ତ ଘଟିଲା ।

ସମୟ କାହାକୁ ଅପେକ୍ଷା କରେନା ।

ଅବିରାମ ଗତିରେ ଗଡ଼ି ଚାଲିଲା । କେମିତି ଚଉଦ ବର୍ଷ ବିତିଗଲା ଜଣାପଡ଼ିଲା ନାହିଁ।

ଆଜକୁ ଠିକ୍ ଏଗାର ଦିନ ତଳେ ମୁଁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ଶିକାର ହେଇଥିଲି। ମୋର ପୁରୁଣା ସ୍କୁଟରଟି ଭାଙ୍ଗିରୁଜି ଚୂରମାର୍ ହୋଇ ଯାଇଥିଲା, ମୁଁ ଅଳ୍ପକେ ବଞ୍ଚିଗଲି। ଖୁବ୍ ସଙ୍କଟାପନ୍ନ ଅବସ୍ଥାରେ ମତେ ଆଣି ଡାକ୍ତରଖାନାରେ ଭର୍ତ୍ତି କରି ଦିଆଗଲା ।

ଏ ସେଇ ସ୍ଥାନ, ଯେଉଁଠି ମୋ ସ୍ତ୍ରୀ ଶେଷ ନିଶ୍ୱାସ ତ୍ୟାଗ କରିଥିଲା। ଦୀର୍ଘ ଚଉଦବର୍ଷ ଭିତରେ ତା' ରୋଗ ଯନ୍ତ୍ରଣାର ଦୃଶ୍ୟକୁ ମୁଁ ସମ୍ପୂର୍ଣ୍ଣ ଭୁଲି ସାରିଥିଲି ।

ପ୍ରକୃତରେ ଭୁଲି ଯିବାଟା ହିଁ ଜୀବନ!

ପ୍ରଥମ ଦୁଇଦିନ ଆପଦକାଳୀନ ବିଭାଗ ତା'ପରେ ଆଇସିୟୁକୁ ମତେ ନେଇଗଲେ ।

ଏକମାତ୍ର ପୁଅ ଓ ବୋହୂ ଥିଲେ ମୋ ସଂସାର । ପୁଅ ତ ଥିଲା ମୋ ନୟନପିତୁଳା । ଜୀବନରେ ପୁଅଟିଏ ମୋର ଏକାନ୍ତ କାମ୍ୟ ଥିଲା । କାରଣ ମୁଁ ଜାଣେ, ମୃତ୍ୟୁ ପରେ ପୁତ୍ର ଦ୍ୱାରା ଜଳତର୍ପଣ ହିଁ ପିତୃପୁରୁଷର ମୋକ୍ଷ ପ୍ରାପ୍ତି ହୁଏ। ମୁଁ ବହୁତ ଭଲପାଏ ତା'କୁ ।

ସେଥିପାଇଁ ତ ସ୍ତ୍ରୀକୁ ତା' ଭାଗ୍ୟ ହାତରେ ଛାଡ଼ି ଦେଇ ପୁଅକୁ ଆଗରେ ରଖି ଥିଲି । ସ୍ତ୍ରୀର ମୃତ୍ୟୁ ପରେ ଚାହିଁ ଥିଲେ ଦ୍ୱିତୀୟ ବିବାହ କରି ପାରି ଥାଆନ୍ତି; କିନ୍ତୁ କଲି ନାହିଁ। ସାହିପଡ଼ିଶା, ବନ୍ଧୁବାନ୍ଧବ କ'ଣ କହିବେ ? ପିଲାଟିକୁ ଏକୁଟିଆ ମଣିଷ କରିପାରିଲା ନାହିଁ, ନିଜର ଖୁସି ପାଇଁ ବିଭା ହୋଇ ପଡ଼ିଲା ! ସମାଜରେ ମୋର ସ୍ଥାନ ଅଲଗା ପ୍ରକାର। ଦୃଢ଼ ଆତ୍ମବଳ ଥିବା ଜଣେ ଶୃଙ୍ଖଳିତ ମଣିଷ। କୌଣସି ପ୍ରକାରେ ମୁଁ ଚାହେଁନା କି ମୋର ଏଇ ଭାବମୂର୍ତ୍ତି ସାମାନ୍ୟ କ୍ଷୁଣ୍ଣ ହେଉ ।

ପୁଅ ପୂରା ମୋ ପରି ଆଦର୍ଶବାଦୀ । ମୋ ପାଇଁ ତା'ର ବହୁତ ଆଦର ସମ୍ମାନ। ଆଜି ଯାଏ ରୋଜଗାରକ୍ଷମ ହୋଇପାରିଲା ନାହିଁ

ସତ, କିନ୍ତୁ ସେ ପୂରା ଆଜ୍ଞାଧୀନ । ମୋ ବନ୍ଧୁ ମହଲରେ ତା'ର ଖୁବ୍ ସୁନାମ । ପୁଅ ହେବ ତ ଏମିତି ।

ଲୋକ କୁହନ୍ତି ମୁଁ କୁଆଡ଼େ ଦଶରଥ ପରି ବାପାଟିଏ । ତା' ବିହୁନେ ମୋ ପ୍ରାଣ ଛାଡ଼ି ଯିବ। କିଏ କିଏ କୁହନ୍ତି ସେ ମୋର ଶ୍ରବଣ କୁମାର। ବାପା ମାନେ ତା' ଜୀବନ। ଏହା ନିରାଟ ସତ୍ୟ ।

ମୋର ଦୃଢ଼ ବିଶ୍ୱାସ, ମୋ ପାଇଁ ସେ କିଛି ବି କରିପାରେ। ତା' ନବବିବାହିତା ସ୍ତ୍ରୀକୁ ବି ସେ ଆଡ଼ କରି ଦେଇଥିଲା ନା' ମୋ ପାଇଁ!

ସେ ସମୟ ମୋ ପରିବାର ପାଇଁ ଦୁର୍ଭାଗ୍ୟପୂର୍ଣ୍ଣ ଥିଲା। ନୂଆ ବୋହୂଟି କାହା ପାଖରୁ ଖବର ପାଇଲା ଯେ ଶଶୁର କୁଆଡ଼େ ଦୀର୍ଘ ସମୟ ଧରି ଜଣେ ଅଳ୍ପ ବୟସର ଝିଅ ସହ ସମ୍ପର୍କ ରଖିଛନ୍ତି । ସେ ବିଶ୍ୱାସ କରିଗଲା ।

ଧୀରେ ଧୀରେ ଘରେ ତା' ପ୍ରାଦୁର୍ଭାବ ଆରମ୍ଭ କଲା। ମତେ ତ ମୁହଁରେ କିଛି କହିବାକୁ କାହାର ସାହସ ନାହିଁ। କଥା କଥାରେ ପୁଅକୁ କହିଲା "ତୁମେ ପରା କହୁଥିଲ ତୁମ ବାପା ଭାରି ଆଦର୍ଶବାଦୀ। ତମେ ଏ କଥା ଜାଣିନ ବୋଧେ ପାଖାପାଖି ତୁମରି ବୟସର ସେ ଯେଉଁ ଝିଅ 'ରୁପାଲୀ' ...ଛିଃ ଲାଜ ଲାଗୁନି ତୁମ ବାପାଙ୍କୁ, ନିଜ ପୁଅ ବୟସର ଗୋଟେ ଝିଅ ସହିତ...। ଆଗରୁ ଜାଣିଥିଲେ ମୋ ପରିବାର ଏଠି କେବେ ବନ୍ଧୁ ବାନ୍ଧି ନଥାନ୍ତେ। ତମେ କାଳେ ମିଛ ଭାବିବ ତେଣୁ ସବୁ ତଥ୍ୟ ମୁଁ ନିଜେ ସଂଗ୍ରହ କଲି। କଲେଜ ଛକରେ ଘର ଭଡ଼ା ନେଇ ତା'କୁ ରଖେଇଛନ୍ତି। କହିବ ଯଦି ତଥ୍ୟ ସହ ସବୁ ପ୍ରମାଣ ଦେଇଦେବି । ନିଜେ ଯାଇ ବି ପଚାରି ପାର ତାଙ୍କୁ। ଏ ବୟସରେ କି ଲୀଳା ଲଗେଇଛନ୍ତି । ଆଉ କେବେଠୁ ଚାଲିଛି ଏ ପାଲା। ଛିଃ କି ବାଜେ ମଣିଷ! ଚରିତ୍ରହୀନ!"

ଧଡ଼ାସ୍ କରି ପୁଅ ତା' ଗାଲରେ ଗୋଟିଏ ଶକ୍ତ ଚାବଡ଼ା ମାରିଥିଲା ।

"ତମ ସାହସ କେମିତି ହେଲା ତାଙ୍କୁ ଚରିତ୍ରହୀନ କହିବାକୁ, କାହା କାନକୁହା କଥାରେ ମୁଁ ଭାସି ଯିବା ମଣିଷ ନୁହେଁ। ସେ ମୋ ବାପା । ମୋ ପାଇଁ ସାରାଜୀବନ ତ୍ୟାଗ କରିଛନ୍ତି । ସେ ଘରର ମୁରବି । ତାଙ୍କ ମୁହଁରେ ପ୍ରଶ୍ନ ରଖିବାର ଅଧିକାର ମୋର ନାହିଁ। ଆଉ ତାଙ୍କ ବିରୁଦ୍ଧରେ ମୁଁ ପଦେ ବି ଶୁଣି ପାରିବି ନାହିଁ।"

ପାଖ ବଖରାରେ ମୁଁ ମିଛରେ ଶୋଇ ରହିଥିଲି। ମୋ ଆଖିରୁ ଦି' ଧାର ଲୁହ ବହିଗଲା; କିନ୍ତୁ ମୁଁ ସେମିତି ପଡ଼ିରହିଲି । ଉଠି ଆସିଲି ନାହିଁ କି ତାଙ୍କ ଯୁକ୍ତିତର୍କ ମଝିରେ ପଶିଲି ନାହିଁ।

ତାଙ୍କ କଥା ବହୁତ ଆଗକୁ ବଢ଼ି ଗଲା । ବାପା ଗୁଣେ ପୁଅ, 'ଲମ୍ପଟ'– ଏ ଆଖ୍ୟା ଦେଇ ଆଉ କେବେ ନ ଫେରିବାର ନିଷ୍ଠୁର ନିଷ୍ପତ୍ତି ନେଇ ବୋହୂ କାନ୍ଦିକାନ୍ଦି ତା' ବାପଘରକୁ ଚାଲିଗଲା । ପୁଅ ମତେ କେବେ ପଦଟିଏ ବି

ପ୍ରଶ୍ନ କଲା ନାହିଁ କି ମତେ ଛାଡ଼ି କୁଆଡ଼େ ଗଲା ନାହିଁ ।

ସାହିଭାଇ ଅସଲ କଥା ଜାଣିଲେ ନାହିଁ, ଖାଲି ଜାଣିଲେ ବୋହୂ କୁଆଡ଼େ ଶଶୁରକୁ ଅସମ୍ମାନ କରି ଘର ଛାଡ଼ିଚି । ପୁଅ, ସ୍ତ୍ରୀ କଥାରେ ଭାସି ଯାଇନି । ବାପାଙ୍କୁ ଛାଡ଼ିପାରିନି । ସଭିଙ୍କ ଆଗରେ ଆମ ବାପପୁଅଙ୍କ ସମ୍ପର୍କ ଏକ ଦୃଷ୍ଟାନ୍ତ ପାଲଟିଗଲା । ପୁଅକୁ ବାଃ ବାଃ କଲେ । ମୋ ଛାତି ବି ଗର୍ବରେ ଫୁଲି ଉଠିଲା । ଏକ ସମୟରେ ତା'ର ମୋ ପ୍ରତି ଭଲପାଇବା ଓ ତ୍ୟାଗ ପାଖରେ ମୁଁ ମନେମନେ ଛୋଟ ହେଇଗଲି; କାରଣ ବୋହୂର ରହସ୍ୟ ଉନ୍ମୋଚନ ଘଟଣାଟା ସତ ଥିଲା ।

ପ୍ରତି ମଣିଷର କିଛି ନା କିଛି ଅନ୍ଧାରି ଅଧ୍ୟାୟ ଥାଏ ଯାହାକୁ ସେ ଖୁବ ସତର୍କତାର ସହ ଛାତି ତଳେ ଲୁଚାଇ ରଖିଥାଏ ।

ରୁପାଲୀ କଥା ମୋର ସମ୍ପୂର୍ଣ୍ଣ ବ୍ୟକ୍ତିଗତ । ଏଥିରେ କାହାର କ୍ଷତି ତ ହେଉ ନ ଥିଲା । ବୋହୂର ସେଥିରେ ହସ୍ତକ୍ଷେପ କରିବାର ନ ଥିଲା । ଯେଉଁ କଥାକୁ ମୁଁ ଦୀର୍ଘକାଳ ଲୁଚାଇ ରଖିଥିଲି ସେ କାହିଁକି ତା'ର ସନ୍ଧାନ ନେଇ ପ୍ରଘଟ କରିବାକୁ ବସିଥିଲା ! ସେ ଗଲା ତ, ଭଲ ହେଲା । ନ ହେଲେ ସମାଜ ଆଗରେ ମତେ ଅପଦସ୍ଥ କରାଇଥାଆନ୍ତା ।

ମୁଁ ସ୍ୱାର୍ଥବାଦୀ ନୁହେଁ । ପୁଅର ଖୁସି ଚାହେଁ; କିନ୍ତୁ ମୁଁ ନିରୁପାୟ ।

କ'ଣ ବା କରି ଥାଆନ୍ତି ! ବହୁତ ତ୍ୟାଗ କରିଛି । ମନ ମାରିକି ରହିଛି । ଯେତେ କଷ୍ଟ ହେଲେ ବି ପୁଅକୁ ଏକୁଟିଆ ମଣିଷ କରିଛି । ଦ୍ୱିତୀୟ ବିବାହ କରିନାହିଁ କି ମୋ ପୁଅ ପ୍ରତି ଅବହେଳା କରି ନାହିଁ । ଗୋଟି ଗୋଟି କରି ସବୁ ପଇସା ସଞ୍ଚୟ କରିଛି କେବଳ ତା' ପାଇଁ । ରୁପାଲୀ ପଛରେ ମୁଁ ଅମାପ ଧନ ଉଡ଼ାଇ ଦେଇ ନାହିଁ ।

ଶରୀର ଅଛି ମାନେ ଜ୍ୱାଳା ବି ଅଛି । ସ୍ତ୍ରୀ ଗଲା ପରେ କେତେ ଆଉ ପୀଡ଼ା ସହି ଥାଆନ୍ତି । ରୁପାଲୀ ଅଳ୍ପ ବୟସର ନିଆଶ୍ରୀ ଝିଅଟିଏ । ଅପୂର୍ବ ସୁନ୍ଦରୀ । କେମିତି କ'ଣ ହେଲା କେଜାଣି ତା' ସହ ମୋର ସମ୍ବନ୍ଧ ଗଢ଼ି ଉଠିଲା । ସେ ଝିଅଟି ପେଟକୁ ଦାନା ପାଉ ନ ଥିଲା କି ଦେହ ଢାଙ୍କିବାକୁ କନା । ସେତେବେଳେ ତ ତା'ର ଆହୁରି ନିରୋଳା କଞ୍ଚା ଦେହ । କାହାର ଛାତି ସହିବ ! କେମିତି ବେସାହାରା ଛାଡ଼ି ଦେଇଥାଆନ୍ତି ଏମିତି ଅସହାୟ ଝିଅଟିକୁ । ସେ ଭାରି ଭଲପାଏ ମତେ । ବିନା ପ୍ରତିବାଦରେ ମୋର ସବୁ ପୀଡ଼ା ଲାଘବ କରିଦିଏ । ଆଉ ମୁଁ ତା' କଥା ବୁଝନ୍ତି ନା ନାହିଁ !

ପ୍ରତି ମାସରେ ମୁଁ ତା' ପାଇଁ ସଉଦାପତ୍ର କିଣି ନେଇ ଯାଏ । ସମୟ ବ୍ୟବଧାନରେ ଲୁଗାପଟା । ସେ ବହୁତ ଅଳି କଲେ ସୁନାର ନାକଗୁଣାଟିଏ କି ପାଦକୁ ରୁପା ପାଉଁଜି ହଳେ କିଣିଥିବି ।

ଦିନେ ତା' ମୁକୁଳା କେଶକୁ ମୋ ଖୋଲା ଛାତିରେ ଲୋଟାଇଦେଇ ଗେହ୍ଲେଇ ହେଇ କହିଲା "ଏମିତି ଆଉ କେତେ ଦିନ ଚାଲିବ, ମୋ ପାଇଁ କିଛି ଗୋଟେ ସ୍ଥାୟୀ ଥଇଥାନ କରି ଦେଉନ । ଛୋଟିଆ ଷ୍ଟେସନାରୀ ଦୋକାନଟିଏ ହେଲେ ବି ଚଳନ୍ତା । ମୁଁ ସେଥିରେ ଚଳି ଯାଆନ୍ତି । ତୁମର ତ ଏତେ ଧନ, ଏକ ମାତ୍ର ପୁଅ । ବୋହୂ ବି ଘର ଛାଡ଼ି ପଳେଇଛି ପରା ?"

ତା' କଥାଗୁଡ଼ା ମୋ ଛାତିକୁ ବିନ୍ଧି ଗଲା । ଦୋକାନ ଯାଏ ଠିକ୍ ଥିଲା, ଇଏ କ'ଣ ମୋ ଧନ ସମ୍ପତ୍ତି ଉପରେ ନଜର ପକେଇଲାଣି । ମୋ ଘରକଥା ବି ଖବର ରଖୁଛି ।

ଖୁବ୍ ବାଗରେ ତା' ପାଖରୁ ଖସି ଆସିଲି । ସେବେଠାରୁ ଆଉ କେବେ ଯାଇ ନ ଥିଲି ।

ସେଦିନ ଆଇସିୟୁ ଭିତରେ ମୋ ପୁଅ ସହ ତା' କଣ୍ଠସ୍ୱର ଅନୁଭବ କରି ଚକିତ ହୋଇଗଲି । ଇଏ ଏଠି କେମିତି!

ଭିଜିଟିଂ ଆୱାରରେ ଦୁହେଁ ଆସି ମୋ ଶେଯ ଧାରରେ ଛିଡ଼ା ହେଇଥାଆନ୍ତି ।

ବୋଧହୁଏ ପୁଅର ବାହୁକୁ ଭିଡ଼ି ଧରି ସାନ୍ତ୍ୱନା ଦେଉଥିଲା ।

"ଚିନ୍ତା କରନି, ଈଶ୍ୱରଙ୍କର ଯାହା ଇଚ୍ଛା ସେୟା ହେବ । ତୁମ ବାପାଙ୍କ ପାଇଁ ତୁମେ ଡେର୍ କଲଣି । ମୁହଁ ଶୁଖି ଗଲାଣି ତୁମର । ତୁମକୁ ଦେଖିଲେ ମତେ ଭାରି ଦୟା ଲାଗୁଚି । ମତେ ଭୁଲ୍ ବୁଝିବନି । ତୁମ ବାପାଙ୍କ ସହ ମୋର କିଛି ଅନୈତିକ ସମ୍ପର୍କ ନ ଥିଲା । ତୁମ ସ୍ତ୍ରୀ ମୋ ପାଇଁ ଘର ଛାଡ଼ିଲେ ସେଥିପାଇଁ ମୁଁ ଦୁଃଖିତ ।"

"ଦେଖା ହେବା ଦିନ ହିଁ ଏକଥା ତୁମେ ମତେ କହି ସାରିଛ । ତୁମକୁ ଭୁଲ୍ ବୁଝିବାର ପ୍ରଶ୍ନ ଉଠୁନି ରୁପାଲୀ । ତାଙ୍କ ସହ ତୁମର କ'ଣ ଥିଲା ନ ଥିଲା ମୁଁ ସେ କଥା କେବେ ଭାବିନି । ତୁମେ ଯେ ବହୁତ ସୁନ୍ଦର, ତୁମକୁ ଦେଖି ଯଦି କାହାର ନିୟତ ଖରାପ ବି ହୁଏ ସେଇଟା ତା'ର ଭୁଲ୍, ତୁମର ନୁହେଁ । ତୁମେ ବହୁତ ଭଲ । ବାପା ଏଡ଼ମିଟ୍ ହେଲା ପରେ କେଉଁଠୁ, କେମିତି ଖବର ପାଇ ତୁମେ ମୋ ଜୀବନରେ ଚାଲି ଆସିଲ ଓ ମତେ ସମ୍ଭାଳି ନେଲ, ତା' ମୋ ପାଇଁ ବହୁତ ବଡ଼ କଥା । ଏ ଅସମୟରେ ମତେ ଜଣଙ୍କ ସାହାରା ଦରକାର ଥିଲା । ତୁମକୁ ଧନ୍ୟବାଦ । ତୁମେ ମୋ ସାଥିରେ ନ ଥିଲେ ମୁଁ ପୂରା ଭାଙ୍ଗି ପଡ଼ିଥାଆନ୍ତି ।"

"ସାହିଭାଇ ଅସଲ କଥା ଜାଣିଲେ ନାହିଁ, ଖାଲି ଜାଣିଲେ ବୋହୂ କୁଆଡ଼େ ଶଶୁରକୁ ଅସମ୍ମାନ କରି ଘର ଛାଡ଼ିଚି । ପୁଅ, ସ୍ତ୍ରୀ କଥାରେ ଭାସି ଯାଇନି । ବାପାଙ୍କୁ ଛାଡ଼ିପାରିନି । ସଭିଙ୍କ ଆଗରେ ଆମ ବାପପୁଅଙ୍କ ସମ୍ପର୍କ ଏକ ଦୃଷ୍ଟାନ୍ତ ପାଲଟିଗଲା । ପୁଅକୁ ବାଃ ବାଃ କଲେ । ମୋ ଛାତି ବି ଗର୍ବରେ ଫୁଲି ଉଠିଲା ।"

କେଡ଼େ ବଜାତ୍ । କୋଉଠୁ ଖବର ପାଇ ମୋ ପୁଅକୁ ହାତ କରି ସାରିଲାଣି । ସୁବିଧା ପାଇ ଚାଲି ଆସିଛି ।

କୋମା ଅବସ୍ଥାରେ ମଣିଷର ଶରୀର ଅଚଳ ହେଇଯାଏ, ହେଲେ ହୃଦୟ ସ୍ପନ୍ଦିତ ହେଉଥାଏ । ଚେତନାଠାରୁ ଅବଚେତନ ମନ ବେଶ୍ ଶକ୍ତିଶାଳୀ । ମନ ଯେତେ ଶକ୍ତିଶାଳୀ ହେଉନା କାହିଁକି ଶରୀର ନିଷ୍କ୍ରିୟ ହେଲେ ମଣିଷ ନିରୁପାୟ ହେଇଯାଏ । ମାତ୍ର କେଇ ମୁହୂର୍ତ୍ତ ପାଇଁ ଜାଗ୍ରତ କରେଇ ଦିଅନ୍ତେ ନାହିଁ ଈଶ୍ୱର ! ପୁଅକୁ ସବୁ ସତ୍ୟ କହି ଦିଅନ୍ତି । ରୁପାଲୀ ଛଳନା କରୁଛି ବୋଲି । ଆହା, ବିଚରା ମୋ ପୁଅ!

"ଶୁଣ ରୁପାଲୀ ! ଆଜି ବି ଡାକ୍ତର ଠିକ୍‌ରେ କିଛି କହୁ ନାହାନ୍ତି । ଏଗାର ଦିନ ହୋଇଗଲା । ଆଉ କେତେଦିନ ପକାଇ ରଖିବା ? ଆଇସିୟୁର ବେଡ୍ ଚାର୍ଜ କେତେ ଜାଣିଚ ? ତା' ବାଦ୍ ଅନ୍ୟାନ୍ୟ ଖର୍ଚ୍ଚ । ଓଃ, ମୋ ମୁଣ୍ଡ କାମ କରୁନି!"

ମୋ ଆତ୍ମା ଥରି ଉଠୁଥିଲା । ଡରି ଯାଆନା ପୁଅ । ତୋ' ଅଜାଣତରେ ମୁଁ ତୋ ପାଇଁ ବହୁତ ଟଙ୍କା ଗଚ୍ଛିତ ରଖିଛି । ଯେଉଁଠି ଯାହା ସଞ୍ଚୟ କରିଛି, ମୁଁ ମରିଗଲେ ତୁ ଆଉ ତାହା ଜାଣି ପାରିବୁନାହିଁ । ତତେ ଜଣାଇବା ପାଇଁ ସମୟ ଆସିବା ପୂର୍ବରୁ ମୋର ଏ ଅବସ୍ଥା । କେମିତି କ'ଣ କରି ଆଉ କିଛି ଦିନ ଅପେକ୍ଷା କରି'ଯା । ଧୈର୍ଯ୍ୟ ଧର । ଚିନ୍ତା କରନା, ମୁଁ ବଞ୍ଚିଥିବା ଯାଏ ତୋର ଅଭାବ ରହିବ ନାହିଁ । ଥରେ ଖାଲି ମତେ ସୁସ୍ଥ କରି ଦେ । ମୋର ମନୋବଳ ବହୁତ । ମୁଁ ଆହୁରି କିଛିବର୍ଷ ଜିଇ ଯିବି । ତୋ' ଜୀବନ ସୁଧାରି ନେବି । ମୋର ଚିନ୍ତା ହେଲା, ତୁ ଏବେ ବି ପିଲା । ଦୁନିଆ କ'ଣ ଜାଣିନୁ । ଦେଖ୍ ସେ ରୁପାଲୀ ତତେ କେମିତି ଧୋକା ଦେଉଛି । ତା' କଥାରେ ଭଳି ଯା'ଆନା । ତୁ କେମିତି ଜାଣିବୁ ମୁଁ ତୋ' ପାଇଁ କ'ଣ କ'ଣ ଭାବିଛି ! ବହୁତ କାମ ବାକି ଅଛି । ଓଃ, ଏ ଭାବନାକୁ ମୁଁ ଭାଷାରେ ପ୍ରକାଶ କରିପାରନ୍ତି ହେଲେ ! ଏ କି ବିବଶତା ପ୍ରଭୁ! ଛାତି ଭିତରେ ଅସମ୍ଭାଳ କମ୍ପନ !

"ନା ରୁପା, ମୁଁ ଆଉ ପାରିବିନି । ଥକି ଗଲିଣି । ନିତି ଧାଁ ଦୌଡ଼ । ଘରୁ ଡାକ୍ତରଖାନା ହେଇ ହେଇ ମୁଁ ନୟାନ୍ତ ହେଇଗଲିଣି । ମୁଁ ନିର୍ଣ୍ଣୟ ନେଇ ସାରିଛି । ଆଜି ଡାକ୍ତରଙ୍କ ସହ କଥା ବି ହେଇଛି । ଲାଇଫ୍ ସପୋର୍ଟ ସିଷ୍ଟମ କାଢ଼ି ତାଙ୍କୁ ଘରକୁ ନେଇଯିବି । ତା'ପରେ ଯାହା ତାଙ୍କ କପାଳରେ ଥିବ, ହବ ।"

"ମୁଁ ତ ପ୍ରଥମରୁ ସେୟା କହୁଛି । ତମକୁ କ'ଣ ଲାଗୁଛି ସେ ଆଉ ଆଖି ଖୋଲିବେ ? ଦେଖୁନ କେମିତି ନିର୍ଜୀବ ପରି ଆଁ ମେଲେଇ ପଡ଼ିଛନ୍ତି । ସେ ତୁମ ବାପା । ତୁମ ପାଇଁ ସେ ବହୁତ ତ୍ୟାଗ କରିଛନ୍ତି । ତୁମେ କାଳେ ଖରାପ ଭାବିବ ବୋଲି ମୁଁ ଜୋର୍ ଦେଇ କହୁ ନ ଥିଲି ।"

"ଏଥିରେ ଖରାପ ଭାବିବାରେ କିଛି ନାହିଁ । ଏହା ହିଁ ବାସ୍ତବ । ଭାବପ୍ରବଣତାରେ ଭାସି ମୁଁ ଅଧିକ କିଛି ଆର୍ଥିକ ବୋଝ ନେବାକୁ ଚାହୁଁ ନାହିଁ । ଆଉ ରହିଲା ତ୍ୟାଗ । ତା' ତ ମୁଁ ବି ବହୁତ କରିଛି । ତାଙ୍କରି କଥାରେ ତ ଉଠ୍‌ବସ୍ ହୁଏ । ମୋ ଇଚ୍ଛାରେ ହେଉଛି କିଛି? ଲୋକ କୁହନ୍ତି ଆଜ୍ଞାଧୀନ । ସେ ଆଜ୍ଞାଧୀନ ହେବା କିଛି ସହଜ ବେପାର ନୁହେଁ । ଗତ ଆଠ ମାସ ହେଲା ଏ ଯୁବା ବୟସରେ ନବ ବିବାହିତା ସ୍ତ୍ରୀକୁ ଛାଡ଼ି ମୁଁ କେମିତି ଜଳିଜଳି ମରିଛି, ବାପା କ'ଣ ପଚାରିଛନ୍ତି ଦିନେ ? ଯା ବୋହୂକୁ ବୁଝାସୁଝା କରି ତା' ବାପଘରୁ ଫେରାଇ ଆଣିବୁ ବୋଲି କହିଛନ୍ତି ଦିନେ ? ନିର୍ଲଜ୍ଜ ପରି ଏ କଥା କ'ଣ ମୁହଁ ଖୋଲି କହି ଥାଆନ୍ତି ତାଙ୍କୁ ! ତୁମେ ଅଚାନକ ମୋ ଜୀବନରେ ଚାଲି ଆସିଲ ସେଇଟା ମୋ ଭାଗ୍ୟ । ତୁମେ ନ ଥିଲେ ମୋ ଅବସ୍ଥା କ'ଣ ହେଇ ଥାଆନ୍ତା ଜାଣେନା । ଜାଣିଛ, କଲେଜଛକଠାରୁ ଟିକିଏ ଦୂରରେ ଆମର ଜାଗା ଖଣ୍ଡେ ପଡ଼ିଛି । ତା'ର ମୂଲ୍ୟ ଏବେ କାହିଁରେ କେତେ । ତା'କୁ ବିକ୍ରି କରି ମୋଟର ସୋ'ରୁମ୍ ଆରମ୍ଭ କରିବି ବୋଲି ଦିନେ କହିଥିଲି ଯେ ଦି' ଦିନ ଯାଏ ବାପା ଭାତ ଖାଇଲେନି । ସେ ଜାଗା ଆଗକୁ ବହୁତ ମୂଲ୍ୟବାନ ହେବ । ଏବେ ବିକ୍ରି କରିବାର ପ୍ରଶ୍ନ ଉଠୁନି । ମୋର ବି କି ଅଧିକାର, ସବୁ ତ ତାଙ୍କ ନାଁରେ । ଜଣେ ଓକିଲଠାରୁ ବୁଝିଥିଲି ଯେ ସେ କହିଲେ ବାପା ବଞ୍ଚିଥିବା ଯାଏ ତମେ ମନକୁ ବିକି ପାରିବନି । ମୁଁ ଚୁପ୍ ରହି ବେକାର ହୋଇ ଘରେ ବସିଲି । ସବୁ ତ ତାଙ୍କ ଇଚ୍ଛାରେ ଚାଲିଥିଲା । ମୁଁ ତାଙ୍କ ଆଗରେ କେବଳ କାଠ କଣ୍ଢେଇ ।"

ନା ନା ପୁଅ, ସେକଥା ଭାବେନା । ମତେ ଭୁଲ୍ ବୁଝନା । ଯାହା କରିଛି ସବୁ ତୋର ମଙ୍ଗଳ ପାଇଁ । ଏ ସବୁ ସମ୍ପତ୍ତି ଉପରେ ଅଧିକାର କେବଳ ତୋର! ଈଶ୍ୱର କ୍ଷଣେ ମାତ୍ର ମୋ ପାଟି ଫିଟାଇ ଦିଅନ୍ତେ ନାହିଁ । ଆଜି ମୁଁ କେତେ ନିଃସହାୟ । ସବୁ ଜାଣୁଛି, ହେଲେ କିଛି କରିପାରୁ ନାହିଁ ।

"ଜାଣିଛ ରୁପା, ଆଜି ବାପାଙ୍କ ଏକାଉଣ୍ଟରୁ ସବୁ ଟଙ୍କା ଉଠେଇ ଆଣିଛି ।

> "କୋମା ଅବସ୍ଥାରେ ମଣିଷର ଶରୀର ଅଚଳ ହେଇଯାଏ, ହେଲେ ହୃଦୟ ସ୍ପନ୍ଦିତ ହେଉଥାଏ । ଚେତନାଠାରୁ ଅବଚେତନ ମନ ବେଶ୍ ଶକ୍ତିଶାଳୀ । ମନ ଯେତେ ଶକ୍ତିଶାଳୀ ହେଉନା କାହିଁକି ଶରୀର ନିଷ୍କ୍ରିୟ ହେଲେ ମଣିଷ ନିରୁପାୟ ହେଇଯାଏ । ମାତ୍ର କେଇ ମୁହୂର୍ତ୍ତ ପାଇଁ ଜାଗ୍ରତ କରେଇ ଦିଅନ୍ତେ ନାହିଁ ଈଶ୍ୱର ! ପୁଅକୁ ସବୁ ସତ୍ୟ କହି ଦିଅନ୍ତି । ରୁପାଲୀ ଛଳନା କରୁଛି ବୋଲି । ଆହା, ବିଚରା ମୋ ପୁଅ! "

ହସ୍ପିଟାଲ୍ ଚାର୍ଜ ଯାହା ସବୁ ପେମେଣ୍ଟ କରି ଘରକୁ ନେଇ ଯିବି । ତା' ପରେ ଯାହା ହେଉଛି ହେଉ । ଏଠି ଏମିତି ପାଣି ପରି ଟଙ୍କା ବୁହାଇ ହେବନି । ହଠାତ୍ ଯଦି ତାଙ୍କର କିଛି ହେଇଗଲା ତ ଶୁଦ୍ଧିକ୍ରିୟା କରିବାକୁ ପଡ଼ିବ । ସେ ଯେଉଁ ଖର୍ଚ୍ଚ ହେବ, ତା'କୁ ତ ମତେ ହିଁ କରିବାକୁ ପଡ଼ିବ ନା । ଆଉ କିଏ ଅଛି କି !

କେତେ ଲୋକ ହେବେ ଜାଣିଛ ? ସମସ୍ତଙ୍କୁ ନ ଡାକିଲେ ମତେ କ'ଣ କହିବେ ! ଲୋକସମ୍ପର୍କ ଥିଲେ କେତେବେଳେ କିଏ କାମରେ ଆସିବ, ଏଇ ଭାବନା ରଖି ସେ ତ ଖୋଜି ଖୋଜି ବହେ ସାଙ୍ଗସାଥି ଗୋଟେଇଛନ୍ତି । ନିଜ ଟଙ୍କା ତ, ମନ ଇଚ୍ଛା ଉଡ଼ାଉ ଥିଲେ, କିଏ କହିବ ତାଙ୍କୁ ! ତାଙ୍କ ବନ୍ଧୁ ମହଲରେ ବି ମୋ ସ୍ଥାନ ଅଲଗା । ଶ୍ରବଣ କୁମାର ମୁଁ । ସେ ଭାବମୂର୍ତ୍ତିକୁ ମୁଁ ଆଦୌ ହାନି କରିବାକୁ ଦେବି ନାହିଁ ।

ପାଖାପାଖି ଚାରିଶହ ଲୋକ ହେବେ । ତାଙ୍କ ଡାଏରିରୁ ତାଙ୍କର ସବୁ ସାଙ୍ଗସାଥିଙ୍କ ନମ୍ବର ବାହାର କରିଛି । ଭବ୍ୟ ଭୋଜି ଦେବି । ସମସ୍ତଙ୍କୁ ଡାକିବି । ଲୋକ ଦୀର୍ଘଦିନ ଯାଏ ମନେ ରଖିବେ, ଖାଇଥିଲେ ଗୋଟେ ଭୋଜି ।

କାଲି ରାତିରେ ତୁମେ ସିନା ଶୋଇଗଲ, ମତେ ଆଉ ନିଦ ହେଲାନି । ତମକୁ ବି ଆଉ ଉଠାଇଲି ନାହିଁ । ଏକୁଟିଆ ବସି ବସି ସବୁ ତାଲିକା କରି ସାରିଛି । କାହାକୁ କାହାକୁ ଡକା ହେବ । କେଉଁଠି ଟେଣ୍ଟ ଲାଗିବ । କେଉଁ ଡିଜାଇନ୍‌ରେ ନିମନ୍ତ୍ରଣପତ୍ର ଛପା ହେବ । ଖାଇବାରେ କେତେ ପ୍ରକାର ହେବ । ହଁ ଆଜି ଏଠାରୁ ଗଲା ପରେ ଖୋଜିକି ବାପାଙ୍କର ଗୋଟିଏ ହସହସ ମୁହଁବାଲା ଫଟୋ ନେଇ ଲାଇଫ୍ ସାଇଜ ପାଇଁ ଆଡଭାନ୍ସ ଅର୍ଡର ଦେବାକୁ ପଡ଼ିବ । ପେଟ ଯାଏ ଚନ୍ଦନ ହାର ଝୁଲିବ । ବାପା ସୁନ୍ଦର ଦିଶିବେ । ଫଟୋଟା ହେଇଗଲେ ଘରେ ନେଇକି ରଖି ଦେଇଥିବା । ଆରେ ତା'କୁ କରିବାକୁ ତ ପୁଣି ସମୟ ଲାଗିବ ନା! ଆଗ ସରିଯାଉ ସେ କାମ ।

ରୁପା, ତୁମେ କ'ଣ ଭାବୁଥିବ କେଜାଣି ! ମୁଁ କିନ୍ତୁ ନିର୍ଦ୍ଦୟ ନୁହେଁ । ବେଶ୍ ଭାବିଚିନ୍ତି ବିଚାର କରି କାମ କରିବା ମଣିଷ । ମୁଁ ଏକମାତ୍ର ପୁଅ, ଆଗରୁ ପ୍ରସ୍ତୁତ ନ ହେଲେ ମୁଁ ହିଁ ହଇରାଣ ହେବି ।

ପୁଅ ମୁହଁଟା ମତେ ଝାପ୍‌ସା ଦିଶୁଥିଲା । ଏଥର ମୋ ସ୍ତ୍ରୀ'ର ମୁହଁ ସ୍ପଷ୍ଟ ମନେ ପଡ଼ିଗଲା । ସତରେ ସମୟର ଚକ ଘୁରୁଥାଏ । ମୋ ସ୍ତ୍ରୀ ବି କ'ଣ ସେଦିନ ରୋଗଶଯ୍ୟାରେ ମୂକ ପ୍ରାୟ ପଡ଼ି ରହି ମୋ ଅନ୍ତର୍ମନର ବିଳାପକୁ ଏପରି ବୁଝି ପାରିଥିଲା ! ■■■

ପ୍ଲଟ ନଂ- ୧୨୮୫-ପି, ଗଡ଼ସାହି, ନୟାପଲ୍ଲୀ
ଭୁବନେଶ୍ୱର-୭୫୧୦୧୨
ଦୂରଭାଷ : ୭୬୮୩୮୧୪୦୪୨

ଶୁଭେଚ୍ଛା

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ
ଦାସଙ୍କ ପ୍ରତିଷ୍ଠିତ 'ସମାଜ'ର
୧୦୫ତମ ପ୍ରତିଷ୍ଠା ଦିବସ
ଉପଲକ୍ଷେ ସଦିଚ୍ଛା ବାର୍ତ୍ତା

ସମିତା ମିଶ୍ର

ଆଇଆଇସି, ଆଦର୍ଶ ଥାନା ନନ୍ଦନକାନନ , ଭୁବନେଶ୍ୱର

Education for all

ସରସ୍ୱତୀ ଶିକ୍ଷା ମନ୍ଦିର

(ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ)

୨୪ ବର୍ଷର ସଫଳତା ସହ

ନହରକଣ୍ଟା, ଭୁବନେଶ୍ୱର - ୭୫୧୦୩୫ , ମୋ - ୯୯୩୮୮୪୦୭୭୭, ୯୦୯୦୪୫୧୯୯୦, ୯୪୩୭୪୧୪୭୭୭, E-mail: ssmnkt@gmail.com

୧. ଶିଶୁ ପ୍ରାରମ୍ଭ(L.K.G.) : ବୟସ - ୩+ ବର୍ଷ
୨. ଶିଶୁ ବୋଧ(U.K.G) : ବୟସ - ୪+ ବର୍ଷ
୩. ପ୍ରଥମ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ

୨୫ % ସ୍ଥାନ ସଂରକ୍ଷିତ
ଅନୁସୂଚିତ ଜାତି, ଜନଜାତି ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ।

ଦଶମ ଶ୍ରେଣୀର
୧୦୦% ପାସ୍ ହାର
ବର୍ଷ(୨୦୧୨-୧୩)
(୨୦୨୩-୨୪)

ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ସର୍ବୋଚ୍ଚ ଫଳାଫଳ ୯୩ %
ଗଣିତ - ୧୦୦, ହିନ୍ଦୀ - ୧୦୦, ସଂସ୍କୃତ - ୧୦୦

ବିଶେଷ ସୁବିଧା

କମ୍ପ୍ୟୁଟର ଶିକ୍ଷା, ଚିତ୍ରାଙ୍କନ ଶିକ୍ଷା, ଓଡ଼ିଶୀ ନୃତ୍ୟ ଶିକ୍ଷା, ଗୀତା ଜ୍ଞାନ ଯୋଗ ଶିକ୍ଷା, ସଂଗୀତ ଶିକ୍ଷା, ସ୍କାଉଟ୍ସ ଓ ଗାଇଡ୍ସ, ଇକୋ କ୍ଲବ ଏବଂ ସ୍କୁଲ ବସ୍

CURE-WELL HOSPITAL

CH

CUREWELL HOSPITAL

FACILITIES :

- GYNAECOLOGY OPERATION
- GENERAL SURGERY OPERATION
- ORTHOPAEDIC OPERATION
- PLASTIC SURGERY OPERATION
- LAPROSCOPY OPERATION
- GENERAL MEDICINE

REGD. NO : JAG/00025/2022

PANISALIA ROAD, JAGATSINGHPUR, PIN : 754103 (ODISHA)
HOSPITAL NO : 06724-796704
E-MAIL : anjankumardas2013@gmail.com
curewellhospital99.jspur@gmail.com

ଘର

ବ୍ରହ୍ମାନନ୍ଦ ସ୍ୱାଇଁ

ଗଳ୍ପ, କବିତା, ଶିଶୁ ସାହିତ୍ୟ ସହ ଅନୁବାଦରେ ଗଭୀର ରୁଚି ରହିଛି । ଅବକ୍ଷୟମାଣ ସଂସ୍କୃତି ଓ ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ତାଙ୍କର ପ୍ରତିଟି ଲେଖାର ଅନ୍ତଃସ୍ୱର । ଗଳ୍ପ ସହ କବିତା, ଅନୂଦିତ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦର ଲାଭକରିଛି ।

ଅବନ୍ତିକାର ମୁହଁକୁ କିଛି ସମୟ ଚାହିଁଲା ସୁମିତ୍ରା । କହିଲା, "ଅପା ! ତୁମେ ମୋତେ ମୋ ଘରୁ ତଡ଼ି ଦେବାକୁ ଚାହୁଁଛ ?"

ହସି ହସି ଅବନ୍ତିକା କହିଲା, "ତୁ ମୋତେ ମିଛଟାରେ ଭୁଲ୍ ବୁଝୁଛୁ, ହଉ, ଏବେ ସଞ୍ଜ ହେଲାଣି, ବାବା-ମାଆଙ୍କ ଖବର ଟିକେ ବୁଝି ସାରି ଆସେ; ତା'ପରେ ତୋ ସାଙ୍ଗରେ କଥା ।

ସୁମିତ୍ରା ଚାଲିଯିବା ପରେ ଅବନ୍ତିକା ଭାବିଲା-ସୁମିତ୍ରାକୁ ସେ କିଛି ଭୁଲ୍ କଥା କହି ନାହିଁ ତ... ତା' ପୁଅ-ବୋହୂଙ୍କ ପାଖକୁ ଯିବାକୁ କହିଛି । ପୁଅ ବାହା ହୋଇ ସୁଖସଂସାର କଲାପରେ ସେହି ସୁଖରେ ସିଏ ବି ମିଶି ରହିବାଟା ଠିକ୍ ହେବ । ତା' ଦୁଃଖବେଳେ ସେ ଦିନେ ଏଠିକି

ସିନା ଆସିଥିଲା, ହେଲେ ତା' ସୁଖ ବେଳେ ଏଠି ତାକୁ ଆଉ ରଖିବା ଠିକ୍ ହେବ ନାହିଁ। ସୁମିତ୍ରା ହୁଏ ତ ତା' ବିବେକର ଚାପରେ ଛାଡ଼ି ଚାଲିଯିବାଟା କୃତଘ୍ନତା ହେବ ବୋଲି ଭାବୁଛି; କିନ୍ତୁ ଅବନ୍ତିକା ତ ପୁଣି ତା' ନିଜ ବିବେକଟା ଲଗେଇ ବିଚାର କରିବ।

ସୁମିତ୍ରା ଠିକ୍ କେତେବର୍ଷ ତଳେ ଏ ଘରକୁ ଆସିଥିଲା, ସେ କଥା ଆଉ ଅବନ୍ତିକାର ମନେ ନାହିଁ। ସେ ସ୍ୱାମୀ-ସ୍ତ୍ରୀ ଦୁହେଁ କର୍ମଜୀବୀ ହୋଇଥିବାରୁ ବବ୍‌ଲୁ ଛୋଟ ଥିବାବେଳେ ତା'ର ଦେଖାରଖା କରିବାକୁ ସେ ଦିନେ ଏଠିକି ଆସିଥିଲା। ହେଲେ ବବ୍‌ଲୁଠାରୁ ମାତ୍ର ଦୁଇ ବର୍ଷ ବଡ଼ ତା' ପୁଅଟିକୁ ସୁମିତ୍ରା ନିଜ ବାପା-ମାଆଙ୍କ ପାଖରେ ଛାଡ଼ିଦେଇ ଆସିଛି ବୋଲି ଅବନ୍ତିକା କେତେଦିନ ପରେ ଯେବେ ଜାଣିଲା, ସେବେ ତା' ମନଟା ଖୁବ୍ ଖଟ୍‌କା ଲାଗିଥିଲା ଖୁବ୍। ତା'ର ମନେହେଲା-ନିଜ ପିଲାର ସୁଖ ସୁବିଧା ପାଇଁ ସେ ଯେମିତି ଆଉ ଗୋଟିଏ ପିଲା ପାଖରୁ ତା' ମାଆଟାକୁ ଛଡ଼େଇ ଆଣିଛି।

ଏମିତି ଗୋଟାଏ ଭାବନା ତା' ମନ ଭିତରକୁ କୁଟ୍‌କୁଟ୍ କରି କାଟି ଚାଲିଥିଲା ସବୁବେଳେ। ତଥାପି ତା' ପାଖରେ ଆଉ କିଛି ବି ଅନ୍ୟ ବାଟ ନ ଥିଲା। ସୁମିତ୍ରାକୁ ନ ରଖିଲେ, ତା' ଅଫିସ୍ କାମ ସାଙ୍ଗରେ ବବ୍‌ଲୁ କଥା ସେ ବୁଝିବ କେମିତି ? ସୁମିତ୍ରା ବି ବବ୍‌ଲୁର ଦେଖାଶୁଣା ଅବନ୍ତିକାଠାରୁ ବେଶ୍ ଭଲଭାବେ କରୁଥିଲା। ସେମିତି ଭରସାଯୋଗ୍ୟ ଆଉ କେହି ଜଣେ ମିଳିବ ବୋଲି କାହିଁ ବିଶ୍ୱାସ ଆସୁ ନ ଥିଲା ଜମା। ତେଣୁ ସୁମିତ୍ରାର ନିବିଡ଼ ଆତ୍ମୀୟତା ଭିତରେ ତା'କୁ ଦୂରେଇ ଦେବା ଭାବନାଟା ଅବନ୍ତିକାର ମନ ଭିତରୁ ଧୀରେ ଧୀରେ ଲିଭି ଆସିଥିଲା।

ତେବେ ସୁମିତ୍ରା ଆସିବା ଅଳ୍ପ କେତେଦିନ ପରର ଗୋଟାଏ ଘଟଣା ବେଳେବେଳେ ଅବନ୍ତିକାର ମନେ ପଡ଼ିଗଲେ, ତାକୁ କଷ୍ଟ ଲାଗେ ଖୁବ୍। ଦିନେ ସନ୍ଧ୍ୟାରେ ଅବନ୍ତିକା ଅଫିସ୍‌ରୁ ଫେରିବା ପରେ ସୁମିତ୍ରା ତା' ପାଖକୁ ଆସି କାନ୍ଦିଲା। କାହାର ଲୁହ ଦେଖିଲେ ପିଲାଦିନରୁ ବ୍ୟସ୍ତ ହୋଇଯାଉଥିବା ଅବନ୍ତିକା ନିରବରେ ଠିଆ ହୋଇଥିବା ସୁମିତ୍ରାର ଲୁହକୁ ପୋଛି ପକେଇ ଆବାକାବା ହୋଇ ଚାହିଁଲା ତା'କୁ। ସୁମିତ୍ରା କହିଲା, "ତରକାରି ଟିକିଏ ଲୁଣିଆ ହୋଇ ଯାଇଥିବାରୁ ମାଆ ଆଜି ମତେ ଦି'ପହରେ ଖୁବ୍ ଗାଳିଦେଲେ। କହିଲେ-ଠିକ୍ ଭାବେ କାମ ନ କଲେ, କୋଉ ଶାଶୂଘର କାହିଁକି ତୋତେ ରଖିଥା'ନ୍ତେ ? ସେଇଥି ପାଇଁ ତଡ଼ିଦେଲେ। ଏମିତି କାମ କଲେ, ତୋତେ ଏଠି କିଏ କାହିଁକି ରଖିବ ?"

ଶାଶୂଙ୍କର ଏମିତି କଥାଟା ସୁମିତ୍ରାର ହୃଦୟକୁ ବାଧିଥିବା ଭଳି ଅବନ୍ତିକାର ମନେ ହେଲା। କାହାର ବ୍ୟକ୍ତିଗତ ଦୁଃଖର ଘାଆଟାକୁ ଉଖାରି ଦେଲେ, ପୀଡ଼ା ନିଶ୍ଚୟ ହେବ ହିଁ ହେବ। ତେଣୁ ସୁମିତ୍ରାକୁ ନିଜ ଛାତିକୁ

> "ଘର ବାସ୍ତବରେ କେବଳ ଲୁହା, କଂକ୍ରିଟ୍ ଏବଂ ବାଲି ସିମେଣ୍ଟରେ ଠିଆ ଗୋଟାଏ ନିର୍ଜୀବ ନିର୍ମାଣ ନୁହେଁ। ଝାଟିମାଟିର କାନ୍ଥ ଉପରେ ନଡ଼ା ଛପରଟାଏ ଘୋଡ଼େଇ ହୋଇଥିବା ଅଥବା ଇଟାପଥର କାନ୍ଥ ଉପରେ ଛାତଟାକୁ ମୁଣ୍ଡେଇଥିବା ତୁଚ୍ଛା ଗୋଟାଏ ରହିବାର ସ୍ଥାନ ନୁହେଁ; ବରଂ ସ୍ନେହ, ଶ୍ରଦ୍ଧା, ଆତ୍ମୀୟତାର ଭାବପ୍ରବଣ ସମ୍ପର୍କରେ ଛନ୍ଦି ହୋଇ ଦୃଢ଼ ଭାବେ ଛିଡ଼ା ହୋଇଥିବା ଗୋଟାଏ ଆନନ୍ଦ ମୁଖରିତ ରାଜ ଉଆସ।"

ଆଉଜେଇ ଆଣି ଅବନ୍ତିକା କହିଲା, "ସିଏ ପୁରୁଣା ଭାବନାର ମଣିଷ। ତାଙ୍କ ବେଳର ଶାଶୂ ଘର ଚଳଣି କଥା କହି ମତେ ବି କଷ୍ଟ ଦେଲା ଭଳି କହନ୍ତି। ମୁଁ ଶୁଣି ନ ଶୁଣିଲା ଭଳି ରହେ। କ'ଣ କହିଲେ କାହା ମନରେ ଦୁଃଖ ହେବ, ସେ କଥା ସେ ଜାଣିପାରନ୍ତି ନାହିଁ। ତାଙ୍କ କଥାକୁ ତୁଚ୍ଛାଟାରେ ଧରି ତୁ ମନ ଖରାପ କରୁଛୁ।" ଏତିକି କହି ସୁମିତ୍ରାର ପିଠି ଥାପୁଡ଼େଇ ବୁଝେଇ ଦେଲା ଅବନ୍ତିକା। ସେଇଥିରେ ସୁମିତ୍ରାର ମନଟା ବି ଟିକିଏ ହାଲୁକା ହୋଇଗଲା ନିଶ୍ଚୟ।

ତା'ପରେ ସେ ଭୁଲିଗଲା ସେ କଥା। ପୂର୍ବପରି ଉତ୍ସାହରେ ସେ ଘର କାମରେ ଲାଗିଥିବାରୁ ଅବନ୍ତିକା ଭାବୁଥିଲା–ଟିକିଏ ସ୍ନେହ ଓ ଆତ୍ମୀୟତାରେ ଦୁଃଖ-କଷ୍ଟକୁ ପାସୋରି ପକାଉଥିବା ସୁମିତ୍ରା ତା'ହେଲେ ଶାଶୂ ଘର ଛାଡ଼ିଲା କାହିଁକି ? ସୁମିତ୍ରାର ସ୍ୱଭାବ ଓ ମାର୍ଜିତ ଚଳଣିକୁ ଲକ୍ଷ୍ୟ କରି ସଂଶୟର ସେହି ଜାଲରେ ଛନ୍ଦି ହୋଇ ପଡ଼ିଥିବା ଅବନ୍ତିକା ଦିନେ ସନ୍ଧ୍ୟାରେ ତା'କୁ ତା' ଶାଶୂ ଘର ଓ ତା' ଘରସଂସାର କଥା ପଚାରିଥିଲା। ପୂର୍ବରୁ ତା' ତରଫରୁ କେବେ ବି ଦିନେ ତା' ଶାଶୂଘର କଥା ଉଠେଇ ନ ଥିବା ସୁମିତ୍ରାର ଆଖିରୁ ଲୁହ ଦୁଇଟୋପା ଖସି ପଡ଼ିଲା। କହିଲା, 'ବାହାଘର ପରେ ପାଖାପାଖି ବର୍ଷକ ଯାଏ ମୋ ଘର ସଂସାର ଠିକ୍ ଚାଲିଥିଲା। ତା'ପରଠୁ ମୋ ଦେହର ରଙ୍ଗ, ରୂପ-ସବୁ କୁଆଡ଼େ ମୋ ବରକୁ ଭାରି ଅସୁନ୍ଦର ଦେଖାଗଲା। ତୁଚ୍ଛାଟାରେ ମୋ ସାଙ୍ଗରେ ସବୁବେଳେ କଳି ଝଗଡ଼ା ଲଗେଇଲା। ଯୋଉଦିନ ଆଉ ଗୋଟାଏ ସ୍ତ୍ରୀଲୋକକୁ ଆଣି ଘରେ ରଖିଲା, ସେ ଦିନ ସବୁକଥା ମୁଁ ବୁଝିଗଲି। ତଥାପି ମୋ ନିରୀହ ବିଧବା ଶାଶୂଟା ମୁହଁକୁ ଚାହିଁ ମୁଁ ସେଠି ରହିଥିଲି, ହେଲେ ମୋର ପାଞ୍ଚମାସର ଗର୍ଭ ଥିବା ବେଳେ ସେହି ସ୍ତ୍ରୀଲୋକ ସାଙ୍ଗରେ ମିଶି ମୋ ବର ଯୋଉଦିନ ମତେ ମାଡ଼ ମାରିଲା, ସେଦିନ ମୋ ମନ ଛାଡ଼ିଗଲା। ଭାବିଲି-ମୋ

ଭିତରେ ଥିବା ପିଲାଟାକୁ ଠିକ୍ ରଖିବା ପାଇଁ ମତେ ସେ ଜାଗା ଛାଡ଼ିବାକୁ ହେବ। ଶେଷକୁ ଶାଶୂ ପାଦତଳେ ମୁଣ୍ଡିଆଟିଏ ମାରି ବାପ ଘରକୁ ଚାଲି ଆସିଲି। ତା'ପରେ ଆଉ ଦିନେ କେବେ ସେ ଦୁଆରକୁ ଯାଇନି କିମ୍ବା ସେ ଘର କଥା ଭାବିନି। ପୁଅ ଜନ୍ମର ଦୁଇ ବର୍ଷ ଯାଏ ବି ବାପ ଘରେ ଠିକ୍‌ରେ ଥିଲି। ହେଲେ ମୋଠାରୁ ଦୁଇବର୍ଷ ସାନ ମୋ ଭାଇର ବାହାଘର ପରେ ତା' ସ୍ତ୍ରୀ ଆଖିକୁ ସେଠି ମୋ ରହିବାଟା ସୁଖ ଲାଗିଲାନି। ସବୁବେଳେ ଏହି କଥାକୁ ନେଇ ମୋ ବାପା-ମାଆଙ୍କୁ ଖୁଣ୍ଟା ଦେଲା। ତା'ର ବା ଦୋଷ କ'ଣ ? ସେମିତି କିଛି ଜମିବାଡ଼ି ନ ଥିବା ଅଭାବ ସଂସାର ଭିତରେ ସାଇକଲ ମରାମତି ଦୋକାନଟିଏ କରି ଗୁଜୁରାଣ ମେଣ୍ଟାଉଥିବା ସାନ ଭାଇର ପରିବାରରେ ମୁଁ ସତରେ ଗୋଟାଏ ବୋଝ ହୋଇ ରହିଥିଲି। ତେଣୁ ଠିକ୍ କଲି-ମତେ ବାପ ଘର ବି ଛାଡ଼ିବାକୁ ହେବ, ନିଜେ କିଛି ଗୋଟାଏ କରିବାକୁ ପଡ଼ିବ। ହେଲେ ମୋ ବୟସର ସ୍ତ୍ରୀଲୋକଟି ପାଇଁ ନିରାପଦ ଜାଗାଟିଏ ତ ପୁଣି ଦରକାର। ତେଣୁ ପୁଅକୁ ବାପା-ମାଆଙ୍କ ଦାୟିତ୍ୱରେ ଛାଡ଼ି ଏଠି ଆସି ରହିଲି। ସବୁମାସରେ ଟଙ୍କା କେଇଟା ଭାଇ ହାତକୁ ବଢ଼େଇ ଦେଲେ, ନିଶ୍ଚୟ ତା' ଅଭାବ ସଂସାରର କାମରେ ଆସିବ।"

ସୁମିତ୍ରାର କଥା ଶୁଣି ଅବନ୍ତିକାର ମନଟା ସମବେଦନାରେ ପୂରି ଉଠିଲା। ତା'ର କାହା ପ୍ରତି ଅଯଥା ଦୋଷାରୋପ ତ ନ ଥିଲା; ବରଂ ଚିନ୍ତାଧାରାଟା ବେଶ୍ ଉଚ୍ଚ ଥିଲା। ସେ ଦିନଠାରୁ ତା' ପ୍ରତି ଆହୁରି ଶ୍ରଦ୍ଧା ବଢ଼ି ଯାଇଥିଲା ଅବନ୍ତିକାର। ନିୟମିତ ମାସ ଶେଷରେ ଆସି ସୁମିତ୍ରାର ମାସିକ ପାଉଣାଟା ନେଇ ଯାଉଥିବା ତା' ସାନ ଭାଇକୁ ତା' ପୁଅର ଭଲମନ୍ଦ ବିଷୟରେ ସବୁବେଳେ ସେ

ପଚାରେ। ଗାଆଁ ସ୍କୁଲ୍‌ରେ ଭଲ ପାଠ ପଢୁଥିବା ଶୁଣି ଖୁସି ବି ହୁଏ। ତା' ପାଇଁ ନୂଆ ପୋଷାକପତ୍ର, ପାଠପଢ଼ା ଜିନିଷ କିମ୍ବା ଅନ୍ୟ ଯାହା କିଛି ହେଲେ ବି ସବୁ ମାସରେ ପଠାଏ। ଭଲ ପଢୁଥିବା ସୁମିତ୍ରାର ପୁଅ ଯେବେ ନବୋଦୟ ବିଦ୍ୟାଳୟରେ ନାଆଁ ଲେଖା ପାଇଁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କଥା ଶୁଣିଲା, ସେଦିନ ବି ଖୁବ୍ ଖୁସି ହୋଇଥିଲା ଅବନ୍ତିକା। ନିଜେ ସୁମିତ୍ରା ସହ ତା' ଘରକୁ ଯାଇ ପୁଅକୁ ଆଣି ସ୍କୁଲ୍‌ରେ ନାମ ଲେଖାଇ ଥିଲା। ହଷ୍ଟେଲ୍‌ରେ ରହୁଥିବା ପୁଅ କଥା ସେବେଠାରୁ ନିଜେ ଅଭିଭାବକ ରହି ନିୟମିତ ବି ଯାଇ ବୁଝୁଥିଲା। ପ୍ଲସ୍-ଟୁ ପରେ ପ୍ରଥମ ପ୍ରଚେଷ୍ଟାରେ ପୁଅ ମେଡିକାଲ୍ ଆଡ୍‌ମିସନ୍ ଟେଷ୍ଟରେ ମେଧାତାଲିକାରେ ଥିଲା। ରେଜଲ୍ଟ ପ୍ରକାଶ ଦିନଟା ଅବନ୍ତିକା ପାଇଁ ଥିଲା ପ୍ରାୟ ଜୀବନର ସବୁଠାରୁ ଆନନ୍ଦର ଦିନ। ତା' ନିଜ ପୁଅ ଆଇଆଇଟି ପାଇଁ ଯୋଗ୍ୟ ବିବେଚିତ ହୋଇ ମୁମ୍ବଇରେ ଆଡ୍‌ମିସନ୍‌ବେଳେ ସୁଦ୍ଧା ସେ ଏତେ ଖୁସି ହୋଇ ନ ଥିଲା। ସୁମିତ୍ରା ପୁଅର ଷ୍ଟଡ଼ି ଲୋନ୍‌ରେ ନିଜେ ବ୍ୟାଙ୍କ୍‌ରେ ଗ୍ୟାରେଣ୍ଟର୍ ରହି ପାଠପଢ଼ାର ସବୁକଥା ସେ ନିୟମିତ ବୁଝି ଆସୁଥିଲା। ପୁଅ ମେଡିସିନ୍‌ରେ ଉପାଧ୍ୟୁତ୍ତର ସାରି ଏବେ ଚାକିରି କଲାଣି। ତା' ସାଙ୍ଗରେ ଏକାଠି ଉପାଧ୍ୟୁତ୍ତର ଶ୍ରେଣୀରେ ପଢୁଥିବା ଝିଅକୁ ସମସ୍ତଙ୍କ ସମ୍ମତି ନେଇ ବାହା ହୋଇ ସାରିଲା ପାରେ ସୁମିତ୍ରା ତା' ପୁଅ-ବୋହୂଙ୍କ ପାଖକୁ ନ ଯାଇ ଏଠି ଆଉ ରହିବାଟା କିନ୍ତୁ ଜମା ପସନ୍ଦ ଲାଗୁ ନ ଥିଲା ଅବନ୍ତିକାକୁ। ମାଉସୀଙ୍କ ଘରେ ମାଆ ସବୁବେଳେ କାହିଁକି ରହୁଛି ବୋଲି ବୋହୂ ଯେବେ ପଚାରିବ, ପୁଅକୁ ଭଲ ଲାଗିବ କି...? କେତେଦିନ ହେଲା କହିବ କହିବ ବୋଲି ଭାବୁଥିବା ଅବନ୍ତିକା ଆଜି ସନ୍ଧ୍ୟାରେ ସେଇ କଥାଟା ସୁମିତ୍ରାକୁ କହି ପକେଇଲା।

ସଞ୍ଜ ଗଡ଼ିଯିବା ପରେ ସୁମିତ୍ରା ତା' କାମ ସାରି ଆସି ପହଞ୍ଚିବାରୁ ଅବନ୍ତିକା ପୁଣି ତା'ର ସେହି ପ୍ରଶ୍ନକୁ ଦୋହରାଇଲା। ପାଖରେ ଥିବା ଗୋଟାଏ ଚୌକିରେ ବସିପଡ଼ି ସୁମିତ୍ରା କହିଲା, "ଅପା ! ଏ ଘରର କାହାକୁ ମୁଁ ପର କିମ୍ବା ଏ ଘରର କେହି ମୋତେ ପରଲୋକ ବୋଲି ଭାବନ୍ତି କି ? ଦିନେ ଏ ଘରକୁ ମୁଁ ଚାକରାଣୀ ଭାବରେ ଆସିଥିଲି, କିନ୍ତୁ କିଛିଦିନ ପରେ କେହି ମୋତେ କେବେ ବି ଆଉ ସେ ଦୃଷ୍ଟିରେ ଦେଖି ନାହାନ୍ତି। ସମସ୍ତେ ମୋର ମଙ୍ଗଳ ଚାହିଁଛନ୍ତି, ମୁଁ ମଧ ସମସ୍ତଙ୍କ ଭଲ ଚାହିଁଛି। ଘର ଆଉ କ'ଣ କି ? ଯୋଉଠି ସମସ୍ତଙ୍କ ଭିତରେ ଭଲପାଇବା ଥାଏ ସେଇଟା ହିଁ ହେଉଛି ଘର। ମୋ ଠାରୁ ଦିନେ ମୋ ବରର ସେହି ଭଲ ପାଇବାଟା ତୁଟିଗଲା ବୋଲି ସେଠି ମୋ ଘରଟା ଭାଙ୍ଗିଗଲା। ଭାଇର ବାହାଘର ହୋଇ ଭାଉଜ ଆସିବା ପରେ ସେହି ଭଲ ପାଇବା ନ ମିଳିବାରୁ ବାପ

ଘର ବି ପର ଘର ପାଲଟିଗଲା । ତା'ପରେ ମୁଁ ଏଠିକି ଆସିଲି । ହେଲେ ଏଠି ଯେଉଁ ଭଲ ପାଇବା ମୁଁ ପାଇ ଆସିଛି, ତାକୁ ଗୋଡ଼ରେ ଆଡ଼େଇ ଦେଇ ଅନ୍ୟ ଆଡ଼େ ଚାଲିଯିବି...? ପୁଅ-ବୋହୂ ନୂଆନୂଆ ଘର ବସେଇଛନ୍ତି ତାଙ୍କ ଘରକୁ ତ ଯିବି; କିନ୍ତୁ ଏବେ ନୁହେଁ । କେବେ ନିଶ୍ଚୟ ଯିବି । ସେ ଦୁହେଁ କେମିତି ମନ ମିଶେଇ ଚଳୁଛନ୍ତି ଦେଖିବି । ଦେଖି ଖୁସି ହେବାକୁ ମୋର ବି ମନ ଅଛି । ମୋ ବାପା ହୃଦ୍‌ଘାତରେ ହଠାତ୍ ଚାଲିଗଲେ ଯେ ତାଙ୍କ କଥା କିଛି ମୁଁ ବୁଝି ପାରିଲି ନାହିଁ । ମୋ ମାଆ ବି ସେମିତି ଚାଲିଯିବା ଆଗରୁ ମାସ ଦୁଇଟା ରହି ଯେତିକି ପାରିଲି, ତା' ସେବା କରିଛି । ଏବେ ମୋତେ ଏତେ ଭଲ ପାଉଥିବା ଏ ଘରର ବାବା-ମାଆ ଦୁହିଙ୍କୁ ଏ ବୁଢ଼ା-ବୁଢ଼ୀ ଅବସ୍ଥାରେ ଛାଡ଼ି ମୁଁ ପରକରି ପଳେଇବି କେମିତି ? ଏ ଘରଟା ପରା ମୋତେ କେବେଠୁ ନିଜର କରି ସାରିଛି... ।"

ଅବନ୍ତିକା ଭାବୁଥିଲା-ଆଜିକାଲିର ଶିକ୍ଷିତ ପାଠୁଆମାନଙ୍କଠାରୁ ଘର ବିଷୟରେ ସୁମିତ୍ରାର ଚିନ୍ତାଧାରାଟା ପ୍ରକୃତରେ କାହିଁ କେତେ ଉଚ୍ଚରେ । ନିଜ ଜନ୍ମକଲା ପିଲାମାନେ ସୁଦ୍ଧା ବାର୍ଦ୍ଧକ୍ୟରେ ବାପା-ମାଆଙ୍କୁ ପଚାରୁ ନାହାନ୍ତି । ନିଜ ସୁଖ ପାଇଁ କିଛି ନା କିଛି ବାହାନା କରି ପଳାଉଛନ୍ତି । ହେଲେ ରକ୍ତର କୌଣସି ସମ୍ପର୍କ ନ ଥାଇ ବି ସୁମିତ୍ରା ମନରେ ଏ ଯେଉଁ ଗଭୀର ଆତ୍ମୀୟତା, ସେମିତି ଏତେଟା ଅନ୍ତରଙ୍ଗ ଭାବ ଅବନ୍ତିକା ନିଜେ ମଧ୍ୟ କେଉଁଦିନ ନିଜ ଭିତରେ ଶାଶୂ-ଶ୍ୱଶୁରଙ୍କ ପ୍ରତି ଅନୁଭବ କରି ପାରିନି ଆଜିଯାଏ । ତେଣୁ ସୁମିତ୍ରା ଘର ବିଷୟରେ ଯେମିତି ଭାବୁଛି, ସେଇଟା ହିଁ ନିଶ୍ଚୟ ସତ୍ୟ । ଘର ବାସ୍ତବରେ କେବଳ ଲୁହା, କଂକ୍ରିଟ୍ ଏବଂ ବାଲି ସିମେଣ୍ଟରେ ଠିଆ ଗୋଟାଏ ନିର୍ଜୀବ ନିର୍ମାଣ ନୁହେଁ । ଝାଟିମାଟିର କାନ୍ଥ ଉପରେ ନଡ଼ା ଛପରଟାଏ ଘୋଡ଼େଇ ହୋଇଥିବା ଅଥବା ଇଟାପଥର କାନ୍ଥ ଉପରେ ଛାତଟାକୁ ମୁଣ୍ଡେଇଥିବା ତୁଚ୍ଛା ଗୋଟାଏ ରହିବାର ସ୍ଥାନ ନୁହେଁ; ବରଂ ସ୍ନେହ, ଶ୍ରଦ୍ଧା, ଆତ୍ମୀୟତାର ଭାବପ୍ରବଣ ସମ୍ପର୍କରେ ଛନ୍ଦି ହୋଇ ଦୃଢ଼ ଭାବେ ଛିଡ଼ା ହୋଇଥିବା ଗୋଟାଏ ଆନନ୍ଦ ମୁଖରିତ ରାଜ ଉଆସ ।

ଛଳ ଛଳେଇ ଯାଉଥିଲା ଅବନ୍ତିକାର ଆଖି ଯୋଡ଼ାକ । ସୁମିତ୍ରାର ମୁହଁକୁ ଚାହିଁ ସେ କେବଳ ଟିକିଏ ହସିଦେଲା । କହିଲା, 'ଠିକ୍ ଅଛି; ତୋତେ କେବେ ମୁଁ ସେଥିପାଇଁ ଆଉ ବାଧ କରିବିନି । ତୋ ମନ ଯାହା କହୁଛି, ତୁ ତା' କର ।" ■■■

ପ୍ଲଟ୍ ନଂ-୫୫୪/୧୯୬୫,
ଶ୍ରୀବିହାର, ପଟିଆ, ଭୁବନେଶ୍ୱର
ଦୂରଭାଷ: ୯୪୩୮୬୭୫୮୪୩

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମାନସସନ୍ତାନ "ସମାଜ" ତାଙ୍କ ପ୍ରଦର୍ଶିତ ମାର୍ଗରେ ଆଗକୁ ମାଡି ଚାଲିବା ସହିତ ଓଡିଶାର ଜନତାଙ୍କ ସ୍ୱର ପାଲଟିଛି ଓ "ସତ୍ୟବାଦୀ" ଆଜି ଓଡ଼ିଆ ସାହିତ୍ୟ, ସଂସ୍କୃତିର ବାର୍ତ୍ତା ହୋଇପାରିଛି ଓ ଏଇ ଅବସରରେ ମୁଁ 'ସତ୍ୟବାଦୀ' ପତ୍ରିକା ଓ 'ସମାଜ' ସମ୍ବାଦପତ୍ରର ଉତ୍ତୋରତ୍ତର ଉନ୍ନତି କାମନା କରୁଛି । ଦୁର୍ଗାପୂଜା ଉପଲକ୍ଷେ ପଟ୍ଟାମୁଣ୍ଡାଇର ଜନସାଧାରଣଙ୍କୁ ମୋର ଶାରଦୀୟ ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରଶାନ୍ତ କୁମାର ବାରିକ (ପାତନ)
କାଉନସିଲର, ପଟ୍ଟାମୁଣ୍ଡାଇ ପୌରପରିଷଦ

A WELL WISHER

Dhenkanal

MITS Group
25 YEARS
Established 1999
NAAC ACCREDITED
MITS GROUP OF INSTITUTIONS
RAYAGADA CAMPUS, ODISHA, 765017
1st Private Institute in Odisha to offer
Biotechnology & Agriculture Courses
B.Sc | M.Sc | B.Tech | M.Tech | BCA | MCA | BBA | ITI
AFFORDABLE FEES
SC/ST SCHOLARSHIP
SEPARATE HOSTELS FOR BOYS & GIRLS
16+ COURSES
1700+ STUDENTS
80+ FACULTIES
APPLY ONLINE
mits.edu.in | mips.edu.in
OUR PROMINENT RECRUITERS
Cognizant
Deloitte.
Infosys
Capgemini
TATA
wipro
SSPL
OMICS International
HEALTHCARE
3D billets
IIC TECHNOLOGIES
Tech Mahindra
Integrated Resources Inc.
BT Group
mits.edu.in
mips.edu.in
7077505482, 7735737890



ଆଖି

ଉଦୟ ନାରାୟଣ ଦାସ

ଓଡ଼ିଆ କଥା ସାହିତ୍ୟ ଜଗତରେ ଏକ ଶ୍ରଦ୍ଧାଶୀଳ ନାମ । 'ସ୍ୱପ୍ନଦୌଡ଼', 'ଶୂନ୍ୟଘଟ' ,'ବନୀ ପ୍ରଜାପତି', 'ସୁଖୀ ଲୋକ', 'ଶୋଷ' (କ୍ଷୁଦ୍ରଗଳ୍ପ) ଓ 'ଶ୍ରୀଜଙ୍ଗ' ଓ 'ଶତାବ୍ଦୀ ପୁରୁଷ' (ଉପନ୍ୟାସ)ର ସ୍ରଷ୍ଟା । ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ-ସମ୍ବର୍ଦ୍ଧିତ ।

ଚାକିରିରୁ ଅବସର ନେବା ୟା' ଭିତରେ ତିନିବର୍ଷ ବିଗତ ହୋଇଗଲାଣି । ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ମୋର ଚାକିରି ଶେଷ ହୋଇଥିଲା । ଏହି ଅବସର ଅବଧି ଭିତରେ ମୁଁ ସେ କାର୍ଯ୍ୟାଳୟକୁ କ୍ୱଚିତ୍ ଯାଇଛି । ଆଜିକାଲି ଅବଶ୍ୟ ଏଇ କିଛିଦିନ ହେଲା ସକାଳ ଛଅଟାରେ ମୁଁ ପ୍ରାତଃ ଭ୍ରମଣରେ ଜିଲାପାଳ ହତା ଭିତରକୁ ଯାଏ । ହତାର ପଶ୍ଚିମ ଦିଗକୁ, ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ । ସେ କାର୍ଯ୍ୟାଳୟ ଅଗଣାରେ ଗୋଟେ ବଡ଼ ଖାଲୁଆ ଜାଗା ଥିଲା । ଏ ଜାଗାଟା ଅରମା ପଡ଼ିଆ ହେଇ ପଡ଼ିଥିଲା । ଆମେ ଉତ୍ସାହୀ କେତେଜଣ କର୍ମଚାରୀ ଏଇ ଜାଗାରେ ଗଛ ଲଗାଇବା ପାଇଁ ଆଗଭର ହେଇଥିଲୁ । ଟ୍ରକ୍‌ରେ ମାଟି ଆଣି ଜାଗାଟିକୁ ପୋତା ଯାଇଥିଲା । ସେ ସମୟରେ ଏଠି ଲଗା ଯାଇଥିବା ଶାଗୁଆନ, ପିଆଶାଳ, ଜାମୁ, ଶିଶୁ ଓ କଇମ ଗଛ ସବୁ ମହାଦ୍ରୁମ ହେଇ ଏବେ ଛିଡ଼ା ହେଲାଣି । ତା' ସହିତ ବଉଳ, ଓଉ, ପିଜୁଳି ଓ ସଜନା ଗଛ ବି ଅଛି । ବିଭିନ୍ନ ଫୁଲ ଫୁଟି ଅଫିସ୍ ଅଗଣା ତୋରା ହେଇ ଯାଇଛି । ଆମେ ଅଫିସ୍‌ରେ ଥିଲା ବେଳେ ଏ ସବୁ ଗଛକୁ ବହୁ ଯତ୍ନରେ ବଢ଼ାଇ ଥିଲୁ । ଅଫିସ୍ ଗଛରୁ ପିଜୁଳି ତୋଳି ଖାଉଥିଲୁ । ମୁଁ ପ୍ରତିଦିନ

ସକାଳେ ଅଫିସ୍‌କୁ ଯାଇ ପିଜୁଳି, ସଜନା ଶାଗ ଓ ଠାକୁର ପୂଜା ପାଇଁ ଫୁଲ ଆଣୁଥିଲି । ଅଫିସ୍‌ର ଅଧା ପାଚିଲା ପିଜୁଳି ମୋ ପୁଅ ଝିଅଙ୍କର ଖୁବ୍ ପ୍ରିୟ ଥିଲା ସେ ସମୟରେ । ଆମ ଅଫିସ୍‌ଟା ଏବେ ତପୋବନ ପରି ଦିଶୁଛି ।

ନଭେମ୍ବର ଚବିଶ ତାରିଖ ସକାଳ ସମୟ ଟିକେ ଶୀତୁଆ ଶୀତୁଆ ଲାଗୁଛି । ମୋର ଭାରି ଇଚ୍ଛା ହେଲା ଆମ ଅଫିସ୍ ବଗିଚାରେ ବୁଲି ଗଛ ସବୁ ଦେଖିବାକୁ ଓ ଅଫିସ୍‌ର ସେଇ ପୁରୁଣା ମାଟିକୁ ମଥାରେ ମାରିବା ପାଇଁ । ଆମ ଅଫିସ୍ ଫାଟକ ପାଖରେ ପହଞ୍ଚି ଯାଇଥିଲି । ଫାଟକ କିନ୍ତୁ ବନ୍ଦ ଥିଲା । ଜଗୁଆଳି ଜଣେ ନୂଆ ଜନଜାତି ପିଲା । ଭୋଗରାଇ ଅଞ୍ଚଳର କେଉଁ ସ୍କୁଲ୍‌ରୁ ଆସି ଏଠି ଅଛି । ମୁଁ ଫାଟକ ପାଖରେ ଥାଇ ତା ନାଁ ଧରି ଡାକିଲି । ତା ନାଁ ସୋରେନ୍ ମାରାଣ୍ଡି । ପାଞ୍ଚସାତ ମିନିଟ୍ ଅପେକ୍ଷା କଲା ପରେ ସେ ତା' କ୍ୱାର୍ଟର୍ସ ଭିତରୁ ବାହାରିଲା । ମୁଁ ଆଗ୍ରହରେ ତା'କୁ କହିଲି, "ଆରେ ସୋରେନ୍ ! ଫାଟକ ଖୋଲିଲୁ, ମୁଁ ଟିକେ ବଗିଚାରେ ଗଛଗୁଡ଼ିକୁ ଭଲ କରି ଦେଖେ ।"

ସେ କିନ୍ତୁ ଭାରି ଗମ୍ଭୀର ହେଇଗଲା ଓ ଟିକେ ରହିଯାଇ କହିଲା, "ନାହିଁ, ଆଜ୍ଞା, ସାର୍ କହିଛନ୍ତି ଠିକ୍ ଦଶଟାରେ ଫାଟକ ଖୋଲିବାକୁ । ବାହାରିଆ ଲୋକ ଅଫିସ୍ ସମୟ ପୂର୍ବରୁ ଭିତରକୁ ନ ଆସିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।"

ମୁଁ କହିଲି, "ଆରେ, ମୁଁ କ'ଣ ବାହାରିଆ ଲୋକ ? ମୁଁ ପରା ଏଇଠି ଚାଳିଶ ବର୍ଷ କାମ କରିଛି ।" ସେ କହିଲା, "ଆଜ୍ଞା, ମୋତେ ଯାହା ଆଦେଶ ହେଇଛି ନା ।" ଏତିକି କହି ସେ ମୁହଁ ବୁଲେଇ କ୍ୱାର୍ଟର ଭିତରକୁ ଚାଲିଗଲା ଟମ ଟମ ହେଇ ।

ମୁଁ ଆଶ୍ଚର୍ଯ୍ୟ ହେଇ ତା'କୁ ଅନାଇ ରହିଥିଲି । ମୁଁ ବାସ୍ତବରେ ସେଇଦିନ ଅନୁଭବ କଲି, ଯେତେଦିନ ସରକାରୀ ଅଫିସ୍‌ରେ କାମ କରୁଥିବ, ଅଫିସ୍‌ର ଫାଇଲ୍, ଆଲମାରି, ବଗିଚା, ଗଛ ଓ ମାଟି ସବୁ ତମର ହେଇଥିବ; କିନ୍ତୁ ଅଫିସ୍‌ରୁ ଚାଲିଗଲା ପରେ ତୁମେ ସାଧାରଣ ମଣିଷ ହେଇଯିବ । ଆଉ ଅଫିସ ସହିତ ତମର କିଛି ବି ସମ୍ପର୍କ ରହିବ ନାହିଁ । ଅଫିସ୍‌ର ମଣିଷ, ବଗିଚା ଓ ଗଛ ପ୍ରତି ଗୋଟେ ଅହେତୁକ ମାୟା ତଥାପି ମୋ ଭିତରେ ଥିଲା; କିନ୍ତୁ ସୋରେନ୍‌ର ସେଇ ଗୋଟେ ପଦ କଥାର ଝଟ୍‌କାରେ ତାହା ଉଭାନ୍ ହେଇଗଲା ।

ମୁଁ ସ୍କୁଟିଟା ରଖି ସେଇ ଜିଲାପାଳ ହତା ଭିତରେ ପ୍ରାତଃଭ୍ରମଣ କରେ । ମନ ଭିତରେ ଅନେକ କ୍ଷୋଭ ଉଦ୍ରେକ ହୁଏ ଅଫିସ୍‌କୁ ନେଇ । ପ୍ରତି କାର୍ଯ୍ୟାଳୟ ସାମ୍ନାରେ ଗୋଟେ ଫଳକ ଝୁଲୁଛି । ମୁଁ ଟିକେ ଛିଡ଼ା ହେଇ ସେ ଫଳକର ଲେଖା ପଢ଼େ ଖୁବ୍ ମନୋଯୋଗ ଦେଇ । ଲେଖାର ଉପରେ ଅଛି ଓଡ଼ିଶା ସରକାରଙ୍କ ଲୋଗୋ । ଶିରୋନାମାରେ ଅଛି 'ମୋ ସରକାର' । ତଳେ ଲେଖାଅଛି, "ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା । ଗଣତନ୍ତ୍ରର ପ୍ରତିଟି ଅନୁଷ୍ଠାନ ଲୋକଙ୍କ କଲ୍ୟାଣ, ଲୋକଙ୍କ ସେବା ଓ ସଶକ୍ତୀକରଣ ପାଇଁ ସୃଷ୍ଟି କରାଯାଇଛି । ଏ କାର୍ଯ୍ୟାଳୟ ଲୋକଙ୍କ ପାଇଁ ଅଛି । ଲୋକମାନେ ହିଁ, ଏହାର ପ୍ରକୃତ ମାଲିକ । ଏହି କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯିବା ସହ ବୃତ୍ତିଗତ ଓ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ । ଲୋକମାନେ ହେଉଛନ୍ତି ପ୍ରକୃତ ସରକାର ଏବଂ ଏଠାରେ କାମ କରୁଥିବା ସମସ୍ତ କର୍ମଚାରୀ ଲୋକଙ୍କ ପଇସାରୁ ହିଁ ବେତନ ପାଆନ୍ତି ।"

ଏ ଲେଖା ଥରେ, ଦୁଇ ଥର, ତିନି ଥର ଭଲ କରି ପଢ଼େ । ଏହା ସତ୍ୟ ଯେ ଏବେ ମୁଁ କର୍ମଚାରୀରୁ ହେଇଯାଇଛି ଦେଶର ସର୍ବସାଧାରଣ । ଏସବୁ ଅଫିସ୍ ଆମ ପରି ଜନସାଧାରଣଙ୍କ ସେବା ଓ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ଆମମାନଙ୍କ ପ୍ରଦତ୍ତ କର ଓ ଖଜଣାରେ ଏ ଦେଶର ସରକାରୀ କର୍ମଚାରୀ ଖୋଦ୍ ମନ୍ତ୍ରୀଠୁ ପିଅନ ଯାଏ ଦରମା ନିଅନ୍ତି । ଏକଥା ଭାବି ମୋ ଛାତି ଗର୍ବରେ ଫୁଲି ଉଠିଲା କିଛି ସମୟ ।

ସ୍ୱତଃ ମୋ ଭିତରେ ପ୍ରଶ୍ନ ଉଙ୍କିମାରେ, ତେବେ ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ବଗିଚା କାହିଁକି ଜନସାଧାରଣଙ୍କ ପାଇଁ ବନ୍ଦ ଅଛି । ମୁଁ ଭିତରେ ଭିତରେ କଥାଟିକୁ ଭାବୁ ଭାବୁ କ୍ୟାମ୍ପସ୍ ଭିତରେ ଜରୁରୀକାଳୀନ, ନିର୍ବାଚନ, ଟ୍ରେଜେରୀ, ସଂସ୍କୃତି, ଅତିରିକ୍ତ ଜିଲାପାଳ, ପରିସଂଖ୍ୟାନ ଓ ଯୋଜନା କାର୍ଯ୍ୟାଳୟ ସବୁ ବୁଲେ । ସବୁଆଡ଼େ ବଡ଼ବଡ଼ ପୋଷ୍ଟର ମରାଯାଇଛି ଜନସାଧାରଣଙ୍କ କଲ୍ୟାଣର ବ୍ୟାଖ୍ୟା କରାଯାଇ ।

ମୁଁ ସରକାରଙ୍କ ସବୁ ଯୋଜନା ଓ କାର୍ଯ୍ୟକ୍ରମ ପଢୁପଢୁ ଭାବୁଥିଲି ସାଧାରଣ ଜନତା କ'ଣ ଏସବୁ ସୁବିଧା, ସୁଯୋଗ ପାଆନ୍ତି ? ସରକାର ଏତେସବୁ ସୁବିଧା ଯୋଗାଇ ଦେଉଥିଲାବେଳେ ଆମ ଲୋକମାନେ ଏତେ ଅନଗ୍ରସର ହେଇ ରହୁଛନ୍ତି କିପରି ?

ମୁଁ ଜିଲାପାଳ ହତା ଭିତରେ ଥିବା ପୋଖରୀ କୂଳରେ ଛିଡ଼ା ହୋଇ ଭାବୁଥିଲି ଏମିତି ଅନେକ ଅସମାହିତ ଗୂଢ଼ପ୍ରଶ୍ନ ସବୁ । ପୋଖରୀ ଚାରିପାଖରେ ବନ୍ୟ ବିଭାଗ ତରଫରୁ ଶହଶହ ବିଶାଳ ଦ୍ରୁମ ରୋପିତ ହୋଇଥିଲା । ରଙ୍ଗ, ବେରଙ୍ଗର ଫୁଲ ଫୁଟି ଅପୂର୍ବ ଶୋଭା ଧାରଣ କରିଛି ପୋଖରୀ ଚତୁଃପାର୍ଶ୍ୱ । ଗଛର ପତ୍ରସବୁ ଶୀତଳ ପବନରେ ହିଲ୍ଲୋଳିତ ହେଉଛି । ପାଣି ଭିତରେ ପଦ୍ମ ଓ କଇଁ ଫୁଲ ଫୁଟି ଅପୂର୍ବ ଶୋଭା ଧାରଣ କରିଛି । ପୋଖରୀ ପାର୍ଶ୍ୱରେ ଏନ୍‌ଡିଆର୍‌ଏଫ୍ ଡିପାର୍ଟମେଣ୍ଟର ଷ୍ଟାଫ୍‌ମାନେ ଅସ୍ଥାୟୀ ଭାବରେ ରହୁଛନ୍ତି । ସେମାନେ ବି ସେଠି ଡ୍ରିଲ୍ କରୁଛନ୍ତି । ସମଗ୍ର ଦିନ ସେମାନେ ସେଇଠି ବସି ବସି ଅଯଥା ଗପସପରେ ବିତାଇ ଦିଅନ୍ତି ।

ମୁଁ ଜିଲାପାଳ ଅଫିସ୍ ସାମ୍ନା ବରଗଛ ପିଣ୍ଡି ପାଖକୁ ଆସିଲି । କେଉଁ ଯୁଗର ବର

ଗଛର ବିରାଟ ଓହଳସବୁ ମାଟିରେ ମିଶିଛି। ଲୋକମାନେ କୁହନ୍ତି, ଛଅଶହ ବର୍ଷର ପୁରୁଣା ବରଗଛ ଇଏ। ଯେ' ବରଗଛ ଏ ସହରର କେତେ ଉତ୍ଥାନ ପତନ ଦେଖିଛି। ଯା' ଚାରିପାଖରେ ପକ୍କା ଚଉତରା। ଏଇ ଛଅ ସାତବର୍ଷ ତଳେ ସେଇ ଚଉତରା ଉପରେ ଟାଇଲ ପଡ଼ିଯାଇଛି। ଏଠି ବସିବା ପାଇଁ ଗଛର ସୁଶୀତଳ ଛାଇ ତଳେ ଖୁବ୍ ଆରାମ ଲାଗେ।

ମୁଁ ଚାକିରି କରୁଥିଲାବେଳେ ଏଇ ବରଗଛ ତଳେ ବସୁଥିବା ପୁରୁଷ ଓ ସ୍ତ୍ରୀ ଲୋକମାନଙ୍କୁ ଦେଖୁଥିଲି। କୋର୍ଟ କଚେରି କାମରେ ଆସି ଏଇଠି ସେମାନେ ବସିଥାନ୍ତି ଗୋଟେ ଗୋଟେ ପ୍ଲାଷ୍ଟିକ୍ ବ୍ୟାଗ୍ ଧରି। ସେମାନଙ୍କୁ ମୁଁ ଭାରି ହୀନ ଦୃଷ୍ଟିରେ ଦେଖୁଥିଲି। ଭାବୁଥିଲି ଏମାନେ ସମାଜର ତଳବର୍ଗର ଲୋକ। ଏମାନେ କେଉଁ ସାହାଯ୍ୟ ପାଇଁ ଜିଲାପାଳଙ୍କୁ ଭେଟିବାକୁ ଆସିଥିବେ। ମୁଁ କିନ୍ତୁ ଆଜି ସେଇ ବରଗଛ ତଳେ ବସି ଚରମ ପରିତୃପ୍ତି ପାଇଛି, ଯାହା ମୋତେ ମୋ ଘରେ ବି ମିଳି ନଥାଏ। ଏଠି ବାସ୍ତବିକ୍ ଅଛି ଶାନ୍ତିର ଆସ୍ୱାଦ। ଏଠି ନାହିଁ ଅଫିସର୍‌ର ନାଲି ଆଖିର ଶାସନ ବା ସଂସାର। ଏଠି ଗଛଡ଼ାଳରେ ବାଇଚଢ଼େଇର କଚିରି ମିଚିରି ରାବ, ଭିକାରି ବଳ ବା ନମିତା ଅଗ୍ରୱାଲ୍‌ଙ୍କ ବିଭୁ ଭକ୍ତିର ଗୀତବୋଲା ପରି ଲାଗେ। ନା ଏଠି ଅଛି କ୍ଷମତାର ମୁକୁଟ ନା ଅର୍ଥ ପାହାଡ଼ର ଲିପ୍‌ସା !

ଗଛ ସାମ୍ନା ପରିବାର ଅଦାଲତର ଜଗୁଆଳି ଅଫିସ୍ ଅଗଣାରେ ଝାଡୁ ମାରୁଛି। ଏହି ନୀରବ, ନିଷ୍ପନ୍ଦ ଅଞ୍ଚଳ ଆଉ କିଛି ସମୟ ପରେ ଲୋକ ଗହଳିରେ ଭରପୂର ହେଇଯିବ ସବୁ ଦପ୍ତର ଖୋଲିଗଲେ। ଗାଡ଼ି ମୋଟରରେ ଭର୍ତ୍ତି ହୋଇଯିବ ଏ ସମଗ୍ର ଅଞ୍ଚଳ।

x x x

ହଠାତ୍ ପିଣ୍ଡିର ଦକ୍ଷିଣପଟରେ ଆଉ ଜଣେ ଲୋକର ଉପସ୍ଥିତି ମୁଁ ଜାଣି ପାରିଲି। ଅନ୍ୟମନସ୍କତା ହେତୁ ଅବଶ୍ୟ ପ୍ରଥମେ ଜାଣି ପାରିନଥିଲି ମୁଁ। ସେ ପଟକୁ ଆଖି ପକାଇ ଦେଖିଲି, ଜଣେ ମଣିଷ ହାମୁଡ଼ାଇ ସାଧା କାଗଜରେ କ'ଣ ସବୁ ଲେଖିବାରେ ନିମଗ୍ନ। ତା'ପାଖରେ ଥିଲା ଗୋଟେ ମଳିଚିଆ ଛିଣ୍ଡା ଥଳି। ଲୋକଟି ପିନ୍ଧିଥିବା ପେଣ୍ଟସାର୍ଟ ଚିରି ଧୁଣାଧୁଣା ହେଇଗଲାଣି। ଲୋକଟିର ଦାଢ଼ି ବଢ଼ି ମୁହଁଟା ରୁଢ଼ ହେଇଯାଇଛି। ତା'ର ପଞ୍ଜରା ହାଡ଼ସବୁ ଗଣି ହେଉଛି। ଜଣାଯାଉଛି ଯେମିତି ଲୋକଟି ଅନେକଦିନରୁ ଠିକ୍‌କରି ଖାଇନାହିଁ। ମୁଁ ବାରି ପାରୁଥିଲି ଗୋଟେ ଗନ୍ଧ ସେଇ ଲୋକ ପାଖରୁ ଆସୁଛି।

ଲୋକଟି ଏକ ଲୟରେ ଲେଖି ଚାଲିଥିଲା, ମହାଭାରତ କି ରାମାୟଣ ପରି ଗୋଟେ ମହାକାବ୍ୟ। ମୋର ବହୁତ ଉତ୍ସୁକତା ହେଲା ଲୋକଟି ବିଷୟରେ ଅଧିକ ଜାଣିବାକୁ। ମୁଁ ତା' ପାଖକୁ ଗଲି, ଉତ୍କଟ ଗନ୍ଧ ସତ୍ତ୍ୱେ। ଛିଡ଼ା ହେଲି ଲୋକଟି ସାମ୍ନାରେ। ମୁଁ ଜାଣି ପାରୁ ନ ଥିଲି, ତା' ନଜର ମୋ ଉପରେ ପଡ଼ିଛି କି ନାହିଁ। ମୋର ଉପସ୍ଥିତି ତା'କୁ ମୋଟେ ବି ହଲଚଲ କରିପାରି ନ ଥିଲା କି କିଛି ବି ପ୍ରତିକ୍ରିୟା ସେ ପ୍ରକାଶ କରୁ ନ ଥିଲା।

କିଛି ସମୟର ନୀରବତା ପରେ ମୁଁ ତା'କୁ ପଚାରିଲି, "ଭାଇ ! ଏତେ ଶୀତ ସକାଳରୁ ବସି ଏଠି କ'ଣ ସବୁ ଲେଖୁଛ ?"

ମୋ ପ୍ରଶ୍ନରେ ତା'ର ଧ୍ୟାନ ଭାଙ୍ଗି ନ ଥିଲା। ସେ ସେମିତି ଲେଖି ଚାଲିଥିଲା। ତା'ର ନୀରବତା ମୋତେ ଆହୁରି ବାଧ୍ୟ କରୁଥିଲା ତା' କଥା ଅନୁସନ୍ଧାନ କରିବାକୁ। ବାରମ୍ବାର ଖୁବ୍ ବଡ଼ପାଟିରେ ଡାକିଲା ପରେ ଲୋକଟି ଅନିଚ୍ଛା ସତ୍ତ୍ୱେ ମୁଣ୍ଡ ଉପରକୁ କରି ମୋତେ ଅନାଇଲା ତା' କୋଟର ଭିତରେ ପଶି ଯାଇଥିବା ଆଖିର ଡୋଳାକୁ ବିସ୍ଫାରିତ କରି।

ମୁଁ ବିସ୍ମିତ ହୋଇ ଯାଇଥିଲି ଲୋକଟିର ମୁହଁକୁ ଦେଖି। ଇଏ ଥିଲା ଆମ ବିଭାଗର ଶମ୍ଭୁନାଥ। ଦଶବାର ବର୍ଷ ଧରି ତା' କେସ୍ ସମାଧାନ ହେଉ ନ ଥିଲା। ତା' ଫାଇଲ୍ ବି କେତେଥର ମୋ ଟେବୁଲ୍‌କୁ ଆସିଥିଲା ମନ୍ତବ୍ୟ ପାଇଁ। ସେତେ ଦିନରୁ ସେ ବିଚଳିତ ହେଇ ଜିଲାପାଳ ଓ ଶିକ୍ଷା ଅଧିକାରୀ ଅଫିସ୍‌ରେ ପାଗଳ ପରି ଘୁରୁଥିଲା। ଯେଉଁଠି ସେଇଠି ବି ସେ ଶୋଇ ଯାଉଥିଲା।

ଶମ୍ଭୁନାଥକୁ ଅଫିସ୍‌ରେ ସମସ୍ତେ 'ଶମ୍ଭୁ' ବୋଲି ଡାକୁଥିଲେ। ଚାଳିଶ,ପଇଁଚାଳିଶ ବର୍ଷ ପୂର୍ବରୁ ଆରମ୍ଭ ହେଇଥିବା ଭୋଗରାଇର ଦକ୍ଷିଣ ତେଘରୀ ହାଇସ୍କୁଲ୍‌ରେ ପ୍ରଥମ ପିଅନ ପୋଷ୍ଟରେ ରହିଥିଲା ସେ। ସେ ଆଇଏ ପାସ୍ କରିଥିଲା ପୋଷ୍ଟିଂ ବେଳକୁ। ସେ ଚାହୁଁଥିଲା ସ୍କୁଲ୍‌ରେ କିରାଣି ରହିବ। ମେନେଜମେଣ୍ଟର ବି କିଛିଲୋକ ଚାହୁଁଥିଲେ। ସେଥିପାଇଁ ସେ ସ୍କୁଲ୍‌କୁ ସଂଲଗ୍ନ ଗୋଟେ କୋଡ଼ିଏ ଗୁଣ୍ଠ

କଳାବାଡ଼ି ଦାନ କରିଥିଲା; କିନ୍ତୁ ସଭାପତି ଓ ପ୍ରଧାନ ଶିକ୍ଷକ ଆଉ ଜଣକୁ କିରାଣି ରଖିବା ପାଇଁ ସିଦ୍ଧାନ୍ତ ନେଇଥିଲେ । ଶେଷ ମୁହୂର୍ତ୍ତରେ ବହୁ ବିଚାରବିମର୍ଶ ପରେ ତା'କୁ ପ୍ରଥମ ପିଅନ ପୋଷ୍ଟରେ ହିଁ ଅବସ୍ଥାପିତ କରାଯାଇଥିଲା ।

ଏଥିପାଇଁ ଶମ୍ଭୁ ଭାରି ବ୍ୟଥିତ ହେଇ ପଡ଼ିଥିଲା । କିଛିଦିନ ବି ସେ ଖିଆପିଆ ଛାଡ଼ି ଦେଇଥିଲା । ବେଳେବେଳେ ମଣିଷ ଯେ ପରିସ୍ଥିତି ପାଖରେ ବଶମ୍ବଦ, ଏ କଥା ବୁଝି ସେ ପୁଣି ତା'ର ସ୍ୱାଭାବିକ ଜୀବନକୁ ଫେରି ଆସିଥିଲା । ସ୍କୁଲ୍‌କୁ ବି ନିୟମିତ ଯାଉଥିଲା ତା' କାମରେ ।

ଇତ୍ୟବସରରେ ସ୍କୁଲ୍ ସରକାରୀ ଗ୍ରାଣ୍ଟ ପାଇଲା । ଶମ୍ଭୁ ପିଅନ ହିସାବରେ ଦରମା ପାଇଲା । ପିଅନ ପୋଷ୍ଟରେ ଥିଲେ ବି ସ୍କୁଲ୍‌ର ସବୁ ଲେଖା ଲେଖି କାମ ସେ କରୁଥିଲା । ପ୍ରଧାନଶିକ୍ଷକ ଆଶ୍ୱାସନା ଦେଇ କହୁଥିଲେ, "ଶମ୍ଭୁ! ପ୍ରତି ମୁହୂର୍ତ୍ତରେ ସରକାରୀ ନିୟମ ବଦଳୁଛି । ଦେଖିବୁ ଲେଖାପଢ଼ା ଜାଣିଥିବା ପିଅନମାନେ ଦିନେ କିରାଣି ହେବାର ନିୟମ ହେବ । ତେଣୁ ତା' ପୂର୍ବରୁ ତୁ ସବୁ କାମ ଠିକ୍ ଠିକ୍ ଜାଣିଥା ।"

ତାଙ୍କ ସ୍କୁଲ୍ ସମ୍ପୂର୍ଣ୍ଣ ସରକାରୀ ହେବାର ଚିଠି ଆସି ଯାଇଥିଲା । ସ୍କୁଲ୍‌ର ପ୍ରତ୍ୟେକ କର୍ମଚାରୀଙ୍କ ପାଇଁ ଲାଗୁ ହେଲା ପେନ୍‌ସନ୍, ବଦଳି ଓ ଅନ୍ୟାନ୍ୟ ସରକାରୀ ସୁବିଧା ।

ଦକ୍ଷିଣ ତେଘରୀ ସ୍କୁଲ୍‌ର କିରାଣି ଧରାଧରି କରି ତା' ଗାଁ ପାଖ ସ୍କୁଲ୍‌କୁ ବଦଳି ହେଇ ଚାଲିଗଲେ । ସ୍କୁଲ୍‌ର କିରାଣି ପୋଷ୍ଟ ଫାଙ୍କା ପଡ଼ିଲା । ମଫସଲରେ ସ୍କୁଲ୍ ହେଲେ ବି ଏହାର ପିଲା ଅଧିକ । ଏତେବଡ଼ ସ୍କୁଲ, କାଗଜପତ୍ର କାମ ପାଇଁ କିରାଣି ନିହାତି ଦରକାର, କିନ୍ତୁ କେହି ଆସୁ ନ ଥିଲେ । କେବଳ ସବୁ କାମ ତୁଲାଇବା ପାଇଁ ଶମ୍ଭୁ ହିଁ ଥିଲା । ତାକୁ ପ୍ରଧାନଶିକ୍ଷକ ଉତ୍ସାହିତ କରି କହୁଥିଲେ,"ଆରେ! ଏସବୁ କିରାଣି କାମ ବାହାନାରେ ତୁ ଜିଲା ଅଫିସ୍‌କୁ ଯା' । ସେଠି ବୁଝାସୁଝା କର ! ଏଇଠି କିରାଣିକୁ ପ୍ରମୋସନ ପାଇଯିବୁ ।"

ପ୍ରଧାନଶିକ୍ଷକ ନିଜେ ହିଁ ଶମ୍ଭୁ ପିଅନରୁ କିରାଣି ହେବାରେ ବାଧକ ଥିଲେ । ସେ କିନ୍ତୁ ତା' ମନକୁ ବୁଝାଇବା ଓ କାମ ହାସଲ କରିବା ପାଇଁ ତା'କୁ ଏମିତି କହୁଥିଲେ ଫିକର କରି ।

ଶମ୍ଭୁ କିନ୍ତୁ ତାଙ୍କ କଥାକୁ ବିଶ୍ୱାସ କରୁଥିଲା । ସେ ସ୍ୱପ୍ନ ଦେଖୁଥିଲା ସେ ନିଶ୍ଚେ କିରାଣି ହେବ ଓ ପ୍ରଧାନଶିକ୍ଷକ ରୁମରେ କିରାଣି ପାଇଁ ପଡ଼ିଥିବା ଉଦ୍ଦିଷ୍ଟ ଚେୟାର୍‌ରେ ସେ ବସିବ । ଏ ଅଭୀପ୍ସା ଥିଲା ଚାକିରି ପ୍ରାରମ୍ଭରୁ । ତାହା ହେଇ ପାରି ନ ଥିବାରୁ ତା' ମନ ଭିତରେ ଥିଲା ଅବଦମିତ କ୍ରୋଧ ଓ ଲୋଭ । ପ୍ରଧାନଶିକ୍ଷକଙ୍କ କଥା ତା' ଭିତରେ ଆଶାର କଳିକାକୁ ସଞ୍ଚରିତ କରୁଥିଲା ଓ ସେ ପ୍ରଲୁବ୍ଧ ହେଉଥିଲା ମଧ୍ୟ ।

ପ୍ରଧାନଶିକ୍ଷକ ତା'ର ନିଖୁଣ କାମ ଦେଖି ଖୁସି ହେଉଥିଲେ; କିନ୍ତୁ ସେ ସ୍ୱଚ୍ଛ ମନରେ ଚାହୁଁ ନଥିଲେ ଶମ୍ଭୁ ପରି ଜଣେ ନିଉଛୁଣା ଲୋକ ଏତେବଡ଼ ସ୍କୁଲ୍‌ରେ କିରାଣି ହେଉ । ସତକଥା ହେଲା ତା' ପ୍ରତି ତାଙ୍କ ମନ ଭିତରେ ଥିଲା ଅଶେଷ ଘୃଣା । ସେଥିପାଇଁ ଚାକିରି ପ୍ରାରମ୍ଭରୁ ସେ ତା'କୁ କିରାଣି ପଦରେ ରଖି ନ ଥିଲେ ।

ଶମ୍ଭୁ ବି ଭଲ କରି ଜାଣିଥିଲା ଚାକିରି ଆରମ୍ଭ ସମୟରେ ଯେଉଁ କେତେଜଣ ତା'କୁ ବିରୋଧ କରିଥିଲେ ସେଥି ମଧ୍ୟରୁ ପ୍ରଧାନ ଶିକ୍ଷକଙ୍କର ଥିଲା ପ୍ରମୁଖ ଭୂମିକା । ସବୁ କୋହ ଶମ୍ଭୁ ଭିତରେ ରଖି ଉପରକୁ ଶାନ୍ତ ଥିଲା । ସେ ଭାବୁଥିଲା ଖାଲି ପ୍ରମୋସନ୍‌ଟା ହେଇଯାଉ, ସେ ପ୍ରଧାନଶିକ୍ଷକଙ୍କ ଅସଲ ମୁଖା ଖୋଲିଦେବ ।

ହଠାତ୍ ଏମିତି ଗୋଟେ ସମୟରେ ସରକାରଙ୍କଠାରୁ ଜିଲାପାଳଙ୍କ ଅଫିସ୍‌କୁ ପିଅନମାନଙ୍କୁ ପଦୋନ୍ନତି ଦେବାର ଚିଠି ଆସିଲା । ଜିଲାର ମାଟ୍ରିକ୍ ପାସ୍ କରିଥିବା ପ୍ରତି ବିଭାଗୀୟ ପିଅନଙ୍କ ଚାକିରିର ବରିଷ୍ଠତାକୁ ନେଇ ପଦକ୍ରମ ତାଲିକା ହେବ ଏବଂ ସେଇ ତାଲିକାର ଉପରେ ଥିବା ପ୍ରାର୍ଥୀଙ୍କୁ ଖାଲି ପଡ଼ିଥିବା ବିଦ୍ୟାଳୟରେ କିରାଣି ଭାବରେ ପଦୋନ୍ନତି ଦିଆଯିବ । ଜିଲା ଶିକ୍ଷାଧିକାରୀ ଏ ଚିଠି ପ୍ରତି ସରକାରୀ ସ୍କୁଲ୍‌କୁ ପଠାଇଥିଲେ । ଯେଉଁ ଦିନ ଏ ଚିଠିଟା ଶମ୍ଭୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ପାଇଲା, ସେଦିନ ତା'ର ଖୁସିର ହିସାବ ନ ଥିଲା । ଯେଉଁ ଚିହ୍ନା ଲୋକଙ୍କୁ ସେ ଦେଖିଲା, ଏ ଚିଠିଟା ଦେଖାଇ ଆନନ୍ଦରେ ଗଦ୍‌ଗଦ୍ ହେଇ କହୁଥିଲା । ପ୍ରଥମଥର ପାଇଁ ତା' ସ୍ତ୍ରୀ ସାବିତ୍ରୀ ଶମ୍ଭୁ ମୁହଁରେ ପରିତୃପ୍ତିର ହସ ଦେଖି ବିସ୍ମିତ ହେଇ ଯାଇ କହିଲା, "ତୁମେ ଆଜି ଏତେ ଖୁସି ଯେ?"

ଶମ୍ଭୁ କହିଲା, "ଏତେଦିନ ପରେ ଈଶ୍ୱର ଆମ ଦୁଃଖ ଶୁଣିଛନ୍ତି । ଏବେ ଆମ ଭାଗ୍ୟ ବଦଳିଯିବ ।" ସାବିତ୍ରୀ କିନ୍ତୁ କିଛି ବୁଝି ପାରୁ ନ ଥିଲା । ପ୍ରତି ମୁହୂର୍ତ୍ତରେ ଗମ୍ଭୀର ହେଇ ବସୁଥିବା ଲୋକଟା ଯେ ଆଜି ଏତେ ପ୍ରଫୁଲ୍ଲ, ସେ ତାହା ହିଁ ଅନୁଭବ କରୁଥିଲା ।

ଶମ୍ଭୁ ଟିକେ ସମୟ ପରେ ନୀରବତା ଭାଙ୍ଗି କହିଲା, "ବୁଝିଲୁ, ଆଜି ଜିଲାପାଳଙ୍କ ଅଫିସ୍‌ରୁ ଚିଠି ଆସିଛି । ମୋର ପଦୋନ୍ନତି ହେବ । ମୁଁ କିରାଣି ହେବି ।"

ସାବିତ୍ରୀ କହିଲା, "ଆଗେ ହେଉ, ଏତେ ଖୁସି ହୁଅନାହିଁ । ଭଗବାନଙ୍କୁ ଡାକ ସେ ସବୁ ଠିକ୍ କରି ଦିଅନ୍ତୁ ।"

ଶମ୍ଭୁ କହିଲା,"ମୋର ସିନିଅରିଟି ଅଛି । ମୋର ପ୍ରମୋସନ୍ ନିଶ୍ଚେ ହେବ ତୁ କାହିଁକି ଆଶଙ୍କା କରୁଛୁ ?"

ସେ ସତରେ ଏତେ ଖୁସି ହେଇ ଯାଇଥିଲା ଯେ ରାତିରେ ଠିକ୍‌କରି ଖାଇ ପାରୁ ନ ଥିଲା କି ଶୋଇ ବି ପାରୁ ନ ଥିଲା । ସେ ଭାବୁଥିଲା କେଉଁଦିନ ସେ ସ୍କୁଲ୍ କିରାଣି ଚେୟାର୍‌ରେ ବସିବ । ତା'ପରେ ପିଲାଙ୍କ ଅଭିଭାବକମାନେ ତା'କୁ 'ଶମ୍ଭୁ ବାବୁ' ବୋଲି ସମ୍ବୋଧନ କରିବେ । ତା'କୁ ଆଉ କେହି 'ତୁ' ନ କହି 'ଆପଣ' ଓ 'ଆଜ୍ଞା' ସମ୍ବୋଧନ କରିବେ । ସ୍କୁଲ୍‌ର ପ୍ରତି ଷ୍ଟାଫ୍ ସେମାନଙ୍କ

ଦରମା ବିଲ୍, ପିଏଫ୍, ଏକ୍ୟୁଚାନସ୍ ତା' ଟେବୁଲ୍ ପାଖକୁ ଆସି ଗୋଡ଼ଭାଙ୍ଗି ଦେଖିବେ। ସେତେବେଳେ ତା' ଛାତି ଗର୍ବରେ ଫାଟି ଉଠିବ।

ଏହା ପରଠୁ ଶମ୍ଭୁ ପ୍ରତିଦିନ ସ୍କୁଲ୍‌କୁ ଠିକ୍ ସମୟରେ ଯାଉଥିଲା। ପ୍ରଧାନଶିକ୍ଷକ କହିଲେ, "ଶମ୍ଭୁ ଏତେଦିନ ପରେ ତୋ' ଭାଗ୍ୟ ଉଦୟ ହେଲାରେ। ଏବେଠୁ ତୁ ଲେଖାଲେଖି କାମ ସବୁ ଠିକ୍ କରି ଅନୁଧାନ କର।"

ଷ୍ଟାଫ୍‌ମାନେ ପ୍ରଧାନ ଶିକ୍ଷକଙ୍କଠୁ ଏହା ଶୁଣିଲା ପରେ ସମସ୍ତେ ଶମ୍ଭୁକୁ ବଧେଇ ଜଣାଇଲେ ତା'ର ଆଶୁ ପଦୋନ୍ନତି କଥା ଜାଣି। ସମସ୍ତେ କହିଲେ,"ଶମ୍ଭୁ ଭାଇ ! ଆଜି ତୁମେ ଆମକୁ ଖାଇବାକୁ ଦେବ।" ସେ ଉତ୍‌ଫୁଲ୍ଲିତ ହେଇ କହିଲା, "ମୁଁ କ'ଣ ମନା କରୁଛି, ଆୟୋଜନ କରନ୍ତୁ। ସବୁ ପଇସା ମୁଁ ଖର୍ଚ୍ଚ କରିବି।"

ସମସ୍ତେ ଏକ ସ୍ୱରରେ କହିଲେ, "ଶମ୍ଭୁ ଭାଇଙ୍କର ଜୟ ହେଉ।"

ଏହା ପରେପରେ ବାରମ୍ବାର ଶମ୍ଭୁ ଜିଲା କାର୍ଯ୍ୟାଳୟକୁ ବିଭିନ୍ନ କାମ ଆଳରେ ଯାଉଥିଲା। ତା'ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ତା' ପଦୋନ୍ନତି ଫାଇଲ୍ କେତେ ଆଗେଇଛି ତା'କୁ ଅନୁଧାନ କରିବ। କେଉଁ ବାବୁଙ୍କୁ ଧରିଲେ ତା'ର ସେଇ ସ୍କୁଲ୍‌ରେ ନିଯୁକ୍ତି ହେବ। ଅବଶ୍ୟ ଏସବୁ କାମ ଖୁବ୍ କଷ୍ଟ ଥିଲା; ତଥାପି ଶମ୍ଭୁକୁ ଏସବୁ ହାସଲ କରିବାକୁ ହିଁ ପଡ଼ିବ।

ବାବୁମାନଙ୍କୁ କେମିତି ଖୁସି କରାଯିବ ସେ କଥା ଶମ୍ଭୁ ବୁଝୁଥିଲା। ତା'ର ଏକମାତ୍ର ଲକ୍ଷ୍ୟ ସେ କେମିତି ଦକ୍ଷିଣ ତେଘରୀ ହାଇସ୍କୁଲ୍‌ର କିରାଣି ଚେୟାର୍‌ରେ ବସିବ।

ସବୁ ସେ ଠିକ୍‌ଠିକ୍ ମେନେଜ୍ କରୁଥିଲା। ଜିଲା ଶିକ୍ଷାଧିକାରୀ ଓ ଜିଲାପାଳ କାର୍ଯ୍ୟାଳୟର ଡିଲ୍ କରୁଥିବା କିରାଣି ଓ ଅଧିକାରୀଙ୍କ ଘରକୁ ନିୟମିତ ଯାଉଥିଲା। ଭୋଗରାଇ ନଡ଼ିଆ, କାଜୁ, ସୁବର୍ଣ୍ଣରେଖା ଇଲିଶି ମୌକା ଦେଖି ନେଉଥିଲା। ତା' ନାଁ ପ୍ୟାନେଲ୍‌ରେ ରହିଲା। ସବୁକାମ ସରି ଆସୁଥିଲା। ଖାଲି ବିଭାଗୀୟ ଅଧିକାରୀ ତା' ନାଁ ଦକ୍ଷିଣ ତେଘରୀ ସ୍କୁଲ୍‌କୁ ପଠାଇବେ ଯାହା।

ଶମ୍ଭୁ ଜିଲା କାର୍ଯ୍ୟାଳୟରୁ ଡାକରା ପାଇଲା ମାତ୍ରେ ଦୌଡ଼ୁଥିଲା। ସବୁକାମ ଖୁବ୍ ଲୁକ୍କାୟିତ ଭାବେ ହେଉଥିଲା। ତା'କୁ କୁହା ଯାଉଥିଲା ମୋଟା ଅଙ୍କର ଟଙ୍କା ଦରକାର ହେବ, ବଡ଼ ଅଧିକାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ।

ଶମ୍ଭୁ ପାଖରେ ଆଉ ଅର୍ଥ ନ ଥିଲା। ସେ ବାଧ୍ୟ ହେଇ ତା' ଘର ଡିହକୁ ଲାଗି ଘର ବାଡ଼ିଟା ବିକିଦେଲା। ସେ ନିଷ୍ପତ୍ତି ନେଲା, ଘରବାଡ଼ି ପରେ ଯେଉଁଠି ହେଲେ କିଣି ହେବ; କିନ୍ତୁ ପଦୋନ୍ନତି କଥା ଥରେ ହାତରୁ ଖସିଗଲେ ଆଉ ମିଳିବ ନାହିଁ। ଏମିତି ସୁଯୋଗ ମାତ୍ର ଥରେ ଆସେ।

ସେ ସବୁଟଙ୍କା ଯୋଗାଡ଼ କରି ଦାବି ମୁତାବକ ଦେଇଥିଲା। ବାବୁମାନେ ଖୁସି ହେଇ କହୁଥିଲେ, "ଶମ୍ଭୁ ବାସ୍ତବିକ ଭାରି ଓବିଡିଏଣ୍ଟ ଓ ଡିସିପ୍ଲିନ୍‌ଡ୍।"

ଶମ୍ଭୁ ଗାଁକୁ ଫେରି ଆସିଥିଲା। ବାବୁମାନେ କହିଥିଲେ ଅର୍ଡର ମେଲ୍‌ରେ ସ୍କୁଲ୍‌କୁ ପଠାଇ ଦିଆଯିବ। ସେ ରାତି ପାହିଲେ ତା'ର ଈପ୍‌ସିତ କିରାଣି ସିଟ୍‌ରେ ବସିବ। ତା'ର ବହୁଦିନର ସ୍ୱପ୍ନ ସାକାର ହେବ। ଖୁସିରେ ତା' ଗୋଡ଼ ତଳେ ପଡୁ ନ ଥିଲା।

ସକାଳେ ଶମ୍ଭୁ ସବୁ ଦେବଦେବୀଙ୍କୁ ପ୍ରାର୍ଥନା କରି ଘରୁ ସ୍କୁଲ୍‌କୁ ବାହାରି ଯାଇଥିଲା ଗୋଟେ ନୂଆ ଚାକିରି ଜୀବନର ଶୁଭାରମ୍ଭ କରିବା ପାଇଁ। ସ୍କୁଲ୍‌ରେ ପହଞ୍ଚି ଦେଖିଲା ନା ପ୍ରଧାନଶିକ୍ଷକ ନା କେହି ତା'ର ପ୍ରମୋସନ୍ ପାଇଁ ଉତ୍ସୁକ। ଶମ୍ଭୁ ପ୍ରଧାନଶିକ୍ଷକଙ୍କୁ ତା' ପ୍ରମୋସନ୍ ଚିଠି ମେଲ୍‌ରେ ଆସିବା କଥା ପଚାରିଲା। ହେଡ୍ ମାଷ୍ଟର କହିଲେ, "କିଛି ବି ଚିଠି ଆସିନାହିଁ।" ଶମ୍ଭୁ ଜିଲା କାର୍ଯ୍ୟାଳୟରୁ ଆଣିଥିବା ଦସ୍ତଖତବିହୀନ ଚିଠି ଦେଖାଇ କହିଲା, "କାଲି ଚିଠି ଟାଇପ୍ ହେଇ ଯାଇଥିଲା, ହେଇ ଦେଖନ୍ତୁ। ଫାଇନାଲ୍ ଚିଠି ନିଶ୍ଚୟ ଆସିବ।"

ପ୍ରଧାନଶିକ୍ଷକ କହିଲେ, "ଏଇ କାଗଜକୁ ଭିତ୍ତି କରି କିଛି କରିହେବ ନାହିଁ। ସରକାରୀ ଚିଠି ଆସିବା ଯାଏ ଅପେକ୍ଷା କରିବାକୁ ପଡ଼ିବ।"

ଶମ୍ଭୁ ଥମ୍‌ଥମ୍ ହେଇ କହିଲା, "ଆପଣ ଆଉ ଥରେ ଚେକ୍ କରନ୍ତୁ। ଚିଠି ଆସିବା କଥା ନିଶ୍ଚୟ।"

ତା' କଥାନୁସାରେ ପ୍ରଧାନଶିକ୍ଷକ ଅଫିସ୍ ସହିତ ଯୋଗାଯୋଗ କଲେ। ସତକଥା ହେଲା, ଶମ୍ଭୁର ପ୍ରମୋସନ୍ ମାମଲା ହାଇକୋର୍ଟକୁ ଚାଲି ଯାଇଛି। ସେଥିପାଇଁ କୋର୍ଟ ଓ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପ୍ରମୋସନ୍ ସ୍ଥଗିତ ରଖା ଯାଇଛି କେସ୍ ଫଇସଲା ହେବାଯାଏ।

ଶମ୍ଭୁ ପ୍ରଧାନଶିକ୍ଷକଙ୍କ ପାଖରୁ ଏ କଥା ଶୁଣିବା ସ୍ଥିତିରେ ନ ଥିଲା। ପରନ୍ତୁ ସେ ତାଙ୍କ ସହ ଅବାନ୍ତର ଯୁକ୍ତି କଲା, "ଆପଣ ମୋତେ ମିଛ କହୁଛନ୍ତି। ମୁଁ କାଲି ଅଫିସ୍‌କୁ ଯାଇ ଅର୍ଡର ଆଣିବି।"

ଶମ୍ଭୁର ମୁଣ୍ଡ ଆଉ କାମ କରୁ ନଥିଲା। ସେ କାହାକୁ କ'ଣ କହୁଥିଲା ପୁଣି ସକାଳେ କାନ୍ଦକାନ୍ଦ ହେଇ ଗୋଟେ ବ୍ୟାଗ୍‌ରେ ସ୍କୁଲ୍‌ରେ ଚାକିରି ଆରମ୍ଭଠୁ ଯେତେ କାଗଜସବୁ ଭର୍ତ୍ତି କରି ସିଧା ଜିଲା ଅଫିସ୍‌କୁ ଚାଲିଲା।

ଜିଲା ଅଫିସ୍‌କୁ ଆସି ଶମ୍ଭୁ ଉହଳ ବିକଳ ହେଇ ତା'ର ଦୁଃଖ ବ୍ୟକ୍ତ କଲା, କିପରି ପ୍ରଧାନ ଶିକ୍ଷକ ତା'କୁ କିରାଣି ପ୍ରମୋସନ୍‌ରୁ ବଞ୍ଚିତ କରୁଛନ୍ତି। ସେ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କ ପ୍ରକୋଷ୍ଠ ଭିତରକୁ ପଶି ତା' କଥା କହିବାକୁ ଉଦ୍ୟତ ହେଉଥିଲା, ଦ୍ୱାରରକ୍ଷୀଙ୍କ ବିରୋଧ ସତ୍ତ୍ୱେ। ଯେତେ ଯାହା ତାକୁ ବୁଝାଇଲେ ବି ସେ ଶୁଣିବା ଅବସ୍ଥାରେ ନ ଥିଲା। ଦିନତମାମ୍ ଅଫିସ୍ ବାରଣ୍ଡାରେ ବସି ସେ ତା'ର ସବୁ ଅଭିଯୋଗ ଲେଖି ଚାଲିଥିଲା। ତା'ର ଅନୁନୟ ଥିଲା ତା'କୁ ଦକ୍ଷିଣ ତେଘରୀ ସ୍କୁଲ୍‌ରେ କିରାଣି ପଦରେ ଅବସ୍ଥାପିତ କରାଯାଉ। ନଚେତ୍ ତା' ପାଖରୁ ନେଇଥିବା ସମସ୍ତ ଟଙ୍କା ଫେରସ୍ତ ଦିଆଯାଉ।

ଏପରିକି ତା'ଠୁ ଟଙ୍କା ନେଇଥିବା ଲୋକଙ୍କ ନାମ ବି ସେ ଅଭିଯୋଗ ଫର୍ଦରେ ଲେଖିଥିଲା । ଫସିଯିବା ଭୟରେ ତା'ଠୁ ସମସ୍ତେ ଆଡ଼ ହେଇ ଯାଉଥିଲେ । ଅଫିସ୍‌ର ସବୁ ଲୋକମାନେ କହୁଥିଲେ, 'ଇଏ ପାଗଳ ହେଇଗଲା' ।

ସେ ଅନୁନୟ ହେଇ ତଥାପି କହୁଥିଲା ପ୍ରମୋସନ୍ ପାଇଁ ଦେଇଥିବା ଟଙ୍କା କଥା, ତା' ଘର ବାଡ଼ି ବିକିବା କଥା; କିନ୍ତୁ କିଏ ବା ଶୁଣୁଥିଲେ ତା'କଥା ? ଦିନେ ଯେଉଁ ଲୋକମାନେ ତା' ସହିତ ଭଲ କଥା ହେଉଥିଲେ, ସେମାନେ ବାଟ ଏଡ଼ାଇ ଚାଲି ଯାଉଥିଲେ ତା'କୁ ଦେଖି ।

ତିନି ରାତି ସେଇ ଅଫିସ୍ ପିଣ୍ଡାରେ ଶୀତ କାକରରେ ପଡ଼ି ସେ ପୁଣି ସ୍କୁଲ୍‌କୁ ଫେରି ଆସିଥିଲା । ସେ ଦିନେ ଜୋର୍ କରି ହଠାତ୍ କିଛି ନ ବିଚାରି ସ୍କୁଲ୍ କିରାଣି ଚେୟାର୍‌ରେ ବସିଗଲା । ପ୍ରଧାନଶିକ୍ଷକ ତାକୁ ସେଠୁ ଉଠାଇ ଦେଇ ଗମ୍ଭୀର ହୋଇ କହିଥିଲେ, "ତୋ ପାଇଁ ଏ ଚେୟାର୍ ନୁହେଁ ।" 'ଉଠ୍ ଏଠୁ ।' ସେ କାନ୍ଦିଲା ଛାତି ଫଟେଇ ।

ସ୍କୁଲ୍ କିରାଣିର ଲୋଭ ଛାଡ଼ି ପାରୁ ନ ଥିଲା । ତା' ମୁଣ୍ଡ ବିଗିଡ଼ି ଯାଇଥିବାରୁ ସେ ଝଗଡ଼ା କରୁଥିଲା ସ୍କୁଲ୍‌ରେ । ବାଧହୋଇ ପ୍ରଧାନଶିକ୍ଷକ ତା'କୁ କ୍ଷାନ୍ତ କରାଉଥିଲେ । ତା'ର ଅସୌଜନ୍ୟ ବ୍ୟବହାର ପାଇଁ ଷ୍ଟାଫ୍‌ମାନଙ୍କ ସହିତ ଠେଲାପେଲା ବି ହେଇଥିଲା ।

ତା' ସ୍ତ୍ରୀ ସାବିତ୍ରୀ ତା'କୁ ବାରଣ କରିବା ସତ୍ତ୍ୱେ ସେ ବାହାରିଥିଲା ଜିଲା ଅଫିସକୁ । ପାହାନ୍ତିଆ ପ୍ରହରରେ ବାହାରିଲା ବେଳେ ସେ ତା' ସ୍ତ୍ରୀ ଓ ପିଲାଙ୍କୁ ଆଉଁଶି ଦେଇ ଗୋରୁ ପରି ବାହୁନି କହିଥିଲା, "ମୁଁ ସବୁକଥା ଜିଲାପାଳଙ୍କୁ କହିବି । ନ୍ୟାୟ ନ ପାଇବା ଯାଏ ମୁଁ ସେଇଠି ପଡ଼ିବି ।"

x x x

ଜିଲାପାଳଙ୍କ ଅଫିସ୍ ବାହାରେ ବସି ଶମ୍ଭୁ ଅଭିଯୋଗ ପତ୍ର ଲେଖିଲା । ଜିଲାପାଳଙ୍କୁ ଦେଖାକରି କହିଲା । ଜିଲାପାଳ ତା' ପିଟିସନ୍ ଜିଲା ଶିକ୍ଷା ଅଧିକାରୀଙ୍କ ପାଖକୁ ଯାଞ୍ଚ ପାଇଁ ପଠାଇଲେ । ଶମ୍ଭୁ ଯାଇ ଶିକ୍ଷା ଅଧିକାରୀଙ୍କୁ ଦେଖାକଲା । ଅଧିକାରୀ କହିଲେ, "ଏମିତି ବ୍ୟାକୁଳ ହେଲେ କ'ଣ ପ୍ରମୋସନ୍ ହେଇଯିବ । ସବୁଥିରେ ନିୟମ କାନୁନ ଅଛି । ତୁମେ କ'ଣ ଜୋର୍ ଜବରଦସ୍ତ କିରାଣି ଚେୟାରରେ ବସିଲେ ସେଇଟା ତମର ହେଇଯିବ ତୁମକୁ ଅପେକ୍ଷା କରିବାକୁ ହେବ କୋର୍ଟର ଚୂଡ଼ାନ୍ତ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ ।"

ଅଥଚ ଶମ୍ଭୁ ଅଧିକାରୀଙ୍କ କଥା ଶୁଣିପାରୁ ନ ଥିଲା କି ବୁଝି ପାରୁ ନ ଥିଲା । କେବଳ ବୋକାଙ୍କ ପରି ବଲବଲ ହେଇ ଅନାଉଥିଲା ଓ ବେଳେବେଳେ ବାହୁନି କହୁଥିଲା, "ମୋ ଜମି, ମୋ ପିଲା, ମୋ ଘର ସବୁ ଚାଲିଗଲା ।"

ଦିନେ ସେ ସବୁ ତା' କାଗଜପତ୍ର ଓ ଅଭିଯୋଗ ପତ୍ର ଧରି ଭୁବନେଶ୍ୱର ଗଲା ଓ ଗଲାବେଳେ କହିଲା, "ମୁଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବି । ସେଇଠି ସବୁ ଗୁମର ଖୋଲିବି । କିପରି ଏ ଲୋକମାନେ ମୋ'ଠୁ ମୁଠାମୁଠା ଟଙ୍କା ନେଇ ମୋତେ ଠକିଛନ୍ତି ।"

"ଏମାନଙ୍କ ଆଖିର ଲୁହ କିନ୍ତୁ ବୁଝିବାକୁ ଅଧିକାରୀଙ୍କ ହୃଦୟ ନ ଥିଲା । ଶମ୍ଭୁକୁ ତା' ପରିବାର ଲୋକ ଘରକୁ ଫେରାଇ ନେବାକୁ ଯେତେ ବାଧ କଲେ ବି ସେ କହୁଥିଲା, "ମୁଁ ନ୍ୟାୟ ପାଇବା ପର୍ଯ୍ୟନ୍ତ ଏଇଠି ପଡ଼ି ରହିବି । ତୁମେମାନେ ଫେରିଯାଅ ।" ସତରେ ଶମ୍ଭୁ ମଥା ବିଗିଡ଼ି ଯାଇଥିଲା ଏ ସଂଗ୍ରାମରେ ପାଦ ଦେଇ ।"

ସଚିବାଳୟର ପ୍ରତି ଦପ୍ତର ବୁଲିବୁଲି ସେ ବିଭାଗୀୟ ସଚିବଠୁ ମୁଖ୍ୟ ସଚିବ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଯାଏ ତା' ଅଭିଯୋଗପତ୍ର ଦେଲା, କିନ୍ତୁ କେହି ବି ସଠିକ୍ ବୁଝି ପାରୁ ନ ଥିଲେ ତା' ଅଭିଯୋଗର ଅସଲ ମର୍ମ । ଦଶ ପନ୍ଦର ଦିନ ରାଜଧାନୀରେ ରହି ନୟାନ୍ତ ହେଇ ଫେରି ଆସିଥିଲା ଶମ୍ଭୁ ।

ଏପଟେ ତା' ଚାକିରିର ଦୀର୍ଘ ଅପ୍ରାଧିକୃତ ଅନୁପସ୍ଥିତିକୁ ଦୃଷ୍ଟିରେ ରଖି ତା'କୁ ବଦଳି ଓ ନିଲମ୍ବନ କରି ଦିଆ ଯାଇଥିଲା । ପରେ ପରେ ପିଅନମାନଙ୍କ ପ୍ରମୋସନ ବି ହେଇଥିଲା କୋର୍ଟରୁ ଅର୍ଡର ଆସିଲା ପରେ; କିନ୍ତୁ ଶମ୍ଭୁର କଥା ବିଚାରକୁ ନିଆଯାଇ ନ ଥିଲା ତା' ଚାକିରି ନିୟମିତ ହୋଇ ନ ଥିବାରୁ । ପଦୋନ୍ନତି ନ ହେବା ପଛରେ ଥିଲା ଗୋଟେ ବଡ଼ ଷଡ଼ଯନ୍ତ୍ର ଓ ସେଇଥିରେ ହାତ ଥିଲା ଅଫିସ୍ କିରାଣି ଓ ପ୍ରଧାନଶିକ୍ଷକଙ୍କର; ତଥାପି ସେ ଜିଲାପାଳଙ୍କୁ ପ୍ରତିଦିନ ଅଭିଯୋଗ ଲେଖୁଥିଲା । ବାରମ୍ବାର ଜିଲାପାଳ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଥିଲେ- "ଏ ମାମଲାର ଫଇସଲା କର ଶୀଘ୍ର ।" ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରୁ ନିର୍ଦ୍ଦେଶ ବି ଆସୁଥିଲା; କିନ୍ତୁ କିଛି ହେଇ ପାରୁ ନଥିଲା । ତା' ଚାକିରି ଅନିୟମିତତାର ତଦନ୍ତ ପରେ ତଦନ୍ତ ହେଉଥିଲା ଖାଲି ।

ଶମ୍ଭୁର ସ୍ତ୍ରୀ ସାବିତ୍ରୀ ଓ ତା'ର ଛୋଟଛୋଟ ପିଲାମାନେ ବି ଜିଲା କାର୍ଯ୍ୟାଳୟ ପରିସରକୁ ଆସି ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ହାତଯୋଡ଼ି ପ୍ରାର୍ଥନା କରିଥିଲେ କାନ୍ଦିକାନ୍ଦି-"ମହାଭାଗ, ଏହାଙ୍କ ପ୍ରତି ସଦୟ ହୁଅନ୍ତୁ ।"

ଏମାନଙ୍କ ଆଖିର ଲୁହ କିନ୍ତୁ ବୁଝିବାକୁ ଅଧିକାରୀଙ୍କ ହୃଦୟ ନ ଥିଲା । ଶମ୍ଭୁକୁ ତା' ପରିବାର ଲୋକ ଘରକୁ ଫେରାଇ ନେବାକୁ ଯେତେ ବାଧ କଲେ ବି ସେ କହୁଥିଲା, "ମୁଁ ନ୍ୟାୟ ପାଇବା ପର୍ଯ୍ୟନ୍ତ ଏଇଠି ପଡ଼ି ରହିବି । ତୁମେମାନେ ଫେରିଯାଅ ।" ସତରେ ଶମ୍ଭୁ ମଥା ବିଗିଡ଼ି ଯାଇଥିଲା ଏ ସଂଗ୍ରାମରେ ପାଦ ଦେଇ ।

କି ରାତି କି ଦିନ ସେ ଜିଲାପାଳ ସାମ୍ନା ଏଇ ବରଗଛ ପିଣ୍ଡିରେ ଆଣ୍ଠେଇ ଅଭିଯୋଗ ଲେଖି ଚାଲିଥିଲା। ଅଧିକାରୀଙ୍କୁ ସେଇ ଅଭିଯୋଗ ଅନବରତ ଦେଇ ଚାଲୁଥିଲା। ସମସ୍ତ କାଗଜ ଡଷ୍ଟବିନ୍‌କୁ ଯାଉଥିଲେ ବି ସେ ଲେଖି ଦେଉଥିଲା। ତା'ର ବିଶ୍ୱାସ ଥିଲା ଦିନେ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ ଭାଙ୍ଗିବ ଓ ଜଣେ କେହି ଅଧିକାରୀ ଆଖି ଖୋଲି ସେସବୁ ବିଚାର କରିବେ।

ସେ ସେଇ ବରଗଛ ଆସ୍ଥାନ ଛାଡ଼ୁ ନ ଥିଲା, ଦିନ ପରେ ଦିନ ବିତି ଯାଉଥିଲେ ବି। ଶମ୍ଭୁ ପାଇଁ ସେଇ ବରଗଛ ଥିଲା ଶେଷ ଆଶ୍ରୟ। ସେ ପିନ୍ଧିଥିବା ପେଣ୍ଟ, ସାର୍ଟ ଚିରି ଟିକିଟିକି ହେଇ ଯାଇଥିଲେ ବି ତା'ର ଧାନ ନ ଥିଲା। ଗାଧୋଇବା, ଖାଇବା, ଦାଢ଼ି ଖିଅର ହେବା ସବୁ ସେ ଭୁଲି ଯାଇଥିଲା।

କେବଳ ସେଇ ବରଗଛ ଶମ୍ଭୁ ପାଇଁ ପ୍ରଚୁର ଅମ୍ଳଜାନ ଯୋଗାଇ ଦେଉଥିଲା ତା'ର ନିରାମୟ ଜୀବନ ପାଇଁ। ଗୋଟେ କୁକୁର ଓ ତା'ର ଚାରୋଟି ପିଲା ତା'ର ରାତି ଦିନ ସାଥି ହେଇ ଯାଇଥିଲେ ସେ ନିର୍ଜନ ସ୍ଥାନରେ। ବରଗଛରେ ଥିବା ଅଣ୍ଡିରା ମାଙ୍କଡ଼ଟା ହତା ଭିତରୁ ପାଚିଲା ଅମୃତଭଣ୍ଡା ଓ ପିଜୁଳି ଆଣି ତା' ପାଖରେ ଥୋଇଦେଇ ଯାଉଥିଲା। ଜିଲାପାଳଙ୍କ ଆଦିବାସୀ ଜଗୁଆଳି ଜଣକ ସକାଳ ହେଲେ ଶମ୍ଭୁ ପାଇଁ ଗୋଟେ ବକେଟରେ ପାଣି ରଖିଦେଇ ଯାଉଥିଲା। ବରଗଛର ଡାଳରେ ବସା ବାନ୍ଧିଥିବା ବାଇଚଢ଼େଇ ଓ ଗୁଣ୍ଡୁଚି ମୂଷା ତା'ର ରାତିରେ ଟିକେ ଭଲ ନିଦ ପାଇଁ ନାନାବାୟା ଗୀତ ଗାଇ ଶୁଣାଉଥିଲେ। ଶମ୍ଭୁ ଏଇସବୁ ପଶୁ, ପକ୍ଷୀ ଓ ମଣିଷଙ୍କ ଦୟାକୁ ଆଶ୍ରା କରି ପଡ଼ିରହିଥିଲା ବର୍ଷବର୍ଷ ସେଇଠି।

ତା'କୁ ଭୋକ ଲାଗିଲେ ଜିଲାପାଳ ହତା ବାହାର କ୍ୟାଣ୍ଟିନ୍‌ର ଡଷ୍ଟବିନ୍‌ରେ ଫୋପଡ଼ା ହେଉଥିବା ଅଇଁଠାପତ୍ରକୁ ଅଣ୍ଡାଳି ସେ ଲୁଚି ଲୁଚି ଖାଉଥିଲା। ଅଯତ୍ନ ହେତୁ ତା' ଗୋଡ଼ ତଳିପାରେ ଘା' ହେଇ ପୂଯ,ରକ୍ତ ବହୁଥିଲା। ଦେହରୁ ଗୋଟେ ଉତ୍କଟ ଗନ୍ଧ ବି। ସେଇ ଦୁର୍ଗନ୍ଧ ପାଇଁ କେହି ଲୋକ ତା'ପାଖ ମାଡ଼ୁ ନଥିଲେ।

ତଥାପି ଶମ୍ଭୁ ଆଠବର୍ଷ ଧରି ସେଇଠି ପଡ଼ିଛି। ଲେଖି ଚାଲିଛି ଅଭିଯୋଗ। ଗୋଟେ ସୁନେଲି ସ୍ୱପ୍ନ ତା'ଭିତରେ ଅଛି। ଯା' ଭିତରେ ତା' ତଳେ ଥିବା ପିଅନମାନେ ପ୍ରମୋସନ୍ ପାଇ ଗଲେଣି; କିନ୍ତୁ ଶମ୍ଭୁର ନା ହେଲା ପ୍ରମୋସନ୍, ନା' ନିୟମିତ ହେଇଛି ଚାକିରି, ନା' ଫେରିପାଇଛି ଜିଲା ଶିକ୍ଷାଧିକାରୀ ଅଫିସ୍‌ର ରାକ୍ଷସମାନଙ୍କୁ ଦେଇଥିବା ବିଡ଼ାବିଡ଼ା ଟଙ୍କାସବୁ। ଛାରଖାର ହେଇଯାଇଛି ତା'ଜୀବନଯାତ୍ରା।

ତା'ଦେହ ସମ୍ପୂର୍ଣ୍ଣ ଅବସନ୍ନ ଓ ଅଚଳ ହେଇଗଲାଣି। ଖରା, ବର୍ଷା, ଶୀତ ଓ କାକରରେ ପଡ଼ି ପଡ଼ି। ଗୋଡ଼ ତଳିପାରେ ଘା' ବଢ଼ି ଯାଇ ଆଙ୍ଗୁଳି ସବୁ ଛିଣ୍ଡିବା ଛିଣ୍ଡିବା ହେଲାଣି। ଗୋଡ଼ରୁ ଝରୁଛି ପୂଯ ରକ୍ତ। ବଣୁଆ ମାଛିଗୁଡ଼ା ପୂଯ ଗୋଡ଼ରୁ ଶୋଷିବା ପାଇଁ ତା' ଚାରି ପାଖରେ ଭଣଭଣ ଉଡ଼ୁଛନ୍ତି, ଯେମିତି ଦିନେ ଅଫିସ୍ ଲୋକେ ତା'ଠୁ ପ୍ରମୋସନ୍ କରିଦେବା ଆଳରେ ମିଠା, କାଜୁ ଓ ସୁବର୍ଣ୍ଣରେଖା ଇଲିସି ସହିତ ଟଙ୍କା ଭଣ୍ଡେଇ ନେଉଥିଲେ।

> "ଗୋଡ଼ ତଳିପାରେ ଘା' ବଢ଼ି ଯାଇ ଆଙ୍ଗୁଳି ସବୁ ଛିଣ୍ଡିବା ଛିଣ୍ଡିବା ହେଲାଣି। ଗୋଡ଼ରୁ ଝରୁଛି ପୂଯ ରକ୍ତ। ବଣୁଆ ମାଛିଗୁଡ଼ା ପୂଯ ଗୋଡ଼ରୁ ଶୋଷିବା ପାଇଁ ତା' ଚାରି ପାଖରେ ଭଣଭଣ ଉଡ଼ୁଛନ୍ତି, ଯେମିତି ଦିନେ ଅଫିସ୍ ଲୋକେ ତା'ଠୁ ପ୍ରମୋସନ୍ କରିଦେବା ଆଳରେ ମିଠା, କାଜୁ ଓ ସୁବର୍ଣ୍ଣରେଖା ଇଲିସି ସହିତ ଟଙ୍କା ଭଣ୍ଡେଇ ନେଉଥିଲେ।"

ମୁଁ ତା'କୁ ବାରମ୍ବାର ତା ନାଁ ଧରି ଡାକିଲି, ଶୁଣିବାକୁ ତା' ହୃଦୟର ଅବ୍ୟକ୍ତ ବ୍ୟଥା। ସେ କିନ୍ତୁ ଥିଲା ନିର୍ବାକ୍। ଖାଲି ବଲବଲ କରି ମୋତେ ଅନାଉଥିଲା। ତା' ଆଖି ଦୁଇଟି ଭିତରେ ମୁଁ ଦେଖି ପାରୁଥିଲି ବହୁଦିନର ସଞ୍ଚିତ ଦୁଃଖ ଓ ଗ୍ଲାନିରେ ଭାଙ୍ଗି ପଡ଼ିଥିବା ମଣିଷର ଅନ୍ତରାତ୍ମାକୁ।

ଶମ୍ଭୁର ବୀଭତ୍ସ ପରିସ୍ଥିତି ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ଜିଲା ଚିକିତ୍ସା ମୁଖ୍ୟ ଅଧିକାରୀ ସମସ୍ତେ ଦେଖି ବି ଦେଖି ପାରୁ ନ ଥିଲେ। ସବୁଠୁ ବିଚିତ୍ର କଥା ଥିଲା ସେଇ ବରଗଛ ପିଣ୍ଡିଠୁ ଜିଲାପାଳଙ୍କ ପ୍ରକୋଷ୍ଠର ଦୂରତା ହେଉଛି ମାତ୍ର ଆଠ ମିଟର।

ମୁଁ ହତା ଭିତରେ ମରାଯାଇଥିବା ସରକାରଙ୍କ ସବୁ ସେବା ଓ ଚିକିତ୍ସାର ବଡ଼ବଡ଼ ପୋଷ୍ଟର କଥା ଭାବୁଛି। ଏସବୁ କାହିଁକି ଓ କାହା ପାଇଁ ଅର୍ଥବ୍ୟୟ ହେଇ ବିଜ୍ଞାପିତ ହେଉଛି ?

କୋହଲା ପବନରେ ଥରୁଥିଲା ଶମ୍ଭୁର ସମଗ୍ର ଦେହ। ମୁଁ ଘୋଡ଼ି ହୋଇଥିବା ଶାଲ୍‌ଟା ଦେହରୁ ବାହାର କରି ଶମ୍ଭୁକୁ ଘୋଡ଼ାଇ ଦେଲି। ହେଲେ ତଥାପି ତା'ଦେହ କମ୍ପୁଥିଲା। ସେ ଏତେ ଯନ୍ତ୍ରଣାସିକ୍ତ ହେଇ ବି ଆଶା ରଖିଥିଲା ଏ ଲଢ଼େଇ ସେ ଜିତିବ କୌଣସି ଗୋଟେ ଦିନ।

x x x

ଆଜି ତିରିଶ ନଭେମ୍ବର ସକାଳ। ମୁଁ ପୁଣି ଜିଲାପାଳଙ୍କ ହତା ଭିତରକୁ ପ୍ରାତଃ ଭ୍ରମଣରେ ଆସିଛି; କିନ୍ତୁ ମୁଁ ଆଶ୍ଚର୍ଯ୍ୟ ହେଉଛି ଏ ବରଗଛ ପିଣ୍ଡିରେ ଆଉ ଶମ୍ଭୁ ନାହିଁ କି ତା' ସାମାନ ବି। କଲେକ୍ଟରଙ୍କ ଜଗୁଆଳି ହତା

ସଫା କରୁଥିଲା । ମୁଁ ତା' ପାଖକୁ ଯାଇ ଶମ୍ଭୁ ବିଷୟରେ ପଚାରିଲାରୁ ସେ ହିଁ ତାଜୁବ କଥା କହିଲା ।

"ଜଣେ ସତେଇଶ ବର୍ଷ ବୟସର ସଦ୍ୟ ଭାରତ ପ୍ରଶାସନିକ ସେବା ଅଧିକାରୀ ଏ ଜିଲାର ଜିଲାପାଳ ଭାବେ ଯୋଗ ଦେଇଛନ୍ତି । ଶ୍ରୀମାନ୍ ଅଭିରାମ ବୈଷ୍ଣବ, ରାଜସ୍ଥାନ ପ୍ରଦେଶର ଲୋକ । ସେ ତାଙ୍କ କାର୍‌ରୁ ପ୍ରଥମେ ଓହ୍ଲାଇଲା ମାତ୍ରେ ଶମ୍ଭୁ ଉପରେ ଆଖି ପକାଇଲେ ଓ ସେ ସିଧା ତା' ପାଖକୁ ଗଲେ । ତା' ଲିଖିତ ଓଡ଼ିଆ ଅଭିଯୋଗ ପତ୍ର ପଢ଼ିବାକୁ ଚେଷ୍ଟା କଲେ । କାର୍ଯ୍ୟାଳୟକୁ ଯାଇ ଜିଲାପାଳ ଗମ୍ଭୀରତାର ସହ ତାଙ୍କ ଷ୍ଟେନୋକୁ ନିର୍ଦ୍ଦେଶ ଦେଲେ, "ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଡାକି ଏ ଲୋକକୁ ତୁରନ୍ତ ଚିକିତ୍ସା ପାଇଁ ପଠାଅ । ଏ ଲୋକର ସବୁ ନଥିପତ୍ର ମୋ ଟେବୁଲ୍‌କୁ ଆଣ । ସଙ୍ଗେ ସଙ୍ଗେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଡାକ, ତୁରନ୍ତ ଫଇସଲା ପାଇଁ ।"

ଦୃଢ଼ତାର ସହ ଜଗୁଆଳି କହୁଥିଲା, "ୟେ ଜିଲାପାଳଙ୍କ କଥା ଓ କାମରେ ଫରକ୍ ନାହିଁ । ଶମ୍ଭୁକୁ ଡାକ୍ତରଖାନା ତୁରନ୍ତ ନିଆ ଯାଇଛି । ଜିଲାପାଳଙ୍କ କାମ ଦେଖି ସମଗ୍ର ଜିଲାର ଅଧିକାରୀମାନଙ୍କର ହାଲକ ଶୁଖି ଗଲାଣି । ଆଜ୍ଞା! ଶମ୍ଭୁ କଥା ନିଶ୍ଚୟ ୟେ ଜିଲାପାଳ ଠିକ୍ ଠିକ୍ ବୁଝିବେ ।"

ମୁଁ ସବୁ ଜାଣେ ଶମ୍ଭୁ ଆମ ଜିଲା ଶିକ୍ଷାଧିକାରୀ ଅଫିସ୍‌ର କର୍ମଚାରୀଙ୍କ ଦ୍ୱାରା କିପରି ଶୋଷିତ ଓ ଲୁଣ୍ଠିତ ହୋଇଛି । ମୁଁ ଘୃଣିତ ଆଖିରେ ସେଇ ଅଫିସ୍ ଗେଟ୍‌ରେ ସୋରେନ୍ ପକାଇଥିବା ବଡ଼ ତାଲାକୁ ଅନାଇଲି ଆଉ ଥରେ ଓ ମନ ଭିତରେ ଥିବା କ୍ରୋଧ, ବିରକ୍ତିରେ ଗେଟ୍‌କୁ ଲଣ୍ଡାଏ ଛେପ ପକାଇ ମୁହଁ ବୁଲାଇ ଚାଲି ଆସିଲି । ■■■

ଚୁନଭାଟି କଲୋନୀ, ଗୋପାଳଗାଁ,
ବାଲେଶ୍ୱର- ୭୫୬୦୦୧
ଦୂରଭାଷ : ୭୭୩୫୯୫୧୩୮୪


With Best Compliments From :-
Bringing SMILE
to the Rural Life...
Agritech
Education
Green Energy
Steel & Power
Mining
SNM
SNM GROUP
Weigh Bridge Road, barbil, Dist : Koenjhar - 758035, Odisha
Website : www.snmgroups.com

ମ୍ଲାନ ଅପରାହ୍ଣ

ଶୁଭେନ୍ଦୁ କୁମାର ମହାପାତ୍ର

କବି, ଗାଳ୍ପିକ ଓ ଶିଶୁ ସାହିତ୍ୟିକ ଭାବେ ପରିଚିତ। ସଂଗ୍ରାମୀ ଭାଗିରଥୀ (ଜୀବନୀ), ଏଇ ତ ଜୀବନ(କବିତା ସଙ୍କଳନ), ଭିନ୍ନ ଏକ ଦଧୀଚି(ଗଳ୍ପ ସଙ୍କଳନ)ର ସ୍ରଷ୍ଟା। ବହୁ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ।

ବୟସର ଅପରାହ୍ଣରେ ପହଞ୍ଚି ସାରିଥିଲେ ଶରତବାବୁ। ଅବସରକାଳୀନ ମାସିକ ଭତ୍ତା ଯାହା ମିଳେ ସ୍ୱାମୀ ସ୍ତ୍ରୀଙ୍କ ଚଳିବାରେ କୌଣସି ଅସୁବିଧା ହୁଏ ନାହିଁ। ଭାଇ ଭଉଣୀଙ୍କୁ ଉଚ୍ଚଶିକ୍ଷିତ କରିବାରେ କୌଣସି କାର୍ପଣ୍ୟ କରିନାହାନ୍ତି। ସ୍ତ୍ରୀ ନମିତା ଅକୁଣ୍ଠିତ ଭାବରେ ସହଯୋଗର ହାତ ବଢ଼େଇଛନ୍ତି। ସମସ୍ତଙ୍କ ବିବାହକାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି, ବର୍ତ୍ତମାନ ସମସ୍ତେ ସ୍ୱାବଲମ୍ବୀ, ନିଜ ନିଜର ସଂସାର ନେଇ ସେମାନେ ବ୍ୟସ୍ତ। ଆବଶ୍ୟକ ପଡ଼ିଲେ ଫୋନ୍ ଟିକେ କରନ୍ତି।

ଏତଦ୍‌ଭିନ୍ନ ଶରତବାବୁଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ।

ଦୁହେଁ ଉଚ୍ଚଶିକ୍ଷିତ, ପୁଅ ଆମେରିକାରେ ସଫ୍ଟୱେୟର ଇଞ୍ଜିନିୟର, ବୋହୂ ମଧ୍ୟ ସେହିଠାରେ ରସାୟନବିତ୍। ଝିଅ ଜ୍ୱାଇଁ ଉଭୟ କାନାଡ଼ାରେ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟରତ। ଆର୍ଥିକ କ୍ଷେତ୍ରରେ ସମସ୍ତେ ଖୁବ୍ ସ୍ୱଚ୍ଛଳ, ଏକୁ ଆରେକ। ଦୀର୍ଘଦିନ ଭୁବନେଶ୍ୱରରେ ରହଣି ଭିତରେ ଶରତବାବୁ ନିଜ ରହିବା ପାଇଁ ଏକ ସୁନ୍ଦର ଅଟ୍ଟାଳିକା ତିଆରି କରି ରହୁଛନ୍ତି। ଗୁଡ଼ାଏ ଅନୁଷ୍ଠାନ ସହିତ ନିଜକୁ ଜଡ଼ିତ କରି ରଖିଛନ୍ତି, ଗୁଡ଼ାଏ ବନ୍ଧୁ ସୃଷ୍ଟି କରିଛନ୍ତି। ସବୁ ଅଛି ଭିତରେ କିନ୍ତୁ ନାହିଁ ନାହିଁର ଏକ ଶୂନ୍ୟ ସ୍ଥାନ ଶରତ ବାବୁଙ୍କୁ ଉଦ୍‌ବେଳିତ କରୁଥିଲା। ସ୍ତ୍ରୀ ନମିତା ସର୍ବଦା ଏକ

ଅଭାବନୀୟ ପରିସ୍ଥିତିର ଚାପରେ ଭାରସାମ୍ୟ ହରାଇ ଅସ୍ୱାଭାବିକ କାର୍ଯ୍ୟ କରୁଥିଲେ । ସେ ନମିତାଙ୍କର ଏତାଦୃଶ ଅନିଚ୍ଛାକୃତ କାର୍ଯ୍ୟଶୈଳୀରେ ବୀତସ୍ପୃହ ହୋଇ ପଡୁଥିଲେ । ଅବଶ୍ୟ ତାଙ୍କ ହୃଦୟର ସ୍ତୁପୀକୃତ ବେଦନା ହିଁ ମୂଳବୀଜ, ଏକଥା ସେ ଜଣେ ସୂକ୍ଷ୍ମଦର୍ଶୀ ମଣିଷ ହିସାବରେ ବେଶ୍ ହୃଦୟଙ୍ଗମ କରି ପାରୁଥିଲେ; କିନ୍ତୁ ନାରୀର ସେହି କୋମଳ ହୃଦୟର ଅବ୍ୟକ୍ତ ବେଦନାର କାରଣ ଓ ନିରାକରଣର ସମସ୍ତ ଉପାୟ ଜାଣିଥିଲେ ମଧ୍ୟ ତାଙ୍କୁ କିଂ-କର୍ତ୍ତବ୍ୟ-ବିମୂଢ଼ ହୋଇ ରହିବାକୁ ପଡୁଥିଲା ।

ସେଦିନ ଏକ ମ୍ଳାନ ଅପରାହ୍ଣରେ ଖବର କାଗଜରେ ଆଖି ବୁଲାଉଥିଲେ ଶରତ ବାବୁ । ସେ ବି କମ୍ ଭାବପ୍ରବଣ ନ ଥିଲେ । ଟିକିଏ ଟିକିଏ କଥା ମନରେ କଳାବାଦଲ ଭଳି ଭାସିଯାଏ । ତେଣୁ କେମିତି ଗୋଟେ ବିଷଣ୍ଣତାର ଛାପ ତାଙ୍କ ମୁଖମଣ୍ଡଳରେ ସ୍ପଷ୍ଟ ବାରି ହୋଇ ପଡୁଥିଲା ।

ଏତିକିବେଳେ ନମିତା କିଛି ନ କହି ଚୁପ୍ ଚାପ୍ ଚାହା କପ୍‌ଟିଏ ବଢ଼େଇ ଦେଇ ଚାଲିଗଲେ । ଶରତ ବାବୁ ଠିକ୍ ତାଙ୍କ ଆତ୍ମଗ୍ଲାନିକୁ ବୁଝି ପାରୁଥିଲେ । ଯେଉଁ କାରଣ ପାଇଁ ନମିତା ମ୍ରିୟମାଣ, ବିଷଣ୍ଣ, ସେହି ଶକ୍ତ ଧକ୍କାର ଅବ୍ୟକ୍ତ ବ୍ୟଥାଟିକୁ ଠିକ୍ ଅନୁମାନ କରି ପାରୁଥିଲେ ।

ଦୀର୍ଘ ତେତିଶ ବର୍ଷର ବୈବାହିକ ସମ୍ପର୍କ ମଧ୍ୟରେ କୌଣସି ଦିନ ସ୍ୱାମୀଙ୍କୁ କୌଣସି ଆବଶ୍ୟକତା କଥା କହି ନାହାନ୍ତି କିମ୍ବା କୌଣସି କଥାର ପ୍ରତ୍ୟୁତ୍ତର କରିନାହାନ୍ତି; କିନ୍ତୁ ଆଜି ପୁଞ୍ଜିଭୂତ ବେଦନାର ପରିପ୍ରକାଶ କରି ପୁଅ ପାଖକୁ ଯିବାକୁ ଅଡ଼ି ବସିଥିଲେ । ଶରତବାବୁ ଅରାଜି ଥିଲେ, ଖାଲି ଅରାଜି ନୁହେଁ; ବରଂ ଥଟ୍ଟାରେ କହିଲେ "କ'ଣ ମତେ ଏକା କରି ଚାଲିଯିବ"? ତତକ୍ଷଣାତ ବିନା ସଙ୍କୋଚରେ ନମିତା ଉତ୍ତର ଦେଇଥିଲେ, ମୋ ବାପାମାଆ ମତେ ତେଇଶ ବର୍ଷ ପାଳିପୋଷି ମଣିଷ କରିଥିଲେ, କେତେ

ଅଳିଅର୍ଦଳି ମୋର ସହିଥିଲେ । ଯେତେବେଳେ ସେମାନଙ୍କୁ ଛାଡ଼ି ତୁମ ସହିତ ଘରସଂସାର କରି ରହିଲି, ଏବେ ତୁମକୁ କାହିଁକି ଛାଡ଼ି ଯାଇପାରିବି ନାହିଁ । ଶରତବାବୁ ନୀରବ ରହିଲେ । ନମିତାଙ୍କର ଦୁଃଖାଭିଭୂତ ବେଦନାସିକ୍ତ ହୃଦୟର ସ୍ତୁପୀକୃତ ବ୍ୟଥାକୁ ପଢ଼ି ପାରୁଥିଲେ । କୌଣସି ପ୍ରତିବାଦ ନ କରି ପରଦିନ ସକାଳେ ଫ୍ଲାଇଟ୍ ଟିକଟ କାଟି ପୁଅକୁ ଫୋନ୍ କରି କହିଦେଲେ, ମାଆ ଯାଉଛି । ଖୁସିରେ ନମିତାଙ୍କର ପାଦ ତଳେ ଲାଗୁ ନଥାଏ । ପୁଅ ବୋହୂଙ୍କ ପାଇଁ ସେମାନଙ୍କ ପସନ୍ଦର ନାନାଦି ଜିନିଷ ତିଆରି କରି ନିର୍ଦ୍ଧାରିତ ସମୟରେ ଫ୍ଲାଇଟ୍‌ରେ ବସିବା ପୂର୍ବରୁ ନମିତା ଶରତବାବୁଙ୍କୁ ବାରମ୍ବାର ତାଗିଦ୍ କରି କହିଗଲେ, ଦେହର ଯତ୍ନ ନେବ, ଦୁଇ ମାସ ସେଠାରେ ରହିବି ସେହି ସମୟତକ ହୋଟେଲ୍‌ରେ ଖାଇ ନେବ, ବେଶି ସମୟ ବାହାରକୁ ଯିବନାହିଁ, ଠାକୁର ପୂଜାଟା କରୁଥିବ ଆଉ ସବୁ ତ ଆୟା ଆସି କରିଦେବ । ପ୍ରଗଲ୍‌ଭାଙ୍କ ଭଳି ଏଣୁତେଣୁ କେତେ କ'ଣ ଗପିଗଲେ, ଶରତ ବାବୁ ମୁରୁକି ମୁରୁକି ହସୁଥିଲେ । ଅବଶ୍ୟ ନମିତା ଯିବା ପରେ ଶରତ ବାବୁ ଖୁବ୍ ଏକା ଅନୁଭବ କରୁଥିଲେ । ସମୟଟା ଖୁବ୍ ଦୀର୍ଘ ଲାଗୁଥିଲା ।

କିନ୍ତୁ ଏ କ'ଣ ହେଲା? ଦୁଇମାସ ପରିବର୍ତ୍ତେ ପନ୍ଦର ଦିନ ଭିତରେ ନମିତା ଭୁବନେଶ୍ୱରକୁ ପ୍ରତ୍ୟାବର୍ତ୍ତନ କଲେ । ପୁଅ ତ ସେମିତି କିଛି ଜଣାଇଲା ନାହିଁ, କେବଳ ମାଆ ଯାଉଛି ବୋଲି ଫୋନ୍‌ରେ କହିଲା । ତାଙ୍କର ସେହି ପଦିଏ କଥା ପାଇଁ ଶରତ ବାବୁ ନିଜକୁ ଦୋଷୀ ସାବ୍ୟସ୍ତ କରୁଥିଲେ । ଗୁଡ଼ାଏ ଅପ୍ରତ୍ୟାଶିତ ଅବ୍ୟକ୍ତ ଭାବନା ତାଙ୍କର ମନକୁ ଭାରାକ୍ରାନ୍ତ କରି ଆନ୍ଦୋଳିତ କରୁଥିଲା । ନମିତାଙ୍କୁ କିନ୍ତୁ ସେହି ଅସମାହିତ ପ୍ରଶ୍ନଟି ପଚାରିବାକୁ ସାହସ ଜୁଟାଇ ପାରୁ ନ ଥିଲେ ।

ଅପରପକ୍ଷେ ନମିତା ନିଜକୁ କ୍ଷମା କରିପାରୁ ନ ଥିଲେ, କେମିତି ସ୍ୱାମୀଙ୍କୁ ସେହି ପନ୍ଦର ଦିନର ଅନୁଭୂତି ବଖାଣିବେ? ତା'ପରେ ପୁଅ ବୋହୂତ ତାଙ୍କ ପ୍ରତି ସେମିତି କିଛି ଅବହେଳା କରି ନାହାନ୍ତି, ଉଭୟେ କର୍ମଜୀବୀ । ବର୍ଷକର ଗୋଟିଏ ବୋଲି ପୁଅକୁ ଆୟା ପାଖରେ ଛାଡ଼ିଦେଇ କର୍ମସ୍ଥଳୀକୁ ଚାଲି ଯାଆନ୍ତି । ସେମାନେ ଫେରିବା ଯାଏ ସେ ହିଁ ବାପା ସେ ହିଁ ମାଆ । ଏ ସବୁ ନମିତା ସହଜରେ ହଜମ କରିପାରୁ ନ ଥିଲେ । ଆତ୍ମଗ୍ଲାନିରେ ବ୍ୟଥିତ ନମିତା ତାଙ୍କର ଅପରିଣାମଦର୍ଶୀ କାର୍ଯ୍ୟ ପାଇଁ ନିଜକୁ ଧିକ୍କାର କରୁଥିଲେ ।

ସେଦିନ ଆତ୍ମପ୍ରତ୍ୟୟ ଜୁଟାଇ ସ୍ୱାମୀଙ୍କୁ ଚାହା କପ୍‌ଟା ବଢ଼ାଇ ଦେଉ ଦେଉ କହିଲେ ମୋର ସେ ଅପାଙ୍କ୍ତେୟ ପନ୍ଦର ଦିନ ବନ୍ଦୀଜୀବନ କଥା ଭାବିଲେ ଜୀବନଟା ଗୋଟେ ଅନ୍ତଃସାରହୀନ ଶୂନ୍ୟମାଠିଆ ଭଳି ଲାଗେ । ବୁଝିଲ ନା ତାଙ୍କ ପାଖରେ ନିଜ କଥା ଭାବିବାକୁ ସମୟ ନାହିଁ ଆଉ ମୋ କଥା ଛାଡ଼ । ନ କହିବା ଭଲ । ହଁ ତାଙ୍କର ଯଦି ସେହିଭଳି ଉତ୍ସର୍ଗୀକୃତ ମନୋଭାବ ଥାଆନ୍ତା ତେବେ ବାପାମା' ଉଭୟଙ୍କୁ ତ ଡକାଇ ପାରି ଥାଆନ୍ତେ । ପ୍ରଗଲ୍‌ଭାଙ୍କ ଭଳି ଏଣୁତେଣୁ ବହୁତ କଥା ଗପି ଯାଉଥିଲେ ।

ଶରତବାବୁ ସେ କଥାକୁ କର୍ଣ୍ଣପାତ ନ କରି ଖାଲି କପ୍ ବଢ଼େଇ ଦେଉଦେଉ

ଆତ୍ମଗତ ଅଭିଜ୍ଞତାକୁ ପାଥେୟ କରି କହିଲେ ମୁଁ ଜାଣିଥିଲି ତୁମେ ସେଠାରେ ଖାପ ଖୁଆଇ ନିଜକୁ ଚଳିପାରିବ ନାହିଁ। ଶରତବାବୁ କଥାଟିକୁ ବୁଲେଇ ସହଜ ସୁଲଭ ଢଙ୍ଗରେ କହିଲେ ସେଠି ଭାଷାଗତ, ଚଳଣିଗତ, ପରମ୍ପରାଗତ ପାର୍ଥକ୍ୟ ତୁମକୁ ସୁହାଇବ ନାହିଁ। ଏକାକୀତ୍ୱବୋଧରେ ଦହଗଞ୍ଜ ହେବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ହିଁ ନାହିଁ। ସେମାନଙ୍କର ଡେଣା ଲାଗିଛି ସେମାନେ ଉଡ଼ି ଶିଖିଛନ୍ତି ନିଜର ଘରସଂସାର ସଜାଡ଼ିବା ପାଇଁ। ସେମାନଙ୍କୁ ଛାଡ଼ିଦେବା ଆମ ପାଇଁ ଶ୍ରେୟସ୍କର ହେବ। ଏହା ବ୍ୟତୀତ ବାହାରକୁ ଯିବା ପାଇଁ ଆମେ ତ ସବୁ ପ୍ରକାର ପ୍ରସ୍ତୁତି ଅର୍ଥାତ୍ ଶିକ୍ଷାଗତ ଯୋଗ୍ୟତାର ପ୍ରସ୍ତୁତି ଆଗରୁ ସାରି ଦେଇଥିଲେ। ସେତେବେଳେ ଆମ କଥା ନ ଭାବି ତା' ଭବିଷ୍ୟତ କଥା ଭାବିଥିଲେ। ସବୁ ବାପା ମାଆ ଯେମିତି ଚାହାନ୍ତି ନିଜର ପିଲା ଖୁବ୍ ନାଁ କରୁ, ସଫଳତାର ଶୀର୍ଷରେ ପହଞ୍ଚୁ, ଆମେ ମଧ ତାହା ଚାହିଁଥିଲୁ। ବିଦେଶ ଯିବାକୁ ସବୁ ପ୍ରକାର ବ୍ୟବସ୍ଥା ଆମେ କରିଥିଲୁ, ଏଥିରେ ପୁଅର ଦୋଷ କିଛି ନାହିଁ। ଯେ ପର୍ଯ୍ୟନ୍ତ ଆମର ହାତଗୋଡ଼ ଚଳୁଛି ସେ ପର୍ଯ୍ୟନ୍ତ ତୁମେ ଆଉ ମୁଁ ଏକ ଆଉ ଅଭିନ୍ନ। ଭବିଷ୍ୟତ କିଏ ଦେଖିଛି, ବର୍ତ୍ତମାନକୁ ନେଇ ବଞ୍ଚିବା ଶିଖ। ଆତ୍ମଗ୍ଲାନି ମଣିଷକୁ ଦୁର୍ବଳ କରିଦିଏ, ମଣିଷ ଶକ୍ତିହୀନ ହୋଇ ଭାଗ୍ୟକୁ ନିନ୍ଦେ। ନିଜ ସାମର୍ଥ୍ୟର ଉପଯୋଗ କରି ଶିଖ। ନମିତାଙ୍କ ଆଖିରେ ଲୁହ ଜକେଇ ଆସିଥିଲା, ନମିତା ବୁଝିଗଲେ ଏସବୁ ମୋର ତୋର କେବଳ ମିଛ କୁହେଳି।

ହୃଦୟଙ୍ଗମ କଲେ ବାସ୍ତବିକ୍ ଶରତବାବୁ ଜଣେ ସ୍ଥିତପ୍ରଜ୍ଞ ବ୍ୟକ୍ତି ଯାହାଙ୍କର ସୁଖରେ ଉତ୍‌ଫୁଲ୍ଲ ଭାବ ନ ଥାଏ କି ଦୁଃଖରେ କାତରତା ନ ଥାଏ। ନିଜ ଉପରେ ଢେର୍ ବିଶ୍ୱାସ ରଖିପାରୁଥିବା ମଣିଷ। ପ୍ରସନ୍ନତା ତାଙ୍କ ଜୀବନର ମୂଳମନ୍ତ୍ର। ନମିତା ନିଜର ଅକ୍ଷମଣୀୟ ଭୁଲ୍ ପାଇଁ ନିଜକୁ କ୍ଷମା କରିପାରି ନ ଥିଲେ। ଆଗାମୀ ଭବିଷ୍ୟତର ସ୍ଥିତି ବିଷୟରେ ଭାବୁଭାବୁ ପ୍ରକୃତିସ୍ଥ ହୋଇ ପଡ଼ିଥିଲେ। ସତେ ଯେମିତି ମିଛ କୁହେଳି ଭିତରେ ଦିଗହରା ହୋଇଛନ୍ତି।

ଆରେ କ'ଣ ଭାବୁଛ ? ଆଜି ପରା ସୋମବାର, ଶିବ ମନ୍ଦିର ଯିବ ନାହିଁକି ? ଶୀଘ୍ର ଶୀଘ୍ର ବାହାରିପଡ଼। ଫେରିବା ବେଳେ ସାମନ୍ତରାୟ ଘର ଆଡ଼େ ଟିକେ ବୁଲି ଆସିବା।

"ହଁ, ଏଇ ସଙ୍ଗେ ସଙ୍ଗେ ବାହାରୁଛି" କହି ନମିତା ଭିତରକୁ ଚାଲିଗଲେ। ଶରତ ବାବୁ ଭାବୁଥିଲେ ମାଆର ମନ କେତେ କୋମଳ, ନିର୍ମଳ ଆଉ ସୋହାଗପୂର୍ଣ୍ଣ। ■■■

'ବାଣୀନିଳୟ'
ଚାଉଳିଆ, ସାନକୁଆଁଳ, ମଙ୍ଗଳପୁର
ଯାଜପୁର-୭୫୫୦୧୧
ଦୂରଭାଷ : ୯୪୩୮୦୬୪୯୦୮

ଦୈନିକ 'ସମାଜ'ର ୧୦୫ତମ ବାର୍ଷିକୀ ତଥା ଶାରଦୀୟ ଦୁର୍ଗାପୂଜା ଏବଂ ପବିତ୍ର ବିଜୟା ଦଶମୀ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

Bharat Petroleum

ଶିବ ପ୍ରସାଦ ସାହୁ ଏଣ୍ଡ ସନ୍ସ
ହାଟବାଦଡା, ମୟୂରଭଞ୍ଜ
ମେସର୍ସ ଯଶୋଦା ଫୁଏଲ୍ସ
(ଭାରତ ପେଟ୍ରୋଲିୟମ ଅଧୀକୃତ ବିକ୍ରେତା)
ମେନ୍ ରୋଡ୍, ରାଇରଙ୍ଗପୁର, ମୟୂରଭଞ୍ଜ


Save Environment
Save Life
A WELL WISHER
DHENKANAL

With Best Compliments From :-

A Well Wisher

Angul

ଧନୀ ଦେଶର କାହାଣୀ

ଅଜୟ ମହାପାତ୍ର

ବାସ୍ତୁବିତ, ଗାଳ୍ପିକ, ନାଟ୍ୟକାର ଭାବରେ ସୁପରିଚିତ । ବାସ୍ତୁଶାସ୍ତ୍ର ସମ୍ପର୍କିତ କୋଡ଼ିଏରୁ ଊର୍ଦ୍ଧ୍ୱ ପୁସ୍ତକର ସ୍ରଷ୍ଟା । ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା ଜାରି ରଖିଥିବା ଲେଖକଙ୍କର ଏଗାରଟି ଗଳ୍ପ ସଙ୍କଳନ, ଚାରିଟି ଉପନ୍ୟାସ, ପଚିଶରୁ ଊର୍ଦ୍ଧ୍ୱ ନାଟକ ପ୍ରକାଶିତ । ସାହିତ୍ୟ କୃତି ନିମନ୍ତେ ବହୁ ଅନୁଷ୍ଠାନରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ।

ପୃଥିବୀର ଅନେକ ଦେଶ ମଧ୍ୟରୁ ଗୋଲ୍ଡଲ୍ୟାଣ୍ଡ ଅନ୍ୟତମ । ସେ ଦେଶର ନାମ ବୋଧହୁଏ ଆରମ୍ଭରୁ ଅଲଗା କିଛି ଥିଲା; ମାତ୍ର କାଳକ୍ରମେ ହେଇଗଲା ଗୋଲ୍ଡଲ୍ୟାଣ୍ଡ । ଗୋଲ୍ଡଲ୍ୟାଣ୍ଡ ଥିଲା ପୃଥିବୀର ସବୁଠୁ ବଡ଼ ଧନୀ ଦେଶ । ସେ ଦେଶର ସମସ୍ତ ଲୋକ ଥିଲେ ଧନୀ । ଦେଶଟି ଦେଖିବାକୁ ଖୁବ୍ ସୁନ୍ଦର । ଲୋକେ କୁହନ୍ତି, ଗୋଲ୍ଡଲ୍ୟାଣ୍ଡ ହେଉଛି ପୃଥିବୀର ସ୍ୱର୍ଗ । ଦେଶବାସୀ ଖୁବ୍ ଆନନ୍ଦରେ ଜୀବନ ଅତିବାହିତ କରୁଥିଲେ ।

ସାରା ପୃଥିବୀରେ ଚାଲିଥିଲା ରାଜରାଜୁଡ଼ା ଶାସନ । ଗୋଲ୍ଡଲ୍ୟାଣ୍ଡରେ ମଧ୍ୟ ଚାଲିଥିଲା ରାଜାମାନଙ୍କର ଶାସନ । ରାଜାମାନେ ମଧ୍ୟ ଥିଲେ ଖୁବ୍ ଦେଶପ୍ରେମୀ ଓ ପରିଶ୍ରମୀ । ଦେଶର ପ୍ରଗତି ପାଇଁ ସେମାନେ ଅହରହ ଚେଷ୍ଟା କରୁଥିଲେ । ସେମାନଙ୍କ ଚେଷ୍ଟା ଓ ଅନୁଶାସନ ଯୋଗୁଁ ଦେଶର ପ୍ରଜାମାନେ ଥିଲେ ଖୁବ୍ ଶୃଙ୍ଖଳିତ । ପ୍ରଜାମାନଙ୍କ ମନ ଓ ହୃଦୟରେ ଭରି ରହିଥିଲା ଦେଶପ୍ରେମ ଭାବନା । ରାଜାଙ୍କ ପ୍ରତିଟି କଥାକୁ ପ୍ରଜାମାନେ ଆଦେଶ ରୂପେ ମାନୁଥିଲେ ଓ

ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ। ରାଜାମାନଙ୍କ ଶାସନ ବଂଶାନୁକ୍ରମେ ପିଢ଼ି ପରେ ପିଢ଼ି ଚାଲିଥିଲା। ରାଜକୁମାରମାନେ ପରବର୍ତ୍ତୀ ରାଜା ଭାବେ ଅଭିଷେକ ହେଉଥିଲେ।

ଏମିତି ଅନେକ ପିଢ଼ି ପରେ ବଂଶାନୁକ୍ରମେ ଜଣେ ରାଜା ହେଲେ, ଯିଏ ଥିଲେ ଟିକେ ଆଡ଼ବାୟା। ସେ ରାଜା ଯାହା ବୁଝିଥିବେ ସେଇଆ । ସେ କାହାରି ନିଷ୍ପତ୍ତି ଗ୍ରହଣ କରିବାକୁ ପସନ୍ଦ କରନ୍ତି ନାହିଁ। ତାଙ୍କ ମନକୁ ଯାହା ଆସେ ସେଇଆ ହିଁ କରନ୍ତି। ତାହା ହିଁ ହେବ ତାଙ୍କର ନିର୍ଦ୍ଦେଶ ଓ ଆଦେଶ। ସେହି ରାଜାଙ୍କର ନାମ ଥିଲା ରାଜା ତୋଗଲକ ରାୟ ବାହାଦୁର ସିଂହ। ପ୍ରଜାମାନେ ତାଙ୍କୁ ସଂକ୍ଷେପରେ ଡାକୁଥିଲେ ମହାରାଜା ତୋଗଲକ । କେହି କେହି ରାଜାଙ୍କ ପଛରେ କହୁଥିଲେ, "ଆଡ଼ବାୟା ତୋଗଲକ!"

ଗୋଲ୍ଡଲ୍ୟାଣ୍ଡ ଦେଶର ଭୌଗୋଳିକ ସ୍ଥିତି ଅନୁଯାୟୀ ଉତ୍ତର ପାର୍ଶ୍ୱରେ ଥଣ୍ଡା ହେଲାବେଳେ ଦକ୍ଷିଣ ପାର୍ଶ୍ୱରେ ଗରମ, ପୂର୍ବ ପାର୍ଶ୍ୱରେ ମଧ୍ୟମ ଧରଣ ପାଣିପାଗ ଥିଲାବେଳେ ପଶ୍ଚିମ ପାର୍ଶ୍ୱରେ ଅଧିକ ଗରମ ଅନୁଭୂତ ହୁଏ। ବିଶେଷକରି ଦେଶର ଉତ୍ତର ପାର୍ଶ୍ୱରେ ପାହାଡ଼ ପର୍ବତ ଥିବାରୁ ମାର୍ଚ୍ଚ, ଏପ୍ରିଲ, ମେ ଓ ଜୁନ୍‌ରେ ପାଗ ଭଲ ରହେ। ଅନ୍ୟ ଆଠ ମାସ ପ୍ରବଳ ଥଣ୍ଡା ଓ ତୁଷାରପାତ ହୁଏ। ଏହି ତୁଷାରପାତ ସମୟରେ ଦକ୍ଷିଣ ପାର୍ଶ୍ୱରେ ଜଳବାୟୁ ନଭେମ୍ବର, ଡିସେମ୍ବର, ଜାନୁଆରୀ, ଫେବୃଆରୀରେ ଭଲ ରହେ। ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର ଓ ଅକ୍ଟୋବରରେ ପୂର୍ବ ଦିଗରେ ସମୁଦ୍ର ଥିବାରୁ ଜଳବାୟୁ ଖୁବ୍ ଆମୋଦଦାୟକ ଲାଗେ। ଏଣୁ ରାଜା ତୋଗଲକ ବର୍ଷକ ବାର ମାସକୁ ଭାଗବାଣ୍ଟି ଚାରିମାସ ଉତ୍ତର ଦିଗରେ ଓ ଚାରିମାସ ପୂର୍ବ ଦିଗରେ ନୂଆ ରାଜମହଲ ନିର୍ମାଣ କରି ଖୁବ୍ ଆମୋଦପ୍ରମୋଦରେ ସମୟ ଅତିବାହିତ କରନ୍ତି। ଦେଶର ଦକ୍ଷିଣ ପାର୍ଶ୍ୱରେ ଥିବା ପୁରୁଣା ରାଜପ୍ରାସାଦ ଓ ରାଜ୍ୟ କାର୍ଯ୍ୟାଳୟରେ ଚାରି ମାସ କାଟନ୍ତି। ଏହି ଚାରିମାସ ସେ ରାଜକାର୍ଯ୍ୟ ବୁଝନ୍ତି ଓ ପ୍ରଜାଙ୍କ ଦୁଃଖସୁଖ ଶୁଣନ୍ତି। ବାକି ଆଠମାସ ସେ ରାଜକାର୍ଯ୍ୟରୁ ବିରତି ନେଇ ମହାଆନନ୍ଦରେ ଜୀବନକୁ ଉପଭୋଗ କରନ୍ତି। ଏହି ସମୟରେ ମହାମନ୍ତ୍ରୀ ବିଜୟାନନ୍ଦ ମାନସିଂହ ବୁଝନ୍ତି ରାଜକାର୍ଯ୍ୟ।

ରାଜା ତୋଗଲକ ଯଦିଓ ସୌଖୀନ ଓ ବିଳାସପ୍ରିୟ ଥିଲେ ତଥାପି ନିଜର ବିଳାସ ପାଇଁ ପ୍ରଜାଙ୍କଠାରୁ କର ଆଦାୟ କରିବା କିମ୍ବା ପ୍ରଜାଙ୍କ ସ୍ୱାର୍ଥରେ କେବେ ବ୍ୟାଘାତ ସୃଷ୍ଟି କରନ୍ତି ନାହିଁ। ଦେଶର ଯେଉଁ ଧନୀ ଶ୍ରେଣୀର ବ୍ୟକ୍ତି ବେପାର ବଣିଜ କିମ୍ବା କଳକାରଖାନା କରିବାକୁ ଚାହୁଁଥିଲେ, ତାଙ୍କୁ ସମସ୍ତ ପ୍ରକାର ସୁଯୋଗ ଓ ସୁବିଧା ଯୋଗେଇ ଦିଅନ୍ତି। ଏଣୁ ଦେଶର ଧନୀ ଶ୍ରେଣୀର ଲୋକେ ଧନୀରୁ ଆହୁରି ଧନୀ ହୋଇ ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ତାଲିକାରେ ଅନ୍ତର୍ଭୁକ୍ତ ହୋଇ ଇତିହାସ ସୃଷ୍ଟିକରନ୍ତି। ଏଥିରେ ରାଜା ତୋଗଲକ ଅତ୍ୟନ୍ତ ଆନନ୍ଦିତ ହୁଅନ୍ତି ଓ ତାଙ୍କ ଦେଶର ସର୍ବଶ୍ରେଷ୍ଠ ଧନୀମାନଙ୍କୁ ବଧାଇ ଜଣାନ୍ତି।

ତୋଗଲକଙ୍କ ସମୟରେ ଗୋଲ୍ଡଲ୍ୟାଣ୍ଡ ଦେଶର ଧନୀ ତାଲିକାରେ ସ୍ଥାନ ପାଇଥାଆନ୍ତି ମିଷ୍ଟର ଘୋରୀ, ମିଷ୍ଟର ଟିକ୍‌ମାନୀ ପ୍ରମୁଖ। ଏଇ ଧନୀଙ୍କ ପ୍ରତି ତୋଗଲକଙ୍କର ଯଥେଷ୍ଟ ସମ୍ମାନ ଥାଏ। ସେ ଭାବନ୍ତି ତାଙ୍କ ପୂର୍ବପୁରୁଷରୁ ସାରା ବିଶ୍ୱରେ ତାଙ୍କ ଦେଶ ଧନୀ ଦେଶ ରୂପେ ପରିଗଣିତ ହୋଇ ଆସିବାର ମୁଖ୍ୟ କାରଣ ହେଉଛି କେବଳ ଏଇ ଧନୀଙ୍କର କଠୋର ପରିଶ୍ରମ।

ରାଜା ତୋଗଲକ ସର୍ବଦା ପ୍ରଜାଙ୍କ ମଙ୍ଗଳ ଚାହୁଁଥିଲେ। ତାଙ୍କ ଅନୁପସ୍ଥିତିରେ ସର୍ବଦା ମହାମନ୍ତ୍ରୀ ବିଜୟାନନ୍ଦ ମାନସିଂହଙ୍କୁ ପ୍ରଜାଙ୍କ ହିତରେ କାର୍ଯ୍ୟ କରିବା ପାଇଁ କହୁଥିଲେ। ତାଙ୍କର ଭଲ ଗୁଣ ହେଲା; ସେ ପ୍ରଜାବତ୍ସଳ । ପ୍ରଜାଙ୍କ ଦୁଃଖ ତାଙ୍କୁ ଅସହ୍ୟ ହୁଏ! ସେ ସମ୍ପୂର୍ଣ୍ଣ ଧର୍ମବିଶ୍ୱାସୀ । ଅହିଂସାକୁ ଖୁବ୍ ଭଲପାଆନ୍ତି। ସବୁଠୁ ବଡ଼କଥା ହେଲା ତାଙ୍କ ରାଜ ପ୍ରାସାଦରେ ଓ ରାଜକାର୍ଯ୍ୟରେ ନିୟୋଜିତ ପ୍ରତ୍ୟେକ କର୍ମଚାରୀଙ୍କୁ ଅଧିକ ବେତନ ଦେବା ସହ ଅନେକ ପ୍ରକାର ସୁବିଧା ସୁଯୋଗ ଦିଅନ୍ତି। ରାଜକର୍ମଚାରୀମାନେ ଖୁବ୍ ଆନନ୍ଦରେ ଧନୀ ଶ୍ରେଣୀର ଲୋକଙ୍କ ଭଳି ସମୟ ବିତାନ୍ତି। ଏପରିକି ରାଜକାର୍ଯ୍ୟରେ ନିୟୋଜିତ ଝାଡୁଦାରକୁ ଯେତିକି ବେତନ ମିଳେ, ତା' ପରିବାର ମଧ୍ୟବିତ୍ତ ବ୍ୟକ୍ତିର ପରିବାରଠୁ ମଧ୍ୟ ଖୁବ୍ ଭଲରେ ଚଳେ। ସେ ତା' ଛୁଆପିଲାଙ୍କୁ ମଧ୍ୟ ଭଲ ସ୍କୁଲ୍ ଓ କଲେଜରେ ପାଠ ପଢ଼େଇ ମଣିଷ କରିପାରେ। କର୍ମ ହିଁ ଈଶ୍ୱର ବୋଲି ସେ ବିଶ୍ୱାସ କରନ୍ତି। କର୍ମକୁଣ୍ଠଙ୍କୁ ଘୃଣା କରନ୍ତି। ଜୀବନ କ୍ଷଣଭଙ୍ଗୁର। ଆଜି ଅଛି କାଲି ନ ଥିବ! ଏଣୁ ତାଙ୍କ ଭଳି ସବୁ ପ୍ରଜା ମଧ୍ୟ ପରିଶ୍ରମ ସହ ଖୁବ୍ ଖୁସିରେ ସମୟ ବିତାଇବା ଉଚିତ୍ ବୋଲି ସେ ଚାହିଁଥାନ୍ତି। ରାଜା ତୋଗଲକ ସଭାରେ ସର୍ବଦା କୁହନ୍ତି; ପ୍ରତିଟି ମଣିଷର ଭଲରେ ଖାଇପିଇ ବଞ୍ଚିବାର ସମ୍ପୂର୍ଣ୍ଣ ଅଧିକାର ଅଛି! ସେ ମୋ ରାଜଦରବାରର ଝାଡୁଦାର ହେଉ କି ମହାମନ୍ତ୍ରୀ !

ତୋଗଲକଙ୍କ ଦୃଷ୍ଟିରେ ସବୁ ମଣିଷ ସମାନ। ପ୍ରତ୍ୟେକ ମଣିଷ କେବଳ ସେମାନଙ୍କ କର୍ମ ପାଇଁ ଭିନ୍ନ ହୋଇଥାଆନ୍ତି। ତଥାପି ଆମେ ସମସ୍ତେ ପରସ୍ପର ପାଇଁ ଏକାନ୍ତ ଅପରିହାର୍ଯ୍ୟ। ଏଣୁ ଆମେ ସମସ୍ତେ ପରସ୍ପରକୁ ପରସ୍ପର କାର୍ଯ୍ୟ ପ୍ରତି ସମ୍ମାନ ଦେବା ଉଚିତ୍। ସେ ଜଣେ ଧର୍ମବିଶ୍ୱାସୀ ମଣିଷ, ଏଣୁ ସେ ସବୁ ମଣିଷଙ୍କୁ ଈଶ୍ୱରଙ୍କ ସୃଷ୍ଟି ବୋଲି ବିଶ୍ୱାସ କରନ୍ତି! ସେ ଧର୍ମ ଓ ବର୍ଣ୍ଣ ଭିତ୍ତିରେ ମଣିଷକୁ ଭିନ୍ନ ଦୃଷ୍ଟିରେ ନ ଦେଖି କେବଳ ମାନବୀୟ ଦୃଷ୍ଟିଭଙ୍ଗୀରେ ଦେଖନ୍ତି। ଏଇଥିପାଇଁ ପ୍ରଜାମାନେ ତାଙ୍କୁ ଖୁବ୍ ଭଲପାଆନ୍ତି; ମାତ୍ର ଅନେକ ସ୍ୱାର୍ଥପର ପ୍ରଜା ଓ ଧନୀ ଶ୍ରେଣୀର ବ୍ୟକ୍ତି ରାଜାଙ୍କର ଏଇ ସରଳପଣର ଖୁବ୍ ଫାଇଦା ଉଠାନ୍ତି ଓ ତାଙ୍କ ପଛରେ କୁହନ୍ତି, "ଆଡ଼ବାୟା ତୋଗଲକ"।

ବହୁଦିନ ପରେ ରାଜା ତାଙ୍କ ପୁରୁଣା ପ୍ରାସାଦକୁ ଫେରି ରାଜକାର୍ଯ୍ୟ ଆରମ୍ଭ କଲେ।

ସେ ବିଚାରୁଥିଲେ ଦେଶର ସମସ୍ତ ପ୍ରଜା ବହୁ ଖୁସିରେ ଅଛନ୍ତି ଓ ତାଙ୍କ ପ୍ରତି ପ୍ରଜାମାନଙ୍କର ଖୁବ୍ ଭଲ ଧାରଣା ଅଛି । ଦେଶର ସମସ୍ତ ପ୍ରଜା ତାଙ୍କୁ ସ୍ନେହ, ପ୍ରେମ ଓ ଭକ୍ତି କରନ୍ତି । ଏମିତି ଏକ ଧାରଣା ନେଇ ସେ ଅନେକ ଦିନ ହେବ ମନେମନେ ଖୁବ୍ ଖୁସି ହେଉଥିଲେ । ନିଜର ପ୍ରଶଂସା ମହାମନ୍ତ୍ରୀଙ୍କ ମୁଖରୁ ଶୁଣିବା ଇଚ୍ଛାରେ ଦିନେ ଅତ୍ୟନ୍ତ ଆନନ୍ଦରେ ପଚାରି ଦେଲେ; ମହାମନ୍ତ୍ରୀ! ମୁଁ ଭାବୁଛି ମୋ ଦେଶର ସମସ୍ତ ପ୍ରଜା ଖୁବ୍ ଆନନ୍ଦରେ ସମୟ ଅତିବାହିତ କରୁଛନ୍ତି । ମୋ ସମୟରେ ଦେଶର ଆର୍ଥିକ ସ୍ଥିତି ଆହୁରି ସୁଦୃଢ଼ ହୋଇଛି । ଆପଣଙ୍କର ଏ ସମ୍ପର୍କରେ ମତାମତ କ'ଣ ମୋତେ ବିନା ଦ୍ୱିଧାରେ କୁହନ୍ତୁ ।

ମହାମନ୍ତ୍ରୀ ବିଜୟାନନ୍ଦ ମାନସିଂହ ବଡ଼ ଦ୍ୱନ୍ଦରେ ପଡ଼ିଗଲେ । ସେ ସତ କହିବେ ନା ମିଛ କହିବେ । ରାଜା ଆଡ଼ବାୟା । କଥା ମନକୁ ଗଲେ ଭଲ, ନଚେତ୍ କ'ଣ କରି ବସିବେ କିଛି ଠିକ୍ ଠିକଣା ନାହିଁ । ପୁଣି ତାଙ୍କ ପାଟିରୁ ଯାହା ବାହାରେ ସେଇଟା ତାଙ୍କର ଚରମ ଆଦେଶ ହୋଇଯାଏ । ତାହା ପୂରଣ ନ କରିବା ପର୍ଯ୍ୟନ୍ତ ରାଜା ତୋଗଲକ କାହାରିକୁ କ୍ଷମା କରନ୍ତି ନାହିଁ । ତଥାପି ସାହସ ବାନ୍ଧି ମହାମନ୍ତ୍ରୀ ଉତ୍ତର ଦେଲେ; ମହାରାଜ ! ଆପଣ ଠିକ୍ କହିଛନ୍ତି । ଆପଣଙ୍କ ସମୟରେ ଆମ ଦେଶର ଅନେକ ଧନୀ ବ୍ୟକ୍ତି ବିଶ୍ୱସ୍ତରରେ ବଡ଼ ଧନୀ ହୋଇଛନ୍ତି । ଆପଣ କଳକାରଖାନା ଓ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ସେମାନଙ୍କୁ ଅନେକ ସୁବିଧା ସୁଯୋଗ ଦେଇଛନ୍ତି । ଏଣୁ ଦେଶ ଆଗେଇଛି ।

ଦେଶର ଆର୍ଥିକ ସ୍ଥିତି ଖୁବ୍ ସୁଦୃଢ଼ ମଧ୍ୟ ହୋଇଛି । ମହାରାଜ! ଏସବୁ ପ୍ରଗତି ଭିତରେ ମୁଁ ଗୋଟିଏ ଅସୁବିଧା ଲକ୍ଷ୍ୟ କରୁଛି- ମହାରାଜ! ରାଜା ତୋଗଲକ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ମହାମନ୍ତ୍ରୀଙ୍କୁ । ବିସ୍ତାରିତ ନୟନରେ

ତାଙ୍କୁ ପଚାରିଲେ; ମହାମନ୍ତ୍ରୀ ! ମୋ ଦେଶରେ ପୁଣି ଅସୁବିଧା । ଆପଣଙ୍କ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହେଉଛି ! ଦେଶର ସବୁଠାରୁ ବଡ଼ ଧନୀ ଦେଶରେ ପୁଣି ଗୋଟେ ଅସୁବିଧା କ'ଣ?

ମହାମନ୍ତ୍ରୀ ହାତଯୋଡ଼ି କହି ଉଠିଲେ; ମହାରାଜ! ମୋତେ କ୍ଷମା କରିବେ ମୁଁ ସେମିତି କିଛି ଅନୁଭବ କରୁଛି ସେଇଥି ପାଇଁ ଏକଥା ଉପସ୍ଥାପନ କଲି । ଆପଣ ଏ ଦେଶର ରାଜା । ଆପଣଙ୍କୁ ଦେଶ ସମ୍ପର୍କରେ ଅବଗତ କରେଇବା ମୋର କର୍ତ୍ତବ୍ୟ ମହାରାଜ ।

ରାଜା ତୋଗଲକ ଅଭୟବାଣୀ ଶୁଣେଇ କହିଲେ; କୁହନ୍ତୁ ମହାମନ୍ତ୍ରୀ ! ବିନା ଦ୍ୱିଧାରେ କୁହନ୍ତୁ । ଆପଣଙ୍କ କର୍ତ୍ତବ୍ୟ ଆପଣ ପାଳନ କରନ୍ତୁ, ଘଟଣା କ'ଣ ମୋତେ ବିସ୍ତାରରେ କୁହନ୍ତୁ । କ'ଣ ମୋ ଦେଶର ଅସୁବିଧା?

ମହାମନ୍ତ୍ରୀ ନିର୍ଭୟର ସହ ରାଜାଙ୍କ ସାମ୍ନାରେ ଉତ୍ତର ରଖିଲେ; ମହାରାଜ ! ଆମ ଦେଶ ଧନୀ ହେବାରେ ଲାଗିଛି, ଆମ ଦେଶର ଧନୀମାନେ ବିଶ୍ୱରେ ସର୍ବଶ୍ରେଷ୍ଠ ଧନୀ ହେଉଛନ୍ତି, ମାତ୍ର ଆମ ଦେଶର ଗରିବମାନେ ଗରିବରୁ ଆହୁରି ଗରିବ ହେବାରେ ଲାଗିଛନ୍ତି । ଦେଶରେ ଗରିବ ସଂଖ୍ୟା ଆସ୍ତେ ଆସ୍ତେ ବଢ଼ି ଚାଲିଛି । ଏଭଳି ଗରିବ ସଂଖ୍ୟା ବଢ଼ିବଢ଼ି ଚାଲିଲେ ଦିନେ ନା ଦିନେ ଆମ ଦେଶ ମଧ୍ୟ ଗରିବ ହୋଇଯିବ ।

ରାଜା ତୋଗଲକ ଏଇ ଗରିବ ଶବ୍ଦଟାକୁ ଭାରି ଘୃଣା କରନ୍ତି । ସେ ରାଗିଯାଇ କହିଲେ; କୁହ ମହାମନ୍ତ୍ରୀ! ମୁଁ ପ୍ରଜାଙ୍କଠାରୁ ଜବରଦସ୍ତ ଖଜଣା ନେଉଛି ? ନା ମହାରାଜ! ମୁଁ ପ୍ରଜାଙ୍କୁ ସ୍ୱାଧୀନ ଭାବେ ବଞ୍ଚିବାରେ ବାଧା ଦେଉଛି ? ନା ମହାରାଜ! ମୁଁ ପ୍ରଜାଙ୍କୁ ସ୍ୱାଧୀନ ଭାବେ କର୍ମ କରିବାକୁ ପ୍ରତିରୋଧ କରୁଛି ? ନା ମହାରାଜ! ମୁଁ ପ୍ରଜାଙ୍କ ବାଣିଜ୍ୟ ବ୍ୟବସାୟରେ ହସ୍ତକ୍ଷେପ କରୁଛି ? ନା ମହାରାଜ !

ବରଂ ମୁଁ ସମସ୍ତଙ୍କୁ ନିଜର କର୍ମ କରି ଧନୀ ହେବା ପାଇଁ ସମ୍ପୂର୍ଣ୍ଣ ସହଯୋଗ ଓ ସୁଯୋଗ ଦେଉଛି ନା ନାହିଁ ? ଆଜ୍ଞା ମହାରାଜ! ତେବେ ପ୍ରଜା ଗରିବ ହେବାର ମୁଖ୍ୟ କାରଣ ? ମହାମନ୍ତ୍ରୀ ମୁହଁ ଖୋଲି କହିଲେ; ଆଉ ବା କ'ଣ ହେଇପାରେ । କେବଳ ସେମାନଙ୍କ ଅଳସୁଆମି ମହାରାଜ! ରାଜା ରୁକ୍ଷ କଣ୍ଠରେ କହିଲେ; ତା'ହେଲେ ସେଇ ଅଳସୁଆ ପ୍ରଜାମାନଙ୍କ ପାଇଁ ମୋତେ ନିଶ୍ଚୟ କିଛି ନା କିଛି କରିବାକୁ ହେବ । ଏହା କହିବା ବେଳେ ରାଜା ତୋଗଲକ ରାଗରେ ଲାଲ୍ ପଡ଼ିଗଲେ । ତାଙ୍କ ମୁଖମଣ୍ଡଳ ବିବର୍ଣ୍ଣ ଓ ବିକୃତ ହୋଇଉଠିଲା । ମହାମନ୍ତ୍ରୀ ଜାଣିଲେ ତୋଗଲକ ଘଟଣାକୁ ଅତି ଗୁରୁତର ଭାବେ ଗ୍ରହଣ କରିଛନ୍ତି । ତାଙ୍କ ମୁଖମଣ୍ଡଳ ଦିଶୁଥିଲା କେଉଁ ଏକ ଭୟଙ୍କର ଝଡ଼ ପୂର୍ବର ଶାନ୍ତ ଓ ଗମ୍ଭୀର ପରିବେଶ ଭଳି ସମ୍ପୂର୍ଣ୍ଣ ଗମ୍ଭୀର ଓ ନିରବ! ସେ ମହାମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଲେ

ତାଙ୍କୁ ଏକଲା ଛାଡ଼ି ଚାଲିଯିବା ପାଇଁ। ମହାମନ୍ତ୍ରୀ ଆଉ କିଛି କହିବା ପାଇଁ ସାହସ କଲେନି। ସେ ସେହି କ୍ଷଣି ରାଜାଙ୍କୁ ନିଭୃତ କୋଠରିରେ ଛାଡ଼ି ନିଜ କକ୍ଷକୁ ଚାଲି ଆସିଲେ। ମହାମନ୍ତ୍ରୀ ଚାଲି ଆସିଲେ ସତ; ମାତ୍ର ମନରେ ତାଙ୍କର ଭୟ ଓ ଅନେକ ଦ୍ୱନ୍ଦ ଜାତ ହେଲା। ସାରାଦିନ ଓ ସାରାରାତି ତାଙ୍କ ଆଖିକୁ ଆଦୌ ନିଦ ଆସିଲା ନାହିଁ।

ପରଦିନ ରାଜା ତୋଗଲକ ଦରବାରକୁ ମହାମନ୍ତ୍ରୀ, ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଓ ସେନାପତିଙ୍କ ସହ ରାଜକର୍ମଚାରୀଙ୍କୁ ଡକାଇଲେ। କାହାରି ସହ କିଛି ବିଚାର ବିମର୍ଶ ନ କରି ସିଧାସିଧା ନିର୍ଦ୍ଦେଶ ଦେଲେ ମୁଁ ଚାହୁଁଛି, ମୋ ଦେଶରେ କୌଣସି ଗରିବ ନ ରୁହନ୍ତୁ। ସମସ୍ତେ ଆଶ୍ଚର୍ଯ୍ୟ ହୋଇ ତୋଗଲକଙ୍କୁ ଚାହିଁଲେ। ଏହାର ଅର୍ଥ କ'ଣ ବା ହେଇପାରେ! ରାଜା ସବୁ ଗରିବଙ୍କୁ ଅର୍ଥ ଦେଇ ଧନୀ କରିବେ କିମ୍ବା ଦେଶରୁ ବିଦା କରିଦେବେ। ଉଭୟ କଥା ଏଇ ରାଜା ତୋଗଲକଙ୍କ ପାଇଁ ସମ୍ଭବ। କାରଣ ସେ ପ୍ରଜାବତ୍ସଳ ଓ ଅତ୍ୟନ୍ତ ଦୟାଳୁ। ପୁଣି ଅନ୍ୟପକ୍ଷେ ଖୁବ୍ ରାଗୀ ଓ ଆଡ଼ବାୟା! ତାଙ୍କର ଆଡ଼ବାୟା ବୁଦ୍ଧିଟା ଜାଗ୍ରତ ହେଇଗଲେ ଗରିବ ପ୍ରଜାଙ୍କୁ ସେ କେବଳ ଦେଶାନ୍ତର ନୁହେଁ, ହତ୍ୟା କରିବାକୁ ମଧ ପଛେଇବେ ନାହିଁ। ସମସ୍ତେ ରାଜା ତୋଗଲକଙ୍କ ମୁହଁକୁ ଆଶ୍ଚର୍ଯ୍ୟର ସହ ଚାହିଁ ଥାଆନ୍ତି। ସେ କିଛି କ୍ଷଣ ନିରବତା ପରେ କହି ଉଠିଲେ; ମହାମନ୍ତ୍ରୀ। ସାରା ରାଜ୍ୟରେ ଡେଙ୍ଗୁରା ଦିଅ, ରାଜା ଚାହାନ୍ତି ଦେଶରେ କୌଣସି ଗରିବ ପ୍ରଜା ରହିବେ ନାହିଁ। ଏଣୁ ଆଜିଠୁ ଗୋଟିଏ ସପ୍ତାହ ପରେ ଠିକ୍ ଆଜିର ଏଇ ଦିନରେ ଦେଶର ସମସ୍ତ ଗରିବ ପ୍ରଜା ରାଜଦରବାରରେ ପହଞ୍ଚିବେ। ରାଜା ସମସ୍ତଙ୍କୁ ଅର୍ଥ ଦାନ କରି ଧନୀ କରିବେ।

ରାଜାଙ୍କ ଏଇ ଘୋଷଣାରେ ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ସେନାପତି ଓ ଉପସ୍ଥିତ ରାଜ କର୍ମଚାରୀ ରାଜା ତୋଗଲକଙ୍କର ଜୟ ଜୟ ଗାନ କଲେ। ଏକ ସ୍ୱରରେ କହିଲେ; ମହାରାଜ ତୋଗଲକ ରାୟ ବାହାଦୁର ସିଂହ କି ଜୟ! ମହାରାଜ ତୋଗଲକ ରାୟ ବାହାଦୁର ସିଂହ କି ଜୟ।

ମହାମନ୍ତ୍ରୀ କିନ୍ତୁ ଖୁବ୍ ଦ୍ୱନ୍ଦରେ ଥିଲେ। ଦେଶରେ ଅନେକ ଗରିବ ପ୍ରଜା ଅଛନ୍ତି, ସେମାନଙ୍କୁ କ'ଣ ଅର୍ଥ ଦେଇ ଧନୀ କରିବା ସମ୍ଭବ; ବରଂ ସେମାନଙ୍କୁ ଜୀବିକା ଦେବା ଉଚିତ୍। ସେମାନେ କର୍ମ ନ କରି ବସି ଖାଇଲେ ଦେଶ ପ୍ରତି ମହା ବିପଦ। ଦେଶରେ ଆହୁରି ଗରିବ ସଂଖ୍ୟା ବଢ଼ିବ। ଲୋକେ ଆସ୍ତେ ଆସ୍ତେ କର୍ମକୁଣ୍ଠ ହେଇଯିବେ। ହେଲେ ଏକଥା ରାଜା ତୋଗଲକଙ୍କୁ କହି ଆଉ ସେ ନିଜେ ଅଡୁଆରେ ଛନ୍ଦି ହେବାକୁ ଚାହିଁଲେ ନାହିଁ। ଦେଶସାରା ରାଜାଙ୍କ ନିର୍ଦ୍ଦେଶରେ ଡେଙ୍ଗୁରା ଦିଆ ଚାଲିଲା। ଗରିବ ପ୍ରଜା ଧନୀ ହେବା ପାଇଁ ଉତ୍କଣ୍ଠିତ ହେଲେ। ଦୂରଦୂରାନ୍ତରୁ ରାଜଦରବାର ଅଭିମୁଖେ ଗରିବ ପ୍ରଜାଙ୍କର ଆଗମନ ହେଲା। ସବୁ ଗରିବଙ୍କର ସ୍ୱପ୍ନ ଧନୀ ହେବେ!

ଠିକ୍ ସପ୍ତାହ ପରେ ପଡ଼ିଲା ବହୁ ପ୍ରତୀକ୍ଷିତ ସେହି ଦିନଟି। ସେଦିନ ଥିଲା ରବିବାର। ଗରିବ ଲୋକେ ଖୁସି ହେଉଥିଲେ, ମାତ୍ର ଧନୀ ବ୍ୟକ୍ତିମାନେ ରାଜା ତୋଗଲକଙ୍କର ଏଭଳି କାର୍ଯ୍ୟକୁ ପାଗଳାମି କହୁଥିଲେ। ରାଜାଙ୍କୁ କହୁଥିଲେ ଆଡ଼ବାୟା ରାଜା ତୋଗଲକଙ୍କର ଏ ଗୋଟେ ପାଗଳାମିର ନମୁନା। ମାତ୍ର ରାଜାଙ୍କ ସାମ୍ନାରେ କଥା କହିବାର ସାହସ କାହାର ନ ଥିଲା। କାରଣ ସମସ୍ତେ ଜାଣନ୍ତି ରାଜା ତୋଗଲକ ରାଗିଲେ, ସେ ଯେତେବଡ଼ ଧନୀ ହେଉ ତା'କୁ କ୍ଷଣିକେ ମାଟିରେ ମିଶେଇପାରିବେ, ନଚେତ୍ କଳାପାଣି ପଠେଇ ଦେବେ। କଳାପାଣି ଥିଲା ଗୋଲ୍ଡଲ୍ୟାଣ୍ଡ ଦେଶର ଦୋଷୀଙ୍କ ପାଇଁ ଏକ କଠୋର ଦଣ୍ଡ।

ଏଇ କଳାପାଣି ହେଉଛି ଗୋଲ୍ଡଲ୍ୟାଣ୍ଡ ଦେଶରେ ଅବସ୍ଥିତ ଗୋଟେ ଦ୍ୱୀପ, ଯାହା ଚାରିପାଖରେ ରହିଛି ସମୁଦ୍ର। ସେଇ ଦ୍ୱୀପଣ ବଣ ଜଙ୍ଗଲ ଓ ପାହାଡ଼ ପର୍ବତ ଭିତରେ ଭର୍ତ୍ତି ହୋଇ ଅଛନ୍ତି ଅନେକ ଭୟଙ୍କର ବନ୍ୟ ପ୍ରାଣୀ। ଯାହାକୁ ଥରେ ସେହି କଳାପାଣିରେ ଛାଡ଼ି ଦିଆଯାଏ, ତା'ର ସବୁଦିନ ପାଇଁ ଫେରିବା ରାସ୍ତା ବନ୍ଦ। ସେ ସେହି ଦ୍ୱୀପରେ କିଛିଦିନ ସଂଘର୍ଷ କରେ, ତା'ପରେ ବନ୍ୟ ପ୍ରାଣୀଙ୍କ ଖାଦ୍ୟରେ ପରିଣତ ହୋଇଯାଏ। ତା'ର ବଞ୍ଚିବା ପାଇଁ କୌଣସି ଉପାୟ ନ ଥାଏ। ସହଜେ ତୋଗଲକ ଜିଦିଆ ଓ ଆଡ଼ବାୟା। ଏଣୁ ଯିଏ ଯେତେ ବଡ଼ ଧନୀ ହେଉ ବା କ୍ଷମତାଶାଳୀ ହେଉ ସେ କଦାପି ରାଜାଙ୍କ ବିରୋଧୀ ହେବାକୁ ଚାହେଁନା।

ରାଜପ୍ରାସାଦ ସାମ୍ନାରେ ପାଖାପାଖି ଲକ୍ଷେ ଗରିବ ଲୋକଙ୍କ ଭିଡ଼ ଜମିଲା। ରାଜା ତୋଗଲକ ସିଂହାସନରେ ଚୁପ୍‌ଚାପ୍ ବସି ଥାଆନ୍ତି। ମହାମନ୍ତ୍ରୀ, ସେନାପତି ଓ ସୈନ୍ୟସାମନ୍ତ ରାଜାଙ୍କ ପରବର୍ତ୍ତୀ ନିର୍ଦ୍ଦେଶକୁ ଆକାଂକ୍ଷାର ଓ ଆଶଙ୍କାର ସହ ଅପେକ୍ଷା କରି ଥାଆନ୍ତି। ହଠାତ୍ ତୋଗଲକ ମହାମନ୍ତ୍ରୀ ଓ ସେନାପତିଙ୍କୁ ଡାକି ନିର୍ଦ୍ଦେଶ ଦେଲେ; ମହାମନ୍ତ୍ରୀ! ବାହାରେ କେତେ ଗରିବ ଅଛନ୍ତି? ମହାମନ୍ତ୍ରୀ ଉତ୍ତର ରଖିଲେ, ମହାରାଜ ! ପାଖାପାଖି ଏକ ଲକ୍ଷ ହେବେ। ରାଜା କର୍କଶ ଗଳାରେ ପୁଣି ପଚାରିଲେ; ମୋ ଦେଶରେ ଏତିକି ଗରିବ ନା ଆଉ ଗରିବ ଅଛନ୍ତି? ମହାମନ୍ତ୍ରୀ ଜବାବ ଦେଲେ, ମହାରାଜ। ମୁଁ ଭାବୁଛି ଆମ ଦେଶରେ ଏତିକି ହିଁ ଗରିବ।

ଅସଲରେ ରାଜା ତୋଗଲକ କ'ଣ କରିବାକୁ ଚାହାନ୍ତି, ଏ ଯାବତ୍ ମହାମନ୍ତ୍ରୀ ସନ୍ଦେହ ଘେର ମଧରେ ଅଛନ୍ତି। ଏଣୁ ସେ ଦେଶର ଗରିବ ସଂଖ୍ୟା ଉପରେ ବିଶେଷ ଧାନ ନ ଦେଇ ରାଜାଙ୍କ ପଦକ୍ଷେପ ଉପରେ ଧାନ ଦେଉଥିଲେ। ତୋଗଲକ ବିରକ୍ତିଭରା କଣ୍ଠରେ କହି ଉଠିଲେ; ଏଇ ଗରିବଗୁଡ଼ାକ ମୋ ଦେଶକୁ ଗରିବ କରୁଛନ୍ତି। ଏଗୁଡ଼ା କର୍ମକୁଣ୍ଠ! ଏଗୁଡ଼ା ନିର୍ବୁଦ୍ଧିଆ। ଏମାନେ ଗୋଟିଏ ଗୋଟିଏ ଗଧ। କେବଳ ଖାଇ ପିଇ ମୋ ଦେଶର ଅନ୍ନ ଧ୍ୱଂସ କରୁଛନ୍ତି।

ରାଜା ତୋଗଲକଙ୍କ କଥା ଶୁଣି ମହାମନ୍ତ୍ରୀଙ୍କର ସନ୍ଦେହ ବଢ଼ିବାରେ ଲାଗିଲା । ସେନାପତି ତୋଗଲକଙ୍କ କଥାରେ କଥା ମିଶେଇ ଆଜ୍ଞା ଆଜ୍ଞା କହି ଉତ୍ତର ଦେଉ ଥାଆନ୍ତି; ଆପଣ ଠିକ୍ କହିଛନ୍ତି ମହାରାଜ । ଏଇ ଗରିବଗୁଡ଼ାଙ୍କ ପାଇଁ ଆମ ଦେଶ ଗରିବ ହେଇଯିବ! ଦେଶକୁ ଧନୀ କରିବାକୁ ହେଲେ, ଦେଶରୁ ଗରିବୀ ହଟେଇବା ଉଚିତ୍ ।

ରାଜା ତୋଗଲକ ସେନାପତିଙ୍କ କଥାରେ ଏକ ବିଦ୍ରୁପ ହସ ହସିଲେ । ସେ ହସ ଥିଲା ଅତ୍ୟନ୍ତ ଭୟଙ୍କର । ତୋଗଲକଙ୍କ ପାଗଳାମି ବାହାରିଲେ ଏମିତି ହସ ହସନ୍ତି । ସେ ହାଃ...ହାଃ... ହସି ହସି କହିଲେ; ମୁଁ ଦେଶରୁ ଗରିବୀ ନୁହେଁ ସେନାପତି, ଏଇ ଗରିବଗୁଡ଼ାଙ୍କୁ ହଟେଇବା ପାଇଁ ଚାହେଁ ।

ମହାମନ୍ତ୍ରୀ ରାଜା ତୋଗଲକଙ୍କ କଥାରେ ବିଲ୍‌କୁଲ ସ୍ତବ୍ଧ ହୋଇଗଲେ । ସେନାପତି ରାଜାଙ୍କୁ କ'ଣ ଉତ୍ତର ଦେବେ କିଛି ବୁଝି ପାରିଲେନି । ତୋଗଲକ କର୍କଶ କଣ୍ଠରେ କହିଲେ; ମହାମନ୍ତ୍ରୀ! ମୁଁ ଦେଶର ଧନୀଙ୍କ ସହ ଏଇ ଗରିବମାନଙ୍କ ସମ୍ପର୍କରେ କଥା ହେଲି । ସେମାନଙ୍କ ମତରେ ଏଇ ଗରିବମାନଙ୍କୁ ଅର୍ଥ ଦେଇ ଧନୀ କରିବା ସମ୍ଭବ ନୁହେଁ । କାରଣ ଏଗୁଡ଼ାଙ୍କ ମାନସିକତା ହିଁ ଗରିବ । ଏଣୁ ଗରିବୀ ନୁହେଁ ଗରିବଗୁଡ଼ାଙ୍କୁ ମୋ ଦେଶରୁ ହଟେଇବାକୁ ହେବ ।

ସେନାପତି ତୋଗଲକଙ୍କ ଉଗ୍ରରୂପ ଦେଖି ତାଙ୍କ କଥାକୁ ସମର୍ଥନ ପୂର୍ବକ କହି ଉଠିଲେ; ମହାରାଜ । ଆପଣ ଠିକ୍ ନିଷ୍ପତ୍ତି ନେଇଛନ୍ତି । ନିର୍ଦ୍ଦେଶ ଦିଅନ୍ତୁ, ଆମେ ତାହା ଅକ୍ଷରେ ଅକ୍ଷରେ ପାଳନ କରିବୁ! ମହାମନ୍ତ୍ରୀ ନିରବରେ ଥାଆନ୍ତି । ତାଙ୍କ ପାଟିରୁ ଶବ୍ଦଟିଏ ବାହାରୁ ନଥାଏ । ତୋଗଲକ ନିର୍ଦ୍ଦେଶ ଦେଲେ; ସେନାପତି । ସୈନ୍ୟସାମନ୍ତଙ୍କୁ ନେଇ ସମସ୍ତ ଗରିବଙ୍କୁ ଚତୁଃପାର୍ଶ୍ୱରୁ ଘେରାଉ କର! ଯେମିତି ଗୋଟିଏ ବି ଗରିବ ଖସି ନ ଯାଇପାରେ । ସେନାପତି ଜବାବ ଦେଲେ; ଯଥା ଆଜ୍ଞା ମହାରାଜ ।

ତୋଗଲକ ମହାମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇ କହିଲେ; ମହାମନ୍ତ୍ରୀ । ଦେଶର ସବୁ ଜାହାଜ ନିୟୋଜିତ କରି ଆଜି ହିଁ ଏଇ ଗରିବଗୁଡ଼ାଙ୍କୁ କଳାପାଣି ପଠେଇବା ବ୍ୟବସ୍ଥା କର! ଦେଖିବେ, ଯେମିତି ଗୋଟିଏ ବି ଗରିବ ମୋ ଦେଶରେ ଦେଖିବାକୁ ନ ମିଳନ୍ତି! ମୋ ଦେଶ ପୃଥିବୀର ସବୁଠୁ ଧନୀ ଦେଶ, ମୋ ଦେଶରେ ଗରିବଙ୍କ ସ୍ଥାନ ନାହିଁ ।

ମହାମନ୍ତ୍ରୀ ମଥାନତ କରି କହିଲେ; ଯାହା ଆପଣଙ୍କ ନିର୍ଦ୍ଦେଶ ମହାରାଜ ।

ସେନାପତି ସୈନ୍ୟସାମନ୍ତ ନେଇ ଗରିବମାନଙ୍କୁ ବନ୍ଦୀକରି ରଖିଲେ । ସେମାନଙ୍କୁ ଜାହାଜରେ ଜବରଦସ୍ତ ଲଦି କଳାପାଣି ପଠେଇଲେ । କିଛିଦିନ ମଧ୍ୟରେ ଦେଶର ପ୍ରାୟ ସବୁ ଗରିବଙ୍କୁ କଳାପାଣି ପଠେଇ ଦିଆଗଲା । ମହାରାଜା ଜାଣିଲେ ତାଙ୍କ ଦେଶ ଗୋଲ୍ଡଲ୍ୟାଣ୍ଡ

> "ଏଇ କଳାପାଣି ଆମ ପାଇଁ ସ୍ୱର୍ଗ! ସେଇଠି ମୋଞ୍ଜାମୋଞ୍ଜା ପରଜୀବୀ । ମଶା, ଡାଆଁଶ ଓ ଓଡ଼ଶ ଭଳି ଦିବାଲୋକରେ ଗରିବଙ୍କ ରକ୍ତ ଶୋଷନ୍ତି! ସେଇଠି ଆମେ ଖଟୁଥିଲୁ ଆଉ ଏଇଠି ବି ଖଟୁଛୁ ଫରକ ଏତିକି ଯେ ସେଠି ପର ପାଇଁ ଖଟୁଥିଲୁ, ଏଠି କେବଳ ନିଜ ପାଇଁ ଖଟୁଛୁ! ଆପଣ କଳାପାଣି ପଠେଇ ଦଣ୍ଡ ନୁହେଁ, ଜିଇବାର ଅସଲ ରାସ୍ତା ଦେଖାଇ ଦେଇଛନ୍ତି! ଆପଣ ଏଇ କଳାପାଣି ଦ୍ୱୀପର ରାଜା, ଆମ୍ଭମାନଙ୍କର ମଧ୍ୟ ରାଜା ।"

ବର୍ତ୍ତମାନ ଗରିବ ଶୂନ୍ୟ । ସେ ତାଙ୍କର ନିଷ୍ପତ୍ତିରେ ଅତ୍ୟନ୍ତ ଖୁସି ହୋଇ ମହାମନ୍ତ୍ରୀଙ୍କୁ କହିଲେ; ମହାମନ୍ତ୍ରୀ! ପରାମର୍ଶ ପାଇଁ ଆପଣ ଧନ୍ୟବାଦର ପାତ୍ର । ଆପଣଙ୍କ ପାଇଁ ଆଜି ମୋ ଦେଶ ଗରିବ ଶୂନ୍ୟ ।

ମହାମନ୍ତ୍ରୀ ତୋଗଲକଙ୍କୁ କ'ଣ ବା ଉତ୍ତର ଦେବେ! ସେ ଦାନ୍ତ ଦେଖେଇ ତାଙ୍କ କଥାରେ ଆଜ୍ଞା କହିଲେ, ମାତ୍ର ତାଙ୍କ ହୃଦୟ ଦୁଃଖରେ ବିଦାରି ହେଉଥାଏ । ଲକ୍ଷାଧିକ ଗରିବଙ୍କୁ କଳାପାଣି ପଠେଇବା ପାପ ପାଇଁ ତାଙ୍କର ଅନ୍ତରାତ୍ମା ଯନ୍ତ୍ରଣାରେ ଛଟପଟ ହେଉଥାଏ । ମାତ୍ର ତୋଗଲକ ବିଶ୍ୱବିଜୟୀ ରାଜା ଭଳି ଅତ୍ୟନ୍ତ ଆତ୍ମବିଭୋରରେ ହସୁ ଥାଆନ୍ତି;

ହାଃ...ହାଃ...ହାଃ...

ଏଇ ଘଟଣାର କିଛି ଦିନ ଅନ୍ତେ ରାଜା ତୋଗଲକ ଦେଶର ଉତ୍ତର ଦିଗସ୍ଥ ରାଜପ୍ରାସାଦକୁ ଚାଲିଗଲେ । ରାଜକାର୍ଯ୍ୟ ବୁଝିଲେ ମହାମନ୍ତ୍ରୀ । ରାଜା ତୋଗଲକ ମହାମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଲେ; ମହାମନ୍ତ୍ରୀ । ଧ୍ୟାନ ଦେବେ ମୋ ଦେଶରେ ଯେମିତି ଗୋଟିଏ ଗରିବ ଦୃଶ୍ୟମାନ ହେବେ ନାହିଁ! ଯଦି କୌଣସି ଗରିବ ଦୃଶ୍ୟମାନ ହୁଏ ତା'କୁ ତୁରନ୍ତ ବନ୍ଦୀ କରି କଳାପାଣି ପଠେଇବେ ।

ମହାମନ୍ତ୍ରୀ ଉପାୟଶୂନ୍ୟ! କ'ଣ ବା କରନ୍ତେ ସେ । ତୋଗଲକଙ୍କ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କଲେ ।

ତୋଗଲକ ଉତ୍ତର ଦିଗ ରାଜପ୍ରାସାଦରେ ମହା ଆନନ୍ଦରେ ଚାରି ମାସ ବିତେଇଲେ । ପୁଣି ଚାଲିଲେ ପୂର୍ବ ଦିଗସ୍ଥିତ ରାଜପ୍ରାସାଦକୁ । ସେଠି ପୁଣି ଖୁବ୍ ଆମୋଦପ୍ରମୋଦରେ ଚାରି ମାସ ବିତେଇଲେ । ତା'ପରେ ଫେରିଲେ ଦକ୍ଷିଣ ଦିଗସ୍ଥିତ ପୁରୁଣା ରାଜପ୍ରାସାଦକୁ । ଯେତେବେଳେ ଦେଶର ମୁଖ୍ୟରାସ୍ତା ଓ ଛୋଟବଡ଼ ସହର ଦେଇ ଫେରୁଥିଲେ ତାଙ୍କୁ ସେ ସହର ଓ ରାସ୍ତା ଖୁବ୍ ଅଜଣା ଓ ଅଚିହ୍ନା ଭଳି ଦୃଶ୍ୟମାନ ହେଲା । ସେ ଖୁବ୍ ଆଶ୍ଚର୍ଯ୍ୟ ହେଲେ । ମନେମନେ ଭାବିଲେ ଏ କ'ଣ ମୋ

ଦେଶ ଗୋଲ୍ଡଲ୍ୟାଣ୍ଡ! ସାରା ବିଶ୍ୱର ସବୁଠୁ ଧନୀ ଦେଶ! ସ୍ୱପ୍ନରେ ସେ ଭାବି ନ ଥିଲେ ତାଙ୍କ ଦେଶର ଅବସ୍ଥା ଏପରି ହୋଇପାରେ! ବାଟରେ ଫେରିବା ସମୟରେ ଦେଶର ଦୁର୍ଦ୍ଦିନରେ ଯେତିକି ଆଶ୍ଚର୍ଯ୍ୟ ହେଉଥିଲେ ସେତିକି ପ୍ରତିଶୋଧ ପରାୟଣ ହୋଇ ଉଠୁଥିଲେ। ଏଥିପାଇଁ କିଏ ଦାୟୀ ସେ ସେଇକଥା ଚିନ୍ତା କରୁଥିଲେ। ସେ ଦୋଷୀମାନଙ୍କୁ କଳାପାଣିଠୁ ଆହୁରି କଠୋରରୁ କଠୋର ଦଣ୍ଡ ଦେବା ପାଇଁ ମନେମନେ ସ୍ଥିର କରୁଥିଲେ।

ତୋଗଲକ ରାଜପ୍ରାସାଦରେ ପହଞ୍ଚି ପହଞ୍ଚି ତୁରନ୍ତ ସଭା ଡକାଇଲେ। ରାଜ ସଭାରେ ମହାମନ୍ତ୍ରୀ, ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀ, ସେନାପତି ଓ ବଛାବଛା ରାଜ କର୍ମଚାରୀ ଉପସ୍ଥିତ ହେଲେ। ରାଜା ତୋଗଲକ ରାଗରେ ଫଁ ଫଁ ହେଉ ଥାଆନ୍ତି। ସେ ରାଗ ମିଶ୍ରିତ କର୍କଶ କଣ୍ଠରେ ପ୍ରଶ୍ନ କଲେ; ମହାମନ୍ତ୍ରୀ! ମୋ ଦେଶର ଅବସ୍ଥା ଦେଖିଛନ୍ତି?

ମହାମନ୍ତ୍ରୀ ହାତଯୋଡ଼ି ଉତ୍ତର ରଖିଲେ; ଆଜ୍ଞା ମହାରାଜ! ରାସ୍ତା ଘାଟ ସଂପୂର୍ଣ୍ଣ ମଇଳା, ସେଥିରେ ବଡ଼ ବଡ଼ ଗାଡ଼ । ନାଳ ନର୍ଦ୍ଦମାରୁ ଦୁର୍ଗନ୍ଧ ବାହାରୁଛି। ରାସ୍ତାରେ ଗାଡ଼ିଘୋଡ଼ା ଚାଲୁନି। କଳକାରଖାନା ଅଚଳ! ସହରର କୋଠା ସବୁ ବିବର୍ଣ୍ଣ। ରାସ୍ତାଘାଟ ଶୂନ୍‌ଶାନ୍! ଦେଖିଲେ ଲାଗୁଛି, ଏ ଯେମିତି କେଉଁ ଏକ ଗରିବ ଦେଶ, ଏ କଦାପି ବିଶ୍ୱର ସବୁଠୁ ଧନୀ ଦେଶ ନୁହେଁ। ଏ ନୁହେଁ ପୃଥିବୀର ସ୍ୱର୍ଗ ଆମ ଦେଶ ଗୋଲ୍ଡଲ୍ୟାଣ୍ଡ!

ତୋଗଲକ ରାଗରେ ଗର୍ଜି ଉଠି କହିଲେ; ମହାମନ୍ତ୍ରୀ । ମୋ ଦେଶର ଏଭଳି ଅବସ୍ଥା ମୋ ସାମ୍ନାରେ ବର୍ଣ୍ଣନା କରିବାକୁ ଆପଣଙ୍କୁ ସାମାନ୍ୟ ଲଜ୍ଜା ଟିକେ ଲାଗୁନି! ମୋତେ କୁହ କାହା ପାଇଁ ଆଜି ମୋ ଦେଶରେ ଏଭଳି ଦାରିଦ୍ର୍ୟ ଅବସ୍ଥା। ମୁଁ ତାକୁ କଠୋରରୁ କଠୋର ଦଣ୍ଡ ଦେବି।

ମହାମନ୍ତ୍ରୀ ମଥାନତ କରି କହିଲେ; ଦେଶର ଏ ଅବସ୍ଥା ପାଇଁ, କେବଳ ମୁଁ ଦାୟୀ ମହାରାଜ । ମୋତେ ଆପଣ କଠୋର ଦଣ୍ଡ ଦିଅନ୍ତୁ! ମୁଁ ସବୁ ଦଣ୍ଡ ପାଇଁ ପ୍ରସ୍ତୁତ।

ତୋଗଲକ ଆଶ୍ଚର୍ଯ୍ୟର ସହ ମହାମନ୍ତ୍ରୀଙ୍କ ମୁଖମଣ୍ଡଳକୁ ଏକ ଲୟରେ ଚାହିଁ ରହିଲେ। ମହାମନ୍ତ୍ରୀଙ୍କ ଏଭଳି ଦୋଷ ସ୍ୱୀକାର ତା'କୁ ସ୍ତମ୍ଭୀଭୂତ କଲା। ସେ ତାଙ୍କୁ କୌତୂହଳୀ ହୋଇ ପଚାରିଲେ; ମୁଁ ଆପଣଙ୍କ କଥା ବୁଝି ପାରିଲିନି ମହାମନ୍ତ୍ରୀ! ମୋ ସଂଶୟ ଦୂର କରି ସମ୍ପୂର୍ଣ୍ଣ ଘଟଣା ଉପରେ ଆଲୋକପାତ କର।

ମହାମନ୍ତ୍ରୀ ରାଜାଙ୍କ ସନ୍ଦେହ ମୋଚନ କରିବା ପାଇଁ ଅତି ଦୁଃଖ ଓ ବିନମ୍ରତାର ସହ କହିଲେ; ମହାରାଜ ! ଆପଣଙ୍କୁ ମୁଁ ଦେଶର ଗରିବମାନଙ୍କ ସମ୍ପର୍କରେ କହିଥିଲି। ଆପଣ ଦେଶରୁ ଗରିବ ହଟେଇବା ପାଇଁ ପ୍ରାୟ ଲକ୍ଷାଧିକ ଗରିବଙ୍କୁ କଳାପାଣି ପଠେଇ ଦେଲେ। ଏଣୁ ମୁଁ ଏଥିପାଇଁ ସଂପୂର୍ଣ୍ଣ ଦୋଷୀ ମହାରାଜ।

ତୋଗଲକ ଆଶ୍ଚର୍ଯ୍ୟର ସହ ପୁନଃ ପଚାରିଲେ; ଆପଣଙ୍କ ଦାୟିତ୍ୱ ଆପଣ ସମ୍ପନ୍ନ କରିଛନ୍ତି, ଏଥିରେ ଆପଣଙ୍କର ଭୁଲ୍ ରହିଲା କେଉଁଠି? ଏଥିପାଇଁ ଆପଣଙ୍କୁ ଦଣ୍ଡ ନୁହେଁ; ବରଂ ପୁରସ୍କାର ମିଳିବା ଉଚିତ୍ । ତଥାପି ମୁଁ ବୁଝି ପାରୁନି ସହରର ଏମିତି ଅବସ୍ଥା ସହ ଘଟଣାର ସମ୍ପର୍କ କ'ଣ ?

ମହାମନ୍ତ୍ରୀ ବିନୟର ସହ ଉତ୍ତର ଦେଲେ; ମହାରାଜ! ସେଇ ଗରିବ ଶ୍ରେଣୀର ଲୋକେ ହିଁ ଆମ ଦେଶର ରାସ୍ତାଘାଟ କୋଠା ବାଡ଼ି ସବୁକିଛି ସଫା ଓ ସୁନ୍ଦର କରୁଥିଲେ। ସେଇମାନଙ୍କ କଠିନ ପରିଶ୍ରମ ହିଁ ଆମ ଦେଶକୁ ସରସ ଓ ସୁନ୍ଦର କରି ଗଢ଼ି ତୋଳିଥିଲା। ସେଇମାନଙ୍କ ପାଇଁ ଆମ ସହରରେ ଆମେ ଖୁସିରେ ସୁଗନ୍ଧ ପବନକୁ ଆଘ୍ରାଣ କରୁଥିଲେ, ସେଇମାନଙ୍କ ଅକ୍ଳାନ୍ତ ପରିଶ୍ରମରେ ଆମ ସହର ପାଲଟିଥିଲା ସ୍ୱର୍ଗ। ସେମାନେ ଗରିବ ହୋଇ ଆମ ଦେଶକୁ କରିଥିଲେ ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ଦେଶ।

ମହାମନ୍ତ୍ରୀ ଏମିତି ସେଇ ଗରିବମାନଙ୍କ ଗୋଟିଏ ପରେ ଗୋଟିଏ ପ୍ରଶଂସା କରି ଚାଲିଥାଆନ୍ତି, ରାଜା ତୋଗଲକ ଅପଲକ ନୟନରେ ଚାହିଁ ରହିଥାନ୍ତି ତାଙ୍କ ମୁଖମଣ୍ଡଳକୁ।

ତୋଗଲକ ମହାମନ୍ତ୍ରୀଙ୍କ ମୁଖମଣ୍ଡଳ ଓ ଭାବ ପ୍ରବଣତାରୁ ସ୍ପଷ୍ଟ ଦେଖି ପାରୁଥିଲେ ଗରିବମାନଙ୍କ ପାଇଁ ତାଙ୍କ ମନ ଓ ହୃଦୟରେ ଥିବା ଅମାପ ସ୍ନେହ ଓ ପ୍ରେମ। ସେ ନିଜେ ବି ଦୁଃଖିତ ହେଲେ ଓ କରିଥିବା ଭୁଲ୍ ପାଇଁ ପଶ୍ଚାତ୍ତାପ କଲେ। ତା'ପରଦିନ ସମସ୍ତ ଧନୀଙ୍କୁ ରାଜ ସଭାରେ ଉପସ୍ଥିତ ହେବା ପାଇଁ କଡ଼ା ନିର୍ଦ୍ଦେଶ ଦେଲେ। ନିର୍ଦ୍ଦେଶନାମାରେ ସ୍ପଷ୍ଟ କରେଇ ଦେଲେ, ଯେଉଁ ଧନୀ ବ୍ୟକ୍ତି ନିର୍ଦ୍ଦିଷ୍ଟ ସମୟରେ ନ ପହଞ୍ଚିବ ତାଙ୍କୁ ବିନା ବିଚାରରେ କଳାପାଣି ପଠାଯିବ।

ତା' ପରଦିନ ଡରରେ ଦେଶର ବଡ଼ବଡ଼ ସହସ୍ରାଧିକ ଧନୀ ରାଜ ସଭାରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ହେଲେ। ତୋଗଲକ ସବୁ ଧନୀଙ୍କୁ ଗୋଟିଏ ପ୍ରଶ୍ନ କଲେ; ମୋ ଦେଶର ଏଭଳି ଦୁରବସ୍ଥା କାହିଁକି?

ସବୁ ଧନୀଙ୍କର ଗୋଟିଏ ଉତ୍ତର ଆସିଲା; ମହାରାଜ! ସବୁ ଗରିବ କଳାପାଣିରେ, ସହରକୁ ସଫା କରିବ କିଏ? ସହରର ଗଛ ଓ ବଗିଚାର ଯତ୍ନ ନେବ କିଏ? ନାଳ ନର୍ଦ୍ଦମା ସଫା କରିବ କିଏ ? ରାସ୍ତାଘାଟ ମରାମତି କରିବ କିଏ? ହୋଟେଲ ବଜାରରେ କାମ କରିବ କିଏ?

କେହି କେହି ଧନୀ ବ୍ୟକ୍ତି କହିଲେ; ମହାରାଜ! ଗରିବଗୁଡ଼ା କଳାପାଣି ଗଲାପରେ ଆମର କଳକାରଖାନା ବନ୍ଦ। ଆମର ସବୁ ଫ୍ୟାକ୍ଟ୍ରି ବନ୍ଦ। ଏପରିକି ଆମେ ଘରୁ ଅଫିସ୍‌କୁ ଚାଲିଚାଲି ଯାଉଛୁ, ଗାଡ଼ି ଚାଳକମାନେ ବି କଳାପାଣିରେ। ପିଲାମାନେ ଆଉ ସ୍କୁଲ୍ ଯାଇ ପାରୁ ନାହାନ୍ତି। ଏଥିରେ ଆମେ କାମ କରିବୁ କେମିତି ?

ପୁଣି କେତେଜଣ ଧନୀ କହି ଉଠିଲେ; ମହାରାଜ ! କାମ ତ ଦୂରର କଥା ଆମ ଘର କାମ କରିବାକୁ ଗରିବ ଆଉ ନାହାନ୍ତି। ଡ୍ରେସ ସଫା କରିବାକୁ କେହି ନାହାନ୍ତି, ଲାଟ୍ରିନ୍ ସଫା କରିବାକୁ କେହି ନାହାନ୍ତି ରୋଷେଇ କରିବାକୁ

କେହି ନାହାନ୍ତି, ନିଜେ ରୋଷେଇ କରିବାକୁ ପଡୁଛି! ଦରସିଖା, କଞ୍ଚା, ପୋଡ଼ା ଯାହା ହେଲା ଖାଉଛୁ! ଆଉ ରୋଷେଇ ନ କରି ପାରିଲେ ଖାଡ଼ା ଉପାସ।

ମହାରାଜ ଧୈର୍ଯ୍ୟ ସହକାରେ ସବୁ ଧନୀଙ୍କ କଥା ଶୁଣିଲେ। ଶେଷରେ ରାଗ ସମ୍ଭରଣ କରି ନପାରି ଉତ୍‌କ୍ଷିପ୍ତ ହୋଇ କହିଲେ; ଶଟ୍‌ଅପ୍! ସମସ୍ତେ ଚୁପ୍ କର। ତୁମେମାନେ ସବୁ ଗୋଟେ ଗୋଟେ ସ୍ୱାର୍ଥପର! ତୁମମାନଙ୍କ ଗାଡ଼ି ଚଳେଇବା ପାଇଁ ଗରିବ ଦରକାର। ତୁମମାନଙ୍କ ଛୁଆକୁ ସ୍କୁଲ୍ ନେବାକୁ ଗରିବ ଦରକାର । ତୁମ ଘରେ ରୋଷେଇ କରିବା ପାଇଁ ଗରିବ ଦରକାର! ତୁମ ଘରେ ବାସନ ମାଜିବା ପାଇଁ ଗରିବ ଦରକାର! ତୁମ ଘରେ ଝାଡୁପୋଛା କରିବା ପାଇଁ ଗରିବ ଦରକାର! ତୁମ ଘରେ ଲାଟ୍ରିନ୍ ସଫା କରିବା ପାଇଁ ଗରିବ ଦରକାର! ତୁମ କପଡ଼ା ସଫା କରିବା ପାଇଁ ଗରିବ ଦରକାର। ତୁମମାନଙ୍କ ଫ୍ୟାକ୍ଟ୍ରିଠାରୁ ଅଣ୍ଡରୱେର ସଫା ପର୍ଯ୍ୟନ୍ତ ତୁମମାନଙ୍କୁ କେବଳ ଗରିବ ହିଁ ଗରିବ ଦରକାର! ତୁମେମାନେ ମୋତେ ପରାମର୍ଶ କ'ଣ ଦେଇଥିଲ ? ଗରିବଗୁଡ଼ାଙ୍କର ମାଇଣ୍ଡ ସେଟ୍ ହିଁ ଗରିବ! ଏଗୁଡ଼ାକ କଦାପି ବଦଳିବେ ନାହିଁ, ଏମାନଙ୍କ ପାଇଁ ଦେଶ ଗରିବ ହେଇଯିବ। ଏଗୁଡ଼ାଙ୍କୁ ଦେଶରୁ ହଟେଇବା ଉଚିତ୍! ପ୍ରକୃତରେ ସେମାନେ ଗରିବ ନୁହନ୍ତି, ଅସଲ ଗରିବ ହେଉଛ ତୁମେମାନେ, ତମେ ସବୁ ଧନୀମାନେ । ତୁମମାନଙ୍କ ପାଇଁ କାମ କରି କରି ସେଇମାନେ ହେଉଛନ୍ତି ଗରିବ । ମୋ ଦେଶରେ ଯଦି ଗରିବ ସଂଖ୍ୟା ବଢ଼ିଛି ସେଥିପାଇଁ ଦାୟୀ କେବଳ ମୋ ଦେଶର ଧନୀମାନେ।

ତୋଗଲକଙ୍କ କଥା ଶୁଣି ସବୁ ଧନୀ ଭୟଭୀତ। ତାଙ୍କୁ ଉତ୍ତର ଦେବାକୁ କାହାର ସାହସ ନାହିଁ। ଏଥିପାଇଁ ତ ସେମାନେ ହିଁ ଦାୟୀ। ସେମାନେ ଗରିବମାନଙ୍କୁ ଉଚିତ୍ ଦରମା ଦେଉଥିଲେ ସେମାନେ ବି ଭଲରେ ବଞ୍ଚି ଥାଆନ୍ତେ। ଦେଶରେ ଆଉ ଗରିବ ନ ଥାନ୍ତେ। କିଏ ବା ଚାହେଁ ଗରିବ ଜୀବନ ଜିଇବା ପାଇଁ। ମହାରାଜ ମହାମନ୍ତ୍ରୀଙ୍କୁ ଚାହିଁ ନିର୍ଦ୍ଦେଶ ଦେଲେ;

ମହାମନ୍ତ୍ରୀ! ଆଜିଠୁ ନିର୍ଦ୍ଦେଶନାମା ଜାରି କର କେଉଁ କର୍ମ ପାଇଁ କେତେ ମୂଲ୍ୟ ରାଜା ହିଁ ସ୍ଥିର କରିବେ। ଏମିତି ମୂଲ୍ୟ ଧାର୍ଯ୍ୟ କର ଯେମିତି ଗୋଟିଏ ଝାଡୁଦାର ବି ମୋ ଦେଶର ଗରିବ ହେବନି। କଳାପାଣିରେ ବଞ୍ଚିଥିବା ସମସ୍ତ ଗରିବଙ୍କୁ ତୁରନ୍ତ ଫେରେଇ ଆଣିବା ବ୍ୟବସ୍ଥା କରାଯାଉ।

ରାଜା ପରଦିନ ମହାମନ୍ତ୍ରୀ ଓ ଅନେକ ଜାହାଜ ନେଇ କଳା ପାଣିରେ ପହଞ୍ଚିଲେ। ସେ କଳାପାଣିରେ ପାଦ ଥାପୁ ଥାପୁ ସେଠାରେ ଥିବା ଗରିବ ପ୍ରଜା ତାଙ୍କୁ ସ୍ୱାଗତ ଜଣାଇଲେ। ରାଜା କଳାପାଣିକୁ ଦେଖି ବିସ୍ମିତ। ଚତୁର୍ଦ୍ଦିଗ ସୁନାର ଫସଲ। ସବୁଆଡ଼େ ସୁନ୍ଦର କୋଠା। ଅତି ସୁନ୍ଦର ଜୀବନଯାପନ। ରାଜାଙ୍କ ବିସ୍ମୟର ସୀମା ନ ଥିଲା। ସେ ଗରିବ ପ୍ରଜାଙ୍କୁ କ'ଣ କହିବେ ବୁଝିପାରୁ ନଥିଲେ। ମହାମନ୍ତ୍ରୀ ପ୍ରଜାଙ୍କୁ ସମ୍ବୋଧନ କରି କହିଲେ; ମହାରାଜା ଆପଣମାନଙ୍କୁ ଫେରେଇ ନେବାକୁ ଚାହାନ୍ତି!

ସମସ୍ତ ପ୍ରଜା ଏକ ସ୍ୱରରେ କହି ଉଠିଲେ; କ୍ଷମା କରିବେ ମହାରାଜ! ଆମ୍ଭମାନଙ୍କୁ କ୍ଷମା କରିବେ। ଏଇ କଳାପାଣି ଆମ ପାଇଁ ସ୍ୱର୍ଗ! ସେଇଠି ମେଞ୍ଚାମେଞ୍ଚା ପରଜୀବୀ। ମଶା, ଡାଆଁଶ ଓ ଓଡ଼ଶ ଭଳି ଦିବାଲୋକରେ ଗରିବଙ୍କ ରକ୍ତ ଶୋଷନ୍ତି! ସେଇଠି ଆମେ ଖଟୁଥିଲୁ ଆଉ ଏଇଠି ବି ଖଟୁଛୁ ଫରକ ଏତିକି ଯେ ସେଠି ପର ପାଇଁ ଖଟୁଥିଲୁ, ଏଠି କେବଳ ନିଜ ପାଇଁ ଖଟୁଛୁ! ଆପଣ କଳାପାଣି ପଠେଇ ଦଣ୍ଡ ନୁହେଁ, ଜିଇବାର ଅସଲ ରାସ୍ତା ଦେଖାଇ ଦେଇଛନ୍ତି! ଆପଣ ଏଇ କଳାପାଣି ଦ୍ୱୀପର ରାଜା, ଆମ୍ଭମାନଙ୍କର ମଧ୍ୟ ରାଜା।

ସମସ୍ତ ପ୍ରଜା ଏକ ସ୍ୱରରେ କହିଲେ; ମହାରାଜା ତୋଗଲକ ରାୟ ବାହାଦୁର ସିଂହ କି - ଜୟ! ମହାରାଜା ତୋଗଲକ ରାୟ ବାହାଦୁର ସିଂହ କି - ଜୟ।

ତୋଗଲକ ଆଶ୍ଚର୍ଯ୍ୟ ହେବା ସହ ପ୍ରଜାଙ୍କ ସ୍ନେହ ପ୍ରେମରେ ଅତ୍ୟନ୍ତ ଖୁସି ହେଲେ। ଗୋଲ୍ଡଲ୍ୟାଣ୍ଡକୁ ଫେରି ଆସି ମହାମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇ କହିଲେ; ମହାମନ୍ତ୍ରୀ। ଆଜିଠାରୁ ସବୁ ଗରିବ ପ୍ରଜାଙ୍କ ଦାୟିତ୍ୱ ସ୍ୱୟଂ ରାଜାମାନେ ହିଁ ବହନ କରିବେ! ମୋ ଦେଶରୁ ଆଜିଠୁ ଗରିବ ହଟାଅ ନୁହେଁ, ଗରିବୀ ହଟାଇବା କାର୍ଯ୍ୟକ୍ରମ ଆରମ୍ଭ ହେଉ। ଆମ ଦେଶର ବଡ଼ବଡ଼ ଧନୀଙ୍କୁ ବିଶ୍ୱରେ ଧନୀ କରିବା ପାଇଁ, ମୋ ଦେଶ ଗୋଲ୍ଡଲ୍ୟାଣ୍ଡକୁ ବିଶ୍ୱର ଏକ ନମ୍ବର ଧନୀ ଦେଶ କରିବା ପାଇଁ, ମୋ ଦେଶର ଗରିବଙ୍କୁ ମୁଁ ଆହୁରି ଗରିବ ହେବାକୁ ଦେବିନି । ମୋ ଦେଶ ଧନୀ ହେବା ଅପେକ୍ଷା ମୋ ପ୍ରଜାମାନେ ସୁଖ ଓ ଶାନ୍ତିରେ ରହିବା ଆଜିଠୁ ମୋର ଏକମାତ୍ର ଲକ୍ଷ୍ୟ।

ଉପସ୍ଥିତ ରାଜପରିଷଦର ସଦସ୍ୟ ଏକ ସ୍ୱରରେ କହିଲେ; ମହାରାଜା ତୋଗଲକ ରାୟ ବାହାଦୁର କି - ଜୟ! ମହାରାଜା ତୋଗଲକ ରାୟ ବାହାଦୁର କି - ଜୟ। ■■■

୪୪, କୋଶାମ୍ବି ଭିଲ୍ଲା, ବୈରାଗୀନଗର,
ଝାରପଡ଼ା, ଭୁବନେଶ୍ୱର - ୭୫୧୦୦୬
ଦୂରଭାଷ- ୯୪୩୭୦୭୯୦୨୫

ଶୁଭେଚ୍ଛା ବାର୍ତ୍ତା

ନୟାଗଡ଼ ଜିଲ୍ଲା ବିଜେପି ସଭାପତିଙ୍କ ବାର୍ତ୍ତା

ଗୋପବନ୍ଧୁଙ୍କର 'ସମାଜ ଅନୁଷ୍ଠାନ' ତରଫରୁ 'ସତ୍ୟବାଦୀ ପ୍ରକାଶନ' ପ୍ରକାଶ ପାଉଥିବାରୁ ଜାଣି ଖୁସିହେଲୁ । ଗୋପବନ୍ଧୁଙ୍କର ତ୍ୟାଗପୂତ ଜୀବନ ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଯେଉଁ ମହନୀୟ ସେବା ଓ ମାନବୀୟ ଗୁଣର ପରିପ୍ରକାଶ ପାଉଛି ସେହି ଆଦର୍ଶ ଓ ଅକୁଣ୍ଠିତ ଚିତ୍ତରେ ଜନସେବା ଯୋଗୁଁ ଆଜି ଓଡ଼ିଶାର ଅଗଣିତ ନରନାରୀ ବିଜେପିକୁ ଜିତାଇବା ସହ ଓଡ଼ିଶାରେ ଏକ ବରପୁତ୍ର ହିସାବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ରଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ଲୋକମାନଙ୍କ ସେବା କରିବାକୁ ସୁଯୋଗ ଦେଇଥିବାରୁ ଆମେ ନିଜକୁ ଧନ୍ୟ ମନେକରୁଛୁ ।

ଆପଣଙ୍କର ଶୁଭେଚ୍ଛୁ

ତାପସ ରଞ୍ଜନ ମାର୍ଥା

ନୟାଗଡ଼ ଜିଲ୍ଲା ବିଜେପି ସଭାପତି, ନୟାଗଡ଼

ଦଶହରା ଦୁର୍ଗାପୂଜା ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ

ଡା. ପ୍ରତିଭା ପାଢ଼ୀ
ପ୍ରାଣୀ ଚିକିତ୍ସକ, ହରଭଙ୍ଗା ବ୍ଲକ, ବୌଦ୍ଧ ।

ପ୍ରକାଶ ପ୍ରଧାନ
ବନରକ୍ଷୀ, ବୌଦ୍ଧ (ଟେରିଟୋରିଆଲ) ଡିଭିଜନ ।

ଦୁର୍ଗାପୂଜା ଅବସରରେ 'ସମାଜ' ଓ 'ସତ୍ୟବାଦୀ'ର
ପାଠକ/ପାଠିକା ଓ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

ସୁରେଶ କୁମାର ମହାନ୍ତି

ଯୁବ ଉଦ୍ୟୋଗୀ ତଥା ମା' ତାରେଣୀ
ରାଇସମିଲ୍ ପ୍ରୋ, ଅଳକୁଣ୍ଡ,
ନିମାପଡ଼ା, ପୁରୀ

'ସମାଜ'ର ୧୦୫ତମ ସ୍ୱନକ୍ଷତ୍ର ଦିବସ ଓ
ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟର ସମସ୍ତ
ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

bagage

B & A Packaging India Ltd.

BALGOPALPUR, BALASORE.

ବତ୍ରିଶ ସିଂହାସନ ଦୁର୍ଗା ପୂଜା କମିଟି

ନନ୍ଦପୁର, କୋରାପୁଟ-୭୬୪୦୩୭

ମହାଶୟ/ମହାଶୟା

ଐତିହାସିକ ନନ୍ଦପୁର ବତ୍ରିଶ ସିଂହାସନ ଦୁର୍ଗା ପୂଜା କମିଟି ତରଫରୁ ପବିତ୍ର ଦଶହରା ପର୍ବ ୨୦୨୪ ର ଶୁଭେଚ୍ଛା ।

ଦଶହରା ପର୍ବରେ ସାମିଲ ହୁଅନ୍ତୁ । ପୀଠ ପୂଜାର ନୀତିକାନ୍ତି ଓ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ମା' ଦୁର୍ଗାଙ୍କ ଆଶୀର୍ବାଦ ପ୍ରାପ୍ତି ହୁଅନ୍ତୁ ।

ନୀତିକାନ୍ତି କାର୍ଯ୍ୟସୂଚୀ

୯/୧୦/୨୦୨୪ ବୁଧବାର (ଷଷ୍ଠୀ)
ବେଲବରଣ, ସକାଳ ୮ ଘଣ୍ଟିକା
କଳସ ଯାତ୍ରା ସକାଳ ୧୦ ଘଣ୍ଟିକା

୧୦/୧୦/୨୦୨୪ ଗୁରୁବାର, ସପ୍ତମୀ
ପୂଜା ଆରମ୍ଭ, , ସକାଳ ୭ ଘଣ୍ଟିକା

୧୧/୧୦/୨୦୨୪ ଶୁକ୍ରବାର ଅଷ୍ଟମୀ
ପୂଜା ଆରମ୍ଭ ସକାଳ ୭ ଘଣ୍ଟିକା,
ସନ୍ଧିପୂଜା ଦିନ ୧୧.୪୩ ରୁ ୧୨.୩୧

୧୨/୧୦/୨୦୨୪ ଶନିବାର ନବମୀ
ପୂଜା ଆରମ୍ଭ ସକାଳ ୭ ଘଣ୍ଟିକା

୧୩/୧୦/୨୦୨୪ ରବିବାର ଦଶମୀ
ପୂଜା ଆରମ୍ଭ ସକାଳ ୭ ଘଣ୍ଟିକା
କୁମାରୀ ପୂଜା ୭.୧୫ ଘଣ୍ଟିକା

ପୂର୍ଣ୍ଣାହୁତି ଦିନ ୧୦ ଘଣ୍ଟିକା

ସାଂସ୍କୃତିକ କାର୍ଯ୍ୟକ୍ରମ

୧୧/୧୦/୨୦୨୪ (ଅଷ୍ଟମୀ)
ଢେମେସା ନୃତ୍ୟ ପ୍ରତିଯୋଗିତା

୧୨/୧୦/୨୦୨୪ (ନବମୀ) ସନ୍ଧ୍ୟା ୮ ଘଣ୍ଟିକା
ଭଜନ ସମାରୋହ, ସପ୍ତସ୍ୱର ସଙ୍ଗୀତ ଝଙ୍କାର
ଦାମନଯୋଡି

୧୩/୧୦/୨୦୨୪ (ଦଶମୀ) ରାତ୍ରି ୧୧ ଘଣ୍ଟିକା
ଆଦିବାସୀ ନାଚ, ଭଟାପାଣି, କୁନ୍ଦୁରା
ମେଲୋଡି, ତାରା ତାରିଣୀ ନାଇଟ କୁଇନ୍, ଜୟପୁର
ଆଦିବାସୀ ଲୋକନୃତ୍ୟ, ସନ୍ଧ୍ୟା ୮ ଘଣ୍ଟିକା ଠାରୁ

୧୪/୧୦/୨୦୨୪ ସୋମବାର
ବିସର୍ଜନ ସମାରୋହ

ନିବେଦକ
ତୁଷାର କାନ୍ତ ମହାନ୍ତି
ସଭାପତି

ଆପଣଙ୍କ ଅପେକ୍ଷାରେ ରବିନ୍ଦର, ଉପେନ୍ଦ୍ର, ସୁମିତ, ଲିଙ୍ଗରାଜ, ସୁରେଶ, ମଧୁସୂଦନ, ଲୋକନାଥ, ବିସିକେଶନ ଓ ନନ୍ଦପୁର ଗ୍ରାମବାସୀ, ବତ୍ରିଶ ସିଂହାସନ ଦୁର୍ଗା ପୂଜା କମିଟି, ନନ୍ଦପୁର

ମନୋଜ ମହାନ୍ତି

ଓଡ଼ିଆ କଥା ସାହିତ୍ୟ ପରିମଣ୍ଡଳରେ ଏକ ଶ୍ରଦ୍ଧାଶୀଳ ନାମ । 'ପଦ୍ମବଣର ନିଆଁ', 'ଅଛୁଆଁ ଗପର ଡାଏରି' ଶୀର୍ଷକରେ ଗଳ୍ପ ସଂକଳନ ପ୍ରକାଶିତ । ଦଳିତ ଅସ୍ମିତାଦର୍ଶ ତାଙ୍କ ଲେଖାରେ ତୀବ୍ର । ବଞ୍ଚିତ, ଶୋଷିତ ଓ ଅବହେଳିତଙ୍କ ପାଇଁ ସ୍ୱର ଉତ୍ତୋଳନ କରନ୍ତି; ବିଶେଷ କରି ଜମି, ଜଳ, ଜଙ୍ଗଲହରାଙ୍କ ପାଇଁ ତାଙ୍କର ଦରଦ ଅପରିସୀମ ।

ପଚା ପଥରର ଗନ୍ଧ

ଗଣ୍ଡାହାତୀ ଝରଟା ହଠାତ୍ ଉଭାନ୍ ହୋଇଗଲା କାହିଁକି ? ଏଇଟା କ'ଣ ବିବର୍ତ୍ତନ! ସୁମନ୍ତ ଚା' କପେ ବଢ଼ାଇଲା ମୋ ଆଡ଼କୁ ।

ମୁଁ କହିଲି - କେବଳ ଗଣ୍ଡାହାତୀ ନୁହେଁ ଆଗକୁ ଇନ୍ଦ୍ରାବତୀ, ନାଗାବଳୀ ବି ଶୁଖିଯିବ । ପାହାଡ଼ ଖୋଲର ଅସଂଖ୍ୟ ଝର ମରିଯିବ, ହଁ, ଜାଣିରଖ ଝର ସବୁକୁ ମାରି ଦିଆଯିବ । ଏସବୁ ବିବର୍ତ୍ତନ ନୁହେଁ, ମନୁଷ୍ୟକୃତ ଅପ୍ରାକୃତିକ ବିଘଟନ ।

ଏବେ ନିର୍ବାଚନର ବିଗୁଲ୍‌ରେ ସାରା ଦେଶ ଝୁମୁଚି । କେହି ଜଣେ ତ ପଚାରନ୍ତା - ତୁମ ନିର୍ବାଚନୀ ଇସ୍ତାହାରରେ ଜଳ-ଜମି-ଜଙ୍ଗଲ, ଝରଣାର ସୁରକ୍ଷା

ପାଇଁ କିଛି ଅର୍ଥ ବରାଦ ହେଉଚି କି ନାହିଁ ? ସେଠି ବଞ୍ଚୁଥିବା ଆଦିବାସୀମାନଙ୍କର ଜଙ୍ଗଲ, ଝରଣା, ଡଙ୍ଗରରେ ଅଧିକାର ମିଳିବ କି ନାହିଁ! ସୁମନ୍ତ କହିଲା - ଶିଳ୍ପ ପ୍ରତିଷ୍ଠା ନ କଲେ ଲୋକେ ଦାଦନ ଯିବେ। ସରକାର ଏଠି ନାଚାର। ଖଣି, ପାଣି, ବିକି ଶିଳ୍ପପତିଙ୍କୁ ସୁଯୋଗ ଦେଲେ କିଛି ତ ବେରୋଜଗାର ସମସ୍ୟା ସମାଧାନ ହୋଇଯାଇ ପାରୁଚି। ତେଣୁ...।

ମୁଁ ସୁମନ୍ତର କଥାରେ ରୋକ୍ ଲଗାଇଲି। ହଁ ଶିଳ୍ପ ପ୍ରତିଷ୍ଠା କରାଯାଉ ମନା ନାହିଁ। ହେଲେ ଶିଳ୍ପ ସବୁ କୃଷିଭିତ୍ତିକ ହେଉ, ଖଣିଭିତ୍ତିକ ନ ହେଉ। ଖଣିଭିତ୍ତିକ ଶିଳ୍ପରେ ଲୋକଶକ୍ତିର ଉପଯୋଗ କମ୍ ଅଥଚ ଯନ୍ତ୍ରାଂଶର ବ୍ୟବହାର ବେଶୀ ହୁଏ। ତେଣୁ ବେରୋଜଗାର ହଟିବାର ନାଁ ହିଁ ନେବନାହିଁ; ବରଂ କୃଷିଭିତ୍ତିକ ଶିଳ୍ପରେ ସିଧାସଳଖ ନ ହେଲେ ବି ଲୋକଶକ୍ତିର ସହଯୋଗ ତୃଣମୂଳରୁ ରହିବ, ବେରୋଜଗାର ହଟିବ। ଗାନ୍ଧୀଙ୍କ ସ୍ୱରାଜ ନୀତିର ଏହା ହିଁ ମୂଳମନ୍ତ୍ର ଥିଲା।

ହରିହର ଆମ ଆଲୋଚନା ଆଡ଼କୁ ଧସେଇ ପଶିଲା, କହିଲା - ନିମନ୍ତ୍ରଣ ରହିଲା ଆସିବ, ଆଜି ସନ୍ଧ୍ୟାରେ ଅଗ୍ରସେନ ଭବନରେ ଧର୍ମ ଚର୍ଚ୍ଚା, ପ୍ରବଚନ ଆଉ ପ୍ରସାଦ ସେବନ ଅଛି। ପାର୍ଟି ପଇସା ଦେଇଚି। ଅନ୍ତତଃ ଅନ୍ୟଦଳ ପରି ଆମେ ମଦମାଂସରେ ନ ମାତି ଧର୍ମଚର୍ଚ୍ଚାରେ ଲୋକଙ୍କୁ ଆପ୍ୟାୟିତ କରିବୁ, ହଁ ମନେ ରଖିବ ସାଧ୍ୱୀ ଆସୁଛନ୍ତି। ଭାରି ନାଁ କରା ପ୍ରବଚିକା! ତାଙ୍କ ପ୍ରବଚନରେ ପ୍ରଭାବିତ ହେଇ ଚେୟାରମ୍ୟାନ୍ ଆଇଁଷ ଆଉ ମଦ ଛାଡ଼ିବା ଦୁଇ ବର୍ଷ ହେଇ ଗଲାଣି।

ସିଗାରେଟ୍‌ରେ ନିଆଁ ଲଗାଇ ମୁଁ ପଚାରିଲି - ମଦମାଂସ ତ ଛାଡ଼ିଚି ଆଉ ଲାଞ୍ଚ-ମିଛ! ନିଜ ହାତରେ ଫାଉଡ଼ା ଧରି ମେହେନ୍ତରମାନଙ୍କ ସହ ନାଳ ସଫା କରି ପାରିଚି କି ? ଅଛୁଆଁ ବସ୍ତିରେ ଲୋକଙ୍କ ସହ ଗୋଟେ ପଙ୍ଗତରେ ବସି ତୃପ୍ତିରେ ଖାଇ ପାରିଚି କି ? ଯଦି ନୁହେଁ, ତେବେ ସେ ସେମିତି ହିଁ ଅଛି ଆଗରୁ ଯାହା ଥିଲା। ସେଇ ନେତା, ଯିଏ ମଣିଷ ରକ୍ତ ପିଏ, ମଡ଼ମଡ଼ ଚୋବାଇ ଯାଏ ଲୋକଙ୍କ ପଇସା, ହୋଟେଲ ଓରିୟନ୍‌ରେ ମନ୍ତ୍ରୀ, ଠିକାଦାରମାନଙ୍କ ସହ ମିଶି ରାତି ରଙ୍ଗିନ୍ କରେ। ତୁ ଜାଣିବାରେ ଦିନର ଆଲୁଅରେ ସିଏ ଭଦ୍ର, ମାତ୍ର ରାତିରେ ସେ ଗୋଟେ ଦଲାଲ୍। ସର୍କାରୀ ଅର୍ଥ ତୋଷରପାତର ମଧ୍ୟସ୍ଥି !

ଆଉ ପ୍ରବଚିକା ? ସୁମନ୍ତ ପ୍ରଶ୍ନକଲା।

ମୁଁ କହିଲି ପ୍ରବଚିକା ଲୋଭ-ମୋହରୁ ମୁକ୍ତ ହେବା ପାଇଁ ଯେଉଁ ପ୍ରବଚନ ଦିଏ ସେଇଟା କେବଳ ଜିହ୍ୱା ତୃପ୍ତି ପାଇଁ କୁହା ଯାଇପାରେ। ତିନି ଲକ୍ଷର ଡିଲ୍ ମାତ୍ର ଦୁଇଘଣ୍ଟା ପାଇଁ। ତା'ର ପ୍ରସାଧନ ସାମଗ୍ରୀର ଦାମ୍ କେବେ କିଏ ପଚାରିଚି ? ବିନା ଏସିରେ ସେ ପାଞ୍ଚ ମିନିଟ୍ ବସି ପାରୁନାହିଁ। ଧୋବ ଶାଢ଼ିର ଆଢୁଆଳରେ ସେଇ ରକ୍ତମାଂସର ନାରୀଟିଏ ଯିଏ କାମନା ଲାଳସାରୁ ମୁକ୍ତ ନୁହେଁ। ଅନୁସନ୍ଧାନ କଲେ ତା'ର ପୁରୁଷ ବନ୍ଧୁର ସନ୍ଧାନ ବି ମିଳି ଯାଇପାରେ ! ମିଛ ନୁହେଁ।

ସ୍ୱାତୀ ମେହେର ଅଣ୍ଟା ହଲେଇ ଚାଲିଗଲା ଆମ ଆଗ ଦେଇ। ହରିହର କଥା ଯୋଖିଲା - ସ୍ୱାତୀଟା ବଂଶରେ କଳଙ୍କ ଲେପିଲା! ଅଙ୍ଗନବାଡ଼ିର କେତେ ଯାଏ ? ହେଇ ଦେଖୁନୁ ତା'ଦାମୀ ପର୍‌ଫ୍ୟୁମ୍‌ର ବାସ୍ନା କେମିତି ମହକାଇ ଦେଉଚି ସାରା ରାଜରାସ୍ତା! ସେ ବୋଧେ ସଞ୍ଜରେ ମହାକୁଡ଼ ଜେ.ଇ.ର ସର୍କାରୀ କ୍ୱାର୍ଟର୍‌ରୁ ଫେରୁ ଥାଇପାରେ । ଏଇମାନଙ୍କୁ ତୁ ନିନ୍ଦି ପାରୁ... ବିଷ ଓଗାଳି ପାରୁ ମାତ୍ର ସାଧ୍ୱୀ। ସାଧ୍ୱୀଙ୍କୁ ନିନ୍ଦାଟା ବରଦାସ୍ତ ବାହାରେ।

ମୁଁ କହିଲି - ତୁ ଜାଣି ରଖ ହରିହର ସ୍ୱାତୀ ମେହେର ବାପା କ୍ୟାନ୍‌ସର୍‌ରେ ପୀଡ଼ିତ। ଭାଇଟିଏ ଅଠର ପାଖର ମାତ୍ର ଅପାଙ୍ଗ ଓ ଅସହାୟ, ମା' ନାହିଁ ତା'ର।

ସ୍ୱାତୀ ମେହେର ପାଇଁ ଚେୟାରମ୍ୟାନ୍‌ର ଦରଦ କେତେ ? ଭୋଟ୍ ଭିକ୍ଷା ପାଇଁ କ'ଣ ସିଏ ତା ବାରଣ୍ଡାରେ ବସି ଅନୁନୟ କରି ନ ଥିଲା ? ଆମେ ଏବେ ବି ଅସହାୟ ହରିହର, ଆମ ଭୋଟ୍‌ର ମୂଲ୍ୟାୟନ ଏ ଯାଏ କରିପାରିନାହୁଁ। ଭୋଟ୍‌ରେ ଜିତିଗଲା ପରେ ସେବକ ଜଣକୁ ଆମେ ଭଗବାନ ଭାବିଥାଉ ! କାହିଁକି ଆମେ ଆମ ଗଣତନ୍ତ୍ର ଦେଶରେ ଏତେ ଅସହାୟ ? ଆମେ କ'ଣ ନେତା ନ ବାଛି ସଇତାନ ବାଛୁଚୁ ?

ଡଙ୍ଗରରୁ ବକ୍‌ସାଇଟ୍ ନେଇ କମ୍ପାନୀ ଚାଲିଗଲା ପରେ ଆମେ କାହା ପାଖରେ ପାଣି ଟୋପେ ପାଇଁ ଆଣ୍ଠୁ ମାଡ଼ି ବସିବା ? ସାଧାରଣ କବାଡ଼ିଆରୁ କମ୍ପାନୀ ମାଲିକ ବନି ଯାଇଥିବା ସେଇ ଲୁହାର ମଣିଷ ପାଖରୁ ଆମେ କେଉଁଠୁ ଖୋଜିବା ମଣିଷପଣିଆ ? ସମୟ ଏବେ ବି ଆମ ହାତରେ, ଆମକୁ ପ୍ରବଚନଠୁ ମୁହଁ ଫେରାଇ ପ୍ରକୃତିର ସୁରକ୍ଷା ପାଇଁ ସଭା ସମିତିର ଆୟୋଜନ କରିବା ଜରୁରୀ। ଆମେ ଦିଅଁ ଘର ତୋଳିବା ନୁହେଁ, ସବୁଜିମାର ବଳୟଟିଏ ତିଆରିବାର ଯୋଜନାରେ ରହିଲେ ବଞ୍ଚିବାର ଅମ୍ଳଜାନ ପାଇବା। ମନ୍ଦିର, ମସଜିଦ୍, ଗିର୍ଜାର ପଥର ପ୍ରାଚୀରରୁ କ'ଣ ଜୀବନ ସଙ୍ଗୀତ ଶୁଣିହୁଏ ହରିହର ? ନୁହେଁ ନା! ସେଇ ସେଇ ପଥର ପ୍ରାଚୀରରୁ ଗୋଟେ ମରିଗଲା ଡଙ୍ଗରର ପଚା ଗନ୍ଧକୁ ତୁ କ'ଣ ବାରି ପାରିନାହୁଁ ହରିହର? ଦେଖ୍ ଅନୁଭବ କର ଜାଣିବୁ, କେତେକେତେ ମେହେନତି ମଣିଷର ଝାଳ, ରକ୍ତର ହାବୁକାଏ ଅସହାୟତା ଆମକୁ ଜଡ଼ କରିଦବାକୁ ବାଧ୍ୟ!

ହରିହର ଜିଦି ଧରିଲା ଯେମିତି ହେଲେ ତୁମେ ଦୁଇଜଣ ଆସିବ ପ୍ରବଚନ ଶୁଣିବାକୁ। ହଁ ଚେୟାରମ୍ୟାନ୍ ମୋ ଉପରେ ଗୁରୁଦାୟିତ୍ୱ ଦେଇଚି। ଜାଣୁତ ଆଗକୁ ନିର୍ବାଚନ, ଆମ ଦଳରୁ ସିଏ ଟିକଟ୍ ଆଶାୟୀ। ବିଧାୟକଟିଏ ହେଇଗଲେ ଖୁବ୍ ଗୁଡ଼େ କାମ ମୋତେ ମିଳିଯିବ, ତୁମକୁ କ'ଣ ସେ ସମୟରେ ଅଣଦେଖା କରିବି!

ଧର୍ମକୁ ନେଇ ଲୋକଙ୍କୁ ଆମେ ଯେଉଁ ସନ୍ଦେଶ ପହଞ୍ଚାଇବୁ ସେଇଠି ଗୋଟେ

ବଡ଼ଧରଣର ଅନୁକମ୍ପା ଭୋଟ ହାତେଇ ନେବାରେ ଆମକୁ ଅସୁବିଧା ହେବ ନାହିଁ। ପ୍ରବଚନ ଚାଲିବ ଆଠ ଦିନ। ସାଧ୍ୱୀଙ୍କର ଦୁଇ ଘଣ୍ଟାର ପ୍ରବଚନ, ତା'ପରେ ପ୍ରଶ୍ନୋତ୍ତର ଆଉ ଭୂରି ଭୋଜନରେ ଭକ୍ତବୃନ୍ଦଙ୍କୁ ଆକୃଷ୍ଟ କରିବାର ଉଦ୍ୟମ। ଏଥର ଜାଣିରଖ, ଆମ ଚେୟାରମ୍ୟାନ୍ ଟିକଟ୍ ନେଇ ବିଧାୟକ ହେବାଟା ଥୟ! ଆଉ ବିଧାୟକ ହେଲେ ମନ୍ତ୍ରୀପଦ ପାଇବାଟା ନିର୍ଧାର୍ଯ୍ୟ!

ତୁ ଦେଖିବୁ ସେଇ ଯୁ ଡଙ୍ଗର ପାଖରେ କ୍ରସର୍ ବସାଇବା ପାଇଁ ମୁଁ ଲାଗିଚି ସେଠୁ ଫରେଷ୍ଟ କ୍ଲିୟରାନ୍ସ ଆଉ ସର୍କାରୀ ଲାଇସେନ୍ସ ହାତେଇ ନେବାରେ ଅସୁବିଧା ରହିବ ନାହିଁ। ତୁମେ ଦୁଇଜଣ କ'ଣ ମୋର ଆଗକୁ ବଢ଼ିବା ଚାହିଁବ ନାହିଁ ? ତୁମେ ପରା ମୋର ସହପାଠୀ ଆଉ ଅନ୍ତରଙ୍ଗ!

ପଇଁତ୍ରିଶ ପାଖ ବୟସରେ ସୁମନ୍ତ ବାହା ହୋଇ ଦାରିଦ୍ର୍ୟରେ ଘାଣ୍ଟି ହେଉଚି ଆଉ ତୁ ଏ ଯାଏ ନା ଚାକିରି ପାଇଲୁ ନା ତୋ' ବାପାର ରାଜ ଯକ୍ଷ୍ମା ଭଲ କରିପାରିଲୁ। ମରିଗଲା ବୁଢ଼ା ବିଚାରା! ବାହା ତ ହୋଇପାରିଲୁ ନାହିଁ। ଆ... ଆମ ଦଳକୁ ସମର୍ଥନ କର, ତୋତେ କ୍ରସର୍‌ରେ ମ୍ୟାନେଜର୍ ରଖିବି, ଆଉ ଚାହିଁବୁ ତ ବେଳେବେଳେ ସ୍ୱାତୀ ମେହେରର ଦେହ ବି ଭୋଗ କରିପାରୁ କେବେ କେମିତି । ତୁ ଲେଖିପାରୁ, ଓଜସ୍ୱିନୀ ଭାଷଣ ଦେଇପାରୁଥିଲୁ କଲେଜରେ! କାହିଁ ତୁଚ୍ଛାକୁ ଜିଦି ଧରି ଏମିତି ପ୍ରତିଭାକୁ ଜାଳି ନିଜେ ଜଳୁଚୁ ? ଆସ, ଆମ ଧର୍ମୀୟ ପାର୍ଟିରେ ଯୋଗ ଦେ! ଦେଖିବୁ ବର୍ଷ ଦୁଇଟାରେ ତୁ ବି ମୋ ପରି ସଫଳ ଠିକାଦାର ହେଇ ଚାରିଚକିଆ ଚଢ଼ିବୁ। ପ୍ରବଚନ ଶୁଣିବାକୁ ଆସିବୁ ତ ସାଧ୍ୱୀଙ୍କ ଅନୁକମ୍ପା ଆଶୀର୍ବାଦ ପାଇଁ ବି ନିରୋଳା ସୁଯୋଗଟିଏ ସୃଷ୍ଟି କରିପାରିବି କେବଳ ତୋ ପାଇଁ! ବନ୍ଧୁତ୍ୱ ଖାତିର୍‌ରେ କ'ଣ ଏତିକି ତୋର ପ୍ରାପ୍ୟ ନୁହେଁ? ମନେରଖ ପ୍ରାପ୍ୟତା ଏକପାଖିଆ ନୁହେଁ - 'ଦେଇଥିଲେ ପାଇରେ ଧନ !

ସହର ପାଖରେ ସବୁଜ ବଳୟଟିଏ ତିଖ ପାହାଡ଼କୁ ଢାଙ୍କିଚି। ସରୁ ଝରଟିଏ ଅବଶ୍ୟ ଏବେ ବି ଅସ୍ତିତ୍ୱ ବଞ୍ଚାଇ ରଖିପାରିଚି। ସତୁରି ପାର ବୁଢ଼ା ଜଣେ କହୁଥିଲା ଝରଟା ଆହୁରି ବେଗବାନ ଥିଲା ତା' କୈଶୋର ବୟସରେ। ଧାରଟା ମିଶିଚି ଯୋରରେ ଆଉ ଯୋରଟା ମିଶିଚି ନଦୀରେ। ଆଉ ନଦୀ...

ଏମିତି ଗୋଟେ ସ୍ୱପ୍ନପ୍ରବଣ ତିଖ ପାହାଡ଼କୁ ତାଡ଼ି ଦେଲା ପରେ ସେଇ ବୁଢ଼ା ମଣିଷର ଅବଶିଷ୍ଟ ସ୍ମୃତି ମରିଯିବ ସୁମନ୍ତ । ମୁଁ କହିଲି ତ, ଜୋର୍‌ରେ ସିଗାରେଟ୍‌ର ଧୂଆଁକୁ ଟାଣି ପକାଇଲି। ହେଇ ଥାଇପାରେ ବୁଢ଼ା ସେଠି କୈଶୋରରେ ଗାଈ ଚରାଇ ତା'ର, କେନ୍ଦୁ, କଣ୍ଟେଇ କୋଳି ଖାଇଥିବ । ସଞ୍ଜ ପହରକୁ କିଛି ଜାଳକାଠ ଧରି ଫେରୁ ଥାଇପାରେ କେଉଁ ପ୍ରେୟସୀ ସହ ଗାଈଆଳ ଗୀତ, ନାଇଁତ ଶୁଷୁରି ବଜାଇ। ଏତେ ସୁନ୍ଦର ସ୍ମୃତିକୁ କ'ଣ ଜଣେ କ୍ରସର୍ ମାଲିକ ମାତ୍ର କେଇଟା ଟଙ୍କାରେ କିଣି ନେଇପାରେ !

ସୁମନ୍ତ ଟା' ବଢ଼ାଇ କହିଲା - ଆନ୍ଦୋଳନ ଲୋଡ଼ା! ଏମିତି ଆନ୍ଦୋଳନ ଯେମିତି ବଙ୍ଗୋମୁଣ୍ଡାର ରାଜୀବ ସଗରିଆ ଲଢୁଚି ମୁଙ୍ଗେ ଡଙ୍ଗର ପାଇଁ। ଏମିତି ଲେଖା ଲେଖାଯାଉ ଯାହା ଅଜିତ୍ ଭୋଇ ଲେଖୁଚି ପ୍ରାଚୀନ ପରମ୍ପରା ଆଉ ପ୍ରକୃତିର ସୁରକ୍ଷା ପାଇଁ।

ମୁଁ କହିଲି - ହରିହର ଲୋକଙ୍କ ମନରେ ଧର୍ମର ଅଫିମ ଫେଣ୍ଟୁଚି। ସେଇ ସବୁଜ ବଳୟ ତିଖ ପାହାଡ଼ ବିନିମୟରେ ତିଆରି ହେବ ଗୋଟେ ଭବ୍ୟ ମନ୍ଦିର। ଲୋକେ ପାହାଡ଼ର ମୂଲ କ'ଣ ମାଗିବେ, ଗାଁ ସାରା କୀର୍ତ୍ତନ ଆରମ୍ଭ କରି ନିଜେ ଚାନ୍ଦା-ଭେଦା ଦେବା ସହ ପାଖ ଗାଁକୁ ପ୍ରଚାର ଆରମ୍ଭ କଲେଣି।

ସୁମନ୍ତ ଚେତାଇ ଦେଲା - ହେଇ ସଞ୍ଜ ନଇଁଲାଣି ଚାଲ ଯିବା ସାଧ୍ୱୀର ପ୍ରବଚନ ଶୁଣିବା ଆଉ ଭୂରି ଭୋଜନ କରି ନ'ଟା ସୁଦ୍ଧା ଫେରି ଆସିବା।

ମୁଁ କହିଲି - କେଉଁ ପ୍ରବଚନ ! ଶହଶହ ବର୍ଷ ଧରି ଆମ ବାପା - ଗୋସପା ଯେଉଁ ଧର୍ମୀୟ କଥା କହି କୁହାଇ ଯାଇଛନ୍ତି ତାକୁଇ ସିଏ ମସଲା ଦେଇ ଫେଣ୍ଟି କହିବ, ସେଥିରେ ନୂତନତ୍ୱ କ'ଣ? ଭୋଜନର ଲାଳସା ସୁମନ୍ତକୁ ମତୁଆଲା କରିଚି, ମୋତେ ଜଣା। ଅଗତ୍ୟା ତା' ସହ ପାଦ ବଢ଼ାଇଲି ଅଗ୍ରସେନ ଭବନ ଆଡ଼କୁ, ଯେଉଁଠି ଶ୍ରୋତାଙ୍କୁ ଭବ୍ୟ ସ୍ୱାଗତ ପାଇଁ ବେଲୁନ୍‌ର ତୋରଣ ସଜା ଯାଇ ଦୁଇଟା ଫ୍ୟାନ୍ ବୁଲୁଥିଲା; ଯେଉଁଠୁ ଭୁରୁଭୁରୁ ଅତରର ଗନ୍ଧ ମାଖି ଦେଉଥିଲା ଶ୍ରୋତାର ଶରୀର।

ସାଧ୍ୱୀଙ୍କ ପ୍ରବଚନରେ ମୋର ଆଗ୍ରହ ନଥିଲା। ଶ୍ରୋତାଙ୍କୁ ବୋଧେ ସାଧ୍ୱୀଙ୍କର ରୂପକାନ୍ତି ଆକୃଷ୍ଟ କରିଥିଲା। ତାଙ୍କ ଆଖି ନଚାଇ କଥା କହିବାର ଶୈଳୀରେ ମନ୍ତ୍ରମୁଗ୍ଧ ଶ୍ରୋତା। ଚେୟାରମ୍ୟାନ୍ ସାଧ୍ୱୀଙ୍କ ପାଖରେ ହାତଯୋଡ଼ି ଧ୍ୟାନମଗ୍ନ। ମୁଁ ହରିହରକୁ ଖୋଜିଲି। ହରିହର ମାଲ୍ ପିଇ ଚିନ୍ତାମୁକ୍ତ

ଥିଲା । କାର୍ଯ୍ୟକ୍ରମରେ ଲୋକଙ୍କ ଆୟୋଜନ କରିବାର ଦାୟିତ୍ୱକୁ ଠିକ୍ ତୁଲାଇ ପାରିଥିବାରୁ ସେ ତୃପ୍ତ ଜଣା ପଡୁଥିଲା । ମୁଁ ଚୁପ୍‌କି ସୁମନ୍ତ ପାଖରୁ ମୁକୁଳି ଆସିଲି ଘାସର ଗାଲିଚା ଆଡ଼କୁ, ଯେଉଁଠୁ ରଜନୀଗନ୍ଧାର ସୁଗନ୍ଧ ମୋତେ ନିର୍ଭେଜାଲ୍ ମନେ ହେଉଥିଲା ।

ହରିହର ତୋରଣ ବାହାରକୁ ଚାଲି ଆସିଲା । ମୁଁ କିଛି ଦୂରତା ରଖି ତା'ର ଅନୁସରଣ କଲି । ବାହାରେ ଚେୟାର୍‌ମ୍ୟାନ୍‌ର ମର୍ସିଡିଜ୍ ଶୀତତାପ ନିୟନ୍ତ୍ରିତ କାର୍ ଭିତରକୁ ଏକ ରକମ ବାଧ କରି ସ୍ୱାତୀ ମେହେରକୁ ବସାଇ ଦେଲା ହରିହର । ଲାଇନ୍ କଟି ଯାଇଥିଲା ଆଉ ଅନ୍ଧାର ସବୁ ତିରିଶ ବର୍ଷ ତଳ ଷୋଡ଼ଶୀର ଢଳିଆ ଖୋସା ପରି ସହରରେ ଲଟ୍‌କି ପଡ଼ିଲା । ମୋର ମନେ ପଡ଼ିଲା ଡାଲଖାଇ ଗୀତ, ମାଇଲାଜାଡ଼ ଆଉ ରସରକେଲି ଗୀତର ଲିରିକ୍ । ସାଧ୍ୱୀଙ୍କ ଧର୍ମୀୟ ସଙ୍ଗୀତ ମୋତେ ଏସବୁ ଲୋକଗୀତଠାରୁ ଢେର୍ ନ୍ୟୁନ ମନେ ହେଲା । ପ୍ରକୃତି ସହିତ ଲୋକଗୀତର ସେ ଯେଉଁ ରସାଳ ମିଶ୍ରଣ ସାଧ୍ୱୀ କ'ଣ ବୁଝିପାରିବ ? ସାଧ୍ୱୀ କ'ଣ ବୁଝାଇପାରିବ ପଥର ମୂର୍ତ୍ତି ନୁହଁ, ପ୍ରକୃତିକୁ ବଞ୍ଚାଅ... ଅବଶିଷ୍ଟ ଝାଡ଼ ଜଙ୍ଗଲକୁ ବଞ୍ଚାଅ ସିଏ ହିଁ ଅମ୍ଳଜାନ ଦେବ ଜଳି ଜଳି ମରି ଆସୁଥିବା ଏଇ ପୃଥିବୀର ପ୍ରତ୍ୟେକଟି ଅଣୁକୁ । ଆସ ଆମେ ପ୍ରକୃତିକୁ ସର୍ଜନା ଆଡ଼କୁ ନେଇଯିବା, ବିଘଟନ ଆଡ଼କୁ ନୁହେଁ ।

ମୁଁ ଜାଣୁଥିଲି ହରିହର ନିଜ ଲକ୍ଷ୍ୟପ୍ରାପ୍ତି ଆଡ଼କୁ ଅନାୟାସରେ ଆଗେଇ ଚାଲିଚି । ଚେୟାର୍‌ମ୍ୟାନ୍ ମୁଖାଧାରୀ ମଣିଷଟା ଲୋକଙ୍କୁ ଭେଳିକି ଲଗାଇ ଭୋଗରେ ବୁଡ଼ି ରହିଚି । ଏଠି କ'ଣ ଆନ୍ଦୋଳନଟେ ଉଧେଇ ପାରିବ ?

ଡଙ୍ଗର ପାଇଁ ଆନ୍ଦୋଳନ ଲୋଡ଼ା । ସୁନାଧର ଟାଙ୍ଗିଆ ଉଞ୍ଚାଇ ଏମତି କହିଲା, ମୋତେ ଲାଗିଲା ଆନ୍ଦୋଳନ ଦାନା ବାନ୍ଧିବା ଉପରେ । କିଛି ନ ହେଲେ ଦଶ ପଚିଶ ଲୋକ ତ ବାହାରିବେ ?

ସହରର ଦଶ ହଜାର ଲୋକଙ୍କ ଆକ୍ରମଣକୁ ପାହାଡ଼ ତଳ ଗାଁର ସୁନାଧର ଆଉ ଶହେ ଦେଢ଼ଶ' ସଂଗ୍ରାମୀଙ୍କ ମେଳି କ'ଣ ରୋକି ଦେଇ ପାରିବ ଗୋଟେ ପ୍ରଳୟ ତାଣ୍ଡବକୁ ।

ଲୋକ ମେଳିକୁ ହରିହର ଦବାଇ ଦେବାରେ ଓସ୍ତାଦ୍ । ଠିକା କାମରେ ଏମିତି କେତେକେତେ ଗଣ୍ଡଗୋଳ ଘଟେ । ମଦ-ମାଂସ ଆଉ ଗୁଣ୍ଡା-ଗର୍ଦ୍ଦିରେ, ଖୁବ୍ ସହଜ ଆଉ ସରଳତାର ସହ ସମାଧାନ କରି ନିଜର ଲକ୍ଷ୍ୟ ହାସଲ କରିପାରେ ହରିହର । ସେ ଦମ୍ଭ ଦେଖାଇ କହେ ହାତ ଖୋଲା ରଖିବ ତ ସାରାଟା ପ୍ରଶାସନ ନିଜ ପକେଟ୍‌ରେ ଅନାୟାସରେ ଭରି ଦେଇହୁଏ ।

ପୂର୍ତ୍ତ ବିଭାଗରେ ନୂଆ ହୋଇ ଯୋଗ ଦେଇଥିବା ଇଞ୍ଜିନିୟର୍‌କୁ ମାଲ୍ ପିଆଇ ବଙ୍ଗୀୟ ଦେହଜୀବୀ ସହ ଆପତ୍ତିଜନକ ଫଟୋସବୁ ମୋବାଇଲ୍‌ରେ ଉଠାଇ ନେଇ ସେଇ ଯୋଉ ଧମକ୍! ସେଠୁ ବିଲ୍‌ରେ ଦସ୍ତଖତ କରାଇ ନେବାର ପଶାଖେଳରେ ହରିହର ଢେର୍ ପାରନ୍ତା । ଚେୟାର୍‌ମ୍ୟାନ୍ ତା' ପିଠି ଥାପୁଡ଼ାଇ କହିଥିଲା-ସାବାସ୍ ବେଟା । ହରିହରର ପ୍ରତ୍ୟେକ କାମରେ ଚେୟାର୍‌ମ୍ୟାନ୍‌ର ପଚିଶ ପର୍ସେଣ୍ଟର ଭାଗୀଦାରି ।

ଠିକା କାମ କରିବ ତ ନେତାଙ୍କ ପାଖଲୋକ ହେବ ଆଉ କାମରେ ଅଂଶୀଦାର ନ ରଖିଲେ ଠିକା କାମରେ ଜଣେ ଉଧେଇ ପାରିବ ନାହିଁ । ତା' ହରିହର ଜାଣେ । ତେଣୁ ଗଣତନ୍ତ୍ରର ମହାପର୍ବରେ ମଦକୁ ଗଙ୍ଗାଜଳ ଆଉ ମାଂସକୁ ମହାପ୍ରସାଦ ଭାବେ ପ୍ରୟୋଗ କରେ ହରିହର । ଅନୈତିକ କମାଇର ଦଶ ଭାଗ ଲାଭାଂଶ ତା'କୁ ଆଗକୁ ଶହେ ଭାଗ ସଫଳତା ଆଡ଼କୁ ଭିଡ଼ିନିଏ, ତାହା ତାକୁ ଜଣା ।

ଧର୍ମର ଚିଟାପଣରୁ ମୁକ୍ତି ପାଇବା ପାଇଁ ଚେୟାର୍‌ମ୍ୟାନ୍ ଉଠି ଆସିଲେ ହରିହର ଆଡ଼କୁ । ଆଗରୁ ଏସି ମର୍ସିଡିଜ୍‌କୁ ଷ୍ଟାର୍ଟରେ ରଖି ଥଣ୍ଡା କରି ସାରିଥିଲା ଡ୍ରାଇଭର୍, ଆଉ ଭିତରେ ପାହାଡ଼ୀ ଝରଣା ସ୍ୱାତୀ ମେହେର! ଅବକାରୀ ଧନ୍ଦାରେ ଟଙ୍କା କମାଇ ନିଜର ଷ୍ଟାଟସ୍ ବଢ଼ାଇବା ପାଇଁ ସହରର ଶେଷ ଆଡ଼କୁ ହୋଟେଲ୍ 'ଲାବଣ୍ୟବତୀ'ର ମାଲିକ ସୁମନ୍ତ ସାହୁ ବେଶ୍ ତାଳମେଳ ରଖିପାରେ ଚେୟାର୍‌ମ୍ୟାନ୍ ସହ ଆଉ ସମୟ ଅସମୟରେ ଆଠ ହଜାରର ଏ.ସି. ରୁମ୍ ମାଗଣା ଉପଯୋଗ ପାଇଁ ସହଯୋଗ କରିପାର । ଧନ୍ଦାରେ ସହଯୋଗ ଆଉ ସହମତି ଗୋଟେ ବଡ଼ ଅସ୍ତ୍ର!

ଏମତି ନୁହେଁ ଯେ ଭାଙ୍ଗ ଫ୍ୟାକ୍ଟ୍ରି ବିରୁଦ୍ଧରେ ଜନ ଆନ୍ଦୋଳନ ହୋଇନାହିଁ, ହୋଇଚି ଅନେକ ଥର । ମାତ୍ର ପାଖକୁ ଲାଗି ସର୍କାରୀ ଲାଇସେନ୍ସ ପ୍ରାପ୍ତ ମଦଭାଟି ଉପରକୁ ବି ଜନତା ଆଙ୍ଗୁଠି ଉଠାଇଛନ୍ତି; କିନ୍ତୁ ପରସ୍ପର ବିରୋଧୀ ବେପାରୀ ଗୋଷ୍ଠୀ ଓ ଚେୟାର୍‌ମ୍ୟାନ୍ ଏକାଠି ବସି ଲୋକଙ୍କୁ ବୁଝାଇ ଭୋଜିଭାତର ଆୟୋଜନ କରାଇ ଦବାଇ ଦେଇଛନ୍ତି ଲୋକ ସ୍ୱରକୁ । ମେଳିର ମଙ୍ଗୁଆଳକୁ କିଣି ନେଇଛନ୍ତି ଆଉ ନ୍ୟୁନ ମନେ ହେଉଥିବା ସେଇ ମଣିଷକୁ ପାଖରେ ବସାଇ ମଦ ମାଂସରେ ଭିଜାଇ ପାରିଛନ୍ତି । ଆନ୍ଦୋଳନ ଝଡ଼ି ଯାଇଚି ଅକାଳରେ ।

ପରସ୍ପର ବିରୋଧୀ ଏଇ ବେପାରୀ ଗୋଷ୍ଠୀ ସମୟ ଆସିଲେ ଏକାଠି ପିଇ ପାରନ୍ତି ଆଉ ଭୋଗି ପାରନ୍ତି ଗୋଟେ ନାରୀର ଦେହ ଜଣକ ପରେ ଜଣେ । ଚେୟାର୍‌ମ୍ୟାନ୍ ମନ୍ତବ୍ୟ ରଖେ - ଭୋଗରେ କେଉଁଠି ଅଇଁଠା ନ ଥାଏ । ଥାଉ ବରଂ ବେପାରରେ ପ୍ରତିପକ୍ଷର ଲଢ଼େଇ, ଥାଉ ବରଂ ପ୍ରତିପତ୍ତି ଦେଖାଇବାରେ ପରସ୍ପରର ପ୍ରତିଦ୍ୱନ୍ଦ୍ୱିତା! ନାରୀ ଦେହ ଆଉ ମଦରେ କେଉଁଠି ଅଇଁଠା ନ ଥାଏ । ସେଇଟା ତ ନିଷିଦ୍ଧ ଅଭିସାର! ତୁ ଜାଣିଲୁ ସେ ଜାଣିଲା ଆଉ ମୁଁ ଜାଣିଲି, ରାତି ତ ଅନ୍ଧାର ନା... ଆଉ ଲୋକେ ତ ଅନ୍ଧ!

ରାତି ଅନେକ ହେଲାଣି । ଗାଢ଼ ଅନ୍ଧାର ଭେଦୀ ଠିଖ ପାହାଡ଼ ଆଉ ଝରଣାର କୁଳୁକୁଳୁ ହୁଏ ତ ଶୁଣା ଯାଉନାହିଁ, ହେଲେ ଝଲକାଏ

ଥଣ୍ଡା ପବନ ତ ଏବେ ବି ଅନୁଭବ କରି ହେଉଚି। ଏବେ ବି ଅନୁଭବ ହେଉଚି କିଏ ଜଣେ ସେଠି ବଞ୍ଚିଚି ପୃଥିବୀର ସବୁ ପ୍ରକୃତି ମରିମରି ଆସିବା ବେଳକୁ। ରାଜରାସ୍ତାରେ ଧୂଳି ଆଉ ଧୂଆଁ ଉଡ଼ାଇ ସୃଷ୍ଟି ହୋଇଥିବା ସେଇ ବିଷାକ୍ତ ବଳୟକୁ କିଏ ଯେମିତି ଗିଳି ପକାଉଚି ନିଜ ଭିତରକୁ ଆଉ ବଞ୍ଚିବାର ଅମ୍ଳଜାନର ସରୁ ଧାରଟିଏ ପୂରାଇ ଦେଉଚି ସହର ଆଡ଼କୁ! ସେ କିଏ ? ହଁ ସେଇ ତିଖ ପାହାଡ଼ ଆଉ ସତୁରି ଯା'ର ସେଇ ଉଜୁଡ଼ି ଆସୁଥିବା ବୁଢ଼ାର ସ୍ମୃତି ! ସ୍ୱାତୀ ମେହେରର ବାପାକୁ କ୍ୟାନ୍ସର୍ ହେବାରେ ଦାୟୀ କିଏ? ଦେଶୀ ମଦଭାଟିର ଉତ୍କଟ ଗନ୍ଧ ନା' ଭାଙ୍ଗ ଫ୍ୟାକ୍ଟ୍ରିର ସେଇ ବିଷାକ୍ତ ଗୁଣ୍ଡ ? ସ୍ୱାତୀ କ'ଣ ନିଜ ଇଚ୍ଛାରେ ଜୀବନଟିଏ ବଞ୍ଚି ପାରୁଚି !

ସ୍ୱାତୀ ମେହେରର ବାପା ଏକଦା ଏଇ ଭାଙ୍ଗ ଫ୍ୟାକ୍ଟ୍ରିରେ ମଜୁରିଆ ଭାବେ କାମକୁ ଲାଗିଥିଲା। ନିଜେ କମାଇଲେ ସ୍ୱାତୀ ଆଉ ତା' ଅପାଙ୍ଗ ପୁଅକୁ ପୋଷୁଥିଲା। ଏବେ ସେ ନାଚାର। ଉଇ ଖିଆ ଖଣ୍ଡେ କାଠ । କେଉଁ ମୁହୂର୍ତ୍ତରେ ଦଦରା ମଝି ଖୁଣ୍ଟଟା ଭାଙ୍ଗି ଯାଇପାରେ। ସ୍ୱାତୀ ମେହେର ଅଠର ବର୍ଷ ବୟସରେ ହାତ ପାତି ଠିଆ ହୋଇଥିଲା ଫ୍ୟାକ୍ଟ୍ରିର ମାଲିକ ପାଖରେ। ସେଇଠୁ ପ୍ରତିଶ୍ରୁତି ଆଉ ଗୋଟେ କୋମଳ ଦେହ ଭୋଗିବାର ଲାଳସାରେ ଫ୍ୟାକ୍ଟ୍ରି ମାଲିକ ଏମ୍‌ଏଲ୍‌ଏ ସହିତ ମୂଳଚାଲରେ ଅଙ୍ଗନବାଡ଼ି କର୍ମୀ ଚାକିରିଟିଏ ଯୋଗାଡ଼ି ଦେଇ ଦାୟିତ୍ୱ ସାରିଥିଲା।

ଥରେ ଦୁଇଥର ଭୋଗି ସାରି ଏମ୍‌ଏଲ୍‌ଏ, ଫ୍ୟାକ୍ଟ୍ରି ମାଲିକ, ଚେୟାର୍‌ମ୍ୟାନ୍, ଜେଇ ସବୁ ନୂଆ ଶିକାରର ସନ୍ଧାନରେ ବାହାରିଗଲା ପରେ ସ୍ୱାତୀ ମେହେର ଫାଙ୍କା ରହିଯାଏ। ସ୍ୱାତୀ ମେହେର ଓଠରେ ଲିପ୍‌ଷ୍ଟିକ୍‌ର ଗାଢ଼ ପ୍ରଲେପ ସୂଚାଇ ଦିଏ ସିଏ ବୟସ୍କ ହୋଇ ଆସିଲାଣି। ତା'ର ବର୍ଦ୍ଧିତ ଚର୍ବି ଦେଖି ଜାଣିହୁଏ ସେ ଅଲୋଡ଼ା ହେବା ଆରମ୍ଭ ହେଲାଣି।

ଡଙ୍ଗରରୁ ଜଙ୍ଗଲଟେ, ଝରଟାଏ ଉଜୁଡ଼ି ଗଲାପରେ ଆଉ ଆକୃଷ୍ଟ କରିପାରେ ନାହିଁ ମଣିଷକୁ। ସୁମନ୍ତ କୁହେ ଏଇ ବିଘଟନ ପ୍ରକ୍ରିୟା ପାଇଁ ଗାଁ ଟେ ସହର ହେଲେ ରାଜ୍ୟ ବାହାରୁ ଲୋକେ ଆସନ୍ତି। ବାହାରୁ ଆସୁଥିବା ଲୋକେ ପ୍ରାୟଶଃ ବେପାରୀ ଗୋଷ୍ଠୀ, ସେମାନଙ୍କ ନଜରରେ ରୁହେ ଏଇଠି ଉତ୍ପନ୍ନ ହେଉଥିବା ଶସ୍ୟ ଆଉ ଗାଁ ପାଖ ଜଙ୍ଗଲ ଜାତ ସାମଗ୍ରୀ ଓ ଖଣି-ଖାଦାନ। କୁରାଢ଼ିରେ ଆମ ଲୋକ ହିଁ କାଠର ବେଣ୍ଟଟିଏ ହୋଇ ସାହାଯ୍ୟ ଯୋଗାଇ ଦିଅନ୍ତି। ଯେମିତି ହରିହର !

ଟାଙ୍ଗିଆ ଉଞ୍ଚାଉଥିବା ସୁନାଧରକୁ ଧମକ ଦେଇଚି ହରିହର। ଚେଷ୍ଟା କରିଚି ବି ମଦ-ମାଂସରେ କିଣି ନେବା ପାଇଁ ଗାଁର ସାଧାରଣ ମଣିଷଟିକୁ; କିନ୍ତୁ ସୁନାଧର ଟାଙ୍ଗିଆ ନୁଆଁଇ ଆଣିନାହିଁ। ସେମାନେ ସୁନାଧରକୁ ମାରି ଦେଇ ପାରନ୍ତି! ସୁମନ୍ତ ଚିନ୍ତିତ ହୋଇ ପଡ଼ିଲା।

ହରିହର ଟା' ବଢ଼ାଇଲା ମୋ ଆଡ଼କୁ ଆଉ ସୁମନ୍ତ ମୋ ସିଗାରେଟ୍‌କୁ ନେଇ ଅଧା ଶୋଷି ପକାଇଲା। ବାତାବରଣ ଉଷ୍ମ ଥିଲା, ବର୍ଷାର ଦେଖା ନ ଥିଲା। ହରିହର ଭାଙ୍ଗ ଜାକିଲା କଳରେ। କହିଲା - ପାଞ୍ଚଦିନ ପରେ ସେଇ ତିଖ ପାହାଡ଼ ପାଖରେ ମନ୍ଦିର ପାଇଁ ଶୁଭ ଦିଆ ହେବ। ବାହାର ରାଜ୍ୟରୁ କିଛି ଧର୍ମୀୟ ଦଳର ନେତା ଯୋଗ ଦେବେ। ଦେଖିବୁ ସେଇଦିନ ବର୍ଷା ହେବା ଥୟ! ହଁ ତିନି ଦିନ କୀର୍ତ୍ତନ ଆଉ ଭୋଗର ଆୟୋଜନ ବି ହୋଇ ସାରିଚି। ଲୋକଙ୍କ ସମ୍ପତ୍ତି ନେବାମାନେ ତାଙ୍କୁ ତ କିଛି ଉପହାର ଲୋଡ଼ାନା । ଗାଁରେ ମନ୍ଦିରଟେ ନାହିଁ ! ମୁଁ ପୂରଣ କରିବି ସେଇଟା। ଗାଁ ଲୋକ ରାଜି, ହେଲେ ସୁନାଧରଟା ରାଜି ହେଉନାହିଁ। ତା' ପ୍ରତି ବଳ ପ୍ରୟୋଗ ଜରୁରୀ। ଅବଶ୍ୟ ଦଙ୍ଗାକାରୀ ବୋଲି ତା' ନାଁରେ କେସ୍ ଦିଆ ସରିଚି। ପୁଲିସ୍ ଛାନ୍‌ଭିନ୍ ଜାରି ରଖିଚି, ଆଉ ଉପରୁ ମନ୍ତ୍ରୀ ବି ପ୍ରେସର୍ କରୁଚି।

ମୋର ମନେ ପଡ଼ିଲା କେହି ଜଣେ ବିଶିଷ୍ଟ କାର୍ଟୁନିଷ୍ଟଙ୍କ ବ୍ୟଙ୍ଗଚିତ୍ର। ଚିତ୍ରରେ ଜଙ୍ଗଲ, ଡଙ୍ଗର ପଦା ହେଇଯାଉଚି ଆଉ ମନ୍ଦିର ସବୁ ଗଢ଼ିଉଠୁଛି। ସେଇଠି ତଳେ ସୂଚାଇ ଦିଆ ଯାଇଚି ଆଗାମୀ ସମୟ ପୃଥିବୀରେ କେବଳ ମନ୍ଦିର ରହିଯିବ । ନା, ମଣିଷ ଥିବ ନା ପ୍ରକୃତି ନା ଜୀବଜନ୍ତୁ। ମଣିଷ ନ ଥିବ କି ସ୍ୱପ୍ନ ନ ଥିବ!

ପ୍ରକୃତି ପାଇଁ ଲଢ଼େଇରେ ସୁନାଧର ଦଙ୍ଗାକାରୀ ସାବ୍ୟସ୍ତ ହୋଇପାରେ। ଧର୍ମୀୟ ମାୟାଜାଲରେ ଗାଁଟେ ହରାଇ ବସିବ ତା'ର ସବୁଜିମା ଆଉ ମା' ଖିର ପରି ଝରୁଥିବା ଝରଟିଏ! ମୁଁ ଦୀର୍ଘଶ୍ୱାସ ନେଇ ଏ ବିଷୟରେ ସ୍ତମ୍ଭଟିଏ ଲେଖିବା ପାଇଁ ଟେବୁଲ୍ ଉପରେ ହାମୁଡ଼େଇ ପଡ଼ିଲି !

ହରିହର ତାଗିଦ୍ କଲା– ତୁ ନିଜକୁ ଲେଖକ ବୋଲି ଦମ୍ଭିଲା ଭାବିବୁ ନାହିଁ। ତୋତେ ବି ନିରସ୍ତ୍ର କରି ଦିଆଯାଇପାରେ । କଲମକୁ ଆମ ଇଚ୍ଛାରେ ଲେଖାଇ ନେବାର କଳାରେ ଆମେ ପକ୍କା। ତେଣୁ ତ ଆମେ ବଦଳାଇ ପାରୁ ଇତିହାସ । ଅବଶ୍ୟ କଥା ଦେଉଚି ସେଇଠି ହଜାରେ ଇଉକାଲିପଟାସ୍ ରୋପିବି, କାରଣ ସେ ଗଛଟା ଶୀଘ୍ର ବଢ଼େ, ଆଉ ସର୍କାରୀ ନୀତି ନିୟମରେ କ୍ରସର୍ ମାଲିକ ଗଛ ଲଗାଇବାକୁ ବାଧ୍ୟ।

ମୁଁ ବିରୋଧ କଲି - ଇଉକାଲିପଟାସ୍ ଗଛ ଭୂତଳ ଜଳସ୍ତର ନଷ୍ଟ କରେ। ହରିହର ହସିଲା, କହିଲା ନାହିଁ କିଛି। ଜଣାଇ ଦେଲା ସେ ସାରା ଭୂଖଣ୍ଡର ଜୈବ ବିବିଧତା ପାଇଁ ଦାୟୀ ନୁହେଁ। ଟଙ୍କା ଉଡ଼େଇଚି ପାଣି ପରି, ସେଇଟା ଏଇ ପଥର ଖଣିରୁ ହିଁ ଭରଣା କରିବ... ବାସ୍! କହିଥିଲା - ଜୀବନ ନ ଥିବା ଏ ପଥର ପାହାଡ଼ ପାଇଁ ଏତେ ସ୍ୱପ୍ନ କାହିଁ ଦେଖୁ କିରେ ? ତୁ କ'ଣ ପୃଥିବୀରେ ବଞ୍ଚି ରହିବୁ ଚିରକାଳ!

କ୍ୟାନ୍ସର୍ ପୀଡ଼ିତ ସ୍ୱାତୀ ମେହେରର ବାପା ଚାଲିଗଲା ରାତିରୁ। ସ୍ୱାତୀ ମେହେର କୁଆଡ଼େ ହରିହରର ଏଡ଼େଟେ ଛାତିରେ ମୁହଁ ଲୁଚାଇ କାନ୍ଦିଥିଲା, ଆଉ ଦୟାର୍ଦ୍ର ହରିହର ମଶାଣି କାମରେ ସହଯୋଗ କରିଥିଲା।

ହୁଏତ ସ୍ୱାତୀ ମେହେର ମହାକୁଡ଼ ଜେଇ, ଆଉ ଚେୟାର୍‌ମ୍ୟାନ୍‌ର ଉଦାର ଛାତିରେ ମୁଣ୍ଡ ରଖି ଲୁହ ଗଡ଼ାଇ ଥାଇପାରେ! ସେଇମାନଙ୍କ ଚଉଡ଼ା ଛପନ ଇଞ୍ଚର ଛାତି କ'ଣ ଆଉ କା' ପାଖରେ ଥାଏ ? ସୁମନ୍ତ ସିଗାରେଟ୍ ବଢ଼ାଇ କହିଲା - ନା... ନା... ଏତେ ଚଉଡ଼ା ଛାତିର ଦାବିଦାର୍ ତ ଆମେ ନୁହେଁନା, ତଥାପି ସମବେଦନା ତ ଦେଇ ପାରିବା ଅନ୍ତତଃ !

ସେଇଟା ତା' ଭାଗ୍ୟରେ ଥିଲା - ସୁମନ୍ତ ଦୀର୍ଘଶ୍ୱାସ ନେଇ କହିଲା । ମାତ୍ର କେହି ଜଣେ ବି ସେଇ ଭାଙ୍ଗ ଫ୍ୟାକ୍ଟ୍ରିର ପ୍ରଦୂଷଣକୁ ଦାୟୀ କଲେ ନାହିଁ । ଏମିତି କି ସହରର ବୁଦ୍ଧିଜୀବୀମାନେ ବି ସେଇଦିନ 'ଲାବଣ୍ୟବତୀରେ କବି ସମ୍ମିଳନୀର ଆୟୋଜନ କରିଥିଲେ ।

ଦୁଇ ଦିନ ପରେ ମୁଁ ପହଞ୍ଚିଥିଲି ସନ୍ଧ୍ୟାରେ ସ୍ୱାତୀ ମେହେରର ଆଜ୍‌ବେଷ୍ଟସ୍ ଢଙ୍କା ଦୁଇ ବଖୁରିଆ ଘରେ । ଆଦ୍ୟ ଆଷାଢ଼ର ଝଲକାଏ ଥଣ୍ଡା ପବନ ସୂଚାଉଥିଲା ମୌସୁମୀ ଆସି ଯାଇପାରେ ଠିକ୍ ସମୟରେ । ତା' ଅପାଙ୍ଗ ଭାଇ ସେମିତି ବସି ରହିଥିଲା । ତା' ଅପରିପକ୍ୱ ମସ୍ତିଷ୍କ କିଛି ବି ବୁଝିପାରୁ ନ ଥିଲା । ଯେମିତି ତା ବାପା ଚାଲିଯିବାଟା ସେ ଜାଣି ପାରୁନାହିଁ । ଘର ବାହାରେ ଚେୟାର୍‌ମ୍ୟାନ୍‌ର ମର୍ସିଡିଜ୍ ଗାଡ଼ି । ସ୍ୱାତୀ ମେହେରର କବାଟ ବନ୍ଦ, ଭିତରେ ଚାପା ସ୍ୱର । ସେଇ ସ୍ୱରଟା କ୍ରମଶଃ ଅଶବ୍ଦରେ ବଦଳି ଯାଉଥିଲା । ସ୍ୱାତୀର ମଜବୁରି ଆଉ ଚେୟାର୍‌ମ୍ୟାନ୍‌ର ଆବଶ୍ୟକତା ଗୋଟେ ଦୀର୍ଘଶ୍ୱାସ ହୋଇ ସଞ୍ଜଟାକୁ ଭାଙ୍ଗି ପକାଇ ଅନ୍ଧାର କରୁଥିଲା । ଆକାଶରେ ମେଘ... ଜହ୍ନ ନାହିଁ । ପ୍ରଦୂଷଣର ବଳୟରେ ତାରାସବୁ ଦେଖା ଯାଉ ନାହାନ୍ତି କ୍ଷୀଣ ଆଶ୍ୱାସନାଟେ ହେଇ । ମୁଁ ଦୀର୍ଘଶ୍ୱାସ ନେଲି ।

ଆଜି ଆଶ୍ୱାସନା ଦେବା ପାଇଁ ଚେୟାର୍‌ମ୍ୟାନ୍ ଓ କାଲି ଭାଙ୍ଗ ଫ୍ୟାକ୍ଟ୍ରି ମାଲିକ ଆସିପାରନ୍ତି । ସଞ୍ଜ ପରେ ସ୍ୱାତୀର ଘର ବାରଣ୍ଡାରେ ପ୍ରତିରୋଧହୀନ ଅପାଙ୍ଗ ଭାଇ ବାଡ଼ିଟେ ଧରି ସେମିତି ନିର୍ବିକାର ବସି ରହୁଥିବ । ବାପା ଚାଲିଗଲା ପରେ ସ୍ୱାତୀ ମେହେରକୁ ଆଉ ସହରର ସନ୍ଦେହୀ ଆଖିର ଭିଡ଼ ଡେଇଁଯିବାକୁ ପଡ଼ୁ ନ ଥିବ ରାତି ଦଶଟାରେ, ବରଂ ରାତିଟେ ଅଲାଜୁକୀ ହୋଇ ତା' ଘର ଭିତରେ ଶ୍ୱାସ ରୋଗୀ ପରି କୁନ୍ଥାଉଥିବ । ସ୍ୱାତୀକୁ ଆଉ ଅସହଜ ଲାଗୁ ନ ଥିବ । ସେ ଜିତି ଯାଉଥିବ ଆଉ ରାତିଟା ହାରି ଯାଉଥିବ । ବାପା ପରି ଶକ୍ତ ପ୍ରତିରୋଧଟେ ମରିଗଲା ପରେ ତା'ଘରଟା ବେଶ୍ୟାର ଘର ପାଲଟି ଯାଉଥିବ ।

ଚାରି ଦିନ ପରେ ମନ୍ଦିରର ଭୂମି ପୂଜନ । ଠିକ୍ ସେଇ ତିଖ ପାହାଡ଼ର ପାଦ ଦେଶରେ ଯେଉଁଠି ଗୋଟେ ଆଦିବାସୀ ବସ୍ତି ଲେପଟେଇ ପଡ଼ିଚି ପ୍ରକୃତି ପାଖରେ । ସେଠି ଝରଟେ ବୋହୁଚି । ସୁନାଧର ଟାଙ୍ଗିଆ ଉଞ୍ଚାଇ ଆସି

> "ଆଜି ହରିହର ରାତିର ନିଷିଦ୍ଧ ପ୍ରହରରେ ମୋ ଘରକୁ ଆସିବ । ମନ୍ଦିର ପାଇଁ ବାରାଙ୍ଗନାର ଘରୁ ମାଟି ଟେଳାଏ ନେବା ପାଇଁ! ଏଇ ମାଟିରେ କୁଆଡ଼େ ମନ୍ଦିରର ପ୍ରଥମ ପଥର ଥାପନା ହେବ । ମନ୍ଦିରର ନିଅଁ ତଳେ ମୋର ଅସ୍ତିତ୍ୱକୁ ପୂଜ୍ୟପୂଜାର ମାନ୍ୟତା ଦେଉଥିବା ମଣିଷମାନେ କ'ଣ ମୋତେ ଦେବୀ ବୋଲି ଭାବି ପାରିବେ । ନୁହେଁ ନା ! ସେମାନେ ଭୋଗିଥିବା ମୋ ଦେହ ଯଦି ପବିତ୍ର ନୁହେଁ ମୋ ଘରର ମାଟିକୁ କେମିତି ସମାଜ ପବିତ୍ର ଭାବି ପାରିବ ?"

ପାରୁନାହିଁ । ଧର୍ମକୁ ଡରୁଚି ସୁନାଧର ନା ତା'କୁ ଡରାଇ ଦିଆଯାଇଚି ।

ସେ ଆସୁଛନ୍ତି... ଆମ ଦେଶର ନେତା ସିଏ! ଧର୍ମର ପ୍ରତିଷ୍ଠା କରିବେ, ଝର ପାଣିରେ ପାଦ ଧୋଇବେ । ବ୍ରାହ୍ମଣର ମନ୍ତ୍ର ଧ୍ୱନିରେ ଆଖିବୁଜି ଧ୍ୟାନ ଯିବେ ଆଉ ଜଣାଇ ଦେବେ ଏଇଠି ସ୍ୱୟଂ ଭଗବାନଙ୍କ ଆସ୍ଥାନ ଥାପନା ହେବ! କିଏ ବିରୋଧ କରିବ ? କାକୁସ୍ଥ ମଣିଷ ମୁଣ୍ଡ ନୁଆଁଇ ଆନୁଗତ୍ୟ ସ୍ୱୀକାର କରିବ । କେବେ ପାଟିରେ ବାଜି ନ ଥିବା ଖିରି, ଖେଚୁଡ଼ି-ଖାଇବେ । ମିଠାର ମହକରେ ଭୁଲିଯିବେ ଏଇଠି ଗୋଟେ ଜିଅନ୍ତା ଡଙ୍ଗରକୁ, ତା' ସବୁଜିମାକୁ ମାରି ଦିଆଯିବାର ପ୍ରାକ୍ ଯୋଜନା ପ୍ରସ୍ତୁତି ସରିସାରିଚି । ଗୋଟେ ପଟେ ମୃତ ପଥରକୁ ଜୀବନ ଦାନ ତ ଆରପଟେ ଜିଅନ୍ତା ପାହାଡ଼କୁ ହତ୍ୟାର ଷଡ଼ଯନ୍ତ୍ର ।

ହରିହର ଜିତି ପାରିଥିବାର ଖୁସିରେ ବିଭୋର । ମୋତେ ସିଗ୍ରେଟ୍ ବଢ଼ାଇ କହିଲା - ତୁ ଏଥର ପ୍ରସ୍ତୁତ ରହିବୁ, ମୋ କ୍ରସର୍‌ରେ ତୁ ହେବୁ ମ୍ୟାନେଜର୍! ଏବେଠୁ ପ୍ରସ୍ତୁତି ଦର୍କାର । ଏ ଅଯଥା ଗପ, କବିତା ଲେଖା ସେତିକି ଥାଉ! କାଗଜରେ ଲେଖା ହେଉଥିବା ଶବ୍ଦରେ ଦମ୍ କେତେ, କିନ୍ତୁ ସେଇ କାଗଜରେ ଛପା ଗାନ୍ଧୀ ମୁଣ୍ଡର ଦାମ୍ ଜାଣୁତ ? ଆଉ ଦେଶ ମୁଖ୍ୟ ବି ଗାନ୍ଧୀ ମୁଣ୍ଡ ପାଖରେ ମୁଣ୍ଡ ନୁଆଁଏ... ତୁ... ତ...!

ମୁଁ ଝୁଙ୍କିଗଲି ତା' ପାଖରେ । ତା ସହ ରାତିଟା ରଙ୍ଗିନ୍ କରିବା ପ୍ରସ୍ତାବରେ ମୁଁ ରାଜି ହୋଇଗଲି । ମୁଁ ପ୍ରେମରେ ପଡ଼ିଲି ଗାନ୍ଧୀ ମୁଣ୍ଡ ଛପାକାଗଜ ପାଖରେ, ଗାନ୍ଧୀ ନୀତିରେ ନୁହେଁ! ମୁଁ ଝାଳରେ ଗାଧୋଇ ଗଲି, ପ୍ରଚଣ୍ଡ ଗୁଳୁଗୁଳିରେ ବସୁଧା ଅସ୍ତବ୍ୟସ୍ତ ।

ସେ ଗ୍ଲାସ୍‌ରେ ମଦ ଢ଼ାଳିଲା, କହିଲା - ମୁଁ କିଏ ଆଉ ତୁ କିଏ ? ତୋର ଔକାତ୍ ନାହିଁ ମୋ ସହ ମିଶି ଗ୍ଲାସ୍ ଠୁକାଇବାର, ମାତ୍ର ମୁଁ ତୋତେ ନିଜର ଭାବିଚି! ସାଙ୍ଗଟେ ତୁ! ତୋତେ ଅସଲ ପରିଚୟଟେ ଦେବା ମୋର ଲକ୍ଷ୍ୟ । ଆଜିଠୁ ମଉଜ କରିବା ଶିଖ୍ ।

ନିଶା ଚହଟି ସାରିଥିଲା ମୋର ଦେହ-ମନ-ମସ୍ତିଷ୍କ! ମୁଁ କ'ଣ ବିକ୍ରି ହୋଇ ଯାଉଚି ? ସେ ମୋ କଲର୍ ଟାଣି ଧମକ୍ ଦେଇଥିଲା କି? ସେ ମୋତେ ଧକ୍କାଟାଏ ପକାଇ ଥିଲା କି ? ଜଣାନାହିଁ! ନିଶାସକ୍ତ ଥିବା ମୋ ସହିତ ସେ କି ପ୍ରକାର ବ୍ୟବହାର କରିଥିଲା... କେଜାଣି !

ସୁନାଧର କହୁଥିଲା - ତୁମ ଉପରେ ସେମାନେ ରାଗ ରଖିଛନ୍ତି । ହୁସିଆର୍ ରହିବ ! ମୋ ଟାଙ୍ଗିଆ ଆଉ ତୁମ କଲମକୁ ସବୁଦିନ ମାରି ଦେବାର ଯୋଜନା ସେମାନେ ପ୍ରସ୍ତୁତ କରି ସାରିଛନ୍ତି । ମୋତେ ଲାଗୁଚି ସେମାନେ ଜିତି ଯାଇ ପାରନ୍ତି!

ମୋ ନିଶାସକ୍ତ ଶରୀରକୁ ଟେକି ନେଇ ସିଏ ଗାଡ଼ିରେ ବସାଇଲା । ଏସି ବାରରୁ ପୁଣି ଏସି କାର୍ ଆଉ ତା' ପରେ । ସେ ବୋଧେ ମୋତେ ଖୁବ୍ ଅଶ୍ଳୀଳ ଭାଷାରେ ଗାଳି କରିଥିଲା! ଶବ୍ଦରେ ଶାଳୀନତା ଆଦୌ ନଥିଲା ।

ମୋତେ ସେମାନେ ଟେକିନେଇ ହୋଟେଲ୍ 'ଲାବଣ୍ୟବତୀ'ର ଗୋଟେ ଧଳା ଶେଯ ପକା ଭୁରୁଭୁରୁ ବାସ୍ନାୟିତ କୋଠରିରେ ଛାଡ଼ି ଚାଲିଗଲେ । ଟିପୟ ଉପରେ ଚିକେନ୍ ଫ୍ରାଇ ଆଉ ନାନ୍, ସାଲାଡ । ମୁଁ ଖାଇଗଲି, ଖୁବ୍‌ଦିନୁ ଭୋକିଲା ଥିଲା ମଣିଷଟେ ପରି । ନିଶା କ'ଣ ଏତେ ଭୋକ ତିଆରି ପାରେ ? ଏତେ ବେଶୀ ଭୋକ । ଏ ଭୋକ ଯେମିତି ଥମିବାର ନାଁ ନେଉନାହିଁ! ଏ ଶୋଷ ଯେମିତି ଶୋଷି ପକାଇବ ସେଇ ତିଖ ପାହାଡ଼ ତଳ ଝରର ସମୁଦାୟ ପାଣି! ଖାଇ ପକାଇବ ତିଖ ପାହାଡ଼ର ସବୁତକ ପଥର, ସବୁତକ ଜଙ୍ଗଲ, ବେଶ୍ ଅନାୟାସରେ । ସତରେ ମଣିଷର ଭୋକ ପାଖରେ ପ୍ରକୃତି ନାଚାର... ବିବଶ! ଆଜି ଭୋକ ପାଖରେ ମୁଁ କେତେ ବେଶୀ ଅସହାୟ ।

କେହି ଜଣେ ପଶି ଆସୁଥିଲା କି ମୋ କୋଠରି ଭିତରକୁ । ସେ କ'ଣ ସ୍ୱାତୀ ମେହେର । ସେ ସ୍ୱାତୀ ମେହେର ହୋଇପାରେ ନ ହୋଇପାରେ, ମାତ୍ର ନାରୀଟିଏ ନିଶ୍ଚୟ!

ମୋ ଭୋକିଲା ଦେହ ନିଶାସକ୍ତ ହୋଇ କେବେଠୁ ଲଙ୍ଗଳା ମୋତେ ଜଣା ନ ଥିଲା । ସବୁ ହରେଇ ସାରିବା ପରେ ଭୋକ ବଢ଼େ, ଆହୁରି ଉତ୍କଟ ହୁଏ । ସ୍ୱାତୀ ମେହେର ଦୃଢ଼ତାର ସହ କହିଥିଲା-

ତୋର ସବୁତକ ଲଙ୍ଗଳାପଣ କଏଦ୍ ହୋଇସାରିଚି କ୍ୟାମେରାରେ । ମୋ ପରି ତୁ ବି ଫସି ସାରିଚୁ କପଟ ଚକ୍ରବ୍ୟୂହରେ । ଲୋକ ନଜରରେ ମୁଁ ଯେତିକି ଅସତୀ, ତୁ ସେତିକି ଚରିତ୍ରହୀନ! ଲେଖକୀୟ ଖୋଳପାପିନ୍ଧା ତୁ ଗୋଟେ ଅସହାୟ ଉଲଗ୍ନ ମଣିଷ ମାତ୍ର । ତୁ ମୋତେ କେବେ ଦେଖି ବି ଦେଖି ନାହୁଁ । ତୁ ମୋତେ ଘୃଣା କରୁ, ତା' ବି ମୁଁ ଜାଣେ । ଏବେ ଦେଖ୍, ଏ ନାରୀ ଦେହ ଯା'ତମାମ୍ କଦର୍ଯ୍ୟ ବ୍ୟଭିଚାର ସହିଚି, ତଥାପି ବଞ୍ଚିଚି । ତୁ ବି ବଞ୍ଚିବୁ ତିଳ ତିଳ ଦହନରେ... ପୀଡ଼ାରେ... ନିନ୍ଦାରେ! ସେମାନେ ମୋ ପରି ତୋତେ ଲଙ୍ଗଳା କରି ସାରିଛନ୍ତି ।ଗଛଟେ କାଟି ଦେଲେ ସେଠୁ ପୁଣି କୁନି ପତ୍ର ବାହାରେ, ଆନ୍ଦୋଳନଟେ ଦବି ଗଲେ ପୁଣି ସେଠୁ ନିଆଁ ଝୁଲଟେ ଫୁଟାଇ ହେବ... ଅଲବତ୍ ଜଳାଇ ହେବ ନିଆଁ ଝୁଲଟେ । ମୁଁ ଗୁଣୁଗୁଣୁ ହେଲି ଯା' ସେ ଶୁଣିପାରିଲା ନାହିଁ । ମୁଁ କେତେବେଳେ ନିଶାରେ ତ କେତେବେଳେ ହୋସ୍‌ରେ ଥିଲି! ସ୍ୱାତୀ ମେହେର କ'ଣ ଜୋର୍ କରି ମୋ ସହ ସମ୍ପର୍କ ରଖିଥିଲା... କେଜାଣି ? ଅନେକ ପୁରୁଷଙ୍କ ନିକଟରେ ନିଜକୁ ସମର୍ପି ଦେବା ପରେ ବି ମୁଁ ତୋ ପାଖରେ ସେଇ ନାରୀ... ସେଇ ଅସ୍ତିତ୍ୱ । ତୁ ନାଚାର ସବୁକାଳେ ମୋ ଲଙ୍ଗଳା ବାହୁରେ! ଯେମିତି ନାଚାର ଚେୟାରମ୍ୟାନ୍, କଣ୍ଟ୍ରାକ୍ଟର୍ ହରିହର, ମହାକୁଡ଼ ଜେଇ ଏମିତି ଅନେକ! ସେ ମୋ ଛାତିରେ ଛେପ ପକାଇ କହିଲା - ତୁ ପଳାତକ... ତୁ ନପୁଂସକ, ତୁ ପୁରୁଷ ନୁହେଁ । ଆ, ମୁଁ ତୋତେ ଆମନ୍ତ୍ରଣ କରୁଚି ମୋ ଦେହରେ ଖେଳ୍ ସେଇ ଆଦିମ ଖେଳ ଯାହାର ଦାମ୍ ମୁଁ ପାଇ ସାରିଚି ଆଗରୁ! ତୋତେ ଟଙ୍କାଟାଏ ଦେବାକୁ ପଡ଼ିବ ନାହିଁ ।

ମୁଁ ତଥାପି ଜଳି ପାରୁ ନ ଥିଲି ଆଦିମ ନିଆଁରେ । ମୁଁ ନିଶାରେ ଥିଲେ ବି ଅବିବେକୀ ହୋଇ ପାରୁ ନ ଥିଲି! ମୋତେ ଭାବପ୍ରବଣତା ଗ୍ରାସ କରି ସାରିଥିଲା!

ସକାଳ ହେବାକୁ କେଇଘଣ୍ଟା ବଳକା ଥିଲା । ମୁଁ ଘଡ଼ିକୁ ଚାହିଁଲି, ପାହାନ୍ତା ଚାରିଟା । ସ୍ୱାତୀ ମେହେର ଚାଲିଯାଇଛି, ପଡ଼ିରହିଛି ଆଲକହଲ୍‌ର ଖାଲି ବୋତଲ, ସିଗାରେଟ୍‌ର ଟୁକୁଡ଼ା । ରାତିର ସେଇ ଉଲଗ୍ନ ମୁହୂର୍ତ୍ତକୁ କ୍ୟାମେରା କଏଦ୍ କରି ସାରିଚି, ତା' ମୋତେ ଜଣା । 'ଏଇ ତିଖ ପାହାଡ଼ର ସବୁଜିମା ରକ୍ଷା ପାଇଁ ଆନ୍ଦୋଳନ ଲୋଡ଼ା' ଶୀର୍ଷକରେ ମୋର ଯେଉଁ ଲେଖାଟା ବାହାରିବାର ଥିଲା ତା'କୁ ରୋକି ଦେବା ପାଇଁ ଏଇସବୁ ଯୋଜନା ।

ହରିହର ଧମକ୍ ଦେଇଥିଲା - ତୁ ଯେଉଁ ନ୍ୟୁଜ୍ ପେପର୍ ପାଇଁ ଲେଖୁଚୁ ତା'ର ପରମାୟୁ କେତେ ? ସେ ଏମିତି ତୋତେ କେତେ ଦିଏକି ? ତୁ କ'ଣ ଚଳି ଯାଇପାରୁ ସ୍ୱଚ୍ଛନ୍ଦରେ! ସୁମନ୍ତଠାରୁ ମୋର ଏଇ ଲେଖା ବାବଦ୍

> "ମୁଁ ତା' ଓଠରେ ଓଠ ଛୁଆଁଇଲି, କହିଲି - ହରିହରକୁ ଦେଖାହେଲେ କହିବୁ, ମରି ସାରିଥିବା ପଥରରୁ, ଦାରିଦ୍ର୍ୟପାଇଁ ଦେହ ବିକୁଥିବା ବାରାଙ୍ଗନାର ଦୁଆର ମାଟିରୁ, ଦିଅଁ ଖୋଜିବା ନିରର୍ଥକ! ମନ୍ଦିର ତିଆରି ହୋଇଥିବା ସେଇ ପଚା ପଥରର ଗନ୍ଧକୁ ଯିଏ ଜାଣି ପାରିଚି ସିଏ ହିଁ ବୁଝିବ ଗୋଟେ ମରି ସାରିଥିବା ପାହାଡ଼ର ଦୁଃଖ ।"

ଜାଣିପାରି ସେ ରାଗି ଯାଇଥିଲା । କାଲି ହୁଏତ କେଉଁ ପ୍ରମୁଖ ସମ୍ବାଦପତ୍ରରେ ମୋ ଲଙ୍ଗଳାପଣକୁ ଆଳ କରି ଖବର ବାହାରି ସାରା ସହରଟା ମୋ ବିରୁଦ୍ଧରେ ମତାଇ ଦିଆ ଯାଇପାରେ । ତିଖ ପାହାଡ଼ର ଆନ୍ଦୋଳନକୁ ଦବାଇ ଦିଆଯାଇପାରେ! ସୁନାଧର ପରି ଆନ୍ଦୋଳନକାରୀଙ୍କୁ ଦଙ୍ଗାକାରୀ ବୋଲି ସାବ୍ୟସ୍ତ କରା ଯାଇପାରେ ।

ମୁଁ ହୋଟେଲ୍ ରୁମ୍‌ରୁ ବାହାରି ଆସିଲି । ନିଜ ସହିତ ନେଇ ଆସିଥିଲି ଯେତେସବୁ ଅଶ୍ଳୀଳ ଓ ଅବକାରୀ ପଦାର୍ଥ ଯାହା ହୁଏତ କେହି ନ ଦେଖୁ । କାଉଣ୍ଟର୍‌ରେ ଚାବି ଦେଇ ରୁମ୍ ଚେକ୍‌ଅପ୍ କରାଇ ନେଇ ବାହାରି ଆସିଲି ରାଜରାସ୍ତାକୁ । ରାସ୍ତାକଡ଼ ଡଷ୍ଟବିନ୍‌ରେ ପକାଇ ଆସିଲି ସେଇସବୁ ବର୍ଜିତ ଜିନିଷ ଓ ଘରମୁହାଁ ହେଲି । ହ୍ୟାଙ୍ଗ୍‌ଓଭର୍ ପାଇଁ ମୁଣ୍ଡଟା ଭାରିଭାରି ଲାଗୁଥିଲା ।

ଛ'ଟାରେ ସବୁ ସମ୍ବାଦପତ୍ର ପୃଷ୍ଠା ଓଲଟାଇଲି । ନା, କେଉଁଠି କିଛି ବି ଖବର ମୋ ନାଁରେ ନାହିଁ । ମୁଁ ଚିନ୍ତାମୁକ୍ତ ହେଲି । ହରିହର ଫୋନ୍ କଲା ତୋର ସବୁ ନିଷିଦ୍ଧ କାରନାମା ମୋ ପାଖରେ ଚିତ୍ର ହେଇ ମହଜୁଦ୍ । ମୁଁ ଫୋନ୍ କାଟିଲି । ମୁଁ ଜାଣୁଥିଲି ମୁଁ ହାରି ସାରିଚି ଲଢ଼େଇରେ!

ସଞ୍ଜରେ ସ୍ୱାତୀ ମେହେର ମୋ ଘରେ ପହଞ୍ଚିଲା ପୁଳାଏ ଅନ୍ଧାର ପରି । ଖୋଲା ଦେହକୁ ମୁଁ ଢାଙ୍କି ପକାଇଲି ଟାୱେଲ୍‌ରେ । ସେ ହସିଲା, ଯେମିତି ମୋତେ ପୋଡ଼ି ପକାଇବ ନିଆଁରେ । ସବୁବେଳେ ଅଣଦେଖା କରୁଥିବା ସ୍ୱାତୀକୁ ମୁଁ ଚେୟାର୍ ଖଣ୍ଡେ ବଢ଼ାଇଲି ।

ଚା' ଦୁଇ କପ୍ ତିଆରିଲି । ସେ ଓଠ ଛୁଆଁଇଲା କପ୍‌ରେ । କହିଥିଲା - ଏମିତି ନିଜର ଭାବି କେହି ଜଣେ ବି ହାତ ତିଆରି ଚା'ପିଆଇ ନାହିଁ ଅନ୍ତରଙ୍ଗ ଭାବେ । ମୁଁ ତୋତେ ଭଲପାଏ । ତୋତେ ଭଲପାଏ ଏଇଥି ପାଇଁ ତୋ' ଶବ୍ଦରେ ଯାଦୁଥାଏ । ତୁ ଜଳାଇ ଦେଇପାରୁ ଗୋଟେ ଜନମତକୁ । ତୁ ଜହ୍ନକୁ ତୋଳି ଆଣିପାରୁ ଆକାଶରୁ, ତୁ ଝରଣାର ଆବେଗକୁ ଠିକ୍ ମୋର ଏଇ ଛାତି ପାଖରେ ବୁହାଇ ଦେଇପାର । ଡଙ୍ଗର ପାଇଁ ତୋର ସେଇ ଲେଖାଟା ସୁମନ୍ତଠୁ ହରିହର ଆଉ ହରିହରଠୁ ମୋ ଯାଏ ପହଞ୍ଚି ପାରିଚି । ହରିହର ପାଖରେ ମୁଁ ଗୋଟେ ଶସ୍ତା ଧନ୍ଦାବାଲୀ, ମାତ୍ର ତୋ ପାଖରେ ମୁଁ ଗୋଟେ ସମୁଦ୍ର! ତୋତେ ବୁଝି ନ ଥିଲି । ତୋତେ ଗର୍ବୀ ଆଉ ଉଦ୍ଧତ ଭାବୁଥିଲି, ମାତ୍ର ତୁ ତା'ନୁହଁ ।

ଆଜି ହରିହର ରାତିର ନିଷିଦ୍ଧ ପ୍ରହରରେ ମୋ ଘରକୁ ଆସିବ । ମନ୍ଦିର ପାଇଁ ବାରାଙ୍ଗନାର ଘରୁ ମାଟି ଟେକାଏ ନେବା ପାଇଁ! ଏଇ ମାଟିରେ କୁଆଡ଼େ ମନ୍ଦିରର ପ୍ରଥମ ପଥର ଥାପନା ହେବ । ମନ୍ଦିରର ନିଅଁ ତଳେ ମୋର ଅସ୍ତିତ୍ୱକୁ ପୂଜ୍ୟପୂଜାର ମାନ୍ୟତା ଦେଉଥିବା ମଣିଷମାନେ କ'ଣ ମୋତେ ଦେବୀ ବୋଲି ଭାବି ପାରିବେ । ନୁହେଁ ନା ! ସେମାନେ ଭୋଗିଥିବା ମୋ ଦେହ ଯଦି ପବିତ୍ର ନୁହେଁ ମୋ ଘରର ମାଟିକୁ କେମିତି ସମାଜ ପବିତ୍ର ଭାବି ପାରିବ ? ରକ୍ତମାଂସର ନାରୀ ଛାତିରେ ଏମିତି ଆଉ କେଉଁ ପ୍ରତ୍ୟକ୍ଷ ଦେବୀ ଅଛି ଯିଏ ମୋର ପବିତ୍ରତା ପରଖିବ?

ସଞ୍ଜଟା ଅନ୍ଧାର ହେଉଥିଲା ଆଉ ସଜନା ଗଛରୁ ପତ୍ର ଝଡୁଥିଲା । ବାପା ମା'ଙ୍କ ଗଲା ପରେ ସଂସାରଟେ ତିଆରି କରିପାରି ନ ଥିବା ମୋର ରୋଷେଇ ଘରେ ସ୍ୱାତୀ ମେହେର ଆଉ ଦୁଇ କପ୍ ଚା' ତିଆରୁ ଥିଲା । ଚା'ରୁ ଆସୁଥିବା ଅଦାର ଆତ୍ମିକ ବାସ୍ନା ଅନ୍ଧାରକୁ ଆହୁରି ଗାଢ଼ କରୁଥିଲା, ଆହୁରି ଅନ୍ତରଙ୍ଗ କରୁଥିଲା ।

ସେ ଚା' ପିଇବା ଆରମ୍ଭ କଲା ତ କହିଲା - ତୋର କୌଣସି ବି ଅଶ୍ଳୀଳ ଚିତ୍ର କ୍ୟାମେରାରେ ନାହିଁ... ନିଶ୍ଚିନ୍ତ ରହିବୁ । ବାରମ୍ବାର 'ଲାବଣ୍ୟବତୀ'ରେ ରାତି ବିତେଇ ଅନେକଙ୍କ ସହ ଅନ୍ତରଙ୍ଗତା ବଢ଼ିଚି । ମୋ ଖାତିର୍‌ରେ ସେଇଦିନ ଶହେ ବାର ନମ୍ବର ରୁମ୍‌ର କ୍ୟାମେରାକୁ ଜାଣିଶୁଣି ବନ୍ଦ କରି ଦିଆଯାଇଥିଲା । ଲଜ୍‌ର କର୍ମଚାରୀମାନେ ମୋତେ ସାହାଯ୍ୟ କରିଥିଲେ ବିନା ସ୍ୱାର୍ଥରେ ।

ସେ ବାରଣ୍ଡାର ଲାଇଟ୍ ଲିଭାଇ ଦେଲା । କହିଲା - କୋଣାର୍କର ନଗ୍ନ ନଟୀର ଚିତ୍ର କ'ଣ କାମନା ବଖାଣେ, ନା ଗୋଟେ ଲଙ୍ଗଳା ଶୋଷିତ ବାର-ଭୋଗ୍ୟା ନାରୀର ଦୁଃଖ ? ତୁ ବୁଝିଚୁ... ବୁଝି ପାରିଚୁ ।

ମୋତେ ଜଡ଼ାଇ ଧରି କହିଲା - ତୁ ଗୋଟେ ପର୍ବତ ହେଇ ଯା' ଆଉ ମୁଁ ଗୋଟେ ଝରଣା! ଆକାଶରେ ନ ଥାଉ ଜହ୍ନ! ଭିଜାଭିଜା ଅନୁଭବଟେ ପାଇଁ ଜହ୍ନର ଜ୍ୟୋସ୍ନାଠୁ ରାତିର ଅନ୍ଧାର ଭାରି ମିଠା । ସେଇ ତିଖ ପାହାଡ଼ ବଞ୍ଚିବ ତ' ତୁ ଥିବୁ ମୁଁ ଥିବି ଆଗକୁ ଅନ୍ୟମାନେ ଥିବେ ।

ଅନ୍ଧାରର ପର୍ଦ୍ଦା ଠେଲି ଠାଏ ମିଠା ବାସ୍ନା ସଞ୍ଚରି ଯାଉଥିଲା ବାରଣ୍ଡା ସାରା । ସେଠୁ ଆଉ ଅନ୍ତରଙ୍ଗତା କେତେ ଦୂର ଯେ ! ସ୍ୱାତୀ ମେହେର ମୋ ଖୋଲା ଛାତିରେ ମୁଣ୍ଡ ରଖିଲା ଯେମିତି ଖୁବ୍‌ଦିନୁ ମୁଁ ତା'ର ପ୍ରେମିକ ପୁରୁଷ, ଯିଏ ପ୍ରକୃତିକୁ ଭଲ ପାଇପାରେ ।

ମୁଁ ତା' ଓଠରେ ଓଠ ଛୁଆଁଇଲି, କହିଲି - ହରିହରକୁ ଦେଖାହେଲେ କହିବୁ, ମରି ସାରିଥିବା ପଥରରୁ, ଦାରିଦ୍ର୍ୟପାଇଁ ଦେହ ବିକୁଥିବା ବାରାଙ୍ଗନାର ଦୁଆର ମାଟିରୁ, ଦିଅଁ ଖୋଜିବା ନିରର୍ଥକ! ମନ୍ଦିର ତିଆରି ହୋଇଥିବା ସେଇ ପଚା ପଥରର ଗନ୍ଧକୁ ଯିଏ ଜାଣି ପାରିଚି ସିଏ ହିଁ ବୁଝିବ ଗୋଟେ ମରି ସାରିଥିବା ପାହାଡ଼ର ଦୁଃଖ । ■■■

ଜୁନାଗଡ଼, କଳାହାଣ୍ଡି-୭୬୬୦୧୪

ଦୂରଭାଷ : ୯୪୩୭୭୩୨୮୭୫୮

RAIN, SUN AND FIREPROOF
KONARK IS THE RIGHT ROOF

KONARK

Right at the top

USE

KONARK

AC SHEETS & ACCESSORIES

UAL - ODISHA

(PROP. : UAL INDUSTRIES LTD.)

(AN ISO 9001, 14001 & OHSAS 18001 CERTIFIED COMPANY)

ODISHA WORKS

At/P.o. Korian, Dist. Dhenkanal-759013 (Odisha)
Phone : (06762) 228881, Fax : (06762) 228263
EPABX : (06762) 228881
E-mail : ual_dkl@ualind.com

BENGAL WORKS
UAL - BENGAL

Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com

U.P. WORK
UAL - UTTAR PRADESH

At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com

WHILE SOME PERSUE FOR EXCELLENCE
WE ARE BORN TO EXCELL.

ଶାରଦୀୟ ଦୁର୍ଗା ପୂଜାର ଅଭିନନ୍ଦନ
ଜଣେ ଶୁଭେଚ୍ଛୁ
ଜିଲ୍ଲା- ଗଜପତି

ଅନୁବାଦ : ଇଂ. ପ୍ରଭାକର ସ୍ୱାଇଁ

'ସାରଳା ସାହିତ୍ୟ ସଂସଦ'ର ପ୍ରତିଷ୍ଠାତା ଓ ସଭାପତି । ପ୍ରକାଶିତ ଗ୍ରନ୍ଥ- 'ଉତ୍କଳ ବ୍ୟାସ ସାରଳା ଦାସ', 'ଯଦା ଯଦା ହିଁ ଧର୍ମସ୍ୟ', 'ପୁନଶ୍ଚ ହସ୍ତିନା', 'କେତୋଟି କଥା', 'ଭାରତରତ୍ନ ବିଶ୍ୱେଶ୍ୱରାୟା' ଇତ୍ୟାଦି । ଅନୁବାଦ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ, ଆଦିକବି ସାରଳା ଦାସ ପୁରସ୍କାର ସହ ବହୁ ସାରସ୍ୱତ ସମ୍ମାନ ପ୍ରାପ୍ତ ।

ଅନୁବାଦ ଗଳ୍ପ

ମାତା-ବିମାତା

ମୂଳ ହିନ୍ଦୀ- ଭୀଷ୍ମ ସାହାଣୀ



ପନ୍ଦର ଡାଉନ୍ ଟ୍ରେନ୍ ଛାଡ଼ିବାକୁ ଆଉ ଦୁଇ ମିନିଟ୍ ବାକିଥିଲା । ସବୁଜ ସଙ୍କେତ ଦିଆ ସରିଥିଲା ଓ ସିଗ୍ନାଲ୍ ଡାଉନ୍ ହୋଇଥିଲା । ଯାତ୍ରୀମାନେ ନିଜନିଜ ବଗିରେ ବସି ସାରିଥିଲେ । ହଠାତ୍ ଦୁଇଜଣ ସ୍ତ୍ରୀଲୋକଙ୍କ ଭିତରେ କଳି ଆରମ୍ଭ ହୋଇଗଲା । ଜଣେ ସ୍ତ୍ରୀଲୋକ ଅନ୍ୟର କୋଳରୁ ପିଲା ଛଡ଼ାଇ ଆଣିବାକୁ ଚେଷ୍ଟା କରୁଥିଲା । ପିଲାକୁ ଧରିଥିବା ସ୍ତ୍ରୀଲୋକଟି ଗୋଟିଏ ହାତରେ ପିଲାକୁ ଛାତିରେ ଚାପିଧରି ଅନ୍ୟ ହାତକୁ ହଲାଇ ଆର ଜଣକ ସହିତ କଳି କରୁଥିଲା ଓ ତରତର ହୋଇ ଗାଡ଼ିରେ ଚଢ଼ିବାକୁ ଚେଷ୍ଟା କରୁଥିଲା ।

'ତୁ ମରିଯା ପୋଡ଼ାମୁହିଁ । ଛାଡ଼ ମୋତେ । ଏବେ ଗାଡ଼ି ଛାଡ଼ିଦେବ ।'

'ନା, ନା.... ତୋତେ ଦେବି ନାହିଁ । ମରିଗଲେ ବି ତୋତେ ପିଲାକୁ ଦେବି ନାହିଁ ।.....' ଅନ୍ୟ ନାରୀଟି ପିଲାକୁ ଛଡ଼ାଉ ଛଡ଼ାଉ କହିଲା ।

କିଛି ସମୟ ପୂର୍ବରୁ ଦୁଇଜଣ ପାଖା ପାଖି ଛିଡ଼ାହୋଇ କଥାବାର୍ତ୍ତା ହେଉଥିଲେ । ଏବେ ସେମାନେ ଛଡ଼ାଛଡ଼ି ହୋଇ କଳିଗୋଳରେ ମାତିଛନ୍ତି । ଆଖପାଖର ଲୋକମାନେ ଏହା ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । ତାମସା ଦେଖିବାକୁ କିଛି ଲୋକ ରୁଣ୍ଡ ହୋଇଥିଲେ । ପ୍ଲାଟ୍‌ଫର୍ମର ହାବିଲ୍‌ଦାର୍ ପାଣି ପିଇବାକୁ କଳପାଖକୁ ଯିବାବେଳେ

ଏମାନଙ୍କ ଝଗଡ଼ା ଦେଖି ବାଡ଼ି ହଲାଇ ହଲାଇ ପାଖକୁ ଆସିଲା ।

'କଥା କ'ଣ? କାହିଁକି ଏମିତି ହଲ୍ଲା କରୁଛ?' ବଡ଼ ପାଟିରେ ସେମାନଙ୍କୁ ତାଗିଦ୍ କଲା । ହାବିଲ୍‌ଦାର୍‌କୁ ଦେଖି ଦୁହେଁ ଚୁପ୍ ହୋଇଗଲେ ସତ, ହେଲେ ଭିତରେ ଫଁ ଫଁ ହେଉଥିଲେ । ପଶୁମାନଙ୍କ ପରି ପରସ୍ପରକୁ ବୁଲିବୁଲି ଚାହୁଁଥିଲେ ।

ଦୁଇ ଜଣ ଯାତ୍ରୀ ବଗି ଭିତରକୁ ଚଢ଼ିବାର ଦେଖି ପିଲାକୁ ଧରିଥିବା ସ୍ତ୍ରୀଲୋକଟି ପୁଣି ଗାଡ଼ି ଆଡ଼କୁ ମୁହାଁଇଲା । ହେଲେ ଆର ସ୍ତ୍ରୀଲୋକଟି ଦଉଡ଼ି ଦଉଡ଼ି ଯାଇ ତା'କୁ ଟାଣି ଧରିଲା ଓ ଦୁହେଁ ପ୍ଲାଟ୍‌ଫର୍ମ ମଝିକୁ ଆସିଗଲେ । ସ୍ତ୍ରୀଲୋକଟିର କାନ୍ଧରେ ଦୁର୍ବଳ ପତଳା ପିଲାଟାଏ ଶୋଇଥିଲା । ସେମାନଙ୍କ କଳି ଓ ହାତାହାତିରେ ପିଲାଟାର ଲମ୍ବା ବେକଟି ହଲିଯାଇ କେତେବେଳେ ବାମପଟକୁ ତ କେବେ ଡାହାଣ ପଟକୁ ମୁଣ୍ଡଟି ଝୁଙ୍କି ଯାଉଥିଲା । ତଥାପି ତା'ର ନିଦ ଭାଙ୍ଗୁ ନ ଥିଲା ।

'ଏଡ଼େ ବଡ଼ ପାଟି କରନାହିଁ । କଥା କ'ଣ?'

ହାବିଲ୍‌ଦାର୍ ବାଡ଼ି ହଲେଇ ଚିଲେଇଲା ଓ ବାଡ଼ିକୁ ଦୁଇଜଣଙ୍କ ମଝିରେ ରଖି ସେମାନଙ୍କୁ ଅଲଗା କରିବାକୁ ଚେଷ୍ଟାକଲା । ପିଲାକୁ ଛଡ଼ାଉଥିବା ନାରୀଟି ବଡ଼ କରୁଣ ଦୃଷ୍ଟିରେ ହାବିଲ୍‌ଦାର୍‌କୁ ଚାହିଁ କହିଲା- 'ମୋ ପିଲାକୁ ସିଏ ନେଇ ଯାଉଛି । ମୁଁ ଦେବି ନାହିଁ... ।' ପୁଣି ଥରେ ସେ ପିଲାକୁ ଛଡ଼େଇଲା ।

ଗାଡ଼ି ପଳେଇବ, ମୋତେ ଛାଡ଼ି ଦେ ଲୋ ସବାଖାଇ । ପିଲାକୁ ଧରିଥିବା ନାରୀଟି ଚିଲେଇ ଚିଲେଇ ଗାଡ଼ି ଆଡ଼କୁ ଚାଲିଲା । ହାବିଲ୍‌ଦାର୍ ତା' ଆଗ ଘେରି ତା'କୁ ଅଟକାଇ ଦେଲା ।

'ତା ପିଲାକୁ କାହିଁକି ନେଇଯାଉଛୁ?' ହାବିଲ୍‌ଦାର୍ କଡ଼ା ସ୍ୱରରେ କହିଲା ।

'ତା'ର କ'ଣ? ପିଲା ତ ମୋର ।'

'ସେ କହୁଛି ପିଲା ତା'ର । ତୁ କହୁଛୁ ପିଲା ତୋର । ଠିକ୍ ଠିକ୍ କହ ଏ ପିଲା କାହାର?'

'ପିଲା ମୋର'- ଅଳ୍ପ ବୟସର ନାରୀଟି କହୁ କହୁ କାନ୍ଦି ପକେଇଲା ।

ଅସ୍ତବ୍ୟସ୍ତ ରୁକ୍ଷ ଝାମ୍ପୁରା କେଶରେ ତା'ର ଚେହେରା ବଡ଼ ଦୟନୀୟ ଦିଶୁଥିଲା । ହେଲେ ଆଖିରେ ଏବେ ବି ଭୟ ଥିଲା । ବ୍ୟାକୁଳ ଚିତ୍ତରେ ସେ ପୁଣି ପିଲାଟି ଆଡ଼କୁ ଦୌଡ଼ିଲା ।

ହାବିଲ୍‌ଦାର୍ ଶୀଘ୍ର ଶୀଘ୍ର ଝମେଲା ତୁଟେଇବାକୁ ଚାହୁଁଥିଲା ।

ପିଲାକୁ ଧରିଥିବା ନାରୀଟିକୁ କହିଲା- 'ପିଲାଟାକୁ ତା'କୁ ଦେଇ ଦେ ।'

'କାହିଁକି ଦେଇଦେବି? ପିଲାତ ମୋର.... ।'

'ତୋ ପେଟରୁ ତା'କୁ ଜନ୍ମ କରିଛୁ ?'

ପିଲାକୁ ଧରିଥିବା ନାରୀଟି ଚୁପ୍ ହୋଇଗଲା ଏବଂ ବୁଲିବୁଲି ଅନ୍ୟ ନାରୀଟିକୁ ଚାହିଁଲା ।

'କହ । ତୋ ପେଟରୁ ସେ ଜନ୍ମ ନେଇଛି କି'- ହାବିଲ୍‌ଦାର୍ ରାଗରେ ପଚାରିଲା ।

ପେଟରୁ ନ ଜନ୍ମିଲେ କ'ଣ ହେବ ? ମୁଁ ତା'କୁ ଦୁଧ ପିଆଇଛି । ଗଲା ସାତମାସ ଧରି ମୋ ପିଲାଙ୍କ ମୁହଁରୁ ଛଡ଼ାଇ ତା'କୁ ଦୁଧ ପିଆଉଛି ।'

'ଦୁଧ ଦେଉଛୁ ବୋଲି କ'ଣ ପିଲା ତୋର ହୋଇଗଲା ? ଜବରଦସ୍ତ ପିଲାକୁ ନେଇଯିବୁ ।'

'ଜବରଦସ୍ତ କାହିଁକି ନେଇଯିବି ? ଡାହାଣୀ ତ ସାମ୍ନାରେ ଛିଡ଼ା ହୋଇଛି, ତା'କୁ ପଚାର ।'

ପୁଣି ଅନ୍ୟ ନାରୀଟି ଆଡ଼କୁ ମୁହଁ ଛିଞ୍ଚାଡ଼ି କହିଲା- 'ପୋଡ଼ାମୁହିଁ ! କହୁନୁ କାହିଁକି? ମୁଁ ତୋ ଠାରୁ ଛଡ଼େଇ ନେଇଯାଉଛି କି?' ହାବିଲ୍‌ଦାର୍‌କୁ ଚାହିଁ କହିଲା 'ଇଏ ନିଜେ ପିଲାଟିକୁ ମୋ କୋଳରେ ଦେଇଛି । ପିଲାଟାକୁ ତ ଇଏ ଅଳିଆ ଗଦାରେ ଫିଙ୍ଗି ଦେବାକୁ ଯାଉଥିଲା । ମୁଁ କହିଲି ମୋତେ ଦେଇଦେ, ପିଲାକୁ ମୁଁ ପାଳିବି । ସେବେଠାରୁ ପିଲାକୁ ମୁଁ ପାଳୁଛି । ଆଜି ସେ ମୋତେ ଛାଡ଼ିବାକୁ ଆସିଥିଲା । ଏଠି ଆସି ପିଲାଟାକୁ ନେବ ବୋଲି ନାଟ ଲଗେଇଛି ।'

ହାବିଲ୍‌ଦାର୍ ଅନ୍ୟ ନାରୀଟିକୁ ଚାହିଁ ପଚାରିଲା- 'ପିଲାଟିକୁ ତୁ ନିଜେ ଯାକୁ ଦେଇଛୁ?'

ଯୁବତୀଟି ବଡ଼ ବଡ଼ ଉଦ୍‌ଭ୍ରାନ୍ତ ଆଖିମେଲି କିଛି ସମୟ ଯାଏ ଅନ୍ୟ ନାରୀଟିକୁ ଚାହିଁ ରହି ତା'ପରେ ଆପେ ତଳକୁ ଚାହିଁଲା ।

'ହଁ ଦେଇଥିଲି । ହେଲେ ପିଲାଟି ମୋର । ମୁଁ କାହିଁକି ଦେଇଦେବି? ଆଦୌ ଦେବି ନାହିଁ ।' ଅସହାୟଭାବେ ସେ ଅନ୍ୟ ନାରୀଟି ଆଡ଼କୁ ଚାହିଁଲା । ପ୍ରଥମେ ତା' ଆଖିରୁ ଝରୁଥିବା ଅଶ୍ରୁ ଘାବରେଇ ଯିବା ପରେ ଶୁଖି ଯାଇଥିଲା ।'

'ତୁ ତ ଦେଇଥିଲୁ ବୋଲି ମାନୁଛୁ । ଏବେ କାହିଁକି ଫେରେଇ ନେବୁ?'

କାତର ନେତ୍ରରେ ସେ ଉପରକୁ ଚାହିଁଲା ଓ ତା'ର ଶରୀର କମ୍ପି ଉଠିଲା ।

'ଇଏ ତା'କୁ ପର ଦେଶ ନେଇ ଯାଉଛି'- କହୁ କହୁ ସେ କାନ୍ଦି ପକେଇଲା ।

'ମୁଁ କ'ଣ ସବୁବେଳେ ତୋ' ପାଖରେ ପଡ଼ି ରହିଥିବି ?' ପିଲାକୁ ଧରିଥିବା ନାରୀଟି ହାତକୁ ହଲେଇ ଆଖପାଖରେ ଥିବା ଲୋକଙ୍କୁ ଶୁଣେଇ ଶୁଣେଇ କହିଲା- ମୋ ଦଳରେ ଥିବା ଲୋକ ସମସ୍ତେ ଚାଲିଗଲେଣି । ଇଏ ମୋତେ ଛାଡୁ ନ'ଥିଲା । ଆଉ ଦଶଦିନ ରହ, ଆଉ ପାଞ୍ଚ ଦିନ ରହ, ଆଉ ଦୁଇଦିନ ରହ ତା'ପରେ ଯିବୁ...... । ଏମିତି କହି କହି ମାସେ ଗଲାଣି । ମୁଁ ଏଠି କେମିତି ପଡ଼ି ରହିବି? ଆଜି ଗାଡ଼ିରେ ଯିବାକୁ ବାହାରିବାରୁ ପୋଡ଼ାମୁହିଁ ଏମିତି ନାଟ ଲଗେଇଛି ।'

'ଇଏ କ'ଣ ତୋ ସମ୍ପର୍କୀୟା ?'- ହାବିଲ୍‌ଦାର୍ ପଚାରିଲା ।

'ସମ୍ପର୍କୀୟା କାହିଁକି ହେବ? ଇଏ କାଠିଆବାଡ଼ର ଲୋକ, ଆମେ ବାରବୁଲା ମଣିଷ ।'

'ତୁ ଗାଡ଼ିରେ କୁଆଡ଼େ ଯାଉଥିଲୁ?'

'ଫିରୋଜପୁର।'

'ସେଠି କ'ଣ ଅଛି ?'

'ଆମେ ବାରବୁଲା ଲୋକ। ପ୍ରଥମେ ଆମ ଦଳ ଏଠି ଜମି ନେଇ ବସ୍ତି ବନେଇଥିଲେ। ପୂରା ଦଶ ବର୍ଷ ରହିଲୁ। ଏବେ ଫିରୋଜପୁରରେ ଆମକୁ ଜମି ମିଳିଛି। ଆମ ଲୋକମାନେ ସମସ୍ତେ ଚାଲି ଗଲେଣି। ହେଲେ ଇଏ ମୋତେ ଛାଡ଼ୁ ନ ଥିଲା।'

ହାବିଲ୍‌ଦାର୍ ଦ୍ୱନ୍ଦ୍ୱରେ ପଡ଼ିଗଲା। ଜଣେ ଜନ୍ମ କରି ଫିଙ୍ଗିଦେଲା, ଅନ୍ୟ ଜଣେ ଦୁଧ ପିଆଇ ବଡ଼ କଲା। ପିଲାଟି ଏବେ କାହାର ହେବ ?'

'ତୋର କ'ଣ ଘର ଦ୍ୱାର କିଛି ନାହିଁ ଯେ ତୋ ନିଜ ପିଲାଟିକୁ ଯାକୁ ଦେଇଦେଲୁ ? ତୁ କେଉଁଠି ରହୁଛୁ ?'- ହାବିଲ୍‌ଦାର୍ ପିଲାଟିର ମାଆକୁ ପଚାରିଲା।

'ଇଏ କେଉଁଠି ରହିବ ଆଜ୍ଞା! ପୋଲ ପାଖରେ ଯେଉଁ ଝୁମ୍ପୁଡ଼ି ଅଛି ଇଏ ସେଇଠି ରହେ। ଆମେ ସେଇଠି ରହିଥିଲୁ। ସେ ମୋ ପଡ଼ୋଶୀ ଥିଲା। ଦିନ ମଜୁରି କରୁଥିଲା। ପିଲାଟିର ନାହି ମୁଁ କାଟିଥିଲି। ପିଲାଟିର ମାଆ ପାଗଳ ପରି ପିଲାଟି ଆଡ଼କୁ ଚାହୁଁଥିଲା। ଲାଗୁଥିଲା- ଯେମିତିକି ସେ କିଛି ଶୁଣୁନି।

'ତା'ର ସ୍ୱାମୀ କେଉଁଠି?'

'ତା'ର ସ୍ୱାମୀ କେହି ନାହାନ୍ତି। ତା'କୁ ବିବାହ କରିବାକୁ କେହି ଚାହାନ୍ତି ନାହିଁ। ତା'ର ଘର ଦ୍ୱାର ଥିଲେ ସେ କ'ଣ ଅଳିଆ ଗଦାରେ ପିଲାଟିକୁ ଫିଙ୍ଗି ଦେବାକୁ ଚାହିଁଥାନ୍ତା ?'

ଏହି ସମୟରେ ଗାଡ଼ି ହୁଇସିଲ୍ ମାରିଲା। ଭିଡ଼ ଭାଙ୍ଗି ଲୋକମାନେ ନିଜ ନିଜ ବଗିକୁ ଯିବାରେ ଲାଗିଲେ। ପିଲାକୁ ଧରିଥିବା ନାରୀଟି ବି ବଗି ଆଡ଼କୁ ଚାଲିଲା। ପିଲାଟିର ମାଆ ଆଗ ଘେରି ତା' ଗୋଡ଼ ଧରି ପକେଇ କହିଲା- 'ତୁ ଯାଆନା କି ମୋ ପିଲାକୁ ନେଇ ଯାଅନା'। କିଛି ଲୋକଙ୍କ ମନରେ ଦୟା ଆସିଲା। ହାବିଲ୍‌ଦାର୍ ଆଗକୁ ଯାଇ ପିଲାଟିକୁ ତା' ମାଆ ହାତରେ ଦେଇ ଚାଲିଯିବାକୁ ସେହି

ବାରବୁଲା ନାରୀଟିକୁ କହିଲା– 'ମାଆଟିଏ ଯେତେବେଳେ ତା' ପିଲାକୁ ଦେବାକୁ ଚାହୁଁନି, ସେତେବେଳେ ତୁ ତା'କୁ ନେଇ ଯାଇପାରିବୁ ନାହିଁ'- ହାବିଲ୍‌ଦାର୍ ଦୃଢ଼ ସ୍ୱରରେ କହିଲା।

ଏଭଳି ନିଷ୍ପତ୍ତି ନିଆଯିବ ବୋଲି ବାରବୁଲା ନାରୀଟି ଭାବି ନ ଥିଲା।

ସେ ଛଟପଟ ହେଲା। 'ମୁଁ କାହିଁକି ଦେଇ ଦେବି ଆଜ୍ଞା; ନିଜ ପିଲାକୁ କ'ଣ କେହି ଦେଇଦିଏ? କାହାକୁ ଦେବି ? ଏହାର ତ ଘରଦ୍ୱାର ପରିବାର କିଛି ବୋଲି କିଛି ନାହିଁ।

'ଗାଡ଼ି ଛାଡ଼ିବା ଅବସ୍ଥାରେ, ଶୀଘ୍ର ପିଲାଟିକୁ ତା' ମାଆକୁ ଦେଇଦେ, ନଚେତ୍ ହାଜତରେ ପୂରେଇ ଦେବି–' ହାବିଲ୍‌ଦାର୍ କଡ଼ା ସ୍ୱରରେ କହିଲା।

'ବାରବୁଲା ନାରୀଟି ଘାବରେଇ ଯାଇ କିଂକର୍ତ୍ତବ୍ୟବିମୂଢ଼ ହୋଇ ଆଖପାଖରେ ଲୋକଙ୍କୁ ଚାହିଁଲା। ତା' ପରେ ପିଲାର ମାଆକୁ ଚାହିଁ ଚିଲେଇଲା, 'ହାରାମଜାଦୀ, କୁକୁରୀ! ଏଠି ଆସି ପାଲା ଲଗେଇଛୁ। ନେ। ନେଇଯା, ସମ୍ଭାଳ। ଆଉ ଦୁଧ ଦେବାକୁ କହିବୁନି। କହିଲେ ପିଲାକୁ ଆଉ ତୋତେ ଜହର ପିଆଇ ଦେବି। ସାତ ମାସ ହେଲା ନିଜ ପିଲାଙ୍କ ପେଟକୁ କାଟି ଯାକୁ ଦୁଧ ପିଆଉଛି..।' ପିଲାକୁ ହଠାତ୍ ମାଆ ହାତରେ ଦେଇ କଇଁକଇଁ ହୋଇ ସେ କାନ୍ଦି ଉଠିଲା।

ଆଶ୍ଚର୍ଯ୍ୟଜନକ ତାମସା ଥିଲା। ଦୁଇଜଣ ଯାକ କାନ୍ଦି ଚାଲିଥିଲେ। ଜଣେ ଅନ୍ୟଜଣଙ୍କର ଶତ୍ରୁ ଓ ଦୁଇ ଜଣଯାକ ଗୋଟିଏ ଶିଶୁର ମାତା। କଳହର କାରଣ ଦୁର୍ବଳ, ରୋଗଣା, ପିଳୁଳାମରା ଶିଶୁଟିଏ ଯିଏ ଏବେ ଯାଏ ବି ହାତମୁଠା କରି ଶୋଇଥିଲା। ବାରବୁଲା ନାରୀଟି କାନ୍ଦି କାନ୍ଦି ପିଲାର ମାଆକୁ ଗାଳି ଦେଇ ଦେଇ ଟ୍ରେନ୍‌ରେ ଯାଇ ଚଢ଼ିଗଲା।

'ତୁମକୁ ଏବେ ତୁମ ପିଲା ମିଳିଗଲା। ଏଠୁ ଶୀଘ୍ର ପଳା'- ହାବିଲ୍‌ଦାର୍ ଶୋଇଥିବା ପିଲା ପିଠିରେ ବାଡ଼ି ଗୋବ ମାରି ଧମକେଇ କହିଲା। ପିଲାଟିକୁ ଛାତିରେ ଚାପି ଧରି ମାଆ ପଛକୁ ହଟିଗଲା। ଭିଡ଼ ଭାଙ୍ଗିଗଲା। ବଗିର ଦ୍ୱାର ମୁହଁରେ ଛିଡ଼ା ହୋଇ ବାରବୁଲା ନାରୀଟି ଏବେ ବି ଚିଲାଉଥିଲା- 'ପୋଡ଼ାମୁହିଁ, ହାରାମଜାଦୀ, ଜନ୍ମରୁ ତୁ କାହିଁକି ତା' ତଣ୍ଟିକୁ ଚିପି ଦେଲୁନି? ଯେବେ ତା'କୁ ମାରିଦେବୁ ସେବେ ଯାଇ ମୋ ମନ ଶାନ୍ତ ହେବ ଲୋ ସବାଖାଇ। ହାରାମଜାଦୀ।'

କୋଳରେ ବାପ୍ପା ବାରି ଅବା ହାବିଲ୍‌ଦାର୍‌ର ଠେଙ୍ଗା ଗୋବା ଖାଇ ପିଲାଟି ଉଠି ପଡ଼ିଲା। ନିଜ ହାତକୁ ମୁଠା କରି ନିଜ ନାକକୁ ଘଷିଲା ଓ ତା'ପରେ ଆଖିକୁ ଘଷିଲା। ନିଜ ହାତମୁଠାକୁ ପାଟିରେ ଭରି ଚୁଚୁମିବାରେ ଲାଗିଲା। ମାଆଟି ପଛକୁ ହଟି ଯାଇ ପ୍ଲାଟ୍‌ଫର୍ମର ଦିଆଲକୁ ଲାଗି ପାଗଳୀଙ୍କ ପରି ଛିଡ଼ା ହୋଇଥିଲା।

ପିଲାଟି ଦୁଧ ପିଇବା ଭଳି ନିଜ ଆଙ୍ଗୁଠି ଚୁଚୁମୁ ଥିଲା। ହେଲେ ପାଟିକୁ ଦୁଧ ନ ଯିବାରୁ ଗୋଡ଼ ହାତ ଛାଟି ଏକବାରେ ସେ କାନ୍ଦିବାରେ ଲାଗିଲା। ମାଆଟି ତା'କୁ ପ୍ରବୋଧନା ଦେବାକୁ ଯାଇ ଡାହାଣ କାନ୍ଧରୁ ନେଇ ବାମ କାନ୍ଧରେ ଓ ବାମ କାନ୍ଧରୁ ନେଇ ଡାହାଣ କାନ୍ଧରେ ପକାଇ ତା' ପିଠି ଥାପୁଡ଼ାଇ ଥିଲା। ହେଲେ

ଭୋକ ହେତୁ ପିଲାଟି ଆହୁରି ଜୋରରେ କାନ୍ଦିବାରେ ଲାଗିଲା ।

ମାଆକୁ କିଛି ବୁଦ୍ଧି ଦିଶୁ ନ ଥିଲା । ପିଲାଟିକୁ ଏପାଖ ସେପାଖ କରି ଯେତେ ବୁଝାଇଲେ ବି ସେ ଆଦୌ ବୁଝୁ ନ ଥିଲା । ପିଲାଟିର କାନ୍ଦ ଶୁଣି ବଗି ଦ୍ୱାରରେ ଛିଡ଼ା ହୋଇ ଚାହିଁଥିବା ବାରବୁଲା ନାରୀଟି ଚିଲେଇଲା- 'ମାରିଦେ, ସବାଖାଇ ତା'କୁ ମାରିଦେ! ହାରାମଜାଦୀ ତା'କୁ କାହିଁକି ଟିକିଏ ବିଷ ଦେଇ ଦେଉନୁ । ଦି'ପହର ହେଲାଣି, ତା' ପେଟକୁ ଟୋପାଏ କ୍ଷୀର ଯାଇନି । ପିଲା କାନ୍ଦିବ ନାହିଁ ତ କ'ଣ କରିବ?'

ହାବିଲ୍‌ଦାର୍ ଛଡ଼ି ହଲେଇ ହଲେଇ ସେଠାରୁ ଯାଇ ସାରିଥିଲା । ଜଣେ ଦୁଇଜଣ କୁଲିଙ୍କୁ ଛାଡ଼ି ବଗି ସାମ୍ନାରେ କେହି ନ ଥିଲେ । ଦୂରରେ ପଛଆଡ଼େ ନୀଳ ଡ୍ରେସ୍ ପିନ୍ଧିଥିବା ଗାର୍ଡ ସବୁଜ ପତାକା ଦେଖାଉଥିଲା ।

ଗାଡ଼ି ହୁଇସିଲ୍ ମାରିଲା ଏବଂ ଚାଲିବା ଆରମ୍ଭ କଲା ।

ପିଲାଟି କାନ୍ଦି ଚାଲିଥାଏ । ମାଆ ତା' ଚିରା କୁର୍ତ୍ତାରେ ପକେଟ୍‌ରୁ କିଛି ବାଦାମ ମଞ୍ଜି କାଢ଼ି ପିଲାଟିର ପାଟିରେ ଦେଉଥିଲା ।

'ହାରାମ୍‌ଜାଦୀ, କ'ଣ ତା' ପାଟିରେ ଦେଉଛି କେଜାଣି? ମୋ ପିଲାକୁ ମାରି ପକେଇବ । କଂସେଇଟା... ।'

ପ୍ରଥମେ ଗୋଟାଏ ଗଣ୍ଠିଲି । ତା'ପରେ ଟିଣ ବାକ୍‌ସଟାଏ ପ୍ଲାଟ୍‌ଫର୍ମ ଉପରକୁ ଫୋପାଡ଼ି ଦେଇ ବାରବୁଲା ନାରୀଟି ଗାଳି ଦେଇ ଦେଇ ଗାଡ଼ିରୁ ଓହ୍ଲାଇ ପଡ଼ିଲା । 'ହାରାମଜାଦୀ, ମୋ ଗାଡ଼ିକୁ ଛଡ଼େଇ ଦେଲା । ମରିଯା ପୋଡ଼ାମୁହିଁ ।'

ଗାଡ଼ି ଚାଲିଗଲା । ଜଣ ଜଣ କରି ସବୁ କୁଲି ଷ୍ଟେସନ୍ ଛାଡ଼ି ଚାଲିଗଲେ । ଶୂନ୍ୟ ହେଇଗଲା ପ୍ଲାଟ୍‌ଫର୍ମ । ହାବିଲ୍‌ଦାର୍ ପ୍ଲାଟ୍‌ଫର୍ମର ଅନ୍ୟମୁଣ୍ଡରେ ପହଞ୍ଚି ସାରିଥିଲା । ଯେତେବେଳେ ବାଡ଼ି ହଲେଇ ହଲେଇ ସେ ଫେରି ଆସିଲା, ଦେଖିଲା ପ୍ଲାଟ୍‌ଫର୍ମର ଗୋଟାଏ କୋଣରେ କାନ୍ଥକୁ ଆଉଜି ସେହି ଦୁଇଟି ନାରୀ ବସିଥିଲେ । ବାରବୁଲା ନାରୀଟି ନିଜ କୋଳରେ ପିଲାକୁ ଧରି ତା' ଉପରେ ଲୁଗାକାନି ଘୋଡ଼ାଇ ତା'କୁ ଦୁଧ ପିଆଉଥିଲା ଏବଂ ପାଖରେ ପିଲାଟିର ମାଆ ବସି ସ୍ନେହରେ ତା' କେଶକୁ ସାଉଁଳାଉ ଥିଲା । ■■■

ସାରଳା ଭବନ, କଟକ-୭୫୩୦୦୮
ଦୂରଭାଷ : ୯୪୩୭୦୬୬୯୭୪

ଓଡ଼ିଆ ଖବରକାଗଜ ଜଗତର
ଶତାୟୁ ଆଲୋକବର୍ତ୍ତିକା
'ସମାଜ'
ଓଡ଼ିଶା ତଥା ଓଡ଼ିଆ ଜନଜୀବନର
ପ୍ରାଣକେନ୍ଦ୍ର । ଏହାର
'୧୦୫ତମ ପ୍ରତିଷ୍ଠା ଦିବସ'
ଅବସରରେ ସମସ୍ତ ଓଡ଼ିଶାବାସୀଙ୍କୁ
ଶୁଭେଚ୍ଛା ଓ ଶୁଭକାମନା ।

ସଭାପତି
ଚତୁର୍ଭୁଜ ପଲେଇ

ସମ୍ପାଦକ
ସତ୍ୟପ୍ରିୟ ବାରିକ୍

MINING AREA TRUCK OWNER'S ASSOCIATION
BANSPANI - JODA, KEONJHAR

DN Homes
ARTISTIC IMPRESSION
DN PALLACIYA
BHUBANESWAR'S MOST POWERFUL ADDRESS
3 & 4 BHK SPACIOUS APARTMENT STARTING FROM ₹ 1.92 CR
75% APPROX. OPEN SPACE || 40+ LIFESTYLE AMENITIES
4-SIDES-OPEN FOR EACH UNIT || 6 ACRES APPROX. SITE AREA
GYMNASIUM
BILLIARDS ROOM
GOLF PUTTING GREENS
INFINITY SWIMMING POOL
7064 333 111
RERA No.:MP/19/2021/00567 | www.rera.odisha.gov.in



ପାଏ ଗହମ

ମୂଳ ରଚନା : ପ୍ରେମଚାନ୍ଦ

ଅନୁବାଦ : ଅଭିମନ୍ୟୁ ବେହେରା

ଶିକ୍ଷକତା ସହିତ ସାହିତ୍ୟ ସାଧନା, ବିଶେଷକରି ଅନୁବାଦ ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି । ଅନୂଦିତ ଗଳ୍ପ ସଂକଳନ 'ଭାତଚୋର', ଅନୂଦିତ ଉପନ୍ୟାସ 'ସମାଧି ପଥର' ଓ 'ସେ' ପ୍ରକାଶ ପାଇଛି । ଗୀତିନାଟ୍ୟ 'ସହସ୍ରଶିରା ବଧ' ରଚନା କରିଛନ୍ତି ।

ଗାଁରେ ଥିଲା ଶଙ୍କର ନାମକ ଜଣେ ପାରମ୍ପରିକ ଗରିବ କୃଷକ । "ଢୋକେ ପିଇ ଦଣ୍ଡେ ଜିଇ" ନୀତି ଅନୁସରଣ କରି ସେ ବାସ କରୁଥିଲା । ସଦାସର୍ବଦା ନିଜ କାର୍ଯ୍ୟରେ ବ୍ୟସ୍ତ ରହୁଥିଲା । କାହାରିକୁ କିଛି ଦେବା କିମ୍ବା କାହାରି ପାଖରୁ କିଛି ପାଇବାର ଆଶା ରଖୁ ନ ଥିଲା । ଛନ୍ଦକପଟ ତା'କୁ ଜଣା ନ ଥିଲା । କାହାରିକୁ ପ୍ରତାରଣା କରିବା ନୀତି ତା'ର ନ ଥିଲା । ସେ ନିଜେ ପ୍ରତାରିତ ହେଲେ ମଧ୍ୟ ସେଥିପ୍ରତି ପ୍ରତିକ୍ରିୟା ପ୍ରକାଶ କରୁ ନ ଥିଲା । କିଛି ଖାଇବାକୁ ମିଳିଲେ ଖାଉଥିଲା, ନୋହିଲେ ବାଦାମ ଦି'ଟା ପାଟିରେ ପକାଇ ସେ ଭୋକ ମେଣ୍ଟାଇ ଦେଉଥିଲା, ତାହା ଯଦି ନ ମିଳେ ସେ କେବଳ ପାଣି ପିଇ ଈଶ୍ୱରଙ୍କ ନାମ ଧରି ଶୋଇ ଯାଉଥିଲା; କିନ୍ତୁ ଅତିଥି ଅଭ୍ୟାଗତ ଆସିଲେ ସେମାନଙ୍କର ଯଥାରୀତି ସତ୍କାର କରୁଥିଲା । ବିଶେଷକରି ସନ୍ନ୍ୟାସୀ କିମ୍ବା କେହି ମହାତ୍ମା ପହଞ୍ଚିଗଲେ ସେ ଲୌକିକ

ଉପଚାର ଅନୁଯାୟୀ ସେବା ଶୁଶ୍ରୂଷା କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଶରଣାପନ୍ନ ହେଉଥିଲା । ସେ କହୁଥିଲା ନିଜେ ବରଂ ଉପବାସ ରହିବ, କିନ୍ତୁ ସନ୍ନ୍ୟାସୀମାନଙ୍କୁ ଉପବାସରେ ରହିବାକୁ ଦେବନାହିଁ; କାରଣ ସେମାନେ ହେଉଛନ୍ତି ଭଗବାନଙ୍କର ଭକ୍ତ ।

ଦିନେ ସନ୍ଧ୍ୟାବେଳେ ଜଣେ ମହାତ୍ମା ଆସି ଶଙ୍କରଙ୍କର କବାଟ ଠକ୍‌ଠକ୍ କଲେ । ପରିଧାନ ହଳଦୀ ରଙ୍ଗର ବସ୍ତ୍ର । ମସ୍ତକରେ ଜଟା, ତେଜସ୍ୱୀ ରୂପ, ହାତରେ କମଣ୍ଡଳୁ, ପାଦରେ କଠଉ, ଆଖିରେ ଚଷମା, ଗଳାରେ ରୁଦ୍ରାକ୍ଷ ମାଳା । ଏକ ସୌମ୍ୟମୂର୍ତ୍ତିର ପ୍ରତୀକ କହିଲେ ଅତ୍ୟୁକ୍ତି ହେବନାହିଁ । ଏପରି ଜଣେ ଆଗନ୍ତୁକ ଅତିଥିଙ୍କୁ ଘରେ ଥିବା ଯଅ ଅଟା କିପରି ଖାଇବାକୁ ଦେବ? ପୁରାକାଳରେ ଯଅ ଅଟାର ଯଥେଷ୍ଟ ଆଦର ଥିଲେ ମଧ୍ୟ ଆଜିକାଲି ଏହାକୁ ଏତେ ପସନ୍ଦ କରୁନାହାନ୍ତି । ତା'ଛଡ଼ା ସାଧୁ ପୁରୁଷଙ୍କୁ ତାହା ଦେବା ମଧ୍ୟ ଉଚିତ୍ ନୁହେଁ । ଏଣୁ ଶଙ୍କର ହଠାତ୍ କିଛି ସିଦ୍ଧାନ୍ତରେ ପହଞ୍ଚି ପାରିଲାନାହିଁ । ମହାତ୍ମାଙ୍କୁ କ'ଣ ଦେଇ ସନ୍ତୁଷ୍ଟ କରିବ ? କାହାରି ପାଖରୁ କିଛି ଗହମ ଧାର୍ ଆଣିବା ପାଇଁ ସେ ମନେମନେ ଚିନ୍ତା କଲା, ହେଲେ ଗାଁ ଭିତରେ କାହାରି ପାଖରୁ ଗହମ ପାଇ ନ ଥିଲା । ଗାଁର ସମସ୍ତେ ଥିଲେ ମନୁଷ୍ୟ, କେହି ଦେବତା ନ ଥିଲେ । ଏଣୁ ସେଠାରେ ଦେବତାଙ୍କର ଆହାର କେଉଁଠୁ ମିଳିବ ? ଭାଗ୍ୟ ବଶତଃ ସେ ଗାଁରେ ଥିବା ଜଣେ ବ୍ରାହ୍ମଣ ପଣ୍ଡିତଙ୍କ ପାଖରୁ ଅଳ୍ପ କିଛି ଗହମ ପାଇଥିଲା । ଏଣୁ ବ୍ରାହ୍ମଣ ପଣ୍ଡିତଙ୍କଠାରୁ ପାଏ ଗହମ ଧାର୍ କରି ଆଣି ତା'କୁ ପେଷି ଅଟାକରି, ରୁଟି ତିଆରି କରି ଅତିଥି ମହାତ୍ମାଙ୍କୁ ଖାଇବାକୁ ଦେବାକୁ ତା' ସ୍ତ୍ରୀକୁ କହିଲା । ସ୍ତ୍ରୀ ରୁଟି ତିଆରି କରିଦେବାରୁ ମହାତ୍ମା ତାହା ଭକ୍ଷଣ କରି ସେଠାରେ ରାତ୍ରିଯାପନ କଲେ ଏବଂ ସକାଳେ ଆଶୀର୍ବାଦ କରି ବାହାରି ଯାଇଥିଲେ ନିଜ କାମରେ ।

ବ୍ରାହ୍ମଣ ପୁରୋହିତ ଗ୍ରାମବାସୀଙ୍କଠାରୁ ବର୍ଷକୁ ଦୁଇଥର ଶସ୍ୟ ଆଦାୟ କରନ୍ତି । ଶଙ୍କର ମନେମନେ ଭାବିଲା, "ପୁରୋହିତଙ୍କଠାରୁ ଧାର ଆଣିଥିବା ପାଏ ଗହମ ସେ କିପରି ଶୁଝିବ ? ଦକ୍ଷିଣା ସ୍ୱରୂପ ପାଞ୍ଚ ସେର ଗହମ ଦେଲା ବେଳେ ଅଳ୍ପ କିଛି ଅଧିକ ଗହମ ତାଙ୍କୁ ଦେଇଦେବି । ଏକଥା କେବଳ ସେ ଜାଣିବେ ଏବଂ ମୁଁ ଜାଣିବି ।" ଚୈତ୍ର ମାସରେ ବ୍ରାହ୍ମଣ ଦକ୍ଷିଣା ନେବାକୁ ଆସିବାରୁ ସେ ପ୍ରାୟ ସାତସେର ଗହମ ତାଙ୍କୁ ଦେଇ, ତା' ଧାର ଗହମ ବିଷୟରେ କିଛି ନ କହି ଚୁପ୍ ରହିଲା । ପୁରୋହିତ ମଧ୍ୟ ସେ ବିଷୟରେ କିଛି ପଚାରିଲେ ନାହିଁ । ପାଏ ଗହମ ଶୁଝିବା ପାଇଁ ଶଙ୍କରକୁ ଆହୁରି ଗୋଟିଏ ଜନ୍ମ ନେବାକୁ ପଡ଼ିବ ବୋଲି କୃପଣ ପୁରୋହିତ ମନେମନେ ସ୍ଥିର କରି ନେଲା ।

ଏହା ମଧ୍ୟରେ ସାତବର୍ଷ ବିତିଗଲା । ପୁରୋହିତ ସାଜିଥିବା ବ୍ରାହ୍ମଣ ଋଣ ଆଦାୟ କରିବାରେ ଲାଗିଥାଏ ଏବଂ ଗରିବ କୃଷକ ଦିନମଜୁରିଆ ସାଜି ଋଣ ପରିଶୋଧ କରି ଚାଲିଥାଏ । ଏହି ସମୟ ମଧ୍ୟରେ ଶଙ୍କରର ସାନଭାଇ ମଙ୍ଗଳ ଅଲଗା ହୋଇ ତା'ର ଅଂଶ ନେଇ ଯାଇଥିଲା । ସାଙ୍ଗରେ ଥିଲାବେଳେ ସେମାନେ କୃଷିକାର୍ଯ୍ୟ କରି ଚଳୁଥିଲେ । ଅଲଗା ହୋଇଗଲା ପରେ ଶଙ୍କର ବର୍ତ୍ତମାନ କୁଲି ମଜୁରି ଖଟୁଛି । ହିଂସା, ଦ୍ୱେଷ ଭାବ ରହିତ ଶଙ୍କର ପରିସ୍ଥିତିରେ ପଡ଼ି କୁଲି କାମ କରି ଜୀବନ ନିର୍ବାହ କରୁଛି । ବିପଦ ପରେ ବିପଦର ସମ୍ମୁଖୀନ ହୋଇ ଶଙ୍କର ଭୋ ଭୋ କରି କାନ୍ଦି ଉଠିଲା । ନିଜ ଭା ଇ ବର୍ତ୍ତମାନ ତା'ର ଶତ୍ରୁ । ସେ କା ନ୍ଦି ଲେ ଅନ୍ୟମାନେ ହସୁଛନ୍ତି । ଗୋଟିଏ ମୃତ୍ୟୁ ସମ୍ବାଦରେ ଶୋକାକୁଳ ପରିବେଶ ବେଳେ ଅନ୍ୟ ଘରେ ରସଗୋଲା ଭୋଜି ହେଉଛି । ପ୍ରେମର ସମ୍ପର୍କ, ବନ୍ଧୁତାର ସମ୍ପର୍କ, ଭକ୍ତର ସମ୍ପର୍କ ଆଜି ଭାଙ୍ଗି ଚୁରମାର୍ ହୋଇ ଯାଇଛି । ବହୁ ଦିନରୁ ସେ ଭଗୀରଥ ପରି ଚେଷ୍ଟା କରି ବଂଶ ମର୍ଯ୍ୟାଦା ରକ୍ଷା କରିବା ନିମିତ୍ତ କୁଳ ବୃକ୍ଷକୁ ଜାବୁଡ଼ି ଧରିଥିଲା । ନିଜର ରକ୍ତ ଦେଇ ତା'କୁ ବର୍ଦ୍ଧିତ କରୁଥିଲା; କିନ୍ତୁ ଏବେ ସେ ବୃକ୍ଷ ଉତ୍ପାଟିତ ହୋଇ ମାଟିରେ ମିଶିଯାଇଛି । ହୃଦୟ ତା'ର ବିଦୀର୍ଣ୍ଣ ହୋଇଯାଇଛି । ସାତଦିନ ହେଲା ସେ ଶସ୍ୟ କଣାଟିଏ ଦେଖିବାକୁ ପାଇନାହିଁ । ଜ୍ୟେଷ୍ଠମାସ ଖରାରେ, ଉତ୍ତପ୍ତ ସୂର୍ଯ୍ୟକିରଣରେ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ମଜୁରି ଖଟି ଚାଲିଛି । ସନ୍ଧ୍ୟା ବେଳେ ଘରକୁ ଫେରି ଚଦର ଖଣ୍ଡିଏ ଘୋଡ଼ି ହୋଇ ଶୋଇ ପଡୁଛି । ଏହି ଦୁର୍ବିଷହ ଦୁଃଖ ତା'ର ମାଂସ ଏବଂ ଅସ୍ଥି ମଜ୍ଜାକୁ ତିଳ ତିଳ କରି ଭକ୍ଷଣ କରିଗଲାଣି । ଥରେ ଅସୁସ୍ଥ ହେଲେ ମାସାଧିକ କାଳ ଘରୁ ନ ବାହାରି ଖଟଟି ଉପରେ ପଡ଼ି ରହୁଛି । ଅଢ଼େଇ ଏକର ଜମିରୁ ତା' ଭାଗରେ ମାତ୍ର ଚାରି ଭାଗରୁ ଭାଗେ ପଡ଼ିଛି । ଗୋଟିଏ ମାତ୍ର ବଳଦ, କୃଷି କାର୍ଯ୍ୟ ସେ କରିବ କିପରି? ଏଣୁ ଜୀବନ ବଞ୍ଚାଇବା ପାଇଁ ସେ କୁଲି କାର୍ଯ୍ୟକୁ ଆଦରି ନେଇଥିଲା ।

ଦୀର୍ଘ ସାତବର୍ଷ ପରେ ଦିନେ ଶଙ୍କର ମଜୁରି ଖଟି ଫେରିଲାବେଳେ ରାସ୍ତାରେ ପୁରୋହିତଙ୍କର ଭେଟ ହୋଇଗଲା । ପୁରୋହିତ ଶଙ୍କରକୁ ଅଟକାଇ କହିଲେ, 'ଶଙ୍କର! ଆଜି ଆସି ବାକି ଗହମତକ ଦେଇ ତୋ' ଋଣ ପରିଶୋଧ କରିଦେବୁ । ତୋ' ଉପରେ ପାଞ୍ଚ ଛ' ପୁଡ଼ି (ଏକ ପୁଡ଼ି ଚାରିସେର) ଗହମ କେବେଠାରୁ ବାକି ଗଡୁଛି । ତୁ ତା'କୁ ଶୁଝିବାକୁ ଆଦୌ ଚେଷ୍ଟା କରୁନାହୁଁ । ଦେବା ପାଇଁ ତୋର କ'ଣ ଇଚ୍ଛା ନାହିଁ ?'

ଶଙ୍କର ଆଶ୍ଚର୍ଯ୍ୟ ହୋଇ ପଚାରିଲା, 'ମୁଁ ଆପଣଙ୍କଠାରୁ କେବେ ପାଞ୍ଚ ଛ' ପୁଡ଼ି ଗହମ କରଜ କରି ଆଣିଥିଲି ? ମୁଁ କାହାରି ପାଖରୁ ଗୋଟିଏ ପଇସା କିମ୍ବା ପୁଡ଼ିଏ ଗହମ କରଜ କରି ଆଣିଥିଲେ, ତାହା କେବେ ଭୁଲେ ନାହିଁ । ତୁରନ୍ତ ତାହା ପରିଶୋଧ କରିଦିଏ ।'

ବ୍ରାହ୍ମଣ ପୁରୋହିତ କହିଲେ, ତୁମ୍ଭମାନଙ୍କର ଏହି ପରି ଋଣ ପରିଶୋଧ ନ କରିବା ଗୁଣ ହେତୁ ତୁମେ ତୁମର ଜୀବନର ନ୍ୟୂନତମ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ ହେଉନାହଁ ।

ସାତବର୍ଷ ତଳେ ସେହି ବ୍ରାହ୍ମଣ

ପୁରୋହିତଙ୍କ ପାଖରୁ ଶଙ୍କର ଧାର କରିଥିବା ପାଏ ଗହମ ପାଇଁ ଏତେ ଗୁଡ଼ାଏ କଥା ଶୁଣିବାକୁ ପାଇଲା । ଏ ସବୁ ଶୁଣି ଶଙ୍କର ସ୍ତମ୍ଭୀଭୂତ ହୋଇଗଲା । ସେ ମନେ ମନେ ଚିନ୍ତା କଲା, ହେ ଭଗବାନ! ଏହି ସାତ ବର୍ଷ ଭିତରେ ମୁଁ ତାଙ୍କୁ କେତେଥର ଦକ୍ଷିଣା ଦେଇ ସାରିଲିଣି । ଏହା ମୋର ତାଙ୍କ ପ୍ରତି ଏକ ସେବା ବୋଲି ସେ କ'ଣ ଜାଣି ପାରୁନାହାନ୍ତି । ଗ୍ରନ୍ଥ, ଶାସ୍ତ୍ରାଦି ଅଧ୍ୟୟନ କରୁଥିବା ଏହି ପୁରୋହିତ ଦକ୍ଷିଣା ପ୍ରାପ୍ତିରେ ସାମାନ୍ୟ ତ୍ରୁଟି ଘଟିଲେ ଏପରି କଟୂକ୍ତି ପ୍ରୟୋଗ କରନ୍ତି ? କେତେ ସ୍ୱାର୍ଥପର ସତେ ? ପାଏ ଗହମ ବଦଳରେ ମାତ୍ରାଧିକ ଗହମ ପରିଶୋଧ କରିଥିଲେ ମଧ୍ୟ ସେଗୁଡ଼ିକୁ ସବୁ ଭୁଲିଯାଇ ଏକ ପିଶାଚ ପରି ମୋତେ ଗ୍ରାସ କରିବାକୁ ବସିଛନ୍ତି । ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ମୁଁ ପ୍ରତ୍ୟେକଥର ଗହମ ଦେଲା ବେଳେ ଅଧିକ ଅଧିକ ଗହମ ଦେଇ ଚାଲିଛି, କିନ୍ତୁ ସେ ଏତେ ଦିନ ହେଲା ବସି ରହିଥିଲେ କାହିଁକି? ତାଙ୍କର ଉଦ୍ଦେଶ୍ୟ କ'ଣ ? ଶଙ୍କର କହିଲା ହେ ମହାଭାଗ! ମୁଁ ଏହା ମଧ୍ୟରେ ଦକ୍ଷିଣା ସ୍ୱରୂପ ଅନେକଥର ଗହମ ଦେଇଛି ଏବଂ ପ୍ରତିଥର ଆପଣଙ୍କୁ ସେରେ କିମ୍ବା ଦୁଇ ସେର ଅଧିକ ଗହମ ଦେଇଛି । ଏତେ ପରେ ଆପଣ ପୁଣି ପାଞ୍ଚ ପୁଡ଼ି ଗହମ ଦାବି କରୁଛନ୍ତି । ଏତେ ଗହମ ମୁଁ କେଉଁଠୁ ଆଣି ଆପଣଙ୍କୁ ଦେବି ?

ପୁରୋହିତ କହିଥିଲେ ସେତେବେଳକାର ଗଣତିରେ ଗୋଟିଏ ଗହମ ବର୍ତ୍ତମାନ ଶହେଟି ଗହମ ସହ ସମାନ । ତୁ ସେତେବେଳେ କେତୋଟି ଗହମ ନେଇଥିଲୁ ହିସାବ କରି ଦେଖ୍ । ମୁଁ ମୋ ଖାତାରେ ଗୋଟିଏ ଗହମ ପାଇଁ ମାତ୍ର ଚାରୋଟି ଗହମର ହିସାବ କରି ଦେଖିଲି ଯେ ତୋ ଉପରେ ପାଞ୍ଚ ପୁଡ଼ିରୁ ଅଧିକ ଗହମ ହେଉଛି । ତୁ କେବଳ ପାଞ୍ଚ ପୁଡ଼ି ଗହମ ଦେଇ ଦେଲେ ମୋ ଖାତାରୁ ତୋ ନାଁ'ଟା କାଟିଦେବି ।

ଶଙ୍କର ନେହୁରା ହୋଇ କହିଥିଲା, ପୁରୋହିତେ ! ଏ ଗରିବ ଲୋକ ଉପରେ କାହିଁକି ଏତେଟା ଆକ୍ରୋଶ କରୁଛନ୍ତି, ମୁଁ ବର୍ତ୍ତମାନ ବଞ୍ଚିବା ପାଇଁ ରାହା ପାଉ ନାହିଁ । ଏ ଅବସ୍ଥାରେ ପାଞ୍ଚ ପୁଡ଼ି ଗହମ ମୁଁ କେଉଁଠୁ ଆଣି ଦେବି ?'

ବ୍ରାହ୍ମଣ କହିଲେ, 'କାହାରି ଘରୁ ଆଣିବା ଆବଶ୍ୟକ ନାହିଁ । ମୁଁ କିନ୍ତୁ ଗୋଟିଏ ସୁଦ୍ଧା ଗହମ ଛାଡ଼ିବି ନାହିଁ । ତୁ ମୋତେ ଏଠାରେ ନ ଦେଲେ ମଧ୍ୟ ଭଗବାନଙ୍କ ଦରବାରରେ ତୋତେ ସୁଧମୂଳ ସହ ସବୁ ଦେବାକୁ ପଡ଼ିବ ।'

ବ୍ରାହ୍ମଣ ପୁରୋହିତଙ୍କର କଥା ଶୁଣି ଶଙ୍କର ଥରିବାକୁ ଲାଗିଲା । ପାଠଶାଠ ପଢ଼ିଥିବା ଶିକ୍ଷିତମାନେ କହିଥାନ୍ତି– 'ସମସ୍ତ ଭଲ ପଦାର୍ଥ ଈଶ୍ୱରଙ୍କୁ ଅର୍ପଣ କରାଯାଏ, ସେ ପଦାର୍ଥର ଭାର ମଧ୍ୟ ଅଧିକ ନୁହେଁ । ଯଦିବା ଅଧିକ ହୁଏ ସେଥିରେ ଚିନ୍ତା କରିବାର କିଛି ନାହିଁ । ଏଣୁ ବ୍ୟସ୍ତ ହେବା ଆବଶ୍ୟକ କ'ଣ ?' ଶଙ୍କରର ଯୁକ୍ତି କରିବାଟା କିନ୍ତୁ ଠିକ୍ ହେବ ନାହିଁ । ଗୋଟିଏ ମାତ୍ର ଋଣ- ସେ ପୁଣି ବ୍ରାହ୍ମଣଙ୍କର । ଯଦି ଋଣୀ ହିସାବରେ ତା' ନାଁଟା ବାହାରେ ତା'ହେଲେ ତା'କୁ ନର୍କଗାମୀ ହେବାକୁ ପଡ଼ିବ । ସେ କହିଲା, ମହାରାଜ! ଆପଣଙ୍କୁ ଯାହା ଦେବାର କଥା ମୁଁ ଏହିଠାରେ ହିଁ ଦେଇଦେବି । ସେଠାରେ ଯାଇ ଈଶ୍ୱରଙ୍କୁ କାହିଁକି ଦେବି । ଏ ଜନ୍ମରେ ଯାହା କଷ୍ଟ ପାଇବା କଥା ପାଉଛି । ଆଉ ଜନ୍ମରେ ପୁଣି ଦୁଃଖ କଷ୍ଟର ବୀଜ କାହିଁକି ବପନ କରିବି । ଯାହା ହେଲେ ବି ଆପଣ ନ୍ୟାୟୋଚିତ କଥା କହୁ ନାହାନ୍ତି । ତିଳକୁ ତାଳ କରି ଗଢ଼ି ତୋଳୁଛନ୍ତି । ବ୍ରାହ୍ମଣ ହୋଇ ଏପରି କାର୍ଯ୍ୟ କରିବା ଉଚିତ୍ ହେଉ ନାହିଁ । ଆପଣ ଆଗରୁ ଏ କଥା କହିଥିଲେ ମୋ ଉପରେ ଋଣଭାର ଏତେ ବଢ଼ି ଯାଇ ନଥାନ୍ତା । ମୁଁ ନିଶ୍ଚୟ ଆପଣଙ୍କ ଋଣ ପରିଶୋଧ କରିଦେବି; କିନ୍ତୁ ଆପଣଙ୍କୁ ଈଶ୍ୱରଙ୍କ ଦରବାରରେ ଏହି ଋଣର ସମ୍ପୂର୍ଣ୍ଣ ବିବରଣୀ ଦେବାକୁ ପଡ଼ିବ ।

ବ୍ରାହ୍ମଣ ଏ କଥାକୁ ଗୁରୁତ୍ୱ ନ ଦେଇ କହିଥିଲେ, ଈଶ୍ୱରଙ୍କ ଦରବାରରେ ଉତ୍ତରଦାୟୀ ହେବାକୁ ତୁ ଭୟ କରି ଥାଇପାରୁ; କିନ୍ତୁ ମୁଁ କାହିଁକି ଭୟ କରିବି? ସେଠାରେ ଯେଉଁମାନେ ସବୁ ଅଛନ୍ତି ସେମାନେ ସବୁ ମୋରି ଭାଇ, ବନ୍ଧୁ, କୁଟୁମ୍ବ, ପୁଣି ମୁନି ଋଷିମାନେ ମଧ୍ୟ ସମସ୍ତେ ବ୍ରାହ୍ମଣ । ଏଣୁ ଯାହା ଯୁକ୍ତି ତର୍କ ହେଲେ ମଧ୍ୟ ସେମାନେ ସବୁ ମୋ ସପକ୍ଷରେ ଯିବେ । ତୁ ତା'ହେଲେ କେବେ ଋଣ ପରିଶୋଧ କରିବୁ ।

ଶଙ୍କର କହିଲା, ମୋ ପାଖରେ ଆଦୌ କିଛି ନାହିଁ । ମୁଁ କାହାରି ପାଖରୁ ଆଣି ଋଣ ପରିଶୋଧ କରିବି । ବ୍ରାହ୍ମଣ କହିଲେ, ଏଥିରେ ସହମତି ପ୍ରକାଶ କରିପାରିବି ନାହିଁ । ସାତବର୍ଷ ବିତି ଯାଇଥିଲେ ମଧ୍ୟ ତୁ କେବେ ତୋର

ଉଦାରତା ପ୍ରଦର୍ଶନ କରିନାହୁଁ । ଯଦି ଗହମ ଦେଇ ନ ପାରିବୁ, ତା'ହେଲେ ଗୋଟିଏ ବଣ୍ଡ ଲେଖିଦେଲେ ଚଳିବ । ଶଙ୍କର କହିଲା, ସେତେବେଳେ ତ ଗହମ ଗଣି କରି ଦେଇ ନ ଥିଲେ । ଏଣୁ ବର୍ତ୍ତମାନ ତା'ର ଦର କିପରି ନିର୍ଣ୍ଣୟ କରିବେ ? ବ୍ରାହ୍ମଣ କହିଲେ, ସେତେବେଳେ ଏକ ଟଙ୍କାରେ ପ୍ରାୟ ପାଞ୍ଚ ସେର ଗହମ ମିଳୁଥିଲା । ଏଣୁ ତୁ ନେଇ ଥିବା ଗହମକୁ ପାଞ୍ଚ ପାଏ ଅର୍ଥାତ୍ ଏକ ସେର ଏକ ପା' ଧରାଯାଉ । ଶଙ୍କର କହିଲା, ହାତ ଆଞ୍ଜୁଳାରେ ଆଞ୍ଜୁଳାଏ ଗହମ ଦେଇଥିଲେ । ଅତି ବେଶିରେ ତାହା ପାଏ ସରିକି ହେବ । ପାଏ ଜାଗାରେ ପାଞ୍ଚ ପାଏ କହି ପାପଗୁଡ଼ାକ କାହିଁକି ଅର୍ଜୁଛନ୍ତି ?

ହିସାବ ହେଲା ଗହମର ମୂଲ୍ୟ ଷାଠିଏ ଟଙ୍କା । ବର୍ଷକୁ ସୁଧ ତିନି ଟଙ୍କା । ଗୋଟିଏ ବର୍ଷ ମଧ୍ୟରେ ଋଣ ପରିଶୋଧ କରି ନ ପାରିଲେ ତିନି ଟଙ୍କା ଟା ସାଢ଼େ ତିନି ଟଙ୍କା ହୋଇଯିବ । ତା' ଛଡ଼ା ଷ୍ଟାମ୍ପ ବାବଦ ବାର ଅଣା । ବିବରଣୀ ଲେଖାପାଇଁ ଏକ ଟଙ୍କା । ଏ କଥା ଶୁଣି ଗାଁ ସାରା ଲୋକ ବ୍ରାହ୍ମଣଙ୍କୁ ନିନ୍ଦା କଲେ; କିନ୍ତୁ କେହି ଏହାର ବିରୋଧ କଲେ ନାହିଁ । କାରଣ ସମସ୍ତେ ହେଲେ ଋଣଗ୍ରହୀତା ଏବଂ କେବଳ ବ୍ରାହ୍ମଣ ଜଣକ ଋଣଦାତା । ଏଣୁ ବ୍ରାହ୍ମଣଙ୍କ କଥାକୁ କିଏ ବିରୋଧ କରିବ?

ଶଙ୍କର ବର୍ଷସାରା କଠିନ ପରିଶ୍ରମ କରୁଥାଏ । ସମୟ ହେବା ଆଗରୁ ଋଣ ପରିଶୋଧ କରିବାକୁ ସେ ପ୍ରତିଶ୍ରୁତିବଦ୍ଧ ହୋଇଥାଏ । ଦ୍ୱିପ୍ରହରେ ପ୍ରାୟ ଚୁଲି ଜଳେ ନାହିଁ । ବାଦାମ ହେଲା ମୁଖ୍ୟ ଖାଦ୍ୟ । ଏବେ ସୁଦ୍ଧା ସେହି ଅବସ୍ଥା ଲାଗି ରହିଛି । ରାତ୍ରିବେଳା ପିଲାମାନଙ୍କୁ କେବଳ ରୋଟି ଖାଇବାକୁ ଦିଆଯାଏ । ଦିନକୁ ଗୋଟିଏ ପଇସାର ମାତ୍ର ଧୂଆଁପତ୍ର କିଣାଯାଏ । ଏହି ଅଭ୍ୟାସକୁ ଦିନେ ସୁଦ୍ଧା ଶଙ୍କର ଛାଡ଼ି ପାରେନାହିଁ । ଆଜିପର୍ଯ୍ୟନ୍ତ ସେ ତାହା ଛାଡ଼ି ପାରିନାହିଁ । ଅବଶ୍ୟ ସେ ହୁକାପାତ୍ରକୁ ଭାଙ୍ଗି ଫୋପାଡ଼ି ଦେଇଛି । ଧୂଆଁପତ୍ର ରଖୁଥିବା ପାତ୍ର ମଧ୍ୟ ଧୂଳିସାତ୍ ହୋଇଯାଇଛି । ବହୁଦିନ ଆଗରୁ ସେ ମଧ୍ୟ ପୋଷାକପତ୍ରକୁ କାଣ୍ଟ ଛାଟ କରି ପିନ୍ଧୁଛି । ବର୍ତ୍ତମାନ ସେ କେବଳ ଲଜ୍ଜା ନିବାରଣ ପାଇଁ ବସ୍ତ୍ର ଧାରଣ କରୁଛି । ହାଡ଼ଭଙ୍ଗା ଶୀତରେ ସେ ନିଆଁ ଜାଳି ସମୟ କଟାଉଛି । ଏହିପରି ଏକ ଦୃଢ଼ ସଂକଳ୍ପ ଯୋଗୁଁ ତା'କୁ ଆଶାତୀତ ଫଳ ପ୍ରାପ୍ତି ହୋଇଛି । ବର୍ଷଶେଷକୁ ସେ ଷାଠିଏ ଟଙ୍କା ସଞ୍ଚୟ କରିପାରିଛି । ସେ ଚିନ୍ତା କଲା, ଏହି ଟଙ୍କାକୁ ପଣ୍ଡିତଙ୍କୁ ଦେଇ କହିବ, 'ମହାରାଜ ! ଅବଶିଷ୍ଟ ଟଙ୍କା ମୁଁ ଖୁବ୍ ଶୀଘ୍ର ଆପଣଙ୍କୁ ଦେଇଦେବି ।" ଆଉ ମାତ୍ର ପନ୍ଦର ଟଙ୍କା ରହିବ, ଏଥିରେ କ'ଣ ପଣ୍ଡିତେ ରାଜି ହେବେ ନାହିଁ । ଶଙ୍କର ଟଙ୍କାତକ ନେଇ ପଣ୍ଡିତଙ୍କ ଚରଣ କମଳରେ ଅର୍ପଣ କଲା । ପଣ୍ଡିତେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'କିରେ, ଆଉ କାହା ପାଖରୁ ଟଙ୍କା ଋଣ କଲୁକି ?

ଶଙ୍କର କହିଲା, 'ନାହିଁ ମହାରାଜ, ଆପଣଙ୍କ ଆଶୀର୍ବାଦରୁ ଆମ ସମସ୍ତଙ୍କୁ ଭଲ ମଜୁରି ମିଳୁଛି । ବ୍ରାହ୍ମଣ କହିଲା, "ଇଏତ ସବୁ ଷାଠିଏ ଟଙ୍କା ମାତ୍ର ।" ଶଙ୍କର କହିଲା 'ହଁ ମହାରାଜ । ଏବେ ଏତକ ଗ୍ରହଣ କରନ୍ତୁ । ଅବଶିଷ୍ଟ ଟଙ୍କା ମୁଁ ଦୁଇତିନି ମାସ ମଧ୍ୟରେ ଦେଇ ଦେବି । ମୋତେ ଋଣଭାରରୁ ମୁକ୍ତ କରି ଦିଅନ୍ତୁ । ବ୍ରାହ୍ମଣ କହିଲେ, 'ସମସ୍ତ ଟଙ୍କା ପରିଶୋଧ ନ କଲେ ଋଣମୁକ୍ତ ହୋଇ ପାରିବୁ ନାହିଁ । ଏବେ ଯା' । ପନ୍ଦର ଟଙ୍କା ସଂଗ୍ରହ କରି ନେଇ କରି ଆସିଲେ ଋଣମୁକ୍ତ ହେବୁ । "ଶଙ୍କର କହିଲା, ମହାରାଜ! ମୋ ପ୍ରତି ଟିକିଏ ସଦୟ ହୁଅନ୍ତୁ । ଉପର ଓଳି ପାଇଁ ମୋ ପାଖରେ ଖାଦ୍ୟ ନାହିଁ । ଏ ଗାଁରେ ସମସ୍ତଙ୍କର ଅବସ୍ଥା ତ ମୋ ପରି । ଏଣୁ କିଏ ମୋତେ ଟଙ୍କା ଧାର୍ ଦେବ । ବ୍ରାହ୍ମଣ କହିଲେ, ମୋର ସେଥିରେ ମୁଣ୍ଡ ଖେଳେଇବାର ନାହିଁ । ଅଧିକ କଥାବାର୍ତ୍ତା କରିବାକୁ ମୋ ପାଖରେ ମଧ୍ୟ ସମୟ ନାହିଁ । ମୋତେ ସମ୍ପୂର୍ଣ୍ଣ ଟଙ୍କା ନ ମିଳିଲେ, ଆଜିଠାରୁ ସାଢ଼େ ତିନିଗୁଣ ଅଧିକ ସୁଧ ଦେବାକୁ ପଡ଼ିବ । ବର୍ତ୍ତମାନ ଏହି ଟଙ୍କା ତୋ' ପାଖରେ ରଖିପାରୁ କିମ୍ବା ମୋତେ ଦେଇ ପାରୁ । ଶଙ୍କର କହିଲା, "କ୍ଷମା କରିବେ । ମୁଁ ତା'ହେଲେ ଆସୁଛି, ଯେଉଁଠୁ ହେଲେ ପନ୍ଦର ଟଙ୍କା ଆଣି ଋଣ ପରିଶୋଧ କରିବାକୁ ଚେଷ୍ଟା କରିବି ।"

ପନ୍ଦର ଟଙ୍କା ପାଇଁ ଶଙ୍କର ଗାଁ ସାରା ଘୂରି ବୁଲିଲା, କିନ୍ତୁ କାହାରି ପାଖରୁ ଟଙ୍କାଟିଏ ମଧ୍ୟ ପାଇଲା ନାହିଁ । ଅବଶ୍ୟ ତା' ଉପରେ ବିଶ୍ୱାସ ନ ଥିଲା କିମ୍ବା କାହାରି ପାଖରେ ଟଙ୍କା ନ ଥିଲା ତାହା ନୁହେଁ କେବଳ ପଣ୍ଡିତଙ୍କର ଶିକାର ହେବାକୁ କେହି ଚାହୁଁ ନ ଥିଲେ ।

ପ୍ରତ୍ୟେକ କ୍ରିୟାର ଏକ ସମାନ ଏବଂ ବିପରୀତ ପ୍ରତିକ୍ରିୟା ପରିଲକ୍ଷିତ ହୁଏ । ଏହା ଏକ ନୈସର୍ଗିକ ନିୟମ । ଦୀର୍ଘ ଏକବର୍ଷ କଠିନ ପରିଶ୍ରମ କରି ଶଙ୍କର ଋଣ ପରିଶୋଧ କରିବାକୁ ସକ୍ଷମ ହେଲା ନାହିଁ । ଏଣୁ ତା' ମନରେ ଏକ ନୈରାଶ୍ୟଭାବ ଭରିଗଲା । ନିଷ୍ଠାର ସହ ବର୍ଷସାରା କଠିନ ପରିଶ୍ରମ କରି ଷାଠିଏ ଟଙ୍କାରୁ ଅଧିକ ସଞ୍ଚୟ କରିହେଲା ନାହିଁ । କି ଉପାୟ କଲେ ଏହାଠାରୁ ଅଧିକ ଅର୍ଥ ସଞ୍ଚୟ କରି ହେବ ବୋଲି ସେ ଚିନ୍ତା କରିବାକୁ ଲାଗିଲା । ମସ୍ତକରେ ଋଣଭାର ବହନ କରି ଭଲରେ ଚଳିବା କିମ୍ବା ଭଲରୁ ଅଧିକ ଭଲ ଚିନ୍ତା କରିବା କ'ଣ ସମ୍ଭବ ? ତା'ର ଉତ୍ସାହ ଏବଂ ଉଦ୍ଦୀପନା କ୍ରମଶଃ ମଉଳି ଯିବାକୁ ବସିଲା । ଆଶା ଉତ୍ସାହର ମାତୃସମ । ଆଶା ମଧ୍ୟରେ ଲୁଚି ରହିଥାଏ ତେଜୋଦୀପ୍ତ ବଳ । ଆଶା ହେଉଛି ଭୂଲୋକରେ ସଞ୍ଚାଳକ ଶକ୍ତି । ଶଙ୍କର କିନ୍ତୁ ଆଶାହୀନ ହୋଇ ଉଦାସ ହୋଇ ପଡ଼ିଲା । ବର୍ଷବର୍ଷ ବ୍ୟାପୀ ଅଭାବ ସମୂହ ଦ୍ୱାର ପାଖରେ କେବଳ ଭିକାରି ସାଜି ଦଣ୍ଡାୟମାନ ହୋଇ ନାହାନ୍ତି; ବରଂ ସେଗୁଡ଼ିକ ଛାତି ଉପରେ ସବାର ହୋଇ ନିଜର ହକ୍ ଆଦାୟ କରିବାକୁ ଗୋଟିଏ ଗୋଟିଏ ରାକ୍ଷସୀ ବନି ଯାଇଛନ୍ତି । ସାତସିଆଁ ଧୋତି ଖଣ୍ଡକ କେବଳ ସମ୍ବଳ ହୋଇ ପଡ଼ିରହିଛି । ବର୍ତ୍ତମାନ ମଜୁରି ଖଟି ଅନେକ ଜିନିଷ ତା'କୁ କିଣିବାକୁ ପଡ଼ିବ । ଖାଦ୍ୟ ବସ୍ତ୍ରଠାରୁ ଆରମ୍ଭ କରି ଯାବତୀୟ ଆବଶ୍ୟକ ପଦାର୍ଥ । ପୂର୍ବେ ସେ

କେବଳ ଧୂଆଁପତ୍ର ବ୍ୟବହାର କରୁଥିଲା। ବର୍ତ୍ତମାନ ମଜୁରି ଖଟି ପଇସା ଉପାର୍ଜନ କଲେ ଗଞ୍ଜେଇ, ଚରସ ଆଦି ନିଶାଦ୍ରବ୍ୟ କ୍ରୟ କରିବାକୁ ସେ ମନେ ମନେ ଚିନ୍ତା କଲା। କାରଣ ଋଣ ପରିଶୋଧର ଚିନ୍ତା ବର୍ତ୍ତମାନ ତା'ର ନାହିଁ କିମ୍ବା କାହାରିକୁ କିଛି ଦେବାର ନାହିଁ। ପୂର୍ବେ ସେ ଜ୍ୱରରେ ପୀଡ଼ିତ ହୋଇ ସୁଦ୍ଧା ମୂଲ ଲାଗିବାରେ ଅବହେଳା କରେ ନାହିଁ; କିନ୍ତୁ ଏବେ ସେ ଚିନ୍ତା ତା'ର ନାହିଁ। ଇଚ୍ଛା ହେଲେ ସେ କାମକୁ ଯିବ ନୋହିଲେ ନାହିଁ।

ଏହିପରି ଭାବେ ତିନିବର୍ଷ ବିତିଗଲା। ବ୍ରାହ୍ମଣ ଏହା ମଧ୍ୟରେ ଋଣ ବିଷୟରେ ପଦେ କିଛି କହିଲେ ନାହିଁ। ଏକ ଅଭିଜ୍ଞ ଶିକାରୀ ପରି ଲକ୍ଷ୍ୟଭେଦ କରିବାର ଆଶା ନେଇ ସେ କ୍ରମେ କ୍ରମେ ଅଗ୍ରସର ହେବାରେ ଲାଗିଲେ। ଦିନେ ପଣ୍ଡିତେ ଶଙ୍କରକୁ ଘରକୁ ଡାକି ହିସାବ ଦେଖାଇଲେ। ପୂର୍ବେ ତା'ଉପରେ ଋଣଭାର ଷାଠିଏ ଟଙ୍କା ଥିଲା। ବର୍ତ୍ତମାନ ତାହା ବର୍ଦ୍ଧିତ ହୋଇ ସୁଧମୂଳ ସହ ଏକଶହ କୋଡ଼ିଏ ଟଙ୍କା ହୋଇଛି। ଶଙ୍କର କହିଲା, ଏତେ ଗୁଡ଼ିଏ ଟଙ୍କା ସେ ଏ ଜନ୍ମରେ ଶୁଝି ପାରିବ ନାହିଁ। ଆର ଜନ୍ମରେ ସେ ସମସ୍ତ ଋଣ ଶୁଝି ଦେବ। ପଣ୍ଡିତ କହିଲେ ଏ ଜନ୍ମରେ ସବୁ ଟଙ୍କା ଶୁଝି ନ ପାରିଲେ କେବଳ ସୁଧତକ ଦେଇ ଦେବୁ। ମୂଳଧନ ବରଂ ପରେ ଦେବୁ। ଶଙ୍କର କହିଲା ମୋର ଗୋଟିଏ ମାତ୍ର ବଳଦ ଅଛି। ସେଇଟିକୁ ନୋହିଲେ ନେଇ ଯାଅ। ତା'ଛଡ଼ା ମୋର ଛୋଟ କୁଡ଼ିଆଟିଏ ମାତ୍ର ଅଛି। ଏହା ବ୍ୟତୀତ ମୋ ପାଖରେ ଆଉ କ'ଣ ଅଛି। ପଣ୍ଡିତ କହିଲେ ବଳଦ କିମ୍ବା କୁଡ଼ିଆ ନେଇ ମୁଁ କ'ଣ କରିବି। ମୋତେ ଦେବା ପାଇଁ ତୋ' ପାଖରେ ବହୁତ କିଛି ଅଛି।

ଶଙ୍କର କହିଲା, ମୋ ପାଖରେ ଆଉ କ'ଣ ଅଛି ମହାରାଜ ? ବ୍ରାହ୍ମଣ ପଣ୍ଡିତ କହିଲେ, କିଛି ନଥିଲେ ତୁ ତ ଅଛୁ। ତୁ ନିଜକୁ ମୋତେ ଦେଇ ଦେ। କୃଷିକାର୍ଯ୍ୟ ପାଇଁ ମୋର ଲୋକ ଆବଶ୍ୟକ। ଏଣୁ ସୁଧ ବାବଦରେ ତୁ ମୋର କାମ କରିବୁ। ସୁବିଧା ହେଲେ ମୂଳଧନ ଦେବୁ। ମୋର ଋଣ ପରିଶୋଧ କରି ନ ସାରିବା ପର୍ଯ୍ୟନ୍ତ ତୁ ଅନ୍ୟ କାହାରି କାମକୁ ଯାଇପାରିବୁ ନାହିଁ। ତୋ ହାତରେ ପଇସାଟିଏ ନାହିଁ। ଏତେ ବଡ଼ ଋଣ ତୁ ଶୁଝିବୁ କେମିତି? ତୁ ମାସ ଶେଷ ରେ ମୋତେ ସୁଧଟଙ୍କା ପରିଶୋଧ କରି ଦେବୁ। ମାସ ସାରା କାମ କରି ତୁ କେବଳ ସୁଧ ପରିଶୋଧ କରି ପାରିବୁ କି ନାହିଁ ସନ୍ଦେହ। ମୂଳକଥା ଅବା କ'ଣ କହିବି। ଶଙ୍କର କହିଲା, 'ମହାରାଜ! ମୁଁ ଯଦି କେବଳ ସୁଧ ପାଇଁ ଦିନସାରା ତୁମର ମଜୁରି ଖଟିବି ତା'ହେଲେ ଚଳିବି କିପରି? ମୋର ଦୈନନ୍ଦିନ ଘରଖର୍ଚ୍ଚ ମୁଁ ଭରଣା କରିବି କିପରି?

ବ୍ରାହ୍ମଣ କହିଲେ, "କାହିଁକି ତୋ'ର ସ୍ତ୍ରୀ ଅଛି, ତୋର ଛୁଆପିଲା ଅଛନ୍ତି। ସେମାନେ କ'ଣ ହାତଗୋଡ଼ ବାନ୍ଧି ବସିବେ। ଏ ସବୁ ବାଦ ଦେଲେ ତୋ' କଥା। ତୋର ସକାଳ ବେଳା ଖାଇବା ପାଇଁ ମୁଁ ଅଧସେର ଲେଖାଏଁ ଯଅ ଧାନ ଦେବି। ବର୍ଷସାରା ଘୋଡ଼ି ହେବା ପାଇଁ ଗୋଟିଏ କମ୍ବଳ ଦେବି। ଗୋଟିଏ ଗେଞ୍ଜି ଦେବି। ଏହା ବାଦ ତୋର ଆଉ କ'ଣ ଦରକାର? ଅନ୍ୟମାନେ ମଜୁରି ବାବଦ ତୋତେ ଦୈନିକ ଛଅ ଅଣା (ବର୍ତ୍ତମାନ ପଚିଶ ପଇସା) ଦେଉଛନ୍ତି, ମୁଁ କିନ୍ତୁ ସେପରି କରିବି ନାହିଁ। କେବଳ ମୋ ଋଣ ପରିଶୋଧ ପାଇଁ ମୁଁ ତୋତେ ପାଖରେ ରଖିବି।"

ଶଙ୍କର କିଛି ସମୟ ଧରି ଚିନ୍ତାମଗ୍ନ ହେଲା ପରେ କହିଲା, 'ଶେଷରେ ଜୀବନସାରା ମୁଁ କ୍ରୀତଦାସ ହୋଇ ରହିବି! ବ୍ରାହ୍ମଣ କହିଲେ, କ୍ରୀତଦାସ ହେଉ କିମ୍ବା କୁଲି ମଜୁରି ହେଉ, ଯାହା ବୁଝିଲେ ଚଳିବ ତେବେ ଋଣ ପରିଶୋଧ କରି ନ ସାରିବା ପର୍ଯ୍ୟନ୍ତ ମୁଁ ତୋତେ ଛାଡ଼ି ପାରିବି ନାହିଁ। ତୋ ଅନ୍ତେ ତୋ ପୁଅ ଆସି ଏ କାମ କରିବ। ତା'ପରେ କେହି ଥିଲେ କିମ୍ବା ନ ଥିଲେ ସେ କଥା ପରେ ଚିନ୍ତା କରାଯିବ।'

ବ୍ରାହ୍ମଣ ପଣ୍ଡିତଙ୍କର ଏଇ ନିଷ୍ପତ୍ତିକୁ ଅପିଲ୍ କରିବାର କୌଣସି ପନ୍ଥା ନ ଥିଲା। ଜଣେ ଦିନ ମଜୁରିଆ ପାଇଁ କିଏ କାହିଁକି ଅବା ଜାମିନ୍‌ଦାର୍ ହେବ ? କାହା ପାଖରେ ସେ ଯାଇ ଶରଣ ପଶିବ ? କେଉଁଆଡ଼େ ପଳାଇ ଯିବାର ମଧ୍ୟ ବାଟ ନାହିଁ। ପରଦିନଠାରୁ ସେ ପଣ୍ଡିତଙ୍କର ମଜୁରି ଖଟିବାକୁ ଲାଗିଲା। ପାଏ ଗହମ ପାଇଁ ଶଙ୍କର ତା' ଜୀବନଟାକୁ ବିକ୍ରି କରିଦେଲା। ଜୀବନସାରା ତା' ଗୋଡ଼ରେ ବେଡ଼ି ପଡ଼ିଗଲା। ନିଜକୁ ନିଜେ ସାନ୍ତ୍ୱନା ଦେବାକୁ ଯାଇ କହିଲା, 'ଏହା ମୋର ପୂର୍ବଜନ୍ମର ଫଳ।' ବର୍ତ୍ତମାନ ତା' ସ୍ତ୍ରୀ ଯେଉଁ ସବୁ କାମ କରି ନଥିଲା ତାହା କରିବାକୁ ଲାଗିଲା। ପିଲାମାନେ ସ୍ନେହ, ଶ୍ରଦ୍ଧାରୁ ବଞ୍ଚିତ ହେଲେ। ସେମାନଙ୍କର ଲାଳନ-ପାଳନରେ ବ୍ୟାଘାତ ଘଟିଲା। ସେମାନେ ପୂର୍ବରୁ କରି ନ ଥିବା କେତେକ କାର୍ଯ୍ୟ ମଧ କରିବାକୁ ଲାଗିଲେ। ଶଙ୍କର କିନ୍ତୁ କୌଣସି କ୍ଷେତ୍ରରେ କାହାରିକୁ ବାଧ୍ୟ କରୁ ନ ଥିଲା। ପାଏ ଗହମର ଏକ ଭୂତ ଦୈବୀ ଶାପ ପରି ତା' ମୁଣ୍ଡରେ ସଦା ସର୍ବଦା ବୋଝ ସଦୃଶ ସବାର ହୋଇରହିଲା।

ଦୀର୍ଘ କୋଡ଼ିଏ ବର୍ଷ ଧରି ବ୍ରାହ୍ମଣ ପଣ୍ଡିତଙ୍କ ପାଖରେ ମଜୁରି ଖଟିଲା ପରେ ଶଙ୍କର ଏ ସଂସାରରୁ ବିଦାୟ ନେଇଗଲା। ମୃତ୍ୟୁ ପର୍ଯ୍ୟନ୍ତ ତା' ମୁଣ୍ଡରେ ଶହେକୋଡ଼ିଏ ଟଙ୍କାର ଏକ ଭାର ଲଦି ହୋଇ ରହିଥିଲା। ସେହି ସାଧୁ ପୁରୁଷକୁ ଭଗବାନଙ୍କ ଦରବାରରେ ଦୋଷୀ କରିବାକୁ ପଣ୍ଡିତଙ୍କର ଆଉ ସାଧ ନ ଥିଲା। ପଣ୍ଡିତ ଏତେ ନିର୍ଦ୍ଦୟ ଥିଲେ ଯେ ଶଙ୍କରର ମୃତ୍ୟୁ ପରେ ତା'ର ଯୁବକ ପୁତ୍ରକୁ ଧରି ଆଣିଥିଲେ। ଶଙ୍କରର ପୁତ୍ର ଏବେ ସୁଦ୍ଧା ବ୍ରାହ୍ମଣଙ୍କର ମଜୁରି ଖଟୁଛି। ଶଙ୍କରର କରଜ ଏ ପର୍ଯ୍ୟନ୍ତ ମଧ୍ୟ ଅଛି ଏବଂ ତାହା କେବେ ପରିଶୋଧ ହେବ ତାହା କେବଳ ଭଗବାନଙ୍କୁ ଜଣା। ■■■

ଦେଉଳି, ବାସୁଦେବପୁର, ଭଦ୍ରକ
ଦୂରଭାଷ : ୯୯୩୭୬୪୯୪୩୮

କ୍ଷୁଦ୍ର ଉପନ୍ୟାସିକା

ସୁରେନ୍ଦ୍ରନାଥ ସାହୁ

ବିଜ୍ଞାନଭିତ୍ତିକ କିଶୋର ସାହିତ୍ୟ ପ୍ରତି ରୁଚି ରଖୁଥିବା ଗାଳ୍ପିକ । କବିତା, ପ୍ରବନ୍ଧ, ନାଟକ ଓ ଉପନ୍ୟାସ ଲେଖନ୍ତି । 'ଅଜ୍ଞାତ ଗ୍ରହର ଅଭିଯାତ୍ରୀ' ବିଜ୍ଞାନ ଉପନ୍ୟାସ ସମେତ ତାଙ୍କର ଅନେକ ଗ୍ରନ୍ଥ ପ୍ରକାଶିତ । ଆକାଶବାଣୀ କଟକ କେନ୍ଦ୍ରରୁ ତାଙ୍କର ନାଟକ ପ୍ରସାରିତ ହୋଇଛି ।

ଡାଏରିର ଶେଷପୃଷ୍ଠା

॥ ୧ ॥

ଲିଭି ଆସୁଥିବା ସଞ୍ଜ ସଳିତା ଭଳି ନିସ୍ତେଜ ହୋଇ ଶେଯରେ ପଡ଼ିଥିଲେ ଜଗବନ୍ଧୁ ବାବୁ । କେବଳ ଦମକାଏ ପବନର ଅପେକ୍ଷା । ଧପ୍ ! ଛାତି ଭିତରୁ ସେଇ ଟିକକ ଚାଲିଗଲେ, ସବୁ ଶେଷ!

'କେମିତି ଏତେ ଶୀଘ୍ର ଶେଷ ହେଇଯିବ ସବୁ ?'

ପ୍ରଶ୍ନ ଉଠୁଥିଲା ପିଲାମାନଙ୍କ ମନରେ । ସିଏ ଆମ ବାପା । ଘରର ମେରି ଖୁଣ୍ଟ । ପରିବାରର ମେରୁଦଣ୍ଡ ! କେତେ କଷ୍ଟ କରି ସେ ଆମକୁ ମଣିଷ କରିଛନ୍ତି । ଦିଗହଜା ଜାହାଜ ପାଇଁ ବତିଘର ଭଳି ଜୀବନସାରା ଦିଗ୍‌ଦର୍ଶନ ଦେଇ ଆସିଛନ୍ତି ଆମକୁ । ଆମେ ତ ବାପାଙ୍କ ଋଣ ଶୁଝି ପାରିବୁ ନାହିଁ । ଶେଷ ସମୟରେ ତାଙ୍କର ସେବାଶୁଶ୍ରୂଷା କରିବା ସୁଯୋଗ ହେଲେ କିଛି ଦିନ ମିଳୁ ଆମକୁ । ଏହି ଆନ୍ତରିକ ଇଚ୍ଛା ରଖି ବାପାଙ୍କ ସେବାରେ ନିଜକୁ ସମର୍ପି ଦେଇଥିଲେ ପୁଅ ସମ୍ବିତ୍ ଓ ଝିଅ ସଞ୍ଜନା । ସେମାନଙ୍କ ସହିତ ସମତାଳରେ ଶ୍ୱଶୁରଙ୍କ ସେବାରେ ଲାଗିଥିଲେ ବୋହୂ ବିନିତା ।

ଡାକ୍ତରମାନଙ୍କ ଅନେକ ଚେଷ୍ଟା ପରେ ବି ଜଗବନ୍ଧୁ ବାବୁଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତିର ଲକ୍ଷଣ ଦିଶୁ ନ ଥିଲା । ବହୁତ କଷ୍ଟରେ କେବଳ ଡାହାଣ ହାତଟା ଟିକିଏ ହଲେଇ ପାରୁଥିଲେ ସେ । ଡା ମହେଶ ମହାପାତ୍ର ତାଙ୍କ ପରିବାର ଡାକ୍ତର । ସେ ଚେତାବନୀ ଦେଇଥିଲେ, ପକ୍ଷାଘାତ ରୋଗୀ ପାଇଁ ବେଡ୍‌ସୋର ଗୋଟେ ଚିନ୍ତାଜନକ ଲକ୍ଷଣ । ରୋଗୀର ବେଡ୍‌ସୋର୍ ଆରମ୍ଭ ହେଲାଣି । ତେଣୁ ତାଙ୍କ ଭିତରର ସ୍ୱାସ୍ଥ୍ୟ ପ୍ରତି ଯେତିକି ଧ୍ୟାନ ଦିଆ ଯାଉଛି, ତା'ଠୁ ଅଧିକ ବାହ୍ୟ ପରିବେଶ, ଲୁଗାପଟା ଆଉ ରୁମ୍‌ର ସଫାସୁତରା ପ୍ରତି ଧ୍ୟାନ ଦେବାକୁ ହେବ ।

ଡାକ୍ତରଙ୍କ ନିର୍ଦ୍ଦେଶାନୁସାରେ ପ୍ରତି ତିନି,ଚାରି ଘଣ୍ଟା ଅନ୍ତରରେ ରୁମ୍ ଫ୍ରେସନର୍ ସ୍ପ୍ରେ କରି ପରିବେଶକୁ ସୁସ୍ଥ ଓ ଅନୁକୂଳ ରଖିବାକୁ ପ୍ରୟାସ କରା ଯାଉଥିଲା ତାଙ୍କ କୋଠରି ସାରା । ପୁଳାଏ ସୁଗନ୍ଧିତ ଅଗରବତି ଅନବରତ ଜଳୁଥିଲା ଶେଯ ପାଖରେ । ବେଡ୍‌ସୋରଜନିତ ପଚାଗନ୍ଧ ସହିତ ବେଳେବେଳେ ତାଙ୍କ ଅଜ୍ଞାତରେ ମଳଦ୍ୱାରରୁ ବହି ଆସୁଥାଏ ତରଳ ଶ୍ରାବ । ତେଣୁ ପରଫ୍ୟୁମ୍ ଓ ଅଗରବତିର ସୁଗନ୍ଧରେ ପରିବେଶକୁ ସୁସ୍ଥ ଓ

ସୁଗ୍ରାହ୍ୟ କରି ରଖିବାକୁ ପ୍ରୟାସ କରା ଯାଉଥିଲା ।

ପୁଅ, ବୋହୂ ଓ ଝିଅର ଅକୁଣ୍ଠ ସେବା-ଯତ୍ନ ସତ୍ତ୍ୱେ ସେଦିନ ସକାଳେ ଏଭଳି ପରିସ୍ଥିତି ସୃଷ୍ଟି ହେଲା ଯେ ଟିକନ୍ ଆଉ ଲୁସି ଜେଜେଙ୍କ ଶେଯଠାରୁ ଦୂରେଇ ରହି କେବଳ ଅନେଇ ରହିଲେ ତାଙ୍କୁ ଲୁହ ଟଳମଳ ଆଖିରେ । ନାତି, ନାତୁଣୀ ଦୁହେଁ ଜେଜେଙ୍କୁ ବହୁତ ଭଲପାଆନ୍ତି, ହେଲେ ଡାକ୍ତରଙ୍କ ପରାମର୍ଶ, ଏଭଳି ପରିସ୍ଥିତିରେ ଜେଜେଙ୍କ ପାଖକୁ ଯିବା ମନା ।

ସମ୍ବିତ୍ ଓ ସଞ୍ଜନା କିନ୍ତୁ ଅବିଳମ୍ବେ ଲାଗି ପଡ଼ିଲେ ବାପାଙ୍କ ସେବାରେ । ସଞ୍ଜନା ବାପାଙ୍କ ପାଖରେ ବସି ବେଡ୍‌ସୋର୍ ହୋଇଥିବା ସ୍ଥାନଗୁଡ଼ିକୁ ଡେଟଲ୍ ପାଣିରେ ପୋଛି ସଫା କଲା । ଦାମିକା ଟେଲକମ୍ ପାଉଡ଼ର୍ ପୁଳାଏ ଆଣି ବୋଳିଲା କ୍ଷତ ଉପରେ, ପିଠିସାରା ଓ ବେକମୂଳେ ।

ସମ୍ବିତ୍ ମଧ୍ୟ ବାପାଙ୍କର ବଡ଼ ଅନୁରାଗୀ । ସେ ନିଜେ 'ବାପା' ହେଲାଣି; ତଥାପି ସେ ତା' ବାପାଙ୍କୁ ଭୟ, ଭକ୍ତି, ଶ୍ରଦ୍ଧା କରେ । ପାଖରେ ବସି ସେ ଆଉଁଶି ଦେଲା ବାପାଙ୍କ ରୁଢ଼ ଭର୍ତ୍ତି ଶୁଖିଲା ଗାଲଟାକୁ । ବାପା ଜୁଳୁଜୁଳୁ କରି ଅନେଇଥିଲେ କେବଳ । ପ୍ରତିକ୍ରିୟା ନାହିଁ । ଶେଯଟା ଓଦା ହୋଇ ଯାଇଥିଲା । କୁନି ପୁଅକୁ ଉଠାଇବା ଭଳି ସମ୍ବିତ୍ ବାପାଙ୍କ କଙ୍କାଳସାର ପଙ୍ଗୁ ଦେହଟାକୁ କୋଳରେ ଉଠାଇ ଧରିଲା । ବୋହୂ ବିନିତା ନିର୍ବିକାର ଭାବେ ଆସି ଶେଯରେ ପଡ଼ିଥିବା ପୁରୁଣା ବେଡ୍‌ସିଟ୍‌କୁ ବଦଳେଇ ସଫାଟିଏ ବିଛେଇ ଦେଲେ । ସମ୍ବିତ୍ ପୁଣି ଯତ୍ନରେ ଶୁଆଇ ଦେଲା ତାଙ୍କୁ ଶେଯ ଉପରେ । ସଞ୍ଜନା ସଫା ପାଣି ମଗ୍ ଓ ଗ୍ଲାସ୍ ଆଣି ରଖିଦେଲା ତାଙ୍କ ତକିଆ ପାଖେ । ଆଜି କେଉଁ ଔଷଧ, କେତେବେଳେ ଖିଆଯିବ, ସେ ସବୁ ଯୋଗାଡ଼ି ରଖିଲା ସମ୍ବିତ୍ ଟେବୁଲ୍ ଉପରେ ଏବଂ ବିନିତାକୁ ଚେତେଇ ଦେଲା, ଠିକ୍ ସମୟରେ ମନେ ପକେଇ ବାପାଙ୍କୁ ଔଷଧ ଦେବା ପାଇଁ ।

ରାତି ସରି ଆସୁଥିବା ଆକାଶର ଦୁଇଟି ନିଷ୍ପ୍ରଭ ତାରା ଭଳି ଦିଶୁଥିବା ବାପାଙ୍କ ମଳିନ ଆଖିକୋଣରେ ଜମି ଯାଇଥିଲା ମେଞ୍ଚେ ଲୋଞ୍ଚରା । ଗୋଟେ ସଫା ତୁଳାରେ ଲୋଞ୍ଚରା ପୋଛୁପୋଛୁ ସମ୍ବିତ୍ କହିଲା, "ବାପା! ଆଜି ପଥ୍ୟ ଖାଇବାରେ ଅବାଧ ହେବନି, ପ୍ଲିଜ୍ । ବିନିତାର କଥା ମାନି ଔଷଧ ବି ଠିକ୍‌ଠିକ୍ ଖାଇଦେବ । ଡାକ୍ତର ଡାକିଥିଲେ, ସେଥିପାଇଁ ମୁଁ ଆଜି ଟିକେ କଟକ ଯାଉଛି । ସନ୍ଧ୍ୟା ସୁଦ୍ଧା ଫେରି ଆସିବି ।"

ପକ୍ଷାଘାତଗ୍ରସ୍ତ ଜଗବନ୍ଧୁ ଥିଲେ ବାକ୍‌ଶକ୍ତିହୀନ ! ସେ ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣେଇବାର ବିଫଳ ପ୍ରୟାସ କଲେ । ଅବଶ ଆଖିପତା ତାଙ୍କର ମୁଦି ହୋଇ ଆସିଲା । ସତେ ଯେମିତି ସେ ଶାନ୍ତ, ନିର୍ବିକାର ଭାବେ ଆଉ କିଛି ସମୟ ଶୋଇବାକୁ ଚାହୁଁଛନ୍ତି । ସମଗ୍ର ଦେହଟା ତାଙ୍କର ଅଚଳ ହୋଇ ଯାଇଥିଲା; କିନ୍ତୁ ବୋଧଶକ୍ତି ଆଂଶିକ ଭାବେ ସକ୍ରିୟ ଥିଲା । ହୁଏତ ସେ ବୁଝି ପାରୁଥିଲେ ଓ ହୃଦୟଙ୍ଗମ କରିପାରୁଥିଲେ ପିଲାମାନଙ୍କର ବ୍ୟସ୍ତତା । ତାଙ୍କ ପଙ୍ଗୁ-ସ୍ଥବିର ଓ ଅଚଳ ଦେହର ଅକାମୀ କଳ୍‌ଜାଗୁଡ଼ିକୁ ସଜାଡ଼ି ପୁଣି ଥରେ ସକ୍ରିୟ କରିଦେବା ପାଇଁ ପିଲାମାନେ କେମିତି ଲାଗି ପଡ଼ିଛନ୍ତି, ତାହା ସେ ଜାଣୁଥିଲେ । ମନ ଭିତରେ ମାପୁଥିଲେ ପୁଅ, ଝିଅ ଓ ବୋହୂର ଭଲ ପାଇବାର ଗଭୀରତାକୁ ।

ବୋହୂଟା ପର ଝିଅ ହେଲେ ବି ନିଜ ଝିଅ ସଞ୍ଜନାଠୁ କୋଉ ଗୁଣରେ କମ୍ ନୁହେଁ । ଝିଅ ପୁଅ ଦୁହେଁ ନିଜନିଜ ଘରସଂସାରର ବୋଝ ମୁଣ୍ଡେଇ ରହୁଛନ୍ତି ଦୂର-ଦୂରାନ୍ତରରେ । ସେମାନଙ୍କ ପୁଅ ଝିଅମାନେ ମଧ୍ୟ ବଡ଼ ହେଲେଣି । ସଂସାର ବିସ୍ତାରିଲାଣି । ହେଲେ ଗାଆଁରେ ରହୁଥିବା ବୁଢ଼ା ବାପା, ମାଆଙ୍କ ପ୍ରତି ସେମାନଙ୍କର ଭଲ ପାଇବା ଅତୁଟ ରହିଛି । ଦେହ ପା'ରେ କିଛି ଟିକିଏ ଓଲମବିଲମ ହେଲେ ଭାଇଭଉଣୀ ଦୁହେଁ ନିଜ ସୁଖ, ସୁବିଧାକୁ ପଛରେ ପକାଇ, ଜଣେ ଚଣ୍ଡୀଗଡ଼ରୁ ଆଉ ଜଣେ ପୁନେରୁ ଧାଇଁ ଆସୁଛନ୍ତି ଗାଆଁକୁ ।

ଜଗବନ୍ଧୁ ବାବୁଙ୍କ ଅବସର ପରେ ପୁଅ, ଝିଅ ଏମିତିକି ଜ୍ୱାଇଁ ଶୁଭକାନ୍ତ ବି ଅନେକଥର ଡାକିଥିଲେ ବାପା, ମାଆଙ୍କୁ ଶେଷ ଜୀବନଟା ସେମାନଙ୍କ ସାଙ୍ଗରେ ଯାଇ କଟେଇବା ପାଇଁ; କିନ୍ତୁ ଶେଷପର୍ଯ୍ୟନ୍ତ ଜଗବନ୍ଧୁ ଗାଆଁ ମାଟିର ମୋହରେ ବାନ୍ଧି ହୋଇ ରହିବାକୁ ଚାହିଁଥିଲେ । ତା'ଛଡ଼ା ସେ ଥିଲେ ବଡ଼ ସ୍ୱାଭିମାନୀ ମଣିଷ । ପିଲାମାନଙ୍କୁ ନାନାପ୍ରକାର ମିଠାକଥା କହି ଭୁଲେଇ ଦିଅନ୍ତି । ଅସଲ କଥା ହେଲା, ପିଲାଙ୍କ ସରସସୁନ୍ଦର ଫୁଲବଗିଚା ଭିତରେ ଦୁଇଟା 'କ୍ୟାକ୍‌ଟସ୍' ହୋଇ ରହିବାକୁ ସେ ପସନ୍ଦ କରନ୍ତି ନାହିଁ । ବନ୍ଧୁମେଳରେ ସେ ବେଳେବେଳେ



ରସିକତା କରି କହନ୍ତି, ବିବାହର ପ୍ରଥମ କିଛିବର୍ଷ ଯେମିତି ନବ ଦମ୍ପତିଙ୍କ ଯୁଗ୍ମ ଜୀବନଟା ମଧୁମୟ ମଧୁମୟ ଲାଗେ, ବାର୍ଦ୍ଧକ୍ୟରେ ମଧ ବୁଢ଼ାବୁଢ଼ୀ, ଯୋଡ଼ି ଜୀବନ କାଟିବାରେ ଗୋଟେ ଅଲଗା ଚାର୍ମ୍ ଅଛି। ଅବଶ୍ୟ ଉଭୟଙ୍କ ସ୍ୱାସ୍ଥ୍ୟ ଯଦି ଅନୁମତି ଦିଏ।

ଜଗବନ୍ଧୁ ବାବୁ ଅବସର ନେବା ପରେ ଦୁଇ ଦଶନ୍ଧିରୁ ଅଧିକ କାଳ ସପତ୍ନୀକ ସୁସ୍ଥ ଓ ନିରାମୟ ବାର୍ଦ୍ଧକ୍ୟ ଅତିବାହିତ କଲେ। ହେଲେ ଯୁଆଳିରୁ ପଟେ ବଳଦ ଘାଲେଇ ପଡ଼ିଲେ ଶଗଡ଼ର ଗତି ବେତାଳିଆ ଧରିବା ଭଳି ପତ୍ନୀ ସୁଜାତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବା ପରେ ଜଗବନ୍ଧୁଙ୍କ ଅବସ୍ଥା ଟଳମଳ ହେବାକୁ ଲାଗିଲା। ତଥାପି ତାଙ୍କର ସେଇ ଗୋଟେ ଜିଦ୍, ସେ ଏଇଠି ହିଁ ରହିବେ। ଏଇ ଗାଆଁ ମଶାଣି ମାଟିରେ ହିଁ ମିଶିବେ। ବାପାଙ୍କ ସିଦ୍ଧାନ୍ତକୁ ପିଲାମାନେ ଛୋଟବେଳୁ ହିଁ ସମ୍ମାନ ଦେଇ ଆସିଛନ୍ତି, ନିଜର ଯେତେ ଅସୁବିଧା ହେଉ ପଛେ।

ଏବେ ସମ୍ବିତ୍ ଅଛି ପୁନେର ଗୋଟେ ସଫ୍ଟୱେଅର୍ କମ୍ପାନୀରେ। ଝିଅ, ଜୋଇଁ ଚଣ୍ଡୀଗଡ଼ରେ। ଜୋଇଁ ସରକାରୀ ଗସ୍ତରେ ଯାଇଛନ୍ତି ଆମେରିକା, ଚାରି ମାସ ପାଇଁ। ଗତ ବର୍ଷ ଠିକ୍ ଏହି ସମୟରେ ସୁଜାତାଙ୍କ ଅସୁସ୍ଥତାକୁ ନେଇ କମ୍ ହଇରାଣ ହେଇ ନାହାନ୍ତି ପିଲାମାନେ। ନିଜନିଜ ଚାକିରି, ପିଲାଙ୍କ ପାଠପଢ଼ା, ଭବିଷ୍ୟତ, ସବୁ କଥାକୁ ଅଣଦେଖା କରି ଦୁହେଁ ଆସି ଦୁଇ ମାସରୁ ଅଧିକ କାଳ ଏଠି ରହିଥିଲେ। ମାଆର ସେବା-ଚିକିତ୍ସା କରେଇଥିଲେ, ହେଲେ ଅଟକେଇ ରଖି ପାରିଲେନି ମାଆକୁ।

ରଞ୍ଜାରୁ ଗୋଟେ ଡାଳ ଭାଙ୍ଗିଗଲେ ଶିମ୍ଫଲତା ଅନ୍ୟ ଡାଳରେ ଲଟେଇଗଲା ପରି ମା' ଚାଲିଗଲା ପରେ ଏ ସ୍ନେହରଙ୍କୁଣା ଭାଇଭଉଣୀ ଦିଇଟା ବାପାଙ୍କ ଆଡ଼କୁ ଢଳି ପଡ଼ିଥିଲେ, ହେଲେ ବିଧିର ବିଡ଼ମ୍ବନା! ଆଜି ବାପାଙ୍କ ଅବସ୍ଥା ବି ତଦ୍ରୁପ। ଡାକ୍ତର କହୁଥିଲେ, କେବଳ ପକ୍ଷାଘାତ ନୁହେଁ, ଜିଅନ୍ତା ମଡ଼ାକୁ କାଉ, ଶାଗୁଣା ଘେରିବା ପରି ବୁଢ଼ାଙ୍କୁ ଚାରିଆଡୁ ଘେରିଛନ୍ତି ନାନା ପ୍ରକାର ଦୁରାରୋଗ୍ୟ ରୋଗ! ବୟସ ତାଙ୍କର ପଞ୍ଚାଅଶୀ ଟପିଲାଣି। ଏ ବୟସରେ ପୁଣି ସେ ସଂପୂର୍ଣ୍ଣ ସୁସ୍ଥ ହେଇ ଶେଯରୁ ଉଠି ବସିବେ, ଏ ଆଶା ଛାଡ଼ିଦିଅ। ହେଲେ 'ଆଶା' ତ ଅସରା ଗପର ଅସରନ୍ତି ଚଢ଼େଇ। ଗୋଟେ ପରେ ଗୋଟେ ଉଡୁଥିବ, ଗପ ସରୁ ନ ଥିବ। ସେ ଚଢ଼େଇକୁ ଛାଡ଼ି ଗପ ଲେଖା ହେଇପାରିବନି କି 'ଆଶା'କୁ ଛାଡ଼ି ଜୀବନ ଜିଇ ହେବନାହିଁ।

ସଞ୍ଜନା ବସିଥିଲା ବାପାଙ୍କ ଶେଯ ପାଖରେ। ସେ ତାଙ୍କ ଡାହାଣ ହାତଟାକୁ କହୁଣି ପାଖରୁ ଆସ୍ତେ କରି ଦୁଇଥର ଭାଙ୍ଗି କହିଲା, "ବାପା! ତମର ଏ ହାତଟା ଧୀରେଧୀରେ ଚଳିଲାଣି। ପାଣି ଗ୍ଲାସ୍ ଉଠେଇ ପାରୁଚ। ଚେଷ୍ଟା କଲେ କଲମ ବି ଧରି ପାରିବ। ହେଇଟି ବାପା ! ତମ ମୁଣ୍ଡ ପାଖରେ କାଗଜ ଫାଳେ ଆଉ କଲମଟା ରଖିଛି। ଯାହା ଯେତେବେଳେ ଅସୁବିଧା ଲାଗିବ, ମନକୁ ଯାହା ଆସିବ ଲେଖି ଦଉଥିବ। ଡାକ୍ତର ମହାପାତ୍ର କହିଛନ୍ତି, ସିଏ ଆସିଲେ ତମ ଲେଖା ଅନୁଧ୍ୟାନ କରିବେ। ଦରକାର ହେଲେ ଔଷଧ ବଦଳାଇବେ। ତମେ ବ୍ୟସ୍ତ ହୁଅ ନାଇଁ ବାପା! ଖୁବ୍ ଶୀଘ୍ର ତମେ ଭଲ ହେଇଯିବ। ଆଉ ତମେ ପୂରାପୂରି ଭଲ ନ'ହେବା ପର୍ଯ୍ୟନ୍ତ ଆମେ ତମକୁ ଛାଡ଼ି କୁଆଡ଼େ ଯାଉନୁ।"

ପକ୍ଷାଘାତ ପ୍ରଭାବରେ ବାପାଙ୍କ ବିବର୍ଣ୍ଣ ମୁହଁ ସମେତ ଓଠଟା ଗୋଟିଏ ପାଖକୁ ବଙ୍କେଇ ଯାଇଥାଏ। ଝିଅର କଥା ଶୁଣି ସେ ବିକଳ ଓଠ ଫାଙ୍କରୁ ଝରି ପଡ଼ିଲା କ୍ଳେଶମିଶ୍ରିତ ଧାରେ ମ୍ଳାନ ହସ। ସେ ହସ ଭିତରେ ଲୁଚି ରହିଥିଲା ସତେ ଯେମିତି ଗୋଟେ ଯନ୍ତ୍ରଣାଦଗ୍ଧ ହୃଦୟର ଅନେକ ଅକୁହା କଥା।

ସମ୍ବିତ୍ ରୁମ୍ ବାହାରକୁ ଆସି ବାରଣ୍ଡା ଉପରେ ଅପେକ୍ଷା କରିଥିଲା ସଞ୍ଜନାକୁ। ସଞ୍ଜନା ଓ ବିନିତା ବାପାଙ୍କ କୋଠରିର କବାଟକୁ ନିଃଶବ୍ଦରେ ଆଉଜେଇ ଆସିଲେ ବାରଣ୍ଡା ଉପରକୁ। ସମ୍ବିତ୍ ପଚାରିଲା, "ଆଚ୍ଛା ସଞ୍ଜୁ! କାଲି ପିଣ୍ଟୁକୁ ଫୋନ୍ କରିଥିଲୁ ଟି ?"

"କଲି ଆଉ କେତେବେଳେ ? ସିଏ ତ ରାତି ଗୋଟେ ଯାଏ ପଢ଼ାପଢ଼ି କରି ବିଳମ୍ବରେ ଶୋଉଛି। ଉଠୁଚି ଦଶଟାରେ। ଚୁଡ଼ା କଦଳୀ କ'ଣ ଦିଇଟା ଖାଇଦେଇ ଧାଉଁଚି ଟିଉସନ୍ ଯେ ପୁଣି ଫେରୁଚି ଦିନ ଦୁଇଟାରେ। ଫୋନ୍ କଲେ ବି ବେଳେବେଳେ ଉଠାଉନି।"

"ତମେ କେମିତିକା ମାଆ କେଜାଣି! ପିଲାଟାର ବୋର୍ଡ ପରୀକ୍ଷା ମୁଣ୍ଡ ଉପରେ। ବାପା ଯାଇ ଆମେରିକାରେ। ତମେ ଆସି ଏଠି। ପୁଅଟା ଚଣ୍ଡୀଗଡ଼ ଭଳି ଜାଗାରେ ଏକଲା। ବିଚରା ହୋଟେଲରେ ଏଣୁତେଣୁ ଖାଇ କେତେ ହଇରାଣ ନ ହଉଥିବେ କହିଲ ?" ବିନିତା ଭାଉଜ ମନ ଦୁଃଖରେ କହିଲେ।

ସମ୍ବିତ୍ ଜୋର୍ ଦେଇ କହିଲା, "ନାଇଁ ସଞ୍ଜୁ! ମୁଁ ଆଜି ହିଁ ଯାଇ ତତ୍କାଳରେ ତୋ'ପାଇଁ ଟିକଟ କରି ଆଣୁଚି। ତୁ କାଲି ଚଣ୍ଡୀଗଡ଼ ଚାଲିଯା'। ବାପାଙ୍କ ସେବାଯତ୍ନ ପାଇଁ ଆମେ ଅଛୁ। ବାପାଙ୍କ ବର୍ତ୍ତମାନ ଅପେକ୍ଷା ପିଣ୍ଟୁର ଭବିଷ୍ୟତ ତୋ'ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ।"

ସଞ୍ଜନା ଓଢ଼ଣି କାନିରେ ଲୁହ ପୋଛୁପୋଛୁ ପଚାରିଲା, "ଆଚ୍ଛା ଭାଇ! ମୁଁ ଶୁଣୁଛି, ତମେ ଚଣ୍ଡୀଗଡ଼ର କମ୍ପାନୀ ଚାକିରି ଛାଡ଼ିଦବ ବୋଲି ଠିକ୍ କରିଛ? ପୁଣି ଏ ପାଗଳାମି କାହିଁକି ? ଗତବର୍ଷ ମା' ଦେହ ଖରାପ ସମୟରେ ପରା ଥରେ ଚାକିରି ଛାଡ଼ି ବୁଦ୍ଧି ଶିଖିଥିଲ।"

"ଆଲୋ' ପାଗଳୀ ! ମୁଁ କ'ଣ ଚାକିରି ଛାଡ଼ିବି ? ଘରୋଇ କମ୍ପାନୀରେ ଚାକିରି। ସିନିଅରିଟି ବର୍ଷେ ବି ହେଇନି। ଏମିତି ଆଉ ପନ୍ଦର ଦିନ ଛୁଟିରେ ରହିଗଲେ, ଚାକିରି ପରା ଆପେ ମୋ'ଠୁ ଛାଡ଼ି ପଳେଇବ।"

"ବାଃ ! ବଡ଼ ସହଜରେ ତ ଏକଥା କହି ଦଉଚ। ହେଲେ ଆଜିକାଲି ଚାକିରିର ଅବସ୍ଥା ଯାହା, ଆଉଗୋଟେ ଚାକିରି ତମକୁ କ'ଣ ଏଡ଼େ ସହଜରେ ମିଳିଯିବ ?"

ଅଳ୍ପଦୂରରେ କାନ୍ଥକୁ ଆଉଜି ଅସ୍ୱସ୍ତିରେ ଠିଆ ହୋଇଥିବା ଟିକନ୍ ଆଉ ଲୁସିକୁ କୋଳକୁ ଟାଣି ଆଣି ସଞ୍ଜନା ପୁଣି କହିଲା, "ତା' ଛଡ଼ା ଏମାନଙ୍କ କଥା ବି ଟିକିଏ ଚିନ୍ତା କର। ବିଚରା ପିଲା ଦିଇଟା ସ୍କୁଲ୍ ଯିବା ବନ୍ଦ କରି ଦେଢ଼ ମାସ ହେଲା ଏଠି ପଡ଼ିଛନ୍ତି। ଏମାନଙ୍କ ଭବିଷ୍ୟତ

ବିଷୟରେ ଭାବିବା ତମର କ'ଣ କର୍ତ୍ତବ୍ୟ ନୁହେଁ ?"

"ହଁ, ତୋ' ଭାଉଜ ମଧ୍ୟ ଏକଥା କହୁଚି ଯେ ହେଲେ ମୁଁ କ'ଣ କରିବି କହ ? ବାପା ସୁସ୍ଥ ନ'ହେବା ପର୍ଯ୍ୟନ୍ତ ଆମେ ଏଠୁ କୁଆଡ଼େ ଯିବାର ତ ପ୍ରଶ୍ନ ଉଠୁନି । ଭାବୁଛି, ଏଇ ଆମ ଗାଁ ସ୍କୁଲ୍‌ରେ ବରଂ ଟିକନ୍, ଲୁସିର ନାଁ ଲେଖେଇ ଦେବି । ବାପାଙ୍କ ଦେଖାଶୁଣା ଚାଲିବା ପର୍ଯ୍ୟନ୍ତ ଆମେ ବି ଏଠି ଚଳିବୁ । ତୁ କ'ଣ କହୁଚୁ କହ ?" ପ୍ରଶ୍ନଟି ପଚାରି ସମ୍ବିତ୍ କାନ୍ଥକୁ ଆଉଜି ନୈରାଶ୍ୟଭରା ଦୀର୍ଘଶ୍ୱାସ ଛାଡ଼ିଲା ।

"ଆଚ୍ଛା ଭାଇ ! ବାପାଙ୍କୁ ମୁଁ ସାଙ୍ଗରେ ଚଣ୍ଡୀଗଡ଼ ସିଫ୍ଟ କରିନେଲେ କେମିତି ହୁଅନ୍ତା ?" ପ୍ରସ୍ତାବ ଦେଲା ସଞ୍ଜନା ।

"ଧେତ୍!.. ତୋ' ମୁଣ୍ଡ ଫୁଣ୍ଡ ଖରାପ ହେଲାଣି ନା' କଣ ? ଏ ଅବସ୍ଥାରେ ବାପାଙ୍କୁ ତୁ ନବୁ ଚଣ୍ଡୀଗଡ଼ !!"

ବିନିତା ଏଥର ମୁହଁ ଖୋଲିଲେ, "ଦେଖ ସଞ୍ଜୁ ! ଜୋଇଁ ରହିଲେ ବିଦେଶରେ । ମୁଣ୍ଡ ଉପରେ ପୁଅର ବୋର୍ଡ ଏକ୍‌ଜାମ୍ ! ଘରେ ତମେ ଏକଲା ମାଇପି ଲୋକ । ଏମିତିରେ ଜଣେ ମରଣାନ୍ତକ ରୋଗୀର ଯତ୍ନ ନେବା କ'ଣ ଖେଳଘର କଥା ହେଇଛି ? ତା' ଛଡ଼ା ଆମେ ଥାଉ ଥାଉ..!"

"ସଞ୍ଜୁ ! ତୁ ସେ ଫାଲତୁ ଆଇଡିଆ ସବୁ ମୁଣ୍ଡରୁ ଓହ୍ଲା । ଆଉ ନିଜେ ଯିବାପାଇଁ ପ୍ରସ୍ତୁତି କର ।" ସମ୍ବିତ୍ ତା' ଶେଷ କଥା ଶୁଣେଇ ଝଡ଼ବେଗରେ ଚାଲିଗଲା ବାହାରକୁ ।

"ଆଚ୍ଛା ଭାଉଜ !" ସଞ୍ଜନା ପୂର୍ବାପେକ୍ଷା କଣ୍ଠସ୍ୱର ନିମ୍ନ କରି ପଚାରିଲା, "କାଲି ଭାଇ ଏତେ ସମୟ ଧରି ଡାକ୍ତର ମହାପାତ୍ରଙ୍କ ସହିତ ଫୋନ୍‌ରେ କଥା ହେଉଥିଲେ । ପଚାରିଲେ ସେ ମତେ ଏଡ଼େଇ ଦଉଛନ୍ତି । ପ୍ରକୃତରେ କଥାଟା କ'ଣ ? ବାପାଙ୍କ ବିଷୟରେ ଡାକ୍ତର କ'ଣ କହିଲେ?"

ବିନିତା ପ୍ରଥମେ ଟିକିଏ ନିରବି ଗଲେ କିଛି ସମୟ ପାଇଁ । ସଞ୍ଜୁର ବାରମ୍ବାର ଅନୁରୋଧ ପରେ ସେ କହିବାକୁ ବାଧ୍ୟ ହେଲେ, "କାଲି ଡାକ୍ତର ମହାପାତ୍ର ତାଙ୍କ ଶେଷ କଥା ଶୁଣେଇ ଦେଲେ, ସେ ଆଉ ବାପାଙ୍କ ଚିକିତ୍ସା ଦାୟିତ୍ୱ ନେବେ ନାହିଁ । ସେ କହିଲେ, ନିରୂପଣ ପ୍ରକ୍ରିୟାରୁ ଯାହା ଜଣା ପଡୁଛି, ବାପା ସମ୍ପୂର୍ଣ୍ଣ ପକ୍ଷାଘାତ ଆକ୍ରାନ୍ତ ଆଉ ବେଡ୍‌ସୋର୍ ପାଇଁ ଯେତିକି ଯନ୍ତ୍ରଣା ଭୋଗୁଛନ୍ତି, ଭିତରେ ଭିତରେ ତା'ର ଦଶଗୁଣା କଷ୍ଟ ଭୋଗୁଥିବେ ମଲ୍‌ଟିପଲ୍ ଡିଜର୍ଡର୍ ଯୋଗୁଁ । ଏଭଳି ପରିସ୍ଥିତିରେ ରୋଗୀ ବେଳେବେଳେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ବି କରି ପକାନ୍ତି; କିନ୍ତୁ ବାପା କାହା ମନରେ କଷ୍ଟ ନ'ଦେବା ପାଇଁ ଆଉ ଆମକୁ ବିଚଳିତ ନ କରିବା ପାଇଁ ନିଜ ଭିତରର ଯନ୍ତ୍ରଣାକୁ ନିଜେ ନୀଳକଣ୍ଠ ଶିବଙ୍କ ଭଳି ପିଇ ପଡ଼ି ରହିଛନ୍ତି । ସେ ବହୁତ କଷ୍ଟ ଭୋଗୁଥିବେ । ଏଭଳି ବିଷମ ପରିସ୍ଥିତିରେ ଅକସ୍ମାତ୍ କେତେବେଳେ ତାଙ୍କର ଦୃଷ୍ଟି ଆଉ ଶ୍ରବଣ ଶକ୍ତି ବି ନିଷ୍କ୍ରିୟ ହେଇ ଯାଇପାରେ । ସ୍ମୃତି ଶକ୍ତି ଲୋପ ହୋଇ ଯାଇପାରେ । ଏମିତିକି ସେ କୋମାକୁ ବି ଚାଲିଯାଇପାରନ୍ତି । ଆଉ, ଥରେ ଯଦି କୋମା ଷ୍ଟେଜ୍‌କୁ ଗଲେ, ତା'ହେଲେ କଥା ସରିଲା । ଏମିତିରେ ବାପାଙ୍କ ଟ୍ରିଟମେଣ୍ଟ କାଳେ ଆଗକୁ ବଢ଼େଇ କିଛି ଲାଭ ନାହିଁ; କାରଣ ମୃତ୍ୟୁ ପ୍ରାୟ ନିଶ୍ଚିତ ହେଇ ଗଲାଣି । କେବଳ ଠିକ୍ ସମୟଟା ଜାଣି ହଉନି ।" ଏତିକି କହୁ କହୁ ବିନିତାଙ୍କ କଣ୍ଠସ୍ୱର ଓଦା ହୋଇ ଆସିଲା ।

ସଞ୍ଜନା କୋହ ସମ୍ବରଣ କରି ତା' ଅଶ୍ରୁଳ ଆଖିପତାକୁ ଓଢ଼ଣି କାନିରେ ଚାପି ଧରି କହିଲା, "ତା'ହେଲେ ଭାଉଜ ତମେ କୁହ, ବାପାଙ୍କୁ ଏଭଳି ଅବସ୍ଥାରେ ଛାଡ଼ି ମୁଁ କେମିତି ଚାଲିଯାଇ ପାରିବି ଚଣ୍ଡୀଗଡ଼ ?"

॥ ୨ ॥

ପିତାମହ ଭୀଷ୍ମଙ୍କ ଭଳି ମୁମୂର୍ଷୁ ଜଗବନ୍ଧୁ ଯନ୍ତ୍ରଣାର ଶରଶଯ୍ୟାରେ ଛଟପଟ ହୋଇ ସମୟକୁ 'ଇଚ୍ଛା ମୃତ୍ୟୁ'ର ଭିକ୍ଷା ମାଗୁଥିଲେ । ମୃତ୍ୟୁ ଚଗଲା ଟୋକା ଭଳି ତାଙ୍କ ସହିତ ଲୁଚକାଳି ଖେଳି ଚାଲିଥିଲା । ଏ କଥା ବି ସତ ଯେ ମୃତ୍ୟୁ କାହାର ବୋଲକରା ନୁହେଁ । ମଣିଷର ଗୁହାରି ଶୁଣିବା ମାତ୍ରେ ସେ ଦୁଆର ମୁହଁରେ ଆସି ପହଞ୍ଚି ଯାଏନି କି ରହିଯା' କହିଲେ ଅଟକି ଯାଏ ନାହିଁ । ମୃତ୍ୟୁ ସବୁବେଳେ ନିଜ ଇଚ୍ଛାରେ, ନିଜ ବାଟରେ ଏବଂ ଠିକ୍ ତା' ହିସାବରେ ଆସେ । ଏହା ଗୋଟେ ସାର୍ବଜନୀନ ସତ୍ୟ!

ଜଗବନ୍ଧୁ ବାବୁ କିନ୍ତୁ ଏ ତତ୍ତ୍ୱର ଥିଲେ ଘୋର ବିରୋଧୀ । ସେ ଭାବୁଥିଲେ, ସବୁ ପରିସ୍ଥିତିରେ ମଣିଷ ମୃତ୍ୟୁ ଦେବତାର ପଞ୍ଜିକୃତ ମରଣକୁ ଅନେଇ ବସିବା କ'ଣ ନିହାତି ଦରକାର ? ବାର୍ଦ୍ଧକ୍ୟର ଶେଷ ପାହାଚରେ ପହଞ୍ଚି ମଣିଷ ଏମିତି ଅଚଳ, ଅଥର୍ବ, ପଙ୍ଗୁ ଅବସ୍ଥାରେ ଅହର୍ନିଶ ପୂତିଗନ୍ଧମୟ ନରକ ଯନ୍ତ୍ରଣା ଭୋଗି ଶେଯରେ ପଡ଼ିଥିବ । ତା' ପାଇଁ ତା' ପୁଅ, ଝିଅ, ନାତି, ନାତୁଣୀ, ପରିବାର-ପରିଜନ ନିଜ ସୁଖସୁବିଧାକୁ ଜଳାଞ୍ଜଳି ଦେଇ ତା'କୁ ଘେରି ବସିଥିବେ, ଆଉ ଦୂରରେ ରହି ତମାସା ଦେଖୁଥିବ ମୃତ୍ୟୁ! ନା! ମୃତ୍ୟୁର ଏଭଳି ସ୍ୱେଚ୍ଛା ଚାରିତାକୁ ପ୍ରଶ୍ରୟ ଦେବା କଦାପି ଉଚିତ୍ ନୁହେଁ । ଏଭଳି ପରିସ୍ଥିତିରେ ମଣିଷ ବରଂ 'ସ୍ୱେଚ୍ଛାମୃତ୍ୟୁ'କୁ ଆପଣେଇ ନେବା ଉଚିତ୍ । ମୁମୂର୍ଷୁ ଅବସ୍ଥାରେ ଦୀର୍ଘକାଳ ଯନ୍ତ୍ରଣା ଭୋଗୁଥିବା ରୋଗୀଟି ଯଦି ନିଜ ଇଚ୍ଛାରେ ମରଣ ଚାହୁଁଚି, ତାହା କଦାପି ଆତ୍ମହତ୍ୟା ସହିତ ତୁଳନୀୟ ନୁହେଁ । 'ସ୍ୱେଚ୍ଛା ମୃତ୍ୟୁ'କୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଯେତେବେଳେ ସ୍ୱୀକୃତି ଦେଇ ସାରିଛନ୍ତି, ସେତେବେଳେ ତା'କୁ କାର୍ଯ୍ୟକାରୀ କରିବାରେ ଅସୁବିଧା କେଉଁଠି?

ସେଦିନ ରାତିରେ କୋମା ତାଙ୍କୁ କବଳିତ କରିବା ପୂର୍ବରୁ ଏଭଳି ଗୋଟେ ବିଚିତ୍ର ବୈଚାରିକ ଝଡ଼ ଜାଗି ଉଠିଥିଲା ଜଗବନ୍ଧୁ ବାବୁଙ୍କ ଦୁର୍ବଳ ଚେତନା ଭିତରେ । ସେ ଝଡ଼ ସାରାରାତି ଚାଲିଥିଲା ।

ପରଦିନ ସ୍ୱାଭାବିକ ରୀତିରେ ରାତି ପାହିବା ବେଳକୁ ଗୋଟେ ଅସ୍ୱାଭାବିକ ଘଟଣା ଘଟି ସାରିଥାଏ । ଜଗବନ୍ଧୁ ବାବୁ ଆକ୍ରାନ୍ତ ହୋଇ ସାରିଥା'ନ୍ତି କୋମାରେ ! ବାପାଙ୍କର ଏ ଅବସ୍ଥା ଦେଖି ସମ୍ବିତ୍, ସଞ୍ଜନା ଓ ବିନିତା ପରସ୍ପରକୁ ଅସହାୟ ଆଖିରେ ଅନେଇବା ଛଡ଼ା ଆଉ କିଛି ଉପାୟ ନ ଥିଲା । ବିନିତା କାନ୍ଦକାନ୍ଦ କଣ୍ଠରେ କହିଲେ, "ମୁଁ କାଲି ରାତି ସାଢ଼େ ଦଶଟାରେ ଆସି ବାପାଙ୍କୁ ଶେଷ ଔଷଧ ବଟିକାଟା ଖୁଆଇ ଯାଇଥଲି । କୋମାର ସେମିତି କିଛି ଲକ୍ଷଣ ଦେଖି ପାରିଲିନି । ସଞ୍ଜନା

କହିଲା, "ତମେ ଗଲା ପରେ ମୁଁ ପୁଣି ଆସିଥିଲି ଏ ରୁମ୍‌କୁ । ବାପା ପୂରା ନିଦରେ ଶୋଇ ପଡ଼ିଥିଲେ । ସମ୍ବିତ୍ ହତାଶଭରା କଣ୍ଠରେ କହିଲା, "ଡାକ୍ତର ମହାପାତ୍ର ତ ହାତ ଟେକି ଦେଇଛନ୍ତି । ଏଭଳି ଅବସ୍ଥାରେ ବାପା କେତେଦିନ ପଡ଼ିବେ, ସେକଥା କିଏ କହି ପାରିବ !!"

ଏତିକିବେଳେ ସମ୍ବିତ୍‌ର ଆଖି ଆବିଷ୍କାର କଲା ବାପାଙ୍କ ତକିଆ ପାଖରେ ସଞ୍ଜୁ ରଖିଥିବା କାଗଜ ଖଣ୍ଡିକ । ତା' ଉପରେ ଅସ୍ୱଷ୍ଟ ଭାବେ କିଛି ଲେଖା ହୋଇଥିଲା । ବାପା କୋମାକୁ ଯିବା ଆଗରୁ ବୋଧେ କିଛି ଲେଖିବାକୁ ଚେଷ୍ଟା କରିଛନ୍ତି । କାଗଜ ଖଣ୍ଡିକ ଆଣି ସେ ଦେଖିଲା । ଗୋଟେ ଦୁର୍ବଳ ହାତରେ ଆତ୍ମପ୍ରକାଶ କରିଥିଲା ବିକଳାଙ୍ଗ ଓ ଅସ୍ୱଷ୍ଟ କେତୋଟି ଅକ୍ଷର । ଲେଖାଟି ପଢ଼ି ଆଶ୍ଚର୍ଯ୍ୟ ହେଲା ସେ । ଲେଖା ହୋଇଥିଲା, 'ଡାଏରିର ଶେଷ..' କେବଳ ଦୁଇଟି ଶବ୍ଦ..! ଛଅଟି ଅକ୍ଷର! ଅକ୍ଷରଗୁଡ଼ିକର ବିକଳ ଆକୃତି ଦେଖିଲେ ମନେ ହେଉଥିଲା, ସେ ଛଅଟି ଅକ୍ଷର ମଧ୍ୟ ସେ ବଡ଼ କଷ୍ଟରେ ଲେଖିଥିବେ । ହୁଏତ ଆଉ କିଛି ଲେଖିଥାନ୍ତେ; କିନ୍ତୁ ତାଙ୍କ ପକ୍ଷରେ ସମ୍ଭବ ହେଇନି । କାଗଜ ଖଣ୍ଡିକ ଦେଖାଇଲା ସେ ସଞ୍ଜୀନା ଏବଂ ବିନିତାଙ୍କୁ । ସେ ଦୁହେଁ ବି ବିସ୍ମିତ ହେଲେ । 'ଡାଏରିର ଶେଷ..!' ଯା'ର ଅର୍ଥ କ'ଣ ହେଇପାରେ ?? ତିନି ଯୋଡ଼ା ଆଖିରୁ ଏବେ ଅସହାୟତାର ଅଶ୍ରୁ ସହିତ ଝରିବାକୁ ଲାଗିଲା ବିନ୍ଦୁ ବିନ୍ଦୁ ବିସ୍ମୟ!

ସଞ୍ଜୀନା ପଚାରିଲା, "ଭାଇ ! ବାପା ନିୟମିତ ଡାଏରି ଲେଖୁଥିଲେ ଟି?"

"ହଁ, ମୁଁ ଜାଣେ । ନିୟମିତ ନ'ହେଲେ ବି ଜୀବନର ବିଶେଷ ଘଟଣାଗୁଡ଼ିକୁ ସେ ଡାଏରିରେ ଟିପି ରଖୁଥିଲେ । ହେଲେ ଆଜିକୁ ଦେଢ଼ ମାସ ହେଲା ସିଏ ପକ୍ଷାଘାତରେ ଅଚଳ ହୋଇ ପଡ଼ିଛନ୍ତି । ଆଉ ଡାଏରି ଲେଖିଲେ କେତେବେଳେ ?" ସମ୍ବିତ୍ କହିଲା ।

"ତାହା ତ ସତ । ହେଲେ ସେ ଡାଏରି ଅଛି କେଉଁଠି, ଟିକେ ଦେଖିଲ । କାଳେ ତା' ଭିତରୁ କିଛି ସୁରାକ୍ ଆମକୁ ମିଳିବ ।" ସଞ୍ଜୀନା କହିଲା ।

ସମ୍ବିତ୍ ଜାଣେ, ବାପାଙ୍କ ଡାଏରି ଖଣ୍ଡିକ କେଉଁଠି ଥାଏ । ଡାଏରି ତ ନୁହେଁ; ବରଂ ସେ ଗୋଟେ ଜଳନ୍ତା ଆଗ୍ନେୟଗିରି । ସମାଜର ଅନ୍ଧ ପରମ୍ପରା, କୁସଂସ୍କାର, ଅପସଂସ୍କୃତି ଓ ଦୁର୍ନୀତି ବିରୋଧରେ ସେ ଯେତେସବୁ ଆହ୍ୱାନମୂଳକ ଲେଖା ଲେଖିଛନ୍ତି, ସେ ସବୁର ବ୍ଲୁ-ପ୍ରିଣ୍ଟ ପ୍ରଥମେ ଏହି ଡାଏରିରେ ହିଁ ପ୍ରସ୍ତୁତ ହୁଏ । କିଛି ଲେଖା ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଆନ୍ଦୋଳନର ରୂପ ନିଏ । ଆଉ କିଛି ଅଫୁଟା ବୋମା ଭଳି ରହିଯାଏ ଡାଏରିର ନିବୁଜ ପୃଷ୍ଠା ଭିତରେ ।

ସମ୍ବିତ୍ ଅନାୟାସରେ ପାଇଗଲା ଡାଏରି ଖଣ୍ଡିକ ବାପାଙ୍କ ଖୋଲା ଆଲ୍‌ମାରିରୁ । ଓଲଟେଇଲା ପୃଷ୍ଠା ପରେ ପୃଷ୍ଠା । ଅଟକିଗଲା ତା' କୌତୂହଳୀ ଆଖି ଡାଏରିର ଶେଷ ଆଡ଼କୁ । ସଞ୍ଜୀନା ଏବଂ ବିନିତା ମଧ୍ୟ ଉତ୍କଣ୍ଠିତ ଭାବେ ଅନେଇ ରହିଥାଆନ୍ତି । ସମ୍ବିତ୍ ମନେମନେ ଡାଏରିରୁ ଅଳ୍ପ କିଛି ପଢ଼ି କହିଲା, "ସଞ୍ଜୁ ! ଗତ ବର୍ଷ ଠିକ୍ ଏଇ ମଇ, ଜୁନ୍, ବେଳକୁ ମାଆର ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଖୁବ୍ ଖରାପ ଥିଲା । ଆମେ ସମସ୍ତେ ଆସିଥିଲେ । ତା'କୁ ବଞ୍ଚେଇବାକୁ ଆମେ ବହୁତ ଚେଷ୍ଟା କରିଥିଲେ; କିନ୍ତୁ ପାରିଲେନି । ସେ ଚାଲିଗଲା । ସେତେବେଳର କେତେଟା ବିଶେଷ ଘଟଣା, ତାରିଖ ଓ ବାର ସହିତ ବାପା ଏଥିରେ ଲେଖିଛନ୍ତି । ଏଥିରୁ ଆମକୁ କ'ଣ ମିଳିବ, କହିଲୁ ?"

ବିନିତା କହିଲେ, "ନିଶ୍ଚୟ କିଛି ମିଳିପାରେ । ବାପା ଲେଖିଛନ୍ତି, 'ଡାଏରିର ଶେଷ..'! ତମେ ଶେଷ ଆଡ଼କୁ କେତେ ପୃଷ୍ଠା ପଢ଼ିକି ଦେଖ । ହୁଏତ ତାଙ୍କ ମନର କିଛି ଅକୁହା କଥା ଡାଏରିରେ ସେ ଲେଖିଥିବେ ।"

ସଞ୍ଜୀନା ମଧ୍ୟ ଭାଇକୁ ସେଇ ଏକାପ୍ରକାର ଅନୁରୋଧ କରିବାରୁ ସମ୍ବିତ୍ ପଢ଼ା ଆରମ୍ଭ କଲା:

ତା: ୧୭.୦୫.୨୦୧୧ (ମଙ୍ଗଳବାର, ସକାଳ ୮ଟା)

ଗତକାଲି ମୋ' ସ୍ତ୍ରୀ ସୁଜାତାର କର୍କଟ ପୀଡ଼ିତ ବିକଳାଙ୍ଗ ଦେହଟାକୁ ହସ୍ପିଟାଲ୍‌ରୁ ଫେରେଇ ଦେଲେ ଡାକ୍ତର । ତା'କୁ ଷ୍ଟ୍ରେଚର୍‌ରେ ବୋହି ଆଣି ଗାଡ଼ିରେ ଲଦିବା ବେଳେ ହସ୍‌ପିଟାଲ୍‌ର ଷ୍ଟାଫ୍ ଏବଂ ନର୍ସମାନେ ପରସ୍ପର ଭିତରେ ଯାହା ଆଲୋଚନା କରୁଥିଲେ, ତାହା ମୋ' କାନରେ ବାଜିଲା । ହୁଏତ ମୁଁ ଶୁଣି ପାରିବି ବୋଲି ସେମାନେ କହୁଥିଲେ, - ଏମିତିକା ଅଧାମରା ରୋଗୀକୁ ଚିକିତ୍ସାଳୟରେ ପକେଇ ଲାଭ କ'ଣ ? ଖାଲି ପଇସା ଗଣିବା ସାର । ବୁଢ଼ୀ ଯେତେଦିନ ପଡ଼ିବ, ଘରେ ପଡୁ । କ'ଣ ଅଛି ତା' ଦେହରେ ? ବଞ୍ଚିବାର ଆଶା ତ ନାହିଁ । ଏମିତି ଅବସ୍ଥାରେ ମଣିଷ ବଞ୍ଚି ରହିଲେ ବି କୋଉ କାମକୁ ? କେବଳ ପିଲାମାନଙ୍କ ସେବାଯତ୍ନ ପାଉଛି ବୋଲି ବୁଢ଼ୀର ନିଃଶ୍ୱାସ ଚାଲିଛି, ନ'ହେଲେ କେବେଠୁ ଯାଆନ୍ତାଣି !'

ଏଭଳି ସମ୍ବେଦନହୀନ କଠୋର ମନ୍ତବ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବୀମାନଙ୍କଠାରୁ କେବେ ଆଶା କରାଯାଇ ନ ପାରେ । ମୁଁ କିନ୍ତୁ ମର୍ମେମର୍ମେ ଅନୁଭବ କଲି, ସେମାନଙ୍କ ଆଲୋଚନା ଆମ ପାଇଁ ଅପ୍ରିୟ ହେଲେ ବି ଅସତ୍ୟ ନୁହେଁ । ଏଭଳି ଅନେକ ମୁମୂର୍ଷୁ ରୋଗୀଙ୍କୁ ସେମାନେ ପ୍ରତିଦିନ ହ୍ୟାଣ୍ଡେଲ୍ କରୁଛନ୍ତି । ମୃତ୍ୟୁକୁ ଅତି ନିକଟରୁ ଦେଖୁଥିବେ । 'ଜୀବନଟା ଗୋଟେ ପାଣି ଫୋଟକା'ର ବାସ୍ତବ ରୂପ ସେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଥିବେ । ତେଣୁ ସେମାନଙ୍କ ନିକଟରେ ସମ୍ବେଦନଶୀଳତା ଥିଲେ ମଧ୍ୟ ନିଜ ଅଭିଜ୍ଞତାରୁ ସେମାନେ ଯାହା କହୁଛନ୍ତି ମିଛ ନ ହେଇପାରେ । ମୁଁ ନିଜକୁ ଏ ପ୍ରକାର ପ୍ରବୋଧନା ଦେଲି ଏବଂ ସେଇ ଗାଡ଼ିରେ ବସି ଘରକୁ ଫେରିଲି ।

ସୁଜାତା ଘରେ ପହଞ୍ଚିବା ପରେ ବିଚରା ସମ୍ବିତ୍ ତା' ମାଆର ଅବସ୍ଥା ଦେଖି ପୂରାପୂରି ହତାଶ । ସଞ୍ଜୁ ବି ଅସହାୟ ! ବେଙ୍ଗଖିଆ ସାପ ଭଳି କର୍କଟ ରୋଗ ସୁଜାତାର ଗୋଡ଼ ଆଡୁ ଅଧାଅଧି ଗିଳି ସାରିଲାଣି । ଗତ ତିନି ବର୍ଷ ତଳେ ତା'ର ଦୁଇଟାଯାକ କର୍କଟ ଆକ୍ରାନ୍ତ ସ୍ତନ କଟା ସରିଥିଲା । ଗତ ମାସରେ ଆଣ୍ଠୁ ତଳକୁ ବାଁ ଗୋଡ଼ଟା ଅଧା କଟା ହୋଇ

କୃତ୍ରିମ ଗୋଡ଼ ଲାଗିଛି । ଏବେ ତା' ପାକସ୍ଥଳୀଟି ଭିତରେ ଭିତରେ ପଚିବା ଆରମ୍ଭ କରୁଛି । ଖରାଦିନିଆ ଜଙ୍ଗଲ ନିଆଁ ଭଳି କର୍କଟ ଜୀବାଣୁ ମାଡ଼ି ଚାଲିଛି ତା' ଦେହସାରା ! ଚିକିତ୍ସାବିଜ୍ଞାନ କହୁଚି, ମଣିଷ କ୍ୟାନ୍‌ସର୍‌କୁ କାବୁ କରି ସାରିଲାଣି । ତାହା ଯଦିଓ ସତ୍ୟ, ହେଲେ ତା' ସୁଫଳ ଆମକୁ କାହିଁକି ମିଳୁନି କିଛି ବୁଝି ପାରୁନି ମୁଁ । ପିଲାମାନେ ତ ଚିକିତ୍ସାରେ କିଛି ଅବହେଳା କରି ନାହାନ୍ତି । ଲୋକେ କହୁଛନ୍ତି, ମଣିଷକୁ ଗତ ଜନ୍ମର କର୍ମ ଫଳ ଏ ଜନ୍ମରେ ଭୋଗିବାକୁ ପଡ଼େ । ମୁଁ ମନେମନେ ଭାବୁଛି, ଏହା ସୁଜାତାର ଗତ ଜନ୍ମର କର୍ମ ଫଳ ନା ଆମପାଇଁ ସମୟର ଖେଳ !! ସେ ଯାହାବି ହେଉ, ଜଣେ ବୟସ୍କ ଓ ଗୁରୁତର କର୍କଟ ରୋଗୀକୁ ଡାକ୍ତର ଫେରେଇ ଦେବା ପରେ ଆମ ଭଳି ମଧ୍ୟବିତ୍ତଙ୍କ ପକ୍ଷରେ ଆଉ ଚାରା କ'ଣ ଅଛି, ଦୁଇ ହାତ ଉପରକୁ ଟେକି ନିଜକୁ ସମର୍ପି ଦେବା ଛଡ଼ା..!!

ତା: ୨୦.୦୫.୨୦୨୧(ଶୁକ୍ରବାର, ଅପରାହ୍ଣ ୪ଟା)

ଆଜିକୁ ତିନି ଦିନ ହେଲା ସୁଜାତା ମଲା ଭଳି ପଡ଼ିଛି ଶେଯରେ । ମୁଁ ବୁଝିପାରୁନି, ତା'ର ଏଭଳି ଅବସ୍ଥାରେ ଭାଇଭଉଣୀ ଦି'ଟା ପାଗଳଙ୍କ ଭଳି କାହିଁକି ଲାଗିଛନ୍ତି ତା'ପିଛା । ସମ୍ବିତ୍ ଦେଢ଼ ମାସ ହେଲା ଛୁଟି ନେଇ, ତା' ପିଲାମାନଙ୍କୁ ଧରି ଏଠି ପଡ଼ି ରହିଛି । ଏବେ ଯଥାଶୀଘ୍ର ଚାକିରିରେ ଯୋଗ ଦେବା କଥା । ନ ହେଲେ ଘରୋଇ କମ୍ପାନୀ ଚାକିରି, କେତେବେଳେ ଚାଲିଯିବ ଠିକଣା ନାହିଁ । ଏଣେ ତା' ପିଲାଙ୍କ ପଢ଼ାରେ ବ୍ୟାଘାତ । ସଞ୍ଜିନାଟା ମଧ୍ୟ ନିଜ ସ୍ୱାମୀ ଆଉ ପୁଅ ପିଣ୍ଟୁକୁ ଚଣ୍ଡୀଗଡ଼ରେ ଛାଡ଼ି ମାସେ ହେଲା ଏଠି ମାଆକୁ ଜଗି ବସିଛି । ମାତୃବତ୍ସଳ ସନ୍ତାନମାନଙ୍କର ଏଭଳି ଉତ୍ସର୍ଗୀକୃତ ସେବା ବିନିମୟରେ ସୁଜାତା ଭଲା ଉଠି ବସିବାର ସମ୍ଭାବନା ଯଦି ଥାଆନ୍ତା; କିନ୍ତୁ ସେମିତି କିଛି ହେବାର ସମ୍ଭାବନା ନାହିଁ ।

ଏଭଳି ଅବସ୍ଥାରେ ଆମ ବୁଢ଼ାବୁଢ଼ୀ ଦୁଇଜଣକୁ ନେଇ ପୁନେରେ ରଖିବା ସମ୍ବିତ୍ ପାଇଁ ବଡ଼ ଦୁରୂହ ବ୍ୟାପାର । ପୁନେ ଭଳି ବ୍ୟୟବହୁଳ ସହରରେ ବିଚରା ସ୍ୱଳ୍ପ ଦରମାରେ ଚାକିରି ଖଣ୍ଡେ କରୁଚି । ସେଥିରେ ତା' ତେଲ-ଲୁଣର ସଂସାର, ଘରଭଡ଼ା, ପିଲାଙ୍କ ପାଠପଢ଼ା, ଦେହ ପା'.. ଏମିତି କେତେ କଥା ଅଛି । ମୁଁ ଥରେ ପ୍ରସ୍ତାବ ଦେଇଥିଲି, ମୋତେ ନେଇ କୋଉ ଗୋଟେ ବୃଦ୍ଧାଶ୍ରମରେ ଛାଡ଼ି ଦେବା ପାଇଁ, ହେଲେ ମୋ' କଥାରେ ଭାଇଭଉଣୀ ଦୁହେଁ ଚିହିଁକି ଉଠିଲେ । ସତ କହିବାକୁ ଗଲେ, ଏ ଯୁଗରେ ବୁଢ଼ା ବାପା, ମାଆଙ୍କ ପ୍ରତି ଶ୍ରଦ୍ଧା, ସଦିଚ୍ଛା ରଖୁଥିବା ସନ୍ତାନଙ୍କ ପାଇଁ ଏ ଗୋଟେ ବଡ଼ ଧର୍ମସଙ୍କଟର କଥା !! ବେଳେବେଳେ ମୁଁ ଭାବେ, ଯା'ର କ'ଣ ସମାଧାନର ପନ୍ଥା କିଛି ନାହିଁ ?

ତା: ୨୬.୦୫.୨୦୨୧(ଗୁରୁବାର, ସକାଳ ୭ଟା)

କାଲି ଦିନସାରା ସୁଜାତା ପଡ଼ି ରହିଥିଲା ମୋ' କୋଠରିର ଗୋଟେ କୋଣରେ । ସମ୍ବିତ୍ ଆଉ ସୁଜାତା ପାଳି କରି ଜଗୁଛନ୍ତି ତା'କୁ । ବିନିତା ସମୟ ଦେଖି ପଥ୍ୟ, ଔଷଧ ଦେବାରେ ଲାଗିଛି । କେଇଖଣ୍ଡ ଶୁଖିଲା ହାଡ଼ ଉପରେ ଲୋଚାକୋଚା ଚମଡ଼ାଟେ ଢାଙ୍କି ହୋଇ ବସିଛି ସୁଜାତା । ଆଖି ମିଟିମିଟି କରୁଛି କେବଳ । ବେଳେବେଳେ ଯନ୍ତ୍ରଣାରେ ଛଟ୍‌ପଟ୍ ହଉଛି । ଓଃ ! ଏତେ କଷ୍ଟ ଯେ ତା' କଷ୍ଟ ଦେଖିଲେ ପଥର ଆଖିରୁ ବି ଲୁହ ଖସି ପଡ଼ିବ । ଆମେ ସମସ୍ତେ ଜାଣିଲୁଣି, ସୁଜାତାର ଏବେ ଯିବା ସମୟ ନିକଟତର ହେଲାଣି; କିନ୍ତୁ କିଏ କହିବ, ସେ ସମୟ କେତେବେଳେ ଆସିବ!! ପ୍ରକାରାନ୍ତରେ ଆମେ ତା'ଶେଷ ସମୟର ଅପେକ୍ଷାରେ ହିଁ ଅଛୁ ।

କାଲି ରାତି ଅଧରେ ହଠାତ୍ ମୋ' ନିଦ ଭାଙ୍ଗିଗଲା । ସୁଜାତା ଅସ୍ପଷ୍ଟ ଶବ୍ଦରେ କିଛି ବିଳିବିଳାଉଥିବାର ମୁଁ ଶୁଣି ପାରିଲି । ତା' ପାଖକୁ ଗଲି । ସେ କ'ଣ କହୁଚି ଶୁଣିବାକୁ ଚେଷ୍ଟା କଲି । ସୁଜାତା ମୁହଁରୁ କେବଳ ଗୋଟିଏ ଶବ୍ଦ ବାହାରୁଥିଲା, 'ଓଃ! ମୁକ୍ତି... ଓଃ! ଉ..ଦ୍ଧା..ର କର । ପ୍ରଭୁ.. ମତେ ମୁକ୍ତି ଦିଅ! ଏ କଷ୍ଟ ଆଉ ମୁଁ ସହି ପାରୁନି ପ୍ରଭୁ !'

ମୁଁ ସୁଜାତା ପାଖରେ ବସିଲି । ତା' କେଶଶୂନ୍ୟ ହାଡୁଆ ମୁଣ୍ଡଟାକୁ ଆଦରରେ ଟିକିଏ ଆଉଁଶି ଦେଲି । ଆଖି ମିଟିମିଟି କରି ସିଏ ମୋତେ ଅନେଇ ରହିଲା । "କିଛି କହିବ, ସୁଜାତା ?" ପଚାରିଲି ମୁଁ କଅଁଳିଆ କଣ୍ଠରେ । କ୍ଳେଶପ୍ରଦ କ୍ଷୀଣ ସ୍ୱରରେ ତା' ମୁହଁରୁ ବାହାରିଲା କେବଳ ଗୋଟିଏ ଶବ୍ଦ! 'ମୁକ୍ତି'..! । ଏ ଗୋଟିଏ ଶବ୍ଦ ଉଚ୍ଚାରଣ କରୁକରୁ ଅବଶ ଆଖିପତା ତା'ର ମୁଦି ହୋଇ ଆସିଲା ।

ଯନ୍ତ୍ରଣା ଜର୍ଜରିତ ଜୀବନ କବଳରୁ ମୁକ୍ତି ପାଇଁ ତା' ବ୍ୟାକୁଳତା ମୋ' ହୃଦୟକୁ ମଧ୍ୟ ଆକ୍ରାନ୍ତ କଲା । ମୁଁ ଠାକୁରଙ୍କୁ ପ୍ରାର୍ଥନା କଲି, 'ହେ ପ୍ରଭୁ! ସୁଜାତାକୁ ଆଉ ଏତେ କଷ୍ଟ ଦିଅ ନାହିଁ ଠାକୁରେ । ଦୀର୍ଘଦିନ ଧରି ସେ କେତେ ଯନ୍ତ୍ରଣା ଭୋଗିଲାଣି । ସିଏ ମୋ' ପିଲାମାନଙ୍କର ମା' ହେଲେ ବି ଆଜି ଆମ ପାଇଁ ପାଲଟି ଯାଇଛି ଯନ୍ତ୍ରଣାର ଗୋଟେ ଦୁର୍ଲଂଘ୍ୟ ପାହାଡ଼! ତା' ପାଇଁ ପୁଅ ଝିଅ ଦୁହେଁ ନିଜର ସବୁକାମ ଛାଡ଼ି ବାନ୍ଧି ହୋଇ ବସିଛନ୍ତି ତା' ପାଖରେ । ସେମାନଙ୍କୁ ହନ୍ତସନ୍ତ କରନାହିଁ ପ୍ରଭୁ! ସୁଜାତାକୁ ଚଞ୍ଚଳ ପାର୍ କରିଦିଅ । ମୁକ୍ତି ଦିଅ ତା'କୁ ।'

ସେହିକଥା ଭାବିଭାବି ରାତିର ଅବଶିଷ୍ଟ ସମୟ ଆଉ ନିଦ ହେଲାନି ମତେ । ଏ ପରିସ୍ଥିତିରେ ଅତୀତର ଗୋଟେ ଘଟଣା ମୋ' ସ୍ମରଣକୁ ଆସିଲା । ପ୍ରାୟ ତିରିଶ ବର୍ଷ ତଳର କଥା......

ଆମ ବଗିଚାରେ ଗୋଟେ ପିଜୁଳି ଗଛ ଥିଲା । ବହୁତ ମିଠା ଫଳ । ସବୁ ଋତୁରେ ଫଳେ ପ୍ରଚୁର ପରିମାଣରେ । ସେତେବେଳେ ଆମ ପିଲାମାନେ ଛୋଟ ଥିଲେ । ସେମାନଙ୍କ ପାଇଁ ସେ ପିଜୁଳି ଗଛଟା ଥିଲା ପ୍ରକୃତିର ବରଦାନ ଭଳି ।

ସମୟାନ୍ତରରେ ଗଛଟା କାହିଁକି କେଜାଣି, ପତ୍ରଝଡ଼ା ଦେଇ ରୁଗ୍ଣ ହେବାକୁ ଆରମ୍ଭ କଲା । ଫଳ ଆସିବା କମିଗଲା । ଶାଖା ପ୍ରଶାଖା ପତ୍ରଶୂନ୍ୟ ହୋଇଗଲା । ଗଛଟା ମରିଯିବ ଭାବି ଆମେ ବହୁତ ମନଦୁଃଖ କଲୁ । ବିଶେଷ କରି ଆମ ପିଲାମାନେ ମନକଷ୍ଟ କଲେ । ଗଛଟିକୁ ବଞ୍ଚେଇ ରଖିବାକୁ ଆମେ ଅନେକ ଉପାୟ କରିଥିଲୁ । ହେଲେ

ଧୀରେଧୀରେ ଗଛଟା ଶୁଖି ମରିଗଲା । ତା' ଶୁଖିଲା ଗଣ୍ଡିରେ ଉଇ ଚରିବା ଆରମ୍ଭ କଲା ।

ଏଡ଼େ ସୁସ୍ୱାଦୁ ପିଜୁଳି ଗଛଟା ଯେତେବେଳେ ହଠାତ୍ ମରିଗଲା, ମନରେ ତ ଦୁଃଖ ହେବ; କିନ୍ତୁ ଗଛଟିକୁ ତ ଆଉ ପୁନର୍ଜୀବନ ଦେଇ ହବନି; ବରଂ ସେଠାରେ ଆଉ ଗୋଟେ ଫଳ ଗଛ ଲଗାଯାଇ ପାରେ । ଏହାଭାବି ମୁଁ ଦିନେ କୁରାଢ଼ି ଧରି ବାହାରିଲି ଉଇଖିଆ ଗଛଟାକୁ ମୂଳରୁ କାଟିଦେବା ପାଇଁ । ସୁଜାତା ମୋ' ବାଟ ଓଗାଳି ଠିଆ ହେଲା । କହିଲା, "ତମେ କେଡ଼େ ନିର୍ଦ୍ଦୟ ଲୋକ କିହେ! ଯେଉଁ ଗଛ ଜୀବନ ତମାମ୍ ତମକୁ, ତମ ପିଲାମାନଙ୍କୁ ମିଠା ଫଳ ଯୋଗାଇଲା, ଶେଷରେ ତମେ ତାକୁ କାଟି ଦେବାକୁ ବାହାରି ପଡ଼ିଲ ?

ମୁଁ କହିଲି, "ସୁଜାତା, ସେଇଟା ଆଉ ଗଛ ହେଇକି ନାହିଁ । ଗଣ୍ଡିଟା ଶୁଖିଲା କାଠରେ ପରିଣତ ହୋଇ ଗଲାଣି । ତା'କୁ କାଟି ଆଣିଲେ ଅନ୍ୟ କିଛି କାମରେ ଲଗା ଯାଇପାରିବ ।"

ମୋ' କଥାର ପ୍ରଭାବ କିଛି ପଡ଼ିଲାନି ସୁଜାତା ଉପରେ । ସେ ପୁଣି ମତେ ଅନୁରୋଧ କଲା ଗଛଟା ନ କାଟିବାକୁ । ପିଜୁଳି ଗଛଟି ପ୍ରତି ସୁଜାତାର ମମତ୍ୱବୋଧ ଦେଖି ମୋତେ ହସ ମାଡ଼ିଲା । ମୁଁ କହିଲି, "ଦେଖ ସୁଜାତା ! ଗଛର ସୃଷ୍ଟି ମାଟିରୁ । ଏଇ ମାଟିରେ ହିଁ ସିଏ ଦିନେ ମିଶିବ । ମୁଁ ଆଜି ତା'କୁ କାଟି କାମରେ ଲଗେଇଲେ ସେ ମାଟିକୁ ଯିବ, ଆଉ ଏଠି ଖରାବର୍ଷା ଖାଇ ଉଇ ଚରିଗଲେ ମଧ ସେଇ ମାଟିରେ ମିଶିବ ।"

ସୁଜାତା କହିଲା, "ସେକଥା ମତେ ବି ଜଣା । ହେଲେ ସେ ସେମିତି ନଷ୍ଟ ହେଉ ପଛେ, ତମେ ତା'କୁ କାଟିବ କାହିଁକି ?" ସୁଜାତାର କ୍ରୋଧ ଆଉ ଅଭିମାନ ଭରା ଭାଷା ସହିତ ମୁଁ ପରିଚିତ ଥିଲି । ତଥାପି ତା'କୁ ବୁଝାଇବାକୁ ଚେଷ୍ଟା କଲି, "ଦେଖ ! ଆମ ଜୀବଜଗତ ପାଇଁ ପ୍ରତି ଗଛର କିଛି ପ୍ରତିବଦ୍ଧତା ରହିଛି । ଜୀବନ ସାରା ଗଛ ଆମକୁ ଫୁଲ, ଫଳ, ପତ୍ର, ଜାଳ, ଆଦି ଯୋଗାଏ । ନିଜେ ବିଷ ପିଇ ଆମ ପାଇଁ ଶୁଦ୍ଧ ଅମ୍ଳଜାନ ତିଆରି କରେ । ତା' ଶାଖା ପ୍ରଶାଖାରେ ଜୀବଜନ୍ତୁଙ୍କୁ ଆଶ୍ରୟ ଦିଏ । ଜୀବଜଗତ ପ୍ରତି ଗଛର ଏଭଳି ଅନେକ ଦାୟିତ୍ୱ ରହିଛି, ଯାହା ସିଏ ମାଆଟିଏ ଭଳି ପ୍ରତ୍ୟାଶା ନ ରଖି ଜୀବନ ତମାମ୍ ଆମ ପାଇଁ ସମ୍ପାଦନ କରି ଚାଲିଥାଏ । ଶେଷରେ ଏଭଳି ଗୋଟେ ସମୟ ଆସେ, ତା' ପାଖରେ ଆଉ ଫୁଲଫଳର ପ୍ରାଚୁର୍ଯ୍ୟ ରହେ ନାହିଁ । ଗଛ ଦେହରୁ ସବୁଜିମା ହଜିଗଲେ ମଣିଷ ପାଇଁ ସେ ପରିତ୍ୟକ୍ତ ହୋଇଯାଏ ଏବଂ ପରିଣତ ହୁଏ କେବଳ ଶୁଖିଲା କାଠରେ । ସେତିକିବେଳେ ତା'କୁ ନିଜ ସ୍ଥାନରୁ ହଟିବାକୁ ପଡ଼େ । ନଚେତ୍ ସେ ପରିସର ଭିତରେ ଥିବା ଛୋଟଛୋଟ ଗଛମାନେ ଉଧେଇ ପାରନ୍ତି ନାହିଁ । ପୁରୁଣା ରୁଗ୍‌ଣ ଗଛଟି ହଟିଲେ ସେ ସ୍ଥାନରେ ମୁଣ୍ଡ ଟେକିବାକୁ ସୁଯୋଗ ପାଆନ୍ତି ନୂଆ ଚାରାମାନେ । 'ପୁରାତନର ବିଲୟ: ନୂତନର ଉଦୟ' ଏ ହେଉଛି ପ୍ରକୃତିର ନିୟମ । ସୃଷ୍ଟିରେ ଏକମାତ୍ର ସତ୍ୟ 'ପରିବର୍ତ୍ତନ' ଯାହା ଆମେ ସ୍ୱୀକାର କରିବାକୁ ବାଧ୍ୟ!"

ମୋ'ର ଏହି ଯୁକ୍ତି ବୋଧେ ସୁଜାତାର ମର୍ମକୁ ଛୁଇଁଲା । ସେ କିଛି ସମୟ ପାଇଁ ନିଜ ଭିତରେ ବୁଡ଼ିଗଲା । ପୁଣି ସ୍ୱପ୍ନରୁ ଉଠିବା ଭଳି ହଠାତ୍ ପ୍ରକୃତିସ୍ଥ ହୋଇ ପଚାରିଲା, "ଗଛ ଆଉ ମଣିଷ ଭିତରେ ଫରକ୍ କ'ଣ? ଆମେ ବି ଦିନେ ବୁଢ଼ାବୁଢ଼ୀ ହେବା, ରୁଗ୍‌ଣ ଅଥର୍ବ ହେବା । ଉଇ ଖିଆ କାଠ ଭଳି ଆମ ଭିତରଟା ମଧ ଦିନେ ଫମ୍ପା ହେଇଯିବ । ସେତେବେଳେ ଆମ ପାଖରେ ଆମ ପିଲାଙ୍କୁ, ଆମ ପରିବାରକୁ କି ସମାଜକୁ ଦେବା ପାଇଁ କିଛି ନ ଥିବ । ଆମେ ବି ଏମିତି ଦିନେ ପୂରା ଅଲୋଡ଼ା, ପରିତ୍ୟକ୍ତ ହେଇଯିବା ନା ?"

ସୁଜାତାର ଭାବପ୍ରବଣତା ଦେଖି ମୁଁ ଗଛ କଟା ସ୍ଥଗିତ ରଖିଲି । ତାକୁ ଡାକିନେଇ ପାଖରେ ବସାଇ କହିଲି, "ଦେଖ, ଗଛ ଆଉ ମଣିଷ ଜୀବନକୁ ଏଡ଼େ ସହଜରେ ଯୋଡ଼ି ଦିଆଯାଇପାରିବନାହିଁ । ମଣିଷ ହେଉଛି ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ । ମଣିଷର ନିଜ ଘର ପରିବାର, ନିଜ ସମାଜ ଓ ରାଷ୍ଟ୍ର, ବିଶେଷକରି ବିଶ୍ୱର କଲ୍ୟାଣ ନିମନ୍ତେ ଅନେକ କିଛି କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି । ଶେଷ ପର୍ଯ୍ୟନ୍ତ ନିଜ ଦାୟିତ୍ୱ ନିଷ୍ଠାର ସହିତ ସମ୍ପାଦନ କରିବା ହିଁ ମଣିଷର ଧର୍ମ । ପ୍ରକୃତି ମଣିଷକୁ ବୁଦ୍ଧିମାନ ପ୍ରାଣୀରୂପେ ଗଢ଼ିଛି । ଶହେ ବର୍ଷର ବୃଦ୍ଧ ବି ନିଜ ବୁଦ୍ଧି ବିବେକ ଖଟେଇ ସମାଜ ପାଇଁ କିଛି କଲ୍ୟାଣକର କାମ କରି ଦେଇପାରନ୍ତି । ତେଣୁ 'ମଣିଷ ଗଛ'ଟି ଫଳଶୂନ୍ୟ ହୋଇଗଲା ଭାବି ଆମେ ତା'କୁ ପରିତ୍ୟାଗ କରିଦେଇ ପାରିବାନି ।"

"ହଁ ସେକଥା ସତ । ହେଲେ ଆମେ ଜାଣିବାରେ କିଛି ଲୋକଙ୍କ ଜୀବନରେ ଏମିତି ବି ସମୟ ଆସେ, ଯେତେବେଳେ ସେ ରୋଗ ଆଉ ବାର୍ଦ୍ଧକ୍ୟରେ ଶଢ଼ିଶଢ଼ି ଜୀବନପ୍ରତି ବୀତସ୍ପୃହ ହୋଇଯାଏ । ସେ ନିଜେ ଚାହୁଁଥାଏ ମରଣ; କିନ୍ତୁ ମୃତ୍ୟୁ ତା'କୁ ଆପଣେଇ ନେଉ ନ ଥାଏ । ତା'କୁ ପ୍ରାଣଭରି ଭଲ ପାଉଥିବା ପରିବାର ଲୋକେ ବି ତା'କଷ୍ଟ, ଯନ୍ତ୍ରଣା ସହି ନ ପାରି ମନେମନେ ତା' ମୁକ୍ତି କାମନା କରୁଥାନ୍ତି; କିନ୍ତୁ ନିଜେ କିଛି କରିପାରୁ ନ ଥା'ନ୍ତି । ସେତିକିବେଳେ....??" ସୁଜାତା ମୋତେ ପ୍ରଶ୍ନିଳ ଆଖିରେ ଅନେଇଲା ।

ଗଛ କାଟିବା ଭଳି ଗୋଟେ ନଗଣ୍ୟ କଥାକୁ ନେଇ ସୁଜାତା ମନରେ ଯେଉଁ ଭାବାନ୍ତର ସୃଷ୍ଟି ହେଲା, ସେଥିପାଇଁ ମୁଁ ତା' ଭାବନାକୁ ସମବେଦନା ଜଣାଇ କହିଲି, "ମଣିଷ ଜୀବନରେ ଇଏ ଗୋଟେ ବିଡ଼ମ୍ବିତ ସମୟ । ସମସ୍ତଙ୍କ ଜୀବନରେ ଏଭଳି ଦିନ ଆସେ ନାହିଁ । ଜୀବନ ହାଟର କିଣାବିକା ସାରି ମଣିଷ ଯେତେବେଳେ ଘରମୁହାଁ ବାହୁଡ଼େ ସେତେବେଳେ ସାଙ୍ଗରେ ନେବା ପାଇଁ ତା' ହାତରେ ଥାଏ କେବଳ ଦୁଇଟା ବୋଝ । ଗୋଟାଏ 'ବାର୍ଦ୍ଧକ୍ୟ' ଆର ଗୋଟିକ 'ରୋଗ'! ଦୁର୍ବଳ ହାତରେ ସେ ବୋଝ ଦୁଇଟା ବୋହି ମଣିଷ ଆଉ କେତେ ବାଟ ଚାଲି ପାରିବ ? ପାଦ ଟଳମଳ ହେଉହେଉ ଅକସ୍ମାତ୍ ଯଦି ଝୁଣ୍ଟିପଡ଼େ, ସେଠୁ ଆଉ ଉଠିବାକୁ ବଳ ନ ଥିବ । ପାଦ ଥକି ଯାଇଥିବ । ଦେହର କଳକବଜା ସବୁ ଅଚଳ ହେଇସାରିଥିବ । କେବଳ ପବନ ଟିକକ ଚାଲିଥିବ, କଷ୍ଟରେ । ଅସହାୟ

ମଣିଷଟା ପଡ଼ିଥିବ ମରଣର ବାଟ ଚାହିଁ । ହେଲେ ମରଣ ଆସୁ ନ ଥିବ । ଆୟୁଷ ସରୁ ନ ଥିବ । ଯେତେ ଧନବଳ, ଜନବଳ, ମନୋବଳ ଦୃଢ଼ ଥାଉ, ସବୁକିଛି ଅଲୋଡ଼ା ହୋଇଯିବ । ମୃତ୍ୟୁ ହିଁ ତା'ର ଏକମାତ୍ର ମୁକ୍ତିଦାତା । ଗୋଟେ ପଙ୍ଗୁ, ଅଥର୍ବ ଜୀବନକୁ ଧରି ମରଣ ଆସିବା ପର୍ଯ୍ୟନ୍ତ ବଞ୍ଚି ରହିବା ବଡ଼ ଯନ୍ତ୍ରଣାଦାୟକ ! ସେ ଯନ୍ତ୍ରଣା କେବଳ ଶେଯରେ ପଡ଼ିଥିବା ଲୋକଟି ପାଇଁ ନୁହେଁ; ବରଂ ତା' ପରିବାର-ପରିଜନ ପାଇଁ । ବେଳେବେଳେ ସମାଜ ପାଇଁ ମଧ୍ୟ ! ସେ ଅବସ୍ଥାରେ 'ଇଚ୍ଛା ମୃତ୍ୟୁ' ହିଁ ତା'ପାଇଁ ଶ୍ରେୟସ୍କର । ତମେ ଶୁଣିଥିବ, ଇଚ୍ଛା ମୃତ୍ୟୁକୁ ଏବେ ଆମ ଦେଶରେ ସାମ୍ବିଧାନିକ ସ୍ୱୀକୃତି ମିଳିଛି । ତା' ପାଇଁ ଆଇନ୍ ତିଆରି ହେଲାଣି । 'ଇଚ୍ଛା ମୃତ୍ୟୁ' ସପକ୍ଷରେ ଆମର ମାନ୍ୟବର ସୁପ୍ରିମ୍‌କୋର୍ଟ ୨୦୧୮ ମାର୍ଚ୍ଚ ୯ରେ ଗୋଟେ ଐତିହାସିକ ରାୟ ଦେଇଛନ୍ତି । ଦୀର୍ଘଦିନ ଯନ୍ତ୍ରଣା ଭୋଗୁଥିବା ଜଣେ ମୁମୂର୍ଷୁ ରୋଗୀ ଅଥବା ତା' ପରିବାର ଲୋକଙ୍କର ପୂର୍ଣ୍ଣ ସ୍ୱୀକୃତି ମିଳିଲେ ଆଇନର ସହାୟତା ନେଇ ତାଙ୍କୁ ସମ୍ମାନର ସହିତ 'ଇଚ୍ଛା ମୃତ୍ୟୁ' ପ୍ରଦାନ କରା ଯାଇପାରେ ।"

ମୋ' କଥା ଶୁଣି ହଠାତ୍ ସୁଜାତାର କଣ୍ଠସ୍ୱର ବଦଳିଗଲା । ଅଚାନକ୍ ମୁହଁରେ ତା'ର ଦେଖିଲି ଅସ୍ୱାଭାବିକ ପରିବର୍ତ୍ତନ ! ସେ ଆବେଗଭରା କଣ୍ଠରେ କହିଲା, "ଶୁଣ ! ମୋତେ ତମେ ଆଜି କଥା ଦିଅ । ମୋ' ଜୀବନରେ ସେଭଳି ଅବସ୍ଥା ଯଦି କେବେ ଆସେ, ତମେ ମୋତେ ମୁକ୍ତି ଦେବ । ମୁଁ ଆଜିଠାରୁ ତୁମକୁ ମୋ' 'ଇଚ୍ଛା ମୃତ୍ୟୁ'ର ସ୍ୱୀକୃତି ଦେଇଦେଲି ।"



ମୁଁ ହସିହସି କହିଥିଲି, "ତମେ ପାଗଳୀ ହେଇ ଗଲଣି ନା' କ'ଣ! ସେଭଳି ଅବସ୍ଥା କେବେ, କାହା ଜୀବନରେ ଆସିବ, କି ନ ଆସିବ, ସେ କଥା କ'ଣ ଆଗରୁ କୁହାଯାଇପାରେ?"

"ତାହା ତ ସତ! ହେଲେ ତମ ଆଖି ଆଗରେ ଯଦି ମୁଁ ସେ ଅବସ୍ଥାକୁ ଚାଲିଯାଏ, ତା'ହେଲେ ମୋତେ କୌଣସି ଉପାୟରେ ମୁକ୍ତି ନିଶ୍ଚୟ ଦେବ ।"

ମୁଁ ଥଟ୍ଟାରେ କହିଲି, "ଆଉ ତମ ଆଖି ଆଗରେ ମୋ' ଅବସ୍ଥା ଯଦି ସେଭଳି ହେଇଯାଏ...?"

ମୋ' ପ୍ରଶ୍ନ ଶୁଣି ସୁଜାତାର ଆଖି ଛଳଛଳ ହୋଇଗଲା । ସେଦିନ ସେତିକିରେ ଆମ ବିତର୍କର ଅସମାହିତ ଅନ୍ତ ଘଟିଥିଲା ।

ତିରିଶ ବର୍ଷ ତଳର ସେ କଥାଟି ଆଜି ସୁଜାତାର ଏ ଅବସ୍ଥା ଦେଖି ମୋ'ର ମନେପଡ଼ିଲା । ତା' ବ୍ୟାକୁଳତା ଦେଖିଲେ ମନେ ହେଉଥିଲା, ସେ ମୋ'ଠାରୁ ବୋଧେ ସେହି ମୁକ୍ତି ହିଁ କାମନା କରୁଛି ।

ତା: ୨୮.୦୫.୨୦୨୧ (ଶନିବାର, ମଧ୍ୟାହ୍ନ)

କାଲି ସକାଳେ ଚଣ୍ଡୀଗଡ଼ରୁ ଜୋଇଁ ଶୁଭକାନ୍ତଙ୍କ ଫୋନ୍ ଆସିଥିଲା ସଞ୍ଜୁ ପାଖକୁ । ସେପାଖରୁ ସେ କ'ଣ କହିଲେ କେଜାଣି, ସଞ୍ଜୁ ଫୋନ୍ ରଖିବା ପରେ ଦୁଃଖୀଦୁଃଖୀ ଜଣା ପଡୁଥିଲା । ମୁଁ ଯେତେ କରି ପଚାରିବାରୁ ବି ସେ ମୋତେ କିଛି କହିଲାନି । ମୁଁ କିନ୍ତୁ ଘଟଣାଟା ବୁଝିବାରେ ଅକ୍ଷମ ନ ଥିଲି । ଶୁଭକାନ୍ତ ତାଙ୍କ ଚାକିରିକୁ ନେଇ ସବୁବେଳେ ବ୍ୟସ୍ତ ରହୁଛନ୍ତି । ପୁଅଟା ଘରେ ଏକଲା । ମାଆ ବିନା ଘର ଅଚଳ ହୋଇ ପଡ଼ିଲାଣି । ବାପ-ପୁଅଙ୍କ ଖିଆପିଆରେ ଠିକ୍ ନାହିଁ । ଚଳିବାରେ ଅସୁବିଧା । ଏମିତିରେ ସଞ୍ଜୁ ଏତେ ଦିନ ଧରି ଏଠି ଆସି ରହିଲାଣି ତା' ମାଆର ଅସୁବିଧା ପାଇଁ । ଶୁଭକାନ୍ତ ଧୈର୍ଯ୍ୟଶୀଳ ଲୋକ ହେଲେ ମଧ୍ୟ ସବୁ କଥାର ଗୋଟେ ସୀମା ଅଛି । ସେ ନିଶ୍ଚୟ କିଛି କହିଥିବେ ସଞ୍ଜୁକୁ । ମଣ୍ଟୁ ବି ତା' ମାଆର ଅନୁପସ୍ଥିତିରେ ବ୍ୟସ୍ତ ହେଉଥିବ । ସେଥିପାଇଁ ସଞ୍ଜୁର ଆଖି ଜକେଇ ଯାଇଥିଲା । ସିଏ ଯେମିତି ଜଣେ ପତିର ପତ୍ନୀ, ଗୋଟେ ପୁଅର ମା' ! ଠିକ୍ ସେମିତି ଏ ପାଖରେ ସେ ଗୋଟେ ମାଆର ଝିଅ ମଧ୍ୟ । ଝିଅ କର୍ତ୍ତବ୍ୟବୋଧର ବନ୍ଧନ କାଟି ଏଠାରୁ ସେ ସହଜେ ମୁକ୍ତ ହେଇ ପାରୁନି !

କାଲି ଅପରାହ୍ଣରେ କିଏ ଜଣେ ଆସି ସମ୍ବିତ୍ ହାତରେ ସ୍ପିଡ୍‌ପୋଷ୍ଟ ଚିଠି ଖଣ୍ଡେ ଆଣି ଦେଲା । ଚିଠି ବିଷୟରେ ମୁଁ ଯାହା ବୁଝିଲି, ସମ୍ବିତ୍‌ର କମ୍ପାନୀରୁ ଆସିଛି ୱାର୍ଣ୍ଣିଂ ଲେଟର୍ ! ଗୋଟେ ସପ୍ତାହ ଭିତରେ କାମରେ ଯୋଗ ନ ଦେଲେ ଫାଇନାଲ୍ ପେମେଣ୍ଟ ଆସି ନେଇଯିବା ପାଇଁ । ସେ ବିଷୟରେ ସମ୍ବିତ୍‌କୁ ପଚାରିବାରୁ ସିଏ ମୋତେ କିଛି କହିଲାନି, କିନ୍ତୁ ତା' ମନର ଅବସ୍ଥା ମୁଁ ବେଶ୍ ବୁଝି ପାରୁଛି । ସିଏ ତା' ମାଆକୁ ଏଭଳି ଅବସ୍ଥାରେ

ଛାଡ଼ି ପୁନେ ଯାଇ ଚାକିରିରେ କେମିତି କାମ କରି ପାରିବ ? ତା' ପାଇଁ ଗୋଟେ ପାଖରେ ପୁଅର କର୍ତ୍ତବ୍ୟ ଓ ମମତ୍ୱର ଡୋରି, ଅନ୍ୟପାଖେ ନିଜର ଜୀବନ-ଜୀବିକା, ପିଲାଙ୍କ ଭବିଷ୍ୟତ। ମମତାର ବନ୍ଧନ କାଟି ସିଏ ମଧ୍ୟ ଏଠାରୁ ମୁକ୍ତ ହେଇପାରୁନି।

ମୁଁ ସୁଜାତାର ଶେଯ ପାଖରେ ବସିଥିଲି। ସୁଜାତା ରୀତିମତ ଯନ୍ତ୍ରଣାରେ ଛଟପଟ୍ ହେଉଥିଲା। ସାରା ରାତି। ବେଳେବେଳେ ବିଳିବିଳାଉଥିଲା... ଆଃ! ପ୍ରଭୁ!! ମୋତେ ମୁକ୍ତି ଦିଅ..ହେ ଭଗବାନ୍ ! ଓଃ! ମୁକ୍ତି ଦିଅ ! ମୁକ୍ତି... ଓଃ! ମୁଁ ଆଉ ବଞ୍ଚିବାକୁ ଚାହୁଁନି ପ୍ରଭୁ..ଆଃ !!

ସମଗ୍ର ପରିସ୍ଥିତିକୁ ଅନୁଧ୍ୟାନ କରିବା ପରେ ମୁଁ କେବଳ ଏତିକି ଜାଣିଲି, ସୁଜାତାକୁ ମୁକ୍ତି ଦରକାର ଜୀବନ-ଯନ୍ତ୍ରଣାରୁ ଏବଂ ତା' ପିଲାମାନଙ୍କର ମୁକ୍ତି ଦରକାର ବିବଶତାର ବନ୍ଧନରୁ।

ଅବଶିଷ୍ଟ ରାତି ମୋ' ମସ୍ତିଷ୍କ କୁରୁକ୍ଷେତ୍ରରେ ଧର୍ମ-ଅଧର୍ମ, ପାପ-ପୁଣ୍ୟର ବିଚାରକୁ ନେଇ ରୀତିମତ ଚାଲିଥିଲା ଗୋଟେ ବୌଦ୍ଧିକ ସଂଗ୍ରାମ। ସେତିକିବେଳେ ମୋ' କାନ ପାଖରେ ଗୁଞ୍ଜରିତ ହେଲା ପବିତ୍ର ଭଗବଦ୍ ଗୀତାର ଗୋଟେ ଅନନ୍ୟ ଶ୍ଳୋକ...

ଯ ଏନ ବେତ୍ତି ହନ୍ତାରଂ ଯଶ୍ଚୈନଂ ମନ୍ୟତେ ହତମ୍ :

ଉଭୌ ତୌ ନ ବିଜାନିତୋ ନାୟଂ ହନ୍ତି ନ ହନ୍ୟତେ। (୨/୧୯)

ଜୀବନ ଓ ମୃତ୍ୟୁକୁ ନେଇ, ଆତ୍ମା ଓ ପରମାତ୍ମାଙ୍କୁ ନେଇ, ଭଗବାନ୍ ଶ୍ରୀକୃଷ୍ଣଙ୍କର ଏ ହେଉଛି ଗଭୀର ତତ୍ତ୍ୱପୂର୍ଣ୍ଣ ଉପଦେଶ, ଜୀବନ-ଦର୍ଶନର କଥା। ମୋହଗ୍ରସ୍ତ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ବୁଝାଉଛନ୍ତି, ଆତ୍ମା କାହା ଦ୍ୱାରା 'ହତ' ହୁଏ ନାହିଁ କିମ୍ବା ଆତ୍ମା କାହାକୁ 'ହତ୍ୟା' କରେନାହିଁ। ଉଭୟ ଏକ, ଅଭିନ୍ନ ଏବଂ ପରମାତ୍ମାଙ୍କ ଅଂଶବିଶେଷ ! ଏହି ତତ୍ତ୍ୱକୁ ମୋହଗ୍ରସ୍ତ ମଣିଷ ଅଜ୍ଞାନ ବଶତଃ ବୁଝି ପାରେନାହିଁ। ସେ ପୁଣି ବୁଝାଉଛନ୍ତି, ହେ ଅର୍ଜୁନ! ସମୟ ଓ ପରିସ୍ଥିତିକୁ ଆଖି ଆଗରେ ରଖି, ବିବେକ ଅନୁମୋଦିତ ଭାବେ ତୁମେ ଯେଉଁ କର୍ମ କରିବ ତାହା ହିଁ ମହତ୍ ଏବଂ ସମାଜ ପାଇଁ କଲ୍ୟାଣକାରୀ ହେବ।

ଭଗବଦ୍ ଗୀତାର ଏହି ତତ୍ତ୍ୱକୁ ମୁଁ ନିଜେ ମନେମନେ ବ୍ୟାଖ୍ୟା କଲି। ବିଶ୍ଳେଷଣ କଲି। ଶ୍ରୀକୃଷ୍ଣଙ୍କ ମୁଖରୁ ଏଭଳି ଉପଦେଶମାନ ଶୁଣିବା ପରେ ଅର୍ଜୁନଙ୍କର ମୋହଭଙ୍ଗ ହୋଇଥିଲା ଏବଂ ସେ ଗାଣ୍ଡିବ ଉଠାଇ ଥିଲେ ନିଜ ବନ୍ଧୁ, ପ୍ରିୟଜନଙ୍କୁ ବଧ କରିବାପାଇଁ। ଗୀତାର ସେହି ଆତ୍ମା-ପରମାତ୍ମା ସମ୍ପର୍କୀୟ ଗୂଢ଼ ରହସ୍ୟ ମୋ' ଭିତରର ଅର୍ଜୁନକୁ ମଧ୍ୟ ମୁଁ ବୁଝାଇବାକୁ ଚେଷ୍ଟା କଲି, - ଦେଖ, ସମାଜରେ ଧର୍ମର ପ୍ରତିଷ୍ଠା ପାଇଁ ଅର୍ଜୁନ ନିଜ ପ୍ରିୟଜନଙ୍କୁ ବଧ କରିଥିଲେ; କିନ୍ତୁ ତାଙ୍କୁ ହତ୍ୟାକାରୀ କୁହାଯିବ ନାହିଁ। କୃଷକ ତା' ଫସଲର ସୁରକ୍ଷା ପାଇଁ ଜୀବଙ୍କୁ କୀଟନାଶକ ଦେଇ ହତ୍ୟା କରେ, ତାକୁ ମଧ୍ୟ ହତ୍ୟାକାରୀ କୁହାଯିବ ନାହିଁ। ପରିବାରର ମଙ୍ଗଳ ପାଇଁ ଏବଂ ସୁଜାତାକୁ ଯନ୍ତ୍ରଣାମୁକ୍ତ କରିବା ପାଇଁ ଆଜି ତୁମକୁ ବି ସମୟୋଚିତ ପଦକ୍ଷେପ ନେବାକୁ ପଡ଼ିବ। ତାହା ସମାଜ ଆଖିରେ ନିନ୍ଦନୀୟ ହୋଇପାରେ; କିନ୍ତୁ ତୁମେ ସେଥି ପାଇଁ କଦାଚିତ୍ ଦୋଷୀ ହେବ ନାହିଁ।'

ମୋ'ର ଏହି ଯୁକ୍ତି ଶୁଣି ମୋ' ଭିତରର ଅର୍ଜୁନ ଜୀବନ ଦର୍ଶନର ବାସ୍ତବ ଦିଗଟିକୁ ବୁଝି ପାରିଥିଲା ଏବଂ ଅସ୍ତ୍ର ଧାରଣ କରିବାକୁ ପ୍ରସ୍ତୁତ ହେଲା। ମୋ' ଅର୍ଜୁନ ହାତରେ ଗାଣ୍ଡିବ ପରିବର୍ତ୍ତେ ଥିଲା ମାତ୍ର ଦଶଟି ହାଇପାୱାର୍ ନିଦବଟିକା। ସେତିକିରେ ଗୋଟେ ଯନ୍ତ୍ରଣାଦାୟକ ଜୀବନ-ଯୁଦ୍ଧର ଅବସାନ ହୋଇଗଲା।

ରାତିର ଅବଶିଷ୍ଟ ସମୟ ମୋତେ ଆଉ ନିଦ ହେଲାନାହିଁ। ମୁଁ ସୁଜାତାର ଶେଯ ପାଖରେ ବସି ଭଗବଦ୍ ଗୀତାର ସେହି ଅନନ୍ୟ ଶ୍ଳୋକଟିକୁ ବାରମ୍ବାର ଆବୃତ୍ତି କରି ଚାଲିଲି...

ଯ ଏନ ବେତ୍ତି ହନ୍ତାରଂ ଯଶ୍ଚୈନଂ ମନ୍ୟତେ ହତମ୍ :

ଉଭୌ ତୌ ନ ବିଜାନିତୋ ନାୟଂ ହନ୍ତି ନ ହନ୍ୟତେ।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି.. ନୈନଂ ଦହତି ପାବକଃ :

ନଚୈନଂ କ୍ଲେଦୟନ୍ତ୍ୟାପୋ.. ନଶୋଷୟତି ମାରୁତଃ..

ସକାଳୁ ସକାଳୁ ସଞ୍ଜନାର କାନ୍ଦଣା ଶୁଣି ମୁଁ ପ୍ରକୃତିସ୍ଥ ହେଲି। ସେତେବେଳକୁ ଆମ ପରିବାର ରଙ୍ଗମଞ୍ଚରୁ ସୁଜାତା ନାମକ ମୁଖ୍ୟ ଚରିତ୍ରଟିର ଚିର ବିଦାୟ ଘଟି ସାରିଥାଏ।

ହତ୍ୟା ନୁହେଁ, ବରଂ ମୁଁ ସୁଜାତାକୁ ମୁକ୍ତି ଦେଇଛି। ଏ କାମ ମୁଁ ଶତପ୍ରତିଶତ ସୁସ୍ଥ ମସ୍ତିଷ୍କରେ ଏବଂ ବିବେକ ଅନୁମୋଦିତ ଭାବେ କରିଛି, ଏଥିରେ ମୁଁ ନିଃସନ୍ଦେହ! 'ଇଚ୍ଛା ମୃତ୍ୟୁ'କୁ 'ହତ୍ୟା' ବୋଲି ବିଚାରୁଥିବା ସମାଜ, ମୋ' ସିଦ୍ଧାନ୍ତକୁ ସହଜରେ ଗ୍ରହଣ କରିବ କି ନା' ମୁଁ ଜାଣେ ନାହିଁ।

ସୁଜାତାର ଅନ୍ତିମ କ୍ରିୟା ଆଜି ଦିନ ଦଶଟାରେ ସରିଲା। ଶ୍ମଶାନରୁ ଫେରି ସମ୍ବିତ୍ ଦୀର୍ଘନିଃଶ୍ୱାସ ଛାଡ଼ି ମୋ' ଆଗରେ ଆସି ଠିଆହେଲା, ସତେ ଯେମିତି ଗୋଟେ ବଡ଼ ବୋଝ ଉତୁରିଗଲା ତା' ମୁଣ୍ଡ ଉପରୁ।

ତା: ୩୦.୦୫.୨୦୨୧ (ସୋମବାର, ଅପରାହ୍ଣ ୨ ଟା)

ସୁଜାତାର ଦେହାନ୍ତ ହେବାର ଆଜି ଚତୁର୍ଥ ଦିନ। ଘରର ପରିବେଶକୁ ଚଳଚଞ୍ଚଳ କରି ରଖିବାରେ ସୁଜାତାର ଯଦିଓ କିଛି ଅବଦାନ ନ ଥିଲା, ତା' ସତ୍ତ୍ୱେ ତା' ଅବର୍ତ୍ତମାନରେ କାହିଁକି କେଜାଣି ମୋତେ ଘରଟା ଖାଁ ଖାଁ ଲାଗୁଛି। ମାଆର ସେବାରେ ପିଲାମାନେ ଯେତିକି ବ୍ୟସ୍ତ ରହୁଥିଲେ ତା'ଠୁ ଅଧିକ ବ୍ୟସ୍ତତା ଏବେ ଲାଗି ରହିଛି ଘରେ। ସମ୍ବିତ୍‌ର ଆଉ ନିଃଶ୍ୱାସ ନେବାକୁ ଫୁରୁସତ୍ ନାହିଁ। ଘରର ସମସ୍ତେ ଉତ୍ସାହର ସହିତ ଯେଝା' କାମରେ ଲାଗିଛନ୍ତି। ସୁଜାତା ଦୀର୍ଘ ଦିନ ଧରି ଗୋଟେ ଦୁରାରୋଗ୍ୟ ବ୍ୟାଧିରେ ପଡ଼ିଥିଲା, ତେଣୁ ଆମର ପ୍ରଥମ କର୍ତ୍ତବ୍ୟ, ଘରଟିକୁ ସମ୍ପୂର୍ଣ୍ଣ ଭାବେ ସଫେଇ କରିବା ଏବଂ ନୂତନ ଭାବେ ରଙ୍ଗ ଦେବା। ସେ କାମ ପ୍ରାୟ ସରି ଆସିଲାଣି। ସେତିକି କାମ କରିବାକୁ ପ୍ରାୟ ତିନି ଦିନ ଲାଗିଗଲା। ଆସନ୍ତାକାଲିଠାରୁ ପ୍ରତି ରୁମ୍‌ରେ ଶାନ୍ତି ହୋମର ଆୟୋଜନ ହେଉଛି। ଘରେ ସାତ୍ତ୍ୱିକ ଭୋଜନ ସହିତ ଦିନରେ ଶାନ୍ତି ହୋମ ଓ ଭାଗବତ ପାଠ। ରାତିରେ ଭଗବଦ୍ ଗୀତା ଆଲୋଚନା ଏବଂ ସୁଜାତାଙ୍କ ସ୍ମୃତି ଚାରଣ। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ସମୂହ ପ୍ରାର୍ଥନା।

ଦଶାହ ପର୍ଯ୍ୟନ୍ତ ନିଷ୍ଠାର ସହିତ ଘରେ କେବଳ ଏତିକି ପାଳନ କରିବା ପାଇଁ ମୁଁ ପିଲାମାନଙ୍କୁ ଅନୁରୋଧ କରିଛି । ସେମାନେ ନିର୍ବିବାଦରେ ମୋ' କଥା ମାନି ପାଳନ କରୁଛନ୍ତି ।

ତା: ୦୨.୦୬.୨୦୨୧ (ଗୁରୁବାର, ଅପରାହ୍ଣ ୪ଟା)

ଆଜି ସୁଜାତାଙ୍କ ମୃତ୍ୟୁର ସପ୍ତମ ଦିନ । ଘରେ କେହି ମରିଯିବା ପରେ ବିଭିନ୍ନ ପ୍ରେତକର୍ମ ହୁଏ । ପ୍ରେତାତ୍ମାକୁ ସନ୍ତୁଷ୍ଟ କରିବା ପାଇଁ ପାରମ୍ପରିକ ରୀତିରେ ଅନେକ ନୀତି ନିୟମ ପାଳନ କରାଯାଏ । କୌଣସି ବିଜ୍ଞାନସମ୍ମତ କାରଣ ନ ଥାଇ ଏ ପ୍ରକାର ବିଧିବିଧାନ, ପ୍ରେତ କ୍ରିୟାକର୍ମକୁ ମୁଁ ଆଦୌ ବିଶ୍ୱାସ କରେ ନାହିଁ । ମୋ' ବିଚାରକୁ ସମ୍ମାନ ଜଣାଇ ଘରେ ପିଲାମାନେ ମଧ୍ୟ ଏଭଳି କିଛି କ୍ରିୟାକର୍ମ ପାଳନ କରୁନାହାନ୍ତି ।

ମୃତ୍ୟୁ ପରେ ପ୍ରେତ କର୍ମର ଅଧିକାଂଶ ବିଧିବିଧାନ କେବଳ ପୂର୍ବଜମାନଙ୍କୁ ଆମେ ଅନ୍ଧାନୁକରଣ କରି ଲୋକଦେଖାଣିଆ ଭାବେ ପାଳନ କରୁଛେ ବୋଲି ମୋ'ର ମତ । ମଣିଷ ମଲା ପରେ କିଛି ଲୋକଙ୍କୁ ଭୂରି ଭୋଜନ ଦେଇଦେଲେ ଯେ ତା' ଆତ୍ମାର ସନ୍ତୁଷ୍ଟି ବିଧାନ ହୋଇଯାଏ, ଏ ଯୁକ୍ତିରେ ମୋ' ବିବେକ ଏକମତ ହୋଇ ପାରେନା । ମୃତକର ଅସ୍ଥିକୁ ନେଇ ଗଙ୍ଗା ନଦୀରେ ଭସେଇ ଦେଲେ ସେ ମୁକ୍ତି ପାଇଯାଏ, ଏ ତତ୍ତ୍ୱର ମଧ୍ୟ ମୁଁ ଘୋର ବିରୋଧୀ । ପିଲାମାନେ ନିଜ ବାପା, ମାଆଙ୍କୁ ସେମାନଙ୍କ ଜୀବନକାଳ ଭିତରେ ଭଲରୂପେ ମୁଠେ ଖାଇବାକୁ ନ ଦେଇ ମୃତ୍ୟୁ ପରେ ବ୍ରାହ୍ମଣ ଭୋଜନ ଦେବା କେବଳ ହିପୋକ୍ରାସିର ଲକ୍ଷଣ ବୋଲି ମୁଁ କହେ । ସମସ୍ୟାର ସମ୍ମୁଖୀନ ହେଲେ ସମାଧାନର ବାଟ ନ'ଖୋଜି ଜ୍ୟୋତିଷଙ୍କୁ ଖୋଜିବା ନିହାତି ମୂର୍ଖାମି ବୋଲି ମୁଁ କହେ । ମାଟି, ଗୋଡ଼ି, କାଠ, ପଥରରେ ପ୍ରତିମାଟିଏ ଗଢ଼ି ତାକୁ ସୁନା ସିଂହାସନରେ ବସାଇ ପୂଜିବା ବଦଳରେ ବିଶ୍ୱାସର ମଞ୍ଚରେ ଈଶ୍ୱରଙ୍କୁ ରୂପ ଦେଇ ନିଜ ହୃଦୟ ସିଂହାସନରେ ପୂଜିବା ହିଁ ମଣିଷର କର୍ତ୍ତବ୍ୟ ବୋଲି ମୁଁ ଭାବେ । ଏଭଳି ଅନେକ ଚିରାଚରିତ ପ୍ରଥା, ପରମ୍ପରା ଓ କୁସଂସ୍କାର ବିରୋଧରେ ବିଭିନ୍ନ ପତ୍ରପତ୍ରିକାରେ ଲେଖି ମୁଁ ଅନେକ ଥର ସମାଲୋଚିତ ହୋଇଛି । ଯା'ହେଉ ମୁଁ ଆଜି ଖୁସି ଯେ ମୋ' ସଂସ୍କାରମୂଳକ ଲେଖାର ପ୍ରଭାବ ସମାଜ ଉପରେ ପଡ଼ିଛି କି ନାହିଁ, ତାହା ସମୟ କହିବ, କିନ୍ତୁ ମୋ' ସନ୍ତାନମାନେ ଅନ୍ତତଃ ଏହାର ଅନୁସରଣ କରୁଛନ୍ତି, ଏହା ମୋ' ପାଇଁ ଗୌରବର କଥା । ମୋ' କହିବା ପ୍ରକାରେ ସେମାନେ ଘରେ କେବଳ ଶାନ୍ତି ହୋମ, ଗୀତା ପାଠ ଏବଂ ସୁଜାତାଙ୍କ ସ୍ମୃତି ଚାରଣ କରୁଛନ୍ତି । ମୁଁ ପିଲାମାନଙ୍କୁ ବୁଝାଇଛି, ନିୟମିତ କିଛିଦିନ ହୋମ କରିବା ଦ୍ୱାରା ଘରର ଦୂଷିତ ପରିବେଶ ଶୁଦ୍ଧ ଓ ପବିତ୍ର ହୁଏ । ଗୀତା ପାଠ କରିବା ଦ୍ୱାରା ମନ ଭିତରୁ ନକାରାତ୍ମକ ଭାବନା ଦୂରୀଭୂତ ହେବ । ଈଶ୍ୱର ବିଶ୍ୱାସ ଦୃଢ଼ ହେବ । ମାତୃ ବିୟୋଗର ଦୁଃଖ ଦୂର ହୋଇ ମନ ଶାନ୍ତ ଓ ପ୍ରଫୁଲ୍ଲ ରହିବ ।

ଆଜି ମଧ୍ୟାହ୍ନରେ ଚଣ୍ଡୀଗଡ଼ରୁ ଜ୍ୱାଇଁ ଶୁଭକାନ୍ତ ପିଣ୍ଟୁକୁ ସାଙ୍ଗରେ ନେଇ ଆସି ପହଞ୍ଚିଲେ । ଆଉ କେତେ ଜଣ ଆମ ନିକଟତର ବନ୍ଧୁ ଓ ଶୁଭାକାଙ୍କ୍ଷୀ ମଧ୍ୟ ଘରକୁ ଆସି ସମବେଦନା ଜଣାଇ ଗଲେ ।

ତା: ୦୫.୦୬.୨୦୨୧ (ରବିବାର, ଅପରାହ୍ଣ, ୩ଟା)

ସୁଜାତା ଦେହାନ୍ତ ହେବାର ଆଜିକୁ ଦଶ ଦିନ ହେଲା । ମୁଁ ଅନୁଭବ କରୁଛି, ଘରେ ପ୍ରତିଦିନ ହୋମ ଏବଂ ଗୀତା ପାଠ କରିବା ଦ୍ୱାରା ଆମ ଘରର ବାତାବରଣ ଅତି ଆଶ୍ଚର୍ଯ୍ୟଜନକ ଭାବେ ବଦଳିଯାଇଛି । ଅପୂର୍ବ ଶାନ୍ତ ଆଉ ପବିତ୍ରମୟ ଲାଗୁଛି ପରିବେଶ । ପ୍ରଥମରୁ ହିଁ ଆମେ ପାରମ୍ପରିକ ରୀତିରେ ଦଶାହ କାର୍ଯ୍ୟ ପାଳନ କରିବା ସପକ୍ଷରେ ନ ଥିଲୁ । ତା' ବଦଳରେ ଆଜି ଘରକୁ ଆମନ୍ତ୍ରିତ ହୋଇ ଆସିଥିଲେ ବିଶିଷ୍ଟ ଶାସ୍ତ୍ରଜ୍ଞ ପଣ୍ଡିତ ପ୍ରବୋଧ କୁମାର ହୋତା । ତାଙ୍କ ସହିତ ଆଉ ଚାରିଜଣ ବିଶିଷ୍ଟ ପଣ୍ଡିତ । ସମସ୍ତେ ଗୀତାଜ୍ଞାନୀ ଏବଂ ବେଦଶାସ୍ତ୍ରରେ ନିପୁଣ । ଏହି ନିଆରା ଦଶାହ କାର୍ଯ୍ୟକ୍ରମରେ ଆମକୁ ସହଯୋଗ କରିଥିଲେ ମୁକ୍ତ ବିଚାର ରଖୁଥିବା ଆମର କିଛି ପଡ଼ୋଶୀ, ଉଚ୍ଚ ବିଚାର ସମ୍ପନ୍ନ କିଛି ଲେଖକ ବନ୍ଧୁ ଏବଂ ମୋ' ସମଧର୍ମୀ କିଛି ସାମ୍ବାଦିକ ବନ୍ଧୁ । ପଣ୍ଡିତ ହୋତା ମହୋଦୟ ବେଦ ମନ୍ତ୍ର ଉଚ୍ଚାରଣ ପୂର୍ବକ ଆମ ଦୈନିକ ଯଜ୍ଞର ପୂର୍ଣ୍ଣାହୂତି ଦେଲେ । ଅନ୍ୟ ପଣ୍ଡିତମାନେ ଭଗବଦ୍ ଗୀତାର କିଛି ସ୍ମରଣୀୟ ଶ୍ଳୋକ ଆବୃତ୍ତି କରି ତା' ଉପରେ ବିଶଦ ଆଲୋଚନା କରିଥିଲେ । ଶେଷରେ ସୁଜାତାଙ୍କ ସ୍ମୃତି ଚାରଣ କରାଗଲା । ତାଙ୍କ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଦିଆଗଲା । ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ସମୂହ ପ୍ରାର୍ଥନା ଓ ଶାନ୍ତିପାଠ କରାଗଲା । ପରିଶେଷରେ ସାମାନ୍ୟ ସାତ୍ତ୍ୱିକ ଭୋଜନରେ ସମସ୍ତଙ୍କୁ ଅପ୍ୟାୟିତ କରାଗଲା ।

ପଣ୍ଡିତ ହୋତା ମହୋଦୟ ମୋ' ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି ନାତୁଣୀମାନଙ୍କୁ ପାଖରେ ବସାଇ ସାଂସାରିକ ଜୀବନଚର୍ଯ୍ୟା ଉପରେ ଅନେକ ମହତ୍ ଉପଦେଶ ଦେଇ ଶେଷରେ କହିଥିଲେ - ପିଲାମାନେ ! ପ୍ରତି ବର୍ଷ ଆମେ ମୃତ ବ୍ୟକ୍ତିଙ୍କ ଶ୍ରାଦ୍ଧ ଦିବସ ପାଳନ କରୁଛେ । ତୁମେମାନେ ମଧ୍ୟ ନିର୍ଦ୍ଦିଷ୍ଟ ଦିବସରେ ତୁମ ମାଆଙ୍କର ଶ୍ରାଦ୍ଧ ପାଳନ କରିପାର । ପାରମ୍ପରିକ ବିଧି ଅନୁସାରେ କେହି ପିଣ୍ଡ ଦାନପୂର୍ବକ, କେହି କେହି ବ୍ରାହ୍ମଣ ଭୋଜନ ଦେଇ ଅଥବା କେହି ଗଙ୍ଗା, ଗୟା, ଗୋଦାବରୀ ଯାଇ ଶ୍ରାଦ୍ଧ ପାଳନ କରନ୍ତି । ଏ ସବୁ କରିବା ନ' କରିବା ତୁମ ମାନସିକତା ଉପରେ ନିର୍ଭର କରେ । ତାହା ତୁମେ କରିପାର କି ନ'ପାର; କିନ୍ତୁ ଗୋଟେ କଥା ମନେ ରଖିବ । ବର୍ଷରେ ଅନ୍ତତଃ ସେହି ଗୋଟିଏ ଦିନ, ଶ୍ରାଦ୍ଧ ଦିବସରେ, ଶ୍ରଦ୍ଧାର ସହିତ ହୃଦୟରେ ତୁମ ମାଆଙ୍କୁ ସ୍ମରଣ କରି ନିରୋଳାରେ ବସିବ । ପ୍ରତ୍ୟେକ ମଣିଷର କିଛି ଭଲ ଓ ମନ୍ଦ ଗୁଣ ଥାଏ । ତୁମ ମାଆଙ୍କର ସେମିତି କିଛି ଭଲ ଗୁଣ ଥିବ ନିଶ୍ଚୟ । ତା' ଭିତରୁ ତାଙ୍କର ଗୋଟିଏ ଭଲ ଗୁଣକୁ ମନରେ ଗଣ୍ଠି ପକାଇବ । ଶପଥ ନେବ, ତାଙ୍କର ସେହି ଭଲ ଗୁଣଟିକୁ ତୁମେ ନିଜ ଜୀବନରେ ଆପଣେଇ ନେବା ପାଇଁ ଏବଂ ତାକୁ ନିଷ୍ଠାର ସହିତ ପାଳନ କରିବ । ତା' ପର ବର୍ଷ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାର ସହିତ ତାଙ୍କର ଆଉ ଗୋଟେ ମହତ୍ ଗୁଣକୁ ଆପଣେଇ ନେବ । ଏଭଳି ପ୍ରତିବର୍ଷ କରିବା ଦ୍ୱାରା ତୁମ ନିଜ ଜୀବନଟି

ଅନେକ ମହତ୍ ଗୁଣରେ ମହକି ଉଠିବା ସହିତ ତୁମ ଆଗାମୀ ପିଢ଼ିର ପିଲାମାନଙ୍କ ଜୀବନ ମଧ ମଧୁମୟ ହେବ। ତୁମେ ଏତିକି କରିବା ଅବସରରେ ତୁମ ମାଆଙ୍କ ଆତ୍ମାକୁ ମଧ ଶାନ୍ତି ଓ ସଦ୍‌ଗତି ମିଳି ସାରିଥିବ।

ପଣ୍ଡିତ ହୋତାଙ୍କର ଏହି ଉପଦେଶ ମୋ'ଦୃଷ୍ଟିରେ ଅତ୍ୟନ୍ତ ମୂଲ୍ୟବାନ୍ ଥିଲା। କାରଣ ସେ ମୋ' ମନର କଥା ହିଁ ପିଲାମାନଙ୍କୁ କହିଥିଲେ। ସେଥିପାଇଁ ମୁଁ ପଣ୍ଡିତ ମହାଶୟଙ୍କ ନିକଟରେ କୃତଜ୍ଞ ରହିଲି।

ତା: ୦୬.୦୬.୨୦୨୧ (ସୋମବାର, ମଧ୍ୟାହ୍ନ)

କୃଷ୍ଣ ପକ୍ଷର ଅନ୍ଧାର ହଟିବା ପରେ ଘଡ଼ି ମାରି ଉଠୁଥିବା ଜହ୍ନର ଆଲୋକ ଭଳି ସୁଜାତାର ସବୁ କାମ ସରିବା ପରେ ପିଲାମାନଙ୍କ ଉଦାସଭରା ମୁହଁଟିମାନ ଆଜି ଉଜ୍ଜ୍ୱଳ ଦିଶୁଛି। ସୁଜାତା ମରି ଆଜିକୁ ଏଗାର ଦିନ ଏବଂ ପିଲାମାନଙ୍କ ମୁହଁରେ ପୂର୍ଣ୍ଣମୀର ଆନନ୍ଦ। ଯା' ହେଉ, ମୁଁ ସୁଜାତାକୁ ଜୀବନ ଯନ୍ତ୍ରଣାରୁ ମୁକ୍ତି ଦେଲି ଏବଂ ପିଲାଙ୍କ ମୁହଁରେ ଆଶ୍ୱସ୍ତି ଓ ଆନନ୍ଦ ଫେରେଇ ଆଣି ପାରିଲି। ସେଥିପାଇଁ ମୋତେ ଆଜି ବେଶ୍ ଖୁସି ଲାଗୁଛି।

ସମ୍ବିତ୍ ଆଉ ସଞ୍ଜନା ନିଜନିଜ କର୍ମକ୍ଷେତ୍ରକୁ ଫେରିବାକୁ କାଲିଠାରୁ ପ୍ରସ୍ତୁତି ଆରମ୍ଭ କଲେଣି। ଅନ୍ୟପକ୍ଷରେ କହିବାକୁ ଗଲେ ସୁଜାତା ମରିବା ପର ଦିନରୁ ହିଁ ଟିକନ୍ ଆଉ ଲୁସି ସେମାନଙ୍କ ଜାମାପଟା ସଜାଡ଼ିକି ରଖିଥିଲେ। କେତେ଼ ଚଞ୍ଚଳ ପୁନେରେ ଯାଇ ପହଞ୍ଚିବେ, ଦିନ ଗଣୁଥିଲେ। ଗତ ରାତିରେ ଆମ ଘରେ ଗୋଟେ ଗୁରୁତ୍ୱପୂର୍ଣ୍ଣ ବିଷୟର ଘୂର୍ଣ୍ଣିଝଡ଼ ଉଠିଥିଲା। ସେ ଝଡ଼ର କେନ୍ଦ୍ରବିନ୍ଦୁ ଥିଲି ମୁଁ ଆଉ ବିଷୟବସ୍ତୁ ଥିଲା, ମୋ' ଅବଶିଷ୍ଟ ଜୀବନ! ମୋ' ପୁଅ, ବୋହୂ, ଝିଅ, ଜ୍ୱାଇଁ ଏମିତିକି ଆମ ଘରର କନିଷ୍ଠତମ ସଦସ୍ୟ ଲୁସି ମଧ କହିଲା ଯେ ମୁଁ ଏ ଗାଁ ଘରର ମୋହ ତୁଟେଇ ସେମାନଙ୍କ ସହିତ 'ପୁନେ'ରେ ଯାଇ ରହିବା ଠିକ୍ ହେବ।

ଏଭଳି ଏକ ସାମୂହିକ ଆକ୍ରମଣର ଶିକାର ହେବି ବୋଲି ମୁଁ ଆଗରୁ ଜାଣିଥିଲି। ସେଥିପାଇଁ ସଜାଡ଼ିକି ରଖିଥିଲି ସାଞ୍ଜୁଟିଏ। ଆଉ ସେ ସାଞ୍ଜୁ ଗୋଟିକ ହେଉଛି 'ଭୋଳି'। ମୁଁ ପିଲାମାନଙ୍କୁ ମୋ' ଶେଷ ନିଷ୍ପତ୍ତି ଶୁଣେଇଲି, "ଦେଖ! ତୁମ ମାଆ ଚାଲିଗଲା ପରେ ମୁଁ ଏ ଘରେ ଏକା ହେଇଗଲି ସତ; କିନ୍ତୁ ଅସହାୟ ହେଇନି କି ଅସମର୍ଥ ହେଇ ଯାଇନି। ମୋଟାମୋଟି ସୁସ୍ଥ ଅଛି। ଏବେ ବି ମୋ' ହାତ ବଙ୍କୁଲି ବାଡ଼ି ଖୋଜିନି। ହଁ ଏକଥା ଅବଶ୍ୟ ସତ ଯେ ନିଜ ହାତରେ ମୁଁ ରୋଷେଇବାସ କରି ଚଳି ପାରିବିନି। ମୋ' ହାତ ଗୋଡ଼କୁ, ମୋ' ବୋଲହାକ କରିବା ପାଇଁ ଜଣେ ଲୋକ ଦରକାର। ଆଗରୁ ମୁଁ ସେ ବ୍ୟବସ୍ଥା କରିକି ରଖିଛି। ଆମ ଗାଁ ରଘୁ ବେହେରାର ପୁଅ 'ଭୋଳି'କୁ ତମେମାନେ ସମସ୍ତେ ଜାଣିଛ। ତା' ବାପା, ମା' ମଲାପରେ ସେ ଅନାଥ ହେଇଗଲା। ତା' ନିଜର ବୋଲି ଗାଆଁରେ ଭିଟାମାଟି ଚକଡ଼େ କି ଜମି ମାଣେ ନାହିଁ। ତା' ଦୁଃଖ ଦେଖି ନ ପାରି ତମ ମା' ତାକୁ ଧରମ ପୁଅ କରିଥିଲା। ଆମରି ସହାୟତାରେ ସେ ଗାଁ ମୁଣ୍ଡରେ ପାନ ଗୁମୁଟିଟିଏ ଦେଇ ଭଲରେ ଚଳୁଛି। ବାହାସାହା ହେଇ ଏବେ ସେ ସୁଖରେ ଅଛି। ତମ ମାଆକୁ ସେ ଦେବୀ ଭଳି ମାନୁଥିଲା। ମୋତେ ବି ବାପା ଭଳି ଖୁବ୍ ଖାତିରି କରେ। ତା' ପରିବାର ମୁଣ୍ଡ ଗୁଞ୍ଜିବା ପାଇଁ ଚାଳିଆ ଖଣ୍ଡେ ନାହିଁ। ତମ ମା' ତାକୁ କଥା ଦେଇଥିଲା, ସେ ନିଜେ ଘର ଖଣ୍ଡେ ନ ତୋଳିଲା ପର୍ଯ୍ୟନ୍ତ ତା' ସ୍ତ୍ରୀକୁ ଧରି ଆମରି ଏଇ ଘରର ଗୋଟେ ବଖରାରେ ରହିବ। ତମେମାନେ ତ ସବୁବେଳେ ବାହାରେ ରହୁଚ। ଭୋଳିର ପିଲାମାନେ ଏ ଘରେ ରହିଲେ ସେମାନଙ୍କ ପାଇଁ ଆଶରା ମିଳିଯିବ ଆଉ ଘରର ରକ୍ଷଣାବେକ୍ଷଣ ବି ହେଇ ପାରିବ। ସେ ମଉକାରେ ମୋ'ପାଇଁ ଦୁଇ ଓଳି ଦି'ମୁଠା ଖାଇବାକୁ ବି ମିଳିଯିବ। ଟିକିଏ ଶାନ୍ତିରେ, ନିରୋଳାରେ ତମ ମାଆର ସ୍ମୃତିକୁ ମନେ ପକାଇ ଏ ଘରେ ଆଉ କିଛି ଦିନ ବିତେଇବା ପାଇଁ ମତେ ସୁଯୋଗ ଦିଅ। ଅତି କମ୍‌ରେ ଗୋଟେ ବର୍ଷ। ତା' ଭିତରେ ସମ୍ବିତ୍‌ର ଚାକିରିଟା ମଜଭୁତ୍ ହେଇ ଯାଇଥିବ। ତା' ଆର୍ଥିକ ପରିସ୍ଥିତି ବି କିଛିଟା ସୁଧୁରି ଯାଇଥିବ। ବୁଢ଼ା ବାପର ବୋଝ ଉଠାଇବାକୁ ହେଲେ ପୁଅ କାନ୍ଧରେ ଢେର୍ ତାକତ ଥିବା ଦରକାର। ସେ ପର୍ଯ୍ୟନ୍ତ ମୁଁ ଏଠାରେ ବେଶ୍ ଭଲରେ ଚଳି ପାରିବି ବୋଲି ବିଶ୍ୱାସ। ମୋ'ପାଇଁ ତମେମାନେ କେହି ବ୍ୟସ୍ତ ହେବନି। ଏବେ ତମେସବୁ ମନ ଖୁସିରେ ଯେ'ଝା ରାସ୍ତାରେ ଯାଅ।"

ଯା' ହେଉ ମୋ' ଦମ୍ଭଭରା ଯୁକ୍ତି ଆଗରେ ପିଲାମାନେ ମୁଣ୍ଡ ନୁଆଁଇଲେ। ଆଜି ସକାଳେ ହିଁ ସେମାନେ ଘର ଖାଲି କରି ନିଜନିଜ କର୍ମସ୍ଥଳୀକୁ ଚାଲିଗଲେ।

ଘରେ ଏବେ ମୁଁ ଏକଲା। କାଲିଠାରୁ ମୋ' ସହିତ ଭୋଳି ଆଉ ତା' ସ୍ତ୍ରୀ ଆସି ରହିବେ। ମୁଁ ବଡ଼ ଦମ୍ଭରେ ସିନା କହିଦେଲି, ହେଲେ ଘରୁ ପିଲାମାନେ ବିଦାୟ ନେଇ ଚାଲିଗଲା ପରେ ମୋ' ଭିତରର ଏକଲାପଣ, ଏ ଘରର ନିର୍ଜନତା ମୋତେ କିଛିଟା ଅସ୍ୱସ୍ତି ଦେଉଛି। ସୁଜାତାର ବିୟୋଗଜନିତ ନିଃସଙ୍ଗତା ମୁଁ ଏବେ ଅନୁଭବ କରୁଛି। ଯାହା ହେଲେ ବି, ମୋ' ଅବଶିଷ୍ଟ ଜୀବନ ଏଭଳି ନିଃସଙ୍ଗତା ଭିତରେ ହିଁ ବିତେଇବାକୁ ପଡ଼ିବ। ମନକୁ ଦୃଢ଼ କରିବାକୁ ଚେଷ୍ଟା କରୁଛି ମୁଁ।

ତା: ୦୮.୦୨.୨୦୨୨ (ମଙ୍ଗଳବାର ଅପରାହ୍ଣ)

ଦୀର୍ଘ ବ୍ୟବଧାନ ପରେ ଆଜି ପୁଣି କିଛି ଲେଖିବି ବୋଲି ଡାଏରି ଧରିଲି। ଯା' ଭିତରେ ପ୍ରାୟ ଆଠ ମାସ ବିତି ଯାଇଛି। ସୁଜାତାର ବିୟୋଗ ପରେ ଏବଂ ପିଲାମାନେ ଚାଲିଯିବା ପରେ, ମୋ' ଏକାକୀ ଜୀବନରେ ସେମିତି କିଛି ବିଶେଷ ଘଟଣା ମନକୁ ଛୁଇଁ ନ ଥିଲା। କାହାକୁ ନେଇ ମୁଁ ଡାଏରି ଲେଖିଥାନ୍ତି ? ଏବେ କିଛି ଲେଖିବି ଭାବିଛି। ମନକୁ ଦୃଢ଼ କରୁଛି, ତଥାପି ଆଙ୍ଗୁଠି କୋହଳ ହୋଇ ଯାଉଛି କଲମ ଉପରେ, ଶାରୀରିକ ଦୁର୍ବଳତା କାରଣରୁ। ଗତ ଦେଢ଼ ମାସ ହେଲା, ମୋ' ସ୍ୱାସ୍ଥ୍ୟ ଅବସ୍ଥା ଧୀରେଧୀରେ ଅବନତି ହେବାର ମୁଁ ଅନୁଭବ କରିପାରୁଛି। ଭାବିଛି, ନିଜ ମନକଥା ଆଜି ଡାଏରିରେ କିଛି ଲେଖି ଦେବି। ଆସନ୍ତା କାଲି ଲେଖିବାପାଇଁ ହୁଏତ ମୁଁ ଆଉ ସମର୍ଥ ଥିବି କି ନା' ଜଣା ନାହିଁ। ଆଜିକାଲି ହାତଗୋଡ଼ ଭୀଷଣଭାବେ ଥରୁଛି। ବଡ଼ ଦୁର୍ବଳ ଲାଗୁଛି। କଲମ

ଚଳେଇବାକୁ ବି ବଳ ପାଉନି । ଲାଗୁଛି, ଦୃଷ୍ଟି ଶକ୍ତି ବି କମି ଗଲାଣି । ବେଳେବେଳେ ମନେହେଉଛି, ଘନ ଅନ୍ଧକାର ମାଡ଼ି ଆସିଲାଣି ମୋ' ଆଡ଼କୁ । କାନ ପାଖରେ ଅହ..ରହ.. ଶୁଭୁଛି ଘୋ' ଘୋ' ଶବ୍ଦ । ମୁଁ ଭାବୁଛି, ଏ ସବୁ ଅତି ବାର୍ଦ୍ଧକ୍ୟର ଲକ୍ଷଣ ହେଇଥିବ । ତଥାପି ଦମ୍ଭ ଧରି ଏକାଏକା ବାଟ ଚାଲିବାକୁ ଚେଷ୍ଟା କରୁଛି । ମଝିରେ ମଝିରେ ଝିଅ, ଜୋଇଁ ଫୋନ୍ କରି ମୋ' ଦେହ ପା' ଖବର ବୁଝୁଛନ୍ତି । ସମ୍ବିତ୍ ପ୍ରାୟ ପ୍ରତି ଦୁଇ ଚାରି ଦିନରେ ଥରେ ଫୋନ୍ କରି ମୋ' ସୁବିଧା ଅସୁବିଧା କଥା ବୁଝୁଛି । ସ୍ୱାସ୍ଥ୍ୟରେ ଟିକିଏ କିଛି ଅସୁବିଧା ହେଲେ ମୋତେ ଆସି ତା' ପାଖକୁ ନେଇଯିବ ବୋଲି କହୁଛି । ହେଲେ ଏ ପର୍ଯ୍ୟନ୍ତ ସତମିଛ କହି ମୁଁ ତା' କଥାକୁ ଏଡ଼େଇ ଚାଲିଛି । ମୁଁ ଭାବୁଛି, ରୋଗର ସିନା ଚିକିତ୍ସା କରିହେବ, ବାର୍ଦ୍ଧକ୍ୟର କି ଚିକିତ୍ସା ଅଛି ଦୁନିଆରେ ? ଶେଷ ଅବସ୍ଥାରେ ମୋ' ପୁଅ କାନ୍ଧରେ ଯାଇ କାହିଁକି ବୋଝଟିଏ ହେବି ?

ଭୋଳି ଆଉ ତା' ସ୍ତ୍ରୀ ମୋତେ ଏଠି ଯେତିକି ସେବାଯତ୍ନ ଦେଇ ରଖିଛନ୍ତି, ସେକଥା ଲେଖିଲେ ମୋ' ପିଲାମାନେ ବିଶ୍ୱାସ କରିବେନି । ବିଚରା ଅଭାବୀ ହେତୁ ମୋତେ କେବଳ ଡାକ୍ତର ଦେଖେଇ ପାରୁନି, ସେଥିପାଇଁ ତା'ର ବହୁତ ମନସ୍ତାପ । ହେଲେ ମୂର୍ଖଟା ଜାଣି ପାରୁନି, ଡାକ୍ତରଙ୍କ ପାଖରେ ମୋ'ର ଏବେ କିଛି କାମ ନାହିଁ । ଯା'ହେଉ, ସେ ଦୁଇ ପ୍ରାଣୀଙ୍କ ସେବାଯତ୍ନ ଉପରେ ମୁଁ ବହୁତ ଖୁସି ।

ଆଗରୁ ମୁଁ ଘଣ୍ଟାଘଣ୍ଟା ଧରି ଅବିରତ ଲେଖି ପାରୁଥିଲି । ଏବେ କିନ୍ତୁ ପାରୁନି । ଆଜିକାଲି ମୋ' ଆଙ୍ଗୁଠିମାନେ ଆଉ ବୋଲ ମାନୁ ନାହାନ୍ତି । ଭାରି କଷ୍ଟରେ ଲେଖୁଛି । ଆଜି ଏ ଲେଖା ହୁଏତ ମୋ' ଶେଷ ଡାଏରି ଲେଖା ଏବଂ ଏଇଟା ମୋ' ଡାଏରିର ଶେଷପୃଷ୍ଠା । ଆଇନ୍ ଅନୁସାରେ ଏହି ଶେଷ ପୃଷ୍ଠାର ଲେଖାଟି ହେବ ମୋ'ର ଅନ୍ତିମ ଇଚ୍ଛାପତ୍ର ବା 'ଉଇଲ୍‌ନାମା' । ଡାଏରି ମାଧ୍ୟମରେ ମୋ'ର ଏହା ଶେଷ ଅନୁରୋଧ । ଏହା କେବଳ ମୋ' ପିଲାମାନଙ୍କ ପାଇଁ ନୁହେଁ; ବରଂ ମୋ' ସରକାର, ମୋ' ଦେଶର ଆଇନ୍ ବ୍ୟବସ୍ଥା ତଥା ମୋ' ସମାଜର ଶିକ୍ଷିତ ଓ ସଚେତନବର୍ଗଙ୍କ ଉଦ୍ଦେଶ୍ୟରେ ।

ଏକଥା ସତ୍ୟ ଯେ ଜୀବନ ଆରମ୍ଭ ନୁହେଁ କି ମୃତ୍ୟୁ ଶେଷ ନୁହେଁ । ଶୈଶବ, ଯୌବନ ଓ ବାର୍ଦ୍ଧକ୍ୟ ଭଳି 'ମୃତ୍ୟୁ' ମଧ୍ୟ ଶରୀରର ଏକ ସାଧାରଣ ଜୈବିକ ପରିବର୍ତ୍ତନ ! ପ୍ରକୃତିର ଏକ ଚିରାଚରିତ ପ୍ରକ୍ରିୟା । ତେଣୁ ମୃତ୍ୟୁ ପାଇଁ ବ୍ୟସ୍ତ, ବିବ୍ରତ ଅଥବା ଦୁଃଖିତ ହେବାର କିଛି କାରଣ ନାହିଁ । ଏବେ ବାର୍ଦ୍ଧକ୍ୟର ଶେଷ ପାହାଚରେ ପହଞ୍ଚି ସାରିଲିଣି ମୁଁ । ଅଚାନକ କେତେବେଳେ ମୋତେ ମୃତ୍ୟୁ କବଳିତ କରି ନେବ କହି ପାରୁନି । ତେଣୁ ମୁଁ ଆଗରୁ କହି ରଖେ :

– ମୋ' ମୃତ୍ୟୁ ଯଦି ଅକସ୍ମାତ୍ ରାସ୍ତା ଦୁର୍ଘଟଣାରେ ହୁଏ, ତା'ହେଲେ ଏଥିପାଇଁ କେହି ବ୍ୟସ୍ତ, ବିବ୍ରତ କି ବିଚଳିତ ହେବନାହିଁ । ମୃତ ଶରୀରକୁ ଯଥାଶୀଘ୍ର ରାସ୍ତାରୁ ହଟେଇଦେବ । ମୁଁ ଚାହେଁନି, ମୋ' ମୃତ ଦେହ ପାଇଁ ଘଣ୍ଟାଘଣ୍ଟା ଧରି ରାସ୍ତା ଅବରୋଧ ହୋଇ ରହୁ । ସାଧାରଣ ଲୋକେ ଅସୁବିଧା ଭୋଗ କରନ୍ତୁ ।

– ଅତି ବାର୍ଦ୍ଧକ୍ୟ ଓ ଅସାଧ୍ୟ ରୋଗରେ ପଡ଼ି ମୁଁ ଯଦି ଦୀର୍ଘକାଳ ଧରି ମୁମୂର୍ଷୁ ଅବସ୍ଥାରେ ଶଯ୍ୟାଶାୟୀ ହୋଇରହିଲି ଏବଂ ମୃତ୍ୟୁ ମୋତେ ସହଯୋଗ କଲାନି, ତା' ହେଲେ ଏତଦ୍‌ଦ୍ୱାରା ମୁଁ ସୁସ୍ଥ ମନ ଓ ମୁକ୍ତ ହୃଦୟରେ ନିଜର 'ଇଚ୍ଛା ମୃତ୍ୟୁ' ପାଇଁ ସମ୍ମତି ଦେଉଛି । ସରକାର ଓ ଆଇନ୍ ବିଭାଗ ନିକଟରେ ପ୍ରାର୍ଥନା କରୁଛି, ଦୟାକରି ମୋ' 'ଇଚ୍ଛା ମୃତ୍ୟୁ'କୁ ସ୍ୱୀକୃତି ଦେବେ । ମୋ'ର ଏହି ଶେଷ ଇଚ୍ଛାକୁ ପୂରଣ କରିବା ପୂର୍ବରୁ ଯଥା ସମ୍ଭବ ମୋ' ଶରୀରର ସୁସ୍ଥ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ କୌଣସି ଦୁଃସ୍ଥ, ଅସହାୟ, ଆଶାୟୀ ପ୍ରାର୍ଥୀଙ୍କୁ ଦାନ କରିଦେଲେ ମୋ' ଆତ୍ମା ପରମ ଶାନ୍ତି ପାଇବ ।

– ଏତଦ୍‌ଭିନ୍ନ ଅନ୍ୟ କୌଣସି ବି କାରଣରୁ ଯଦି ମୋ'ର ମୃତ୍ୟୁ ହୁଏ, ତା' ହେଲେ ମୋ' ମୃତ ଶରୀରକୁ ଶୋକାକୁଳ ଶୋଭାଯାତ୍ରାରେ ସ୍ୱର୍ଗଦ୍ୱାର ଶ୍ମଶାନକୁ ନେଇ ଘୃତ-ଚନ୍ଦନକାଷ୍ଠରେ ଦାହ କରନ୍ତୁ, ଏ ଅଭିଳାଷ ମୋ'ର ଆଦୌ ନାହିଁ, ବରଂ ତା'କୁ ତତକ୍ଷଣାତ୍ ହସ୍ତାନ୍ତର କରି ଦିଆଯାଉ କୌଣସି ମେଡିକାଲ୍ ହସ୍‌ପିଟାଲ୍‌କୁ । ପୋଡ଼ା ଘରୁ ରୁଅ ଖଣ୍ଡେ ମିଳିବା ଭଳି ମୋ' ବାର୍ଦ୍ଧକ୍ୟ ଜର୍ଜରିତ ଶରୀର ଭିତରୁ ଆଉ କିଛି ମିଳୁ କି ନ ମିଳୁ, 'କଙ୍କାଳ' ଗୋଟିକ ନିଶ୍ଚୟ ମିଳିବ ଏବଂ ସେହି ଗୋଟିକ ମେଡିକାଲ୍ କଲେଜ ଲାବରୋଟୋରିରେ ଠିଆ ହୋଇ ପିଲାମାନଙ୍କୁ ଅନ୍ତତଃ ଡାକ୍ତରୀ ଶିକ୍ଷାରେ ସହାୟତା ଦେଉଥାଉ । ସେତିକିରେ ହିଁ ମୋ' ଆତ୍ମାକୁ ମିଳିବ ଅପାର ଆନନ୍ଦ! ଏ ମୋ' ଜୀବନର ଚରମ ଅଭିଳାଷକୁ ନେଇ ଶେଷ ଇଚ୍ଛା ପତ୍ର ।

....ଏଠି ସରିଥିଲା ବାପାଙ୍କ ଡାଏରି ଲେଖା । ପଢ଼ା ସରିଲା ବେଳକୁ ସଞ୍ଜନା ଓ ବିନିତା ସ୍ଥାଣୁ ପାଲଟି ସାରିଥାନ୍ତି । ସମ୍ବିତ୍ ବାପାଙ୍କ ଡାଏରିଟାକୁ ଆବେଗରେ ଚାପି ଧରିଲା ଛାତିରେ ।

ଭାଇ, ଭାଉଜ ଓ ଭଉଣୀ, ତିନିହେଁ ପରସ୍ପରକୁ କେବଳ ଚାହିଁ ରହିଲେ ଗୋଟାଏ ଲେଖା ଆତଙ୍କିତ ପ୍ରଶ୍ନବାଚୀ ଭଳି ! ସମ୍ବିତ୍ ବାଷ୍ପାକୁଳ କଣ୍ଠରେ କହିଲା, "ବାପାଙ୍କର ଏ ଯେଉଁ ଶେଷଇଚ୍ଛା, ଏ ଅଭିନବ ଅଭିବ୍ୟକ୍ତି, ଯା'କୁ ଆମକୁ ଯେ କୌଣସି ପ୍ରକାରେ ପୂରଣ କରିବାକୁ ହିଁ ପଡ଼ିବ ।" ■■■

୭୨୧-ସ୍ୱସ୍ତି ହୋମ୍‌ସ, ଜି.ଏ. କଲୋନୀ, ଭରତପୁର
ଭୁବନେଶ୍ୱର-୨୯
ଦୂରଭାଷ : ୯୯୩୭୨୪୧୯୭୭

ସତ୍ୟବାଦୀ

ସମ୍ପାଦକ—ଶ୍ରୀ ଗୋପବନ୍ଧୁ ଦାସ

ଷଷ୍ଠ ଖଣ୍ଡ	ସନ ୧୩୨୮ ସାଲ ମେଷ	ପଞ୍ଚମ ସଂଖ୍ୟା

ଏକଦା ଅସ୍ମିତାର ପ୍ରତିଷ୍ଠା ଓ ପୁନରଭ୍ୟୁତ୍‌ଥାନ ପାଇଁ ସଂଘର୍ଷଶୀଳ ଓଡ଼ିଆ ଜାତି ନିମନ୍ତେ ଉତ୍କଳମଣିଙ୍କ 'ସତ୍ୟବାଦୀ' ପତ୍ରିକା ଥିଲା ଦିଶା ନିର୍ଦ୍ଦେଶକ ଏକ ସମୁଜ୍ଜ୍ୱଳ ଜ୍ୟୋତିଃସ୍ତମ୍ଭ । ପ୍ରାୟ ୧୦୦ ବର୍ଷ ପୂର୍ବେ ହସ୍ତଚାଳିତ ଛାପାଯନ୍ତ୍ରରେ ସୀସା ଅକ୍ଷର ମୁଦ୍ରିତ 'ସତ୍ୟବାଦୀ' ଏବେ ଇତିହାସ... ହେଲେ ଇତିହାସ ବାଟ ଦେଖାଏ, ବାଟ କଢ଼ାଏ, ଆବଶ୍ୟକସ୍ଥଳେ ବାଟ ଫିଟାଏ । ଏହି ପରିପ୍ରେକ୍ଷୀରେ ତତ୍କାଳୀନ ଉତ୍କଳର ବାଣୀପୁତ୍ର ଓ ବରପୁତ୍ରମାନଙ୍କ ସଂକଳ୍ପ, ସାଧନା ଓ ଭୂୟୋଦର୍ଶନର ପ୍ରତିଫଳନ– 'ସତ୍ୟବାଦୀ'ର ଅମ୍ଳାନ ପୃଷ୍ଠାରୁ ଉର୍ଜା ଆହରଣ ଅଭିପ୍ରାୟରେ ସେଥିରେ ସ୍ଥାନିତ ରଚନାକୁ ଏଠାରେ ଅବିକଳ ଉପସ୍ଥାପନ କରାଯାଉଛି ।

ପୁରୁଣା ସତ୍ୟବାଦୀ ପୃଷ୍ଠାରୁ

ତୁମର ମନେଥିବ ନିଜର ପୁତ୍ର କନ୍ୟାଙ୍କ ସଙ୍ଗେ ଗୁଜୁରାଟୀରେ କଥାବାର୍ତ୍ତା କରେ ବୋଲି; ତୁମେ ମୋତେ ଘୃଣା କରୁଥିଲ । ମୁଁ କିନ୍ତୁ ସେମାନଙ୍କୁ ଇଂରାଜୀରେ କଥାବାର୍ତ୍ତା କରିବାକୁ ଅସ୍ୱୀକାର କରି, ସମ୍ପୂର୍ଣ୍ଣ ଠିକ୍ କରିଅଛି ବୋଲି ମୋର ବିଶ୍ୱାସ ବର୍ତ୍ତମାନ ବେଳକୁ ବେଳ ଦୃଢ଼ତର ହେଉଅଛି । ବିଚାର କର ଜଣେ ଗୁଜୁରାଟୀ ଆଉ ଜଣେ ଗୁଜୁରାଟୀ ଠାକୁ ଇଂରାଜୀରେ ପତ୍ର ଲେଖୁଅଛି । ତୁମେ କହ, ବାସ୍ତବିକ ଠିକ୍ କହ- ଅନେକ ବ୍ୟାକରଣ ଦୋଷ ରହିଗଲା । ବନାନ୍ ଠିକ୍ ହୋଇନାହିଁ । ଇଂରାଜୀରେ ଲେଖିଲା ବେଳେ ଯେଉଁ ହାସ୍ୟକର ଗୁରୁ ଦୋଷ ସବୁ ଘଟେ, ଗୁଜୁରାଟୀରେ ଲେଖିଲାବେଳେ କଦାପି ତାହା ଘଟିବ ନାହିଁ । ମୋର ବିଶ୍ୱାସ, ମୁଁ ଯେତେବେଳେ ଜଣେ ଭାରତୀୟଙ୍କୁ, ଇଂରେଜୀ ଅନଭିଜ୍ଞ ଅନ୍ୟ ଦେଶର ଲୋକଙ୍କୁ ଇଂରେଜୀରେ କଥା କହେ, ମୋର ଭାଷା ଜ୍ଞାନ କେତେକ ପରିମାଣରେ କଳୁଷିତ, ଲୁପ୍ତ ହୁଏ ।

ମହାତ୍ମା ଗାନ୍ଧୀଙ୍କ ବିଶ୍ୱାସ

୧ । ପ୍ରାଚ୍ୟ ପାଶ୍ଚାତ୍ୟ ମଧ୍ୟରେ ସେପରି କୌଣସି ଅଭେଦ୍ୟ ଅନ୍ତରାୟ ନାହିଁ ।

୨ । ପାଶ୍ଚାତ୍ୟ ବା ଇଉରୋପୀୟ ସଭ୍ୟତା ବୋଲି କିଛି ନାହିଁ । ତାହା ହିଁ ଆଧୁନିକ ସଭ୍ୟତା ସମ୍ପୂର୍ଣ୍ଣ ଭୌତିକ ।

୩ । ଆଧୁନିକ ସଭ୍ୟତାର ସମ୍ପର୍କରେ ଆସିବା ପୂର୍ବରୁ ଇଉରୋପୀୟ ଜାତି ଓ ପ୍ରାଚ୍ୟ ଅଧିବାସୀଙ୍କ ମଧ୍ୟରେ ବହୁତ ସୌସାଦୃଶ୍ୟ ଥିଲା । ବର୍ତ୍ତମାନ ସଭ୍ୟତା ଯେଉଁମାନଙ୍କୁ ଜନ୍ମ ଦେଇଅଛି ସେମାନଙ୍କ ଅପେକ୍ଷା ଭାରତର ଲୋକେ, ଯେତେ ସ୍ଖଳିତ ହେଲେ ମଧ୍ୟ, ଭାରତୀୟଙ୍କ ସଙ୍ଗେ ମିଶିବାକୁ ଅଧିକତର ସମର୍ଥ । ନବ୍ୟ ସଭ୍ୟତାର ସମ୍ପର୍କରେ ଆସି ନ ଥିବା ବର୍ତ୍ତମାନର ଇଉରୋପୀୟମାନେ ମଧ୍ୟ ସେହିପରି ମିଶିପାରନ୍ତି ।

୪ । ଭାରତକୁ ଆଜି ବ୍ରିଟିଶ୍ ଜାତି ଶାସନ କରୁନାହିଁ; କରୁଛି ନୂତନ ସଭ୍ୟତା, ନିଜର ବାଷ୍ପୀୟ ପୋତ, ବ୍ୟୋମଯାନ, ବୈଦ୍ୟୁତିକ ତାର ଯେଉଁଗୁଡ଼ିକ ତା'ର ପ୍ରଧାନ ଜୈତ୍ର ବିଭବ, ସେହି ସମସ୍ତ ଉଦ୍‌ଭାବନର ବଳରେ ।

୫ । ବମ୍ବାଇ, କଲିକତା ଏବଂ ଭାରତର ଅନ୍ୟାନ୍ୟ ସହର ସବୁ ନୂତନ ସଭ୍ୟତାରେ ସଂକ୍ରମିତ, ବାସ୍ତବିକ ପ୍ଲେଗ୍ ଗ୍ରସ୍ତ ।

୬ । ଯଦି ବ୍ରିଟିଶ୍ ଶାସନକୁ ଉଠାଇ ଦେଇ କାଲି ତା'ରି ସ୍ଥାନରେ ଭାରତୀୟ ଶାସନ ଏହି ନବ୍ୟ ରୀତିରେ ପ୍ରତିଷ୍ଠା କରାଯାଏ ତାହାହେଲେ ବିଶେଷ କିଛି ଲାଭ ହେବ ନାହିଁ । କେବଳ ଏଭଳି ହୋଇପାରେ ଭାରତରୁ ଯେଉଁ ଅର୍ଥ ଇଂଲଣ୍ଡକୁ ବହି ଚାଲି ଯାଉଅଛି ତହିଁରୁ କେତେକ ଅଂଶ ଧରା

ରହିବ । ଆଉ ଭାରତ ନୂତନ ଗୋଟିଏ ଇଉରୋପ ବା ଆମେରିକା ହୋଇ ଗଢ଼ା ହେବ ।

୭ । ପାଶ୍ଚାତ୍ୟ ଯଦି ନବ୍ୟ ସଭ୍ୟତାକୁ ସମ୍ପୂର୍ଣ୍ଣ ରୂପେ ଅବିକଳ ଫିଙ୍ଗିଦେବ ତେବେ ଯାଇ ପ୍ରାଚ୍ୟ ପାଶ୍ଚାତ୍ୟ ସଙ୍ଗେ ପ୍ରକୃତରେ ମିଶିପାରେ । ଆଉ ଯଦି ପ୍ରାଚ୍ୟ ନୂତନ ସଭ୍ୟତାକୁ ଗ୍ରହଣ କରେ, ତେବେ ସେମାନେ ମିଶିଲା ପରି ବୋଧ ହୋଇପାରନ୍ତି; କିନ୍ତୁ ସେ ମିଳନ ମିଳନ ନୁହେଁ; ସଶସ୍ତ୍ର ପ୍ରତିକ୍ଷେପ । ଇଂଲଣ୍ଡ, ଜର୍ମାନୀ ଏକ ଅନ୍ୟର କବଳରୁ ନିଜ ନିଜକୁ ରକ୍ଷା କରିବା ପାଇଁ ମରଣ ମନ୍ଦିରରେ ଯେପରି ବର୍ତ୍ତମାନ ଏକତ୍ରିତ ରହି ଅଛନ୍ତି ଏହା ସେହିପରି ହେବ ।

୮ । ବ୍ୟକ୍ତିଗତ କିମ୍ବା ଦଳଗତ ଉଦ୍ୟମରେ ସମୁଦାୟ ପୃଥିବୀର ସଂସ୍କାର କଳ୍ପନା କରିବା ବା ସାଧନ କରିବାକୁ ଯିବା ଏକ ପ୍ରକାର ଧୃଷ୍ଟତା । ପୁଣି କ୍ଷିପ୍ର ଗତିରେ, କୃତ୍ରିମ ଉପାୟରେ ସେପରି ଚେଷ୍ଟା କେବଳ ଅସାଧ୍ୟ ସାଧନ ।

୯ । ସାଧାରଣ ଭାବରେ ନିର୍ଦ୍ଦେଶ କରାଯାଇପାରେ, ଭୌତିକ ବିଭବର ଅଭିବୃଦ୍ଧିରେ ନୈତିକ ବିକାଶ କୌଣସି ପ୍ରକାରେ ସମ୍ଭବ ନୁହେଁ ।

୧୦ । ଡାକ୍ତରୀ ଚିକିତ୍ସା ସାରଭୂତ ମିଥ୍ୟା କୁହୁକ । ସାଧାରଣ ମୁଷ୍ଟିଯୋଗ ବିଚକ୍ଷଣ ଡାକ୍ତରୀ କୌଶଳଠାରୁ ମଧ୍ୟ ଅଧିକତର ସ୍ପୃହଣୀୟ ।

୧୧ । ନିଜ ଉଦ୍ଦେଶ୍ୟ ସାଧନ ପାଇଁ ପିଶାଚ ଏହି ହାସପାତାଳଗୁଡ଼ିକୁ ଉପକରଣ ରୂପେ ବ୍ୟବହାର କରୁଅଛି । ଏହାରି ବଳରେ ସାମ୍ରାଜ୍ୟ ଉପରେ ତା'ର ଅଧିକାର ଦୃଢ଼ତର ହୁଏ । ଏଗୁଡ଼ିକ ଦେଶରେ ପାପ, ଦୁଃଖ, ଅବନତି, ପ୍ରକୃତ ଦାସତ୍ୱ ସ୍ଥାୟୀ କରୁଅଛନ୍ତି । ଯେତେବେଳେ ଡାକ୍ତରୀ ଶିକ୍ଷା ପାଇବାର ପ୍ରସ୍ତାବ ହୁଏ, ମୁଁ ବାଇ ଲାଗିଲା ପରି ସ୍ଥାନ ଛାଡ଼ି ପଳାଇ ଥିଲି । ହାସପାତାଳରେ ଯେଉଁ ପୈଶାଚିକ କ୍ରିୟା ସବୁ ଘଟେ, ସେଥିରେ କୌଣସି ପ୍ରକାରେ ସାହାଯ୍ୟ କରିବା ବା ସମ୍ପର୍କ ରଖିବା ମୁଁ ପାପ କାର୍ଯ୍ୟ ବୋଲି ମନେକରେ । ମେହ, ଉପଦଂଶ, କ୍ଷୟରୋଗ ପ୍ରଭୃତି ରୋଗ ପାଇଁ ଯଦି ଡାକ୍ତରଖାନା ସବୁ ନ ରହନ୍ତା ତେବେ ସମାଜରୁ ବ୍ୟଭିଚାର, ପାପ, ଅନ୍ୟାୟ ଅନେକ ପରିମାଣରେ କମି ଯାଆନ୍ତା ।

୧୨ । ଭାରତ ଗତ ୫୦ ବର୍ଷ ମଧ୍ୟରେ ଯେଉଁ ଶିକ୍ଷା ଲାଭ କରିଅଛି, ତାହାକୁ ସମ୍ପୂର୍ଣ୍ଣ ବିସ୍ମୃତ ହୋଇପାରିଲେ ତାହାର ମୁକ୍ତି । ରେଳ, ଟେଲିଗ୍ରାମ, ହାସପାତାଳ, ଓକିଲ, ଡାକ୍ତର, ଆଉ ତଦ୍ରୂପ ସମସ୍ତ ଆମ୍ଭମାନଙ୍କୁ ତ୍ୟାଗ କରିବାକୁ ହେବ । ସରଳ କୃଷକ ଜୀବନରେ ଜୀବନପ୍ରଦ ପ୍ରକୃତ ସୁଖ ରହିଅଛି, ଏ କଥା ସମାଜର ଉପରିସ୍ଥ ଶିକ୍ଷିତ ଲୋକମାନେ ବୁଝି, ଭଲ ରୂପେ ଉପଲବ୍ଧ କରି, ସଜ୍ଞାନରେ, ଧର୍ମ ଭାବରେ ସେହି ଜୀବନ ଧାରଣ କରିବା ପାଇଁ ଶିକ୍ଷା କରିବାକୁ ହେବ ।

୧୩ । ଇଉରୋପର କାରଖାନାରୁ ଆସୁ ବା ଭାରତର କାରଖାନାରୁ ଆସୁ, ଭାରତବାସୀଙ୍କର କୌଣସି କଳ ଲୁଗା ପିନ୍ଧିବା ଉଚିତ୍ ନୁହେଁ ।

୧୪ । ଇଂଲଣ୍ଡ ଭାରତକୁ ଏ ବିଷୟରେ ସାହାଯ୍ୟ କରିପାରେ । ତାହାହେଲେ ଭାରତରେ ତା'ର ଅଧିକାର ନ୍ୟାୟ ସଙ୍ଗତ ହେବ । ବୋଧହୁଏ ଇଂଲଣ୍ଡରେ ବର୍ତ୍ତମାନ ବହୁତ ଲୋକ ଅଛନ୍ତି ଯେଉଁମାନେ ଏହି ମତ ସମର୍ଥନ କରିବେ ।

୧୫ । ବୈଷୟିକ ବିଭବର ପନ୍ଥା ଗୁଡ଼ିକ ସୀମାବଦ୍ଧ ଓ ସଂଯତ କରି, ପୁରାତନ ଆର୍ଯ୍ୟ ଋଷିମାନେ ପ୍ରକୃତ ବୁଦ୍ଧିମତ୍ତାର ପରିଚୟ ଦେଇ ଅଛନ୍ତି । ସହସ୍ର ସହସ୍ର ବର୍ଷ ତଳର ସେହି ପୁରାତନ ଲଙ୍ଗଳ ଆଜି ସେହିପରି କୃଷକ ବ୍ୟବହାର କରୁଅଛି । ଏହିଠାରେ ହିଁ ଭାରତର ମୁକ୍ତି । ବର୍ତ୍ତମାନର ଜଟିଳ କର୍ମ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଇଉରୋପ ଯେଉଁ ସୁଖ ଶାନ୍ତି ଉପଭୋଗ କରୁଅଛି, ତଦପେକ୍ଷା ଭାରତ ଏଥିରେ ଅଧିକତର ଶାନ୍ତି ଲାଭ କରି ଦୀର୍ଘ କାଳ ବଞ୍ଚି ପାରିବ । ମୁଁ ମନେ କରେ ପ୍ରତ୍ୟେକ ଚକ୍ଷୁଷ୍ମାନ୍ ଇଂଲଣ୍ଡବାସୀ ଇଚ୍ଛା କଲେ ଏ ସତ୍ୟ ଗ୍ରହଣ କରି ସେହି ଅନୁସାରେ କାର୍ଯ୍ୟ କରିପାରନ୍ତି ।

ନିଷ୍କ୍ରିୟ ପ୍ରତିରୋଧର ଅନ୍ତର୍ନିହିତ ଶକ୍ତିରେ ଚାଳିତ ହୋଇ ମୁଁ ଉପରଲିଖିତ ସିଦ୍ଧାନ୍ତରେ ଉପନୀତ ହୋଇଅଛି । ବର୍ତ୍ତମାନ ସଭ୍ୟତାର ଉନ୍ମାଦନାରେ ଲୋକମାନେ ଉନ୍ମତ୍ତ । ଏହି ସମୟରେ ଏପରି ଗୋଟାଏ ବିରାଟ ସଂସ୍କାର ଆଣି ହେବ କି ନାହିଁ, ମୁଁ ଜଣେ ନିଷ୍କ୍ରିୟ ପ୍ରତିରୋଧକ ହୋଇ ଏପରି ସନ୍ଦେହ କରି ନ ପାରେ । ମୁଁ ଯେତେବେଳେ ଏ ସତ୍ୟ ବୁଝିଅଛି, ଏହାର ଅନୁସରଣ ହିଁ ମୋର ଆନନ୍ଦ । ସୁତରାଂ ସମସ୍ତେ ଆରମ୍ଭ କଲା ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିପାରିବି ନାହିଁ । ଆମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ମୋହରି ପରି ଭାବନ୍ତି, ସେମାନେ ଉପଯୁକ୍ତ ପଥରେ ଗତି କରନ୍ତୁ । ଯଦି ଆମ୍ଭମାନଙ୍କର ପଥ ଠିକ୍ ଥାଏ, ତେବେ ଅନ୍ୟମାନେ ଆମ୍ଭମାନଙ୍କୁ ନିଶ୍ଚୟ ଅନୁସରଣ କରିବେ । ମତ ସୁଚିନ୍ତିତ, ନିର୍ଦ୍ଦିଷ୍ଟ ହୋଇଗଲେ ହେଲା ନାହିଁ । ଆମ୍ଭମାନଙ୍କର କାର୍ଯ୍ୟ ଚିନ୍ତାର ଯଥାସମ୍ଭବ ନିକଟବର୍ତ୍ତୀ ହେବା ଉଚିତ । ଚତୁର୍ଦ୍ଦିଗର ପ୍ରବଳ ଉନ୍ମାଦନା, ଧର୍ଷଣର ମଧ୍ୟରେ ଆମ୍ଭେମାନେ କଦାପି ସମ୍ପୂର୍ଣ୍ଣ ଦୋଷ ବିମୁକ୍ତ ହୋଇ ପାରିବା ନାହିଁ । ମୁଁ ପ୍ରତ୍ୟେକ ବାର ରେଳରେ ଭ୍ରମଣ କଲାବେଳେ, ମଟର ଚଢ଼ିଲା ବେଳେ ବୋଧ କରେ ଯେପରି ସତ୍ୟ ବିଚାର ବିରୁଦ୍ଧରେ କାର୍ଯ୍ୟ କରୁଅଛି । ମୁଁ ସେତେବେଳେ ପରିଣାମ ଚିନ୍ତା କରି ଅବଶ୍ୟ ଭୀତ ହୁଏ ନାହିଁ । ଇଂଲଣ୍ଡ ବୁଲି ଦେଖିବାକୁ ଯିବା ଖରାପ, ବାଷ୍ପୀୟ ପୋତ ସାହାଯ୍ୟରେ ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ସମ୍ବାଦର ଆଦାନ ପ୍ରଦାନ ମଧ୍ୟ ଖରାପ କାର୍ଯ୍ୟ, ଏହିପରି ଅନେକ ଅଛି । ତୁମ୍ଭେ, ମୁଁ ଏହି ଦୋଷଗୁଡ଼ିକରୁ ଚେଷ୍ଟା କଲେ ମୁକ୍ତ ହୋଇ ପାରିବା; ମାତ୍ର ପ୍ରଧାନ କଥା ଆମ୍ଭମାନଙ୍କର ମତ ସାଧାରଣ ଅନୁସରଣର ଉପଯୋଗୀ, ନିର୍ଦ୍ଦୋଷ ହେବା ଦରକାର । ଆମ୍ଭେମାନେ ପ୍ରତ୍ୟେକ ପ୍ରକାରର ଓ ପ୍ରତ୍ୟେକ ଅବସ୍ଥାର ଲୋକଙ୍କ କଥା ଦେଖିବା ଉଚିତ୍ । ସୁତରାଂ ମୁଁ ଯେଉଁ କ୍ରମିକ ଚେଷ୍ଟାର କଥା ମନେ ମନେ ସ୍ଥିର କରିଅଛି, ତାହା ପ୍ରକାଶ ନ କରିବା ଆଉ ଠିକ୍ ହେବ ନାହିଁ । ମୋ ସଙ୍ଗେ ଯଦି ତୁମମାନଙ୍କର ମତ ଏକ ହୁଏ, ତେବେ ଆନ୍ଦୋଳନ କାରୀମାନଙ୍କୁ, ଅନ୍ୟାନ୍ୟ ପ୍ରତ୍ୟେକଙ୍କୁ ଏହା ବୁଝାଇ କହିବା ଆମ୍ଭମାନଙ୍କର କାର୍ଯ୍ୟ ହେବ । କହିବାକୁ ହେବ, ଯେଉଁ ସ୍ୱାଧୀନତା ସେମାନେ ଚାହାନ୍ତି, ବା ପାଇବାକୁ କଳ୍ପନା କରନ୍ତି, ତାହା ଲୋକହଣାରେ ମିଳିବ ନାହିଁ;

ବିଦ୍ରୋହ ଅତ୍ୟାଚାରରେ ମିଳିବ ନାହିଁ; କିନ୍ତୁ ମିଳିବ, ନିଜ ନିଜକୁ ନିର୍ଦ୍ଦୋଷ, ଅକଳଙ୍କିତ ରଖି ପାରିଲେ ଓ ପ୍ରକୃତ ଭାରତୀୟ ହୋଇ ଜାଣିଲେ। ସେତେବେଳେ ବ୍ରିଟିଶ ଶାସକମାନେ ଆମ୍ଭମାନଙ୍କର ପ୍ରଭୁ ହେବେନାହିଁ, ଚାକର ହେବେ। ସେମାନେ ଅତ୍ୟାଚାରୀ ହେବେ ନାହିଁ, ମହାଫିସ୍ ରୂପେ ଭାରତ ବିଭବର ତତ୍ତ୍ୱାବଧାନ କରିବେ। ଭାରତ ଅଧିବାସୀଙ୍କ ସଙ୍ଗେ ବନ୍ଧୁ ଭାବରେ ପୂର୍ଣ୍ଣ ଶାନ୍ତିରେ ବାସ କରିବେ। ସୁତରାଂ ଭାରତର ଭବିଷ୍ୟତ ବ୍ରିଟିଶ ଜାତି ହାତରେ ନାହିଁ, ଅଛି, ଭାରତବାସୀଙ୍କ ନିଜ ହାତରେ। ଯଦି ପୂର୍ଣ୍ଣ ଆତ୍ମତ୍ୟାଗ, ପୂର୍ଣ୍ଣ ସଂଯମ ବର୍ତ୍ତମାନ ଆସେ, ତେବେ ସେମାନେ ଏହି ମୁହୂର୍ତ୍ତରେ ନିଜନିଜକୁ ସ୍ୱାଧୀନ କରି ପାରନ୍ତି। ଯେଉଁ ସରଳତା ଏବେ ମଧ୍ୟ ଆମ୍ଭମାନଙ୍କ ଠାରେ ଯଥେଷ୍ଟ ପରିମାଣରେ ରହିଅଛି, କିଛି ଦିନ ତଳେ ଯାହା ଆମ୍ଭମାନଙ୍କର ସର୍ବସ୍ୱ ଥିଲା, ତାହା ଯଦି ପୁଣି ଭାରତକୁ ଫେରି ଆସେ, ତେବେ ଆଉ କିଛି ଅସମ୍ଭବ ରହିବ ନାହିଁ। ତେବେ ଭାରତର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ସର୍ବତ୍ର ଉନ୍ନତ ଇଉରୋପବାସୀ ଉଦାର ହୃଦୟ ଭାରତୀୟଙ୍କୁ ବନ୍ଧୁ ଭାବରେ ଗ୍ରହଣ କରିବେ, ଭାରତର କଲ୍ୟାଣ ସାଧନ ଉଭୟଙ୍କର ସାଧାରଣ ଲକ୍ଷ୍ୟ ହେବ। ଯେତେବେଳେ ପ୍ରବଳ ବେଗଶାଳୀ ଏହି ବାଷ୍ପୀୟ ଯାନ ସବୁ ନ ଥିଲା, ସେତେବେଳେ ଗୁରୁ, ଉପଦେଷ୍ଟା, ଧର୍ମ ପ୍ରଚାରକମାନେ କୌଣସି କଷ୍ଟକୁ ଭ୍ରୂକ୍ଷେପ ନ କରି, ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ କେବଳ ପଦବ୍ରଜରେ ପରିଭ୍ରମଣ କରୁଥିଲେ। କରୁଥିଲେ, ନିଜର ସୁଖ ପାଇଁ ନୁହେଁ, ସ୍ୱାସ୍ଥ୍ୟ ଲାଭ ଆଶାରେ ନୁହେଁ, କିନ୍ତୁ ମାନବ ଜାତିର କଲ୍ୟାଣ ଉଦ୍ଦେଶ୍ୟରେ। ସେହି ସମୟରେ କାଶୀ, ଦ୍ୱାରାବତୀ, ସେହିପରି ଯାତ୍ରୀ ସମାଗମର ଅନ୍ୟାନ୍ୟ ସ୍ଥାନ ସବୁ ପବିତ୍ର ତୀର୍ଥ ଥିଲା। ବର୍ତ୍ତମାନ ସେଗୁଡ଼ିକ ପୁଞ୍ଜିଭୂତ ପାପର କ୍ରୀଡ଼ା ଭୂମି।

ତୁମର ମନେଥିବ ନିଜର ପୁତ୍ର କନ୍ୟାଙ୍କ ସଙ୍ଗେ ଗୁଜୁରାଟୀରେ କଥାବାର୍ତ୍ତା କରେ ବୋଲି; ତୁମେ ମୋତେ ଘୃଣା କରୁଥିଲ। ମୁଁ କିନ୍ତୁ ସେମାନଙ୍କୁ ଇଂରାଜୀରେ କଥାବାର୍ତ୍ତା କରିବାକୁ ଅସ୍ୱୀକାର କରି, ସମ୍ପୂର୍ଣ୍ଣ ଠିକ୍ କରିଅଛି ବୋଲି ମୋର ବିଶ୍ୱାସ ବର୍ତ୍ତମାନ ବେଳକୁ ବେଳ ଦୃଢ଼ତର ହେଉଅଛି। ବିଚାର କର ଜଣେ ଗୁଜୁରାଟୀ ଆଉ ଜଣେ ଗୁଜୁରାଟୀ ଠାକୁ ଇଂରାଜୀରେ ପତ୍ର ଲେଖୁଅଛି। ତୁମେ କହ, ବାସ୍ତବିକ ଠିକ୍ କହ- ଅନେକ ବ୍ୟାକରଣ ଦୋଷ ରହିଗଲା। ବନାନ୍ ଠିକ୍ ହୋଇନାହିଁ। ଇଂରାଜୀରେ ଲେଖିଲା ବେଳେ ଯେଉଁ ହାସ୍ୟକର ଗୁରୁ ଦୋଷ ସବୁ ଘଟେ, ଗୁଜୁରାଟୀରେ ଲେଖିଲାବେଳେ କଦାପି ତାହା ଘଟିବ ନାହିଁ। ମୋର ବିଶ୍ୱାସ, ମୁଁ ଯେତେବେଳେ ଜଣେ ଭାରତୀୟକୁ, ଇଂରେଜୀ ଅନଭିଜ୍ଞ ଅନ୍ୟ ଦେଶର ଲୋକକୁ ଇଂରେଜୀରେ କଥା କହେ, ମୋର ଭାଷା ଜ୍ଞାନ କେତେକ ପରିମାଣରେ କଳୁଷିତ, ଲୁପ୍ତ ହୁଏ। ଯଦି ମୋର ଭଲ କରି ଇଂରେଜୀ ଶିଖିବାକୁ ଇଚ୍ଛା ହୁଏ, ଯଦି ଇଂରେଜୀ ଉଚ୍ଚାରଣ କର୍ଣ୍ଣରେ ଅମୃତ ସିଞ୍ଚନ କରେ ମୋର ବିଶ୍ୱାସ, ତେବେ ତାହା କେବଳ ଜଣେ ଇଂଲଣ୍ଡବାସୀ ସଙ୍ଗେ କଥାବାର୍ତ୍ତା କଲେ, ମନୋନିବେଶ ସହ ତାଙ୍କ କଥା ଶୁଣିଲେ ହୋଇପାରେ। ■■■

ନିୟମାବଳୀ

- ‘ଗୋପବନ୍ଧୁଙ୍କ ସତ୍ୟବାଦୀ’ ପ୍ରତିମାସ ଆରମ୍ଭରେ ପ୍ରକାଶ ପାଏ।
- ‘ଗୋପବନ୍ଧୁଙ୍କ ସତ୍ୟବାଦୀ’ ଉଭୟ ପ୍ରବୀଣ ତରୁଣ ଲେଖକ ଓ ଲେଖିକାଙ୍କ ଲେଖା ଗ୍ରହଣ କରିଥାଏ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ନିଜ ପାଖରେ ରଖନ୍ତୁ; କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯିବା ସମ୍ଭବ ନୁହେଁ। ଲେଖା ସହିତ ଲେଖକ/ଲେଖିକାଙ୍କ ସମ୍ପୂର୍ଣ୍ଣ ଠିକଣା ଓ ଦୂରଭାଷ ନମ୍ବର ଏବଂ ନିଜର ଜନ୍ମ ତାରିଖ, ସଂକ୍ଷିପ୍ତ ପରିଚୟ ଓ ଏକ ପାସପୋର୍ଟ ଫଟୋ ପଠାଇବା ବାଞ୍ଛନୀୟ।
- ଗୋଟିଏ ପ୍ରବନ୍ଧ ବା ଗଳ୍ପ ଏହି ପତ୍ରିକାରେ ପ୍ରାୟ ତିନି-ଚାରି ପୃଷ୍ଠା ମଧ୍ୟରେ ସୀମିତ ହେବା ବାଞ୍ଛନୀୟ।
- ଯେକୌଣସି ମନୋନୀତ ଲେଖା ସମ୍ପାଦନା କରିବା ଅଧିକାର ସମ୍ପାଦକଙ୍କ ନିଜସ୍ୱ।
- ଲେଖାଟି ନିଜର ହୋଇଥିବ ଏବଂ ଅନ୍ୟ କେଉଁଠି ପ୍ରକାଶିତ ନ ହୋଇଥିବାର ସୂଚନା ଲେଖକ ଦେବା ଆବଶ୍ୟକ।
- ଏକାଧିକ ଲେଖା ନ ପଠାଇ ନିଜର ସୁନିର୍ବାଚିତ ଲେଖା ପଠାନ୍ତୁ। ଲେଖାର ଜେରକ୍ସ ପଠାନ୍ତୁ ନାହିଁ।
- ଲେଖା ପଠାଇବାର ଛଅମାସ ମଧ୍ୟରେ କୌଣସି ଉତ୍ତର ନ ପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ।
- ପ୍ରକାଶ ପାଇଁ ସମସ୍ତ ଲେଖା ବହୁ ପୂର୍ବରୁ ମନୋନୀତ ହୋଇଥାଏ, ତେଣୁ ଲେଖା ପଠାଇ ଏହାର ପ୍ରକାଶନ ସମ୍ପର୍କରେ ଟେଲିଫୋନ୍‌ରେ ଯୋଗାଯୋଗ ନ କରିବା ପାଇଁ ବିଶେଷ ଅନୁରୋଧ। ଲେଖାଟିଏ ପଠାଇବାର ଛ’ମାସ ପର୍ଯ୍ୟନ୍ତ ଦୟାକରି ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ।
- ଅନୁବାଦ ଗଳ୍ପ ନିମନ୍ତେ ମୂଳ ଲେଖକଙ୍କ ସଂକ୍ଷିପ୍ତ ପରିଚୟ ଏବଂ ସମ୍ଭବ ହେଲେ ଫଟୋଟିଏ ଦିଅନ୍ତୁ।
- ମତାମତ ପାଇଁ ଗଠନମୂଳକ ତଥା ବିଶ୍ଳେଷଣଧର୍ମୀ ମନ୍ତବ୍ୟ ଲେଖି ପଠାନ୍ତୁ। ନୂଆ ପ୍ରସ୍ତାବକୁ ‘ଗୋପବନ୍ଧୁଙ୍କ ସତ୍ୟବାଦୀ’ ସବୁବେଳେ ସ୍ୱାଗତ କରିଥାଏ।
- ଫଟୋ ସହିତ ସମ୍ପୂର୍ଣ୍ଣ ବିବରଣୀ, ଠିକଣା, ଦୂରଭାଷ ନମ୍ବର ତଥା ନିଜର ଦସ୍ତଖତ ରହିବା ଦରକାର। ଏହିସବୁ ବିବରଣୀ ନ ଥିଲେ ଫଟୋ ପ୍ରକାଶ ପାଇଁ ବିଚାରକୁ ନିଆଯିବ ନାହିଁ।
- ସମୟ ଅନୁସାରେ କେବଳ ମନୋନୀତ ହୋଇଥିବା ଫଟୋ ପ୍ରକାଶିତ ହେବ। କୌଣସି ଫଟୋ ଫେରସ୍ତ ଦିଆଯିବା ସମ୍ଭବ ନୁହେଁ।
- ଲେଖାଟି ସୁନ୍ଦର ଅକ୍ଷର ହେବା ଆବଶ୍ୟକ ଏବଂ କାଗଜର ଏକ ପାଖରେ ଲେଖନ୍ତୁ।
- ପ୍ରକାଶ ପାଉଥିବା ‘ଟିକିତାରା’ ବିଭାଗ ପାଇଁ ଗପଗୁଡ଼ିକ ୮୦୦ରୁ ୧୦୦୦ ଶବ୍ଦ ମଧ୍ୟରେ ହେବା ଆବଶ୍ୟକ।

ଗ୍ରାହକଙ୍କୁ ଅନୁରୋଧ

‘ଗୋପବନ୍ଧୁଙ୍କ ସତ୍ୟବାଦୀ’ ପତ୍ରିକାର ଗ୍ରାହକମାନଙ୍କୁ ଅନୁରୋଧ ଯେ ସେମାନେ ଗ୍ରାହକ ଦେୟ ଡିମାଣ୍ଡ ଡ୍ରାଫ୍ଟ ହୋଇଥିଲେ “The Samaja”, Payable at Cuttack ଏବଂ ମନିଅର୍ଡର ହୋଇଥିଲେ ସମ୍ପାଦକ, ‘ଗୋପବନ୍ଧୁଙ୍କ ସତ୍ୟବାଦୀ’, ଗୋପବନ୍ଧୁ ଭବନ, ବକ୍ସିବଜାର, କଟକ-୭୫୩୦୦୧ ଠିକଣାରେ ଦିଅନ୍ତୁ।

ଗୋପବନ୍ଧୁଙ୍କ ସତ୍ୟବାଦୀ ଦୁର୍ଗାପୂଜା ଉପଲକ୍ଷେ ସ୍ୱତନ୍ତ୍ର ବିଶେଷାଙ୍କ ଅବସରରେ ଦଶରଥପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଜଗତଜନନୀ ମା' ଦୁର୍ଗାଙ୍କ ନିକଟରେ ସମସ୍ତଙ୍କ ସୁଖ ସମୃଦ୍ଧି ପାଇଁ ବିନମ୍ର ପ୍ରାର୍ଥନା କରୁଛି ।

ରାସ୍‌ବିହାରୀ ଜେନା

ସହକାରୀ ନିର୍ବାହୀ ଯନ୍ତ୍ରୀ, ଦଶରଥପୁର ବ୍ଲକ, ଯାଜପୁର

Scientific and Technical Software Packages
OriginLab
CambridgeSoft
www.cambridgesoft.com
WOLFRAM RESEARCH
StatSoft
STATISTICA
ptc
customized technology consultancy and integration solutions.
TACTILE
Software & Solution Pvt. Ltd.
REGD. OFFICE : 202/3996, Govinda Prasad, Bomikhal, Bhubaneswar – 751010 Odisha India
Mob: +91 98610 15355 Email: hemanta@tactilesoftware.in
CORPORATE OFFICE: Plot 634, Near Saheed Nagar Indoor Hall, Saheed Nagar, Bhubaneswar, Odisha 751007 , Mob: +91 94373 01623 Email: info@tactilesoftware.in
KOLKATA OFFICE :P-474, Block -K, New Alipore, Ist Floor, Kolkata - 700053, West Bengal, India
Mob: +91 98301 31018 Email: manoj@tactilesoftware.in
www.tactilesoftware.in
TACTILE
Software & Solution Pvt. Ltd.
Our Product Range
aws Amazon Internet Services Private Limited
AUTODESK
CISCO
GLOBUS
esri India
TREND MICRO
Symantec.
Microsoft
Adobe
hp
DELL
LG
HIKVISION
Quick Heal
KASPERSKY
SPSS
McAfee
SONICWALL
FORTINET
v-ray
redhat
CYBERNETYX
SOPHOS

କାଳଜୟୀ ସାହିତ୍ୟ

ଦିବ୍ୟସିଂହ ପାଣିଗ୍ରାହୀ (୧୮୮୯-୧୯୪୧) ପ୍ରାକ୍ ସ୍ୱାଧୀନତା କାଳର ଯଶସ୍ୱୀ ସାରସ୍ୱତ ସାଧକ । ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମରେ ଜନ୍ମ । ପିତା-ସ୍ୱପ୍ନେଶ୍ୱର ପାଣିଗ୍ରାହୀ, ମାତା-ହୀରାମଣି ଦେବୀ । ଅଗ୍ରଜ- ପଦ୍ମଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ରାଜ୍ୟ କମ୍ୟୁନିଷ୍ଟ ଦଳର ପ୍ରବକ୍ତା ଭଗବତୀ ଚରଣ ପାଣିଗ୍ରାହୀ ।

ଦିବ୍ୟସିଂହ ପୁରୀ ଜିଲ୍ଲା ସ୍କୁଲରୁ ୧୯୦୮ ମସିହାରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କଲିକତା ବିଶ୍ୱବିଦ୍ୟାଳୟରୁ କଳାରେ ସ୍ନାତକ ଡିଗ୍ରୀ ସହ ଆଇନରେ ବିଏଲ୍ ଡିଗ୍ରୀ ଲାଭ କରିଥିଲେ । ପରେ ଆଇନଜୀବୀ ଭାବରେ ପୁରୀଠାରେ ଓକିଲାତି କରିଥିଲେ । ଉତ୍କଳମଣି ଗୋପବନ୍ଧୁ ଦାସ ମୟୂରଭଞ୍ଜ ଷ୍ଟେଟ୍‌ର ପବ୍ଲିକ ପ୍ରସିକ୍ୟୁଟର ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କରି ପ୍ରେରଣାରେ ଦିବ୍ୟସିଂହ ମୟୂରଭଞ୍ଜରେ ପବ୍ଲିକ୍ ପ୍ରସିକ୍ୟୁଟର ପଦବୀରେ ଅବସ୍ଥାପିତ ହୋଇ ଶେଷଜୀବନ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ।

'ଅମୃତ କଙ୍କଣ' (ଗଳ୍ପ ସଙ୍କଳନ), 'ତୁ ମୋ ମାଆ, ବନ୍ଧୁ' (ଉପନ୍ୟାସ) ଏବଂ 'ମହାରାଜା ଶ୍ରୀରାମଚନ୍ଦ୍ର' (ଜୀବନୀ ପୁସ୍ତକ) ତାଙ୍କ ସାରସ୍ୱତ ସାଧନାର ଉଲ୍ଲେଖନୀୟ ଦସ୍ତାବିଜ । 'ଗୟାଶ୍ରାଦ୍ଧ' ଗଳ୍ପରେ ଗଳ୍ପନାୟକ ପିତାଙ୍କ ପିଣ୍ଡଦାନ କରିବାକୁ ଗୟା ଯାଇଥିବାବେଳେ ସେଠାରେ ନିଖୋଜ ଭାଇକୁ ପାଇବାର ମର୍ମଦାହ ଖୁବ୍ ଜୀବନ୍ତ ଭାବେ ବ୍ୟକ୍ତ ହୋଇଛି ।

ଗୟାଶ୍ରାଦ୍ଧ

ଦିବ୍ୟସିଂହ ପାଣିଗ୍ରାହୀ

ସଦାନନ୍ଦଙ୍କ ପରି ଆଦର୍ଶ ପିତା ମଫସଲୀ ଅଳ୍ପଶିକ୍ଷିତଙ୍କ ମଧ୍ୟରେ ବିରଳ । ଯଥାସାଧ୍ୟ ଯତ୍ନ କରି ପୁତ୍ରକୁ ପାଠ ପଢ଼ାଇ ଆସି ଅଛନ୍ତି । ଘରର ଅବସ୍ଥା ତେତେ କିଛି ସ୍ୱଚ୍ଛଳ ନ ହେଲେ ସୁଦ୍ଧା ତାଙ୍କ ମିତ୍ୟବ୍ୟୟିତାରେ ସମସ୍ତ କାର୍ଯ୍ୟ ସୁସମ୍ପନ୍ନ ହେଉଥାଏ । ଗୃହିଣୀ ରାମହରି ଓ ଗୌରହରି ଦୁଇ ପୁତ୍ରଙ୍କୁ ଛାଡ଼ି ଚାଲିଯିବା ଦିନୁ ଘର ବାହାର ସମସ୍ତ ଧନ୍ଦା ବୃଦ୍ଧ ସଦାନନ୍ଦ ଅକୁଣ୍ଠିତ ଚିତ୍ତରେ ଅମ୍ଳାନବଦନରେ ନିର୍ବାହ କରି ଆସି ଅଛନ୍ତି । ରାମହରି ମାଇନର ପାସ୍ ପରେ କଟକ ଯିବାରୁ ଅନେକ ଖର୍ଚ୍ଚ ବଢ଼ି ଯାଇଅଛି । ତଥାପି ତାଙ୍କର ଚିନ୍ତା ନଥାଏ ।

ରାମ ଟିକିଏ ସାହାଖର୍ଚ୍ଚୀ, ଭଲ କୋଟ୍, କାମିଜ, ଜୋତା, ମୋଜା ନ ହେଲେ ନୁହେଁ । ଗୌର ପିଲାଦିନୁ ମା'-ଛେଉଣ୍ଡ; ବୃଦ୍ଧ ତାକୁ କିଛି କହି ପାରନ୍ତି ନାହିଁ । ସେ ଚାଟଶାଳୀକୁ ଯାଇ ବସି ରହେ । ଆଜି ଯାହା ଶିଖେ, କାଲିକି ଚେଷ୍ଟା କରି ଭୁଲିଯାଏ । ସଦାନନ୍ଦ କାହାରି ଦୋଷ ଦେଖି ତୁନି ହୋଇ ରହିପାରନ୍ତି ନାହିଁ । କୌଣସି ପ୍ରକାର ଦୋଷ ଦେଖିଲେ ସେ ବଡ଼ଲୋକ, ଛୋଟଲୋକ, ଜ୍ଞାନୀ ଅଜ୍ଞାନ, ପଣ୍ଡିତ, ମୂର୍ଖ ମଧ୍ୟରେ ପ୍ରଭେଦ ଭୁଲିଯା'ନ୍ତି । ଯେ ସେ ହେଉ ପଛକେ ଦୋଷ ଦେଖିଲେ ତତ୍‌କ୍ଷଣାତ୍ ମୁହେଁ ମୁହେଁ କହି ଦିଅନ୍ତି । ସେ ଦିନ ଜମିଦାରଙ୍କ ସମ୍ମୁଖରେ ତାଙ୍କ ପ୍ରଜାପୀଡ଼ନ କଥା କହି ଦେଇଥିଲେ । ସେଥି ନିମିତ୍ତ ତାଙ୍କୁ କେତେ ଲାଞ୍ଛନା, କେତେ ନିର୍ଯାତନା ସହ୍ୟ କରିବାକୁ ପଡ଼ିଅଛି । ପୁତ୍ର ଦ୍ୱୟଙ୍କ ନିକଟରେ କିନ୍ତୁ ସେ ପରାସ୍ତ ହୋଇଅଛନ୍ତି । ସେ ଚେଷ୍ଟା କରିଥିଲେ ରାମକୁ ଆଉ ଟିକିଏ ମିତବ୍ୟୟୀ କରିପାରିଥାନ୍ତେ; ଗୌର ମଧ୍ୟ ତାଙ୍କ ତାଡ଼ନାରେ ପାଠରେ ମନ ଦେଇପାରିଥାନ୍ତା, କିନ୍ତୁ ସେମାନଙ୍କୁ କୌଣସିପ୍ରକାର ଶାସନ କରିବା ଇଚ୍ଛା ବାରମ୍ବାର ତାଙ୍କ ମନରେ ଉଦିତ ହୋଇ ଲୟପ୍ରାପ୍ତ ହୁଏ । ହଠାତ୍ ସେହି ସମୟରେ ସ୍ନେହମୟୀ ପତ୍ନୀଙ୍କ କଥା ମନେ ପଡ଼ିଯାଏ । ସେ ଜୀବିତ ଥିବା ସମୟରେ ସ୍ୱାମୀ, ପୁତ୍ର ପ୍ରତି ବିରକ୍ତ ହେବାର ଦେଖିଲେ, ବଡ଼ କାକୁତି ମିନତି କରି ସବୁ ଦୋଷ ନିଜ ମୁଣ୍ଡରେ ନେଇ ସେମାନଙ୍କ ନିମିତ୍ତ କ୍ଷମା ଭିକ୍ଷା କରୁଥିଲେ । ଆଜି ସେ ନାହାନ୍ତି; ସେଭଳି ଆପତ୍ତି କରି ଆଉ ପିଲାମାନଙ୍କ ପକ୍ଷ ସମର୍ଥନ କରିବ କିଏ ? ଏ ଭାବନା ସଦାନନ୍ଦଙ୍କୁ ମୂକ କରି ଦେଉଥିଲା ।

ରାମହରି ଟିକିଏ ସାହାଖର୍ଚ୍ଚୀ ହେଲେ କ'ଣ ହେଲା, ପାଠ ପଢ଼ାରେ ତ୍ରୁଟି କରୁ ନ ଥାଏ । ଗୌର ଗାଁ ଟୋକାଙ୍କ ସଙ୍ଗରେ ଏଣେ ତେଣେ ବୁଲେ । ଚାଟଶାଳୀରେ ତିନି ଚାରି ବର୍ଷ ପଡ଼ିଲାଣି, ମୂଳବର୍ଣ୍ଣ ବର୍ଣ୍ଣବୋଧ ପର୍ଯ୍ୟନ୍ତ ମନେ ନାହିଁ । ରାମହରିର କଟକ ଖର୍ଚ୍ଚ

ଯୋଗାଇବା କ୍ରମେ ସଦାନନ୍ଦଙ୍କ ପକ୍ଷରେ ଅସମ୍ଭବ ହୋଇ ପଡ଼ିଲା । ଜମିବାଡ଼ି ବିକ୍ରି ଆରମ୍ଭ ହେଲା । ସେ ବର୍ତ୍ତମାନ ବିଏ ପଢ଼ନ୍ତି, ଏ ମଧ୍ୟରେ ପୈତୃକ ସମ୍ପତ୍ତିର ପ୍ରାୟ ଚାରିପଣ ବିକ୍ରି ହୋଇ ଗଲାଣି । ସଦାନନ୍ଦଙ୍କର କୌଣସି କଥାକୁ ଭ୍ରୂକ୍ଷେପ ନାହିଁ । ଆଶା, ରାମ ରୋଜଗାର କଲେ ବର୍ଷକ ମଧ୍ୟରେ ଏପରି ପୁଞ୍ଜାଏ ସମ୍ପତ୍ତି କରିନେବ । ଗୌରର ଆଉ କିଛି କାର୍ଯ୍ୟ ନାହିଁ; ଖାଏ ପିଏ ବୁଲି ଆସେ; ତା' ପରେ ଘରେ ବାପାଙ୍କ ପାଖରେ ବସିଥାଏ । ସଦାନନ୍ଦ ମଧ୍ୟ ତାହାର ଏପରି ସ୍ୱଭାବ ଦେଖି ତାକୁ କେତେକ ସାମାନ୍ୟ ଗୃହକର୍ମରେ ସମୟ ସମୟରେ ଲଗାଇ ଦିଅନ୍ତି । ସେ ଅତି ଆନନ୍ଦରେ ପିତାଙ୍କ ଆଦେଶ ପାଳନ କରେ ।

ରାମହରି କଲେଜ ବୋର୍ଡିଂରେ ଅଛନ୍ତି; ଏପରି ସମୟରେ ହଠାତ୍ ଗୋଟିଏ ଲୋକ ତାଙ୍କ ଗ୍ରାମଠାରୁ ଖଣ୍ଡେ ପତ୍ର ନେଇ ପହଞ୍ଚିଲା । ପତ୍ର ପଢ଼ି ଅବାକ୍ ହୋଇଗଲେ– ବାପାଙ୍କ ଦେହ ବଡ଼ ବେମାର, ଚାରିଦିନ ହେବ ଅନ୍ନଜଳ ଛୁଇଁ ନାହାନ୍ତି । ଘରର କୌଣସି ଚିନ୍ତା ଆଜି ପର୍ଯ୍ୟନ୍ତ ରାମହରିଙ୍କ ମନକୁ ସ୍ପର୍ଶ କରି ନ ଥିଲା । ଏଥି ପୂର୍ବରୁ ଅନେକ ଥର ବାପାଙ୍କ ଦେହ ବ୍ୟସ୍ତ ହୋଇଅଛି; କାହିଁ ଆଉ କେବେ ପଢ଼ାପଢ଼ି ଛାଡ଼ି ଘରକୁ ଯିବାକୁ ଲେଖିବାର ତ ମନେ ନାହିଁ । ତେବେ ଏଥର ବୋଧ ହୁଏ ପୀଡ଼ା ଗୁରୁତର ହୋଇଥିବ, ଏପରି ଭାବନାରେ ତାଙ୍କର ମନ ବଡ଼ ବିଚଳିତ ହେଲା, ବନ୍ଧୁମାନଙ୍କଠାରୁ କେତେକ ଟଙ୍କା ଧାର କରି ଗୋଟିଏ ଡାକ୍ତର ସାଙ୍ଗରେ ଘେନି ବୋର୍ଡିଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ଠାରୁ ଅବସର ଗ୍ରହଣ କରି ଘରକୁ ବାହାରିଲେ । ଅନେକ ପ୍ରକାର ଚିକିତ୍ସା ହେଲା । କିଛି ଫଳ ହେଲା ନାହିଁ ।

ସଦାନନ୍ଦ ମୃତ୍ୟୁଶଯ୍ୟାରେ ପଡ଼ି ରହି ଦୁଇ ପୁତ୍ରଙ୍କୁ ପାଖକୁ ଡକାଇ କହିଲେ,– "ରାମ, ଏହି ମୋର ଶେଷ, ଗୌରଟି କିଛି ଜାଣେ ନାହିଁ, ତାକୁ ଦେଖିବୁ, ବିବାହ କରି ଯୁଗରାଜ୍ୟ କରିବୁ ମୋ ବାପା, ତେବେ ଏତିକି, ସୁବିଧା ହେଲେ ଟଙ୍କାପଇସା ପାଇ ସୁଖରେ ରହିଲେ ମୋ ପାଇଁ, ପିତୃପୁରୁଷଙ୍କ ପାଇଁ ଥରେ ଗୟାଶ୍ରାଦ୍ଧ କରିଆସିବୁ ।" ଡାକ୍ତରଙ୍କୁ ବିଦାୟ ଦିଆଗଲା । ଦୁଇ ଦିନ ପରେ ସଦାନନ୍ଦ ଅମରଧାମକୁ ଚାଲିଗଲେ ।

କେଉଁ ହେତୁରୁ ଏ ଜଗତରେ କାହାର ଅଭ୍ୟୁଦୟ ହେଉଅଛି, କାହାର ଅବା ସର୍ବନାଶ ଘଟୁଅଛି, ଅନୁସନ୍ଧାନ କରିବା ବିଡ଼ମ୍ବନା ମାତ୍ର । ମନୁଷ୍ୟର କାର୍ଯ୍ୟ କାରଣ ଠିକ୍ କରିବା ଶକ୍ତି ବଡ଼ ସୀମାବଦ୍ଧ । ରାମ ଓ ଗୌର ପିଲା ଦିଓଟି ଅକୂଳସାଗରରେ ଭାସିଲେ । ଆଜି ସୁଦ୍ଧା ଯେଉଁମାନେ ଅବାଧରେ ଖୁସିବାସିରେ କାଳ କଟାଇ ଆସୁଥିଲେ, ସେମାନଙ୍କ ଉପରେ ଆଜି ସଂସାରର ଗୁରୁଭାର ପଡ଼ିଲା । ଘର ବାହାର ଚିନ୍ତା, ପଢ଼ାପଢ଼ିର ଖର୍ଚ୍ଚ ଚିନ୍ତା ଇତ୍ୟାଦି ରାମହରିକୁ ବ୍ୟାକୁଳ କରି ପକାଇଅଛି । ଗୌରର ଏ ସବୁ ଭାବନା ନାହିଁ । ସେ ଭାଇକୁ ଦେଖି ଆନନ୍ଦ; ସବୁବେଳେ ଭାଇ ମୁହଁକୁ ଚାହିଁ ବସିଅଛି ।



ସେହି ଗ୍ରାମରେ ରାମହରିଙ୍କ ପିଉସୀ ଘର । ଶ୍ରାଦ୍ଧ ପରେ ଦୁଇ ଭାଇଙ୍କ ନିମିତ୍ତ ପିଉସୀ ଆସି ଗଣ୍ଡାଏ ରାନ୍ଧି ଦେଇଯା'ନ୍ତି । ଦୁଇ ଭାଇ ବସି ଭାତ ବାଢ଼ି ଖାଆନ୍ତି । ରାମହରିଙ୍କୁ ଅଗତ୍ୟା ପାଠ ପଢ଼ା ଛାଡ଼ିବାକୁ ହେଲା । ଘରେ ରହି ଘର କାର୍ଯ୍ୟ ବୁଝିବାର ଶକ୍ତି ତାଙ୍କଠାରେ ନାହିଁ । ବିଲବାଡ଼ି ଚିହ୍ନି ପାରିବାର ଉପାୟ ମଧ୍ୟ ନାହିଁ । ଚାଷବାସର ବରାଦ ଦେବା ତ ବହୁ ଦୂରର କଥା । ଜମିବାଡ଼ି ସବୁ ଭାଗ ଦିଆଗଲା । ପିଉସା ଆସି ଘର ଖବର ସମୟ ସମୟରେ ବୁଝି ଦେଇଯାନ୍ତି ।

ଏହିପରି ଚାରି ମାସ ଅତୀତ ହେଲା । ତାଙ୍କ ଗ୍ରାମ ମାଇନର ସ୍କୁଲ୍‌ର ପ୍ରଥମ ଶିକ୍ଷକ ବଦଳି ହୋଇ ଗଲେ । ରାମହରି ବର୍ତ୍ତମାନ ସେ ସ୍କୁଲ୍‌ର ପ୍ରଥମ ଶିକ୍ଷକ–ଦରମା ୩୫

ଟଙ୍କା, ଇଚ୍ଛା, କେତେକ ଦିନ ଶିକ୍ଷକତା କରି ଘରେ ପଢ଼ି କୌଣସି ମତେ ବିଏ ପରୀକ୍ଷାଟା ଦେବାକୁ ହେବ । ସ୍କୁଲ୍ ବେତନରୁ ଯଥାତଥା ଘରଖର୍ଚ୍ଚଟା ଚଳି ଯାଉଥାଏ । ଗୌର ଘରେ ବସି ରନ୍ଧାବଢ଼ା କରେ । ଭାଇ ସ୍କୁଲରୁ ଆସିବା ପୂର୍ବରୁ ଜଳଖିଆ ପ୍ରସ୍ତୁତ କରି ରଖିଥାଏ । ଭାଇଙ୍କର ଯେପରି କୌଣସି ଅସୁବିଧା ନ ହୁଏ, ଏ ବିଷୟରେ ଗୌର ବଡ଼ ତତ୍ପର । ରାତିରେ ଖାଇ ପିଇସାରି ଦିଓଟି ଭାଇ ଏକାଘରେ ଶୁଅନ୍ତି । ଘର କଥା, ଆପଣାର ଭବିଷ୍ୟତ୍ କଥା ପକାନ୍ତି । ବାପାଙ୍କ କଥା ମନେ ପକାଇ କେତେ କାନ୍ଦନ୍ତି, ବେଶି ରାତି ହେଲେ ଶୋଇ ପଡ଼ନ୍ତି ।

ରାମହ ରି ଗୋଟିଏ ପାଚକ ବ୍ରାହ୍ମଣ ଆଣି ରଖିବାର କେତେ ଥର ପ୍ରସ୍ତାବ କଲେଣି, ଗୌର ନାହିଁ କରେ । ଥରେ ଦି'ଥର ଦି ନେ ଦୁଇ ଦିନ ପାଇଁ ପାଚକ ବ୍ରାହ୍ମଣ ଆଣି ରଖିଥିଲେ । ସେ ରନ୍ଧାବଢ଼ା ମନ କୁ ଆସେ ନାହିଁ । ସେ କେତେ ଦିନ ରାଗରେ ଗୌର, ଭାଇଙ୍କୁ କଥା କହି ନାହିଁ, କି ଘରେ ଖାଇ ନାହିଁ । ପିଉସୀ ମଧ୍ୟ ଦୁଇ ଓଳି ତାଙ୍କ ନିଜ ଘର ଛାଡ଼ି ଆସି ର ନ୍ଧାବଢ଼ା କରିବା କଷ୍ଟକର । ଗୌର ଅତି ଆନନ୍ଦରେ ଭାଇଙ୍କ ପାଇଁ ସବୁ କାର୍ଯ୍ୟ କରିଦିଏ । କଂସା ବାସନ ମାଜି ଆଣେ, ଘର ଦୁଆର ଓଳାଇ ଦିଏ, ଆବଶ୍ୟକ ମତେ ଭାଇଙ୍କ ପାଇଁ ପାନ ଭାଙ୍ଗି ରଖେ, ପାଣି ଆଣି ଦିଏ । ଏହିପରି କେତେ ଦିନ ଗଲା ।

ରାମହରି ମନରେ ଭାବିଥିଲେ, ସ୍କୁଲ୍ ମାଷ୍ଟରୀ କରି ଅବସର ସମୟରେ ପଢ଼ାପଢ଼ି କରି ବି.ଏ. ପରୀକ୍ଷା ଦେବେ; କାର୍ଯ୍ୟରେ ତାହା ହୋଇପାରିଲା ନାହିଁ । ଘରେ ରହିବାରୁ ଘରର ଓ ଗ୍ରାମର ବାର କଥା ବୁଝିବାକୁ ପଡ଼ିଲା । ଗୌର କିଛି ବୁଝି ପାରେନାହିଁ । ଗୋରୁଗାଈ କେତେବେଳେ କିଏ କାଞ୍ଜି ହାଉସ୍‌ରେ ପକାଇ ଦେଲା, ଲୋକ ପଠାଇ ଆଣିବାକୁ ହେବ । ନିଜ ଫସଲ ଅନ୍ୟ କାହାରି ଗୋରୁ ଖାଇ ନଷ୍ଟ କରିବାର ଜଗୁଆଳିମାନେ ପ୍ରକାଶ କଲେ, ଗ୍ରାମର ପାଞ୍ଚ ଜଣଙ୍କୁ ଡକାଇ ସେ ବିଷୟର ନିଷ୍ପତ୍ତି କରି ଦେବାକୁ ହେବ । କେତେବେଳେ ଘରେ ଧାନ ନାହିଁ, ମୁଗ ନାହିଁ, ପରିବାପତ୍ର ନାହିଁ, ଲୁଣ ତେଲ ନାହିଁ; ଯୋଗାଡ଼ କରି ପ୍ରୟୋଜନ ଅନୁସାରେ କିଣି ଆଣି ରଖିବାକୁ ହେବ । ଅହରହ ଏହିପରି ସମସ୍ୟା ମଧ୍ୟରେ ରହି ସେ ପାଠ ପଢ଼ିବା ଏକପ୍ରକାର ଭୁଲି ଯାଇଥିଲେ ।

ଗୌରଟି ଘର କାମଦାମ କରି ଘର ଭିତରେ ଥାଏ, କାହା ପାଖକୁ ଯାଏ ନାହିଁ, କି କେଉଁଠି ବସାଉଠା କରେ ନାହିଁ । କେବେ ଅକସ୍ମାତ୍ ଗ୍ରାମ ମଧ୍ୟକୁ ଗଲେ ଗାଁ ଟୋକାଏ ମିଶି ତା'କୁ ମାଇଚିଆ, ରୋଷେଇଆ ବୋଲି ପରିହାସ କରନ୍ତି । କାହାକୁ କିଛି ନ କହି ସେ ଘରକୁ ଆସେ । ଘରେ ଆସି ବସିଥାଏ, ଭାଇ ଆସିଲେ କାନ୍ଦି କାନ୍ଦି ସବୁ କହେ; ଭାଇଠାରୁ ଦି'ପଦ ସାନ୍ତ୍ୱନାବାଣୀ ଶୁଣି ପୁଣି ଖୁସି ହୋଇଯାଏ ।

ରାମହରିଙ୍କର ବିବାହ ବୟସ ହୋଇଅଛି; ଅନେକ ସ୍ଥାନରୁ ସମ୍ବନ୍ଧ ଆସୁଅଛି । ଘରର ଅବସ୍ଥା ଟିକିଏ ଉନ୍ନତ ନ ହେବା ପର୍ଯ୍ୟନ୍ତ ବିବାହଟା ସ୍ଥଗିତ ରଖିବାକୁ ହେବ ଭାବି ଆଜି ପର୍ଯ୍ୟନ୍ତ ଟାଳଟୁଳ କରି ଆସି ଅଛନ୍ତି । ଏତେ ଦିନ ଗଲା, କେବଳ ଘର ଖର୍ଚ୍ଚ ଛଡ଼ା ଗୋଟିଏ ବୋଲି ପଇସା ବଳିପାରୁ ନାହିଁ । ତଥାପି ପାଠପଢ଼ା ଅବସ୍ଥାରୁ ରାମହରିଙ୍କ ବାବୁଆନି ଚାରିପଣରେ ସୁଦ୍ଧା ନାହିଁ । ପିଉସା ଓ ଗ୍ରାମବାସୀ ତାଙ୍କୁ ଏ ବିଷୟରେ ଅନେକ ବୁଝାଇ ଅଛନ୍ତି । ଗୋଟିଏ ଭଲ ସ୍ଥାନରୁ ସମ୍ବନ୍ଧ ଆସିଅଛି, ସେହିଠାରେ ମତ ଦେବାକୁ ହେବ, ରାମହରି ସାତପାଞ୍ଚ କେତେ ଭାବିଲେ; କିଛି ଠିକ୍ କରି ପାରିଲେ ନାହିଁ । ବଳେ ପଡ଼ି ପିଉସା ଟିପଣା ଅଣାଇ ମେଳକ ବୁଝାଇଲେ; ସବୁ ସୁଝିଗଲା ।

ଗୌର ଏ ସବୁ ଶୁଣି ମନେ ମନେ ଭାରି ଖୁସି । ଡରରେ, ଲାଜରେ ଭାଇଙ୍କୁ କିଛି କହି ପାରୁ ନଥାଏ । ଦିନେ ରାତିରେ ଶୋଇବା ବେଳେ ଭାଇଙ୍କୁ ମନ ଫିଟାଇ ସବୁ କହିଲା– ଯେତେବେଳେ ବିବାହ ହେବାକୁ ହେବ, ଏଠି ନାହିଁ କରିବା ଭଲ ନୁହେଁ । ପିଉସା ଓ ଆଉ ଆଉ ଲୋକମାନେ ସବୁ ଭଲ କହୁଛନ୍ତି । କନ୍ୟା ଘରୁ କେତେ ଜିନିଷପତ୍ର ଆସିବ; ଶୁଣାଯାଏ ଜମି ପାଞ୍ଚ ମାଣ ମିଳିବ; ଆଉ କେତେ ସୁନା ରୁପା ଅଳଙ୍କାର ମଧ୍ୟ ମିଳିବ, ଜାତକ ଭଲ ସୁଝିଛି; ଏ ବିବାହରେ ଅମତ କଲେ ଆଉ ଏପରି ସ୍ଥାନ ମିଳିବ ନାହିଁ ।

ରାମହରି ଗୌରର ବିଷୟ ବୁଦ୍ଧିକୁ ମନେ ମନେ ଖୁବ୍ ପ୍ରଶଂସା କଲେ; ମନ ମଧ୍ୟ ମାନିଲା । ପରଦିନ ସକାଳୁ ପିଉସାଙ୍କୁ ଡକାଇ ବିବାହରେ ମତ ଦେଇ ଅଛନ୍ତି । କ୍ରମେ ସମସ୍ତ ଠିକ୍‌ଠାକ ହେବାକୁ ଲାଗିଲା । ଧାନ କୁଟା ପଡ଼ିଲା, ବଡ଼ି ଜାଇ ତିଆରି ହେଲା । ଦିଅଁ ନିମନ୍ତ୍ରଣ, ମଉଳା ନିମନ୍ତ୍ରଣ ଓ ବନ୍ଧୁ ବାନ୍ଧବ ନିମନ୍ତ୍ରଣ ଚଳିଗଲା । ଏ ଉପଲକ୍ଷରେ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ନିକଟରୁ ଛୁଟି ନିଆଗଲା । ଯଥା ସମୟରେ ବିବାହ କାର୍ଯ୍ୟ ଶେଷ ହୋଇଗଲା ।

କେତେକ ଦିନ ପରେ ନୂଆ ବୋହୂ ଆସି ଘର ଉଜ୍ଜ୍ୱଳ କରିଦେଲେ । ରାମହରିଙ୍କର ଏକୁଟିଆ ଘର । ଘରେ ଶାଶୂ, ନଣନ୍ଦ କେହି ନାହାନ୍ତି; ପିଲାଟା କିପରି ଚଳିବ ଭାବି ରାମଙ୍କ ଶଶୁର, ଝିଅ ସଙ୍ଗରେ ଜଣେ ବୃଦ୍ଧା ଦାସୀ ପଠାଇ ଦେଇଅଛନ୍ତି । କନ୍ୟାଟି ସ୍ୱାମୀ ଘରକୁ ଆସି ବଡ଼ ହରବରରେ ପଡ଼ିଲା । କେତେ ସାଙ୍ଗସୁଖ, କେତେ କୋଳାହଳ ମଧ୍ୟରୁ ଆସି ନିର୍ଜନ କାରାବାସରେ ରହିଛି । ସଙ୍ଗୀ କେବଳ ସେହି ବୃଦ୍ଧା ଦାସୀଟି । ବେଳେ ବେଳେ ଗାଁର ସାଇ ମାଇପେ ବୁଲି ଆସନ୍ତି; ଦଣ୍ଡେ ଖଣ୍ଡେ ରହନ୍ତି । ବୁଢ଼ୀ ଦରବୁଢ଼ୀମାନେ ବୋହୂଠାରୁ ଟିକିଏ ଘଷାମୋଡ଼ା ପାଇ ଘରକୁ ଫେରିଯା'ନ୍ତି ।

ନୂଆ ବୋହୂ ଆସି ଘରେ ରହିବାରୁ ଗୌର ଭାରି ଖୁସି । ବୋହୂଟି ରନ୍ଧାବଢ଼ା ଭଲ ଜାଣିନାହିଁ । ଗୌର ଅନେକ ସମୟରେ ରାନ୍ଧି ଦେଇ ଆସେ, ତାକୁ ଦେଖି ବୋହୂଟି ତିନି ହାତ ଲମ୍ବ ଓଢ଼ଣା ଟାଣି ଦେଇ ଅନ୍ୟ ଘରକୁ ଚାଲିଯାଏ । ଗୌର ରାନ୍ଧି ଦେଇ ଭାଇଙ୍କ ପାଇଁ ଓ ନିଜ ପାଇଁ ବାଢ଼ି ଆଣେ, ବୋହୂ ଓ ଦାସୀ ପାଇଁ ଭାତ ତରକାରି ରଖି ଦେଇ ଆସେ ।

ରାମହରିଙ୍କୁ ଏ ସବୁ ଭଲ ଲାଗୁ ନ ଥାଏ, ଘରେ ସ୍ତ୍ରୀ ଥାଉ ଥାଉ ଭାଇଟା ହାଣ୍ଡିଶାଳେ ପଶି ରାନ୍ଧିବ, ବଡ଼ ଅସୁନ୍ଦର କଥା, ମାତ୍ର ବୋହୂର ଆଜି ସୁଦ୍ଧା ରନ୍ଧା ଶିକ୍ଷା ହେଲା ନାହିଁ। ଯେଉଁ ଦିନ ରାନ୍ଧି ବସିବ, ସେ ଦିନ ସବୁ ଅଖାଦ୍ୟ। ଭାତ ପୋଡ଼ା ବା ପେଯ ଛାପରା, ତରକାରି ଲୁଣିଆ, ଅଲଣା ବା ଦରସିଝା! ଗୌର ଭଲ ମନ୍ଦ ଜାଣି ପାରେ ନାହିଁ; ଯାହା ହେଲେ ପେଟ ପୂରାଇ ଖାଇଦିଏ। କଷ୍ଟ ଯେତକ ରାମହରିଙ୍କର। ସ୍ତ୍ରୀ ରାନ୍ଧିବା ଓଳି ପେଟ ଚାରିପଣ ବି ପୂରେ ନାହିଁ; ପୁଣି ଥରେ ଜଳଖିଆ କରିବା ଦରକା ର ହୁଏ। ଗୌର ପକ୍ଷରେ ଏ ସବୁ ଅସହ୍ୟ। ଭାଇଙ୍କର କୌଣସି ପ୍ରକାର ଅସୁବିଧା ଦେଖିଲେ ତା' ମନ ଘାଣ୍ଟି ହୁଏ, କିଛି ସୁଖ ଲାଗେ ନାହିଁ, ଏଣିକି ପ୍ରତ୍ୟହ ଦୁଇବେଳା ଗୌର ରାନ୍ଧେ।

ବୋହୂଟିର ଆଉ ଆ ଜିକାଲି ସେତେ ଲଜ୍ଜା ନାହିଁ। କବାଟକଣରେ ଥାଇ ଗୌରକୁ ଅନେକ କାମଦାମ ବତାଏ, ଅନେକ ଫରମାସୀ କରେ। କ୍ରମେ ଭାଉଜର ଅତ୍ୟାଚର ବଢ଼ିବାକୁ ଲାଗିଲା, ଗୌର ପାଣି ଆଣିବ, ବାଟଣା ବାଟିବ, ଗାଧୋଇବା ପାଣି ପର୍ଯ୍ୟନ୍ତ ଦେବ। କଅଁଳ ଲୁହା ପାଇଲେ ବିରାଡ଼ି ମଧ୍ୟ ପୁଳାଏ ଦି'ପୁଳା କାମୁଡ଼ିବାକୁ ଛାଡ଼େ ନାହିଁ। ବୃଦ୍ଧା ଦାସୀଟି ମଧ୍ୟ କେତେ ଫରମାସୀ ଆରମ୍ଭ କରି ଦେଲାଣି। ଦାସୀର ଯାହା ଦରକାର, ଗୌରକୁ କରି ଦେବାକୁ ହେବ, ନ କଲେ ବା କରିବାରେ ବିଳମ୍ବ ଘଟିଲେ ଗାଳି ମନ୍ଦ ଚାଲିଲାଣି– ମଲା ମୋର, ଏଡୁଟାଏ ହେଇଚି, ତିନି ବେଳା ଛ'କଂସା ଭାତ ବାଟୁଳି ବାଜୁ ନାହିଁ, ଅର୍ଜନ ଗୋଟିଏ ବୋଲି ପଇସା ନାହିଁ, ଏତେ ପୁଣି କେଉଁଠୁ କିମିତି ଆସିବ ମ !

ଗୌର ଏ ସବୁ ଭାଇଙ୍କୁ କେତେ ଥର କହିବାକୁ ମନସ୍ଥ କଲାଣି, କହି ପାରୁନାହିଁ। ଦେହରେ ତା'ର ଅପରିସୀମ ବଳ, ଅମ୍ଳାନ ବଦନରେ ସବୁ କରିଯାଉଛି। କେବଳ ମାନ ମର୍ଯ୍ୟାଦା ଉପରେ ବ୍ୟାଘାତ ପଡ଼ିଲା ବେଳେ ମନ କିମିତି କିମିତି ହେଉଛି। ରାମହରି ଏ ସବୁ ଦେଖି ନ ଦେଖିଲା ପରି ରହୁଛନ୍ତି। ସାଇପଡ଼ିଶା ମାଇପି ମହଲରେ କେବଳ ଗୌରର ଚର୍ଚ୍ଚା ପଡ଼ିଛି– ମରଦ ହୋଇ ମାଇପଙ୍କର ବାର ଖିଜିମତ ଗୋଲାମି କରି ଖାଉଚି, ଧିକ୍ ତା' ଜୀବନ। ଗାଁ ଦାଣ୍ଡକୁ ବୁଲି ବାହାରିଲେ ସମସ୍ତେ ତାକୁ ଚାହିଁ ମୁରୁକି ହସା ଦେଲା ପରି ଜଣା ପଡୁଛି। ଦୁଷ୍ଟ ଗାଁ ଟୋକା ଗୁଡ଼ାକ ତାକୁ ଦେଖି କେତେ କ'ଣ ଏଣୁତେଣୁ କହିଯା'ନ୍ତି। ସେ ନୀରବରେ ସବୁ ସହେ। କାହା ଆଗରେ କିଛି କହିପାରେ ନାହିଁ। ଅପ୍ରକାଶ୍ୟ ମନୋବେଦନା ଅତି ତୀବ୍ର, ବଡ଼ କଷ୍ଟକର; ଗୌରର ଆଜିକାଲି ସେହି ଅବସ୍ଥା। କାହା ସାଙ୍ଗରେ କଥାବାର୍ତ୍ତା କରି ପାରୁ ନାହିଁ। ଖାଇବା ପିଇବା ମଧ୍ୟ ଖୁବ୍ କମି ଆସିଲାଣି। ଘର କାମଦାମ ଆଉ ମନ ଲଗାଇ କରିପାରୁନାହିଁ। ଦିନେ ଦିନେ ଭାଉଜ କଥା ମଧ୍ୟ ଅମାନ୍ୟ କଲାଣି। ଭାଉଜ ଆଜି କାଲି ରାନ୍ଧି ଶିଖିଲାଣି।

ଦିନେ ପରିବା ଅଭାବରୁ ଘରେ ତରକାରି ହୋଇପାରିନାହିଁ। ରାମ ବୁଲି ଆସି ରାତ୍ର ୯ଘଣ୍ଟା ସମୟକୁ ଖାଇବାକୁ ମାଗିଲେ। ଗୌରକୁ ବାରମ୍ବାର କହି ସୁଦ୍ଧା ସେ ବଜାରକୁ ଯାଇ ପରିବା ନ ଆଣିବାରୁ ଏପରି ଘଟିଛି ବୋଲି ଦାସୀ ଆସି ତାହାର ଜଳଦ ଗମ୍ଭୀର ସ୍ୱରରେ ପ୍ରକାଶ କଲା। ରାମ କ୍ଷୁଧାରେ ଆତୁର ଥିଲେ, ବର୍ତ୍ତମାନ ପର୍ଯ୍ୟନ୍ତ କିଛି ରନ୍ଧାବଢ଼ା ହେଇ ନ ଥିବାର ଶୁଣି ରାଗରେ ଥରିଗଲେ। ଲଣ୍ଠନ ନେଇ ଗୌରକୁ ଗୋଟିଏ ଘରେ ଶୋଇ ଥିବାର ଦେଖିଲେ, ବହୁତ ଡାକିବାରେ ସେ ଉଠି ଠିଆ ହେଲା। ରାମହରି କହି ପକାଇଲେ– "ତୋ ପରି ଅପାଳ ପାଉଁଶଟିଏ ଘରେ ରଖି ବିପଦ ଛଡ଼ା ଆଉ କିଛି ନାହିଁ ଦେଖୁଛି। ଆଜି କାଲି ତ କିଛି କାମଦାମ ନାହିଁ। ପରିବା କିଣି ଆଣି ଦେବାକୁ କ'ଣ ହାଡ଼ ଭାଜି ଯାଉଥିଲା! ବାହାର ତୁ ଆଜି ମୋ ଘରୁ, ସଇତାନ୍। କିଛି ନ କହିବାରୁ ଦିନକୁ ଦିନ ବଦ୍‌ମାସି ବଢ଼ି ଯାଉଛି, ନା! ଆଚ୍ଛା ହେଉ।"

ପଡ଼ିଶା ଘରୁ ପରିବା ପତ୍ର ଉଧାର ଆଣି ଯେନତେନ ପ୍ରକାରେଣ ସେ ଓଳି ରୋଷେଇ ହୋଇଗଲା। ସମସ୍ତେ ଖାଇପିଇ ଶୋଇଲେ। ଗୌରକୁ କେହି ଖାଇବାକୁ ଡାକି ନାହାନ୍ତି। ସେ ପ୍ରତିଦିନ ମାଗି ଖାଇ ଆସେ; ଆଜି ଆସି ନାହିଁ ଖାଇ ନାହିଁ।

ଗଭୀର ନିଶା ସାଇଁ ସାଇଁ ଡାକୁଛି। ବେଳେ ବେଳେ ବିଲୁଆ ପଲେ ହୁକେ ହୋ, ହୁକେ ହୋ ଡାକି ଯାଉଛନ୍ତି। ଅନ୍ଧକାର ରଜନୀ, ପୁଣି ଆକାଶ କିଞ୍ଚିତ୍ ମେଘାଚ୍ଛନ୍ନ। ସୁବିଧା ସୁଯୋଗ ପାଇଲେ ନିତାନ୍ତ ଅକର୍ମଣ୍ୟ ବ୍ୟକ୍ତି ମଧ୍ୟ ନିଜର ବଡ଼ିମା ଦେଖାଇ ପାଞ୍ଚ ପଦ କହି ଦେବାକୁ କୁଣ୍ଠିତ ହୁଏ ନାହିଁ; ବଡ଼ ବଡ଼ ଲୋକଙ୍କ କଥା ତ ଜାଣି ଅଲଗା। ଏ ସଂସାରଟା ଯେପରି ବି ଗୋଟିଏ ବଡ଼ିମାର ସଂସାର। ଏ ସୁଯୋଗ ପାଇ ଆଜି ଜୁଳୁଜୁଳିଆ ପୋକଗୁଡ଼ାକ ଗଛପତ୍ର ଘେରିଯାଇ ନିଜର ପ୍ରଭା ବିସ୍ତାର କରିବାରେ ବ୍ୟସ୍ତ। ଜନମାନବର ସ୍ୱର ଶବ୍ଦ ନାହିଁ। କ୍ୱଚିତ୍ କେଉଁ ଘର ଭିତରେ ବୃଦ୍ଧଟିଏ ଖୁଁ ଖୁଁ କାଶୁଛି। ଗୌରକୁ ଆଜି ରାତିରେ ନିଦ ନାହିଁ। ଏଣେ ଜଠର ଜ୍ୱାଳା ତେଣେ ପୁଣି ହୃଦୟବିଦାରକ ଚିନ୍ତା ମନପ୍ରାଣ ଦଗ୍ଧ କରୁଛି। ଆସ୍ତେ ଆସ୍ତେ ଉଠି ସେ ବାହାରକୁ ଆସିଲା, ଅତି ସାବଧାନତା ସହକାରେ ଦାଣ୍ଡ କବାଟ ଫିଟାଇ ବାହାରି ପଡ଼ିଲା।

ଡର ନାହିଁ, ଭୟ ନାହିଁ, ଗ୍ରାମ ପରେ ଗ୍ରାମ, ଗହୀର ପରେ ଗହୀର ଅତିକ୍ରମ କରି ଚାଲିଛି। ପୁଣି କ'ଣ ମନରେ ପାଞ୍ଚିଲା, ଟିକିଏ ବସିଲା, ଟିକିଏ କାନ୍ଦିଲା; ଘର ଆଡ଼କୁ ଫେରିଲା। ଅତି ଆସ୍ତେ ଆସ୍ତେ ଫେରୁଥାଏ। କେତେକ ବାଟ ଫେରିଲା। ଗ୍ରାମ ଆସି ନିକଟ ହେଲାଣି, ଗୋଡ଼ ଯେପରି ଆଉ ଚଳୁ ନାହିଁ; କିଏ ଯେପରି ତା'କୁ ଗ୍ରାମ ଭିତରକୁ ପ୍ରବେଶ କରିବା ନିମିତ୍ତ ନିଷେଧ କରି ଆଗରେ ବାଟ ଓଗାଳୁଛି। ପୁଣି ଲେଉଟିଲା। ସେ ଗହୀର, ସେହି ଗ୍ରାମ ବାଟ! ଗ୍ରାମଠାରୁ ଖଣ୍ଡେ ଦୂର ଗଲେ; ଗ୍ରାମ ଛାଡ଼ି ଯିବାକୁ ମନ ବଳୁ ନ ଥାଏ,

ପୁଣି ଫେରି ଆସି ଗ୍ରାମ ନିକଟ ହେଲେ ଗ୍ରାମ ଭିତରକୁ ଯିବା ପାଇଁ ମନ ହେଉ ନ ଥାଏ। ଏପରି ଉଭୟ ସଙ୍କଟରେ କେତେକ ସମୟ ଅତିବାହିତ କରି ଅତି କଷ୍ଟରେ, ଅତି ଅନିଚ୍ଛାରେ ନିଜର ସ୍ୱର୍ଗାଦପି ଗରୀୟସୀ ଜନ୍ମଭୂମି, ଭାଇ, ବନ୍ଧୁ କୁଟୁମ୍ବଙ୍କ ମାୟା, ମମତା ପରିତ୍ୟାଗ କରି ସଦାନନ୍ଦଙ୍କର ସେହି ସ୍ନେହ ପରିପାଳିତ ନିରୀହ, କୋଳପୋଛା ମା-ଛେଉଣ୍ଡ ପୁଅଟି କୁଆଡ଼େ ଚାଲିଗଲା!

ସକାଳ ହେଲା, ଯେ ଯାହା କାର୍ଯ୍ୟରେ ଲାଗି ଯାଇଛନ୍ତି। ଗୌରକୁ ଖୋଜା ପଡ଼ିଲା। ସେ କୁଆଡ଼େ ଗଲା, କେହି କହି ପାରୁନାହାନ୍ତି। ଗାଳି ଖାଇଥିବାରୁ ରୁଷି କରି କେଉଁଠି ଲୁଚିଥିବ, ପରେ ଆସିବ ବୋଲି ରାମହରି ନୀରବ ରହିଲେ। ସନ୍ଧ୍ୟା ହେଲା, ପୁଣି ସକାଳ ହେଲା; ଗୌରର ଦେଖା ନାହିଁ। ଅନେକ ଆଡ଼େ ଖବର ପଠାଗଲା; ହୁଲିଆ ହେଲା। ଗୌରର ପତ୍ତା ନାହିଁ। ବାପାଙ୍କ କଥା ମନେ ପକାଇ ରାମହରି ବଡ଼ ବ୍ୟାକୁଳ ହେଲେ, ମାତ୍ର ସମୟ-ସ୍ରୋତର ଗତି ସଙ୍ଗେ ସଙ୍ଗେ ତାଙ୍କ ମନୋବେଦନା ଦୂରୀଭୂତ ହେବାକୁ ଲାଗିଲା।

ଗତ କେତେକ ବର୍ଷ ରାମହରି ବଡ଼ ଅଧ୍ୟବସାୟ ସହକାରେ ସ୍କୁଲ୍‌ର ଶିକ୍ଷକତା କାର୍ଯ୍ୟ କରିବାରୁ ପ୍ରତି ବର୍ଷ ଛାତ୍ରମାନେ ବୃତ୍ତି ପାଇଆସୁଅଛନ୍ତି। ସ୍କୁଲ୍‌ର ଅବସ୍ଥା ସର୍ବତୋଭାବରେ ଉତ୍ତମ ହୋଇଅଛି। ଦର୍ଶକାଭିପ୍ରାୟ ବହିରେ ରାମହରିଙ୍କର ଅଗଣିତ ପ୍ରଶଂସା ପ୍ରକାଶ ପାଇଲା। କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ସ୍କୁଲ୍‌ର ଦ୍ୱିତୀୟ ଶିକ୍ଷକ ପଦରେ ରାମହରିଙ୍କୁ ଡାକ ପଡ଼ିଲା, ଦରମା ୫୦ ଟଙ୍କା ପାଇବେ, ଭବିଷ୍ୟତ ଉନ୍ନତିର ମଧ୍ୟ ଆଶା ଅଛି।

କେନ୍ଦ୍ରାପଡ଼ାରେ ସୁଖ୍ୟାତିର ସହିତ କାର୍ଯ୍ୟ କରି ରାମହରି ବି.ଏ.ପରୀକ୍ଷାରେ ମଧ୍ୟ ପାସ୍ କରି ଅଛନ୍ତି। କିଛିଦିନ ପରେ ସେ କଟକ କଲେଜିଏଟ୍ ସ୍କୁଲର ଦ୍ୱିତୀୟ ଶିକ୍ଷକ ହୋଇ କଟକ ଆସିଲେ। ଦରମା ୧୦୦ ଟଙ୍କା ପାଆନ୍ତି। ଏ ମଧ୍ୟରେ ତାଙ୍କର ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟା ହୋଇ ଅଛନ୍ତି। ବେଶି ଦରମା ପାଇବାରୁ ଅବସ୍ଥା ମଧ୍ୟ ଟିକିଏ ଭଲ ହୋଇ ଆସିଅଛି। କଟକରେ ଗୋଟିଏ ଘର ଭଡ଼ା ନେଇ ଅଛନ୍ତି। ଗୌର କଥା ସମୟ ସମୟରେ ମନେ ପଡ଼ିଥାଏ, କିନ୍ତୁ ତାହା କ୍ଷଣକାଳ ପାଇଁ, ଅନବରତ ଛାତ୍ରମାନଙ୍କ ଆଗମନ, ସେମାନଙ୍କ ସଙ୍ଗେ କଥାବାର୍ତ୍ତା ଓ କିପରି ସ୍କୁଲ୍‌ରେ ଭଲ ଶିକ୍ଷକ ହୋଇ ପୂର୍ବଗୌରବ ରକ୍ଷା କରିବେ, ଏ ଚିନ୍ତାରେ ଅଧ୍ୟବସାୟ ସହକାରେ ସବୁ ସମୟରେ ବିଦ୍ୟାଚର୍ଚ୍ଚା ତାହାଙ୍କୁ ଅନବରତ ବ୍ୟାପୃତ ରଖିଥିଲା। ଘର ଚିନ୍ତା ପର୍ଯ୍ୟନ୍ତ ତାଙ୍କ ମନକୁ ସ୍ପର୍ଶ କରି ପାରୁ ନ ଥିଲା।

ରାମହରି ଖୁବ୍ ଦକ୍ଷତା ସହିତ ଶିକ୍ଷକତା କାର୍ଯ୍ୟ କରି ସୁନାମ ଅର୍ଜନ କରିଅଛନ୍ତି। ଛାତ୍ରମାନଙ୍କଠାରୁ ଆରମ୍ଭ କରି ଶିକ୍ଷକଙ୍କ ପର୍ଯ୍ୟନ୍ତ ସମସ୍ତେ ତାଙ୍କ ବିନୟ, ବିଦ୍ୟାଚର୍ଚ୍ଚା ଓ ମନୁଷ୍ୟତ୍ୱରେ ମୁଗ୍ଧ ହୋଇ ଅଛନ୍ତି। କେତେକ ପରଶ୍ରୀକାତର ବ୍ୟକ୍ତିଙ୍କ ବ୍ୟତୀତ ସମସ୍ତେ ରାମହରିଙ୍କ ପକ୍ଷପାତୀ।

ରାମହରିଙ୍କ ପରିବାର କେତେକ ବର୍ଷ ବେଶ୍ ଖୁସିରେ ଚଳି ଆସିଅଛି। ଘରେ ଅର୍ଥାଭାବ ନାହିଁ; କାହାରି ଦେହ ଅସୁସ୍ଥ ନାହିଁ; ବାହାରେ ସମସ୍ତେ ପ୍ରଶଂସା କରୁଅଛନ୍ତି। ସ୍କୁଲ୍ କାର୍ଯ୍ୟ ଶେଷ କରି ଘରକୁ ଆସି ଦିଓଟି ସହାସ୍ୟ ମୁଖ ଦେଖି ଓ ଚାରି ପଦ ଦରୋଟି କଥା ଶୁଣି ସେ ନିଜକୁ ସ୍ୱର୍ଗର ଜୀବ ବୋଲି ମନେ କରନ୍ତି। ନିରବଚ୍ଛିନ୍ନ ସୁଖସମ୍ପଦ ଭଗବାନ୍ କାହାରି ଭାଗ୍ୟରେ ଦେଇ ନଥା'ନ୍ତି। ଦୁଃଖ ପରି ସୁଖର ମଧ୍ୟ ଅବସାନ ଅଛି। ରାମହରିଙ୍କ ସୁଖର ସଂସାରରେ ବାଧା ପଡ଼ିଅଛି। ପିଲା ଦିଓଟି ଗତ କେତେକ ମାସ ହେବ ବଡ଼ ରୁଗ୍ଣ ଅବସ୍ଥାରେ ପଡ଼ି ରହିଅଛନ୍ତି, ନାନାପ୍ରକାର ଉପସର୍ଗ ଆରମ୍ଭ ହୋଇଅଛି। ଆଜି ଜର, କାଲି ମୁଣ୍ଡବଥା, ପେଟ ଫୁଲା ଇତ୍ୟାଦି। ବୈଦ୍ୟ ଡାକ୍ତର ଅହରହ ଆସୁ ଅଛନ୍ତି। ରୋଗର ନିଦାନ ଆଜି ସୁଦ୍ଧା ସ୍ଥିର ହୋଇ ପାରି ନାହିଁ। ରାମହରିଙ୍କ ମନରେ ସୁଖ ନାହିଁ, ସ୍କୁଲ୍ କାର୍ଯ୍ୟରେ ବ୍ୟାଘାତ ପଡ଼ିବାରୁ ଦୁଇ ମାସ ଅବସର ନେଇ ରହି ଅଛନ୍ତି।

ପ୍ରତିଦିନ ରାତ୍ରରେ କେତେ ପ୍ରକାର ଭୟଙ୍କର ସ୍ୱପ୍ନ ଦେଖୁ ଅଛନ୍ତି, କିଛି ଠିକ୍ ନାହିଁ। ମନ ବଡ଼ ବିଚଳିତ ହେଉଅଛି। ଶେଷରେ ସ୍ତ୍ରୀଙ୍କର ମଧ୍ୟ ସେହିପରି ରୋଗ ଆରମ୍ଭ ହେଲା। ଘରେ ଅନବରତ ତିନୋଟି ରୋଗୀ; କାହାର ଦେହ କେତେବେଳେ କିପରି ରହୁଅଛି। ଛୁଟି ଶେଷ ହୋଇ ଆସିବାରୁ ଆଉ ଦୁଇ ମାସର ଛୁଟି ନେଲେ, ତା' ପରେ ଦଶହରା ବନ୍ଦ ହେବ। ଏପରି ଅନ୍ୟମନସ୍କ ରହି ଦିନେ ତାଙ୍କର ପୂର୍ବ ଡାଏରି ଖଣ୍ଡିକ କାହିଁକି ଦେଖି ବସିଲେ। ଦେଖୁ ଦେଖୁ ତହିଁରେ କଲେଜ ବୋର୍ଡିଂ କଥା, ପ୍ରତ୍ୟହ କାଠଯୋଡ଼ି କୂଳେ ବୁଲାଚଲା କଥା, ସହାଧ୍ୟାୟୀମାନଙ୍କ ସଙ୍ଗେ କେତେ ଯୁକ୍ତି ତର୍କ, କେତେ ଆଲୋଚନା କଥା ଦୃଷ୍ଟିରେ ପଡ଼ିଲା। ଆଜିକାଲି ସେହି ବୋର୍ଡିଂ ସେହି କାଠଯୋଡ଼ି କୂଳ, ସହାଧ୍ୟାୟୀମାନଙ୍କ ମଧ୍ୟରୁ ମଧ୍ୟ କେତେକଙ୍କୁ ଦେଖନ୍ତି; କିନ୍ତୁ ମନର ସେ ଅବସ୍ଥା ଚାଲି ଯାଇଅଛି। ପୂର୍ବେ ତହିଁରେ ଯେଉଁପରି ଆନନ୍ଦ ଅନୁଭୂତ ହେଉଥିଲା, ଆଜି ତାହା ହେଉ ନାହିଁ। ଡାଏରିରେ ଦେଖିଲେ,– ପିତାଙ୍କ ପୀଡ଼ା ଶୁଣି ଗ୍ରାମକୁ ପ୍ରତ୍ୟାଗମନ, ଶେଷରେ ପିତାଙ୍କ ମୃତ୍ୟୁ। ଆଖିରୁ ଦରଦର ଧାରାରେ ଲୋତକ ଗଡ଼ି ପଡୁଥାଏ। ସର୍ବଶେଷରେ ମୃତ୍ୟୁଶଯ୍ୟାରେ ପିତାଙ୍କ ଉପଦେଶ– ୧ ଗୌରକୁ ଦେଖିବୁ, ସୁବିଧା ହେଲେ ଗୟାଶ୍ରାଦ୍ଧ କରି ଆସିବୁ– ଦେଖିଲେ, ବହୁଦିନ ପରେ ଗୌର କଥା ଆଖି ଆଗରେ ନାଚିଗଲା। ପିତାଙ୍କ ମୂର୍ତ୍ତି ଆଗରେ ଉଭା ହେଲା। ସେ ବଡ଼ ଅସ୍ଥିର ହେଲେ। ଗୟାଶ୍ରାଦ୍ଧ କରି ଯିବାର ମନେ ମନେ ସ୍ଥିର କଲେ।

ରାମହରିଙ୍କ ପରିବାର କଟକ ଛାଡ଼ି ଗ୍ରାମକୁ ଆସି ଅଛନ୍ତି। ରୋଗୀମାନଙ୍କ ଅବସ୍ଥା ପୂର୍ବାପେକ୍ଷା ଭଲ ଅଛି। ବୈଦ୍ୟ ଡାକ୍ତର ଚିକିତ୍ସା ବନ୍ଦ କରାଗଲା। କେବଳ ପଥ୍ୟଧାରା

ଓ ଦୁଇ ଓଳି ଇଷ୍ଟଦେବଙ୍କ ଚରଣାମୃତ ପାନ ରୋଗୀମାନଙ୍କର ଔଷଧର କାର୍ଯ୍ୟ କରୁଅଛି । ଗୟାଶ୍ରାଦ୍ଧ କରି ଯିବାର ସ୍ଥିର ହେଲା । ପ୍ରତ୍ୟେକ ଶ୍ମଶାନ ଭୂମିରେ ବାଦ୍ୟ ବାଜିଲା; ବାହ୍ମଣଭୋଜନ ହେଲା । ଶେଷରେ ଦିଓଟି ଚାକର ଓ ଗୋଟିଏ ଦାସୀ ନେଇ ରାମହରି ସ୍ତ୍ରୀ ପୁତ୍ର କନ୍ୟା ସହ ଗୟା ଯାତ୍ରା କଲେ । ଗୟା ପଣ୍ଡାଙ୍କ ନିକଟକୁ ପତ୍ର ଲେଖାଗଲା ।

ଗୟା ଷ୍ଟେସନ୍‌ରେ ପହଞ୍ଚିବା ଆଗରୁ ପଣ୍ଡା ଗାଡ଼ିର ବନ୍ଦୋବସ୍ତ କରି ରଖିଥିଲେ, ରେଳରୁ ଓହ୍ଲାଇ ପଣ୍ଡା ସ୍ଥିର କରିଥିବା ବସାରେ ସମସ୍ତେ ବିଶ୍ରାମ କଲେ । ପରଦିନ ଶ୍ରାଦ୍ଧ ଦେବାକୁ ହେବ । ବଡ଼ ଆଶ୍ଚର୍ଯ୍ୟର କଥା, ଗୟାଠାରେ ପହଞ୍ଚିଲାବେଳକୁ ରୋଗୀମାନେ ପ୍ରାୟ ବାରପଣ ଆରୋଗ୍ୟ ହୋଇଅଛନ୍ତି ।

ପରଦିନ ଅତି ପ୍ରତ୍ୟୁଷରୁ ଉଠି ସ୍ନାନ ସାରି ରାମହରି ସପରିବାର ଶ୍ରାଦ୍ଧ ଦେବାକୁ ବାହାରି ଅଛନ୍ତି । ପଣ୍ଡା ଶ୍ରାଦ୍ଧ ସରଞ୍ଜାମ ନେଇ ସଙ୍ଗରେ ଯାଉ ଅଛନ୍ତି । ଯାତ୍ରୀମାନଙ୍କ କୋଳାହଳରେ ଚତୁର୍ଦ୍ଦିଗ ନିନାଦିତ । କାଙ୍ଗାଳମାନେ ଘେରିଯାଇ ବ୍ୟତିବ୍ୟସ୍ତ କରୁ ଅଛନ୍ତି । ଏପରି ସମୟରେ ଗୋଟିଏ ଜୀର୍ଣ୍ଣ-ଶୀର୍ଣ୍ଣ ଓ ନିତାନ୍ତ ରୁଗ୍ଣ ମାଗନ୍ତା ହସି ହସି ଆସି ରାମହରିଙ୍କ ପଥ ଓଗାଳିଲା । ଶତ ଛିଦ୍ର, ଶତ ଗ୍ରନ୍ଥିଯୁକ୍ତ କନ୍ଥା ଦ୍ୱାରା ଶରୀର ଆବୃତ, ଦୁଇ ଚକ୍ଷୁରୁ ଲେଞ୍ଜରା ବହି ଯାଉଛି । ଶରୀର ସ୍ଥାନେ ସ୍ଥାନେ କ୍ଷତବିକ୍ଷତ ହୋଇ ପୂଯ ରକ୍ତ ବାହାରି ପଡୁଅଛି; ନାକରୁ ଅନବରତ ଶିଙ୍ଗାଣି ବହୁଅଛି; ମୁଣ୍ଡର ବାଳ ଧୂଳିଧୂସରିତ ହୋଇ ଫର ଫର ଉଡୁଅଛି । ଚତୁର୍ଦ୍ଦିଗରେ ମାଛି ଭଣ ଭଣ ଉଡୁ ଅଛନ୍ତି । ପଣ୍ଡାଙ୍କ ଭୟ ପ୍ରଦର୍ଶନକୁ ଅବଜ୍ଞା କରି ରାମହରି ଓ ତାଙ୍କ ପରିବାରଙ୍କ ପ୍ରତି ସ୍ଥିର ନେତ୍ରରେ ଚାହିଁ ରହିଅଛି । କିଛି କହିପାରୁ ନାହିଁ । ଯେପରି ମନେମନେ କେତେ କଥା ଉଠି କଣ୍ଠରେ ଲାଖି ଯାଉଅଛି! ପରିଶେଷରେ ଭାଇ ଭାଇ ବୋଲି ଡାକି ହାତ ବଢ଼ାଇ ରାମହରିଙ୍କ ଆଡ଼କୁ ଅଗ୍ରସର ହେବାକୁ ଲାଗିଲା । ସେ ଅକୁଣ୍ଠିତ ଚିତ୍ତରେ ନିଜ ହସ୍ତ ପ୍ରସାରି ଦେଲେ । ଉଭୟେ ଗାଢ଼ ଆଲିଙ୍ଗନପାଶରେ ଆବଦ୍ଧ, ସମସ୍ତେ ଏ ଦୃଶ୍ୟ ଦେଖି ଅବାକ୍ । ■■■

- ଚାରା ରୋପଣ, ଅସହାୟ ଛାତ୍ର ଛାତ୍ରୀଙ୍କ ଶିକ୍ଷା ଲାଭ ପାଇଁ ଆର୍ଥିକ ସହାୟତା ।
- ଦୁଃସ୍ଥ ଓ ଅସହାୟ ରୋଗୀଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହଯୋଗ ।
- ନିଶା ନିବାରଣ ଆନ୍ଦୋଳନରେ ପ୍ରମୁଖ ଭୂମିକା ।
- କ୍ରୀଡାର ପାଇଁ ଆର୍ଥିକ ପ୍ରୋତ୍ସାହନ ।
- ଆଧ୍ୟାତ୍ମିକ ଜାଗରଣ ପାଇଁ ବିଭିନ୍ନ ଗ୍ରାମର ମଠ ଓ ମନ୍ଦିର ବିକାଶ ନିର୍ମାଣରେ ଆର୍ଥିକ ପ୍ରେତ୍ସାହନ ।
- କୃଷକଙ୍କ ପାଇଁ କେନାଲ ଖୋଳି ଜମିକୁ ଜଳ ଯୋଗାଣ ଭଳି ସାମାଜିକ କାର୍ଯ୍ୟ ରେ ଜୀବନକୁ ଉତ୍ସର୍ଗ ।

ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶରେ ଆନୁପ୍ରାଣିତ
ସମାଜ ସେବାରେ ସବୁବେଳେ
ଡକ୍ଟର ହୟଗ୍ରୀବ ଗୁରୁ
ଡାଳିକାଏଦା, ରାଜକନିକା, କେନ୍ଦ୍ରାପଡା

ରମ୍ୟ ରଚନା

ଚୋର

ଯୋଗେଶ୍ୱର ପଣ୍ଡା

ଆଧୁନିକ ଓଡ଼ିଆ କଥା ସାହିତ୍ୟ କ୍ଷେତ୍ରରେ ଜଣେ ସମ୍ଭାବନାମୟ ସ୍ରଷ୍ଟା । ଗଳ୍ପ ଓ କବିତା ଲେଖିବାରେ ରୁଚି ରଖନ୍ତି । ତାଙ୍କର କବିତା ସଙ୍କଳନ- 'ବୟସର ବାମ୍ପ', 'ପିନ୍ କୋଡ୍', 'ଇତ୍ୟାଦି' ପ୍ରକାଶ ପାଇଥିଲା ବେଳେ କେତେକ ସାରସ୍ୱତ ସମ୍ମାନ ଲାଭ କରିଛନ୍ତି ।

କୁହାଯାଏ ଚୋର ମୁହଁ ବଡ଼ ଟାଣ, କିନ୍ତୁ ବୈଜ୍ଞାନିକ ଦାସ୍‌ଙ୍କର ଟର୍ଚ୍ଚ ଲାଇଟ୍‌ର ଆଲୁଅ ଯେଉଁ ଚୋର ମୁହଁରେ ଯାଇ ସ୍ଥିର ହେଲା ତା'ର ମୁହଁ ଟାଣ ନ ଥିଲା; ବରଂ ଥିଲା କୋମଳ । ଟର୍ଚ୍ଚ ଲାଇଟ୍‌ର ଧଳା ଆଲୁଅରେ ଚୋରର ମୁହଁ ଆଲୋକିତ ଦେଖାଗଲା । କି ଆଶ୍ଚର୍ଯ୍ୟ ! ଚୋରର ମୁହଁ ଜମାରୁ ବ୍ୟସ୍ତ ଜଣାପଡୁନି କି ସେ ପଳାଇ ଯିବାକୁ ଉଦ୍ୟତ ହେଉ ନାହିଁ । ବୈଜ୍ଞାନିକ ଶ୍ରୀଦାସ୍ ତାଙ୍କ ଲମ୍ବା ଓଭର୍ କୋଟ୍‌କୁ ଟିକେ ଉପରକୁ ଟେକି ବାଲକୋନିରୁ ଶିଡ଼ି ଦେଇ ତଳକୁ ଓହ୍ଲେଇଲେ । ଦୌଡ଼ିଯାଇ ସିଧା ଚୋରର ହାତକୁ ଧରି ପକେଇଲେ । ତଥାପି ଚୋର ଖସି ଯିବାକୁ ଚେଷ୍ଟା କଲାନି କି ବିବ୍ରତ ବି ଜଣା ପଡ଼ିଲାନି । ବୈଜ୍ଞାନିକ ଦାସ୍ ବାଲକୋନି ଉପରୁ ଟର୍ଚ୍ଚ ଆଲୁଅରେ ଚୋରର ମୁହଁଟିକୁ ଯେତିକି ସ୍ୱଷ୍ଟ ଦେଖି ପାରିଥିଲେ ପାଖରୁ ଆଉ ଟିକେ ଅଧିକ ସ୍ୱଷ୍ଟ ଦେଖି ନିଶ୍ଚିତ ହେଲେ ଯେ ସତକୁ ସତ ଏ ଚୋରର ମୁହଁ ଜମାରୁ ଟାଣ ନୁହଁ; ବରଂ ଏ ଚୋରର ତ ନିଶ ବି ଗଜୁରିନି ମାନେ

ଟୋକା ଚୋର । କଅଁଳ ମୁହଁ । ଗୋଟେ କଳା ରଙ୍ଗର ହାପ୍ ଟି-ସାର୍ଟ ସାଙ୍ଗକୁ ଜିନ୍ସ ପେଣ୍ଟ । କଲେଜ୍ ପଢୁଆ ପିଲା ପରି ଦେଖା ଯାଉଛି । ଶ୍ରୀ ଦାସ୍ ତାଙ୍କର ଓଭର୍ କୋର୍ଟକୁ ସଜାଡ଼ି ଚୋରକୁ ଜେରା କରିବା ଆରମ୍ଭ କରିଦେଲେ । ଚୋରଟି ଥରୁଥିଲା । ଭୟରେ ନୁହଁ ଥଣ୍ଡାରେ । ରାସ୍ତା ଉପରେ ନିର୍ଜନତା ସହିତ ଶୀତ ରାଜୁତି କରୁଥିଲା । ହେମାଳିଆ ପବନ ବାଜି ଚୋର ଦେହର ରୋମ ଟାଙ୍କୁରି ଉଠୁଥିଲା । ଶ୍ରୀ ଦାସ୍ ଓଭର୍ କୋଟ୍ ଭିତରେ ଥିବାରୁ ତାଙ୍କୁ ଶୀତ କାଟୁ କରୁ ନ ଥିଲା । ସୁତରାଂ ସେ ଶକ୍ତ ଭାବରେ ଚୋରର ହାତଟିକୁ ଧରି ପାରିଥିଲେ ଓ ଜେରା ଆରମ୍ଭ କରି ଦେଇଥିଲେ ।

ଶ୍ରୀ ଦାସ୍- ତୁମେ କି ଭଳିଆ ଚୋର ହୋ... ମୁଁ ତମକୁ ଧରି ସାରିଲିଣି ଅଥଚ... ତୁମେ... ଖସି ଯିବାକୁ ଚାହୁଁନ, ବରଂ ଅତି ନମ୍ର ଭାବରେ ଚୁପ୍ ଚାପ୍ ଠିଆ ହେଇଛ ? ଭଲ ଘରର ପିଲା ପରି ତ ଦେଖା ଯାଉଛ । କୋଉ କଲେଜ୍‌ରେ ପଢୁଛ ? ଏ ଚୋରି ଫୋରି ଧନ୍ଦାରେ କାହିଁକି ପଡୁଛ ? ସାଙ୍ଗମାନଙ୍କ ସହ ମିଶି ଏମିତି କରୁଥିବ ବୋଧେ ? ସମୟ ଅଛି- ବୟସ ଅଛି-ଶକ୍ତି ଅଛି, ତା'ର ସତ୍ ବିନିଯୋଗ କର । ପାଠ ପଢ଼ । ମଣିଷ ହୁଅ ।

ଶ୍ରୀ ଦାସ୍‌ଙ୍କର ଏଭଳି ପ୍ରବଚନଭିତ୍ତିକ ଜେରା ଅଥବା ଏକା ଥରକେ ପଚାରିଥିବା ଅନେକ ପ୍ରଶ୍ନରେ ଚୋରଟି ହଡ଼ବଡ଼େଇ ନ ଯାଇ ବରଂ ପ୍ରଥମେ ଟିକେ ହସିଲା ଏବଂ ପରେ ପରେ ଆହୁରି ହସିଲା । ହସ ବନ୍ଦ ହେବା ପୂର୍ବରୁ ପୁନର୍ବାର ହସିଲା ଏବଂ ତାଙ୍କ ଉଦ୍ଦେଶ୍ୟରେ କହିଲା- ଆପଣ ଆମକୁ କ'ଣ ଭାବିଛନ୍ତି ଆଜ୍ଞା? ଆମେ କ'ଣ ଟିପୁ ସୁଲତାନ୍ ଅମଳର ଚୋର ହୋଇଛୁ ଯେ ମାଲିକକୁ ଦେଖି ଛାନିଆ ହେଇ ଦୌଡ଼ି ପଳେଇ ଯିବୁ ଅଥବା ଲୁଚି ଯିବାକୁ ଚେଷ୍ଟା କରିବୁ ?

ଏଥର ଶ୍ରୀ ଦାସ୍ ମନେ ମନେ ହସିଲେ ଏବଂ ମନକୁ ମନ ଭାବିଲେ, ଏ ଚୋରକୁ ବୋଧେ ଜଣାନାହିଁ ଯେ ସେ କାହାଘରେ ଚୋରି କରିବାକୁ ପଶିଛି । ତାଙ୍କର ଚୋର ଉପରେ ଦୟା ଆସିଲା । ଚୋରର ଏପରି ମନ୍ତବ୍ୟ ତଥା ଏଭଳି କଟାକ୍ଷ ତାଙ୍କୁ ସାମାନ୍ୟ ବିଚଳିତ ହେବାକୁ ବାଧ କଲା । ଚୋର ଆଉ ଗୋଟିଏ ବି ଧାଡ଼ି କହିବା ପୂର୍ବରୁ ତାଙ୍କୁ ଆହୁରି ବିଚଳିତ କଲା ତାଙ୍କ ମୁଖ୍ୟ ଫାଟକରେ ଲାଗିଥିବା ମୋସନ୍ ସେନସର୍ ଆଣ୍ଟି ଥେଫ୍ଟ ତାଲାଟି ଯେତେବେଳେ ରାସ୍ତା ଉପରେ ଗୋଟେ ହାରି ଯାଇଥିବା ସୈନିକ ପରି ପଡ଼ିରହିଥିଲା ନିଃସହାୟ ହେଇ । ସେ ଏଣିକି ଚୋରଟିକୁ ଆଉ ସାମାନ୍ୟ ବୋଲି ଭାବି ପାରିଲେନି ।

ସତକଥା ହେଲା ଶ୍ରୀ ଦାସ୍ ତାଙ୍କ ଘରକୁ ସବୁ ଦୃଷ୍ଟିରୁ ନିରାପଦ ରଖିବା ପାଇଁ ବିଜ୍ଞାନ ସହାୟତାରେ ଯଥା ସମ୍ଭବ ବିଭିନ୍ନ ନୂଆ ଟେକ୍‌ନୋଲୋଜି ବ୍ୟବହାର କରିଛନ୍ତି ଏବଂ ସେହି କ୍ରମରେ ସେ ତାଲାଟି ଥିଲା ଆଣ୍ଟି ଥେଫଟ୍ ଆଲାର୍ମ ଲକ୍, ଯାହାକି କେହି ଭାଙ୍ଗିବାକୁ ଚେଷ୍ଟାକଲେ ଖୁବ୍ ଜୋର୍‌ରେ ଶବ୍ଦ କରିବ ଓ ଆଖ ପାଖ ଶବ୍ଦରେ କମ୍ପେଇଦେବ । ଆଶ୍ଚର୍ଯ୍ୟର କଥା ତାଲାଟି ଭାଙ୍ଗିକି ପଡ଼ିଛି ରାସ୍ତା ଉପରେ, ଅଥଚ ସେ ନିଜେ କିଛି ବି ଜାଣି ପାରି ନାହାନ୍ତି । ଚୋରଟି ଯେ ଏକ ସାଧାରଣ ଚୋର ନୁହଁ, ସେହିକ୍ଷଣି ଶ୍ରୀ ଦାସ୍ ନିଶ୍ଚିତ ହୋଇଗଲେ । ସେ କେବଳ ହସୁଥିଲେ ।

ତାଙ୍କ ଘର ସାମ୍ନାର ଷ୍ଟ୍ରିଟ୍ ଲାଇଟ୍‌ଟି କେତେବେଳୁ ଲିଭି ସାରିଥିଲା । ଲାଇଟ୍ ନ ଥିବାର ଆଶଙ୍କା କରି ସେ ଗୋଟେ ଟର୍ଚ୍ଚ ଲାଇଟ୍ ଧରି ବାଲକୋନିକୁ ଓହ୍ଲାଇ ଆସିଥିଲେ ଏବଂ ଟର୍ଚ୍ଚଟିକୁ ଏପଟ ସେପଟ କରିବା ଭିତରେ ଏ ଚୋରଟି ଧରା ପଡ଼ିଯାଇଛି ।

ଚୋରଟି ଶ୍ରୀ ଦାସ୍‌ଙ୍କ ଉଦ୍ଦେଶ୍ୟରେ ପୁଣି ପ୍ରଶ୍ନ କଲା- ଆପଣ କେବେ ମୋନିହିଷ୍ଟ୍ ସିନେମା ଦେଖିଛନ୍ତି ? ହଉ ଛାଡ଼ନ୍ତୁ ହଲିଉଡ୍ ନ ହେଲା ନାହିଁ, ଆମ ଭାରତୀୟ ସିନେମା ଧୁମ୍ ସିରିଜ୍‌ର କୋଉ ବି ଧୁମ୍ ସିନେମା ଦେଖିଚନ୍ତି ମାନେ ଧୁମ୍ କି ଧୁମ୍-୨ କି ଧୁମ୍-୩... କିଛି ବି ? ଦେଖିଛନ୍ତି ?

ଶ୍ରୀ ଦାସ୍ ସିନେମା ଦେଖିବାରେ ରୁଚି ରଖନ୍ତିନି । ପ୍ରକୃତ କଥା ହେଲା ତାଙ୍କୁ ସିନେମା ଦେଖିବା ଭଳି ବେକାର୍ କାମ କରିବାକୁ ସମୟ ହିଁ ନାହିଁ । ସେ ସିନେମା ଦେଖିବା କାମଟିକୁ କାମରେ ହିଁ ନିଅନ୍ତିନି; ବରଂ ଭାବନ୍ତି ଯାହାର କିଛି କାମ ଧନ୍ଦା ନ ଥାଏ ସିଏ ବସିକି ସିନେମା ଦେଖେ । ତେଣୁ ସେ ଚୋରର କୌଣସି ଉତ୍ତର ଦେଇ ନପାରି କେବଳ ଏତିକି କହିଲେ– ତୁମେ ତା'ହେଲେ ସିନେମା ଷ୍ଟାଇଲ୍‌ରେ ଚୋରି କରିବାକୁ ଆସିଛ ?

ଚୋର ସମ୍ମତି ଭରିଲା ବୈଜ୍ଞାନିକଙ୍କ କଥାରେ ଏବଂ ତାଙ୍କ ଉଦ୍ଦେଶ୍ୟରେ ଯୋଡ଼ିଲା- ଆପଣ ଯେଉଁଭଳି ଭାବେ ଭାବୁଛନ୍ତି ଯେ ଚୋରମାନେ ଲୁଚି ଲୁଚି ଆସିବେ, ପ୍ରଥମେ ଷ୍ଟ୍ରିଟ୍‌ଲାଇଟ୍ ବନ୍ଦ କରିବେ, ଘରର ମୁଖ୍ୟ ଫାଟକର ତାଲା ଭାଙ୍ଗିବେ, ତା'ପରେ ଘର ଭିତରକୁ ପଶିବେ, ସେଇଟା ବି ଡରି ଡରି, ଲୁଚି ଲୁଚି, ପୁଣି କିଏ ଦେଖି ଦେଲାକି, ବିନା ସୋର୍ ଶବ୍ଦକରି ଅତି ଧୀରେଧୀରେ ବିରାଡ଼ି ପଦପାତରେ ଯିବେ... ସେ ସବୁ ଆପଣଙ୍କର ଭୁଲ୍ ଧାରଣା । ସେ ଯୁଗ ଗଲାଣି ଆଜ୍ଞା । ଆମେ ହେଲୁ ଏମିତି ଚୋର ଯିଏ ଯୁଗ ସହ ତାଳ ଦେଇ ଚାଲେ । ଆପଣ ବୋଧେ ବିଜ୍ଞାନ ପଢ଼ି ନାହାନ୍ତି ବା ଡାରଉଇନ୍‌ଙ୍କୁ ପଢ଼ି ନାହାନ୍ତି- survival of the fittest । ମୁଁ ଯଦି ଯୋଗ୍ୟ ହୋଇ ନ ଥାନ୍ତି, ତା'ହେଲେ ଆପଣଙ୍କ ସାମ୍ନାରେ ଛିଡ଼ା ହେଇ ଏମିତି ନିର୍ଭୟରେ କଥା ହେଇ ପାରି ନ ଥାନ୍ତି । ଆପଣ ହୁଏତ କଳ୍ପନା ବି କରି ନଥିବେ ଯେ ମୁଁ ଗୋଟେ ହ୍ୱିସିଲ୍ ମାରିଲେ ମୋ ମୁଣ୍ଡ ଉପରେ ହେଲିକପ୍ଟର ଆସି ଘୁରି ବୁଲିବ ଓ କେଇ ସେକେଣ୍ଡ ଭିତରେ ମୁଁ ଏଇଠୁ ଉଡାନ୍ ହୋଇଯିବି ।

ଚୋର ତା'ର ବାହାଦୁରି ମାରିବାରେ ଲାଗିଥାଏ ।

ବିଜ୍ଞାନ କଥା ଶୁଣି ବୈଜ୍ଞାନିକ ବହେ ହସିଲେ । ମନେ ମନେ ଭାବିଲେ ଇଏ କଂସାରି ଘର ପାରାକୁ କୁଲା ଦେଖଉଛି । ଏଥର ବୈଜ୍ଞାନିକ ଚୋରକୁ ଧମକେଇବା

ଭଳି ସ୍ୱରରେ ପଚାରିଲେ, ତୁମେ କେଡ଼େ ଚାଲାଖ ହୋ, ଏ ତାଲାଟିକୁ କେଡ଼େ ଅନାୟାସରେ ଭାଙ୍ଗି ପକେଇଲ, ଅଥଚ ମୁଁ ତିଳେ ହେଲେ ଟେର୍ ପାଇ ପାରିଲିନି । ତୁମେ ଜାଣିଛ ଏ ତାଲାର ଖାସିଅତ୍ ?

ଚୋରଟି ଆଶ୍ଚର୍ଯ୍ୟ ହେଲା । ଆଶ୍ଚର୍ଯ୍ୟ ହେଲା ଏଇଥି ପାଇଁ ଯେ ତାଲା ଭାଙ୍ଗିବା କଥା ମାଲିକ ଜାଣି ପାରି ନାହାନ୍ତି, ଅଥଚ ସେ ଏମିତି ଅଧ ରାତିରେ ହେମାଳିଆ ପବନକୁ ଖାତିର ନ କରି ବାଲକୋନିକୁ କାହିଁକି ବାହାରିଥିଲେ । ସିଏ ତ ଭାବୁଥିଲା କିଛି ଶବ୍ଦ ଶୁଣି ମାଲିକ ବାଲକୋନିକୁ ଆସିଥିଲେ, ଆଉ ଟର୍ଚ୍ଚ ଆଲୁଅଟି ତା' ପାଇଁ ହିଁ ଉଦ୍ଦିଷ୍ଟ ଥିଲା; କିନ୍ତୁ ନୁହଁ । ମାଲିକ ତ ଖୋଦ୍ ସ୍ୱୀକାର କରୁଛନ୍ତି ଯେ ସେ ତାଲା ଭାଙ୍ଗିବା କଥା ଜାଣି ବି ପାରି ନାହାନ୍ତି । ତା'ହେଲେ ସେ ସଫଳ ହେଇଛି; କିନ୍ତୁ ମାଲିକ ଏତେ ରାତିରେ ବାଲକୋନିକୁ କାହିଁକି ବାହାରିଥିଲେ ? ଆଉ ତାଲାଟିର ଖାସିଅତ୍ କଥା ତ ସେ ଭଲକରି ଜାଣିଛି ଓ ତାକୁ କେମିତି ଖାସ୍ ଢଙ୍ଗରେ ଭଙ୍ଗା ଯାଇପାରିବ ତା' ବି ଜାଣିଛି । ତେଣୁ ମାଲିକଙ୍କ ତାଲାର ଖାସିଅତ୍ କଥାର ଉତ୍ତର ଦେବାକୁ ଯାଇ ଚୋରଟି କେବଳ ହସିଲା ଏବଂ ହସିଲା ।

ବୈଜ୍ଞାନିକ ରାଗିଗଲେ । ଏ ମେଞ୍ଚଡ଼ ଟୋକା ପୁଣି ମୋ ଉପରେ ହସିବ ? ହସିବ ! ଅଥଚ ପୁଣି ହସିବ ? ଥରେ ହସିଥିଲେ ଗୋଟେ କଥା ହେଇଥାନ୍ତା ଦୁଇ ଦୁଇ ଥର ହସିବ । ହସ ସାଧାରଣ ଭାବେ ବନ୍ଦ ନ ହେବା ଯାଏ ହସିବ? ଇଏ କି ଫାଜଲାମି ? ହସି ନ ହସି ପୁଣି ଗୋଟେ ବୈଜ୍ଞାନିକ ଉପରେ ହସିବ ! ପୁଣି ନିଜକୁ ନିଜେ ବୁଝେଇଲେ, ଅସଲ କଥା ହେଲା ଚୋର ଜାଣିନି ଯେ ଏ ଘରର ମାଲିକ ଜଣେ ଅବସରପ୍ରାପ୍ତ ବୈଜ୍ଞାନିକ । ତାଙ୍କ ମନରେ ଚୋର ପ୍ରତି ଦୟା ଆସିଲା,

ବିଚରା ଚୋର ! ଆହା! ସିଏ ଯଦି ଫାଟକ ଡେଇଁ ଆଗକୁ ଯାଇଥାନ୍ତା କ'ଣ ହେଇଥାନ୍ତା ତା'ର ଅବସ୍ଥା । ଭଲ ହେଇଛି ଠିକଣା ସମୟରେ ତାଙ୍କ ଟର୍ଚ୍ଚର ଆଲୁଅଟି ଚୋର ମୁହଁରେ ପଡ଼ିଯାଇଛି ଓ ସେ ଧରା ପଡ଼ିଯାଇଛି । ଅବଶ୍ୟ ବୈଜ୍ଞାନିକ କ'ଣ ପାଇଁ ଏତେ ରାତିରେ, ଆଉ ଏତେ ଶୀତରେ ବାଲକୋନିକୁ ଆସିଥିଲେ ସେ ନିଜେ ବି ଭୁଲି ଯାଇଥିଲେ । ବୈଜ୍ଞାନିକ ଭାବନାରୁ ଫେରି ପ୍ରକୃତିସ୍ଥ ହେଇ ଚୋରକୁ କହିଲେ- ତୁମେ ଭୁଲ୍ ଜାଗାକୁ ଚାଲି ଆସିଚ ବାବୁ । ଯାଅ ଯାଅ ତୁମକୁ ଛାଡ଼ି ଦେଲି; କିନ୍ତୁ ମନେରଖ ଆଉ ଯେମିତି କେବେ ଆମ ଘରକୁ ନ ଆସ । ଏତିକି କହି ସେ ଶକ୍ତ ଭାବରେ ଧରିଥିବା ଚୋରର କଚଟିକୁ ଛାଡ଼ି ଦେଲେ ଓ ଛିଙ୍ଖାଡ଼ିଲା ପରି କହିଲେ.. ଯାଅ ଯାଅ... ।

ଶେଷଥର ଯେଉଁ ଯାଅଯାଅ ବୋଲି ଛିଙ୍ଖାଡ଼ିଲା ପରି କଥାଟା କହିଲେ ଚୋରକୁ ବହୁତ୍ ବାଧିଲା । ବୋଧେ ତା' ଆତ୍ମସମ୍ମାନକୁ ଆଞ୍ଚ୍ ଆସିଲା । ସେ ଏଥର ବୈଜ୍ଞାନିକ ଦାସ୍ଙ୍କ ହାତକୁ ଧରି ପକେଇଲା ଆଉ କହିଲା- ଆପଣ ଭାବୁଛନ୍ତି ଘର ସାମ୍ନାରେ ଗୋଟେ କୁକୁରଟେ ରଖିଦେଲେ ଚୋର ଆଉ ଆପଣଙ୍କ ଘରକୁ ଯାଇ ପାରିବନି । ଆଉ ଆପଣ ନିଘୋଡ଼ ନିଦରେ ଶୋଇ ପାରିବେ କୁକୁରକୁ ଭରସା କରି? କିନ୍ତୁ ଆପଣ ବୋଧେ ଜାଣି ନାହନ୍ତି ଯେ ଯେଉଁ କୁକୁରଟା ଆପଣଙ୍କ ଘରର ଷ୍ଟିଲ୍ ଗେଟ୍ ସାମ୍ନାରେ ଟହଲ ମାରୁଛି, ଡିମ୍ ଲାଇଟ୍‌ରେ ମୁଁ ଯାହା ଜାଣି ପାରୁଛି ସେ ଗୋଟେ ଲାବ୍ରାଡର୍ ପ୍ରଜାତିର ଆଉ ଏ ଲାବ୍ରାଡର୍‌କୁ ଆୟତ୍ତ କରିବାର ଫର୍ମୁଲା ମୋତେ ଭଲ କରି ଜଣାଅଛି ।

ବୈଜ୍ଞାନିକ ଦାସ୍ ଚୋରର କଥା ଶୁଣି ଟିକିଏ ବି ଆଶ୍ଚର୍ଯ୍ୟ ହେଲେନି; କିନ୍ତୁ ଆଶ୍ଚର୍ଯ୍ୟ ତ ହେବା କଥା । ଏତେ ପରିଶ୍ରମ କରି କୁକୁର ପୋଷିବାର କ'ଣ ଲାଭ ହେଲା ଯଦି ଚୋର କୁକୁରକୁ ବିସ୍କୁଟ୍ ଦେଇ ପଟେଇ ଦେବାର କଳା ଜାଣିଛି ତା' ବି ପୁଣି ଲାବ୍ରାଡର୍ ପ୍ରଜାତିର କୁକୁରକୁ । ବୈଜ୍ଞାନିକ କିଛି ବି ପ୍ରତିକ୍ରିୟା ରଖିଲେନି ଏବଂ ଚୋରର କଥାକୁ ଅପେକ୍ଷା ରଖିଲେ ।

ଚୋର- କ'ଣ ଭାବୁଛନ୍ତି ? ଏ କୁକୁର ଫୁଙ୍କୁର ଦେଖେଇ ଆମକୁ ଡରେଇଦେବେ ?

ଠିକ୍ ସେତିକିବେଳେ ବୈଜ୍ଞାନିକ ଗୁଗୁଲ୍ ବା ୟୁଟ୍ୟୁବ୍‌ରେ ଭଏସ୍ ସର୍ଚ୍ଚ କଲା ଭଳି ଆଦେଶ୍ ଦେଲେ- come on seri, focus on the stranger । କୁକୁରଟି ସତେ ଯେମିତି ମାଲିକଙ୍କ ଆଦେଶ୍‌କୁ ଅପେକ୍ଷା କରିଥିଲା ଓ ମାଲିକ କହିବା କ୍ଷଣି ଧାଇଁ ଆସିଲା ଚୋର ପାଖକୁ ଓ ତୀକ୍ଷ୍ଣ ନଜରରେ ତା'ର ଟାର୍ଗେଟ୍‌କୁ ସ୍ଥିର କଲା । ଅପେକ୍ଷା ରଖିଲା ମାଲିକଙ୍କ ପରବର୍ତ୍ତୀ ଆଦେଶ୍‌କୁ ।

ଚୋର ପୂର୍ବବତ୍ ଗୋଟିଏ ହାତରେ

ବୈଜ୍ଞାନିକଙ୍କ ହାତକୁ ଧରିଥିଲା ଓ ଜମାରୁ ବ୍ୟସ୍ତ ନ ହେଇ ଅନ୍ୟ ହାତରେ ତା' ପଛ ପକେଟ୍‌ରୁ କିଛି ବିସ୍କୁଟ୍ ଫିଙ୍ଗିଲା କୁକୁର ଆଡ଼କୁ। କୁକୁରଟି କିନ୍ତୁ ନିଶ୍ଚଳ। ସତେ ଯେମିତି କିଏ ତା'କୁ ରାଣ ପକେଇ ଦେଇଛି ସେ ମାଲିକଙ୍କ ବିନା କୌଣସି ଆଦେଶରେ ନିଶ୍ୱାସ୍ ବି ନେବନି। କୁକୁରଟି ଯେଉଁ ସ୍ଥିତିରେ ଥିଲା ସେଇ ସ୍ଥିତିରେ। ଏମିତିକି ବିସ୍କୁଟ୍ ଆଡ଼କୁ ମୁହଁ ନେବା ତ ଦୂରର କଥା, ସେ ଆଡ଼କୁ ଅନେଇଲାନି ମଧ୍ୟ। ତା'ର ଫୋକସ୍‌ରେ ଥିଲା ଚୋର।

ଚୋରଟି ପୁଣି ଥରେ ଚେଷ୍ଟା କଲା କୁକୁରକୁ ନିଜ କାବୁରେ ଆଣିବା ପାଇଁ, ଅଥଚ ବିଫଳ ହେଲା। ଏ କୁକୁର ଏମିତି ସେମିତି କୁକୁର ନୁହଁ। ପୂରା ତାଲିମପ୍ରାପ୍ତ କୁକୁର। ଚୋରଟି ଆଶ୍ଚର୍ଯ୍ୟ ହେଉଥିଲା ତା'ର କୌଣସି ବି କୌଶଳ କୁକୁର ଉପରେ କାମ କରୁ ନ ଥିଲା। ଚୋର ଭାବିଲା, ଏତେ ପ୍ରଜାତିର କୁକୁରମାନଙ୍କୁ ଘରେ ପୋଷି ସେମାନଙ୍କୁ କିପରି ପୋଷା ମନାଯାଏ; ନିଜେ ତାଲିମ୍ ନେବା ସବୁ ତା'ହେଲେ କ'ଣ ଶୁଖୁଆ ପୋଡ଼ାରେ ଗଲା ! ଏ କୁକୁରଟି କୋଉ ପ୍ରଜାତିର ତା'ହେଲେ ? ଦେଖା ତ ଯାଉଛି ଲାବ୍ରାଡର୍ ଭଳି। ଚୋରର ଆଖି ଧୋକା ଖାଇଗଲା, ବୈଜ୍ଞାନିକ ଦାସ୍‌ଙ୍କ ବୁଦ୍ଧି ଆଗରେ।

ଚୋରର ନାକ ତଳେ ନିଶ ଉଠି ନ ଥିବା ଜାଗାରେ ବିନ୍ଦୁବିନ୍ଦୁ ଝାଳ ଦେଖି ବୈଜ୍ଞାନିକ ଜାଣିଗଲେ ଚୋରଟି ହାରି ଯାଇଛି। ସେ ନିଶ୍ଚୟ ପରାଜିତ। ଆଉ ଶାସ୍ତ୍ରରେ କୁହାଯାଇଛି, ଯୁଦ୍ଧରେ ପରାଜିତ ସୈନିକକୁ କେବେ ବି ଆକ୍ରମଣ କରିବା ଉଚିତ୍ ନୁହେଁ। ତେଣୁ ସେ ତାଙ୍କ ରୋବୋଟିକ୍ କୁକୁରକୁ ଆଦେଶ୍ ଦେଲେ, ସେରି, ବେକ୍ ଟୁ ୟୋର୍ ସିଟ୍। ମାଲିକର ଆଦେଶ ଶୁଣିବା ମାତ୍ରେ ହିଁ କୁକୁରଟି ଯନ୍ତ୍ରବତ୍ ଫେରିଗଲା ନିଜ ସ୍ଥାନକୁ।

ସେହିକ୍ଷଣି ଚୋରକୁ ଆଉ ଜାଣିବା ବାକି ରହିଲାନି ଯେ କୁକୁରଟି ଗୋଟେ ରୋବୋଟିକ୍ କୁକୁର। ବୈଜ୍ଞାନିକଙ୍କ ହାତକୁ କଷି କରି ଧରିଥିବା ଚୋରର ହାତଟି ଧୀରେ ଧୀରେ ଶିଥିଳ ହେବାରେ ଲାଗିଲା। ଚୋରଟି ଏଥର ସାଧାରଣ ହେବାରେ ଲାଗିଲା ଓ ପ୍ରସଙ୍ଗ ବଦଳେଇବା ଉଦ୍ଦେଶ୍ୟରେ ବୈଜ୍ଞାନିକଙ୍କୁ ପଚାରିଲା- ଆପଣଙ୍କ ଘରେ ତା'ହେଲେ କେବେ ଚୋରି ହୋଇ ନ ଥିବ ?

ବୈଜ୍ଞାନିକ ଜାଣି ପାରିଲେ ଚୋରର ଉଦ୍ଦେଶ୍ୟ। ଜାଣିପାରି ମଧ୍ୟ ଏ ନିଶ ଗଜୁରି ନଥିବା ଚୋରକୁ କ'ଣ ପୁଲିସ୍‌ରେ ଦେବା ଭାବି ତା' ସହ କଥା ଆରମ୍ଭ କଲେ ଏବଂ କହିଲେ- ହଁ ସେଇ ଭଳିଆ।

ଚୋର- ଆପଣଙ୍କର କେବେ ତା'ହେଲେ କିଛି ଚୋରି ହେଇନି ?

ବୈଜ୍ଞାନିକ ଏ ପ୍ରଶ୍ନରେ ଟିକେ ନୀରବ ରହିଲେ ଏବଂ ଦାର୍ଶନିକଟିଏ ଭଳି ଉତ୍ତର ଦେଲେ–

ବୁଝିଲ ବାବୁ.. କ'ଣ ତମ ନାଁ ଟି ?

ଚୋର- ସତ୍ୟଜିତ୍।

> ପିଲାବେଳେ କିଏ ଚୋରି କରେନି କହିଲ ? କିଏ ନିଜ ଘରୁ ଚୋରି କରେ ତ କିଏ ଆଉ କାହା ବାଡ଼ିରୁ। କିଏ ବାପାଙ୍କ ପକେଟ୍‌ରୁ ଚୋରି କରେ ତ ଆଉ କିଏ ମାଆଙ୍କ ପଣତକାନିରୁ। ଏମିତି ଏମିତି ସମସ୍ତେ ଚୋର। ଏଇ ଦେଖୁନ ଶ୍ରୀକୃଷ୍ଣ କେମିତି ଦହି ଚୋରି କରୁଥିଲେ, ଲହୁଣି ଚୋରି କରୁଥିଲେ। ସିଏ ବି ତ ପୁଣି ଭଗବାନ୍! ତାଙ୍କୁ ତ ପୁଣି ଆମେ ପୂଜା କରୁଛେ?

ବୈଜ୍ଞାନିକ- ଆହା... ସତ୍ୟଜିତ୍... କି ନାଁ ... ଅଥଚ ତୁମେ ଚୋରି କରୁଛ ! ହା.. ହା..

ହଉ ଛାଡ଼..

ହଁ.. ହଁ ସତ୍ୟଜିତ୍ ଶୁଣ... ତୁମେ ଜାଣିଛ ଏ ପୃଥିବୀରେ ସମସ୍ତେ ଗୋଟେ ଗୋଟେ ଚୋର। କହିଲ କେମିତି ?

ଚୋର- ଆପଣ କୁହନ୍ତୁ ଆଜ୍ଞା।

ବୈଜ୍ଞାନିକ- ହଁ ଶୁଣ। ପିଲାବେଳେ କିଏ ଚୋରି କରେନି କହିଲ ? କିଏ ନିଜ ଘରୁ ଚୋରି କରେ ତ କିଏ ଆଉ କାହା ବାଡ଼ିରୁ। କିଏ ବାପାଙ୍କ ପକେଟ୍‌ରୁ ଚୋରି କରେ ତ ଆଉ କିଏ ମାଆଙ୍କ ପଣତକାନିରୁ। ଏମିତି ଏମିତି ସମସ୍ତେ ଚୋର। ଏଇ ଦେଖୁନ ଶ୍ରୀକୃଷ୍ଣ କେମିତି ଦହି ଚୋରି କରୁଥିଲେ, ଲହୁଣି ଚୋରି କରୁଥିଲେ। ସିଏ ବି ତ ପୁଣି ଭଗବାନ୍! ତାଙ୍କୁ ତ ପୁଣି ଆମେ ପୂଜା କରୁଛେ? ତା' ବୋଲି କ'ଣ ପିଲାବେଳେ ଚୋରି କରୁଥିବା ଆମେମାନେ ସମସ୍ତେ ବଡ଼ ହେଇ ଡକାୟତ୍ ପାଲଟିଗଲେ ନା ଶ୍ରୀକୃଷ୍ଣ ତସ୍କର ପାଲଟିଗଲେ। ଆମେ କିନ୍ତୁ ଯେଉଁ ଖସି ଯିବାକୁ ଚାହୁଁ ଯେ ଆମେ ଚୋର ନୁହଁ ତା' ବିଲକୁଲ୍ ଭୁଲ୍। କାୟମନୋବାକ୍ୟରେ ଚୋରି କରିବା ସବୁ ଯାକ ଚୋରି। କେବଳ ଅନ୍ୟର ଜିନିଷ ଚୋରି କଲେ ଯେ ସେ ଚୋର ପଦବାଚ୍ୟ ତା' ନୁହଁ ବରଂ ଯିଏ ମାନସିକ ଭାବରେ ମଧ୍ୟ ଅନ୍ୟର ଜିନିଷ ଅପହରଣ କରିବାକୁ ଚିନ୍ତା କରେ ସେ ବି ଚୋର। ଯିଏ ପାଟିରେ ମଧ୍ୟ ଅନ୍ୟର ସ୍ୱୀକୃତି ବିନା ତା'ର କୌଣସି ଦ୍ରବ୍ୟ ନେବା କଥା କୁହେ ସିଏ ବି ଚୋର, ଯଦିବା ସେ ବାସ୍ତବରେ ଚୋରି ନ କରୁ।

ଆଉ ଜାଣିଛ ସତ୍ୟଜିତ୍, ଏ ସମାଜରେ ଲୋକେ ଚୋରିକୁ ନେଇ କେତେ ସଚେତନ? ତୁମେ ଦେଖିଥିବ ବ୍ୟାଙ୍କ୍‌ମାନଙ୍କରେ କେମିତି ଦୁଇ ଟଙ୍କିଆ କଲମଟି ବନ୍ଧା ଯାଇଥାଏ ଏକ ସୂତୁଲିରେ। ସତେ କି ସେ କଲମଟି ଚୋରି କରି ନେଇ ଚୋର ଧନୀ ହୋଇ ଯିବ! ଗୋଟେ ପଚାଶ ଷାଠିଏ ଟଙ୍କିଆ ଷ୍ଟିଲ୍ ମଗ୍‌କୁ

କେମିତି ଶିକୁଳିରେ ବନ୍ଧା ଯାଇଥାଏ ଟ୍ରେନ୍‌ର ଟଏଲେଟ୍ ଭିତରେ। ସତେକି କେହି ସେ ଅସନା ମଗ୍‌ଟିକୁ ଘରକୁ ଧରି ପଳେଇବ ! ଏ ସମାଜ ଚୋରମାନଙ୍କୁ କେତେ ଭୟ କରେ ଦେଖିଲ ତ? ସେ କିନ୍ତୁ ଭୁଲିଯାଏ ଯେ ସେ ନିଜେ ବି ଗୋଟେ ଚୋର। ସମସ୍ତେ କିଛି ନା କିଛି ଚୋରି କରିଥାନ୍ତି। ଏଇ ଯେମିତି ....

ଚୋର- ଓହୋ... ଆପଣ ବି ତା'ହେଲେ ପିଲାବେଳେ ବାପାଙ୍କ ପକେଟ୍‌ରୁ ଚୋରି କରିଥିଲେ ?

ବୈଜ୍ଞାନିକ- ଆରେ ନା ନା... ମୁଁ ପିଲାବେଳ କଥା କହୁନି। ବରଂ ପଇଁଚାଳିଶ ବର୍ଷ ତଳେ ହୋଇଥିବା ଗୋଟେ ଭୟଙ୍କର ଚୋରିର ଅତୀତକୁ ରୋମନ୍ଥନ କରୁଛି।

ବୈଜ୍ଞାନିକ ଦାସ୍ ଟିକେ ଭାବପ୍ରବଣ ହେଇଗଲେ। ଚୋରଟି ମଧ୍ୟ ପଳାଇ ନ ଯାଇ ବରଂ ତାଙ୍କ ଭାବପ୍ରବଣତାର ସୁଯୋଗ ନେଇ ତାଙ୍କ ଅତୀତକୁ ଆହୁରି ରୋମନ୍ଥନ କରିବାକୁ ନିଆଁରେ ଘିଅ ଦେଲା ଭଳି କହିଲା- ଓଃ ପଇଁଚାଳିଶ ବର୍ଷ ! ସେତେବେଳେ ପୁଣି ଭୟଙ୍କର ଚୋରି ? କ'ଣ ଚୋରି ହେଇଥିଲା କି?

ବୈଜ୍ଞାନିକ ଚୋରର କଥାରେ ସାମାନ୍ୟ ହସଟିଏ ହସିଦେଇ ଆହୁରି ଉତ୍ଫୁଲ୍ଲ ହେଇଗଲେ। ସେ ଫେରିଗଲେ ଚାଳିଶ ପଇଁଚାଳିଶ ବର୍ଷ ତଳର ଗୋଟେ ଅସମ୍ପୂର୍ଣ୍ଣ ପ୍ରେମକାହାଣୀକୁ। ଏମିତିରେ ପ୍ରେମକାହାଣୀ କେବେ କୋଉ ସମ୍ପୂର୍ଣ୍ଣ ହୁଏ ଯେ ? ଯେଉଁ କୃଶାଙ୍ଗୀ ତରୁଣୀଟି ତାଙ୍କ ହୃଦୟକୁ ଚୋରି କରିବାର ଅପଚେଷ୍ଟା କରି ପ୍ରଥମେ ବିଫଳ ହୋଇଥିଲା ଓ ପରେ ପରେ ସଫଳ ହେଇଥିଲା, ସେ ଅବଶ୍ୟ ଏବେ ଅପେକ୍ଷାକୃତ ମୋଟୀ ଓ ଆଉ କାହାର ଘରଣୀ। ପ୍ରେମ କେବେ ବୁଢ଼ା ହୁଏନି କି ପ୍ରେମିକା କେବେ ବୁଢ଼ୀ ହୁଏନି। ତାଙ୍କର ହଠାତ୍ ମନେପଡ଼ିଲା ତାଙ୍କ ସ୍ତ୍ରୀଙ୍କ କଥା। ସିଏ ନିଶ୍ଚୟ ଏବେ ଘର ଭିତରେ ତାଙ୍କ ପୃଥୁଳକାୟ ଶରୀରକୁ ଶେଯ ଉପରେ ଥୋଇ ବେଶ୍ ଆରାମରେ ନିଦ୍ରା ଯାପନ କରୁଥିବେ। ଘର ବାହାରେ ଏତେ କାଣ୍ଡ ଘଟି ଗଲାଣି ଅଥଚ ତାଙ୍କୁ ତିଳେ ହେଲେ ଖବର ନ ଥିବ। ତାଙ୍କର ଘୁଙ୍ଗୁଡ଼ିରୁ ମୁକ୍ତି ପାଇବା ପାଇଁ ତଥା କାହାକୁ ଜଣକୁ ଦର୍ଶନ କରିବାର ଅଭିଳାଷରେ ଏତେ ରାତିରେ ମାଘ ମାସର ବାଘ ପରି ଶୀତକୁ ଖାତିର ନ କରି ବାଲକୋନିକୁ ଓହ୍ଲାଇ ଆସିଥିଲେ ସେ। ଅଥଚ ସବୁ ଗଡ଼ବଡ଼ ହେଇଗଲା ଏ ଚୋର ଯୋଗୁଁ।

ଯାହା ବି ହେଉ ଏ ଚୋର ଯୋଗୁଁ ଗୋଟେ କଥା ତ ଠିକ୍ ହେଲା ଯେ ସେ ନିଜର ଅତୀତକୁ ଫେରି ଯାଇ ପାରିଲେ। ନ ହେଲେ ଆଜିର ଏ ଡିଜିଟାଲ୍ ଯୁଗରେ କାହା ପାଖରେ ଭଲା ସମୟ ଅଛି ତାଙ୍କର ଫ୍ଲପ୍ ପ୍ରେମ କାହାଣୀ ଶୁଣିବାକୁ। ବୈଜ୍ଞାନିକ ମନେ ମନେ ଭାବୁଥିଲେ ମୋତେ ବକରା ମିଳିଗଲା କାହାଣୀ ଶୁଣେଇବାକୁ ଆଉ ଚୋର ମନେ ମନେ ଭାବୁଥିଲା ଏ ମାଲିକକୁ ଫୁସୁଲେଇ କେମିତି ଏଠୁ ଖସିଯିବ। କି ବିଚିତ୍ର ଏ ସଂସାର। ଯିଏ ଯାହା ବିଚାରରେ ମସଗୁଲ୍।

ଚୋରଟି ଉତ୍କଣ୍ଠାର ସହ ପଚାରିଲା- ତା'ହେଲେ ସେତେବେଳେ ବି ତ ଆପଣ ସେ ଚୋରକୁ ଧରି ପାରିଥିବେ ନିଶ୍ଚୟ ! ଯେମିତି ମୋତେ ଧରି ପକେଇଲେ। ଆପଣ ଯେ ଚୋର ଧରିବାରେ ସିଦ୍ଧହସ୍ତ। ଅବଶ୍ୟ ସେ ଚୋର ନ ଥିଲା, ଥିଲା ଚୋରଣୀ।

> ସେତେବେଳକୁ ସେମାନେ ଦୁହେଁ ତାଙ୍କ ଘର ଅଗଣାରେ ପଡ଼ିଥିବା ସିମେଣ୍ଟ ବେଞ୍ଚ ଉପରେ ବସିଥିଲେ। ଷ୍ଟ୍ରିଟ୍ ଲାଇଟ୍ ତଥାପି ଜଳି ନଥିଲା, ଅର୍ଥାତ୍ ଲାଇଟ୍ ଆସି ନଥିଲା। ଏବେ କିନ୍ତୁ ଚୋରଟି ଆଉ ଥରୁ ନ ଥିଲା ଏତେ ଶୀତ ସତ୍ତ୍ୱେ। ବୈଜ୍ଞାନିକଙ୍କ ପ୍ରେମ କାହାଣୀ ଶୁଣି ବୋଧେ ତା' ମନଟା ଉଷ୍ମ ହେଇ ଯାଇଥିଲା।

ବୈଜ୍ଞାନିକ ଦାସ୍ ବେଶ୍ ଖୁସି ଜଣା ପଡୁଥିଲେ। ସେ ପୁଣି ଯୋଡ଼ିଲେ- ବୁଝିଲ ବାବୁ ସତ୍ୟଜିତ୍, ଏଇ ଯେଉଁ ଚୋରଣୀ ବୋଲି ତୁମେ ଯାହାକୁ କହୁନ, ସେ ମନ ଚୋରଣୀ ପାଇଁ ଆମ କଲେଜ୍ ଉଠୁଥିଲା ଆଉ ପଡୁଥିଲା। ଅଥଚ ତା' ହୃଦୟ ମୋ ପାଇଁ ଉଠୁଥିଲା ପଡୁଥିଲା।

ସେ ସମୟ ଥିଲା ଭାରି କ୍ରୁର। ସେ ସମୟରେ ଲୋକମାନେ ଥିଲେ ଭାରି କ୍ରୁରତର। ସେମାନେ ଆମ ପ୍ରେମକୁ ସହି ପାରୁ ନ ଥିଲେ। ଖୋଦ୍ ଘର ଭିଙ୍କି ହିଁ କୁମ୍ଭୀର ହେଉଥିଲେ। ଆଉ ଘରେ ଯଦି କୁମ୍ଭୀର ରହିବ ତୁମେ ସେ ଘରେ ରହିପାରିବ ?

ଚୋରଟି ମୁଣ୍ଡ ହଲେଇଲା।

ହଁ, ସେଇଥିପାଇଁ ମୁଁ ନିଷ୍ପତ୍ତି ନେଇଥିଲି ଘର ଛାଡ଼ି ଦେବି- ବୈଜ୍ଞାନିକ ଦାସ୍ ବଡ଼ ଦୁଃଖର ସହ କହିଲେ; କିନ୍ତୁ କୋଉ ଛାଡ଼ି ପାରିଲି।

ସେ ପୁଣି ଯୋଡ଼ିଲେ- ଯଦିଓ ଏତେ କଟକଣା ସତ୍ତ୍ୱେ ଆମେ ଉଭୟେ ଯେଉଁ ସଂସ୍ଥାରେ ଗବେଷଣା କରୁଥିଲୁ ସେଇଠି ବେଶ୍ କିଛି ସମୟ ପାଖାପାଖି ହେଇ ପାରୁଥିଲୁ ତଥାପି ତାହା ଯଥେଷ୍ଟ ନ ଥିଲା। ଆମ ଗବେଷଣା ଭିତରେ କାଚ ପରୀକ୍ଷାନଳୀଗୁଡ଼ିକ ଆମ ପ୍ରେମର ସାକ୍ଷୀ ଥିଲେ। ଯଦିଓ ଆମେ ଦୁହେଁ ଥିଲୁ ରସାୟନ ବିଜ୍ଞାନର ଛାତ୍ର ଓ ପରେ ପରେ ଗୋଟେ ଔଷଧ ତିଆରି ସଂସ୍ଥାରେ ଚାକିରି କରୁଥିଲୁ; କିନ୍ତୁ ସେତେବେଳେ ସମୟ ଆମକୁ ଗ୍ରହଣ କରି ପାରିଲାନି। ଆମେ ଜାଣୁଥିଲୁ ଯେ ବାସ୍ତବରେ ସମୟ କୌଣସି କଥା ପାଇଁ ବି ଦାୟୀ ନୁହଁ; ତଥାପି ଆମେ ସମୟକୁ ଦୋଷ ଦେଇ ଖସି ଯିବାକୁ ଚେଷ୍ଟା କରୁଥିଲୁ। ଆଉ ସବୁଠୁ ଦୁଃଖର କଥା ହେଲା, ବିଜ୍ଞାନର ଛାତ୍ର ହେଇ ଆମେ ଏସବୁକୁ ଗ୍ରହଣ

କରି ପାରୁ ନଥିଲୁ; କିନ୍ତୁ କିଛି କରି ବି ପାରୁ ନ ଥିଲୁ ।

ତୁମେ ଜାଣିଛ, ନିଉଟନ୍ ବି ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିବା ପୂର୍ବରୁ କେଉଁ ଗୋରୀ ଝିଅର ଆକର୍ଷଣରେ ପଡ଼ିଥିବେ ନିଶ୍ଚୟ। ଆକର୍ଷଣ କଥା ଜାଣି ନ ଥିଲେ ସେ ମାଧ୍ୟାକର୍ଷଣ କଥା ଜାଣି ଥାନ୍ତେ କିପରି ? ପୃଥିବୀର ସମସ୍ତେ ପ୍ରେମରେ ପଡ଼ନ୍ତି, ଚୋରି କରନ୍ତି କାହାର ହୃଦୟ, ମନ ଓ ବହୁତ୍ କିଛି ଅଥଚ ଉଦ୍‌ଘୋଷଣ କରନ୍ତି ଯେ ସେମାନେ ଚୋର ନୁହନ୍ତି । କି ଅଦ୍ଭୁତ କଥାଟିଏ ନୁହଁ !

ଦିନେ ସେ କୃଶାଙ୍ଗୀ ତରୁଣୀଟି ମୋତେ କହିଲା– ଚାଲ ଆମେ ଘର ଛାଡ଼ି ପଳେଇ ଯିବା । ମୁଁ ହସିଲି । କହିଲି କେଉଁଠିକି ପଳେଇଯିବା ? ଏ ପୃଥିବୀଟା ତ ଗୋଲ୍ । ଯାଇ ଯାଇ କେତେ ଦୂର ଯିବା? ପୁଣି ଏଠିକି ଫେରିବାକୁ ପଡ଼ିବ । ତେଣୁ କୁଆଡ଼େ ନ ଯାଇ ବରଂ କ'ଣ କରାଯାଇ ପାରିବ ସେ ବିଷୟରେ ଚିନ୍ତା କର । ସେ ମୋର ଏମିତି ଦାର୍ଶନିକ ଉକ୍ତି ସବୁକୁ ଶୁଣି ବେଳେ ବେଳେ କହୁଥିଲା, ତୁମେ ଦର୍ଶନର ଛାତ୍ର ହେବା ଉଚିତ୍ ଥିଲା ଭୁଲ୍‌ରେ ବିଜ୍ଞାନ ଭିତରକୁ ପଶି ଆସିଛ । ମୁଁ ସେତେବେଳେ ହସୁଥିଲି ଏବଂ କହୁଥିଲି- ବିଜ୍ଞାନ ଏବେ ଯାହା କହୁଛି ଦର୍ଶନ ବହୁ ଆଗରୁ ତାହା କହି ସାରିଛି । ଏହା ପରୀକ୍ଷା କରାଯାଇ ସାରିଛି । ଏଇ ବିଜ୍ଞାନ ଆଉ ଦର୍ଶନର ଗୋଲକ ଧନ୍ଦା ଭିତରେ ମୁଁ କେବଳ ଜଣେ ଗବେଷକ, ଜଣେ ଜିଜ୍ଞାସୁ, ଜଣେ ଅନୁସନ୍ଧିତ୍ସୁ । ତେଣୁ ମୁଁ ବିଜ୍ଞାନ ଭିତରେ ବି ଦର୍ଶନକୁ ଖୋଜେ, ଯେମିତି ୟୁରେକ୍କା ୟୁରେକ୍କା କହି ଗାଧୁଆ କୁଣ୍ଡରୁ ଉଲଗ୍ନ ହେଇ ଦୌଡ଼ିଥିବା ମହାପୁରୁଷ ଜଣକ ଖୋଜୁଥିଲେ ।

ତା'ହେଲେ ଆପଣ ଆଉ ଆପଣଙ୍କ ପ୍ରେମିକାକୁ ବାହା ହେଇ ପାରିଲେନି, ତାଙ୍କର ଖୋଜ ଖବର କ'ଣ ରଖିଛନ୍ତି– ଚୋରଟି ବଡ଼ ଅନୁସନ୍ଧିତ୍ସୁ ଭାବରେ ବୈଜ୍ଞାନିକଙ୍କ ଉଦ୍ଦେଶ୍ୟରେ ପଚାରିଲା ।

ସେତେବେଳକୁ ସେମାନେ ଦୁହେଁ ତାଙ୍କ ଘର ଅଗଣାରେ ପଡ଼ିଥିବା ସିମେଣ୍ଟ ବେଞ୍ଚ ଉପରେ ବସିଥିଲେ । ଷ୍ଟ୍ରିଟ୍ ଲାଇଟ୍ ତଥାପି ଜଳି ନଥିଲା, ଅର୍ଥାତ୍ ଲାଇଟ୍ ଆସି ନଥିଲା । ଏବେ କିନ୍ତୁ ଚୋରଟି ଆଉ ଥରୁ ନ ଥିଲା ଏତେ ଶୀତ ସତ୍ତ୍ୱେ । ବୈଜ୍ଞାନିକଙ୍କ ପ୍ରେମ କାହାଣୀ ଶୁଣି ବୋଧେ ତା' ମନଟା ଉଷୁମ ହେଇ ଯାଇଥିଲା ।

ବୈଜ୍ଞାନିକ ଦାସ୍ ଚୋରର ପ୍ରଶ୍ନରେ ବ୍ୟାକୁଳ ହେଇ ଉଠିଲେ, ସତେକି ସେ ଅପେକ୍ଷା କରିଥିଲେ ଏଭଳି ଗୋଟେ ପ୍ରଶ୍ନକୁ । ସିଏ କେତେବେଳେ ପଚାରିବ ଓ ସେ ଖୋଲି କହି ପକେଇବେ ସବୁ କିଛି । ସେ ଟିକେ ଅମାବାସ୍ୟା ଆକାଶକୁ ଅନେଇଲେ । ଆକାଶରେ ନା ଅଛି ଜହ୍ନ ନା ଅଛି ଗୋଟେ ହେଲେ ତାରା । ତାରାମାନେ ସବୁ କୁଆଡେ ଗଲେ ! ଆକାଶଟା ପୂରା କିଟି କିଟି ଅନ୍ଧାର ଠିକ୍ ତାଙ୍କ ଜୀବନ ଭଳି । ବୈଜ୍ଞାନିକ ଦାସ୍ ଆରମ୍ଭ କଲେ- ଏଇ ଯେଉଁ...

ଠିକ୍ ସେତିକି ବେଳେ ଏମିତି ଏକ ବିଶେଷ ମୁହୂର୍ତ୍ତକୁ କିଏ ଗୋଟେ ଗରମ ପାଣି ଛାଟି ଦେଲା ଭଳି.. ବୈଜ୍ଞାନିକ ଦାସ୍‌ଙ୍କ ସାମ୍ନା ଘର ବାଲକୋନିରେ କେହି ଜଣେ ମହିଳା ବଡ଼ ଜୋର୍‌ରେ ପାଟି କରି ଉଠିଲେ.. ଚୋର.. ଚୋର... ଚୋର...। ଚୋରଟି ମଧ୍ୟ କିଛି ନ ବୁଝି ବିଚାରି ବଡ ପାଟିରେ ଚିତ୍କାର କଲା.. ଚୋର ... ଚୋର...ଚୋର..., ଯେମିତିକି ସିଏ ଚୋର ନୁହଁ, ବରଂ ବାଲକୋନିକୁ ବାହାରିଥିବା ମହିଳାଟି ଚୋର । ଦୈବଯୋଗକୁ ସେତେବେଳେ ହିଁ ଷ୍ଟ୍ରିଟ୍ ଲାଇଟ୍‌ଟା ତା'ର ସବୁତକ ସଞ୍ଚିତ ଆଲୁଅକୁ ଅଜାଡ଼ି ଦେଇ ଦାଉ ଦାଉ ହେଇ ଜଳି ଉଠିଲା ଓ ସାରା ରାସ୍ତାଟିକୁ ଆଲୋକିତ କରି ପକେଇଲା । ଠିକ୍ ସେତିକିବେଳେ ବୈଜ୍ଞାନିକ ଦାସ୍‌ଙ୍କର ଲାଇଟ୍ ସବୁ ଗୋଟେ ପରେ ଗୋଟେ ଜଳିବାରେ ଲାଗିଲା । ଖୁବ୍ ସମ୍ଭବତଃ କେବେ ବି ରାତିରେ ନିଦ ଭାଙ୍ଗୁ ନ ଥିବା ଧର୍ମପତ୍ନୀଙ୍କର ଆଜି ନିଦ ଭାଙ୍ଗି ଯାଇଛି ।

ବୈଜ୍ଞାନକି ଦାସ୍ କିନ୍ତୁ ସେତେବେଳକୁ ଚୋରର ମୁହଁକୁ ତାଙ୍କ ଗୋଟେ ହାତରେ ଜାବୁଡ଼ି ଧରି ଧୀର ସ୍ୱରରେ କହୁଥିଲେ... ଚୁପ୍ ଚୁପ୍... ଚୁପ୍ ଚୁପ୍... ଏବଂ ସେ ବାଲକୋନିରେ ଥିବା ମହିଳା ଆଡ଼କୁ ଇସାରା କରି ଚୁପ୍ ଚୁପ୍ ବୋଲି କହୁଥିଲେ ଓ କେଉଁଠି ଲୁଚିବେ ସ୍ଥିର କରି ନପାରି ଚୋରଟିକୁ ଟାଣି ଟାଣି ତାଙ୍କ ଘର ପଛ ପଟକୁ ନେବାକୁ ଚେଷ୍ଟା କରୁଥିଲେ ।

ଏତେ ସମୟ ଧରି ଏତେ ସବୁ ଘଟିବା ପରେ ବି ଟିକିଏ ହେଲେ ବ୍ୟସ୍ତ ହେଉ ନ ଥିବା ସେ ଟୋକା ହାଇଟେକ୍ ଚୋର, କିନ୍ତୁ ଏବେ ବୈଜ୍ଞାନିକ ଦାସଙ୍କର ଏପରି ବ୍ୟବହାରରେ ବ୍ୟସ୍ତ ହେଇ ପଡୁଥିଲା ଓ ଏତେ ସମୟ ଧରି ଶୁଣି ଆସିଥିବା ମାଲିକଙ୍କ ପ୍ରେମ କାହାଣୀକୁ ମନେ ପକେଇ, ତାଙ୍କ ଘର ସାମ୍ନା ବାଲକୋନିରେ ରାତି ଅଧିଆ ଚୋର ଚୋର ବୋଲି ପାଟି କରି ପ୍ରକଟିତ ହେଇଥିବା ମହିଳାକୁ ମାଲିକଙ୍କ ପ୍ରେମିକାର ଏବେକାର କାଳ୍ପନିକ ରୂପ ସହ ମେଚ୍ କରୁଥିଲା । ■■■

ଗୃହସ୍ଥାଶ୍ରମ, ଗୋବିନ୍ଦ ବିହାର, ଷଷ୍ଠ ସାରଣୀ
ବ୍ରହ୍ମପୁର-୭୬୦୦୦୧
ଦୂରଭାଷ : ୮୭୬୩୩୯୦୦୪୫

ଉତ୍କଳମଣି ଗୋପବନ୍ଧୁଙ୍କ ହାତଗଢ଼ା ଅନୁଷ୍ଠାନ 'ସମାଜ' ଦ୍ୱାରା ପ୍ରକାଶିତ ସାହିତ୍ୟ ପତ୍ରିକା 'ସତ୍ୟବାଦୀ'ର ଶାରଦୀୟ ବିଶେଷାଙ୍କକୁ ଶୁଭେଚ୍ଛା ଜଣାଉଛି । ପ୍ରତିବର୍ଷ ଭଳି ଏହା ଅଧିକରୁ ଅଧିକ ପାଠକୀୟ ଆଦୃତିଲାଭ କରୁ ଏହା ହିଁ ଆମର ପ୍ରାର୍ଥନା । ଏହି ଅବସରରେ **ଅଭିମନ୍ୟୁ ସାମନ୍ତ ସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର** ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ତଥା କର୍ମଚାରୀମାନଙ୍କୁ ଶାରଦୀୟ ଅଭିନନ୍ଦନ । ଦଶଭୂଜା ମାଆ ଦୁର୍ଗା ସମସ୍ତଙ୍କର ମଙ୍ଗଳ କରନ୍ତୁ ।

ଡ. ଜିତେନ୍ଦ୍ର କୁମାର ଦାଶ

ଅଧ୍ୟକ୍ଷ

ଅଭିମନ୍ୟୁ ସାମନ୍ତ ସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲିଆ, ଯାଜପୁର

କଳା ଓ ଭାସ୍କର୍ଯ୍ୟ

ଗଞ୍ଜାମର ପାରମ୍ପରିକ ଲୋକନୃତ୍ୟ

ନବଦୁର୍ଗା ଉପାସନା

ଜଗଦୀଶ ପାଣିଗ୍ରାହୀ

ଲୋକନୃତ୍ୟ ଓ ଲୋକସଂସ୍କୃତିର ଗବେଷକ । ପାରମ୍ପରିକ ଲୋକନୃତ୍ୟର ମୌଳିକତାକୁ ଅକ୍ଷୁଣ୍ଣ ରଖି ରଙ୍ଗମଞ୍ଚରେ ପରିବେଷଣ କରିବା ଦିଗରେ ବ୍ରତୀ ରହିଛନ୍ତି । 'ପ୍ରକୃତିପୁରୁଷ ଓ ଦଣ୍ଡନାଚ', 'ଗଞ୍ଜାମର ବେଶ ନୃତ୍ୟ', 'ଲୋକବାଦ୍ୟ ଚାଙ୍ଗୁ' ଆଦି ଲୋକସଂସ୍କୃତି ସମ୍ବନ୍ଧିତ ପ୍ରବନ୍ଧ ପ୍ରକାଶିତ ।

ଧର୍ମବିଶ୍ୱାସର ଦେଶ ଓଡ଼ିଶା । ଏଠାରେ ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ ଧର୍ମ ପରି ବିଭିନ୍ନ ଧର୍ମୀୟ ଉପାସନା ଦେଖିବାକୁ ମିଳେ । ତନ୍ମଧ୍ୟରୁ 'ଶକ୍ତି ଉପାସନା' ଅନ୍ୟତମ । ଶକ୍ତିକୁ ସାଧନ କରୁଥିବା ଭକ୍ତ, ସାଧକଙ୍କୁ ଶାକ୍ତ କୁହା ଯାଇଥାଏ । ଏହି ଶକ୍ତି ପୂଜା ବହୁ ପ୍ରାଚୀନ କାଳରୁ ପ୍ରଚଳିତ । ପୁରାଣ ବର୍ଣ୍ଣିତ ପ୍ରକାରେ ଦକ୍ଷ ପ୍ରଜାପତି ଏକ ଯଜ୍ଞର ଆୟୋଜନ କରିଥିଲେ । ଏହି ଯଜ୍ଞକୁ ନିଜର ଜାମାତା 'ଶିବ'ଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା । ଏହାକୁ ଅପମାନ ବୋଧ କରି ଦକ୍ଷ ପ୍ରଜାପତିଙ୍କ କନ୍ୟା 'ସତୀ' ନିଜ ସ୍ୱାମୀ ଶିବଙ୍କ ସମ୍ମାନ ରକ୍ଷା କରିବା ପାଇଁ ପିତାଙ୍କ ଯଜ୍ଞ କୁଣ୍ଡରେ ଝାସ ଦେଇଥିଲେ । ଯଜ୍ଞ କୁଣ୍ଡରେ 'ସତୀ' ଝାସ ଦେଲାପରେ କ୍ରୋଧରେ ଶିବ, ମାତା ସତୀଙ୍କ ଅର୍ଦ୍ଧଦଗ୍ଧ ଶରୀରକୁ ଧରି ପ୍ରଳୟ ରଚିଥିଲେ । ଏଥିରେ ପୃଥିବୀ ପ୍ରକମ୍ପିତ ହେଲା । ତାଙ୍କୁ ଶାନ୍ତ କରାଇବା ପାଇଁ ଭଗବାନ୍ ବିଷ୍ଣୁ ସୁଦର୍ଶନ ଚକ୍ର ସାହାଯ୍ୟରେ ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲେ, ପରେ ଶିବ ଶାନ୍ତ ହୋଇଥିଲେ । ସତୀଙ୍କ ଶରୀରର ଅଂଶବିଶେଷ ଯେଉଁଠାରେ ପଡ଼ିଲା ସେହି ସ୍ଥାନରେ ସୃଷ୍ଟି ହେଲା ଏକ ଏକ ଶକ୍ତିପୀଠ । ଏହି ପୀଠମାନଙ୍କ ନାମକରଣ ଓ ମାହାତ୍ମ୍ୟ ଅନୁଯାୟୀ ଦେବୀ ଭିନ୍ନଭିନ୍ନ

ରୂପରେ ପୂଜା ପାଇ ଆସୁଅଛନ୍ତି । ତନ୍ମଧ୍ୟରୁ 'ଦେବୀ ଦୁର୍ଗା' ଅନ୍ୟତମ । ଦେବୀ ଭକ୍ତଙ୍କ ମନୋବାଞ୍ଛା ପୂରଣ କରିବା ସହ ଦୁଷ୍ଟଙ୍କୁ ସଂହାର କରିବା ପରମ୍ପରା ଶାକ୍ତ ପରମ୍ପରାରେ ଦେଖିବାକୁ ମିଳେ । ଦେବୀ ଦୁର୍ଗା ମଧ୍ୟ ବିଭିନ୍ନ ରୂପରେ ନିଜର ଲୀଳା ରଚନା କରି ଦୁଷ୍ଟ ନିବାରି ସନ୍ଥପାଳନ କରି ସୃଷ୍ଟିକୁ ରକ୍ଷା କରିବାର ବହୁ ଉଦାହରଣ ଦେବୀ ପୁରାଣ ତଥା ସାହିତ୍ୟ ଓ ଗବେଷଣା ପରିଧି ମଧ୍ୟରେ ବର୍ଣ୍ଣିତ ହୋଇଛି । ତନ୍ମଧ୍ୟରୁ ଦେବୀ ଦୁର୍ଗାଙ୍କ 'ନବଦୁର୍ଗା' ବେଶ ପୂଜା ଅନ୍ୟତମ । ତାଙ୍କ ଲୀଳା ଅବର୍ଣ୍ଣନୀୟ! ମାତା ଦୁର୍ଗା ହେଉଛନ୍ତି ଅଜନ୍ମା, ସର୍ବଶକ୍ତିସମ୍ପନ୍ନା । ସେ ମହିଷାସୁରକୁ ନିଧନ କରି ସଂସାରରୁ ଶୋକ, ତାପ, ମାୟା, ଛଳନାକୁ ନିପାତ କରିଛନ୍ତି । ସେ ବିଭିନ୍ନ ସମୟରେ ଭିନ୍ନଭିନ୍ନ ରୂପରେ ପ୍ରକଟ ହୋଇ ଆସୁରିକଶକ୍ତିକୁ ନିପାତ କରି ଶାନ୍ତି ଫେରାଇ ଆଣିବାର ବହୁ ଘଟଣା ପୁରାଣ ଶାସ୍ତ୍ରରେ ଲିପିବଦ୍ଧ ହୋଇଛି । ଏପରିକି ଏହି ସୃଷ୍ଟିର ଆଦିଶକ୍ତି ମାତାଙ୍କ ନିର୍ଦ୍ଦେଶରେ ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ଭଗବାନ୍ ବିଷ୍ଣୁ ଓ ସଂହାରକର୍ତ୍ତା କାର୍ଯ୍ୟ ଭଗବାନ୍ ଶିବ ସମ୍ପାଦନା କରନ୍ତି । ଦେବୀଙ୍କ ସହସ୍ର ରୂପ ଥିଲେ ହେଁ ତନ୍ମଧ୍ୟରୁ ୯(ନଅ)ଟି ରୂପ ପ୍ରଧାନ । ସେହି ରୂପ ହେଲେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ, ସିଦ୍ଧିଦାତ୍ରୀ । ଦୁର୍ଗାଙ୍କ ନଅଟି ପ୍ରଧାନ ରୂପକୁ 'ନବଦୁର୍ଗା' କୁହା ଯାଇଥାଏ । ନବଦୁର୍ଗା ବେଶପଡ଼ି ଗ୍ରାମଦାଣ୍ଡରେ, ମଞ୍ଚରେ ବାଦ୍ୟ ବାଜଣାର ତାଳେ ତାଳେ ନୃତ୍ୟ କରିବାକୁ ନବଦୁର୍ଗା ନୃତ୍ୟ କୁହାଯାଏ । ଏହାକୁ କେତେକ ନବଦୁର୍ଗା ବେଶ, ନବଦୁର୍ଗା ନାଟ ମଧ୍ୟ କହିଥା'ନ୍ତି । ଏହି ନୃତ୍ୟର ବର୍ଣ୍ଣନା ପୂର୍ବରୁ ନବଦୁର୍ଗାଙ୍କ ନଅଟି ରୂପର ସମ୍ୟକ୍ ସୂଚନା ନିମ୍ନରେ ପ୍ରଦତ୍ତ ହେଲା । ଏହି ନବଦୁର୍ଗାଙ୍କୁ ନବରାତ୍ର ପୂଜାରେ ପ୍ରତିଦିନ ଗୋଟିଏ ଗୋଟିଏ ନାମରେ କ୍ରମାନ୍ୱୟରେ ପୂଜା କରାଯାଇଥାଏ । ଏହି ପୂଜାକୁ ଲୋକ ବିଶ୍ୱାସରେ ଶକ୍ତିପୂଜା, ତନ୍ତ୍ର ପୂଜା ବା ଶାସ୍ତ୍ରୋକ୍ତ ପୂଜା ବିଧାନ କୁହାଯାଇଥାଏ । ଲୋକ ବିଶ୍ୱାସରେ ନବଦୁର୍ଗାଙ୍କ ସମ୍ୟକ୍ ସୂଚନା:

ଶୈଳପୁତ୍ରୀ : ପର୍ବତରାଜ ହିମାଳୟଙ୍କ କନ୍ୟା ହୋଇଥିବା ଯୋଗୁଁ ଏହାଙ୍କ ନାମ 'ଶୈଳପୁତ୍ରୀ' । ସେ ପୂର୍ବଜନ୍ମରେ 'ସତୀ' ଥିଲେ । ଅଗ୍ନିରେ ଝାସ ଦେବା ପରେ ଏହି ରୂପରେ ଜନ୍ମ ନେଇ ଶିବଙ୍କ ଅର୍ଦ୍ଧାଙ୍ଗିନୀ ହେଲେ । ଦେବୀଙ୍କୁ ଉପାସନା ସମୟରେ ଯେଉଁ ଭକ୍ତ ନିଜ ମନକୁ 'ମୂଳାଧାର ଚକ୍ର' ରେ ରଖି ଯୋଗ ସାଧନା, ତପସ୍ୟା କରେ ଦେବୀ ତାଙ୍କ ଉପରେ ସହଜରେ ପ୍ରସନ୍ନ ହୁଅନ୍ତି । ଦେବୀ ଡାହାଣ ହସ୍ତରେ ତ୍ରିଶୂଳ, ବାମ ହସ୍ତରେ ପଦ୍ମଫୁଲ ସହ ବୃଷାରୂଢ଼ ହୋଇ ବିରାଜମାନ ହୋଇଥା'ନ୍ତି । ନବରାତ୍ର ପୂଜାର ପ୍ରଥମ ଦିନରେ ଦେବୀଙ୍କୁ ଏହି ନାମରେ ପୂଜା କରା ଯାଇଥାଏ ।

ବ୍ରହ୍ମଚାରିଣୀ : 'ବ୍ରହ୍ମ' ଶବ୍ଦର ଅର୍ଥ ତପସ୍ୟା । 'ବ୍ରହ୍ମଚାରିଣୀ'ର ଅର୍ଥ ହେଲା ତପଃଚାରିଣୀ । ଯେ ତପଃ ଆଚରଣ କରନ୍ତି ସେ ହେଲେ ବ୍ରହ୍ମଚାରିଣୀ, ଆଦି ଶକ୍ତିମାତା ଦେବୀ । ଦେବୀ ବ୍ରହ୍ମଚାରିଣୀ ଶଙ୍କରଙ୍କୁ ପତି ରୂପେ ପାଇବା ପାଇଁ କଠୋର ତପସ୍ୟା କରିଥିଲେ । ତେଣୁ ଏହାଙ୍କୁ ବ୍ରହ୍ମଚାରିଣୀ କୁହାଯାଏ । ମାତା ବ୍ରହ୍ମଚାରିଣୀ ପ୍ରତ୍ୟେକ କାର୍ଯ୍ୟର ସିଦ୍ଧିପ୍ରଦାୟିନୀ ଅଟନ୍ତି । ଦେବୀଙ୍କ ଡାହାଣ ହସ୍ତରେ ଜପାମାଳି ଓ ବାମ ହସ୍ତରେ କମଣ୍ଡଳୁ ଶୋଭା ପାଇଥାଏ । ନବରାତ୍ର ପୂଜାର ଦ୍ୱିତୀୟ ଦିନରେ ଏହି ଦେବୀଙ୍କୁ ପୂଜା କରାଯାଇଥାଏ ।

ଚନ୍ଦ୍ରଘଣ୍ଟା : ଦେବୀଙ୍କ ମସ୍ତକରେ ଘଣ୍ଟା ଆକାରର ଅର୍ଦ୍ଧଚନ୍ଦ୍ର ଶୋଭା ପାଉଥିବାରୁ ଦେବୀଙ୍କୁ 'ଚନ୍ଦ୍ରଘଣ୍ଟା' କୁହା ଯାଇଥାଏ । ଦେବୀ ସିଂହ ବାହିନୀ ହୋଇ ଯୁଦ୍ଧ ନିମନ୍ତେ ଉଦ୍ୟତ ମୁଦ୍ରାରେ ପୂଜିତ । ଦେବୀଙ୍କ ଦଶଟି ଭୁଜରେ ଖଣ୍ଡା, ଖର୍ପର, ଧନୁ, ଶର, ଆଦି ଅସ୍ତ୍ର ଶସ୍ତ୍ର ଶୋଭା ପାଇଥାଏ । ସମର୍ପିତ ଭାବରେ ଦେବୀଙ୍କୁ ପୂଜା ଆରାଧନା କଲେ ମାତା ଭକ୍ତଙ୍କୁ ଶକ୍ତି, ସାହସ ଦେବା ସହ ଭକ୍ତ, ସାଧକର ମନୋବାଞ୍ଛା ପୂର୍ଣ୍ଣ କରିଥାନ୍ତି । 'ଚନ୍ଦ୍ରଘଣ୍ଟା' ଙ୍କ ଘଣ୍ଟା ଧ୍ୱନି ଭକ୍ତଙ୍କୁ ଭୂତ, ପ୍ରେତ, ବାଧା ବନ୍ଧନରୁ ରକ୍ଷା କରିଥାଏ । ନବରାତ୍ର ପୂଜାର ତୃତୀୟ ଦିନରେ ଦେବୀଙ୍କୁ ଏହି ନାମରେ ପୂଜା କରା ଯାଇଥାଏ ।

କୁଷ୍ମାଣ୍ଡା : କୁଷ୍ମାଣ୍ଡା ଅର୍ଥ 'ଦୁର୍ଗା ଦେବୀ' । ଦୁର୍ଗା ପୁରାଣ ବର୍ଣ୍ଣନା ପ୍ରକାରେ ଦେବୀଙ୍କ ନିଜ ମନ୍ଦହାସ ଦ୍ୱାରା ବ୍ରହ୍ମାଣ୍ଡଙ୍କୁ ଉତ୍ପନ୍ନ କରିଥିବା ଯୋଗୁଁ ମାତା ଦୁର୍ଗାଙ୍କ ଏହି ଶରୀରକୁ 'କୁଷ୍ମାଣ୍ଡା ଦେବୀ' କୁହା ଯାଇଥାଏ । ତେଣୁ ସେ ଆଦ୍ୟ ସ୍ୱରୂପା ଅଟନ୍ତି । ଦେବୀଙ୍କ ପ୍ରଭା ଓ ତେଜ ସୂର୍ଯ୍ୟଙ୍କ

ସଙ୍ଗେ ସମାନ । ଦେବୀ ହେଉଛନ୍ତି ଅଷ୍ଟଭୁଜା । ଦେବୀଙ୍କ ଏହି ଭୁଜମାନଙ୍କରେ କମଣ୍ଡଳୁ, ଧନୁ, ବାଣ, ଅମୃତ ପୂର୍ଣ୍ଣ କଳସ, ଚକ୍ର, ଗଦା, ଜପାମାଳି ଆଦି ଶୋଭାପାଏ । ସିଂହାସନରେ ବିରାଜିତ ଦେବୀଙ୍କ ସବୁଠାରୁ ପ୍ରିୟ ହେଲା ପାଣିକଖାରୁ । ସାଧକ, ଭକ୍ତଗଣ ପବିତ୍ର ଚିତ୍ତରେ ଦେବୀଙ୍କ ଶରୀରକୁ ଧ୍ୟାନକଲେ ସକଳ ରୋଗ, ଶୋକ ଦୂର ହୋଇଥାଏ । ନବରାତ୍ର ପୂଜାର ଚତୁର୍ଥ ରାତ୍ରରେ ଦେବୀଙ୍କୁ ଏହି ନାମରେ ପୂଜା କରାଯାଇଥାଏ ।

ସ୍କନ୍ଦମାତା : ଦେବତାଙ୍କ ସେନାପତି କୁମାର କାର୍ତ୍ତିକେୟଙ୍କ ଅନ୍ୟନାମ 'ସ୍କନ୍ଦ' । ଦେବୀ ସ୍କନ୍ଦଙ୍କ ମାତା ହୋଇଥିବାରୁ ଏହାଙ୍କ ନାମ ସ୍କନ୍ଦମାତା ଅଟେ । ମାତାଙ୍କ ବିଗ୍ରହରେ କୁମାର ସ୍କନ୍ଦମାତା(ଦୁର୍ଗା)ଙ୍କ କୋଳରେ ବାଳକ ରୂପେ ବସିଥାନ୍ତି । ଦେବୀ ଏଠାରେ ଚତୁର୍ଭୁଜା ଅଟନ୍ତି । ଏହାଙ୍କ ଭୁଜରେ ପଦ୍ମଫୁଲ ଧରିଥବାବେଳେ ଅନ୍ୟ ହସ୍ତରେ ବର ପ୍ରଦାନ କରିଥାନ୍ତି । ଦେବୀ ସ୍କନ୍ଦମାତା ହେଉଛନ୍ତି ସୂର୍ଯ୍ୟ ମଣ୍ଡଳର ଅଧିଷ୍ଠାତ୍ରୀ । ତେଣୁ ସ୍କନ୍ଦମାତାଙ୍କୁ ପୂଜାକଲେ ବହୁ ଐଶ୍ବର୍ଯ୍ୟର ଅଧିକାରୀ ହେବାର ଫଳ ପ୍ରାପ୍ତି ହୋଇଥାଏ । ନବରାତ୍ର ପୂଜାର ପଞ୍ଚମ ରାତ୍ରରେ ଦେବୀଙ୍କୁ ପୂଜା କରାଯାଇଥାଏ ।

କାତ୍ୟାୟନୀ : ପୁରାଣ ବର୍ଣ୍ଣିତ ପ୍ରକାରେ ମହର୍ଷି କାତ୍ୟାୟନ ମାତା ଭଗବତୀଙ୍କୁ ବହୁ ବର୍ଷଧରି ପୂଜା କରୁଥିଲେ । ତାଙ୍କ ପୂଜା କରିବାର ଉଦ୍ଦେଶ୍ୟ ଥିଲା ମାତା 'ଦୁର୍ଗାଦେବୀ' ମହର୍ଷି କାତ୍ୟାୟନଙ୍କ ଗୃହରେ କନ୍ୟା ରୂପେ ଜନ୍ମଗ୍ରହଣ କରନ୍ତୁ । କାତ୍ୟାୟନଙ୍କ ଏହି ସାଧନା ଚାଲିଥିବା ସମୟରେ କ୍ରମେ ମହିଷାସୁର ଦାନବର ଅତ୍ୟାଚାର ପୃଥିବୀରେ ବଢ଼ିବାରେ ଲାଗିଲା । ମହିଷାସୁରକୁ ବିନାଶ କରିବା ପାଇଁ ଭଗବାନ ବ୍ରହ୍ମା, ବିଷ୍ଣୁ, ମହେଶ୍ବର ନିଜ ତେଜ ଅଂଶରେ ଏକ ସର୍ବଶକ୍ତିମାନ ଦେବକନ୍ୟା ଉତ୍ପନ୍ନ କରାଇବା ଲକ୍ଷ୍ୟରେ ଦେବୀ ଦୁର୍ଗା ମହର୍ଷି କାତ୍ୟାୟନଙ୍କ ଗୃହରେ କନ୍ୟାରୂପେ ଜନ୍ମଗ୍ରହଣ କରି ମହିଷାସୁରକୁ ସଂହାର କରିଥିଲେ । ଅନ୍ୟ ଏକ ମତ ହେଲା ଦେବୀ କାତ୍ୟାୟନୀ କାତ୍ୟାୟନ ଋଷିଙ୍କ ପୂଜା ଗ୍ରହଣ କରି ବିଜୟା ଦଶମୀ ଦିନ ମହିଷାସୁରକୁ ବଧ କରିଥିଲେ । ପୁଣି ବ୍ରଜଗୋପୀଗଣ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପାଇବା ପାଇଁ ଯମୁନା ତଟରେ କାତ୍ୟାୟନୀଙ୍କୁ ପୂଜା କଲେ ଦେବୀ ମନୋକାମନା ପୂର୍ଣ୍ଣ କରିଥା'ନ୍ତି । ମାତା କାତ୍ୟାୟନୀ ହେଉଛନ୍ତି ଚତୁର୍ଭୁଜା । ସେ ସିଂହବାହିନୀ ଭାବରେ ପୂଜା ପାଇଥା'ନ୍ତି ।

ନବରାତ୍ର ପୂଜାର ରଜନୀରେ ଦେବୀଙ୍କୁ ପୂଜା କରାଯାଇଥାଏ ।

କାଳରାତ୍ରି : ଦେବୀଙ୍କ ଶରୀର ରାତ୍ରିପରି ଗାଢ଼କୃଷ୍ଣ ବର୍ଣ୍ଣ ହୋଇଥିବା ଯୋଗୁଁ ଏହାଙ୍କୁ କାଳରାତ୍ରି କୁହାଯାଇଥାଏ । ମସ୍ତକରେ ମୁକୁଳିତ ଘନକେଶ ଓ କଣ୍ଠରେ ତେଜୀୟାନ୍ ମାଳ ଲମ୍ବିଥାଏ । ମାତାଙ୍କର ତିନୋଟି ଗୋଲାକାର ନେତ୍ର । ନାସିକାରୁ ଅଗ୍ନି ଜ୍ଵାଳା ବାହାରୁ ଥାଏ । ଦେବୀଙ୍କର ବାହନ ଗଧ । ସେ ଚତୁର୍ଭୁଜା ଅଟନ୍ତି । ଏହାଙ୍କର ଗୋଟିଏ ହସ୍ତରେ ବର ପ୍ରଦାନ କରୁଥିବା ବେଳେ ଅନ୍ୟ ହାତରେ ଭକ୍ତଙ୍କୁ ଅଭୟଦାନ କରିଥା'ନ୍ତି । ତାଙ୍କର ଅନ୍ୟଦୁଇଟି ହାତରୁ ଗୋଟିକରେ ଲୁହାକଣ୍ଟା ଓ ଅନ୍ୟ ହାତରେ ଖଣ୍ଡା ଖର୍ପର ଶୋଭା ପାଇଥାଏ । ମାଆଙ୍କର ରୂପ ଅତି ଭୟଙ୍କର ହେଲେ ମଧ ସେ ଭକ୍ତଙ୍କୁ ସଦାବେଳେ ଶୁଭଫଳ ପ୍ରଦାନ କରିଥାନ୍ତି । କାଳରାତ୍ରିଙ୍କୁ ପୂଜା କଲେ ସକଳ ସିଦ୍ଧି ପ୍ରାପ୍ତ ହୋଇଥାଏ । ଦୁଷ୍ଟ ନାଶିନୀ କାଳରାତ୍ରିଙ୍କ ନାମ ସୁମରଣା ମାତ୍ରକେ ଭୂତ, ପ୍ରେତ, ଦୈତ୍ୟ, ଦାନବ ଆଦିଙ୍କ ଭୟ ନ ଥାଏ । ନବରାତ୍ର ପୂଜା ବିଧିରେ ଦେବୀଙ୍କୁ ସପ୍ତମୀ ଦିନ ପୂଜା କରା ଯାଇଥାଏ ।

ମହାଗୌରୀ : ପଣ୍ଡିତମାନଙ୍କ ମତରେ ମହାଗୌରୀ ଭଗବାନ୍ ଶିବଙ୍କୁ ପତି ରୂପେ ପାଇବାକୁ କଠୋର ତପସ୍ୟା କରି କଳା ପଡ଼ି ଯାଇଥିଲେ । ଶେଷରେ ଶିବ ସନ୍ତୁଷ୍ଟ ହୋଇ ମହାଗୌରୀଙ୍କ ଶରୀରରେ ଗଙ୍ଗାଜଳ ସିଞ୍ଚିଦେବା ପରେ ସେ ଶୁଭ୍ରବର୍ଣ୍ଣା ହୋଇ ତେଜୀୟାନ୍ ଦେଖାଗଲେ । ଏହା ପରଠାରୁ ମାତାଙ୍କ ନାମ ହେଲା ମହାଗୌରୀ । ଏହାଙ୍କ ବାହନ ହେଉଛନ୍ତି ବୃଷଭ । ସେ ଚତୁର୍ଭୁଜା ଅଟନ୍ତି । ତାଙ୍କର ଦୁଇ ହାତରେ ତ୍ରିଶୂଳ ଓ ଡମ୍ବୁରୁ ଶୋଭା ପାଉଥିବା ବେଳେ ଅନ୍ୟ ଦୁଇ ହାତ ଅଭୟ ବର ପ୍ରଦାନ ମୁଦ୍ରାରେ ଥାଏ । ମହାଗୌରୀଙ୍କ ବୟସ ଆଠବର୍ଷ ବୋଲି ଧରା ଯାଇଥାଏ । ମହାଗୌରୀଙ୍କୁ ଆରାଧନା କଲେ ସକଳ ପାପ ଧୋଇଯିବା ସହ ସାଧକ ଅକ୍ଷୟ ପୁଣ୍ୟର ଅଧିକାରୀ ହୋଇଥାଏ । ନବରାତ୍ର ପୂଜାରେ ମହାଗୌରୀଙ୍କୁ ମହାଷ୍ଟମୀ ଦିନ ପୂଜା କରାଯାଇଥାଏ ।

ସିଦ୍ଧିଦାତ୍ରୀ : ମାତା ସକଳ ସିଦ୍ଧିଦାତ୍ରୀ ହୋଇଥିବା ଯୋଗୁଁ ଏହାଙ୍କ ନାମ ସିଦ୍ଧିଦାତ୍ରୀ ଅଟେ । ଦେବୀ ପୁରାଣ ସୂଚନା ପ୍ରକାରେ ମାତା ସିଦ୍ଧିଦାତ୍ରୀଙ୍କ କୃପାରୁ ଭଗବାନ୍ ଶିବ ଅଠରଟି ସିଦ୍ଧି ପ୍ରାପ୍ତ ହୋଇଥିଲେ । ଏହାର ଜ୍ଵଳନ୍ତ ଉଦାହରଣ ହେଲା ଭଗବାନ୍ ଶିବଙ୍କ ଅର୍ଦ୍ଧ ନାରାୟଣ ରୂପ । ମାତା ସିଦ୍ଧିଦାତ୍ରୀ ଚତୁର୍ଭୁଜା ଅଟନ୍ତି । ସେ ପଦ୍ମାସନା । ଦେବୀଙ୍କ ହସ୍ତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଶୋଭା ପାଇଥାଏ ।

ନବରାତ୍ର ପୂଜାର ଶେଷଦିନ, ଅର୍ଥାତ୍ ନବମୀ ଦିନ ଦେବୀଙ୍କୁ ପୂଜା କରାଯାଇଥାଏ। ମାଆ ସିଦ୍ଧିଦାତ୍ରୀଙ୍କୁ ଭକ୍ତିଭରେ ଉପାସନା କଲେ ସାଧକମନରେ ସକଳ ଶକ୍ତି ସଞ୍ଚାରିତ ହୋଇ ଲୌକିକ ଓ ପାରଲୌକିକ, ସର୍ବ ପ୍ରକାର କାମନା ପରିପୂର୍ଣ୍ଣ ହୋଇଥାଏ।

ଶାସ୍ତ୍ର ଅନୁଯାୟୀ ନବଦୁର୍ଗାଙ୍କୁ ଶ୍ରଦ୍ଧା ଓ ଭକ୍ତିରେ ଉପାସନା କଲେ ସକଳ କାମନା ପ୍ରାପ୍ତ ହୋଇଥାଏ। ଏହି ବିଶ୍ୱାସରେ ଶ୍ରଦ୍ଧାଳୁମାନେ ଦେବୀଙ୍କ ଉପାସନା କରିବା ସହ ଯାନିଯାତ୍ରା, ପର୍ବପର୍ବାଣିରେ ଭକ୍ତମାନେ ମହାଆଡ଼ମ୍ବର ସହକାରେ ନବଦୁର୍ଗା ନୃତ୍ୟକୁ ଗ୍ରାମ ଦାଣ୍ଡରେ ଲୋକ ମଞ୍ଚ ବା ଦେବୀ ପୀଠମାନଙ୍କରେ ପ୍ରଦର୍ଶନ କରିଥା'ନ୍ତି। ଶ୍ରଦ୍ଧାଳୁ ଦର୍ଶକ ଓ ଭକ୍ତଙ୍କ ମନରେ ଏହା ଗଭୀର ଭକ୍ତିଭାବ ସୃଷ୍ଟି କରାଇବା ସହ ଭକ୍ତି ଓ ବିଶ୍ୱାସର ନିରୁତା ଲୋକ ନର୍ତ୍ତକ ନର୍ତ୍ତକୀମାନେ ନିଜକୁ କୃତାର୍ଥ ମଣିଥାନ୍ତି। ଏହି ଲୋକନୃତ୍ୟ 'ନବଦୁର୍ଗା ନୃତ୍ୟ' ସମ୍ପର୍କରେ ସୂଚନା ଦେବା ସମୀଚୀନ ବୋଧହୁଏ।

ଉତ୍କଳୀୟ ସଂସ୍କୃତିର ବିଭବ କଳା, ସାହିତ୍ୟ, ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟ। ପ୍ରତ୍ୟେକର ଆଧାର ଆମର ସନାତନ ଧର୍ମ। ଧର୍ମୀୟ ଭାବନାକୁ ବାଦ୍ ଦେଇ ଏହାର ପରିଚୟ ଦେବା କଷ୍ଟସାଧ୍ୟ। ଧର୍ମଗ୍ରନ୍ଥଗୁଡ଼ିକରେ ବିଷୟବସ୍ତୁ ପଣ୍ଡିତ ଓ ଶିକ୍ଷିତ ସମାଜ ମାଧ୍ୟମରେ ସାଧାରଣ ଜନତା ନିକଟରେ ପହଞ୍ଚି ଥାଏ। ଏହି ଆଧାରରେ ରଚିତ ନୃତ୍ୟନାଟକ ଲୀଳାକୁ ମନୁଷ୍ୟ ପ୍ରତ୍ୟକ୍ଷ ଭାବେ ଦେଖି ଏହା ବୁଝି ପାରିଥାଏ। ଏହା ତା'ର ଜୀବନରେ ମୂଲ୍ୟବୋଧ ସଂସ୍କାରିତ ଚିନ୍ତାଧାରା ଆଣିବା ସହ ମନୋରଞ୍ଜନର ଖୋରାକ୍ ଯୋଗାଇଥାଏ। ବିଶେଷ କରି ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲାରେ ଏହି ନୃତ୍ୟ ଦେଖିବାକୁ ମିଳିଥାଏ। ସାଧାରଣ ମଣିଷଟିଏ କେତେବେଳେ ଦେହରେ ରଙ୍ଗବୋଳି ହୋଇଯାଏ ବାହନ ତ କେତେବେଳେ ବନିଯାଏ ଭଗବତୀ ଓ ଭଗବାନ। ଏହି ସବୁରୁ ସୃଷ୍ଟି ହୋଇଥାଏ ବିଭିନ୍ନ ପ୍ରକାରର ଲୋକନୃତ୍ୟ। ଲୋକନୃତ୍ୟ ସାହିତ୍ୟ ଭଳି ସମ୍ପୂର୍ଣ୍ଣ ରୂପେ ଭଗବାନଙ୍କ ନିକଟରେ ସମର୍ପିତ ହୋଇଥାଏ। ଭକ୍ତ ଯେମିତି ପ୍ରସାଦ ଗ୍ରହଣ କରନ୍ତି ଠିକ୍ ସେମିତି ନୃତ୍ୟକୁ ଭଗବାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କଲାପରେ ଏହାକୁ ମନୋରଞ୍ଜନର ମାଧ୍ୟମ କରାଯାଏ। ବେଳେବେଳେ ଭକ୍ତ ତାମସିକ ଶକ୍ତିଧାରକ ରାକ୍ଷସ ରୂପ ମଧ୍ୟ ଧରିଥାଏ; କାରଣ ସେହି ରୂପରେ ସେ ମାନବ ସମାଜରେ ଭଗବତୀ କିମ୍ବା ଭଗବାନଙ୍କ ହାତରେ ମୃତ୍ୟୁବରଣ କରେ। ଦୁଷ୍ଟ ରାକ୍ଷସର ଅନ୍ୟାୟ ଅତ୍ୟାଚାର ଧ୍ୱଂସ ହୁଏ। ଏଠାରେ ଦୁରାଚାରୀ କେମିତି ଦୈବୀଶକ୍ତି ଦ୍ୱାରା ଧ୍ୱଂସ ହୁଏ ତାହାର ଉଦାହରଣ ଦେଖାଯାଏ।

ଜଗଜ୍ଜନନୀ ଦୁର୍ଗା ସମଗ୍ର ଦେଶରେ ପୂଜା ପାଆନ୍ତି। ସାଧକ ନବରାତ୍ରରେ ଦେବୀଙ୍କ ସମସ୍ତ ସ୍ୱରୂପକୁ ଆରାଧନା କରି ଅଖଣ୍ଡ ସିଦ୍ଧିର ଅଧିକାରୀ ହୋଇଥାଆନ୍ତି। କିଛି ଭକ୍ତ ଦେବୀଙ୍କୁ ଉପାସନା ମାଧ୍ୟମରେ ପାଇଥିବା ବେଳେ ଆଉ କିଛି ଭକ୍ତ ତନ୍ତ୍ର ସାଧନା ବଳରେ ତାଙ୍କୁ ପ୍ରସନ୍ନ କରି ଥାଆନ୍ତି। ତନ୍ତ୍ର ସାଧନା ଜନମାନସରେ ଏଭଳି ଭାବେ ସଂଶ୍ଳିଷ୍ଟ ହୋଇ ଯାଇଛି ଯେ ତା'ର ଜୀବନଚର୍ଯ୍ୟା ସଙ୍ଗେ ଓତପ୍ରୋତ ଭାବେ ଜଡ଼ିତ ହୋଇଛି। ସେ ଯାହା ହେଉନା କାହିଁକି ଦେବୀଙ୍କୁ ସମଗ୍ର ସମାଜ ଯେ କୌଣସି ପ୍ରକାରେ ପ୍ରସନ୍ନ କରାଇ ତାଙ୍କର ଅପାର କରୁଣା ଲ । ଭ ପାଇଁ ବ୍ୟଗ୍ର। ଏହା ଆମ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି। ଉକ୍ତ ନୃତ୍ୟର ଭିତ୍ତିଭୂମି ପୂର୍ବ ଆଲୋଚିତ ଶାକ୍ତ ପରମ୍ପରାର ଅଭିନ୍ନ ଅଙ୍ଗ। ଯାନିଯାତ୍ରା, ମେଳା

ମହୋତ୍ସବରେ ମନୋରଞ୍ଜନର ମାଧ୍ୟମ ଭାବରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ନୃତ୍ୟଟି ସାଧାରଣତଃ ଯାତ୍ରା ଓ ଶୋଭାଯାତ୍ରା ପାଇଁ ଉଦ୍ଦିଷ୍ଟ। ମାତା ଦୁର୍ଗା, କାଳୀ, ଅଷ୍ଟଦୁର୍ଗା ଏବଂ ମହିଷାସୁର ବେଶରେ ସଜ୍ଜିତ ହୋଇ ପାରମ୍ପରିକ ବାଦ୍ୟର ତାଳେ ତାଳେ ତାଣ୍ଡବ ଓ ଲାସ୍ୟ ନୃତ୍ୟ କରିବା ହେଉଛି ନବଦୁର୍ଗା ନୃତ୍ୟ। ପୁରାଣରେ ବର୍ଣ୍ଣିତ ମାତା ଦୁର୍ଗା ଏବଂ ଅନ୍ୟାନ୍ୟ ଚରିତ୍ରରେ ସଜ୍ଜିତ ହୋଇ ସେହିପରି ଦିଶିବାକୁ ବେଶ କହନ୍ତି।

ନବଦୁର୍ଗା ନୃତ୍ୟ ନିମନ୍ତେ ମୋଟ ସତର ଜଣ କଳାକାରଙ୍କର ଆବଶ୍ୟକତା ପଡ଼େ। ସେମାନଙ୍କ ମଧ୍ୟରୁ ବାରଜଣ ନୃତ୍ୟଶିଳ୍ପୀ, ପାଞ୍ଚ ଜଣ ବାଦ୍ୟକାର। ନୃତ୍ୟରେ ବାର ଜଣଙ୍କ ମଧ୍ୟରୁ ଜଣେ ଦଶଭୁଜା ଦୁର୍ଗା (ମୁଖ୍ୟଦୁର୍ଗା) ଆଠ ଜଣ ଚତୁର୍ଭୁଜା, ଜଣେ ମା' କାଳୀ, ଜଣେ ଦାନବ ମହିଷାସୁର, ଅନ୍ୟଜଣେ ଜାନିଆଣୀ ହୋଇ ନୃତ୍ୟ ଉପସ୍ଥାପନ କରନ୍ତି। ନୃତ୍ୟଟି ଅତ୍ୟନ୍ତ ଚିତ୍ତାକର୍ଷକ। ପ୍ରଥମେ ମଣ୍ଡଳ ମଧ୍ୟକୁ ଦାନବରାଜ ମହିଷାସୁର ପ୍ରବେଶ କରନ୍ତି। ସେ ରାଜକୀୟ ଠାଣିରେ ପ୍ରବେଶ କରି ବୀରମୁଷ୍ଟି ବାଦ୍ୟର ତାଳରେ ଉଦ୍ଦଣ୍ଡ ନୃତ୍ୟ କରନ୍ତି। ସେ ଶୃଙ୍ଗାର ରସ ଓ

ଲାସ୍ୟ ରସର ଭଙ୍ଗୀ ପ୍ରଦର୍ଶନ କରନ୍ତି । କିଛି ସମୟ ପରେ ଦେବୀ ଓ ଅସୁର ଉଭୟଙ୍କ ମଧ୍ୟରେ ତୁମୁଳ ସଂଗ୍ରାମ ହୁଏ । ଏହାପରେ ଦେବୀ ମହିଷମର୍ଦ୍ଦିନୀ ଭାବେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି ।

ଏହାପରେ ଦୁର୍ଗାଙ୍କର ୮ଟି ସ୍ୱରୂପ ଚତୁର୍ଭୁଜ ଦୁର୍ଗାମଣ୍ଡଳ ମଧ୍ୟରେ ଡ଼େରାକାଠିର ତାଳେ ତାଳେ ପ୍ରବେଶ କରି ଦୁଇ ଭାଗରେ ବିଭକ୍ତ ହୋଇ ଝୁଲା ନୃତ୍ୟ ପରିବେଷଣ କରିଥାଆନ୍ତି । ତା'ପରେ ଜାନିଆଣୀ ମନ୍ତରସିଆଣୀ, ପୂଜ୍ୟପୂଜା ତାଳରେ ମୁଖ୍ୟ ଦୁର୍ଗା ଓ ପାର୍ଶ୍ୱ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରି ଧୂପଦୀପ ଦିଅନ୍ତି । ପୂଜାର୍ଚ୍ଚନାରେ ମାତା କାଳୀ ଲାସ୍ୟ, ତାଣ୍ଡବ ନୃତ୍ୟ ସହ ଅନ୍ୟାନ୍ୟ ଆକର୍ଷଣୀୟ ମୁଦ୍ରାରେ ଏକ ପାଦରେ ନୃତ୍ୟକରି ମଣ୍ଡଳରେ ପ୍ରବେଶ କରନ୍ତି । ତାଙ୍କର ପ୍ରବେଶ ମାତ୍ରେ ନବଦୁର୍ଗା ନୃତ୍ୟ ଚଳଚଞ୍ଚଳ ହୋଇଯାଏ । ବାଦ୍ୟର ତାଳ ଦ୍ରୁତରୁ ଦ୍ରୁତତର ହୁଏ । ବାଜା କିମ୍ବା ତାଳର ବିଶେଷତ୍ୱ ହେଲା କୌଣସି ତାଳର ଦ୍ୱିତୀୟ ବାର ପୁନରାବୃତ୍ତି ହୁଏ ନାହିଁ । କାଳ ଡାକରା ତାଳରେ ପ୍ରବେଶ କରିବା ପରେ ଝାଲିଏ ପାହୁଲା, ମଙ୍ଗଳା ବାଦ୍ୟ, ଏକ ପାହୁଲା, ମୟୂର ଚାଲି, ତିନି ପାହୁଲ, ମୃଗ ଚାଲି, ଘୂରା ବାଦ୍ୟ, ସର୍ପିଳ ଚାଲି, ଟିପା ଚାଲି, ଉଦ୍ଦଣ୍ଡ ଚାଲି, ବୈଠକି, ବକ୍ର ଚାଲି, ଘୋଡ଼ା ଡିଆଁ, ନିଶାବାଦ୍ୟରେ ନୃତ୍ୟରଚନା କରାଯାଏ । ସର୍ବୋପରି ଦେଖିବାକୁ ଗଲେ ନବଦୁର୍ଗାଙ୍କ ନୃତ୍ୟରେ କାଳୀଙ୍କର ନୃତ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ।

ମୁଖ୍ୟ ଦୁର୍ଗା ଏବଂ କାଳୀ ହବିଷ୍ୟାନ୍ନ ଖାଆନ୍ତି । ମଞ୍ଚ ଓ ଶୋଭାଯାତ୍ରାକୁ ଯିବା ପୂର୍ବରୁ ପ୍ରତ୍ୟେକ କଳାକାରଙ୍କ ମଥାରେ ଗ୍ରାମଦେବୀଙ୍କର ପୂଜାଫୁଲ ଖଞ୍ଜା ଯାଇ ଝୁଣାଧୂପ ଦିଆଯାଏ । ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହେବା ପରେ ସମସ୍ତେ ନୃତ୍ୟକୁ ଯିବାକୁ ପ୍ରସ୍ତୁତ ହୁଅନ୍ତି । ଏହା ହେଲା ନୃତ୍ୟ ଆରମ୍ଭର ପ୍ରଥମପର୍ବ ।

ସମସ୍ତ ଦେବୀଙ୍କୁ ଏକତ୍ର କରାଇବାରେ ଜାନିଆଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦୁର୍ଗା, ଜାନିଆଣୀ, କାଳୀ, ନୃତ୍ୟ କଲାବେଳେ ଦଶଭୁଜା ଦୁର୍ଗା ସ୍ଥିର ରହି ନୃତ୍ୟ କରନ୍ତିନି । ନୃତ୍ୟର ମୁଖ୍ୟ ଆକର୍ଷଣ ହେଲା ବାଦ୍ୟର ତାଳରେ ନୃତ୍ୟ କଲାବେଳେ ଦେବୀମାନଙ୍କର ମୁଖ ଏବଂ ଶରୀରର ଅଙ୍ଗଭଙ୍ଗୀ ପ୍ରଦର୍ଶନ । ବିଭିନ୍ନ ତାଳରେ ଅଲଗା ଅଲଗା ନୃତ୍ୟର ଦୃଶ୍ୟ ଆକର୍ଷଣୀୟ । ସମସ୍ତ ତାଳରେ ନୃତ୍ୟ କଲେ ଦଳକୁ ଏକ ଘଣ୍ଟାରୁ ବେଶି ସମୟ ଲାଗିବ; କିନ୍ତୁ ନୃତ୍ୟର ତାଳ, ଚାଲିକୁ ଲକ୍ଷ୍ୟକଲେ ନୃତ୍ୟ ବେଳେ ଏତେ କଷ୍ଟ ହୁଏ ଯେ ବିଭିନ୍ନ ତାଳରେ ନାଚିବା ସମ୍ଭବ ନୁହେଁ । ନୃତ୍ୟ ଯେତେ ସମୟ କରାଯାଏ ସେହି ତାଳରେ ନୃତ୍ୟ ହୁଏ । ପ୍ରତି ତାଳ ପରେ ଡେରାକାଠି ବାଜିବାବେଳେ ଗୋଟିଏ ତାଳ ସହ ଅନ୍ୟ ଏକ ମିଶ୍ରଣ ତାଳ ବାଜେ ତାହା ହେଲା ଡେରାକାଠି । ବଜାଇବା କାରଣ ହେଲା ଗୋଟିଏ ତାଳରୁ ଅନ୍ୟ ଏକ ତାଳକୁ ଯିବାବେଳେ କୌଣସି ବାଦ୍ୟର ତାଳ ବନ୍ଦ ହୋଇ ନ ଥାଏ ।

ନବଦୁର୍ଗା ନୃତ୍ୟ ଲୋକନୃତ୍ୟ ହେଲେ ମଧ୍ୟ ଏହି ନୃତ୍ୟରେ ଶାସ୍ତ୍ରୋକ୍ତ ନୀତିର ଛଟା ପରିଲକ୍ଷିତ ହୋଇଥାଏ । ଶାସ୍ତ୍ରୋକ୍ତ ମତାନୁସାରେ ରୂପସଜ୍ଜା, ଅଙ୍ଗସଜ୍ଜା ସହ ନୃତ୍ୟ ନିମନ୍ତେ ଆବଶ୍ୟକ ସମସ୍ତ ନବ ରସର ଅନୁକରଣ କରା ଯାଉଥିବାରୁ ନୃତ୍ୟଟି ସ୍ୱୟଂସମ୍ପୂର୍ଣ୍ଣ । ନବ ରସଗୁଡ଼ିକ ହେଲା - ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ, ଅଦ୍ଭୁତ, ଶାନ୍ତ । ଏହି ନୃତ୍ୟ ବାକ୍‌ବିହୀନ ହୋଇ ଥିବାରୁ କଳାକାରର ମୁଖଭଙ୍ଗୀ, ଅଙ୍ଗପ୍ରତ୍ୟଙ୍ଗ ଚାଳନା ହିଁ ନୃତ୍ୟର ଭାବ ଫୁଟାଏ ।

ନବଦୁର୍ଗା ବେଶ ସଜ୍ଜାରେ ମଧ୍ୟ ସ୍ୱାତନ୍ତ୍ର୍ୟ ରହିଛି । ବେଶ ଯେତେ ଆକର୍ଷଣୀୟ ହେବ ନୃତ୍ୟ ସେତେ ଚିତ୍ତାକର୍ଷକ ହେବ । ବର୍ତ୍ତମାନ ନୃତ୍ୟର ରୂପ ବିନ୍ୟାସ ସମ୍ପର୍କରେ ଆଲୋଚନା କରିବା । ପ୍ରଥମେ ମୁଖ୍ୟ ଦୁର୍ଗାଙ୍କର ରୂପ, ବେଶ, ଅଳଙ୍କାର ସଜ୍ଜା ଉପରେ ଦୃଷ୍ଟି ନିବଦ୍ଧ କରିବା । ଦେବୀଙ୍କର ଦଶଟି ହାତ । ନିଜର ଦୁଇଟି ହାତକୁ ବାଦ୍‌ଦେଲେ, ୮ଟି ହାତ ଗୋଟିଏ ଫ୍ରେମ୍‌ରେ ସଂଯୋଗ କରି ପିଠି ଭାଗରେ ବାନ୍ଧି ଦିଆଯାଏ । ଦେବୀଙ୍କୁ ମୁକୁଟ, ମଥାରେ ସୂନ୍ଥା, ଦଣ୍ଡି, ନୋଥ, ନକ୍ଷତ୍ରଗୁଣା, ଭେସିରୀ, କମରପଟି, ବାହୁଟି, ଝୁମ୍ପି, ଟିକା, ହାତପଦ୍ମ, ବେକଚାପ, ଚୁଡ଼ି, ପାଦରେ ଗୁନ୍ଥ, ପାସୁଲୁ, ପାହୁଡ଼ରେ ସଜାଇ ଲାଲ୍ ପାଟ ପିନ୍ଧା ଯାଇଥାଏ । ରୂପସଜ୍ଜା ବେଳେ ଦେବୀଙ୍କ ତୃତୀୟ ନୟନ ଅଙ୍କା ଯିବା ସହ କଳାରଙ୍ଗର ଭ୍ରୂଲତାର କଡ଼େ କଡ଼େ ହଳଦିଆ ରଙ୍ଗର ଗାର, ନାକରେ ତୀରାଗ୍ର ଚିହ୍ନ, କପାଳରେ କମର ଚିତା, ଭ୍ରୂଲତା ଉପରେ ମୟୂର ତାନି, କାନ ଓ ଗାଲ ପାଖକୁ ବାଙ୍କିପଦ୍ମ, କଲି ତଳକୁ ବଉଳ ଝୁମ୍ପା ଛବି ଅଙ୍କନ କରାଯାଏ । ପ୍ରତ୍ୟେକ ଦେବୀଙ୍କର ଘନ କଳାକେଶ ମୁକୁଳା ଥାଏ । ଗୌରବର୍ଣ୍ଣା ଦେବୀଙ୍କ ସମେତ ଅନ୍ୟାନ୍ୟ ଦେବୀଙ୍କ ମୁଖମଣ୍ଡଳରେ ଯେଉଁ ଚିତ୍ର ଅଙ୍କାଯାଏ ସେଗୁଡ଼ିକ ଗଞ୍ଜପା, ପଟଚିତ୍ର, କୋଠିଶାଳ ଚିତ୍ର ସଙ୍ଗେ ସମାନ ପୁଣି ମଠ ମନ୍ଦିରରେ ଥିବା ଚିତ୍ର ସଙ୍ଗେ ମଧ୍ୟ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ମୁଖ୍ୟ ଦୁର୍ଗାଙ୍କର ବେଶ ସଜା ପରି ଅନ୍ୟ ଦୁର୍ଗାଙ୍କର ମଧ୍ୟ ଶାସ୍ତ୍ରସମ୍ମତ ରୂପ ବିନ୍ୟାସ କରାଯାଏ । କାଳୀଙ୍କୁ ମେଘ ବର୍ଣ୍ଣରେ, ମହିଷାସୁରଙ୍କୁ ଧୂସର ବର୍ଣ୍ଣରେ ରଙ୍ଗିତ କରାଯାଏ । କାଳୀଙ୍କୁ ସଜାଇଲାବେଳେ ସମ୍ପୂର୍ଣ୍ଣ ଶରୀରକୁ ମେଘବର୍ଣ୍ଣ କରାଯାଇ ଗଳାରେ ଛିନ୍ନ ମସ୍ତକ ମାଳ, କଟିରେ ଛିନ୍ନ ହସ୍ତମାଳ, କଟିରେ ଧାତୁନିର୍ମିତ କତୁରିଆ, ବନ୍ଧୁରିଆ, କରମଙ୍ଗା, ପିନ୍ଧାଯାଏ । ଅଣ୍ଟାସୂତା (ଧାତୁ ନିର୍ମିତ) ପାଟଫୁଲ ଝରି, ମନ୍ଦାର ମାଳ, କାନରେ ଟିକାଝୁମ୍ପି ପିନ୍ଧାଇ ସଜ୍ଜିତ କରାଯାଏ ।

କାଳୀଙ୍କର ଗୋଡ଼ରେ ଥିବା ଘାଗୁଡ଼ିର ଓଜନ ଦେଢ଼ କିଲୋ ଲେଖାଏଁ ହେବ । ଅନ୍ୟାନ୍ୟ ଦେବୀ- ଜାନିଆଣୀ, ମହିଷାସୁର ୫୦୦ ଗ୍ରାମ୍ ଓଜନର ଘୁଙ୍ଗୁର ପିନ୍ଧନ୍ତି ।

ନବଦୁର୍ଗା ନୃତ୍ୟରେ ବାଜାର (ଢ଼ୋଲ, ଝାଞ୍ଜ, ମହୁରି, ଶଙ୍ଖ, ଟାଙ୍ଗୁ) ଭୂମିକାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; କାରଣ ବାଜାର ତାଳ ହିଁ ନବଦୁର୍ଗା ନୃତ୍ୟକୁ ଜୀବନ ସଞ୍ଚାର କରାଏ । ଏହି ବାଜା ମଧ୍ୟରୁ ଗୌଣବାଦ୍ୟ ହେଉଛି ଶଙ୍ଖ । ନବଦୁର୍ଗା ପରି ବାଦ୍ୟକାରମାନେ ମଧ୍ୟ ପାରମ୍ପରିକ ପୋଷାକ ପରିଧାନ କରନ୍ତି । ସେମାନେ ମୁଣ୍ଡରେ ପଗଡ଼ି, ପଖାରେ ଝୁଲ ବାନ୍ଧି ଲାଲ ରଙ୍ଗର ଫତେଇ (ବୋତାମ ନ ଥିବା ଏକପ୍ରକାର ପୋଷାକ)

ପିନ୍ଧନ୍ତି । ଅଣ୍ଟାରେ ଚାଦର, ପିନ୍ଧା ଲୁଗାରେ ପାଇକଛା ମାରନ୍ତି । ଗଳା ଓ କଟିରେ ଅଁଳାକଣ୍ଠି ମାଳ, ଗୋଡ଼ରେ ଘୁଙ୍ଗୁର ପିନ୍ଧନ୍ତି । ଶାସ୍ତ୍ରୀୟ ମତ ପ୍ରକାରେ ବାଦ୍ୟକାରମାନେ ବାଜା ବଜାଉଥିଲେ ମଧ୍ୟ ଉକ୍ତ ମତରେ ଥିବା ତାଳର ନାମ ଜାଣି ନ ଥାଆନ୍ତି; କିନ୍ତୁ ପୁରୁଷାନୁକ୍ରମେ ଏହି କାମ କରୁଥିବାରୁ କୌଣସି ସମସ୍ୟା ରହେନାହିଁ । ସ୍ଥାନ ବିଶେଷରେ ପୂର୍ବ ଆଲୋଚିତ ତାଳଗୁଡ଼ିକର ନାମ ଅଲଗା ଅଲଗା ହୋଇଥାଏ ।

୮୦ରୁ ୯୦ ହଜାର ଟଙ୍କା ଖଟାଇ ଦଳଟିଏ ଗଢ଼ି ସେଥିରେ ୧୭ ଜଣ ଅଭିଜ୍ଞ କଳାକାରଙ୍କୁ ନେଇ ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ କରିବା ଯୋଜନାରେ ଥିବା ଦଳର କଳାକାରମାନେ ବର୍ଷରେ ମାତ୍ର ୧୦ରୁ ୧୨ ଦିନ ନୃତ୍ୟ ପ୍ରଦର୍ଶନ ସୁଯୋଗ ପାଇଥାନ୍ତି । କଳାକାରମାନଙ୍କ ନୃତ୍ୟ ପ୍ରତି ଆଗ୍ରହ ଯୋଗୁଁ ନବଦୁର୍ଗା ନୃତ୍ୟ ବଞ୍ଚିଛି । କଳାକାରଙ୍କ ମଧ୍ୟରୁ ନବେ ଶତାଂଶ କଷ୍ଟେମଷ୍ଟେ ରୋଜଗାର କରି ଚଳନ୍ତି । ସଂସ୍କୃତି ବିଭାଗ ଆମନ୍ତ୍ରଣ ଦେଉଥିଲେ ମଧ୍ୟ ରାଜ୍ୟ ସରକାର ଆଜିଯାଏ ପ୍ରୋତ୍ସାହନ ବୃଦ୍ଧି ନିମନ୍ତେ ଆର୍ଥିକ ଅନୁଦାନ ଦେଇ ନାହାନ୍ତି । ଗଞ୍ଜାମ ଜିଲାରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ନବଦୁର୍ଗା ନୃତ୍ୟ ଦଳ ନିଜ ଦଳର ପୁନରୁଦ୍ଧାର କଲେ ଏହି ନୃତ୍ୟର ଆଦର ବଢ଼ିବ । ନବଦୁର୍ଗା ନୃତ୍ୟ କେବେଠୁ ଆରମ୍ଭ ହେଲା ତାହାର ଇତିହାସ ଜଣା ନ ଥିଲେ ମଧ୍ୟ ଭଞ୍ଜନଗର ଠାକୁରାଣୀ ଯାତ୍ରା ଆରମ୍ଭ ବେଳେ ଏହି ନୃତ୍ୟ ଶୋଭାଯାତ୍ରାର ସୌନ୍ଦର୍ଯ୍ୟ ବୃଦ୍ଧି କରିଥିଲା ।

ଘୁମୁସର ଅଞ୍ଚଳରେ ରାଜତ୍ୱ କରୁଥିବା ସଂସ୍କୃତି ପ୍ରିୟ ଭଞ୍ଜବଂଶୀୟ ରାଜାମାନେ ନୃତ୍ୟ ଦଳଗୁଡ଼ିକୁ ପ୍ରୋତ୍ସାହନ ଦେଉଥିଲେ । ତେଣୁ ସେତେବେଳେ ଅନେକ ନୃତ୍ୟ ଦଳ ଗଢ଼ି ଉଠି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିଲା । କେବଳ ଯାନିଯାତ୍ରା, ରାଜ ଦରବାରରେ ନୃତ୍ୟ କରି ବହୁ କଳାକାର ପରିବାର ଚଳାଉଥିଲେ । କଳାକାରଙ୍କୁ ସେତେବେଳେ ସାଧାରଣରେ କାହିଁକି ରାଜ ଦରବାରରେ ମଧ୍ୟ ଉଚ୍ଚ ସମ୍ମାନ ମିଳୁଥିଲା । କାଳକ୍ରମେ ରାଜାରାଜୁଡ଼ା ଶାସନ ଗଲା । ରାଜାଙ୍କ କ୍ଷମତା ଗଲା । ରାଜାଙ୍କ ରାଜ୍ୟ ପରି ବହୁ ନୃତ୍ୟ ଇତିହାସ ଗର୍ଭରେ ଲୁଚିଗଲା । ତତ୍କାଳୀନ ନୃତ୍ୟ ମଧ୍ୟରୁ କିଛି ଆଙ୍ଗୁଠି ଗଣତି ନୃତ୍ୟ ସମ୍ପ୍ରତି ଅବହେଳିତ ହୋଇ ବଞ୍ଚି ରହିଛି । ତନ୍ମଧ୍ୟରୁ ନବଦୁର୍ଗା ନୃତ୍ୟ ଅନ୍ୟତମ । ରାଜ୍ୟ ସରକାରଙ୍କ ପୃଷ୍ଠପୋଷକତା ପାଇଲେ ଏହି ବହୁ ପୁରାତନ ସଂସ୍କୃତି ଅନ୍ତତଃ ବଞ୍ଚି ପାରନ୍ତା । ■■■

ରେଡ୍‌କ୍ରସ୍ ରୋଡ୍, ଭଞ୍ଜନଗର, ଗଞ୍ଜାମ-୭୬୧୧୨୬
ଦୂରଭାଷ : ୯୮୬୧୮୭୭୩୬୨

ଆପଣଙ୍କ ଚିଠି

'ଗୋପବନ୍ଧୁଙ୍କ ସତ୍ୟବାଦୀ' ପାଠକରି ପ୍ରତିକ୍ରିୟା ପତ୍ରଯୋଗେ ଜଣାଇଥିବା କେତେକ ପାଠକ-ପାଠିକାଙ୍କ ମତାମତ ସହିତ ଆମର ଉତ୍ତର ସ୍ଥାନିତ କରୁଛୁ । ସୀମିତ ସ୍ଥାନ ହେତୁ ସମସ୍ତ ପତ୍ରକୁ ସ୍ଥାନ ଦେବା ସମ୍ଭବ ହେଉ ନ ଥିବାରୁ ଆମେ ଦୁଃଖିତ । —ସମ୍ପାଦକ

ମତାମତ ପଠାଇବାର ଠିକଣା
E-mail : samaja.satyabadi@gmail.com

■ ଅଗଷ୍ଟ ମାସର 'ଗୋପବନ୍ଧୁଙ୍କ ସତ୍ୟବାଦୀ' ଆମୂଳଚୂଳ ଧ୍ୟାନର ସହ ପଢ଼ିଲି । ପ୍ରଚ୍ଛଦରେ କିଛି ଅସାମଞ୍ଜସ୍ୟ ଦୃଷ୍ଟିଗୋଚର ହେଲା । ତ୍ରିରଙ୍ଗାର ଉପରିଭାଗ ଫିକା ଆକାଶୀ ରଙ୍ଗ ହୋଇଥିଲେ ତାହା ସୁଦୃଶ୍ୟ ହୋଇଥାନ୍ତା ନିଶ୍ଚୟ । ଏହା ଦ୍ୱାରା 'ସତ୍ୟବାଦୀ' ମୁଦ୍ରିତ ଲେଖା ବେଶୀ ପରିସ୍ଫୁଟ ହୋଇଥାନ୍ତା । ସ୍ଥାନିତ ପ୍ରବନ୍ଧ ମଧ୍ୟରୁ ଚାରିଟି ପ୍ରବନ୍ଧ ଅନେକ ପୁରାତନ ସ୍ମୃତି ଜାଗ୍ରତ କରେ । କବିତା ବିଭାଗରେ ସ୍ଥାନ ପାଇଥିବା କବିତାଗୁଡ଼ିକ ନୂତନ ଚିନ୍ତାଧାରାଯୁକ୍ତ ଓ ବେଶ୍ ହୃଦୟଗ୍ରାହୀ ହୋଇଛି । 'ପ୍ରାଚୀନ କବିଙ୍କ ରଚନାରୁ' ସ୍ତମ୍ଭରେ ପ୍ରକାଶିତ ଜାତୀୟକବି ବୀରକିଶୋର ଦାସଙ୍କ 'ଯାତ୍ରୀ' ପୁରାତନ ସ୍ମୃତି ମନେ ପକାଇଦିଏ । ଗଳ୍ପ ବିଭାଗରେ ଜ୍ୟୋତ୍ସ୍ନାରାଣୀ ଦେବୀଙ୍କ ଲିଖିତ 'ଭିନ୍ନ ଏକ ଯଶୋଧାରା' ଏକ ସୁନ୍ଦର ଗପ । 'ପୁରୁଣା ସତ୍ୟବାଦୀ ପୃଷ୍ଠାରୁ' ସ୍ତମ୍ଭରେ ପ୍ରକାଶିତ 'ଇଂରେଜ ବଣିକମାନଙ୍କର ଓଡ଼ିଶାଭିଗମନ' ପୁରାତନ ସ୍ମୃତିକୁ ଜାଗରୁକ କରେ । ମୋଟ ଉପରେ ଆପଣଙ୍କର ଲେଖା ବାଛିବା ପଦ୍ଧତି ବହୁତ ସୁନ୍ଦର । ସେଥିପାଇଁ ନୂଆସଂଖ୍ୟାକୁ ଚାତକ ପରି ଚାହିଁ ବସିଥାଏ । ବିଶେଷ ଧନ୍ୟବାଦ ।

—ନାମାନନ୍ଦ ଦାସ, ଛତ୍ରବଜାର, କଟକ

ଆପଣ ୯୨ବର୍ଷ ବୟସ୍କ ବରିଷ୍ଠ ନାଗରିକ ବୋଲି ପତ୍ରରେ ସୂଚାଇଛନ୍ତି । ବୟସାଧିକ୍ୟ ସତ୍ତ୍ୱେ ଆପଣ 'ସତ୍ୟବାଦୀ'ର ପ୍ରତ୍ୟେକ ସଂଖ୍ୟା ଆଗ୍ରହରେ ପଢୁଥିବା ଜାଣି ଖୁସି ହେଲୁ । ଆପଣଙ୍କର ଗଠନମୂଳକ, ସୁଚିନ୍ତିତ ମତାମତ ପାଇଁ ଅନେକ ଅନେକ ଧନ୍ୟବାଦ । 'ସତ୍ୟବାଦୀ'ର ନିୟମିତ ପାଠକ ଭାବରେ ଆପଣଙ୍କୁ କୃତଜ୍ଞତା ଜଣାଉଛୁ । ପ୍ରଣାମ ।

ସମ୍ପାଦକ

■ 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପତ୍ରିକାର ସେପ୍ଟେମ୍ବର ୨୦୨୪ ସଂଖ୍ୟାରେ ପ୍ରକାଶିତ 'ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତ ଓ ନାଟ୍ୟକାର ଶ୍ରୀଧର ସ୍ୱାମୀ' ଶୀର୍ଷକ ପ୍ରବନ୍ଧରେ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ଲେଖିଛନ୍ତି ଯେ ଜଗତଗୁରୁ ଶ୍ରୀଧରସ୍ୱାମୀ ବିଷ୍ଣୁସ୍ୱାମୀ ସମ୍ପ୍ରଦାୟର । ପ୍ରକୃତରେ ସେ ଶଙ୍କର ପନ୍ଥୀ ସନ୍ନ୍ୟାସୀ । ତାଙ୍କର ଗୁରୁଙ୍କ ନାମ ପରମାନନ୍ଦ ନୁହେଁ । ତାଙ୍କର ଗୁରୁ ହେଉଛନ୍ତି ଭୋଗବର୍ଦ୍ଧନ ଶଙ୍କରାନନ୍ଦ ମଠର ସ୍ୱାମୀ ରାମାକୃଷ୍ଣନନ୍ଦ ସରସ୍ୱତୀ । ଏହା 'ଶଙ୍କରାନନ୍ଦ ମଠର ଗୁରୁପରମ୍ପରା', ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ 'ପୁଣ୍ୟପୀଠ କପିଳାସ', ଶ୍ରୀ ଜଗନ୍ନାଥ ବିଶ୍ୱବିଦ୍ୟାଳୟ ପ୍ରକାଶିତ 'ଶ୍ରୀକ୍ଷେତ୍ରରେ ମଠ ଐତିହ୍ୟ', 'ମଠ ପରମ୍ପରା', 'ଶ୍ରୀ ଶଙ୍କରାନନ୍ଦ ମଠର ଐତିହ୍ୟ', ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ "ମଧ୍ୟଯୁଗୀୟ ଓଡ଼ିଶା' ଗ୍ରନ୍ଥରେ ଉଲ୍ଲେଖ ଅଛି ।

ଜଗତଗୁରୁ ଶ୍ରୀଧର ସ୍ୱାମୀଙ୍କ ସାଧନାପୀଠ ଭୋଗ ବର୍ଦ୍ଧନ ଶ୍ରୀ ଶଙ୍କରାନନ୍ଦ ମଠ-ପୁରୀ ଓ କପିଳାସ, ସପ୍ତଶଯ୍ୟା ନୁହେଁ । ପୂଜ୍ୟଗୁରୁ ରେମୁଣା ନିକଟସ୍ଥ ମୟୂର ଗ୍ରାମରୁ ଆସି ପୁରୀ ଶ୍ରୀ ଶଙ୍କରାନନ୍ଦ ମଠରେ ଇଷ୍ଟ ଶ୍ରୀନୃସିଂହ ଦେବଙ୍କ ଆରାଧନାରେ ନିମଜ୍ଜିତ ରହିଥିଲେ ଏବଂ ଶ୍ରୀନୃସିଂହଙ୍କ ପ୍ରସାଦରୁ ବିଶ୍ୱପ୍ରସିଦ୍ଧ 'ଶ୍ରୀମଦ୍ ଭାଗବତ୍'ର ଟୀକା, 'ଗୀତାର ସୁବୋଧିନୀ ଟୀକା' ଓ "ଗୀତାର ସୁବୋଧିନୀ ଟୀକା ଓ ବିଷ୍ଣୁପୁରାଣ"ର ଆତ୍ମପ୍ରକାଶ ଟୀକା" ଆଦି ପ୍ରଣୟନ କରିଥିଲେ ।

ସ୍ୱାମୀ ରାମକୃଷ୍ଣାନନ୍ଦ ସରସ୍ୱତୀଙ୍କ ଗୁରୁ ଶ୍ରୀ ମହେଶ୍ୱରାନନ୍ଦ ସରସ୍ୱତୀ କପିଳାସରେ ବ୍ରହ୍ମଚାରୀ ମଠ ସ୍ଥାପନା କରିଥିଲେ । ଶ୍ରୀଧରସ୍ୱାମୀ ମହୋଦୟ ଏହି ବ୍ରହ୍ମଚାରୀ ମଠରେ ରହି ଶ୍ରୀନୃସିଂହଦେବଙ୍କ ସାଧନା କରି ସିଦ୍ଧିର ଉତ୍କର୍ଷ ଲାଭ କରିଥିଲେ । କପିଳାସର ମା' ପାର୍ବତୀଙ୍କ ଦକ୍ଷିଣ ପାର୍ଶ୍ୱରେ ଶ୍ରୀଧରସ୍ୱାମୀଙ୍କ ପ୍ରତିଷ୍ଠିତ ନୃସିଂହ ଦେବଙ୍କ ମୂର୍ତ୍ତି ଅଦ୍ୟାବଧି ପୂଜିତ । ଶ୍ରୀଧର ସ୍ୱାମୀଙ୍କ ସମାଧି ପୀଠ କପିଳାସସ୍ଥ ବିଶ୍ୱନାଥ ମନ୍ଦିର ଓ ବ୍ରହ୍ମଚାରୀ ମଠ ମଧ୍ୟ ବିଦ୍ୟମାନ । ଶ୍ରୀଧରସ୍ୱାମୀଙ୍କ ସ୍ମୃତିପୀଠ ରୂପେ "ଶ୍ରୀଧରସ୍ୱାମୀ ସ୍ମୃତି ମହାବିଦ୍ୟାଳୟ" ସଡ଼ଙ୍ଗୀ ଗ୍ରାମରେ ପ୍ରାୟ ୪୪ବର୍ଷ ତଳୁ ପ୍ରତିଷ୍ଠିତ ହୋଇଅଛି । ଉପରୋକ୍ତ ପ୍ରାମାଣିକ ତଥ୍ୟ ଥାଉ ଥାଉ ଲେଖକ ଶ୍ରୀ ଶଙ୍କରାନନ୍ଦ ମଠର ଜଗତ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ ସମ୍ପର୍କରେ ଭୁଲ୍ ତଥ୍ୟ ଉଲ୍ଲେଖ କରିବା ସମୀଚୀନ ନୁହେଁ । ଏହି ସ୍ପଷ୍ଟୀକରଣଟି ପାଠକଙ୍କ ଅବଗତି ନିମନ୍ତେ ପ୍ରକାଶ କରିବାକୁ ଅନୁରୋଧ ।

—ଡା. ଦୁର୍ଗାପ୍ରସାଦ ମିଶ୍ର, ଶ୍ରୀ ଶଙ୍କରାନନ୍ଦ ମଠ, ତିଆଡ଼ି ସାହି, ପୁରୀ

ଗୋପବନ୍ଧୁଙ୍କ ସତ୍ୟବାଦୀ

ଗ୍ରାହକ ଆବେଦନ ପତ୍ର

105 YEARS OF EXCELLENCE 1919-2024
ଉତ୍କର୍ଷର ୧୦୫ ବର୍ଷ...

ପ୍ରାପ୍ତେଷୁ,
ସମ୍ପାଦକ, 'ଗୋପବନ୍ଧୁଙ୍କ ସତ୍ୟବାଦୀ', 'ସମାଜ', କଟକ–୭୫୩୦୦୧

ମହାଶୟ,
ଦୈନିକ ଖବରକାଗଜ 'ସମାଜ' ତରଫରୁ ପ୍ରକାଶ ପାଉଥିବା **'ଗୋପବନ୍ଧୁଙ୍କ ସତ୍ୟବାଦୀ'**ର ଗ୍ରାହକ ହେବା ନିମିତ୍ତ ମୁଁ ଇଚ୍ଛା କରୁଅଛି ଏବଂ ମୋର ପ୍ରତ୍ୟେକ ମାସର ପତ୍ରିକା ଡାକଯୋଗେ ପଠାଇବା ପାଇଁ ଆପଣଙ୍କୁ ଅନୁରୋଧ କରୁଅଛି । ନିମ୍ନରେ ଡାକ ଯୋଗେ ପଠାଇବାର ସବିଶେଷ ତଥ୍ୟ ସହିତ ଆପଣଙ୍କ ଦ୍ୱାରା ନିର୍ଦ୍ଧାରିତ ଗ୍ରାହକ ଦେୟ ଏଥିସହିତ ପୈଠ କରୁଅଛି ।

ଗ୍ରାହକଙ୍କ ନାମ..

ସମ୍ପୂର୍ଣ୍ଣ ଡାକ ଠିକଣା..

....

....ଜିଲ୍ଲା.............................. ପିନ.............................

ଟେଲିଫୋନ ନଂ.. ଇ–ମେଲ୍ ....

ଗ୍ରାହକ ସମୟ (✓ଚିହ୍ନ ଦିଅନ୍ତୁ): ଏକ ବର୍ଷ ☐ ଛଅ ମାସ ☐ ତିନି ମାସ ☐

ଗ୍ରାହକ ଦେୟ (✓ଚିହ୍ନ ଦିଅନ୍ତୁ): ଟ.୬୦୦/– ☐ ଟ.୩୦୦/– ☐ ଟ.୧୫୦/– ☐

ଦେୟ ପୈଠର ପ୍ରକାର (✓ଚିହ୍ନ ଦିଅନ୍ତୁ): ମନି ଅର୍ଡ଼ର୍ ☐ ଡିମାଣ୍ଡ ଡ୍ରାଫ୍ଟ ☐ ନଗଦ ପୈଠ ☐

ଦେୟର ବିବରଣୀ: ମନି ଅର୍ଡ଼ର୍ ନଂ ଓ ତାରିଖ ☐

ଡିମାଣ୍ଡ ଡ୍ରାଫ୍ଟ ନଂ ଓ ତାରିଖ ☐

ନଗଦ ପୈଠ ରସିଦ ନଂ ଓ ତାରିଖ ☐

ତାରିଖ:...................... *ଆବେଦନକାରୀଙ୍କ ସ୍ୱାକ୍ଷର*

କାର୍ଯ୍ୟାଳୟ ବ୍ୟବହାର ନିମିତ୍ତ

ଦରଖାସ୍ତ ପାଇବାର ତାରିଖ:

ଗୋପବନ୍ଧୁଙ୍କ ସତ୍ୟବାଦୀ କାର୍ଯ୍ୟାଳୟ ☐ ପ୍ରସାର ବିଭାଗ ☐

ଗ୍ରାହକ ନଂ ☐ ଦେୟର ବିବରଣୀ ☐

ଯୋଗାଣ ଆରମ୍ଭର ମାସ ☐

ସତ୍ୟବାଦୀ କାର୍ଯ୍ୟାଳୟ ତରଫରୁ *ପ୍ରସାର ବିଭାଗ ତରଫରୁ*

ବର୍ଷକୁ ୧୨ ମାସରେ 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ମୂଲ୍ୟ ସର୍ବମୋଟ ୭୬୦ ଟଙ୍କା ହେଉଥିଲାବେଳେ ବାର୍ଷିକ ଗ୍ରାହକଙ୍କ ନିମନ୍ତେ ରିଆତି ମୂଲ୍ୟରେ ଏହା ୬୦୦ ଟଙ୍କା ରଖାଯାଇଛି । ଏଥିସହିତ ୨ଟି ସ୍ୱତନ୍ତ୍ର ସଂଖ୍ୟା ଅନ୍ତର୍ଭୁକ୍ତ ।

ବି.ଦ୍ର.: ୧) ଗ୍ରାହକ ଦେୟ ଏକ ବର୍ଷ ପାଇଁ ଟ.୬୦୦/–, ଛଅ ମାସ ପାଇଁ ଟ.୩୦୦/–, ତିନି ମାସ ପାଇଁ ଟ.୧୫୦/–
୨) ଡାକ ଖର୍ଚ୍ଚ 'ସମାଜ' ତରଫରୁ ବହନ କରାଯିବ ।
୩) ଅନଲାଇନ୍ ଦେୟ ପୈଠ ପାଇଁ 'ସମାଜ'ର ୱେବସାଇଟ୍: **www.thesamaja.com** ଦେଖନ୍ତୁ ।
୪) ଦେୟ ପୈଠର ଠିକଣା: **DD: "The Samaja"** payable at Cuttack
Money Order: The Editor, 'Gopabandhunka Satyabadi', Gopabandhu Bhawan, Buxi Bazar, Cuttack-753001
୫) **E-Mail :** samaja.satyabadi@gmail.com


ଟିକି ତାରା



ନୀଳମଣି ଚାନ୍ଦ

ଦୀର୍ଘ ପଇଁତିରିଶ ବର୍ଷରୁ ଊର୍ଦ୍ଧ୍ୱ ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ନିଜକୁ ସମର୍ପି ଦେଇଛନ୍ତି । 'କୁନା ପାଇଁ କୁନି ପାଇଁ', 'ଟୁକ୍ ଟୁକ୍ ଟୁକେଇ' ପ୍ରଭୃତି ଦଶଟି ଶିଶୁ କବିତା ପୁସ୍ତକର ସ୍ରଷ୍ଟା । ସାରସ୍ୱତ ସାଧନା ପାଇଁ ବହୁ ଅନୁଷ୍ଠାନରୁ ସମ୍ମାନିତ ।

ମେଘ ବରଷା ଇନ୍ଦ୍ର ପରଷା

ମେଘ ବରଷା ଇନ୍ଦ୍ର ପରଷା
ଦେଖି ସନ୍ତୋଷ ଚାଷୀ
ମାରେ ବିଜୁଳି ଶୁଭେ ବଜର
ବଉଦ ଯାଏ ଭାସି ।

କାଗଜଡଙ୍ଗା ଭସାଏ ରଙ୍ଗା
ଚାଲିଲେ ପାଣି ଧାର
ଇନ୍ଦ୍ରଧନୁ ଆକାଶେ ଝୁଲେ
ସତେ କି ରଙ୍ଗହାର ।

ବରଷା ଦିନ କେଶୁର ଆଉ
ଛତୁ ଓ ଅଷାଢୁଆ
ଏବେ ଲାଗଇ ସପନ ପରି
ସତେ ସେ ଚିଜ ନୂଆ ।

ମନେପଡ଼ନ୍ତି ଉତ୍କଳମଣି
ଚୁଡ଼ାଚାଉଳ ଧରି
ବନ୍ୟାଞ୍ଚଳରେ ପହଞ୍ଚୁଥିଲେ
ଦେବଦୂତଟି ପରି ।

କିଆ, କେତକୀ କଦମ୍ବ ଫୁଟି
ହସି ହସାଏ ଧରା
ଗଛଲତାକୁ ନିଦାଘ ପରେ
ଏ ସଞ୍ଜୀବନୀ ପରା ।

ଛତା, ବର୍ଷାତି, ଛତୁର ଋତୁ
ଦେଖୁ ସାଧବବୋହୂ
'ବରଷାକାଳ ଉଭିଦ ମିତ୍ର'
ଆମେ ସଭିଏଁ କହୁ ।

କିଏ ଭୁଲିବ ଧରିତ୍ରୀ ପାଇଁ
ବର୍ଷାର ଅବଦାନ
ସବୁ ଋତୁଠୁ ସିଏ ଅଲଗା
ଶୀର୍ଷରେ ତା'ର ସ୍ଥାନ ।

■■■

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର
ଦୂରଭାଷ : ୯୫୮୩୨୦୨୩୫୭

ପ୍ରଫୁଲ୍ଲ କୁମାର ସାହୁ

ଶିଶୁକିଶୋରଙ୍କ ମନଛୁଆଁ ଶୈଳୀରେ ଗଳ୍ପ ଓ କବିତା ଲେଖିବାରେ ରୁଚି ରହିଛି। ଅଧିକାଂଶ ଶିଶୁକିଶୋର ପତ୍ରିକା ଓ ସମ୍ବାଦପତ୍ରର ନିୟମିତ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଲେଖା ପ୍ରକାଶିତ ହୋଇଆସୁଛି। ବିଭିନ୍ନ ସାରସ୍ୱତ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ।

ଶରତ ଲଗନେ ମାଆଙ୍କ ପୂଜା

ଅଭୟ ଦାୟିନୀ ମା' ଦଶଭୁଜା
ଶରତ ଲଗନେ ହୁଏ ତବ ପୂଜା
ମଣ୍ଡପ ହୋଇଛି ସଜା,
ଡାକବାଜି ଯୋଗେ ଦୂରକୁ ଶୁଭୁଛି
ବାଜୁଛି ତେଲଙ୍ଗୀ ବାଜା।

ଆକାଶରେ ନାହିଁ ଘନ ମେଘମାଳ
ଶରତ ଗଗନ ଦିଶଇ ନିର୍ମଳ
ଧବଳ ବଉଦ ଭେଳା,
ଭାସନ୍ତି ଆକାଶେ ନାନା ରୂପ ଧରି
ସତେ ଚିତ୍ରପଟ ମେଳା।

ନଈ, ନାଳ ଜଳ ହୋଇଲାଣି ସଫା
ଶୁକ୍ଳପକ୍ଷ ଜହ୍ନ ଦିଶେ କେଡ଼େ ତୋଫା
ଜୋଛନା ପଡ଼ଇ ଝରି,
ସଞ୍ଜ ନଇଁଗଲେ ପୂଜା ମଣ୍ଡପଟା
ଦିଶେ ନବବଧୂ ପରି।

ରଙ୍ଗବେରଙ୍ଗର ବିଜୁଳି ଆଲୋକ
ଦର୍ଶକ ମନରେ ଭରଇ ପୁଲକ
ଦେବୀଙ୍କ ଦର୍ଶନ ପାଇଁ,
ସାଙ୍ଗସାଥୀ ମେଳେ ଭକତ ସକଳ
ଆସୁଛନ୍ତି ଦେଖ ଧାଇଁ।

ପୂଜା ମଣ୍ଡପରେ ଭକତଙ୍କ ଭିଡ଼
ଧାଡ଼ି ପାଇଁ ପୋତା ହୋଇଅଛି ବାଡ଼
ନିଜ ମାନସିକ ପାଇଁ,
ମାଆଙ୍କର ପୂଜା କରନ୍ତି ଭକତ
ନିଜ ପୂଜାଥାଳି ନେଇ।

ବାପା ମାଆଙ୍କର ସାଥୀରେ ପିଲାଏ
ଦଶହରା ଯାତ ଦେଖନ୍ତି ସଭିଏଁ
ଦେଖ କେତେ ଖୁସି ହୋଇ,
କିଣନ୍ତି ଖେଳନା ଅବା ଗପ ବହି
ନିଜ ଖେଳ ପଢ଼ା ପାଇଁ।

■■■

ଶକ୍ତିବିହାର, ବାଲିପଡ଼ା, ଗୌଡ଼ଗୋପ
ନିଶ୍ଚିନ୍ତକୋଇଲି, କଟକ-୭୫୪୨୦୭
ଦୂରଭାଷ : ୭୬୦୯୦୪୪୩୮୩

ଶ୍ରୀକାନ୍ତ କୁମାର ମହାଳିକ

ଶିଶୁ ସାହିତ୍ୟିକ ଭାବେ ପ୍ରତିଷ୍ଠିତ । 'ଆମ ପରିବେଶ ଓ ଜୀବଜଗତ', 'କ'ଣ ? କାହିଁକି ? ଓ କିପରି ?', 'କେତେକ ଜାଣିବା କଥା', 'ମହାସାଗରର ଭିତିରି କଥା' ପୁସ୍ତକର ରଚୟିତା । ବହୁ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ଓ ସମ୍ମାନିତ ।



ଗଛଟିଏ ମୁହିଁ ଗଛଟିଏ

ଗଛଟିଏ ମୁହିଁ ଗଛଟିଏ
କାହାରିକୁ କିଛି ମାଗେ ନାହିଁ କେବେ
ନିରନ୍ତର ସେବା କରିଥାଏ ।
ଫୁଲ, ଫଳ, ଛାଇ ଦେଇଥାଏ
ମୋ କୋଳେ ପଥିକ ବିଶ୍ରାମ ନେଇ
ଦୁଃଖକଷ୍ଟ ସବୁ ଭୁଲିଯାଏ ।

ମୃତ୍ତିକା ଜାବୁଡ଼ି ଧରେ ମୁହିଁ
ବନ୍ୟା, ବାତ୍ୟା ଆଉ ଅଂଶୁଘାତ ପରି
ବିପଦରୁ ରକ୍ଷା କରିଥାଇ ।
ଅଙ୍ଗାରକାମ୍ଳ କରି ଗ୍ରହଣ
ଜୀବଜଗତର ମଙ୍ଗଳ ପାଇଁ କି
ଯୋଗାଇଥାଏ ମୁଁ ଅମ୍ଳଜାନ ।

ମୋ ପାଇଁ ବରଷା ହୋଇଥାଏ
ପରିବେଶ ସୁସ୍ଥ ରହେ ମୋ ନିମନ୍ତେ
ଧରଣୀ ସୁନ୍ଦର ଦିଶୁଥାଏ ।
ଜନମରୁ ମୋର ମରଣ ଯାଏ
ଜଗତ କଲ୍ୟାଣେ ହସିହସି ମୁହିଁ
ସବୁକିଛି ଦାନ କରିଥାଏ ।

ହେଲେ ଏ ମଣିଷ ବୁଝୁ ନାହିଁ
ଅବିବେକୀ ହୋଇ ଧ୍ୱଂସ କରି ମୋତେ
ବିପଦକୁ ଆଣୁଅଛି ନେଇ ।
ବିପଦୁ ରକ୍ଷା କରିବା ପାଇଁ
ମୁହିଁ ଏକା ଅଟେ ତାହାର ସାହାରା
ଏକଥା ମୋଟେ ସେ ହେଜୁନାହିଁ ।
ଏଣୁ ଯତ୍ନ ମୋର ନିଅ ଭାଇ
କାଟିବା ଛାଡ଼ି ତୁ ଲଗାଇ ଶିଖିଲେ
ବିପଦ ଦୂରେଇ ଦେବି ମୁହିଁ ।

■■■

ପ୍ରଧାନ ଶିକ୍ଷକ, ଦୋଳମଣ୍ଡପ ହାଇସ୍କୁଲ,
ଦୋଳମଣ୍ଡପ, ଶୁକ୍ଳେଶ୍ୱର, ଚାନ୍ଦବାଲି, ଭଦ୍ରକ
ଦୂରଭାଷ : ୮୨୫୮୪୩୯୭୦୨

ମହେନ୍ଦ୍ର କୁମାର ଘଡ଼େଇ

ଶିକ୍ଷାଦାନ ପେସା, ସାହିତ୍ୟ ସାଧନା କିନ୍ତୁ ନିଶା । ବିଶେଷକରି ଶିଶୁକିଶୋର ସାହିତ୍ୟ ରଚନାରେ ବ୍ରତୀ ଅଛନ୍ତି । 'ମନର ବଳ', 'ଗୁରୁଭକ୍ତି' ଆଦି ୪ଟି ଶିଶୁଗଳ୍ପ ସଙ୍କଳନ ଓ 'ପେଁ ପେଁ ପେଁ ପାଇଁଟ' ଶିଶୁକବିତା ସଙ୍କଳନ ପ୍ରକାଶିତ । ବହୁ ସାରସ୍ୱତ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ।

ତାଳଗଛ

ନିରିଦୟ ହୋଇ କାଟି ଦେଲା କିଏ
ଜିଇଥିବା ସେଇ ତାଳ ଗଛ
ବାପଅଜା କାଳୁ ଜଗି ରହିଥିଲା
ଜୀବଜଗତର ଆଗପଛ ।

ମାଟିକୁ ଜାବୁଡ଼ି ଧରି ରଖୁଥିଲା
ଛନ୍ଦାଛନ୍ଦି ହୋଇ ତା'ର ଚେର
କଞ୍ଚାବେଳେ ସଜ ପାଚିଲାରେ ରସ
ଖୁଆଉଥିଲା ସେ ଭରପୂର ।

ବସା ବାନ୍ଧି ଦୋଳି ଖେଳେ ମନଇଚ୍ଛା
ବାଇଚଢ଼େଇ ତା' ବାହୁଙ୍ଗାରେ
ବିଞ୍ଚଣା ଚଟେଇ ଡାଲା ଛତା ତାଟି
ପଖିଆ ବୁଣେ ତା' ବରଡ଼ାରେ ।

ମଥାକୁ ଦେଖାଇ ଟାଣିନିଏ ଭାଇ
ନିଜ ଦେହକୁ ସେ ବଜ୍ରପାତ
ନିଜେ ଜଳି ପୋଡ଼ି ଯାଉଥିଲା ପଛେ
ଛୁଆଁଉ ନ ଥିଲା ବିତିପାତ ।

ଧରାପରେ ତାଳ ଗଛ ନ ଥିବାରୁ
ବିଜୁଳି ବଜର ଚମକାଏ
ଅକାଳରେ ପ୍ରାଣ ଶୋଷି ନେବା ପାଇଁ
ନିଇତି ଆମକୁ ଧମକାଏ ।

ତୋଟା ପଠା ହୁଡ଼ା ବାଡ଼ି ବଗିଚାରୁ
କାଟ ନାହିଁ କେହି ତାଳ ଗଛ
ପାଖେ ପାଖେ ରହି ହସ ଖୁସି ଦେବା
କାମେ ସେ ଲାଗିବା ନୁହେଁ ମିଛ ।

■■■

କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା,
ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ,
ଦୂରଭାଷ : ୯୪୩୭୭୪୦୫୬୬



ଦେବେନ୍ଦ୍ର ଚୌଧୁରୀ

ସୁପରିଚିତ ଶିଶୁସାହିତି୍ୟକ । ଅନେକ ଶିଶୁକିଶୋର ପୁସ୍ତକର ସ୍ରଷ୍ଟା । ସାରସ୍ୱତ ସାଧନା ପାଇଁ ବହୁ ଅନୁଷ୍ଠାନରୁ ସମ୍ମାନିତ ଓ ପୁରସ୍କୃତ । ଆକାଶବାଣୀର ଶିଶୁକାର୍ଯ୍ୟକ୍ରମର ସ୍ୱୀକୃତିପ୍ରାପ୍ତ ଲେଖକ ।

ବାଇଚଢ଼େଇରେ ବାଇଚଢ଼େଇ

ବାଇଚଢ଼େଇରେ ବାଇଚଢ଼େଇ
ଉଚ୍ଚ ତାଳ ଗଛେ ତୁହି
କେତେ ଯତନରେ ବସାଟେ ତୋଳିଚୁ
ବାଆ ଯାଏ ଛୁଇଁ ଛୁଇଁ ।

ବାଇଚଢ଼େଇରେ ବାଇଚଢ଼େଇ
ବସାରେ ତୁ ଝୁଲିଝୁଲି
ଦୋଳି ଖେଳୁଥାଉ ମନହରଷରେ
ଥିରି ବା'ରେ ଫୁଲିଫୁଲି ।

ବାଇଚଢ଼େଇରେ ବାଇଚଢ଼େଇ
ଗାଉ ତୁହି ଖୁସି ଗୀତ
ନ ଥାଏ ଖାତର, ଆସୁ ଖରା ଅବା
ବରଷା-ବତାସ-ଶୀତ ।

ବାଇଚଢ଼େଇରେ ବାଇଚଢ଼େଇ
ଖୁସି ତୋର ବଡ଼ ଧନ
ବସାରୁ ଦେଖୁ ତୁ ସକାଳ ସୂରୁଯ
ସଞ୍ଜ ଆକାଶର ଜହ୍ନ ।

ବାଇଚଢ଼େଇରେ ବାଇଚଢ଼େଇ
କୁନି କଅଁଳ ତୋ' ପିଲା
ଜୁଳୁଜୁଳୁ ଚାହୁଁଥା'ନ୍ତି କୁତୂହଳେ
ବସାର ଦରଜା ମେଲା ।

ବାଇଚଢ଼େଇରେ ବାଇଚଢ଼େଇ
ଘଡ଼ିଘଡ଼ି ତୋତେ ମୁହିଁ
ମଥା ଟେକି ଚାହିଁ ରହେ ଚକିତରେ
ଜାଣିଛୁ କି ନାହିଁ ତୁହି ?

ବାଇଚଢ଼େଇରେ ବାଇଚଢ଼େଇ
ଛୋଟ ସିନା ପକ୍ଷୀଟିଏ
ବଡ଼ କିନ୍ତୁ ତୋର ବୁଦ୍ଧି ଆଉ କାମ
ଏ କଥା ନ ଜାଣେ କିଏ !

ବାଇଚଢ଼େଇରେ ବାଇଚଢ଼େଇ
କହିବୁ କି ଥରେ ମୋତେ
କିଏ ଶିଖାଇଲା ଏତେ କାରିଗରୀ
କଳା-କଉଶଳ ତୋତେ ?

ବାଇଚଢ଼େଇରେ ବାଇଚଢ଼େଇ
ଆ' ଥରେ ଉଡ଼ି ଆ'
ମୋ ହାତ ପାପୁଲି ଉପରେ ତୁ ବସି
ମିଠା ଗୀତ ପଦେ ଗା' !

■■■

*ଡି/୨୦୦, କୋଏଲ୍ ନଗର,
ରାଉରକେଲା-୧୪, ସୁନ୍ଦରଗଡ଼
ଦୂରଭାଷ : ୯୪୩୭୧୦୫୪୪୦*

ବିଷ୍ଣୁ ମୋହନ

ଦୀର୍ଘବର୍ଷ ଧରି ଶିଶୁ-କିଶୋର ଉପଯୋଗୀ ସାହିତ୍ୟ ରଚନାରେ ମନୋନିବେଶ କରିଛନ୍ତି । ଦଶଟି ପୁସ୍ତକ ପ୍ରକାଶ ପାଇଥିଲାବେଳେ ଅନେକ ସାରସ୍ୱତ ସମ୍ମାନ ଲାଭ କରିଛନ୍ତି । କବିତା ମାଧ୍ୟମରେ ଜୀବନଯନ୍ତ୍ରଣାର କଥା ପ୍ରକାଶ କରିଥା'ନ୍ତି ।

ଘରଚଟିଆ

ଘରଚଟିଆରେ ଘରଚଟିଆ
ଦେହଟି ତୋହର କେଡ଼େ ବଢ଼ିଆ
କିଚିରି ମିଚିରି ଶବଦ ତୋର
ଶୁଣିବାକୁ ଲାଗେ ଭାରି ମଧୁର ।
ଛୋଟକରି ଦେହ ଗଢ଼ି ଈଶ୍ୱର
ଏହି ଦୁନିଆର ସେ' କାରିଗର
ଚାଳଘର ଅବା ଗଛ ଡାଳରେ
ତୋ' ହାତ ତିଆରି ରହୁ ବସାରେ ।
ଦିନସାରା ଉଡ଼ି ଆଣୁ ଆହାର
ଚେଁଏ ଚେଁଏ ହୋଇ ଛୁଆ ତୋହର
ତୋ' ଫେରିବାକୁ ସେ ଥାଆନ୍ତି ଚାହିଁ
କାହାର ତୋ' ସାଥେ ତୁଳନା ନାହିଁ ।
ଚାଳ ଘରେ କରୁ ଛୋଟ ବସାଟି
କୋଠା ଘର ନାହିଁ ଦରକାରଟି
ସକାଳ ହୋଇଲେ ବସାକୁ ଛାଡ଼ି
ଫୁର୍‌କିନା ତୁହି ଯାଉରେ ଉଡ଼ି ।
ବଡ଼ ହେଲେ ଛୁଆ ଯାଆନ୍ତି ଉଡ଼ି
ଆଉ ନ ଆସନ୍ତି ଘର ବାହୁଡ଼ି
ଝଡ଼, ବରଷାକୁ ଭାରି ତୋ ଡର
ଗଛୁ ଗଳି ପଡ଼େ ବସାଟି ତୋର ।
ମଣିଷର କ୍ଷତି ନ କରୁ ତୁହି
କାମ କରିଥାଉ ଖରାକୁ ସହି
ମରଣ ଆସିଲେ ଛୋଟ ଦେହଟି
ଏ ମାଟି ଦେହରେ ମିଶି ଯାଏଟି ।

■■■

ଲେନ୍-୧୦, ୧୨୯୩/୬୧୦୮, ମଲ୍ଲିକ କଂପ୍ଲେକ୍ସ,
ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦

କୀର୍ତ୍ତନ ସାହୁ

ମୁଖ୍ୟତଃ ଶିଶୁସାହିତ୍ୟ, ସାମୟିକ ଭାବରେ ଆଧୁନିକ କବିତା ତଥା ଗଳ୍ପ ଲେଖି ଥାଆନ୍ତି । 'ଶୁଆଟିର ନାଁ ଟିଟୁଆ', 'ତମ ମନଲାଖି କବିତା' ଆଦି ଆଠଟି ଶିଶୁ ସାହିତ୍ୟ ପୁସ୍ତକର ସ୍ରଷ୍ଟା । ବିଭିନ୍ନ ଅନୁଷ୍ଠାନରୁ ସ୍ୱୀୟ ସାରସ୍ୱତ କୃତି ନିମନ୍ତେ ସମ୍ମାନିତ ।

ଗାଆଁରେ ସକାଳ

ସକାଳୁ ସକାଳୁ ଗାଆଁର ପିଠିରେ
ସୁନାର ଲହରୀ ଯାଉଛି ଖେଳି
କଅଁଳ ସୁରୁଜ ସୁନେଲି କିରଣ
ଖିଲିଖିଲି ହସି କରିଛି ମେଳି ।

ଗଛର ଡାଳରେ ଡେଇଁ ଡେଇଁ ଉଡ଼ି
ମିଠାମିଠା ସୁରେ ଗାଆନ୍ତି ପକ୍ଷୀ
ଅଗଣାରେ ଡିଏଁ ବାଇଚଢ଼େଇଟି
ବାଲି ଦେହେ ପାଦଚିହ୍ନ ତା' ରଖି ।

ଚାଷୀ ଭାଇ ତା'ର ଲଙ୍ଗଳ ମୁନରେ
ଭରିଅଛି ଦେଶ ଉନ୍ନତି ଚିନ୍ତା
ପଖାଳ କଂସାରେ ଖୁସିର ମହକ
ବେଶି ଲୋଭ କଥା ଲାଗଇ ପିତା ।

ବାନି ବଗିଚାର ଫୁଲର ଦେହରେ
ଲେସି ହୁଏ ଗାଆଁ ସୁନ୍ଦର ଛବି
ଏଇମିତି ଏକ ମଧୁର ବେଳାରେ
ହସି ଉଠିଛି କି ଉଦୟ ରବି ।

ଗାଆଁର ଦାଣ୍ଡରେ ଶୋଭା ପାଉଅଛି
କୁନାକୁନିଙ୍କର କୋମଳ ପାଦ
ମନ୍ଦିର ବେଢ଼ାରୁ ଭାସି ଆସୁଅଛି
ଘଣ୍ଟ ମାର୍ଦ୍ଦଳର ମଧୁର ନାଦ ।

ଗାଆଁ ଆକାଶର ଶୀତଳ ଢେଉରେ
ସୁର ନନାଙ୍କର କେନ୍ଦରା ଗୀତ
ଗାଧୁଆ ଘାଟରେ ଗଉରୀ ସାଥୀରେ
ଆମ ସାହି ମଲ୍ଲି ବସୁଛି ମିତ ।

ଗାଈ ଗୋଠ ସାଥେ ହରିଆ ଭାଇର
ଆତ୍ମୀୟତା କେଡ଼େ ଉଚ୍ଛୁଳି ଉଠେ
ଗାଆଁର ରୂପକୁ ଆହୁରି ବଢ଼ାନ୍ତି
ଗାଆଁ ଭୁଆସୁଣୀ ପୋଖରୀ ତୁଠେ ।

ହଳଦୀ ବସନ୍ତ ଆଙ୍କି ବସିଛି କି
ମନୋରମ ଏଇ ଗାଆଁର ଶୋଭା
ଯେ ଆସିଛି ଥରେ ଭୁଲି ପାରି ନାହିଁ
କହି ବୁଲେ ଆହା କି ମନୋଲୋଭା !

■■■

ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର
ଦୂରଭାଷ : ୯୪୩୮୪୧୪୭୦୧

ବିକାଶ କୁମାର ହୋତା

ସୁପରିଚିତ ଶିଶୁ ସାହିତ୍ୟିକ। ବିଭିନ୍ନ ପତ୍ରପତ୍ରିକା ଓ ଖବରକାଗଜରେ ଶିଶୁ, ବ୍ୟଙ୍ଗ ଓ ସଚେତନଧର୍ମୀ କବିତା ପ୍ରକାଶିତ। ତାଙ୍କ କବିତାରେ ସାମାଜିକ ବାର୍ତ୍ତା ପ୍ରତିଭାତ। ବିଭିନ୍ନ ସାହିତ୍ୟାନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ।

ଡାକବାଲା

ଦେହରେ ଖାକି ପୋଷାକ ପିନ୍ଧି
ସାଇକଲଟେ ଧରି
ସକାଳୁ ସଞ୍ଜ ଚିଠି ମୁଁ ବାଣ୍ଟେ
ବୁଲେ ମୁଁ ଘରିଘିରି।

କାନ୍ଧରେ ଧରି ମାଟିଆ ଥଳି
ଘରକୁ ଘର ବୁଲି
ମନି ଅର୍ଡର ଜରୁରୀ ଚିଜ
ଡାକଇ ନିଅ ବୋଲି।

ଖରା, ବରଷା, ହେଉ ବା ଶୀତ
ନଥାଏ ମୋର ଭୟ
ସଭିଙ୍କ ପାଶେ ମୋର ଆଦର
କର୍ମରେ ଥାଏ ଲୟ।

ଅଳପ ଟଙ୍କା ଦରମା ମୋର
ସେ ପାଇଁ ନାହିଁ ଦୁଃଖ
ସଭିଙ୍କ ସେବା ଅଟେ ମୋ ଧର୍ମ
ମିଳେ ସେଥିରୁ ସୁଖ।

ଆଜିର ଏଇ ବିଜ୍ଞାନ ଯୁଗେ
ପ୍ରଯୁକ୍ତି ବିଦ୍ୟା ବଳେ
ଇଣ୍ଟରନେଟ୍ ଚାହିଦା ଯୋଗୁ
କ୍ଷଣିକେ ବାର୍ତ୍ତା ମିଳେ।

ଅତୀତ କାଳେ ବାରତା ପାଇଁ
ଚିଠିର ଲୋଡ଼ା ଥିଲା
ବିଜ୍ଞାନ ବଳେ ତା'ର ଆଦର
ସୀମିତ ହୋଇଗଲା।

ସଭିଙ୍କ ପାଶେ ହେଲି ଅଲୋଡ଼ା
ଚିଠି ଆସୁନି ଘରେ
ନାମଟି ମୋର ଗଲାଣି ହଜି
ଅଧୁନା ପ୍ରଗତିରେ।

ସବୁରି ପାଇଁ ବିଶ୍ୱସ୍ତ ମୁହିଁ
ମୋ ନାମ ଡାକବାଲା
ସଦାସର୍ବଦା ସବୁ ଦୁଆର
ମୋ ପାଇଁ ଥାଏ ଖୋଲା।

■■■

ଦକ୍ଷିଣକାଳୀ ରୋଡ଼, ବିଦ୍ୟାନଗର,
ଢେଙ୍କାନାଳ-୭୫୯୦୦୧
ଦୂରଭାଷ : ୭୦୦୮୯୨୮୭୯୮

ପ୍ରଶାନ୍ତ କୁମାର ନାଥ

ଛାତ୍ରାବସ୍ଥାରୁ ସାହିତ୍ୟ ସାଧନା, ବିଶେଷକରି କବିତା ଲେଖିବା ନିଶା । ଚାରିଟି କବିତା ସଙ୍କଳନ ପ୍ରକାଶିତ । ଶିଶୁର ଉଦାସୀ ମନରେ ହସଟିକେ ଭରିଦେବାକୁ, କବିତା ମାଧମରେ ସାମାଜିକ ପରିବର୍ତ୍ତନ ଆଣିବା ଦିଗରେ ପ୍ରୟାସ ଜାରି ରଖିଛନ୍ତି ।

ବର୍ଷା ପଡ଼ିବାରୁ ଝରି

ବରଷା ଆସିଲା ଧରଣୀ ହସିଲା
ପିନ୍ଧିଲା ସବୁଜ ପାଟ
କଳା ଓଢ଼ଣିଟି ବାଦଲ ମଥାରେ
ବିଜୁଳି କରୁଛି ନାଟ ।

ପଳାଶ କଦମ୍ବ ହସନ୍ତି ଆନନ୍ଦେ
ବର୍ଷା ପଡ଼ିବାରୁ ଝରି
ଆକାଶ ଛାତିରୁ ଝରିପଡ଼େ ସତେ
ଆନନ୍ଦର ଅଶ୍ରୁ ବାରି ।

ଗଗନ ପବନ ମହକି ଉଠୁଛି
ମଧୁମାଳତୀର ବାସେ
ଆକାଶରେ ଯେବେ କଳା ମେଘ ଭାସେ
ଚାଷୀପୁଅ ଦେଖି ହସେ ।

ବରଷା ସ୍ପର୍ଶରେ ଅତି ଆନନ୍ଦରେ
ଜହ୍ନିଫୁଲ ଏବେ ଫୁଟେ
ସର୍ପ ପରି ପୁଣି ଛଚିନ୍ଦା ସୁନ୍ଦରୀ
ବାଡ଼ିର ରଞ୍ଜାରେ ଲୋଟେ ।

ପୂର୍ଣ୍ଣ ହୋଇଯାଏ ନଦୀ ଓ ସାଗର
ହୋଇଯାଏ ସ୍ରୋତସ୍ୱିନୀ
ଝରଝର ହୋଇ ଝରଇ ଝରଣା
କରି ସୁମଧୁର ଧ୍ୱନି ।

ସଭିଙ୍କର ମନ ହୁଅଇ ବିଭୋର
ମେଘ ପଡ଼ିବାରୁ ଝରି
ନୂତନ ଆଶାର ନୂଆ ସମ୍ଭାବନା
ମନେ ସେ ଦିଅଇ ଭରି ।

■■■

ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର
ଯାଜପୁର-୭୫୫୦୧୩
ଦୂରଭାଷ : ୮୩୧୦୩୨୮୩୪୫

ପ୍ରଶାନ୍ତ କୁମାର ସାହୁ

ଲେଖାଲେଖି ସହ ସମାଜ ସେବାରେ ରୁଚି । ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ଶତାଧିକ ଲେଖା ପ୍ରକାଶିତ । ଅଦ୍ୟାପି ୧୨ ଖଣ୍ଡ ପୁସ୍ତକର ରଚୟିତା । ଶିକ୍ଷା, ସାହିତ୍ୟ ସାଧନା ଓ ସମାଜସେବା ପାଇଁ ବହୁ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ।

ତ୍ରିରଙ୍ଗା ପତାକା

ଫର ଫର ଉଡ଼େ ଜାତୀୟ ପତାକା
ନୀଳ ଗଗନରେ ଆଜି,
ଏ ପତାକା ଗାଏ ଜାତି ଇତିହାସ
ଜାତି ଗଉରବ ରାଜି ।

ଏ ପତାକା ପାଇଁ କେତେ ନରନାରୀ
ଜୀବନକୁ ଦେଲେ ବଳି,
ଫିରିଙ୍ଗୀ ଶାସନ ଗୋଳା ବାରୁଦରେ
ଭୂଇଁରେ ପଡ଼ିଲେ ଟଳି,
ତଥାପି ନ ଡରି ଏଦେଶ ଜନତା
ଲଢ଼ିଲେ ସଂଗ୍ରାମୀ ସାଜି ।

ରଣ ଦୁନ୍ଦୁଭିରେ କମ୍ପିଲା ଭାରତ
ଥରିଲା ବିଦେଶୀ ଛାତି
ଛାଡ଼ି ପଳାଇଲେ ଦେଶରୁ ଆମର
'ଅଗଷ୍ଟ ଚଉଦ' ରାତି
ଖୁସିର ଲହରୀ ଖେଳିଲା ସବୁଠି
ଦେଶବାସୀ ଗଲେ ମଜ୍ଜି ।

ସେଦିନୁ ଚଳାଉ ଦେଶକୁ ଆମେରେ
ଗଢ଼ୁ ନିତି ନୂଆ କରି
ସାରା ଜଗତରେ କିଏ ସେ ଅଛିରେ
ଦେଶଟିଏ ଆମ ପରି
ଶାନ୍ତିର ବାରତା ବିତରୁ ବିଶ୍ୱରେ
ଶାନ୍ତିଦୂତ ଆମେ ସାଜି ।

ଆମରି ପତାକା ଆମ ଗଉରବ
ଆମ ଦେଶ ପରିଚୟ
ଏ ପତାକା ତଳେ କୋଟି କଣ୍ଠ ଗାଏ
ଭାରତ ମାତାର ଜୟ
ପୁଲକିତ ଆଜି ଆମ ଦେଶବାସୀ
ଦେଶପ୍ରେମ ଜଳେ ଭିଜି ।

■■■

ନରସିଂହପୁର, ନହଙ୍ଗା ପାଟଣା,
ଯାଜପୁର-୭୫୫୦୦୮
ଦୂରଭାଷ : ୯୪୩୭୦୭୩୯୨୧

ଶାରଦୀୟ ଦୁର୍ଗା ପୂଜାର ଅଭିନନ୍ଦନ

ଦୁର୍ଗତିନାଶିନୀ ମା ଦୁର୍ଗା ଓ ଆସିକାର
ଅଧୀଷ୍ଠିତ ଦେବୀ ମା ଖମେଶ୍ୱରୀ
ସମସ୍ତଙ୍କୁ କଲ୍ୟାଣ ସହ ସମସ୍ତ
ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରନ୍ତୁ ।

ଶ୍ରୀ ବଂଶୀଧର ନାହକ

ବିଶିଷ୍ଟ ସମାଜସେବୀ, ଆସିକା, ଗଞ୍ଜାମ

ଶୁଭେଚ୍ଛା ବାର୍ତ୍ତା

"ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ । ଦେଶର ସ୍ୱରାଜ ପଥେ ଯେତେ ଗାଡ଼, ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।"

ଗୋପବନ୍ଧୁଙ୍କ ଉକ୍ତ କବିତା ତ୍ୟାଗପୂତ ଜୀବନର ମର୍ମବାଣୀ । 'ସମାଜ' ଅନୁଷ୍ଠାନ ତରଫରୁ 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପ୍ରକାଶ ନିଶ୍ଚିତ ଭାବେ ଜାତି ଓ ସାହିତ୍ୟ ପ୍ରୀତିର ନିଦର୍ଶନ । ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନ ସମାଜକୁ ଦିଗଦର୍ଶନ ଦେବା ସହିତ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଆକୁଣ୍ଠିତ ଚିତ୍ତରେ ଜନସେବା ଯୋଗୁଁ ଆଜି ବାରଙ୍ଗ ଅଞ୍ଚଳର ଅଗଣିତ ନରନାରୀଙ୍କ ଅତି ନିକଟତର ହୋଇପାରିଛି । ଅଞ୍ଚଳବାସୀ ମୋତେ ସେମାନଙ୍କ ସେବା କରିବାକୁ ସୁଯୋଗ ଦେଇଥିବାରୁ ନିଜକୁ ଧନ୍ୟ ମନେକରୁଛି ।

ସୁମିନା ପ୍ରଧାନ

(ମିଶନ ଶକ୍ତି ଅଧ୍ୟକ୍ଷା, ବାରଙ୍ଗ ବ୍ଲକ)

ସରଗଠୁ ସୁନ୍ଦର

ଗାଁ ଶେଷ ମୁଣ୍ଡରେ ସେଇ ଯେଉଁ ବଡ଼ କୋଠା ଘରଟି ଦେଖାଯାଉଛି, ସେ ହେଉଛି ପଞ୍ଚାନନ ବାବୁଙ୍କ ଘର। ସେ ଏ ଗାଆଁର ସବୁଠୁ ଧନୀ ଲୋକ। ତାଙ୍କର ସୁଦୃଶ୍ୟ ଘର ଚାରିପଟେ ପାଚେରି। ପାଚେରି ଭିତରେ କିଛି ଫୁଲ ଗଛ ବି ଲାଗିଛି। ଘର ମାଲିକ ପଞ୍ଚାନନ ଲେଙ୍କା। ମାତ୍ର ତାଙ୍କର ବଦରାଗୀ ଆଉ ଗମ୍ଭୀର ସ୍ୱଭାବ ପାଇଁ ଗାଁ ଲୋକଙ୍କଠାରୁ ଆରମ୍ଭ କରି ଛୋଟପିଲାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ସେ କଞ୍ଜାଲଙ୍କା ବାବୁ ବୋଲି ପରିଚିତ।

ଗାଁ ମୁଣ୍ଡରେ ଥିଲା ପଡ଼ିଆଟିଏ। ପଡ଼ିଆ ପାଖରେ ଲେଙ୍କା ବାବୁଙ୍କ ଘର। ଏତେ ବଡ଼ ଘର ତାଙ୍କର, ହେଲେ ତା' ଭିତରେ ରହୁଥିଲେ ଏକା ଲେଙ୍କାବାବୁ। ତାଙ୍କର ପୁଅବୋହୂ, ନାତିନାତୁଣୀ ସମସ୍ତେ ବିଦେଶରେ ରହନ୍ତି। ବହୁତ ଟଙ୍କା ରୋଜଗାର କରୁଛନ୍ତି। ବାପାଙ୍କ ପାଖକୁ ଟଙ୍କା ପଠାନ୍ତି। ତା'ଛଡ଼ା ନିଜେ ଲେଙ୍କା ବାବୁ ସୈନ୍ୟ ବିଭାଗରେ ଜଣେ ବଡ଼ ଅଧିକାରୀ ଥିଲେ। ଅବସର ନେବା ପରେ ଏବେ ସେ ଏକ ଘରୋଇ କମ୍ପାନୀରେ ଚାକିରି କରୁଛନ୍ତି। ଘରେ ରୋଷେଇବାସ, କାମଦାମ କରିବା ପାଇଁ ଚାକରଟିଏ ଅଛି। ସେ ସକାଳୁ ଆସି ସବୁକାମ ସାରିଦେଇ ଦୁଇଟା ବେଳକୁ ଗାଁ ଭିତରେ ତା' ନିଜ ଘରକୁ ଚାଲିଯାଏ। ଲେଙ୍କା ବାବୁ ଦଶଟାରୁ ଯାଇ ଫେରନ୍ତି ପାଞ୍ଚଟା ବେଳକୁ।

ଲେଙ୍କା ବାବୁଙ୍କ ନିଶମୋଡ଼ା ଗମ୍ଭୀର ଚେହେରା ଦେଖି ସମସ୍ତେ ତାଙ୍କୁ ଭୟ କରନ୍ତି। କେହି କେହି କହନ୍ତି ସେ ବନ୍ଧୁକ ରଖିଛନ୍ତି ବୋଲି। ତେଣୁ କୌଣସି ଚୋର ଡକାୟତ ସାହସ କରନ୍ତି ନାହିଁ ତାଙ୍କ ଘରୁ ଚୋରି କରିବାକୁ।

ଲେଙ୍କା ବାବୁଙ୍କ ଘରପାଖ ପଡ଼ିଆରେ ଦୈନିକ ତିନିଟା ବେଳୁ ଗାଁ ପିଲାମାନଙ୍କର ଗହଳି ଲାଗିଯାଏ। ସମସ୍ତେ ମିଳି ମିଶି କ୍ରିକେଟ ଖେଳନ୍ତି। ଖେଳିଲାବେଳେ ଯଦି ପିଲାଙ୍କ ବ୍ୟାଟ୍ ମାଡ଼ରେ ବଲ୍ ଆସି ଲେଙ୍କା ବାବୁଙ୍କ ପାଚେରିରେ ବାଜେ ତ ଲେଙ୍କା ବାବୁ ବାହାରି ଆସି ରାଗି ନିଆଁବାଣ ହୋଇଯାନ୍ତି। ସେ ପିଲାଙ୍କୁ ନାନାପ୍ରକାର ଭର୍ତ୍ସନା କରି ଗାଳି ଦିଅନ୍ତି। ଚେତାବନୀ ଦିଅନ୍ତି, ଆଉ ଥରେ ଯଦି ପାଚେରିରେ ବଲ୍ ବାଜେ ସେ ପିଲାଙ୍କୁ ଥାନାରେ ଭର୍ତ୍ତି କରିଦେବେ ବୋଲି।

ପିଲାମାନେ ଅବଶ୍ୟ ଡରି ଯାଆନ୍ତି; ମାତ୍ର ଉପାୟ କ'ଣ? ଆଉ ତ କେଉଁଠି ପଡ଼ିଆ ନାହିଁ। ଯା' ହେଲେ ବି ପୁଣି ସେଇଠି ଖେଳ ହୁଏ। ଭୁଲ୍‌ବଶତଃ ପୁଣି ପାଚେରିରେ ଯାଇ ବଲ୍ ବାଜେ। ଯଦି ଲେଙ୍କା ବାବୁ ଘରେ ଥାଆନ୍ତି ତ ପୁଣି ସେ ଆସି ପିଲାଙ୍କ ଉପରେ ଗର୍ଜି ଯାଆନ୍ତି। ଯଦି ବଲ୍ ପାଚେରି ଟପି ବଗିଚା ଭିତରେ ପଡ଼ିଲା ତ ଲେଙ୍କା ବାବୁ ଘରେ ନ ଥିଲେ ପିଲାଏ ପାଚେରି ଡେଇଁ ତରବରରେ ବଲ୍ ଗୋଟେଇ ଆଣନ୍ତି, ଆଉ ଯଦି ଲେଙ୍କା ବାବୁ ଘରେ ଥାଆନ୍ତି, ତେବେ କେହି ବଲ୍ ପାଇଁ ଯାଆନ୍ତି ନାହିଁ। ପରଦିନ ଲେଙ୍କା ବାବୁ ଫେରିବା ପୂର୍ବରୁ ବଲ୍ ଘେନି ଆସନ୍ତି। ଏମିତି ଭାବରେ ପିଲାମାନଙ୍କର ଖେଳ ଚାଲେ। ଲେଙ୍କା ବାବୁ ବି ପିଲାଙ୍କ ଉପରେ ଗର୍ଜନ କରି ଥଣ୍ଡା ହୁଅନ୍ତି।

ଦିନେ ପିଲାମାନେ ପହଞ୍ଚି ଗଲେ ଖେଳ ପଡ଼ିଆରେ। ସେତେବେଳକୁ ଲେଙ୍କା ବାବୁ ଫେରି ନ ଥାନ୍ତି, ତାଙ୍କ ଚାକର ବି ଘରକୁ ଚାଲି ଯାଇଥାଏ। ପିଲାମାନେ ଖୁସି ହୋଇ ନିର୍ଭୟରେ ଖେଳୁଥା'ନ୍ତି। ଜଣେ ବୋଲିଂ କଲାବେଳେ ଜଣେ ବ୍ୟାଟିଂ କରୁଥାଏ। ମାତ୍ର ଏତିକିବେଳେ ବଲ୍ ପଡ଼ିବା କ୍ଷଣି ପିଲାଟା ବ୍ୟାଟ୍ ବୁଲାଇ ଏମିତି ଛକାଟାଏ ମାରିଲା ଯେ ବଲ୍ ଶୂନ୍ୟେ ଶୂନ୍ୟେ ଯାଇ ଲେଙ୍କା ବାବୁଙ୍କ ବଗିଚା ଭିତରେ ପଡ଼ିଲା। ପିଲାଏ ଜାଣିଥିଲେ ଲେଙ୍କା ବାବୁଙ୍କ ଘରେ କେହି ନାହାନ୍ତି। ଏଣୁ ଦୁଇ ଚାରିଟା ପିଲା ପାଚେରି ଉପରକୁ ଚଢ଼ିଗଲେ। ସେଇଠୁ ଥାଇ ବଲ୍‌ଟାକୁ ଠାବ କରିବା ପାଇଁ ଏଣେତେଣେ ଚାହିଁଲେ। ଦେଖିଲେ ଜଣେ ଲୋକ ଲେଙ୍କା ବାବୁଙ୍କ ଝରକା ତାଡ଼ି ସାରି ତା' ଭିତରକୁ ପଶୁଛି। ପାଚେରି ଉପରୁ ଥାଇ ପିଲାମାନେ ପାଟିକରି ଉଠିଲେ-ଚୋର, ଚୋର, ଧାଇଁ ଆସ, ଧାଇଁଆସ।

ପାଟି ଶୁଣି ଅନ୍ୟ ପିଲାମାନେ ଧାଇଁ ଆସି ପାଚେରି ଉପରକୁ ଚଢ଼ିଗଲେ। ଚୋର ଆଉ ପଳେଇ ଯିବାକୁ ବାଟ ନ ପାଇ ଏଣେ ତେଣେ ଧାଇଁବାକୁ ଲାଗିଲା। ପିଲାମାନେ ବି ପାଚେରି ଉପରେ ଧାଇଁ ତାକୁ ଘେରି

ପର୍ଶୁରାମ ବେହେରା

ଶିଶୁ ଲେଖକ ଭାବେ ସୁପରିଚିତ। ଗଳ୍ପ, ପ୍ରବନ୍ଧ, କବିତା, ବେତାର ନାଟକ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖାଲେଖି ଜାରି ରଖିଛନ୍ତି। ଛ'ଟି ଶିଶୁଗଳ୍ପ ସଙ୍କଳନ, ଦୁଇଟି ଶିଶୁକିଶୋର ଉପନ୍ୟାସ ପ୍ରକାଶିତ। ସାହିତ୍ୟ ସାଧନା ନିମନ୍ତେ ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ।

ଯାଉଥାନ୍ତି । ଠିକ୍ ଏତିକିବେଳେ ଆସି ପହଞ୍ଚିଲେ ଲେଙ୍କା ବାବୁ । ସେ ଫାଟକ ଖୋଲି ଚୋରକୁ ଧରିବାକୁ ଧାଇଁଲେ । ଆଉ କିଛି ପିଲା ବି ବ୍ୟାଟ୍ ବଲ୍ ଧରି ଚାଲିଥାନ୍ତି ତାଙ୍କ ସାଙ୍ଗରେ । ଏବେ ଚୋର ଆଉ ଯାଏ କୁଆଡ଼େ? ତଥାପି ସେ ଗୋଟିଏ ସ୍ଥାନରେ ପାଚେରି ଚଢ଼ିବାକୁ ଚେଷ୍ଟା କଲା । ଠିକ୍ ଏତିକିବେଳେ ଲେଙ୍କା ବାବୁ ଯାଇ ଚୋରକୁ କୁଣ୍ଢାଇ ଧରିଲେ । ମାତ୍ର ଚୋର ଲେଙ୍କା ବାବୁଙ୍କୁ ଶକ୍ତ ଧକ୍କାଟାଏ ମାରି ଖୋଲା ଥିବା ଫାଟକ ଆଡ଼କୁ ଧାଇଁବାକୁ ଲାଗିଲା । ହେଲେ

ପିଲାମାନେ ତା' ଉପରକୁ ବ୍ୟାଟ୍, ବଲ୍ ଫିଙ୍ଗି ଅଟକାଇବାକୁ ଚେଷ୍ଟା କଲେ । ଜଣେ ପିଲାର ବ୍ୟାଟ୍ ଯାଇ ବାଜିଲା ଚୋରର ଗୋଡ଼ରେ । ଆଘାତ ପାଇବା ସଙ୍ଗେ ସଙ୍ଗେ ସେ ବ୍ୟାଟ୍‌ରେ ଗୋଡ଼ ଛନ୍ଦିହୋଇ ହାମୁଡ଼େଇ ପଡ଼ିଲା । ଏଇ ସୁଯୋଗରେ ପିଲାମାନେ ତା'କୁ ମାଡ଼ି ବସି କାବୁ କରିନେଲେ । କେତେଜଣ ଗ୍ରାମବାସୀ ବି ପାଟି ଶୁଣି ସେଠାରେ ପହଞ୍ଚି ଯାଇଥିଲେ । ସେମାନେ ଗୋଟିଏ ରଶିରେ ଚୋରକୁ ବାନ୍ଧି ପକେଇ ପୁଲିସ୍‌କୁ ଫୋନ୍ କଲେ ।

ଏହାପରେ ଲେଙ୍କା ବାବୁଙ୍କୁ ଖୋଜା ପଡ଼ିଲା । ସେ କୁଆଡ଼େ ଗଲେ ? ପିଲାଏ ଧାଇଁଲେ ତାଙ୍କ ପାଖକୁ । ଦେଖିଲେ, ପାଚେରି ମୂଳରେ ଅଚେତ୍ ହୋଇ ପଡ଼ିଛନ୍ତି ଲେଙ୍କା ବାବୁ । ପାଚେରିରେ ତାଙ୍କ ମୁଣ୍ଡ ପିଟି ହୋଇ ଧାର ଧାର ରକ୍ତ ବାହାରୁଛି । ପିଲାମାନେ ତାଙ୍କୁ ଧରି ଉଠାଇ ଆଣିଲେ ବାହାରକୁ । ଗାଡ଼ି ଡାକି ସଙ୍ଗେ ସଙ୍ଗେ ନେଇଗଲେ ଡାକ୍ତରଖାନା । ଡାକ୍ତର ଚିକିତ୍ସା କଲେ । ଔଷଧ, ଇଞ୍ଜେକ୍‌ସନ୍ ଦେଇ ମୁଣ୍ଡରେ ବ୍ୟାଣ୍ଡେଜ୍ ବାନ୍ଧିଦେଲେ । ବେଡ୍‌ରେ ଶୋଇ ରହିଥାନ୍ତି ଲେଙ୍କା ବାବୁ । ତାଙ୍କ ଚାରିପଟରେ ଘେରି ଠିଆ ହୋଇଥାନ୍ତି ସେଇ ଛୋଟବଡ଼ ଖେଳ ପିଲା ସବୁ । ଆଉ କେତେଜଣ ଲେଙ୍କା ବାବୁଙ୍କ ହାତ ଗୋଡ଼କୁ ଚିପି ଦେଉଥାଆନ୍ତି ଆଉ ଅପଲକ ଆଖିରେ ଚାହିଁ ରହିଥା'ନ୍ତି ତାଙ୍କ ମୁହଁକୁ ।

କେତେ ସମୟ ପରେ ଲେଙ୍କା ବାବୁ ଆଖି ଖୋଲିଲେ । ସେ ଦେଖିଲେ, ସେଇ ସବୁ ପିଲାମାନେ ତାଙ୍କୁ ଘେରି ଠିଆ ହୋଇଛନ୍ତି । ସେ ଶୋଇଛନ୍ତି ଡାକ୍ତରଖାନା ଖଟିଆରେ । ଆସ୍ତେ ଆସ୍ତେ ସବୁ ମନେ ପଡ଼ିଗଲା ତାଙ୍କର । ସେ ଥର ଥର ଗଳାରେ କହିଲେ–ପିଲାଏ ! ଆଜି ତମେମାନେ ମୋର କେତେବଡ଼ ଉପକାର ନ କଲ! କହୁକହୁ ତାଙ୍କ ଆଖିରୁ ଦି'ଧାର ଲୁହ ଗଡ଼ି ଆସିଲା ।

ଜଣେ ପିଲା ଲେଙ୍କା ବାବୁଙ୍କ ଆଖିରୁ ଲୁହ ପୋଛି ଦେଉ ଦେଉ କହିଲା- ଡାକ୍ତର ମନା କରିଛନ୍ତି, ଏବେ କିଛି କଥାବାର୍ତ୍ତା କରନ୍ତୁ ନାହିଁ ମଉସା । ଖୁବ୍ ଶୀଘ୍ର ଭଲ ହୋଇ ଘରକୁ ଯିବେ । ଜମା ମନ ଦୁଃଖ କରନ୍ତୁ ନାହିଁ ।

ପିଲାଙ୍କ କଥା ମାନି କିଛି ସମୟ ଚୁପ୍ ରହିଲେ ଲେଙ୍କା ବାବୁ । ସେ ଅନୁଭବ କରୁଥିଲେ, ତାଙ୍କର ଏତେବଡ଼ ସଂସାର, ହେଲେ ଆଜି ତାଙ୍କ ପାଖରେ କେହି ଜଣେ ନାହାନ୍ତି । ସେ ଏକା । ଯେତେ ଧନ ଦଉଲତ ଥିଲେ କ'ଣ ହେବ? ଏଇ ଏକଲା ପଣର ସଂସାର ଭିତରେ ତାଙ୍କର ଆଜି କିଏ ଭରସା? ଏଇ ପିଲାମାନେ । ଏଇମାନେ କ'ଣ ତାଙ୍କର ନାତି ନାତୁଣୀ ନୁହନ୍ତି? ନିଜ ଲୋକଙ୍କଠାରୁ କେଉଁ ଗୁଣରେ କମ୍ ଏମାନେ? ଏମାନଙ୍କ ଭିତରେ ସ୍ନେହ ଶରଧା ବାଣ୍ଟି ଦେଲେ ତ ତାଙ୍କର ଅବଶିଷ୍ଟ ଜୀବନ ହସ ଖୁସିରେ ଭରିଯିବ । ତାଙ୍କ ପ୍ରାଣହୀନ ଘରଟା ହୋଇଯିବ ସରଗଠୁ ସୁନ୍ଦର ।

ଏଥର ଲେଙ୍କାବାବୁ ଆଉ ସମ୍ଭାଳି ନ ହୋଇ କହିଲେ– ମୁଁ ତୁମ ମାନଙ୍କୁ ବହୁତ ଗାଳି ଦେଇଛି । କଟୁ କଥା କହିଛି । ତଥାପି ତମେ ସବୁ ସେ କଥା ପାସୋରି ଦେଇ ମୋ ଘରକୁ ଚୋରଠାରୁ ରକ୍ଷା କଲ । ମୋ ଜୀବନ ବଞ୍ଚେଇଲ । ଏ ଋଣ ତୁମର ମୁଁ କେବେ ଶୁଝି ପାରିବିନି ପିଲେ, ମୋତେ କ୍ଷମା କରିଦିଅ । ମୁଁ ଭୁଲ୍ ସ୍ୱୀକାର କରୁଛି ।

ପିଲାଟିଏ ଲେଙ୍କା ବାବୁଙ୍କ ହାତକୁ ଧରି ପକାଇ କହିଲା– ନା, ନା, ମଉସା ଆପଣଙ୍କ ପରି ଗୁରୁଜନମାନଙ୍କର ହାତ କ୍ଷମା ମାଗିବା ପାଇଁ ନୁହେଁ, ଆଶୀର୍ବାଦ ଦେବା ପାଇଁ । ଆମକୁ ଆଶୀର୍ବାଦ କରନ୍ତୁ ମଉସା, ଯେମିତି ଆମେ ଆହୁରି ଭଲ କାମ କରି ପାରିବୁ ।

ପିଲାଙ୍କ କଥା ଶୁଣି କାନ୍ଦି ଉଠିଲେ ଲେଙ୍କାବାବୁ । ସେ ଆଉ କଥା କହି ପାରିଲେନି । କେବଳ ଆଶୀର୍ବାଦ ମୁଦ୍ରାରେ ହାତ ଉଠେଇଲେ । ସେଇ ଛୋଟ ପିଲାମାନଙ୍କର ବ୍ୟାଟ୍ ବଲ୍ ଧରା ହାତଗୁଡ଼ିକ ଲମ୍ବି ଆସୁଥିଲା ତାଙ୍କ ଆଖିରୁ ଲୁହ ପୋଛି ଦେବାପାଇଁ ।

ଏବେ ଲେଙ୍କାବାବୁଙ୍କ ମୁହଁରେ ଫୁଟି ଉଠିଲା ପରିତୃପ୍ତିର ହସ ଖିଏ । ■■■

ଲୋକାପଡ଼ା, ଆଳି, କେନ୍ଦ୍ରାପଡ଼ା-୭୫୪୨୧୯

ଦୂରଭାଷ : ୮୦୧୮୯୯୯୫୮୫

ପିଲାଏ ହସିଲେ ଦୁନିଆ ହସେ

ରମେଶ ଚନ୍ଦ୍ର ଦାଶ

ଲେଖକ ବୃତ୍ତିରେ ଶିକ୍ଷକ । ଶିଶୁ ସାହିତ୍ୟିକ, ସଙ୍ଗଠକ । ଶିଶୁ ଓ କିଶୋର ଉପଯୋଗୀ ୧୮ଟି ପୁସ୍ତକ ରଚନା କରିଛନ୍ତି । ସାରସ୍ୱତ ସାଧନା ପାଇଁ ବହୁ ଅନୁଷ୍ଠାନରୁ ସମ୍ମାନିତ ।

ସୁନୁ ଆଉ ମୁନୁ ଦୁଇ ସାଙ୍ଗ । ଦିନେ ସେମାନେ ବିଦ୍ୟାଳୟକୁ ସାଙ୍ଗ ହୋଇ ଯାଉଥିଲେ । ବାଟରେ ସୁନୁ ଝୁଣ୍ଟି ପଡ଼ିଲା । ମୁନୁ ତା'କୁ ଉଠାଇବାକୁ ଚେଷ୍ଟା କଲା । ତା'ର କିନ୍ତୁ ବଳ ନ ପାଇବାରୁ ସେ ବାଟରେ ଯାଉଥିବା ଅନ୍ୟ ସାଙ୍ଗଙ୍କୁ ଡାକି ତା'କୁ ନେଇ ତାଙ୍କ ଘରକୁ ଗଲା । ସୁନୁର ମାଆ ଘରେ ଥିଲେ । ସେ ଭାରି ରାଗୀ । ସୁନୁର ଅବସ୍ଥା ଦେଖି ସେ ମୁନୁ ଉପରେ ଭାରି ରାଗିଗଲେ । ମୁନୁ ସହିତ ସାଙ୍ଗ ହେବାରୁ ତା'ର ଏପରି ଅବସ୍ଥା ହେଲା ବୋଲି କହିଲେ । ଏ କଥା ମୁନୁର ମାଆ ଶୁଣିଲେ । ସେ ଯେତେ ବୁଝାଇବାକୁ ଚେଷ୍ଟା କଲେ ବି ସୁନୁର ମାଆ ଗ୍ରହଣ କଲେ ନାହିଁ । ସୁନୁ ମଧ୍ୟ ତା'ର ମାଆଙ୍କୁ ବୁଝାଇବାକୁ ଚେଷ୍ଟା କଲା । ସେଦିନ ମୁନୁ ବିଦ୍ୟାଳୟକୁ ଗଲା ନାହିଁ । ସୁନୁ ମାଆଙ୍କର ଗାଳି ଶୁଣି ମୁନୁର ମାଆ ତା' ପାଖକୁ ଯିବା ପାଇଁ ମନାକଲେ ।

ସୁନୁକୁ ତା'ର ବାପା ଡାକ୍ତରଖାନା ନେଲେ । ଗୋଡ଼ରେ ବ୍ୟାଣ୍ଡେଜ୍ ବନ୍ଧାଗଲା । ଡାକ୍ତରଙ୍କ କଥା ଅନୁସାରେ ସେ ଘରେ ବିଶ୍ରାମ ନେଲା । ମୁନୁ କିନ୍ତୁ ସୁନୁର ଅବସ୍ଥା ଜାଣିବା ପାଇଁ ବ୍ୟସ୍ତ ଥାଏ । ଦିନେ ତା'ର ମାଆ ଘର କାମ କରୁଥିବାବେଳେ ମୁନୁ ସୁନୁ ଘର ପାଖକୁ ଗଲା । ଫାଟକର ଫାଙ୍କରେ ଦେଖିଲା, ସୁନୁ ଏକୁଟିଆ ବସିଛି, ଫାଟକ ଭିତର ପଟୁ ବନ୍ଦ ହୋଇଛି । ସୁନୁ ବି ସେଠାକୁ ଆସି ପାରିବନି । ସେ ମୁନୁକୁ ଦେଖି କହିଲା-ମାଆ ରୋଷେଇ ଘରେ ଅଛନ୍ତି । ତୁ ଫାଟକ ଡେଇଁ ଭିତରକୁ ଆସ । ମୁନୁ ସେଇଆ କରିବାକୁ ଗଲାବେଳେ ଫାଟକ ଧଡ଼ଧଡ଼ ହେଲା । ସୁନୁର ମାଆ କିଏ ଘରକୁ ଆସିଲେଣି ବୋଲି ଜାଣିବାକୁ ବାହାରି ଆସି ଦେଖିଲେ ମୁନୁ । ସେ ଖୁବ୍ ଜୋର୍‌ରେ ପାଟି କରି ଉଠିଲେ । ତାଙ୍କ ପାଟିରେ ଡରିଗଲା ମୁନୁ । ଭୟରେ ଫାଟକ ଉପରୁ ତଳକୁ ପଡ଼ିଗଲା । ତା'ର ଗୋଡ଼ ଏପରି ଜଖମ ହୋଇଗଲା ଯେ ସେ ଉଠି ପାରୁ ନ ଥାଏ । ବାପାଲୋ ବୋଉଲୋ କହି ଚିତ୍କାର କରୁଥାଏ । ସୁନୁର ମାଆ କହୁଥାନ୍ତି- ଠିକ୍ ହୋଇଛି । ସେ ସୁନୁକୁ ଟେକି ଟେକି ନେଇଗଲେ ଘର ଭିତରକୁ । ତା'ପରେ ସେ ବି ଚାଲିଗଲେ ।

ମୁନୁର ମାଆ ତା'କୁ ଖୋଜି ଖୋଜି ଘରେ ନ ପାଇ ଦାଣ୍ଡ ଦୁଆରକୁ ଆସି ଦେଖିଲେ ତା'ର ଅବସ୍ଥା । ମୁନୁ ଲାଜରେ ମାଆଙ୍କୁ କିଛି କହି ପାରୁ ନ ଥାଏ । ସେ ବୁଝିଗଲେ ମୁନୁ ପଡ଼ିବାର କାରଣ । ତେଣୁ ଡେରି ନ କରି ଆମ୍ବୁଲାନ୍ସ ଡକାଇ ତା'କୁ ଡାକ୍ତରଖାନା ନେଲେ । ସେତେବେଳକୁ ତା'ର ବାପା ନ ଥାନ୍ତି । ସେ ଅଫିସ୍ ଯାଇଥାଆନ୍ତି । ଡାକ୍ତରଖାନାରୁ ଫେରିଲା ବେଳକୁ ତା'ର ଗୋଡ଼ରେ ବ୍ୟାଣ୍ଡେଜ୍ ବନ୍ଧା ଯାଇଥାଏ ।

ମୁନୁ ଘରୁ କୁଆଡ଼େ ଯାଇପାରିଲା ନାହିଁ । ଦୁଇ ସାଙ୍ଗଙ୍କର ଘର ପାଖାପାଖି ହେଲେ ବି କେହି କାହାରି ବିଷୟରେ କିଛି ଜାଣିପାରୁ ନ ଥା'ନ୍ତି । ଦୁଇ ଜଣଯାକ ମନଦୁଃଖରେ ଥାଆନ୍ତି । ଦିନେ ସେମାନଙ୍କ ଗାଁରେ ମହିଳା ସମିତିର ବୈଠକ ହେଉଥାଏ । ମୁନୁ ଓ ସୁନୁର ମାଆ ନିଜ ଘର ଫାଟକ ବନ୍ଦ କରି ସଭାକୁ ଯାଇଥାଆନ୍ତି ।

ଦୁଇ ସାଙ୍ଗ ସେମାନଙ୍କ ଘରର ଫାଟକ ଖୋଲି ଦାଣ୍ଡ ଦୁଆରେ ଠିଆ ହେଲେ। ଦାଣ୍ଡରେ କେହି ନ ଥିବା ଦେଖି ଧୀରେ ଧୀରେ ଦାଣ୍ଡ ମଝିକୁ ଆସି ଏକାଠି ହେଲେ। ସେମାନଙ୍କର ଖୁସି କହିଲେ ନ ସରେ। ସେମାନଙ୍କର ଗୋଡ଼ର ଯନ୍ତ୍ରଣା ଯେତିକି କଷ୍ଟ ଦେଉ ନ ଥିଲା ଅଧିକ କଷ୍ଟ ଦେଉଥିଲା ସେମାନଙ୍କର ବନ୍ଧନ। ଘର ଭିତରେ ଦୁହେଁ ନିଜକୁ ବନ୍ଦୀ ଭଳି ଭାବୁଥିଲେ।

ଏତିକିବେଳେ ମହିଳା ସମିତି ସଭା ଶେଷ ହେଲା। ସୁନୁର ମାଆ ଦାଣ୍ଡ ମଝିରେ ସୁନୁକୁ ଦେଖି ଗର୍ଜନ କଲେ। ସେମାନଙ୍କର ଖୁସି ସଙ୍ଗେ ସଙ୍ଗେ ଉଭେଇ ଗଲା। ଏହି ସମୟରେ ଗାଆଁର ମୁଖିଆ ସେହି ବାଟେ ଯାଉଥିଲେ। ସେ କହିଲେ-ପିଲା ଦୁହିଙ୍କର ଦେହ ଖରାପ ଥିଲେ ବି ସେମାନେ ଖୁସି ମନରେ କଥା ହେଉଥିଲେ। ଅଥଚ ତୁମେ ସେମାନଙ୍କ ଖୁସି ବନ୍ଦ କରି ଦେଉଛ। ପିଲାଏ ହସିଲେ ପରା ଦୁନିଆ ହସେ-ଏକଥାକୁ ତୁମେ ଭୁଲି ଯାଉଛ କାହିଁକି?

ହଠାତ୍ ସୁନୁ ମାଆଙ୍କର ମୁହଁ ଶୁଖିଗଲା। ସେ ଗାଆଁ ମୁଖିଆଙ୍କୁ ଭୁଲ୍ ମାଗି କହିଲେ-ପ୍ରକୃତରେ ହସ ପାଇଁ କିଏ କେତେ ପ୍ରକାର ଚେଷ୍ଟା କରୁଛି। ମୁଁ କିନ୍ତୁ ପିଲାଙ୍କ ମୁହଁରୁ ହସ ଦୂରେଇବା ଚେଷ୍ଟାକରି ବଡ଼ ଭୁଲ୍ କରିଛି। ତା'ପରେ ଦୁଇ ଜଣଙ୍କର ଫାଟକ ସବୁବେଳ ପାଇଁ ଖୋଲାରହିଲା। ଦୁଇ ସାଙ୍ଗ ସେମାନଙ୍କ ମଧ୍ୟରେ ଧୀରେଧୀରେ ଖେଳାଖେଳି କରିବା ଦ୍ୱାରା ଗୋଡ଼ ବି ଅଳ୍ପ ଦିନରେ ଭଲ ହୋଇଗଲା। ■■■

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨
ଦୂରଭାଷ : ୯୭୭୬୨୩୮୫୨୨

କିଏ ଅଧିକ ମୂଲ୍ୟବାନ୍

ପ୍ରାଚୀନ କାଳରେ ଜଣେ ରାଜା ଥିଲେ। ପ୍ରଜାମାନଙ୍କୁ ଠିକ୍ ଭାବେ ଶାସନ କରୁଥିଲେ। ତାଙ୍କ ପାଖରେ ଥିବା ଧନ ସମ୍ପତ୍ତିକୁ ରାଜ୍ୟର ଉନ୍ନତି କାର୍ଯ୍ୟରେ ଲଗାଉଥିଲେ। ଧନ, ସମ୍ପତ୍ତି ବ୍ୟତୀତ ତାଙ୍କ ପାଖରେ ଅନେକ ସୁନା ଗହଣା ମଧ୍ୟ ଥିଲା। ସୁନା ଗହଣାକୁ ଏତେ ଭଲ ପାଉଥିଲେ ଯେ କାହାକୁ ଦିନେ ବି ଏଥିରୁ କିଛି ଦେଉ ନ ଥିଲେ। ସେ ଜାଣିଥିଲେ ତାଙ୍କର ରାଣୀ ଗହଣାକୁ ବହୁତ ଭଲ ପାଆନ୍ତି। ତେଣୁ ରାଣୀଙ୍କର ଖୁସି ପାଇଁ ତାଙ୍କର ଜନ୍ମଦିନରେ ନୂଆନୂଆ ପ୍ରକାରର ଅଳଙ୍କାର ସ୍ୱର୍ଣ୍ଣକାର ଦ୍ୱାରା ତିଆରି କରି ଉପହାର ଦେଇଥା'ନ୍ତି। ଏପରିକି ପ୍ରତି ମାସରେ ଥରେ କୌଣସି ପର୍ବପର୍ବାଣିରେ ମଧ୍ୟ ବଣିଆକୁ ଡାକି ନୂଆ ଗହଣାଟିଏ କରାଇ ରାଣୀଙ୍କୁ ପିନ୍ଧାନ୍ତି। ଫଳରେ ତାଙ୍କର ଅନେକ ଗହଣା ହୋଇଗଲା। ଅଧିକ ଅଳଙ୍କାର ଥିବା ଯୋଗୁଁ ତାଙ୍କ ମନରେ ଗର୍ବ ମଧ୍ୟ ଥିଲା। ରାଣୀ ସବୁତକ ଗହଣା ଏକ ଥରରେ ନ ପିନ୍ଧି ଯେତେବେଳେ ଯେଉଁଟା ଇଚ୍ଛା ହେଲା ପିନ୍ଧନ୍ତି। ବାକିତକ ଗହଣା। ସେପରି ରହିଥାଏ। ଯେହେତୁ ଅଳଙ୍କାର ପ୍ରତି ସମସ୍ତଙ୍କର ଲୋଭ ଥାଏ, ତେଣୁ ଏହି ଗହଣାଗୁଡ଼ିକର ସୁରକ୍ଷା ଚିନ୍ତା ରାଜା ସବୁବେଳେ କରୁଥାନ୍ତି। ଏଥିପାଇଁ ଜଣେ ଜଗୁଆଳଙ୍କୁ ନିଯୁକ୍ତି କରିଥାନ୍ତି। ତଥାପି ଦିନେ ଦିନେ ରାଜା ଅଧ ରାତିରେ ଉଠି ବାହାରେ ବୁଲନ୍ତି। କାଳେ କେହି ଆସି ଚୋରି କରି ନେଇଯିବେ ସେହି ଭୟରେ ତାଙ୍କୁ ଭଲ ନିଦ ହୁଏ ନାହିଁ। ଏକଥା ରାଣୀଙ୍କ ଛଡ଼ା କେହି ଜାଣି ନ ଥିଲେ।

ଦିନେ ରାଣୀ ରାତି ଅଧରେ ରାଜାଙ୍କୁ ବାହାରେ ବୁଲିବା କଥା ପଚାରିବାରୁ ସେ କହିଲେ, 'ମୋତେ ରାତିରେ ନିଦ ହେଉ ନାହିଁ। ଚୋର ଭୟରେ ମୁଁ ନିଶ୍ଚିନ୍ତରେ ଶୋଇ ପାରୁନି। ନିଦ ନ ହେବାରୁ ଖୁବ୍ ଦୁର୍ବଳ ଲାଗୁଛି।'

କିଛି ସମୟ ପରେ ଦୁହେଁ କିଛି କଥାବାର୍ତ୍ତା ହୋଇ ସ୍ଥିର କଲେ ଯେ ଏହାର ସମାଧାନ ପାଇଁ କୌଣସି ଏକ ସାଧୁଙ୍କ ପାଖକୁ ଯିବା। ଠିକ୍ ତା' ପରଦିନ ଦୁଇ ଜଣ ମିଶି ଖୁବ ଦୂରରେ ରହୁଥିବା ଜଣେ ସାଧୁଙ୍କ ପାଖକୁ ଗଲେ।

ସେଠାରେ ପହଞ୍ଚି ସାଧୁଙ୍କୁ ନିଜର ସମସ୍ୟା ଜଣାଇଲେ। ସାଧୁ ରାଜାଙ୍କ ଠାରୁ ସମସ୍ତ ଘଟଣା ଶୁଣି ସାରି କିଛି ସମୟ ନିରବ ରହିଲେ। ତା'ପରେ କହିଲେ, 'ଆପଣ ତ ରାଜା ମୁଁ କ'ଣ ଅବା ବୁଦ୍ଧି ଦେବି ! ଆପଣ ଆଜି ଘରକୁ ଫେରି ଯାଆନ୍ତୁ। ଆପଣଙ୍କ ପାଖରେ ଯାହା ଅଳଙ୍କାର ଅଛି ସେସବୁକୁ କୌଣସି ଦେବାଳୟକୁ ଦାନ କରି ଦିଅନ୍ତୁ। ଆପଣଙ୍କର ନାମ ରହିବ ଓ ଭୟ ମୁକ୍ତ ବି ରହିବେ।'

ରାଜା ଓ ରାଣୀ କିଛି ନ କହି ନିଜ ଉଆସକୁ ଫେରିଗଲେ। ବାଟରେ ଯାଉ ଯାଉ ପରସ୍ପର କଥାବାର୍ତ୍ତା ହେଲେ, ଆମେ ଏତେ କଷ୍ଟ କରି ଧନ ସମ୍ପତ୍ତି, ଅଳଙ୍କାର କରିଛୁ। ଅନ୍ୟକୁ କିପରି ଦାନ ଦେଇ ଦେବା ! ଚାଲ ଏହାର ସୁରକ୍ଷା ଆଗଠାରୁ ଆହୁରି କଡ଼ାକଡ଼ି କରିଦେବା।

ରାଣୀ କହିଲେ, 'ଠିକ୍ କଥା କହୁଛନ୍ତି। କେହି କ'ଣ ନିଜ ସମ୍ପତ୍ତି ଦାନ କରି ଦେଇପାରେ'!

ରାଜା ଉଆସକୁ ଫେରି ଅଳଙ୍କାର ଗୁଡ଼ିକର ଯତ୍ନ ପାଇଁ ଅଧିକ ଜଗୁଆଳି ରଖିଲେ। ଏଥର ସେ ଭାବିଲେ ଏଣିକି ନିଶ୍ଚିନ୍ତରେ ଶୋଇ ପାରିବେ।

କିଛିଦିନ ଗଲା। ପୁଣି ରାଜାଙ୍କୁ ପୂର୍ବ ପରି ନିଦ ହେଲା ନାହିଁ। ମନକୁ ଯେତେ ବୁଝାଇଲେ ବି ମନଟା ବୁଝୁ ନାହିଁ। ତାଙ୍କର ଧ୍ୟାନ ଅଳଙ୍କାର ପାଖରେ ରହିଲା। ଏଥର ରାଜା ରାଣୀଙ୍କୁ କିଛି ନ ଜଣାଇ କୌଣସି କାମରେ ଯାଉଛନ୍ତି କହି ମନ୍ତ୍ରୀଙ୍କୁ ସାଙ୍ଗରେ ଧରି ସେହି ସାଧୁଙ୍କ ପାଖକୁ ଗଲେ। ସେଠାରେ ପହଞ୍ଚି ସାଧୁଙ୍କୁ କହିଲେ,

ଅନନ୍ତ କୁମାର ସେନାପତି

ବୃତ୍ତି ଶିକ୍ଷକତା, ରୁଚି ଶିଶୁ ସାହିତ୍ୟ ରଚନା। ଶିଶୁ-କିଶୋର ଉପଯୋଗୀ ଅନେକ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ। ଶିଶୁ ସାହିତ୍ୟିକ ଭାବରେ ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ସମ୍ମାନିତ।

'ବାବା ଆପଣ ଯାହା କହିଥିଲେ କରିପାରିଲି ନାହିଁ। କାହାରିକୁ ଦାନ ଦେବାକୁ ଇଚ୍ଛା ହେଲା ନାହିଁ। ଜଗିବା ପାଇଁ ଅଧିକ ଜଗୁଆଳି ରଖିଲି, ତଥାପି ପୁଣି ଆଗ ପରି ଭୟ ଲାଗୁଛି।'

ସାଧୁ କିଛି ସମୟ ନିରବ ରହି ରାଜାଙ୍କୁ ନେଇ ଏକ କୃଷକ ଘରକୁ ଗଲେ। ସେତେବେଳେ କୃଷକର ପତ୍ନୀ ଏକ ପଥର ଚକିରେ କିଛି ପେଷୁଥିଲେ। ରାଜା ସେ ଆଡ଼କୁ ଏକ ଧ୍ୟାନରେ ଲକ୍ଷ୍ୟ କରିବା ଦେଖି ସାଧୁ ପଚାରିଲେ, 'ଆପଣ କ'ଣ ଦେଖୁଛନ୍ତି ?'

ରାଜା କହିଲେ, 'ପଥର ଚକି'।

ସାଧୁ ପଚାରିଲେ, 'ଏହି ପଥର ଚକିଠାରୁ ଆପଣଙ୍କର ଅଳଙ୍କାର କ'ଣ ମୂଲ୍ୟବାନ୍!'

ରାଜା କହିଲେ, 'ଏହା ତ ଅତି ସାଧାରଣ କଥା। ଅଳଙ୍କାରଠାରୁ କେହି ବି ମୂଲ୍ୟବାନ୍ ନୁହନ୍ତି। ସାମାନ୍ୟ ପଥର ଚକିଟି କିପରି ମୂଲ୍ୟବାନ୍ ହୋଇ ପାରିବ !'

ସାଧୁ କହିଲେ, 'ତୁମର ଧାରଣା ଠିକ୍ ନୁହେଁ। ଏ ବିଷୟରେ କୃଷକର ପତ୍ନୀଙ୍କୁ ପଚାରିଲେ ସବୁ କଥା ଜଣା ପଡ଼ିବ।'

ସଙ୍ଗେ ସଙ୍ଗେ ପାଖରେ ଠିଆ ହୋଇଥିବା ମନ୍ତ୍ରୀ କୃଷକର ପତ୍ନୀକୁ ଅଳଙ୍କାରଠାରୁ ପଥର ଚକି କିପରି ମୂଲ୍ୟବାନ୍ ବୋଲି ପଚାରିଲେ।

କୃଷକର ପତ୍ନୀ କହିଲେ, 'ଆପଣଙ୍କର ପ୍ରଶ୍ନର ଉତ୍ତର ମୁଁ ଜାଣି ନାହିଁ। ମୁଁ ଏତକ ଜାଣେ ଏହି ପଥର ଚକି ପାଇଁ ଆମେ ପରିବାର ଜୀବନରେ ଖୁବ୍ ଖୁସିରେ ଅଛୁ।'

ମନ୍ତ୍ରୀ ପଚାରିଲେ 'କିପରି' ?

କୃଷକ ପତ୍ନୀ କହିଲେ, 'ଆମ କ୍ଷେତରୁ ଯାହା ଶସ୍ୟ ମିଳେ ମୁଁ ଏହି ଚକିରେ ପେଷିଥାଏ। ମୋର ସ୍ୱାମୀ ନେଇ ବଜାରରେ ବିକନ୍ତି। ତା' ବ୍ୟତୀତ ପାଖଆଖର ଲୋକେ ମଧ୍ୟ ଆସି ସେମାନେ ଆଣିଥିବା ଶସ୍ୟ ଏଥିରେ ପେଷିଥାନ୍ତି ଓ ଏଥିପାଇଁ ମୋତେ କିଛି ଅର୍ଥ ଦେଇଥା'ନ୍ତି। ଏଥିରୁ ଯାହା ଆୟ ହୁଏ ଆମ ପରିବାର ଆନନ୍ଦରେ ଚଳିଯାଏ'।

ରାଜା କେବଳ ଏସବୁ ଆଲୋଚନା ଶୁଣୁ ଥାଆନ୍ତି।

କିଛି ସମୟ ପରେ ରାଜା, ମନ୍ତ୍ରୀ, ସାଧୁ ସେହି ସ୍ଥାନ ଛାଡ଼ି ଉଆସକୁ ଫେରିଗଲେ। କୃଷକର ପତ୍ନୀ ରାଜାଙ୍କ ଆସିବାର କାରଣ ଜାଣି ପାରିଲେ ନାହିଁ। ଏ ବିଷୟରେ କାହାକୁ ବା ପଚାରିବେ ? ମନ କଥା ମନରେ ରଖି ନିଜ କାମରେ ଲାଗିଗଲେ।

ଉଆସରେ ପହଞ୍ଚି ସାଧୁ ରାଜାଙ୍କୁ ବୁଝାଇଲେ ଯିଏ ଯେତେ ମୂଲ୍ୟବାନ୍ ଜିନିଷ ପାଖରେ ରଖିଥିଲେ ବି ଯଦି ତାହା କୌଣସି ଉପକାରରେ ନ ଲାଗେ ତେବେ ତାହା ମୂଲ୍ୟହୀନ ହୋଇଯାଏ। ଆପଣଙ୍କ ପାଖରେ ଥିବା ଅଳଙ୍କାର କେବଳ ଆବଶ୍ୟକ ବେଳେ ରାଣୀଙ୍କର ପିନ୍ଧିବା ଛଡା ଅନ୍ୟ କୌଣସି କାମରେ ଲାଗେ ନାହିଁ ଓ ଏହା ବି ସବୁବେଳେ ପିନ୍ଧି ହେବ ନାହିଁ। ବରଂ ଏହାର ସୁରକ୍ଷା ପାଇଁ ଅର୍ଥ ଖର୍ଚ୍ଚ ହୁଏ; କୃଷକ ଘରେ ଥିବା ପଥର ଚକିଟି ସମସ୍ତଙ୍କର ଉପକାରରେ ସବୁଦିନ ଲାଗୁଛି। ଏହା ଦ୍ୱାରା ପରିବାରର ଆୟ ହେଉଛି। ଏହି ଚକିକୁ କେହି ଚୋରି କରନ୍ତି ନାହିଁ। ଏହା ପଥର ହେଲେ ବି ଏହାର ମୂଲ୍ୟ ବହୁତ ବଢ଼ି ଯାଇଥାଏ। ଏଥର କୁହନ୍ତୁ ପ୍ରକୃତରେ କିଏ ମୂଲ୍ୟବାନ୍?

ରାଜା ନିଜର ଭୁଲ୍ ବୁଝିପାରିଲେ। ତାଙ୍କ ମନରେ ଥିବା ଅଳଙ୍କାର ପ୍ରତି ଦୁର୍ବଳତା ମନୋଭାବ ବଦଳିଗଲା। ସେ ବୁଝିପାରିଲେ, ପ୍ରକୃତରେ ଅଳଙ୍କାରଠାରୁ ଏହି ସାମାନ୍ୟ ପଥରଟି ଖୁବ ମୂଲ୍ୟବାନ୍ ଅଟେ। ସାଧୁଙ୍କୁ ଯଥା ସମ୍ମାନ ଦେଲେ। ପାଖରେ ଥିବା ଅଳଙ୍କାରଗୁଡ଼ିକ କୌଣସି ଏକ ଦେବସ୍ଥାନକୁ ଦାନ କରି ସାଧାରଣ ଜୀବନଯାପନ କଲେ। ତାଙ୍କ ମନରେ ଆଉ କୌଣସି ଭୟ ରହିଲା ନାହିଁ। ■■■

ବାଣ୍ଟୁପଡ଼ା, ରେଲୱେ ସାଇଡିଙ୍ଗ,
ରାଜଗାଙ୍ଗପୁର, ସୁନ୍ଦରଗଡ଼
ଦୂରଭାଷ : ୭୦୦୮୩୦୪୨୨୫


Aiming to be a
world class power utility
Committed to:
Generate clean, safe and reliable power
Adopt global best practices and strive for excellence
High standard environment, health, safety practices
Strengthen state power sector and economy
Contribute to national growth
OPGC
Power for Progress
Odisha Power Generation Corporation Ltd.
(A Government Company of the State of Odisha)
7th Floor, Fortune Towers, Bhubaneswar - 751023
www.opgc.co.in

ଦଶଭୁଜାଙ୍କ ଦଶ ଆୟୁଧ

ଦିଲୀପ ଶତପଥୀ

ହିନ୍ଦୁ ପୁରାଣ ବର୍ଣ୍ଣିତ ଦେବଦେବୀଙ୍କ ମଧ୍ୟରେ ସବୁଠାରୁ ପବିତ୍ର, ସର୍ବଶକ୍ତିଶାଳୀ ଐଶ୍ୱରିକ ଚରିତ୍ର ଜଗଜ୍ଜନନୀ ଦୁର୍ଗା । ସାଧାରଣତଃ ମା'ଙ୍କ ବୈଭବ, ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ରଣକୌଶଳ ଓ ଶକ୍ତି ସ୍ୱରୂପିଣୀ ମୁଦ୍ରା, ଭିନ୍ନଭିନ୍ନ ମୂର୍ତ୍ତି, ଫଟୋଚିତ୍ରରେ କଳାକାର ସ୍ଥାନିତ କରିଥାଏ । ଭକ୍ତମାନେ ମଧ୍ୟ ଭକ୍ତିପୂତ ଭାବରେ ଏହି ସ୍ୱରୂପକୁ ହୃଦୟରେ ସ୍ଥାପନା କରି ପୂଜାର୍ଚ୍ଚନା କରିଥାଆନ୍ତି । ମା'ଙ୍କ ତିନି ନୟନ– ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିର ପ୍ରତୀକ ହୋଇଥାଆନ୍ତି । ମା'ଙ୍କ ବାହନ ପଶୁରାଜ ସିଂହ ତାଙ୍କ ଶକ୍ତିଶାଳୀ ବ୍ୟକ୍ତିତ୍ୱର ପରିଚୟ ପ୍ରଦାନ କରିଥାଏ । ଦୁର୍ଗାଙ୍କର ସିଂହବାହିନୀ ରୂପ ଭକ୍ତଙ୍କୁ ସୁରକ୍ଷାର ଆଶ୍ୱାସନା ଦେଇଥାଏ । ମାଆ ମଧ୍ୟ ଆସୁରିକ ଶକ୍ତି ପ୍ରତି କ୍ରୁରତା ସହ ଭକ୍ତଙ୍କ ପ୍ରତି ଉଦାର ମନୋଭାବର ପରିଚୟ ଦେଇଥାଆନ୍ତି ।

ମା'ଙ୍କୁ 'ଦଶଭୁଜା' ନାମରେ ନାମିତ କରାଯାଏ । ଏଥିରୁ ପ୍ରତୀତ ହୁଏ ଯେ ମାଆ ତାଙ୍କ ଭକ୍ତଙ୍କୁ ଦଶ ଦିଗରୁ ସୁରକ୍ଷା ପ୍ରଦାନ କରିଥାଆନ୍ତି । ଦଶ ଦିଗ କହିଲେ ଆମେ ବୁଝୁ ପୂର୍ବ,ପଶ୍ଚିମ, ଉତ୍ତର, ଦକ୍ଷିଣ, ଆଗ୍ନେୟ, ବାୟବଃ, ଐଶାନ୍ୟ, ନୈରିତ, ଅଧ ଓ ଉର୍ଦ୍ଧ୍ୱ । ହିନ୍ଦୁଶାସ୍ତ୍ର ମତେ ପ୍ରତ୍ୟେକ ଦିଗର ଜଣେ ଜଣେ ଦିଗପାଳ ରହିଥାଆନ୍ତି । କ୍ରମାନୁସାରେ ସେମାନେ ହେଲେ ଇନ୍ଦ୍ର, ବରୁଣ, କୁବେର, ଯମ, ଅଗ୍ନିଦେବ, ବାୟୁଦେବ, ମହାଦେବ(ଶିବ), ରାହୁ, ଅନନ୍ତଦେବ ଓ ବ୍ରହ୍ମଦେବ । ସମସ୍ତ ଦିଗପାଳ ମାଆ ଦୁର୍ଗାଙ୍କ ପ୍ରତି ଅନୁଗତ ଥାଆନ୍ତି ।

ଦୁର୍ଗାଙ୍କର ଆବିର୍ଭାବ ସମ୍ବନ୍ଧୀୟ ପୌରାଣିକ ତଥ୍ୟ ଏହା ଯେ ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ମହିଷାସୁର (ମହିଷ ମୁଣ୍ଡ ଥିବା ଏକ ରାକ୍ଷସ) ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ବିଜୟ କରି ଇନ୍ଦ୍ରାସନ ଅଧିକାର କରିନେଲା । ଫଳରେ ଦେବଗଣ ଭୀତତ୍ରସ୍ତ ହୋଇ ବ୍ରହ୍ମାଙ୍କ ନିକଟରେ ନିଜର ଦୁଃଖ ଜଣାଇଲେ । ସର୍ବସମ୍ମତି ପରେ ବ୍ରହ୍ମା ଓ ଶିବ ଦେବତାଙ୍କୁ ନେଇ ବିଷ୍ଣୁଙ୍କ ନିକଟରେ ଉପସ୍ଥିତ ହୋଇ ଦେବଗଣଙ୍କ ଦୁର୍ଦ୍ଦଶା ଜଣାଇଲେ । ଦେବତାଙ୍କର ଦୁର୍ଦ୍ଦଶା ଶୁଣି ବିଷ୍ଣୁ ଓ ଶିବ ଅତ୍ୟନ୍ତ କ୍ରୋଧ ପ୍ରକାଶ କଲେ ଏବଂ ଉଭୟଙ୍କ ମୁଖ ମଣ୍ଡଳ ଲାଲ୍ ହୋଇଗଲା । ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ଭ୍ରୁକୁଟୀ କୁଟିଳ ହେବାରୁ ସେହି ତିନିଦେବତାଙ୍କ ମୁଖରୁ ଗୋଟିଏ କାଳାନଳ ସଦୃଶ ତେଜ ପ୍ରକାଶ ହେଲା । ତତ୍‌ସହିତ ଇନ୍ଦ୍ର ଓ ସମଗ୍ର ଦେବଗଣଙ୍କ ମୁଖରୁ ମଧ୍ୟ ତେଜ ନିର୍ଗତ ହେଲା । ସମସ୍ତ ତେଜ ଧୀରେ ଧୀରେ ଆକାଶରେ ଏକାକାର ହୋଇଗଲା । ସେହି ତେଜରୁ ଅବିଳମ୍ବେ ଏକ ଦିବ୍ୟନାରୀ ରୂପରେ ପରିବର୍ତ୍ତିତ ହେଲା । ଶିବଙ୍କ ତେଜରେ ସେହି ଦିବ୍ୟନାରୀର ମୁଖ, ଯମଙ୍କ ତେଜରୁ କେଶ, ବିଷ୍ଣୁଙ୍କ ତେଜରୁ ଭୁଜ, ଚନ୍ଦ୍ରଙ୍କ ତେଜରୁ ଦୁଇସ୍ତନ, ଇନ୍ଦ୍ରଙ୍କ ତେଜରୁ ମଧ୍ୟଦେଶ, ବରୁଣଙ୍କ ତେଜରୁ ଜଙ୍ଘ ଓ ଉରୁ, ପୃଥିବୀଙ୍କ ତେଜରୁ ନିତମ୍ବ, ବ୍ରହ୍ମାଙ୍କ ତେଜରୁ ଚରଣ, ସୂର୍ଯ୍ୟଙ୍କ ତେଜରୁ ଚରଣର ଆଙ୍ଗୁଠି, ବସୁଗଣଙ୍କ ତେଜରୁ ହସ୍ତର ଅଙ୍ଗୁଳି, କୁବେରଙ୍କ ତେଜରୁ ନାସିକା, ନବ ପ୍ରଜାପତିଙ୍କ ତେଜରୁ ଦନ୍ତାବଳୀ, ଅଗ୍ନିଙ୍କ ତେଜରୁ ତ୍ରିନେତ୍ର ସୃଷ୍ଟି ସମ୍ଭବ ହୋଇଥିଲା । ସନ୍ଧ୍ୟାଙ୍କ ତେଜରୁ ଭ୍ରୁକୁଟୀ, ପବନଙ୍କ ତେଜରୁ କର୍ଣ୍ଣ, ଅନ୍ୟାନ୍ୟ ଦେବତାଗଣ ଓ ବିଶ୍ୱକର୍ମାଙ୍କ ତେଜରୁ ଦେବୀଙ୍କର ସମଗ୍ର ଶରୀର ସୃଷ୍ଟି ହୋଇଥିଲା । ଦେବୀଙ୍କ ଦିବ୍ୟରୂପ ଦେଖି ଦେବତାଗଣ ଭାବିଲେ ଏ ନିଶ୍ଚୟ ଆମର ଦୁର୍ଗତି ନାଶ କରିବ । ତେଣୁ ସମଗ୍ର ଦେବତା ସେହି ଦିବ୍ୟନାରୀଙ୍କ ନାମ ରଖିଲେ 'ଦୁର୍ଗା' ।

ଦୁର୍ଗାଙ୍କ ଦଶ ଭୁଜରେ ବିଭିନ୍ନ ଅସ୍ତ୍ରଶସ୍ତ୍ର ସୁଶୋଭିତ ହୋଇଥାଏ । ସମସ୍ତ ଅସ୍ତ୍ର ଦେବଦେବୀଙ୍କ ଦ୍ୱାରା ପ୍ରଦତ୍ତ । ପ୍ରତ୍ୟେକ ଅସ୍ତ୍ରଶସ୍ତ୍ର ମାଆଙ୍କ ଭକ୍ତଙ୍କ ସୁରକ୍ଷା ଓ ଆଧ୍ୟାତ୍ମିକ ଶିକ୍ଷା ପାଇଁ ପ୍ରଯୁଜ୍ୟ । ଖଡ୍ଗ ବା ତରବାରି ଅଗ୍ରପୂଜ୍ୟ ଗଜାନନଙ୍କଠାରୁ ମା'ଙ୍କୁ ପ୍ରାପ୍ତ ହୋଇଥିଲା । ଏହା ଜ୍ଞାନ ଓ ବୁଦ୍ଧିର ପ୍ରତୀକ । ତ୍ରିଶୂଳ ଓ ସର୍ପ ମହାଦେବଙ୍କଠାରୁ ପ୍ରାପ୍ତ ହୋଇଥିଲା । ଏହା ଏକାଧାରରେ ରକ୍ଷା ଓ ବିନାଶର ପ୍ରତୀକ । ସୁଦର୍ଶନ ଚକ୍ର ଭଗବାନ ବିଷ୍ଣୁ ପ୍ରଦାନ କରିଥିଲେ । ଏହା ଅଜୟତା, ମନର ଗତିକୁ ଇଙ୍ଗିତ କରିଥାଏ । ଏହାର ସ୍ଥାନ ତର୍ଜନୀ ଆଙ୍ଗୁଠିରେ ଏବଂ ଘୂର୍ଣ୍ଣାୟମାନ ଅବସ୍ଥାରେ । ଏହି ଅସ୍ତ୍ର ଅଧର୍ମୀ ଓ ଦୁଷ୍ଟ ଶକ୍ତିର ବିନାଶ ପାଇଁ ଉଦ୍ଦିଷ୍ଟ । ବଜ୍ର ଇନ୍ଦ୍ର ଦେବଙ୍କଠାରୁ ପ୍ରାପ୍ତ ହୋଇଥିଲା । ଏହା ଦୃଢ଼ତାର ପ୍ରତୀକ । ବିପଦ ସମୟରେ ବିଚଳିତ ନ ହୋଇ ଦୃଢ଼ ଭାବରେ ପରିସ୍ଥିତିର ସାମ୍ନା କରିବା ଉଚିତ୍ । ଧନୁଷ ଓ ତୀର ବାୟୁଦେବ ପ୍ରଦାନ କରିଥିଲେ । ଗୋଟିଏ ହସ୍ତରେ ମାଆ ଏହି ଅସ୍ତ୍ରକୁ ଧାରଣ କରିଥାଆନ୍ତି । ଧନୁ ସ୍ଥିତିଜ ଶକ୍ତି ଓ ତୀର ଗତିଜ ଶକ୍ତିକୁ ସୂଚିତ କରାଇଥାଏ । ପରଶୁ ଓ ଭାଲା ବିଶ୍ୱକର୍ମାଙ୍କଠାରୁ ପ୍ରାପ୍ତ ହୋଇଥିଲା । ଏହା ନିର୍ମାଣ ଓ ବିନାଶକୁ ସୂଚିତ କରାଇଥାଏ । ଗଦା ଯମ ଦେବଙ୍କଠାରୁ ପ୍ରାପ୍ତ ହୋଇଥିଲା । ଏହା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଶକ୍ତିର ପ୍ରତୀକ । ଶଙ୍ଖ ବରୁଣ ଦେବ ପ୍ରଦାନ କରିଥିଲେ । ଏହାର ତୁଳନା ଦେବ ଧ୍ୱନି ଓଁ ସହ କରାଯାଏ । ଅର୍ଦ୍ଧ ପ୍ରସ୍ଫୁଟିତ ପଦ୍ମଫୁଲ ଦୁର୍ଗାଙ୍କୁ ବ୍ରହ୍ମଦେବ ପ୍ରଦାନ କରିଥିଲେ । ଏହା ସଫଳତାର ପ୍ରତୀକ । ସବାଶେଷରେ, ଦେବୀ ଦୁର୍ଗାଙ୍କର ଗୋଟିଏ ହାତ ସଦାସର୍ବଦା ଅଭୟ ମୁଦ୍ରାରେ ଦେଖିବାକୁ ମିଳେ । ଏହି ହାତରୁ ତାଙ୍କର ଭକ୍ତଗଣଙ୍କ ପାଇଁ ଅନବରତ ଆଶୀର୍ବାଦ ବୃଷ୍ଟି ହେଉଥାଏ । ■■■

୫୦୮-ନୂଆସାହି, ନୂଆପଲ୍ଲୀ, ଭୁବନେଶ୍ୱର-୧

ଦୂରଭାଷ : ୯୪୩୭୦୭୫୭୦୪


JINDAL
PANTHER®
TMT REBARS & CEMENT
JINDAL
STEEL & POWER
KALINGA KE LOHE SE,
KONARK SA AJOOBA
JINDAL PANTHER
SARIYA AUR CEMENT
PANTHER
CONCRETE
ULTIMA
A PRODUCT OF JINDAL STEEL & POWER LIMITED
www.jindalpanther.com | sales@jindalpanther.com
Fe 550D

Vol.9 • Issue 6 • OCTOBER 2024 • Rs.130/-, Odia Monthly, Cuttack
ବର୍ଷ: ୯, ସଂଖ୍ୟା-୬, ଅକ୍ଟୋବର ୨୦୨୪, ମୂଲ୍ୟ: ୧୩୦ ଟଙ୍କା, ଓଡ଼ିଆ ମାସିକ, କଟକ

GOPABANDHUNKA SATYABADI
R.N.I Regn.No- ODIODI/2016/73341
P.R.No: CK(C)/111/2022-2024

Printed and Published by **Dr. Pravas Chandra Acharya** on behalf of Servants of the People Society, Published at Gopabandhu Bhawan, Buxi Bazar, Cuttack-753001, Printed at Satyabadi Press, Gopabandhu Bhawan, Buxi Bazar, Cuttack-753001, Tel.0671-2301240/2301697, samaja.satyabadi@gmail.com

Editor : **Dr. Pravas Chandra Acharya** ସମ୍ପାଦକ: ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ